NIOS SENIOR SECONDARY - ODIA (305)

Complete Textbook (23 Lessons)

Table of Contents

1. Chapter # 1 2
2. Chapter # 2 12
3. Chapter # 3 23
4. Chapter # 4 32
5. Chapter # 5 40
6. Chapter # 6 52
7. Chapter # 7 83
8. Chapter # 8 112
9. Chapter # 9 140
10. Chapter # 10 167
11. Chapter # 11 179
12. Chapter # 12 188
13. Chapter # 13 195
14. Chapter # 14 202
15. Chapter # 15 211
16. Chapter # 16 219
17. Chapter # 17 247
18. Chapter # 18 278
19. Chapter # 19 281
20. Chapter # 20 283
21. Chapter # 21 290
22. Chapter # 22 305
23. Chapter # 23 331

ଟିପ୍ପଣୀ

୧
ଜାତିର ଧକ୍କା

ପଣ୍ଡିତ ଗୋଦାବରୀଶ ମହାପାତ୍ର

୧.୧ ଉପକ୍ରମ

ଭାରତୀୟ ସଭ୍ୟତାର ମହାନତା ବିଶ୍ୱବିଦିତ । କିନ୍ତୁ ଏହାରି ଭିତରେ କେବେ କେମିତି ଉଙ୍କିମାରିଛି ନାନା କୁସଂସ୍କାର । ସେଗୁଡ଼ିକ ଆମ ସୁସ୍ଥ ସାମାଜିକ ଜୀବନର ପରିପନ୍ଥୀ । ଆମ ସମାଜରେ କେତେକ ନିମ୍ନ ଜାତିର ଲୋକମାନଙ୍କୁ ଅଜାତିଆ ଏବଂ ଧର୍ମଛଡ଼ା ଆଖ୍ୟା ଦେଇ ସମାଜରୁ ବାସନ୍ଦ କରାଯାଇଥାଏ । ସେମାନଙ୍କର ଭୁଲ୍ ଅତି ସାଧାରଣ ହେଲେ ମଧ୍ୟ ସମାଜର ଉଚ୍ଚ ଜାତିର ଲୋକମାନେ ସେମାନଙ୍କୁ କ୍ଷମା ନଦେଇ ବରଂ ଅଧିକ ଉତ୍ପୀଡ଼ନ କରିଥାନ୍ତି । ସେହି ସାଧାରଣ ଭୁଲ୍ ପାଇଁ ସେମାନଙ୍କୁ ବହୁ ଆର୍ଥିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଥାଏ । ଆଉ କେତେକ ସ୍ଥାନରେ ସମାଜରୁ ସମ୍ପୂର୍ଣ୍ଣ ବାସନ୍ଦ କରାଯାଇଥାଏ । ସମାଜର ଏହି ଭୟାବହ କୁପରମ୍ପରାର ଶିକାର ହୋଇ କେତେ ଯେ ନିରୀହ ଲୋକ ନିର୍ଯାତିତ ହୋଇଛନ୍ତି ତାହାର ହିସାବ ନାହିଁ । ଏଭଳି ସାମାଜିକ କୁସଂସ୍କାର ଗୋଟିଏ ଜାତିର ବିକାଶରେ ଅନ୍ତରାୟ ସୃଷ୍ଟି କରେ । କିନ୍ତୁ ଜଣେ ସଂସ୍କାରଧର୍ମୀ ସମାଜବାଦୀ ସାହିତ୍ୟିକ ତା'ର ସାହିତ୍ୟ ମାଧ୍ୟମରେ ସମାଜରୁ ଏପରି କୁସଂସ୍କାର ଦୂର କରିବା ପାଇଁ ଲେଖନୀ ଚାଳନା କରେ । ଏଭଳି ଜଣେ ସଂସ୍କାରବାଦୀ ଲେଖକ ହେଉଛନ୍ତି ପଣ୍ଡିତ ଗୋଦାବରୀଶ ମହାପାତ୍ର, ଯିଏ ତାଙ୍କ ଗଳ୍ପରେ ଏଭଳି ଏକ କୁସଂସ୍କାରକୁ ନେଇ "ଜାତିର ଧକ୍କା" ଗଳ୍ପ ରଚନା କରିଛନ୍ତି ।

୧.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଗାଳ୍ପିକଙ୍କ ରଚିତ "ଜାତିର ଧକ୍କା" ଗଳ୍ପର ଆଭିମୁଖ୍ୟ ବୁଝିବା ।
- ଆମ ସମାଜରେ ଥିବା ଅନ୍ଧବିଶ୍ୱାସ ସମ୍ପର୍କରେ ଅବଗତ ହେବା ।
- ଅନ୍ଧବିଶ୍ୱାସ ଯୋଗୁ କିପରି ନିରୀହ ନିମ୍ନ ଜାତିର ଚରିତ୍ରମାନେ ଉତ୍ପୀଡ଼ିତ ହୁଅନ୍ତି ତାହା ଜାଣିପାରିବା ।
- ଲେଖକ ପଣ୍ଡିତ ଗୋଦାବରୀଶ ମହାପାତ୍ର ଏକ ବାସ୍ତବ ଚରିତ୍ର ମାଧ୍ୟମରେ ଅନ୍ଧବିଶ୍ୱାସ ଦ୍ୱାରା ନାରସେନା କିପରି ଶିକାର ହୋଇଛି ତାହାକୁ ସହଜରେ ବୁଝିପାରିବା ।
- ସେ ସମୟରେ ଆମ ପ୍ରଦେଶରେ ଶ୍ରମିକମାନେ କିପରି ଜୀବନ ନିର୍ବାହ କରୁଥିଲେ ତାହା ମଧ୍ୟ ଅନୁଭବ କରିପାରିବା ।
- ଏଥି ସହିତ ଆମର ସାମାଜିକ ସମସ୍ୟା ସମ୍ପର୍କରେ ଅଧିକ ଜାଣିପାରିବା ।

ଟିପ୍ପଣୀ

ଜାତିର ଧକ୍କା

୧.୩ ଗାଳ୍ପିକଙ୍କ ପରିଚୟ

ପୁରୀ ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଶାସନରେ ଗୋଦାବରୀଶ ମହାପାତ୍ର ୧୮୯୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ଥିଲେ ଏବଂ ପରେ ସେଠାରେ ଶିକ୍ଷକତା କରିଥିଲେ । ସେ ବିଶେଷକରି ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ଜଣେ ମହାନ ଦେଶପ୍ରେମୀ ବ୍ୟକ୍ତି ଥିଲେ । ସମାଜରୁ କୁସଂସ୍କାର, ଦୁର୍ନୀତି ଦୂର କରି ଏକ ସୁସ୍ଥ ସମାଜର ପରିକଳ୍ପନା କରିଥିଲେ । ଏକାଧାରରେ ସେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ସାମ୍ବାଦିକ ଥିଲେ । 'ନିଆଁଖୁଣ୍ଟା' ବ୍ୟଙ୍ଗ ପତ୍ରିକା ମାଧ୍ୟମରେ ଜଣେ ଅଦ୍ୱିତୀୟ ବ୍ୟଙ୍ଗସ୍ରଷ୍ଟା ରୂପେ ସେ ଜନାଦୃତ ହୋଇଥିଲେ । ତାଙ୍କର ସାହିତ୍ୟ ସୃଷ୍ଟି ବିପୁଳ । ତାଙ୍କର ଗଳ୍ପ ସଙ୍କଳନ ମଧ୍ୟରେ ରହିଛି- ଏବେ ମଧ୍ୟ ବଞ୍ଚିଛି, ନୀଳ ମାଷ୍ଟ୍ରାଣୀ, ମୁଁ ଦିନେ ମନ୍ତ୍ରୀ ଥିଲି, ଶ୍ରୁତି ସଞ୍ଚୟନ, କଥା ଓ କାହାଣୀ ଇତ୍ୟାଦି ।

୧.୪ ମୂଳ ବିଷୟ

- ଏକ -

ଦିନ ନାହିଁ, ରାତି ନାହିଁ, କାମ ଚାଲିଛି । ଧରଣୀର ମାଟି ଗୋଡ଼ି ପଥର ସଙ୍ଗେ ଧରଣୀବାସୀ କେତେଗୁଡ଼ିଏ ମାନବ ସେଠି ସମାନ ହୋଇ ମିଶି ରହିଛନ୍ତି । ସେମାନଙ୍କର ଜାତି-ମହତ୍ତ୍ୱ ନାହିଁ, ମାନ-ଗୌରବ ନାହିଁ, କୁଲିତ୍ୱର ମହିମା ବା ଅଭିଶାପରେ ଓଡ଼ିଆ, ତେଲଙ୍ଗା, ହିନ୍ଦୁ, ମୁସଲମାନ ସମସ୍ତେ ସେଠାରେ ସମାନ ।

ଅନବରତ କାର୍ଯ୍ୟ ଚାଲିଛି । ପର୍ବତ ତାଡ଼ି ପଥର ଫଟାଯାଉଛି, ହାତୁଡ଼ି ଧରି ପଥର ଗୁଣ୍ଡା କରାଯାଉଛି; ଆଉ ବୁଭୁକ୍ଷୁ ମାନବ ସେଗୁଡ଼ାକ ବୁଭୁକ୍ଷୁଭାବରେ ବୋହିନେଇ ଠାଏ ଠାଏ ଜମାକରୁଛି । ସେହିଠାରେ ରସୁଲକୋଣ୍ଡାର ବିରାଟ ଘାଇ ବନ୍ଧାଯାଉଛି ।

ଏ ପାଖେ ପର୍ବତ, ସେ ପାଖେ ପର୍ବତ - ଏ ମଧ୍ୟରେ ମାଟି ପଥର ଓ ମାନବର ଲୀଳା ଅନେକ ଦିନ ହେଲା ଚାଲିଛି । ମଣିଷ ତାଲୁରୁ ବାଳ ଉପୁଡ଼ିଯାଉଛି, ଆଖିର ତେଜ କମିଆସୁଛି, ପାଦର ଗତି ଶିଥିଳ ହୋଇପଡୁଛି; ତଥାପି ସେହି ମାନବ-କୁଲି ମାଟି, ଗୋଡ଼ି, ପଥର ବୋହିବାରୁ ବିରତ ହେଉ ନାହାନ୍ତି !

ଏହି କୁଲିପ୍ରାଣରେ ପୁଣି ହସ ! ତାହା ବଡ଼ ବିଚିତ୍ର ଧରଣର ହସ । କିଏ କେତେ ମାଟି ବୋହିଲା, କିଏ କେତେ ପଇସା ପାଇଲା ଏଥିରେ ହିଁ ସେମାନଙ୍କ ସାନ-ବଡ଼ର ମହିମା । ସେଠି ଯେବେ କିଏ ବଡ଼ ଜାତି ଲୋକ ଛୋଟ ଜାତିର ଲୋକକୁ ଜାତିକଥା ପଚାରେ, ଉତ୍ତର ପାଏ- "ମୁଁ କୁଲି, କୁଲିଗିରି କରି ମୁଁ ପଇସା ପାଏ । ଗଙ୍ଗା ନାଇଡୁ, ରାମ ଦାସ, ମଧୁ ରାଉଳ, ରଘୁ ମିଶ୍ର ସମସ୍ତଙ୍କ ସାଙ୍ଗର ମୁଁ ଜଣେ ।"

ରସୁଲକୋଣ୍ଡାର ଘାଇ ଏହିପରି ସାମ୍ୟଶିକ୍ଷା ଦେଇ ଅନେକ ଦିନ ଅନେକ ମାନବପ୍ରାଣୀଙ୍କୁ ବଞ୍ଚାଇ ରଖିଥିବା କଥା ଏବେ ମଧ୍ୟ ସେ ଅଞ୍ଚଳର ବନବାସୀ କନ୍ଧଙ୍କଠାରୁ ପ୍ରାସାଦବାସୀ ଭଦ୍ରଲୋକଙ୍କ ପର୍ଯ୍ୟନ୍ତ ଅନେକଙ୍କ ମୁହଁରୁ ନିରାଟ ସତ୍ୟରୂପେ ଶୁଣାଯାଏ ।

- ଦୁଇ -

ସେ ଦିନ ଏବେ ଅର୍ଦ୍ଧଶତାବ୍ଦୀରୁ ବଳିଗଲାଣି । ସେଠାରେ ମାଟିଗୋଡ଼ି ବର୍ତ୍ତମାନ ସୁନା ପାଲଟି ମାନବର ଅକଳନ୍ତି ରତ୍ନ-ଭଣ୍ଡାରରେ ପରିଣତ ହୋଇଗଲାଣି । ସେଠାରେ ପାଣି ବର୍ତ୍ତମାନ ଭଞ୍ଜଭୂମି ଗଞ୍ଜାମରେ ଅମୃତଧାରାରୂପେ ଗ୍ରାମ ବିଲ ପ୍ରାନ୍ତରରେ ସୁନାର ଫୁଲ ଫୁଟାଇ ଦେଲାଣି । ଆଉ ସେ ଯୁଗର କଥା, ସେହି କୁଲିଧର୍ମର ସାମ୍ୟପୀଠ କଥା କିଏ ମନେ ପକାଉଛି ? ସେହି ଯୁଗର ଏକ ମାତୃତ୍ୱର କ୍ଷୁଦ୍ର କାହାଣୀ ଏହିଠାରେ ଏତେ ଦିନ ପରେ କୁହାଯାଉଛି ।

ଦିନେ ସେଠାରେ ସନ୍ଧ୍ୟା ହେଲା । ଦୂର ମଫସଲ ଭିତରେ ଯେପରି ସନ୍ଧ୍ୟାର ନୃତ୍ୟଚ୍ଛାୟା ଆରମ୍ଭ ହୁଏ, ସେପରି ହେଲା ନାହିଁ । କ୍ରମେ ତରୁଲତାମୂଳ ଅନ୍ଧାର, ତା'ପରେ ଗିରିଗୁହା ଅନ୍ଧାର, ତା'ପରେ ପର୍ବତର ଶିଖରଦେଶ ନିଷ୍ପ୍ରଭ, ଶେଷରେ ନଭଶ୍ଚୁମ୍ବୀ ପାହାଡ଼ଟା କେଉଁଆଡ଼େ ଅଦୃଶ୍ୟ ! ଚାହୁଁ ଚାହୁଁ ନିବିଡ଼ ଅନ୍ଧକାର ଭିତରେ ବିଶାଳ ଧରଣୀ କୁଆଡ଼େ ବୁଡ଼ିଗଲା । ଖାଲି ଶୁଭିଲା ବନ୍ୟପଶୁର ବିକଟ ଚିତ୍କାର; ଆଉ ପବନର ସନସନ ଶବ୍ଦ ।

ସେହି ଭିତରେ କିନ୍ତୁ ଧରଣୀବାସୀ ସେହି ଶ୍ରାନ୍ତ କ୍ଲାନ୍ତ କୁଲିଗୁଡ଼ାକ ଆନନ୍ଦରେ ଅଧୀର ହୋଇ ମାତି ଉଠିଲେ । କିଏ କହିଲା- "ଜୟ ହେ ରଘୁପତି ରାଜା ରାମ ।"

କିଏ କହିଲା- "ବୋଲ ଭାଇ, ଆଲ୍ଲା ହୋ ଆକବର !"

କାହାର ଗମ୍ଭୀର ସ୍ୱର ଚମକ ଦେଇ ଉଠିଲା- "ବଂ ବଂ ଶିବ - ଭୋଳାନାଥ...." ଏହିପରି କେତେ ପ୍ରକାରେ ମହାମହିମଙ୍କ ମହିମା ସଙ୍ଗୀତ ଶୁଣାଗଲା ! ରସୁଲକୋଣ୍ଡାର ନିର୍ଜୀବ ଗୋଡ଼, ମାଟି, ପଥର ଭିତରୁ ପ୍ରତିଧ୍ୱନି ଉଠି ବେଳେବେଳେ ଶାନ୍ତ ନୈଶ ଗଗନକୁ ଚମକାଇ ଦେଇ ନୂତନ ବିଶ୍ୱ ସୃଷ୍ଟି କଲା ।

ସେହି ସନ୍ଧ୍ୟାରେ ଘାଇରେ କାମ କରୁଥିବା କୁଲିମାନଙ୍କର ଏକ ବଣଭୋଜି । ହିନ୍ଦୁ, ମୁସଲମାନ, ଓଡ଼ିଆ, ତେଲଙ୍ଗା, ବ୍ରାହ୍ମଣ, ଚଣ୍ଡାଳ ସମସ୍ତଙ୍କର ଉତ୍ସବ । ସମସ୍ତେ କୁଲି; ସମସ୍ତେ ବୁଝିଥିଲେ ସେଠି ସମସ୍ତେ ସମାନ । ଗାଣ୍ଡୁଆଏ ମାଟି ମୁଣ୍ଡକୁ ଟେକିଲେ କେତେ ଝାଳ ବୁହେ, ଖଣ୍ଡେ ପଥର ଗୁଣ୍ଡ କଲେ କିପରି ଷୋଳ ଶିରା ଦୁହିଁ ହୋଇଯାଏ - ଏ ପ୍ରାଣର ବ୍ୟଥା ସମସ୍ତଙ୍କୁ ଏକାପରି ଜଣାଥିଲା । ତେଣୁ ସମସ୍ତେ ସମସ୍ତଙ୍କୁ ଜାଣିଥିଲେ - ସମସ୍ତେ ସମସ୍ତଙ୍କୁ କୁଲି ବୋଲି ପରିଚୟ ଦେଉଥିଲେ ।

ସେହି ଭୋଜିରେ ସାମ୍ୟ-ଧର୍ମ ପାଳିତ ହେଲା ।

- ତିନି -

ପାତ୍ରପଡ଼ା ଗୋଟିଏ କ୍ଷୁଦ୍ର ପଲ୍ଲୀ । ଘାଇର ହୁଡ଼ା ଉପରେ ଠିଆହେଲେ ପାହାଡ଼ ତଳେ ଛୋଟ ଛୋଟ ଯେଉଁ କେତୋଟି ଚାଳଘର ଦେଖାଯାଏ; ସେଠା ପାଖଲୋକେ ସେହି ସ୍ଥାନଟିକୁ ପାତ୍ରପଡ଼ା କହନ୍ତି ।

ଘାଇପାଖେ ତ କୁଲି-ଭୋଜି ସରିଲା; ତା'ପରେ ଗାଁ ଭିତରେ ଏକ କୁଡ଼ିଆ ପାଖେ ଏକ ବିଷମ ସମସ୍ୟା ପହଞ୍ଚିଲା । ଭୋଜି ଖାଇସାରି ଚଉଦବର୍ଷର ଭେଣ୍ଡିଆ ନାରସେନା ଯେତେବେଳେ ଯାଇ ପାତ୍ରପଡ଼ା ଗାଁର ଗୋଟିଏ କୁଡ଼ିଆ ପାଖେ ପହଞ୍ଚିଲା ରାତିଅଧରେ, ଜଗୁଆଳ କୁକୁର ଗର୍ଜିଉଠିଲା ପରି ଘର ଭିତରୁ ଗର୍ଜନ

ଟିପ୍ପଣୀ

ଜାତିର ଧକ୍କା

ଶୁଭିଲା - "ଦୂର୍ ହୁଅ ଅଜାତିଆ, ଦୂର୍ ହୁଅ । ଯା, ପୁରୀ ଯା, ଗୋବରପାଣି ପି, ତେବେ ଯାଇ ଜାତି ପାଇବୁ । ବାର ଜାତି, ତେର ଗୋଲା, ପଠାଣ, କିରସ୍ତାନ ସାଙ୍ଗରେ ଖାଇ ଏ ଘରେ ପୁଣି ପାଦ ପକାଇବାକୁ ଆସିଛୁ ?"

ନାରସେନାର ପଥର ବୁହା ମୁଣ୍ଡ ଭିତରେ ଏ କଥାଗୁଡ଼ାକ ସହଜରେ ପ୍ରବେଶ କଲା ନାହିଁ । ସେ ସତରେ ଆପଣା ଘରକୁ ଆସିଛି କି ଆଉ କେଉଁଠିକି ଆସିଛି; କିଛି ସମୟ ଠିଆହୋଇ ଆଗ ଭାବିଲା । ଯେତେବେଳେ ସେ ଆପଣା ଦୁଆରମୁହଁର ଲେମ୍ବୁଗଛ, ପଥର ପାହାଚ ସବୁ ଚିହ୍ନିପାରିଲା, ଧୀରେ ଧୀରେ ପାଦଚାଳି ପିଣ୍ଡାରେ ଯାଇ ବସିଲା ।

ସଙ୍ଗେ ସଙ୍ଗେ ଗାଳି ପରେ ଗାଳି ବର୍ଷଣ ହେଲା । ନାରସେନା ଗତ ଦେଢ଼ବର୍ଷ ହେଲା ଆପଣା ଦେହକୁ ପଥର କରି କେତେ ପଥର ବୋହିଛି, ପଥରଠାରୁ କେତେ ଧୈର୍ଯ୍ୟ ଶିକ୍ଷା କରିଛି; ମାତ୍ର ସେତେବେଳର ଗାଳି ତାକୁ ବଡ଼ ବାଧିଲା । ତା' ମୁଣ୍ଡରେ କେତେ ଚିନ୍ତା ଖେଳିଲା । ଘର ଭିତରକୁ ପାଦ ପକାଇବାକୁ ମନା । ସନ୍ଧ୍ୟାବେଳେ ଥିଲା ଅଧିକାର, ଏଇ କେତେ ଘଣ୍ଟା ଭିତରେ ସେ ଅଧିକାର ଗଲା କୁଆଡ଼େ ? ବଣଭୋଜି କି ସମସ୍ତଙ୍କ ଆଖିରେ ଏପରି ଲୁହ ଆଣି ସମସ୍ତଙ୍କୁ ଏପରି ଅଜାତିଆ କରିଦେଲା !

ଓହୋ ..... ନାରସେନାର ବୁକୁ ଫାଟିଗଲା ପରି ଲାଗିଲା । ଅନ୍ଧାର ଭିତରେ ସେ ଜଣକର ଛବି ଦେଖିଲା । ଡାକିଲା- "ମାଆ !"

ପର ମୁହୂର୍ତ୍ତରେ ପିଣ୍ଡାର ସେ ପାଖରେ କାହା ହୃଦୟ ଭିତରେ ଗୁରୁ ଶ୍ୱାସକ୍ରିୟାର ଶବ୍ଦ ଜଣାଗଲା ।

ପୁଣି ଏ ପଚାରିଲା- "ଯିବି ଭା'ରି ? ଏ ଘର କ'ଣ ମୋର ଆଉ ନୁହେ ?"

ଉତ୍ତର ପାଇଲା- "ନା, ଅଜାତିଆର ଏ ଘର ନୁହେ । ଯା, ଜାତି ହେଲେ ଆସିବୁ ।"

ନାରସେନାର ତରୁଣ ହୃଦୟ କେବଳ ଦୁଃଖ, ଅଭିମାନ, କ୍ରୋଧରେ କୁହୁଳିଉଠିଲା । ଅନ୍ଧାର ଭିତରେ ସେ କେତେ କ'ଣ ଭାବିଗଲା । ରାତି ତିନି ପହର- ଏ ଗଭୀର ଅନ୍ଧାର ଭିତରେ ତା' ଉପରେ କାହାର ଏ ଅଭିଶାପ ପଡ଼ିଲା ।

ଶୂନ୍ୟ ଅନ୍ଧାର, ଶୂନ୍ୟ ଧରଣୀ- ଏ ଭିତରେ ଶୂନ୍ୟ ହୃଦୟଟା ଧରି ନାରସେନା ଧୀରେ ଧୀରେ ପାଦ ଉଠାଇଲା ।

- ଚାରି -

ରୁକ୍ଷ ଗିରି-ପାହାଡ଼ ଉପରେ ଜୀବନ-ଆଲୋକ ବିଞ୍ଚିଲା ପରି ପ୍ରଭାତୀ ତାରା ଯେତେବେଳେ ଦିଗ୍‌ବଳୟର ଅଳ୍ପ ଦୂରରେ ହସିଉଠି ଘାଇର ପାଣି ଭିତରେ ପ୍ରତିବିମ୍ବିତ ହେଲା, ସେତିକିବେଳେ ସେହି ଘାଇ ଉପରେ ଜଣେ କିଏ ବର୍ଷୀୟସୀ ନାରୀ ତା'ର ପ୍ରାଣର ନନ୍ଦନକୁ ପ୍ରାଣରେ ପ୍ରତିବିମ୍ବିତ କରିବାକୁ ଚେଷ୍ଟାକରି କପୋଳ-ଦେଶରେ ଘନ ଘନ ଚୁମ୍ବନ ଦେଇ କହିଲା- "ବାବୁରେ, ଧନ ମୋର.....କୁଆଡ଼େ ଯିବୁ..... ?"

ପଥରୁଦ୍ଧ ଝରଣାର ଜଳ ହଠାତ୍ ପଥ ପାଇ ଉଛୁଳି ଉଠିଲା ପରି ତାହାରି କୋଳରେ କାହାର କରୁଣ କଣ୍ଠର ସ୍ୱର ଶୁଣାଗଲା - "ମାଆ ... ?"

ପୁଅ ରାତିରେ ଘର ଛାଡ଼ି ଆସିଲା ପରେ ମାଆ ଯେ କି ଉଦ୍‌ବେଗରେ ବଣବୁଦା ଭିତରେ ଡାକି ଡାକି ବୁଲୁଛି, ସେ କଥା କେବଳ ସେହି ମାତୃହୃଦୟ ବୁଝିବ । ଶେଷକୁ ପୁଅକୁ ବନ୍ଧ ଉପରେ ନିଦ୍ରିତାବସ୍ଥାରେ ପାଇ ଜାକିପକାଇ କହିଲା- "ବାବୁ ମୋର, ଯାଉଛୁ କୁଆଡ଼େ ତୁ ?"

ନାରସେନାର ଚେତା ହେଲା । ଘରୁ ଆସି ସେ ଗଛ ପଥର ପାଣି ପବନ ସମସ୍ତଙ୍କ ଆଗେ ଦୁଃଖ ଜଣାଇଥିଲା, ସମସ୍ତଙ୍କୁ ଉତ୍ତର ପାଇଁ ଡାକିଥିଲା, ମାତ୍ର ମାଆକୁ କିଛି କହିପାରି ନଥିଲା । ବାଟକଡ଼ର ତା'ର ଚିରପରିଚିତ ସିନ୍ଦୂରବୋଳା ପଥର ଠାକୁରାଣୀଙ୍କୁ କୁଣ୍ଢାଇ ଡାକିଥିଲା- "କହ ମା' ...ମୋର କି ଜାତି ଗଲା ?"

ପଥର ଉତ୍ତର ଦେଇ ନଥିଲା ।

ଶେଷରେ ସତରେ ତା'ର ମାଆ ଆସି ଯେତେବେଳେ ତାକୁ ଛୁଇଁଲା, ସେ କହିଲା- "ମୁଁ ଅଜାତିଆ, ମାଆ, ମୋତେ ଛୁଇଁଲେ ଜାତି ଯିବ !"

ମାଆ କହିଲା- "ମୋର ଜାତି ଯିବ ? ମୁଁ ପରା ତୋର ମାଆ... !"

"ମା' ! ମୁଁ ଯିବି ଦୂରକୁ । ମୋର ଘରେ ଆଉ ଥାନ ନାହିଁ ।"

- "ଦୂରକୁ ?"

- "ହଁ, ଦୂରକୁ । ଜାତି ନାଇଁ ମୋର । ଏଠି ମୋତେ କିଏ 'ଜାତି' ପଚାରିଲେ କ'ଣ କହିବି ?"

ମାଆ ପୁଅକୁ ଆହୁରି କୋଳକୁ ଟାଣିଆଣି କହିଲା- "କହିବୁ ମୋର ପୁଅ ବୋଲି !"

"ଅଜାତିଆ ତୋର ପୁଅ ହେବ ....." ଏତିକି କହି ପୁଅ ବ୍ୟାକୁଳ ସତୃଷ୍ଣଭାବରେ ମାଆର ସେହି ସ୍ନେହଲାବଣ୍ୟମୟ ମୁଖମଣ୍ଡଳକୁ ଚାହିଁରହିଲା ।

ସେଥିରୁ ଯେଉଁ ଅମୃତ ଝରୁଥିଲା, ମୁହୂର୍ତ୍ତକେ ତା' ହୃଦୟଟା ସେଥିରେ ଉଲ୍ଲସି ଉଠିଲା; ମାଆ ଆଉ ଉତ୍ତର ଦେଇପାରିଲା ନାହିଁ । ଅଜସ୍ର ଧାରାରେ ତା'ର ଦୁଇ ଆଖିରୁ ଲୁହ-ଝରଣା ଫିଟିଗଲା । ରସୁଲକୋଣ୍ଡାର ସେହି ଘାଇଠାରୁ କେଡ଼େ ଗଭୀର ସେ ଝରଣା ! ଖାଲି ଲୁହ-ଖାଲି ଲୁହ-ଓହୋ..... ସେ ହୃଦୟଟା ଫାଟିଗଲା ପରା ।

ପୁଅ କହିଲା- "ମା, ଯାଉଚି ଦୂରକୁ ।"

- "ଚାଲ ଧନ, ମୁଁ ଯିବି....."

ଦିହେଁ ଚାଲିଲେ- ଚାଲିଲେ..... ଚାଲିଲେ.....

ରାତି ପାହିଲା । ମାଟି ବୁହା ହେଲା; ମାତ୍ର ନାରସେନା ଆଉ ତା'ର ମାଆର ଇତିହାସ ସେଦିନ ସେହିଠାରେ ସେତିକିରେ ରହିଲା ।

* * * *

ଟିପ୍ପଣୀ

ଜାତିର ଧକ୍କା

ଏହି ଘଟଣାର ବହୁବର୍ଷ ପରେ - ୧୯୩୪ ମସିହା ଜୁଲାଇ ମାସ ୧୦ ତାରିଖ ସନ୍ଧ୍ୟାବେଳେ ଛତ୍ରପୁର ସହରର ଏକ ଗଳି ଭିତରେ ହଠାତ୍ କଥା ପ୍ରକାଶ ପାଇଲା ଯେ, ରସୁଲକୋଣ୍ଡା ଘାଇ-ଯୁଗର ନାରସେନା ନାଇତୁ ପୀର୍ ମହମ୍ମଦ ନାମରେ ଏପର୍ଯ୍ୟନ୍ତ ମୁଣ୍ଡ ଟେକି ସଂସାରରେ ରହିଛି । ସେ ଆଉ ଘରକୁ ଫେରି ନାହିଁ, ପୁରୀ ଯାଇ ନାହିଁ, ଗୋବରପାଣି ପିଇ ନାହିଁ । ଜାତିର ଧକ୍କା ତାକୁ ବହୁ ଦୂରକୁ ଠେଲିଦେଇଛି ।

୧.୫ ଗଳ୍ପଟିକୁ ବୁଝିବା ପାଇଁ

ଗଳ୍ପଟି ଆମକୁ ଭଲ ଲାଗିଲା । କାହିଁକି ଭଲ ଲାଗିଲା ? ଏଥିରେ ଥିବା ନାନା ଉପାଦାନ ଆମ ହୃଦୟକୁ ସ୍ପର୍ଶ କଲା । ସେହି ଉପାଦାନଗୁଡ଼ିକ ଭିତରୁ ମୁଖ୍ୟ ଉପାଦାନ ଦୁଇଟି ହେଲା - କାହାଣୀ ଓ ଚରିତ୍ର । ଆମେ ଏବେ ପଢ଼ିଥିବା ଏ ଗଳ୍ପର ଏ ଦୁଇ ମୁଖ୍ୟଉପାଦାନ ବିଷୟରେ ଜାଣିବା ।

କଥାବସ୍ତୁ: ଗଞ୍ଜାମ ଜିଲ୍ଲାର ରସୁଲକୋଣ୍ଡାଠାରେ ଆନିକଟ ନିର୍ମାଣ ଚାଲିଥାଏ । ଶ୍ରମିକମାନେ କାମରେ ଲାଗିଥାନ୍ତି । ପଥର କଟା ହେଉଥାଏ ଆଉ ଶ୍ରମିକମାନେ ସେଗୁଡ଼ିକୁ ମୁଣ୍ଡରେ ବୋହି ବନ୍ଧ ତିଆରି ହେଉଥିବା ସ୍ଥାନରେ ପକାଉଥାନ୍ତି । ଶ୍ରମିକମାନେ ଭିନ୍ନ ଜାତି, ଭିନ୍ନ ସମ୍ପ୍ରଦାୟ ଓ ଭିନ୍ନ ଭାଷାଭାଷୀ ହେଲେ ମଧ୍ୟ ସେମାନଙ୍କ ଭିତରେ ଭେଦଭାବ ନଥିଲା । ସେମାନେ ସମସ୍ତେ ନିଜକୁ ଶ୍ରମିକ ବୋଲି ଚିହ୍ନିଥିଲେ ଓ ଚିହ୍ନାଉଥିଲେ । ଶ୍ରମ ହିଁ ସେମାନଙ୍କୁ ଦେଇଥିଲା ସମାନତାର ମନ୍ତ୍ର । ସେମାନଙ୍କ ଭିତରେ ଉଚ୍ଚନୀଚ ଭେଦଭାବ ନଥିଲା । ସେମାନଙ୍କ ଭିତରୁ ଶ୍ରମିକଟିଏ । ତାର ନାଁ ନାରସେନା । ତାର ଘର ସେ ସ୍ଥାନରୁ କିଛି ଦୂରରେ ପାତ୍ରପଡ଼ା ନାମକ ଗାଁରେ । ସେ ମଧ୍ୟ ଶ୍ରମ ଓ ସାମ୍ୟମନ୍ତ୍ରରେ ଦୀକ୍ଷିତ ହୋଇ ଦିନସାରା ପଥର ବୁହେ । ସନ୍ଧ୍ୟାରେ ଘରକୁ ଫେରିଯାଏ ।

ଦିନେ ଶ୍ରମିକମାନେ ମନଖୁସିରେ ଭୋଜି କରିଥିଲେ । ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ପରେ ମହାମଉଜରେ ସମସ୍ତେ ଏକାଠି ବସି ଭୋଜି ଖାଇଲେ । ହିନ୍ଦୁ-ମୁସଲମାନ, ଓଡ଼ିଆ-ତେଲେଙ୍ଗା, ବ୍ରାହ୍ମଣ-ଚଣ୍ଡାଳ ଏକାଠି ପଂକ୍ତି ଭୋଜନ କଲେ । ସେମାନଙ୍କ ଖୁସି ଦେଖିଲେ ନସରେ, କିଏ କହୁଥାଏ - ଜୟ ରଘୁପତି ରାଜା ରାମ, ଆଉ କାହା ତୁଣ୍ଡରେ 'ଆଲ୍ଲା ହୋ ଆକବର' ଧ୍ୱନି, କିଏ ପୁଣି ଉଚ୍ଚାରଣ କରୁଥାଏ ବଂ ବଂ ଶିବ ଭୋଳାନାଥ । ଆନନ୍ଦରେ ଅଧୀର ହୋଇ ସେମାନେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । ଠାକରଙ୍କୁ ଭିନ୍ନ ଭିନ୍ନ ନାମ ଡାକ ଛାଡୁଥିଲେ ବି ସେମାନେ ସମସ୍ତେ ଶ୍ରମିକ ଭାବରେ ଥିଲେ ସମାନ । ତେଣୁ ଭୋଜିରେ ମଧ୍ୟ ସାମ୍ୟଧର୍ମ ପାଳନ ହୋଇଥିଲା ।

ନାରସେନା ଭୋଜି ଖାଇ ଖୁସିରେ ଘରକୁ ଫେରିଲା । କିନ୍ତୁ ତା ପୂର୍ବରୁ ଭୋଜିର ସମ୍ବାଦ ଗାଁରେ ପହଞ୍ଚି ହଇଚଇ କରିଦେଇଥିଲା । ତେଣୁ ନାରସେନା ଯେତେବେଳେ ଦୁଆର ମୁହଁରେ ପହଞ୍ଚିଲା ଭିତରୁ ଶୁଭିଲା ତିରସ୍କାର ବାଣୀ । ବାରଜାତି ସାଙ୍ଗରେ ଏକାଠି ବସି ଭୋଜନ କରିଥିବାରୁ ତାର ଜାତି ଚାଲିଯାଇଛି । ସେ ଅଜାତିଆ । ଅଜାତିଆ ଘରେ ପଶିପାରିବ ନାହିଁ । ପ୍ରାୟଶ୍ଚିତ କଲେ ଯାଇ ଘରକୁ ପଶିପାରିବ । ନଚେତ୍ ନାହିଁ । ନାରସେନାକୁ ଘରୁ ତଡ଼ି ଦିଆଗଲା ।

ଅଜାତିଆ ନାରସେନା ଅତି ଦୁଃଖରେ ଘରୁ ବାହୁଡ଼ି ଆସିଲା । କୁଆଡ଼େ ବା ଯିବ, ଚାରିଆଡ଼ ବୁଲି ବୁଲି ସେ ସେଇ ପଥର ବନ୍ଧ ଉପରେ ଶୋଇପଡ଼ିଲା ।

କଠିନ ଶବ୍ଦର ଅର୍ଥ :

ବୁଭୁକ୍ଷୁ- ଭୋକିଲା
ରସୁଲକୋଣ୍ଡା- ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଠାରେ ଅବସ୍ଥିତ
ପ୍ରାସାଦ- କୋଠାଘର
ଅର୍ଦ୍ଧଶତାବ୍ଦୀ- ପଚାଶବର୍ଷ
ନୃତ୍ୟଚ୍ଛାୟା- ଛାଇର ନାଚ
ନିଷ୍ପ୍ରଭ-ପ୍ରଭାବିହୀନ, ଅନ୍ଧାରିଆ
ନଭଶ୍ଚୁମ୍ବୀ- ଆକାଶକୁ ଛୁଇଁଥିବା
ରୁକ୍ଷ- କଠିନ, କଠୋର
ପ୍ରଭାତୀ ତାରା- ପାହାନ୍ତି ତାରା (ଶୁକ୍ରଗ୍ରହ)
ବର୍ଷୀୟସୀ-ବୟସ୍କା ମହିଳା
ସତୃଷ୍ଣ- ଆତୁର, ପ୍ରବଳ ଆଗ୍ରହ

ଟିପ୍ପଣୀ

ଜାତିର ଧକ୍କା

ରାତିର ଶେଷ ପହରରେ ତାର ନିଦ ଭାଙ୍ଗିଗଲା । ସେ ଉଠିପଡ଼ି ଦେଖିଲା, ତାର ମାଆ ତାକୁ କୋଳେଇ ଧରିଛି । ସାରା ରାତି ତାର ଏକୋଇର ବଳାକୁ ଖୋଜି ଖୋଜି ସେ ପଥର ବନ୍ଧ ଉପରେ ତାକୁ ପାଇଥିଲା । ମାଆ ତାକୁ କୋଳେଇ ଧରିଥିବା ଦେଖି ଚମକି ପଡ଼ିଲା ନାରସେନା । ସେ ବାରଣ କରି କହିଲା ଯେ ସେ ଅଜାତିଆ, ତାକୁ ଛୁଇଁଲେ ମାଆର ମଧ୍ୟ ଜାତି ଚାଲିଯିବ । ମାଆ ପୁଅକୁ ବୋଧ ଦେଇ କହିଲା, ତାର ଜାତି ଯିବ ନାହିଁ କାରଣ ସେ ତାର ଜନ୍ମଦାତ୍ରୀ । ଅଜାତିଆ ନାରସେନା ପୁଣି ପଚାରିଲା ତାକୁ କିଏ ଜାତି ପଚାରିଲେ ସେ କ'ଣ ଉତ୍ତର ଦେବ ? ମାଆ ତାକୁ ଆବେଗରେ ଆହୁରି କୋଳକୁ ଭିଡ଼ି ଆଣି ବତାଇଥିଲା ଯେ ସେ କହିବ ମାଆର ପୁଅ ବୋଲି । ଏହିଭଳି ସ୍ନେହ ବୋଳା କଥାଶୁଣି ନାରସେନାର ମନ ଶାନ୍ତ ହେଲା । ତଥାପି ସେ ଆଉ ଗାଁକୁ ଫେରିଲା ନାହିଁ । ତା ମାଆ ମଧ୍ୟ ଗାଁକୁ ଫେରିଲା ନାହିଁ । ପୁଅ ସାଙ୍ଗରେ ସେ ମଧ୍ୟ ଗାଁ ଛାଡ଼ିଲା । ନାରସେନାକୁ ଅଜାତିଆ ବୋଲି ସମାଜ ତଡ଼ି ଦେଇଥିଲା । ଯେଉଁ ସମାଜରେ ଏଭଳି କୁସଂସ୍କାର ରହିଛି ତାହାକୁ ମାଆ ତ୍ୟାଗ କରି ଦୂରକୁ ଚାଲିଗଲା ।

ବହୁଦିନେ ପରେ ଦେଖାଗଲା ଯେ ନାରସେନା, ପୀର୍ ମହମ୍ମଦ ନାମ ଧାରଣ କରି ଛତ୍ରପୁର ସହରରେ ବାସ କରୁଛି ।

ସାମାଜିକ ସମସ୍ୟା ମୂଳକ କାହାଣୀଟି ଏହି ଗଳ୍ପର ବଳିଷ୍ଠ ଉପାଦାନ ।

ଚରିତ୍ର:

ଗଳ୍ପରେ ଦୁଇଜଣ ଚରିତ୍ର ମନରେ ଖୁବ୍ ପ୍ରଭାବ ବିସ୍ତାର କରନ୍ତି । ଜଣେ ନାରସେନା ନାଇଡୁ ଓ ଅନ୍ୟ ଜଣକ ହେଲା ତାର ମାଆ ।

ନାରସେନା: ନାରସେନା ଚଉଦ ବର୍ଷର ତରୁଣ । ରସୁଲକୋଣ୍ଡା ଘାଇର ଶ୍ରମିକ ସେ । ଶ୍ରମଜୀବୀ । ଶ୍ରମକରି ଗୁଜୁରାଣ ମେଣ୍ଟାଏ । ଦିନେ ସାରା ପଥର ବୁହେ । ରାତିରେ ଘରକୁ ଫେରି ବିଶ୍ରାମ ନିଏ । ଘରେ ତାର ବାପା ଓ ମାଆ । ଏ ହେଉଛି ତାର ନିତିଦିନିଆ ଜୀବନ । ଏଥିରେ ଫୁଟି ଉଠିଛି ଶାନ୍ତି ଓ ସରଳତା ।

ଶ୍ରମିକ ନାରସେନା ଅନ୍ୟମାନଙ୍କ ସହ ମିଳିମିଶି କାମ କଲାବେଳେ କେତେକ ମୂଲ୍ୟବାନ୍ ଉପଲବ୍ଧି ହାସଲ କରିଛି । ଶ୍ରମକୁ ସେ ଆଶୀର୍ବାଦ କି ଅଭିଶାପ ବୋଲି ମନେ କରେ ନାହିଁ ବରଂ ସ୍ୱାଭାବିକ ଭାବରେ କର୍ମ ଓ କର୍ତ୍ତବ୍ୟ ଜ୍ଞାନ କରେ । ତାହାକୁ ନିଷ୍ଠାର ସହ ପାଳନ କରେ । ସେତିକି ନୁହେଁ କର୍ତ୍ତବ୍ୟ ପାଳନରେ ପଟୁତା ଫୁଟାଇ ଗୌରବ ଅନୁଭବ କରେ । କିଏ କେତେ ପଥର ବୋହି ପାରିବ ସେଥିପାଇଁ ଶ୍ରମିକଙ୍କ ମଧ୍ୟରେ ଥାଏ ପ୍ରତିଯୋଗିତା । ସେଇଠି ସେ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ହାସଲ କରିଛି । ଶ୍ରମିକମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ସମ୍ପ୍ରଦାୟରୁ ଆସିଥିଲେ ମଧ୍ୟ ସେମାନଙ୍କ ପାଇଁ ତାହା ଗୌଣ । ସେମାନଙ୍କ ପ୍ରକୃତ ପରିଚୟ ହେଲା ସେମାନେ ଶ୍ରମିକ । ତେଣୁ ଧର୍ମ, ଭାଷା, ଜାତିକୁ ନେଇ ସେମାନଙ୍କ ମଧ୍ୟରେ ଉଚ୍ଚନୀଚ ଭେଦଭାବ ନଥିଲା । ସମସ୍ତଙ୍କର ଗୋଟିଏ ପରିଚୟ ହୋଇଥିବାରୁ ସମସ୍ତେ ସମାନ । ନାରସେନା ନାଇଡୁ ଏଥିପାଇଁ ଗଙ୍ଗାନାଇଡୁ, ରାମଦାସ, ମଧୁରାଉଳ, ରଘୁମିଶ୍ରଙ୍କ ସହ ଜଣେ ବୋଲି ଭାବୁଥିଲା । ଜାତିଧର୍ମ ନିର୍ବିଶେଷରେ ସମସ୍ତେ ମଣିଷ ଓ ସମସ୍ତେ ସମାନ ।

ଟିପ୍ପଣୀ

ଜାତିର ଧକ୍କା

ସାମ୍ୟଧର୍ମର ଅମୃତ ରଖିଥିବା ନାରସେନା ଜୀବନରେ ଦିନେ ଆସିଛି ଆକସ୍ମିକ ଝଡ଼ । ସେଇ ଝଡ଼ରେ ଓଲଟ ପାଲଟ ହୋଇଗଲା ତାର ଜୀବନ । ସାରା ଦିନର କଠିନ ପରିଶ୍ରମ ପରେ ମନୋରଞ୍ଜନ ନିମନ୍ତେ ଶ୍ରମିକ ଦଳ ବଣଭୋଜି କରିଥିଲେ । ସନ୍ଧ୍ୟାରେ ଆରମ୍ଭ ହୋଇଗଲା ଉତ୍ସବ । ସେମାନେ ଆନନ୍ଦରେ ମାତି ଉଠିଲେ ସେଥିରେ । ଭୋଜି ଖାଇ ନାରସେନା ଘରକୁ ଫେରିଲା । ସେତେବେଳକୁ ରାତି ଅଧ । ତାକୁ ତା ଘର ଭିତରକୁ ଯିବା ପାଇଁ ବାରଣ କରାଗଲା । କାରଣ ସେ ଅଜାତିଆ ହୋଇଗଲା । ବାରଜାତି ତେର ଗୋଲାଙ୍କ ସାଙ୍ଗରେ ଏକାଠି ଖାଇବା ଯୋଗୁଁ ତାର ଜାତି ଗଲା । ସେ ପ୍ରଥମେ ଏକଥା ବୁଝିପାରିଲା ନାହିଁ, ବଣଭୋଜିର ଆନନ୍ଦ ତା ମନରୁ ଲିଭିଗଲା । କେତେ ନେହୁରା ହେଲା, ମାତ୍ର ଉତ୍ତର ପାଇଲା, "ନା, ଅଜାତିଆର ଏ ଘର ନୁହେଁ ।" ନିଜ ଲୋକ ତା କଥାକୁ କର୍ଣ୍ଣପାତ କଲେ ନାହିଁ । ସେ ଗଛ, ପଥର ସମସ୍ତଙ୍କୁ ଦୁଃଖ ନିବେଦନ କଲା, ଏପରିକି ବାଟକଡ଼ର ସିନ୍ଦୂରବୋଳା ଠାକୁରାଣୀଙ୍କୁ କୁଣ୍ଢାଇ ଧରି କାନ୍ଦିଲା । କେହି ତାକୁ ସାନ୍ତ୍ୱନା ଦେଲେ ନାହିଁ ।

ଘରୁ ତଡ଼ା ଖାଇ ନାରସେନା, ଯେଉଁଠାରୁ ସାମ୍ୟ ଶିକ୍ଷା କରିଥିଲା ସେହି ପଥର ବନ୍ଧ ଉପରେ କାନ୍ଦି କାନ୍ଦି ଶୋଇପଡ଼ିଲା । ରାତି ଶେଷରେ ତା ମାଆ ଆସି ତାକୁ କୋଳେଇ ନେବାରୁ ତାର ପ୍ରାଣ ଶାନ୍ତ ହେଲା । ତାର ଅସହାୟତା କଟିଗଲା, ଭୟ ଦୂର ହେଲା । ସାହସ ଫେରି ପାଇଲା । ବଞ୍ଚିବାର ନୂଆ ରାହା ପାଇଥିଲା । ସେ ମାଆକୁ ନେଇ ଗାଁ ଛାଡ଼ି ଦୂରକୁ ଚାଲିଗଲା । ସେ ଜାତିକୁ ଫେରିବା ପାଇଁ ପ୍ରାୟଶ୍ଚିତ କଲା ନାହିଁ, କି ଅଜାତିଆ ବୋଲି ମୃତ୍ୟୁ ବରଣ କଲା ନାହିଁ । ସଂସାରରେ ମୁଣ୍ଡ ଟେକି ବଞ୍ଚିବା ପାଇଁ ଚେଷ୍ଟା କଲା । ଛତ୍ରପୁର ସହରରେ ପୀର ମହମ୍ମଦ ନାମ ଧାରଣ କରି ସେ ଜୀବନ ବିତାଇଲା ।

ହିନ୍ଦୁ ସମାଜର ରକ୍ଷଣଶୀଳତା ଯୋଗୁଁ କେତେ ଯେ ଜାତିଚ୍ୟୁତ ହୋଇଛନ୍ତି ତାର କଳନା ନାହିଁ । ନାରସେନା ସେମାନଙ୍କ ଭିତରୁ ଜଣେ । ଜାତି ଅପେକ୍ଷା ମଣିଷ ହୋଇ ବଞ୍ଚିବା ପାଇଁ ସେ ଗୁରୁତ୍ୱ ଦେଇଛି । ସବୁର ଊର୍ଦ୍ଧ୍ୱରେ ମନୁଷ୍ୟ ସତ୍ୟ – ଏହି ଚିନ୍ତାଧାରାକୁ ପ୍ରତିପାଦନ କରିଛି ନାରସେନା । ନାରସେନା ଚରିତ୍ରର ଏହି ଦିଗଟି ଅତି ବଳିଷ୍ଠ ଓ ପ୍ରେରଣାଦାୟକ ।

ମାଆ : 'ଜାତିର ଧକ୍କା' ଗଳ୍ପର ଅସାମାନ୍ୟ ଚରିତ୍ର ହେଉଛି ନାରସେନାର ମାଆ । ମାତୃତ୍ୱ ହିଁ ତାର ବୈଶିଷ୍ଟ୍ୟ । ସେହି ଧର୍ମ ପାଳନ କରି ସେ ମହୀୟସୀ ପାଲଟିଛି । ତାର ମହାନତାକୁ ନେଇ ଗଳ୍ପର ସୃଷ୍ଟି ବୋଲି ଲେଖକ ସ୍ପଷ୍ଟ କରିଛନ୍ତି । ମାଆ ଗଳ୍ପରେ ଅଳ୍ପ ସମୟ ପାଇଁ ଦେଖାଦେଇଛି କିନ୍ତୁ ସେତିକିରେ ତାଙ୍କ ଚରିତ୍ର ଏତେ ସୁନ୍ଦର ଭାବରେ ବ୍ୟକ୍ତ ହୋଇଛି ଯେ ତାର ପଟାନ୍ତର ନାହିଁ ।

ତାର ଏକୋଇର ବଳା ନାରସେନାକୁ ଯେତେବେଳେ ଅଜାତିଆ ବୋଲି ଘରେ ପଶିବାକୁ ମନା କରାଗଲା, ସେତିକିବେଳେ ମାଆ ସେହି ଆଦେଶକୁ ସ୍ୱାଗତ କରିନାହିଁ । ଶକ୍ତିଶାଳୀ ସମାଜର ପ୍ରତିବାଦ କରିବାକୁ ମଧ୍ୟ ତାର ଶକ୍ତି ନାହିଁ । କିନ୍ତୁ ସେ ପିଣ୍ଡା ସେପାଖେ ଥାଇ ଦୀର୍ଘଶ୍ୱାସ ଛାଡ଼ି ପୁଅ ପ୍ରତି ସମବେଦନା ଜଣାଇଛି । ନାରସେନା ରାତି ଅଧରେ ଘରୁ ଚାଲି ଆସିବା ପରେ ମାଆ ଆଉ ଘରେ ରହିପାରି ନାହିଁ । ଅନ୍ୟାନ୍ୟ ସମସ୍ତ ବନ୍ଧନ ଅପେକ୍ଷା ପୁଅ ପ୍ରତି ଅନାବିଳ ସ୍ନେହ ସେଦିନ ଜୟଲାଭ କରିଛି । ବ୍ୟାକୁଳ ହୃଦୟରେ ସେ ଜଙ୍ଗଲ ଭିତରେ ପୁଅକୁ ଖୋଜି ଖୋଜି ଶେଷରେ ପାଇଛି ବନ୍ଧ ଉପରେ । ତାର ମାତୃହୃଦୟ ଶାନ୍ତ ହେଲା । ପୁଅ କପାଳରେ ବୋକ ଢ଼ାଳି ହୃଦୟର ସମସ୍ତ ସ୍ନେହ ଅର୍ପଣ କରିଛି ।

ଟିପ୍ପଣୀ

ଜାତିର ଧକ୍କା

ସମାଜ ତାର ପୁଅକୁ ଅଜାତିଆ କହିପାରେ, କିନ୍ତୁ ମାଆ ପାଖରେ ସେ ଅପବାଦର କିଛି ମୂଲ୍ୟ ନାହିଁ । ସମାଜର ଏହି କୁତ୍ସିତ ପରମ୍ପରାକୁ ସେ ମାନି ନାହିଁ । ଅବଜ୍ଞା କରିଛି । ନାରସେନା ଯେତେବେଳେ କହିଲା ତାକୁ ଛୁଇଁଲେ ମାଆର ଜାତି ଚାଲିଯିବ, ସେତେବେଳେ ସେ କହନ୍ତି "ମୋର ଜାତି ଯିବ ? ମୁଁ ପରା ତୋର ମାଆ !" ମାଆର ଏ ସ୍ନେହବୋଳା ଭକ୍ତି ନାରସେନା ମନରେ ଭରିଦେଇଛି ଆଶ୍ୱାସନା । ସମାଜ ଯେଉଁ ଆଘାତ ଦେଇଥିଲା ତାହା ମାଆର କଥା ପଦକରେ ପ୍ରଶମିତ ହେଲା । ନାରସେନା ପୁଣି ପଚାରିଲା ଅନ୍ୟମାନେ ତାର ଜାତି କ'ଣ ପଚାରିଲେ ସେ କ'ଣ ଉତ୍ତର ଦେବ ? ମାଆ ବତାଇଦେଲା, "କହିବୁ ମୋର ପୁଅ ବୋଲି ।" ସମାଜ ଛଡ଼ା ନାରସେନା ପୁଣି ଯୋଡ଼ି ହୋଇଗଲା ମାଆ ସହିତ । ମାଆ ଆଉ ନାରସେନାକୁ ଏକୁଟିଆ ଛାଡ଼ି ନଦେଇ ତା ସହିତ ଦୂରକୁ ଚାଲିଗଲା । ପୁରୁଣା ସମାଜଠାରୁ ବହୁ ଦୂରକୁ । ପତିତ ପୁଅ ପୁଣି ଥରେ ଠିଆ କରାଇବା ପାଇଁ ତାଙ୍କର ସ୍ନେହ ମମତା ଭରା ସାହସ ପ୍ରଦାନ ତାଙ୍କ ଚରିତ୍ରକୁ ମହିମାନ୍ୱିତ କରିଛି । ଜାତି-ଚ୍ୟୁତ ନାରସେନା ଜାତିର ଧକ୍କା ଖାଇ ହୁଏତ ମୃତ୍ୟୁବରଣ କରିଥାନ୍ତା ମାତ୍ର ମାଆ ଯୋଗୁଁ ତାର ମଣିଷପଣିଆ ଜାଗ୍ରତ ହୋଇଛି ।

ଗାଉଁଲି ଅଶିକ୍ଷିତ ମାଆଟିଏ ଯେଉଁ ମହାନ୍ ଆଦର୍ଶ ଦେଖାଇଛି ତାହା ଅତୁଳନୀୟ । ତାର ପ୍ରତ୍ୟେକ ଭକ୍ତି ଓ ଆଚରଣ ସରଳ ଅଥଚ ଅତି ଗଭୀର ଓ ଯଥାର୍ଥ ମଧ୍ୟ । ମାନବ ପ୍ରାଣର ଶାଶ୍ୱତ ବାଣୀ ତା ଭିତରେ ହୋଇଛି ଝଙ୍କୃତ ।

୧.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ରକ୍ଷଣଶୀଳ ସମାଜର ଧକ୍କା ପଠିତ ଗଳ୍ପରେ କିପରି ରୂପ ପାଇଛି ବର୍ଣ୍ଣନା କର ।

II. ଗଳ୍ପଟି ଏକ ମାତୃ ହୃଦୟର କାହାଣୀ - ପ୍ରତିପାଦନ କର ।

III. ନାରସେନା ନାଇଡୁର ଚରିତ୍ର ଚିତ୍ରଣ କର ।

IV. ଜାତିର ଧକ୍କା ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟ ବିଚାର କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ସମସ୍ତେ ନିଜକୁ କ'ଣ ବୋଲି ପରିଚୟ ଦେଉଥିଲେ ?

ii) ନାରସେନା କାହାଠାରୁ ଧୈର୍ଯ୍ୟ ଗୁଣ ଶିଖିଛି ?

iii) କୁଲିଙ୍କର ଧ୍ୱନି ଭିତରୁ ପ୍ରତିଧ୍ୱନି ଉଠି କ'ଣ ସୃଷ୍ଟି କଲା ?

iv) ନାରସେନା ଅନ୍ଧାର ଭିତରେ କାହାର ଛବି ଦେଖିଲା ?

v) କୁଲିମାନେ ଆନନ୍ଦରେ କି କି ଧ୍ୱନି ଦେଉଥିଲେ ?

vi) ନାରସେନାର ଜାତି ଚାଲିଗଲା କାହିଁକି ?

vii) ପୁଅ ରାତିରେ ଘରଛାଡ଼ି ଆସିବା ପରେ ମାଆ କ'ଣ କଲା ?

viii) ଘରୁ ଧିକ୍କାର ଶୁଣି ନାରସେନା କ'ଣ ଭାବିଲା ?

ix) ନାରସେନା ରସୁଲକୋଣ୍ଡାରୁ ଚାଲିଯାଇ କେମିତି ରହିଥିଲା ?

x) କୁଲିମାନଙ୍କର ହସ ବିଚିତ୍ର କାହିଁକି ?

xi) ଶ୍ରମିକମାନେ ସମସ୍ତେ ସମାନ ବୋଲି କେମିତି ବୁଝିଥିଲେ ?

xii) ନାରସେନା ମନଦୁଃଖରେ ଘରୁ ଆସି କ'ଣ କଲା ?

xiii) ଘାଇଠାରୁ କେତେ ଗଭୀର ସେ ଝରଣା - ଏହାର ତାତ୍ପର୍ଯ୍ୟ କଣ ?

xiv) ମାଆ କାହିଁକି କହିଲା, 'କହିବୁ ମୋର ପୁଅ ବୋଲି' ?

୧.୭ ବିଷୟ ବୋଧଗତ ପ୍ରଶ୍ନ

I. **ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -**

କ) ସେହିଠାରେ .....ବିରାଟ ଘାଇ ବନ୍ଧାଯାଉଛି ।
(ଖଲିକୋଟ୍, ଗଞ୍ଜାମ, ରସୁଲକୋଣ୍ଡା, ଆସିକା)

ଖ) ଘାଇରେ କାମ କରୁଥିବା କୁଲିଙ୍କର ..... ହେଉଥିଲା ।
(ତ୍ରିନାଥ ମେଳା, ଶୁଭ ଅନୁକୂଳ, ଭୂମିପୂଜା, ବଣଭୋଜି)

ଗ) ଗଭୀର ଅନ୍ଧାର ଭିତରେ ତା ଉପରେ କାହାର ..... ପଡ଼ିଲା ।
(ଅଭିଶାପ, ଆଶୀର୍ବାଦ, ଲୁହନିଃଶ୍ୱାସ, ଫୁଲଚନ୍ଦନ)

ଘ) ମୁଁ ..... ମାଆ, ମୋତେ ଛୁଇଁଲେ ଜାତି ଯିବ ।
(ବିଦେଶୀ, ଅଜାତିଆ, ଦେଶଦ୍ରୋହୀ, ଗୋବଧକାରୀ)

ଙ) ପୁଅ ସନ୍ତୃପ୍ତ ଭାବରେ ମାଆର ..... ମୁଖ ମଣ୍ଡଳକୁ ଚାହିଁଲା ।
(ହାଡୁଆ, ସୁନ୍ଦର, ସ୍ନେହ ଲାବଣ୍ୟମୟ, ଖିଲାଳ)

୧.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

I. କ) ରସୁଲ କୋଣ୍ଡାର ଖ) ବଣଭୋଜି ଗ) ଅଭିଶାପ ଘ) ଅଜାତିଆ
ଙ) ସ୍ନେହ ଲାବଣ୍ୟମୟ

- ● -

ଟିପ୍ପଣୀ

୨

ପତାକା ଉତ୍ତୋଳନ

ସୁରେନ୍ଦ୍ର ମହାନ୍ତି

୨.୧ ଉପକ୍ରମ

ଗୋଟିଏ ଦେଶ ଅନ୍ୟ ଦେଶ ଦ୍ୱାରା କବଳିତ ହେଲେ, ଲୋକେ କେବଳ ରାଜନୈତିକ ସ୍ୱାଧୀନତା ହରାନ୍ତି ତା' ନୁହେଁ, ବରଂ ସେମାନଙ୍କର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ମଧ୍ୟ ନଷ୍ଟ ହୋଇଯାଏ । ମଣିଷ ଭାବରେ ସେମାନଙ୍କର ଯେଉଁ ଜନ୍ମଗତ ସ୍ୱାଧୀନତା ଅଛି, ତାହା ଭୁଲି ସେମାନେ ଦାସତ୍ୱକୁ ଶ୍ରେଷ୍ଠସ୍ଥାନ ଦିଅନ୍ତି । ସେଥିପାଇଁ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରଥମେ ଜନତା ମଧ୍ୟରୁ ଏହି ଜଡ଼ତାକୁ ଭାଙ୍ଗି ତାହାକୁ ସ୍ୱାଧୀନତାର ମନ୍ତ୍ର ଶିଖାନ୍ତି । ଫଳରେ ଦେଶ ସ୍ୱାଧୀନ ହୁଏ । ପରାଧୀନ ଭାରତ ଠିକ୍ ଏହି ଦଶା ଭୋଗକରିଥିଲା । ବର୍ତ୍ତମାନ ସେ ବିଷୟରେ ଗଳ୍ପଟିଏ ପଢ଼ିବା ।

୨.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ପଠିତ ଗଳ୍ପରୁ ଗାଳ୍ପିକଙ୍କ ଗଳ୍ପ ରଚନାର ଉଦ୍ଦେଶ୍ୟ ବୁଝିବା ।
- ଭାରତର ସ୍ୱାଧୀନତା ଆନ୍ଦୋଳନର ଘଟଣା ଜାଣିପାରିବା ।
- ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରିଥିବା ରାୟବାହାଦୁର ତାଙ୍କର ପୁତ୍ରକୁ ଗୁଳି ମାରିବା ପାଇଁ କାହିଁକି କୁଣ୍ଠାବୋଧ କରିନଥିଲେ ତାହା ଅନୁଭବ କରିବା ।
- ରାୟବାହାଦୁର କିପରି ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଭାରତର ସ୍ୱାଧୀନ ପତାକା ଉତ୍ତୋଳନ ସମୟରେ ନିଜ ହାତରେ ମାରିଥିବା ପୁତ୍ର କଥା ନେଇ ଅନୁଶୋଚନା କରିଛନ୍ତି ତାହା ବୁଝିପାରିବା ।
- ପିଲା ହେଲେ ମଧ୍ୟ ଅରୁଣ ମଧ୍ୟରେ କିପରି ଜାତୀୟ ପ୍ରେମ ଦେଖା ଦେଇଥିଲା ତାହା ଅନୁଭବ କରିବା ।
- ଅରୁଣ ଚରିତ୍ର ମାଧ୍ୟମରେ ଜନ୍ମମାଟିକୁ ସ୍ୱର୍ଗ ଠାରୁ ବଡ଼ ବୋଲି ଜାଣିବା ।

୨.୩ ଗାଳ୍ପିକଙ୍କ ପରିଚୟ

ଏ ଗଳ୍ପର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି (୧୯୨୦-୧୯୯୧) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଲେଖକ । ତାଙ୍କ ଗଳ୍ପ ପରିସର ବୌଦ୍ଧଯୁଗର ଘଟଣାଠାରୁ ଆରମ୍ଭ କରି ଆଧୁନିକ ମଣିଷର ଜୀବନଧାରା ପର୍ଯ୍ୟନ୍ତ ପରିବ୍ୟାପ୍ତ । ତାଙ୍କ ରଚିତ ଗଳ୍ପ ପୁସ୍ତକଗୁଡ଼ିକ ହେଲା- କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ସବୁଜପତ୍ର ଓ ଧୂସର ଗୋଲାପ, ମହାନଗରୀର ରାତ୍ରି, ମରାଳର ମୃତ୍ୟୁ, ମାଂସର କୋଣାର୍କ, ଯଦୁବଂଶୀ ଓ ଅନ୍ୟାନ୍ୟଗଳ୍ପ । ସେ ମଧ୍ୟ ଅନେକ ପ୍ରସିଦ୍ଧ ଉପନ୍ୟାସର ସ୍ରଷ୍ଟା । 'ଅନ୍ଧ ଦିଗନ୍ତ', 'ନୀଳଶୈଳ' ଉପନ୍ୟାସ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଲାଭ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀକୁ ନେଇ ସେ ରଚନା କରିଛନ୍ତି ଦୁଇଟି ଉପନ୍ୟାସ - 'ଶତାବ୍ଦୀର ସୂର୍ଯ୍ୟ' ଓ 'କୂଳବୃଦ୍ଧ' । ଏହା

ଟିପ୍ପଣୀ

ବ୍ୟତୀତ ସେ ବହୁ ପ୍ରବନ୍ଧ ତଥା ଆଲୋଚନା ଗ୍ରନ୍ଥ ରଚନା କରି ଆମ ଗଦ୍ୟ ଓ ସାହିତ୍ୟ ଆଲୋଚନାକୁ ସମୃଦ୍ଧ କରିଛନ୍ତି । "ପଥ ଓ ପୃଥିବୀ" ତାଙ୍କର ଆତ୍ମଜୀବନ ଚରିତ ।

୨.୪ ମୂଳ ବିଷୟ

ରାୟବାହାଦୁର୍ ସୋମନାଥ ମହାପାତ୍ର, ଆଇ.ପି. (ରିଟାୟାର୍ଡ୍), ସି.ବି.ଇ. ଓ ବି.ଇ., କେ.ସି.ଆଇ.ଇ.ଙ୍କ ଆଖିରେ ଛାଇ ନିଦ ଲାଗିଆସିଛି । ରାତି ସେତେବେଳକୁ ବାରଟା ପାଖାପାଖି । ହଠାତ୍ ଶଙ୍ଖ, ଘଣ୍ଟା ହୁଳହୁଳି ଓ ତୋପର ମିଳିତ ଧ୍ୱନିରେ ତାଙ୍କର ଛାଇ ନିଦ ଭାଙ୍ଗିଗଲା । ଆଖି ମଳିମଳି ସେ ବିଛଣା ଉପରେ ଉଠି ବସିଲେ । ରାତିର ଶାନ୍ତ, ନୀରବ ମୁହୂର୍ତ୍ତ "ଜୟ ସ୍ୱାଧୀନ ଭାରତ କୀ ଜୟ"ର ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

ରାୟବାହାଦୁର ବିଛଣା ଛାଡ଼ି ଉଠିଲେ । ବାହାରେ କୋଳାହାଳ କ୍ରମେ ବଢୁଛି । ରାୟବାହାଦୁର ଗୋଟି ଗୋଟି କରି ଘରର ଝରକା କବାଟ ବନ୍ଦ କରି ଦେଲେ ।

ଝରକା କବାଟ ବନ୍ଦ କରି ସେ କୋଳାହଳ ରୁଦ୍ଧ କରି ହୁଏ ନାହିଁ । ରାୟବାହାଦୁର ଦୁଇ କାନରେ ଦୁଇଟି ଆଙ୍ଗୁଠି ଚାପି ଧରିଲେ, ତଥାପି ସେ କୋଳାହଳରୁ ନିଷ୍କୃତି ନାହିଁ । ବନ୍ଧୁକର ଗୁଳି ପରି ଜୟଧ୍ୱନିର ସେ ଶବ୍ଦ ଯେପରି ବୃଦ୍ଧ ରାୟବାହାଦୁରଙ୍କ ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥି ଖଣ୍ଡ ଚୂର୍ଣ୍ଣ କରିଦେଉଛି ।

ରାୟବାହାଦୁର କ୍ଷିପ୍ତ ପରି ଘରର ଝରକା କବାଟଗୁଡ଼ାକ ଖୋଲି ଦେଲେ । ବାହାରର କୋଳାହଳ ଝଡ଼ ପରି ଘର ଭିତରର ପ୍ରତ୍ୟେକ କୋଣ ଥରାଇ ଦେଇଗଲା ଯେପରି ।

ପଟୁଆରର ଅଗ୍ରଣୀ ତାଙ୍କର ପରଲୋକଗତ ଜ୍ୟେଷ୍ଠ ପୁତ୍ରର ପୁତ୍ର ବିଜୟ । ହାତରେ ତା'ର ସ୍ୱାଧୀନ ଭାରତର ଏକ ପ୍ରକାଣ୍ଡ ତ୍ରିରଙ୍ଗା ପତାକା ।

ରାୟବାହାଦୁର୍ ଝରକା ପାଖକୁ ଚାଲିଆସି କାନ୍ଥର ସୁଇଚ୍ ମାରି ଆଲୁଅ ଜଳାଇଲେ । ତା'ପରେ ତକିଆ ତଳୁ ଗୋଟାଏ ଚାବିଲେନ୍ଥା କାଢ଼ି ଘରର ଗୋଟାଏ କୋଣରେ ଡ୍ରୟାରଚେଷ୍ଟ'ର ଗୋଟାଏ ଡ୍ରୟାର ଫିଟାଇଲେ । ଏଇ ଡ୍ରୟାରଚେଷ୍ଟଟି ତାଙ୍କର ଏକାନ୍ତ ନିଜସ୍ୱ । ଏହାର ଚାବି ସେ ଭୁଲ୍‌ରେ ସୁଦ୍ଧା କାହା ହାତରେ ଦେଇନାହାନ୍ତି କେବେ ।

ରାୟବାହାଦୁର୍ ଡ୍ରୟାର ଭିତରୁ କାଢ଼ିଲେ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ୍ । ଗୋଟାଏ ଭେଲଭେଟ୍ ବାକ୍‌ସରେ ଅତି ଯତ୍ନରେ ଥିଲା ସେ ଫଟୋ ଖଣ୍ଡିକ ।

ଅରୁଣର ସେହି ପ୍ରତିଭାଦୀପ୍ତ ଆଦର୍ଶୋଜ୍ଜ୍ୱଳ ଚେହେରା । ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପୋଷାକ ।

ହଠାତ୍ ମନେ ହେଲା, ବିଦ୍ୟୁତ୍‌ର ଆଘାତରେ ରାୟବାହାଦୁର ଯେପରି ଟଳି ପଡ଼ିଲେ । ତାଙ୍କ କମ୍ପିତ ହାତରୁ ସେ ଫଟୋଟି ତଳେ ଖସିପଡ଼ିଲା ।

ମୁହୂର୍ତ୍ତକ ଭିତରେ ପ୍ରକୃତିସ୍ଥ ହୋଇ ରାୟବାହାଦୁର୍ ଫଟୋଟି ତଳୁ ଉଠାଇ ନେଇ ପୁଣି ସେ ଭେଲ୍‌ଭେଟ୍ ବାକ୍ସ ଭିତରେ ରଖିଦେଲେ । ତା'ପରେ ଡ୍ରୟାର ଭିତରୁ କାଢ଼ିଲେ ଗୁଡ଼ାଏ ମେଡାଲ୍ ଆଉ ସନନ୍ଦପତ୍ର । ସନନ୍ଦପତ୍ରଗୁଡ଼ିକ ଉପରେ କେମିତି ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଗଲାଣି । ରାୟବାହାଦୁର୍ ମୂକ ପରି ଚାହିଁ ରହିଲେ ଏକଦା ବିଜୟୋଜ୍ଜ୍ୱଳ ସେଇ ପ୍ରାଣହୀନ ସ୍ମାରକଗୁଡ଼ିକୁ ।

ଗୋଟିଏ ସନନ୍ଦ ରାୟବାହାଦୁର କମ୍ପିତ ହାତରେ ପଢ଼ିବାକୁ ଲାଗିଲେ । ୧୯୨୩ ସାଲରେ ବ୍ରିଟିଶ ସମ୍ରାଟଙ୍କ ଦ୍ୱାରା ସେ ସନନ୍ଦ ପ୍ରଦତ୍ତ ହୋଇଥିଲା ଦରବାର ଉପଲକ୍ଷ୍ୟରେ । ସେଥିରେ ଲେଖାଅଛି... "ବ୍ରିଟିଶ ସିଂହାସନ ପ୍ରତି ଆପଣଙ୍କର ନିଷ୍ଠା ଏବଂ ଅନୁରକ୍ତି ମହାମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ ଆପଣ ନିଜର..."

ରାୟବାହାଦୁର୍‌ଙ୍କ ଦୁଇଆଖି ଆଗରେ କିଏ ଯେମିତି ଟାଣି ଦେଇଥିଲା କୁହୁଡ଼ିର ଗୋଟିଏ ପର୍ଦ୍ଦା । ହାତରୁ ତାଙ୍କର ଖସିପଡ଼ିଲା ସେ ସନନ୍ଦପତ୍ର ।

X X X X

ସେ ଆଜିକି ପଚିଶ ବର୍ଷ ତଳେ ...

ଚଉରୀଚଉରାର ବିପ୍ଳବ ପରେ ଭାରତର ମନ୍ଥର ଜାତୀୟ ଆନ୍ଦୋଳନର ଜଡ଼ନାଟିକାରେ ଜାଗିଛି ଏକ ନୂତନ ସ୍ପନ୍ଦନ । ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଛି ଏକ ନୂତନ ଆଭିଜାତ୍ୟ ।

ସେତେବେଳକୁ ପୁଲିସ୍‌ରେ ସେ ଜଣେ ଅସ୍ଥାୟୀ ଇନ୍‌ସ୍‌ପେକ୍ଟର ମାତ୍ର ।

X X X X

"ବନ୍ଦେ ମାତରମ୍ !

ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍, ବନ୍ଦେ..."

ରାୟବାହାଦୁର୍ ଚମକି ପଡ଼ିଲେ । ଅରୁଣ କଣ୍ଠରେ ଏ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଠିକ୍ ଏହିପରି ଶୁଭୁଥିଲା ।

ରାୟବାହାଦୁର୍ ଛୁଟିଗଲେ ଖୋଲା ଝରକା ପାଖକୁ । କ୍ରମେ "ବନ୍ଦେ ମାତରମ୍"ର ଐକତାନ ଗାନ ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ଯାଉଛି ।

X X X X

ତା'ପରେ -

"ଅରୁଣ, ତୁମେ ଅନ୍ୟାୟ କରୁଛ । ବ୍ରିଟିଶ ସରକାରଙ୍କ ବିରୋଧରେ ତୁମର ଏ ଦ୍ରୋହାଚାର କେବଳ ଅନ୍ୟାୟ ନୁହେଁ ..."

"ମୋତେ କ୍ଷମା କରନ୍ତୁ । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି - ଭାରତର ପବିତ୍ରତମ ଦାବି । ଆପଣ କ'ଣ ଭାରତୀୟ ନୁହନ୍ତି ବାପା, ନା ବ୍ରିଟିଶ ସରକାରଙ୍କ ଗୋଲାମି ଆପଣଙ୍କ ଦେହରୁ ..."

"ଅରୁଣ !" ଚିତ୍କାର କରି ଉଠିଲେ ସେଦିନ ଭାବୀ ଆଇ:ପି:ରାୟବାହାଦୁର୍, ସି.ବି.ଇ. ଓ ବି.ଇ., କେ.ସି. ଆଇ.ଇ...

"ଅରୁଣ ! ଏ ମୋର ଆଦେଶ !"

"ଅନ୍ୟାୟ ଆଦେଶ ମୁଁ ସ୍ୱୀକାର କରିବି ନାହିଁ କେବେ ।"

ରାୟବାହାଦୁର୍ କ୍ଷିପ୍ତପରି ଚାବୁକ୍‌ରେ ଆଘାତ କଲେ ଅରୁଣକୁ ।

ଅରୁଣ ତଥାପି ଅବିଚଳିତ କଣ୍ଠରେ ଜବାବ ଦେଇଥିଲା, "ଆପଣ ଅନ୍ୟାୟ କରୁଛନ୍ତି ବାପା !"

ରାୟ ବାହାଦୁରଙ୍କ ସ୍ତ୍ରୀ ହେମମାଳା ରନ୍ଧାଘର ଭିତରୁ ଉଠି ଆସି, ବାପ ପୁଅଙ୍କ ମଝିରେ ଠିଆ ହୋଇ ଅନୁଯୋଗର ସ୍ୱରରେ କହିଲେ- "ଏ କ'ଣ କରୁଚ ତୁମେ ?"

ରାୟବାହାଦୁର୍ ଚିତ୍କାର କରି ଉଠିଲେ - "ଯାଅ ତୁମେ ! ବାହାରର କଥା ନେଇ ମୁଣ୍ଡ ଖେଳେଇବାରେ ତୁମର କିଛି ଦରକାର ନାହିଁ । ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକ୍‌ହାରାମି ଅସମ୍ଭବ ।"

ରାୟବାହାଦୁର୍ ଆଦେଶ ଦେଲେ - "ଏଇ ମୁହୂର୍ତ୍ତରେ ତୁମେ ବାହାରିଯାଅ ଅରୁଣ । ତୁମେ ମୋର ତ୍ୟଜ୍ୟପୁତ୍ର ।"

ଅରୁଣ ସେଇଦିନୁ ଯାଇଛି; ଆଉ ଭୁଲରେ କେବେ ଫେରିନି ।

X X X X

ବାହାରେ କୋଳାହଳ ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଇଛି । ରାତିର ଲକ୍ଷ ଝିଙ୍କାରି କଣ୍ଠରେ ସେଇ ଝିଁ ଝିଁ ସ୍ୱରରେ ରାତିର ନୀରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇଉଠିଛି ।

ରାୟବାହାଦୁର୍ ଉତ୍‌କଣ୍ଠିତ ହୋଇ ଶୁଣୁଥିଲେ । ଅନେକ ରାତିରେ ଏମିତି ଶୁଣନ୍ତି; କେବେ କେବେ ଅଧରାତିରେ ଯଦି ନିଦ ଭାଙ୍ଗିଯାଏ ।

କୋଉଠି କିଏ ଯେପରି କାନ୍ଦୁଛି - ସଦ୍ୟ ବିଧବାର ବୁକୁଚିରା ସେ କାନ୍ଦ । ତାଙ୍କର ପୁତ୍ରବଧୂ ଅପର୍ଣ୍ଣା ଏମିତି ଦିନେ କାନ୍ଦିଥିଲା ।

ପୁଲିସ୍ ସାହେବର ହୁକୁମ - "ଦେଖ ମହାପାତ୍ର, ତୁମେ ଭାରି ପାରିବାର ଲୋକ । ଅନେକ ବଡ଼ ବଡ଼ କଥା ତୁମେ ଚଳେଇ ନେଇଛ । ଆଜି ଏକ ବିରାଟ ଜନତା ଆସୁଛି ସହରର ଥାନା, କଚେରୀ ଆକ୍ରମଣ କରିବା ପାଇଁ । ସେମାନଙ୍କୁ ସାଫ୍ କରିବାର ଦାୟିତ୍ୱ ତୁମର ।"

ରାୟବାହାଦୁର ନାଟକୀୟ ଭଙ୍ଗିରେ କୁର୍ଣ୍ଣିଶ୍ ଜଣାଇଥିଲେ ।

- ପୁଲିସ ଥାନା ଆଗରେ ବିରାଟ ଜନତା । ସମସ୍ତେ ନିରସ୍ତ୍ର । ସାମ୍ନାରେ ସେମାନଙ୍କର ସଶସ୍ତ୍ର ପୁଲିସ ବାହିନୀ । ବନ୍ଧୁକର ବାୟୋନେଟ୍‌ରେ ଖରାପଡ଼ି ଚକ୍ ଚକ୍ କରୁଛି ।

ରାୟବାହାଦୁର୍ ଚିତ୍କାର କରୁଥା'ନ୍ତି, "ହଟୋ ! ହଟୋ ଶାଲେ ଲୋକ୍ !"

ଟିପ୍ପଣୀ

ଜନତା କୁହାଟୁଥାଏ - "ବନ୍ଦେ ମାତରମ୍ !"

ଲାଠିଚାର୍ଜର ହୁକୁମ ଆସିଲା ।

ତଥାପି ଜନତା ପୃଷ୍ଠଭଙ୍ଗ ଦେଲା ନାହିଁ । ବିଶୃଙ୍ଖଳ ଜନତା ଭିତରେ କୁଆଡୁ ଅରୁଣ ଆସି ଚିତ୍କାର କରି ଉଠିଲା, "ଏ ଲାଠିମାଡ଼ ଅନ୍ୟାୟ; କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ - ବନ୍ଦେ ମାତରମ୍ !"

ଝଞ୍ଝାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ମଧ୍ୟରେ ଜନତା ଭୀଷଣ ଭୟଙ୍କର ହୋଇ ଉଠିଲା ।

ସୋମନାଥ ହାତର ପିସ୍ତଲ ଉପରକୁ ଉଠାଇଲେ । ପିତା ପୁତ୍ର ଶେଷ ସାକ୍ଷାତ ।

ଅରୁଣ ଅବିଚଳିତ କଣ୍ଠରେ ନିର୍ଦ୍ଦେଶ ଦେଲା, "ଭୟ ନାହିଁ, ଭୟ ନାହିଁ ଭାଇମାନେ ! ଶ୍ରୀରାମଚନ୍ଦ୍ର କମଳ ନୟନର ନୀଳୋତ୍ପଳରେ କରିଥିଲେ ଦେବୀ ଆରାଧନା ! ଆମର -"

ଜନତାର କୁହାଟରେ ଶତସିଂହ ଗର୍ଜ୍ଜନ କରିଉଠିଲା । କେତେଜଣ ଏହା ଭିତରେ ଯାଇ ଫ୍ଲାଗଷ୍ଟାଫ୍ ଭାଙ୍ଗି ଉଡୁଥିବା ୟୁନିୟନ ଜାକ୍‌କୁ ଚିରି ଦେଲେଣି ।

ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା । ହାୟ ଭଗବାନ ! ସେ ଚାହିଁଥିଲେ ଖାଲି ଫାଙ୍କା ଆୱାଜ କରିବାକୁ । କିନ୍ତୁ... କିନ୍ତୁ... ଅରୁଣର ରକ୍ତାକ୍ତ ଶବ ତଳେ ଖସିପଡ଼ିଲା ।

"ସାବାସ୍ ମହାପାତ୍ର ! ବ୍ରିଟିଶ ସମ୍ରାଟ ଏ ଅତୁଳନୀୟ କର୍ତ୍ତବ୍ୟନିଷ୍ଠାର ମହତ୍ତ୍ୱକୁ ଯଥାଯୋଗ୍ୟ ପୁରସ୍କୃତ କରିବେ ।"

ସେଦିନ ରାତିରେ ଅପର୍ଣ୍ଣାର ହାତରୁ କାଚ ଭାଙ୍ଗିଲାବେଳେ ... ଉଃ, ନାରାୟଣ ! ନାରାୟଣ !

ତା'ପରଦିନ ସୋମନାଥ ହେଲେ ଇନ୍‌ସପେକ୍ଟର ।

ତା'ପରେ ସେମାନାଥଙ୍କ ଘରକୁ ଅର୍ଥ ଆସିଛି, ପ୍ରତିପତ୍ତି ଆସିଛି, ମର୍ଯ୍ୟାଦା ଆସିଛି; କିନ୍ତୁ ମା' ଲକ୍ଷ୍ମୀ ନେଇଛନ୍ତି ଚିର ବିଦାୟ ।

ଜୀବନର ଗତ ଏ ପଚିଶ ବର୍ଷ ଭିତରେ ସେ ନିଜକୁ ନିଜେ କ୍ଷମା ଦେଇ ଆସିଛନ୍ତି - ଏ ପୁତ୍ରହତ୍ୟା, କର୍ତ୍ତବ୍ୟର ସାଧନା ନିର୍ମମ ହୋଇପାରେ; ମାତ୍ର ଅନ୍ୟାୟ ନୁହେଁ ।

ରାୟବାହାଦୁର୍ ହଠାତ୍ ଚମକି ଉଠିଲେ ଘର ଭିତରେ ଶଙ୍ଖଧ୍ୱନି ଶୁଣି । ହେମମାଳା ଦୋତାଲା ବାରଣ୍ଡାରେ କେତେବେଳେ ଗୋଟିଏ ତ୍ରିରଙ୍ଗା ପତାକା ଉଡ଼ାଇ, ପାଦ ତଳେ ତା'ର ଦୀପ ଜାଳି ଶଙ୍ଖଧ୍ୱନି କରୁଛନ୍ତି ।

ରାୟବାହାଦୁର୍ ପାଗଳ ପରି ଯାଇ ହେମମାଳାଙ୍କ ହାତରୁ ଶଙ୍ଖଟା ଛଡ଼େଇ ନେଇ କହିଲେ, "ଏ କ'ଣ କରୁଛ ତୁମେ ?"

ହେମମାଳା ଚିତ୍କାର କରିଉଠିଲେ, "ମୋତେ ଛୁଅଁନା, ଛୁଅଁନା ତୁମେ । ମୋ ଅରୁ ଫେରି ଆସିଛି ମୋ କୋଳକୁ ।"

ହେମମାଳା ଭୋ ଭୋ ହୋଇ କାନ୍ଦି ଉଠିଲେ । ଏମିତି କାନ୍ଦ ସେ କାନ୍ଦି ନାହାନ୍ତି ଗତ ପଚିଶ ବର୍ଷ ଭିତରେ କେବେ ।

ଟିପ୍ପଣୀ

ପତାକା ଉତ୍ତୋଳନ

ରାୟବାହାଦୁର୍‌ଙ୍କ ଦୁଇ ଆଖିରେ ମଧ୍ୟ ପାଣି ଜମି ଆସୁଥିଲା । ସେ ତ୍ରିରଙ୍ଗା ପତାକାକୁ କାଢ଼ି ଫିଙ୍ଗି ଦେଇ କହିଲେ, "ଯେଉଁ ୟୁନିୟନ୍ ଜାକ୍ ପାଇଁ ଅରୁକୁ ଖୁନ୍ କରିଛି, ସେ ପତାକାର ପତନ ଅସମ୍ଭବ ।"

ହେମମାଳା ଦର୍ପିତାର କଣ୍ଠରେ କହିଲେ, "ଯୋଉ ପତାକା ପାଇଁ ଅରୁ ପ୍ରାଣବଳି ଦେଇଛି, ସେ ପତାକା ଯୁଗେ ଯୁଗେ ରହିବ ଉନ୍ନତ ହୋଇ ।"

ହେମମାଳା ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ । ରାୟବାହାଦୁର୍ ଭିତରକୁ ଯାଇ ଅନେକ ଦିନର ସାଇତା ସିଲ୍‌କର ଗୋଟିଏ ୟୁନିୟନ୍ ଜାକ୍ ପତାକା କାଢ଼ି ଉଡ଼ାଇଲେ ସେଇ ତ୍ରିରଙ୍ଗା ପତାକା ସ୍ଥାନରେ ।

ତା' ପରଦିନ ସକାଳ ।

ସାରା ରାତି ସୋମନାଥଙ୍କୁ ନିଦ ନାହିଁ । ଅତି ସତର୍କ ପ୍ରହରୀ ପରି ସେ ରାତି ଚେଇଁ ବସିଛନ୍ତି ସେଇ ୟୁନିୟନ୍ ଜାକ୍ ପତାକା ପାଖରେ । ତା' ତଳେ ହେମମାଳାଙ୍କର ଦୀପ କେତେବେଳଠୁ ନିଭିଯାଇଛି ।

ରାତି ସାରା ସ୍ୱାଧୀନତା ଉତ୍ସବରେ ମାତି ଘରକୁ ଫେରିଲା ବିଜୟ ।

ଘରେ ପାଦ ଦେଇ ଏ ବିଚିତ୍ର ଦୃଶ୍ୟରେ ସେ ସ୍ତମ୍ଭିତ ହୋଇଗଲା । ମୁହୂର୍ତ୍ତକରେ ଜଡ଼ତା କଟିଯିବା ପରେ ବିଜୟ ପଚାରିଲା-

"ଏ କ'ଣ ହେଉଛି ଜେଜେ ? ଆଜି ୟୁନିୟନ୍ ଜାକ୍..."

ରାୟବାହାଦୁର୍ କହିଲେ- "ଦୁନିଆ ନିମକ୍‌ହାରାମ ହୋଇପାରେ ବିଜୁ, କିନ୍ତୁ ମୁଁ ନୁହେଁ ।"

ବିଜୁ ଦୃଢ଼ କଣ୍ଠରେ ପ୍ରତିବାଦ କଲା- "ଏ ପତାକା ଏଠି ଉଡ଼ିପାରିବ ନାହିଁ ଜେଜେ !"

ରାୟବାହାଦୁର୍ କହିଲେ - "ଅଲ୍‌ବତ୍ ଉଡ଼ିବ, ମୁଁ ବଞ୍ଚିଥିବା ଯାଏ ଉଡ଼ିବ । ଏ ଘର ମୋର ।"

ପତାକାଟାକୁ ଝାମ୍ପି ଉଠାଇ ନେଇ ବିଜୟ କହିଲା - "ଏ ଦେଶ ଆମର । ବ୍ରିଟିଶ ଗୋଲାମ ପାଇଁ ସ୍ଥାନ ଏଠି ନାହିଁ ।"

ସୋମନାଥ ବିଜୟ ହାତରୁ ସେ ୟୁନିୟନ୍ ଜାକ୍‌କୁ ଛଡ଼ାଇ ନେବାକୁ ଲାଗିଲେ । ଅତି ଅସ୍ୱାଭାବିକ ଭାବରେ ସେ ହୋଇ ଉଠିଛନ୍ତି ହିଂସ୍ର ଓ ଉତ୍‌କ୍ଷିପ୍ତ ।

ବିଜୟ ହାତରେ ଠେଲି ଦେଲା ତାଙ୍କୁ । ସୋମନାଥ ଶିଡ଼ିରେ ଗଡ଼ି ଗଡ଼ି ପଡ଼ିଲେ ଯାଇ ତଳ ମହଲାର ଚଟାଣରେ । ମୁଣ୍ଡ ଓ କାନ ଫାଟି ଯେମିତି ରକ୍ତର ସୁଅ ଛୁଟିଲା ।

ବିଜୟ ତାଙ୍କ ଉପରେ ଝୁଙ୍କି ପଡ଼ି ଅପରାଧୀର କଣ୍ଠରେ ଡାକିଲା - "ଜେଜେ !"

ସୋମନାଥ କ୍ଷୀଣ କଣ୍ଠରେ କହିଲେ - "ତୋତେ ଆଶୀର୍ବାଦ କରୁଛି ବିଜୁ, ମୁଁ ବେଶ୍ ଶାନ୍ତିରେ ମରିପାରିବି ଏଥର । ଏହି ପତାକା ପାଇଁ ତୁ ତୋ ବୁଢ଼ା ଜେଜେକୁ ମଧ୍ୟ ଆଘାତ କରିଛୁ । ଅଥଚ ଭାବୁଚି, ଏ ପତାକା କଅଣ ? ଖଣ୍ଡେ ରଙ୍ଗିନ୍ କନା ... ରଙ୍ଗ ଛାଡ଼ିଯିବ ତା'ର । ତଥାପି ତୋର ପତାକାର ଜୟ ହେଉ । ହେମ ..."

ଟିପ୍ପଣୀ

ପାଟି ପଡ଼ିଗଲା । ଆଖି ଦୁଇଟା ଶେତା ହୋଇ ଆସୁଛି । ଦୁଇଜଣ ଚାକର ମୁମୂର୍ଷୁ ରାୟବାହାଦୁରଙ୍କୁ ଟେକି ନେଇଗଲେ ଉପରକୁ ।

ବିଜୟ ପ୍ରାଣହୀନ ପାଷାଣ ପରି ଚାହିଁ ରହିଥାଏ ପ୍ରଭାତର ସୂର୍ଯ୍ୟୋଦ୍ଦୀପ୍ତ ଆକାଶ ଆଡ଼େ । ଭାଦ୍ରବ ଆକାଶର ମେଘହୀନ ସୁନୀଳ ପଟ୍ଟଭୂମିରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉଡୁଛି ଫର ଫର ହୋଇ ।

୨.୫ ଗଳ୍ପଟିକୁ ବୁଝିବା ପାଇଁ

ଗଳ୍ପଟି ତୁମକୁ ଭଲ ଲାଗିଲା । କାରଣ ଏଥିରେ ଗୋଟିଏ ବଳିଷ୍ଠ କଥାବସ୍ତୁ ଅଛି । ପ୍ରଭାବଶାଳୀ ଚରିତ୍ରମାନଙ୍କର ଜୀବନ୍ତ ବର୍ଣ୍ଣନା ରହିଛି ଆଉ ତା ସାଙ୍ଗକୁ ଲେଖକଙ୍କର ଉତ୍କଣ୍ଠାପୂର୍ଣ୍ଣ ବର୍ଣ୍ଣନା ଶୈଳୀ ବି ରହିଛି । ସେଥିପାଇଁ ଗଳ୍ପଟି ମନକୁ ଛୁଇଁଗଲା । ଏବେ ଗଳ୍ପର ଏହି ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ କିଛି ଚର୍ଚ୍ଚା କରିବା ।

କାହାଣୀ :

'ପତାକା ଉତ୍ତୋଳନ' ଗଳ୍ପଟି ଗୋଟିଏ ପାରିବାରିକ କାହାଣୀ, ମାତ୍ର ଏହି କାହାଣୀ ଗଢ଼ି ଉଠିଛି ଦେଶର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ।

ଇଂରେଜ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ବେଳେ ଚଉରିଚଉରାଠାରେ ହିଂସା ଦେଖାଦେବାରୁ ଆନ୍ଦୋଳନକୁ ବନ୍ଦ କରାଗଲା । ଏଥିରେ ଅସନ୍ତୁଷ୍ଟ ହୋଇ କିଛି କ୍ରାନ୍ତିକାରୀ ତରୁଣ ଅସ୍ତ୍ର ଜରିଆରେ ଆନ୍ଦୋଳନ ଚଳାଇବାରୁ ଦେଶର ଯୁବକମାନଙ୍କ ମନରେ ତାହା ପ୍ରବଳ ଉତ୍ସାହ ଆଣିଦେଲା । ପୋଲିସ ସବ୍‌ଇନ୍‌ସପେକ୍ଟର ସୋମନାଥ ମହାପାତ୍ରଙ୍କ ପୁଅ ଅରୁଣ ଥିଲା ସେଥିମଧ୍ୟରୁ ଜଣେ । ସେମାନେ ବିଦେଶୀ ସରକାରଙ୍କୁ ଶାସ୍ତି ଦେବାପାଇଁ ଉଦ୍ୟମ କରୁଥାନ୍ତି । ବାପା ପୋଲିସ୍, ପୁଅ ସଂଗ୍ରାମୀ । ତେଣୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଛି । ସୋମନାଥ ମହାପାତ୍ର ଇଂରେଜ ସରକାରଙ୍କ ବେତନଭୋଗୀ କର୍ମଚାରୀ ତେଣୁ ସେ ଇଂରେଜ ସମର୍ଥକ, କିନ୍ତୁ ଅରୁଣ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ଭାବରେ ଇଂରେଜ ସରକାରଙ୍କ ବିରୋଧୀ । ତେଣୁ ସୋମନାଥ ମହାପାତ୍ର ପୁଅକୁ ଚୁପ୍ ରହିବା ପାଇଁ ବାଧ କରନ୍ତି । ଅରୁଣ ବାପାଙ୍କୁ ସମ୍ମାନ କରେ କିନ୍ତୁ ଦେଶର ସ୍ୱାଧୀନତାପାଇଁ ସେ ଜୀବନକୁ ପାଣି ଛଡ଼ାଇଥିବାରୁ ତାଙ୍କ ଆଦେଶ ପାଳନ କରିନାହିଁ, ଶେଷରେ ତ୍ୟଜ୍ୟପୁତ୍ର ହୋଇଛି । ବାପା, ମା, ଘର ଓ ପତ୍ନୀ ଅପର୍ଣ୍ଣାକୁ ଛାଡ଼ି ସେ ଚାଲି ଯାଇଛି ।

ସେଦିନ ଉତ୍ତ୍ୟକ୍ତ ଜନତା ଥାନାରେ ଉଡୁଥିବା ଇଂଲଣ୍ଡ ପତାକା ବଦଳରେ ଭାରତର ଜାତୀୟ ପତାକା ଉଡ଼ାଇବା ପାଇଁ ଆଗେଇ ଆସୁଥାନ୍ତି । ଅରୁଣ ସେମାନଙ୍କ ନେତୃତ୍ୱ ନେଉଥାଏ । ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା । ଅରୁଣ ସହିଦ ହେଲା । ବିଦ୍ରୋହକୁ ପଣ୍ଡ କରିଥିବାରୁ ସୋମନାଥ ମହାପାତ୍ରଙ୍କ ପଦୋନ୍ନତି ହେଲା । ସରକାରଙ୍କ ପ୍ରତି ତାଙ୍କର ନିଷ୍ଠା ଓ ଅନୁରକ୍ତି ଯୋଗୁଁ ସରକାର ତାଙ୍କୁ ପ୍ରଶଂସାପତ୍ର ଦେଲେ ରାୟବାହାଦୁର ପଦବୀ ।

ଅରୁଣର ବଳିଦାନ ବୃଥାଗଲା ନାହିଁ । ଦେଶ ସ୍ୱାଧୀନ ହେଲା । ସେତେବେଳକୁ ରାୟବାହାଦୁର ସୋମନାଥ ମହାପାତ୍ର ଚାକିରୀରୁ ଅବସର ନେଇସାରିଥିଲେ । ମଧ୍ୟରାତ୍ରରେ ଶଙ୍ଖ ଘଣ୍ଟା ହୁଳହୁଳି ଓ ସ୍ୱାଧୀନ ଭାରତର ଜୟଗାନରେ ତାଙ୍କର ନିଦ ଭାଙ୍ଗିଗଲା । ସେ ଦେଖିଲେ ବିରାଟ ପଟୁଆରରେ ଲୋକେ ଚାଲିଛନ୍ତି ।

ଟିପ୍ପଣୀ

ପତାକା ଉତ୍ତୋଳନ

ସବା ଆଗରେ ଶହୀଦ ଅରୁଣର ପୁଅ ତାଙ୍କ ନାତି ବିଜୟ ହାତରେ ତା'ର ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା । ଏ ଥିଲା ବାହାରର ଦୃଶ୍ୟ । ହଠାତ୍ ଘର ଭିତରୁ ଶଙ୍ଖଧ୍ୱନି ଶୁଣି ରାୟବାହାଦୁର ଚମକି ପଡ଼ିଲେ । ତାଙ୍କ ପତ୍ନୀ ଦୋତାଲା ବାରଣ୍ଡାରେ ତ୍ରିରଙ୍ଗା ଉଡ଼ାଇ, ତା ତଳେ ଦୀପ ଜାଳି ଶଙ୍ଖ ବଜାଉଛନ୍ତି । ସ୍ୱାଧୀନତାକୁ ସ୍ୱାଗତ କରୁଛନ୍ତି । ରାୟବାହାଦୁରଙ୍କ ଦେହ ସହିଲା ନାହିଁ । ସେ ରାଗିଯାଇ ତାହା ବନ୍ଦ କଲେ ଓ ଗୋଟିଏ ଇଂଲଣ୍ଡ ପତାକା ସେଠାରେ ଉଡ଼ାଇ ତାକୁ ରାତି ସାରା ଜଗିବସିଲେ ।

ରାତିସାରା ସ୍ୱାଧୀନତା ଉତ୍ସବରେ ମାତି ସକାଳେ ବିଜୟ ଘରକୁ ଫେରିଲା । ଜେଜେଙ୍କର ଏ ପ୍ରକାର କାର୍ଯ୍ୟଦେଖି ବିସ୍ମିତ ହେଲା । ସ୍ୱାଧୀନ ଭାରତରେ ଇଂଲଣ୍ଡ ପତାକା ଉଡ଼ାଇବା ହାସ୍ୟାସ୍ପଦ ଓ ଅବାନ୍ତର ହୋଇଥିବାରୁ ସେ ଜେଜେଙ୍କୁ ପ୍ରତିବାଦ କଲା । ଉତ୍ତରରେ ରାୟସାହେବ କହିଲେ ସେ ବଞ୍ଚିଥିବା ଯାଏଁ ଇଂଲଣ୍ଡର ପତାକା ଉଡ଼ାଇବେ । ବିଜୟ ପତାକା ଛଡ଼ାଇ ଦେବାକୁ ଉଦ୍ୟମ କରିବାରୁ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ଠେଲାପେଲା ହେଲା । ସେଥିରେ ରାୟବାହାଦୁର ଭାରସାମ୍ୟ ହରାଇ ଶିଢ଼ି ପାହାଚରେ ଗଡ଼ିଗଡ଼ି ତଳେ ପଡ଼ିଲେ । ତାଙ୍କ ମୁଣ୍ଡ ଫାଟିଗଲା । ଯାହାକୁ ସେ ବିରୋଧ କରୁଥିଲେ ସ୍ୱାଧୀନ ଭାରତର ପତାକା ଫରଫର ହୋଇ ଉଡୁଥିଲା ଆକାଶରେ । ସ୍ୱାଧୀନତା ମାନବର ଜନ୍ମସିଦ୍ଧ ଅଧିକ - ତାଙ୍କ ପୁଅ ଅରୁଣର ଚିନ୍ତାଧାରା ସତ୍ୟ ହେଲା ।

ଚରିତ୍ର :

'ପତାକା ଉତ୍ତୋଳନ' ଗଳ୍ପରେ ମୁଖ୍ୟ ଚରିତ୍ର ଅବସରପ୍ରାପ୍ତ ପୋଲିସ ଅଫିସର ରାୟବାହାଦୁର୍ ସୋମନାଥ ମହାପାତ୍ର । ତାଙ୍କୁ କେନ୍ଦ୍ର କରି ଆତଯାତ ହୋଇଛନ୍ତି ଅରୁଣ, ହେମମାଳା ଓ ବିଜୟ ପ୍ରଭୃତି । ରାୟବାହାଦୁରଙ୍କ ଚରିତ୍ରରେ ଏକାଧିକ ଗୁଣ ରହିଛି, ମାତ୍ର ସେଗୁଡ଼ିକୁ ଗ୍ରାସ କରିଛି ଗୋଟିଏ ମାତ୍ର ପୁଅ । ସେ ଜଣେ ବାପା । ଅରୁଣ ତାଙ୍କର ଏକମାତ୍ର ପୁଅ । କିନ୍ତୁ ପୁଅ ପ୍ରତି ଯେତିକି ସମ୍ବେଦନଶୀଳ ହେବା କଥା ତାହା ସେ ହୋଇନାହାନ୍ତି । ଠିକ୍ ସେମିତି ସେ ଭାରତୀୟ ହେଲେ ମଧ୍ୟ ଦେଶାତ୍ମବୋଧ ମଧ୍ୟ ତାଙ୍କର ନାହିଁ । ସେ ଇଂରେଜ ସରକାରଙ୍କ ଚାକିରିଆ । ତାଙ୍କର ଦାନା ଖାଇ ଜୀବନ ନିର୍ବାହ କରୁଛନ୍ତି ବୋଲି ସରକାରଙ୍କ ଅନୁଗତ ରହିଛନ୍ତି । ଏହି ଆନୁଗତ୍ୟ ତାଙ୍କର ଅନ୍ୟ ଦୁଇ ଭାବନାକୁ ଚାପି ଦେଇଛି । ତାଙ୍କର ସମସ୍ତ କାର୍ଯ୍ୟକଳାପ ମୂଳରେ ରହିଛି ଇଂରେଜ ଆନୁଗତ୍ୟ ।

ପଚିଶ ବର୍ଷ ତଳର କଥା । ପୁଅ ଅରୁଣ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲା । ରାୟବାହାଦୁର ତାକୁ ବାଟକୁ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ସଂଗ୍ରାମ ବଦଳରେ ସମର୍ଥକ ହେବାପାଇଁ ପ୍ରବର୍ତ୍ତାଇଛନ୍ତି । ତାଙ୍କ ମତରେ ଇଂରେଜ ସରକାରଙ୍କ ଦାନାରେ ତାଙ୍କ ପରିବାର ପ୍ରତିପାଳିତ ହୁଏ । ତେଣୁ ତାଙ୍କ ପ୍ରତି ବିଦ୍ୱେଷୀ ଭାବ ଅନୁଚିତ । ଅରୁଣ ତାଙ୍କ କଥା ନ ମାନିବାରୁ ସେ ତାକୁ ତ୍ୟଜ୍ୟପୁତ୍ର କରିଛନ୍ତି । ପୁଅ ଅପେକ୍ଷା ତାଙ୍କ ନିକଟରେ ଆନୁଗତ୍ୟ ବଡ଼ । ସେଦିନ ଅରୁଣର ନେତୃତ୍ୱରେ ବିପ୍ଳବୀମାନେ ଥାନାରେ ଉଡୁଥିବା ବ୍ରିଟିଶ୍ ପତାକା ହଟାଇ ଭାରତୀୟ ପତାକା ଉଡ଼ାଇବା ପାଇଁ ଉଦ୍ୟମ କରୁଥିଲାବେଳେ ସେ ଗୁଳି ଚଳାଇଛନ୍ତି । ଫଳରେ ତାଙ୍କ ପୁଅ ସହିଦ ହୋଇଛି । ସରକାର ତାଙ୍କର ଏ ଆନୁଗତ୍ୟକୁ ପୁରସ୍କୃତ କର । ଚାକିରୀରେ ପଦୋନ୍ନତି ହେଲା । ସେ ଶୀର୍ଷରେ ପହଞ୍ଚିଲେ । ରାୟବାହାଦୁର ଉପାଧି ମଧ୍ୟ ମିଳିଥିଲା ।

ଶବ୍ଦାର୍ଥ :

କ୍ଷୁବ୍ଧ - ଅଶାନ୍ତ
କ୍ଷିପ୍ତ - ପାଗଳ
ପରଲୋକଗତ - ମୃତ
ଡ୍ରୟାର ଚେଷ୍ଟ - ଆଲମାରୀ
ଅସହଯୋଗକାରୀ- ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର କର୍ମୀ
ପ୍ରକୃତିସ୍ଥ - ସଚେତନ
ସନନ୍ଦ ପତ୍ର - ପ୍ରଶଂସାପତ୍ର
ମନ୍ଥର - ଧୀର, ନରମ
ଜଡ଼ - ଜୀବହୀନ
ନାଟିକା - ନାଡ଼ି
ସନ୍ତ୍ରାସବାଦ- ଦେଶ ବିରୋଧୀ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ
ଆଭିଜାତ୍ୟ-ଉଚ୍ଚବଂଶରେ ଜାତ
ଐକ୍ୟତାନ-ଏକ ସ୍ୱରରେ ଗାନ
ଦ୍ରୋହାଚାର-ବିରୋଧାଚରଣ
ନମକହାରାମି-କୃତଘ୍ନ / ଅକୃତଜ୍ଞ
ଗୋଲାମ-ଚାକର
ତ୍ୟଜ୍ୟପୁତ୍ର-ପୁତ୍ରକୁ ପରିତ୍ୟାଗ କରିବା
ପୁତ୍ରବଧୂ - ପୁଅର ସ୍ତ୍ରୀ

ଟିପ୍ପଣୀ

ଅରୁଣ ପ୍ରତି ତାଙ୍କର ଦୁର୍ବଳତା ଥିଲା । ବୋହୂ ଅପର୍ଣ୍ଣାର ବୈଧବ୍ୟ କାନ୍ଦଣା ତାଙ୍କୁ କଷ୍ଟ ଦିଏ । ଗୋଟିଏ ଭେଲଭେଟ ବାକ୍ସରେ ଅରୁଣର ଫଟୋ ରଖି ସେ ଲୁଚାଇ ଲୁଚାଇ ଦେଖୁଥିଲେ । କିନ୍ତୁ ଅରୁଣକୁ ମାରିଥିବାରୁ ସେ ଅନୁତାପ କରୁନଥିଲେ । ଭାବୁଥିଲେ ପୋଲିସ ଚାକିରୀ କରୁଥିବାରୁ ଥାନାକୁ ରକ୍ଷା କରିବା ଥିଲା ତାଙ୍କର କର୍ତ୍ତବ୍ୟ । କର୍ତ୍ତବ୍ୟ ପାଳନ କରି ସେ ପୁତ୍ରହତ୍ୟା କରିଛନ୍ତି । ଏହା ଅନ୍ୟାୟ ନୁହେଁ ।

ସେ ଜଣେ ଭାରତୀୟ, ଭାରତ ମାଟିରେ ଜନ୍ମ ନେଇ ତାହାରି ପାଣିପବନରେ ମଣିଷ ହୋଇଛନ୍ତି - ଏ ଭାବନା ରାୟବାହାଦୁରଙ୍କ ନ ଥିଲା । ଚାକିରୀ କାଳରେ ନଥିଲା କିନ୍ତୁ ଚାକରୀରୁ ଅବସର ପରେ ବିଦେଶୀଙ୍କ ପ୍ରତି ଅନ୍ଧ ମୋହ ତାଙ୍କର ତୁଟି ନଥିଲା । ଲୋକେ ମଧ୍ୟରାତ୍ରରେ ସ୍ୱାଧୀନତା ଉତ୍ସବ ପାଳନ କରୁଥିବା ଦେଖି ସେ ଖୁସି ହୋଇନାହାନ୍ତି । ସେ ଦୃଶ୍ୟ ତାଙ୍କୁ ଯନ୍ତ୍ରଣା ଦେଇଛି । ବନ୍ଦେ ମାତରମ୍ ଗୀତ ତାଙ୍କୁ ବିରକ୍ତି ଦେଇଛି । ଏପରିକି ପତ୍ନୀ ହେମମାଳା ତ୍ରିରଙ୍ଗା ଉଡ଼ାଇ ଶଙ୍ଖବଜାଇବାରୁ ସେ ତାହା ସହ୍ୟ କରିପାରି ନାହାନ୍ତି । ଇଂରେଜମାନଙ୍କ ପ୍ରତି ଏହା ଗୋଲାମି ନୁହେଁ ତ ଆଉ କ'ଣ । ତ୍ରିରଙ୍ଗା ଫିଙ୍ଗି ସେଠାରେ ସେ ୟୁନିୟନ ଜ୍ୟାକ୍ ଉଡ଼ାଇଛନ୍ତି । ସକାଳେ ଯଦି ବିଜୟ ଏହାର ପ୍ରତିବାଦ କରିବାରୁ ସେ ହିଂସ୍ର ଓ ଉତ୍କ୍ଷିପ୍ତ ହୋଇଛନ୍ତି । ଠେଲାପେଲାରେ ସିଡ଼ିରୁ ପଡ଼ି ମୁମୂର୍ଷୁ ହେଲାପରେ ସେ ଅନୁଭବ କରିଛନ୍ତି ପତାକାର ଅର୍ଥ କ'ଣ ? ତାହା ଖଣ୍ଡେ ରଙ୍ଗୀନ୍ କନା ନୁହେଁ । ତାହା ଭାରତୀୟମାନଙ୍କ ହୃଦୟର ସ୍ୱପ୍ନ । ସବୁଠାରୁ ଉର୍ଦ୍ଧ୍ୱରେ ତାର ସ୍ଥାନ । ଏଇ କଥାଟିକୁ ଅରୁଣ ବୁଝାଇବାକୁ ଚାହିଁଥିଲା, କିନ୍ତୁ ସେ ବୁଝିପାରିନଥିଲେ । ପତାକା ଗୋଲାମୀର ସଙ୍କେତ ନୁହେଁ ଦେଶାତ୍ମବୋଧ ଓ ଦେଶପ୍ରୀତିର ପ୍ରତୀକ ।

ବିଦେଶୀ ଶାସନ ଭାରତୀୟମାନଙ୍କୁ କିଭଳି ଗୋଲାମ କରିଥିଲା, ରାୟବାହାଦୁର ଚରିତ୍ର ତାହାର ଗୋଟିଏ ଉଦାହରଣ ମାତ୍ର ।

ବର୍ଣ୍ଣନା ଶୈଳୀ :

ବର୍ଣ୍ଣନା ଶୈଳୀ ଯୋଗୁଁ ଗଳ୍ପଟି ଆକର୍ଷଣୀୟ ହୁଏ । ଏହାର ଅଭାବରେ ଗଳ୍ପ ନିରସ ମନେହୁଏ । ପଢ଼ିବାପାଇଁ ଆଗ୍ରହ ଜନ୍ମେ ନାହିଁ ନଚେତ୍ ଅଧାରୁ ଆଗ୍ରହ ମରିଯାଏ । କିନ୍ତୁ 'ପତାକା ଉତ୍ତୋଳନ' ଗଳ୍ପର ବର୍ଣ୍ଣନାଶୈଳୀ ଚମତ୍କାର । ଏଥିପାଇଁ ଗଳ୍ପଟି ହୃଦୟକୁ ସ୍ପର୍ଶ କରେ ।

ଗଳ୍ପର କାହାଣୀ ଦୀର୍ଘ ପଚିଶ ବର୍ଷର ଘଟଣାକୁ ନେଇ । କିନ୍ତୁ ଗଳ୍ପରେ ସମୁଦାୟ ବର୍ଷର ବିବରଣୀ ଦିଆଯାଇ ନାହିଁ । ଏହା ଗଳ୍ପର ସୁଲକ୍ଷଣ ନୁହେଁ । ଗଳ୍ପ ଜୀବନର କେତୋଟି ମୁହୂର୍ତ୍ତକୁ ପ୍ରକାଶ କରିଥାଏ । ଏହି ଗଳ୍ପରେ ତାହା ପ୍ରୟୋଗ କରାଯାଇଥିବା ଲକ୍ଷ୍ୟକରାଯାଏ । ୧୯୪୭ ମସିହା ୧୪ ତାରିଖ ମଧ୍ୟରାତ୍ରରୁ ୧୫ ତାରିଖ ସକାଳ ପର୍ଯ୍ୟନ୍ତ ଏ ଗଳ୍ପର ବର୍ଣ୍ଣନା । ରାତି ଅଧରେ ଲୋକଙ୍କର ଉତ୍ସବ ପାଳନରେ ରାୟ ସାହେବଙ୍କ ନିଦ ଭାଙ୍ଗିଯାଏ । ତାପରଦିନ ସକାଳେ ନାତି ସହ ଠେଲାପେଲାରେ ସେ ତଳେ ପଡ଼ି ମୂର୍ଚ୍ଛା ଯାନ୍ତି । ଏହାରି ଭିତରେ ସୁନ୍ଦର ଭାବରେ ତାଙ୍କ ଜୀବନର ଦୀର୍ଘ ପଚିଶ ବର୍ଷର ଅନୁଭୂତି ବର୍ଣ୍ଣିତ ହୋଇଛି ।

ଗଳ୍ପର ବର୍ଣ୍ଣନା ଶୈଳୀ ଏକ ପ୍ରକାର କୌଶଳ । ଏକ ପ୍ରକାର କଳା । ଏହି ଗଳ୍ପରେ ତାହା ରହିଥିବାରୁ ଗଳ୍ପ ମନକୁ ବାନ୍ଧି ପାରୁଛି । ରାୟବାହାଦୁରଙ୍କ ପଚିଶବର୍ଷର ଅନୁଭୂତି ଭିତରୁ ମୁଖ୍ୟ ମୁଖ୍ୟ ଘଟଣାକୁ ନିର୍ବାଚନ କରାଯାଇଛି । ସେଥିରୁ ଦୁଇଟି ହେଉଛି ଅତୀତର । ପୁତ୍ର ଅରୁଣ ସହ ତାଙ୍କର ଯୁକ୍ତି ଓ ତ୍ୟଜ୍ୟପୁତ୍ର ଆଦେଶ, ଥାନାରେ ଜାତୀୟ ପତାକା ଉଡ଼ାଇ ଉଦ୍ୟମ ଓ ରାୟବାହାଦୁରଙ୍କ ଗୁଳିରେ ତାର ମୃତ୍ୟୁ ।

କୁର୍ଣ୍ଣିସ୍ - ସଲାମ
ବାୟୋନେଟ୍-ବନ୍ଧୁକ ଅଗରେ ଲାଗିଥିବା ଛୁରୀ
ପୃଷ୍ଠଭଙ୍ଗ- ଫେରିଯିବା, ପଳାୟନ
ଝଞ୍ଜାକ୍ରାନ୍ତ- ବାତ୍ୟାଗ୍ରସ୍ତ
ନୀଲୋତ୍ପଳ- ନୀଳପଦ୍ମ
କୁହାଟ-ସ୍ଲୋଗାନ୍, ହୁରି, ଡାକ
ଫ୍ଲାଗ୍ ଷ୍ଟାଫ - ପତାକା ପାଇଁ ସ୍ତର
ୟୁନିୟନ୍ ଜ୍ୟାକ୍ -ଇଂଲଣ୍ଡର ପତାକା
ସ୍ତମ୍ଭିତ - ଆଶ୍ଚର୍ଯ୍ୟ
ଖେତା - ଫିକା
ମୁମୂର୍ଷୁ - ମୃତ୍ୟୁର ନିକଟତର
ସୂର୍ଯ୍ୟୋଦୀପ୍ତ - ସୂର୍ଯ୍ୟ କିରଣରେ ଆଲୋକିତ
ପଟ୍ଟଭୂମି - ପୃଷ୍ଠଭୂମି, ପଛ ଆସ୍ତରଣ ବା ପରଦା

ଟିପ୍ପଣୀ

ପତାକା ଉତ୍ତୋଳନ

ବର୍ତ୍ତମାନର ଘଟଣାଗୁଡ଼ିକ ହେଲା - ରାତି ଅଧରେ ସ୍ୱାଧୀନତା ଉତ୍ସବର ପଟୁଆର, ରାୟବାହାଦୁରଙ୍କ ପ୍ରତିକ୍ରିୟା ଓ ଅରୁଣର ଫଟୋ ଦର୍ଶନ ସହ ବ୍ରିଟିଶ ସରକାର ଦେଇଥିବା ସନନ୍ଦ ପାଠ, ପତ୍ନୀ ହୋଇ ତାଙ୍କ ପତାକା ଉତ୍ତୋଳନର ପ୍ରତିବାଦରେ ରାୟବାହାଦୁରଙ୍କ ଇଂରେଜ ପତାକା ଉତ୍ତୋଳନ, ସକାଳେ ବିଜୟ ଜେଜେଙ୍କ କାର୍ଯ୍ୟର ବିରୋଧ ଓ ଜେଜେଙ୍କ ପତନ । ଏହି ଘଟଣାଗୁଡ଼ିକ ବର୍ଣ୍ଣନା କଲାବେଳେ ଲେଖକ ସତର୍କତାର ସହ ଉତ୍କଣ୍ଠାକୁ ଧ୍ୟାନ ଦେଇଛନ୍ତି । ବର୍ତ୍ତମାନ ସହ ଅତୀତର ଘଟଣାବଳୀକୁ ମିଶାଇ ବର୍ଣ୍ଣନା କରିଛନ୍ତି ।

ବର୍ଣ୍ଣନା କୌଶଳରେ ଭାଷାର ଭୂମିକା ଯଥେଷ୍ଟ । ପରିବେଶ, ଚରିତ୍ରର ମନୋଭାବ ସହ ଖାପଖୁଆଇ ଉପଯୁକ୍ତ ଭାଷା ବ୍ୟବହାର ଏ ଗଳ୍ପକୁ ସାର୍ଥକ କରେ । ଏହାର ଭାଷା ସଂକ୍ଷିପ୍ତ ଓ ଭାବବୋଧକ ।

ଘଟଣାର ଉପଯୁକ୍ତ ନିର୍ବାଚନ, ସେଗୁଡ଼ିକର ନାଟକୀୟ ସଜ୍ଜା ଓ ଉପଯୁକ୍ତ ଭାଷା ବ୍ୟବହାର ପତାକା ଉତ୍ତୋଳନ ଗଳ୍ପଟିକୁ ସରସ କରିଛି ।

୨.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ପାରିବାରିକ କାହାଣୀ ହେଲେ ବି ଭାରତର ସ୍ୱାଧୀନତା ସଂଗ୍ରାମ ପୃଷ୍ଠ ଭୂମିରେ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଗଢ଼ି ଉଠିଛି ବର୍ଣ୍ଣନା କର ।

II. ରାୟବାହାଦୁରଙ୍କ ଚରିତ୍ର ଚିତ୍ରଣ କର ।

III. ଉପଯୁକ୍ତ ବର୍ଣ୍ଣନା ଶୈଳୀ ଯୋଗୁଁ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଉଚ୍ଚକୋଟୀର ହୋଇପାରିଛି ବର୍ଣ୍ଣନା କର ।

IV. ପତାକା ଉତ୍ତୋଳନ ଗଳ୍ପରୁ ତୁମର ନିଜସ୍ୱ ଅନୁଭବ ବର୍ଣ୍ଣନା କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ରାୟବାହାଦୁର ରାସ୍ତାରେ କ'ଣ ଦେଖିଲେ ?

ii) ରାୟବାହାଦୁର ଡ୍ରୟାରଭିତରୁ କ'ଣ କାଢ଼ିଲେ ?

iii) ସନନ୍ଦପତ୍ର ଉପରେ କ'ଣ ମାଡ଼ିଗଲାଣି ?

iv) ରାୟବାହାଦୁର କାହିଁକି ସନନ୍ଦ ପାଇଥିଲେ ?

v) ରାତିରେ ନୀରବ ମୁହୂର୍ତ୍ତରେ ରାୟବାହାଦୁର କଣ ଶୁଣିପାରନ୍ତି ?

vi) ଅରୁଣ କାହିଁକି ଘରକୁ ଫେରିଲା ନାହିଁ ?

vii) କାହାର ଦାନା, କାହାର ପାଣିପବନରେ ମଣିଷ ଆପଣ - ଏହା କିଏ କାହାକୁ କହନ୍ତି ?

viii) ପୁଲିସ ସାହେବର ହୁକୁମ କ'ଣ ଥିଲା ?

ix) ହେମମାଳା ଦୋତାଲା ବାରଣ୍ଡାରେ କ'ଣ କରିଥିଲେ ?

x) ରାୟବାହାଦୁର ରାତି ସାରା ଚେଇଁଲେ କାହିଁକି ?

xi) ସ୍ୱାଧୀନତା ଉତ୍ସବ ପାଳନ ଦେଖି ରାୟବାହାଦୁରଙ୍କ ପ୍ରତିକ୍ରିୟା କ'ଣ ହୋଇଥିଲା ?

xii) ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି ଭାରତର ପବିତ୍ରତମ ଦାବି - ଏହା କିଏ, କାହାକୁ, କାହିଁକି କହିଛି ?

xiii) ପୁତ୍ରହତ୍ୟାକୁ ରାୟବାହାଦୁର କର୍ତ୍ତବ୍ୟର ସାଧନା ବୋଲି କାହିଁକି ଭାବୁଥିଲେ ?

xiv) ରାୟବାହାଦୁରଙ୍କ ଘରୁ ମା ଲକ୍ଷ୍ମୀ ନେଇଛନ୍ତି ଚିରବିଦାୟ - ଏହାର ତାତ୍ପର୍ଯ୍ୟ କଣ ?

xv) ମୋ ଘରେ ବ୍ରିଟିଶ୍ ପତାକା ଉଡ଼ିବ - ରାୟବାହାଦୁରଙ୍କ ଏହି ଉକ୍ତିକୁ ବିଜୟ କାହିଁକି ବିରୋଧ କଲା ?

୨.୭ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ ..... ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

(ସ୍ୱାଧୀନ ଭାରତ କି ଜୟ, ମହାତ୍ମାଗାନ୍ଧୀ କି ଜୟ, ଇନ୍‌କିଲାବ ଜିନ୍ଦାବାଦ)

ଖ) ରାୟବାହାଦୁରଙ୍କ ପୁତ୍ରବଧୂ ..... ଏମିତି ଦିନେ କାନ୍ଦିଥିଲା ।

(ଋତୁପର୍ଣ୍ଣା, ଅପର୍ଣ୍ଣା, ସୁପର୍ଣ୍ଣା)

ଗ) ଅରୁଣ ପିନ୍ଧିଥିଲା ..... ପୋଷାକ ।

(ସତ୍ୟାଗ୍ରହୀ, ଏନ୍.ସି.ସି., ସାହେବୀ)

ଘ) ରାୟବାହାଦୁର କ୍ଷିପ୍ତପରି ଚାବୁକ୍‌ରେ ଆଘାତ କଲେ .....କୁ ।

(ବିଜୟ, ହେମମାଳା, ଅରୁଣ, ଅପର୍ଣ୍ଣା)

ଙ) ଏ ଦେଶ ଆମର, ବ୍ରିଟିଶ ..... ପାଇଁ ସ୍ଥାନ ଏଠି ନାହିଁ ।

(ସରକାର, ସାହେବ, ଗୋଲାମ)

୨.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତରମାଳା

କ) ସ୍ୱାଧୀନ ଭାରତ କି ଜୟ (ଖ) ଅପର୍ଣ୍ଣା (ଗ) ସତ୍ୟାଗ୍ରହୀ

(ଘ) ଅରୁଣ (ଙ) ଗୋଲାମ

●●●

ଟିପ୍ପଣୀ

୩

ଗଣତାନ୍ତ୍ରିକ ଆଚରଣ

ପ୍ରଫେସର ଡକ୍ଟର ସଦାଶିବ ମିଶ୍ର

୩.୧ ଉପକ୍ରମ

ଅଗଷ୍ଟ ପନ୍ଦର ତାରିଖ ଆମ ଦେଶର ସ୍ୱାଧୀନତା ଦିବସ । ସେହିପରି ଜାନୁଆରୀ ଛବିଶ ମଧ୍ୟ ଆମର ଗୋଟିଏ ରାଷ୍ଟ୍ରୀୟ ପର୍ବ । ଏହାକୁ ଗଣତନ୍ତ୍ର ଦିବସ କୁହାଯାଏ । ଦେଶ ସ୍ୱାଧୀନ ହେବା ପରେ ଏହି ଦିନ ଆମର ସମ୍ବିଧାନ କାର୍ଯ୍ୟକାରୀ ହୋଇ ଗଣତାନ୍ତ୍ରିକ ଶାସନ ପ୍ରଚଳିତ ହୋଇଥିଲା । ଫଳରେ ଦେଶର ସାଧାରଣ ନାଗରିକମାନେ ଭୋଟ ଅଧିକାର ବଳରେ ସରକାର ଗଠନ କଲେ । ଏହି ବ୍ୟବସ୍ଥା ସବୁଠାରୁ ଆଧୁନିକ ଓ ସର୍ବୋତ୍ତମ । ତେବେ ଗଣତନ୍ତ୍ର କହିଲେ ଭୋଟ ଓ ଶାସନ-ବ୍ୟବସ୍ଥା ବ୍ୟତୀତ ଆହୁରି ବ୍ୟାପକ । ଆସ, ଏ ବିଷୟଟିକୁ ପଢ଼ି ଗଣତନ୍ତ୍ରର ନୂଆ ନୂଆ ଦିଗ ବିଷୟରେ ଜାଣିବା ।

୩.୨ ବିଷୟ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଗଣତନ୍ତ୍ର ଅର୍ଥ ବୁଝିବା ପାଇଁ ।
- ଗଣତନ୍ତ୍ର ଶାସନ କିପରି ହୁଏ ଜାଣିବା ।
- ଗଣତନ୍ତ୍ର ଶାସନ ଆରମ୍ଭ କେଉଁଠାରୁ ହେଲା ଜାଣିବା ।
- ଇଂଲଣ୍ଡର ଗଣତନ୍ତ୍ର ଓ ଭାରତର ଗଣତନ୍ତ୍ର ମଧ୍ୟରେ ତଫାତ୍ ଅନୁଭବ କରିବା ।
- ଇଂଲଣ୍ଡରେ ଲେଖକ ଡ. ସଦାଶିବ ମିଶ୍ରଙ୍କ ଅନୁଭୂତି ସମ୍ପର୍କରେ ଧାରଣା ଆଣିବା ।
- ଇଂଲଣ୍ଡର ବିଶ୍ୱବିଦ୍ୟାଳୟର ବିଦ୍ୟା ଅଧ୍ୟୟନ ଓ ଗବେଷଣା ସମ୍ପର୍କରେ ସୂଚନା ଲାଭ କରିବା ।

୩.୩ ଲେଖକଙ୍କ ପରିଚୟ

ଡକ୍ଟର ସଦାଶିବ ମିଶ୍ର (୧୯୧୧-୧୯୯୫) ଅର୍ଥନୀତିରେ ପ୍ରଫେସର ଓ ଭାରତରେ ଜଣେ ଅର୍ଥନୀତିଜ୍ଞ ଭାବରେ ସୁପରିଚିତ । ପୁରୀ ଜିଲ୍ଲା ବିଶ୍ୱନାଥପୁରରେ ଜନ୍ମିତ ଡକ୍ଟର ମିଶ୍ର ଥିଲେ ଗୋପବନ୍ଧୁ ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲର ଛାତ୍ର । ବୃତ୍ତି ଲାଭ କରି ସେ ଅର୍ଥନୀତିରେ ଉଚ୍ଚତର ଗବେଷଣା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ରେଭେନ୍‌ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ଜଣେ ଦକ୍ଷ ଶିକ୍ଷା-ପ୍ରଶାସକ ଭାବେ ତାଙ୍କର ଖ୍ୟାତି ଥିଲା । 'ଅର୍ଥ ଓ ଧର୍ମାନ୍ତର' ଏବଂ 'ମାତୃପୂଜା ମଣ୍ଡପ' ତାଙ୍କର ଦୁଇଟି ପ୍ରବନ୍ଧ ପୁସ୍ତକ । ଦ୍ୱିତୀୟ ପୁସକଟିପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ମାର୍କିନ, ପରିକ୍ରମା ଶୀର୍ଷକ ତାଙ୍କର ଗୋଟିଏ ଭ୍ରମଣ କାହାଣୀ ପୁସ୍ତକ ଅଛି । ତାଙ୍କର ପ୍ରତ୍ୟେକ ରଚନା ସରସ ଓ ଭାବ ଉଦ୍ଦୀପକ ।

୩.୪ ମୂଳ ବିଷୟ

ଆଧୁନିକ ସଂସଦୀୟ ଗଣତନ୍ତ୍ରର ଜନନୀ ଗ୍ରେଟ୍ ବ୍ରିଟେନ୍ । ଇଂରେଜୀ ଶିକ୍ଷା ଲାଭ କରି, ବ୍ରିଟିଶ ଦର୍ଶନ ଏବଂ ଅନୁଷ୍ଠାନରେ ଦୀକ୍ଷିତ ହୋଇ, ଆମେ ସେହି ଧାରାରେ ସଂବିଧାନ ପ୍ରଣୟନ କଲୁ । କ୍ଲେମେଣ୍ଟ୍ ଆଟ୍‌ଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଭାରତ ସ୍ୱାଧୀନତା ଲାଭ କରିଥିଲା । କେତେ ବର୍ଷ ପରେ, ସେ ପଟେଲ୍ ସ୍ମାରକୀ ବକ୍ତୃତା ଦେବାପାଇଁ ଭାରତକୁ ଆସିଥିଲେ । ଭାରତରେ ସଂସଦୀୟ ଗଣତନ୍ତ୍ର ସଫଳ ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ମହାଯୁଦ୍ଧ ପରେ ସ୍ୱାଧୀନତା ଲାଭ କରିଥିବା ବହୁ ଦେଶରେ ରାଷ୍ଟ୍ରପତି ଶାସନ, ସାମରିକ ଶାସନ, ଏକଚ୍ଛତ୍ରଶାସନ ପ୍ରବର୍ତ୍ତିତ ହୋଇଯାଇଛି । ମାତ୍ର ଭାରତବର୍ଷ ତା'ର ସଂସଦୀୟ ଗଣତନ୍ତ୍ର ଅବ୍ୟାହତ ରଖିଛି । ଏହା ନିଶ୍ଚୟ ଆମର ରାଜନୈତିକ ଗୌରବ ।

ଏ ସଂବିଧାନର ବିଧିବିଧାନ ସହିତ କେତେକ ଆଚରଣ ବିଧି ମଧ୍ୟ ଜଡ଼ିତ । ଗଣତନ୍ତ୍ର କେବଳ ଏକ ଶାସନ ପ୍ରଣାଳୀ ନୁହେଁ - ଏହା ଏକ ସଂଯତ ସଭ୍ୟତା । ଏଥିରେ ଅଛି ନୈତିକ ସୌଜନ୍ୟ । କେତୋଟି ଉଦାହରଣରୁ ଏହା ସୁସ୍ପଷ୍ଟ ହୋଇପାରିବ ।

ଲଣ୍ଡନ ଡାଉନିଙ୍ଗ୍ ଷ୍ଟ୍ରୀଟ୍‌ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ । ସେ ଷ୍ଟ୍ରୀଟ୍‌ରେ ଅଛି ମାତ୍ର ଦୁଇଟି ସଦନ । ଦଶ ନମ୍ବରରେ ରହନ୍ତି ପ୍ରଧାନମନ୍ତ୍ରୀ; ଏଗାର ନମ୍ବରରେ ବିତ୍ତମନ୍ତ୍ରୀ (Chancellor of Exchequer) ଏଥିରୁ ସୁସ୍ପଷ୍ଟ ଯେ ବିତ୍ତମନ୍ତ୍ରୀଙ୍କ ଆସନ ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟ । ମନ୍ତ୍ରୀମାନେ ପାର୍ଲିମେଣ୍ଟରେ ଯେଉଁଠାରେ ବସନ୍ତି, ତାକୁ କୁହାଯାଏ ଟ୍ରେଜେରୀ ବେଞ୍ଚ । ସାଧାରଣତଃ ପ୍ରଧାନମନ୍ତ୍ରୀ ନିଜ ହାତରେ କୌଣସି ବିଭାଗ ରଖନ୍ତି ନାହିଁ । ପାର୍ଲିମେଣ୍ଟରେ ଥରେ ପ୍ରଶ୍ନ ଉଠିଲା, ତେବେ ପ୍ରଧାନମନ୍ତ୍ରୀ ଦରମା ପାଇବେ କାହିଁକି ? ସେହିଦିନଠାରୁ କୁହାଗଲା, ପ୍ରଧାନମନ୍ତ୍ରୀ ଟ୍ରେଜେରୀର ପ୍ରଥମ ଲର୍ଡ଼ ଏବଂ ବିତ୍ତମନ୍ତ୍ରୀ ଦ୍ୱିତୀୟ ଲର୍ଡ଼ । ସମାଧାନ ହୋଇଗଲା ।

ଅଟଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଡଲଟନ୍ (Hugh Dalton) ଥିଲେ ବିତ୍ତମନ୍ତ୍ରୀ । ଡଲଟନ୍ ଥିଲେ ଲଣ୍ଡନ ଅର୍ଥନୀତି ସ୍କୁଲରେ ଅଧ୍ୟାପକ । ସେ ରାଷ୍ଟ୍ରୀୟ ଆୟବ୍ୟୟ ସମ୍ବନ୍ଧରେ ବିଶେଷଜ୍ଞ । ସେ ଛାତ୍ରାବସ୍ଥାରୁ ସୋସାଲିଷ୍ଟ । ପାଠ ପଢ଼ିଲେ । ସୋସାଲିଷ୍ଟ ହେଲେ । ଯୋଗ୍ୟତା ହାସଲ କଲେ । ଲଣ୍ଡନ୍ ଅର୍ଥନୀତି ସ୍କୁଲରେ ଅଧ୍ୟାପକ ହେଲେ । ଶ୍ରମିକ ଦଳରେ ଯୋଗଦେଲେ । ନିର୍ବାଚନ ଲଢ଼ିଲେ । ୧୯୪୫ ମସିହା ନିର୍ବାଚନରେ ଜୟଯୁକ୍ତ ହେଲେ । ବିତ୍ତମନ୍ତ୍ରୀ ଭାବରେ ନିଯୁକ୍ତ ହେଲେ ।

୧୯୪୮ ମସିହା । ଏ ଲେଖକ ସେତେବେଳେ ଲଣ୍ଡନ୍ ଅର୍ଥନୀତି ସ୍କୁଲର ଛାତ୍ର । ସ୍କୁଲର ଜଣେ ଅଧ୍ୟାପକ ବିତ୍ତମନ୍ତ୍ରୀ । ଏଥିରେ ସ୍କୁଲର ଗୌରବ । ବଜେଟ୍ ଅଧିବେଶନ । ବିତ୍ତମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ । ସେଠାରେ ପାର୍ଲିମେଣ୍ଟ ଅଧିବେଶନ ବସେ ଅପରାହ୍ଣ ଚାରିଟାରେ । ସଭ୍ୟମାନେ ତାଙ୍କର ବୃତ୍ତି, ବ୍ୟବସାୟ ଶେଷକରି ପାର୍ଲିମେଣ୍ଟକୁ ଆସନ୍ତି । କିଛି ସମୟ ପୂର୍ବରୁ ଅନେକ ସଭ୍ୟ ଲବିରେ ବୁଲୁଛନ୍ତି । ଗଳ୍ପ କରୁଛନ୍ତି - ସେଥିରେ ଅଛନ୍ତି ଡଲ୍‌ଟନ୍ ।

ଲଣ୍ଡନରୁ ସନ୍ଧ୍ୟାରେ ତିନିଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ - Evening News, Evening Standard, Star. କାଗଜର ପ୍ରତିନିଧିମାନେ ନାନା ପ୍ରଶ୍ନ ପଚାରୁଥାନ୍ତି । ଷ୍ଟାର ପ୍ରତିନିଧି ପଚାରିଲେ, "ଡକ୍‌ଟର ଡଲ୍‌ଟନ୍, ଏଥର ବଜେଟରେ କି ବୋଝ ପଡ଼ିବ ?" ଡକ୍‌ଟର ବଜେଟ୍‌କୁ ଫାଇଲ୍ ବ୍ୟାଗରେ କାଖରେ

ଜାକିଥାନ୍ତି । ଡଲ୍‌ଟନ୍ ଉତ୍ତର ଦେଲେ, "ଅପେକ୍ଷା କରନ୍ତୁ । ଘଣ୍ଟାକ ପରେ ଜାଣି ପାରିବେ ।" ଷ୍ଟାର୍ ପ୍ରତିନିଧି କହିଲେ, "କ'ଣ ଆଉ ବାକି ଅଛି ? ସେଇ ଧୂମପାନ ଏବଂ ମଦ୍ୟପାନ ଉପରେ ବୋଝ ବଢ଼ିବ ।" ଡଲ୍‌ଟନ୍ କହିଲେ, "ଯଦି ଆବଶ୍ୟକ ପଡ଼େ, କରିବାକୁ ହେବ ।"

କିଛି ସମୟ ପରେ ଡଲ୍‌ଟନ୍ ଏବଂ ଅନ୍ୟାନ୍ୟ ସଭ୍ୟମାନେ ସଦନରେ ପ୍ରବେଶ କଲେ । ଡଲ୍‌ଟନ୍ ବଜେଟ୍ ଉପସ୍ଥାପନ କଲେ । ଚର୍ଚ୍ଚିଲ୍ ସେତେବେଳେ ବିରୋଧୀ ଦଳର ନେତା । ଡଲ୍‌ଟନ୍ ପ୍ରାୟ ଅର୍ଦ୍ଧେକ ପଢ଼ିଛନ୍ତି, ଷ୍ଟାର୍ କାଗଜର ସାନ୍ଧ୍ୟ ସଂସ୍କରଣ ଖଣ୍ଡିଏ ସଦନ ଭିତରକୁ ଆସିଗଲା । ଚର୍ଚ୍ଚିଲ୍‌ଙ୍କ ପାଖରେ ପହଞ୍ଚିଗଲା । ସେ ଉଠି, ହାତ ଟେକି କାଗଜ ଖଣ୍ଡିକ ଦେଖାଇଲେ - "ସ୍ପୀକର୍ ମହାଶୟ, ଏ ସଦନର କୌଣସି ସଭ୍ୟ କିଛି ଜାଣିବା ପୂର୍ବରୁ, ବାହାରେ ସମସ୍ତେ ବଜେଟ୍‌ର ପ୍ରସ୍ତାବ ପାଇସାରିଲେଣି । ବିଅର୍ ଏବଂ ଧୂଆଁପତ୍ର ଉପରେ ଅତିରିକ୍ତ କର - Additional Taxation on Beer and Tobacco । ବଡ଼ ବଡ଼ ଅକ୍ଷରରେ ଶିରୋନାମା ଦିଆଯାଇଛି । ଚର୍ଚ୍ଚିଲ୍ ଉଠିଲାକ୍ଷଣି ଡଲ୍‌ଟନ୍ ବସି ପଡ଼ିଥିଲେ । ପୁଣି ଉଠି ଠିଆ ହେଲେ । କୌଣସି ପ୍ରକାର ବିଚଳିତ ନ ହୋଇ, ବଜେଟ୍‌ଟି ଶେଷ ପର୍ଯ୍ୟନ୍ତ ପଢ଼ିଗଲେ ।

କିଛିକ୍ଷଣ ପରେ ପୁଣି ଠିଆ ହୋଇ କହିଲେ, "ଷ୍ଟାର୍ ପ୍ରତିନିଧି ମୋତେ କହିଲେ, ଆଉ କଣ ଅଛି ? ସେଇ ଧୂମପାନ ଏବଂ ମଦ୍ୟପାନ ଉପରେ ତ ବୋଝ ପଡ଼ିବ । ମୁଁ କହିଲି, ଯଦି ଆବଶ୍ୟକ ପଡ଼େ, କରିବାକୁ ହେବ - ଏତିକି । ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀଙ୍କ ପକ୍ଷରେ ଏପରି କହିବା ଉଚିତ ନଥିଲା । ମୁଁ ପ୍ରଧାନମନ୍ତ୍ରୀଙ୍କୁ ମୋର ଇସ୍ତଫା ପ୍ରଦାନ କରୁଛି ।" ଆଟ୍‌ଲୀ ଉଠି କହିଲେ, "ମୁଁ ଗଭୀର ଦୁଃଖର ସହିତ ଡକ୍‌ଟର ଡଲ୍‌ଟନ୍‌ଙ୍କ ଇସ୍ତଫା ଗ୍ରହଣ କରୁଛି ।" "ଏତିକିରେ ନାଟକର ସମାପ୍ତି ହେଲା । କୌଣସି ଆଲୋଚନା ହେଲା ନାହିଁ । ଡଲ୍‌ଟନ୍‌ଙ୍କ ରାଜନୀତିକ ଜୀବନରେ ଯବନିକା ପଡ଼ିଲା ।

ଲଣ୍ଡନ୍ ଅର୍ଥନୀତି ସ୍କୁଲରେ ଅନେକ ଡକ୍‌ଟରେଟ୍ ଛାତ୍ର । ଥରେ ଜଣେ ଇଂରେଜ ଛାତ୍ରବନ୍ଧୁ ଗୋଟିଏ ରବିବାର ଦିନ ତାଙ୍କ ଘରେ ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କଲେ । ତାଙ୍କ ଘରକୁ ଗଲି । ବନ୍ଧୁ ଜାଠଦଳର ସମର୍ଥକ । ଶ୍ରମିକ ସରକାରଙ୍କର କଟୁ ସମାଲୋଚନା କରନ୍ତି । ଯୁଦ୍ଧ ଶେଷ ହେବାର ତିନି ବର୍ଷ ହୋଇଥାଏ । ସବୁ ପଦାର୍ଥର ଅନଟନ । ବିଶେଷତଃ ଖାଦ୍ୟ ପଦାର୍ଥ । କୋଇଲା ଅଭାବ । ବିଦ୍ୟୁତ୍ ନିଅଣ୍ଟ । ମିଷ୍ଟର୍ ସିନ୍‌ଓ୍ୱେଲ୍ ବିଦ୍ୟୁତ ମନ୍ତ୍ରୀ । ଦିନରେ ଦୁଇଟାଠାରୁ ଛଅଟା ପର୍ଯ୍ୟନ୍ତ ବିଦ୍ୟୁତ୍ ହିଟର୍ ବ୍ୟବହାର ନ କରିବା ପାଇଁ ନିବେଦନ କରିଥାନ୍ତି । ଜାନୁଆରି ମାସ । ଭାରି ଶୀତ । ଘରେ ହିଟର୍ ଲାଗିଥାଏ । ବନ୍ଧୁ ସରକାରୀ ବ୍ୟବସ୍ଥାର ଘୋର ନିନ୍ଦା କରୁଥାନ୍ତି । ଘଣ୍ଟାରେ ଦୁଇଟା ବାଜିଲା । ହଠାତ୍ ଉଠିପଡ଼ିଲେ । "ସିନ୍‌ଓ୍ୱେଲ୍ ଆମକୁ ଟିକିଏ ଆରାମରେ ବସିବାକୁ ଦେବେ ନାହିଁ ।" ହିଟର୍ ବନ୍ଦ କରିଦେଲେ । ଏ ଗଣତାନ୍ତ୍ରିକ ଶୃଙ୍ଖଳା କେବେ ମୋର ପାସୋରି ଯିବନାହିଁ ।

ପାଶ୍ଚାତ୍ୟ ଦେଶମାନଙ୍କରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ବର୍ଷ ଆରମ୍ଭରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥାଏ । କେଉଁ କେଉଁ ଅଧ୍ୟାପକ କେଉଁ ତାରିଖରେ, କେଉଁ ବିଷୟରେ ଅଧ୍ୟାପନା କରିବେ, ସେ ସବୁ ଉଲ୍ଲେଖ କରାଯାଇଥାଏ । ସେ ବିଷୟରେ ସହାୟକ ପୁସ୍ତକ ଏବଂ ଗବେଷଣା ପତ୍ରିକା ନିର୍ଦ୍ଦେଶିତ ହୋଇଥାଏ । ଏଥିରେ କିଛି ପରିବର୍ତ୍ତନ ହୁଏ ନାହିଁ । ଦିନ, ତାରିଖ, ସମୟ, ବିଷୟ-ନିର୍ଘଣ୍ଟ ସବୁ ନିର୍ଦ୍ଧାରିତ ହୋଇଥାଏ । ଲଣ୍ଡନ ଅର୍ଥନୀତି ସ୍କୁଲର ପ୍ରତିଷ୍ଠାତା ସିଡ୍‌ନି ଓ୍ୱେବ୍ । ତାଙ୍କର ଦେହାନ୍ତ ହୋଇଗଲା । ଏ ଲେଖକ ସେତେବେଳେ

ଏହି ସ୍କୁଲର ଛାତ୍ର । ସ୍କୁଲକୁ ଆସି ଦେଖିଲି, ନୋଟିସ୍ ବୋର୍ଡ଼ରେ ଲେଖାଯାଇଛି - "ଆମ ଅନୁଷ୍ଠାନର ପ୍ରତିଷ୍ଠାତା ସିଡ୍‌ନି ଓ୍ୱେବ୍‌ଙ୍କର ଗତକାଲି ପରଲୋକ ହୋଇଯାଇଛି । ଆଜି ସନ୍ଧ୍ୟାରେ ଚାରିଟାବେଳେ ଏକ ନମ୍ବର ପ୍ରଶସ୍ତ ପ୍ରକୋଷ୍ଠରେ ଶୋକସଭା ଅନୁଷ୍ଠିତ ହେବ । ଯାହାଙ୍କର କ୍ଲାସ ନାହିଁ, ସେମାନଙ୍କୁ ଯୋଗଦେବା ଲାଗି ଅନୁରୋଧ କରାଯାଉଛି ।" ଆଶ୍ଚର୍ଯ୍ୟ ଲାଗିଲା । ଦିନେ ଦୁଇଦିନ ଛୁଟି ହେବା ତ ଦୂରର କଥା - ଗୋଟିଏ ହେଲେ ଘଣ୍ଟାର ଶିକ୍ଷା କାର୍ଯ୍ୟକ୍ରମ ସ୍ଥଗିତ ହେଲା ନାହିଁ ।

ଡକ୍‌ଟରେଟ୍ କରୁଥିବା ଛାତ୍ରମାନେ ତାଙ୍କର ଇଚ୍ଛା ଏବଂ ଆବଶ୍ୟକତା ଅନୁଯାୟୀ ଯେକୌଣସି ଲେକ୍‌ଚର ଶ୍ରେଣୀରେ ଯୋଗ ଦେଇ ପାରନ୍ତି । ହାରଲର୍ଡ଼ ଲାସ୍କି ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ । ତାଙ୍କର ଅନେକ ଲେକ୍‌ଚର୍ ଶ୍ରେଣୀରେ ମୁଁ ଯୋଗ ଦେଇଛି । 'ଆଧୁନିକ ଗଣତନ୍ତ୍ର' ବିଷୟରେ ତାଙ୍କର ତିନିଗୋଟି ଲେକ୍‌ଚର୍ ଦେବାଲାଗି ନିର୍ଘଣ୍ଟ କରାଯାଇଛି । ଦିନ, ସମୟ, ତାରିଖ ନିର୍ଦ୍ଧାରିତ ହୋଇଛି । ସେ ତିନୋଟିରେ ମୁଁ ଉପସ୍ଥିତ ହୋଇଛି । ଦେଖିଛି, କେତେ ଜଣ ମନ୍ତ୍ରୀ, ପୂର୍ବରୁ ଅନୁମତି ନେଇ ଏ ଲେକ୍‌ଚର୍ ଶ୍ରେଣୀରେ ଯୋଗ ଦେଉଛନ୍ତି । ସେମାନଙ୍କ ଲାଗି ବସିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ । ଛାତ୍ରମାନଙ୍କ ସାଙ୍ଗରେ ବସନ୍ତି । ତାଙ୍କୁ ଅଭ୍ୟର୍ଥନା କରାଯାଏ ନାହିଁ । କେହି ତାଙ୍କୁ ଲକ୍ଷ୍ୟ କରନ୍ତି ନାହିଁ । ଗଣତାନ୍ତ୍ରିକ ପରିବେଶରେ ଏହାର ସାର୍ଥକତା ମୁଁ ଅନୁଭବ କରିଥିଲି ।

ସେତେବେଳେ ଇଂଲଣ୍ଡରେ ସବୁ ଅନଟନ; ବିଶେଷତଃ ଖାଦ୍ୟ ଏବଂ ପରିଧାନ । ଏଥିପାଇଁ ପଡ଼ି କୁପନ୍‌ର ବ୍ୟବସ୍ଥା କରାଯାଇଥିଲା । ରୋଟି, ମାଂସ, ଦୁଧ, ଅଣ୍ଡା, ଚିନି-ପ୍ରତ୍ୟେକଟି ପାଇଁ ପୃଥକ କୁପନ । ସପ୍ତାହରେ ମାତ୍ର ସାତଗୋଟି ଅଣ୍ଡା ଆଉ ତିନି ବୋତଲ ଦୁଧ । କୁପନ ନଦେଲେ ଦୋକାନରୁ ଜିନିଷ ମିଳିବ ନାହିଁ । ସବୁ ପ୍ରକାର ପରିଧାନ ପାଇଁ ଗୋଟିଏ ପ୍ରକାର କୁପନ । ଆଠଟି ଦେଲେ ହଳେ ଜୋତା; ବାରଟି ଦେଲେ ଗୋଟିଏ ସୁଟ୍; ଦୁଇଟି ଦେଲେ ହଳେ ମୋଜା ଇତ୍ୟାଦି । ପ୍ରତି ତିନିମାସରେ ବିଭାଗୀୟ କର୍ମଚାରୀ ଆସି ଘରେ ତିନିମାସ ପାଇଁ କୁପନ ଦେଇ ଯାଆନ୍ତି । ଅଫିସକୁ ଯିବା ଆବଶ୍ୟକ ହୁଏ ନାହିଁ । ଧନୀ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ନାହିଁ । ସମସ୍ତଙ୍କ ପାଇଁ ସମାନ ସଂଖ୍ୟାର କୁପନ । ଏଇଥିରେ ପର୍ଯ୍ୟବସିତ ଗଣତାନ୍ତ୍ରିକ ସମାଜ । ଲୋକଙ୍କୁ କ, ଖ, ଗ ଶ୍ରେଣୀରେ ବିଭକ୍ତ କରାଯାଏ ନାହିଁ ।

କୌଣସି ରେସ୍ତରାଁକୁ ଖାଇବା ପାଇଁ ଗଲେ, ଅଢ଼େଇ ଶିଲିଂରୁ ଅଧିକ ମୂଲ୍ୟର ଖାଦ୍ୟ ମିଳିବ ନାହିଁ । (ଏବେ ଶିଲିଂ ଉଠିଗଲାଣି । ପାଉଣ୍ଡକ ଏକ ଶତ ପେନ୍‌ସ କରାଯାଇଛି ।) ଖାଦ୍ୟ ଅନଟନ । ସେଥିପାଇଁ ପଡ଼ିର ଏ ବ୍ୟବସ୍ଥା । ପାତର ଅନ୍ତର କରାଯିବା କୌଣସି ସ୍ଥାନରେ ଦେଖିନାହିଁ । ଅଢ଼େଇ ଶିଲିଂ ପାଖ ହୋଇ ଆସିଲେ, ପରିବେଷିକା ସଂକେତ ଦେଇଯିବେ । ଏହିଟି ଗଣତନ୍ତ୍ରର ମୂଳ ବିଚାର । କେହି କେଉଁଠାରେ ଅଧିକ ମୂଲ୍ୟର ଖାଦ୍ୟ ମାଗିଲେ ନାହିଁ । ଏ ଶୃଙ୍ଖଳା ଲୋକଙ୍କ ଉପରେ ଲଦି ଦିଆଯାଇନାହିଁ । ଏ ଶୃଙ୍ଖଳାରେ ସମସ୍ତେ ଅଭ୍ୟସ୍ତ ।

ଲଣ୍ଡନରେ ଗୋଟିଏ ଉପନିର୍ବାଚନ ହେଉଥାଏ । ନିର୍ବାଚନ ସଭାକୁ ଯାଇଥିଲି । ଶ୍ରମିକ ଦଳ ପକ୍ଷରୁ ଏ ସଭାର ଆୟୋଜନ । ଡକ୍ଟର ମିସେସ୍ ସମରସ୍କିଲ୍ ଏଥିରେ ପୌରୋହିତ୍ୟ କରୁଥିଲେ । ସେ ଶ୍ରମିକ ମନ୍ତ୍ରି ମଣ୍ଡଳରେ ଜଣେ ସଦସ୍ୟା । ଦୁଇ ବର୍ଷ ମଧ୍ୟରେ ଶ୍ରମିକ ସରକାର କ'ଣ କରିଛନ୍ତି, ସେ ସବୁ ବର୍ଣ୍ଣନା

ଟିପ୍ପଣୀ

କରିଗଲେ । ବିରୋଧୀ ଦଳଙ୍କ ବିଷୟରେ ପଦେହେଲେ ତର୍ଜମା କଲେ ନାହିଁ । ତାଙ୍କର ବକ୍ତୃତା ଦେବାର ଶୈଳୀ ଚମତ୍କାର । ମଝିରେ ମଝିରେ କେହି କେହି ପ୍ରଶ୍ନ ପଚାରୁଥାନ୍ତି । ସଙ୍ଗେ ସଙ୍ଗେ ମିଳେ ମନକୁ ପାଇଲା ଭଳି ଉତ୍ତର ।

ଶ୍ରମିକ ସରକାର ବ୍ରିଟେନ୍‌ରେ ସାମାଜିକ ନିରାପତ୍ତା ପାଇଁ ବ୍ୟବସ୍ଥା କରିଥାନ୍ତି । ଯୁଦ୍ଧ କାଳ ମଧ୍ୟରେ ଲଣ୍ଡନ୍ ଅର୍ଥନୀତି ସ୍କୁଲର ନିର୍ଦ୍ଦେଶକ ଉଇଲିଅମ୍ ବେଭେରିଜ୍ ଏ ଯୋଜନା ପ୍ରଣୟନ କରିଥିଲେ । ସରକାର ଏହା ଗ୍ରହଣ କରିଥିଲେ । ସରକାରୀ ବ୍ୟବସ୍ଥାରେ ଥିଲା, ଯାହାଙ୍କର ଗୋଟିକରୁ ଅଧିକ ଶିଶୁ ସନ୍ତାନ ଅଛନ୍ତି, ତାଙ୍କୁ ପ୍ରତ୍ୟେକଟି ଅଧିକ ସନ୍ତାନ ପାଇଁ ପୁଷ୍ଟିକର ଖାଦ୍ୟ ନିମନ୍ତେ ସପ୍ତାହକୁ ଦୁଇ ଶିଲିଂ ଲେଖାଏଁ ଦିଆଯିବ । ସଭାରେ ପ୍ରଶ୍ନ ହେଲା, ଧନୀ ଲୋକଙ୍କୁ ଏ ସାହାଯ୍ୟ ଦିଆଯିବ କାହିଁକି ? ଉତ୍ତର ମିଳିଲା, ଧନୀ ଲୋକମାନେ ଠିକ୍ ଏହି କଥା କହୁଛନ୍ତି । ଯାହାଙ୍କର ଅଭାବ ତାଙ୍କୁ ଦିଅ- ଆମର ଲୋଡ଼ା ନାହିଁ; ଆମେ ମାଗୁ ନାହୁଁ; ଆମକୁ ନେବା ପାଇଁ ବାଧ କରୁଛ କାହିଁକି ? ସରକାରଙ୍କ ଦୃଷ୍ଟିରେ ସମସ୍ତ ଶିଶୁ ସମାନ । ସମସ୍ତେ ଏଥିପାଇଁ ହକ୍‌ଦାର । ଧନୀ ଲୋକେ ନହେଲେ, ଏ ସହାୟତା ଅଭାବଗ୍ରସ୍ତ ଲୋକଙ୍କ ପାଇଁ ରିଲିଫ୍ ସାହାଯ୍ୟ ପରି ଜଣାଯିବ । ସମାଜର ନୈତିକ ମାନ ଭାଙ୍ଗିଯିବ । ଯଥାର୍ଥରେ ଗଣତାନ୍ତ୍ରିକ ଚେତନା । ସଭାରେ କୌଣସି ଉତ୍ତେଜନା ନାହିଁ, ଗଣ୍ଡଗୋଳ ନାହିଁ ।

କିଛି ଦିନ ପରେ ଖଣ୍ଡିଏ ଛାପା ଚିଠି ମୋ ପାଖକୁ ଆସିଲା । ସେଥିରେ ଲେଖାଅଛି, ମୋର ନାମ ଏବଂ ଭୋଟର ନମ୍ବର । ଭୋଟ କେନ୍ଦ୍ରକୁ ରାସ୍ତା ନିର୍ଦ୍ଦେଶ କରାଯାଇଛି । ପ୍ରାର୍ଥୀଙ୍କର ନାମ ଦିଆଯାଇଛି । ଯୋଗ୍ୟତା ଲେଖାଯାଇଛି । ଫଟୋ ଚିତ୍ର ମଧ୍ୟ ଅଛି । ଦଳର ସଂକ୍ଷିପ୍ତ ନିର୍ବାଚନ ଇସ୍ତାହାର ମଧ୍ୟ ସନ୍ନିବିଷ୍ଟ ହୋଇଛି । ଆଶ୍ଚର୍ଯ୍ୟ ଲାଗିଲା । ମୁଁ କିପରି ଭୋଟର୍ ହେଲି ? ପରେ ଜାଣିଲି, ବିଲାତରେ ଛଅ ମାସ ବାସିନ୍ଦା ହେଲେ ଭୋଟ୍ ଦେବାର ଅଧିକାର ହୁଏ । ମାତ୍ର କେବେ, କିପରି ମୋ ନାମ ଭୋଟ ତାଲିକାରେ ଅନ୍ତର୍ଭୁକ୍ତ ହେଲା, କଳ୍ପନା କରିପାରିଲି ନାହିଁ । ବୋଧହୁଏ, ପ୍ରତି ତିନି ମାସରେ ଯେଉଁ ପଡ଼ି କୁପନ ଦିଆଯାଉଛି, ସେଥିଲାଗି ସରକାରୀ ଖାତାରେ ମୋର ନାମ, ଠିକଣା ଲିପିବଦ୍ଧ କରାଯାଇଥିବ ।

ନିର୍ଦ୍ଦିଷ୍ଟ ଦିନ ଭୋଟ୍ କେନ୍ଦ୍ରକୁ ଗଲି । ସେଠାରେ ଚାରିଜଣ ମହିଳା ବସିଛନ୍ତି । ମୋର ନାମ ଏବଂ ନମ୍ବର ପଚାରିଲେ । ଘର ଭିତରକୁ ବାଟ ଦେଖାଇଦେଲେ । ପ୍ରାର୍ଥୀମାନଙ୍କୁ ସେଠାରେ କୌଣସି ସଂକେତ ଚିହ୍ନ ଦିଆଯାଇ ନାହିଁ । ବିଲାତରେ କେହି ନିରକ୍ଷର ନାହାନ୍ତି । ସମସ୍ତେ ପ୍ରାର୍ଥୀଙ୍କର ନାମ ପଢ଼ି ପାରିବେ । ସଙ୍କେତର ଆବଶ୍ୟକତା ନାହିଁ ।

ଭୋଟ କେନ୍ଦ୍ରରେ ଅଳ୍ପ ଲୋକ, ଭିଡ଼ ନାହିଁ । ପାଟି ତୁଣ୍ଡ ନାହିଁ । ଭିତରେ ଭୋଟ ଦେଇ ବାହାରି ଆସିଲି । ଜଣେ ମହିଳା କହିଲେ, ଧନ୍ୟବାଦ ! ମୁଁ ୧୯୪୬ ମସିହା ସେପ୍ଟେମ୍ବର ମାସରେ ଭାରତ ଛାଡ଼ିଥିଲି-ସ୍ୱାଧୀନତା ପୂର୍ବରୁ । ସେ ଦିନ ଲଣ୍ଡନ୍‌ରେ ଭୋଟ ଦେଇ ଫେରିଲାବେଳେ ମୋର ମାନସପଟରେ ଗୋଟିଏ ଚିତ୍ର ଆଙ୍କି ହୋଇ ଯାଇଥିଲା - ଭାରତକୁ ଫେରିଲେ, ଏହିପରି ଶାନ୍ତ, ଶିଷ୍ଟ, ସଂଯତ ପରିବେଶ ମଧ୍ୟରେ ଦେଖିବି ନିର୍ବାଚନ ସଭା; ଆଉ ସେହିପରି ଅନାବିଳ ପରିବେଶ ମଧ୍ୟରେ ଭୋଟକେନ୍ଦ୍ରରେ ଭୋଟ ଦେଇ ଉପଲବ୍ଧି କରିବି ଗଣତନ୍ତ୍ରର ସାର୍ଥକତା ।

ଶବ୍ଦାର୍ଥ :

ସୋସାଲିଷ୍ଟ - ସମାଜବାଦୀ

ଯବନିକା - ଶେଷହେବା

ଅନଟନ - ଅଭାବ

ଲେକ୍‌ଚର୍ - ଭାଷଣ,

ଅନାବିଳ - ସ୍ୱଚ୍ଛ, ପରିଷ୍କାର

୩.୫ ପ୍ରବନ୍ଧଟିକୁ ବୁଝିବା ପାଇଁ

ସାଧାରଣତଃ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ପ୍ରବନ୍ଧ ତିନୋଟି ପର୍ଯ୍ୟାୟରେ ରଚିତ ହୋଇଥାଏ, ଯଥା - ଉପକ୍ରମ, ବିଷୟବସ୍ତୁ ଓ ଉପସଂହାର । ଏହି ତିନୋଟି ପର୍ଯ୍ୟାୟ ନେଇ ତୁମେ ପଢ଼ିଥିବା ପ୍ରବନ୍ଧର ବିଷୟକୁ ବୁଝିବା ।

ସଂସଦୀୟ ଗଣତନ୍ତ୍ରର ସଫଳତା ଇଂଲଣ୍ଡରେ ଦେଖିବାକୁ ମିଳେ । ସାରା ବିଶ୍ୱକୁ ଏହି ବ୍ୟବସ୍ଥା ଇଂଲଣ୍ଡ ସଭ୍ୟତାର ଅବଦାନ । ସେଥିପାଇଁ ଇଂଲଣ୍ଡକୁ ସଂସଦୀୟ ଗଣତନ୍ତ୍ରର ଜନନୀ ବୋଲି କୁହାଯାଇଥାଏ । ଆମ ଦେଶ ଭାରତ ଦୀର୍ଘ ଦୁଇଶହ ବର୍ଷ ଇଂରେଜ ଶାସନାଧୀନ ଥିବାରୁ ସ୍ୱାଭାବିକ ଭାବରେ ଇଂରାଜୀ ଶିକ୍ଷା, ସଭ୍ୟତା ଓ ସଂସ୍କୃତି ସହ ପରିଚିତ ହୋଇଥିଲା । ଦେଶ ସ୍ୱାଧୀନ ହେବାପରେ ରାଜତନ୍ତ୍ର ଶାସନ, ଏକଛତ୍ର ଶାସନ ବା ସାମରିକ ଶାସନ ପରିବର୍ତ୍ତେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିଥିଲା । ସେଥିପାଇଁ ସମ୍ବିଧାନ ପ୍ରଣୟନ କରାଗଲା ଓ ତାହାକୁ ଆଧାରକରି ରାଷ୍ଟ୍ର ପରିଚାଳିତ ହେଲା । ଆମ ସହିତ ସ୍ୱାଧୀନ ହୋଇଥିବା ପାଖ ପଡ଼ୋଶୀ ଦେଶମାନଙ୍କରେ ନାନା ବିଶୃଙ୍ଖଳା ଦେଖା ଦେଇଛି । ମାତ୍ର ଭାରତ ଗଣତନ୍ତ୍ରର ଗାରିମାକୁ ବଜାୟ ରଖିଛି । ଆମପାଇଁ ଏହା ଗୋଟିଏ ଗୌରବର ବିଷୟ । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ପଦରେ କ୍ଲେମେଣ୍ଟ ଆଟଲୀ ଥିଲାବେଳେ ଭାରତ ସ୍ୱାଧୀନ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଭାରତ ଆସି ଭାଷଣ ପ୍ରସଙ୍ଗରେ ଆମ ଦେଶର ଶାସନ ବ୍ୟବସ୍ଥା ଓ ସଂସଦୀୟ ଗଣତନ୍ତ୍ରର ସଫଳତାକୁ ପ୍ରଶଂସା କରିଥିଲେ ।

ଲେଖକଙ୍କ ମତରେ ଗଣତନ୍ତ୍ର ପ୍ରକୃତରେ ଗୋଟିଏ ସଭ୍ୟତମ ଶାସନ ବ୍ୟବସ୍ଥା । ଏଥିରେ ଆଇନ ବ୍ୟବସ୍ଥା ଅନୁଯାୟୀ ଶାସନ ପରିଚାଳିତ ହୁଏ । କୌଣସି ବ୍ୟକ୍ତିର ମନ ବା ଇଚ୍ଛା ଅନୁସାରେ ଶାସନ ଚାଲେ ନାହିଁ । ଏଥିପାଇଁ ସମ୍ବିଧାନ ଓ ଅନେକ ଆଇନ ପ୍ରଣୟନ କରାଯାଇଛି । ଏହାବ୍ୟତୀତ କେତେଗୁଡ଼ିଏ ଶୃଙ୍ଖଳିତ ଆଚରଣ ମଧ୍ୟ ଗଣତନ୍ତ୍ରର ମୂଳାଧାର ଭାବରେ ରହିଛି । ଏଗୁଡ଼ିକ ଅତି ସରଳ ଓ ସାମାନ୍ୟ । ସାଧାରଣ ଶିଷ୍ଟାଚାର, ନୈତିକ ସୌଜନ୍ୟ ଭଳି ମାନବ ସଭ୍ୟତାର ଶାଶ୍ୱତ ଗୁଣାବଳୀ ଗଣତନ୍ତ୍ରକୁ ଅଧିକ ଫଳପ୍ରଦ କରିଥାଏ । ଏହା ପୁଣି କେବଳ ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କଠାରୁ ଆଶା କରାଯାଏ ତା ନୁହେଁ, ସାଧାରଣ ନାଗରିକମାନଙ୍କଠାରୁ ମଧ୍ୟ ଆଶା କରାଯାଏ ।

ବିଷୟବସ୍ତୁ : ଉପକ୍ରମ ଅଂଶରେ ଯେଉଁ ଗଣତାନ୍ତ୍ରିକ ଆଚରଣ ପ୍ରସଙ୍ଗ ଉତ୍‌ଥାପିତ ହେଲା, ତାହାର କେତୋଟି ଉଦାହରଣ ଲେଖକ ନିଜ ଇଂଲଣ୍ଡ ଅନୁଭୂତିରୁ ପ୍ରଦାନ କରିଛନ୍ତି । (କ) ସଂସଦରେ (ଖ) ସାମାଜିକ ଜୀବନରେ (ଗ) ଶିକ୍ଷାନୁଷ୍ଠାନରେ (ଘ) ନିର୍ବାଚନ ସଭା ଓ (ଙ) ଭୋଟଦାନ ବ୍ୟବସ୍ଥାରେ ସେହି ଆଚରଣର ପ୍ରତିଫଳନ ଦର୍ଶାଇ ଲେଖକ ତାଙ୍କ ବକ୍ତବ୍ୟକୁ ବଳିଷ୍ଠ କରିଛନ୍ତି ।

(କ) ବଜେଟ ଅଧିବେଶନ ବସିବାର ଅବ୍ୟବହିତ ପୂର୍ବରୁ ଅର୍ଥମନ୍ତ୍ରୀ ଡଲଟନ୍ ଓ ଅନ୍ୟ ସଦସ୍ୟମାନେ ସଂସଦ ଭବନ ବାହାରେ ଖୁସି ଗଳ୍ପରେ ବ୍ୟସ୍ତ ଥିଲେ । ଗଳ୍ପ ଛନ୍ଦରେ କେହି ସାମ୍ବାଦିକ କହିଥିଲେ, ଧୂମପାନ ଏବଂ ମଦ୍ୟପାନ ଉପରେ ଟିକସ ବଢ଼ିପାରେ । କଥା ଲହସରେ ଅର୍ଥମନ୍ତ୍ରୀଙ୍କ ପାଟିରୁ ବାହାରିଗଲା, 'ଯଦି ଆବଶ୍ୟକ ପଡ଼େ କରିବାକୁ ହେବ ।' କଥା ସେଇଠି ସରିଲା । ଅଧିବେଶନ ଆରମ୍ଭ ହୋଇଯିବାରୁ ସମସ୍ତ ସଦସ୍ୟ ଓ ମନ୍ତ୍ରୀ ଭିତରକୁ ଚାଲିଗଲେ । ଡଲଟନ୍ ବଜେଟ ଆଗତ କରୁଥିବାବେଳେ ହଠାତ୍ ବିରୋଧୀ ଦଳ

ଟିପ୍ପଣୀ

ନେତା ହାତରେ ଖଣ୍ଡିଏ ଖବର କାଗଜ ଦେଖାଇ ବାଚସ୍ପତି ମହୋଦୟଙ୍କୁ କହିଲେ, ସଂସଦର ସଭ୍ୟମାନେ କିଛି ଜାଣିବା ପୂର୍ବରୁ, ବାହାରେ ସମସ୍ତେ ବଜେଟ୍ ପ୍ରସ୍ତାବ ପାଇସାରିଲେଣି । ବିଅର ଓ ଧୂଆଁପତ୍ର ଉପରେ ଅତିରିକ୍ତ କର ।'

ବିରୋଧୀ ନେତା ଚର୍ଚ୍ଚିଲ କହିବା ଦେଖି ଶିଷ୍ଟାଚାର ରଖି ଅର୍ଥମନ୍ତ୍ରୀ ଡଲ୍‌ଟନ୍ ବସିପଡ଼ିଥିଲେ । ସେ ପୁଣି ଠିଆହୋଇ ଅବିଚଳିତ ଭାବରେ ବଜେଟ୍ ପ୍ରସ୍ତାବ ପଢ଼ିଲେ । ତାହା ଶେଷ ହେବା ପରେ ଚର୍ଚ୍ଚିଲଙ୍କ ଅଭିଯୋଗର ଉତ୍ତର ଦେଇ ସାମ୍ବାଦିକଙ୍କ ସହ ତାଙ୍କର ଆଳାପ ବିଷୟରେ କହିଲେ । ଶେଷରେ କହିଲେ, ଜଣେ ଦାୟିତ୍ୱ ସମ୍ପନ୍ନ ମନ୍ତ୍ରୀଙ୍କ ପକ୍ଷରେ ଏପରି କହିବା ଉଚିତ ନଥିଲା । ତାପରେ ସେ ମନ୍ତ୍ରୀପଦରୁ ଇସ୍ତାଫା ଦେଇଥିଲେ । ଇସ୍ତଫା ଦେବା ତାଙ୍କର ଗଣତାନ୍ତ୍ରିକ ଆଚରଣ । ସରକାର ଯାହାକିଛି ପଦକ୍ଷେପ ନେବେ ପ୍ରଥମେ ସଂସଦରେ ତାହା ଗୃହୀତ ହେବା ବାଞ୍ଛନୀୟ । ପରୋକ୍ଷରେ ହେଲେ ମଧ୍ୟ ଡଲ୍‌ଟନ୍ ସଂସଦର ଗାରିମା ନଷ୍ଟ କରିବା କଥା ଅନୁଭବ କରି ତ୍ୟାଗପତ୍ର ଦେଇଥିଲେ । ସେ ଆଉ ରାଜନୀତିକୁ ମଧ୍ୟ ଫେରିଲେ ନାହିଁ ।

(ଖ) ସାମାଜିକ କ୍ଷେତ୍ରରେ ଗଣତାନ୍ତ୍ରିକ ଆଚରଣର ଦୁଇଟି ଅଭିଜ୍ଞତା ପ୍ରଦାନ କରିଛନ୍ତି ଲେଖକ । ଜଣେ ସହପାଠୀଙ୍କ ନିମନ୍ତ୍ରଣ ରକ୍ଷାକରି ସେ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ । ଦେଶରେ ବିଦ୍ୟୁତ୍ ଶକ୍ତିର ସଂକଟ ଦେଖାଦେଇ ଥାଏ । ଶକ୍ତି ବଞ୍ଚାଇବା ପାଇଁ ମନ୍ତ୍ରୀ ସିନ୍‌ଓ୍ୱେଲ ଦିନ ଦୁଇଟାରୁ ଛଅଟା ପର୍ଯ୍ୟନ୍ତ ରୁମ୍ ହିଟର ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ନିବେଦନ କରିଥାନ୍ତି । ଶୀତ ପ୍ରବଳ ହେଉଥିବାରୁ ଲେଖକ ଖାଇ ବସିଥିବା କୋଠରୀରେ ମଧ୍ୟ ହିଟର ଲାଗିଥାଏ । ବନ୍ଧୁ ଏ ନିୟମର ଘୋର ବିରୋଧ କରୁଥିଲେ ମଧ୍ୟ ଘଣ୍ଟାରେ ଯେମିତି ଦୁଇଟା ବାଜିଲା ସେ ଉଠିପଡ଼ି ହିଟର ବନ୍ଦ କରିଦେଲେ । ଧରପଗଡ଼, ତଲାସୀ ନଥାଇ ମଧ୍ୟ ଲୋକେ ସ୍ୱତଃ ପ୍ରବୃତ୍ତ ଭାବରେ ସରକାରଙ୍କୁ ସହଯୋଗ କରିଛନ୍ତି । ବିରୋଧ କରୁଥିଲେ ମଧ୍ୟ ବିରୋଧୀ ମତକୁ ସମ୍ମାନ ଦେଇଛନ୍ତି । ଅନ୍ୟମତ ପ୍ରତି ସହନଶୀଳ ହୋଇ ବିଚାର କରବା ଓ ସମ୍ମାନ ପ୍ରଦାନ କରିବା ଉତ୍ତମ ଗଣତାନ୍ତ୍ରିକ ଆଚରଣ ।

ସମାଜରେ ଥିବା ଧନୀ-ଦରିଦ୍ରର ପାର୍ଥକ୍ୟକୁ ଗଣତାନ୍ତ୍ରିକ ଆଚରଣ ଦ୍ୱାରା ବଦଳାଇ ସମାନତା ଅଣାଯାଇପାରେ ଏହା ଲେଖକ ଅନୁଭବ କରିଛନ୍ତି । ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଂଲଣ୍ଡ ଆର୍ଥିକ ସଂକଟ ଦେଇ ଗତି କରୁଥାଏ । ସେଥିପାଇଁ ପଡ଼ି କୁପନ୍‌ର ବ୍ୟବସ୍ଥା କରାଯାଇଥିଲା । ଲୋକଙ୍କୁ କ,ଖ,ଗ ଶ୍ରେଣୀରେ ବିଭକ୍ତ ନ କରି ସମସ୍ତଙ୍କ ପାଇଁ ସମାନ କୁପନ୍ ବ୍ୟବସ୍ଥା କରାଗଲା । ଉଦାହରଣ ସ୍ୱରୂପ ହୋଟେଲରେ ଖାଇଲେ ଅଢ଼େଇ ଶିଲିଂରୁ ଅଧିକ ମୂଲ୍ୟର ଖାଦ୍ୟ ମିଳିବ ନାହିଁ । କେହି ଅଧିକ ମୂଲ୍ୟର ଖାଦ୍ୟ ମାଗୁ ନଥାନ୍ତି । କି ଏହାକୁ ଲଦିଲା ଭଳି ଅନୁଭବ କରୁନଥାନ୍ତି । ସମସ୍ତ ନାଗରିକ ସମାନ - ସମସ୍ତଙ୍କ ପାଇଁ ନିୟମ ମଧ୍ୟ ସମାନ । ଏହା ଗଣତନ୍ତ୍ରର ମୂଳ କଥା ।

(ଗ) ନୀତି ବା ନିୟମ ନିର୍ଦ୍ଧାରିତ ହେଲାପରେ ତାହାକୁ ଯେକୌଣସି ପରିସ୍ଥିତିରେ ପାଳନ କରିବାକୁ ଶିଖିବା ଗଣତନ୍ତ୍ରର ଆଉ ଗୋଟିଏ ସୁନ୍ଦର ଆଚରଣ । ଲେଖକ ଲଣ୍ଡନ ଅର୍ଥନୀତି ସ୍କୁଲର ଗବେଷଣା କଲାବେଳେ ସେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ପରଲୋକ ହେଲା । ଅନୁଷ୍ଠାନର କାର୍ଯ୍ୟସୂଚୀ ଶିକ୍ଷାବର୍ଷ ଆରମ୍ଭରୁ ଧାର୍ଯ୍ୟ ହୋଇଥିବାରୁ ସେଥିରେ କୌଣସି ପରିବର୍ତ୍ତନ କରାଗଲା ନାହିଁ କି ସେଦିନ ଛୁଟି ମଧ୍ୟ ଘୋଷିତ ହେଲା ନାହିଁ । ପାଠପଢ଼ା ଯଥାବିଧି ଚାଲିଲା । ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହେଲା ଓ ଯେଉଁମାନଙ୍କର ସେହି ସମୟରେ ଅନ୍ୟ କୌଣସି କାର୍ଯ୍ୟବ୍ୟସ୍ତତା ନାହିଁ କେବଳ ସେହିମାନଙ୍କୁ ସଭାରେ ଯୋଗଦେବାପାଇଁ

ଅନୁରୋଧ କରାଗଲା । ନିୟମ ପାଳନରେ ସମସ୍ତେ ଅଭ୍ୟସ୍ତ । ଶିକ୍ଷାନୁଷ୍ଠାନରେ ଗଣତାନ୍ତ୍ରିକ ଆଚରଣର ଆଉ ଗୋଟିଏ ବିଶେଷ ଅଭିଜ୍ଞତା ଲେଖକ ବ୍ୟକ୍ତ କରିଛନ୍ତି । ରାଜନୀତି ବିଜ୍ଞାନର ପ୍ରଖ୍ୟାତ ପ୍ରଫେସର ଲାସ୍କି ଯେଉଁ ପିରିୟଡ଼ରେ 'ଆଧୁନିକ ଗଣତନ୍ତ୍ର' ବିଷୟରେ ପାଠ ପଢ଼ାନ୍ତି, ସେଦିନ ଇଂଲଣ୍ଡର କେତେଜଣ ମନ୍ତ୍ରୀ ଅନୁମତି ନେଇ କ୍ଲାସରେ ଆସି ବସିଥାନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ ନାହିଁ । ଛାତ୍ରମାନଙ୍କ ସାଙ୍ଗରେ ସମାନ ବେଞ୍ଚରେ ସେମାନେ ବସନ୍ତି । ତାଙ୍କୁ ଅନୁଷ୍ଠାନ ମଧ୍ୟକୁ ଅଭ୍ୟର୍ଥନା କରି ଅଣାଯାଏ ନାହିଁ କି କେହି ତାଙ୍କୁ ମଧ୍ୟ ଲକ୍ଷ୍ୟ କରନ୍ତି ନାହିଁ ।

(ଘ) ନିର୍ବାଚନ ସଭାରେ ମଧ୍ୟ ଶିଷ୍ଟ ଆଚରଣ ଲେଖକ ଲକ୍ଷ୍ୟ କରିଛନ୍ତି । ଶ୍ରମିକ ସରକାରଙ୍କ ଜଣେ ମନ୍ତ୍ରୀ ତାଙ୍କ ଭାଷଣରେ ସରକାର କ'ଣ କରୁଛନ୍ତି ତାହା ବର୍ଣ୍ଣନା କରୁଥାନ୍ତି । ବିରୋଧୀ ଦଳ ବିଷୟରେ ପଦେ ହେଲେ ମନ୍ତବ୍ୟ ଦେଲେ ନାହିଁ । କେହି ଜଣେ ଶ୍ରୋତା ଧନୀମାନଙ୍କୁ କାହିଁକି ଗରିବଙ୍କ ସୁବିଧା ଦିଆଯାଉଛି ବୋଲି ପଚାରିବାରୁ ମନ୍ତ୍ରୀ ମହୋଦୟ ବୁଝାଇ ଦେଲେ ଯେ ସରକାରଙ୍କ ଦୃଷ୍ଟିରେ ସମସ୍ତେ ସମାନ । ସମସ୍ତେ ସମାନ ଭାବରେ ସରକାରୀ ସାହାଯ୍ୟ ପାଇଁ ହକ୍‌ଦାର । ଧନୀ ଲୋକେ ନ ଦେଲେ ଏ ସହାୟତା ଅଭାବୀଙ୍କୁ ରିଲିଫ ସାହାଯ୍ୟ ପରି ଜଣାଯିବ । ସେମାନଙ୍କ ମନରେ ଗୌଣ ଭାବ ଆସିବ । ଫଳରେ ସମାଜର ନୈତିକ ମାନ ନଷ୍ଟ ହେବ । ଏହା ଜାତି ପାଇଁ କ୍ଷତିକାରକ ।

(ଙ) ପରିଶେଷରେ ଲେଖକ ଇଂଲଣ୍ଡର ଭୋଟ ବ୍ୟବସ୍ଥାର ସରଳତା ବର୍ଣ୍ଣନା କରିଛନ୍ତି । ଲେଖକ ଭାରତୀୟ ପୁଣି ଗବେଷଣା ପାଇଁ ଇଂଲଣ୍ଡରେ ଅଛନ୍ତି । ତଥାପି ତାଙ୍କୁ ଆଶ୍ଚର୍ଯ୍ୟ କରି ଦିନେ ଡାକରେ ତାଙ୍କ ପାଖକୁ ଗୋଟିଏ ଭୋଟ ପତ୍ର ଆସିଲା । ସେଥିରେ ତାଙ୍କର ନାମ, ଭୋଟର ସଂଖ୍ୟା ସହ ପ୍ରାର୍ଥୀଙ୍କ ନାମ, ଯୋଗ୍ୟତା, ଦଳର ସଂକ୍ଷିପ୍ତ ନିର୍ବାଚନୀ ଇସ୍ତାହାର ସହ ଭୋଟ କେନ୍ଦ୍ରର ରାସ୍ତା ନିର୍ଦ୍ଦେଶ ମଧ୍ୟ ଥିଲା । ଲେଖକ ଜାଣିଲେ ଇଂଲଣ୍ଡନର ଛଅମାସ ରହିଲେ ଆପେ ଆପେ ଭୋଟର ତାଲିକାରେ ନାମ ଯୋଡ଼ି ହୋଇଯାଏ । ଲେଖକ ଭୋଟ ଦେବାକୁ ଗଲେ । ସେଠାରେ ଭିଡ଼ ନଥିଲା କି ଗହଳି ନଥିଲା । ଭୋଟ କାଗଜରେ ପ୍ରାର୍ଥୀଙ୍କ ନାମ ଥିଲା ଚିହ୍ନ ନଥିଲା, କାରଣ ନାଗରିକମାନେ ଶିକ୍ଷିତ, ସେମାନେ ପ୍ରାର୍ଥୀଙ୍କ ନାମ ପଢ଼ି ଭୋଟ ଦେଇପାରିବେ । ଭୋଟ ଦାନର ଏ ସରଳ ପ୍ରକ୍ରିୟା ମଧ୍ୟ ଗୋଟିଏ ସଭ୍ୟ ଦେଶର ଗଣତାନ୍ତ୍ରିକ ଆଚରଣ ।

ଉପସଂହାର: ପ୍ରବନ୍ଧର ଉପସଂହାର ଅଂଶଟି ଅତି ସଂକ୍ଷିପ୍ତ । ଲେଖକ ଆକସ୍ମିକ ଭାବେ ପ୍ରବନ୍ଧକୁ ଶେଷ କରିଛନ୍ତି । ଲେଖକ ଇଂଲଣ୍ଡରେ ଥିଲାବେଳେ ଭାରତ ସ୍ୱାଧୀନ ହୋଇଥିଲା । ଦେଶ ଗଣତାନ୍ତ୍ରିକ ଶାସନ ପଦ୍ଧତି ମଧ୍ୟ ଗ୍ରହଣ କରିଥିଲା । ତେଣୁ ଇଂଲଣ୍ଡରେ ଗଣତାନ୍ତ୍ରିକ ଆଚରଣ ସମ୍ପର୍କରେ ତାଙ୍କର ଯେଉଁ ଅଭିଜ୍ଞତା ହୋଇଥିଲା ସେଥିରୁ ସେ ସ୍ୱପ୍ନ ଦେଖିଥିଲେ ଯେ ଭାରତକୁ ଫେରି ସେ ସଂସଦଠାରୁ ଆରମ୍ଭକରି ସାଧାରଣ ଜନଜୀବନରେ ମଧ୍ୟ ଏଭଳି ଶୃଙ୍ଖଳିତ ଆଚରଣ ଦେଖିବାକୁ ପାଇବେ । ଏଭଳି ସକାରାତ୍ମକ ଭାବ ନେଇ ପ୍ରବନ୍ଧ ସମାପ୍ତ ହୋଇଛି ।

୩.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ଗଣତନ୍ତ୍ର କେବେଳ ଏକ ଶାସନ ପ୍ରଣାଳୀ ନୁହେଁ, ଏହା ଏକ ସଂଯତ ସଭ୍ୟତା । ଏଥିରେ ଅଛି ନୈତିକ ସୌଜନ୍ୟ - ଲେଖକଙ୍କ ଏହି ଉକ୍ତିର ପ୍ରମାଣ ଦିଅ ।

II. ଇଂଲଣ୍ଡ ରହଣି କାଳରେ ଲେଖକଙ୍କ ଅଭିଜ୍ଞତା ବର୍ଣ୍ଣନା କର ।

III. ଇଂଲଣ୍ଡରେ ଭୋଟ ଦେବାର ବ୍ୟବସ୍ଥା ସମ୍ପର୍କରେ ଲେଖକଙ୍କ ଅଭିଜ୍ଞତା ପ୍ରଦାନ କର ।

IV. ଇଂଲଣ୍ଡ ଅର୍ଥନୀତି ସ୍କୁଲରେ ଗବେଷଣା କରିବା ସମୟର ଲେଖକଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ଭାରତର ରାଜନୀତିକ ଗୌରବ କ'ଣ ?
ii) କେଉଁଟି ମାନବ ସଭ୍ୟତାର ଶାଶ୍ୱତ ଗୁଣ ?
iii) ଭାରତ ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?
iv) ଇଂଲଣ୍ଡରେ କେତେ ମାସ ରହିଲେ ଭୋଟ ଅଧିକାର ମିଳେ ?
v) ପାର୍ଲିଆମେଣ୍ଟରେ ଚର୍ଚ୍ଚିଲ ଠିଆ ହେବାରୁ ଅର୍ଥମନ୍ତ୍ରୀ ବସିଲେ କାହିଁକି ?
vi) ଅର୍ଥନୀତି ସ୍କୁଲରେ ଶୋକସଭା ସନ୍ଧ୍ୟାରେ ହେଲା କାହିଁକି ?
vii) ବ୍ରିଟିଶ ଦର୍ଶନ ଓ ଅନୁଷ୍ଠାନ କ'ଣ ?
viii) ଇଂଲଣ୍ଡରେ ଭୋଟ କାଗଜରେ ଦଳୀୟ ଚିହ୍ନ ନଥାଏ କାହିଁକି ?
ix) ଅର୍ଥମନ୍ତ୍ରୀ ଇସ୍ତଫା କାହିଁକି ଦେଲେ ?
x) ସହପାଠୀ ବନ୍ଧୁଙ୍କ କେଉଁ ଆଚରଣରେ ଲେଖକ ଖୁସି ହେଲେ ?
xi) ମନ୍ତ୍ରୀଙ୍କ ଭୋଟ ପ୍ରଚାର ଲେଖକଙ୍କୁ କାହିଁକି ଭଲ ଲାଗିଲା ?
xii) ଲେଖକ କ'ଣ ସ୍ୱପ୍ନ ଦେଖିଥିଲେ ?

୩.୭ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ଲଣ୍ଡନ ..... ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ।
(ଡାଉନିଙ୍ଗ ଷ୍ଟ୍ରୀଟ, ପାର୍କ ଷ୍ଟ୍ରୀଟ୍, ମଲ୍ ଷ୍ଟ୍ରୀଟ୍)

ଖ) ମନ୍ତ୍ରୀମାନେ ପାର୍ଲିଆମେଣ୍ଟରେ ଯେଉଁଠାରେ ବସନ୍ତି ତାକୁ ..... କୁହାଯାଏ ।
(ଟ୍ରେଜେରୀ ବେଞ୍ଚ୍, ମନ୍ତ୍ରୀ ସଦନ, ସାଧାରଣ ସଦନ)

ଗ) ଅଟ୍‌ଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ..... ଥିଲେ ବିତ୍ତମନ୍ତ୍ରୀ ।
(ଡଲ୍‌ଟନ୍, ଚର୍ଚ୍ଚିଲ, ସିନ୍‌ଓ୍ୱେଲ)

ଘ) ଲଣ୍ଡନରୁ ସଂଧ୍ୟାରେ ..... ଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ ।
(୨ ଖଣ୍ଡ, ୩ଖଣ୍ଡ, ୭ଖଣ୍ଡ)

ଙ) ..... ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ ଥିଲେ ।
(ଚର୍ଚ୍ଚିଲ, ହାରଲ୍ଡ ଲାସ୍କି, ଅଟ୍‌ଲି, ଡଲ୍‌ଟନ୍)

୩.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତରମାଳା

କ) ଡାଉନିଙ୍ଗ ଷ୍ଟ୍ରୀଟ ଖ) ଟ୍ରେଜେରୀ ବେଞ୍ଚ୍ ଗ)ଡଲ୍‌ଟନ୍
ଘ) ୩ଖଣ୍ଡ ଙ) ହାରଲ୍ଡ ଲାସ୍କି

●●●

ଟିପ୍ପଣୀ

୪

ଭୂତମାନେ କଅଣ କରନ୍ତି

ପ୍ରଫେସର ଡକ୍ଟର ଗଣେଶ୍ୱର ମିଶ୍ର

୪.୧ ଉପକ୍ରମ

ଭୂତମାନେ ସତରେ ଥାଆନ୍ତୁ କି ନଥାନ୍ତୁ କିନ୍ତୁ ଭୂତ ଗପ ଅଛି । ସେମାନଙ୍କୁ ନେଇ କେତେ ଯେ କଥା ଉପକଥା ରହିଛି, ତାରଇୟତ୍ତା ନାହିଁ । ଭୂତକଥା ଶୁଣିବାକୁ ସମସ୍ତେ କାନ ଡେରିଥାନ୍ତି । ଶୁଣିଲେ ମନ ଉଚ୍ଚାଟ ହୁଏ । ଆବେଗ ଓ ଉତ୍କଣ୍ଠାରେ ମନ ସତେଜ ହୁଏ । ଏଡ଼େ ସୁନ୍ଦର ମନୋରଞ୍ଜନ କରେ ଯେ ନିଦ ଲାଗୁଥିଲେ ଭାଙ୍ଗିଯାଏ । ଏଭଳି ଏକ ପରିସ୍ଥିତିରେ ସୁନ୍ଦର ବର୍ଣ୍ଣନା ମିଳେ ଏହି ରଚନାଟିରୁ । ଆସ ପଢ଼ିବା ।

୪.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଭୂତ ବିଷୟରେ ଜାଣିବା ।
- ଭୂତମାନଙ୍କର କାର୍ଯ୍ୟକଳାପ ଗଳ୍ପର ଚରିତ୍ର ମାଧ୍ୟମରେ ଅନୁଭବ କରିବା ।
- ଭୂତ ସମ୍ପର୍କରେ ଗଳ୍ପର ଚରିତ୍ରଗୁଡ଼ିକର ଅନୁଭୂତି ସମ୍ପର୍କରେ ଜାଣିବା ।
- ଭୂତ ପ୍ରତି ଲୋକଙ୍କର ବିଶ୍ୱାସ ସମ୍ପର୍କରେ ସୂଚନା ଲାଭ କରିବା ।

୪.୩ ଗାଳ୍ପିକଙ୍କ ପରିଚୟ

ଇଂରାଜୀ ସାହିତ୍ୟର ପ୍ରଫେସର ଗଣେଶ୍ୱର ମିଶ୍ର (୧୯୪୨) ଉପନ୍ୟାସ, ଗଳ୍ପ ଫିଚର୍, ଅନୁବାଦ, କବିତା ଓ ଶିଶୁସାହିତ୍ୟ ରଚନାରେ ଜଣେ ସଫଳ ବ୍ୟକ୍ତି । 'ସାମୁଦ୍ରିକ', 'ଆରୋହୀ', 'ନେତା', 'ସକାଳର ମୁହଁ' ପ୍ରଭୃତି ତାଙ୍କର ଚର୍ଚ୍ଚିତ ଉପନ୍ୟାସ । 'ସକାଳର ମୁହଁ' ଉପନ୍ୟାସଟି ଇଂରାଜୀରେ ଅନୁବାଦ ହୋଇ ପ୍ରସିଦ୍ଧି ଲାଭ କରିଛି । ଏହା ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ତାଙ୍କ ରଚିତ ଭ୍ରମଣପୁସ୍ତକ ହେଲା- 'ସମୁଦ୍ର ସେପାରେ', 'ନିଜ ଦେଶ ଓ ଅନ୍ୟ ଦେଶ', 'ନୂତନ ମାଟିର ସ୍ୱର୍ଶ' ଇତ୍ୟାଦି । ବର୍ତ୍ତମାନ ସେ ଦୈନିକ ଖବର କାଗଜ 'ପ୍ରମେୟ'ର ସମ୍ପାଦନା କରୁଛନ୍ତି ।

୪.୪ ମୂଳ ବିଷୟ

ଓଡ଼ିଶାର କୌଣସ ଗୋଟିଏ କ୍ଷୁଦ୍ର ସହରରୁ ଆମେ ଆସୁଥାଉ ଭୁବନେଶ୍ୱର ଅଭିମୁଖେ । କାର୍‌ରେ ମୁଁ, ମୋର ଜଣେ ସହକର୍ମୀ ଅଧ୍ୟାପକ, କୌଣସି ପ୍ରାଇଭେଟ୍ କଲେଜର ଅଧ୍ୟକ୍ଷ ଓ ସର୍ବୋପରି, ଅଭିଜ୍ଞ, ଟୋପିପରିହିତ ଡ୍ରାଇଭର । ଗାଡ଼ି ଚାଲିଥାଏ ଦ୍ରୁତ ଗତିରେ । ରାସ୍ତା ନିର୍ଜନ । କିଛି କିଛି ଦୂରତାରେ ମଫସଲି ବଜାର ସେମାନଙ୍କ ଆଲୋକିତ କୋଳାହଳ ଓ ମଳିନ ଖପରୁଲି ଘରସବୁ । ସମୟ ରାତି ଏଗାରଟା ।

ଅଧ୍ୟକ୍ଷ କହିଲେ, 'ସମସ୍ତେ ଚୁପ୍‌ଚାପ୍ ବସିଲେ କାହିଁକି ? କିଛି କହନ୍ତୁ ।'

ଟିପ୍ପଣୀ

ଭୂତମାନେ କଅଣ କରନ୍ତି

ମୋର ସହକର୍ମୀ କ୍ଷୀଣ ସ୍ୱରରେ ଉତ୍ତର ଦେଲେ, ମୁଁ ଆଜି ଭୀଷଣ ଟାୟାର୍ଡ୍ । ରାତି ପାଞ୍ଚଟାରୁ ଉଠିଛି ।' ସେ ତାଙ୍କ ଉକ୍ତିର ସତ୍ୟତା ପ୍ରମାଣ କରିବାକୁ ଅବିଳମ୍ବେ ଆଖିବୁଜି ଢୁଳାଇବାକୁ ଲାଗିଲେ ।

ଅଧ୍ୟକ୍ଷ ମୋତେ ଚାହିଁଲେ । ମୁଁ କହିଲି, 'ମୁଁ ଆଜ୍ଞା ଢୁଳାଏ ନାହିଁ । ଟ୍ରେନ ବା କାର୍‌ରେ ଗଲାବେଳେ ମୋତେ କେବେ ନିଦ ଲାଗେ ନାହିଁ ।'

ସେ ଆଶ୍ୱସ୍ତ ହେଲେ । ବାହାରକୁ ଆଙ୍ଗୁଠି ଦେଖାଇ କହିଲେ, 'ହେଇ ଠିକ୍ ଏଇଠି ... ଏକ ବରଗଛ ତଳେ । ଗଲାବର୍ଷ କଥା ।'

ମୁଁ ଉତ୍ସାହରେ ଅଧ୍ୟକ୍ଷଙ୍କ ମୁହଁକୁ ଚାହିଁଲି । କାର୍ ଭିତରର ଅନ୍ଧାରରେ ତାଙ୍କ ମୁହଁ ହଠାତ୍ ରହସ୍ୟମୟ ହୋଇ ଉଠିଥିଲା । ସେ କହୁଥିଲେ, 'ଅନେକ ସମୟରେ ବେଶୀ ରାତିରେ ମୁଁ କଟକ ଫେରେ । ଥରେ ନୁହେଁ ଦି'ଥର ନୁହେଁ, ଚାରି ପାଞ୍ଚ ଥର ଦେଖିଲି - କଳାବୁର୍ଖାପିନ୍ଧା ସ୍ତ୍ରୀ ଲୋକ ଜଣେ ସେଇ ଗୋଟିଏ ଜାଗାରେ ଠିଆ ହୋଇ କାର୍‌ରେ ଯିବାପାଇଁ ହାତ ଦେଖାଉଛି ।'

'ଆପଣ ଗାଡ଼ି ଅଟକାଇଲେ ?' ମୁଁ ପଚାରିଲି ।

ସେ ହସି ହସି କହିଲେ, 'କିଏ ଲୋକ ନଜାଣି କେମିତି ଗାଡ଼ି ଅଟକାଇଥାନ୍ତି ? ମୁଁ ଏମିତି ଲୋକଟିଏ ଦେଖିବା ପରେ ପରେ ଏ ଅଞ୍ଚଳରେ ଭୟଙ୍କର ଡକାୟତି ହୋଇଥିଲା । ଜଣେ ଚାଷୀନେତା ସେଇ ଡକାୟତିରେ ଧରା ପଡ଼ିଥିଲେ ।

କିଛି ସମୟ ନୀରବତା । ଦୁଇ ପାଖରେ ଗତିଶୀଳ ଧାନବିଲ, ଗଛ ଓ କେଉଁଠି କେମିତି କେତେଜଣ ଗାଉଁଲି ମଣିଷ । କେଉଁଠି ଜଣେ ବୁଢ଼ା କାର୍‌କୁ ଦେଖି ହାତ ଦେଖାଇଲା । ହୁଏତ ତାର ଆଉରି ଆଗକୁ ଯିବାର ଅଛି, ତେଣୁ ସେ ଆମର ସାହାଯ୍ୟ ଚାହେଁ, କିମ୍ବା ... ! ମୁଁ ଓ ଅଧ୍ୟକ୍ଷ ସେ ବୁଢ଼ା ବିଷୟ ଆଲୋଚନା କଲୁନାହିଁ ।

'ଆପଣ ଭୂତରେ ବିଶ୍ୱାସ କରନ୍ତି ?' ମୁଁ ପଚାରିଲି । ହଠାତ୍ ଏଇ ଗୁରୁତର ପ୍ରଶ୍ନଟି କାହିଁକି ମୋ ସମ୍ମୁଖରେ ଠିଆ ହେଲା, କହିବା କଠିନ । ତେବେ ସେଇ ବୁର୍ଖାପିନ୍ଧା ସ୍ତ୍ରୀ ଲୋକ ଓ ରାସ୍ତା କଡ଼ରେ କାର୍ ଦେଖି ହାତ ଦେଖାଉଥିବା ବୁଢ଼ାଟି ହୁଏତ ମୋତେ ଭୂତ ମନେ ପକାଇ ଦେଲେ ।

ଅଧ୍ୟକ୍ଷ କହିଲେ, 'ବିଶ୍ୱାସ କରିବି କ'ଣ, ନିଜ ଆଖିରେ ଦେଖିଛି ଅନେକ ଥର ।' ତାଙ୍କ କଣ୍ଠରେ ଅଧ୍ୟକ୍ଷସୁଲଭ ଦୃଢ଼ତା ।

'ଆଖିରେ ଦେଖିଛନ୍ତି ?' ମୁଁ କଥାଟାକୁ ଲଘୁ କରିବାକୁ କହିଲି, 'ଆପଣଙ୍କ ମନର ଭ୍ରମ ହୋଇପାରେ ।'

ସେ କହିଲେ, 'ହଁ- ହୋଇପାରେ । କିନ୍ତୁ ଦୁବ, ରକ୍ତଲଗା ଚାଉଳ ଶୂନ୍ୟରୁ ପଡ଼ିବା ଦେଖିଛି । - ପରେ ସେ ସବୁ ନିଆଁରେ ଅନ୍ୟମାନଙ୍କ ସାମ୍ନାରେ ପୋଡ଼ିଛି । ଜିନିଷଗୁଡ଼ାକ ଧରିବା, ଦେଖିବା, ପୋଡ଼ିବା - ଏ ସବୁକୁ ମନର ଭ୍ରମ ବୋଲି ଆପଣ କହିବେ ?'

ଟୋପିପରିହିତ ଡ୍ରାଇଭର ଏଇ ସମୟରେ ଏକ ଅସ୍ପଷ୍ଟ ଶବ୍ଦ କଲେ । ସେ ଯେ ଅଧ୍ୟକ୍ଷଙ୍କ କଥା ଶୁଣୁଛନ୍ତି, ତାହା ମୁଁ ଏଯାଏଁ ଜାଣି ନଥିଲି । ମୋ ସହକର୍ମୀ ଅବଶ୍ୟ ଆଉ ଢୁଳାଉ ନଥିଲେ, ଗଭୀର ନିଦ୍ରାରେ ଶୋଇ ସାରିଥିଲେ ।

ମୁଁ ପରାଜିତ ସ୍ୱରରେ କହିଲି, 'କେବେ ଦେଖିଲେ ଆଜ୍ଞା ?'

ସେ କହିଲେ, 'ଏଇ ପାଞ୍ଚ ଛଅ ଦିନ ତଳର କଥା କହୁଛି । ହଠାତ୍ ଆମ ଲାଇବ୍ରେରୀ ପିଅନ ଆକୁଳି ମରିଗଲା । ବୁଢ଼ା ହୋଇ ଯାଇଥିଲା, ହାର୍ଣ୍ଣିଆ ଅପରେସନ୍ ହୋଇଥିଲା, ଏଣେ ହାର୍ଟ-ଟ୍ରବ୍‌ଲ୍ ବି ଥିଲା । ହଠାତ୍ ଲାଇବ୍ରେରୀରେ ଫେଣ୍ଟ୍ ହୋଇଗଲା । ତାକୁ ଡାକ୍ତରଖାନାକୁ ନବାର ବ୍ୟବସ୍ଥା କଲୁ । ବାଟରେ ବିଚରା ଚାଲିଗଲା ।'

ତା ପରେ ? ଏଥର ପ୍ରଶ୍ନ କଲେ ମୋର ସହକର୍ମୀ । ଏହା ଭିତରେ ସେ କେତେବେଳେ ଉଠି ସାରିଥିଲେ ।

ଅଧ୍ୟକ୍ଷ କହିଲେ, 'ତା'ପରେ ଆଉ କ'ଣ ? ମୁଁ ହିଁ ତା ଶବରେ ଫୁଲମାଳ ଦେଲି, ହାତରୁ ଟଙ୍କା ଦେଇ ଶବସଂସ୍କାର ଆୟୋଜନ କଲି । ସବୁ ସାରି କ୍ୱାଟର୍‌ସକୁ ଫେରୁ ଫେରୁ ସଞ୍ଜ ।' ସେ ଟିକିଏ ଚୁପ୍ ରହିଲେ । ହଠାତ୍ ଯେମିତି ସ୍ୱର ବଦଳାଇ ଆରମ୍ଭ କଲେ, 'ହଠାତ୍ ସେ ଦିନ ରାତିରେ ମୋ କ୍ୱାଟର୍‌ସ୍‌ର ଲାଇଟ୍‌ସବୁ କଟିଗଲା । ରାତିରେ ଆଉ ଲାଇଟ୍ ଆସିବାର ଆଶା ନଥାଏ । ଘରେ ପିଲାପିଲି ନଥାନ୍ତି । ଯେଉଁ ପିଅନ ସେ କ୍ୱାଟର୍‌ସ୍‌ରେ ଶୁଏ, ସେ ବି ଯାଇଥାଏ ଗାଁକୁ । ଏକୁଟିଆ କ'ଣ କରିବି ? ମନଟା ବି ଭଲ ନଥାଏ । ବାହାର ବାରଣ୍ଡାରେ ଆରାମ ଚେୟାର ପକାଇ ବସି ରହିଲି ।'

ଏଇଠାରେ ସେ ସିଗାରେଟ୍ ଲଗାଇବା ପାଇଁ କିଛି ସମୟ ଅଟକିଲେ । ତା'ପରେ କହିଲେ, 'ଆରାମ ଚେୟାର ଉପରେ ବସି ବସି ସିଗାରେଟ୍ ଟାଣୁଥାଏ । ମୋ କ୍ୱାଟର୍‌ସର ସାମନାରେ ଲାଇବ୍ରେରୀ । ମୋତେ ଦିଶୁଥାଏ, ଆକୁଳି ଲାଇବ୍ରେରୀ ରୁମ୍‌ରେ ବସିଛି, ଗୋଡ଼ ଘୋଷାରି ଘୋଷାରି ଏପଟ ସେପଟ ହେଉଛି, ବହିସବୁ ଥାକରେ ସଜାଡ଼ି ରଖୁଛି ।'

ପୁଣି କିଛି ସମୟ ନୀରବତା ।

ଆକୁଳିକୁ ଜୀବନରେ କେବେ ଦେଖି ନଥିଲେ ବି ମନେ ହେଉଥିଲା, ଯେମିତି ନିଚ୍ଛାଟିଆ କୌଣସି ଲାଇବ୍ରେରୀ ରୁମ୍‌ରେ ବୁଢ଼ାଟିଏ ପାଦ ଘୋଷାରି ଘୋଷାରି ଚାଲୁଥିବାର ମୁଁ ଦେଖି ପାରୁଛି ! କାହାର ଚେହେରା ମୋତେ ଏମିତି ଦିଶିଯାଉଛି, କେଜାଣି ! ଅଧ୍ୟକ୍ଷ କହୁଥିଲେ, 'ସେତେବେଳେ ଦଶମ ଶ୍ରେଣୀରେ ପଢୁଥାଏ । ଜାନକାଦେଇପୁର ଷ୍ଟେସନ ନିକଟରେ ଭାର୍ଗବୀ ନଈ କୂଳରେ ଆମର ଗାଁ । ଦିନେ ରାତିରେ-ରାତି ଦଶଟା ହେବ ନା କ'ଣ- ଚନ୍ଦନପୁର ହାଟରୁ ମାଛ ନେଇ ଫେରୁଛି । ଶସ୍ତାରେ ମାଛ ପାଇଥିବାରୁ ମନ ଖୁସି ଅଛି । ଦେଖିଲି- ଆଗରୁ ନଈଆଡୁ ଗୋଟିଏ ବେତା ଆସ୍ତେ ଆସ୍ତେ ଉପରକୁ ଉଠି ଉଠି ଆସୁଛି । ଟିକିଏ ଆଶ୍ଚର୍ଯ୍ୟ ହେଲା ବେତାଟା ଆସୁଛି, ମଣିଷ କାହିଁ ? ଭାବିଲି, ମନର ଭ୍ରମ ହୋଇପାରେ । ହଠାତ୍ ବେତାଟା କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା, ଧଳାଲୁଗା ପିନ୍ଧା ମାଇପିଟିଏ ଚାଲିଛି । ସଫା ଜହ୍ନ ଆଲୁଅ ପଡ଼ିଥାଏ । ମୋତେ କାହିଁକି ଟିକିଏ ଡର ଡର ଲାଗୁଥାଏ । କେତେଜଣ କୁଲି ରେଲ୍ ଲାଇନ୍ ଉପରେ ବସିଥିଲେ, ଦୌବାତ୍ ମତେ ଦେଖିଲେ । ପଚାରିଲେ, 'ବାବୁ, ଏତେ ରାତିରେ କୁଆଡ଼େ ବାହାରିଛ ? ଏଇ ଆଗ ଗଛରେ ଗୋଟେ ବଦ୍‌ମାସ୍ ଅଛି । ଆଉ ଏମିତି ଆସିବ ନାହିଁ । ହଉ ଚାଲ, ତୁମକୁ ଘରେ ଛାଡ଼ି ଦେଇ ଆସିବୁ ।'

ଟିପ୍ପଣୀ

ଭୂତମାନେ କଅଣ କରନ୍ତି

ଆଉ ଥରେ ଆଇ.ଏ. ରେଜଲ୍‌ଟ୍ ଖବର କାଗଜରେ ବାହାରିବାର ଥାଏ । ରାତି ଆସାନସୋଲ ଟ୍ରେନ୍‌ରେ ଖବର କାଗଜ ଆସିଥିବ ବୋଲି ମୁଁ ଓ ମୋର ଜଣେ ସାଙ୍ଗ ଷ୍ଟେସନକୁ ଆସିଥାଉ । ଖବର କାଗଜ ତ ଆସିଲା ନାହିଁ, ରାତି ଦୁଇଟାରେ ଘରକୁ ଫେରିବା କଥା । ମୋ ସାଙ୍ଗ ସାଇକେଲ ଚଳାଉଥାଏ । ମୁଁ ପଛରେ ବସିଥାଏ । କେତେବାଟ ଫେରିବା ପରେ ଦେଖିଲି, ଆମର କିଛି ଆଗରେ ନିଆଁ ହୁଳା ପରି କିଛି ଗୋଟିଏ ଘୂରି ଘୂରି ଚାଲିଛି । ଆମେ ଯେତେ ଯେତେ ଗାଁ ପାଖକୁ ଆସୁଥାଉ, ନିଆଁ ହୁଳାଟା ସେତିକି ସେତିକି ଆଗକୁ ଆଗକୁ ଘୁଞ୍ଚି ଯାଉଥାଏ ।

ମୋ ସାଙ୍ଗ ମୋତେ କହିଲା, 'ହେଇ ଦେଖୁଚୁ, ଆଗରେ ଏଇଟା କ'ଣ ?' ମୁଁ ନିଆଁ ହୁଳାଟା ଠିକ୍ ଦେଖୁଥାଏ, କିନ୍ତୁ ତାକୁ ସାହସ ଦେବାପାଇଁ କହିଲି, 'କାହିଁମ କ'ଣ ? ତୁ କାହିଁକି ଡରୁଛୁ ? ମୁଁ ତ ତୋଠାରୁ ବୟସରେ ବଡ଼, ଯାହା ହେଲେ ବୁଝିବିନି ?' କିନ୍ତୁ ମୋ ସାଙ୍ଗ ଶେଷରେ ନର୍ଭସ୍ ହୋଇଗଲା । ଗାଁ ମୁଣ୍ଡ ଦେଉଳରେ ସାଇକେଲଟା ଭୁସ୍ କରି ଲଗାଇଦେଲା । ସେଇ ଶବ୍ଦରେ ଦେଉଳ ପାଖ ଘରୁ ଜଣେ ଦି'ଜଣ ଉଠି ପଡ଼ିଲେ । ଆମକୁ ନେଇ ଘରେ ପହଞ୍ଚାଇ ଦେଲେ ।'

'ଆପଣଙ୍କର ବହୁତ ସାହସ !' ମୁଁ ମନ୍ତବ୍ୟ ଦେଲି ।

ଅଧ୍ୟକ୍ଷ ମହୋଦୟ ମୋ କଥା ନଶୁଣି ଆଉ ଗୋଟିଏ ଗପ ଆରମ୍ଭ କଲେ, 'ଥରେ ମୋର ବହୁତ ସକାଳୁ ଉଠିବାର ଥାଏ । କଥା କ'ଣ କି ଗୋଟିଏ ଜମିର ସୀମା ସମ୍ପର୍କରେ ବିବାଦ ହୋଇଥାଏ । ସେ ଦିନ ସକାଳୁ ଉଠିଲେ ଜମିର ମାପଚୁପ କରାଇବି । ପୁଣି ଟ୍ରେଜେରୀରୁ କୌଣସି ଜରୁରୀ କାମ ପାଇଁ ବିଲ୍ ଦେଇ ଟଙ୍କା ଆଣିବାର ଥାଏ । ସେ ଜମିର ସୀମା ସମ୍ପର୍କରେ ମୁଁ ସେତେ ପର୍ଟିକୁଲାର୍ ନଥିଲି । କିନ୍ତୁ ବୋଉ ପୂର୍ବଦିନ ସଞ୍ଜରେ ରାଗି କହିଥାନ୍ତି, ବାପା ଥିଲେ ଆଜି ସେ ଅମୁକ ଲୋକ ଆମ ଜମିରୁ ଖଣ୍ଡେ ଦଖଲ କରିଯାଇନଥାନ୍ତା ।

'ପାହାନ୍ତାଟାରୁ ଅନୁଭବ କଲି, କେହିଜଣେ ମୋତେ ହଲେଇ ଦେଇ ଡାକୁଛି, କିରେ ଶୋଇଛୁ କ'ଣ, ଉଠ୍ । ଉଠୁନୁ । ମୁଁ ଜାଣି ପାରିଲି ନାହିଁ, କିଏ ଏମିତି ଡାକୁଛି । ଘାଲେଇ ଶୋଇଥାଏ । ପୁଣି ଥରେ ସେମିତି କେହି ଡାକିଲା - ଏଥର ଆଉରି ଜୋରରେ, କିରେ ଉଠିଲୁ ? ଡାକୁଛି ପରା ! ଏଥର ବାଧ୍ୟ ହୋଇ ଉଠିଲି । ନିତ୍ୟକର୍ମ ସାରି ଜମି ମାପିବା ପାଇଁ ଗଲି ।'

'ଆପଣଙ୍କ ବାପା ସେମିତି ଡାକିଲେ ବୋଲି ଆପଣ ଭାବୁଛନ୍ତି ?' - ମୁଁ ପଚାରିଚିଲି ।

ସେ କହିଲେ, 'ସେମିତି କହିପାରୁନାହିଁ । ବାପାଙ୍କ ସ୍ୱର ଶୁଣିବା ପାଇଁ ମୁଁ ତ ପ୍ରସ୍ତୁତ ନଥିଲି । ତେଣୁ ହୁଏତ ସ୍ୱରଟା ଧରି ପାରିଲି ନାହିଁ । କିନ୍ତୁ ନିଶ୍ଚୟ କେହି ଜଣେ ମୋତେ ଡାକିଛି ।'

ମୋ ସହକର୍ମୀ ଏ ଯାଏଁ ପ୍ରାୟ ଚୁପ୍ ରହିଥିଲେ । ବଡ଼ ପାଟିରେ ଆରମ୍ଭ କଲେ - 'ନାଇଁ ସ୍ପିରିଟ୍ ବୋଲି କିଛି ଅଛି । ବହୁତ ପ୍ରମାଣ ମିଳିଲାଣି ।'

ମୁଁ ପଚାରିଲି, 'କିନ୍ତୁ ଭୂତ ବା ସ୍ପିରିଟ୍ ବା ଯାହା କହନ୍ତୁ, ସେମାନେ ଗାଁଆରେ ରହିବାକୁ ପ୍ରିଫର୍ କରନ୍ତି କାହିଁକି ? ସହରରେ ତ ବେଶୀ ଭୂତ ବାହାରିବା ଦେଖାଯାଏ ନାହିଁ ।'

ମୋ ସହକର୍ମୀ କହିଲେ - 'ହୁଏତ ଗାଁ'ର ବାତାବରଣ ସେମାନଙ୍କ ପାଇଁ ସ୍ୟୁଟେବ୍‌ଲ୍ ହେଉଥିବ ।'

ଅଧ୍ୟକ୍ଷ ଗମ୍ଭୀର ଦିଶୁଥିଲେ - ଭୂତମାନଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି ଗମ୍ଭୀର ଦିଶିବା ସ୍ୱାଭାବିକ ! କହିଲେ, 'ନାଇଁ, ସହରରେ ବି ତ ଭୂତ ଅନେକ ସମୟରେ ଦେଖାଯାଏ । ମୋର ଜଣେ ଭିଣୋଇ ବରହମ୍‌ପୁରରେ ଗୋଟିଏ ପୁରୁଣା କୋଠା ଘର କିଣିଥିଲେ । ବରହମପୁରରେ ବି.ଏ. ପଢ଼ିବାବେଳେ ସେଇଘରେ ମୁଁ ରହୁଥିଲି । ଅନେକ ଥର ଦେଖିଛି- ଶୂନ୍ୟରୁ ଦୁବ, ରକ୍ତଲଗା ଚାଉଳ ଘରେ ପଡ଼େ । ଥରେ ମୋ ନାନୀର ମାସକର ଝିଅଟିକୁ କିଏ ଗୋଟିଏ ଜାଗାରେ ପକେଇ ଦେଇଥିଲା । କେତେଥର ଦେଖିଛି, ଧଳା ମଣିଷଟିଏ ଏଇ ମୁହୂର୍ତ୍ତରେ ପାଖରେ ଠିଆ ହୋଇଛି, ଆର ମୁହୂର୍ତ୍ତରେ ନାହିଁ ।'

'ଏବେ ବି କ'ଣ ସେ ଘରେ ସେମିତି ଦୁବ, ରକ୍ତଲଗା ଚାଉଳ ପଡୁଛି ?' - ମୁଁ ପଚାରିଲି ।

ସେ କହିଲେ, 'ନାଇଁ, ଗୋଟିଏ ଫେମସ୍ ଗୁଣିଆ ଆସି କ'ଣ ମନ୍ତ୍ର କଲା ପରେ ଆଉ ସେମିତି ହୋଇନାହିଁ ।'

ଏହା ଭିତରେ ଆମେ କଟକର ନିକଟବର୍ତ୍ତୀ ହୋଇ ସାରିଥିଲୁ । ଲେଭେଲ କ୍ରସିଂ ପାଖରେ କାର୍ କେତେ ମିନିଟ ପାଇଁ ଅଟକିଲା । ସେଇଠି ଅଧ୍ୟକ୍ଷ ଶେଷ ଗପଟି କହିଲେ -

'ସ୍କୁଲରେ ପଢୁଥାଏ, ଆମ ଗାଁଆରୁ ମାମୁଁ ଗାଁଆକୁ ବାହାରିଲି । - ବାଟ ଭୁଲି ଚିହ୍ନା ହିଡ଼ ଛାଡ଼ି ଅଚିହ୍ନା ହିଡ଼ରେ ପଶିଲି । ହଠାତ୍ କିଆବୁଦା ପାଖରେ ଦେଖିଲି, ଲଙ୍ଗଳା ମାଇପିଟିଏ ମୋ ଆଗରେ ଠିଆ ହୋଇଛି । ଚମକିପଡ଼ି ପଛକୁ ଘୁଞ୍ଚି ଆସିଲି । ମାଇପିଟି ମଝିରେ ମଝିରେ ମୁଣ୍ଡ ହଲାଉ ଥାଏ । କିଛି ସମୟ ପରେ ସାହସକରି ପାଖକୁ ଗଲି । ଦେଖିଲି, ଗୋଟିଏ ମାଇପିର ଶବକୁ ବିଲୁଆମାନେ ଝିଙ୍କା ଓଟରା କରିବାରୁ ଦୂରରୁ ସେମିତି ଦେଖାଯାଉଛି । ପରେ ଜାଣିଲି, ସେ ଗାଁଆରେ ହଇଜା ଲାଗିଥିଲା । ଲୋକେ ମଲା ମଣିଷସବୁ ବିଲରେ ସେମିତି ଶୁଆଇ ଦେଇ ଯାଉଥିଲେ ।'

କଟକରେ ଅଧ୍ୟକ୍ଷ କାର୍‌ରୁ ଓହ୍ଲାଇ ଗଲେ । ଓହ୍ଲାଇ ଯିବା ଆଗରୁ ତାଙ୍କ ଘର ସାମ୍ନାରେ ଆମକୁ କହିଲେ, 'ରାତିରେ କାର୍‌ରେ ଆସିବାବେଳେ ଟିକିଏ ଗପି ଗପି ଆସିବା ଭଲ । ସମସ୍ତେ ଘୁମାଇଲେ ଡ୍ରାଇଭରକୁ ବି ନିଦ ମାଡ଼ି ପାରେ ।'

ରାତି ଗୋଟାଏ ହୋଇଥିଲେ ବି ମୁଁ, ମୋର ସହକର୍ମୀ ଓ ଟୋପିପରିହିତ ଡ୍ରାଇଭର ବେଶ୍ ସତେଜ ଥିଲୁ ।

କଟକରୁ ଭୁବନେଶ୍ୱର ଆସିବାବେଳେ ସେଇ ଭୂତମାନେ ହିଁ ଆମକୁ ଆଲୋଚନା ପାଇଁ ଯୋଗାଇ ଦେଇଥିଲେ ପ୍ରଚୁର ଖୋରାକ ।

୪.୫ ଗଳ୍ପଟିକୁ ବୁଝିବା ପାଇଁ

ବିଷୟଟି ତୁମକୁ ଗପ ଭଳି ମଜା ଲାଗିଥିବ । କିନ୍ତୁ ଏହା ଗଳ୍ପ ନୁହେଁ । ପ୍ରବନ୍ଧ ମଧ୍ୟ ନୁହେଁ । ଗଦ୍ୟର ଏହା ଏକ ସ୍ୱତନ୍ତ୍ର ରୂପ । ସମ୍ବାଦପତ୍ର ଓ ପତ୍ରପତ୍ରିକାର ବିକଶିତ କଳେବର ଜରିଆରେ ଗଦ୍ୟର ନୂଆ ନୂଆ ରୂପ ଜନ୍ମନେଇ ଲକ୍ଷ ଲକ୍ଷ ପାଠକଙ୍କ ହୃଦୟରେ ଆସନ ପାତିଛି । ସମ୍ପାଦକୀୟ ଅଗ୍ରଲେଖ, ସ୍ତମ୍ଭକାରିତା, ଫିଚର୍ ପ୍ରଭୃତି ସେଥିମଧ୍ୟରୁ ଅନ୍ୟତମ । ସ୍ତମ୍ଭ ରଚନାରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ଓ ଉପସ୍ଥାପନା କୌଶଳ

ଟିପ୍ପଣୀ

ଭୂତମାନେ କଅଣ କରନ୍ତି

ଫଳରେ ତାଙ୍କର ତୁଚ୍ଛ ଅତିତୁଚ୍ଛ ଅନୁଭୂତି ମଧ୍ୟ ଅସାଧାରଣ ହୋଇଉଠେ । ଏଥିରେ ଥାଏ ରୋଚକ ବିଷୟ ସାଙ୍ଗକୁ ଜନ-ମନ-ସ୍ପର୍ଶୀ ଭାଷା ଓ ଆବେଦନ । ପଠିତ ରଚନାରେ ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇ ପାରେ ।

ଲେଖକ କାର୍‌ରେ ବିଳମ୍ବିତ ରାତିରେ ଭୁବନେଶ୍ୱର ଫେରୁଥାନ୍ତି । କାର୍ ଡ୍ରାଇଭର ବ୍ୟତୀତ ତାଙ୍କ ସହଯାତ୍ରୀ ଥିଲେ ଆଉ ଦୁଇଜଣ । ଜଣେ ତାଙ୍କର ସହକର୍ମୀ ଅଧ୍ୟାପକ ଓ ଆର ଜଣକ କୌଣସି କଲେଜର ଅଧ୍ୟକ୍ଷ । ଅଧ୍ୟକ୍ଷ ମହାଶୟ ଭାରି ଗପୁଡ଼ି । ସେ ପ୍ରଥମେ ସମସ୍ତଙ୍କୁ ଗପସପ କରିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ସମସ୍ତେ ଚୁପ୍‌ଚାପ୍ ରହିବା ଦେଖି ସେ ତୁରନ୍ତ ଗୋଟିଏ ବରଗଛକୁ ଦେଖାଇ ତାଙ୍କର ଅଭିଜ୍ଞତା ବଖାଣିଲେ । କହିଲେ, କଳା ବୁର୍ଖାପିନ୍ଧା ମହିଳା ଜଣେ ଚାରି ପାଞ୍ଚଥର ତାଙ୍କ କାର୍‌ରେ ଯିବା ପାଇଁ ହାତଟେକି ଅଟକାଉଥିଲା । ସେ ଗାଡ଼ି ଅଟକାଇଲେ ନାହିଁ । ଏହାର ଅଳ୍ପଦିନ ପରେ ସେଠାରେ ଗୋଟିଏ ବଡ଼ ଧରଣର ଚୋରି ହୋଇଥିଲା । ଗପଟି ଗୋଟିଏ ଅପରାଧ କାହାଣୀ । ଡକାୟତ ଜଣେ ବୁର୍ଖାପିନ୍ଧା ସ୍ତ୍ରୀଲୋକ ବେଶରେ ଗାଡ଼ି ଅଟକାଇ ଲୁଣ୍ଠନ କରିଛି । କିନ୍ତୁ ଏ ଘଟଣା ଲେଖକଙ୍କ ମନରେ ଅଲକ୍ଷରେ ଏତେ ପ୍ରଭାବ ପକାଇଲା ଯେ ଭୂତମାନେ ମନେ ପଡ଼ିଗଲେ । ଅର୍ଥାତ୍ ବେଶ୍ ହେତୁବାଦୀ ମନେ ହେଉଥିଲେ ବି ଲେଖକଙ୍କ ମନରେ ଭୂତ ମାନଙ୍କ ବିଷୟରେ ଜାଣିବାର ତୀବ୍ର ଆଗ୍ରହ ରହିଛି । ସେ ଅଧ୍ୟକ୍ଷଙ୍କ ନିକଟରେ ତାହା ପ୍ରକାଶ କଲେ । ଅଧ୍ୟକ୍ଷଙ୍କୁ ଗପିବାପାଇଁ ସତେ ଯେମିତି ଖାସା ବିଷୟଟିଏ ମିଳିଗଲା ! ତାପରେ ସେ ଲଗାତାର ପାଞ୍ଚଟି ନିଜ ଅଭିଜ୍ଞତାରୁ ଭୂତଗପ କହି ସମସ୍ତଙ୍କୁ ଉଚ୍ଚାଟ କରିଦେଇଥିଲେ । ଗପଗୁଡ଼ିକ ଥିଲା ଚାରି ପାଞ୍ଚଦିନ ତଳ ଘଟଣାରୁ ଆରମ୍ଭ କରି ତାଙ୍କ ପିଲାଦିନ, ହାଇସ୍କୁଲ ଓ କଲେଜ ଛାତ୍ର ବେଳର ଅନୁଭୂତି । କଲେଜ ଲାଇବ୍ରେରୀ ପିଅନ ଆକୁଳିର ମୃତ୍ୟୁହେବା ପରେ ରାତିରେ ଲାଇବ୍ରେରୀ ଭିତର ବହି ସାଇତୁ ଥିବାର ଦୃଶ୍ୟ, ବଜାରରୁ ମାଛନେଇ ଫେରିଲାବେଳେ ପ୍ରଥମେ ଟୋକେଇ ଓ ପରେ ଧଳାଲୁଗା ପିନ୍ଧା ମାଇପଲୋକ ଦେଖିବା, ଆଉଥରେ ରାତି ଅଧରେ ସାଇକେଲରେ ଫେରିଲାବେଳେ ନିଆଁହୁଳା ଘୂରୁଥିବା ଦେଖି ସାଇକେଲ୍‌ରୁ ପଡ଼ିଯିବା, ବାପାଙ୍କ ପ୍ରେତାତ୍ମା ତାଙ୍କୁ ନିଦରୁ ଉଠାଇବା, ଭିଣୋଇଙ୍କ ଘରେ ଥିଲାବେଳେ ଶୂନ୍ୟରୁ ଦୁବ, ରକ୍ତଲଗା ଚାଉଳ ପଡ଼ିବା, ପିଲାଦିନେ ବିଲ ଭିତରେ ଉଲଗ୍ନ ନାରୀର ଶବ ଦେଖିବା ଥିଲା ତାଙ୍କର ଗୋଟିଏ ଗୋଟିଏ ଆତ୍ମ ଅନୁଭୂତି ମୂଳକ କାହାଣୀ । ପ୍ରତ୍ୟେକ କାହାଣୀକୁ ତର୍ଜମା କରେ ତାହା ମୋ ମନର ଭ୍ରମ ଜଣାପଡୁଥିଲେ ବି ଲେଖକ ଓ ତାଙ୍କ ସହଯାତ୍ରୀମାନେ ସେସବୁ ବିଶ୍ୱାସ କରନ୍ତି ଓ ପ୍ରଭାବିତ ହୋଇଛନ୍ତି । କଟକରେ ଓହ୍ଲାଇ ବିଦାୟ ନେଲାବେଳେ ଅଧ୍ୟକ୍ଷ ମହାଶୟ କହି ଦେଇଥିଲେ । ତାଙ୍କ କାହାଣୀ ପେଡ଼ି ଖୋଲିବାର ଉଦ୍ଦେଶ୍ୟ । ତାଙ୍କ ମତରେ ରାତିରେ କାର୍‌ରେ ଆସିବାବେଳେ ଟିକିଏ ଗପି ଗପି ଆସିବା ଭଲ । ସମସ୍ତେ ଢୁଳାଇଲେ ଡ୍ରାଇଭରକୁ ନିଦ ମାଡ଼ିପାରେ । ସତରେ ରାତି ଯଥେଷ୍ଟ ହେଇଥିଲେ ବି ଭୂତଗପ ଶୁଣି ଡ୍ରାଇଭର ସମେତ ସମସ୍ତେ ବେଶ୍ ସତେଜ ଥିଲେ । ଅଧ୍ୟକ୍ଷ ଓହ୍ଲାଇଗଲାପରେ ସେମାନେ ଭୁବନେଶ୍ୱର ପର୍ଯ୍ୟନ୍ତ ଭୂତ ବିଷୟରେ ଚର୍ଚ୍ଚା କରିଥିଲେ । ସମସ୍ତଙ୍କୁ ସତେଜ ରଖିବା ପାଇଁ ଭୂତଗପ ଥିଲା ସର୍ବୋତ୍ତମ ଖୋରାକ । ଲେଖକଙ୍କ ଜୀବନ୍ତବର୍ଣ୍ଣନା ଓ ଯାଦୁକରୀ ଉପସ୍ଥାପନା ଯୋଗୁଁ ଆଲୋଚ୍ୟ ବିଷୟଟି ଚମତ୍କାର ଓ ସରସ ହୋଇପାରଛି ।

ଶବ୍ଦାର୍ଥ

ବୁର୍ଖା-ମୁସଲମାନ ମହିଳାଙ୍କ ଆପାଦମସ୍ତକ ଆବୃତ କରୁଥିବା ପୋଷାକ
ଫେଣ୍ଟ - ଅଚେତ
ସ୍ଟେବଲ-ଅାଦ୍ତ ହେବାଭଳି

୪.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ଛୋଟ, ସାଧାରଣ ଅନୁଭୂତି କିଭଳି ଲେଖକଙ୍କ ଯାଦୁକରୀ ସ୍ପର୍ଶରେ ଅସାଧାରଣ ହୋଇପାରିଛି ବର୍ଣ୍ଣନା କର ।

II. ଭୂତମାନେ ମନର ଭ୍ରମ ହେଲେ ବି ଭୂତଗପ ଆମର ମନୋରଞ୍ଜନ କରିଛନ୍ତି - ପଠିତ ରଚନା ଅବଲମ୍ବନର ଆଲୋଚନା କର ।

III. ଭୂତ ଗଳ୍ପରୁ ଆମେ କି ପ୍ରକାର ଶିକ୍ଷା ଲାଭ କଲେ ଆଲୋଚନା କର ।

IV. ଭୂତ ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟର ପରିଚୟ ଦିଅ ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ଅଧକ୍ଷ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ ?

ii) ଅଧକ୍ଷ ମହାଶୟ କେଉଁ ସ୍ୱଭାବର ?

iii) ଲେଖକଙ୍କ ସହକର୍ମୀ ଅଧ୍ୟାପକ ସ୍କିରିଟ୍ ଅଛି କହିବାରୁ କ'ଣ ଜଣାପଡ଼ିଲା ?

iv) ଗାଁର ବାତାବରଣ କାହାପାଇଁ ଅନୁକୂଳ ?

v) ବୁର୍ଖାପିନ୍ଧା ମହିଳା ଦେଖାଯିବାପରେ ସେଠାରେ କ'ଣ ହେଲା ?

vi) ଅଧକ୍ଷ ପାହାନ୍ତାରେ କ'ଣ ଅନୁଭବ କଲେ ?

vii) ରାତି ଗୋଟାଏ ବେଳେ ମଧ୍ୟ ଡ୍ରାଇଭର, ଲେଖକ ଓ ସହକର୍ମୀ ସତେଜ ଥିଲେ କାହିଁକି ?

viii) ବିଦାୟ ବେଳେ ଅଧକ୍ଷ କ'ଣ କହିଲେ ?

ix) 'ମୋତେ ଭୂତ ମନେ ପକାଇ ଦେଲେ' - ଲେଖକଙ୍କ ବକ୍ତବ୍ୟର ଅର୍ଥ କ'ଣ ?

x) ଡ୍ରାଇଭର ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ କଲା କାହିଁକି ?

xi) ସହରରେ ଭୂତ ଥିବାର ପ୍ରମାଣ ଅଧକ୍ଷ କେମିତି ଦେଲେ ?

xii) ଅଧକ୍ଷ ମହାଶୟ ସ୍ତ୍ରୀ ଲୋକର ଶବ ଦେଖିଲେ କେମିତି ?

୪.୭ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) କାର୍‌ରେ ସମୁଦାୟ .....ଜଣ ବସିଥିଲେ ?

(ଜଣେ, ଦୁଇଜଣ, ତିନି ଜଣ, ଚାରିଜଣ)

ଖ) କାର୍‌ରେ ..... ଚୁଳାଇଲେ ?

(ଅଧକ୍ଷ, ଲେଖକ, ସହକର୍ମୀ ଅଧ୍ୟାପକ, ଡ୍ରାଇଭର)

ଗ) ଭୂତଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି ..... ଦିଶିବା ସ୍ୱାଭାବିକ ?

(ଭୟଭୀତ, ଅଚେତ, ଗମ୍ଭୀର, ଉତ୍ତେଜିତ)

ଘ) ଡ୍ରାଇଭର ..... ପିନ୍ଧିଥିଲା ?

(ଜୋତା, ବେଲ୍ଟ, ଟୋପି, ଧୋତି)

ଙ) ଜାନକୀଦେଇପୁର ଷ୍ଟେସନ ନିକଟରେ ..... ନଈ କୂଳରେ ଆମ ଗାଁ ।

(ଭାର୍ଗବୀ, ଦୟା, କାଣୀ, କୁଆଖାଇ)

୪.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

କ) ଚାରିଜଣ (ଖ) ସହକର୍ମୀ ଅଧ୍ୟାପକ (ଗ) ଗମ୍ଭୀର

(ଘ) ଟୋପି (ଙ) ଭାର୍ଗବୀ

ଟିପ୍ପଣୀ

୫
ମଣିଷ

ପ୍ରଫେସର ଭୁବନେଶ୍ୱର ବେହେରା

୫.୧ ଉପକ୍ରମ

ଜଣେ କବି ଲେଖିଥିଲେ- 'କଟକ ସହର, ବଡ଼ ମହରଗ, ମଣିଷ ତ ସେଠି ଗୋଟିଏ ନହିଁ ।' ଏହାର ଅର୍ଥ କ'ଣ ? ହଜାର ହଜାର ଜନସଂଖ୍ୟା ବିଶିଷ୍ଟ ସହରରେ କବିଙ୍କୁ ମଣିଷ ଦେଖାଯାଉନାହାନ୍ତି ? ନା ଠିକ୍ ତାହା ନୁହେଁ । ପ୍ରକୃତରେ କବି ଯେଭଳି ମଣିଷ ଖୋଜୁଛନ୍ତି ବା ମଣିଷ ବୋଲି ଯାହାକୁ ବିବେଚନା କରନ୍ତି ଜନତା ଭିତରେ ସେଭଳି କେହି ନାହାନ୍ତି । ସାଧାରଣତଃ ହାତଗୋଡ଼ ଥାଇ ପୋଷାକ ପିନ୍ଧିଥିବା ସମସ୍ତଙ୍କୁ ମଣିଷ ବୋଲି କୁହାଯାଏ, କିନ୍ତୁ ପ୍ରକୃତ ମଣିଷ ଚିହ୍ନିବା ପାଇଁ ଆଉ କିଛି ଚେଷ୍ଟା ଦରକାର, ଯାହାକି ଏହି ଗଦ୍ୟ ଲେଖାଟିରେ ଦେଖାଯାଏ ।

୫.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ମଣିଷକୁ ଉତ୍ତମ ରୂପେ ଚିହ୍ନିବା ପାଇଁ ଲେଖକ ଉଦ୍ୟମ କରିଛନ୍ତି । ପଶୁ, ମଟରଗାଡ଼ି ଇତ୍ୟାଦି ଠାରୁ ମଣିଷ କେଉଁ ଗୁଣରେ ଭିନ୍ନ ତାହା ଆମକୁ ଜଣାଇବା ପାଇଁ ଏବଂ ମଣିଷର ପ୍ରକୃତ ସ୍ୱରୂପ ଜାଣିବା ପାଇଁ ଏହି ଗଳ୍ପ ଦ୍ୱାରା ଗାଳ୍ପିକ ଆମ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି । ଏ ସଂସାରରେ ମଣିଷ ବିଭିନ୍ନ ରୂପରେ ଅଭିନୟ କଲେ ମଧ୍ୟ ମଣିଷ ଭିତରେ ଥିବା ଆତ୍ମାପୁରୁଷ ହିଁ ମଣିଷର ପ୍ରକୃତ ପରିଚୟ, ଏହା ମଧ୍ୟ ଗାଳ୍ପିକ ସୂଚନାତ୍ମକ ଭାବେ କହିଛନ୍ତି । ଏହି ଗଳ୍ପ ପଠନ ଦ୍ୱାରା ଆମେ ଜାଣିବାର ସୁଯୋଗ ପାଇବା ଯେ ପ୍ରକୃତରେ ମଣିଷ କିଏ ।

୫.୩ ଗାଳ୍ପିକଙ୍କ ପରିଚୟ

ଭୁବନେଶ୍ୱର ବେହେରା (୧୯୧୬-୨୦୦୧) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଜଣେ ଉଚ୍ଚକୋଟୀର ତଥା ଜନପ୍ରିୟ ଗଦ୍ୟ ଲେଖକ । କଳାହାଣ୍ଡି କାଶିବାହାଲଠାରେ ତାଙ୍କର ଜନ୍ମ । ବୃତ୍ତିରେ ସେ ଇଞ୍ଜିନିୟର । ସେ ରାଉରକେଲା ସ୍ଥିତ ରିଜିଓନାଲ୍ ଇଞ୍ଜିନିୟରିଂ କଲେଜର (ବର୍ତ୍ତମାନ ଏନ୍.ଆଇ.ଟି.) ଅଧ୍ୟକ୍ଷ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ସମ୍ମାନ ଜନକ ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ୍‌ର ସେ ସଦସ୍ୟ ମଧ୍ୟ ଥିଲେ । ତାଙ୍କର ସାହିତ୍ୟ ସାଧନା ଦୁଇ ଦିଗରେ ଗତି କରୁଥିଲା । ଗଳ୍ପ ଓ ରମ୍ୟରଚନାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ପୁସ୍ତକଗୁଡ଼ିକ ମଧ୍ୟରେ ଶୁଣ ପରୀକ୍ଷ, କଥା ଓ ଲଥା, ସହାବସ୍ଥାନ, ଫର ଫର ଉଡ଼େ, କହ ମନ୍ତ୍ରୀବର ପ୍ରଭୃତି ଖୁବ୍ ପ୍ରସିଦ୍ଧ । 'ଶୁଣ ପରୀକ୍ଷ' ଗ୍ରନ୍ଥ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଭାରତ ସରକାରଙ୍କ ତରଫରୁ ପଶ୍ଚିମ ଆଫ୍ରିକା ଗସ୍ତ କରି ସେ ସେଠାକାର ଅନୁଭୂତିକୁ ବର୍ଣ୍ଣନା କରିଛନ୍ତି 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ପୁସ୍ତକରେ । ତାଙ୍କ ରଚିତ 'ଗାଁର ଡାକ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଲାଭ କରିଥିଲେ ।

ଟିପ୍ପଣୀ

୫.୪ ମୂଳ ବିଷୟ

ମଣିଷ ଏକ ଅଦ୍ଭୁତ ଜନ୍ତୁ ଏବଂ ସାଧାରଣତଃ ସେ ଦେଖିବାକୁ ଗୋଟାଏ ଥୁଣ୍ଟାଗଛ ପରି । ସାମାନ୍ୟ କେତେକ ପ୍ରାଣୀଙ୍କୁ ଛାଡ଼ିଦେଲେ ସୃଷ୍ଟିର ସମସ୍ତ ପ୍ରାଣୀ ବିନପ୍ରତାର ସହ ହାମୁଡ଼େଇ ଚାଲୁଥିଲାବେଳେ ମଣିଷ ଆକାଶକୁ ଫଣାଟେକି ଚାଲେ ଓ 'ମୁଁ-ମୁଁ' ବୋଲି ଗରଜୁଥାଏ । କୌଣସି ନିରୀହ ପ୍ରାଣୀ ଏପରି ଜନ୍ତୁକୁ ଗୋଟିଏ ଥୁଣ୍ଟାଗଛ ବୋଲି ଭାବି ତା'ର ଅତି ନିକଟକୁ ଚାଲିଗଲେ ବିପଦର ଆଶଙ୍କା ରହିଥିବା ଦୃଷ୍ଟିରୁ ମଣିଷକୁ ଉତ୍ତମରୂପେ ଚିହ୍ନାଇଦେବା ଉଦ୍ଦେଶ୍ୟରେ ଇତିପୂର୍ବେ ତା'ର ଅବୟବ ସମୂହର ବର୍ଣ୍ଣନା କରାଯାଇଥିଲା । ମଣିଷକୁ ଭଲକରି ନ ଜାଣିବା ପର୍ଯ୍ୟନ୍ତ ହୁସିଆର ହୋଇ ଚଳିବା ନିମନ୍ତେ ସମସ୍ତଙ୍କୁ ଯଥାବିଧି ସତର୍କ ମଧ୍ୟ କରିଦିଆଯାଇଥିଲା । ବିଶେଷ ପର୍ଯ୍ୟାଲୋଚନା କଲେ କିନ୍ତୁ ଦେଖିବାକୁ ମିଳେ ଯେ ସାମାନ୍ୟ କେତୋଟି ଅବୟବ ସମ୍ୟକ୍ ନିରୀକ୍ଷଣ ଦ୍ୱାରା କୌଣସି ପ୍ରାଣୀକୁ ଯଥାର୍ଥ ରୂପରେ ଚିହ୍ନିବା ଆଶା କେବଳ ଯେ ବିଡ଼ମ୍ବନା ତା' ନୁହେଁ, ସେପରି ବିଶ୍ୱାସ ଭ୍ରମ ଏବଂ ପ୍ରମାଦପୂର୍ଣ୍ଣ ମଧ୍ୟ ।

ଶୁଣିବାକୁ ମିଳେ ଯେ, କେହି ଜଣେ ଭଦ୍ରଲୋକ ହାତୀର ଗୋଡ଼କୁ ଛୁଇଁ ହାତୀ ଦେଖିବାକୁ ଖମ୍ଭ ପରି କହିଦେଲେ । ଆଉ ଜଣେ ହାତୀର କାନ ଆଉଁସି ହାତୀ କୁଲା ପରି କହିଲାବେଳକୁ, ଶୁଣ୍ଢ ସାଉଁଳିଥିବା ଆଉ ଜଣେ ଭଦ୍ରଲୋକ ହାତୀ ଅଜଗର ସାପ ପରି ବୋଲି ଜିଦ୍ ଧରି ବସିଲେ । କହିବା ବାହୁଲ୍ୟ ଯେ, ଏତଦ୍ଦ୍ୱାରା ସେ ସମସ୍ତଙ୍କ ମଧ୍ୟରେ ଅଯଥା କଳହର ସୂତ୍ରପାତ ହୋଇଥିଲା । କେବଳ କେତେକ ଅବୟବକୁ ନିରେଖି କୌଣସି ପ୍ରାଣୀକୁ ମଣିଷ ବୋଲି କହିଦେଲେ ସେପରି ଅବସ୍ଥାର ପୁନରାବୃତ୍ତି ଯେ ନହେବ, ସେକଥା କିଏ କହିବ । ତେଣୁ ଏହା ସୁନିଶ୍ଚିତ ଯେ, ମଣିଷକୁ ନିର୍ଭୁଲ୍ ରୂପରେ ଚିହ୍ନିବା ନିମନ୍ତେ କେବଳ ତା'ର ବାହ୍ୟରୂପକୁ ନ ଦେଖି ତା'ର ଅନ୍ତରର ସ୍ୱରୂପକୁ ମଧ୍ୟ ନିରୀକ୍ଷଣ କରିବାକୁ ପଡ଼ିବ ।

ଜ୍ଞାନୀମାନେ କହନ୍ତି ଯେ, ଏ ସଂସାର ଗୋଟିଏ ଖେଳଘର ଓ ତହିଁରେ ସମସ୍ତେ ନାନା ରକମର ଖେଳ ଖେଳୁଛନ୍ତି;- କେବେ ଦଳ ଦଳ ହୋଇ ଅଥବା କେବେ ବ୍ୟକ୍ତିଗତ ଭାବରେ । ଏମାନଙ୍କ ମତ ଯେ, କେତେକ ଖେଳାଳି ହାରଜିତ୍‌କୁ ସମାନ ଆଖିରେ ଦେଖି, ଖେଳର ନିୟମକାନୁନ୍ ମାନି ଖେଳୁଥିବାବେଳେ କୌଣସିମତେ ଜିଣିବା ଉଦ୍ଦେଶ୍ୟ ନେଇ ଖେଳୁଥିବା ଅନ୍ୟ କେହି ଖେଳାଳି ଅନ୍ୟମାନଙ୍କର ଗୋଡ଼ ଟାଣିବାରେ ଲାଗିଯାଉଛନ୍ତି । ଭଲ ହେଉ ଅଥବା ମନ୍ଦ ହେଉ, ଏସବୁ କିନ୍ତୁ ଗୋଟିଏ ଗୋଟିଏ ଖେଳ ।

ଆଉ କେହି ଜ୍ଞାନୀ କହନ୍ତି ଯେ, ଏ ସଂସାର ଗୋଟିଏ ରଙ୍ଗମଞ୍ଚ ଓ ସେ ମଞ୍ଚରେ ସମସ୍ତେ ଅଭିନୟ କରିଚାଲିଛନ୍ତି- କିଏ ନାୟକ, କିଏ ନାୟିକା, କିଏ ଖଳନାୟକ, କିଏ ମୃତ ସୈନିକ ଭାବରେ; କିଏ ଅବା ଖାଲି ନେପଥ୍ୟରେ କୋଳାହଳ କରୁଛି । ସେମାନଙ୍କ ମତ ଯେ, ଏହି ଅଭିନେତା ଓ ଅଭିନେତ୍ରୀମାନେ ନିଜ ନିଜ ଅଭିନୟ ଯଥାସମୟରେ ଶେଷକରି ସେମାନଙ୍କ ପୂର୍ବ-ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କୁ ବାହୁଡ଼ିଯିବେ । କେବଳ ଫାଇନାଲ୍ ଖେଳ ତଥା ସର୍ବଶେଷ ନାଟକ ଅଭିନୀତ ହେବା ପୂର୍ବରୁ ଏହି ଖେଳାଳି ଏବଂ ଅଭିନେତା-ଅଭିନେତ୍ରୀଦଳ କ୍ଷଣିକ ବିଶ୍ରାମ ନିମନ୍ତେ ନିଜ ନିଜ ଘର ବୋଲାଉଥିବା ପାଚୁନିବାସମାନଙ୍କୁ କିଛି ସମୟ ପାଇଁ ଯାହା ଫେରିଆସନ୍ତି ।

ଟିପ୍ପଣୀ

ଖେଳ ଖେଳିବାପାଇଁ ଏ ଖେଳାଳିମାନେ ଅଥବା ଅଭିନୟ କରିବା ନିମନ୍ତେ ଏ ନାଟୁଆ ଦଳ କେଉଁଠୁ ଆସିଥିଲେ ଓ ଖେଳ କିମ୍ବା ଅଭିନୟ ସରିଲାପରେ ସେମାନେ ଠିକ୍ କେଉଁଠିକି ବାହୁଡ଼ିଯିବେ, ସେ ବିଷୟରେ ଏଥିରେ କୌଣସି ନିର୍ଦ୍ଦିଷ୍ଟ ଇଙ୍ଗିତ ନଥିଲେ ମଧ୍ୟ, ଏ ଉକ୍ତିମାନଙ୍କରୁ ମଣିଷ ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ । ସମସ୍ତେ ଯଦି ଅଭିନୟ କରୁଛନ୍ତି, ତେବେ ଯିଏ କିରିକିରି ହସି ଦାନ୍ତ ଦେଖାଉଛି, ଯିଏ ବିରାଟ ପ୍ରାସାଦର କୋଠରୀ ଭିତରେ ଥିବା ଗଦି ଏବଂ ତକିଆରେ ଥନ୍ତଳ ପେଟ ଲଦି ମୁଣ୍ଡ ଟୁଙ୍ଗାରୁଛି, ଯିଏ ଆଖି ତରାଟି ବାହାସ୍ଫୋଟ ମାରି ନିଶ ମୋଡୁଛି, ଯିଏ ହାତ ପତାଇ ଭିକ ମାଗୁଛି, ଯିଏ ମନ୍ତ୍ରୀ ହୋଇ ଫୁଲମାଳ ପିନ୍ଧି ମୁରୁକି ହସୁଛି, ଅଥବା ଯିଏ ଯୁବନେତା ବନି ଠିଆ-ଠାଣି ଦେଖାଉଛି, ସେ ସମସ୍ତେ ନାଟକର ଗୋଟିଏ ଗୋଟିଏ ଚରିତ୍ର । ନିଜ ନିଜ ଭୂମିକା ଉପଯୋଗୀ ବେଶ ପିନ୍ଧି ଅଭିନୟ କରିଚାଲିଛନ୍ତି । ସେମାନେ ଯେପରି ଦିଶୁଛନ୍ତି, ହୁଏତ ପ୍ରକୃତରେ ସେପରି ନୁହନ୍ତି । ଯିଏ ବାହାର ଦେଖାଣିଆ ହସୁଛି, ହୋଇପାରେ ସିଏ ଭିତରେ ଭିତରେ କାନ୍ଦୁଛି । ଯିଏ ରାଜା ଦୁର୍ଯ୍ୟୋଧନ ଅଥବା ଗନ୍ଧର୍ବ ଚିତ୍ରସେନ ସାଜିଛି, ତା' ଘରେ ହୁଏତ ଖାଇବାପାଇଁ ପଖାଳ ଗଣ୍ଡିଏ ନାହିଁ ।

ଏଥିରୁ ସନ୍ଦେହ ଜନ୍ମେ, ଯେ ମଣିଷ ପରି ଦିଶୁଛି ସେ ପ୍ରକୃତରେ ମଣିଷ ନ ହୋଇ ମଣିଷ ପରି ଅଭିନୟ କରୁଥିବା ଅନ୍ୟ କୌଣସି ଜନ୍ତୁ ମଧ୍ୟ ହୋଇପାରେ । ମଣିଷ ଯେ ବେଳେବେଳେ ଅନ୍ୟ ଜନ୍ତୁମାନଙ୍କ ପରି ବ୍ୟବହାର କରେ, ସେ କଥା ମଧ୍ୟ ଜଣାଶୁଣା । ସେଥିପାଇଁ କୌଣସି କୌଣସି ମଣିଷକୁ ଅନ୍ୟ ମଣିଷମାନେ ବଳଦ, ଗଧ, ମାଙ୍କଡ଼, ବେଙ୍ଗଠାରୁ ଆରମ୍ଭ କରି ପୁରୁଷସିଂହ, ପୁରୁଷବ୍ୟାଘ୍ର, ଏପରିକି କୁକୁର, ଘୁଷୁରି ବୋଲି ସମ୍ବୋଧନ କରିଥାନ୍ତି । ଏହା ମଧ୍ୟ ନିଶ୍ଚିତ ଯେ ମଣିଷ ନିଜ ଦେହରେ ଶିଙ୍ଗ ଓ ଲାଞ୍ଜ ଖଞ୍ଜି ହାମୁଡ଼େଇ ଚାଲି ସହଜରେ ଅନ୍ୟ କୌଣସି ଜନ୍ତୁ ପରି ଅଭିନୟ କରିପାରେ; ମହାଦେବଙ୍କ ନନ୍ଦୀ ବନିପାରେ, ସୁଗ୍ରୀବ ଓ ହନୁମାନ ହୋଇପାରେ, ଜାମ୍ବବାନ ସାଜିପାରେ । ତେଣୁ କେବଳ ଅବୟବ ଦେଖି କୌଣସି ଜନ୍ତୁକୁ ମଣିଷ ବୋଲି ନିଶ୍ଚିତଭାବେ କହିଦେବା ଭ୍ରମାତ୍ମକ ହେବ ।

ବେଶ-ଭୂଷାକୁ କେହି କେହି ଅଙ୍ଗର ଆବରଣ ରୂପରେ ଅଙ୍ଗୀ ବୋଲି କହନ୍ତି । ସ୍ଥଳବିଶେଷରେ ଅଙ୍ଗୀକୁ ଖୋଳ ଅଥବା ଖୋଳପା ବୋଲି ମଧ୍ୟ କୁହାଯାଏ । ଅବୟବସମୂହ ଅଙ୍ଗର ବାହ୍ୟରୂପ ପ୍ରକାଶ କରୁଥିବାରୁ ସେସବୁକୁ ମଧ୍ୟ ଏକ ଆବରଣ ରୂପରେ ଖୋଳପା ବୋଲି କୁହାଯାଇପାରେ । ଚିଙ୍ଗୁଡ଼ିର ଖୋଳପା ଭିତରେ ଚିଙ୍ଗୁଡ଼ି ଏବଂ ସାପକାତି ଭିତରେ ସାପ ଯେପରି ଜଡ଼ିରହିଥାଏ, ମନେହୁଏ ଯେ ଅବୟବରୂପୀ ଖୋଳପାର ଆବରଣ ତଳେ ପ୍ରକୃତ ପ୍ରାଣୀ ସେପରି ଛପିରହିଥାଏ । ତେଣୁ କୌଣସି ପ୍ରାଣୀକୁ ଉତ୍ତମ ରୂପେ ଚିହ୍ନିବାକୁ ହେଲେ ଏହି ଖୋଳପା ଭିତରକୁ ଉଙ୍କିମାରିବା ଏକାନ୍ତ ପ୍ରୟୋଜନ ।

ନିର୍ଜୀବ ବସ୍ତୁ ସାଧାରଣତଃ ଚଳତ୍-ଶକ୍ତିବିହୀନ । ଅଚଳନ୍ତିକୁ ଚଳନ୍ତି କରିବାକୁ ହେଲେ ଗୋଟିଏ ଇଞ୍ଜିନ୍ ଲୋଡ଼ା; ଅଥବା ଅଚଳନ୍ତି ଶଗଡ଼ରେ ବଳଦ ଯୋଚି ତାକୁ ଚଳନ୍ତି ବଳଦଗାଡ଼ି କଲା ପରି ଅଚଳନ୍ତିକୁ କୌଣସି ଚଳନ୍ତି ସହ ଯୋଚିବା ପ୍ରୟୋଜନ । ମଣିଷ ଯେହେତୁ ଚଳତ୍-ଶକ୍ତିସମ୍ପନ୍ନ, ଏକଥା ସ୍ପଷ୍ଟ ଯେ ମଣିଷର ଖୋଳପା ଭିତରେ କୌଣସି ଇଞ୍ଜିନ୍ ଖଞ୍ଜା ହୋଇଛି; ଅଥବା କେହି ଜଣେ ଚଳନ୍ତି ପ୍ରାଣୀ ଲୁଚିରହି ଏହି ଖୋଳପାକୁ ଟେକି ଧରିଛି- ଶୀତଳ ଷଷ୍ଠୀ ଯାତ୍ରାବେଳର ବାଘ ଆଉ ଷଣ୍ଢ ନାଚ ରୀତିରେ । ପ୍ରତ୍ୟକ୍ଷ ପ୍ରମାଣରୁ ଜଣାପଡ଼େ ଯେ, ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ ଗୋଟିଏ ଗୋଟିଏ ଇଞ୍ଜିନ୍ ରହିଛି । ମଣିଷର ଖୋଳପା ଭିତରେ ମଧ୍ୟ ଇଞ୍ଜିନ୍ ଥିବା ତେଣୁ ସ୍ୱାଭାବିକ ।

ଟିପ୍ପଣୀ

ମଣିଷ

ମଣିଷକୁ ଏଠାରେ ଗୋଟିଏ ମଟରଗାଡ଼ି ସାଙ୍ଗରେ ତୁଳନା କରାଯାଇପାରେ । ଆମ୍ବାସାଡର, ଫିଏଟ୍, ଜିପ୍ ପ୍ରଭୃତି ପ୍ରତ୍ୟେକ ଚଳନ୍ତି ମଟରଗାଡ଼ିରେ ଗୋଟିଏ ଗୋଟିଏ ଇଞ୍ଜିନ୍ ରହିଥାଏ । ଏ.ସି. ପମ୍ପ, କାର୍‌ବୁରେଟର୍, ଡାଇନାମୋ, ପିଷ୍ଟନ୍ ପ୍ରଭୃତିର ସମଷ୍ଟି ହିଁ ଏହି ଇଞ୍ଜିନ୍ । ମଟରଗାଡ଼ି ଇଞ୍ଜିନ୍‌ର ବିଭିନ୍ନ କଳକବ୍‌ଜା ପରି ମଣିଷର ଖୋଳପା ଭିତରେ ମଧ୍ୟ ଯେଉଁ ଇଞ୍ଜିନ୍ ରହିଛି- କଲିଜା, ହୃତପିଣ୍ଡ, ଫୁସ୍‌ଫୁସ୍, ଅନ୍ତନାଡ଼ୀ ପ୍ରଭୃତି ତହିଁର ଅଂଶବିଶେଷ । କାର୍‌ବୁରେଟର୍, ଏ.ସି. ପମ୍ପ ପରି କୌଣସି ଯନ୍ତ୍ରପାତି ଖରାପ ହେଲେ, ମଟରଗାଡ଼ିରେ ତେଲ ଢାଳିଲେ ମଧ୍ୟ ସେ ଯେପରି ଆଉ ଚାଲିପାରେନି, ମଣିଷ ଭିତରର ଯନ୍ତ୍ରପାତି ଖରାପ ହୋଇଗଲେ, ତା' ମୁହଁରେ ପଖାଳ, ଶୁଖୁଆ, ତନ୍ଦୁରି ରୁଟି କିମ୍ବା ଚିକେନ୍ କରି ଗୁଞ୍ଜିଲେ ମଧ୍ୟ ସେପରି କିଛି ଲାଭ ହୁଏନାହିଁ । ତଫାତ୍ ଭିତରେ କିନ୍ତୁ ଏତିକି- ଗାଡ଼ିର ଇଞ୍ଜିନ୍ ଖରାପ ହୋଇଗଲେ ତାକୁ ସେହି ସ୍ଥାନରେ ସାଧାରଣ ଭାବରେ ମରାମତି କରାଯାଇପାରେ; ଅଥବା ତାକୁ ଠେଲିପେଲି କିମ୍ବା ଅନ୍ୟ କୌଣସି ଗାଡ଼ିର ପଛପଟେ ବାନ୍ଧି ଟାଣିଆଣି କୌଣସି ଗେରେଜ୍‌ରେ ପହଞ୍ଚାଇ ଦେଲା ପରେ ସେଠାରେ ଖରାପ ହୋଇଯାଇଥିବା ପାର୍ଟ ବଦଳରେ ନୂଆ ପାର୍ଟ ଖଞ୍ଜି ମରାମତି କରାଯାଇପାରେ । ମଣିଷ ଭିତରେ ଇଞ୍ଜିନ୍ କିନ୍ତୁ ହଠାତ୍ ବନ୍ଦ ହୋଇଗଲେ ତାକୁ ଠିକ୍ ସେଇଠି ମରାମତି କରିଦେବା ତ ଦୂରର କଥା, ତାକୁ ସେପରି ଠେଲିପେଲି ଅଥବା ଅନ୍ୟ କୌଣସି ମଣିଷ ପଛରେ ବାନ୍ଧି ଟଣାଟଣି କରି କୌଣସି ଗେରେଜ୍‌ରେ ପହଞ୍ଚାଇ ହୁଏ ନାହିଁ । ଯଦିବା କୌଣସିମତେ ପହଞ୍ଚାଇ ହୁଏ, ତେବେ ଇଞ୍ଜିନ୍ ଯଦି ପୂରାପୂରି ବନ୍ଦ ହୋଇ ନଥାଏ, ତା'ର କୌଣସି ପାର୍ଟ ସାମାନ୍ୟ ମରାମତି କରିହୁଏ ଏବଂ କୌଣସି ବିଶେଷ ଧରଣର ଗେରେଜ୍‌ରେ ଗୋଟିଏ ଅଧେ ପାର୍ଟ ବଦଳାଇବାକୁ ଚେଷ୍ଟା କରାଯାଇଥାଏ ।

ମଣିଷର ଖୋଳପା ଭିତରେ ଯେପରି ଇଞ୍ଜିନ ରହିଛି, ଅନ୍ୟ ଜନ୍ତୁମାନଙ୍କ ଖୋଳପା ଭିତରେ ମଧ୍ୟ ପ୍ରାୟ ସେ ରକମର ଇଞ୍ଜିନ୍ ରହିଛି । ଆମ୍ବାସଡ଼ର, ଫିଏଟ୍ କିମ୍ବା ଜିପ୍‌ର ଇଞ୍ଜିନ୍‌ଗୁଡ଼ିକ ସମାନ ଦିଶୁଥିଲେ ହେଁ ସେମାନଙ୍କ ମଧ୍ୟରେ କିଛି ନା କିଛି ପାର୍ଥକ୍ୟ ରହିଥାଏ । ଏହି ଭିନ୍ନ ଭିନ୍ନ ଜନ୍ତୁମାନଙ୍କର ଇଞ୍ଜିନଗୁଡ଼ିକ ଏକା ରକମର ଜଣାପଡୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ନିଶ୍ଚୟ ସେପରି ବିଭିନ୍ନତା ରହିଥିବ । ତଥାପି ବିଭିନ୍ନ ପ୍ରାଣୀଙ୍କ ଅବୟବ ତଥା ଇଞ୍ଜିନ୍‌ରେ ସାମଞ୍ଜସ୍ୟ ରହିଥିବାରୁ କେବଳ ସେତିକି ଦେଖି ସେ ମଧ୍ୟରୁ ମଣିଷ କିଏ ଓ ଗଧିଆ କିଏ, ସେ କଥା ନିଧାର୍ଯ୍ୟଭାବେ କହିଦେବା ଅନୁଚିତ୍ ହେବ । ପୁନଶ୍ଚ ମଣିଷ ପରି ଦିଶୁଥିବା କୌଣସି ଜନ୍ତୁର ଛାତି ଚିରି ସେ ଭିତରର ଇଞ୍ଜିନ୍ ଦେଖିବାକୁ କିପରି, ତାହା ଜାଣିବା ଉଦ୍ଦେଶ୍ୟରେ ସେ ଭିତରକୁ ଉଙ୍କିମାରିବା ଆପଦସଙ୍କୁଳ । ଖୋଳପା ଓ ଇଞ୍ଜିନ୍ ଏ ଦିଓଟିର ସମ୍ମିଶ୍ରଣକୁ ଶରୀର କୁହାଯାଏ । ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, କେବଳ ଶରୀରରୁ ମଣିଷ ଚିହ୍ନିହେବ ନାହିଁ । ତେଣୁ ଏ ସମ୍ବନ୍ଧରେ ଗଭୀରତର ଅନୁଧାନ ପ୍ରୟୋଜନ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଯେ ଖୋଳପାରେ ଇଞ୍ଜିନଯୁକ୍ତ ଶରୀର ଯଦି ସମାନ ହେଲା ଅଥବା ସମାନ ଧରଣର ହେଲା, ତେବେ ବିଭିନ୍ନ ଜନ୍ତୁଙ୍କର ଗୁଣ ଓ ପ୍ରକୃତି ଭିନ୍ନ ଭିନ୍ନ ହୁଏ କାହିଁକି ? ଗଧ କାହିଁକି ଗଧ- ଖାଟେଣି ଖଟେ, କୁକୁର ପାଦ ଚାଟେ, ବିଲୁଆନନା ପଛକୁ ଅନାଏ, ମାଙ୍କଡ଼ ଗଛରୁ ଗଛକୁ ଡିଏଁ ଆଉ ନାଚେ, ବାଘ ଅନ୍ୟ ଜନ୍ତୁକୁ ଗୋଡ଼ାଇ ଖାଏ, ବଳଦ ଯୁଆଳି ଲଦିବାପାଇଁ କାନ୍ଧ ଦେଖାଇଦିଏ, ଛେଳି ହାଣମୁହଁରୁ ପଳାଇ ଯିବାପାଇଁ ଚେଷ୍ଟାକରେ ନାହିଁ - ଆଉ ମଣିଷ ? ସବୁବେଳେ ଅଭିନୟ କରିଚାଲେ ।

ଟିପ୍ପଣୀ

ପ୍ରଶ୍ନଟି ଅତି ଜଟିଳ । ତଥାପି ସାଧାରଣ ଭାବରେ ମନେହୁଏ ଯେ ଇଞ୍ଜିନ୍‌ର ନିର୍ମାଣ-କୌଶଳ ତଥା ବିଭିନ୍ନତା ଏବଂ ଇଞ୍ଜିନ୍‌କୁ ଖାପଖାଇଲା ଭଳି ଚେଚିସ୍ ଯନ୍ତ୍ର ଜଗତରେ ଯେପରି ବିଭିନ୍ନତା ସୃଷ୍ଟି କରେ, ପ୍ରାଣୀଜଗତରେ ମଧ୍ୟ ସେପରି ବିଭିନ୍ନତା ସୃଷ୍ଟି କରେ ।

ତେଣୁ ମନେହୁଏ ଯେ, ଶରୀର ଭିତରେ ଇଞ୍ଜିନ୍ ବ୍ୟତୀତ ଆଉ କିଛି ବା ଆଉ କିଏ ଲୁଚିରହିଛି, ଯିଏ କେତେକାଂଶରେ ପ୍ରାଣୀମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରେ । ଇଞ୍ଜିନ୍‌କୁ ତେଲ ପାଣି ପରି ଖୋରାକ୍ ଯୋଗାଏ, ଆଦେଶ ଦିଏ, ନିର୍ଦ୍ଦେଶ ଦିଏ, ବୁଦ୍ଧି ସଙ୍ଗରେ ବିବେକ ଯୋଡ଼ି ଭଲମନ୍ଦ ବିବେଚନା କରିବାକୁ ଶିଖାଏ, ହିଂସ୍ରତା ସଙ୍ଗରେ ମା'ର ସ୍ନେହ ଓ ମମତା ଦିଏ, କପଟତା ଓ କୁଟିଳତା ସଙ୍ଗରେ ଦୟା ଦେଖାଇବାକୁ, କ୍ଷମା ଆଚରିବାକୁ ଶିଖାଏ, ଇଞ୍ଜିନ୍‌କୁ ନଷ୍ଟ କରେ ଅବା ପୁଷ୍ଟ କରେ । ଢୋଲ ଭିତରେ ମୂଷା ଥିଲା ପରି ଅଥବା ଥୁଣ୍ଟାଗଛର କୋରଡ଼ରେ ଚଢ଼େଇ ବସା ବାନ୍ଧିଥିଲା ପରି, ମଣିଷର ଶରୀର ଭିତରେ ମଧ୍ୟ ସେପରି କିଛି ବସା ବାନ୍ଧିଥିବା ସମ୍ଭବ । ତେବେ ଢୋଲ ଭିତରେ ଯଦି ମୂଷା ପଶିପାରିଲା, ସେ ଭିତରକୁ ସାପ ପଶିବ ନାହିଁ କାହିଁକି ? ଯଦି ଗଛ କୋରଡ଼ରେ ଚଢ଼େଇ ବସା ବାନ୍ଧିଲା, ସେ ଚଢ଼େଇ ହଂସ କିମ୍ବା ଲୋଟଣିପାରା ନ ହୋଇ ପେଚା, ଡାହୁକ କିମ୍ବା ଶାଗୁଣା ନ ହେବ କାହିଁକି ?

ଅତଏବ ମଣିଷକୁ ଚିହ୍ନିବାକୁ ହେଲେ ମଣିଷର ଶରୀର ଭିତରେ ଲୁଚି ଛପି ରହିଥିବା ଏହି ଅଜ୍ଞାତକୁଳଶୀଳକୁ ଖୋଜି ବାହାର କରି ତାକୁ ଚିହ୍ନିବାକୁ ହେବ । ଏହି ଲୁକ୍‌କାୟିତକୁ କିନ୍ତୁ ଖୋଜି ବାହାର କରିବା ତ ଦୂରର କଥା, ତା'ର ସନ୍ଧାନ ମଧ୍ୟ ନେଇହୁଏ ନାହିଁ । ତେଣୁ ତା'ର ରୂପରେଖ ଦେବା ଅସମ୍ଭବ । ଏକଥା କିନ୍ତୁ ନିଶ୍ଚିତ ଯେ, ଚଳନ୍ତି ମଟରଗାଡ଼ିକୁ ମଟରଗାଡ଼ିର ଡ୍ରାଇଭର ଯେପରି ଗତି ଦିଏ, ଗତିର ଦିଗ ଦିଏ, ତଥା ବେଗ ଦିଏ, ବଳଦଗାଡ଼ିକୁ ଶଗଡ଼ିଆ ଅଥବା ଘୋଡ଼ାଗାଡ଼ିକୁ କଚୁଆନ୍ ଯେପରି ପରିଚାଳିତ କରେ, ମଣିଷ ଶରୀର ଭିତରେ ଲୁକ୍‌କାୟିତ ହୋଇ ରହିଥିବା ଏହି ଅଜଣା ଭୂତ ମଣିଷକୁ ଠିକ୍ ସେପରି ଦିଗ୍‌ଦର୍ଶନ ଦିଏ- ପରିଚାଳିତ କରେ । XXX ପ୍ରାଣୀର ଶରୀରମାନଙ୍କୁ ପରିଚାଳିତ କରୁଥିବା ଡ୍ରାଇଭର କିମ୍ବା କଚୁଆନ୍‌ମାନେ ମଧ୍ୟ ଠିକ୍ ସେପରି । ବେଳେବେଳେ ଗାଡ଼ିରେ ଯୋଚା ହୋଇଥିବା ଘୋଡ଼ାମାନେ ଏତେ ଶକ୍ତିଶାଳୀ ହୋଇପଡ଼ନ୍ତି ଯେ ସେମାନେ ଲଗାମ୍‌ଛଡ଼ା ହୋଇଯାନ୍ତି । ଦୁର୍ବଳ କଚୁଆନ୍ ସେମାନଙ୍କୁ ନିଜ ଆକଟରେ ରଖିପାରେ ନାହିଁ । ପ୍ରାଣୀ ଶରୀରର ଏହି ଅଜଣା ଡ୍ରାଇଭର ବା କଚୁଆନ୍‌କୁ କେହି କେହି ଆତ୍ମା-ପୁରୁଷ ଅଥବା ଜୀବାତ୍ମା ବୋଲି କହନ୍ତି । ଏହି ଜୀବାତ୍ମାସବୁ କୁଆଡ଼େ ତାଙ୍କ ନିଜ ନିଜ ବ୍ୟକ୍ତିଗତ ଢଙ୍ଗରଙ୍ଗ, ଚାଲିଚଳଣ, ପୂର୍ବ-ଅର୍ଜିତ ପୁଞ୍ଜିପାଣ୍ଠି ଘେନି ପ୍ରକୃତ ସ୍ୱରୂପ ଶରୀରରେ ଆସନ ପାତି ବସିଥାଆନ୍ତି । ଇଞ୍ଜିନ୍ କିମ୍ବା ଶରୀରକୁ ନେଇ ହିଁ ସେମାନେ ଖେଳ ଖେଳନ୍ତି ଏବଂ ଶରୀରର ସବୁ ଗୁଣ ଓ ବିକାର ଭୋଗକରନ୍ତି । ଶରୀରର ନିର୍ଦ୍ଧାରିତ ସୀମା ଇଞ୍ଜିନ୍‌ର ଶକ୍ତି ମଧ୍ୟରେ ସେମାନଙ୍କ ଖେଳ; ତେଣୁ ସୀମାବଦ୍ଧ ହୋଇଯାଏ । ଟ୍ରାକ୍ଟର ଡ୍ରାଇଭର ଯେପରି ତାର ଗାଡ଼ିକୁ ଫିଏଟ୍ ପରି ଦ୍ରୁତବେଗରେ ଛୁଟାଇ ନେଇପାରେନି; ଫିଏଟ୍ ଡ୍ରାଇଭର ସେପରି ତା' ଗାଡ଼ିକୁ ଜୁମ୍ବୋ ଜେଟ୍ ପରି ଉଡ଼ାଇପାରେନି । ଡ୍ରାଇଭର କିମ୍ବା କଚୁଆନ୍ ସମାନ ଧରଣର ହେଲେ ମଧ୍ୟ ସେମାନଙ୍କ କରାମତି ଭିନ୍ନ ଭିନ୍ନ ପ୍ରାଣୀଙ୍କ ଇଞ୍ଜିନ୍‌ର ଶକ୍ତିସୀମା ତଥା କ୍ରୀଡ଼ା-କ୍ଷେତ୍ର ଭିତରେ ସୀମିତ ହୋଇଯାଏ ।

ଟିପ୍ପଣୀ

ମଣିଷ

ପ୍ରାଣୀଜଗତରେ ମଣିଷ ସର୍ବଶ୍ରେଷ୍ଠ ବୋଲି ସମସ୍ତେ କହନ୍ତି । ଏକଥା ସ୍ପଷ୍ଟ ଯେ ଶରୀରର ପରାକ୍ରମ ଉପରେ ତଥା ଇଞ୍ଜିନ୍‌ର ଶକ୍ତି ଉପରେ ଏହି ଶ୍ରେଷ୍ଠତ୍ୱ ନିର୍ଭର କରେ ନାହିଁ । ସେପରି ହେଉଥିଲେ ହାତୀ, ଗଣ୍ଡାର, ସିଂହ, ବାଘ, ତିମି, ଶାର୍କ ପରି ପାଣୀମାନେ ମଣିଷଠାରୁ ଶୀର୍ଷତର ସ୍ଥାନ ଅଧିକାର କରିଥାନ୍ତେ । ତେଣୁ ଏହା ସ୍ୱୀକାର୍ଯ୍ୟ ଯେ ମଣିଷ କୌଣସି ଶରୀରର ଖୋଳପା ନୁହେଁ, ଇଞ୍ଜିନ୍ ନୁହେଁ କିମ୍ବା ଖୋଳପା ଓ ଇଞ୍ଜିନ୍‌ଯୁକ୍ତ ଶରୀର ମଧ୍ୟ ନୁହେଁ । ଶରୀର ମଧ୍ୟରେ ଯନ୍ତ୍ରାରୂଢ଼ ହୋଇ ବସିଥିବା ଡ୍ରାଇଭରମାନଙ୍କ ମଧ୍ୟରେ ସବୁଠାରୁ କୁଶଳୀ ତଥା ଉତ୍ତମ ଡ୍ରାଇଭରମାନେ ହିଁ ନିଶ୍ଚୟ ମଣିଷ ହୋଇଥିବେ । ତେଣୁ ଏହି ଡ୍ରାଇଭରମାନଙ୍କ ମଧ୍ୟରେ ହିଁ ମଣିଷକୁ ଖୋଜି ବାହାର କରିବାକୁ ପଡ଼ିବ । XXX

କାହାରି କାହାରି ଗାଡ଼ିର ଅଖ ତେଲ ବିନା ଚାଲିଲାବେଳେ କେଁ-କଟର କରି ଦୁଃଖ-କଷ୍ଟରେ ବିକଳ ରାବ ଦେଲାପରି ଗର୍ଜୁଥାଏ । ଆଉ କାହାରି କାହାରି ବିଅରିଂରେ ଭଲ ଗ୍ରୀଜ୍‌ଦିଆ ଗାଡ଼ି ବିନା ଶବ୍ଦରେ ଅତି ସହଜ ଓ ସରଳ ଭାବରେ ଗଡ଼ିଚାଲିଥାଏ- ସତେ ଅବା ମନର ଉଲ୍ଲାସରେ । ଗାଡ଼ି କେତେବଳେ ପୁରୁଣା ହୋଇ ଅଚଳ ହୋଇଯାଏ ତ କେତେବେଳେ ଭଲ ରକ୍ଷଣାବେକ୍ଷଣ ବିନା, କେବେ କୌଣସି ଦୁର୍ଘଟଣାରେ ଆଉ କେବେ କୌଣସି ପାର୍ଟ ଖରାପ ହୋଇଯିବା ଫଳରେ ଅଚଳ ହୋଇଯାଏ । ସାଧାରଣ ଗାଡ଼ି ମାଲିକ ଯେପରି ଏପରି ଗାଡ଼ି ଖରାପ ହୋଇଗଲେ ଅଥବା ଅଚଳ ହୋଇଗଲେ ଡ୍ରାଇଭର୍‌ର କ୍ରିୟାକଳାପ ଆଉ ତା'ର ପୁରୁଣା ରେକର୍ଡ଼ ସବୁ ଦେଖି ଆଉ କୌଣସି ନୂଆ ଗାଡ଼ିକି ପଠାଇ ଦିଅନ୍ତି ଏବଂ କୌଣସି ନୂତନ ଦାୟିତ୍ୱ ଦିଅନ୍ତି, ପ୍ରାଣୀଜଗତରେ ଏହି କଚୁଆନ୍‌ମାନଙ୍କ ମାଲିକ ମଧ୍ୟ ଗାଡ଼ିର ଦାୟିତ୍ୱ ଦେଲାବେଳେ ନିଶ୍ଚୟ ସେପରି କରୁଥିବେ । ଯାହା ଫଳରେ କେଉଁ ପ୍ରାଣୀ ହୁଏ ମଣିଷ ତ ଆଉ କିଏ ହୁଏ ଘୁଷୁରି । ମନେହୁଏ ଯେ ଏହି ନୂତନ ଦାୟିତ୍ୱ ଗ୍ରହଣ କଲାବେଳେ କଚୁଆନ୍ ପୁଣି ତା'ର ପୁରୁଣା ବୁଜୁଳାସବୁ ସାଙ୍ଗରେ ଧରି ନୂଆ ଗାଡ଼ିରେ ଆସନ ମାଡ଼ିବସେ ।

ମଟରଗାଡ଼ିର ଡ୍ରାଇଭର୍‌ମାନଙ୍କୁ ଯେମିତି ଦେଖିହୁଏ, ଏ ଶରୀର ଭିତରେ କେଉଁଠି ଗୋପନରେ ବସିରହିଥିବା ଏହି କଚୁଆନ୍‌ମାନଙ୍କୁ ଦେଖିହୁଏ ନାହିଁ । ସେଇଥିପାଇଁ ମଣିଷ ଚିହ୍ନିବା ବ୍ୟାପାର ଅତ୍ୟନ୍ତ କଷ୍ଟକର ହୋଇପଡ଼େ; କିନ୍ତୁ ଡ୍ରାଇଭରକୁ ନଦେଖି ଗାଡ଼ିର ଗତିବିଧିକୁ ଲକ୍ଷ୍ୟକରି ଯେପରି ଡ୍ରାଇଭର ସମ୍ବନ୍ଧରେ କିଛି ଧାରଣା କରିହୁଏ, ସେପରି କଚୁଆନ୍‌କୁ ଦେଖି ନପାରିଲେ ମଧ୍ୟ ଶରୀର ମାଧ୍ୟମରେ ତା'ର କ୍ରିୟାକଳାପ ଲକ୍ଷ୍ୟକରି ସେ କିପରି ଓ କେଉଁ ଧରଣର କଚୁଆନ୍ ସେ ସମ୍ବନ୍ଧରେ ଉଚିତ ଧାରଣା କରିପାରିବା ନିଶ୍ଚୟ ସମ୍ଭବ । ସେ ବିଷୟରେ ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ ।

ଦୂରଦେଶକୁ ଗଲାବେଳେ ଅଥବା କୌଣସି ଦୂରଦେଶରୁ ଫେରିବା ସମୟରେ ବେଳେବେଳେ ଜନପ୍ରାଣୀଙ୍କ ଦେଖାଦର୍ଶନ ନଥିବା ଅରଣ୍ୟ ଭିତରେ କୌଣସି ଗାଡ଼ିର ଯେତେବେଳେ ହଠାତ୍ ତେଲ ସରିଯାଏ, ଫେନ୍‌ବେଲ୍‌ଟ ଛିଣ୍ଡେ, ଚକା ଫାଟେ, ଇଞ୍ଜିନ୍‌ର କୌଣସି ପାର୍ଟ ଖରାପ ହୋଇଯାଏ ଅଥବା ଅନ୍ୟ କୌଣସି କାରଣରୁ ଗାଡ଼ି ବନ୍ଦ ହୋଇଯାଏ, ଗାଡ଼ିର ଚାଳକ କୌଣସି ଯନ୍ତ୍ରପାତି ଅଥବା କିଛି ସାହାଯ୍ୟ ପାଇବା ଆଶାରେ ସେ ବାଟରେ ଯାଉଥିବା ଅନ୍ୟ ଗାଡ଼ିମାନଙ୍କୁ ଅଟକାଇବା ପାଇଁ ହାତ ଦେଖାଏ । କେଉଁ ଗାଡ଼ିର ଡ୍ରାଇଭର ଧୂଳି ଉଡ଼ାଇ ତା' ବାଟରେ ଚାଲିଯାଏ - ଏ ଗାଡ଼ି ଆଡ଼ିକି ଅନାଏନି ମଧ୍ୟ ।XXX

ଟିପ୍ପଣୀ

ପ୍ରାଣୀଜଗତରେ ମଧ୍ୟ ଏପରି ଘଟଣାସବୁ ଦେଖିବାକୁ ମିଳେ । କୌଣସି ପ୍ରାଣୀ ଯେତେବେଳେ ଦୁଃଖ-ଦୁର୍ଦ୍ଦଶାରେ ପଡ଼ି ଛଟପଟ ହେଉଥାଏ, ତାକୁ ଦେଖି କେତେକ ପ୍ରାଣୀ କେତେ ରକମର ବ୍ୟଙ୍ଗ କରନ୍ତି, କଟୂକ୍ତି କରନ୍ତି, ନାନା ଟିପ୍‌ପଣୀ କାଟନ୍ତି, କଟା ଘା'ରେ ଚୂନ ଦିଅନ୍ତି- ଅନ୍ୟର ସେହି ଦୁଃଖକଷ୍ଟରୁ ଆନନ୍ଦ ଉପଭୋଗ କରନ୍ତି । ତା'ଛଡ଼ା ସେହି ଦୁଃଖୀ ପ୍ରାଣୀଠାରୁ କିଛି ମାରିନେବା ପାଇଁ ଏହା ହିଁ ଅପୂର୍ବ ସୁଯୋଗ ବୋଲି ଭାବିବସନ୍ତି । ଅନ୍ୟ କେହି କିନ୍ତୁ କାହାରି ଦୁଃଖ କଷ୍ଟ ସହିପାରନ୍ତିନି । ପ୍ରାଣୀର ଦୁଃଖ ଲାଘବ କରିବା ଆଶାରେ କେହି ନିଜେ କଣ୍ଟାର ମୁକୁଟ ପିନ୍ଧନ୍ତି, କେହି ସ୍ୱର୍ଣ୍ଣ-ସିଂହାସନ, ଦାରା, ସୁତ ଛାଡ଼ି ଭିକ୍ଷାପାତ୍ର ଧରି ଦ୍ୱାର ଦ୍ୱାର ଘୂରିବୁଲନ୍ତି, ଦୁଃଖ-ଲାଘବର ପଥ ଦର୍ଶାଇଦେବା ଉଦ୍ଦେଶ୍ୟରେ । କିଏ ଅନ୍ୟର ଦୁଃଖ ନିଜେ ବରଣ କରି 'ସବ୍‌କୋ ସନ୍‌ମତି ଦେ ଭଗବାନ' ଗାଇ ଗାଇ ଆତତାୟୀର ଗୁଳିକୁ ଛାତି ଦେଖାଇଦିଅନ୍ତି । କେହି ପ୍ରାଣର ଆବେଗରେ ଗାଆନ୍ତି- 'ପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।'

ସଂସାର-ଯାତ୍ରାରେ ଯାଉଥିଲାବେଳେ ବାଟରେ ଘାଟରେ ପଡ଼ି କୌଣସି ପ୍ରାଣୀ ଦୁଃଖକଷ୍ଟ ଭୋଗୁଥିବା ସମୟରେ ଯେଉଁ କଚୁଆନ୍ ତା' ଗାଡ଼ି ସେହି ଦୁଃଖୀ ପାଖରେ ଅଟକାଇ ରଖେ ଆଉ ସମବେଦନା ଦେଖାଇ ନିଜ ସାଧ୍ୟମତେ ତା'ର ଦୁଃଖକଷ୍ଟ ଲାଘବ କରିବାପାଇଁ ପାଖରେ ଠିଆହୋଇଯାଏ, ସିଏ ହିଁ ଏକ ଶ୍ରେଷ୍ଠ କଚୁଆନ୍; ତେଣୁ ନିଶ୍ଚୟ ଜଣେ ମଣିଷ । ଅନ୍ୟମାନେ ମଣିଷ ପରି ଦିଶୁଥିଲେ ମଧ୍ୟ ମଣିଷ ପରି ଅଭିନୟ କରୁଥିବା ମଣିଷ ବେଶଧାରୀ ଅନ୍ୟ କୌଣସି ଜନ୍ତୁ ମାତ୍ର ।

୫.୫ ଗଳ୍ପଟିକୁ ବୁଝିବା ପାଇଁ

ତୁମେ ତ ରଚନାଟିକୁ ପଢ଼ିଲ । ଏହା ଗଦ୍ୟରେ ରଚିତ ଓ ପ୍ରବନ୍ଧ ଶ୍ରେଣୀୟ ରଚନା । କିନ୍ତୁ ଏଭଳି ରଚନାକୁ ଲଳିତ ନିବନ୍ଧ ବା ରମ୍ୟରଚନା କୁହାଯାଇଥାଏ । ରମ୍ୟରଚନା ସରସ ହୋଇଥିବାରୁ ସୁଖପାଠ୍ୟ । ଏହା ପାଠକର ମନକୁ ଛୁଇଁଲା ଭଳି ଲେଖାଯାଇଥାଏ । ପ୍ରବନ୍ଧ ଭଳି ଏହାର ଉପକ୍ରମ, ବିଷୟବସ୍ତୁ ଓ ଉପସଂହାର ଅଂଶ ଥାଏ ମାତ୍ର ଏହା ନିବନ୍ଧ ଅର୍ଥାତ ବନ୍ଧନ ହୀନ । କୌଣସି ରଚନା ନିୟମକୁ କଡ଼ାକଡ଼ି ଭାବରେ ଅବଲମ୍ବନ କରିନଥାଏ । ରଚୟିତା ବିଷୟରୁ ବିଷୟାନ୍ତରକୁ ଯାଇ ପୁଣି ବିଷୟକୁ ଆସନ୍ତି । ବର୍ଣ୍ଣନାର ଚୁମ୍ବକୀୟତାରେ ପାଠକ ପୁଲକିତ ହୋଇ ଆଗେଇ ଚାଲେ । ତେଣୁ ତିନୋଟି ସ୍ତରରେ ସୀମାବଦ୍ଧ ହୋଇନଥିବାରୁ ଏହାର ଗୋଟିଏ ପରେ ଗୋଟିଏ ଅଂଶର ଆଲୋଚନା କର୍ତ୍ତବ୍ୟ ।

ସବୁ ପ୍ରାଣୀଙ୍କ ମଧ୍ୟରୁ ମଣିଷକୁ ଲୋକେ ଅଦ୍ଭୁତ ପ୍ରାଣୀ ବୋଲି ମନେ କରନ୍ତି । କାରଣ, ଅନ୍ୟମାନେ ହାମୁଡ଼େଇ ଚାଲିଲାବେଳେ ମଣିଷ ସିଧା ହୋଇ ଚାଲେ । ପ୍ରାଣୀମାନଙ୍କ ପାଖରୁ ବିନୟ ଭାବ ପ୍ରକାଶ ପାଉଥିଲାବେଳେ ଉପରକୁ ମୁହଁଟେକି ରହୁଥିବା ମଣିଷ ଅହଂକାରୀ ଓ ଉଦ୍ଧତ ଜଣାପଡ଼େ । ଏଭଳି ପ୍ରାଣୀକୁ ଉତ୍ତମ ରୂପେ ଚିହ୍ନିବା ପାଇଁ ଲେଖକ ଉଦ୍ୟମ ଆରମ୍ଭ କରିଛନ୍ତି । ଉଦ୍ୟମର ପ୍ରଥମ ପଦକ୍ଷେପ ସ୍ୱରୂପ ସେ ମଣିଷର ଅଙ୍ଗ ପ୍ରତ୍ୟଙ୍ଗକୁ ଦୃଷ୍ଟିପାତ କରିଛନ୍ତି । କାରଣ ଥୁଣ୍ଟାଗଛ ପରି ଦିଶୁଥିବା ମଣିଷର ଅନେକ ଅଙ୍ଗ ରହିଛି । ଏହା ତା'ର ଗୋଟିଏ ବିଶେଷତ୍ୱ ହୋଇଥିବାରୁ ସେଗୁଡ଼ିକର ପରିଚୟ ପାଇଲେ ମଣିଷକୁ ଚିହ୍ନି ହେବ । କିନ୍ତୁ ପରେ ସେ ଉପଲବ୍ଧି କରିଛନ୍ତି 'ଅବୟବର ସମ୍ୟକ୍ ନିରୀକ୍ଷଣ ଦ୍ୱାରା କୌଣସି ପ୍ରାଣୀକୁ ଯଥାଯଥ

ଟିପ୍ପଣୀ

ରୂପେ ଚିହ୍ନିବା ଆଶା ଭ୍ରମ ବା ପ୍ରମାଦପୂର୍ଣ୍ଣ ।' ଏଥିପାଇଁ ସେ ଚାରିଜଣ ଅନ୍ଧଙ୍କ ହାତୀ ଦେଖା ଗଳ୍ପର ଅବତାରଣା କରିଛନ୍ତି । ପ୍ରତ୍ୟେକ ଅନ୍ଧ ହାତୀର ଗୋଟିଏ ଗୋଟିଏ ଅଙ୍ଗକୁ ଯେମିତି ଅନୁଭବ କଲେ ସମୁଦାୟ ହାତୀଟି ସେହିଭଳି ବୋଲି ଚିହ୍ନିଲେ । ସମସ୍ତଙ୍କ ବକ୍ତବ୍ୟ ଭୁଲ ହେଲା । ତେଣୁ ଅବୟବକୁ ଜାଣିଲେ ମଣିଷକୁ ଚିହ୍ନି ହେବନାହିଁ ।

ଅଙ୍ଗ-ପ୍ରତ୍ୟଙ୍ଗରୁ ମଣିଷକୁ ଚିହ୍ନି ହେବନାହିଁ ଜାଣିଲା ପରେ ଲେଖକ ଆଚରଣ ପ୍ରତି ଦୃଷ୍ଟି ଦେଇଛନ୍ତି । ସେଥିପାଇଁ ସେ ଜ୍ଞାନୀଗୁଣୀଙ୍କ ମତ ଉଦ୍ଧାର କରିଛନ୍ତି । କେହି କେହି ସଂସାରକୁ ଖେଳଘର କହିଲାବେଳେ କେହି ରଙ୍ଗମଞ୍ଚ ବୋଲି କହନ୍ତି । ମଣିଷମାନେ ଖେଳର ଖେଳାଳି ହୋଇ ଖେଳୁଥାନ୍ତି ଓ ରଙ୍ଗମଞ୍ଚରେ ଅଭିନେତା ହୋଇ ଅଭିନୟ କରୁଥାନ୍ତି । ଖେଳାଳିମାନେ ପ୍ରକୃତରେ ଖେଳୁଛନ୍ତି କି ତାଙ୍କ ଅନ୍ତରରେ ଅନ୍ୟ କିଛି ଅଭିପ୍ରାୟ ଅଛି ଜାଣିବା କଷ୍ଟ । ସେମିତି ମଞ୍ଚରେ ବେଶ ହୋଇ ଅଭିନୟ କରୁଥିବା ଅଭିନେତାମାନେ ବାସ୍ତବରେ ତାହା ନୁହନ୍ତି । ତେଣୁ ଖେଳ ବା ଅଭିନୟରୁ ମଣିଷକୁ ଚିହ୍ନିବା ଭ୍ରମାତ୍ମକ ହୋଇପାରେ । ମଣିଷ ପରି ଅଭିନୟ କରୁଥିବା କୁଶଳୀ ଅଭିନେତା କୌଣସି ଜନ୍ତୁ ହୋଇପାରେ । ପୁଣି ଅନେକ ସମୟରେ ମଣିଷର ଆଚରଣ ଗଧ, ବଳଦ, ମାଙ୍କଡ଼, କୁକୁର, ଘୁଷୁରି ଭଳି ହୋଇଥାଏ । ତେଣୁ ଅଭିନୟରୁ କୌଣସି ଜନ୍ତୁକୁ ମଣିଷ ବୋଲି ନିଶ୍ଚିନ୍ତ ହେବା ଭୁଲ ହୋଇପାରେ ।

ଅଭିନୟ ହେଉ ବା ବେଶଭୂଷା ହେଉ ଲେଖକ ଏହାକୁ ଖୋଳପା ସହ ତୁଳନା କରିଛନ୍ତି । ଖୋଳପା ଓ କାତି ତଳେ ଯେପରି ଚିଙ୍ଗୁଡ଼ି ଓ ସାପ ଥାଏ । ଠିକ୍ ସେହିପରି ବାହ୍ୟ ପୋଷାକ ବା ଆବରଣ ଭଳି ନଥାଇ ଭିତରୁ ପ୍ରକୃତ ପ୍ରାଣୀକୁ ଅନ୍ୱେଷଣ କରିବା ବା କରାଯିବା ଉଚିତ । ମଣିଷକୁ ଚିହ୍ନିବାକୁ ହେଲେ ମଧ୍ୟ ତା'ର ପୋଷାକପତ୍ର, ଆଚରଣ ବା ଅଭିନୟ ପରିବର୍ତ୍ତେ ଅନ୍ତର ଭିତରକୁ ଉଙ୍କିମାରି ଦେଖିବା ଆବଶ୍ୟକ ବୋଲି ଲେଖକ କହନ୍ତି ।

ଲେଖକଙ୍କ ମତରେ ମଣିଷ ଗୋଟିଏ ଚଳତ୍‌ଶକ୍ତି ଯୁକ୍ତ ପ୍ରାଣୀ ହୋଇଥିବାରୁ ତାକୁ ଚଳାଇବା ପାଇଁ ତା' ଭିତରେ ନିଶ୍ଚୟ ଗୋଟାଏ ଇଞ୍ଜିନ୍ ରହିଛି । ପଟୁଆରର ବାଘ ଓ ଷଣ୍ଢ ଭିତରେ ନର୍ତ୍ତକ ଲୁଚିଲା ଭଳି ଇଞ୍ଜିନ୍ ଶରୀର ଭିତରେ ଅଦୃଶ୍ୟ ଥାଏ । ଇଞ୍ଜିନ୍ ଥିବାରୁ ମଣିଷକୁ ମଟରଗାଡ଼ି ସହ ତୁଳନା କରାଯାଇପାରେ । କିନ୍ତୁ ଗୋଟିଏ ପ୍ରଶ୍ନ ଉଠେ । ମଣିଷ ଖୋଳପା ଭିତରେ ଯେପରି ଇଞ୍ଜିନ୍ ଅଛି, ଅନ୍ୟ ଜନ୍ତୁଙ୍କ ଭିତରେ ମଧ୍ୟ ସେହି ରକମର ଇଞ୍ଜିନ୍ ଥିବ । ନଚେତ୍ ସେମାନେ ଚଳପ୍ରଚଳ ହୁଅନ୍ତେ ନାହିଁ । ତେବେ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଇଞ୍ଜିନ୍ ସମାନ କି ? ଯଦି ସମାନ, ବିଭିନ୍ନ ପ୍ରାଣୀଙ୍କ ଗୁଣ ଓ ପ୍ରକୃତି ଭିନ୍ନ ହୁଏ କାହିଁକି ? ଏହା ଗୋଟିଏ ଜଟିଳ ସମସ୍ୟା । ତେଣୁ ଇଞ୍ଜିନ୍‌ରୁ ମଧ୍ୟ ମଣିଷ ଚିହ୍ନିବା ସହଜ ନୁହେଁ କି ନିରାପଦ ମଧ୍ୟ ନୁହେଁ । ଆହୁରି ମଧ୍ୟ ଅବୟବ ଓ ଇଞ୍ଜିନ୍ ଉଭୟକୁ ନେଇ ତ ଶରୀର । ତେଣୁ ଶରୀରରୁ ମଣିଷ ଚିହ୍ନାଯାଏ ନାହିଁ ।

ପ୍ରକୃତ ମଣିଷକୁ ଚିହ୍ନିବା ଉଦ୍ୟମ ଲେଖକଙ୍କର ଶେଷ ହୋଇ ନାହିଁ । ଅଙ୍ଗ-ପ୍ରତ୍ୟଙ୍ଗ ଓ ଇଞ୍ଜିନ ବ୍ୟତୀତ ପ୍ରାଣୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟି କରୁଥିବା ଆଉ ଗୋଟିଏ ସତ୍ତା ବିଷୟରେ ସେ ସଚେତନ ହୋଇଛନ୍ତି । ସେହି ସତ୍ତା ପ୍ରାଣୀଙ୍କୁ ପରିଚାଳିତ କରାଏ, ସେମାନଙ୍କ ଆଚରଣରେ ପାର୍ଥକ୍ୟ ଆଣେ । ନାନାବିଧ ଗୁଣ ଓ

ସ୍ୱଭାବ ପ୍ରଦାନ କରିଥାଏ । ଗଛ କୋରଡ଼ରେ ଚଢ଼େଇଟି ବସା ବାନ୍ଧିଲା ଭଳି ମଣିଷ ମଧ୍ୟରେ ଏହି ସତ୍ତାଟି ଅବସ୍ଥିତ ଥାଏ । ମଣିଷକୁ ଚିହ୍ନିବାକୁ ହେଲେ ସେହି ଲୁକ୍କାୟିତ ସତ୍ତାଟିକୁ ଚିହ୍ନିବାକୁ ପଡ଼ିବ । ଶରୀର ରୂପକ ଯାନ ବା ଗାଡ଼ିକୁ ଚଳାଉଥିବାରୁ ଲେଖକ ଏହି ସତ୍ତାକୁ ଚାଳକ ବା ଡ୍ରାଇଭର ଆଖ୍ୟା ଦେଇଛନ୍ତି । ଦାର୍ଶନିକମାନେ ତାହାକୁ ଆତ୍ମା-ପୁରୁଷ ଅଥବା ଜୀବାତ୍ମା ବୋଲି କହନ୍ତି । ଏହାପରେ ସେ ଶରୀର ମଧ୍ୟରେ ଯନ୍ତ୍ରାରୂଢ଼ ହୋଇ ବସିଥିବା ଡ୍ରାଇଭର୍‌ର ସ୍ୱରୂପ ଆବିଷ୍କାର ପାଇଁ ଚେଷ୍ଟା କରିଛନ୍ତି । ଏହା ଭାରତୀୟ ଦର୍ଶନର ସବୁଠାରୁ ଗୂଢ଼ ତତ୍ତ୍ୱର ସହଜ ବ୍ୟାଖ୍ୟା । ଲେଖକଙ୍କ ମତରେ କୌଣସି ଗାଡ଼ି ପୁରୁଣା ବା ଅଚଳ ହୋଇଗଲେ ଗାଡ଼ି ମାଲିକ ଡ୍ରାଇଭର୍‌ର କ୍ରିୟାକଳାପ ବିଚାର କରି ତାକୁ ନୂଆ ଗାଡ଼ି ଚଳାଇବା ପାଇଁ ପଠାଇଦିଅନ୍ତି । ସେହିପରି ଆତ୍ମା-ପୁରୁଷ କେତେବେଳେ ମାନବୋତ୍ତର ପ୍ରାଣୀର ଦେହ ଧାରଣ କରେ ତ କେତେବେଳେ ମାନବ ଶରୀର । ଦେହ ସହିତ ତାହା ଏକାକାର ହୋଇଥାଏ ।

ମଣିଷ ମଧ୍ୟରେ ବିଦ୍ୟମାନ ଆତ୍ମାପୁରୁଷଙ୍କୁ ଜାଣିବା ପରେ ସେ ଉତ୍ତମ କି ମନ୍ଦ ନ ଜାଣିଲେ ଅସୁବିଧା । ଆତ୍ମାକୁ ଡ୍ରାଇଭର ବୋଲି କହୁଥିବା ଲେଖକ ଏଥିପାଇଁ ଗୋଟିଏ ସାଧାରଣ ଉପାୟ ବତାଇଛନ୍ତି । ଦୁର୍ଗମ ରାସ୍ତାରେ କୌଣସି ଗାଡ଼ି ଖରାପ ହୋଇଗଲେ ସେହି ବାଟ ଦେଇ ଯାଉଥିବା ଅନ୍ୟ ଗାଡ଼ିର ଡ୍ରାଇଭର ସେଠାରେ ଅଟକି ସାହାଯ୍ୟ କରିବା ପରିବର୍ତ୍ତେ ଦ୍ରୁତ ଗତିରେ ଗନ୍ତବ୍ୟ ପଥରେ ଚାଲିଯାନ୍ତି । ସେମାନେ ସ୍ୱାର୍ଥପର, କେବଳ ନିଜକୁ ଦେଖନ୍ତି, ବିପଦରେ ପଡ଼ିଥିବା ଅନ୍ୟକୁ ଦେଖନ୍ତି ନାହିଁ । କିନ୍ତୁ ଯେଉଁ ଗାଡ଼ିର ଚାଳକ ସେଠାରେ ଅଟକି ସମବେଦନା ଜଣାଏ, ସାଧ୍ୟମତେ ଦୁର୍ଗତ ଡ୍ରାଇଭରକୁ ସାହାଯ୍ୟ କରେ ସେ ଉତ୍ତମ ମଣିଷ । ଅତଏବ ବିପଦରେ ପଡ଼ିଥିବା ମଣିଷକୁ ଯିଏ ସାହାଯ୍ୟ କରେ ସେ ପ୍ରକୃତ ମଣିଷ । ଅନ୍ୟମାନେ ମଣିଷ ପରି ଦିଶୁଥିଲେ ମଧ୍ୟ ସେମାନେ ଅମଣିଷ । ସେମାନେ ହୁଏତ ମଣିଷ ପରି ଅଭିନୟ କରୁଥାନ୍ତି କିନ୍ତୁ ଏ ପରୀକ୍ଷାରେ ସେମାନଙ୍କ ଅସଲ ସ୍ୱରୂପ ଚିହ୍ନା ପଡ଼ିଯାଏ ।

ଆମ ସାଧାରଣ ଜୀବନରେ କେହି ସଙ୍କଟରେ ପଡ଼ିଲେ, କିଛି ଲୋକ ତାକୁ ବ୍ୟଙ୍ଗ ବିଦ୍ରୂପ କରି ତା'ର ଦୁଃଖ ବଢ଼ାଇ ଦିଅନ୍ତି । ଆଉ କେହି ତା'ର ଅସୁବିଧାର ସୁଯୋଗ ନେଇ ଲାଭ ଅନ୍ୱେଷଣ କରନ୍ତି । କିନ୍ତୁ ଆଉ କେହି କେହି ସାହାଯ୍ୟ ପାଇଁ ହାତ ବଢ଼ାନ୍ତି । ଏମାନେ କାହାର ଦୁଃଖ ସହି ପାରନ୍ତି ନାହିଁ, ନିଜେ କଷ୍ଟ ସହି ଅନ୍ୟକୁ ସହାୟ ହୁଅନ୍ତି । ସେମାନେ ଶ୍ରେଷ୍ଠ ମଣିଷ । ସେମାନଙ୍କୁ ମହାପୁରୁଷ ବୋଲି କୁହାଯାଏ । କେବେକେବେ ସେମାନେ ଈଶ୍ୱର ରୂପେ ସମ୍ବୋଧିତ ହୁଅନ୍ତି । ଯୀଶୁ ମାନବ ଜାତିର ଦୁଃଖ ଦୂର ପାଇଁ କ୍ରୁଶ ଚଢ଼ିଲେ, ଗୌତମବୁଦ୍ଧ ସିଂହାସନ ଛାଡ଼ି ସନ୍ନ୍ୟାସୀ ହେଲେ, ମହାତ୍ମା ଗାନ୍ଧୀ ଆତତାୟୀର ଗୁଳିରେ ନିହତ ହେଲେ । ଭୀମ ଭୋଇ ସମସ୍ତଙ୍କ ଦୁଃଖ ଦୂର ପାଇଁ ନିଜେ ନରକରେ ପଡ଼ିବା ପାଇଁ ପ୍ରସ୍ତୁତ । ସେ ଗାଇଥିଲେ- 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' । ଏମାନେ ସମସ୍ତେ ମହାନ ଆତ୍ମା । ତେଣୁ ମାନବ ଜାତିର ଉପାସ୍ୟ ।

୫.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ବାହ୍ୟ ଅବୟବରୁ ପ୍ରକୃତ ମଣିଷ ଚିହ୍ନିହୁଏ ନାହିଁ- ପଠିତ ରମ୍ୟରଚନା ଅନୁସରଣରେ ଉତ୍ତର ଦିଅ ।

II. ମଟରଗାଡ଼ି ସହ ମଣିଷକୁ ତୁଳନା କରି ଲେଖକ କିପରି ଉପଯୁକ୍ତ ମଣିଷ ଚିହ୍ନିବା ବାଟ ଆବିଷ୍କାର କରିଛନ୍ତି, ଆଲୋଚନା କର ।

III. ପଠିତ ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟର ପରିଚୟ ଦିଅ ।

IV. ପଠିତ ଗଳ୍ପରୁ ମଣିଷର ବାସ୍ତବ ସ୍ୱରୂପ ସମ୍ପର୍କରେ ଆଲୋକପାତ କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) କିଛି ଖେଳାଳି କାହାକୁ ସମାନ ଆଖିରେ ଦେଖନ୍ତି ?

ii) ଗଧ ଖାଟେଣି ଖଟେ, କୁକୁର ପାଦ ଚାଟେ ଆଉ ମଣିଷ କ'ଣ କରେ ?

iii) କାହାର ରୂପରେଖ ଦେବା ଅସମ୍ଭବ ?

iv) ସମସ୍ତେ କେତେ ରକମର ଖେଳ ଖେଳୁଛନ୍ତି ?

v) ହାତୀ ଦେଖୁଥିବା ଅନ୍ଧଙ୍କ ମଧ୍ୟରେ କଳହ ହେଲା କାହିଁକି ?

vi) କାହାର ସମ୍ମିଶ୍ରଣକୁ ଶରୀର କୁହାଯାଏ ?

vii) ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଚାଲିରୁ କ'ଣ ଜଣାପଡ଼େ ?

viii) ଭୀମ ଭୋଇ କ'ଣ ଗାଇଥିଲେ ?

ix) ଅନ୍ଧମାନଙ୍କ ହାତୀ ଦେଖା ଗଳ୍ପରୁ କ'ଣ ଜଣାପଡ଼େ ?

x) ଚାଳକ ଆତ୍ମାପୁରୁଷ କ'ଣ କ'ଣ କରେ ?

xi) ଅଚଳନ୍ତିକୁ ଚଳନ୍ତି କରିବାକୁ ହେଲେ କ'ଣ କରିବାକୁ ପଡ଼େ ?

xii) ଶ୍ରେଷ୍ଠ ମଣିଷ କିଏ ?

xiii) ସବ୍‌କୋ ସନ୍‌ମତି ଦେ ଭଗବାନ୍- ଏହାର ଅର୍ଥ କ'ଣ ?

୫.୭ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ଲେଖକଙ୍କ ମତରେ ମଣିଷ ଦେଖିବାକୁ .....ପରି ।

(ଓଲଟ ବୃକ୍ଷ, ଥୁଣ୍ଟା ଗଛ, କଣ୍ଟା ଗଛ, ଫଳନ୍ତି ଗଛ)

ଖ) ମଣିଷ ..... ଚାଲେ ।

(ପାଦ ପକାଇ, ଗୁରୁଣ୍ଡି ଗୁରୁଣ୍ଡି, ଫଣାଟେକି, ଘୁଷୁରି ଘୁଷୁରି)

ଗ) .....ମାନେ ଯେପରି ଦିଶନ୍ତି ସେପରି ନୁହନ୍ତି ।

(ନାଟକର ଚରିତ୍ର, ସର୍କସର ପଶୁପକ୍ଷୀ, ମରୁଭୂମିର ମରୀଚିକା, ପାହାଡ଼ ପର୍ବତ)

ଘ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ ..... ରହିଛି ।

(ମାଂସପେଶୀ, ରକ୍ତ, ହାଡ଼, ଇଞ୍ଜିନ)

ଙ) କେହିଜଣେ ଭଦ୍ରଲୋକ ହାତୀର ଗୋଡ଼ ଛୁଇଁ ହାତୀ ଦେଖିବାକୁ ..... ପରି କହିଦେଲେ ।

(ଖମ୍ଭ, ଗଛ, ଶଗଡ଼, ବତୀଖୁଣ୍ଟ)

୫.୮ ଉତ୍ତର ମାଳା

(କ) ଥୁଣ୍ଟାଗଛ (ଖ) ଫଣାଟେକି (ଗ) ନାଟକର ଚରିତ୍ର

(ଘ) ଇଞ୍ଜିନ (ଙ) ଖମ୍ଭ

ଭାଗ-ଖ

ପ୍ରବନ୍ଧ ଓ ରଚନା

୬. ବିଜ୍ଞାନ ଭିତ୍ତିକ
୭. ସାମାଜିକ ସମସ୍ୟା ଭିତ୍ତିକ
୮. ସାହିତ୍ୟ ଓ ଜୀବନୀ ଭିତ୍ତିକ
୯. ଜାତୀୟ ସମସ୍ୟା ଭିତ୍ତିକ
୧୦. ଓଡ଼ିଶା ସମ୍ପର୍କିତ

ଟିପ୍ପଣୀ

୬

ପ୍ରବନ୍ଧ ଓ ରଚନା

ଉପକ୍ରମ

ଗଦ୍ୟ ସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ପ୍ରବନ୍ଧ । ଗଳ୍ପ, ଉପନ୍ୟାସ, ନାଟକ ତୁଳନାରେ ପ୍ରବନ୍ଧର ସ୍ୱରୂପ, ରଚନାଶୈଳୀ ଓ ଆଭିମୁଖ୍ୟ ଭିନ୍ନ । ଏଥିରେ ଲେଖକର ଚିନ୍ତା, ଚେତନାକୁ ସୁସଂହତ ଭାବେ ବୌଦ୍ଧିକ ଶୈଳୀରେ ରୂପ ଦିଆଯାଇଥାଏ । ଫଳରେ ଗଳ୍ପ, ଉପନ୍ୟାସ, ନାଟକ ପରି ଏହା ସହଜରେ ବୋଧଗମ୍ୟ ହୋଇ ନଥାଏ । ପ୍ରବନ୍ଧରେ ସରଳତା ଅପେକ୍ଷା ବୌଦ୍ଧିକତା, ବିଚାରବୋଧ, ଚେତନାଶକ୍ତି ଅଧିକ ପ୍ରତିଫଳିତ ହୋଇଥାଏ । ପ୍ରବନ୍ଧରେ ବହୁ ବିଷୟକୁ ଯୁକ୍ତି ଓ ବିଚାର ଦ୍ୱାରା ସଂଯୋଜିତ କରାଯାଇଥାଏ । ଯେକୌଣସି ପ୍ରସିଦ୍ଧ ପ୍ରାବନ୍ଧିକଙ୍କ ପ୍ରବନ୍ଧ ପାଠ କଲେ ଏହାର ମହତ୍ତ୍ୱ ଉପଲବ୍ଧି କରିହେବ । ପ୍ରବନ୍ଧରେ ଯେକୌଣସି ଲେଖକଙ୍କ ଚିନ୍ତା ଓ ଚେତନାର, ବିଚାର ଓ ବିବେଚନାର ମୌଳିକତା ଉପଲବ୍ଧି କରିହୁଏ । ଆଜିର ପ୍ରବନ୍ଧ ସାହିତ୍ୟରେ ବହୁ ପ୍ରକାର ପ୍ରବନ୍ଧ ଦେଖିବାକୁ ମିଳେ । ସେଗୁଡ଼ିକୁ ବିଜ୍ଞାନ ଭିତ୍ତିକ, ସାହିତ୍ୟ ଭିତ୍ତିକ, ସାମାଜିକ ସମସ୍ୟା ଭିତ୍ତିକ, ଆଞ୍ଚଳିକ ସମସ୍ୟା ଭିତ୍ତିକ, ଜାତୀୟ ସମସ୍ୟା ଭିତ୍ତିକ, ବିଶ୍ୱ ସମସ୍ୟା ଭିତ୍ତିକ, ସଂସ୍କୃତି ଭିତ୍ତିକ, ଜୀବନୀ ଭିତ୍ତିକ ଭାବେ ବିଭକ୍ତ କରାଯାଇପାରେ ।

ପ୍ରବନ୍ଧ ରଚନାର ଉଦ୍ଦେଶ୍ୟ

ପ୍ରବନ୍ଧ ରଚନାରେ ନିମ୍ନଲିଖିତ ଉଦ୍ଦେଶ୍ୟ ରହିଥାଏ

- ଲେଖକର ମୌଳିକ ଚିନ୍ତା, ଚେତନା, ବିଚାର, ବିବେଚନା ସମ୍ପର୍କରେ ଧାରଣା ଆସେ ।
- ଲେଖକର ମୌଳିକତା ଅନୁଭୂତ ହୋଇଥାଏ ।
- ପ୍ରବନ୍ଧ ରଚନାରେ ବିଭିନ୍ନ ବିଷୟ ସମ୍ପର୍କରେ ଯୁକ୍ତିବୋଧ ଥିବାରୁ ତାହାକୁ ବୁଝିବା ପାଇଁ ସୁବିଧା ହୁଏ ।
- ପ୍ରବନ୍ଧ ରଚନା ଓ ପଠନ ଦ୍ୱାରା ନିଜର ଚିନ୍ତାଧାରାର ବିକାଶ ଘଟେ ।
- ଭାଷା ଜ୍ଞାନ ଓ ବିଚାରବୋଧ ଜ୍ଞାନର ବିକାଶ ମଧ୍ୟ ଘଟେ ।
- ପ୍ରବନ୍ଧ ରଚନା ଓ ପଠନ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ବହୁ ସମସ୍ୟା ଓ ସମାଧାନ ସମ୍ପର୍କରେ ଧାରଣା ସୃଷ୍ଟି ହୁଏ ।

ପ୍ରବନ୍ଧ କିପରି ଲେଖିବା

ପ୍ରବନ୍ଧ ଲେଖିବାବେଳେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

- ଚିନ୍ତାଶୈଳୀ, ବିଚାରବୋଧ ସହିତ ଭାଷାର ସମନ୍ୱୟ ରଖିବା ଆବଶ୍ୟକ ।
- ଭାଷା ମାର୍ଜିତ ଓ ସମୃଦ୍ଧ ହେବା ଆବଶ୍ୟକ ।

ଟିପ୍ପଣୀ

- ଅପ୍ରାସଙ୍ଗିକ ଓ ଅଶାଳୀନ ଶବ୍ଦ ବ୍ୟବହାର କରିବା ନିଷେଧ ।
- ପ୍ରବନ୍ଧ ରଚନା କରିବା ପୂର୍ବରୁ କେଉଁ ବିଷୟ ବା ଘଟଣା ପ୍ରତି ଦୃଷ୍ଟି ଦିଆଯିବ ତାହାର ଏକ ସୁସଂହତ ରୂପ ଚିନ୍ତା କରିବା ଆବଶ୍ୟକ ।
- ନିଜର କଳ୍ପନା ଓ ଯୁକ୍ତି ଉପସ୍ଥାପନ କଲାବେଳେ ତାହା ସମସ୍ତଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ଆବଶ୍ୟକ ।
- ପ୍ରବନ୍ଧର ଭାଷା ଓ ଭାବ ପ୍ରତି ସଚେତନ ହେବା ଆବଶ୍ୟକ ।
- ପ୍ରବନ୍ଧରେ ଭାଷାକୁ ପ୍ରଭାବଶାଳୀ କରିବା ପାଇଁ ବାକ୍ୟ ଏବଂ ଶବ୍ଦକୁ ସଂଯୋଜନା କଲାବେଳେ ଏହାର ସଂହତିକୁ ବିଚାର କରିବାକୁ ପଡ଼ିବ ।
- ପ୍ରବନ୍ଧ ରଚନା ବେଳେ ଅନୁଚ୍ଛେଦ ଓ ବିଶେଷ କ୍ରମ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।
- ପ୍ରବନ୍ଧର ଭାଷା ସ୍ପଷ୍ଟ ଓ ବ୍ୟାକରଣ ଦୃଷ୍ଟିରୁ ନିର୍ଭୁଲ ହେବା ଉଚିତ ।
- ପ୍ରବନ୍ଧ ଲେଖିବାବେଳେ ଆବଶ୍ୟକ ଉଦାହରଣ ବା ଦୃଷ୍ଟାନ୍ତ ଉପସ୍ଥାପନ କରିବା ଦ୍ୱାରା ତାହା ଅଧିକ ପ୍ରଭାବଶାଳୀ ହୋଇଥାଏ । ତେଣୁ ଉଦାହରଣ ପ୍ରାସଙ୍ଗିକ ହେବା ଆବଶ୍ୟକ ।
- ପ୍ରବନ୍ଧ ରଚନା କାଳରେ ଏହାକୁ ଅଧିକ ବର୍ଣ୍ଣନାଧର୍ମୀ ନକରି ସୂଚନାଧର୍ମୀ କରିବା ଆବଶ୍ୟକ ।

ବିଜ୍ଞାନଭିତ୍ତିକ ପ୍ରବନ୍ଧ

ଆଜି ମାନବ ସଭ୍ୟତା ବିଜ୍ଞାନର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି । ବିଜ୍ଞାନ ହିଁ ମାନବ ସମାଜର ପ୍ରଗତିର ମୂଳ ମନ୍ତ୍ର ହୋଇଛି । ଆମର ଦୈନିକ ବ୍ୟବହାରରେ ବିଜ୍ଞାନ ଦ୍ୱାରା ପ୍ରସ୍ତୁତ ବସ୍ତୁଗୁଡ଼ିକ ଅତି ଦରକାରୀ ହୋଇପଡ଼ିଛି । ଆଜିର ଯୁଗ ହେଉଛି ବିଜ୍ଞାନର ଯୁଗ । ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସୌର ବିଜ୍ଞାନ, ଭୂବିଜ୍ଞାନ ସବୁ ହିଁ ବିଜ୍ଞାନ ଦ୍ୱାରା ଅନୁଶୀଳନ କରିବାର ପ୍ରୟାସ ଆରମ୍ଭ ହୋଇଛି । ବିଜ୍ଞାନର ମୁଖ୍ୟ ହେଉଛି ଏହାର ପ୍ରାୟୋଗିକ ଦିଗ ଏବଂ ମଣିଷର ବ୍ୟବହାରରେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି । ତାହାକୁ ଆଜିର ଲେଖକମାନେ ବିଜ୍ଞାନର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ବିଜ୍ଞାନଭିତ୍ତିକ ପ୍ରବନ୍ଧମାନ ରଚନା କରୁଛନ୍ତି । ଏହି ପ୍ରବନ୍ଧଗୁଡ଼ିକର ମୂଳ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ବ୍ୟବହାରିକ ଓ ଏହାର ସ୍ୱରୂପ ଜାଣିବା ପାଇଁ ସୁଯୋଗ ସୃଷ୍ଟି କରିବା । ବିଜ୍ଞାନଭିତ୍ତିକ ପ୍ରବନ୍ଧରେ ବିଜ୍ଞାନ, ସାହିତ୍ୟ ଓ ଅନୁଶୀଳନର ମିଳନ ଘଟିଥାଏ । ଫଳରେ ଛାତ୍ରଛାତ୍ରୀମାନେ ବିଜ୍ଞାନକୁ ଜାଣିବା ସହିତ ସେମାନଙ୍କର ଭାଷାଜ୍ଞାନ ଓ ରଚନାଶୈଳୀ ସମ୍ପର୍କରେ ଧାରଣା ସୃଷ୍ଟି ହେବ । ଏହି ପୁସ୍ତକରେ ଯେଉଁ ବିଜ୍ଞାନଭିତ୍ତିକ ପ୍ରବନ୍ଧଗୁଡ଼ିକ ସ୍ଥାନିତ ହୋଇଛି ତାହାଦ୍ୱାରା ବିଜ୍ଞାନ ସମ୍ପର୍କରେ ଧାରଣା ସୃଷ୍ଟି ହେବା ସହିତ ଓଡ଼ିଆ ଭାଷା ଓ ପ୍ରବନ୍ଧ ଲେଖିବାର ଲେଖକଙ୍କର ମହତ୍ୱ ଓ ଆଭିମୁଖ୍ୟ ବୁଝିପାରିବେ ।

୬.୧ ମାନବ ସେବାରେ ବିଜ୍ଞାନ

ଉପକ୍ରମ: ଅତୀତର ବଣଜଙ୍ଗଲରେ ବସବାସ କରୁଥିବା ମଣିଷକୁ ସାମ୍ପ୍ରତିକ ସ୍ଥିତିରେ ପହଞ୍ଚାଇବା କ୍ଷେତ୍ରରେ ଯଦି କାହାର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ, ତେବେ ତାହା ହେଉଛି ବିଜ୍ଞାନ । ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନ ବ୍ୟତିରେକେ ମଣିଷ ସମ୍ପ୍ରତି ମୁହୂର୍ତ୍ତଟିଏ ମଧ୍ୟ ବଞ୍ଚିବାକୁ ସମର୍ଥ ହୋଇପାରିବ ନାହିଁ । ବର୍ତ୍ତମାନ ସ୍ଥିତି ଯେ ବିଜ୍ଞାନର ସର୍ବଶେଷ ସ୍ଥିତି, ଆଦୌ କୁହାଯାଇ ନପାରେ । ପ୍ରତି ମୁହୂର୍ତ୍ତରେ ବିଶ୍ୱରେ ବିଜ୍ଞାନ ବଳରେ ନୂତନ ଉଦ୍ଭାବନ ଓ ଆବିଷ୍କାର ଚାଲିଛି । ଅତୀତରେ ଯାହା ଥିଲା ମଣିଷର କଳ୍ପନାତୀତ, ବର୍ତ୍ତମାନ ମଣିଷର ତାହା ହୋଇଛି ସହଜଲବ୍ଧ । ବିଜ୍ଞାନ ଆଜି ମଣିଷର ଏକ ଅତ୍ୟାବଶ୍ୟକ ଅଙ୍ଗ ହୋଇପଡ଼ିଛି । ତା' କବଳରୁ ମୁକ୍ତିଲାଭ କରିବା ଆଦୌ ସମ୍ଭବ ନୁହେଁ । ଏହା ମଣିଷ ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଭରିଦେଇଛି, ତାକୁ କଳ୍ପନାର ସୀମା ପାର କରାଇଛି । ତେଣୁ ସେଥିପାଇଁ ବର୍ତ୍ତମାନର ଯୁଗକୁ ବିଜ୍ଞାନର ଯୁଗ କୁହାଯାଉଛି ।

ବିଜ୍ଞାନ ଓ ମଣିଷ: ବର୍ତ୍ତମାନ ବିଜ୍ଞାନଠାରୁ ମଣିଷକୁ ଅଲଗା କରି ଚିହ୍ନିହେବ ନାହିଁ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ବିଜ୍ଞାନ ମଣିଷର ଆବଶ୍ୟକତା ପୂରଣ କରୁଛି । ମଣିଷର ସମୟ ଓ ଦୂରତ୍ୱକୁ ଏହା ହ୍ରାସ କରିଛି । ମଣିଷ ଜୀବନରେ ଭରିଦେଇଛି ସୁଖ ଓ ସମୃଦ୍ଧି । ବଣଜଙ୍ଗଲର ମଣିଷ ନିଜର ଦୈନନ୍ଦିନ ଆବଶ୍ୟକତା ପରିପୂରଣ ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲା । ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଗୋଟିଏ ସ୍ଥାନରେ ଥାଇ ତାହାର ସମସ୍ତ ଆବଶ୍ୟକତା ଓ ଅଭାବ ମଣିଷ ପୂରଣ କରିପାରୁଛି । ଅବଶ୍ୟ ଏକଥା ସତ୍ୟ ଯେ ମଣିଷ ହିଁ ବିଜ୍ଞାନର ଉଦ୍ଭାବନ କର୍ତ୍ତା । ବିଜ୍ଞାନର ଆଜିର ସ୍ଥିତି ପାଇଁ ମଣିଷର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ମଣିଷର ଉଦ୍ଭାବନ ଓ ପରିଶ୍ରମ ପରିବର୍ତ୍ତେ ବିଜ୍ଞାନ ତାକୁ ଦେଇଛି ଅନେକ । ମଣିଷର ଜୀବନକୁ ଏହା ସମ୍ପୂର୍ଣ୍ଣ ବିବର୍ତ୍ତିତ

କରିଦେଇଛି । ମାନବ ସେବା କ୍ଷେତ୍ରରେ ବିଜ୍ଞାନର ଅବଦାନକୁ ଭାଷାରେ ପ୍ରକାଶ କରାଯାଇ ନପାରେ ।ସମଗ୍ର ବିଶ୍ୱର ସୁଖ ଓ କଲ୍ୟାଣ ସାଧନ କ୍ଷେତ୍ରରେ ବିଜ୍ଞାନର ଗୁରୁତ୍ୱ ଅତୀବ ମହତ୍ତ୍ୱପୂର୍ଣ୍ଣ । ଏହା ମଣିଷ ଜୀବନକୁ ସହଜ, ସୁନ୍ଦର ଓ ମୂଲ୍ୟବାନ କରିପାରିଛି । ଅନ୍ୟ ଭାବରେ କହିଲେ, ମଣିଷ ବିଜ୍ଞାନର ଉଦ୍ଭାବନକର୍ତ୍ତା ହେଲେହେଁ, ବର୍ତ୍ତମାନ ମଣିଷ ବିଜ୍ଞାନ ନିକଟରେ ନିଜକୁ ସମ୍ପୂର୍ଣ୍ଣ ବିକ୍ରି କରିଦେଇଛି । ସେଥିପାଇଁ ତା'ର ଅଭାବରେ ସେ ଗୋଟିଏ ମାତ୍ର ମୁହୂର୍ତ୍ତ ସମୟ ବିତାଇବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ।

ବିବିଧ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା: ମାନବ ଜୀବନର ବିବିଧ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା ସ୍ୱୀକାର୍ଯ୍ୟ । ମଣିଷ ଜୀବନରେ ଏହା ସୁଖ ଓ ସନ୍ତୋଷ ଭରିଦେଇଛି । ସ୍ୱପ୍ନକୁ କରିଛି ବାସ୍ତବ । ଅତୀତରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ହେଲେ ମଣିଷ ନିଜର ପାଦ କିମ୍ବା ଶଗଡ଼ ଗାଡ଼ିର ଆଶ୍ରୟ ନେଉଥିଲା । ଏଥିପାଇଁ ତା'ର ବହୁ ସମୟ ନଷ୍ଟ ହେଉଥିଲା । ବୈଜ୍ଞାନିକ ଆବିଷ୍କାର ଫଳରେ ଯୋଗାଯୋଗ ବ୍ୟବସ୍ଥା ସୁଗମ ହୋଇପାରିଛି । ମୋଟର, ଟ୍ରେନ୍ ଓ ଉଡ଼ାଜାହାଜ ଖୁବ୍ କମ୍ ସମୟ ମଧ୍ୟରେ ମଣିଷକୁ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରୁଛି । ବର୍ତ୍ତମାନ ଜଣେ ବ୍ୟକ୍ତି ତା'ର ମଧ୍ୟାହ୍ନ ଭୋଜନ ଦିଲ୍ଲୀରେ ଗ୍ରହଣ କରି ରାତ୍ରିଭୋଜନ ଲଣ୍ଡନରେ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ।ତେଣୁ ସମୟ ଓ ଦୂରତ୍ୱ ଆଜି ଆଉ ମଣିଷ ଆଗରେ ପ୍ରତିବନ୍ଧକ ରୂପେ ଠିଆହୋଇ ନାହିଁ । ଏହା ଯେ ସମ୍ପୂର୍ଣ୍ଣ ଭାବରେ ବିଜ୍ଞାନର ବାହାଦୁରୀ, ଅସ୍ୱୀକାର କରାଯାଇନପାରେ । ବାର୍ତ୍ତାପ୍ରେରଣ କ୍ଷେତ୍ରରେ ମଧ୍ୟ ଏହା ଆମର ଜୀବନଯାତ୍ରାକୁ ସୁଗମ କରିପାରିଛି । ଗୋଟିଏ ସ୍ଥାନରୁ ଅନ୍ୟ ଏକ ଦୂର ସ୍ଥାନରେ ବାର୍ତ୍ତା ପହଞ୍ଚିବାକୁ ମାସାଧିକ କାଳ ଲାଗୁଥିଲା । ବର୍ତ୍ତମାନ ରେଡିଓ, ଟେଲିଫୋନ, ଟେଲିଗ୍ରାମ ବା ଟେଲିଭିଜନ ମାଧ୍ୟମରେ ଗୋଟିଏ ମୁହୂର୍ତ୍ତରେ ଯେକୌଣସି ବାର୍ତ୍ତା ପ୍ରେରଣ କରାଯାଇପାରେ । ଡାକଘର ମାଧ୍ୟମରେ ଆମେ ଦୂର ସମ୍ପର୍କୀୟମାନଙ୍କ ପାଖକୁ ଟଙ୍କା ପଠାଇପାରୁଛୁ କିମ୍ବା ଚିଠିଦ୍ୱାରା ସମ୍ବାଦ ପ୍ରେରଣ କରିପାରୁଛୁ । ରେଡିଓ ଏବଂ ଦୂରଦର୍ଶନ ବିଶ୍ୱର ସମସ୍ତ ଖବର ଖୁବ୍ କମ୍ ସମୟ ମଧ୍ୟରେ ଆମ ପାଖରେ ପହଞ୍ଚାଇପାରୁଛି । ଏହା କେବଳ ସମ୍ଭବ ହୋଇପାରିଛି ବିଜ୍ଞାନ ଦ୍ୱାରା । ଗ୍ରୀଷ୍ମ ଋତୁରେ ପ୍ରଖର ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ବିଜ୍ଞାନ ଆମକୁ ଯୋଗାଇ ଦେଇଛି ପଙ୍ଖା, କୁଲର ଇତ୍ୟାଦି । ଜିନିଷ ସଂରକ୍ଷଣ ନିମିତ୍ତ ଆମେ ପାଇପାରୁଛୁ ଥଣ୍ଡାଘର ଓ ଫ୍ରିଜ୍, ଶୀତଦିନେ ମଧ୍ୟ ହିଟର ବା ଶୀତ ତାପନିୟନ୍ତ୍ରିତ ଘରଯୋଗୁଁ ଥଣ୍ଡାର ପ୍ରକୋପରୁ ରକ୍ଷା ପାଇପାରିଛୁ । ଗ୍ୟାସ ଏବଂ ଅନ୍ୟାନ୍ୟ ରୋଷେଇ ସରଞ୍ଜାମ ଆମକୁ ସ୍ୱଳ୍ପ ସମୟ ମଧ୍ୟରେ ଖାଦ୍ୟ ଯୋଗାଇଦେଇ ପାରୁଛି । ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଆମେ ବହୁ ପ୍ରକାର ଅତ୍ୟାବଶ୍ୟକ ଦ୍ରବ୍ୟ ସୁଲଭ ମୂଲ୍ୟରେ ପାଇପାରୁଛୁ । ବିଜ୍ଞାନର ବିକାଶ ଯୋଗୁଁ ଅନେକ ଦୁରାରୋଗ୍ୟ ବ୍ୟାଧି ସହଜରେ ଭଲ ହୋଇପାରୁଛି । ଏଥିପାଇଁ ବିଜ୍ଞାନ ଆମକୁ ବହୁ ଦୁର୍ମୂଲ୍ୟ ଔଷଧ, ଇଞ୍ଜେକ୍‌ସନ ଇତ୍ୟାଦି ପ୍ରଦାନ କରିଛି । ଏକ୍ସ-ରେ ଦ୍ୱାରା ଶରୀର ମଧ୍ୟରେ ଥିବା ବିଭିନ୍ନ ରୋଗ ଆବିଷ୍କାର କରାଯାଇପାରୁଛି । ନମନୀୟ ଅସ୍ତ୍ର ଚିକିତ୍ସା ଦ୍ୱାରା ବିକୃତ ଅଙ୍ଗକୁ ସୁନ୍ଦର ଓ ବିଭିନ୍ନ ଅଙ୍ଗରୋପଣ ସହଜସାଧ୍ୟ ହୋଇପାରିଛି । ଅତୀତରେ ବସନ୍ତ ଓ ହଇଜା ଆମ ସମାଜରେ ଦେବୀର ଆସନ ଲାଭ କରିଥିଲେ । ବିଜ୍ଞାନ ଏହାକୁ ଏକ ରୋଗ ରୂପେ ପ୍ରମାଣ କରି ଔଷଧଦ୍ୱାରା ଏହାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଦୂର କରିପାରୁଛି । ଏତଦ୍‌ବ୍ୟତୀତ ବହୁ ଦୁଃସାଧ୍ୟ ରୋଗ ସହଜରେ ଚିକିତ୍ସା କରାଯାଇ ଉପଶମ ହୋଇପାରୁଛି । ମଣିଷର ସ୍ୱାସ୍ଥ୍ୟକୁ ରୋଗମୁକ୍ତ ଓ ସୁନ୍ଦର ରଖିବା ପାଇଁ ବିଜ୍ଞାନର ଅବଦାନ ସର୍ବାଦୌ ସ୍ମରଣୀୟ । ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ

ଟିପ୍ପଣୀ

କ୍ଷେତ୍ରରେ ଏହାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରାକୃତିକ ଦୁର୍ବିପାକରୁ ବିଜ୍ଞାନ ମଣିଷକୁ ରକ୍ଷା କରିପାରୁଛି । କୌଣସି ଦୁର୍ବିପାକ ଆରମ୍ଭ ହେବା ପୂର୍ବରୁ ଏହାର ପୂର୍ବସୂଚନା ବିଜ୍ଞାନ ଦେଇପାରୁଥିବାରୁ ମଣିଷ ନିଜକୁ ସତର୍କ କରିପାରୁଛି । ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚଳଚ୍ଚିତ୍ର, ରେଡିଓ ଓ ଟେଲିଭିଜନ ଆଦିର ଉଦ୍ଭାବନ ହୋଇଛି । ଦେଶର ଖାଦ୍ୟସମସ୍ୟା ଦୂରୀକରଣ ପାଇଁ ଆମେ ବର୍ତ୍ତମାନ ବୈଜ୍ଞାନିକ ଉପାୟରେ କୃଷି କରି ପ୍ରଚୁର ଫସଲ ଉତ୍ପାଦନ କରିପାରୁଛୁ । ଗୋଟିଏ ଜମିରୁ ଏକକାଳୀନ ବହୁପ୍ରକାର ଫସଲ ଆମଦାନୀ କରି ଆମର ଅର୍ଥନୀତିକ ସ୍ଥିତିକୁ ଦୃଢ଼ କରିପାରୁଛୁ । ବୁଦ୍ଧି ଏବଂ ଜ୍ଞାନର ବିକାଶ ଘଟାଇ ମଣିଷ ମନ ମଧ୍ୟରେ ଥିବା ସଂକୀର୍ଣ୍ଣ ଚିନ୍ତାଧାରାକୁ ବିଜ୍ଞାନ ଦୂର କରିପାରିଛି । ଆଜି ଆଉ ଚନ୍ଦ୍ର ଓ ମଙ୍ଗଳକୁ ମଣିଷ ଦେବତା ଭାବରେ ପୂଜା କରୁ ନାହିଁ । ମଣିଷ ବିଜ୍ଞାନ ବଳରେ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ପଦାର୍ପଣ କରିସାରିଲାଣି । ଏବେ ସେଠାରେ ଉପନିବେଶ ସ୍ଥାପନ ପାଇଁ ଯୋଜନା ଚାଲିଲାଣି । ବିଜ୍ଞାନ ଦ୍ୱାରା ପୃଥିବୀରେ ମଣିଷର ଜୀବନୀଶକ୍ତି ବୃଦ୍ଧି ପାଇଛି । ଭାଗ୍ୟ ଓ ଭଗବାନଙ୍କ ଉପରେ ନିର୍ଭର କରି ମଣିଷ ଆଜି ଆତ୍ମସଚେତନ ଭାବରେ ନିଜର କର୍ମ ଉପରେ ବିଶ୍ୱାସ କରୁଛି । ବୈଜ୍ଞାନିକ ଯନ୍ତ୍ରପାତିର ଉଦ୍ଭାବନ ଦ୍ୱାରା ମଣିଷର ପରିଶ୍ରମ ହ୍ରାସ ପାଇଛି । ଏକାଧିକ ମଣିଷର କାର୍ଯ୍ୟ ଗୋଟିଏ ମେସିନ୍ କ୍ଷଣକ ମଧ୍ୟରେ କରିପାରୁଛି । ତେଣୁ ବର୍ତ୍ତମାନ ପୃଥିବୀରେ ବିଜ୍ଞାନ ବ୍ୟତିରେକେ ମଣିଷ ମୁହୂର୍ତ୍ତଟିଏ ମଧ୍ୟ ବଞ୍ଚିବା କଷ୍ଟକର ବ୍ୟପାର ।

ବିଜ୍ଞାନର ଅନ୍ୟ ଦିଗ: ଏହା ସତ୍ତ୍ୱେ ବିଜ୍ଞାନର କେତେକ ଅପକାର ମଣିଷ ଅଙ୍ଗେ ଲିଭାଇ ସାରିଲାଣି । ବିଜ୍ଞାନ ଯେପରି ପ୍ରାଚୁର୍ଯ୍ୟ ଓ ବିଳାସଦ୍ୱାରା ମଣିଷର ଜୀବନକୁ ସୁଖମୟ କରିଛି, ସେହିପରି ତା'ର ଅକଲ୍ୟାଣକର କାର୍ଯ୍ୟଦ୍ୱାରା ମାନବ ସଭ୍ୟତା ପାଇଁ ଏକ ଅଭିଶାପରେ ପରିଣତ ହୋଇଛି । ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ମଣିଷ ପ୍ରତ୍ୟକ୍ଷ କରିଛି ବିଜ୍ଞାନର ଧ୍ୱଂସକାରୀ ଶକ୍ତିକୁ । ସମଗ୍ର ବିଶ୍ୱକୁ ଗୋଟିଏ ମୁହୂର୍ତ୍ତରେ ଧ୍ୱଂସ କରିବାକୁ ବିଜ୍ଞାନ ବହୁ ମାରଣାସ୍ତ୍ର ମଣିଷ ହାତରେ ଧରାଇ ଦେଇଛି । ମଣିଷକୁ ଏହା କରିଛି ସ୍ୱାର୍ଥପର । ସମସ୍ତ ମାନବିକ ଗୁଣଗୁଡ଼ିକୁ ବିଲୋପ କରି ତାକୁ ହିଂସ୍ର ପଶୁରେ ପରିଣତ କରିଛି । ଆଜି ମଣିଷ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସମଗ୍ର ବିଶ୍ୱର କ୍ଷତି କରିବାକୁ ଉନ୍ମୁଖ । ତା'ର ହୃଦୟ ସଙ୍କୁଚିତ ହୋଇଯାଇଛି । ଆଣବିକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଯୋଗୁଁ ବିଶ୍ୱ ଏକ ଭୟଙ୍କର ଅନ୍ଧାର ଆଡ଼କୁ ଛୁଟି ଚାଲିଛି । କେଉଁ ମୁହୂର୍ତ୍ତରେ ଏହାର ଧ୍ୱଂସ ହେବ ତାହା କେହି କହିପାରିବେ ନାହିଁ । ମୃତ୍ୟୁ ଚିନ୍ତା ମଣିଷକୁ ଏପରି ମ୍ରିୟମାଣ କରିଛି ଯେ ତା' ମନରୁ ଆନନ୍ଦ ଉଲ୍ଲାସଭାବ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଯାଇଛି । ପରମାଣୁ ଓ ଉଦ୍‌ଜାନ ବୋମା ମାନବ ସଭ୍ୟତାର ଧ୍ୱଂସ ପାଇଁ ସୃଷ୍ଟି ହୋଇଛି । ଏହାର ସଂଯତ ପ୍ରୟୋଗ ହୋଇ ନପାରିଲେ, ବିଶ୍ୱର ସମ୍ପୂର୍ଣ୍ଣ ଭୂମି ଏକ ପୋଡ଼ାଭୂମିରେ ପରିଣତ ହୋଇଯିବ । ଆଜି ତାରକାଯୁଦ୍ଧ ମଣିଷକୁ ସଂଚୟ ଦୋଳାରେ ଦୋଳାୟିତ କରିଛି । ତେଣୁ ବିଜ୍ଞାନ ମଣିଷ ମନରୁ ସ୍ନେହ, କ୍ଷମା, ଦୟା ଓ ମାନବିକ ଗୁଣଗୁଡ଼ିକର ବିଲୋପ କରାଇ ତା'ସ୍ଥାନରେ ଭରିଦେଇଛି ଜିଂଘାସା, ସ୍ୱାର୍ଥପରତା ଓ ଅମାନବିକତା । ଏହି ଦୃଷ୍ଟିରୁ ବିଜ୍ଞାନ ମଣିଷକୁ ଯେତେ ସୁଖସ୍ୱାଚ୍ଛନ୍ଦ୍ୟ ଦେଇଥିଲେ ମଧ୍ୟ ତା'ମନରେ ଶାନ୍ତି ଓ ପ୍ରୀତି ଭରିଦେଇପାରି ନାହିଁ ।

ମାନବର ବିକାଶରେ ବିଜ୍ଞାନର ଭୂମିକା: ମାନବର ବିକାଶରେ ବିଜ୍ଞାନର ଭୂମିକାକୁ କଦାପି ଅସ୍ୱୀକାର କରାଯାଇ ନପାରେ । ବିଜ୍ଞାନକୁ କୁମାର୍ଗରେ ଏହି ମଣିଷ ସମାଜ ହିଁ ବ୍ୟବହାର କରୁଛି । ବିଜ୍ଞାନର

ଉଦ୍ଭାବନ ହୋଇଥିଲା ମଣିଷକୁ ସୁଖ ଓ ଶାନ୍ତି ପ୍ରଦାନ ପାଇଁ । ମାତ୍ର ସଂକୀର୍ଣ୍ଣମନା ମଣିଷ ତାକୁ ବିପରୀତ ମାର୍ଗରେ ପ୍ରୟୋଗ କରି ତା'ର ଅମର୍ଯ୍ୟାଦା କରିଛି । ମଣିଷର ପ୍ରୟୋଗକାରୀ ଇଚ୍ଛା ଉପରେ ହିଁ ବିଜ୍ଞାନର ସଫଳତା ବା ବିଫଳତା ନିର୍ଭର କରିଥାଏ । ଯେପରି ଆଟମ ବା ଅଣୁକୁ ମରୁଭୂମିରେ ପ୍ରୟୋଗ କରାଯାଇ ତାକୁ ଶସ୍ୟଶ୍ୟାମଳା କ୍ଷେତ୍ରରେ ପରିଣତ କରାଯାଇପାରେ, ସେହିପରି ଆଟମ୍ ବମ୍‌ରେ ପରିଣତ କରି ମଣିଷ ସମାଜର ଧ୍ୱଂସସାଧନ ମଧ୍ୟ କରାଯାଇପାରେ । ଏହାସତ୍ତ୍ୱେ ବିଜ୍ଞାନର ଅବଦାନକୁ କଦାପି ଭୁଲାଯାଇ ନପାରେ । ଆଜି ମଣିଷ ଯେଉଁ ଅବସ୍ଥାରେ ପହଞ୍ଚିଛି, ସେଥିରେ ବିଜ୍ଞାନର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ତେଣୁ ମାନବସଭ୍ୟତା ସହିତ ବିଜ୍ଞାନର ସମ୍ପର୍କ ଅତି ନିବିଡ଼ କହିବା ଅନାବଶ୍ୟକ ।

ଉପସଂହାର: ବିଜ୍ଞାନ ଜଗତ ବିଶ୍ୱକୁ ଆଜି ନୂତନ ଭାବରେ ଦେଖିବାକୁ ଦୃଷ୍ଟିଶକ୍ତି ପ୍ରଦାନ କରିଛି । ମଣିଷର ପ୍ରୟୋଗ ଉପରେ ହିଁ ବିଜ୍ଞାନର ଉପକାର ଓ ଅପକାର ନିର୍ଭର କରେ । ଯଦି ମଣିଷର ସାମଗ୍ରିକ (ଶାରୀରିକ ଓ ମାନସିକ) ବିକାଶରେ ଏହା ସହାୟତା କରିପାରିଲା, ତେବେ ମଣିଷର ପରମ ମିତ୍ର ରୂପେ ବିଜ୍ଞାନ ପରିଗଣିତ ହେବ । ଯଦି ମଣିଷର ଧ୍ୱଂସ ପାଇଁ ଏହା କବର ଖୋଳେ, ତେବେ ବିଜ୍ଞାନ ହେବ ମାନବ ସଭ୍ୟତାର ପରମ ଶତ୍ରୁ । ସମସ୍ତ ଉପକାର ସତ୍ତ୍ୱେ ତା'ର ଧ୍ୱଂସାତ୍ମକ ଗୁଣ ଯୋଗୁଁ ବିଜ୍ଞାନର ଅବଦାନକୁ କେହି ସ୍ୱୀକାର କରିବେ ନାହିଁ । ମଣିଷ ଚାହେଁ ଶାନ୍ତି ଓ ଆନନ୍ଦ । ଯଦି ବିଜ୍ଞାନ ମଣିଷର ଏହି ଇଚ୍ଛାକୁ ପରିପୂରଣ ପରିପାରେ, ତେବେ ସାର୍ଥକ ହେବ ତା'ର ଉଦ୍ଭାବନ । ନଚେତ୍ ମାନବ ଜାତିର ଇତିହାସରେ ଏହା ଏକ ଅଭିଶାପ ରୂପେ ଚିରଦିନ ନିନ୍ଦିତ ହିଁ ହେବ ।

●●●

ଟିପ୍ପଣୀ

୬.୭ ସବୁଜ ବିପ୍ଳବ

ଉପକ୍ରମ: କୌଣସି ଦେଶର ଉନ୍ନତି ସେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ । ଯେଉଁ ଦେଶ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଯେଉଁ ପରିମାଣରେ ସ୍ୱାବଲମ୍ବନଶୀଳ, ତା'ର ଆର୍ଥିକ ମାନଦଣ୍ଡ ସେହି ପରିମାଣରେ ସମୃଦ୍ଧ । ଅତୀତରେ ବିଶିଷ୍ଟ ଆର୍ଥନୀତିକ ମାଲଥ୍ୟୁସ୍ କହିଥିଲେ ପୃଥିବୀର ଜନସଂଖ୍ୟା ବୃଦ୍ଧି ତୁଳନାରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉ ନାହିଁ । ସେଥିପାଇଁ ପୃଥିବୀର ଭବିଷ୍ୟତ ଘେନି ସେ ସନ୍ଦେହ ପ୍ରକାଶ କରିଥିଲେ । ଅବଶ୍ୟ ବର୍ତ୍ତମାନ ଅବସ୍ଥା ଧୀରେ ଧୀରେ ପରିବର୍ତ୍ତନ ହେବାକୁ ଲାଗିଛି । ବିଶ୍ୱର ବହୁ ଦେଶ ଖାଦ୍ୟପଦାର୍ଥ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି । ଭାରତ ମଧ୍ୟ ଏ କ୍ଷେତ୍ରରେ ବିଶେଷ କିଛି ପଛରେ ପଡ଼ିଯାଇଛି ବୋଲି ମନେହୁଏ ନାହିଁ । ସ୍ୱାଧୀନତା ଲାଭ ସମୟରେ ଭାରତର ଖାଦ୍ୟପଦାର୍ଥ ଉତ୍ପାଦନ ତୁଳନାରେ ବର୍ତ୍ତମାନ ବହୁ ଅଦିକ ଶସ୍ୟ ଉତ୍ପାଦିତ ହେଉଛି । ତଥାପି ସଂପ୍ରତି ଆହୁରି ଅଧିକ ଶସ୍ୟ ଉତ୍ପାଦନ କରିବାର ଆବଶ୍ୟକତା ଅନୁଭୂତ ହେଉଛି । କେବଳ ସବୁଜ ବିପ୍ଳବ ମାଧ୍ୟମରେ ଭାରତ ଏ କ୍ଷେତ୍ରରେ ତା'ର ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୋଇପାରିବ । ଜନସଂଖ୍ୟାର ଦ୍ରୁତବୃଦ୍ଧି ଅନୁଯାୟୀ ଖାଦ୍ୟଶସ୍ୟର ତୁଳନାତ୍ମକ ରୂପେ ଅଭିବୃଦ୍ଧି ନ ଘଟିଲେ, ଭାରତ ଯେ ଏକ ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବ, ଏଥିରେ ଦ୍ୱିମତ ହେବାର କିଛି ନାହିଁ । ଏକ୍କୁଙ୍ଗ ଙ୍କୁକ୍କର ଲକ୍କୁକ୍କୟ ବା ଅଧିକ ଶସ୍ୟ ଉତ୍ପାଦନ କର-ଏହାହିଁ ଆଜି ସମୟର ଆହ୍ୱାନ । କୃଷି ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଦ୍ୱାରା ଏହା କେବଳ ସମ୍ଭବ ହୋଇପାରିବ । ଏଥିପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ସାମୂହିକ ପ୍ରଚେଷ୍ଟା ଦ୍ୱାରା କୃଷିଜାତ ପଦାର୍ଥର ଉତ୍ପାଦନ କ୍ଷେତ୍ରରେ ଭାରତ ନିଶ୍ଚିତଭାବେ ଉଲ୍ଲେଖଯୋଗ୍ୟ ସଫଳତା ଲାଭ କରିପାରିବ ବୋଲି ଆଶା ଏବଂ ବିଶ୍ୱାସ ।

ସବୁଜ ବିପ୍ଳବର ଅର୍ଥ ଓ ଉଦ୍ଦେଶ୍ୟ: ସବୁଜିମା 'ପ୍ରାଚୁର୍ଯ୍ୟମୟ ଜୀବନ'ର ପ୍ରତୀକ । ଖାଦ୍ୟଶସ୍ୟର ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇ ଦେଶକୁ ପ୍ରାଚୁର୍ଯ୍ୟ ତଥା ସବୁଜିମାରେ ଭରିଦେବା 'ସବୁଜ ବିପ୍ଳବ'ର ଲକ୍ଷ୍ୟ । ବିପ୍ଳବ ବା ଆନ୍ଦୋଳନର ଅର୍ଥ ନୂତନ ସର୍ଜନ ବା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିନବ ପରିବର୍ତ୍ତନ । ଏହା କଦାପି ଧ୍ୱଂସାତ୍ମକ ନୁହେଁ । ଜୀବନକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବାରେ ଏହାର ଅବଦାନ ଚିରସ୍ମରଣୀୟ । ବୈଜ୍ଞାନିକ ପ୍ରଣାଳୀରେ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ କରି ଦେଶର ଆର୍ଥିକ ମେରୁଦଣ୍ଡକୁ ଶକ୍ତିଶାଳୀ କରିବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ବହୁ ବୁଦ୍ଧିଜୀବୀଙ୍କ ଦୃଷ୍ଟିରେ ଭାରତ 'ଶସ୍ୟ ଶ୍ୟାମଳା ସୁଜଳା ସୁଫଳା' । ଅତୀତରେ ଏହାର ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ବହୁ ବୈଦେଶିକ ଭାରତରେ ପ୍ରବେଶ କରିଥିଲେ ।ଶୋଷଣ କରିଥିଲେ ଏହାର ସବୁଜିମାକୁ । ସମୃଦ୍ଧ କରିଥିଲେ ନିଜ ଦେଶକୁ । ମାତ୍ର ଦୁର୍ଭାଗ୍ୟର ବିଷୟ ଭାରତର ମାଟିକୁ ଶୋଷଣ କରି ବିଦେଶୀ ଶତ୍ରୁ ନିଜ ଦେଶକୁ ସମୃଦ୍ଧିଶାଳୀ କରିଥିଲେ ହେଁ, ଭାରତ ଶେଷ ପର୍ଯ୍ୟନ୍ତ ଗୋଟିଏ ଦରିଦ୍ର ଦେଶର ପରିଚୟ ନେଇ ରହିଗଲା । ସ୍ୱାଧୀନତା ପରେ ଭାରତର କୃଷି ବ୍ୟବସ୍ଥାର ଉନ୍ନତି ନିମିତ୍ତ ପଦକ୍ଷେପମାନ ଗ୍ରହଣ କରାଯାଇଥିଲେ ହେଁ, ଅନୁରୂପ ସଫଳତା ଲାଭ କରିବାକୁ ସମର୍ଥ ହୋଇପାରି ନଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମଗ୍ର ବିଶ୍ୱରେ

ଖାଦ୍ୟ ସଙ୍କଟ ପରିଲକ୍ଷିତ ହେବାରୁ ତତ୍କାଳୀନ ଭାରତର ଇଂରେଜ ସରକାର ଅଧିକ ଶସ୍ୟ ଉତ୍ପାଦନ (Grow more food)ପାଇଁ ଆହ୍ୱାନ ଦେଇଥିଲେ । ଏଥିପାଇଁ ସ୍ୱତନ୍ତ୍ର ବିଭାଗ ମଧ୍ୟ ସୃଷ୍ଟି କରାଯାଇଥିଲା । ମାତ୍ର ଏହି ଆହ୍ୱାନ ଜନସାଧାରଣଙ୍କ ମଧ୍ୟରେ ବିଶେଷ କିଛି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନଥିଲା । ସ୍ୱାଧୀନତା ଲାଭ ପରେ ଦେଶୀୟ ସରକାର ଅଧିକ ଶସ୍ୟ ଉତ୍ପାଦନର ଆବଶ୍ୟକତା ଅନୁଭବ କରି ସବୁଜ ବିପ୍ଳବ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କଲେ । ଏହା ସତ୍ତ୍ୱେ ୧୯୬୦ ମସିହା ପର୍ଯ୍ୟନ୍ତ ଏହା ବିଶେଷ କିଛି ଉନ୍ନତି କରି ପାରିନଥିଲା । ୧୯୬୦ ମସିହାର ମଧ୍ୟଭାଗ ବେଳକୁ 'ସବୁଜ ବିପ୍ଳବ' ପାଇଁ ଜନସଚେତନତା ବୃଦ୍ଧି ପାଇଲା ଏବଂ ଏହା ଏକ ସ୍ଲୋଗାନରେ ପରିଣତ ହେଲା । ଏହି ସମୟ ବେଳକୁ ମେକ୍‌ସିକୋରେ ଏହା ଏକ ଅଭିନବ ରୂପ ପରିଗ୍ରହ କରିଥିଲେ । ଅଧିକ ଉତ୍ପାଦନକ୍ଷମ ବିହନ ଏବଂ ରସାୟନ ସାର ବ୍ୟବହାର ଦ୍ୱାରା ସେଠାରେ ଉଲ୍ଲେଖ୍ୟଯୋଗ୍ୟ ପରିବର୍ତ୍ତନ ଘଟିଥିଲା । ଏପରିକି ଫିଲିପାଇନ୍‌ସ, ଥାଇଲାଣ୍ଡ, ଶ୍ରୀଲଙ୍କା ପରି ଦେଶରେ ଏହା ସେତେବେଳେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ଓ ସେମାନେ ଉନ୍ନତ ବିହନ ମାଧ୍ୟମରେ ଅଧିକ ଶସ୍ୟ ଉତ୍ପାଦନ କରିବାକୁ ସମର୍ଥ ହୋଇପାରିଥିଲେ । ବର୍ତ୍ତମାନ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ କରି ପୃଥିବୀରୁ ଖାଦ୍ୟଶସ୍ୟର ଭୟକୁ ସମ୍ପୂର୍ଣ୍ଣଭାବେ ଦୂରୀଭୂତ କରିବା ନିମିତ୍ତ 'ସବୁଜ ବିପ୍ଳବ'କୁ ଏକ ପ୍ରତୀକାତ୍ମକ ଆହ୍ୱାନ ରୂପେ ଗ୍ରହଣ କରାଯାଇଛି ।ପାରମ୍ପରିକ ବିହନ ପରିବର୍ତ୍ତେ ଅଧିକ ଉତ୍ପାଦନକ୍ଷମ ବିହନ, କୀଟନାଶକ ଔଷଧ ତଥା ରାସାୟନିକ ସାର ବ୍ୟବହାର ଦ୍ୱାରା ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ ନିମିତ୍ତ ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି ହୋଇଛି ।ଭାରତ ପରି ବହୁ ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ରରେ ଅଧିକ ଶସ୍ୟ ଉତ୍ପାଦନ କରି ଖାଦ୍ୟାଭାବ ଦୂର କରିବା ବର୍ତ୍ତମାନ ସମୟର ଏକ ବିଶେଷ ଆହ୍ୱାନ ହୋଇପଡ଼ିଛି ।କେବଳ 'ସବୁଜ ବିପ୍ଳବ'ମାଧ୍ୟମରେ ଭାରତ ତା'ର ଏହି ଲକ୍ଷ୍ୟ ପରିପୂରଣ ସମର୍ଥ ହୋଇପାରିବ । 'ସବୁଜ ବିପ୍ଳବ'ର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଦେଶକୁ ଶସ୍ୟଶ୍ୟାମଳା ତଥା ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିବା ।

ଭାରତର କୃଷି ସଭ୍ୟତା: ଭାରତର କୃଷି ସଭ୍ୟତା ବହୁ ପ୍ରାଚୀନ । ବୈଦିକ ଋଷି ଦେଶର କୃଷି ବ୍ୟବସ୍ଥା ତଥା ଗୋସମ୍ପଦର ଉନ୍ନତି ନିମିତ୍ତ ଯାଗଯଜ୍ଞ କରୁଥିଲେ । କୃଷିର ବିକାଶ ଦ୍ୱାରା ଦେଶ ଉନ୍ନତି ଲାଭ କରିଥାଏ । ଦେଶର ଅର୍ଥନୀତିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଏହାର ଅବଦାନ ସର୍ବଦା ସ୍ୱୀକାର୍ଯ୍ୟ । ଏବେ ମଧ୍ୟ ଭାରତର ଶତକଡ଼ା ୭୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । କୃଷିର ଉନ୍ନତି ବ୍ୟତିରେକେ ଭାରତର ସଭ୍ୟତା ଓ ସଂସ୍କୃତି ଉନ୍ନତି ଲାଭ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ପରାଧୀନ ଭାରତରେ ବିଭିନ୍ନ କାରଣରୁ କୃଷି ସଭ୍ୟତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଏ ଦେଶର ବୈଦେଶିକ ଶାସକ ଏହାର ଉନ୍ନତି ନିମିତ୍ତ ପ୍ରଶାସନିକ ସ୍ତରରେ ବିଶେଷ କିଛି ଉଲ୍ଲେଖଯୋଗ୍ୟ ପଦକ୍ଷେପ ଗ୍ରହଣ କରିପାରିନଥିଲେ । ଶୋଷଣ ଥିଲା ସେମାନଙ୍କ ଶାସନର ଲକ୍ଷ୍ୟ । ଏକଦା କୃଷିକ୍ଷେତ୍ରରେ ଭାରତ ଏପରି ଏକ ଅବସ୍ଥାରେ ଉପନୀତ ହୋଇଥିଲା, ଯେତେବେଳେ ସମଗ୍ର ବିଶ୍ୱ ଅନୁଭବ କରିଥିଲା ଭାରତ ତା'ର କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ଅସମର୍ଥ ହେବ । ୧୯୪୫ ମସିହା ପର୍ଯ୍ୟନ୍ତ ଭାରତ ତା'ର ଅଧିବାସୀଙ୍କ ଖାଦ୍ୟାଭାବ ପୂରଣ ନିମିତ୍ତ ଅନ୍ୟଦେଶ ନିକଟରେ ହାତ ପତାଇ ଦାନ ଗ୍ରହଣ କରୁଥିଲା । ଭାରତର ବିଭାଜନ ଏବଂ ଜନସଂଖ୍ୟାର ଆଶାତିରିକ୍ତ ବୃଦ୍ଧି ଯୋଗୁଁ ଏପରି ଏକ ସମସ୍ୟାର ଉଦ୍ଭବ ହୋଇଥିଲା । ନିରାଶ ଏବଂ ହତାଶ ମଧ୍ୟରେ ଏ ଦେଶର ଜନସାଧାରଣ କାଳାତିପାତ କରୁଥିଲେ । ଅତୀତରେ ଯେଉଁ କୃଷି ମାଧ୍ୟମରେ ଭାରତ ଉନ୍ନତିର ଚରମସୀମାରେ ଉପନୀତ

ଟିପ୍ପଣୀ

ହୋଇଥିଲା, ତା'ର ବିପର୍ଯ୍ୟୟ ଯୋଗୁଁ ଭାରତବାସୀ 'ହାଅନ୍ନ' ଚିତ୍କାରରେ ଗଗନପବନ ମୁଖରିତ କରିଥିଲେ । ସ୍ୱାଧୀନତା ପରେ ଦେଶୀୟ ସରକାରଙ୍କ ଉଦ୍ୟମରେ କୃଷିର ବିକାଶ ଉପରେ ଅଧିକ ଧ୍ୟାନ ନିବେଶ କରାଗଲା । ବିଭିନ୍ନ ଯୋଜନା ପ୍ରଣୟନ ସମୟରେ କୃଷିର ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲା । ପାରମ୍ପରିକ କୃଷିନୀତି ପରିହାର କରାଯାଇ ନୂତନ କୃଷିନୀତିକୁ ଗ୍ରହଣ କରାଗଲା । ପାରମ୍ପରିକ ବିହନ ପରିବର୍ତ୍ତେ ବହୁ ଅମଳକ୍ଷମ ବିହନ, ରାସାୟନିକ ସାର, କୀଟନାଶକ ଔଷଧ, ଜଳସେଚନ ଆଦି ଉପରେ ଗୁରୁତ୍ୱ ଦିଆଗଲା । କୃଷିକୁ ମଧ୍ୟ ଗୋଟିଏ ଶିଳ୍ପର ମର୍ଯ୍ୟାଦା ପ୍ରଦାନ କରାଗଲା । ଏବେ ମଧ୍ୟ ଆନ୍ଧ୍ରପ୍ରଦେଶ ଓ ଅନ୍ୟ କେତେକ ପ୍ରଦେଶରେ କୃଷିକୁ ଏକ ବ୍ୟବସାୟ ଭାବରେ ଗ୍ରହଣ କରାଯାଇଛି । ବିଭିନ୍ନ ଋଣ ତଥା କୃଷି ଉପକରଣ ଯୋଗାଇ ଦିଆଯାଉଛି । ସରକାରୀ ତଥା ବିଭିନ୍ନ ଘରୋଇ ଉଦ୍ୟମ ଯୋଗୁଁ ଆଜି ଭାରତ କୃଷି ଉତ୍ପାଦନ ପଦାର୍ଥ କ୍ଷେତ୍ରରେ ବହୁପରିମାଣରେ ସ୍ୱାବଲମ୍ବନଶୀଳ ।

ଖାଦ୍ୟ ସମସ୍ୟାର ବିଭିନ୍ନ ଦିଗ: ଭାରତରେ ଖାଦ୍ୟସମସ୍ୟା ସୃଷ୍ଟି ହେବାର କେତୋଟି କାରଣ ମଧ୍ୟରୁ ଜନସଂଖ୍ୟା ବୃଦ୍ଧି ସବୁଠାରୁ ମୁଖ୍ୟ କାରଣ । ୧୯୯୧ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ୮୪.୪ କୋଟି ଥିବା ସମୟରେ ବର୍ତ୍ତମାନ ତାହା ୧୦୮କୋଟିରେ ପହଞ୍ଚିଲାଣି । ଏତେ ପରିମାଣର ଲୋକମାନଙ୍କ ପାଇଁ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନର ଆବଶ୍ୟକତା ରହିଛି । ଜନସଂଖ୍ୟା ଅନୁଯାୟୀ ଜମିର ପରିମାଣ ବୃଦ୍ଧି ପାଉ ନାହିଁ । ବରଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ପ୍ରତିବର୍ଷ ମୁଣ୍ଡପିଛା ଜମିର ପରିମାଣ ହ୍ରାସ ପାଇବାରେ ଲାଗିଛି । ଦିନକୁ ଦିନ ଜଙ୍ଗଲ କଟାଯାଉଥିବାରୁ ତା'ର କୁପ୍ରଭାବ କୃଷି ଅର୍ଥନୀତି ଉପରେ ପଡୁଛି । ଅନିୟମିତ ବର୍ଷା ବା ପ୍ରଚୁର ବର୍ଷା କୃଷିର ପ୍ରଭୂତ କ୍ଷତି ସାଧନ କରୁଛି ।ଭାରତ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ମରୁଡ଼ି, ବାତ୍ୟା ଆଦିର ସମ୍ମୁଖୀନ ହେଉଥିବାରୁ କୃଷି ଉତ୍ପାଦନ ହ୍ରାସ ପାଉଛି ।ଭାରତରେ ଥିବା କୃଷି ଜମି ମଧ୍ୟରୁ ମାତ୍ର ୪୦/୪୧ ଭାଗ ଜମି ଜଳସେଚିତ । ଅନ୍ୟ ଜମି ଗୁଡ଼ିକ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭରଶୀଳ । ଅନିୟମିତ ବର୍ଷା ହେଲେ କିମ୍ବା ଅଧିକ ବର୍ଷା ହେଲେ କୃଷି ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ । ଜଳସେଚନର ସୁବିଧା କରାଯାଇ ନପାରିଲେ କୃଷି ଉତ୍ପାଦନ ବୃଦ୍ଧି ଘଟିବା ସମ୍ଭବପର ନୁହେଁ । କେତେକ କ୍ଷେତ୍ରରେ ପରିଲକ୍ଷିତ ହେଉଛି, ଯେଉଁମାନଙ୍କର ଜମି ଅଛି ସେମାନେ କୃଷି କାର୍ଯ୍ୟ କରୁନାହାନ୍ତି;ଅଥଚ ଯେଉଁମାନଙ୍କର ଜମି ନାହିଁ ସେମାନେ କୃଷି ଉପରେ ନିର୍ଭରକରୁଛନ୍ତି । ଫଳତଃ ନିଜର ଜମି ହୋଇନଥିବାରୁ ଜମି ମଧ୍ୟ ପଡ଼ିଆ ରହୁଛି । ସାମ୍ପ୍ରତିକ ପରିପ୍ରେକ୍ଷୀରେ ଭୂସଂସ୍କାର ବା ଜମିର ସୁଷମବଣ୍ଟନର ଆବଶ୍ୟକତା ରହିଛି । ଏହା ହୋଇ ନପାରିଲେ ଭାରତର 'ସବୁଜ ବିପ୍ଳବ' ସଫଳ ହୋଇପାରିବନାହିଁ । ଏବେ ମଧ୍ୟ ଅଧିକାଂଶ କୃଷକ ପାରମ୍ପରିକ ରୀତିରେ କୃଷିକାର୍ଯ୍ୟ କରୁଥିବାରୁ ଅଧିକ ଫସଲ ଅମଳ କରିବାକୁ ସମର୍ଥ ହୋଇପାରୁନାହାନ୍ତି । ବାରମ୍ବାର ଚାଷ ଯୋଗୁଁ ଜମିର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି । ଗରିବ କୃଷକ କୃଷି କ୍ଷେତ୍ରକୁ ସବଳ କରିବା ନିମିତ୍ତ ଯେଉଁ ପରିମାଣରେ ସାର, ଔଷଧ ପ୍ରୟୋଗ କରିବା ଆବଶ୍ୟକ, ଅର୍ଥାଭାବରୁ ତାହା କରିପାରୁନାହାନ୍ତି ।ତେଣୁ ଜମିରୁ ଶସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି । ଶସ୍ୟ ଉତ୍ପନ୍ନ ସମୟରେ କେତେକ କଳାବଜାରୀ ଖାଦ୍ୟ ଶସ୍ୟ ସଂଗ୍ରହ କରି ଆବଶ୍ୟକ ବେଳେ ବଜାରକୁ ନଛାଡ଼ିବା ଯୋଗୁଁ କୃତ୍ରିମ ଖାଦ୍ୟାଭାବ ସୃଷ୍ଟି ହେଉଛି । ସରକାରୀ ସ୍ତରରେ ଏହାକୁ ରୋକିବା ପାଇଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସାମାଜିକ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଖାଦ୍ୟ ଶସ୍ୟ ହ୍ରାସର

ଟିପ୍ପଣୀ

ଅନ୍ୟତମ କାରଣ । ଏହି ଅସ୍ଥିରତା ଯୋଗୁଁ ନିର୍ଦ୍ଦିଷ୍ଟ କୃଷିନୀତି ପ୍ରଣୟନ କରାଯାଇପାରୁନଥିବାରୁ ଆବଶ୍ୟକ ଅନୁଯାୟୀ ଖାଦ୍ୟ ଶସ୍ୟର ଅଭାବ ପରିପୂରଣ ହୋଇପାରୁନାହିଁ ।

ଭାରତର ପଞ୍ଚବାର୍ଷିକ ଯୋଜନାରେ କୃଷିର ଉନ୍ନତି: ୧୯୫୦ ମସିହାରେ ପଣ୍ଡିତ ଜବାଲଲାଲ ନେହେରୁଙ୍କ ଉଦ୍ୟମରେ ଯୋଜନା କମିଶନ ପ୍ରତିଷ୍ଠା ଲାଭ କରିବା ପରେ ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।ଏହି ପଞ୍ଚବାର୍ଷିକ ଯୋଜନାରେ ଖାଦ୍ୟାଭାବର ଦୂରୀକରଣ ନିମିତ୍ତ କୃଷି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଗଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଯେଉଁ ପରିମାଣରେ ସଫଳତା ହାସଲ କରିଥିଲା, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ସେହି ସଫଳତା ହାସଲ କରିପାରିଲା ନାହିଁ । କାରଣ ଏହି ଯୋଜନାରେ କୃଷି ଅପେକ୍ଷା ଗୁରୁଶିଳ୍ପ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଗଲା । ତେଣୁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟସୀମା ମଧ୍ୟରେ ଭାରତର କେତେକ ସ୍ଥାନରେ ବନ୍ୟା, ଦୁର୍ଭିକ୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ , କୃଷି ପ୍ରତି ଉଦାସୀନ ଦୃଷ୍ଟିଭଙ୍ଗୀ ଆଦି ଯୋଗୁଁ ଖାଦ୍ୟଶସ୍ୟର ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଲା । ଏହି ସମୟରେ ଭାରତରେ ସମୁଦାୟ ୯୨ନିୟୁତ ଟନ ଖାଦ୍ୟ ଶସ୍ୟ ଆବଶ୍ୟକ ସମୟରେ ଉତ୍ପାଦିତ ହୋଇଥିଲା, ମାତ୍ର ୬୮ନିୟୁତ ଟନ । ତୃତୀୟ ପଞ୍ଚ ବାର୍ଷିକ ଯୋଜନାରେ ମଧ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ ହ୍ରାସ ପାଇଥିଲା । ୧୯୬୪-୬୫ରେ ୮୮.୮ନିୟୁତ ଟନ ଖାଦ୍ୟ ଉତ୍ପାଦିତ ହୋଇଥିବା ବେଳେ ୧୬୫-୬୬ ମଧ୍ୟରେ ୧୯ଶତକଡ଼ା ଶସ୍ୟ ଉତ୍ପାଦନ କମିଯାଇଥିଲା । ସେଥିପାଇଁ ଭାରତ ଆମେରିକାରୁ ବହୁ ପରିମାଣରେ ଖାଦ୍ୟ ଶସ୍ୟ ଆମଦାନୀ କରିବାକୁ ବାଧ ହୋଇଥିଲା । ୧୯୬୬-୬୮ମସିହା ବେଳକୁ ଭାରତରେ 'ସବୁଜ ବିପ୍ଳବ' ସଫଳତା ଦିଗକୁ ଅଗ୍ରସର ହୋଇଥିଲା । ୧୯୬୮ ମସିହାରେ ୯୨ନିୟୁତ ଟନ୍ ଶସ୍ୟ ଉତ୍ପନ୍ନ ହୋଇଥିବା ସମୟରେ ୧୯୫୯ମସିହାରେ ଏହା ୯୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା । ୧୯୭୦ ମସିହା ବେଳକୁ ଏହା ଅସମ୍ଭବ ଭାବେ ୧୦୮ନିୟୁତ ଟନ୍‌ରେ ପହଞ୍ଚିଥିଲା । ନୂତନ କୃଷିନୀତିର ପ୍ରଚଳନ ଯୋଗୁଁ ଏପରି ସଫଳତା ମିଳିପାରିଥିଲା । ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ପ୍ରୟୋଗ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇଥିଲା । ଆନ୍ତର୍ଜାତୀୟ ଶସ୍ୟ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଉଦ୍ଭାବିତ ଅଧିକ ଅମଳକ୍ଷମ ବିହନ ଆଇ.ଆର.-୮ ଏବଂ ଅନ୍ୟାନ୍ୟ ବିହନର ପ୍ରୟୋଗ କୃଷି କ୍ଷେତ୍ରରେ କରାଗଲା । ଏତଦ୍‌ବ୍ୟତୀତ ୧୯୪୬ମସିହାରେ ଓଡ଼ିଶାରେ କଟକ ନିକଟବର୍ତ୍ତୀ ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ୧୯୬୨ମସିହାରେ ଫିଲିପାଇନ୍‌ସରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ପୂର୍ବରୁ ଏହା ଥିଲା ବିଶ୍ୱର ବୃହତ୍ ଧାନ ଗବେଷଣାକେନ୍ଦ୍ର । ବର୍ତ୍ତମାନ ଏହା ବିଶ୍ୱର ଦ୍ୱିତୀୟ ବୃହତ୍ ଧାନ ଗବେଷଣାକେନ୍ଦ୍ର ରୂପେ ସ୍ୱୀକୃତି ଲାଭ କରିଛି । ଏହି କେନ୍ଦ୍ର ବର୍ତ୍ତମାନ ସୁଦ୍ଧା ୪୮ଟି ଅଧିକ ଅମଳକ୍ଷମ ଧାନ ଉଦ୍ଭାବନ କରିଛି । ଅଧିକ ଉତ୍ପାଦନକ୍ଷମ ବିହନ ଓ ଜାପାନର କୃଷି କୌଶଳର ଅବଲମ୍ବନ ଦ୍ୱାରା ଭାରତରେ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦିତ ହୋଇପାରିଲା । ଭାରତର ବିଭିନ୍ନ ସ୍ଥାନର ମୃତ୍ତିକାକୁ ଲକ୍ଷ୍ୟ କରି ବିଭିନ୍ନ କିସମର ବିହନ ଉଦ୍ଭାବିତ ହୋଇଛି ।ଏହି ବହୁ ଅମଳକ୍ଷମ ଧାନ ବିହନ ମଧ୍ୟରେ ବିଜୟା, କ୍ରିଷ୍ଣା, ରତ୍ନା, ପଦ୍ମା, କାବେରୀ, ଜୟା, ହୀରା, ସୁପରଫାଷ୍ଟ, ସତାରୀ, ଧଳାହୀରା, ସ୍ନେହ, ସାଙ୍କେତ, କଳିଙ୍ଗ, ସରସା, ଉଦୟ, ଲୁଣିଶ୍ରୀ, ସୁନାମଣି ଆଦି ପ୍ରଧାନ । କେବଳ ଧାନ କ୍ଷେତ୍ରରେ ନୁହେଁ ଗହମ କ୍ଷେତ୍ରରେ ମଧ୍ୟ ଭାରତ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି ।

ଭାରତୀୟ କୃଷି ବୈଜ୍ଞାନିକଗଣ ବିଭିନ୍ନ ପ୍ରକାର ବହୁ ଅମଳକ୍ଷମ ଗହମ ବିହନ ଉଦ୍ଭାବନ କରିବାକୁ ସମର୍ଥ ହୋଇଛନ୍ତି । ସେହି ବିହନ ଗୁଡ଼ିକ ମଧ୍ୟରୁ ହୀରା, ମୋତି, ସେରା, ଆଦି ପ୍ରଧାନ । ଏତଦ୍‌ବ୍ୟତୀତ ତୈଳବୀଜ, ବାଜରା, କପା, ମାଣ୍ଡିଆ, ମକା, ସୋୟାବିନ, ନଡ଼ିଆ ବିଭିନ୍ନ ପନିପରିବା ଆଦି କ୍ଷେତ୍ରରେ ମଧ୍ୟ ଆମର ଉତ୍ପାଦନ ବୃଦ୍ଧି ହୋଇଛି । ନୂତନ ଧରଣର ବହୁ ଅମଳକ୍ଷମ ବିହନ ନିମିତ୍ତ ଓ ପରିମାଣରେ ରାସାୟନିକ ସାର, ଉପଯୁକ୍ତ ଜଳ, କୀଟନାଶକ ଔଷଧ ଆଦିର ଆବଶ୍ୟକ ହୋଇଥାଏ । ସାର ଔଷଧ ଓ ଜଳସେଚନର ସୁବିଧାଯୋଗୁଁ ୧୯୭୫ମସିହାରେ ୧୨୧.୦୩ ନିୟୁତ ଟନ୍, ୧୯୭୭-୭୮ରେ ୧୨୧ନିୟୁତ ଟନ୍ ଶସ୍ୟ ଉତ୍ପାଦନ ହୋଇଥିବା ସମୟରେ ୧୯୮୨-୮୩ମସିହାରେ ଏହା ପ୍ରାୟ ୧୪୪ ନିୟୁତ ଟନ୍‌ରେ ପହଞ୍ଚିପାରିଥିଲା । ୮ମ ପଞ୍ଚବାର୍ଷିକ ଯୋଜନାରେ 'ସବୁଜ ବିପ୍ଳବ' କ୍ଷେତ୍ରରେ ଭାରତ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିଲା । ଏହି ସମୟରେ ସବୁଠାରୁ ଅଧିକ ପ୍ରାୟ ୨୩୩ନିୟୁତ ଟନ୍ ଶସ୍ୟ ଉତ୍ପାଦିତ ହୋଇଥିଲା । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ବିଭିନ୍ନ କୃଷି ଉପରେ ଗୁରୁତ୍ୱ ଆରୋପ କରାଯାଉଥିବାରୁ ଏ ପ୍ରକାର ସଫଳତା ପ୍ରତି ହବା ସମ୍ଭବ ହୋଇପାରିଛି । କେବଳ ରାସାୟନିକ ସାର ବା କୀଟନାଶକ ଔଷଧ ନୁହେଁ, ଭାରତୀୟ କୃଷକ ଏହି ସମୟରେ ଟ୍ରାକ୍ଟର ଓ ପାୱାରଟ୍ରେଲର ଦ୍ୱାରା କୃଷି କାର୍ଯ୍ୟ କରିବାରୁ ବଳଦମାନଙ୍କ ଅପେକ୍ଷା ଅଧିକ ଏବଂ ଶୀଘ୍ର କୃଷି କାର୍ଯ୍ୟ ସମ୍ପନ୍ନ କରିବାକୁ ସମର୍ଥ ହୋଇପାରିଛନ୍ତି । ବିଭିନ୍ନ ପଞ୍ଚ ବାର୍ଷିକ ଯୋଜନାରେ ଜଳସେଚିତ ଜମିର ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ଅଧିକ ଶସ୍ୟ ଉତ୍ପାଦନ ଯୋଗୁଁ ଭାରତ ଆଫଗାନିସ୍ଥାନ, ଭିଏତନାମ, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଶସ୍ୟ ରପ୍ତାନି କରିବାକୁ ସମର୍ଥ ହୋଇଛି । ଏହାଦ୍ୱାରା ବୈଦେଶିକ ମୁଦ୍ରା ଅର୍ଜନ କରିବାକୁ ଆମେ ସମର୍ଥ ହୋଇପାରୁଛୁ । ଏହା ସତ୍ତ୍ୱେ କୃଷି ଉତ୍ପାଦନ କ୍ଷେତ୍ରରେ ଆମେ ସଂପୂର୍ଣ୍ଣ ରୂପେ ସଫଳତା ଅର୍ଜନ କରିପାରୁନାହୁଁ । ନବମ ପଞ୍ଚ ବାର୍ଷିକ ଯୋଜନାରେ କୃଷି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆଶା କରାଯାଏ, ଏହି ଯୋଜନାରେ ଭାରତ ନିଶ୍ଚିତଭାବେ ଅଧିକ କୃଷି ପଦାର୍ଥ ଉତ୍ପନ୍ନ କରିବାକୁ ସଫଳ ହୋଇପାରିବ ।

କୃଷିର ବିକାଶ ନିମିତ୍ତ କେତେକ ପଦକ୍ଷେପ: ସବୁଜ ବିପ୍ଳବର ସଫଳତା ନିମିତ୍ତ କୃଷିର ବିକାଶ ଅତ୍ୟନ୍ତ ଜରୁରୀ । କୃଷିର ବିକାଶ ନିମିତ୍ତ କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇ ପାରିଲେ ଭାରତରେ ଶସ୍ୟ ଉତ୍ପାଦନ ନିଶ୍ଚିତ ଭାବରେ ବୃଦ୍ଧି ପାଇବ । ହଳ କାର୍ଯ୍ୟରେ ବଳଦର ବ୍ୟବହାର ପରିବର୍ତ୍ତେ ଟ୍ରାକ୍ଟର କିମ୍ବା ପାୱାରଟିଲର ବ୍ୟବହାର କଲେ ସ୍ୱଳ୍ପସମୟ ତଥା କମ୍ ମଜୁରୀ ଦ୍ୱାରା ଅଧିକ ଜମିରେ କୃଷି କାର୍ଯ୍ୟ କରାଯାଇପାରିବ । କୃଷକମାନଙ୍କୁ କୃଷି ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରଶିକ୍ଷଣ ପ୍ରଦାନ କରାଗଲେ ବିଭିନ୍ନ ନୂତନ ଚାଷ ପ୍ରଣାଳୀ ସମ୍ପର୍କରେ ଅବହିତ ହୋଇପାରିବେ । କାରଣ ଭାରତର ଅଧିକାଂଶ କୃଷକ ଅଶିକ୍ଷିତ ବା ସ୍ୱଳ୍ପଶିକ୍ଷିତ ହୋଇଥିବାରୁ ସରକାରୀ ଯୋଜନା ତଥା ନୂତନ କୃଷିନିତିର ଆବିଷ୍କାର ସଂପର୍କରେ ଅନବିଜ୍ଞ । ବିଶ୍ୱର କୃଷି ନୀତିରେ ଯେଉଁ ପରିବର୍ତ୍ତନ ଘଟୁଛି ବିଭିନ୍ନ ଗଣ ମାଧ୍ୟମ ଦ୍ୱାରା ତାହା ଭାରତୀୟ କୃଷକ ନିକଟରେ ପହଞ୍ଚିବା ଆବଶ୍ୟକ । ଅବଶ୍ୟ ରେଡ଼ିଓ, ଟେଲିଭିଜନ ଆଦିରେ କୃଷି ସଂପର୍କୀୟ କାର୍ଯ୍ୟକ୍ରମର ପ୍ରସାରଣ ହୋଇଛି, ମାତ୍ର ତାହାର ଯଥାର୍ଥ ସୁଫଳ ସେମାନେ ପାଇପାରୁନାହାନ୍ତି । ବର୍ତ୍ତମାନ ଏହାକୁ ଆହୁରି ଅଧିକ ବ୍ୟାପକ କରିବାକୁ ପଡ଼ିବ । ହେକ୍ଟର ପିଛା କେତେ ପରିମାଣରେ ସାର ଓ ଔଷଧ ପ୍ରୟୋଗ କରିବା ଉଚିତ, ତାହା ଅଧିକାଂଶ କୃଷକ ଅବହିତ ନୁହଁନ୍ତି । ପୁନରାୟ ଆର୍ଥିକ କାରଣରୁ ଉପଯୁକ୍ତ

ପରିମାଣର ସାର ତଥା ଔଷଧ ଦବାକୁ ବହୁ କୃଷକ ଅସମର୍ଥ । ସରକାରୀ ସ୍ତରରେ କୃଷିର ଋଣ ମାଧ୍ୟମରେ ସାର, ଔଷଧ ଯୋଗାଇ ଦିଆଯାଇପାରିଲେ ଏବଂ ଶସ୍ୟ ଉତ୍ପାଦନ ପରେ ଶସ୍ୟ ଆକାରରେ କୃଷକମାନଙ୍କ ଠାରୁ ତା'ର ମୂଲ୍ୟ ଗ୍ରହଣ କରାଗଲେ ନିଶ୍ଚିତଭାବରେ ଉତ୍ପାଦନ ବୃଦ୍ଧି ପାଇପାରନ୍ତା । ବୈଜ୍ଞାନିକ ପ୍ରଣାଳୀରେ କୃଷି ଦ୍ୱାରା ଅଧିକ ଶସ୍ୟ ଉତ୍ପାଦନ ନିମିତ୍ତ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏତଦ୍‌ବ୍ୟତୀତ ଗୋଟିଏ ଜମିରୁ କିପରି ବର୍ଷରେ ୩/୪ଥର ଫସଲ ଉତ୍ପନ୍ନ ହୋଇପାରିବ, ସେ ସମ୍ପର୍କରେ କୃଷକମାନଙ୍କୁ ବିଶେଷଜ୍ଞଗଣ ପ୍ରଶିକ୍ଷଣ ଦବା ଉଚିତ । ଆମ କୃଷକ କେବଳ ଧାନ ଓ ଗହମ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେହି ଜମିରୁ ଧାନ ଏବଂ ଗହମ ସହିତ ଅନ୍ୟାନ୍ୟ ଡାଲି ଜାତୀୟ, ତୈଳଜାତୀୟ ବା ପନିପରିବା କିପରି ଉତ୍ପନ୍ନ ହୋଇପାରିବ, ସେଥିପ୍ରତି ଦୃଷ୍ଟି ପ୍ରଦାନ କରାଯିବା ବିଧେୟ । ଅଧିକାଂଶ ଚାଷୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ 'ସବୁଜ ବିପ୍ଳବ' ଯେଉଁ ପରିମାଣରେ ସାର୍ଥକ ହେବା କଥା ତାହା ହୋଇପାରୁନାହିଁ । ଋଣ ମାଧ୍ୟମରେ ସେମାନଙ୍କର ଆର୍ଥିକ ବ୍ୟବସ୍ଥାର ଉନ୍ନତି କରାଯାଇ ପାରିଲେ ସରକାରଙ୍କ ଆହ୍ୱାନ ସଫଳ ହୋଇପାରନ୍ତା । ଏତଦ୍‌ବ୍ୟତୀତ ଜମିର ସୁଷମବଣ୍ଟନ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ପ୍ରକୃତରେ ଯେଉଁମାନେ ଚାଷୀ, ସେମାନଙ୍କ ନିକଟରେ ଚାଷ ଜମି ନାହିଁ; ଅଥଚ ଯେଉଁମାନେ ଚାଷୀ ନୁହଁନ୍ତି, ସେମାନଙ୍କ ନିକଟରେ ପ୍ରଚୁର ଚାଷ ଜମି ରହିଛି । ସରକାରୀ ସ୍ତରରେ ଭୂସଂସ୍କାର ଆଇନ୍‌ଦ୍ୱାରା ଜମିର ଉପଯୁକ୍ତ ବଣ୍ଟନ କରାଯାଇପାରିଲେ, ପଡ଼ିଆ ରହୁଥିବା ଚାଷ ଜମିଗୁଡ଼ିକର ମଧ୍ୟ ଯଥୋପଯୋଗ କରାଯାଇପାରନ୍ତା ଭାରତରେ ଅଧିକାଂଶ ଚାଷ ଜମି ଅଣଜଳସେଚିତ । ଜଳସେଚନ ଅଧିକ ପରିମାଣରେ କରାଗଲେ ଶସ୍ୟ ଉତ୍ପାଦନର ପରିମାଣ ମଧ୍ୟ ବୃଦ୍ଧି ପାଆନ୍ତା । ଅବଶ୍ୟ ଏପ୍ରକାର କେତେକ ବିହନ ଉଦ୍ଭାବିତ ହୋଇଥିଲେ ହେଁ, ଆବଶ୍ୟକତା ଅନୁଯାୟୀ ତାହା ଯଥେଷ୍ଟ ଉପଯୋଗୀ ହୋଇପାରୁନାହିଁ । ଅନେକ ସମୟରେ କଳାବଜାରୀମାନଙ୍କ ଦ୍ୱାରା ଗରିବ କୃଷିକୂଳ ଶୋଷିତ ହୋଇଥାନ୍ତି । ସରକାରୀରସ୍ତରରେ କୃଷିଜାତ ପଦାର୍ଥ କ୍ରୟ ଓ ବଣ୍ଟନର ବ୍ୟବସ୍ଥା କରାଗଲେ କୃଷକମାନେ ଉପକୃତ ହେବା ସଂଗେସଂଗ 'ସବୁଜ ବିପ୍ଳବ'ର ଆହ୍ୱାନ ବହୁପରିମାଣରେ ସାକାର ହୋଇପାରନ୍ତା ।

ସାମାଜିକ ଓ ରଜନୀତିକ ଦିଗ: ଅନେକ ସମୟରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ତଥା ଦୁର୍ନୀତି 'ସବୁଜ ବିପ୍ଳବ'ର ପରିପନ୍ଥୀ ରୂପେ କାର୍ଯ୍ୟ କରିଥାଏ । ରାଜନୀତିକ କାରଣରୁ ସମାଜର ପ୍ରତିଷ୍ଠିତ ବ୍ୟକ୍ତି କୃଷିଋଣ ଲାଭ କରିଥାନ୍ତି । ଅଥଚ ସେମାନେ କୃଷିକାର୍ଯ୍ୟ କରିନଥାନ୍ତି । ଗରିବ କୃଷକ ହାତରେ ସମ୍ବଳର ଅଭାବ, ଅଥଚ ଧନୀବ୍ୟକ୍ତି କୃଷିଋଣ ଲାଭ କରି ଅଧିକ ଧନୀ ହେବାରେ ଲାଗିଛନ୍ତି । ଯେଉଁମାନେ ପ୍ରକୃତରେ କୃଷି ଉପରେ ନିର୍ଭରଶୀଳ, ସେମାନେ ଉପଯୁକ୍ତ ସୁବିଧା ଲାଭ କରିପାରୁନାହାନ୍ତି । ସରକାରୀ ସ୍ତରରେ ଯେଉଁମାନେ କୃଷି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସଫଳତା ନିମିତ୍ତ ପୁରସ୍କୃତ ହେଉଛନ୍ତି ସେମାନେ ମୁଖ୍ୟତଃ ଏହି ଧନୀ ଶ୍ରେଣୀର । ପ୍ରକୃତ କୃଷକ ଉପଯୁକ୍ତ ପ୍ରାପ୍ୟ ଓ ପ୍ରୋତ୍ସାହନ ଅଭାବରୁ ନିରୁତ୍ସାହିତ ହେଉଛି ଓ 'ସବୁଜ ବିପ୍ଳବ' ର ଅର୍ଥ ତା' ନିକଟରେ ଦୁର୍ବୋଧ ହୋଇପଡୁଛି । ତେଣୁ ଭାରତରେ କୃଷି ବ୍ୟବସ୍ଥାକୁ ରାଜନୈତିକ ବାଧ୍ୟବାଧକତା ଓ ଦୁର୍ନୀତିରୁ ମୁକ୍ତ ରଖାଯାଇପାରିଲେ ଏହି କୃଷି ଆନ୍ଦୋଳନ ବହୁ ପରିମାଣରେ ସଫଳ ହୋଇପାରନ୍ତା ।

ଟିପ୍ପଣୀ

ଉପସଂହାର: ଭାରତ କୃଷି ଉତ୍ପାଦନ କ୍ଷେତ୍ରରେ ବହୁ ପରିମାଣରେ ସ୍ୱାବଲମ୍ବନଶୀଳ ହୋଇପାରିଛି । ମାତ୍ର ଯେଉଁ ପରିମାଣରେ ଜନସଂଖ୍ୟାର ବୃଦ୍ଧି ଘଟୁଛି, ସେଥିପାଇଁ ଆହୁରି ଅଧିକ ଶସ୍ୟ ଉତ୍ପାଦନର ଆବଶ୍ୟକତା ରହିଛି । କୃଷି ଗବେଷଣା ନିମିତ୍ତ ଯେଉଁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ନିଶ୍ଚିତି ଭାବରେ ଆଶ୍ୱାସନାର ବିଷୟ । ଏହାକୁ ଅଧିକ ସକ୍ରିୟ ଓ ସମାଜୋପଯୋଗୀ କରିବାର ଆବଶ୍ୟକତା ରହିଛି । କୃଷକମାନଙ୍କୁ ପ୍ରୋତ୍ସାହନ ଓ ଋଣ ଯୋଗାଇଦେଇ 'ସବୁଜ ଆନ୍ଦୋଳନ'କୁ ଅଧିକ ସକ୍ରିୟ କରିବାକୁ ପଡ଼ିବ । କୃଷିକୁ ମଧ୍ୟ ଏକ ବ୍ୟବସାୟର ମର୍ଯ୍ୟାଦା ପ୍ରଦାନ କରିବାକୁ ପଡ଼ିବ । କାରଣ ଭାରତରେ କୃଷିକୁ ଜୀବିକା ଭାବରେ ଗ୍ରଣ କରିନେଇଥିବା କୃଷକ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ ନୁହନ୍ତି । ସେମାନେ ଅନେକ ସମୟରେ ଶୋଷଣ ଶିକାର ହୋଇଥାନ୍ତି । କୃଷକମାନଙ୍କ ପ୍ରତି ଆମ ସମାଜରେ ରହିଥିବା ଦୃଷ୍ଟିଭଙ୍ଗୀର ମଧ୍ୟ ପରିବର୍ତ୍ତନ ଆସିବା ସର୍ବାଦୌ ଆବଶ୍ୟକ । ସେମାନେ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ଲାଭ କରିନପାରିଲେ, ଏ କ୍ଷେତ୍ରରେ ଉତ୍ସାହିତ ହେବେନାହିଁ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ଋଣ ଛାଡ଼, ନୂତନ ଋଣ ପ୍ରଦାନ ଆଦିର ବ୍ୟବସ୍ଥା କରାଯିବା ସଂଗେସଂଗେ ନୂତନ କୃଷିକୌଶଳ ଯୋଗାଇଦେଇ ଉତ୍ପାଦିତ ଶସ୍ୟର ବଜାର ନିମିତ୍ତ ସରକାରୀସ୍ତରରେ ଉଦ୍ୟମ ଜାରି ରହିଲେ ଭାରତରେ 'ସବୁଜ ଆନ୍ଦୋଳନ' ବା 'ସବୁଜ ବିପ୍ଳବ' ନିଶ୍ଚିତ ଭାବରେ ସଫଳ ହୋଇପାରିବ ।

●●●

ଟିପ୍ପଣୀ

୬.୩ ବିଜ୍ଞାନ ଓ କୃଷି

ଉପକ୍ରମ: ଖାଦ୍ୟ ଓ ଜଳ ମଣିଷର ପ୍ରାଥମିକ ଆବଶ୍ୟକତା । ବୋଧହୁଏ ମାନବର ଏ ଦୁଇଟି ସମସ୍ୟା ପରିପୂରଣ ହୋଇଗଲେ ଅନ୍ୟାନ୍ୟ ସମସ୍ୟା ତା' ନିକଟରେ ଏତେ ବିରାଟ ହୋଇ ଦେଖାଦେବ ନାହିଁ । ପ୍ରାଚୀନ କାଳରେ ମଣିଷ ଯେତେବେଳେ ବଣଜଙ୍ଗଲରେ ବାସ କରୁଥିଲା, କୃଷି ସମ୍ପର୍କରେ ଅନଭିଜ୍ଞ ଥିଲା, ସେତେବେଳେ କ୍ଷୁଧାର ଉପଶମ ପାଇଁ ଜଙ୍ଗଲର ଫଳମୂଳ ଖାଉଥିଲା ଓ ତୃଷା ନିବାରଣ ପାଇଁ ଝରଣା ବା ନଦୀକୂଳକୁ ଧାଉଁଥିଲା, ଖାଦ୍ୟର ଅଭାବ ତାଙ୍କୁ ଯାଯାବର ଜୀବନଯାପନ ପାଇଁ ବାଧ୍ୟ କରୁଥିଲା । ବାରମ୍ବାର ଖାଦ୍ୟାନ୍ୱେଷଣରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ପଡୁଥିଲା । କୌଣସି ଏକ ଶୁଭ ଲଗ୍ନରେ କୃଷି ପରିବାର ସାମାନ୍ୟ ଉପାୟ ସେ ଉଦ୍ଭାବନକଲା । କୃଷି ସମ୍ପର୍କରେ ଅବଗତ ହେବା ପରେ ସେ ଆରମ୍ଭ କଲା ତା'ର ସାମାଜିକ ଜୀବନଯାପନ ପ୍ରଣାଳୀ । ମାନବ ସଭ୍ୟତାର ବିକାଶରେ ଯେଉଁ କେତେକ ବିଶେଷ କାରଣ ବିଦ୍ୟମାନ, ତନ୍ମଧ୍ୟରୁ ଏହି କୃଷି କାରଣଟି ହିଁ ସବୁଠାରୁ ମୁଖ୍ୟ ।

ପ୍ରାଚୀନ ଭାରତର କୃଷିପଦ୍ଧତି: ଲୌହ ଯୁଗରେ ମଣିଷ ଲୁହା ସାହାଯ୍ୟରେ ଯନ୍ତ୍ରପାତି ନିର୍ମାଣ କରିବା ପରେ କୃଷିର ଉନ୍ନତି ପାଇଁ ଚେଷ୍ଟା କରିଛି । ମାତ୍ର ବର୍ତ୍ତମାନ ପରି ସେତେବେଳେ କୃଷିର ଏପରି ବିକାଶ ହୋଇ ପାରିନଥିଲା । ପ୍ରକୃତି ଉପରେ ନିର୍ଭର କରି ସେ ଚାଷକାର୍ଯ୍ୟ କରୁଥିଲା । ମୁଖ୍ୟତଃ ବର୍ଷାଦିନେ ହିଁ କୃଷିକାର୍ଯ୍ୟ ହେଉଥିଲା । ଲଙ୍ଗଳ ଓ ବଳଦ ସାହାଯ୍ୟରେ ବିଲ ଚାଷକରି କୃଷକ ତା'ର ବର୍ଷକ ପୂର୍ବର ସଞ୍ଚିତ ବିହନକୁ ଜମିରେ ବୁଣୁଥିଲା । ସାର ଭାବରେ ପ୍ରୟୋଗ କରୁଥିଲା ଖତ ଓ ଗୋବର । ମାତ୍ର ପୋକର ଆକ୍ରମଣରୁ ରକ୍ଷା ପାଇଁ ତା'ପାଖରେ କୌଣସି ଉପାୟ ନଥିଲା । ଠିକ୍ ପାଗଯୋଗରେ ଚାଷ କରି ନପାରିଲେ ପୁଣି ଆଉ ଗୋଟିଏ ବର୍ଷ ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ମଟାଳ ବା ପଥୁରିଆ ମାଟିରେ ଚାଷ କରିବା କଷ୍ଟ ହୋଇ ପଡୁଥିଲା । ଜଳସେଚନର ସୁବିଧା ନଥିବାରୁ ବର୍ଷାଜଳ ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବାକୁ ହେଉଥିଲା । ସମୟେ ସମୟେ ଠିକ୍ ସମୟରେ ବର୍ଷା ହେଉ ନଥିବାରୁ ମରୁଡ଼ି ପଡୁଥିଲା ଓ ଫସଲ ହାନି ହେଉଥିଲା । ଏପରିକି ବନ୍ୟା ଓ ବାତ୍ୟା ଦ୍ୱାରା ଥରେ ଫସଲ ହାନି ହେଲେ 'ଚାଷୀ ହୁଡ଼ିଲେ ବରଷେ' ନ୍ୟାୟରେ ତାକୁ ଅପେକ୍ଷା କରିବାକୁ ପଡୁଥିଲା ଅନ୍ୟ ଗୋଟିଏ ବର୍ଷ ପାଇଁ । ଚାଷ କାର୍ଯ୍ୟ ବର୍ଷକ ପରେ ମାତ୍ର ହେଉଥିଲା । ବର୍ତ୍ତମାନ ସମୟ ତୁଳନାରେ ଲୋକସଂଖ୍ୟା କମ୍‌ଥିବାରୁ କୌଣସି ଉପାୟରେ ସେମାନେ ଜୀବନ ନିର୍ବାହ କରିବାକୁ ସମର୍ଥ ହେଉଥିଲେ । ଧୀରେ ଧୀରେ ଜନସଂଖ୍ୟା ବୃଦ୍ଧି ହେବାରୁ ପ୍ରାଚୀନ ପଦ୍ଧତି ଚାଷ ମଣିଷର ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇପାରିଲା ନାହିଁ କିମ୍ବା ସଦାବେଳେ ପାଣିପାଗକୁ ଚାହିଁ ଚାଷକାର୍ଯ୍ୟ ସମ୍ଭବ ହେଲା ନାହିଁ । ଏହି ଆବଶ୍ୟକତାରୁ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ଓ ବୈଜ୍ଞାନିକ ପଦ୍ଧତିରେ ଚାଷକାର୍ଯ୍ୟ ଆରମ୍ଭ ହେଲା ।

ଖାଦ୍ୟ ସମସ୍ୟା: 'ଆବଶ୍ୟକ ଉଦ୍ଭାବନର ଜନନୀ'- ଖାଦ୍ୟ ସମସ୍ୟାର ଅଭାବ ଯୋଗୁଁ ମଣିଷ ନୂତନ ଜଙ୍ଗଲରେ ଚାଷ କରିବାକୁ ଉପାୟ ଖୋଜିଲା । ଅତୀତରେ ଜନସଂଖ୍ୟା ଏତେ ଅଧିକ ନଥିଲେ । ବର୍ତ୍ତମାନ ଭାରତର ଲୋକସଂଖ୍ୟା ୧୦୦କୋଟିରୁ ଅଧିକ । ଏତେ ସଂଖ୍ୟକ ଲୋକଙ୍କପାଇଁ ସେହି ପାରମ୍ଭରିକ

ଟିପ୍ପଣୀ

କୃଷି ପଦ୍ଧତି ଉପଯୋଗୀ ହୋଇପାରିଲା ନାହିଁ ।ଆବଶ୍ୟକ ପଡ଼ିଲା ପ୍ରଚୁର ପରିମାଣର ଖାଦ୍ୟଶସ୍ୟ । ଚାଷଜମିର ପରିମାଣ ଯେତିକି ଥିଲା, ତାହାର ବୃଦ୍ଧି ଘଟିଲା ନାହିଁ; ମାତ୍ର ଲୋକସଂଖ୍ୟା ଆଶାତୀତ ପରିମାଣରେ ବୃଦ୍ଧି ପାଇଲା । ଦେଶକୁ ଏହି ଖାଦ୍ୟ ସଂଙ୍କଟରୁ ରକ୍ଷା କରିବା ପାଇଁ ବୈଜ୍ଞାନିକମାନେ ନୂତନ ପଦ୍ଧତିରେ କୃଷି କରିବାର ଉପାୟ ଆବିଷ୍କାର କଲେ । ଜାପାନ ଆଦି ଦେଶ ଏହି ନୂତନ କୃଷି ପଦ୍ଧତି ଦ୍ୱାରା ସେମାନଙ୍କ ଦେଶକୁ ସ୍ୱାବଲମ୍ବନଶୀଳ କରାଇପାରିଲେ । ଗୋଟିଏ ଜମିରୁ କିପରି ଏକାଧିକଥର କୃଷି ପଦାର୍ଥ ଉତ୍ପାଦନ କରାଯାଇପାରିବ, ସେଥିପାଇଁ ଗବେଷଣା ଚାଲିଲା ଏବଂ ପରିଶେଷରେ ଏହି ବୈଜ୍ଞାନିକ ପଦ୍ଧତିରେ କୃଷି ଯୋଗୁଁ ଆମେ ଆମର ଉତ୍କଟ ଖାଦ୍ୟଶସ୍ୟ ସମସ୍ୟାକୁ କେତେକ ପରିମାଣରେ ସମାଧାନ କରିପାରିଲୁ ।

ବୈଜ୍ଞାନିକ ପ୍ରଣାଳୀରେ କୃଷି ବ୍ୟବସ୍ଥା: ବୈଜ୍ଞାନିକ ପ୍ରଣାଳୀରେ କୃଷିବ୍ୟବସ୍ଥା ଯୋଗୁଁ ଆମେ ଆମର ଅଭାବକୁ କେତେକାଂଶରେ ଦୂରୀଭୂତ କରିପାରିଛୁ । କୃଷି କାର୍ଯ୍ୟ ପାଇଁ ପ୍ରଥମ ଆବଶ୍ୟକ ହେଉଛି ଜମି । ମାତ୍ର ଜମି ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ନାହିଁ । ପୂର୍ବରୁ ଯେଉଁ ଜମିରୁ ୮୦କୋଟି ମଣିଷଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ପଡୁଥିଲା, ବର୍ତ୍ତମାନ ସେହି ଜମିରୁ ୧୦୮କୋଟି ବ୍ୟକ୍ତିଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ପଡ଼ିବ । ତେଣୁ ବର୍ଷକୁ ହାରାହାରି ଗୋଟିଏ ଜମିରୁ ତିନୋଟି ଫସଲ ଉତ୍ପାଦନ କରିବାର ଆବଶ୍ୟକତା ରହିଛି । ନୂତନ ଚାଷ ପ୍ରଣାଳୀ ଅନୁଯାୟୀ ବର୍ତ୍ତମାନ କୃଷକ ଧାନଚାଷ ପରେ ସେହି ଜମିରୁ ଡାଲିଜାତୀୟ ଫସଲ ବା ବିଭିନ୍ନ ପରିବାପତ୍ର ଅମଳ କରୁଛନ୍ତି । କୃଷିକୁ ଅଧିକ ବାସ୍ତବମୁଖୀ କରିବା ପାଇଁ କୃଷି ଗବେଷଣା କେନ୍ଦ୍ର, କୃଷି ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରାଯାଇଛି । ପାରମ୍ପରିକ ବିହନ ଦ୍ୱାରା ଚାଷକାର୍ଯ୍ୟ କରିବାର ସମୟ ସରିଯାଇଛି । ସେଥିପାଇଁ ଆବିଷ୍କାର ହୋଇଛି ବହୁ ଅମଳକ୍ଷମ ବିହନମାନ । କଟକର ବିଦ୍ୟାଧରପୁର ଓ ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ହୋଇଥିବା ଧାନ ଗବେଷଣା କେନ୍ଦ୍ରଗୁଡ଼ିକ ଗବେଷଣା କରି ବିଭିନ୍ନ କିସମର ବିହନମାନ ଆବିଷ୍କାର କରିଛନ୍ତି । ଜୟା, ପଦ୍ମା, ଆଇ ଆର ଆଠ, ରତ୍ନା, ତିଲୋତ୍ତମା ଆଦି ଅଧିକ ଅମଳକ୍ଷମ ବିହନ ସାହାଯ୍ୟରେ ଚାଷୀ ଅଧିକ ପରିମାଣରେ ଶସ୍ୟ ଉତ୍ପାଦନ କରିବାକୁ ସମର୍ଥ ହୋଇଛି । ଏତଦ୍‌ବ୍ୟତୀତ ପାରମ୍ପରିକ ଲଙ୍ଗଳ ଓ ବଳଦ ସାହାଯ୍ୟରେ ଚାଷ ନକରି ବର୍ତ୍ତମାନ ଟ୍ରାକ୍‌ଟର, ପାୱାରଟ୍ରେଲର ସାହାଯ୍ୟରେ କମ୍ ସମୟରେ ଅଧିକ ଜମି ଚାଷ କରିପାରୁଛନ୍ତି । ମଟାଳ ବା ପଥୁରିଆ ମାଟି, ଯାହା ଲଙ୍ଗଳ ଦ୍ୱାରା ଚାଷ କରିବାକୁ କଷ୍ଟ ହେଉଥିଲା, ତାହା ଟ୍ରାକ୍ଟର ସାହାଯ୍ୟରେ ସୁଗମ ହୋଇପାରିଛି । ଜମିରେ ହିଡ଼ ଦେଇ ତାକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ କରିବା ଦ୍ୱାରା ବହୁପରିମାଣ ଜମି ଅଯଥାରେ ନଷ୍ଟ ହେଉଛି । କୋଠ ଚାଷ ଜରିଆରେ ଜମିରୁ ହିଡ଼ ଉଠାଇଦେଇ ଚାଷ କଲେ ଚାଷୀ ଅଧିକ କିଛି ପରିମାଣରେ ଚାଷ ଜମି ପାଇପାରନ୍ତା । ତେଣୁ ବର୍ତ୍ତମାନ ସେଥିପ୍ରତି ଦୃଷ୍ଟିଦେବାର ସମୟ ମଧ୍ୟ ଆସିଛି । ଏହା ଯୋଗୁଁ କିଛି ପରିମାଣରେ ଚାଷଜମି ସମସ୍ୟା ସମାଧାନ ହୋଇପାରନ୍ତା । ଅତୀତରେ କୀଟନଷ୍ଟ କରିବାକୁ କୌଣସି ଔଷଧ ଆବିଷ୍କୃତ ହୋଇ ନଥିବାରୁ ବହୁ ସମୟରେ ଫସଲ ହାନି ଘଟୁଥିଲା । ସମ୍ପ୍ରତି ଗବେଷଣା ଦ୍ୱାରା ବହୁପ୍ରକାର କୀଟନାଶକ ଔଷଧ ଆବିଷ୍କୃତ ହୋଇଛି । ଡେମୋକ୍ରିନ୍, ଫଲଡ଼ିନ୍, ଗ୍ରାମାକ୍‌ସିନ, ଏଣ୍ଡ୍ରିନ୍ ଆଦି ଔଷଧର ଆବିଷ୍କାର ଦ୍ୱାରା ଚାଷୀମାନେ ଏହାର ପ୍ରୟୋଗ କରି ଫସଲକୁ କୀଟମାନଙ୍କ ଆକ୍ରମଣରୁ ରକ୍ଷା କରି ପାରୁଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ମୂଲ୍ୟବାନ ସାର ଆବିଷ୍କୃତ ହୋଇଛି । ସେହି ସାରଗୁଡିକ ମଧ୍ୟରେ ଗ୍ରୋମୋର, କାଲସିୟମ, ପଟାସ, ଆମୋନିୟମ ସଲ୍‌ଫେଟ, ଫସଫରସ ଆଦି ପ୍ରଧାନ । ଚାଷୀ ଏହି ସାରର ପ୍ରୟୋଗ

ଦ୍ୱାରା ଅଧିକ ପରିମାଣରେ ଫସଲ ଉତ୍ପାଦନ କରିବାକୁ ସମର୍ଥ ହୋଇଛି । ଏତଦ୍‌ବ୍ୟତୀତ କୃଷି ଗବେଷକମାନେ ବିଭିନ୍ନ ସ୍ଥାନର ମାଟି ପରୀକ୍ଷା କରି କେଉଁ ମାଟିରେ କିପ୍ରକାର ସାର ପ୍ରୟୋଗ କରାଯିବ ଏବଂ କେଉଁ ପ୍ରକାର ଫସଲର ଉପଯୋଗୀ, ସେ ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରୁଛନ୍ତି । ଗ୍ରାମସେବକମାନଙ୍କୁ ନିଯୁକ୍ତ କରାଯାଇ ଚାଷୀମାନଙ୍କୁ ବିଭିନ୍ନ ଚାଷ ପାଇଁ ପରାମର୍ଶ ଓ ଉପାୟ ବତାଇ ଦିଆଯାଉଛି । ବିହନ ସଂରକ୍ଷଣ ପାଇଁ ଔଷଧ ଆବିଷ୍କାର ହୋଇଥିବା ଯୋଗୁଁ ନଷ୍ଟ ହେବାର ସମ୍ଭାବନା ରହୁ ନାହିଁ । ଏପରିକି ସରକାର ବୈଜ୍ଞାନିକ ଉପାୟରେ ଥଣ୍ଡା ଘରେ ବର୍ଷ ବର୍ଷ ଧରି ବିହନ ସଂରକ୍ଷଣ କରିବାର ବ୍ୟବସ୍ଥା କରିଛନ୍ତି । ସରକାରଙ୍କ ଦ୍ୱାରା ବଣ୍ଟନ କରାଯାଉଥିବା ବିହନ ଖରାପ ହେଲେ ଚାଷୀମାନେ କ୍ଷତିପୂରଣ ଦାବି କରିପାରୁଛନ୍ତି । କୃଷି ପାଇଁ ବିଭିନ୍ନ ଋଣ ଯୋଗାଇ ଦିଆଯାଉଥିବାରୁ ଧୀରେ ଧୀରେ ଲୋକମାନଙ୍କର କୃଷି ପ୍ରତି ଆଗ୍ରହ ସୃଷ୍ଟି ହେବାରେ ଲାଗିଛି । ସମ୍ପ୍ରତି ସରକାର କୃଷିକୁ ଏକ ଶିଳ୍ପର ମାନ୍ୟତା ଦେବା ପାଇଁ ଚିନ୍ତା କରୁଛନ୍ତି । ଏହାଦ୍ୱାରା ଶିକ୍ଷିତ ବେକାରମାନେ କୃଷି ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ଆଶା କରାଯାଉଛି । ତେଣୁ କୃଷିକ୍ଷେତ୍ରରେ ବିଜ୍ଞାନର ଅବଦାନ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ବିଶ୍ୱର ବହୁ ରାଷ୍ଟ୍ର ଏହି ବୈଜ୍ଞାନିକ କୃଷି ପ୍ରଣାଳୀ ଦ୍ୱାରା ନିଜ ଦେଶକୁ ଖାଦ୍ୟଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିପାରିଛନ୍ତି ।

ଜଳସେଚନ: କୃଷି ପାଇଁ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ଷପାଣି ଉପରେ ନିର୍ଭର କରି ସମ୍ପ୍ରତି କୃଷି କାର୍ଯ୍ୟ କରିବା ସମ୍ଭବପର ନୁହେଁ । ବର୍ତ୍ତମାନ ପୃଥିବୀର ପାଣିପାଗରେ ଯେପରି ଘନଘନ ପରିବର୍ତ୍ତନ ଘଟୁଛି, ସେଥିରେ ବର୍ଷା ଉପରେ ଆଦୌ ନିର୍ଭର କରାଯାଇନପାରେ । ସେହି କାରଣରୁ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାର ବିହନ ଆବିଷ୍କାର କରିଛନ୍ତି । ଖୁବ୍ କମ୍ ଜଳରେ ମଧ୍ୟ ଚାଷ କରାଯାଇପାରୁଥିବା ବିହନ ଆବିଷ୍କାର ହୋଇସାରିଛି । ସରକାର ତାଙ୍କର ବିଭିନ୍ନ ଯୋଜନାରେ ଜଳସେଚନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ୭ମ, ୮ମ, ୯ମଓ୧୦ମ ପଞ୍ଚବାର୍ଷିକ ଯୋଜନାରେ ଏଥିପାଇଁ ପ୍ରଭୂତ ଅର୍ଥର ବ୍ୟବସ୍ଥା କରାଯାଇଛି । ଯେଉଁଠାରେ କେନାଲ ବା ଜଳର ସୁବିଧା ନାହିଁ, ଉଠାଜଳସେଚନ ଦ୍ୱାରା ସେଠାକୁ ଜଳ ପଠାଇବାର ବ୍ୟବସ୍ଥା ହୋଇଛି । ଏହିସବୁ କାରଣ ପାଇଁ ବର୍ତ୍ତମାନ ଭାରତ ଅନେକ ପରିମାଣରେ ଖାଦ୍ୟଶସ୍ୟ କ୍ଷେତ୍ରରେ ନିଜକୁ ସ୍ୱାବଲମ୍ବନଶୀଳ କରିପାରିଛି ।

ଉପସଂହାର: ଭାରତ ଏକ କୃଷିପ୍ରଧାନ ଦେଶ । ଏହାର ଅର୍ଦ୍ଧାଧିକ ବ୍ୟକ୍ତି ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଜୀବନ ନିର୍ବାହ କରିଥାନ୍ତି । ମାତ୍ର ଏକଥା ସତ୍ୟ, ଏଯାବତ୍ ଅନେକ କୃଷକ ବୈଜ୍ଞାନିକ ପ୍ରଣାଳୀରେ କୃଷି କାର୍ଯ୍ୟ କରିବା ସମ୍ପର୍କରେ ଅନଭିଜ୍ଞ । ସେହି ପୁରୁଣା ପଦ୍ଧତିରେ କୃଷି କରୁଥିବା ସମୟରେ ସେମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଆଜି ବିଜ୍ଞାନର ସହାୟତାରେ କୃଷିର ବହୁ ଅଗ୍ରଗତି ହୋଇଛି । ପାରମ୍ପରିକ କୃଷିନୀତି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଲାଣି । ସରକାର ବିଭିନ୍ନ ଗଣମାଧ୍ୟମ ଯଥା ରେଡ଼ିଓ ଓ ଟେଲିଭିଜନରେ ଏ ସମ୍ପର୍କରେ ବହୁ ସୂଚନା ମଧ୍ୟ ଦେଉଛନ୍ତି ।ଏହା ସତ୍ତ୍ୱେ ବହୁ କୃଷକ ଏ ସମ୍ବନ୍ଧରେ ଜାଣିପାରୁ ନାହାନ୍ତି । ତେଣୁ ସରକାର ସ୍ୱେଚ୍ଛାସେବୀ ସଙ୍ଗଠନ ବା କୃଷି ଅଧିକାରୀଙ୍କ ମାଧ୍ୟମରେ ମଫସଲ ଅଞ୍ଚଳରେ ବସବାସ କରୁଥିବା କୃଷକମାନଙ୍କୁ ଏହି ବୈଜ୍ଞାନିକ ଚାଷପ୍ରଣାଳୀ ସମ୍ବନ୍ଧରେ ଅବଗତ କରାଇପାରିଲେ ଆମର ଖାଦ୍ୟ ସମସ୍ୟା ଯେ ବହୁପରିମାଣରେ ଦୂରୀଭୂତ ହୋଇପାରନ୍ତା, ଏଥିରେ ସନ୍ଦେହ ନାହିଁ ।

●●●

ଟିପ୍ପଣୀ

୬.୦ ଆଧୁନିକ ବିଶ୍ୱ ଓ କମ୍ପ୍ୟୁଟର

ଉପକ୍ରମ: ସମଗ୍ର ମାନବ ସମାଜକୁ ବିଜ୍ଞାନର ଅବଦାନ ଅତୁଳନୀୟ । ବିଜ୍ଞାନର ବିଭିନ୍ନ ଆବିଷ୍କାର ମଧ୍ୟରେ କମ୍ପୁଟରର ଆବିଷ୍କାର ଯେପରି କୌତୁହଳପୂର୍ଣ୍ଣ, ସେହିପରି ବିସ୍ମୟକର । ଆଧୁନିକ ଜଗତର ଅଧିକାଂଶ କାର୍ଯ୍ୟ ଆଜି କମ୍ପ୍ୟୁଟର ଦ୍ୱାରା ସମାହିତ । ତେଣୁ କମ୍ପ୍ୟୁଟର ବ୍ୟତିରେକେ ସାମ୍ପ୍ରତିକ ବିଶ୍ୱରେ ଅଗ୍ରଗତି ଆଶା କରିବା ସମ୍ପୂର୍ଣ୍ଣ ନିରର୍ଥକ । କୃଷିଠାରୁ ଆରମ୍ଭ କରି ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସ୍ୱାସ୍ଥ୍ୟ ଏପରିକି ଅନେକ ବୌଦ୍ଧିକ କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ କମ୍ପ୍ୟୁଟରର ଅବଦାନ ଅତୀବ ମହତ୍ତ୍ୱପୂର୍ଣ୍ଣ । ଟ୍ରେନ୍ ଟିକେଟଠାରୁ ଉଡ଼ାଜାହାଜର ଅବତରଣ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ଏହାର ନିର୍ଭୁଲ ଗଣନା ମାନବ ସମାଜର ବହୁ ଉପକାର ସାଧନ କରୁଛି । ସୁପର କମ୍ପ୍ୟୁଟରର ଉଦ୍ଭାବନ ପରେ ଆଧୁନିକ ବିଶ୍ୱ ଅନ୍ୟ ଏକ ନୂତନ ଜଗତକୁ ପ୍ରବେଶ କରିଛି କହିଲେ ଭୁଲହେବ ନାହିଁ । ଏହି କମ୍ପୁଟର ଇଚ୍ଛାକଲେ, ଗୋଟିଏ ମୁହୂର୍ତ୍ତରେ ସମଗ୍ର ବିଶ୍ୱକୁ ଧ୍ୱଂସ କରିଦେଇପାରେ ।ପୁଣି ମାନବସମାଜର ଅଶେଷ ମଙ୍ଗଳ ମଧ୍ୟ ସାଧନ କରିପାରେ । ଆଜି ବିଶ୍ୱରେ ଯେଉଁ ରାଷ୍ଟ୍ର କମ୍ପ୍ୟୁଟର ଉତ୍ପାଦନ କ୍ଷେତ୍ରରେ ଯେତିକି ପରିମାଣରେ ସ୍ୱାବଲମ୍ବନଶୀଳ, ସେହି ରାଷ୍ଟ୍ର ବିଭିନ୍ନ କ୍ଷେତ୍ରରେ ସେହିପରି ପ୍ରଗତିଶୀଳ । ବାସ୍ତବରେ କହିଲେ କମ୍ପ୍ୟୁଟରର ଜଗତ ହିଁ ପ୍ରକୃତ ଆଧୁନିକ ଜଗତ ।

ମଣିଷର ଆବିଷ୍କାର ପ୍ରବଣତା ସହଜାତ । ପ୍ରତି କ୍ଷେତ୍ରରେ ମଣିଷ ଅଧିକରୁ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କରେ । ଅଳ୍ପ ପରିଶ୍ରମ ଓ ସହଜରେ ସେ ଅଧିକ କାର୍ଯ୍ୟ ସମ୍ପାଦନ କରିବାକୁ ଚାହେଁ । ଏହି ପ୍ରଚେଷ୍ଟାରୁ ହିଁ କମ୍ପ୍ୟୁଟରର ଜନ୍ମ । ଗଣନା କାର୍ଯ୍ୟରୁ ହିଁ ପ୍ରକୃତରେ କମ୍ପ୍ୟୁଟର ଉଦ୍ଭାବନ । ଦୁଇହଜାର ବର୍ଷ ପୂର୍ବେ ଗାଣିତିକ ହିସାବ ପାଇଁ ସୃଷ୍ଟି ହୋଇଥିଲା ଆବାକସ୍ (Abacus)ର । ଏହା ହିଁ ପୃଥିବୀର ପ୍ରଥମ ଗଣନା ଯନ୍ତ୍ର । ଷୋଡ଼ଶ ଶତାବ୍ଦୀରେ ସ୍କଟଲ୍ୟାଣ୍ଡର ଜନ୍ ନେପିୟରଙ୍କ 'ନେପିଅର ବୋନ୍' ଏହି ଆଧୁନିକ କମ୍ପ୍ୟୁଟର ନିମିତ୍ତ ଭିତ୍ତି ସ୍ଥାପନ କରିଥିଲା । ୧୭୨୦ମସିହାରେ ଇଂରେଜ ଗାଣିତିକ ଉଇଲିୟମ୍ ଅଉଗ୍ଟ୍ରେଡ଼ଙ୍କ 'ସ୍କାଇଡ୍‌ରୁଲ'ଆବିଷ୍କାର ଏହାକୁ ଆଉ ଦୁଇପାଦ ଅଗ୍ରସର କରାଇଥିଲା । ଫ୍ରାନ୍‌ସର ବ୍ଲାଇସ୍ ପାସ୍‌କାଲ ୧୮ବର୍ଷ ବୟସରେ ପ୍ରଥମ ଯାନ୍ତ୍ରିକ ଗଣନାଯନ୍ତ୍ର ୧୬୪୨ମସିହାରେ ତିଆରି କରିଥିଲେ ।ତାଙ୍କ ବାପାଙ୍କୁ ହିସାବ କାର୍ଯ୍ୟରେ ସହାୟତା କରିବା ପାଇଁ ଏହି ଯନ୍ତ୍ରଟି ବାହାର କରିଥିଲେ । ୧୬୭୧ ଖ୍ରୀ.ରେ ଜର୍ମାନୀର ବିଖ୍ୟାତ ଗାଣିତିକ ଉତ୍‌ଲିବ୍‌ନିଜ ଅନ୍ୟ ଏକ ଗଣନାଯନ୍ତ୍ର ଉଦ୍ଭାବନ କରିଥିଲେ । ୧୮୨୦ ମସିହାରେ ଫ୍ରାନ୍‌ସର ବୈଜ୍ଞାନିକ ଚାର୍ଲସ୍ ଜେଭିୟର ଟମାସ୍ ଅନ୍ୟ ଏକ ଗଣନାକାରୀ ଯନ୍ତ୍ର ଉଦ୍ଭାବନ କରିଥିଲେ । ପ୍ରକୃତ କମ୍ପ୍ୟୁଟରର ଜନ୍ମହୁଏ ୧୮୨୩ମସିହାରେ । ଏହି ବର୍ଷ ବିଖ୍ୟାତ ଇଂରେଜ ବୈଜ୍ଞାନିକ ଚାର୍ଲସ୍ ବାବାଜେ ପ୍ରଥମେ ଯାନ୍ତ୍ରିକ କମ୍ପ୍ୟୁଟର ଉଦ୍ଭାବନ କଲେ । ଏହାକୁ କୁହାଯାଉଥିଲା ବିୟୋଗକାରୀ ଯନ୍ତ୍ର । ଏହା ସାହାଯ୍ୟରେ ବୀଜଗଣିତ ଓ ଦଶମିକ କୋଡ଼ିଏ ସ୍ଥାନ ପର୍ଯ୍ୟନ୍ତ ନିର୍ଭୁଲ ଗଣନା କରାଯାଇପାରିଲା । ୧୮୮୦ମସିହାରେ ଆମେରିକାର ବୈଜ୍ଞାନିକ ଡଃ ହରମ୍ୟାନ୍ ହୋଲେରିଥ ଉଦ୍ଭାବନ କଲେ ଛିଦ୍ରିତ କାର୍ଡ଼ ଯନ୍ତ୍ର । ୧୯୦୬ ମସିହାରେ ଲିଡ଼ି ଫରେଷ୍ଟ ଉଦ୍ଭାବନ କଲେ ଥର୍ମୋ ଆୟୋନିକ୍ ଭଲ୍‌ବ ଯାହା ଇଲେକ୍‌ଟ୍ରୋନିକ୍ କମ୍ପ୍ୟୁଟର ନିମିତ୍ତ ଆଶାତୀତ ସହାୟତା କଲା । ୧୯୪୬ ମସିହାରେ ପେନ୍‌ସିଲଭେନିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଜେ.ପି.ଏର୍କେଟ ଏବଂ ଜେ. ଡବ୍ଲୁ ମାଉଚିଲି ଆଧୁନିକ କମ୍ପ୍ୟୁଟର ତିଆରି କରିଥିଲେ । ସେମାନଙ୍କ ଉଦ୍ଭାବିତ ଯନ୍ତ୍ରର ନାମ ଥିଲା ଏନିୟାକ । ହଙ୍ଗେରୀର ପ୍ରସିଦ୍ଧ ଗାଣିତିକ ଜନ୍ ଓନ୍ ନିଉମ୍ୟାନ୍ ଏହାକୁ ଅଧିକ ଉନ୍ନତ କଲେ ।ତାଙ୍କ କୌଶଳକୁ ଅନୁସରଣ କରି ୧୯୪୯ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ତିଆରି ହେଲା । ଉଇଲିୟମ ସକ୍‌ଲେ ୧୯୪୮ରେ

ଟ୍ରାଞ୍ଜିଷ୍ଟର ଉଦ୍ଭାବନ କରିବା ପରେ କମ୍ପ୍ୟୁଟରର ରୂପରେ ଆସିଲା ପରିବର୍ତ୍ତନ । ୧୯୬୦ରେ ନିର୍ମିତ କମ୍ପ୍ୟୁଟରରେ ଭଲ୍‌ଭ ବଦଳରେ ଟ୍ରାଞ୍ଜିଷ୍ଟର ବ୍ୟବହୃତ ହେଲା । ୧୯୬୫ମସିହା ବେଳକୁ ଏଥିରେ ଅନେକ ଜଟିଳ ଯନ୍ତ୍ରପାତିର ବ୍ୟବହାର ହେଲା । ୧୯୭୫-୮୦ବେଳକୁ ଅଧିକ ଉନ୍ନତମାନର କମ୍ପ୍ୟୁଟର ପ୍ରସ୍ତୁତ ହେବାକୁ ଲାଗିଲା ।

କମ୍ପ୍ୟୁଟରର ପ୍ରକାରଭେଦ ଓ ପରିଭାଷା: ପ୍ରକାର ଓ କାର୍ଯ୍ୟପ୍ରଣାଳୀ ଦୃଷ୍ଟିରୁ ମୁଖ୍ୟତଃ କମ୍ପ୍ୟୁଟର ତିନିପ୍ରକାର । ଯଥା-ଡିଜିଟାଲ କମ୍ପ୍ୟୁଟର, ଆନାଲୋଗ କମ୍ପ୍ୟୁଟର ଓ ସଙ୍କର କମ୍ପ୍ୟୁଟର । ଡିଜିଟାଲ କମ୍ପ୍ୟୁଟର ଦ୍ୱାରା ସାଧାରଣତଃ ଗାଣିତିକ ହିସାବ କରାଯାଇଥାଏ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ବିଭିନ୍ନ କାର୍ଯ୍ୟ କରିପାରୁଥିବା କମ୍ପ୍ୟୁଟର ହେଉଛି ଏହି ଶ୍ରେଣୀର । ଆନାଲୋଗ କମ୍ପ୍ୟୁଟର ଦ୍ୱାରା ତୁଳନା କରାଯାଇ ଗଣନା ଫଳ ଜାଣି ହୋଇଥାଏ । ମଟରଗାଡ଼ିର ସ୍ପିଡୋମିଟର ଆନାଲୋଗ କମ୍ପ୍ୟୁଟର ପଦ୍ଧତିରେ ଗଣନା କରିଥାଏ । ସଙ୍କର କମ୍ପ୍ୟୁଟରରେ ଉପରୋକ୍ତ ଦୁଇଟି କମ୍ପ୍ୟୁଟରର ସମସ୍ତ ସୁବିଧା ରହିଥିବାରୁ ଏହା ଅଧିକ ମୂଲ୍ୟବାନ ଓ କାର୍ଯ୍ୟକ୍ଷମ । କମ୍ପ୍ୟୁଟରର କାର୍ଯ୍ୟକାରିତା ପାଇଁ ଏକ ସ୍ୱତନ୍ତ୍ର ଭାଷାର ବ୍ୟବହାର ହୋଇଥାଏ । ଏହି ଭାଷା ବ୍ୟତିରେକେ ଅନ୍ୟ ଭାଷା ପ୍ରୟୋଗ କଲେ କମ୍ପ୍ୟୁଟରର ସମସ୍ତ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ହୋଇଥାଏ । କମ୍ପ୍ୟୁଟରର ଭାଷାକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା- ବେସିକ୍, କୋବଲ, ପାସକଲ, ଫରଟ୍ରାନ୍ ଓ ଆଲଗୋଲ । କମ୍ପ୍ୟୁଟର ପ୍ରୋଗ୍ରାମର ଏହି ଭାଷା ଜାଣିଥାନ୍ତି ଓ ସେମାନେ କମ୍ପ୍ୟୁଟର ଚାଳନ ସମୟରେ ସେହି ଭାଷାକୁ ଯୋଗାଇ ଦେଇଥାନ୍ତି ।

ବିଭିନ୍ନ କ୍ଷେତ୍ରରେ କମ୍ପୁଟର: ଆଜି କମ୍ପ୍ୟୁଟରର କାର୍ଯ୍ୟକ୍ଷେତ୍ରରେ ବିସ୍ତୃତି ଘଟିଛି । ଜୀବନର ଯେ କୌଣସି କ୍ଷେତ୍ରରେ ଆଜି ତା'ର ଅଭାବ ଅନୁଭବ କରି ହୋଇଥାଏ । ମୁଖ୍ୟତଃ ଗଣନା ଉଦ୍ଦେଶ୍ୟରେ ଏହାର ଉଦ୍ଭାବନ ହୋଇଥିଲେହେଁ, ପରବର୍ତ୍ତୀ ସମୟରେ ବିଭିନ୍ନ କ୍ଷେତ୍ରରେ ଏହା ପ୍ରବେଶ କରି ଆମର ଜୀବନଯାପନ ପ୍ରଣାଳୀକୁ ସହଜ ଓ ସ୍ୱଚ୍ଛନ୍ଦ କରିପାରିଛି । ଉଡ଼ାଜାହାଜ ଏବଂ ଟ୍ରେନ୍ ଆଦିରେ ସ୍ଥାନ ସଂରକ୍ଷଣ ପାଇଁ କମ୍ପ୍ୟୁଟରର ବ୍ୟବହାର କରାଯାଇ ବିଭିନ୍ନ ତ୍ରୁଟିକୁ ସୁଧାର କରାଯାଇପାରିଛି । ଗୋଟିଏ ସ୍ଥାନରେ ଥାଇ ଯେକୌଣସି ଦୂରଦୂରାନ୍ତର ସ୍ଥାନକୁ ଏହାଦ୍ୱାରା ସ୍ଥାନ ସଂରକ୍ଷଣ କରାଯାଇପାରେ । ଟେଲିଯୋଗାଯୋଗ କ୍ଷେତ୍ରରେ କମ୍ପ୍ୟୁଟରର ପ୍ରଚଳନ ଯୋଗୁଁ ଏହା ଆଶାତୀତ ଭାବରେ ଅଗ୍ରଗତି ଲାଭ କରୁଛି । କୃତ୍ରିମ ଉପଗ୍ରହର ସାହାଯ୍ୟ ନେବାପାଇଁ କମ୍ପ୍ୟୁଟରର ହିଁ ସାହାଯ୍ୟ ନେବାକୁ ପଡୁଛି ଓ ତାହାଦ୍ୱାରା ଯେକୌଣସି ଦୂରସ୍ଥାନ ସହିତ ଯୋଗାଯୋଗ କରିବା ସମ୍ଭବ ହୋଇପାରିଛି । ଏହି କମ୍ପ୍ୟୁଟର ଯୋଗୁ ହିଁ ଆଜି ବିରାଟ ପୃଥିବୀର ଆୟତନ ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇପଡ଼ିଛି । ଯେ କୌଣସି ମୁହୂର୍ତ୍ତରେ ପୃଥିବୀର ଯେକୌଣସି ସ୍ଥାନର ଖବର ସହଜରେ ଜାଣି ହୋଇଥାଏ । ଆଜି ଉଡ଼ାଜାହାଜର ଜଟିଳ କାର୍ଯ୍ୟକୁ କମ୍ପ୍ୟୁଟର ସହଜ ଓ ସରଳ କରିପାରିଛି । ଦିଗଗଣନା, ପ୍ରତିବନ୍ଧକ ଓ ପାଗ ସମ୍ପର୍କରେ ପାଇଲଟଙ୍କୁ ଏହା ଆଗରୁ ସତର୍କ କରାଇ ଦେଇଥାଏ । ବିଭିନ୍ନ ଛାପା କ୍ଷେତ୍ରରେ କମ୍ପ୍ୟୁଟରର ପ୍ରୟୋଗ ଯୋଗୁଁ ଏହା ସୁମାର୍ଜିତ, ପରିଚ୍ଛନ୍ନ, ସୁନ୍ଦର ଓ ନିର୍ଭୁଲ ହୋଇପାରିଛି । ପାଗ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଏହାର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ । ସୁପର କମ୍ପ୍ୟୁଟର ସାହାଯ୍ୟରେ ପାଗର ଠିକ ହିସାବ କରାଯାଇପାରୁଛି । ଯୁଦ୍ଧକ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର କରାଯାଇ ଯୁଦ୍ଧ ସମ୍ପର୍କୀୟ ବିବରଣୀ ସଂଗ୍ରହ କରାଯାଇପାରୁଛି । ଯୁଦ୍ଧକୁ ଠିକ୍ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ମଧ୍ୟ ଏହାର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ । ବ୍ୟବସାୟ ଓ ଗବେଷଣା କ୍ଷେତ୍ରରେ କମ୍ପ୍ୟୁଟରର ସାହାଯ୍ୟ ଅତୁଳନୀୟ । ବ୍ୟବସାୟ ତଥା ବଡ଼ ବଡ଼ ଅନୁଷ୍ଠାନର ଠିକ୍

ଟିପ୍ପଣୀ

ହିସାବ ରଖିବା, ଆୟବ୍ୟୟ ତଥା ବିଭିନ୍ନ ବିଷୟରେ ତଦାରଖ କରିବା କ୍ଷେତ୍ରରେ ଏହାର ସହାୟତା ଗ୍ରହଣ କରିବାକୁ ପଡୁଛି । ଜୀବନବୀମାର ପଲିସି, ଅଫିସକାଗଜପତ୍ରର ସୁରକ୍ଷା, ମଟରଗାଡ଼ି ତଥା ଅନ୍ୟାନ୍ୟ ଯାନ୍ତ୍ରିକ ଯାନର ରୂପରେଖ, ଶିଳ୍ପ ଓ କଳକାରଖାନାର ବିଭିନ୍ନ କାର୍ଯ୍ୟ, ଜନଗଣନା, ଭୋଟଗଣନା, ଭାଷାର ଅନୁବାଦ, ଟାଇପ୍, ବ୍ୟାଙ୍କ ଆଦିର କାର୍ଯ୍ୟ, ମହାକାଶର ଗବେଷଣାକାର୍ଯ୍ୟ, ବିବାହ କ୍ଷେତ୍ରରେ ବରକନ୍ୟାଙ୍କର ଜାତକ ମେଳନ, ଏପରିକି କନ୍ୟା ନିର୍ବାଚନ କ୍ଷେତ୍ରରେ ମଧ୍ୟ କମ୍ପ୍ୟୁଟର ବହୁଭାବରେ ସାହାଯ୍ୟ କରିପାରୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଆଜି କମ୍ପ୍ୟୁଟର ମଧ୍ୟ କବିତା ରଚନା କରିବାକୁ ସମର୍ଥ ହୋଇପାରିଛି । ଆମେରିକାର ଜନୈକ କମ୍ପ୍ୟୁଟର ଚାଳିକା ଶ୍ରୀମତୀ କ୍ଲେଆର ଫିଲିପ୍ ୧୦୦ଗୋଟି ଅକ୍ଷରକୁ ନେଇ ଆର.ସି.ଏ.୩୦ ୧ କମ୍ପ୍ୟୁଟର ଦ୍ୱାରା ୫୦୦ଗୋଟି କବିତା ରଚନା କରାଇପାରିଛନ୍ତି ।ଏତଦ୍‌ବ୍ୟତୀତ କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ଖେଳ, ରୋଗ ନିର୍ଣ୍ଣୟ ଓ ଚିକିତ୍ସା, ଶିକ୍ଷାଦାନ, ମହାକାଶ ଅଭିଯାନ, ଯାନବାହନ ଚଳାଚଳ, ଟ୍ରାଫିକ୍ ଭିଡ଼ର ଦୂରୀକରଣ, ଚୋର ଡକାୟତ ଧରିବା କାର୍ଯ୍ୟ, ପରୀକ୍ଷାଖାତା ପର୍ଯ୍ୟବେକ୍ଷଣ ଆଦି ବିଭିନ୍ନ କାର୍ଯ୍ୟ ସାଧିତ ହୋଇପାରୁଛି । କମ୍ପ୍ୟୁଟର ମଣିଷ ରୋବାଟ ଏକ ଅଦ୍ଭୁତ ଆବିଷ୍କାର । ମଣିଷ ପରି ଓ ତା'ଠାରୁ ଅଧିକ ସାଂଘାତିକ ତଥା କଠିନ କାର୍ଯ୍ୟ ଏହା ସହଜରେ ସାଧିତ କରିପାରେ । ଯାହା ମଣିଷ ପକ୍ଷରେ ଥିଲା ଅକଳ୍ପନୀୟ, କମ୍ପ୍ୟୁଟର ଦ୍ୱାରା ତାହା ସହଜସାଧ୍ୟ ହୋଇପାରିଛି । ଆଜି ଏପରି କୌଣସି କାର୍ଯ୍ୟ ନାହିଁ, ଯାହା କମ୍ପ୍ୟୁଟର ଦ୍ୱାରା ସାଧିତ ନ ହୋଇପାରିବ ।

ଆଧୁନିକ ଜଗତରେ କମ୍ପୁଟରର ଭୂମିକା: ଆଧୁନିକ ଯୁଗର କମ୍ପ୍ୟୁଟରର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଯୁଦ୍ଧକ୍ଷେତ୍ରଠାରୁ ଆରମ୍ଭ କରି ଶିକ୍ଷା ଓ ମହାକାଶ ପର୍ଯ୍ୟନ୍ତ ଏହା ବିସ୍ତୃତ । ମଣିଷର କାର୍ଯ୍ୟକୁ ଏହା ଯେପରି ସହଜ ଏବଂ ସରଳ କରିଛି, ସେହିପରି ଭାବରେ କରିଛି ଦ୍ରୁତତର । ମଣିଷର ବୁଦ୍ଧିରୁ ଏହା ସୃଷ୍ଟିଲାଭ କରିଥିଲେ ମଧ୍ୟ ମଣିଷଠାରୁ ଏହା ଅଧିକ ବୁଦ୍ଧିମାନ ଓ କର୍ମଠ । ଏହା କେବେ ମଣିଷ ପରି ରୋଗଣା କିମ୍ବା ଦୁର୍ବଳ ହୋଇପଡ଼େ ନାହିଁ । ଯେତେ କଷ୍ଟସାଧ୍ୟ ହେଲେ ମଧ୍ୟ ଅଚିରେ କମ୍ପ୍ୟୁଟର ଦ୍ୱାରା ତାହା ସାଧିତ ହୋଇଥାଏ । ମଣିଷର ବିକାଶର ଚରମ ସଫଳତା ହିଁ କମ୍ପ୍ୟୁଟର । ଆଧୁନିକ ଯୁଗରେ କମ୍ପ୍ୟୁଟର ବ୍ୟତିରେକେ ମଣିଷ ଗୋଟିଏ ମୁହୂର୍ତ୍ତ ଚଳିବାକୁ ଅକ୍ଷମ । ଅନ୍ୟ ଭାବରେ କହିଲେ ଆଧୁନିକ ପୃଥିବୀ ହିଁ ପ୍ରକୃତରେ କମ୍ପ୍ୟୁଟରର ପୃଥିବୀ ।

ଉପସଂହାର: ଆଜି ସମଗ୍ର ପୃଥିବୀରେ ଯେତିକି କମ୍ପ୍ୟୁଟର ନିର୍ମାଣ ହେଉଛି, ତାହାର ଶତକଡ଼ା ୮୫ଭାଗ ଆମେରିକାରେ ତିଆରି ହୋଇଥାଏ । ପୃଥିବୀରେ ଜାପାନ, ଇଂଲଣ୍ଡ, ରୁଷିଆ, ଜର୍ମାନ୍ ଆଦି ଦେଶଗୁଡ଼ିକ ମଧ୍ୟ କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ବେଶ୍ ଅଗ୍ରଗତି ଲାଭ କରିସାରିଛି । ସମଗ୍ର ଏସିଆରେ ଜାପାନ୍ ପରେ ଭାରତ କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଲାଭ କରିଛି । ଭାରତରେ ପ୍ରାୟ ଏକହଜାରରୁ ଅଧିକ ଉନ୍ନତମାନର କମ୍ପ୍ୟୁଟର ରହିଛି । ବାଙ୍ଗାଲୋରର Indian Institute of Science ରେ ଉନ୍ନତମାନର କମ୍ପ୍ୟୁଟର ତିଆରି ହୋଇଛି । ଭାରତରେ ସେଥିପାଇଁ Electronics Corporation of India ବୋଲି ସଂସ୍ଥା ସ୍ଥାପିତ ହୋଇଛି ଓ ଏହା କମ୍ପ୍ୟୁଟର ତିଆରି କରିଥାଏ । ଦେଶକୁ ବିଜ୍ଞାନର ଅଗ୍ରଗତି ସହିତ ପାଦ ମିଳାଇ ଚାଲିବାକୁ ହେଲେ କମ୍ପ୍ୟୁଟରର ବିକାଶ ଅତ୍ୟନ୍ତ ଜରୁରୀ । ତେଣୁ ଉନ୍ନତଧରଣର କମ୍ପ୍ୟୁଟର ନିର୍ମାଣ ପାଇଁ ଭାରତ ବିଶେଷ ଗୁରୁତ୍ୱ ପ୍ରଦାନ କରିବା ଉଚିତ ।

●●●

୬.୫ ଭାରତ ଓ ପରମାଣୁ ଶକ୍ତି

ଉପକ୍ରମ: ଅତୀତର ମଣିଷ ଆରଣ୍ୟକ ପରିବେଶରୁ ମୁକ୍ତିଲାଭ କରି ଆଜି ସଭ୍ୟଶିକ୍ଷିତ ହୋଇପାରିଛି । ବିଜ୍ଞାନର ଆବିଷ୍କାର ଦ୍ୱାରା ମଣିଷ ପୃଥିବୀରେ ଶ୍ରେଷ୍ଠ ଜୀବ ରୂପେ ଆତ୍ମପ୍ରକାଶ କରିପାରିଛି । ତା'ଆଗରେ ଜ୍ଞାନବିଜ୍ଞାନର ସମସ୍ତ ଦ୍ୱାରା ଆଜି ମୁକ୍ତ । ସେ ପାଣିରେ ବୁଡ଼ିପାରୁଛି, ଆକାଶରେ ଉଡ଼ିପାରୁଛି । ଯାହା ଅତୀତରେ ଥିଲା ସ୍ୱପ୍ନ, ବର୍ତ୍ତମାନ ତାହା ବିରାଟ ବାସ୍ତବତା । ଏହି ବାସ୍ତବତାକୁ ଆଖିଆଗରେ ରଖି ସେ ନିଜର ସର୍ବନିମ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି । ବିଜ୍ଞାନ ଦ୍ୱାରା ମାନବ ସଭ୍ୟତା ଯେ ଜ୍ଞାନାଲୋକର ଶେଷ ସୋପାନରେ ପହଞ୍ଚିସାରିଲାଣି, ଅସ୍ୱୀକାର କରାଯାଇନପାରେ । ମାତ୍ର ଏହା ସହିତ ସେ ମଧ୍ୟ ପରୋକ୍ଷରେ ନିଜର ଧ୍ୱଂସର ରାଗିଣୀ ତୋଳିଛି । ପରମାଣୁ ବୋମାର ଆବିଷ୍କାର ଦ୍ୱାରା ପୃଥିବୀରେ ଯୁଦ୍ଧର ଭୟଙ୍କାରିତା ଦେଖାଦେଇଛି । ବିଶ୍ୱଧ୍ୱଂସ ପାଇଁ ଏହି ପରମାଣୁ ବା ଉଦ୍‌ଜାନ ବୋମା ନିର୍ମାଣ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମନରେ ପ୍ରଶ୍ନ ଉଠେ, ମାନବ ସଭ୍ୟତାର ଧ୍ୱଂସ ପାଇଁ ନା ମଙ୍ଗଳ ପାଇଁ ବିଜ୍ଞାନର ସୃଷ୍ଟି ? ଉତ୍ତର ଅତି ସହଜ । ମାତ୍ର ଯେଉଁମାନେ ଏହାର ପ୍ରୟୋଗକର୍ତ୍ତା, ସେହିମାନେ ହିଁ କହିପାରିବେ, ବିଶ୍ୱଧ୍ୱଂସ ହେବା ଉଚିତ କି ନୁହେଁ । ଭାରତ ଏ ସମ୍ପର୍କରେ ତା'ର ସ୍ପଷ୍ଟ ନୀତି ଘୋଷଣା କରି ସାରିଥିଲେହେଁ, ସାମ୍ପ୍ରତିକ ବିଶ୍ୱକୁ ଲକ୍ଷ୍ୟକରି ସେ ତା'ମତର ପୁନର୍ବିଚାର କରିବାକୁ ବାଧ ହେଉଛି ।

ଭାରତର ବୈଦେଶିକ ନୀତି:ଭାରତର ବୈଦେଶିକ ନୀତି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।ତେଣୁ ମୁଖ୍ୟତଃ ପଞ୍ଚଶୀଳ ନୀତି ଉପରେ ଭାରତର ବୈଦେଶିକ ନୀତି ପ୍ରତିଷ୍ଠିତ । କେଉଁ ପ୍ରାଚୀନ କାଳରୁ ଏହାର ମୁନିଋଷିମାନେ ଜଗତର କଲ୍ୟାଣ ପାଇଁ ଓ ଶାନ୍ତିରେ ବସବାସ ପାଇଁ ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞାଦି କ୍ରିୟା କରୁଥିଲେ । ଏହି ଭୂମିରେ ପଦାର୍ପଣ କରି ଚଣ୍ଡାଶୋକ ପରିଣତ ହୋଇଥିଲେ ଧର୍ମାଶୋକରେ । ମହାତ୍ମାଗାନ୍ଧି ଶାନ୍ତି ଓ ଅହିଂସା ଆନ୍ଦୋଳନରେ ଭାରତକୁ ସ୍ୱାଧୀନ କରିଥିଲେ । ତେଣୁ ଭାରତ କୌଣସି ମୁହୂର୍ତ୍ତରେ ଯୁଦ୍ଧ ଚାହେଁ ନାହିଁ; ବରଂ ଶାନ୍ତି ସ୍ଥାପନ ପାଇଁ ସେ ବାରମ୍ବାର ଯୁକ୍ତି କରିଆସିଛି । କେତେକ ଭାରତର ଏହି ଯୁକ୍ତିକୁ ଦୁର୍ବଳତର ଯୁକ୍ତି ବୋଲି ଆକ୍ଷେପ କରିଛନ୍ତି । ଏହା ସତ୍ତ୍ୱେ ଭାରତର ବୈଦେଶିକ ନୀତି ବହୁ ରାଷ୍ଟ୍ରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

ପରମାଣୁ ଶକ୍ତି (ବୋମା) ବିରୋଧରେ ମତବାଦ: ଭାରତ ଆଣବିକ ବୋମା ପ୍ରସ୍ତୁତ କରିବା ଉଚିତ କି ନୁହେଁ, ଏ ସମ୍ପର୍କରେ ଦୁଇପ୍ରକାର ମତ ପରିଲକ୍ଷିତ ହୋଇଥାଏ । ଗୋଟିଏ ଦଳ ଆଣବିକ ବୋମା ପ୍ରସ୍ତୁତିର ବିରୋଧରେ ମତ ପୋଷଣ କରୁଥିବା ସମୟରେ, ଆଉ ଦଳେ ଏହା ସପକ୍ଷରେ ଯୁକ୍ତି କରିଥାନ୍ତି । ଯେଉଁମାନେ ଏହା ବିରୋଧରେ ମତ ପୋଷଣ କରନ୍ତି, ସେମାନଙ୍କର ଯୁକ୍ତି ହେଉଛି, ସମଗ୍ର ବିଶ୍ୱରେ ଭାରତ ଏକ ଶାନ୍ତିକାମୀ ଦେଶ ରୂପେ ପରିଚିତ । ଏଥିପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ତାକୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଅତୀତରେ କୌଣସି ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ଭାରତ ଘୋର ପ୍ରତିକ୍ରିୟା ପ୍ରକାଶ କରିଛି । ସଂଘର୍ଷକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବାକୁ ସେ ପରାମର୍ଶ ଦେଉଥିବା ସମୟରେ ନିଜେ ପରମାଣୁବୋମା ପ୍ରସ୍ତୁତ କଲେ ତା'ର ନୈତିକତାର ଅଧୋଗତି ହେବ । ବିଶ୍ୱରେ ସେ ଯେଉଁ ସମ୍ମାନ ଲାଭ କରିଛି, ତାହା ହ୍ରାସ ପାଇବ । ପୁନରାୟ ଭାରତ ଏକ ବିକାଶଶୀଳ ରାଷ୍ଟ୍ର ହୋଇଥିବାରୁ, ଅଧିକାଂଶ ଅର୍ଥ ଦେଶର ଆର୍ଥିକ ବିକାଶ ପାଇଁ ଖର୍ଚ୍ଚ ହେଉଛି । କୃଷିପ୍ରଧାନ ଦେଶ ଭାବରେ ଏହାର ଆର୍ଥିକତା ଅବସ୍ଥା ସେପରି

ଟିପ୍ପଣୀ

ସୁଦୃଢ଼ ନୁହେଁ । ଯଦି ପରମାଣୁ ବୋମା ନିର୍ମାଣ କ୍ଷେତ୍ରରେ ସେ ଅର୍ଥବ୍ୟୟ କରେ, ତେବେ ତା'ର ଅନେକ ଯୋଜନା ପଣ୍ଡ ହୋଇଯିବ । ଆର୍ଥିକ ସ୍ଥିତି ଦୋହଲି ପଡ଼ିବ । ଏବେବି ଭାରତର ଶତକଡ଼ା ୩୬ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । ପରମାଣୁ ବୋମା ନିର୍ମାଣରେ ଯେଉଁ ପ୍ରଭୂତ ପରିମାଣରେ ଅର୍ଥବ୍ୟୟ ହେବ, ତଦ୍ଦ୍ୱାରା ଏହି ଦାରିଦ୍ର୍ୟ ସୀମାରେଖା ଆହୁରି ଉପରକୁ ବୃଦ୍ଧି ପାଇବ । ପୁନରାୟ ଭାରତ ବିଶ୍ୱରେ ଶାନ୍ତି ପାଇଁ ଯୁକ୍ତି କରୁଥିବା ସମୟରେ ନିଜେ ପରମାଣୁ ଶକ୍ତିର ଅଧିକାରୀ ହେଲେ, ତା'ର ଭାବମୂର୍ତ୍ତିରେ ଆଞ୍ଚ ଆସିବ । ତେଣୁ ନିଜର ସମ୍ମାନ ଓ ଆର୍ଥିକ ଦୃଷ୍ଟିକୁ ବିଚାର କରି ଭାରତ ପରମାଣୁ ବୋମା ନିର୍ମାଣ କ୍ଷେତ୍ରରେ ଅର୍ଥବ୍ୟୟ କରିବା ଅନୁଚିତ ବୋଲି ମତ ପ୍ରକାଶ ପାଇଥାଏ ।

ସପକ୍ଷବାଦୀଙ୍କ ଯୁକ୍ତି: ଯେଉଁମାନେ ଭାରତ ପରମାଣୁ ଶକ୍ତି ବା ବୋମା ନିର୍ମାଣ କରିବା ଅନୁଚିତ ବୋଲି ମତପ୍ରଦାନ କରିଥାନ୍ତି, ସେମାନେ ମୁଖ୍ୟତଃ ଏହାର ନୈତିକ ଦିଗଟିକୁ ବିଚାର କରିଥାନ୍ତି ମାତ୍ର ବାସ୍ତବ ଦିଗଟିକୁ ଭୁଲିଯାଇଥାନ୍ତି । ବାସ୍ତବତାକୁ ନେଇ ବଞ୍ଚିବା ମଣିଷର କର୍ତ୍ତବ୍ୟ । ଶାନ୍ତି ପାଇଁ ଯୁକ୍ତି କରୁଥିବା ଭାରତ ଉପରେ ୧୯୬୨ ମସିହାରେ ଚୀନ ଅତର୍କିତ ଆକ୍ରମଣ କରି ତାହାର ଏକ ବିରାଟ ଅଂଚଳ ନିଜ ଅଧିକାରକୁ ନେଇଆସିଲା । କେଉଁ ନୈତିକତା ସେତେବେଳେ ଭାରତକୁ ସାହାଯ୍ୟ କଲା । ବର୍ତ୍ତମାନ ବିଶ୍ୱରେ ଯେଉଁ ରାଷ୍ଟ୍ର ଯେତେ ପରିମାଣରେ ଆଣବିକ ଶକ୍ତିର ଅଧିକାରୀ, ବିଶ୍ୱରେ ସେହି ଦେଶ ସେତେ ପରିମାଣରେ ସମ୍ମାନିତ । ଚୀନ୍ ଦ୍ୱାରା ପରାଜିତ ହେବା ଯୋଗୁ ବିଶ୍ୱରେ ଭାରତ ସମ୍ମାନ ହ୍ରାସ ପାଇଛି । ମାତ୍ର ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ଆମେ ଜୟଲାଭ କରିଥିବାରୁ, ଆମର ସମ୍ମାନ ବୃଦ୍ଧି ପାଇଛି । ଦୁର୍ବଳ ରାଷ୍ଟ୍ର କୌଣସି କ୍ଷେତ୍ରରେ ବିଶ୍ୱରୁ ସମ୍ମାନ ଆଶା କରିନପାରେ । ନୈତିକତା ଆଜି କେବଳ ଏକ ମୁଖରୋଚକ ଶବ୍ଦରେ ପରିଣତ ହୋଇଛି, ଏହାର ବାସ୍ତବ ମୂଲ୍ୟ ଆଦୌ ନାହିଁ । ଅନେକ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ସମସ୍ତ ନୀତିକୁ ବିସର୍ଜନ ଦେଇ ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣ କରିଛି । କିଛି ସମୟ ପାଇଁ ସେ ସାମାନ୍ୟ ସମାଲୋଚିତ ହୋଇଥିଲେ ହେଁ ଆର୍ଥିକ ସ୍ୱଚ୍ଛଳତା ଏବଂ ଆଣବିକ ଶକ୍ତିର ଅଧିକାରୀ ହୋଇଥିବାରୁ ଏବେ ମଧ୍ୟ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ଠାରୁ ତା'ର ସମ୍ମାନ ଊର୍ଦ୍ଧ୍ୱରେ । ଗୋଟିଏ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର ଭାବରେ ଭାରତ ମଧ୍ୟ ନିଜର ନିରାପତ୍ତା ପ୍ରତି ଦୃଷ୍ଟି ଦେବା ସର୍ବାଦୌ ଆବଶ୍ୟକ । ଯୁଦ୍ଧ ପାଗଳ ରାଷ୍ଟ୍ରମାନଙ୍କୁ ସତର୍କ କରାଇଦେବା ପାଇଁ ଭାରତ ପରମାଣୁ ବୋମାର ଅଧିକାରୀ ହେବା ଉଚିତ୍ । କେବଳ ସେତିକି ନୁହେଁ, ଭାରତର ଦୁଇ ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନ ଆଣବିକ ବୋମାର ଅଧିକାରୀ ହୋଇସାରିଥିବା ସମୟରେ, ଭାରତ ଏ କ୍ଷେତ୍ରରେ ଦ୍ୱିଧାବୋଧ କାହିଁକି କରିବ ? ଏବେ ମଧ୍ୟ ଚୀନ୍ ଓ ପାକିସ୍ତାନ ଭାରତକୁ ନିଜର ଶତ୍ରୁ ଦେଶ ବୋଲି ଭାବି ଚାଲିଛନ୍ତି । ଯେକୌଣସି ମୁହୂର୍ତ୍ତରେ ଏହି ଦୁଇ ଦେଶ ତରଫରୁ ଭାରତ ପ୍ରତି ବିପଦ ଆଶଙ୍କା କରାଯାଇପାରେ । ତେଣୁ ଭାରତ ନିଜର ନିରାପତ୍ତାକୁ ଆଖିରେ ରଖି ନିଜର ଆଣବିକ କାର୍ଯ୍ୟକ୍ରମର ପୁନର୍ବିଚାର କରିବା ଆବଶ୍ୟକ । ଅତୀତରେ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ରୁଷ୍ ଭାରତକୁ ନିମନ୍ତ୍ରଣ କରିଥିଲେ ଆଣବିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସେମାନଙ୍କର ସହାୟତା ଗ୍ରହଣ ପାଇଁ । ଭାରତ ସେପରି ପ୍ରସ୍ତାବ ଗ୍ରହଣ ନକରି ବୁଦ୍ଧିମତାର ପରିଚୟ ଦେଇଛି । ନଚେତ୍ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଗୋଡ଼ାଣିଆ ହେବାକୁ ପଡୁଥାନ୍ତା । ଭାରତ ମଧ୍ୟ ଏନ୍.ପି.ଟି.ରେ ସ୍ୱାକ୍ଷର ନକରି ଦୂରଦୃଷ୍ଟିର ପରିଚୟ ପ୍ରଦାନ କରିଛି । ଯଦି ସେଥିରେ ସ୍ୱାକ୍ଷର କରିଥାନ୍ତା, ଭବିଷ୍ୟତର ଭାରତ କଦାପି ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିପାରିନଥାନ୍ତା । ଏପରିକି ସି.ଟି.ବି.ଟି.ରେ ମଧ୍ୟ ସ୍ୱାକ୍ଷର ନକରିବା ଭାରତ ପକ୍ଷେ ମଙ୍ଗଳକର ହୋଇଛି । ଏକଥା ସତ୍ୟ, ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ ଦ୍ୱାରା ପ୍ରଚୁର ପରିମାଣର ଅର୍ଥ ବ୍ୟୟ ହେବ । ଭାରତର ଆର୍ଥିକ

ଟିପ୍ପଣୀ

ସ୍ଥିତି ଦୁର୍ବଳ ହୋଇଥିବାରୁ, ଏହା ତା' ଉପରେ ଏକ ବୋଝ ସଦୃଶ ହେବ । ଏହା ସତ୍ତ୍ୱେ ସ୍ୱାଧୀନତା ରକ୍ଷା ପାଇଁ ଭାରତ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଆବଶ୍ୟକ । ବର୍ତ୍ତମାନ ଏସିଆ ଭୂଖଣ୍ଡରେ ଯେଉଁ ପରିମାଣରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି, ସେଥିରୁ ଭାରତ ନିଜକୁ ଦୂରେଇ ରଖିଲେ ତା'ର ସ୍ଥିତି ବିପନ୍ନ ହୋଇପଡ଼ିବ । ମିଥ୍ୟା ସମ୍ମାନ ଓ ନୈତିକତାର ଦ୍ୱାହି ଦେଇ ଅନ୍ୟ ଦୃଷ୍ଟିରେ ହୀନପ୍ରଭ ହୋଇପଡ଼ିବାର ଦେଶବାସୀ ଗୋଟିଏ ବେଳା ନଖାଇ ଅଣୁଅସ୍ତ୍ର ନିର୍ମାଣ କରିବେ । ଭାରତ ମଧ୍ୟ ଠିକ୍ ସେହି ନୀତି ଅବଲମ୍ବନ କରିବା ଆବଶ୍ୟକ ।

ସାମ୍ପ୍ରତିକ ବିଶ୍ୱ ଓ ପରମାଣୁ ବୋମା: ସାଂପ୍ରତିକ ବିଶ୍ୱରେ ଅଧିକାଂଶ ରାଷ୍ଟ୍ର ଅଣୁଅସ୍ତ୍ରର ଅଧିକାରୀ ହୋଇସାରିଲେଣି । ଆମେରିକା, ରୁଷ, ଚୀନ୍, ଇଂଲଣ୍ଡ, ଜର୍ମାନ୍, ଫ୍ରାନ୍ସ, ପାକିସ୍ତାନ ଆଦି ଦେଶ ସେମାନଙ୍କ ନିକଟରେ ବହୁ ପରିମାଣରେ ଅଣୁଅସ୍ତ୍ର ଗଚ୍ଛିତ ରଖିଛନ୍ତି । ଏହି ଅସ୍ତ୍ରପାଗଳ ଦେଶମାନେ ଯେକୌଣସି ମୁହୂର୍ତ୍ତରେ ବିଶ୍ୱ ଧ୍ୱଂସ କରିଦେଇପାରନ୍ତି । ଶାନ୍ତି ପାଇଁ ଆହ୍ୱାନ ଦେଉଥିବା ଦେଶ ପରୋକ୍ଷରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାରେ ଲାଗିଛନ୍ତି । ଆମେରିକ, ରୁଷ, ଫ୍ରାନ୍ସ, ଜର୍ମାନ୍, ଇଂଲଣ୍ଡ, ଚୀନ୍ ଆଦି ଦେଶଗୁଡ଼ିକ ବହୁଥର ପରମାଣୁ ବୋମା ପରୀକ୍ଷା କରି ନିଜ ଶକ୍ତିର ପରିଚୟ ଦେଇସାରିଛନ୍ତି । ପ୍ରତି କ୍ଷେତ୍ରରେ ସେମାନେ ମୁକାବିଲା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ । ଏହାଦ୍ୱାରା ସମଗ୍ର ବିଶ୍ୱ ଯେ କି ପ୍ରକାର ଆତଙ୍କର ସମ୍ମୁଖୀନ ହେଉଛି, ତାହା ସେମାନେ ଜାଣିପାରୁନାହାନ୍ତି । ବିଶ୍ୱର ଏହି ଯୁଦ୍ଧ ପାଗଳ ଦେଶମାନଙ୍କ ଗତିରୀତିକୁ ନିରୀକ୍ଷଣ କରି ଭାରତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନପାରିଲେ ପଛରେ ଅନୁତାପ କରିବା ହିଁ ସାର୍ ହେବ ।

ଉପସଂହାର: ଅବଶ୍ୟ ସଂପ୍ରତି ବିଶ୍ୱରେ ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ରରୂପେ ଭାରତ ନିଜର ସ୍ଥିତି ଜାହିର କରିସାରିଛି । ୧୯୭୪ ମସିହାରେ ପ୍ରଥମ ଆଣବିକ ବୋମା ପରୀକ୍ଷା କରି ଭାରତ ନିଜର ଶକ୍ତିର ପରିଚୟ ଦେଇଥିଲା । ୧୯୯୮ ମସିହାରେ ଲଗାତାର ପାଞ୍ଚୋଟି ପରମାଣୁ ଓ ଉଦ୍‌ଯାନ ବୋମା ପରୀକ୍ଷା କରି ନିଜକୁ ବିଶ୍ୱର ଅନ୍ୟାନ୍ୟ ପରମାଣୁ ଶକ୍ତିଶାଳୀ ଦେଶଙ୍କ ସମକକ୍ଷ କରିପାରିଛି । ଏତଦ୍‌ବ୍ୟତୀତ ପୃଥ୍ୱୀ, ଅଗ୍ନି ଆଦି କ୍ଷେପଣାସ୍ତ୍ର ନିର୍ମାଣ କରି ନିଜର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି । ଭାରତ ସବୁ ସମୟରେ କହିଆସିଛି, ସେ ତା'ର ପରମାଣୁ ଟୁକ୍ନିକୁ ଦେଶର ସମୃଦ୍ଧି ଓ ମଙ୍ଗଳ କ୍ଷେତ୍ରରେ ହିଁ ବିନିଯୋଗ କରିବ । କାରଣ ଭାରତ ଯୁଦ୍ଧନୀତିକୁ ଘୃଣା କରେ । ମାତ୍ର ଯେତେବେଳେ ତା'ର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଉପରେ ବିପଦ ଦେଖାଦେବ କିମ୍ବା କୌଣସି ପଡ଼ୋଶୀ ଦେଶ ବା ବହିଃଶତ୍ରୁ ଭାରତକୁ ଆକ୍ରମଣ କରିବେ, ସେତେବେଳେ ଦେଶର ସ୍ୱାଧୀନତା ରକ୍ଷା ପାଇଁ ସେ ଏହି ପରମାଣୁ ଶକ୍ତିର ପ୍ରୟୋଗ କରିବାକୁ ବାଧ ହେବ । ପରମାଣୁ ଶକ୍ତିର ଅଧିକାରୀ ହେବା ସତ୍ତ୍ୱେ ଭାରତର ସଂଯମ ଆଚରଣ ବିଶ୍ୱରେ ଯେ ତା'ର ସମ୍ମାନ ବୃଦ୍ଧି କରିଛି, କହିବା ବାହୁଲ୍ୟ ମାତ୍ର ।

●●●

ଟିପ୍ପଣୀ

୬.୬ ପରିବେଶ ପ୍ରଦୂଷଣ

ଉପକ୍ରମ: ପ୍ରତ୍ୟେକ ମଣିଷ ଏକ ନିରାମୟ ଓ ସୁଖମୟ ଜୀବନ ଆବଶ୍ୟକ କରେ । 'ଯାବତ୍ ଜୀବେତ୍ ସୁଖମ୍ ଜୀବେତ୍' - ଏହା ହିଁ ପ୍ରତିଟି ମଣିଷର ଧ୍ୟେୟ । ମାତ୍ର ଅନେକ ସମୟରେ ମଣିଷ ଜାଣିଜାଣି ନିଜ ଜୀବନକୁ ବିପଦାପନ୍ନ କରିଥାଏ । ନିଜର ବ୍ୟକ୍ତିଗତ ବା ରାଷ୍ଟ୍ରୀୟ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସମଗ୍ର ମାନବସମାଜକୁ ଧ୍ୱଂସ ଦିଗକୁ ଗତି କରାଇଥାଏ । ମାନବର ଆବଶ୍ୟକତା ପରିପୂରଣ ଉଦ୍ଦେଶ୍ୟରେ ପ୍ରକୃତି ତା'ର ଗନ୍ତାଘରକୁ କେଉଁ ଆବାହମାନ କାଳରୁ ମୁକ୍ତ ରଖିଛି । ପ୍ରକୃତିର ସେହି ମହାନତାକୁ ଆଜିର ସ୍ୱାର୍ଥ ପ୍ରବଣ ମଣିଷ ବୁଝିବାକୁ ଅସମର୍ଥ । ସେଥିପାଇଁ ବିକାଶ ଓ ବିଜ୍ଞାନ ଆଳରେ ନିଜର ଅହଂ ତଥା ଆତ୍ମବଡ଼ିମାର ପରିପ୍ରକାଶ ନିମିତ୍ତ ସେ ଯେଉଁ ପଦକ୍ଷେପମାନ ଗ୍ରହଣ କରୁଛି, ପରୋକ୍ଷରେ ତା'ରି ମାଧ୍ୟମରେ ସେ ନିଜର ଧ୍ୱଂସକୁ ସ୍ୱାଗତ କରୁଛି । ସୁଖ ମଣିଷଟିଏ ପାଇଁ ସୁସ୍ଥ ପରିବେଶଟିଏ ଲୋଡ଼ା । ସୁସ୍ଥ ପରିବେଶ ପାଇଁ ଆବଶ୍ୟକ ଉଦାରବାଦୀ ଦୃଷ୍ଟିଭଙ୍ଗୀ । ଆଜି ସମଗ୍ର ବିଶ୍ୱ ଏକ ଭୟାନକ ଭବିଷ୍ୟତ ଦିଗକୁ ଖୁବ କ୍ଷୀପ୍ର ବେଗରେ ଧାବମାନ । କାରଣ ସେ ଯେଉଁ ପରିବେଶ ମଧ୍ୟରେ ବସବାସ କରୁଛି ପ୍ରତିନିୟତ ତାହା ଦୂଷିତ ହେବାରେ ଲାଗିଛି । ପରିବେଶବିତ୍‌ମାନେ ସମଗ୍ର ବିଶ୍ୱକୁ ଏ ସଂପର୍କରେ ସଚେତନ କରାଇ ସାରିଲେଣି । ଯଦି ମାନବସମାଜ ଏବେଠାରୁ ସତର୍କତା ଅବଲମ୍ବନ ନକରେ, ତେବେ ତାର ଭବିଷ୍ୟତ ଯେ ସଂପୂର୍ଣ୍ଣ ରୂପେ ବିପଦାପନ୍ନ ହୋଇପଡ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ପରିବେଶ କ'ଣ ?: ସାଧାରଣ ଭାବରେ ପରିବେଶ କହିଲେ ଆମର ପାରିପାର୍ଶ୍ୱିକ ଅବସ୍ଥିତି । ଆମର ଚତୁର୍ଦ୍ଦିଗକୁ ଆମେ ପରିବେଶ ବୋଲି କହିଥାଉ । ଆମେ ଯେଉଁଠାରେ ବସବାସ କରୁ ତା'ରି ବିଭିନ୍ନ ଅବସ୍ଥିତି ପରିବେଶ ଅନ୍ତର୍ଭୁକ୍ତ । ତାହା ହୁଏତ ହୋଇପାରେ ଗୋଟିଏ ଗୃହ, ଗ୍ରାମ, ସହର କିମ୍ବା ଦେଶରେ ପରିବେଶ । କୌଣସି କାରଣରୁ ଏହି ପରିବେଶ ଦୂଷିତ ହେଲେ ପରିବେଶ ପ୍ରଦୂଷଣ ହେଲା ବୋଲି କୁହାଯାଇଥାଏ । ସାଂପ୍ରତିକ କାଳରେ ମାନବସମାଜର ବିପର୍ଯ୍ୟୟ ପାଇଁ ଏହି ପରିବେଶ ପ୍ରଦୂଷଣ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପରିବେଶର ପରିବର୍ତ୍ତନ ଯୋଗୁ ପୃଥିବୀର ସହାୟତା ପ୍ରଦାନ କରିଥାଏ । ସେଥିପାଇଁ ପରିବେଶର ଉପଯୁକ୍ତ ସୁରକ୍ଷା ମାନବସମାଜର ନିମିତ୍ତ ଏକ ବିଶେଷ ଆହ୍ୱାନ ରୂପେ ଦେଖାଦେଇଛି ।

ମାନବ ଓ ପରିବେଶ: ପଞ୍ଚମହାଭୂତରୁ ଜଗତର ସୃଷ୍ଟି ଓ ବିକାଶ । ମାନବସମାଜ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଅତୀତରେ ଏକ ସୁସ୍ଥ ପରିବେଶରୁ ମଣିଷ ଏ ପୃଥିବୀରେ ଜନ୍ମଲାଭ କରିଥିଲା । ନଗର ଓ ଶିଳ୍ପ ସଭ୍ୟତାର ବିକାଶ ପୂର୍ବରୁ ପ୍ରକୃତିର ଆନନ୍ଦମୟ ପରିବେଶ ମଧ୍ୟରେ ମଣିଷ ଜୀବନଯାପନ କରୁଥିଲା । ରୋଗ, ବ୍ୟାଧି ତାକୁ ସ୍ପର୍ଶ କରିପାରୁନଥିଲା । ଏକ ସୁସ୍ଥ, ସୁନ୍ଦର ପରିବେଶ ହିଁ ତା' ଜୀବନକୁ ଆନନ୍ଦ ମଧୁର କରୁଥିଲା । ପ୍ରକୃତିର ସନ୍ତାନ ମଣିଷ ପାଇଁ ପ୍ରକୃତି ସବୁକିଛି ସଜାଇ ରଖିଥିଲା । ମଣିଷ ଯେତେବେଳେ ବସ୍ତୁବାଦୀ ହୋଇପଡ଼ିଲା, ପ୍ରକୃତିକୁ ବିଭିନ୍ନ ଭାବରେ ଲୁଣ୍ଠନ କରିବାକୁ ଲାଗିଲା । ସଭ୍ୟତା ନାମରେ ସୁନ୍ଦର ପ୍ରକୃତିକୁ ସେ ବିକୃତ କରିଚାଲିଲା । ଭୋଗବାଦୀ ମଣିଷ ନିଜର ସୀମାହୀନ ଆଶାର ପରିପୂରଣ ପାଇଁ ନିଜର

ବିପର୍ଯ୍ୟୟକୁ ଡାକି ଆଣିଲା । ମଣିଷର ବଂଚିବା ନିମିତ୍ତ ଆବଶ୍ୟକ ହୁଏ ବାୟୁ, ଉତ୍ତାପ, ଜଳ,ଆଲୋକ ଆଦି ବହୁ ଉପାଦାନ । ଯଦି କୌଣସି କାରଣରୁ ଏହି ଉପାଦାନଗୁଡ଼ିକ ଦୂଷିତ ହୋଇପଡ଼େ, ମଣିଷର ଜୀବନ ହୋଇଉଠେ ବିପର୍ଯ୍ୟସ୍ତ । ସେଥିପାଇଁ ପ୍ରତି କ୍ଷେତ୍ରରେ ମଣିଷ ସତର୍କତା ଅବଲମ୍ବନ କରିବା ଉଚିତ୍ । ବିଶେଷ ଭାବରେ ନିଜର ପରିବେଶ ପାଇଁ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ । ପରିବେଶ ସହିତ ମଣିଷର ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାରୁ ସୁସ୍ଥ ପରିବେଶ ସୃଷ୍ଟି ନିମିତ୍ତ ମାନବ ନିଜ ସ୍ତରରେ ସର୍ବଦା ସଚେଷ୍ଟ ରହିବା ଆବଶ୍ୟକ ।

ପରିବେଶର ଆବଶ୍ୟକତା: ମଣିଷ ବଞ୍ଚିରହିବା ପାଇଁ ଯେଉଁ କେତେଗୁଡ଼ିଏ ଏ ଜିନିଷର ଆବଶ୍ୟକତା ରହିଛି, ତନ୍ମଧ୍ୟରୁ ପରିବେଶ ଅନ୍ୟତମ । ବାୟୁ, ଉତ୍ତାପ, ଆଲୋକ, ଜଳ ବ୍ୟତିରେକେ ମଣିଷ ବଂଚିରହିବା ଅସମ୍ଭବ । ଯେଉଁ ପ୍ରକୃତିର ସହାୟତାରେ ମଣିଷର ଜୀବନ ସୁସ୍ଥ ସୁନ୍ଦର ହୋଇଥିଲା, ଆଜି ତାକୁ ନିଃଶେଷ କରି ମଣିଷ ନିଜେ ନିଃସ୍ୱ ହୋଇଯାଇଛି । ତା'ର ଭବିଷ୍ୟତ ଅନ୍ଧକାରମୟ । ତା'ର ଭାବୀ ଉତ୍ତରାଧିକାରୀ ଏକ ସମ୍ଭାବନାହୀନ ଭବିଷ୍ୟତକୁ ଦେଖି ବୀତସ୍ପୃହ । ତା'ର ଶ୍ୱାସକ୍ରିୟା ନିମିତ୍ତ ଯେଉଁ ଶୁଦ୍ଧବାୟୁର ଆବଶ୍ୟକତା ରହିଛି, ତାହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଶରୀର ଗଠନ ନିମିତ୍ତ ଆବଶ୍ୟକ ହେଉଥିବା ଜଳ ମଧ୍ୟ ପ୍ରଦୂଷିତ । ଏପରି ଅବସ୍ଥାରେ ପରିବେଶର ସୁରକ୍ଷା କରିବା ତା'ର ପ୍ରଥମ କର୍ତ୍ତବ୍ୟ । ଗତ କିଛିବର୍ଷ ହେବ ପୃଥିବୀର ପାଣିପାଗରେ ଘନଘନ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଯଦି ଏହିପରି ପରିବର୍ତ୍ତିତ ପାଣିପାଗ ଲାଗିରହେ, କିଛିବର୍ଷ ପରେ ଏହି ପୃଥିବୀରେ ସଜୀବ ପ୍ରାଣୀ ବା ଉଦ୍ଭିଦ ଜୀବନଧାରଣ କରିବା କଷ୍ଟସାଧ୍ୟ ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତପ୍ରଦାନ କରିସାରିଲେଣି । ମଣିଷର ବଂଚି ରହିବା ମୂଳରେ ପରିବେଶର ଭୂମିକା ମୁଖ୍ୟ ହୋଇଥିବାରୁ ଏହାର ସୁରକ୍ଷା ଓ ଶୁଦ୍ଧତା ନିମିତ୍ତ ଏବେ ଠାରୁ ମାନବ ସମାଜ ସଚେତନ ହେବା ଏକାନ୍ତ ଜରୁରୀ ।

ପ୍ରଦୂଷଣର ବିବିଧ କାରଣ: ପରିବେଶ ପ୍ରଦୂଷଣର ବହୁବିଧ କାରଣ ରହିଛି । ଏହାର ମୂଳ କାରଣ ମଣିଷର ବସ୍ତୁବାଦୀ ଚିନ୍ତାଧାରା ଓ ସ୍ୱାର୍ଥ ପରାୟଣ ମନୋବୃତ୍ତି । ବିଜ୍ଞାନର ଭୂୟୋବିକାଶ ପରିବେଶ ପ୍ରଦୂଷଣ ନିମିତ୍ତ ବହୁପରିମାଣରେ ଦାୟୀ । ଶିଳ୍ପ ବିପ୍ଳବ ପରେ ସଭ୍ୟ ମଣିଷ ଅନୁଭବ କଲା ଦେଶର ଆର୍ଥିକ ପ୍ରଗତି ବହୁ ପରିମାଣରେ ଶିଳ୍ପ ଅଭିବୃଦ୍ଧି ଉପରେ ନିର୍ଭରଶୀଳ । ତେଣୁ ସମଗ୍ର ବିଶ୍ୱରେ ଶିଳ୍ପର ବିକାଶ ନିମିତ୍ତ ବୈଜ୍ଞାନିକ ଉପାୟରେ ଗୁରୁତ୍ୱ ପ୍ରଦାନ କରାଗଲା । ଶିଳ୍ପର ବିକାଶ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅଭିବୃଦ୍ଧି ଘଟିଲା । ଏକ ସର୍ବେକ୍ଷଣରୁ ଜଣାଯାଏ ୧୯୦୦ ମସିହା ପରଠାରୁ ଅଙ୍ଗାରକାମ୍ଳ ବୃଦ୍ଧି ପାଇବାରେ ଲାଗିଛି । ୧୯୦୦ରୁ ୧୯୨୫ ମଧ୍ୟରେ ବିଶ୍ୱ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ୧୦ଲକ୍ଷ ଭାଗରେ ଥିଲା ୧୪୮ ଭାଗ । ୧୯୫୦ ମଧ୍ୟରେ ଏହାର ବୃଦ୍ଧି ଘଟି ହେଲା ୨୦୩ ଭାଗ । ୧୯୭୫ ମଧ୍ୟରେ ଏହାର ପରିମାଣ ହେଲା ୩୦୫ ଭାଗ । ୧୯୯୬ ମସିହାରେ ଏହା ବୃଦ୍ଧି ପାଇ ୩୬୦ ଭାଗରେ ପହଁଚିଛି । ପରିବେଶ ବିଜ୍ଞାନୀଗଣ ମତପ୍ରକାଶ କରି କହିଛନ୍ତି ୨୦୧୦ ମଧ୍ୟରେ ଏହାର ଭାଗ ୬୦୦ରୁ ୧୦୦୦ ମଧ୍ୟରେ ପହଁଚିପାରେ । ଯଦି ୨୦୧୦ ମସିହା ବେଳକୁ ଅଙ୍ଗାରକାମ୍ଳ ଗ୍ୟାସ ଏହି ସ୍ତରରେ ପହଞ୍ଚେ, ସମଗ୍ର ମାନବସମାଜ ପାଇଁ ଏହା ନିଶ୍ଚିତ ଭାବରେ ସଂକଟ ସୃଷ୍ଟି କରିବ । ଗ୍ରୀନ୍‌ହାଉସ ପ୍ରଭାବର ଭୟାବହତାରୁ ରକ୍ଷା ପାଇବାକୁ ହେଲେ କେତୋଟି ଗ୍ୟାସର ବୃଦ୍ଧିକୁ ରୋକିବାକୁ ପଡ଼ିବ । ଏହି ଗ୍ୟାସଗୁଡ଼ିକ

ଟିପ୍ପଣୀ

ମଧ୍ୟରେ ମୁଖ୍ୟ ହେଉଛି ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରେଟ୍ ଅକ୍‌ସାଇଡ୍ ଇତ୍ୟାଦି । ଭାରିଶିଳ୍ପ ଓ କ୍ଷୁଦ୍ରଶିଳ୍ପରୁ ବହିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷଣ କରୁଅଛି ଏବଂ ଏଥିରୁ ବାହାରୁଥିବା ଦୂଷିତ ଜଳ ନଦୀରେ ପ୍ରବେଶ କରି ନଦୀଜଳକୁ ମଧ୍ୟ ଦୂଷିତ କରୁଛି । ଜଙ୍ଗଲ ଧ୍ୱଂସ ହେବାଦ୍ୱାରା ତା'ର ବହୁ ପ୍ରଭାବ ପରିବେଶ ଉପରେ ପଡୁଛି । ସାଧାରଣତଃ ମଣିଷ ଏବଂ ପ୍ରାଣୀମାନେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ପରିତ୍ୟାଗ କରୁଥିବା ସମୟରେ ବୃକ୍ଷଲତା ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥାନ୍ତି । ଜଙ୍ଗଲ ଦ୍ୱାରା ବାୟୁମଣ୍ଡଳ ପରିଶୋଧିତ ହୋଇଥାଏ ଏବଂ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ପରିମାଣ କମିଥାଏ । ମାତ୍ର ଅବାଧ ଜଙ୍ଗଲ ଧ୍ୱଂସ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ି ବଢ଼ି ଚାଲିଛି । ପେଟ୍ରୋଲ, ଡିଜେଲ ଆଦିର ଅତ୍ୟଧିକ ବ୍ୟବହାର ମଧ୍ୟ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ପରିବର୍ତ୍ତିତ ପାଣିପାଗ ଯୋଗୁଁ ପୃଥିବୀ ଉତ୍ତପ୍ତ ହୋଇଉଠୁଛି । କଳକାରଖାନାରୁ ନିର୍ଗତ ହେଉଥିବା କାର୍ବନ ମନୋକ୍‌ସାଇଡ୍, ପ୍ରୋପେନ୍, କାର୍ବନ-ଡ଼ାଇ-ଅକ୍‌ସାଇଡ୍, ମିଥେନ୍, ନାଇଟ୍ରେଟ ଅକ୍‌ସାଇଡ୍, କ୍ଲୋରୋଫ୍ଲୋରୋ କାର୍ବନ୍ ଆଦି ଗ୍ୟାସ୍ ବାୟୁମଣ୍ଡଳର ନିମ୍ନଭାଗରେ ଏକ ଆବରଣ ସୃଷ୍ଟି କରିବା ଦ୍ୱାରା ପୃଥିବୀପୃଷ୍ଠରେ ସୃଷ୍ଟି ହେଉଥିବା ଉତ୍ତାପ ବାୟୁମଣ୍ଡଳ ବାହାରକୁ ଯାଇପାରୁନଥିବାରୁ ଏହା ଧୀରେ ଧୀରେ ଉତ୍ତପ୍ତ ହୋଇ ପୃଥିବୀର ନାନାବିଧ ଅପକାର ସୃଷ୍ଟି କରିଥାଏ ।ପୃଥିବୀରେ ବର୍ତ୍ତମାନ ତାପମାନ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ୧୯୬୦ ମସିହା ତୁଳନାରେ ବର୍ତ୍ତମାନ ତାପମାନ ୦.୫ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଛି । ପରିବେଶ ବିଜ୍ଞାନୀଗଣ ଅନୁମାନ କରିଛନ୍ତି ୨୦୧୦-୧୫ ବେଳକୁ ଏହା ବୃଦ୍ଧିପାଇ ୨.୦ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ୪.୫ଡ଼ିଗ୍ରୀ ସେଣ୍ଟିଗେଡ୍‌ରେ ପହଞ୍ଚିପାରେ । ଏହାଦ୍ୱାରା ପୃଥିବୀରେ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ସୃଷ୍ଟି ହେବ । ଅଦିନିଆ ବନ୍ୟା, ବାତ୍ୟା, ଅନାବୃଷ୍ଟି, ଦୁର୍ଭିକ୍ଷ ଆଦି ଦେଖାଦେବାର ସମ୍ଭାବନା ରହିବ । ଜନସଂଖ୍ୟା ବୃଦ୍ଧି ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ । ଜନସଂଖ୍ୟା ବୃଦ୍ଧି ହେଉଥିବାରୁ ସେମାନଙ୍କ ବାସସ୍ଥାନ ତଥା ବର୍ତ୍ତମାନର ସମସ୍ୟାକୁ ଆଖିଆଗରେ ରଖି ଜଙ୍ଗଲ ଧ୍ୱଂସ କରାଯାଇ ରାସ୍ତା, ଶିଳ୍ପ ଆଦିର ପ୍ରତିଷ୍ଠା କରାଯାଉଛି । ୧୯୮୫ ମସିହାରେ ଭାରତ ସହିତ ସମୁଦାୟ ୪୦ଟି ରାଷ୍ଟ୍ରମୁଖ୍ୟ ଜନସଂଖ୍ୟା ସ୍ଥିର ରଖିବାକୁ 'ଜନସଂଖ୍ୟାସ୍ଥିରତା' ରାଜିନାମାରେ ସ୍ୱାକ୍ଷର କରିଥିଲେ । ଜନସଂଖ୍ୟା ନିୟନ୍ତ୍ରିତ ହୋଇନପାରିଲେ ଭବିଷ୍ୟତ ବଂଶଧରଗଣ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବହୁବିଧ ଅସୁବିଧାର ସମ୍ମୁଖୀନ ହେବେ । ୧୯୬୦-୯୦ ମସିହା ମଧ୍ୟରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଭାରତର ପ୍ରାୟ ଦୁଇହଜାର ବର୍ଗମାଇଲ ଜଙ୍ଗଲ ନଷ୍ଟ ହୋଇଛି । ଏହିପରି ଭାବରେ ଜଙ୍ଗଲ କ୍ଷୟ ହେଲେ, ଶେଷରେ ଭାରତ ଏକ ନିପଟ ମରୁଭୂମିରେ ହିଁ ପରିଣତ ହୋଇଯିବ । କେତେକ ପରିବେଶବିତ୍ ମତ ପ୍ରଦାନ କରି କହିଛନ୍ତି ଜନସଂଖ୍ୟା ବୃଦ୍ଧି ନିରୋଧ କରାନଗଲେ ଅମ୍ଳବର୍ଷା ତଥା ଓଜୋନ୍ ମଣ୍ଡଳରେ ଗର୍ତ୍ତ ସୃଷ୍ଟି ହେବାର ବହୁ ସମ୍ଭାବନା ରହିଛି । ଜନସଂଖ୍ୟା ବୃଦ୍ଧି ଯୋଗୁଁ ମଣିଷ ନିଜର ଆବଶ୍ୟକତା ପରିପୂରଣ ନିମିତ୍ତ ଜଙ୍ଗଲରୁ ବାଉଁଶ, କାଠ ଆଦି କାଟିଥାନ୍ତି । ପୁନରାୟ ଏହି ଜଙ୍ଗଲ କ୍ଷୟଯୋଗୁଁ ପ୍ରତିବର୍ଷ ଭାରତରେ ପ୍ରାୟ ୬ହଜାର ୩୩୪ ନିୟୁତ ଟନ୍ ମୃତ୍ତିକା କ୍ଷୟ ହେଉଛି । ଯଦି ଏହି ପ୍ରକ୍ରିୟା ଚାଲୁରହେ, ତେବେ ୨୦୧୫ ମସିହା ବେଳକୁ ଭାରତର ଏକ ତୃତୀୟାଂଶ ଚାଷଜମି ନଷ୍ଟ ହୋଇଯିବ ବୋଲି ମୃତ୍ତିକା ବିଶେଷଜ୍ଞଗଣ ମତପ୍ରଦାନ କରିଛନ୍ତି । ସମ୍ପ୍ରତି ପ୍ରତି ମିନିଟ୍‌ରେ ୬ହେକ୍ଟର ଜମିର ମୃତ୍ତିକା ଅବକ୍ଷୟ ଘଟୁଛି । ପାର୍ବତ୍ୟ ଅଞ୍ଚଳରେ ୯୩.୦୬ ନିୟୁତ ଟନ୍ ମାଟି ଧସିଯାଇ ନଦୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ୨୦୨୫ ମସିହା ବେଳକୁ ପୃଥିବୀର ଜନସଂଖ୍ୟା

ଟିପ୍ପଣୀ

ଏକହଜାର କୋଟି ତଥା ଭାରତର ଜନସଂଖ୍ୟା ଶହେକୋଟିରୁ ବହୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି ।ଆଗାମୀ ଶତାବ୍ଦୀ ଶେଷବେଳକୁ ଭାରତର ଜନସଂଖ୍ୟା ଦୁଇଶହକୋଟିରୁ ଅଧିକ ହୋଇଯିବ । ଜନସଂଖ୍ୟାର ଏପରି ଅଭିବୃଦ୍ଧି ଯୋଗୁଁ ପରିବେଶ ଉପରେ ତା'ର ଭୀଷଣ କୁପ୍ରଭାବ ପଡ଼ିବ । ବିକଶିତ ରାଷ୍ଟ୍ରଗଣ ବିଭିନ୍ନ ସମୟରେ ସମୁଦ୍ର ତଥା ମରୁଭୂମିମାନଙ୍କରେ ଆଣବିକ ବୋମାର ପରୀକ୍ଷା କରୁଛନ୍ତି । ଏହାର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡୁଛି । ବାୟୁମଣ୍ଡଳ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ରୋଗବ୍ୟାଧି ସୃଷ୍ଟି ଲାଭ କରୁଛି । ଯୁଦ୍ଧ ସମୟରେ ବିଭିନ୍ନ ରାସାୟନିକ ଅସ୍ତ୍ରଶସ୍ତ୍ରର ନିର୍ମାଣ ତଥା ପ୍ରୟୋଗ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ସୃଷ୍ଟି କରୁଛି । ଜଳବାୟୁର ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର କୁ-କ୍ରିୟା ସୃଷ୍ଟି ହେଉଛି । ଦୂଷିତ ଜଳ, ରାସାୟନିକ ସାର ଏବଂ ବିଷାକ୍ତ ଔଷଧ ଦ୍ୱାରା ଉତ୍ପାଦିତ ଫସଲ ଦୂଷିତ ହୋଇଯାଉଥିବାରୁ ଏବଂ ତାକୁ ଖାଦ୍ୟରୂପେ ଗ୍ରହଣ କରୁଥିବାରୁ ମାନବସମାଜରେ ବିବିଧ ରୋଗର ଆବିର୍ଭାବ ହେଉଛି । ଅପମିଶ୍ରିତ ଖାଦ୍ୟ ମାନବର ବହୁ ଅପକାର ସାଧନ କରିବା ସଙ୍ଗେ ସଙ୍ଗେ ପରିବେଶ ଉପରେ ତା'ର କୁପ୍ରଭାବ ପକାଉଛି । ବିଳାସୀ ମଣିଷ ବିଭିନ୍ନ ପ୍ରକାର ଯାନର ବ୍ୟବହାର କରି ପରିବେଶକୁ ପ୍ରଦୂଷଣ କରୁଛି । ବହୁପ୍ରକାର ମଟରଯାନର ବ୍ୟବହାର ଏବଂ ଡ଼ିଜେଲ, ପେଟ୍ରୋଲ ଆଦି ଇନ୍ଧନଦ୍ୱାରା ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶକୁ ଦୂଷିତ କରୁଛି । ସହର ଏବଂ ଗାଁଗହଳରେ ବହୁପରିମାଣରେ ଆବର୍ଜନା ପୂରି ରହିଥାଏ । ତାକୁ ଯଥାସମୟରେ ନିଷ୍କାସନ କରାଯାଇ ନଥିବାରୁ ସେଗୁଡ଼ିକ ପରିବଶେକୁ ବିଷାକ୍ତ କରିଦେବା ସଙ୍ଗେ ସଙ୍ଗେ ନାନାବିଧ ରୋଗର କାରଣରୂପେ ଦେଖାଦେଇଥାଏ । ଖୋଲା ସ୍ଥାନରେ ଶବକୁ ଫିଙ୍ଗିବା, ମଳମୂତ୍ର ତ୍ୟାଗ, ରାସ୍ତା ପାର୍ଶ୍ୱରେ ଆର୍ବଜନା ନିକ୍ଷେପ, ମନଇଚ୍ଛା ଛେପଖଙ୍କାର ନିକ୍ଷେପ ଆଦି ମଧ୍ୟ ପରିବେଶକୁ ଦୂଷିତ କରିଥାଏ ।ବିଡ଼ି, ସିଗାରେଟ୍, ଗଞ୍ଜେଇ, ଚୁରଟ ଆଦିର ସେବନ ଦ୍ୱାରା ସେଥିରୁ ନିଷ୍କାସିତ ବିଷାକ୍ତ ଧୂଆଁ ପରିବେଶ ଦୂଷିତର ଅନ୍ୟ ଏକ କାରଣ ବୋଲି କୁହାଯାଇଥାଏ । ଅବୈଜ୍ଞାନିକ ଉପାୟରେ ନିର୍ମିତ ହୋଇଥିବା ପାଇଖାନା ତଥା ପରିସ୍ରାଗାରରୁ ବାହାରୁଥିବା ଉତ୍କଟ ଗ୍ୟାସ୍ ପରିବେଶକୁ ପ୍ରଦୂଷିତ କରିଥାଏ । ଫସଲକୁ ରକ୍ଷା କରିବା ନିମିତ୍ତ ପୋକମରା ଔଷଧର ଅଧିକ ବ୍ୟବହାର ଦ୍ୱାରା ଭୂତଳ ପାଣି ବିଷାକ୍ତ ହୋଇଯାଉଛି ଓ ତାହା ପାନୀୟ ଉପଯୋଗୀ ହୋଇ ରହିପାରୁ ନାହିଁ । ସେହି ପାଣିର ବ୍ୟବହାର ଦ୍ୱାରା ମଣିଷ ବିଭିନ୍ନ ରୋଗର ଶିକାର ହେଉଛି ।

ପରିବେଶ ପ୍ରଦୂଷଣର ଅପକାରିତା: ପରିବେଶ ପ୍ରଦୂଷଣ ମାନବସମାଜ ପାଇଁ ଏକ ଅଭିଶାପ ସଦୃଶ । ଜଙ୍ଗଲ କ୍ଷୟ ଯୋଗୁଁ ମୃତ୍ତିକା କ୍ଷୟ ହେଉଛି ଏବଂ ପ୍ରତିବର୍ଷ ୬ଶହ କୋଟି ଟଙ୍କାର ମାଟି ଧୋଇହୋଇ ଯାଉଛି । ସବୁଜ ବିପ୍ଳବ ଯୋଗୁଁ ୧୯୬୩-୮୩ମଧ୍ୟରେ ଭାରତରେ ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଖାଦ୍ୟକ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଥିଲା ।ଅଧିକ ଜନସଂଖ୍ୟା ପାଇଁ ଅଧିକ ଖାଦ୍ୟର ପ୍ରୟୋଜନ । ଏହି ସମୟସୀମା ମଧ୍ୟରେ ଖାଦ୍ୟାଭାବ ମେଣ୍ଟାଇବା ପାଇଁ ଭାରତରେ ଶତକଡ଼ା ୪୦ଭାଗ ଜମିକୁ ଚାଷ ପାଇଁ ଅଧିକଭାବେ ବ୍ୟବହାର କରିବା ଦ୍ୱାରା ତା'ର ଉତ୍ପାଦନ କ୍ଷମତା କମିଯାଇଛି । ଉଠା ଜଳସେଚନର ପ୍ରସାର ଯୋଗୁଁ ଉତ୍ତରପ୍ରଦେଶର ଗାଙ୍ଗେୟ ଉପତ୍ୟକାର ଉର୍ବର ଅଞ୍ଚଳ ଧୀରେ ଧୀରେ ଉତ୍ପାଦନ କ୍ଷମତା ହରାଉଛି ।ପରିବେଶ ବିଜ୍ଞାନୀଗଣ ସତର୍କ କରାଇଦେଇ କହିଛନ୍ତି- 'ରାଜସ୍ଥାନର ଭରତପୁର ମଧ୍ୟଦେଇ ମରୁଭୂମି ଉତ୍ତରପ୍ରଦେଶ ଆଡ଼କୁ ମାଡ଼ିଆସୁଛି ।' ଏହି ସତର୍କବାଣୀ କମ୍ ଉଦ୍‌ବେଗର କାରଣ

ଟିପ୍ପଣୀ

ନୁହେଁ । ପୃଥିବୀରେ ଅଙ୍ଗାରକାମ୍ଳ ଗ୍ୟାସର ବୃଦ୍ଧି ଯୋଗୁଁ ପାଣିପାଗ ଉପରେ ଏହାର ପ୍ରଭାବ ପଡୁଛି । ବାୟୁମଣ୍ଡଳ ଉତ୍ତପ୍ତ ହୋଇଯାଉଛି । ଏହାଦ୍ୱାରା ପୃଥିବୀର ଉତ୍ତର ଓ ଦକ୍ଷିଣ ମେରୁ ଅଞ୍ଚଳରେ ଗଚ୍ଛିତ ଥିବା ବରଫ ସବୁ ତରଳିବାକୁ ଆରମ୍ଭ କରିଛି । ଆଣ୍ଟର୍କଟିକାଠାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ସେଠାରେ ଗବେଷଣା କରୁଥିବା ବୈଜ୍ଞାନିକ ରୋଡ଼ଲେଫୋ ଡ଼େଲଭାଲି ଆର୍ଜେଣ୍ଟିନା ଅଧୀନସ୍ଥ ଲାର୍‌ସେନ୍ ଆଇସ୍ ସେଲଫ୍‌ରେ ଗୋଟିଏ ଫାଙ୍କ ସୃଷ୍ଟି ହୋଇ ବରଫ ତରଲୁଥିବାର ସୂଚନା ଦେଇସାରିଲେଣି । ଏହାଦ୍ୱାରା ମୌସୁମୀ ବାୟୁ ଉପରେ ପ୍ରଭାବ ପଡ଼ିବ । ଭାରତରେ ପ୍ରାୟ ୬୦ଭାଗ ଜମି ମୌସୁମୀ ବର୍ଷା ଉପରେ ନିର୍ଭର କରେ । ପୁନରାୟ ଏହି ବାୟୁର ଅନିୟମିତତା ଯୋଗୁଁ ଗୋ-ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ ଏବଂ ଗୃହପାଳିତ ପଶୁଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବ । ଭାରତରେ ମୁଣ୍ଡପିଛା ଜଳର ହାର ମଧ୍ୟ କମିଯାଉଛି । ବିଶ୍ୱବ୍ୟାଙ୍କର ଉପସଭାପତି ଇସ୍‌ମାଇଲ ସୂଚନା ଦେଇ କହିଛନ୍ତି ଆଗାମୀ ଶତାବ୍ଦୀରେ ଜଳ ପାଇଁ ସଘଂର୍ଷ ହେବ । ସ୍ୱାଧୀନତା ସମୟରେ ଭାରତର ମୁଣ୍ଡ ପିଛା ଜଳ ପ୍ରାପ୍ତି ଥିଲା ୫୨୩୬ କ୍ୟୁବିକ୍ ମିଟର । ୧୯୯୧ ମସିହା ବେଳକୁ ଏହାର ପରିମାଣ ହ୍ରାସ ପାଇ ୨୨୬୬ କ୍ୟୁବିକ୍ ମିଟରରେ ପହଞ୍ଚିଛି । ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ନିମିତ୍ତ ପ୍ରତିବର୍ଷ ୨୦କ୍ୟୁବିକ୍ କିଲୋମିଟର ଅଧିକ ଜଳ ଆବଶ୍ୟକ କରୁଛି । ତେଣୁ ପାନୀୟ ଜଳର ସମସ୍ୟା ମଧ୍ୟ ଭବିଷ୍ୟତରେ ଏକ ଉତ୍କଟ ସମସ୍ୟା ହୋଇ ଦେଖାଯିବ । ଯାନବାହନର ଉତ୍କଟ ଗର୍ଜନ, ଦୋକାନବଜାରମାନଙ୍କରେ ଉଚ୍ଚସ୍ୱରରେ ମାଇକ୍ ବ୍ୟବହାର ଦ୍ୱାରା ଶବ୍ଦ ପ୍ରଦୂଷଣ ହେଉଛି । ଏହାଦ୍ୱାରା ମଣିଷର ହୃଦ୍‌ଯନ୍ତ୍ର ଓ ଚିନ୍ତାଧାରା ଠିକ୍ ଭାବରେ କାର୍ଯ୍ୟ କରିପାରୁ ନାହିଁ । ପେଟ୍ରୋଲ ଗନ୍ଧ ଯୋଗୁଁ ମଣିଷର ଫୁସ୍‌ଫୁସ୍ ରୋଗାକ୍ରାନ୍ତ ହୋଇପଡୁଛି ।ସମ୍ବାଦ ପ୍ରଦୂଷଣ ଦ୍ୱାରା ମାନବର ନୈତିକ ଅଧୋପତନ ଘଟୁଛି । ଦୁର୍ନୀତି ବିକଟ କାୟାବିସ୍ତାର କରି ମାଡ଼ିଆସୁଛି । ବିଭିନ୍ନ ରାସାୟନିକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଯୋଗୁଁ ବିଷାକ୍ତ ବାଷ୍ପ ସୂର୍ଯ୍ୟଙ୍କ ଚାରିପଟେ ଏକ ସ୍ତର ସୃଷ୍ଟି କରିବା ଦ୍ୱାରା ସେଠାରୁ ଆସୁଥିବା ଅଲଟ୍ରା ଭାଓଲେଟ୍ ରେଜ୍ ପୃଥିବୀକୁ ଠିକ୍ ରୂପେ ଆସିପାରୁ ନାହିଁ । ପରିବେଶ ପ୍ରଦୂଷିତ ହେଲେ, ଜଳବାୟୁରେ ତାପମାତ୍ରା ଅଧିକ ହେଲେ, ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ମୌସୁମୀ ବାୟୁର ଅନିୟମିତତା ତଥା ମାଟିର ଉର୍ବର ଶକ୍ତି କମିଯିବ । ବୃକ୍ଷଲତାଗୁଡ଼ିକ ଠିକ୍ ସମୟରେ ଫୁଲଫଳ ଉପୁଜାଇବାକୁ ସମର୍ଥ ହେବେ ନାହିଁ । ପର୍ବତରେ ଜମା ହୋଇ ରହିଥିବା ବରଫ ତରଳି ଅଦିନିଆ ବନ୍ୟା ହେବ, ଉର୍ବର ଅଞ୍ଚଳରେ ଅନାବୃଷ୍ଟି ଦେଖାଦେବ । ବର୍ତ୍ତମାନଠାରୁ ସତର୍କ ନହେଲେ, ମଣିଷର ଭବିଷ୍ୟତ ଯେ ଅନ୍ଧକାର ହୋଇଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ପ୍ରଦୂଷଣର ନିରାକରଣ: ଜନ ସଚେତନତା ସୃଷ୍ଟି ନ ହେଲେ ପରିବେଶ ପ୍ରଦୂଷଣକୁ ରୋକିବା ସମ୍ଭବ ନୁହେଁ । ବର୍ତ୍ତମାନ ଭାରତରେ ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଅନୁଭୂତ ହେଉଛି । ଭାରତବର୍ଷରେ ଶତକଡ଼ା ୩୩ଭାଗ ଜଙ୍ଗଲ ଥିବା ସମୟରେ ବର୍ତ୍ତମାନ ଏହା ମାତ୍ର ୮ ଭାଗରେ ପହଞ୍ଚିଛି । ସେହିପରି ଓଡ଼ିଶାରେ ଶତକଡ଼ା ୪୩ଭାଗ ଜଙ୍ଗଲରୁ ବର୍ତ୍ତମାନ ୧୬ ଭାଗକୁ କମିଆସିଛି । ନୂତନ ଅରଣ୍ୟ ସୃଷ୍ଟି ଲାଭ ହେଲେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ କମିଯିବ, ମୃତ୍ତିକାକ୍ଷୟକୁ ରୋକାଯାଇପାରିବ ଏବଂ ମୌସୁମୀବାୟୁକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିବ । ଜନସଂଖ୍ୟାର ନିୟନ୍ତ୍ରଣ କରାଯାଇପାରିଲେ ପରିବେଶକୁ ବହୁପରିମାଣରେ ଦୂଷିତୀକରଣରୁ ରକ୍ଷା କରାଯାଇ ପାରିବ । ଏହାଦ୍ୱାରା ଆବଶ୍ୟକତାଠାରୁ ଅଧିକ ପରିମାଣର ଜଙ୍ଗଲ କଟାଯାଇ ପାରିବ ନାହିଁ କିମ୍ବା ଜନବସତି ସୃଷ୍ଟି ପାଇଁ ଜଙ୍ଗଲକ୍ଷୟର ଆବଶ୍ୟକ ହେବ ନାହିଁ ।

ଖାଦ୍ୟଦ୍ରବ୍ୟର ଅଧିକ ଉତ୍ପାଦନ ପାଇଁ ବିଶେଷ କୀଟନାଶକ ଔଷଧ ଓ ରାସାୟନିକ ସାରର ପ୍ରୟୋଗ କରାଯିବ ନାହିଁ । ଶିଳ୍ପର ବହୁଳ ପ୍ରତିଷ୍ଠା କରାଯାଇ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି କରାଯିବ ନାହିଁ । ମଣିଷ ନିଜର ଅହଂ ଓ ଶକ୍ତିର ପ୍ରତିଷ୍ଠା ପାଇଁ ବହୁପରିମାଣରେ ଆଣବିକ ବୋମା ଓ ରାସାୟନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି । ତାହାଦ୍ୱାରା ପରିବେଶ ବହୁପରିମାଣରେ ଦୂଷିତ ହେଉଛି । ଆନ୍ତର୍ଜାତିକ ସ୍ତରରେ ଜନସଚେତନତା ସୃଷ୍ଟି କରି ମଣିଷକୁ ଏହି ଅସ୍ତ୍ରଶସ୍ତ୍ର ନିର୍ମାଣରୁ ନିବୃତ୍ତ କରିବାକୁ ପଡ଼ିବ । ନଦୀ ଉପତ୍ୟକା ପ୍ରକଳ୍ପ ଯୋଜନାରେ ଅବବାହିକାର ବିକାଶ ପ୍ରତି ଅଧିକ ଧ୍ୟାନ ପ୍ରଦାନ କରାଯାଇ ମୃତ୍ତିକା ଅବକ୍ଷୟକୁ ରୋକାଯାଇପାରିବ । ସରକାରୀ ସ୍ତରରେ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ହେବା ଆବଶ୍ୟକ । ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ହୋଇ ଦେଖାଦେଇଛି । ଏଥିପ୍ରତି ସବୁ ସ୍ତରରେ ଧ୍ୟାନ ପ୍ରଦାନ କରାଯିବା ଆବଶ୍ୟକ । ଯାନବାହନଗୁଡ଼ିକରୁ ନିର୍ଗତ ହେଉଥିବା ବାଷ୍ପୀୟ ବର୍ଜ୍ୟ ଓ କଣିକାର ପରିମାଣକୁ ନିୟନ୍ତ୍ରଣ କରିବା ଆବଶ୍ୟକ ତଥା ଯାନବାହନମାନଙ୍କର ସଂଖ୍ୟାବୃଦ୍ଧି ନ ଘଟାଇବା ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ବାଞ୍ଛନୀୟ । ବର୍ତ୍ତମାନ ଯେଉଁ ଯାନବାହନଗୁଡ଼ିକ ନିର୍ମିତ ହେଉଛି, ତା'ର ନିର୍ମାଣ ପଦ୍ଧତିରେ ପରିବର୍ତ୍ତନ ଘଟାଇ ଅଳ୍ପ ଇନ୍ଧନ ଖର୍ଚ୍ଚ ହେଉଥିବା ଯାନବାହନ ସୃଷ୍ଟି ନିମିତ୍ତ ପ୍ରୟାସ ହେବା ଆବଶ୍ୟକ । ସିସା ବିହୀନ ପେଟ୍ରୋଲର ବ୍ୟବହାର ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲେ ବାୟୁ ପ୍ରଦୂଷଣ ଅନେକ ପରିମାଣରେ ନିୟନ୍ତ୍ରିତ ହୋଇପାରିବ । ପଥର କୋଇଲାର ଜାଳେଣି ସମୟରେ ସେଥିରେ ବାଲି ଓ ଚୂନପଥର ଗୁଣ୍ଡ ମିଶାଇଲେ ଯବକ୍ଷାରଜାନର ଅକ୍ସାଇଡ୍ ତଥା ସଲଫର ଡ଼ାଇଅକ୍ସାଇଡ୍ କମ୍ ସୃଷ୍ଟି ହେବ । କଳକାରଖାନାରୁ ନିର୍ଗତ ହେଉଥିବା ପ୍ରଦୂଷକଗୁଡ଼ିକୁ ନିୟନ୍ତ୍ରିତ କରିପାରିଲେ ବାୟୁ ପ୍ରଦୂଷଣକୁ ମଧ୍ୟ ରୋକାଯାଇପାରିବ । ଥଳି ଛଣାଯନ୍ତ୍ର, ବୈଦ୍ୟୁତିକ ଅବକ୍ଷେପକ ଦ୍ୱାରା ମଧ୍ୟ କାରଖାନାଗୁଡ଼ିକର ପ୍ରଦୂଷଣକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ । ନୂତନ ଶିଳ୍ପ ପ୍ରତିଷ୍ଠା ସମୟରେ ପରିବେଶ ଓ ପର୍ଯ୍ୟାବରଣ ନୀତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ । କ୍ଲୋରୋଫ୍ଲୋରୋ କାର୍ବନ ପ୍ରୟୋଗ ଉପରେ ସରକାରୀ ସ୍ତରରେ ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ । ଫ୍ରିଜ୍, ଗ୍ୟାସ ଟର୍ବାଇନ୍, ଧୁଳେଇ ଯନ୍ତ୍ର ଆଦିର ନିର୍ମାଣ ସମୟରେ କ୍ଲୋରୋଫ୍ଲୋରୋ କାର୍ବନର ବ୍ୟବହାର ହୋଇଥାଏ ଏବଂ ସେଥିରୁ ଏହା ନିର୍ଗତ ହୋଇ ପରିବେଶକୁ ଦୂଷିତ କରିଥାଏ । ତେଣୁ ଏହି ବସ୍ତୁଗୁଡ଼ିକ ନିର୍ମାଣ ସମୟରେ ବୈଜ୍ଞାନିକ ଉପାୟରେ ଏହାର କିପରି ନିରାକରଣ କରାଯାଇପାରିବ, ସେଥିପ୍ରତି ଧ୍ୟାନ ନିବେଶ କରାଯିବା ବାଞ୍ଛନୀୟ । ସର୍ବଶେଷରେ ସବୁ ସ୍ତରରେ ଜନ ସଚେତନତା ସୃଷ୍ଟି ନିମିତ୍ତ ସରକାରୀ ତଥା ସମାଜିକ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏହା ହୋଇପାରିଲେ ବହୁପରିମାଣରେ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ।

ପରିବେଶ ପ୍ରଦୂଷଣ ଓ ବିଶ୍ୱ ସଚେତନତା: ଆଜି ବିଶ୍ୱସ୍ତରରେ ପରିବେଶର ସୁରକ୍ଷା ନିମିତ୍ତ ଜନସଚେତନତା ସୃଷ୍ଟି ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏ କ୍ଷେତ୍ରରେ ପ୍ରଥମେ ଚେତାବନୀ ଶୁଣାଇଛି । ୧୯୭୨ ମସିହାରେ ଷ୍ଟକ୍‌ହୋମ ଓ ୧୯୯୨ ମସିହାରେ ରିଓଡ଼ି ଜେନେରିଓଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଛି । ପରିବେଶର ସୁରକ୍ଷା ନିମିତ୍ତ ଜନ ସଚେତନତା ବୃଦ୍ଧି ତଥା ବିଭିନ୍ନ ପଦକ୍ଷେପ ଗ୍ରହଣ ନିମିତ୍ତ ପ୍ରସ୍ତାବ ଗୃହୀତ ମଧ୍ୟ ହୋଇଛି ।୧୯୯୫ ମସିହା ମାର୍ଚ୍ଚ ୨୮ ତାରିଖଠାରୁ ଅପ୍ରେଲ ୭ତାରିଖ ପର୍ଯ୍ୟନ୍ତ ବର୍ଲିନ୍‌ଠାରେ ବିଶ୍ୱ ପାଣିପାଗ ସମ୍ମିଳନୀ ଅନୁଷ୍ଠିତ ହୋଇ

ଟିପ୍ପଣୀ

ପାଣିପାଗର ଦ୍ରୁତ ପରିବର୍ତ୍ତନ ନିମିତ୍ତ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏଥିରେ ବିଶ୍ୱର ୧୫୦ଟି ଦେଶର ପ୍ରତିନିଧିମାନେ ଯୋଗ ଦେଇ ପୃଥିବୀରେ ଯେପରି ଅଙ୍ଗାରକାମ୍ଳ ବାଷ୍ପ ବୃଦ୍ଧି ପାଉଛି, ସେଥିପାଇଁ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ୨୦୦୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ବାଷ୍ପର ହ୍ରାସ ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଯଦି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ୫୦ବର୍ଷ ମଧ୍ୟରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବର୍ତ୍ତମାନଠାରୁ ଦୁଇଗୁଣ ହୋଇଯିବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳର ଉତ୍ତାପ ୪ଡ଼ିଗ୍ରୀରୁ ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି । ଜାତି, ଧର୍ମ, ବର୍ଣ୍ଣ ଓ ସାମାଜିକ ସ୍ଥିତି ନିର୍ବିଶେଷରେ ବିଶ୍ୱରେ ପରିବେଶର ଉନ୍ନତି ନିମିତ୍ତ ସାମୂହିକ ଓ ସଚେତନ ପଦକ୍ଷେପ ଗ୍ରହଣ କରାଯାଇ ନ ପାରିଲେ ବିଶ୍ୱ ନିଶ୍ଚିତ ଭାବରେ ଏକ ଅଶୁଭ ସ୍ଥିତି ଦିଗକୁ ଅଗ୍ରସର ହେବ ।

ଭାରତ ଓ ପରିବେଶ ପ୍ରଦୂଷଣ: ଭାରତରେ ଅନେକ ବିଳମ୍ବରେ ପରିବେଶ ପ୍ରଦୂଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ୧୯୮୦ ମସିହାଠାରୁ ଏ କ୍ଷେତ୍ରରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ମସିହାରେ ପରିବେଶର ପର୍ଯ୍ୟାଲୋଚନା, ପ୍ରତିକାର ତଥା ଆଶୁ ପଦକ୍ଷେପ ଗ୍ରହଣ ନିମିତ୍ତ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯିବା ସଙ୍ଗେ ସଙ୍ଗେ ପରିବେଶ ଦୂଷିତୀକରଣକୁ ଏଡ଼ାଇବା ନିମିତ୍ତ ଜାତୀୟ ସ୍ତରରେ ଗୋଟିଏ କମିଟି ଗଠନ କରାଯାଇଛି । ଏହାଦ୍ୱାରା ପରିବେଶର ବିଭିନ୍ନ ପରିବର୍ତ୍ତନ ପ୍ରକ୍ରିୟାକୁ ଲକ୍ଷ୍ୟ କରାଯାଇପାରୁଛି । ସାମାଜିକ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ହେବାର ଉଦ୍ୟମ ହେଉଛି । ଅରଣ୍ୟ ସମ୍ପଦର ସୁରକ୍ଷା ନିମିତ୍ତ ବିଶେଷକରି ବୃକ୍ଷ ଛେଦନର ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ବିଭାଗମାନ ଗଠିତ ହୋଇଛି । ବୃକ୍ଷ ଛେଦନକୁ ଏକ ଅପରାଧ ରୂପେ ଗ୍ରହଣ କରାଯାଇଛି । ନିକଟ ଅତୀତରେ ମାଲେସିଆ ଓ ଇଣ୍ଡୋନେସିଆ ଜଙ୍ଗଲରେ ନିଆଁ ଲାଗି ଯେଉଁ ବିପୁଳ ବନ୍ୟସମ୍ପଦ କ୍ଷୟ ହେଲା ଏବଂ ତା'ଦ୍ୱାରା ପରିବେଶ ଉପରେ ଯେଉଁ ପ୍ରତିକୂଳ ପ୍ରଭାବ ପଡ଼ିଲା, ସେଥିପ୍ରତି ଆନ୍ତର୍ଜାତିକ ସ୍ତରରେ ଗୁରୁତ୍ୱ ଆରୋପ କରାଯାଇଛି । ଭାରତ ମଧ୍ୟ ଏହି ଜଙ୍ଗଲ କ୍ଷୟରୁ କିଛି ଶିକ୍ଷା କରିଛି ବୋଲି ବିଶ୍ୱାସ । ଆମ ଦେଶରେ ଯେଉଁ ୮୦ଟି ଜାତୀୟ ପାର୍କ ଏବଂ ୪୪ଟି ଅଭୟାରଣ୍ୟ ରହିଛି, ତା'ର ସୁରକ୍ଷା ନିମିତ୍ତ ସରକାରୀ ସ୍ତରରେ ସଚେତନତା ଲକ୍ଷ୍ୟ କରାଯାଇଛି । ଦେଶର ୪.୫% ଅଞ୍ଚଳରେ ସୁରକ୍ଷିତ ଜୀବଜଗତର ଉପଯୁକ୍ତ ତତ୍ତ୍ୱ ନେବା ନିମିତ୍ତ ପରିବେଶ ବିଜ୍ଞାନୀମାନେ ଗୁରୁତ୍ୱ ଆରୋପ କରିଛନ୍ତି । ୧୯୯୩ ମସିହାରେ ଭାରତୀୟ ସାଧାରଣ ପ୍ରଶାସନ ପ୍ରତିଷ୍ଠାନ ତରଫରୁ କରାଯାଇଥିବା ଏକ ସର୍ଭେରେ ଭାରତୀୟ ଉଦ୍ଭିଦ ଜଗତ ତଥା ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ବାର୍ଷିକ ୫ଶହ କୋଟି ଟଙ୍କା ଆବଶ୍ୟକ ବୋଲି କୁହାଯାଇଥିବା ସମୟରେ ଏଥିପାଇଁ ମାତ୍ର ଏକଶହ କୋଟି ଟଙ୍କା ମିଳୁଛି । ତେଣୁ ସରକାରୀ ସ୍ତରରେ ଅଧିକ ଅର୍ଥ ବରାଦ ପାଇଁ ବ୍ୟବସ୍ଥା ହେବା ଆବଶ୍ୟକ । କେବଳ ସରକାରୀ ସ୍ତରରେ କାହିଁକି, ଏଥି ନିମିତ୍ତ ସବୁ ସ୍ତରରେ ମଧ୍ୟ ଉଦ୍ୟମ ଜାରି ରହିବା ବାଞ୍ଛନୀୟ ।

ମାନବ ଜୀବନରେ ପ୍ରଦୂଷଣ ନିରାକରଣର ଆବଶ୍ୟକତା: ମାନବ ଜୀବନରେ ପରିବେଶ ପ୍ରଦୂଷଣର ନିରାକରଣ ଅତ୍ୟନ୍ତ ଜରୁରୀ । ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ନପାରିଲେ ବର୍ତ୍ତମାନର ମଣିଷ ଓ ସେମାନଙ୍କର ଭବିଷ୍ୟତ ବଂଶଧରଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇଉଠିବ । ଅନେକ ବ୍ୟକ୍ତି ଅଚିହ୍ନା ରୋଗର ଶିକାର ହୋଇ ଅକାଳରେ ପ୍ରାଣ ବିସର୍ଜନ କରିବେ । ଉପଯୁକ୍ତ ପିଇବା ଜଳ ଓ ବାୟୁ ଅଭାବରୁ ମଣିଷର ଶରୀର ଯଥାଯଥ ଭାବେ ପୁଷ୍ଟ ହୋଇପାରିବ ନାହିଁ । ଅସମୟରେ ପ୍ରାକୃତିକ ବିପର୍ଯ୍ୟୟ

ମଣିଷର ଜୀବନଧାରଣର ମାନଦଣ୍ଡକୁ ଭାଙ୍ଗିଦେବ । ପ୍ରଚୁର ବାରିପାତ, ବନ୍ୟା, ଅନାବୃଷ୍ଟି, ମୃତ୍ତିକାକ୍ଷୟ ଅସମୟରେ ଲାଗି ରହିବ । ମୌସୁମୀବାୟୁର ଅନିୟମିତତା କୃଷି ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେବ । ତେଣୁ ମାନବ ଜୀବନକୁ ସୁସ୍ଥ, ସୁନ୍ଦର, ନିରାମୟ ଓ ସ୍ୱାସ୍ଥ୍ୟକର କରିବାକୁ ହେଲେ ପ୍ରଥମେ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ ।

ଉପସଂହାର: ସାମ୍ପ୍ରତିକ ସମୟରେ ପରିବେଶର ସୁରକ୍ଷା ବିଶ୍ୱ ସମ୍ମୁଖରେ ଏକ ବିଶେଷ ସମସ୍ୟା ହୋଇ ଦେଖାଦେଇଛି । କେବଳ ଜାତୀୟ ସ୍ତରରେ ବା ଆନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ଜାରି ରହିଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଜନସଚେତନତା ସୃଷ୍ଟି ନହୋଇଛି, ସେପର୍ଯ୍ୟନ୍ତ ଏହା ଏକ ସମସ୍ୟା ହୋଇ ରହିଥିବ । ଏବେ ମଧ୍ୟ ଆମ ସମାଜରେ ଶବକୁ ପଡ଼ିଆରେ ଫୋପାଡ଼ିଦେବା ବା ନଈରେ ଭସାଇଦେବା କାର୍ଯ୍ୟ ଚାଲିଛି । ଏହାଦ୍ୱାରା ଉଭୟ ବାୟୁ ଓ ଜଳ ପ୍ରଦୂଷଣ ହେଉଛି । ନାଳନର୍ଦ୍ଦମାର ଧାରକୁ କେନାଲ ଏବଂ ନଈ ମଧ୍ୟକୁ ଛାଡ଼ି ଦିଆଯାଉଛି । ରାସ୍ତାକଡ଼ରେ ବା ଖୋଲା ପଡ଼ିଆରେ ଅବାଧ ମଳତ୍ୟାଗ ଚାଲିଛି । ଛେପ, ଖଙ୍କାର ବା ସିଂଘାଣି ଯେଉଁଠାରେ ନାହିଁ ସେଠାରେ ପକାଇ ଦିଆଯାଉଛି । ବୈଜ୍ଞାନିକ ଉପାୟରେ ପାଇଖାନା ପ୍ରସ୍ତୁତ ହେଉ ନାହିଁ । ଜନସଚେତନତାର ଅଭାବରୁ ଏହିପ୍ରକାର ବିବିଧ ସମସ୍ୟା ସୃଷ୍ଟି ହେଉଛି । ବିଶ୍ୱ ଜାତିସଂଘ (U.N.O) ତରଫରୁ ପ୍ରତିବର୍ଷ ଜୁନମାସ ୫ ତାରିଖକୁ World Day ବା ଧରିତ୍ରୀ ଦିବସ ବା ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ପରିବେଶ ସୁରକ୍ଷା ନିମିତ୍ତ ସେମାନଙ୍କୁ ଉତ୍ସାହିତ କରିବା । ସବୁ ସ୍ତରରେ ଏହି ଜନସଚେତନତା ସୃଷ୍ଟି ହୋଇପାରିଲେ, ବିଶ୍ୱ ନିଶ୍ଚିତ ଭାବରେ ଏକ ଆଶୁ ବିପଦରୁ ଯେ ରକ୍ଷା ପାଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

●●●

ଟିପ୍ପଣୀ

୭

ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧ

ମଣିଷ ମୁଖ୍ୟତଃ ଏକ ସାମାଜିକ ପ୍ରାଣୀ । ସାମାଜିକ ଜୀବନ ଯେତିକି ସୁଖ ଓ ଶାନ୍ତିମୟ ହେବ, ମଣିଷର ଜୀବନ ସେତିକି ଆନନ୍ଦଦାୟକ ହେବ । ଆଜିର ବିଶ୍ୱ ଏକ ବିରାଟ ସମାଜ । ବହୁ ଭିନ୍ନତା ମଧ୍ୟରେ ମାନବ ସମାଜ ତିଷ୍ଠି ରହିଛି । ଭିନ୍ନ ଧର୍ମ, ଭିନ୍ନ ଜାତି, ଭିନ୍ନ ଖାଦ୍ୟ ପେୟ, ଚାଲିଚଳଣ ଭିତରେ ବି ମାନବ ସମାଜ ଆଗକୁ ଚାଲିଛି । ମଣିଷ ଯେତେବେଳେ ସାମାଜିକ ପ୍ରାଣୀ ହିସାବରେ ରହିଛି ସେତେବେଳେ ଏହାର ବିକାଶ ଆବଶ୍ୟକ । ଅନେକ ସମୟରେ ବିଭିନ୍ନ ସମସ୍ୟା ଉପୁଜିଥାଏ, ଯାହାଫଳରେ ମାନବ ସମାଜର ସାମାଜିକ ବିକାଶରେ ବାଧା ଘଟେ । ଏହି ସମସ୍ୟା ପ୍ରତି ସଚେତନ ହେବାପାଇଁ ଏବଂ ଏହାର ପ୍ରତିକାର ବିଷୟରେ ଚିନ୍ତା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧଗୁଡ଼ିକ ଭିତରେ ସୁଯୋଗ ସୃଷ୍ଟି କରାଯାଇଥାଏ । ଏହି ପୁସ୍ତକରେ ଯେଉଁ ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧଗୁଡ଼ିକ ସ୍ଥାନିତ କରାଯାଇଛି ସେଥିରେ ଆମ ଭାରତର ସାମାଜିକ ସମସ୍ୟା ଠାରୁ ଆରମ୍ଭ କରି ବିଶ୍ୱ ସମସ୍ୟା ପର୍ଯ୍ୟନ୍ତ ଉଲ୍ଲେଖ କରାଯାଇଛି । ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ଉପାଦେୟ ହେବ ବୋଲି ଆଶା କରାଯାଉଛି ।

୭.୧ ଭାରତର ଗଣତନ୍ତ୍ରରେ ନାଗରିକର ମୌଳିକ ଅଧିକାର

ଉପକ୍ରମ: ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ଗୋଟିଏ ଗୋଟିଏ ସମ୍ବିଧାନ ରହିଥାଏ । ସମ୍ବିଧାନ ଦେଶର ଦର୍ପଣ ସଦୃଶ । ଏହା ପୁଣି ଦେଶର ନୀତିନିୟମ ନିର୍ଦ୍ଧାରକ । ଗୋଟିଏ ଦେଶର ଆଶା- ଆକାଂକ୍ଷା, କାର୍ଯ୍ୟପଦ୍ଧତି, ନୀତି-ନିୟମ ସମ୍ବିଧାନର କଳେବର ମଣ୍ଡନ କରିଥାଏ । ତାହାକୁ ଅନୁସରଣ କରି ଦେଶର ଶାସନକାର୍ଯ୍ୟ ପରିଚାଳିତ ହୋଇଥାଏ ।ଭାରତ ୧୯୪୭ ମସିହା ଅଗଷ୍ଟ ୧୫ତାରିଖରେ ସ୍ୱାଧୀନତା ଲାଭକଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ଏହି ଦିନଠାରୁ ଭାରତର ସ୍ୱତନ୍ତ୍ର ସମ୍ବିଧାନ କାର୍ଯ୍ୟକାରୀ ହେବାକୁ ଲାଗିଲା । ଗଣତନ୍ତ୍ର ରାଷ୍ଟ୍ରରେ ବ୍ୟକ୍ତିର ସୁରକ୍ଷା ଓ ସୁବିଧା ନିମିତ୍ତ ଜନସାଧାରଣଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଯଦି କୌଣସି ସମୟରେ ବ୍ୟକ୍ତି ଏହି ଅଧିକାରରୁ ବଞ୍ଚିତ ହୁଏ, ତେବେ ଏହାର ପୁନର୍ଲାଭ ନିମିତ୍ତ ସେ ଉଚ୍ଚନ୍ୟାୟାଳୟ ବା ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ । ମଣିଷର ସାମାଜିକ, ରାଜନୀତିକ ଓ ଆର୍ଥନୀତିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମୌଳିକ ଅଧିକାରଗୁଡ଼ିକ ସୃଷ୍ଟି କରାଯାଇଛି । ଭାରତୀୟ ସମ୍ବିଧାନର ଏହାହିଁ ହେଉଛି ସର୍ବଶ୍ରେଷ୍ଠ ଲୋଭନୀୟ ବୈଶିଷ୍ଟ୍ୟ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଣତନ୍ତ୍ର ସାମ୍ବିଧାନିକ ସରକାର ଉପରେ ଗୁରୁତ୍ୱ ଆରୋପ କଲା । ଏହି ସରକାର କେତେକ ନିୟମରେ ଆବଦ୍ଧ ହୋଇଥିବାରୁ ସ୍ୱେଚ୍ଛାଚାରୀ ସରକାର ପରି ଲୋକବିରୋଧୀ ନୁହେଁ । ଇଂଲଣ୍ଡରେ ଜନସାଧାରଣ ସେମାନଙ୍କର ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟପାଳିକା ଶକ୍ତିର ଅପବ୍ୟବହାରରୁ ରକ୍ଷା କରିବା ପାଇଁ କେତେଗୁଡ଼ିଏ ବ୍ୟବସ୍ଥା ଗ୍ରହଣ କରିଥିଲେ । ମାତ୍ର ବ୍ୟବସ୍ଥାପକ ସଭା ଯେକୌଣସି ମୁହୂର୍ତ୍ତରେ ଇଂଲଣ୍ଡବାସୀଙ୍କ ଏହି ଅଧିକାରଗୁଡ଼ିକୁ ସଙ୍କୁଚିତ କରି ଦେଶର ଅଧିକାର ଲାଭ କରିଛି । ଆମେରିକାରେ

ସମ୍ବିଧାନ ପ୍ରଣେତାଗଣ ଲୋକଙ୍କର ମୌଳିକ ଅଧିକାରଗୁଡ଼ିକୁ ଉଭୟ ବ୍ୟବସ୍ଥାପକ ସଭା ଓ କାର୍ଯ୍ୟପାଳିକା ଶକ୍ତିଠାରୁ ମୁକ୍ତ ରଖିବାକୁ ଚେଷ୍ଟା କରିଥିବାରୁ ଏହା ଅଧିକ ଗଣତାନ୍ତ୍ରିକ । କୌଣସି ମୁହୂର୍ତ୍ତରେ ଆମେରିକା କଂଗ୍ରେସ ଏହି ମୌଳିକ ଅଧିକାରଗୁଡ଼ିକୁ ସଙ୍କୁଚିତ କରିବାକୁ ଚେଷ୍ଟାକଲେ ନ୍ୟାୟପାଳିକା ଲୋକମାନଙ୍କୁ ଏ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବାକୁ ସମର୍ଥ ହୋଇପାରିବ । ମାତ୍ର ଇଂଲଣ୍ଡରେ ସଂସଦ ଅଧିକ କ୍ଷମତାଶାଳୀ ହୋଇଥିବାରୁ ନ୍ୟାୟପାଳିକା ମଧ୍ୟ ଇଂଲଣ୍ଡବାସୀଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବାକୁ ସମର୍ଥ ହୋଇଥାଏ । ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ପ୍ରଣୟନ ସମୟରେ ପ୍ରଣେତାଗଣ ଆମେରିକା ସାମ୍ବାଧାନିକ ବ୍ୟବସ୍ଥା ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି । ୧୯୩୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କରାଚୀ ଅଧିବେଶନରେ ପଣ୍ଡିତ ଜବାହରଲାଲ ନେହେରୁ ମୌଳିକ ଅଧିକାର ସମ୍ପର୍କରେ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତା'ର ସାମାନ୍ୟ ପରିବର୍ତ୍ତନ କରାଯାଇ ଭାରତୀୟ ସମ୍ବିଧାନରେ ତାହାକୁ ରଖାଯାଇଛି । ସମ୍ବିଧାନର ତୃତୀୟ ପରିଚ୍ଛେଦରେ ଏହା ସ୍ଥାନିତ ହୋଇଛି । ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ଏହାର ଉପଯୋଗିତାକୁ ଲକ୍ଷ୍ୟକରି ଉକ୍ତ ଅଧିକାରଗୁଡ଼ିକୁ ମୌଳିକ ଅଧିକାର ବୋଲି ନାମିତ କରାଯାଇଛି । ପ୍ରଥମ ସମ୍ବିଧାନ ପ୍ରଣୟନ ସମୟରେ ବ୍ୟକ୍ତିର ସାତଟି ମୌଳିକ ଅଧିକାର ସଂପର୍କରେ ଉଲ୍ଲେଖ କରାଯାଇଥିଲା । ମାତ୍ର ୧୯୭୮ ମସିହାରେ ୪୪ତମ ସଂଶୋଧନରେ ସଂପତ୍ତିଗତ ଅଧିକାରକୁ ଉଚ୍ଛେଦ କରାଯାଇଛି । ଏହା ମୌଳିକ ଅଧିକାର ଅନ୍ତର୍ଭୁକ୍ତ ନହୋଇ ଆଇନଗତ ଅଧିକାରଭୁକ୍ତ ହୋଇଛି । ଏହି ଆଇନ ଅନୁଯାୟୀ ଜଣେ ବ୍ୟକ୍ତିର ସଂପତ୍ତି ଅଧିକାର, କ୍ରୟ, ବିକ୍ରୟ ବା ଉପଭୋଗ କରିବାର କ୍ଷମତା ରହିଛି । ମାତ୍ର ଯଦି କାର୍ଯ୍ୟପାଳିକା ସେହି ସଂପତ୍ତିକୁ ନିଜ ଅଧିକାରଭୁକ୍ତ କରେ ଅଥବା ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରି ତାହାକୁ ବ୍ୟକ୍ତିଠାରୁ ଉଚ୍ଛେଦ କରେ, ତେବେ ଏଥିପାଇଁ ବ୍ୟକ୍ତି ନ୍ୟାୟାଳୟର ଆଶ୍ରୟ ନେଇପାରିବ ନାହିଁ । ମାତ୍ର ଯଦି ତା'ର ମୌଳିକ ଅଧିକାର ଉଚ୍ଛେଦ ହୁଏ ସେ ନ୍ୟାୟାଳୟର ଆଶ୍ରୟ ନେଇ ତାହାକୁ ପୁନଃ ଫେରି ପାଇଥାଏ । ଏହି ଦୃଷ୍ଟିରୁ ମୌଳିକ ଅଧିକାରଗୁଡ଼ିକର ସାମ୍ବିଧାନିକ ବିଶେଷତ୍ୱ ରହିଛି ଓ ତାହା ଅଧିକ ପରିମାଣରେ ସୁରକ୍ଷିତ ।

ଭାରତୀୟ ନାଗରିକ ମୌଳିକ ଅଧିକାରଗୁଡ଼ିକ ବ୍ୟତୀତ ଅନ୍ୟ କେତେକ ଅଧିକାର ଲାଭ କରିଥାଏ । ସମ୍ବିଧାନର ୩୨ ଧାରା ଅନୁଯାୟୀ ଯଦି କୌଣସି ବ୍ୟକ୍ତି ମୌଳିକ ଅଧିକାରକୁ ବଂଚିତ ହୋଇଛି ବୋଲି ଅନୁଭବ କରେ, ତେବେ ସେ ଏଥିପ୍ରତି ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ । ମାତ୍ର ଅନ୍ୟ ଅଧିକାରଗୁଡ଼ିକ ପାଇଁ ସେ ଉଚ୍ଚ ନ୍ୟାୟାଳୟ ବା ଅନ୍ୟ ନ୍ୟାୟାଳୟମାନଙ୍କର ସହାୟତା ନେଇପାରିବ । କେତେକ ମୌଳିକ ଅଧିକାର ରହିଛି, ଯାହା କେବଳ ନାଗରିକମାନଙ୍କୁ ପ୍ରଦାନ କରାଯାଇଥାଏ । ଆଉ କେତେକ ମୌଳିକ ଅଧିକାର ଉଭୟ ବିଦେଶୀ ଓ ନାଗରିକ ଉପଭୋଗ କରିବାକୁ ସମର୍ଥ ହୋଇଥାନ୍ତି । ୧୫ ଧାରା ଅନୁଯାୟୀ ପ୍ରତ୍ୟେକ ନାଗରିକ ଧର୍ମ, ଜାତି, ଲିଙ୍ଗ ଏବଂ ଜନ୍ମସ୍ଥାନ ନିର୍ବିଶେଷରେ ନିରାପତ୍ତା ଲାଭ କରିପାରିବେ । ୧୬ ଧାରା ଅନୁସାରେ ସରକାରୀ ନିଯୁକ୍ତି କ୍ଷେତ୍ରରେ ସମସ୍ତେ ସମାନ ସୁଯୋଗ ଲାଭ କରିପାରିବେ । ୧୯ ଧାରା ଅନୁଯାୟୀ ସମସ୍ତେ ବାକ୍ ସ୍ୱାଧୀନତା, ସଂଗଠନ ଗଠନ, ଆନ୍ଦୋଳନ, ଇଚ୍ଛା ଅନୁରୂପ ବୃତ୍ତି, ଗୃହ ନିର୍ମାଣ ଆଦି କରିପାରିବେ । ୩୦ ଧାରାର ସଂଖ୍ୟା ନ୍ୟୂନ ବ୍ୟକ୍ତିମାନେ ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଲାଭ କରିପାରିବେ । କେତେକ ଅଧିକାର ରହିଛି, ଯାହା ବିଦେଶୀ ଓ ନାଗରିକ ନିର୍ବିଶେଷରେ ସମସ୍ତେ ଭାରତର ମାଟିରେ ତାହା ଲାଭ କରିପାରିବେ । ସେଗୁଡ଼ିକ ହେଉଛି - ଆଇନ ଚକ୍ଷୁରେ ସମସ୍ତେ

ଟିପ୍ପଣୀ

ସମାନ । ବ୍ୟକ୍ତିଗତ ସୁରକ୍ଷା, ଶୋଷଣ ବିରୋଧୀ ଅଧିକାର ଏବଂ ଧର୍ମଗତ ଅଧିକାର । ଭାରତୀୟ ସମ୍ବିଧାନର ଏହି ମହାନତା ଭାରତୀୟ ଜୀବନଦର୍ଶନର ପ୍ରତିଫଳନ କହିଲେ ଭୁଲ୍ ହେବ ନାହିଁ ।

ସମ୍ବିଧାନର ତୃତୀୟ ପରିଚ୍ଛେଦରେ ୬ ପ୍ରକାର ମୌଳିକ ଅଧିକାର ସଂପର୍କରେ ଆଲୋଚନା କରାଯାଇଛି । ପ୍ରଥମ ମୌଳିକ ଅଧିକାର ହେଉଛି ସମାନତାର ଅଧିକାର । ସମ୍ବିଧାନର ୧୪ରୁ ୧୮ ଧାରା ପର୍ଯ୍ୟନ୍ତ ଏହି ଅଧିକାର ସଂପର୍କରେ ଆଲୋଚିତ ହୋଇଛି । ୧୪ ଧାରାରେ ଉଲ୍ଲେଖ ଅଛି - The State shall not deny to any person equality before law or the equal protection of the laws within the territory of india. ଭାରତ ବର୍ଷର ସମସ୍ତ ନାଗରିକ ଆଇନ ଦୃଷ୍ଟିରେ ସମାନ ଏବଂ ଆଇନ ସମସ୍ତଙ୍କୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତି ଦେଇଛି । ଧାରା ୧୫ ଭାରତର ନିରପେକ୍ଷ ଦୃଷ୍ଟିଭଙ୍ଗୀକୁ ପ୍ରମାଣିତ କରିଛି । ଏହାଦ୍ୱାରା ଜାତୀୟ ଏକତା ଦୃଢ଼ୀଭୂତ ହୋଇଛି ବୋଲି ନିର୍ବିବାଦରେ କୁହାଯାଇପାରେ । କାରଣ ଏହି ଧାରାରେ ପକ୍ଷପାତ ନୀତିକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏଥିରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି - ଜାତି, ଧର୍ମ, ଲିଙ୍ଗ, ଜନ୍ମସ୍ଥାନ ଆଦି ଭେଦରେ କୌଣସି ନାଗରିକଙ୍କୁ ରାଷ୍ଟ୍ର ତା'ର ଅଧିକାରରୁ ବଂଚିତ କରିପାରିବ ନାହିଁ । ୧୬ ଧାର ଅନୁଯାୟୀ ପ୍ରତ୍ୟେକ ନାଗରିକ ନିଯୁକ୍ତି କ୍ଷେତ୍ରରେ ସମାନ ଅଧିକାର ଲାଭ କରିବେ । ଅବଶ୍ୟ ଏ କ୍ଷେତ୍ରରେ କେତେକ ଅନଗ୍ରସର ଜାତି ପାଇଁ ରାଷ୍ଟ୍ର କିଛି ସରକାରୀ ଚାକିରି ସଂରକ୍ଷଣ କରିପାରିବାର କ୍ଷମତା ଲାଭ କରିଛି । ୧୭ ଧାରା ଅନୁଯାୟୀ କୌଣସି ନାଗରିକ ଅଛୁଆଁ ନୁହନ୍ତି । ଯଦି କୌଣସି ବ୍ୟକ୍ତି ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି କରେ, ତେବେ ସେ ଆଇନ ଦ୍ୱାରା ଦଣ୍ଡିତ ହେବ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ରାଷ୍ଟ୍ର କୌଣସି ବ୍ୟକ୍ତିଙ୍କୁ ସଂଜ୍ଞା ବା ସମ୍ମାନ ପ୍ରଦାନ କରି ଅନ୍ୟମାନଙ୍କ ଠାରୁ ତାକୁ ସ୍ୱତନ୍ତ୍ର ଭାବରେ ଗଣନା କରିପାରିବ ନାହିଁ ବୋଲି ୧୮ ଧାରାରେ କୁହାଯାଇଛି । ଦ୍ୱିତୀୟ ମୌଳିକ ଅଧିକାର ହେଉଛି ବାକ୍ ସ୍ୱାଧୀନତାର ଅଧିକାର । ୧୯ରୁ ୨୨ ଧାରା ମଧ୍ୟରେ ଏହି ଅଧିକାର ସମ୍ବନ୍ଧରେ ଆଲୋଚନା ହେଉଛି । ୧୯ ଧାରାରେ ସାତ ପ୍ରକାର ସ୍ୱାଧୀନତା ସଂପର୍କରେ କୁହାଯାଇଥିଲା । ମାତ୍ର ୪୪ ତମ ସଂଶୋଧନ ପରେ ଏହାର ସଂଖ୍ୟା ଛ'କୁ ହ୍ରାସ ପାଇଛି । ଏଥିରେ ସଂପତ୍ତିଗତ ଅଧିକାର ବାଦ ପଡ଼ିଛି । ଏହି ଧାରା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ବାକ୍ ସ୍ୱାଧୀନତା ଏବଂ ସ୍ୱାଧୀନ ଭାବରେ ମତ ଅଭିବ୍ୟକ୍ତ କରିବାର ଅଧିକାର ପାଇଛନ୍ତି । ଭାରତର ଯେକୌଣସି ସ୍ଥାନରେ ବିନା ଅସ୍ତ୍ରଶସ୍ତ୍ରରେ ଏକତ୍ରିତ ହେବାର ଅଧିକାର ଭାରତୀୟ ନାଗରିକଙ୍କୁ ସମ୍ବିଧାନ ପ୍ରଦାନ କରିଛି । ନିଜର ବା ସମାଜର ଉନ୍ନତି ପାଇଁ ସଂଗଠନ ବା ସମିତି ଗଠନ କରିବାର ଅଧିକାର ସେମାନଙ୍କର ରହିଛି । ଭାରତ ମଧ୍ୟରେ ସ୍ୱଚ୍ଛନ୍ଦରେ ଯେକୌଣସି ସ୍ଥାନରେ ବୁଲିବାର କୌଣସି କଟକଣା ନାହିଁ । ଭାରତର ଯେକୌଣସି ସ୍ଥାନରେ ବସବାସ କରିବାର ଅଧିକାର ନାଗରିକମାନେ ପାଇଛନ୍ତି । ନିଜର ବଂଚିବା ପାଇଁ ସେମାନେ ଯେକୌଣସି ବୃତ୍ତି ଅବଲମ୍ବନ କରିବାର ଅଧିକାର ପାଇଛନ୍ତି । ଏହା ସତ୍ତ୍ୱେ ଦୁଇଟି ଅଧିକାର ଉପରେ ସମ୍ବିଧାନ କିଛି ପରିମାଣରେ କଟକଣା ଜାରି କରିଛି । ସମସ୍ତଙ୍କର ବାକ୍ ଅଧିକାର ରହିଥିଲେ ହେଁ, ଯେକୌଣସି କଥା କହିବାର ଅଧିକାର ନାହିଁ । ଯେଉଁ କଥା ଅନ୍ୟର ସମ୍ମାନ ହାନି କରେ ବା ରାଷ୍ଟ୍ରର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରେ, ସେପରି କଥା ପ୍ରତି ଅଙ୍କୁଶ ମରାଯାଇଛି । ସେହିପରି ଅନୁଷ୍ଠାନ ବା ସଂଗଠନ ଗଢ଼ିବାର ଅଧିକାର ଥିଲେ ହେଁ, ଯେଉଁ ଅନୁଷ୍ଠାନ ଦ୍ୱାରା ରାଷ୍ଟ୍ର, ବ୍ୟକ୍ତି ବା ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ରହିଛି ସେପରି ଅନୁଷ୍ଠାନକୁ ବାସନ୍ଦ କରିବାର ଅଧିକାର ରାଷ୍ଟ୍ରର ରହିଛି । ସେଥିପାଇଁ

୨୧ ଧାରାରେ ସୂଚନା ଦିଆଯାଇ କୁହାଯାଇଛି - "No person shall be deprived of his life or personal liberty except according to procedure established by law". ୨୨ ଧାରାରେ କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ କରାଯାଇପାରିବ ନାହିଁ ବୋଲି କୁହାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ତା'ର ଗିରଫର କାରଣ ସଂପର୍କରେ ଜାଣିବାରେ ଅଧିକାର ରହିଛି । ଏଥିପାଇଁ ଅଦାଲତରେ ସେ ନିଜ ପାଇଁ ଓକିଲ ମଧ୍ୟ ଦେଇ ଦୋଷମୁକ୍ତ ହୋଇପାରିବ । ଶୋଷଣ ବିରୋଧୀ ଅଧିକାର ହେଉଛି ତୃତୀୟ ମୌଳିକ ଅପରାଧ । ୨୩ ଏବଂ ୨୪ ଧାରା ଏ ସଂପର୍କରେ ବିସ୍ତୃତ ଆଲୋଚନା କରିଛି । ଶୋଷଣ ଏକ ଅମାନବିକ ପ୍ରକୃତି । ଶୋଷଣ ଦ୍ୱାର ବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୁଏ । ସ୍ୱାଧୀନତାର ପ୍ରକୃତ ସ୍ୱାଦ ସେ ଉପଭୋଗ କରିପାରେ ନାହିଁ । ତେଣୁ ଦାସତ୍ୱ ପ୍ରଧାନ, ବେଠି ପ୍ରଥା, ୧୪ ବର୍ଷରୁ କମ୍ ପିଲାମାନଙ୍କୁ ବିଭିନ୍ନ ଖଣି, କଳାକାରଖାନା ବା ବିପଜ୍ଜନକ ସ୍ଥାନରେ ନିଯୁକ୍ତି ପ୍ରଥାକୁ ଏଥିରେ ବିରୋଧ କରାଯାଇଛି । ଧର୍ମଗତ ସ୍ୱାଧୀନତା ଅଧିକାର ହେଉଛି ୪ର୍ଥ ମୌଳିକ ଅଧିକାର । ଭାରତରେ ବହୁଧର୍ମ ରହିଛି । ବିଭିନ୍ନ ଧର୍ମର ସମନ୍ୱୟ ଘଟିଛି ଭାରତବର୍ଷରେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ଏକତ୍ରିତ ହୋଇ ବ୍ରିଟିଶ୍ ରାଜସ୍ୱ ବିରୋଧୀରେ ସଂଗ୍ରାମ କରିଥିଲେ । ତେଣୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ସଦ୍ଭାବ ପ୍ରତିଷ୍ଠା କରିବା ଆମମାନଙ୍କର ପରମ କର୍ତ୍ତବ୍ୟ । ୨୫ରୁ ୨୮ ଧାରା ମଧ୍ୟରେ ଭାରତର ଧର୍ମ ନିରପେକ୍ଷ ନୀତିର ଆଲୋଚନା କରାଯାଇଛି । କୌଣସି ବ୍ୟକ୍ତିକୁ ଧର୍ମ ଗ୍ରହଣ କିମ୍ବା ପ୍ରଚାର ପ୍ରସାର ନିମିତ୍ତ ଚାନ୍ଦା ଦେବାକୁ ବାଧ କରାଯାଇପାରିବ ନାହିଁ କିମ୍ବା ଶିକ୍ଷାନୁଷ୍ଠାନରେ ନିର୍ଦ୍ଦିଷ୍ଟ ଧର୍ମପାଠ କରାଯିବ ନାହିଁ ବୋଲି ସୂଚିତ ହୋଇଛି । କାହା ଉପରେ ବାଧକରି କୌଣସି ଧର୍ମକୁ ମଧ୍ୟ ଲଦି ଦିଆଯାଇପାରିବ ନାହିଁ । ନିଜ ବିବେକ ଅନୁଯାୟୀ ଧର୍ମଗ୍ରହଣ ପ୍ରଚାର କରିବାର ଅଧିକାର ବ୍ୟକ୍ତିର ରହିଛି । ସମ୍ବିଧାନର ୩ୟ ପରିଚ୍ଛେଦର ୨୯ ଏବଂ ୩୦ ଧାରାରେ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ସଂପର୍କରେ କୁହାଯାଇଛି । ଏହା ହେଉଛି ବ୍ୟକ୍ତିର ପଞ୍ଚମ ମୌଳିକ ଅଧିକାର । ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଚଳଣି ଓ ଆଚାରର ବ୍ୟକ୍ତି ବାସକରୁଥିବାରୁ ବହୁ ସଂସ୍କୃତିର ମିଳନ ଭାରତରେ ଦେଖାଯାଏ । ପ୍ରତ୍ୟେକ ଗୋଷ୍ଠୀ ବା ବ୍ୟକ୍ତିର ସଂସ୍କୃତି ଓ ଶିକ୍ଷାକୁ ସ୍ୱାଧୀନତା ପ୍ରଦାନ କରିଛି ଭାରତୀୟ ସମ୍ବିଧାନ । ୨୯ ଧାରା ଅନୁଯାୟୀ 'Any section of the citizens residing in the territory of India or any part there of having a distinct language script or culture of its own shall have the right to conserve the same'. ସଂଖ୍ୟାଲଘୁ ସମ୍ପ୍ରଦାୟ ନିଜର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ଅଧିକାର ଲାଭ କରିଛନ୍ତି । ତେଣୁ ୨୯ ଓ ୩୦ ଧାରାରେ ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣର ସାମୂହିକ ବିକାଶ ନିମିତ୍ତ ଧ୍ୟାନ ଦିଆଯାଇଥିବାରୁ ଏହା ଭାରତର ନିରପେକ୍ଷ ନୀତିକୁ ପ୍ରମାଣିତ କରିଛି । ସାମ୍ବିଧାନିକ ପ୍ରତିକାରଗତ ଅଧିକାର ବ୍ୟକ୍ତିର ୬ଷ୍ଠ ମୌଳିକ ଅଧିକାର ଓ ଏହା ୩୨ ଧାରା ଅନ୍ତର୍ଭୁକ୍ତ ଭାରତୀୟ ନାଗରିକଙ୍କ କୌଣସି ଅଧିକାରରେ ହସକ୍ଷେପ କରାଗଲେ, ଏଥିପାଇଁ ସେ ସୁପ୍ରିମ କୋର୍ଟ ବା ଅନ୍ୟ ନ୍ୟାୟାଳୟର ଆଶ୍ରୟ ନେଇପାରିବେ । ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ରକ୍ଷା କରିବାକୁ ପ୍ରଚୁର କ୍ଷମତା ଲାଭ କରିଛନ୍ତି ।

୩୫୨ ଧାରା ଅନୁଯାୟୀ ଯେତେବେଳେ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହୋଇଥାଏ, ସେତେବେଳେ ୧୯ ଧାରା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇଥାଏ । ସେହି ସମୟରେ ନାଗରିକଙ୍କ ମୌଳିକ

ଟିପ୍ପଣୀ

ଅଧିକାର ସଙ୍କୁଚିତ ହୋଇଥାଏ । ରାଷ୍ଟ୍ରପତି ଅନ୍ୟ ଏକ ଅଧ୍ୟାଦେଶ ଦ୍ୱାରା ମଧ୍ୟ ନାଗରିକର ସାମ୍ବିଧାନିକ ଅଧିକାରକୁ ସଙ୍କୁଚିତ ବା ପ୍ରତ୍ୟାହାର କରିପାରନ୍ତି । ଏହି ସମୟରେ କୌଣସି ନ୍ୟାୟାଳୟ ସେମାନଙ୍କ ଅଧିକାର ସମ୍ପର୍କରେ ଜନସାଧାରଣଙ୍କୁ ସହାୟତା କରିପାରିବ ନାହିଁ । ଜରୁରୀକାଳୀନ ପରିସ୍ଥିତିର ପ୍ରତ୍ୟାହାର ପରେ ନାଗରିକମାନେ ପୁଣି ସେମାନଙ୍କର ଅଧିକାର ଫେରି ପାଇଥାନ୍ତି ।

କେତେକ ସମାଲୋଚନା କରି କହିଥାନ୍ତି, ଭାରତୀୟ ସମ୍ବିଧାନରେ ନାଗରିକଙ୍କ ମୌଳିକ ଅଧିକାର ସମ୍ପର୍କରେ ଯାହା କୁହାଯାଇଛି, ତାହା ସ୍ପଷ୍ଟ ଓ ସ୍ୱଚ୍ଛ ନୁହେଁ । ଗୋଟିଏ ଗୋଟିଏ ଧାରାର ବିଭିନ୍ନ ଅର୍ଥ ମଧ୍ୟ କରାଯାଇପାରେ । ଏପରିକି ଗୋଟିଏ ଗୋଟିଏ ଧାରାର ବହୁ ସୀମା ଓ ପ୍ରତିବନ୍ଧକ ରହିଛି । ଏତଦ୍‌ବ୍ୟତୀତ କାର୍ଯ୍ୟ କରିବାର ଅଧିକାର, ବିଶ୍ରାମ ବା ଶିକ୍ଷାର ଅଧିକାର ସମ୍ବନ୍ଧରେ କୌଣସି ଆଲୋଚନା ବା ସୂଚନା ରହିନାହିଁ । ଏହା ସତ୍ତ୍ୱେ ମୌଳିକ ଅଧିକାରଗୁଡ଼ିକ ନିରପେକ୍ଷ ହୋଇଥିବାରୁ ସମସ୍ତଙ୍କ ଦ୍ୱାରା ସମ୍ମାନ ଲାଭ କରିଛି । ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର ହୋଇଥିବାରୁ ବ୍ୟକ୍ତିବିଶେଷଙ୍କୁ ଅବାଧ ସ୍ୱାଧୀନତା ପ୍ରଦାନ କରିବାର ଅର୍ଥ ସ୍ୱେଚ୍ଛାଚାରକୁ ପ୍ରଶ୍ରୟ ଦେବା । ତେଣୁ କେତେକ କ୍ଷେତ୍ରରେ କିଛି ନିୟନ୍ତ୍ରଣ ରହିବା ଆବଶ୍ୟକ । ବ୍ୟକ୍ତିର ନୈତିକ ଓ ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ମୌଳିକ ଅଧିକାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ନିକଟରେ ଏହା ବଡ଼ ନୁହେଁ । ଦେଶର ସ୍ୱାର୍ଥ ପାଇଁ ଏହି ଅଧିକାରକୁ ସଙ୍କୁଚିତ କରିବାରେ କୌଣସି ଅଯଥାର୍ଥତା ନାହିଁ । ତେଣୁ ଏକ୍ଷେତ୍ରରେ ଯେଉଁମାନେ ଭାରତର ସମ୍ବିଧାନକୁ ସମାଲୋଚନା କରନ୍ତି, ସେମାନେ ସମ୍ପୂର୍ଣ୍ଣ ଭାବରେ ଏକ ଦେଶଦର୍ଶୀ ।

ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ଭାରତୀୟ ସଂସ୍କୃତି, ଆଦର୍ଶ ଓ ବିଚାରଧାରାର ଯଥାର୍ଥ ପରିପ୍ରକାଶ । ଏହା ମାନବିକ ମୂଲ୍ୟବୋଧକୁ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ନାଗରିକମାନଙ୍କର ସମସ୍ତ ପ୍ରକାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ । ତେଣୁ ଭାରତୀୟ ନାଗରିକ ଏହି ମୌଳିକ ଅଧିକାରର ଉପଯୁକ୍ତ ମର୍ଯ୍ୟାଦା ଦେଇପାରିଲେ ଏବଂ ସମ୍ବିଧାନ ପ୍ରଦତ୍ତ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିପାରିଲେ, ଏହା ନିଶ୍ଚିତ ଭାବରେ ଭାରତର ଓ ବ୍ୟକ୍ତିର ବିକାଶରେ ସହାୟକ ହୋଇପାରିବ । ଭାରତୀୟ ସମ୍ବିଧାନର ସେହି ମହତ ଆଦର୍ଶ ଓ ମହାନ୍ ପରମ୍ପରାକୁ ରକ୍ଷା କରିବା ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ।

●●●

୭.୨ ବେକାର ସମସ୍ୟା

ଉପକ୍ରମ: ବେକାର ସମସ୍ୟା କେବଳ ଭାରତ କାହିଁକି, ଆଜି ସମଗ୍ର ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି ।ବିଶେଷଭାବରେ ଶିକ୍ଷିତମାନଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଉତ୍କଟ ରୂପ ଧାରଣ କରିଛି । 'ବେକାର'ର ସାଧାରଣ ସଂଜ୍ଞାରେ କୁହାଯାଇଛି କର୍ମ କରିବାର ଶକ୍ତିଥିବା ସତ୍ତ୍ୱେ କାର୍ଯ୍ୟାଭାବ କାରଣରୁ କାର୍ଯ୍ୟ ନ ପାଇଲେ, ବେକାର ରୂପେ ପରିଗଣିତ ହୋଇଥାଏ । ବେକାର ଅବସ୍ଥାଠାରୁ ବଡ଼ କ୍ଷତିକରି ଅବସ୍ଥା ଆଉ କିଛି ନ ଥାଇପାରେ । ସେଥିପାଇଁ ରବର୍ଟ ହୁଭର କହିଥିଲେ- 'No waste is greater than unemployment, no suffering is keener or fought with despair than that due to inability to get jobs by those who to work'. 'ମାନବ ସମ୍ବଳର ଉପଯୁକ୍ତ ବିନିଯୋଗର ଅଭାବ ହିଁ ବେକାର ଅବସ୍ଥା । ଏହାକୁ ଉତ୍ପାଦିତ ଶକ୍ତିର ଅପରାଧୀ ବିନଷ୍ଟ କହିଲେ ଭୂଲ ହେବ ନାହିଁ । ଏହା ଏକ ବିଶ୍ୱ ସମସ୍ୟା ହେଲେ ହେଁ ବିକାଶଶୀଳ ଦେଶମାନଙ୍କରେ ଏହାର ଅବସ୍ଥା ଅତ୍ୟନ୍ତ ଉତ୍କଟ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଭାରତରେ ବେକାର ସମସ୍ୟା ପ୍ରତି ବର୍ଷ ବୃଦ୍ଧି ପାଇଆସୁଛି । ଆମର ଶିକ୍ଷାବ୍ୟବସ୍ଥା ଏବଂ ଚାକିରୀ ସର୍ତ୍ତାବଳୀ ଏହି ସମସ୍ୟାର ସମାଧାନ ପାଇଁ ଅନୁପଯୁକ୍ତ ବୋଲି ମନେ ହେଉଛି । ବର୍ତ୍ତମାନ ସରକାରୀ ସ୍ତରରେ ଯେପରି ଚାକିରି କାଟ ନୀତି ଆରମ୍ଭ ହେଲାଣି, ଭବିଷ୍ୟତରେ ଏହି ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିବ । ଆଜିର ଶିକ୍ଷିତ ବ୍ୟକ୍ତି ଚାକିରି ଅଭାବରୁ ବହୁପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ । ଖାଦ୍ୟାଭାବ ଓ କର୍ମ ଅଭାବ ମଣିଷକୁ ଅପରାଧ କରିବାକୁ ବାଧ କରିଥାଏ । ଦେଶର ପ୍ରଗତି କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରୁଛି । ବର୍ତ୍ତମାନଠାରୁ ଦେଶର ଚିନ୍ତାଶୀଳ ବ୍ୟକ୍ତି ଓ ସରକାର ଉପାୟ ଆବିଷ୍କାର ନ କଲେ ଭବିଷ୍ୟତରେ ଏହି ବେକାର ସମସ୍ୟା ଯେ ଏକ ଗୁରୁତର ରୂପ ଧାରଣ କରିବ, କହିବା ଅନାବଶ୍ୟକ ମାତ୍ର ।

ବେକାରର ସ୍ୱରୂପ ଓ ପ୍ରକୃତି: ଭାରତର ଅଧିବାସୀମାନେ ମୁଖ୍ୟତଃ ସହର ଓ ଗ୍ରାମାଞ୍ଚଳରେ ବାସ କରିଥାନ୍ତି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଲୋକ ରହିଥାନ୍ତି । ଗ୍ରାମାଞ୍ଚଳର ଅଧିବାସୀଗଣ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ଗ୍ରାମାଞ୍ଚଳ ଅଧିବାସୀ ବର୍ଷରେ ପ୍ରାୟ ୫ରୁ ୭ମାସ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ପାଇନଥାନ୍ତି । ଭାରତର ପ୍ରାୟ ୭୦ଭାଗ ଅଧିବାସୀ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । କୃଷି ଏକ ନିର୍ଦ୍ଦିଷ୍ଟ ଋତୁକାଳୀନ କାର୍ଯ୍ୟ ହୋଇଥିବାରୁ, ଅନ୍ୟ ସମୟରେ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତି ବେକାର ହୋଇ ବସିଥାନ୍ତି । ଏହି କାରଣରୁ ଗ୍ରାମାଞ୍ଚଳର ଦରିଦ୍ରଙ୍କ ସଂଖ୍ୟା ସହରାଞ୍ଚଳ ଅପେକ୍ଷା ଅଧିକ । ଗ୍ରାମାଞ୍ଚଳର ଲୋକଶକ୍ତିର ଯଥାର୍ଥ ବିନିଯୋଗ ଅଭାବରୁ ଏବଂ ଗାନ୍ଧିଜୀଙ୍କ ପରିକଳ୍ପିତ କୁଟୀରଶିଳ୍ପର ବିଲୋପ ଯୋଗୁଁ ଗ୍ରାମବାସୀ କାର୍ଯ୍ୟାନୁସରଣରେ ସହରମୁଖୀ ହୋଇଥାନ୍ତି । ଗବେଷଣାରୁ ଜଣାଯାଇଥାଏ କୃଷି ଉପରେ ନିର୍ଭରଶୀଳ ପ୍ରାୟ ୭୦ଭାଗ ଲୋକଙ୍କ ମଧ୍ୟରୁ ମାତ୍ର ୨୦ରୁ ୩୦ ଭାଗ ପ୍ରକୃତରେ ଜମିଥିବା କୃଷକ । ଅନ୍ୟମାନେ କେବଳ କୃଷି ଉପରେ ନିର୍ଭର କରୁଥିବା ଶ୍ରମଜୀବୀ । ଗ୍ରାମାଞ୍ଚଳର କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ବୃହତ୍ ଶିଳ୍ପ ସହିତ ପ୍ରତିଯୋଗିତା କରି ନପାରି ବେକାର ଜୀବନକୁ ଅବଲମ୍ବନ କରିବାକୁ ବାଧ ହୋଇଛନ୍ତି । ସହରାଞ୍ଚଳର ବେକାରମାନଙ୍କୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା- ଶିକ୍ଷିତ ବେକାର ଏବଂ ଶିଳ୍ପ ଶ୍ରମିକ । ସହରରେ ବେକାର ସଂଖ୍ୟା ବୃଦ୍ଧି ପାଇବାର

କାରଣ ହେଉଛି-ଜନସଂଖ୍ୟା ବୃଦ୍ଧି ଓ ଗ୍ରାମାଞ୍ଚଳରୁ ବହୁ ଶ୍ରମିକଙ୍କର ସହରାଞ୍ଚଳକୁ ଆଗମନ । ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ନିଯୁକ୍ତି ସଂଖ୍ୟା ବୃଦ୍ଧି ହୋଇପାରୁ ନଥିବାରୁ ବେକାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହି କାରଣରୁ ଭାରତରେ ଦରିଦ୍ରଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ।

ବିଶ୍ୱ ପରିପ୍ରେକ୍ଷୀରେ ବେକାର ସମସ୍ୟା: ବେକାର ସମସ୍ୟା ଆଜି ଏକ ଆଞ୍ଚଳିକ ସମସ୍ୟା ନହୋଇ, ବିଶ୍ୱବ୍ୟାପୀ ସମସ୍ୟାରେ ପରିଣତ ହୋଇଛି । ସମଗ୍ର ପୃଥିବୀରେ ୧୯୩୦ ଖ୍ରୀ.ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଗୁରୁତର ସଙ୍କଟ ଉପସ୍ଥିତ ହୋଇଥିଲା । ବାଣିଜ୍ୟ ବ୍ୟବସାୟରେ ମାନ୍ଦାବସ୍ଥା ଯୋଗୁଁ ଇଉରୋପୀୟ ଦେଶମାନଙ୍କରେ ବେକାର ସମସ୍ୟା ଗୁରୁତର ରୂପ ଗ୍ରହଣ କଲା । ଶିଳ୍ପ ସମୃଦ୍ଧି ଦେଶଗୁଡ଼ିକର ପ୍ରଭୂତ ପରିମାଣ କ୍ଷତିର ସମ୍ମୁଖୀନ ହେଲେ । ପୁନରାୟ ଦ୍ୱିତୀୟ ମହାଯୁଦ୍ଧ ସମୟରେ ଏହି ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ମାନବ ସମ୍ବଳ ପ୍ରତି ଗୁରୁତ୍ୱ ନ ଦେଇ କଳକାରଖାନା ବା ମେସିନ୍ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବାରୁ ବହୁ ମାନବ କାର୍ଯ୍ୟ ହରାଇ ବେକାର ହୋଇପଡ଼ିଲେ । ବିଶ୍ୱଯୁଦ୍ଧୋତ୍ତର କାଳରେ ପ୍ରତ୍ୟେକ ଦେଶ ଏହି ସମସ୍ୟାକୁ ଗଭୀର ଭାବରେ ହୃଦୟଙ୍ଗମ କଲେ ମଧ୍ୟ ପ୍ରତିଯୋଗିତାରେ ନିଜର ପ୍ରାଧାନ୍ୟ ସୂଚିତ କରିବାକୁ ମେସିନ୍ ଉପରେ ନିର୍ଭର କରିବାକୁ ଲାଗିଲେ । ଏକାଧିକ ମଣିଷର କାର୍ଯ୍ୟ ଗୋଟିଏ ମେସିନ୍‌ର କାର୍ଯ୍ୟ ଦ୍ୱାରା ସମ୍ଭବ ହେବାରୁ ମଣିଷର ଗୁରୁତ୍ୱ କମିଯାଇ ମେସିନ୍‌ର ଗୁରୁତ୍ୱ ବୃଦ୍ଧି ପାଇଲା । ଫଳରେ ମାନବସମ୍ବଳର ବିନିଯୋଗ ଅଭାବରୁ ବେକାର ସମସ୍ୟା ବହୁଗୁଣରେ ବଢ଼ିଗଲା । ଏବେ ସମଗ୍ର ବିଶ୍ୱରେ ଯେପରି ଭାବରେ ବେକାରମାନଙ୍କ ସଂଖ୍ୟା ଉଦ୍‌ବେଗଜନକ ପରିସ୍ଥିତିରେ ଉପନୀତ ହୋଇଛି, କେତେବେଳେ କ'ଣ ହେବ ଅନୁମାନ କରିବା କଷ୍ଟସାଧ୍ୟ । ତେଣୁ ବର୍ତ୍ତମାନଠାରୁ ବିଶ୍ୱ ସଚେତନତା ସୃଷ୍ଟିକରି ବେକାର ସମସ୍ୟାର ଦୂରୀକରଣ ନିମିତ୍ତ ପଦକ୍ଷେପ ଗ୍ରହଣ କରାନଗଲେ, ବିଶ୍ୱ ନିଶ୍ଚିତ ଭାବରେ ଏକ ସଙ୍କଟଜନକ ପରିସ୍ଥିତି ଦିଗକୁ ଗତି କରିବ ।

ଭାରତରେ ବେକାର ସମସ୍ୟାର କେତେକ କାରଣ: ଭାରତରେ ରୋଜଗାରର ସୀମା ଅନୁଯାୟୀ ଦାରିଦ୍ର୍ୟର ସୀମାରେଖା ନିର୍ଦ୍ଦିଷ୍ଟ କରାଯାଇଥାଏ । ସରକାରୀ ଭାଷା ଅନୁଯାୟୀ ଯେଉଁ ବ୍ୟକ୍ତିମାନେ ଆବଶ୍ୟକତା ଅନୁଯାୟୀ କାମ କରିବାର ସୁଯୋଗ ଲାଭ କରନ୍ତି ନାହିଁ ବା ନିଜ ଆୟରୁ ନିମ୍ନତମ ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହୁଅନ୍ତି ନାହିଁ, ସେମାନଙ୍କୁ ଦରିଦ୍ର ଶ୍ରେଣୀଭୁକ୍ତ କରାଯାଇଥାଏ । ଆମ ଦେଶରେ ଦାରିଦ୍ର୍ୟର ସୀମାରେଖା ରୂପେ ପାଞ୍ଚଜଣ ଲୋକ ଥିବା ପରିବାରର ବାର୍ଷିକ ଆୟ ଏଗାରହଜାର ଟଙ୍କା ବୋଲି ଧରାଯାଇଛି । ଏହି ଦୃଷ୍ଟିରୁ ଭାରତରେ ଦାରିଦ୍ର୍ୟ ସୀମାରେଖା ତଳେ ୨୯.୯ ପ୍ରତିଶତ ବ୍ୟକ୍ତି ଥିବା ବେଳେ ଓଡ଼ିଶାରେ ଏହାର ସଂଖ୍ୟା ୪୪.୭ ପ୍ରତିଶତ । ସରକାରୀ ହିସାବରେ ଏତିକି ପ୍ରତିଶତ ବ୍ୟକ୍ତି ଥିଲେହେଁ, ବେସରକାରୀ ହିସାବରେ ଏହାର ସଂଖ୍ୟା ବହୁ ଅଧିକ । ବେକାର ସଂଖ୍ୟା ବୃଦ୍ଧି ଯୋଗୁଁ ଭାରତରେ ଦରିଦ୍ରମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ଏହି ବେକାର ସଂଖ୍ୟାର ବୃଦ୍ଧି ନିମିତ୍ତ କେତେକ ପ୍ରମୁଖ କାରଣ ବିଦ୍ୟମାନ । ମୁଖ୍ୟ କାରଣ ରୂପେ ଆମ ପ୍ରଚଳିତ ଶିକ୍ଷା ପଦ୍ଧତିର ତ୍ରୁଟିକୁ ଗ୍ରହଣ କରାଯାଇପାରେ । ଇଂରେଜ ଶାସନ ସମୟରେ ଯେଉଁ ଶିକ୍ଷାପଦ୍ଧତି ଭାରତରେ ପ୍ରଚଳିତ ହୋଇଥିଲା, ଏବେ ସୁଦ୍ଧା ତା'ର ବିଶେଷ କିଛି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଇଂରେଜମାନଙ୍କ ସମୟରେ ଭାରତରେ ଯେଉଁ ଶିକ୍ଷାପଦ୍ଧତି ସୃଷ୍ଟି ହୋଇଥିଲା, ତାହା ମୁଖ୍ୟତଃ ଥିଲା ଭାରତରେ କିଛି କିରାଣୀ ସୃଷ୍ଟି ପାଇଁ । ଏହି ଦୃଷ୍ଟିରୁ କିରାଣୀ ଚାକିରି ପାଇଁ ସେତେବେଳେ ଭାରତୀୟମାନେ ଶିକ୍ଷା ଲାଭ କରୁଥିଲେ । ଏପରି ଶିକ୍ଷା ଲାଭ ପରେ ଯୁବସମ୍ପ୍ରଦାୟ ଅନ୍ୟ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିପାରେ ନାହିଁ । କିରାଣୀ ଚାକିରି ନମିଳିଲେ ସେମାନେ ବେକାର

ଜୀବନକୁ ଆଦରି ନେଇଥାନ୍ତି । ପାରମ୍ପରିକ ଶିକ୍ଷାପଦ୍ଧତିର ଏହି ତ୍ରୁଟି ଶିକ୍ଷିତ ଯୁବକକୁ ସ୍ୱାବଲମ୍ବନଶୀଳ କରିବା କ୍ଷେତ୍ରରେ ସାହାଯ୍ୟ କରିପାରୁ ନାହିଁ । ଏପରିକି ଏହି ପ୍ରକାର ଶିକ୍ଷାଲାଭ କରୁଥିବା ବ୍ୟକ୍ତି ନିଜର କୌଳିକ ବୃତ୍ତିକୁ ମଧ୍ୟ ଗ୍ରହଣ କରିବାକୁ ପସନ୍ଦ କରୁନାହାନ୍ତି । କୃଷକର ସନ୍ତାନ କୃଷିକାର୍ଯ୍ୟ କରିବାକୁ କିମ୍ବା ବ୍ୟବସାୟୀର ସନ୍ତାନ ବ୍ୟବସାୟ କରିବାକୁ ପରାଙ୍ମୁଖ । ଗୋଟିଏ କିରାଣୀ, ଚପରାସୀ ବା ପିଅନ ଚାକିରୀ ତା'ନିକଟରେ ଯେତିକି ଲୋଭନୀୟ, ନିଜର କୌଳିକ ବୃତ୍ତି ସେତିକି ଗ୍ରହଣୀୟ ନୁହେଁ । ଭାରତ ଅନ୍ୟାନ୍ୟ ବିକଶିତ ରାଷ୍ଟ୍ରପରି ଶିଳ୍ପ ସମୃଦ୍ଧ ହୋଇନଥିବାରୁ, ଶିଳ୍ପ କ୍ଷେତ୍ରରେ ଅଧିକ ଚାକିରୀ ସୃଷ୍ଟି ଲାଭ କରିବା ସମ୍ଭବ ନୁହେଁ । ଶିଳ୍ପକ୍ଷେତ୍ରରେ ଅସମୃଦ୍ଧ ଏବଂ କୌଳିକ ବୃତ୍ତିକୁ ଗ୍ରହଣ କରିବାକୁ ପରାଙ୍ମୁଖ ମନୋବୃତ୍ତି ଯୋଗୁଁ ଭାରତରେ ବହୁପରିମାଣରେ ବେକାର ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ଶ୍ରମ ପ୍ରତି ବିମୁଖଭାବ ବେକାର ସମସ୍ୟାର ଅନ୍ୟତମ କାରଣ । ସାମାନ୍ୟ ଶିକ୍ଷିତ ବ୍ୟକ୍ତିଟିଏ ମଧ୍ୟ ଶାରୀରିକ ଶ୍ରମ କରିବାକୁ ଉଚିତ ମନେକରୁ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱଶୂନ୍ୟ ଓ ଆରାମଦାୟକ କାର୍ଯ୍ୟ କରିବାକୁ ଆଗ୍ରହୀ । ଏହି ଦୃଷ୍ଟିରୁ ସରକାରୀ ଚାକିରି ଅତୀବ ଲୋଭନୀୟ । ଚାକିରୀ ବ୍ୟତିରେକେ ଶାରୀରିକ ଶ୍ରମ ଥିବା କାର୍ଯ୍ୟକରି ଆତ୍ମନିର୍ଭରଶୀଳ ହେବାକୁ ସେ ଆଦୌ ଚେଷ୍ଟା କରେ ନାହିଁ । ଚାକିରିର କ୍ଷେତ୍ର ସୀମିତ ହୋଇଥିବାରୁ ଏବଂ ଶ୍ରମ ପ୍ରତି ବିମୁଖଭାବ ବୃଦ୍ଧି ପାଉଥିବାରୁ ବେକାର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଭାରତରେ ପ୍ରଚଳିତ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହେଉଛି । ସେହି କାରଣରୁ ବୈଷୟିକ ଶିକ୍ଷା ଲାଭକରି ମଧ୍ୟ ଭାରତରେ ଲକ୍ଷ ଲକ୍ଷ ଡାକ୍ତର, ଇଞ୍ଜିନିୟର ଆଦି ବେକାର ହୋଇ ବସିଛନ୍ତି । ସବୁଠାରୁ ଦୁଃଖର କଥା କୃଷି ମହାବିଦ୍ୟାଳୟରେ ଶିକ୍ଷା ଲାଭ କରିବା ସତ୍ତ୍ୱେ ଆଜିର ଯୁବ ସମ୍ପ୍ରଦାୟ କୃଷି କାର୍ଯ୍ୟ କରିବାକୁ ହେୟ ମନେକରୁଛି । କୃଷି ସମ୍ପର୍କରେ ସ୍ନାତକ, ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ପରେ ମଧ୍ୟ କୃଷି କାର୍ଯ୍ୟକୁ ଏକ ଅପମାନଜନକ କାର୍ଯ୍ୟ ବୋଲି ଭାବୁଛି । ତେଣୁ ଆଜିର ବୈଷୟିକ ଶିକ୍ଷା ଯୁବକମାନଙ୍କୁ ସେହି କାର୍ଯ୍ୟ ସମ୍ପାଦନାରେ ସହାୟତା କରିପାରୁ ନଥିବାରୁ ତାହା ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଛି । ଏତଦ୍‌ବ୍ୟତୀତ ଭାରତର ଲୋକସଂଖ୍ୟା ଯେଉଁ ପରିମାଣରେ ବୃଦ୍ଧି ପାଉଛି, ସମସ୍ତଙ୍କୁ ଚାକିରି ଯୋଗାଇଦେବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ । ଜନସଂଖ୍ୟା ବୃଦ୍ଧି ତୁଳନାରେ ଚାକିରି ସଂଖ୍ୟା ଧୀରେ ଧୀରେ ସଂଙ୍କୁଚିତ ହୋଇପଡୁଥିବାରୁ ବେକାର ସଂଖ୍ୟା ବୃଦ୍ଧି ପାଇବା ସ୍ୱାଭାବିକ ।

ସମସ୍ୟା ସମାଧାନ ପାଇଁ ଗଠିତ କମିଟି: ଭାରତର ବେକାର ଓ ଦରିଦ୍ରଙ୍କ ସଂଖ୍ୟା ନିରୂପଣ ପାଇଁ ଭଗବତୀ କମିଟି ୧୯୭୦ ମସିହାରେ ଗଠିତ ହୋଇଥିଲା । ଏହି କମିଟିର ରିପୋର୍ଟ ଅନୁଯାୟୀ ସେତେବେଳେ ୧୮.୭ ନିୟୁତ ବ୍ୟକ୍ତି ବେକାର ଜୀବନ ଯାପନ କରୁଥିଲେ । ଏହି ବେକାରମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୧୬.୧ ନିୟୁତ ଏବଂ ସହରାଞ୍ଚଳରେ ୨.୬ ନିୟୁତ ବ୍ୟକ୍ତି ବାସ କରୁଥିଲେ । ୧୯୭୫ ମସିହାରେ ଜାତୀୟ ନମୁନା ପରୀକ୍ଷା (National Sample Survey)ରୁ ଜଣାଯାଏ ପ୍ରତି ପାଞ୍ଚଜଣରେ ଜଣେ ଭାରତୀୟ ଅତ୍ୟନ୍ତ ନିଃସ୍ୱ, ପ୍ରତି ତିନିଜଣ ଭାରତୀୟରୁ ଜଣେ ଭାରତୀୟ ନିଃସ୍ୱ ଏବଂ ଲୋକସଂଖ୍ୟାର ଅଧା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । 'ଯୋଜନା'ରେ ୧୯୭୭ ମେ ବିଶେଷାଙ୍କରୁ ଭାରତରେ ୨୯ ନିୟୁତରୁ ଅଧିକ ବ୍ୟକ୍ତି ବେକାର ଜୀବନଯାପନ କରୁଛନ୍ତି ବୋଲି ଜଣାଯାଇଥିଲା । ବର୍ତ୍ତମାନ ଏହାର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି । କେବଳ ଓଡ଼ିଶାରେ ବର୍ତ୍ତମାନ ପନ୍ଦରଲକ୍ଷରୁ ଅଧିକ ଶିକ୍ଷିତ ଯୁବକ କର୍ମନିୟୋଜନ ସଂସ୍ଥାରେ ନାମ ପଞ୍ଜିକରଣ କରି ଅପେକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ ବୟସ ଅତିକ୍ରମ କରିଯାଇଥିବାରୁ କେତେକଙ୍କର ନାମ ପଞ୍ଜିକରଣରୁ ବାଦ ପଡ଼ିଛି ଓ ବହୁସଂଖ୍ୟାରେ ବେକାର ଯୁବକ ନାମ

ଟିପ୍ପଣୀ

ମଧ୍ୟ ପଞ୍ଜିକରଣ କରିନାହାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ସରକାରୀ ହିସାବ ତୁଳନାରେ ଭାରତରେ ବହୁ ଅଧିକସଂଖ୍ୟାରେ ବେକାର ଯୁବକଯୁବତୀ ଚାକିରି ଅପେକ୍ଷାରେ ବସି ରହିଛନ୍ତି ।

ବେକାର ସମସ୍ୟାର ସମାଧାନ: ବେକାର ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଏକ କଷ୍ଟସାଧ୍ୟ ବ୍ୟାପାର । ତଥାପି ସରକାରୀ ସ୍ତରରେ କେତେକ ପଦକ୍ଷେପ ଗ୍ରହଣ କରାଗଲେ କେତେକାଂଶରେ ଏହି ସମସ୍ୟାର ସମାଧାନ ହୋଇପାରିବ । ପ୍ରଥମ ପଦକ୍ଷେପ ସ୍ୱରୂପ ସରକାର ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ । ଯନ୍ତ୍ରପାତି ଉପରେ ଅଧିକ ନିର୍ଭର କଲେ, ମାନବ ସମ୍ବଳର ବିଶେଷ ବିନିଯୋଗ ହୋଇପାରିବ ନାହିଁ । ଏହି କାରଣରୁ ଚୀନ୍‌ରେ ଯନ୍ତ୍ରପାତି ଅପେକ୍ଷା ମନୁଷ୍ୟର ଶାରୀରିକ ଶ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାରଙ୍କ ତରଫରୁ ଗୃହ ନିର୍ମାଣ, ଡାକ୍ତରଖାନା ନିର୍ମାଣ, ରାସ୍ତାଘାଟ ନିର୍ମାଣ, ଜଳସେଚନ ନିମିତ୍ତ କେନାଲ ଖନନ, ବନ୍ୟାନିୟନ୍ତ୍ରଣ ନିମିତ୍ତ ବନ୍ଧ ନିର୍ମାଣ, ମୃତ୍ତିକା ସଂରକ୍ଷଣ, ପ୍ରାଥମିକ ଶିକ୍ଷାର ବିସ୍ତାର, ସ୍ୱାସ୍ଥ୍ୟର ଉନ୍ନତି ନିମିତ୍ତ କାର୍ଯ୍ୟପନ୍ଥା ଆଦି ଗ୍ରହଣ କରାଗଲେ ବହୁସଂଖ୍ୟକ ଶ୍ରମଭିତ୍ତିକ ଚାକିରି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବହୁବିଧ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରାଯାଇପାରିବ । କୁଟୀର ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ କିଛି ଲୋକ ଚାକିରି ପାଇପାରିବେ । ଗୁରୁଶିଳ୍ପର ଅଧିକାଂଶ କାର୍ଯ୍ୟ ମେସିନ୍‌ଦ୍ୱାରା ସମାହିତ ହେଉଥିବାରୁ ଓ ଏଥିରେ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତି ନିଯୁକ୍ତି ଲାଭ କରୁଥିବାରୁ ସାଧାରଣ ଲୋକମାନଙ୍କ କ୍ଷେତ୍ରରେ ଏହା ଚାକିରି ସୃଷ୍ଟି କରିବାକୁ ଅସମର୍ଥ । ସେଥିପାଇଁ ଗ୍ରାମ୍ୟ ଆର୍ଥନୀତିକ ଯୋଜନାକୁ ସଫଳ କରିବା ନିମିତ୍ତ ମହାତ୍ମାଗାନ୍ଧି କୁଟୀର ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପକୁ ଉତ୍ସାହିତ କରିବାପାଇଁ ମତବ୍ୟକ୍ତ କରିଥିଲେ । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏବଂ ଏହାର ଅଧିକାଂଶ ମାନବ ସମ୍ବଳ କୃଷିକ୍ଷେତ୍ରରେ ବ୍ୟବହୃତ ହେଉଥିବାରୁ ସରକାର କୃଷି ନୀତିରେ ପରିବର୍ତ୍ତନ ଆଣିବା ଉଚିତ । କୃଷକମାନଙ୍କୁ ଅଳ୍ପ ସୁଧରେ ଋଣ ଯୋଗାଣ, ଉନ୍ନତ ବିହନ, ସାର, ଔଷଧ ଆଦି ଯୋଗାଇଦେବାର ବ୍ୟବସ୍ଥା କଲେ କୃଷକମାନେ ନିଜର ଅର୍ଥନୀତିକୁ ଦୃଢ଼ କରିବା ସଙ୍ଗେ ସଙ୍ଗେ କୃଷି ପ୍ରତି ଅଧିକ ଭାବରେ ମନୋନିବେଶ କରିପାରନ୍ତେ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବହୁ ଚାଷୀ ଚାଷ ପ୍ରତି ଅନାସକ୍ତ ଭାବ ପ୍ରକାଶ କରୁଛନ୍ତି । ପ୍ରାକୃତିକ ଦୁର୍ବିପାକ ସମୟରେ ସରକାର ଚାଷୀମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ସାହାଯ୍ୟ ଯୋଗାଇଦେଲେ ଚାଷୀକୁଳଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇପାରନ୍ତା । ଆମର ପାରମ୍ପରିକ ଶିକ୍ଷା ପଦ୍ଧତି କେବଳ ବେକାର ସଂଖ୍ୟା ବୃଦ୍ଧି କରିବାରେ ସହାୟତା କରୁଛି । ତେଣୁ ଶିକ୍ଷାନୀତିରେ ପରିବର୍ତ୍ତନ କରି କର୍ମାଭିମୁଖୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ । ବିକଶିତ ରାଷ୍ଟ୍ରମାନଙ୍କରେ ଛାତ୍ର ଶିକ୍ଷାଲାଭ କରିବା ସମୟରେ କୃଷିଶିକ୍ଷା, ମେସିନ ଚଳାଇବାର ଶିକ୍ଷା ଏବଂ ସ୍ୱାବଲମ୍ବନଶୀଳ ହେବା ନିମିତ୍ତ ଶିକ୍ଷା ଲାଭ କରିଥାଏ । ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିର ପରିସର ମଧ୍ୟରେ ବହୁ ଚାଷଜମି ରଖାଯାଇ କୃଷିକାର୍ଯ୍ୟ କରାଯାଉଛି । ତେଣୁ ଶିକ୍ଷା ସମାପ୍ତ ପରେ ଚାକିରି ନ ମିଳିଲେ ମଧ୍ୟ ଛାତ୍ରମାନେ କୃଷି କାର୍ଯ୍ୟ କରିବାକୁ ଆଦୌ ଅପମାନଜନକ ମନେ କରୁନାହାନ୍ତି । ପୁଣି ବ୍ୟବସାୟ ସମ୍ପର୍କରେ ଶିକ୍ଷାପ୍ରଦାନ କରାଯାଉଥିବାରୁ ବେକାର ଯୁବକ ଶିକ୍ଷା କ୍ଷେତ୍ରରୁ ବିରତି ନେବାପରେ ସରକାରଙ୍କଠାରୁ ଋଣ ନେଇ ବ୍ୟବସାୟରେ ସଫଳତା ଲାଭ କରୁଛନ୍ତି । ଏହାଦ୍ୱାରା ଯୁବକ ସମାଜ ନିଜର କୌଳିକ ବୃତ୍ତିକୁ ଅତି ସହଜରେ ଆଦରି ନେବାକୁ ଉତ୍ସାହିତ ହେଉଛି । ଏ ଧରଣର ଶିକ୍ଷାପଦ୍ଧତି ଏଯାବତ୍ ଭାରତବର୍ଷରେ ପ୍ରବର୍ତ୍ତନ ହୋଇପାରି ନାହିଁ । ରାଜନୈତିକ ଅସାଧୁତା ବହୁ ସମୟରେ ଜ୍ଞାନୀ, ଗୁଣୀ, ପରିଶ୍ରମୀ ତଥା ବୁଦ୍ଧିମାନ ଛାତ୍ରଙ୍କୁ ଅସହାୟ କରିଦେଇଥାଏ । ଯେଉଁମାନଙ୍କର ପ୍ରକୃତ ଜ୍ଞାନ ଅଛି ସେମାନେ

ଚାକିରି ପାଆନ୍ତି ନାହିଁ, ଅଥଚ ରାଜନୀତିର ଫାଇଦା ଉଠାଇ କମ୍ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ଚାକିରି ପାଇଥାନ୍ତି । ପ୍ରିୟାପ୍ରୀତି ତୋଷଣ ନୀତି ଯୋଗୁଁ ଯୋଗ୍ୟବ୍ୟକ୍ତି ପ୍ରକୃତ ନ୍ୟାୟ ପାଇପାରୁ ନଥିବାରୁ ସମାଜରେ ସେମାନେ ନିଜକୁ ଅତ୍ୟନ୍ତ ଦୟନୀୟ ମନେ କରିଥାନ୍ତି । ତେଣୁ ରାଜନୈତିକ ସାଧୁତା ରହିଲେ ପ୍ରକୃତ ଯୋଗ୍ୟ ବ୍ୟକ୍ତି ନିଜ ଗୁଣର ଉପଯୁକ୍ତ ବିନିଯୋଗ ପାଇଁ ସୁଯୋଗ ଲାଭ କରନ୍ତେ ଓ ରାଷ୍ଟ୍ର ପ୍ରଗତି କରିପାରନ୍ତା । ବିଭିନ୍ନ ଯୋଜନାରେ ବହୁପରିମାଣରେ ଚାକିରି ସୃଷ୍ଟି ନିମିତ୍ତ ପଦକ୍ଷେପ ନିଆଗଲେ, ବେକାର ସମସ୍ୟା କିଛି ପରିମାଣରେ ଦୂର ହୋଇପାରନ୍ତା । ୧୯୭୦ ମସିହା ଡ଼ିସେମ୍ବର ମାସରେ ନିଯୁକ୍ତି ସମସ୍ୟା ସମ୍ପର୍କରେ ସମୀକ୍ଷା କରିବାପାଇଁ ସରକାର ଏକ କମିଟି ଗଠନ କରିଥିଲେ । ଫେବୃୟାରୀ ୧୯୭୨ରେ ଏହି କମିଟି ତାଙ୍କର ମଧ୍ୟବର୍ତ୍ତୀ ରିପୋର୍ଟ ଦାଖଲ କରିଥିଲେ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଏହି କମିଟି ବହୁପରିମାଣରେ ନିଯୁକ୍ତି ସୃଷ୍ଟି ପାଇଁ ୨୫୦କୋଟି ଟଙ୍କା ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ । ଏହି କମିଟି ମୁଖ୍ୟତଃ ଗ୍ରାମାଞ୍ଚଳ ବିକାଶ ଓ ଅର୍ଥନୀତିର ବିକାଶ ନିମିତ୍ତ ଗୁରୁତ୍ୱ ଦେଉଥିଲେ ଏବଂ କ୍ଷୁଦ୍ରଜଳସେଚନ, ମୃତ୍ତିକା ସଂରକ୍ଷଣ, ଗ୍ରାମାଞ୍ଚଳ, ରାସ୍ତା ନିର୍ମାଣ, ପ୍ରାଥମିକ ଶିକ୍ଷାର ବିକାଶ, ଗ୍ରାମୀଣ ସ୍ୱାସ୍ଥ୍ୟର ବିକାଶ, ଗ୍ରାମ୍ୟ ଗୃହ ନିର୍ମାଣ, ବନ୍ୟା ନିୟନ୍ତ୍ରଣ, ଶସ୍ୟବୀମା, କୁଟୀର ଶିଳ୍ପ ଆଦି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଆନୁମାନିକ ଭାବେ ଏହି ଯୋଜନାଗୁଡ଼ିକ ୪୦ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିବ ବୋଲି କଳନା କରାଯାଇଥିଲା । ୧୯୭୩ ମସିହାରେ କମିଟି ତାଙ୍କର ସର୍ବଶେଷ ରିପୋର୍ଟ ଦେଇଥିଲେ । ମାତ୍ର ଏହି ରିପୋର୍ଟ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତେଣୁ ସରକାର କେବଳ କମିଟି ଗଠନ କରିଦେଲେ ଚଳିବ ନାହିଁ; ସେହି କମିଟିର ପରାମର୍ଶକୁ ଆନ୍ତରିକତାର ସହିତ ଗ୍ରହଣ କରିବା ଉଚିତ । ଶିକ୍ଷିତ ବେକାରମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଋଣ ଯୋଗାଇଦେଲେ କିମ୍ବା ବେକାରୀ ଭତ୍ତା ପ୍ରଦାନ କଲେ ଏହି ସମସ୍ୟା ମଧ୍ୟ କେତେକାଂଶରେ ପୂରଣ ହୋଇପାରନ୍ତା ।

ଉପସଂହାର: ବେକାର ସମସ୍ୟା ଆଜି ଏକ ସଙ୍କଟଜନକ ଅବସ୍ଥାରେ ପହଞ୍ଚିଛି । ସରକାର ସତର୍କତାର ସହିତ ପଦକ୍ଷେପ ଗ୍ରହଣ ନକଲେ ଏହାର ସମାଧାନ ସମ୍ଭବ ନୁହେଁ । ଆଜିର ଯୁବସମାଜ ମଧ୍ୟ ଚାକିରି ପ୍ରତି ସମ୍ପୂର୍ଣ୍ଣ ନିର୍ଭରଶୀଳ ନହୋଇ ନିଜ ଗୋଡ଼ରେ ଠିଆ ହେବାପାଇଁ ପ୍ରସ୍ତୁତ ହେବା ଉଚିତ । ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ସରକାର ଓ ଜନସାଧାରଣ ସହଯୋଗ କଲେ ବହୁ ବେକାର ସମସ୍ୟା ସମାଧାନ ହୋଇପାରନ୍ତା । କୃଷିକୁ ଏକ ବ୍ୟବସାୟର ମର୍ଯ୍ୟାଦା ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଗଲେ ମାନବସମ୍ବଳର ବହୁଭାଗ ନିଯୁକ୍ତି ଲାଭ କରିପାରନ୍ତେ ।ଶାରୀରିକଶ୍ରମ ପ୍ରତି ଅଗ୍ରାଧିକାର ଦିଆଗଲେ ଓ ପାରମ୍ପରିକ ଶିକ୍ଷା ପଦ୍ଧତିରେ ଆମୂଳଚୂଳ ପରିବର୍ତ୍ତନ କରାଗଲେ, ଶିକ୍ଷିତ ଯୁବକ ସ୍ୱାବଲମ୍ବନଶୀଳ ହେବାପାଇଁ ପ୍ରେରଣା ଲାଭ କରନ୍ତେ ଏବଂ ବେକାରସମସ୍ୟା ଏକ ଉତ୍କଟ ରୂପନେଇ ଭାରତର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିପାରନ୍ତା ନାହିଁ ।

●●●

ଟିପ୍ପଣୀ

୭.୩ ଯୌତୁକ ସମସ୍ୟା

ଉପକ୍ରମ: ଭାରତର ମଧ୍ୟମୟ ସାମାଜିକ ବ୍ୟବସ୍ଥା ବିଶ୍ୱକୁ ଚମକୃତ କରିଥିଲା ।ସମାଜରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିଲା ସୌହାର୍ଦ୍ଦ୍ୟ ଭାବ । ଜଣଙ୍କର ବିପଦରେ ଅନ୍ୟ ଜଣେ ସହାୟତା କରୁଥିଲା । ଏହାର ପରମ୍ପରା ଯେପରି ସମୃଦ୍ଧ, ଐତିହ୍ୟ ମଧ୍ୟ ସେହିପରି ମହାନ । ଆଜି ଭାରତର ଅତୀବ ଗୌରବ ଓ ମହାନତା ସୁଦୂରପରାହତ । ଯେଉଁ କେତେକ ସାମାଜିକ ସମସ୍ୟାବଳୀ ଆଜି ଭାରତର ପ୍ରଗତି ଓ ବିକାଶକୁ ଅବରୁଦ୍ଧ କରୁଛି, ତନ୍ମଧ୍ୟରେ ଯୌତୁକ ପ୍ରଥା ଅନ୍ୟତମ । ଆଜି ଏହା ଏକ ମାନସିକ ରୋଗରେ ପରିଣତ ହୋଇଛି । ଯୌତୁକ ଗୋଟିଏ ସାମାଜିକ ବ୍ୟାଧି; ଏହା ଜାଣି ମଧ୍ୟ ଏହାର ନିରାକରଣ ପାଇଁ କେହି ଦୃଷ୍ଟି ଦେଉ ନାହାନ୍ତି । ଏହି କାରଣରୁ ଭାରତୀୟ ସାମାଜିକ ବାତାବରଣ କଳୁଷିତ ହୋଇଯାଉଛି । ପ୍ରତିଦିନ ସମ୍ବାଦପତ୍ର ପୃଷ୍ଠାରେ ଯୌତୁକଜନିତ ବହୁ ମୃତ୍ୟୁ ଘଟଣା ଦୃଷ୍ଟି ସମ୍ମୁଖକୁ ଆସୁଛି । ଯୌତୁକ ନିଷ୍ଠୁର ଯଜ୍ଞରେ କେତେ ଯେ ନିରୀହା ଅକାଳରେ ବଳି ପଡୁଛନ୍ତି, ତା'ର ସମ୍ବାଦ ରଖିବାକୁ ଆମର ସମାଜ ଅସମର୍ଥ । ପୁରୁଷ ଓ ନାରୀର ସମ୍ମିଳନୀରେ ସମାଜ ଗଠିତ । କୁହାଯାଏ ଯେଉଁଠାରେ ନାରୀମାନେ ଉପଯୁକ୍ତ ସମ୍ମାନିତ ହୁଅନ୍ତି, ସେଠାରେ ଦେବତାମାନେ ବିଚରଣ କରନ୍ତି । ଶକ୍ତିହୀନ ଶିବ-ଶବ ପଦବାଚ୍ୟ । ମାତ୍ର ଆଜିର ଯୌତୁକ ବ୍ୟାଧି ଯୋଗୁଁ ସମାଜରେ ନାରୀ ନିର୍ଯ୍ୟାତନାର ଶିକାର ହେଉଛି । ଏପରିକି ଶିକ୍ଷିତ ସ୍ତରରେ ସର୍ବାଧିକ ବୋଲି ଅନୁଭୂତ ହେଉଛି । ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରୁ ଭାରତକୁ ରକ୍ଷା କରିବାକୁ ହେଲେ ଯୌତୁକପ୍ରଥାର ସମୂଳ ଉତ୍ପାଟନ ଅନିବାର୍ଯ୍ୟ ।

ପ୍ରାଚୀନ ଭାରତରେ ଯୌତୁକ ପ୍ରଥା: ପ୍ରାଚୀନ ଭାରତର ସାମାଜିକ ବ୍ୟବସ୍ଥାରେ ଯୌତୁକ ପ୍ରଥା ରହିଥିଲେ ହେଁ ତାହା ଆଜିର ସମାଜ ପରି ଏତେ ଉତ୍କଟ ନଥିଲା । ବିବାହ ସମୟରେ କନ୍ୟାପିତା ତା'ର ଶକ୍ତି ଅନୁଯାୟୀ ଝିଅ ଜ୍ୱାଇଁଙ୍କୁ କିଛି ଉପହାର ଦେଉଥିଲା । ରାଜବଂଶଧରମାନେ ଏହାକୁ ଏକ ମର୍ଯ୍ୟାଦାର ପ୍ରଶ୍ନ ଭାବରେ ଗ୍ରହଣ କରିଥିଲେ । ତେଣୁ ରାଜପରିବାରମାନଙ୍କରେ ଏହାର ପ୍ରଚଳନ ଥିଲା ଅଧିକ । ତଥାପି ଏହା କେବେ ଏକ ସମାଜିକ ସମସ୍ୟା ରୂପେ ଦେଖା ଦେଇନଥିଲା । ତାହା ଥିଲା ସେ ସମୟର ଏକ ସମାଜିକ ପ୍ରଥା ଓ ଉପହାର ବ୍ୟବସ୍ଥା । ଏଥିପାଇଁ ବାଧବାଧକତାର ଆଦୌ ସ୍ଥାନ ନଥିଲା । ନାରୀ ଓ ପୁରୁଷର ଦିବ୍ୟ ମିଳନରେ ଯୌତୁକ ଥିଲା ଗୋଟିଏ ସମାଜିକ ଉପହାର । ଆମର ରାମାୟଣ ଓ ମହାଭାରତ ତଥା ଅନ୍ୟାନ୍ୟ ପୁରାଣମାନଙ୍କରେ ଯୌତୁକ ପ୍ରଥା ସମ୍ବନ୍ଧରେ ବହୁତ ଦୃଷ୍ଟାନ୍ତ ରହିଥିଲେ ହେଁ କୌଣସି କ୍ଷେତ୍ରରେ ଏହା ସମାଜିକ ନୀତିନିୟମର ବିରୁଦ୍ଧାଚରଣ କରୁ ନଥିଲା କିମ୍ବା ସାମାଜିକ ସୁସ୍ଥ ବାତାବରଣକୁ କଳୁସିତ କରୁ ନଥିଲା । ମଧ୍ୟଯୁଗୀୟ ଭାରତରେ ସାମନ୍ତବାଦ ପରିବାରମାନଙ୍କରେ ମଧ୍ୟ ଏହି ପ୍ରଥାର ପ୍ରଚଳନ ଥିଲା । ସେତେବେଳେ ଆଭିଜାତ୍ୟର ବଡ଼ପଣକୁ ସାବସ୍ତ୍ୟ କରିବା ନିମିତ୍ତ ଏହା ଥିଲା ଏକ ସାମାଜିକ ପ୍ରଥା । ସ୍ନେହ, ଶ୍ରଦ୍ଧା ଓ ପ୍ରେମର ପ୍ରତୀକ ଥିଲା ଯୌତୁକ । ଦୁହିତା-ଦୁଇକୁଳକୁ ରକ୍ଷା କରୁଥିଲା । ଆଜି କିନ୍ତୁ ଏହି ଯୌତୁକ ପାଇଁ ଦୁହିତା ମୁଣ୍ଡ ବ୍ୟଥାର କାରଣ ହୋଇଛି । ତେଣୁ ସାମାଜିକ ସଂସ୍କାର ନିମିତ୍ତ ପ୍ରଥମେ ଏହି ପ୍ରଥାର ବିଲୋପ ସର୍ବାଦୌ ଆବଶ୍ୟକ ।

ଆଧୁନିକ ଭାରତ ଓ ଯୌତୁକ ସମସ୍ୟା: ଊନବିଂଶ ଶତାବ୍ଦୀରେ ଯୌତୁକ ପ୍ରଥାର ଉତ୍କଟ

ରୂପ ପରିଲକ୍ଷିତ ହେଲା । ଅତୀତରେ କନ୍ୟା ସଂକଟ ଯୋଗୁ ବରପକ୍ଷ କନ୍ୟାସୁନା ଦେଉଥିଲା । ଧୀରେଧୀରେ ଅବସ୍ଥାରେ ପରିବର୍ତ୍ତନ ଘଟିଲା । କନ୍ୟାମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା । ଏବେ ମଧ୍ୟ ପୁରୁଷ ତୁଳନାରେ ନାରୀମାନଙ୍କର ସଂଖ୍ୟା ଊଣା ଥିଲେହେଁ ଭଲ ପାତ୍ର ନିର୍ବାଚନ ପାଇଁ ଯୌତୁକ ଆକାଶଛୁଆଁ ହୋଇଯାଇଛି । ବରପାତ୍ରର ସାମାଜିକ ଅବସ୍ଥା, ଆର୍ଥିକ ସ୍ୱଚ୍ଛଳତା ଏବଂ ସ୍ଥିତି ନେଇ ଯୌତୁକର ପରିମାଣ ନିର୍ଣ୍ଣୟ କରାଯାଉଛି । ଯିଏ ଯେତେ ସ୍ୱଚ୍ଛଳ, ତା'ର ଯୌତୁକ ପରିମାଣ ସେତିକି ଅଧିକ । ଯିଏ ଯେତେ ଶିକ୍ଷିତ ତା'ର ଯୌତୁକ ଦାବି ସେତିକି ଅଧିକ । ଏହି କାରଣରୁ ବହୁ ଅବଳା ବିବାହଯୋଗ୍ୟ ହୋଇସାରିଥିଲେ ହେଁ, ବିବାହ ବଜାରରେ ବାସନ୍ଦ ହୋଇପଡୁଛନ୍ତି । ମନସ୍ତାପ ମଧ୍ୟରେ ଆତ୍ମହତ୍ୟା କରୁଛନ୍ତି । ବିବାହ ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ । ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ କେତେକ ଆତ୍ମହତ୍ୟା କରୁଛନ୍ତି ତ ଆଉ କେତେକଙ୍କୁ ହତ୍ୟା କରାଯାଉଛି । ବୈବାହିକ ଜୀବନ ନଷ୍ଟଭ୍ରଷ୍ଟ ହୋଇଯାଉଛି ଯୌତୁକ ରାକ୍ଷସ ପାଇଁ । ସବୁଠାରୁ ଦୁଃଖର ବିଷୟ, ଯୌତୁକ ପାଇଁ ନିର୍ଯ୍ୟାତିତା ହେଉଥିବା ନାରୀମାନେ ପ୍ରଥମେ ସେହି ନାରୀମାନଙ୍କର ହିଁ ଶିକାର ହୋଇଥାନ୍ତି । ଜଣେ ନାରୀ ଅନ୍ୟ ଜଣେ ନାରୀର ମନସ୍ତତ୍ତ୍ୱ ପରୀକ୍ଷା କରିବା ପରିବର୍ତ୍ତେ ମାନସିକ ସ୍ତରରେ ଶାଶୁ ଓ ନଣନ୍ଦର କ୍ଷମତା ନେଇ ତାକୁ ନିର୍ଯ୍ୟାତନା ଦେଇଥାନ୍ତି । ଉପଯୁକ୍ତ ଯୌତୁକ ଆଣିଥିଲେ ମଧ୍ୟ, କେତେକ ଲୋଭର ବଶବର୍ତ୍ତୀ ହୋଇ ଅଧିକ ଯୌତୁକ ଲୋଭରେ ନାରୀ ନିର୍ଯ୍ୟାତନା ଦେଇଥାନ୍ତି । ସାମ୍ପ୍ରତିକ ସମାଜରେ ଯିଏ ଯେତେ ଅଧିକ ପରିମାଣରେ ଯୌତୁକ ଆଣିପାରିଲା, ସାମାଜିକ ସ୍ତରରେ ସେତିକି ମର୍ଯ୍ୟାଦା ଲାଭ କଲା । ଏହି କାରଣରୁ ଅସୁନ୍ଦର, ସ୍ୱଳ୍ପଶିକ୍ଷିତା କନ୍ୟା ମଧ୍ୟ ଭଲ ପାତ୍ର ପାଇବାକୁ ଅସମର୍ଥ ହେଉ ନାହିଁ । ଅଥଚ ବହୁ ସୁନ୍ଦରୀ, ଶିକ୍ଷିତା ଗୁଣବତୀ କନ୍ୟା ଯୌତୁକ ଅଭାବରୁ ବିବାହ କରିବାକୁ ଅସମର୍ଥ ହେଉଛନ୍ତି । ଅତୀତରେ ଏହା ଥିଲା ସ୍ନେହ ଓ ଶ୍ରଦ୍ଧାର ଉପହାର, ବର୍ତ୍ତମାନ ଏହା ସାମାଜିକ ଦାବି । ତେଣୁ କନ୍ୟାଟିଏ ଜନ୍ମହେବା ମାତ୍ରେ ପରିବାରରେ ଆନନ୍ଦର କଲ୍ଲୋଳ ସୃଷ୍ଟି ହେବା ପରିବର୍ତ୍ତେ ବିଷାଦର ଅନ୍ଧକାର ଘୋଟି ଆସେ ।ଏହି କାରଣରୁ କନ୍ୟାଭ୍ରୁଣ ପରୀକ୍ଷା କରି ପିତାମାତା ତାକୁ ବିନଷ୍ଟ କରିଦିଅନ୍ତି । ଏହାକୁ ଏକ ସାମାଜିକ ଅପରାଧ ଭାବରେ ଗ୍ରହଣ କରାଯାଇ ଥିଲେହେଁ, ଆଲୋକ ଦେଖିବା ପୂର୍ବରୁ କନ୍ୟାଭ୍ରୁଣମାନଙ୍କୁ ନଷ୍ଟ କରି ଦିଆଯାଉଛି । ସତେଯେପରି କନ୍ୟାମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥା ସମ୍ପୂର୍ଣ୍ଣ ଅକ୍ଷମ । କନ୍ୟାଟିଏ ମଧ୍ୟ କନ୍ୟା ହୋଇ ଜନ୍ମ ହୋଇଥିବାରୁ ସେ ନିଜକୁ ଅଭିଶପ୍ତ ମନେକରେ । ବିବାହାବସ୍ଥାରେ ପହଞ୍ଚିବା ପରେ ପିତାମାତାଙ୍କର ମାନସିକ ପୀଡ଼ନ ଦେଖି ଦୁଃଖ ଓ ଅପମାନରେ ଜୀବନକୁ ନିନ୍ଦା କରେ । ପ୍ରତ୍ୟେକ ସ୍ତରରେ ଯୌତୁକ ରାକ୍ଷସକୁ ନିନ୍ଦା କରାଯାଉଥିଲେ ମଧ୍ୟ ତା'ର ନିରାକରଣ ପାଇଁ କେହି ଚେଷ୍ଟା କରନ୍ତି ନାହିଁ । କେବଳ ଭାଷଣ ଓ ଯୁକ୍ତିରେ ଏହା ବିରୋଧରେ ଯାହା ମତବ୍ୟକ୍ତ କରାଯାଇଥାଏ । ଯୌତୁକ ଦେବାକୁ ଅସମର୍ଥ ପିତାମାତା ବିବାହଯୋଗ୍ୟା କନ୍ୟାକୁ ଦେଖି ଲଜ୍ଜା ଓ ଦୁଃଖରେ ଝାଉଁଳି ପଡ଼ନ୍ତି ।କିଛି କରି ନପାରିବାର ଅସମର୍ଥତାରୁ ନିଜର ପିତୃତ୍ୱ ଓ ମାତୃତ୍ୱକୁ ନିନ୍ଦା କରିଥାନ୍ତି । ମଣିଷ ଯେତେ ଆଧୁନିକ ହେଉଛି, ଯୌତୁକ ପ୍ରତି ତା'ର ଲୋଭ ସେତିକି ବଢୁଛି । ଆଧୁନିକ ଭାରତର ସମସ୍ତ ସୌନ୍ଦର୍ଯ୍ୟ, ସୁଖ ଓ ସ୍ନେହକୁ ଯୌତୁକ ବ୍ୟାଧି ବିନଷ୍ଟ କରିଦେଇଛି । ବୋଧହୁଏ ଆଧୁନିକ ଭାରତରେ ଏହାହିଁ ବର୍ତ୍ତମାନ ବଡ଼ ସାମାଜିକ ସମସ୍ୟା ।

ଯୌତୁକ ସମସ୍ୟାର କାରଣ: ଅର୍ଥ ପ୍ରତି ଅତ୍ୟଧିକ ଆସକ୍ତି ଯୌତୁକ ସମସ୍ୟାର ପ୍ରଥମ

କାରଣ । ପରିବାରରେ ଶିକ୍ଷିତ, ଚାକିରି ବା ଅର୍ଥକ୍ଷମ ସନ୍ତାନଟିଏ ଥିଲେ ବହୁ କନ୍ୟା ପ୍ରସ୍ତାବ ଆସିଥାଏ । ଏହାର ସୁଯୋଗ ନେଇ ବରପକ୍ଷ କନ୍ୟାପକ୍ଷକୁ ଶୋଷଣ କରିଥାଏ । ପ୍ରଚୁର ଅର୍ଥ ଲାଭ ଆଶାରେ ବିବାହ ବଜାରରେ ବରପକ୍ଷ ଦର କଷାକଷି ଆରମ୍ଭ କରିଦିଏ । ଯେଉଁ କ୍ଷେତ୍ରରେ ଅଧିକ ଯୌତୁକ ମିଳିବାର ଆଶା ଥାଏ, ସେହିଠାରେ ହିଁ ବିବାହ ପାଇଁ ପ୍ରସ୍ତାବ ସ୍ୱାକ୍ଷରିତ ହୁଏ । ସାମାଜିକ ସ୍ତରରେ ସଚେତନତାର ଅଭାବ ଯୌତୁକ ପ୍ରଥାର ଅନ୍ୟତମ କାରଣ । ଯୌତୁକର କୁପ୍ରଭାବ ସମସ୍ତେ ଅନୁଭବ କଲେହେଁ କୌଣସି ବ୍ୟକ୍ତି ପ୍ରତ୍ୟକ୍ଷରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରେ ନାହିଁ । ବରଂ କନ୍ୟାଜନ୍ମକୁ ଜୀବନର ଏକ ଅଭିଶାପ ଭାବରେ ଗ୍ରହଣ କରି ଭାଗ୍ୟକୁ ଆଦରି ନେଇଥାଏ । ସାଧାରଣତଃ ଯୁବଶକ୍ତି ସମାଜର ବିବର୍ତ୍ତନ ଆନୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ମାତ୍ର ବର୍ତ୍ତମାନ ଏହି ଯୁବସମାଜ ଯୌତୁକ ରାକ୍ଷସୀ କବଳିତ ହୋଇପଡ଼ିଥିବାରୁ ନିଜକୁ ତା'ନିକଟରେ ବିକ୍ରି କରି ଦେଇଥାନ୍ତି । ସମାଜରେ ଏକମୁଖୀ ସ୍ରୋତରେ ସେମାନେ ନିଜକୁ ଭସାଇ ଦେଉଛନ୍ତି । ସେଥିପାଇଁ ସମାଜରେ ସେମାନେ ଯେଉଁ ଭୂମିକା ଗ୍ରହଣ କରିବା କଥା, ତାହା କରିପାରୁ ନାହାନ୍ତି । ନାରୀ ପରିବାରର ମେରୁଦଣ୍ଡ । ନାରୀ ଜାଗରଣ ଘଟିଲେ ସମାଜର ବହୁ କୁପ୍ରଥା ଆପେ ଆପେ ବିଲୋପ ହୋଇପାରନ୍ତା । ଯୌତୁକ ବ୍ୟାଧିର ପ୍ରଥମ ଶିକାର ନାରୀ । ପୁଣି ଶାଶୁ କିମ୍ବା ନଣନ୍ଦ ସ୍ତରରେ ଥିଲେ, ସେମାନେ ଏହି ଶୋଷଣର ମୂଳପିଣ୍ଡ ହୋଇଥାନ୍ତି । ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ପ୍ରଥମେ ନାରୀ ନାରୀର ହିଁ ଶତ୍ରୁ । ନାରୀ ହୋଇ ଜଣେ ଅନ୍ୟ ନାରୀର ଦୁଃଖକୁ ଅପନୋଦନ କରିବା ପରିବର୍ତ୍ତେ ସେଥିରେ ସେ ଯଦି ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରେ, ପୁରୁଷ ସମାଜଠାରୁ ନ୍ୟାୟ ବା କେଉଁ କାରଣରୁ ଆଶା କରାଯାଇପାରିବ ? ସେଥିପାଇଁ ନାରୀକୁ ପ୍ରଥମେ ନାରୀର ସହାୟତା କରିବାକୁ ପଡ଼ିବ । ଆବଶ୍ୟକ ହେଲେ ତାକୁ ବିପ୍ଳବିଣୀର ଭୂମିକା ଗ୍ରହଣ କରିବାକୁ ହେବ । ଆମ ସମାଜରେ କନ୍ୟାର ନୀରବତାକୁ ତା'ର ଅସହାୟତା ଓ ଦୁର୍ବଳତା ଭାବରେ ଗ୍ରହଣ କରାଯାଇଥାଏ । ଶିକ୍ଷିତା ଅଶିକ୍ଷିତା ନିର୍ବିଶେଷରେ ପ୍ରତ୍ୟେକ ନାରୀ ଯଦି ଏହି ଯୌତୁକ ପ୍ରଥାର ବିରୁଦ୍ଧାଚରଣ କରିପାରନ୍ତେ, ସମାଜର ଯୌତୁକ ସମସ୍ୟା ନିରାକରଣରେ ଏହା ବହୁପରିମାଣରେ ସହାୟତା କରିପାରନ୍ତା ।

ସାମାଜିକ କୁପ୍ରଭାବ: ଯୌତୁକପ୍ରଥାର କୁପ୍ରଭାବ ସମାଜ ଜୀବନକୁ ସ୍ଥାଣୁ କରି ଦେଇଥାଏ । ପୁରୁଷ ଓ ନାରୀ ମଧ୍ୟରେ ତିକ୍ତ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ଯୌତୁକର ପ୍ରମୁଖ ଭୂମିକା ରହିଛି । ଏହାରି ଯୋଗୁଁ ହିଁ ଆମ ସମାଜରେ କନ୍ୟାଭ୍ରୂଣ ନଷ୍ଟ ଓ କନ୍ୟାଶିଶୁ ମୃତ୍ୟୁହାର ଅଧିକ ହୋଇଛି । କନ୍ୟାକୁ ସମାଜର ଏକ ଅଭିଶାପ ଭାବରେ ଗ୍ରହଣ କରାଯାଉଛି । ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଯୌତୁକ ପ୍ରଥା ଯୋଗୁଁ ହିଁ ନାରୀଟିଏ ବିବାହ ବଜାରରେ ବାସନ୍ଦ ପଡ଼ିଯାଉଛି । କେବଳ ଏହି କାରଣରୁ ବିବାହ ଏକ ପବିତ୍ର ପ୍ରଥା ହେବା ପରିବର୍ତ୍ତେ ବ୍ୟବସାୟରେ ପରିଣତ ହୋଇଯାଇଛି । ଜୀବନର ଆଦର୍ଶ ଓ ମୂଲ୍ୟବୋଧରେ ସଙ୍କଟ ସୃଷ୍ଟି କରୁଛି ଯୌତୁକ । ନାରୀର ସମ୍ମାନ ବିଡ଼ମ୍ବିତ ହୋଇଛି । ପୁରୁଷ ଶିକ୍ଷା ଓ ଅର୍ଥର ଦ୍ୱାହି ଦେଇ ବଜାରରେ ବିକ୍ରି ହେଉଛି । ତେଣୁ ବିବାହ ପରେ ନାରୀ ଏବଂ ପୁରୁଷ ମଧ୍ୟରେ ଯେଉଁ ମଧୁର ସମ୍ପର୍କ ସୃଷ୍ଟି ହେବା କଥା, ତାହା ହୋଇପାରୁନାହିଁ । ବରଂ ତା ପରିବର୍ତ୍ତେ ପ୍ରବଳ ଯୌତୁକ ଆଣିଥିବା ନାରୀ ମନରେ ପୁରୁଷ ପ୍ରତି ଘୃଣା ଓ ତାଚ୍ଛଲ୍ୟଭାବ ସୃଷ୍ଟି ହେଉଛି । ବିଶେଷଭାବରେ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାର ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ନିଜର ସ୍ୱଳ୍ପ ଆୟ ମଧ୍ୟରେ କନ୍ୟାଟିକୁ ବିବାହ ଦେବାରେ ଅସମର୍ଥ ହେବାରୁ ନିଜର

ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିକ୍ରୟ କରି ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରୁଛି । ସମାଜର ମୂଲ୍ୟବୋଧରେ ସୃଷ୍ଟି ହେଉଛି ସଙ୍କଟ । ସାମାଜିକ ପ୍ରଗତି ଏବଂ ବିକାଶକୁ ଯୌତୁକ ପ୍ରଥା ଅବରୁଦ୍ଧ କରିଦେଉଛି ।

ଯୌତୁକ ପ୍ରଥାର ଆଇନଗତ ଦିଗ: ପରିତାପର ବିଷୟ ଯୌତୁକ ପ୍ରଥାର ନିବାରଣ ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି । ୧୯୬୧ ମସିହାରେ ଭାରତରେ ଯୌତୁକ ନିରାକରଣ ଆଇନ ପ୍ରଣୟନ କରାଯାଇଛି । ଯେଉଁମାନେ ଯୌତୁକ ଦେବେ ଓ ଯେଉଁମାନେ ଯୌତୁକ ଗ୍ରହଣ କରିବେ ଉଭୟ ଏହି ଆଇନ ଦ୍ୱାରା ଦୋଷୀ ରୂପେ ସାବ୍ୟସ୍ତ ହେବେ । ଅବଶ୍ୟ ଏହି ଆଇନର କେତେକ ତ୍ରୁଟି ରହିଛି । ମୂଲ୍ୟବାନ ପଦାର୍ଥ, ଅଳଙ୍କାର ବା ନଗଦ ଟଙ୍କା ଉପହାର ଭାବରେ ପ୍ରଦାନ କରାଗଲେ, ତାହା ଯୌତୁକ ରୂପେ ଅଭିହିତ ହେବ ନାହିଁ । ୧୯୮୫ ମସିହାରେ ଏହି ଆଇନ୍‌ରେ ସଂଶୋଧନ କରାଯାଇଛି । ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ (ବରକନ୍ୟା ସମେତ) ବିବାହ ନିମିତ୍ତ ପ୍ରଦତ୍ତ କିମ୍ବା ଦେବାକୁ ପ୍ରତିଶ୍ରୁତିବଦ୍ଧ ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ଯୌତୁକ ରୂପେ ବିବେଚିତ ହେବ । ମାତ୍ର ତାଲିକାଭୁକ୍ତ ପ୍ରୀତି ଉପହାରକୁ ଯୌତୁକ ଭାବରେ ଗ୍ରହଣ କରାଯିବ ନାହିଁ । ଉପାହାର ପ୍ରଦାନ କରାଯାଉଥିବା ପଦାର୍ଥର ଏକ ତାଲିକା ହେବା ସଂଗେସଂଗେ ତା'ର ମୂଲ୍ୟ ସଂପର୍କରେ ସୂଚନା ପ୍ରଦାନ କରାଯିବ ଓ ଏହି ତାଲିକାରେ ବରକନ୍ୟାଙ୍କର ସ୍ୱାକ୍ଷର ବା ଟିପଚିହ୍ନ ରହିବ । ଯୌତୁକ ସମ୍ବନ୍ଧରେ ଆଇନ୍‌ର ବହୁଦିଗ ରହିଥିଲେ ହେଁ ସମାଜରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ପରନ୍ତୁ ଦିନକୁ ଦିନ ଯୌତୁକର ପରିମାଣ ବଢ଼ିବାରେ ଲାଗିଛି । ସାମାଜିକ ଅସଚେତନତା ହିଁ ଏହାର ମୁଖ୍ୟ କାରଣ । ପୁନରାୟ କୌଣସି ପିତାମାତା ଯୌତୁକ ସମ୍ବନ୍ଧରେ ପୋଲିସକୁ ସୂଚନା ଦେଇ ନିଜ କନ୍ୟାର ଭବିଷ୍ୟତକୁ ଅନ୍ଧକାର କରିବାକୁ ଚାହେଁନାହିଁ । । ଏତଦ୍‌ବ୍ୟତୀତ କନ୍ୟାପତା ଭଲ ଭାବରେ ଜାଣେ, ବିନା ଯୌତୁକରେ କନ୍ୟାଟିକୁ ବିବାହ ଦବା ତା' ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ । ଆଇନର ସମସ୍ତ ଦିଗ ଖୋଲାଥିବା ସତ୍ତ୍ୱେ ଏହି କାରଣ ଯୋଗୁ ଯୌତୁକ ବିରୋଧ ଆଇନ ତା'ର କାର୍ଯ୍ୟକାରୀ ଶକ୍ତି ହରାଇ ବସିଛି ଓ ଏହା କେବଳ କେତେକ ନିୟମ ଭାବରେ କାଗଜର ପୃଷ୍ଠା ମଣ୍ଡନ କରିଛି ।

ନିରାକରଣ ଉପାୟ: ଯୌତୁକ ନିରାକରଣ ପାଇଁ ସାମୂହିକ ସଚେତନତା ହିଁ ସର୍ବାଦୌ ଆବଶ୍ୟକ । ଅତୀତରେ ମହାତ୍ମାଗାନ୍ଧୀ ଯୌତୁକ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ । ଶଙ୍କଙ୍କଭଶ ଓଭୟସବ ପତ୍ରିକାରେ ସେ ଯୌତୁକ ପ୍ରଥାର ତୀବ୍ର ସମାଲୋଚନା କରିବା ସହିତ ସମାଜର ଅନ୍ଧାରୀଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ । ରବୀନ୍ଦ୍ରନାଥ ଟାଗୋର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୌତୁକ ପ୍ରଥାର ସାମାଜିକ କୁପରିଣତି ଦିଗ ସଂପର୍କରେ ଆଲୋଚନା କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ସେମାନଙ୍କର ଆନ୍ତରିକ ଉଦ୍ୟମ କିଛି ପରିମାଣରେ ସଫଳତା ଅର୍ଜନ କରିଥିଲା । ମାତ୍ର ସେମାନଙ୍କ ପରେ ଅନ୍ୟ କେହି ଏହି ପ୍ରଥାର ବିଲୋପ ନିମିତ୍ତ ଆନ୍ତରିକ ଉଦ୍ୟମ କରିନାହାନ୍ତି । ସରକାରୀ ସ୍ତରରେ ଆଇନ ପ୍ରଣୟନ କରାଯାଇଥିଲେ ହେଁ ଆଇନର ଯଥାର୍ଥ ପରିପାଳନ ପାଇଁ ଉପଯୁକ୍ତ ଦୃଷ୍ଟି ପ୍ରଦାନ କରାଯାଇନାହିଁ । ଆଜିର ଯୁବ ସଂପ୍ରଦାୟର ଏହି ସାମାଜିକ ବ୍ୟାଧି ବିରୋଧରେ ତୀବ୍ର ସଂଗ୍ରାମ କରିବା ଉଚିତ୍ । ସେମାନେ ଚାହିଁଲେ ସାମାଜିକ ଜୀବନକୁ କଳୁଷିତ କରୁଥିବା ଏହି ବ୍ୟାଧିର ଉପଯୁକ୍ତ ଉପଶମ ହୋଇପାରିବ । ଏତଦ୍‌ବ୍ୟତୀତ ସ୍ୱେଚ୍ଛାସେବୀ ସଂଗଠନ ଓ ନାରୀ ସମାଜ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆବଶ୍ୟକ । ସାମୂହିକ ଜନସଚେତନତା ସୃଷ୍ଟି ହୋଇନପାରିଲେ ଯୌତୁକ ପ୍ରଥାର ନିବାରଣ ସମ୍ଭବ ହେବ

ନାହିଁ । ପ୍ରତ୍ୟେକ ନାଗରିକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଶିକ୍ଷିତ ଯୁବକ ବିନା ଯୌତୁକରେ ବିବାହ କରିବା ନିମିତ୍ତ ପ୍ରତିଜ୍ଞାବଦ୍ଧ ହେଲେ ଏହି ସମସ୍ୟାର ବହୁ ସମାଧାନ ହୋଇପାରିବ । ଏହା ବ୍ୟତୀତ ପ୍ରତ୍ୟେକ ନାରୀ ଯୌତୁକଲୋଭୀ ପାତ୍ରକୁ ବର୍ଜନ କରିବା ପାଇଁ ମାନସିକସ୍ତରରେ ନିଜକୁ ପ୍ରସ୍ତୁତ କରିବା ଉଚିତ୍ । ସରକାରୀ ସ୍ୱେଚ୍ଛାସେବୀ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଜାରି ରହିଲେ ଯୌତୁକ ପ୍ରଥା ରୂପୀ ସାମାଜିକ ବ୍ୟାଧିକୁ ଦୂରୀକରଣ କରାଯାଇପାରିବ ।

ଉପସଂହାର: ଯୌତୁକ ଏକ ସାମାଜିକ ବ୍ୟାଧି । ଏହାକୁ ଦୂର କରିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଯେଉଁଥିପାଇଁ ଭାରତର ସାମାଜିକ ବ୍ୟବସ୍ଥା ବିଶ୍ୱର ଆଦର୍ଶସ୍ଥାନୀୟ ହୋଇପାରିଛି, ଯୌତୁକଜନିତ କାରଣ ପାଇଁ ଆଜି ତାହା ବିକଳାଙ୍ଗ ହୋଇଯିବାକୁ ବସିଛି । ତା'ର ପୂର୍ବର ସେହି ମାଧୁରିମା ଆଜି ଅକଳ୍ପନୀୟ । ବିବାହକୁ ଯୌତୁକ ପାଇଁ ଏକ ବ୍ୟବସାୟରେ ପରିଣତ ନକରି ତାହାକୁ ଏକ ମଧୁର ବନ୍ଧରେ ପରିଣତ କରିବା ଉଚିତ । ଭାରତୀୟ ସଂସ୍କୃତି ଓ ସଭ୍ୟତା ବିବାହର ଆଦର୍ଶବାଦୀ ନୀତି ଉପରେ ପ୍ରତିଷ୍ଠିତ । କେବଳ ଯୌତୁକ ପାଇଁ ଆଜି ତାହା ତା'ର ସେହି ପଦମର୍ଯ୍ୟାଦା ହରାଇଛି । ନାରୀର ଅତୀତ ସମ୍ମାନ ଏହି କାରଣରୁ ଭୁଲୁଣ୍ଠିତ ହେଉଛି । ଭାରତର ପୂର୍ବ ସମ୍ମାନ, ମର୍ଯ୍ୟାଦା, ମୂଲ୍ୟବୋଧ ଓ ମାଧୁରିମାକୁ ଫେରାଇ ଆଣିବାକୁ ହେଲେ ଆମ ସମସ୍ତଙ୍କୁ ଯୌତୁକ ରାକ୍ଷସ କବଳରୁ ମୁକ୍ତ ହେବାକୁ ପଡ଼ିବ । ଏହା ଆଜି କେବଳ ଭାରତୀୟମାନଙ୍କର ଏକ ନୈତିକ କର୍ତ୍ତବ୍ୟ ନୁହେଁ, ସାମାଜିକ ଓ ଜାତୀୟ କର୍ତ୍ତବ୍ୟ ମଧ୍ୟ ।

●●●

୭.୫ ଛାତ୍ର ବିଶୃଙ୍ଖଳା:କାରଣ ଓ ନିରାକରଣ

ଉପକ୍ରମ: ସମାଜର ବିକାଶରେ ଛାତ୍ର ସମାଜର ଏକ ମୁଖ୍ୟ ଭୂମିକା ବିଦ୍ୟମାନ । ସେମାନେ ଦେଶର ଭବିଷ୍ୟତ ଓ କର୍ଣ୍ଣଧାର । ସମାଜର ଗୋଟିଏ ବିରାଟ ଶକ୍ତିରୂପେ ସେମାନେ ପରିଚିତ । ଦେଶର ଭବିଷ୍ୟତ ନେତୃତ୍ୱ ଓ ବିକାଶ ତାଙ୍କ ଉପରେ ନିର୍ଭର କରେ । ଗୋଟିଏ ଆଦର୍ଶ, ଜୀବନ ପ୍ରତି ସାକାର ଦୃଷ୍ଟିଭଙ୍ଗୀ ଏବଂ ସାମାଜିକ ଅଙ୍ଗୀକାରବଦ୍ଧତା ଯୁବସମାଜକୁ ଉନ୍ମାଦିତ କରିଥାଏ ଦେଶର ଭବିଷ୍ୟତ ଗଠନ ନିମିତ୍ତ । କୁସଂସ୍କାର ଓ ଆର୍ଥିକ ସ୍ଥାଣୁତା ବିରୋଧରେ ସେମାନେ ପ୍ରତ୍ୟକ୍ଷ ସଂଗ୍ରାମ କରିବାକୁ ଅଗ୍ରସର ହୋଇଥାନ୍ତି । ଆସନ୍ତାକାଲିର ଆଶା ଓ ବିଶ୍ୱାସ ଏହି ଛାତ୍ର ସମାଜ । ଉପଯୁକ୍ତ ଦିଗ୍‌ଦର୍ଶନ ଅଭାବରୁ ଅନେକ ସମୟରେ ଛାତ୍ରସମାଜ ପଥଭ୍ରଷ୍ଟ ହୋଇଥାନ୍ତି । ବର୍ତ୍ତମାନ କେବଳ ଭାରତ କାହିଁକି, ସମଗ୍ର ବିଶ୍ୱରେ ଛାତ୍ର ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି । ରାସ୍ତାଘାଟ ଅବରୋଧ, ଜାତୀୟ ସମ୍ପତ୍ତି ଧ୍ୱଂସ, ଧ୍ୱଂସାତ୍ମକ କାର୍ଯ୍ୟଧାରା, ଶିକ୍ଷକମାନଙ୍କ ପ୍ରତି ଅସଦ୍ ଆଚରଣ, ଅଭିଭାବକମାନଙ୍କ ପ୍ରତି ଅସମ୍ମାନ, ପରୀକ୍ଷାରେ ଅସଦ୍ ଉପାୟ ଅବଲମ୍ବନ, ରକ୍ତପାତ ଆଦି ବହୁ ଅହିତକର କାର୍ଯ୍ୟରେ ଆଜି ସେମାନେ ଲିପ୍ତ । ସେମାନଙ୍କ ବିରୋଧରେ ଅଧିକାଂଶ ସମୟରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗମାନ ଆସୁଛି । ନୀତିନିୟମର ବିରୋଧାଚରଣ କରିବା ଆଜି ଛାତ୍ରସମାଜର ଏକ ଦୈନନ୍ଦିନ କର୍ତ୍ତବ୍ୟରେ ପରିଣତ ହୋଇଛି । ମୁହୂର୍ତ୍ତକ ଉତ୍ତେଜନାରେ ସେମାନେ ନିଜର କର୍ତ୍ତବ୍ୟବୋଧ ହରାଇ ଧ୍ୱଂସାତ୍ମକ କାର୍ଯ୍ୟରେ ଲିପ୍ତ ହୋଇପଡୁଛନ୍ତି । ସମଗ୍ର ଦେଶ ପାଇଁ ଏହା ଆଜି ଏକ ଉଦ୍‌ବେଗର ବିଷୟ ହୋଇପଡ଼ିଛି । ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଗତି କରିବାର ମାନସିକତା ହରାଇଥିବାରୁ ସେମାନେ ଆଜି ଉଦ୍‌ଭ୍ରାନ୍ତ । ସେମାନଙ୍କୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିବାକୁ କୌଣସି ସ୍ତରରେ ଉଦ୍ୟମ ହେଉ ନାହିଁ । ସେଥିପାଇଁ ଛାତ୍ର ବିଶୃଙ୍ଖଳା ବର୍ତ୍ତମାନ ସବୁ ସ୍ତରରେ ଚିନ୍ତାର ବିଷୟ ହୋଇ ପଡ଼ିଛି । ଭବିଷ୍ୟତର ଏହି ମୂଲ୍ୟବାନ ସମ୍ପଦକୁ ଅଯଥାରେ ବିନଷ୍ଟ ହେବାକୁ ନ ଦେବା ଆଜି ଏକ ଜାତୀୟ କର୍ତ୍ତବ୍ୟ ହୋଇପଡ଼ିଛି । ଏହି କର୍ତ୍ତବ୍ୟ ପ୍ରତି ସବୁସ୍ତରରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ବର୍ତ୍ତମାନ ସମୟର ସର୍ବଶ୍ରେଷ୍ଠ ଆହ୍ୱାନ ।

ବିଶୃଙ୍ଖଳାର କାରଣ: ଆଜି ସମସ୍ତେ ସ୍ୱୀକାର କରୁଛନ୍ତି, ଛାତ୍ର ସମାଜ ବିଶୃଙ୍ଖଳିତ । ମାତ୍ର ଏହାର କାରଣ କ'ଣ ? ଏହି ବିଶୃଙ୍ଖଳା ପାଇଁ ଦାୟୀ କିଏ ? କେବଳ ଛାତ୍ରମାନଙ୍କୁ ଏହି ବିଶୃଙ୍ଖଳା ପାଇଁ ଦାୟୀ କଲେ ଚଳିବ ନାହିଁ । ଏହା ପଛରେ ବହୁ କାରଣ ବିଦ୍ୟମାନ । ଶିଶୁଟି ଜନ୍ମହେବା ସମୟରେ ତା'ର ଲାଳନପାଳନରେ ଭାର ପରିବାର ଉପରେ ପଡ଼ିଥାଏ । ଶୈଶବରୁ ପରିବାର ନିକଟରୁ ସେ ଯାହା ଶିକ୍ଷା କରିଥାଏ, ଯୌବନରେ ସମାଜରେ ସେ ସେହି ଶିକ୍ଷାର ପରୀକ୍ଷା କରିଥାଏ । ପରିବାରର ଆଚାର- ବ୍ୟବହାର ତାକୁ ମାର୍ଜିତ କିମ୍ବା ବିଶୃଙ୍ଖଳିତ କରିଥାଏ । ଏ କ୍ଷେତ୍ରରେ ପରିବାରର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ମଣିଷ ଏପରି ବସ୍ତୁବାଦୀ ହୋଇପଡିଛି ଯେ, ନିଜର ପରିବାର ପ୍ରତି ଉଚିତ ଦୃଷ୍ଟି ଦେବାକୁ ସମର୍ଥ ହୋଇପାରୁ ନାହିଁ । ଆଦର୍ଶ ପାରିବାରିକ ଜୀବନ ଶିଶୁକୁ କରିଥାଏ ମାର୍ଜିତ ଓ ଶୃଙ୍ଖଳିତ । ଅଥଚ ଆଜି ପରିବାରରେ ଶାନ୍ତି ସମ୍ପୂର୍ଣ୍ଣ ବ୍ୟାହତ । ପିତାମାତାଙ୍କ ନିକଟରେ ଆଦର୍ଶ ଅଭାବ । ଅନୈତିକତା ଓ ଦୁର୍ନୀତି ପାରିବାରିକ ଜୀବନକୁ ଗ୍ରାସ କରିଥିବାରୁ ସୌଜନ୍ୟବୋଧ, ସଂଯତ ଆଚରଣ ସୁଦୂର ପରାହତ ହୋଇପଡିଛି । ସମାଜ ଏବଂ

ପରିବାରର ଏହି ଅବକ୍ଷୟ ଏବଂ ମୂଲ୍ୟବୋଧର ଅଭାବ ଛାତ୍ରମାନଙ୍କୁ ବିଶୃଙ୍ଖଳିତ ହେବାକୁ ବାଧ କରୁଛି । ପରିବାରରେ ଶୃଙ୍ଖଳାର ଅଭାବରୁ ଛାତ୍ରମାନେ ବିଶୃଙ୍ଖଳିତ ଜୀବନଧାରାକୁ ଗ୍ରହଣ କରିନେଇଛନ୍ତି । ଏତଦ୍‌ବ୍ୟତୀତ ବାହ୍ୟପ୍ରଭାବ ମଧ୍ୟ ଛାତ୍ରସମାଜକୁ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିବାକୁ ବାଧ କରୁଛି । ସମାଜରୁ ସେମାନେ ଯେଉଁ ଉଚିତ ଦିଗ୍‌ଦର୍ଶନ ଆଶା କରିବାର କଥା ତାହା ସେମାନେ ପାଇପାରୁ ନାହାନ୍ତି । ସମାଜରେ ନୈତିକ ଆଦର୍ଶବୋଧ ଦ୍ୱାରା ପରିଚାଳିତ ବ୍ୟକ୍ତିମାନଙ୍କର ସଂଖ୍ୟା ନିହାତି ନଗଣ୍ୟ । ଜୁଆ, ନିଶା, ଅନାଚାର, ନଗ୍ନତା, ଅଶ୍ଳୀଳ ଆଚରଣ ଛାତ୍ରସମାଜକୁ ବିଶୃଙ୍ଖଳିତ କରୁଛି । ଚଳଚିତ୍ରର ନଗ୍ନ ଛବି କାନ୍ଥ ଓ ପ୍ରାଚୀରର ଶୋଭାବର୍ଦ୍ଧନ କରୁଛି । କର୍ଣ୍ଣକଟୁ ଅଶ୍ଳୀଳ ସଙ୍ଗୀତ, ଉଦ୍ଦୀପନା ପୋଷାକ ପରିଚ୍ଛଦ, ଭୋଗବାଦୀ ଜୀବନଧାରା ଛାତ୍ରସମାଜକୁ ବହୁପରିମାଣରେ ବିପଥଗାମୀ କରୁଛି । ଏହା କୁପ୍ରଭାବ ସବୁକ୍ଷେତ୍ରରେ ଅନୁଭୂତ ହେଉଥିଲେ ହେଁ ପ୍ରତିକାର ନିମିତ୍ତ କୌଣସିଠାରେ ଉଦ୍ୟମ ନାହିଁ । ଏହି ପ୍ରକାର ସାମାଜିକ ଏବଂ ବାହ୍ୟ ପରିବେଶରୁ ଛାତ୍ର ସମାଜ ବିଶୃଙ୍ଖଳିତ ଆଚରଣ ଶିକ୍ଷା କରିବା ବ୍ୟତୀତ, ଅନ୍ୟ କ'ଣ ବା ଶିକ୍ଷା କରିପାରିବେ ? ସମ୍ବାଦପତ୍ରର ପୃଷ୍ଠା ଓଲଟାଇଲେ ପ୍ରତିଦିନ କିଛି କିଛି ଧର୍ଷଣ ଖବର ଦୃଷ୍ଟି ପଥାରୂଢ଼ ହେଉଛି । ଚଳଚ୍ଚିତ୍ରର ନଗ୍ନ ନୃତ୍ୟ, ପୋଷାକ ଓ ଅଭିନେତା ଅଭିନେତ୍ରୀମାନଙ୍କର କାମୋଦ୍ଦୀପକ ଅଭିନୟ ଅନେକ କ୍ଷେତ୍ରରେ ଛାତ୍ର ବିଶୃଙ୍ଖଳା ନିମିତ୍ତ ଦାୟୀ । ଏହାଛଡ଼ା ଶିକ୍ଷାନୁଷ୍ଠାନମାନଙ୍କରେ ରାଜନୈତିକ ହସ୍ତକ୍ଷେପ ବହୁପରିମାଣରେ ଛାତ୍ର ବିଶୃଙ୍ଖଳା ନିମିତ୍ତ ରୋଚକ ଉପାଦାନ ଯୋଗାଇ ଦେଉଛି । ଆଜି ଶିକ୍ଷାନୁଷ୍ଠାନଗୁଡ଼ିକ ଅନୈତିକ ରାଜନୀତିର ବିଚରଣ ଭୂମିରେ ପରିଣତ ହୋଇଛି । କ୍ଷମତା ପାଇଁ ରାଜନୈତିକ ସଂଘର୍ଷରେ ଛାତ୍ର ସମାଜ ବଳି ପଡୁଛନ୍ତି । କେତେକ ସ୍ୱାର୍ଥପର ରାଜନୀତିଜ୍ଞ ନିଜର ଫାଇଦା ପାଇଁ କୋମଳମତି ଛାତ୍ରଙ୍କୁ ଅସ୍ତ୍ରକରି ଶିକ୍ଷାନୁଷ୍ଠାନର ପବିତ୍ର ବାତାବରଣକୁ କଲୁଷିତ କରୁଛନ୍ତି । ଛାତ୍ରମାନଙ୍କୁ ନେଇ ରାଜନୈତିକ ଖେଳ ଖେଳୁଥିବା ଏହି ସ୍ୱାର୍ଥପର ଗୋଷ୍ଠୀ ଦେଶ ପାଇଁ ସବୁଠାରୁ ବଡ଼ ବିପଦ । ଏହିମାନଙ୍କ ପ୍ରରୋଚନାରେ ଧର୍ମଘଟ; ଆଇନ ଅମାନ୍ୟ ଆନ୍ଦୋଳନ, ଜାତୀୟ ସମ୍ପଦ ନଷ୍ଟ ଓ ହିଂସାତ୍ମକ କାର୍ଯ୍ୟରେ ଛାତ୍ରସମାଜ ଲିପ୍ତ ହୋଇ ସେମାନଙ୍କ ସୁନ୍ଦର ଭବିଷ୍ୟତକୁ ନଷ୍ଟ କରୁଛନ୍ତି । ଛାତ୍ରସଂସଦ ନିର୍ବାଚନରେ ବିଭିନ୍ନ ଦଳ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରି ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି କରୁଛନ୍ତି । ଅବୋଧ ଛାତ୍ର ସେମାନଙ୍କ ମଧୁର ପ୍ରତିଶ୍ରୁତିରେ ଭୁଲି ନିଜର ଭବିଷ୍ୟତକୁ ଧ୍ୱଂସ କରୁଛନ୍ତି । ତେଣୁ ଛାତ୍ରବିଶୃଙ୍ଖଳା ନିମିତ୍ତ ଏହି ପ୍ରକାର ରାଜନୈତିକ ନେତା ଅନେକ ପରିମାଣରେ ଦାୟୀ । ପ୍ରଚଳିତ ତ୍ରୁଟିପୂର୍ଣ୍ଣ ଶିକ୍ଷାପଦ୍ଧତି ମଧ୍ୟ ବହୁକ୍ଷେତ୍ରରେ ଛାତ୍ରବିଶୃଙ୍ଖଳାର କାରଣ ରୂପେ ଦେଖା ଦେଇଛି । ଏହି ଶିକ୍ଷାପଦ୍ଧତିରେ ଛାତ୍ରମାନେ ନିଜର ଭବିଷ୍ୟତକୁ ଅସୁରକ୍ଷିତ ମନେକରୁଛନ୍ତି । ଶିକ୍ଷାଲାଭ ପରେ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ହେବାର କୌଣସି ପ୍ରତିଶ୍ରୁତି ନାହିଁ । ଶିକ୍ଷାଲାଭ ପରେ ମଧ୍ୟ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ଛାତ୍ର ହରାଇ ବସୁଛି । ସେହି ପାରମ୍ପରିକ ଶିକ୍ଷାନୀତି ଛାତ୍ରମାନଙ୍କୁ ସ୍ୱାବଲମ୍ବନଶୀଳ ହେବାରେ ଆଦୌ ସାହାଯ୍ୟ କରୁ ନାହିଁ । ଚରିତ୍ର ଗଠନ କ୍ଷେତ୍ରରେ ଏଥିରେ କୌଣସି ବ୍ୟବସ୍ଥା ନାହିଁ । ଆଜି ସମାଜର ସବୁ କ୍ଷେତ୍ରରେ ନୈତିକ ଅବକ୍ଷୟ ଘଟିଛି । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରମାନଙ୍କର ନୈତିକ ମୂଲ୍ୟବୋଧର ବିକାଶ ପାଇଁ କୌଣସି ବାର୍ତ୍ତା ନାହିଁ । ସଂଶୟାଚ୍ଛନ୍ନ, ଦ୍ୱିଧାଗ୍ରସ୍ତ ଓ ଅନିଶ୍ଚିତ ଭବିଷ୍ୟତ ଆଜି ଛାତ୍ରସମାଜକୁ ବିଶୃଙ୍ଖଳିତ କରୁଛି । ଜୀବନସଂଗ୍ରାମରେ ବାରମ୍ବାର ପରାଜୟ ବରଣ କରି ସେମାନେ ସମାଜ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ନୀତି ଓ ନିୟମକୁ ଭାଙ୍ଗି ସମାଜରେ ସୃଷ୍ଟି

କରୁଛନ୍ତି ଅଶାନ୍ତିର ବାତାବରଣ । ପୁସ୍ତକ ଜ୍ଞାନଶିକ୍ଷା ମଣିଷକୁ କେବେ ଆତ୍ମନିର୍ଭରଶୀଳ କରିପାରେନା ।ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ବ୍ୟାବହାରିକ ଜ୍ଞାନ ତଥା ଆତ୍ମନିର୍ଭରଶୀଳ ହେବାପାଇଁ ପ୍ରକୃତ ଦିଗ୍‌ଦର୍ଶନ ପ୍ରଦାନ । ମାତ୍ର ବର୍ତ୍ତମାନର ଶିକ୍ଷାପଦ୍ଧତିରେ ଏହାର ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ ସମ୍ଭାବନାହୀନ ଭବିଷ୍ୟତକୁ ଲକ୍ଷ୍ୟକରି ଛାତ୍ରସମାଜ ବିଶୃଙ୍ଖଳିତ ହେଉଛନ୍ତି । ଛାତ୍ରଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ କ୍ଷେତ୍ରରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜି ଶିକ୍ଷକମାନେ ସେମାନଙ୍କ ଦାୟିତ୍ୱ ଯଥାନୁରୂପ ସାଧନ କରିପାରୁ ନଥିବାରୁ ଛାତ୍ରବିଶୃଙ୍ଖଳା ଦେଖା ଦେଉଛି । ଶିକ୍ଷକ ଏବଂ ଛାତ୍ରମାନଙ୍କ ମଧ୍ୟରେ ଯେପରି ସମ୍ପର୍କ ରହିବା ଆବଶ୍ୟକ, ତାହା ରହିପାରୁ ନାହିଁ । ବହୁ ଶିକ୍ଷକ ଚାକିରିର ସୁରକ୍ଷା ପାଇଁ ନିଜର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥାନ୍ତି । କେତେକ ଦାୟିତ୍ୱହୀନ ଓ ଅପରିଣାମଦର୍ଶୀ ଶିକ୍ଷକ ନିଜର ସ୍ୱାର୍ଥ ପାଇଁ ଛାତ୍ରମାନଙ୍କୁ ଅସ୍ତ୍ରକରି ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି । ଅନ୍ୟ ଶିକ୍ଷକ ବିରୋଧରେ ଛାତ୍ରମାନଙ୍କୁ ପ୍ରେରିତ କରନ୍ତି । ଅର୍ଥଲୋଭରେ ଟିଉସନ୍ ପାଇଁ ଶିକ୍ଷାନୁଷ୍ଠାନରେ ଶିକ୍ଷାପ୍ରଦାନ କରି ନଥାନ୍ତି । ଏମାନେ ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରିଥାନ୍ତି । ଏପରି ଶିକ୍ଷକଙ୍କ ଆଚରଣ ଛାତ୍ର ବିଶୃଙ୍ଖଳା ପାଇଁ ଉପାଦାନ ଯୋଗାଇ ଦେଇଥାଏ । ତେଣୁ ଛାତ୍ରସମାଜ ସେମାନଙ୍କ ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ ବିସ୍ମୃତ ହୋଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥାନ୍ତି । ଛାତ୍ର ବିଶୃଙ୍ଖଳାର ଆଜି ସବୁଠାରୁ ମୁଖ୍ୟ କାରଣ ହେଉଛି ସେମାନଙ୍କର ଅନିଶ୍ଚିତ ଭବିଷ୍ୟତ । ସେମାନେ ଅନୁଭବ କରୁଛନ୍ତି, ଏହି ଶିକ୍ଷାଲାଭରେ କୌଣସି ଆବଶ୍ୟକ ନାହିଁ ।ତାଙ୍କ ଆଗରେ ହଜାର ହଜାର ଶିକ୍ଷିତ ବେକାର ଜୀବନକୁ ଅବଲମ୍ବନ କରି ବଡ଼ ଅସହାୟ ଜୀବନଯାପନ କରୁଛନ୍ତି । ସେମାନଙ୍କର ଭବିଷ୍ୟତ ପ୍ରଖର ଗ୍ରୀଷ୍ମ ତାପରେ ଦରମୁକୁଳିତ କଳିକାପରି ପୋଡ଼ି ଭସ୍ମୀଭୂତ ହୋଇଯାଉଛି । ଶିକ୍ଷାଲାଭ ସମୟରେ ସମସ୍ତ ଆଶା, ବିଶ୍ୱାସ ଓ ସ୍ୱପ୍ନ ଧୂଳିସାତ୍ ହେଉଛି । ଏହି ମାନସିକ ଅଶାନ୍ତି ଛାତ୍ର ବିଶୃଙ୍ଖଳାର ମୁଖ୍ୟ କାରଣ ରୂପେ ଦେଖାଯାଉଛି ।

ନିରାକରଣ ଉପାୟ: ଛାତ୍ର ସମାଜରେ ପରିଲକ୍ଷିତ ଏହି ବିଶୃଙ୍ଖଳାର ନିରାକରଣ ନିମିତ୍ତ କେତେକ ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଏହାର ଆଶୁ ସମାଧାନ ହୋଇପାରିବ । ଛାତ୍ରସମାଜ ଏକ ଝରଣାପରି । ପଥଅପଥ ନ ମାନି ଝରିଯିବା ହିଁ ତାଙ୍କର ଧର୍ମ । ମାତ୍ର ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରଦାନ କରିବା ସମାଜର ନୈତିକ କର୍ତ୍ତବ୍ୟ । ସମାଜର ସବୁ ସ୍ତରରେ ସଦ୍ଭାବ ପ୍ରତିଷ୍ଠିତ ହୋଇପାରିଲେ ଏହାର ଗଭୀର ପ୍ରଭାବ ଛାତ୍ର ସମାଜ ଉପରେ ପଡ଼ିବ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଦ୍ଭାବ ପ୍ରତିଷ୍ଠାଦ୍ୱାରା ସାମାଜିକ ମଙ୍ଗଳ ସାଧିତ ହେବା ସଙ୍ଗେ ସଙ୍ଗେ ଛାତ୍ରସମାଜ ଏଥିପ୍ରତି ଉଦ୍‌ବୁଦ୍ଧ ହୋଇ ସାମାଜିକ ଚଳନ୍ତି ସ୍ରୋତରେ ନିଜକୁ ସାମିଲ କରିପାରିବ । ସାମାଜିକ ଜୀବନର ଅବକ୍ଷୟ ଛାତ୍ର ବିଶୃଙ୍ଖଳାର ମୁଖ୍ୟ କାରଣ ହୋଇଥିବାରୁ ସମାଜର ସୁସଙ୍ଗଠନ ଓ ନୈତିକ ମୂଲ୍ୟର ଅଭିବୃଦ୍ଧ ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏହାଦ୍ୱାରା ସମାଜ ସୁସ୍ଥ ସୁନ୍ଦର ହେବା ସଙ୍ଗେ ସଙ୍ଗେ ଛାତ୍ରସମାଜର ନୈତିକ ମୂଲ୍ୟ ବୃଦ୍ଧି ପାଇବ । ସେଥିପାଇଁ ସାମାଜିକ ଶୃଙ୍ଖଳା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ । ଏଥିପାଇଁ ଆବଶ୍ୟକ ରହିଛି ସାମାଜିକ ସଦ୍ଭାବର । ପରସ୍ପରର ବିପଦରେ ସହାୟ ହେବା, ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା, ଏହି ସଦ୍ଭାବର ଅନ୍ୟତମ ବୈଶିଷ୍ଟ୍ୟ । ବର୍ତ୍ତମାନ ଶିକ୍ଷାପଦ୍ଧତି ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଏହାର ଖସଡ଼ାରେ ପରିବର୍ତ୍ତନ ଆଣିବା ଉଚିତ । କର୍ମାଭିମୁଖୀ ଶିକ୍ଷା ପ୍ରତି ବର୍ତ୍ତମାନ ବିଶେଷ ଗୁରୁତ୍ୱପ୍ରଦାନ କରାଯିବା ଆବଶ୍ୟକ । ବେକାର ରହିବାର ମାନସିକ

ଯନ୍ତ୍ରଣାରୁ ଛାତ୍ରସମାଜ ମୁକ୍ତ ହୋଇପାରିଲେ, ସେମାନଙ୍କର ବିଶୃଙ୍ଖଳିତ ଆଚରଣ ସ୍ୱତଃ ହ୍ରାସ ପାଇବ । ଏକ ଅନିଶ୍ଚିତ ଭବିଷ୍ୟତ ସମାଜ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କୁ ପ୍ରେରିତ କରିଥାଏ । ସେଥିରୁ ମୁକ୍ତିଲାଭ କଲେ ଶୃଙ୍ଖଳିତ ଜୀବନଯାପନ ପ୍ରଣାଳୀକୁ ସେମାନେ ଗ୍ରହଣ କରିପାରିବେ । ତେଣୁ ବର୍ତ୍ତମାନ ଭାରତର ଆବଶ୍ୟକତା ଓ ଛାତ୍ରସମାଜର ଭବିଷ୍ୟତ କର୍ମପନ୍ଥାକୁ ଆଖିରେ ରଖି ପାଠ୍ୟଖସଡ଼ା ପ୍ରସ୍ତୁତ ହେବା ଆବଶ୍ୟକ । ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱପ୍ରଦାନ କରାଗଲେ କୌଳିକ ଶିକ୍ଷା ତା'ର ପୂର୍ବ ମର୍ଯ୍ୟାଦା ଫେରିପାଇବା ସଙ୍ଗେ ସଙ୍ଗେ ଛାତ୍ରସମାଜର ହତାଶାବୋଧ ନିରାକରଣ ହୋଇପାରିବ । ଆମ ସମାଜରେ ଛାତ୍ରସମାଜ ପ୍ରତି ଯେତିକି ସମ୍ମାନ ଓ ସହାନୁଭୂତି ମିଳିବା କଥା ତାହା ମିଳିପାରୁ ନାହିଁ । ବୟସର ସ୍ୱଳ୍ପତା ଯୋଗୁଁ ଅନେକ ସମୟରେ ଆମ ସମାଜ ସେମାନଙ୍କର ଖିଆଲକୁ ଯଥାର୍ଥ ସମ୍ମାନ ଦେଉନଥିବାରୁ ସେମାନେ ପ୍ରତିକ୍ରିୟାଶୀଳ ହୋଇ ଉଠୁଛନ୍ତି । ସମାଜ ସେମାନଙ୍କୁ ଯେଉଁପରି ବ୍ୟବହାର ପ୍ରଦର୍ଶନ କରିବ ପରିଣାମରେ ସେମାନେ ସମାଜକୁ ସେହିପରି ବ୍ୟବହାର ପ୍ରଦର୍ଶନ କରିବେ । ସେଥିପାଇଁ ଛାତ୍ରସମାଜ ପ୍ରତି ସମାଜର ବର୍ତ୍ତମାନ ଯେଉଁପରି ଦୃଷ୍ଟିଭଙ୍ଗୀ ରହିଛି, ସେଥିରେ ଏକାନ୍ତ ପରିବର୍ତ୍ତନ ଆସିବା ଆବଶ୍ୟକ । ବର୍ତ୍ତମାନର ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ନିୟନ୍ତ୍ରଣାଧୀନ ରହିଥିବାରୁ ଅନୁଷ୍ଠାନ ସ୍ୱାଧୀନ ଭାବରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସମର୍ଥ ହୋଇ ପାରୁନାହିଁ । ସରକାରୀ କଟକଣା ବହୁ ସମୟରେ ଶିକ୍ଷାନୁଷ୍ଠାନର ମହତ୍ତ୍ୱ ହାନି କରୁଛି ଓ ଛାତ୍ରସମାଜର ପ୍ରକୃତ ଅଭାବ ଉପଲବ୍ଧି କରିପାରୁ ନଥିବାରୁ ବିଶୃଙ୍ଖଳା ବୃଦ୍ଧି ପାଉଛି । ଏପରିକି ନାମଲେଖା କ୍ଷେତ୍ରରେ ମଧ୍ୟ ଯୋଗ୍ୟ ଛାତ୍ର ସ୍ଥାନ ନପାଇ ବହୁ ଅଯୋଗ୍ୟ ଛାତ୍ର ସରକାରୀ କଳର ସହାୟତା ନେଇ ପ୍ରବେଶ ଲାଭ କରୁଛନ୍ତି ଓ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଛନ୍ତି । ଶିକ୍ଷାନୁଷ୍ଠାନ ନିଜେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଛାତ୍ର ନିର୍ବାଚନ କଲେ, ବହୁ ବିଶୃଙ୍ଖଳିତ ଛାତ୍ର ଏଥିରୁ ବାଦ୍ ପଡ଼ନ୍ତେ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଶାନ୍ତି ଓ ସ୍ଥିରତା ଜାରି ରହିପାରନ୍ତା । ତେଣୁ ଛାତ୍ର, ସମାଜ ଏବଂ ଶିକ୍ଷାନୁଷ୍ଠାନର ମଙ୍ଗଳ ନିମିତ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୟଂଚାଳିତ କରିବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜନୈତିକ ପ୍ରଭାବରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୁକ୍ତ ରଖିବା ଏକାନ୍ତ ଜରୁରୀ । କାରଣ ରାଜନୈତିକ କାରଣରୁ ବହୁ ସମୟରେ ଛାତ୍ର ବିଶୃଙ୍ଖଳା ଦେଖାଦେଉଛି । ଏହି କାରଣରୁ ହିଁ ଭାଷାକୁ କେନ୍ଦ୍ରକରି ତାମିଲନାଡୁରେ; ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଆଲିଗଡ଼ରେ ଏବଂ ସ୍ଥାୟୀ ବାସିନ୍ଦାକୁ କେନ୍ଦ୍ରକରି ଆସାମରେ ଛାତ୍ରବିଶୃଙ୍ଖଳା ଦେଖାଦେଇଥିଲା । ରାଜନୀତିକ ନେତାଗଣ ଛାତ୍ରସମାଜର ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ନିମିତ୍ତ ସେମାନଙ୍କୁ ଆନ୍ଦୋଳନରେ ପ୍ରବୃତ୍ତ ନ କରି ନିଜର ବ୍ୟକ୍ତିଗତ ଫାଇଦା ନିମିତ୍ତ ଛାତ୍ରସମାଜକୁ ବଳି ପକାଉଥିବାରୁ ବିଶୃଙ୍ଖଳା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ରାଜନୈତିକ ହସ୍ତକ୍ଷେପରୁ ଶିକ୍ଷାନୁଷ୍ଠାଗୁଡ଼ିକ ମୁକ୍ତି ଲାଭ କଲେ ଛାତ୍ରବିଶୃଙ୍ଖଳା ଅନେକ ପରିମାଣରେ ହ୍ରାସ ପାଇବ । ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଜନସଚେତନତାର ଆବଶ୍ୟକତା ରହିଛି । ବର୍ତ୍ତମାନ ଅଭିଭାବକ, ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଆଦୌ ସହଯୋଗ ପ୍ରତିଷ୍ଠା ହୋଇପାରୁ ନଥିବାରୁ ଛାତ୍ରବିଶୃଙ୍ଖଳା ବୃଦ୍ଧି ପାଉଛି । ଘରେ ଛାତ୍ର କ'ଣ କରୁଛି ତାହା ଶିକ୍ଷକ ଜାଣିପାରୁ ନାହିଁ କିମ୍ବା ଶିକ୍ଷାନୁଷ୍ଠାନରେ ଛାତ୍ର କ'ଣ କରୁଛି, ତାହା ଅଭିଭାବକ ଜାଣିପାରୁ ନାହିଁ । ଉପଯୁକ୍ତ ଯୋଗାଯୋଗର ଅଭାବରୁ ଛାତ୍ରର ଗତିବିଧି ଉଭୟ ଅଭିଭାବକ ଓ ଶିକ୍ଷକଙ୍କ ନିକଟରେ ଅନ୍ଧାରରେ ରହିଯାଉଛି । ଶିକ୍ଷକ ଛାତ୍ରମାନଙ୍କର ଭାବପ୍ରବଣ ମନକୁ ଯେପରି ହୃଦୟଙ୍ଗମ କରିବା ଆବଶ୍ୟକ, ଅଭିଭାବକ ମଧ୍ୟ ତା'ର ଆଚରଣ

ପ୍ରତି ସେହିପରି ଦୃଷ୍ଟିଦେବା ଆବଶ୍ୟକ । ଏଥିପାଇଁ ପ୍ରତି ମାସରେ ଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ସେମାନଙ୍କର ଗୁଣାତ୍ମକ ବିକାଶ ନିମିତ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ପାରିଲେ ଛାତ୍ରବିଶୃଙ୍ଖଳା ବହୁପରିମାଣରେ ହ୍ରାସ ପାଇପାରିବ । ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ନିର୍ବାଚନ ସମୟରେ କେତେକ ନୀତିନିୟମ ପ୍ରତି ଦୃଷ୍ଟି ଦିଆଯିବା ଉଚିତ । ବିଭିନ୍ନ ପରୀକ୍ଷାଦ୍ୱାରା ତଥା ଛାତ୍ର ଓ ଅଭିଭାବକମାନଙ୍କର ମୌଖିକ ଆଲୋଚନା ମାଧ୍ୟମରେ ଛାତ୍ରମାନଙ୍କୁ ଗ୍ରହଣ କରାଗଲେ ଅନେକ ଉଦ୍‌ବାସ୍ତୁ ଛାତ୍ର ନାମଲେଖାରୁ ବଞ୍ଚିତ ହୁଅନ୍ତେ ଓ ସେମାନଙ୍କ ଦ୍ୱାରା ଆଶଙ୍କା କରାଯାଉଥିବା ବିଶୃଙ୍ଖଳାର ମଧ୍ୟ ପରିସମାପ୍ତି ଘଟନ୍ତା । ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ତଥା ସମାଜ ହିତକର କାର୍ଯ୍ୟରେ ଛାତ୍ରମାନଙ୍କୁ ବ୍ୟାପୃତ କରିପାରିଲେ ଓ ସେମାନଙ୍କ ମଧ୍ୟରେ ଶୃଙ୍ଖଳାବୋଧ ଜାଗ୍ରତ କରିପାରିଲେ ଛାତ୍ରସମାଜ ବହୁପରିମାଣରେ ଶୃଙ୍ଖଳିତ ହୋଇପାରନ୍ତେ ।

ଉପସଂହାର: ଦେଶର ସାମଗ୍ରିକ ବିକଶରେ ଛାତ୍ରସମାଜ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ପ୍ରଥମେ ସେମାନେ ଶୃଙ୍ଖଳିତ ହେବା ଆବଶ୍ୟକ । ଛାତ୍ରବିଶୃଙ୍ଖଳା ନିମିତ୍ତ୍ ବିଭିନ୍ନ କାରଣ ଦାୟୀ ହୋଇଥିବାରୁ ସବୁ ସ୍ତରରେ ଏହାର ନିରାକରଣ ନିମିତ୍ତ ଯଥୋଚିତ ଧ୍ୟାନ ପ୍ରଦାନ କରାଯିବା ଏକାନ୍ତ ଜରୁରୀ । ଦେଶର ଭବିଷ୍ୟତ ନେତୃତ୍ୱ ସେମାନଙ୍କ ଉପରେ ନିର୍ଭର କରେ । ଦେଶର ବିକାଶ ଓ ପ୍ରଗତି ସେମାନଙ୍କର ଶୃଙ୍ଖଳାବୋଧ ଉପରେ ବହୁପରିମାଣରେ ନିର୍ଭରଶୀଳ ।ସେଥିପାଇଁ ଛାତ୍ରସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରଦାନ କରାଯିବା ଆବଶ୍ୟକ । ସାମୟିକ ସ୍ୱାର୍ଥ ପାଇଁ ଦେଶର ଭବିଷ୍ୟତକୁ ଅନୁଚିତ ମାର୍ଗ ପ୍ରଦର୍ଶନ କଲେ ସମଗ୍ର ଦେଶର ହିଁ କ୍ଷତି ଘଟିବ । ଆଜିର ଛାତ୍ରସମାଜ ଯେଉଁ ଅନିଶ୍ଚିତତା ଓ ଅସହାୟତା ପଛରେ ଧାବମାନ ହେଉଛନ୍ତି, ସେଥିରୁ ସେମାନଙ୍କୁ ନିବୃତ୍ତ କରାଇ ସେମାନଙ୍କ ମନରେ ଆଶା ଓ ଆଶ୍ୱାସନାର ଭାବ ଉଦ୍ରେକ କରିବା ଆଜିର ସମାଜର ନୈତିକ କର୍ତ୍ତବ୍ୟ । କାରଣ ସେମାନଙ୍କର ଶୃଙ୍ଖଳା ଉପରେ ଦେଶର ଶୃଙ୍ଖଳା ଓ ପ୍ରଗତି ନିର୍ଭର କରେ । ଏହି କାରଣରୁ ଆମ ସମାଜରୁ ଛାତ୍ରବିଶୃଙ୍ଖଳା ଦୂର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ ଜାରି ରଖିବା ସଙ୍ଗେ ସଙ୍ଗେ ଏହାକୁ ଏକ ସାମାଜିକ କର୍ତ୍ତବ୍ୟ ଭାବରେ ଗ୍ରହଣ କରିନେବା ଆବଶ୍ୟକ ।

●●●

ଟିପ୍ପଣୀ

୭.୫ ଛାତ୍ରର ସାମାଜିକ ଦାୟିତ୍ୱ

ଉପକ୍ରମ: ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜ ମଧ୍ୟରେ ରହିବାକୁ ବାଧ ହୋଇଥାଏ । ଜୀବନର ବିଭିନ୍ନ ପର୍ଯ୍ୟାୟ ମଧ୍ୟ ଅତିକ୍ରାନ୍ତ ହୋଇଥାଏ ସମାଜରେ । ଗୋଟିଏ ସୁସ୍ଥ ସମାଜ ମଣିଷର ସାମଗ୍ରିକ ବିକାଶରେ ସହାୟତା କରିଥାଏ । ସାମାଜିକ ଅବସ୍ଥା ପଙ୍ଗୁ ହୋଇପଡ଼ିଲେ, ମଣିଷର ଜୀବନ ବିପର୍ଯ୍ୟସ୍ତ ହୋଇପଡେ । ଆଦିମ କାଳରୁ ଏପର୍ଯ୍ୟନ୍ତ ସମାଜକୁ ସୁନ୍ଦର କରି ଗଢ଼ିବା ନିମିତ୍ତ ଅତୀତର ମୁନିଋଷି ଏବଂ ବର୍ତ୍ତମାନର ବୈଜ୍ଞାନିକ କେତେ କ'ଣ ଉପାୟ ଆବିଷ୍କାର କରିଯାଇଛନ୍ତି । କେବଳ ଉପାୟର ଆବିଷ୍କାରରେ ସମସ୍ୟାର ସମାଧାନ ହୋଇ ନଥାଏ । ଏହି ଉପାୟକୁ କିପରି କାର୍ଯ୍ୟକାରୀ କରାଯାଇପାରିବ; ତା'ରି ସଫଳତା ଉପରେ ହିଁ ସମାଜର ସୁସ୍ଥତା ନିର୍ଭର କରେ । ସେଥିପାଇଁ ଛାତ୍ରସମାଜର ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଅଫୁରନ୍ତ ପ୍ରାଣ ପ୍ରବାହର ଚରମ ପ୍ରତୀକ ଛାତ୍ରସମାଜ । ସେମାନଙ୍କର ସକ୍ରିୟ ସହଯୋଗରେ ହିଁ ସାମାଜିକ ବ୍ୟବସ୍ଥା ସୁନ୍ଦର ଓ ସୁଗଠିତ ହୋଇଉଠେ । ଭବିଷ୍ୟତ ଗଠନ କରିବାର ସ୍ୱପ୍ନ ଭିତରେ ସେ ଅନୁଭବ କରିଥାଏ ସମାଜର ଦୁର୍ବଳତାକୁ । ସେମାନଙ୍କର ସଙ୍ଗଠିତ ଓ ଉତ୍ସର୍ଗୀକୃତ କର୍ମ ଯୋଜନା ଦେଶର ବିକାଶ ନିମିତ୍ତ ଅତ୍ୟନ୍ତ ଉପଯୋଗୀ । ଛାତ୍ର ଜୀବନରେ ଯେଉଁ କେତେକ କର୍ତ୍ତବ୍ୟ କରିବାର ସୁଯୋଗ ରହିଛି, ତନ୍ମଧ୍ୟରେ ସମାଜସେବା ସବୁଠାରୁ ମୁଖ୍ୟ । ଭାରତ ପରି ସ୍ୱଳ୍ପ ଶିକ୍ଷିତ ଏବଂ ବିକାଶଶୀଳ ରାଷ୍ଟ୍ରରେ ଛାତ୍ର ଉପରେ ବହୁ ଦାୟିତ୍ୱ ନ୍ୟସ୍ତ । ସେହିମାନେ ହିଁ ସାମାଜିକ ଆନ୍ଦୋଳନ ମାଧ୍ୟମରେ ସମାଜରେ ସଂସ୍କାର ଆଣିପାରିବେ । ଯୁଗ ଯୁଗ ଧରି କୁସଂସ୍କାର ପରିପୂରିତ ଦେଶରେ ଆଲୋକର ନୂତନ ବାର୍ତ୍ତା ପ୍ରଚାର କରିପାରିବେ । ସମାଜକୁ ନୂତନ ମୋଡ଼ ଦେଇପାରିବେ ।

ସମାଜସେବାର ଉଦ୍ଦେଶ୍ୟ: ସମାଜସେବାର ମୁଖ୍ୟ ଉଦ୍ଦେଶ୍ୟ କାୟମନବାକ୍ୟରେ ସମାଜର ମଙ୍ଗଳ ସାଧନ । ଆମ ସମାଜରେ ଏବେ ବି ବହୁଲୋକ ଅଛନ୍ତି, ଯେଉଁମାନେ ଜ୍ଞାନ ବିଜ୍ଞାନଠାରୁ ବହୁ ଦୂରରେ । ସମାଜର ପରିବର୍ତ୍ତିତ ବିବର୍ତ୍ତନ ଧାରାରେ ନିଜକୁ ଆଦୌ ଖାପ ଖୁଆଇ ଚଳାଇ ପାରୁନାହାନ୍ତି । ସେହି ପ୍ରାଚୀନତା ଓ ଅନ୍ଧମୋହକୁ ଜାବୁଡ଼ି ଧରି ନିଜକୁ କ୍ଷୟ କରି ଚାଲିଛନ୍ତି । ସମାଜର ଏହି ଅଧୋଗତିକୁ ଲକ୍ଷ୍ୟ କରି ସମାଜ ବିଜ୍ଞାନ ପରି ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପାଠ୍ୟ ରୂପେ କେବଳ ଯେ ଗୃହୀତ ତାହା ନୁହେଁ, ପରନ୍ତୁ ସମାଜସେବାକୁ ମଧ୍ୟ ଶିକ୍ଷାର ଏକ ବିଶେଷ ଅଙ୍ଗରୂପେ ଗ୍ରହଣ କରାଯାଇଛି । ସମାଜସେବା ଦ୍ୱାରା ଛାତ୍ରର ମନୋବୃତ୍ତିରେ ପରିବର୍ତ୍ତନ ଆସେ । ସଂକୀର୍ଣ୍ଣ ମନୋଭାବ ତ୍ୟାଗ କରି ବିଶ୍ୱ ଭାବନାରେ ନିଜକୁ ସାମିଲ୍ କରିଦିଏ । ଏତଦ୍‌ବ୍ୟତୀତ ସମାଜର ଅବହେଳିତ ଓ ନିଷ୍ପେସିତ ବ୍ୟକ୍ତି ସେବା ମାଧ୍ୟମରେ ବଂଚିବାର ରାହା ଖୋଜି ପାଇଥାନ୍ତି । ସମାଜରେ ବସବାସ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କୁ ସମାଜସେବା ମାଧ୍ୟମରେ ଗୋଟିଏ ଭ୍ରାତୃତ୍ୱର ରଜ୍ଜୁରେ ବନ୍ଦୀ କରି ହୋଇଥାଏ । ନୀଚ ଓ ସଂକୀର୍ଣ୍ଣ ଚିନ୍ତାଧାରା ସେମାନଙ୍କ ମନରୁ ଦୂରେଇ ଯାଇଥାଏ । ଏକ ପାଇଁ ଅନେକ ଓ ଅନେକ ପାଇଁ ଏକ - ଏହି ଭାବନାର ବଶବର୍ତ୍ତୀ ହୋଇ ସମାଜର ସାମଗ୍ରିକ ମଙ୍ଗଳ ଉଦ୍ଦେଶ୍ୟରେ ଆଗେଇ ଆସନ୍ତି । ସତ୍ୟ, ଶିବ ଏବଂ ସୁନ୍ଦରତାର ମୂର୍ତ୍ତିମନ୍ତ ପ୍ରତୀକ ହୋଇଉଠେ ସମାଜ ।

ଭାରତରେ ସମାଜସେବା: ପାଶ୍ଚାତ୍ୟ ଜଗତରେ ଆଧୁନିକ ଯୁଗରେ ସମାଜସେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ସମୟରେ ଭାରତରେ କେଉଁ ପ୍ରାଚୀନ କାଳରୁ ଶିକ୍ଷାର ଏହା ଏକ ବିଶେଷ ଅଙ୍ଗ ରୂପେ ଗୃହୀତ ହୋଇଥିଲା । ପ୍ରାଚୀନ ମୁନିଋଷିମାନେ ଯାଗଯଜ୍ଞ ମାଧ୍ୟମରେ ସମାଜର ସେବା ହିଁ କରୁଥିଲେ । ଗୁରୁକୁଳ ଆଶ୍ରମରେ ଶିଷ୍ୟ ସମାଜସେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । "ସମସ୍ତେ ସୁଖରେ ରୁହନ୍ତୁ, ସମସ୍ତେ ନିରାମୟ ଜୀବନଯାପନ କରନ୍ତୁ, ସମସ୍ତେ ଭଦ୍ର ହୁଅନ୍ତୁ, କେହି ଦୁଃଖ ଭୋଗ ନକରୁ" ଏହା ହିଁ ଥିଲା ପ୍ରାଚୀନ ଭାରତର ଶିକ୍ଷା ପଦ୍ଧତି ଓ ପ୍ରାଚୀନ ମୁନିଋଷିଙ୍କର ବାଣୀ । ଉଦାର ଓ ନୈତିକ ମୂଲ୍ୟବୋଧ ଉପରେ ପ୍ରାଚୀନ କାଳରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସମୟକ୍ରମେ ଭାରତର ସେହି ପ୍ରାଚୀନ ଆଦର୍ଶ ବିପଦଗାମୀ ହୋଇପଡ଼ିଲା । ପୁନରାୟ ଉନବିଂଶ ଶତାବ୍ଦୀରେ ସେହି ପ୍ରାଚୀନ ଆଦର୍ଶର ପୁନରୁତ୍ଥାନ ନିମିତ୍ତ ଉଦ୍ୟମ ଆରମ୍ଭ ହେଲା । Service to mankind is service to God' ମାନବର ସେବା ଈଶ୍ୱରଙ୍କର ସେବା ବୋଲି ମହାତ୍ମାଗାନ୍ଧି ପ୍ରଚାର କଲେ । ଆଶ୍ରମ ଜୀବନଯାପନ ମାଧ୍ୟମରେ ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ କଲେ । ଅସହାୟ, ନିଃସହାୟ ଏବଂ ରୋଗଗ୍ରସ୍ତଙ୍କ ସେବା କରି ଏକ ନୂତନ ପରମ୍ପରା ସୃଷ୍ଟି କଲେ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁ ବ୍ୟକ୍ତି ସମାଜସେବା ପାଇଁ ନିଜକୁ ଉତ୍ସର୍ଗ କଲେ । ପୁଣି ମଦର ଟେରେସା ସେବାର ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଭାରତ ଗଗନରେ ଉଭା ହେଲେ । ଦଳିତ, ଅବହେଳିତମାନଙ୍କର ସେବା କରି ବିଶ୍ୱରେ ଏକ ନୂତନ ଅଧ୍ୟା ସୃଷ୍ଟି କଲେ । ତେଣୁ ଭାରତରେ ସମାଜସେବା ବହୁପୂର୍ବରୁ ପ୍ରଚଳିତ । ସେହି ପ୍ରାଚୀନ ଆଦର୍ଶ ଓ ପରମ୍ପରାକୁ ଅନୁସରଣ କରିପାରିଲେ ଆଜିର ଛାତ୍ରସମାଜ ଯେ ନିଜକୁ ଜଣେ ଜଣେ ସମାଜସେବୀ ଆସନକୁ ଉନ୍ନୀତ କରିପାରିବେ, ଏଥିରେ ସନ୍ଦେହ ନାହିଁ ।

ଛାତ୍ରସମାଜର ସାମାଜିକ କର୍ତ୍ତବ୍ୟ: ମହାତ୍ମାଗାନ୍ଧି ଛାତ୍ର ସମାଜକୁ ଉପଦେଶ ଦେଇ କହିଥିଲେ, ଛାତ୍ରମାନେ ସର୍ବଦା ସେବା ଓ ସଂସ୍କାର ମନୋଭାବ ପୋଷଣ କରିବା ଉଚିତ୍ । ଏହି ସେବା ବିଭିନ୍ନ ପ୍ରକାର ହୋଇପାରେ । ବିଂଶ ଶତାବ୍ଦୀର ଶେଷଭାଗରେ ମଧ୍ୟ ଭାରତୀୟ ସମାଜ ବହୁ କୁସଂସ୍କାରରେ ପରିପୂର୍ଣ୍ଣ ହୋଇଛି । ଯୁଗଯୁଗର ଅନ୍ଧବିଶ୍ୱାସ, ପ୍ରାଚୀନ ପରମ୍ପରା ଏବେ ମଧ୍ୟ ତା' ଆଖିରେ ଅନ୍ଧପୁଟୁଳି ବାନ୍ଧିଛି । ବିଶ୍ୱର କୌଣସି ପରିବର୍ତ୍ତନ ତା' ଆଖିରେ ପଡୁନାହିଁ । ଏବେ ମଧ୍ୟ ହଇଜା ଓ କଲେରା ଲାଗିଲେ ସେ ଦେବାଦେବୀଙ୍କୁ ପୂଜା କରୁଛି, ପଣା ଦେଉଛି, କାଳିଶି ଲାଗିଛି ବୋଲି ଧୂପ ନୈବେଦ୍ୟ ଦେଉଛି । ଏହା ଯେ ଏକ କୁସଂସ୍କାର ଓ କେତେଜଣ ଚତୁର ବ୍ୟକ୍ତିଙ୍କର ବିଶେଷ ଚାଲ, ତାହା ଏଯାବତ୍ ସେ ବୁଝିପାରିନାହିଁ । ରୋଗରେ ମୃତ୍ୟୁବରଣ କରିବାକୁ ସେ ଭାଗ୍ୟର ବିଡ଼ମ୍ବନା ବୋଲି ଗ୍ରହଣ କରିନେଉଛି । ତେଣୁ ଛାତ୍ର ସମାଜ ସମାଜରେ ଓ ବ୍ୟକ୍ତିବିଶେଷଙ୍କ ମନରେ ପରିପୂରିତ ଏହି ଧାରଣାକୁ ବଦଳାଇଦେବା ଉଚିତ୍ । କୁସଂସ୍କାର ମୁଣ୍ଡରେ ପ୍ରଚଣ୍ଡ ଆଘାତ କରି ସମାଜରୁ ତା'ର ସମୂଳ ଧ୍ୱଂସ କରିବା ଆବଶ୍ୟକ । କୁସଂସ୍କାର ଦୂରକରି ମଣିଷକୁ ଶୁଦ୍ଧ, ସଂସ୍କାର କରିବା ବର୍ତ୍ତମାନ ଛାତ୍ରସମାଜର କେବଳ ସାମାଜିକ କର୍ତ୍ତବ୍ୟ ନୁହେଁ, ନୈତିକ ଦାୟିତ୍ୱ ମଧ୍ୟ ।

ନିରକ୍ଷରତା ଦୂରୀକରଣ: ନିରକ୍ଷରତା ଭାରତୀୟ ସମାଜ ପାଇଁ ଏକ ବଡ଼ କଳଙ୍କ । ବିଶ୍ୱରେ ଭାରତର ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ରାଷ୍ଟ୍ର ସଂଘ ଏହି ନିରକ୍ଷରତା ଦୂର କରିବା ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ୧୯୮୮ ମସିହାକୁ ନିରକ୍ଷରତା ଦୂରୀକରଣ ବର୍ଷ ରୂପେ ଘୋଷିତ ହୋଇଛି । ମାତ୍ର ଭାରତରେ ଏହାର ବିଶେଷ କିଛି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଏବେ ବି ଅକ୍ଷର ଶିକ୍ଷା ପାଇଁ ବହୁ

ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ଅନୁମତି ଦିଅନ୍ତି ନାହିଁ । ଏହାର ସୁଫଳ ସଂପର୍କରେ ସେମାନେ ସଂପୂର୍ଣ୍ଣ ଅନଭିଜ୍ଞ । ଗଣଶିକ୍ଷା ଓ ପ୍ରୌଢ଼ଶିକ୍ଷା ମାଧ୍ୟମରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ବ୍ୟୟ ତୁଳନାରେ ଫଳ ଅତ୍ୟନ୍ତ ନିରାଶଜନକ । ଯୋଜନାକୁ କାର୍ଯ୍ୟକାରୀ କରିବା ନିମିତ୍ତ ଯେଉଁ ମନୋବୃତ୍ତିର ଆବଶ୍ୟକ, ତାହା ଆମର ନାହିଁ । ଏ କ୍ଷେତ୍ରରେ ଛାତ୍ରସମାଜ ଚାହିଁଲେ ତୁମୁଳ ପରିବର୍ତ୍ତନ ଆଣିପାରିବେ । ଅବସର ସମୟରେ ଗ୍ରାମର ନିରକ୍ଷର ବ୍ୟକ୍ତିଙ୍କୁ ଅକ୍ଷର ଶିଖାଇପାରିବେ । ଶିକ୍ଷାର ମୂଲ୍ୟ ସଂପର୍କରେ ସେମାନଙ୍କୁ ଅବଗତ କରାଇପାରିବେ । ସରକାରଙ୍କ କୋଟିକୋଟି ଟଙ୍କା ବ୍ୟୟ ଯୋଜନାରେ ଯାହା ହୋଇନପାରିଛି, ଛାତ୍ରମାନେ ସକ୍ରିୟ ସହଯୋଗରେ ତାହା ଅକ୍ଲେଶରେ ଫଳବତୀ ହୋଇପାରିବ । ଗ୍ରାମାଞ୍ଚଳର ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରାଇପାରିଲେ କେବଳ ଗ୍ରାମର ନୁହେଁ, ସମଗ୍ର ଦେଶର ମଙ୍ଗଳ ହୋଇପାରିବ । ଛାତ୍ର ସମାଜ ଏ କ୍ଷେତ୍ରରେ ବୈପ୍ଳବିକ ଭୂମିକା ଗ୍ରହଣ କରିବା ଉଚିତ ।

ଯୌତୁକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ: ଆମ ସମାଜରେ ଯୌତୁକ ପ୍ରଥା ଗୋଟିଏ ବଡ଼ ବ୍ୟାଧି ହୋଇ ଦେଖାଦେଇଛି । ନବ ବିବାହିତା ବଧୂ ପାଦର ଅଳତା ନଲିଭୁଣୁ ଯୌତୁକ ବ୍ୟାଧିର ଶିକାର ହୋଇ ପ୍ରାଣ ବିସର୍ଜନ କରୁଛି । ତା' ଆଖିର ସ୍ୱପ୍ନ ସାକାର ହେବା ପୂର୍ବରୁ ଯୌତୁକ ରାକ୍ଷସ ତା' ସ୍ୱପ୍ନକୁ ଭାଙ୍ଗି ନଷ୍ଟ କରିଦେଉଛି । ବେଦୀ ଉପରୁ ବର ଉଠିଯାଉଛି । କନ୍ୟାପିତା ବର ଘରର ଦାବିପୂରଣ କରିବାକୁ ଯାଇ ସର୍ବସ୍ୱାନ୍ତ ହୋଇପଡୁଛି । ଯୌତୁକ ନେଇ ମଧ୍ୟ ନିର୍ଯାତନାର ଶେଷ ନାହିଁ । ପ୍ରତିଦିନ ସମ୍ବାଦପତ୍ରରେ ଯୌତୁକ ଜନିତ ବଧୂହତ୍ୟା ଘଟଣା ଦୃଷ୍ଟି ସମ୍ମୁଖକୁ ଆସୁଛି । ସରକାରୀ ନିୟମ ବିବାହିତା ବଧୂକୁ ଆଦୌ ସୁରକ୍ଷା ପ୍ରଦାନ କରିପାରୁନାହିଁ । ଦିନ ଦ୍ୱିପ୍ରହରରେ ଯୌତୁକ ପାଇଁ ପ୍ରଣୀତ ନିୟମକୁ ଭାଙ୍ଗି ବରପିତାମାନେ ପ୍ରଚୁର ପରିମାଣରେ ଯୌତୁକ ଧରି ଘରକୁ ଫେରୁଛନ୍ତି । ଆଜି ଏହି ଯୌତୁକ ରାକ୍ଷସ ଆମର ସମାଜବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି । ସରକାରଙ୍କର କଡ଼ା ନିୟମ ଏହି ପ୍ରଥାକୁ କଦାପି ଲୋପ କରିପାରିବ ନାହିଁ । ଯଦି ଛାତ୍ରସମାଜ ଏକ ସାମାଜିକ ଜାଗରଣ ସୃଷ୍ଟି କରି ସାମୂହିକ ଭାବେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବେ, ତେବେ ଏହି କଳଙ୍କିତ ପ୍ରଥାର ବିଲୋପ ସାଧନ ହୋଇପାରିବ । ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ଛାତ୍ରସମାଜ ପାଇଁ ଏହା ଏକ ଆହ୍ୱାନରେ ପରିଣତ ହୋଇଛି । ଛାତ୍ରମାନେ ଏହି ଆହ୍ୱାନକୁ ଗ୍ରହଣ କଲେ ଯୌତୁକ ପରି କଳଙ୍କିତ ପ୍ରଥାକୁ ବିନାଶ କରିପାରିଲେ ପ୍ରକୃତରେ ସେମାନେ ସମାଜସେବା କରିପାରିଲେ ବୋଲି ସ୍ୱୀକାର କରିବାକୁ ହେବ ।

ପରିବେଶ ସୁରକ୍ଷା: ଆଜି ବିଶ୍ୱରେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ଆମର ପରିବେଶ ଦିନକୁ ଦିନ ଯେପରି ଦୂଷିତ ହୋଇପଡୁଛି, ଆଉ କିଛିବର୍ଷ ପରେ ଏହି ପରିବେଶରେ ମାନବ ସଭ୍ୟତା ଜୀବନଯାପନ କରିବା କଷ୍ଟକର ହୋଇପଡ଼ିବ । ଗ୍ରାମାଞ୍ଚଳରେ ପରିବେଶ ଅଧିକ ପ୍ରଦୂଷିତ ହୋଇପଡୁଛି । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗ୍ରାମାଞ୍ଚଳ ଅଧିବାସୀ ଜୀବନଯାପନ କରୁଥିବାରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଅଳିଆ ଆବର୍ଜନା ରାସ୍ତା ଉପରେ ଗଦା କରୁଛନ୍ତି । ଯେଉଁ ପୋଖରୀର ଜଳ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି, ସେଥିରେ ଗାଈ ଗୋରୁଙ୍କୁ ଧୋଉଛନ୍ତି, ଲୁଗା ସଫା କରୁଛନ୍ତି । ରାସ୍ତାଘାଟ ଅପରିଚ୍ଛନ୍ନ ରଖୁଛନ୍ତି । ବାସ କରୁଥିବା ବାସଗୃହ ଚତୁଃପାର୍ଶ୍ୱ ସଂପୂର୍ଣ୍ଣ ଅପରିସ୍କୃତ । ଗଛକାଟି ଧ୍ୱଂସ କରୁଛନ୍ତି । ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ । ଏହି କାରଣ ଯୋଗୁ ସହର ତୁଳନାରେ ଗ୍ରାମବାସୀଗଣ ଅଧିକ ପରିମାଣରେ ରୋଗଗ୍ରସ୍ତ । ତେଣୁ ଛାତ୍ର ସମାଜର ଦାୟିତ୍ୱ ହେଉଛି, ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । କିପରି ଗୃହରେ ବାସକରିବା, ପାଣିକୁ କିପରି ବିଶୁଦ୍ଧ କରି ବ୍ୟବହାର କରିବା, ଖାଦ୍ୟକୁ କିପରି ରଖିବାକୁ

ପଡ଼ିବ, ରାସ୍ତାଘାଟ କିପରି ପରିଷ୍କାର କରାଯାଇପାରିବ ଇତ୍ୟାଦି ସଂପର୍କରେ ଛାତ୍ରମାନଙ୍କୁ ଗ୍ରାମଗ୍ରାମ ବୁଲି ବୁଝାଇବାକୁ ପଡ଼ିବ । ଶିକ୍ଷାନୁଷ୍ଠାନରେ ଜାତୀୟ ସେବାସଂସ୍ଥାମାନ ପ୍ରତିଷ୍ଠା କରାଯାଇଛି । ଏହି ସେବା ସଂସ୍ଥା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ସଂଗେସଂଗେ ଛାତ୍ର ସମାଜ ରାସ୍ତା ସଫେଇ, ପୋଖରୀର ଦଳ ଆଦି ସଫା କାର୍ଯ୍ୟ କରି ସମାଜରେ ଆଦର୍ଶ ସ୍ଥାପନ କରିବା ଆବଶ୍ୟକ ।

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଛାତ୍ରମାନେ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ ନିମିତ୍ତ ଅଣ୍ଟା ଭିଡ଼ିବା ଆବଶ୍ୟକ । ଦୁର୍ଗତମାନଙ୍କର ସେବା କରି ସେମାନଙ୍କ ମନରେ ସାହସ ଭରିଦେବା ଉଚିତ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ସ୍ଥାନରୁ ସାହାଯ୍ୟ ଗ୍ରହଣ କରି ତୁରନ୍ତ ଅସହାୟଙ୍କୁ ସାହାଯ୍ୟ କଲେ ସମାଜରେ ଛାତ୍ରସମାଜ ପାଇଁ ଏକ ସ୍ୱତନ୍ତ୍ର ସମ୍ମାନବୋଧ ସୃଷ୍ଟି ହୋଇପାରିବ । ଏତଦ୍‌ବ୍ୟତୀତ ରେଡକ୍ରସ୍ ବା ରକ୍ତ ଦାନ ଶିବିରର ଆୟୋଜନ କରି ଦୁର୍ଗତମାନଙ୍କୁ ରକ୍ତ ସାହାଯ୍ୟ କରିବା ସଂଗେସଂଗେ ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ପ୍ରବର୍ତ୍ତାଇବା ଉଚିତ୍ । ରକ୍ତ ଦାନ, ମହାପୂଣ୍ୟ - ଏ ସଂପର୍କରେ ଛାତ୍ରସମାଜ ଲୋକମାନଙ୍କୁ ସଚେତନ କରାଇଦେବା ଆବଶ୍ୟକ ।

ସାମାଜିକ ସଚେତନତା ବୃଦ୍ଧି ପାଇଁ ପଦକ୍ଷେପ: ଏହା ବ୍ୟତୀତ ବିଭିନ୍ନ ସାମାଜିକ ଦୁର୍ଗତି ସମୟରେ ଛାତ୍ରସମାଜ ଯୁଦ୍ଧକାଳୀନ ଭିତ୍ତିରେ ସାହଯ୍ୟ କରିବାକୁ ଆଗେଇ ଆସିବାର ଆବଶ୍ୟକତା ରହିଛି । ଅଗ୍ନ୍ୟୁତ୍ପାତ ସମୟରେ ଯେପରି ନିର୍ଭିକତାର ପରିଚୟ ଦେଇପାରନ୍ତି, ସେଥିପାଇଁ ଛାତ୍ରସମାଜ ସଚେତନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ସାମାଜିକ ପର୍ବପର୍ବାଣିର ଅଯଥା ଖର୍ଚ୍ଚକୁ ନିରୁତ୍ସାହିତ କରିବା, ବିଭିନ୍ନ ଉତ୍ସବର ଅପବ୍ୟୟକୁ ବାଧା ପ୍ରଦାନ କରିବା, ବିବାହ ସମୟରେ ଅଯଥା ଆଡ଼ମ୍ବର ଓ ବାଣ ବାଜା ଆଦିକୁ ବିରୋଧ କରିବା, ସାଂପ୍ରଦାୟିକ ସଂଘର୍ଷକୁ ରୋକିବା, ସମାଜରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସହୃଦୟତା ସ୍ଥାପନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ଛାତ୍ର ସମାଜ ବୈପ୍ଳବିକ ଭୂମିକା ଗ୍ରହଣ କରିପାରିବେ । ଏହି କାର୍ଯ୍ୟଦ୍ୱାରା ସେମାନେ ସେ ସମାଜସେବା କରୁଛନ୍ତି, ତାହା ଭୁଲିଯିବା ଉଚିତ୍ ନୁହେଁ ।

ଉପସଂହାର: ସମାଜରେ ଛାତ୍ର ସମାଜର ବହୁବିଧ ଭୂମିକା ରହିଛି । ସେମାନଙ୍କ ନିଷ୍ଠା, ସାଧୁତା, କର୍ତ୍ତବ୍ୟପରାୟଣତା ସମାଜକୁ ସୁସ୍ଥ ସୁନ୍ଦର କରି ଗଢ଼ିପାରିବ । ସେମାନେ ହିଁ ସାମାଜିକ ବିପ୍ଳବରେ ସେନାପତିର ଭୂମିକା ଗ୍ରହଣ କରିବାକୁ ସମର୍ଥ । ବହୁ ସମୟରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ଛାତ୍ର ସମାଜ ପଥଭ୍ରଷ୍ଟ ହୋଇଥାନ୍ତି । ସାମାଜିକ ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ ସାଧନ କରିଥାନ୍ତି । ଏହାଦ୍ୱାରା ସମାଜର କେତେବଡ଼ କ୍ଷତିହୁଏ, ସେତେବେଳେ ତାହା ସେମାନେ ବୁଝିପାରିନଥାନ୍ତି । ସେମାନେ ଭୁଲିନଯିବା ଉଚିତ୍ ସମାଜର ମେରୁଦଣ୍ଡ ହେଉଛନ୍ତି ଛାତ୍ରସମାଜ । ସେହିମାନଙ୍କ ଆନ୍ତରିକ ସେବା ଓ ପ୍ରଯତ୍ନରେ ସମାଜ ନୂତନ ରୂପ ଗ୍ରହଣ କରିଥାଏ । ଜାତିର କଲ୍ୟାଣ ଉଦ୍ଦେଶ୍ୟରେ ପ୍ରତ୍ୟେକ ଛାତ୍ର ନିଜକୁ ଉତ୍ସର୍ଗ କରିବା ଉଚିତ୍ । ସେମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ସେବା ମନୋବୃତ୍ତି ଅନ୍ୟମାନଙ୍କର ଆଦର୍ଶ ହୋଇଥାଏ । ନିରକ୍ଷର ବ୍ୟକ୍ତି ଛାତ୍ରମାନଙ୍କୁ ହିଁ ଆଦର୍ଶ ଭାବରେ ଗ୍ରହଣ କରିଥାନ୍ତି । ତେଣୁ ସେମାନେ ଏପରି କିଛି କାର୍ଯ୍ୟ କରିବା ଅନୁଚିତ, ଯାହା ସମାଜ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହେବ । ସମାଜସେବା, ଭଗବାନଙ୍କ ସେବା - କୌଣସି ସମୟରେ ଛାତ୍ର ସମାଜ ଏହା ଭୁଲିଯିବା ଅନୁଚିତ ।

●●●

୭.୬ ରାଜନୀତିକ ଅପରାଧୀକରଣ

ଉପକ୍ରମ: ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ଦେଶ ଭାରତ । ବୈଦିକ ଯୁଗରୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଆସିଛି ଆମର ଏହି ପୂଣ୍ୟଭୂମି ଭାରତବର୍ଷ । 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶ ଉପରେ ପ୍ରତିଷ୍ଠା ଲାଭ କରିଛି ତା'ର ଭିତ୍ତିଭୂମି । ମାତ୍ର ବୈଦିକ ବା ପୁରାଣଯୁଗର ଭାରତବର୍ଷ ଏବଂ ସାମ୍ପ୍ରତିକ ଭାରତବର୍ଷ ମଧ୍ୟରେ ଯୋଜନ ଯୋଜନର ପାର୍ଥକ୍ୟ । ଅନ୍ୟର ଦୁଃଖ ଓ ପୀଡ଼ା ଦର୍ଶନରେ ଯେଉଁ ଦେଶର ସନ୍ତାନଗଣ ମ୍ରିୟମାଣ ହୋଇପଡୁଥିଲେ, ବିଗଳିତ ହେଉଥିଲେ, ଆଜି ତା'ର ସନ୍ତାନ ନିଜ ଭାଇର ରକ୍ତରେ ହୋଲି ଖେଳିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । ଦିନେ ଯେଉଁ ଦେଶର ସଂସ୍କୃତି ଓ ପରମ୍ପରା ସମଗ୍ର ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା; ଆଜି ତା'ର ମାଟିର ପୁଅ ନିଜ ସଂସ୍କୃତି, ଆଭିଜାତ୍ୟକୁ ଅନ୍ୟ ପାଖରେ ବିକ୍ରି କରିଦେବାକୁ ତିଳେମାତ୍ର କୁଣ୍ଠା ପ୍ରକାଶ କରୁନାହିଁ । ଦୈନିକ ସମ୍ବାଦପତ୍ର ପୃଷ୍ଠାରୁ ଏହି ପବିତ୍ର ଦେଶ ସନ୍ତାନମାନଙ୍କର ଅପକୀର୍ତ୍ତିର କାହାଣୀ ଶୁଣି ଲଜ୍ଜାରେ ମଥାନତ ହୋଇଯାଉଛି । ସବୁଠାରୁ ପରିତାପର ବିଷୟ, ଯେଉଁମାନଙ୍କୁ ଆଦର୍ଶବାଦୀ ବ୍ୟକ୍ତି ମନେକରି ଦେଶର ନିରୀହ ଜନସାଧାରଣ ସେମାନଙ୍କର ଶାସନକ୍ଷମତା ଅର୍ପଣ କରିଛନ୍ତି, 'ଆଧାର ଛୁଆଙ୍କୁ ଖାଇବା'ନ୍ୟାୟରେ ସେହିମାନେ ହିଁ ସମସ୍ତ ପ୍ରକାର ଅପରାଧର ମୂଳ କାରଣ ବୋଲି ପ୍ରମାଣିତ ହେଉଛନ୍ତି । ଜନକ ପରି ରାଜର୍ଷି ଦିନେ ଯେଉଁ ଭାରତରେ ସମସ୍ତ ପ୍ରକାର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ ନିରାସକ୍ତ ଜୀବନଯାପନ କରୁଥିଲେ, ପ୍ରଜାପାଳନ ନିମିତ୍ତ ନିଜର ସୁଖ ଜଳାଞ୍ଜଳି ଦେଇଥିଲେ, ଆଜି ସେହି ଭାରତର ଶାସକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥକୁ ଆଖିବୁଜି ବଳି ପକାଉଛି । ପ୍ରଜାପାଳନ ନୁହେଁ; ପ୍ରଜାପୀଡ଼ନ ହୋଇଛି ଆଜି ଶାସକର ଆଦର୍ଶ । ନିଜର ସ୍ୱାର୍ଥ ପାଇଁ ସେ ସହାୟତା ନେଉଛି ଅସାମାଜିକ ଅପରାଧୀଙ୍କର । ଆଜି ରାଜନୀତି କହିଲେ ସାଧାରଣ ଲୋକେ ବୁଝୁଛନ୍ତି ଅପରାଧ ନୀତି । ରାଜନୀତିରେ ଅପରାଧୀକରଣ ଏକ ଅନୀତି ନହୋଇ ଆଜି ନୀତିରେ ପରିଣତ ହୋଇଛି । ସାଧୁତା, ସଚ୍ଚୋଟତା, ପବିତ୍ରତା, ନ୍ୟାୟ ରାଜନୀତିରୁ ଅନ୍ତର ହୋଇ ତା'ର ସ୍ଥାନ ଲାଭ କରିଛି ଭଣ୍ଡାମି, ଗୁଣ୍ଡାମି, ଭ୍ରଷ୍ଟାଚାର, ଅନୀତି ଓ ବ୍ୟକ୍ତିସ୍ୱାର୍ଥ । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଜି ବିପଦାପନ୍ନ । ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ବିଡ଼ମ୍ବିତ । ଗାନ୍ଧିଜୀଙ୍କ ଦୃଷ୍ଟିରେ ରାଜନୀତି ଥିଲା ସଚ୍ଚୋଟ ନୀତି, ପବିତ୍ର ନୀତି ଓ ସାଧୁ ନୀତି । ତାଙ୍କର ଦୀର୍ଘଦିନର ସାଧନା, କାରଗାରବରଣ ସବୁ ଯେପରି ବ୍ୟର୍ଥ ହୋଇଗଲା ତାଙ୍କର ଭବିଷ୍ୟତ ବଂଶଧରଙ୍କ ଅପକୀର୍ତ୍ତି ଦ୍ୱାରା । ସାମ୍ପ୍ରତିକ ରାଜନୀତିକୁ ଦେଖିଲେ ଅସତ୍ୟର ଅନ୍ଧକାରରେ ସତ୍ୟର ଆଲୋକ କିପରି ମଳିନତା ଲଭିଛି, ତା'ର ବହୁ ପ୍ରମାଣ ମିଳିପାରିବ । ରାଜନୀତି ପରିଣତ ହୋଇଛି ଅପରାଧୀଙ୍କ ଆଡ୍‌ଡ଼ାସ୍ଥଳୀରେ । ତେଣୁ ବର୍ତ୍ତମାନ ଭାରତର ରାଜନୀତିରେ ଅପରାଧୀକରଣ ସବୁଠାରୁ ବଡ଼ ସମସ୍ୟା ହୋଇ ଦେଖାଦେଇଛି । ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇ ନପାରିଲେ ଭାରତ ତା'ର ଅତୀତର ହୃତଗୌରବ କଦାପି ଫେରିପାଇବ ନାହିଁ ।

ଅପରାଧୀକରଣର ଉଦ୍ଦେଶ୍ୟ: ବ୍ୟକ୍ତିସ୍ୱାର୍ଥ ରାଜନୈତିକ ଅପରାଧୀକରଣର ମୁଖ୍ୟ କାରଣ । ବହୁ ସମୟରେ ଦେଖାଯାଏ ରାଜଗାଦି ହାସଲ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ କେତେକ ଅପରାଧ

କରାଯାଇଥାଏ । କେବଳ ଭାରତ କାହିଁକି, ଭାରତ ବାହାରେ ମଧ୍ୟ ଭାରତୀୟ ରାଜନୀତିରେ ଅପରାଧୀକରଣ ବୃଦ୍ଧି ପାଇଛି ବୋଲି ପ୍ରତିକୂଳ ସମାଲୋଚନା ହେଉଛି । ପୂର୍ବତନ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଭାରତର ନିର୍ବାଚନରେ ଅର୍ଥବଳ, କ୍ଷମତା ଓ ବାହୁବଳର ପ୍ରଭାବ ରହିଛି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ କେତେକ ବ୍ୟକ୍ତି ଜେଲ୍‌ରେ ରହିବା ପରିବର୍ତ୍ତେ ବର୍ତ୍ତମାନ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କ ମତରେ ପୃଥିବୀରେ ସବୁ ସ୍ତରରେ ଦୁର୍ନୀତି ରହିଥିଲେ ହେଁ, ଭାରତର ମୁଖ୍ୟ ଦୁର୍ନୀତି ରାଜନୀତିକ । କ୍ଷୋଭର ବିଷୟ ଯେଉଁ ନେତାମାନେ ରାଜନୀତିରେ ଅପରାଧୀକରଣ ବୃଦ୍ଧି ପାଇଁ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ସଭାରେ ବଡ଼ବଡ଼ ଭାଷଣମାନ ପ୍ରଦାନ କରୁଛନ୍ତି ସେହିମାନେ ଅଧିକ ପରିମାଣରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି । ଦେଶ ଓ ନିରୀହ ଜନସାଧାରଣଙ୍କ ମଧ୍ୟରେ ଦଲାଲି କରି ନିଜକୁ ପ୍ରତିଷ୍ଠିତ ରାଜନୈତିକ ନେତାରୂପେ ପ୍ରଚାର କରୁଛନ୍ତି । ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ଯାଇ କୋଟି କୋଟି ବ୍ୟକ୍ତିଙ୍କୁ ଶୋଷଣ କରୁଛନ୍ତି । ବହୁ ତଥାକଥିତ ଅପରାଧୀ ନିଜର ଅତୀତ ଅପରାଧକୁ ରାଜନୀତି ମାଧ୍ୟମରେ ଘଣ୍ଟ ଘୋଡ଼ାଇବାକୁ ସମର୍ଥ ହୋଇପାରୁଛନ୍ତି । ମୁଖ୍ୟତଃ ବ୍ୟକ୍ତିଗତ ସ୍ୱାର୍ଥ, ପ୍ରତିପତ୍ତି, ଉପଭୋଗ, କାମନା ଓ ରାଜନୈତିକ ଶତ୍ରୁତାର ପ୍ରତିଶୋଧମୂଳକ ଇଚ୍ଛାବୃତ୍ତି ରାଜନୀତିକ ଅପରାଧୀକରଣ ନିମିତ୍ତ ପଥ ପରିଷ୍କାର କରିଥାଏ ।

ଅପରାଧୀକରଣର ସ୍ୱରୂପ: ଦୈନନ୍ଦିନ ଜୀବନରେ ରାଜନୈତିକ ଅପରାଧୀକରଣର ନଗ୍ନ ସ୍ୱରୂପ ସମ୍ପର୍କରେ ଊଣାଅଧିକେ ସମସ୍ତେ ପ୍ରାୟ ସଚେତନ । ସାଧାରଣ ଜୀବନରେ ଯେତେବେଳେ ନୈତିକ ମୂଲ୍ୟରେ ସଙ୍କଟ ଦେଖାଯାଏ, ସେତେବେଳେ ଅପରାଧୀକରଣ ବୃଦ୍ଧି ପାଇଥାଏ । ରାଜନୀତି କ୍ଷେତ୍ରରେ ଯେତେବେଳେ ଅସାଧୁତା, ଦୁର୍ନୀତି ଓ ବ୍ୟକ୍ତିଗତ ସ୍ୱାର୍ଥ ଉତ୍କଟ ହୋଇଉଠେ, ଅପରାଧୀମାନେ ନିଜର କାୟା ବିସ୍ତାର କରିବାକୁ ସୁଯୋଗ ଲାଭ କରିଥାନ୍ତି । ଦେଶର ରାଜନୀତିକୁ ନିୟନ୍ତ୍ରଣ କରିବାର ସମସ୍ତ ଅବକାଶ ଲାଭ କରିଥାନ୍ତି । ଫଳରେ ମୂଳରୁ ଚୂଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଦୁର୍ନୀତି ରୂପକ ରାକ୍ଷସ ସମାଜ ଜୀବନକୁ କବଳିତ କରିଥାଏ । ଦେଶର ରକ୍ଷକ ଭକ୍ଷକ ସାଜିଲେ ଦେଶକୁ ରକ୍ଷା କରିବ କିଏ ? ଗାନ୍ଧି ପୋଷାକ ଅନ୍ତରାଳରେ ଅପରାଧୀ ମନର ଯେଉଁ କୁତ୍ସିତ ରୂପ ଆତ୍ମଗୋପନ କରିଛି, ତାକୁ ଠିକ୍ ସମୟରେ ସରଳ ଜନସାଧାରଣ ବୁଝିବାକୁ ଅସମର୍ଥ ହୋଇଥାନ୍ତି । ଗାଦିସୀନ ହେବାପରେ ଏହିପରି ବ୍ୟକ୍ତି ନିଜର ସ୍ୱରୂପ ପ୍ରକାଶ କରିଥାନ୍ତି । ଆଜି ଭାରତର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଦୁର୍ନୀତି ମୁଖ୍ୟ ହୋଇଉଠିଛି । ବୋଫର୍ସ କମାଣ କ୍ରୟ, ହାୱାଲା, ଗୋ-ଖାଦ୍ୟ, ଗୃହବଣ୍ଟନ, ଗ୍ୟାସ ବଣ୍ଟନ, ସାରକ୍ରୟ ଆଦି ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଥିବାର ବହୁ ଚମତ୍କାର ଘଟଣାମାନ ପ୍ରକାଶିତ ହୋଇ ରାଜନୈତିକ ନେତାମାନଙ୍କର ସଚ୍ଚୋଟତା ପ୍ରତି ପ୍ରଶ୍ନବାଚୀ ତୋଳିଛି । ସିଂହାସନର ଲାଳସା ଆଜି ରାଜନୈତିକ ନେତାମାନଙ୍କୁ ଏତେ ପରିମାଣରେ ଅନ୍ଧ କରିଦେଇଛି ଯେ ଭାରତର ସାମୂହିକ ସ୍ୱାର୍ଥ ସେମାନଙ୍କ ନିକଟରେ ଅତି ତୁଚ୍ଛ ବୋଲି ପରିଗଣିତ ହେଉଛି । ଆଶ୍ଚର୍ଯ୍ୟର ବିଷୟ ଯେଉଁମାନେ କିଛିଦିନ ପୂର୍ବରୁ ମାନବସମାଜର ଅଭିଶାପ ରୂପେ ପରିଗଣିତ ହେଉଥିଲେ, ସେମାନେ ପୁଣି ଆଜି ମାନବର ଭାଗ୍ୟବିଧାତା । ଚୋର, କଳାବଜାରୀ, ଡ଼କାୟତ, ଗୁଣ୍ଡା ତଥା ବହୁ ଅସାମାଜିକ ବ୍ୟକ୍ତି ରାଜନୈତିକ ବ୍ୟକ୍ତିମାନଙ୍କର ଦୁର୍ବଳତାର ସୁଯୋଗ ନେଇ ନିଜକୁ ରାଜନୀତିରେ ପ୍ରତିଷ୍ଠିତ କରିପାରିବା ସଙ୍ଗେ ସଙ୍ଗେ ଅତୀତରେ ନିଜ ନାମ ପଛରେ ଲାଗିଥିବା

ଅସାମାଜିକ ବିଶେଷଣମାନଙ୍କୁ ଧୋଇପୋଛି ପରିଷ୍କାର କରିଦେବାକୁ ସମର୍ଥ ହେଉଛନ୍ତି । ଏହିମାନଙ୍କ ପାଇଁ ଭୋଟ ର‍ୟାଗିଂ ହେଉଛି । ମୃତ ମଣିଷ ଜୀବନଲାଭ କରି ନିଜର ଭୋଟାଧିକାର ସାବ୍ୟସ୍ତ କରୁଛି । ଅନୁପସ୍ଥିତ ବହୁ ବ୍ୟକ୍ତିଙ୍କର ଭୋଟକାଗଜ ଆପେ ଆପେ ଭୋଟବାକ୍ସରେ ପ୍ରବେଶ କରିଯାଉଛି । ତାଲିକାରେ ନାମ ନଥିବା ବ୍ୟକ୍ତି ଭୋଟ ଦେବାର ଅଧିକାର ଲାଭ କରୁଛନ୍ତି । ଏହି ଅପରାଧୀଗଣ ସମାଜରେ ପ୍ରତିପତ୍ତିଶାଳୀ ବ୍ୟକ୍ତିରୂପରେ ପରିଗଣିତ ହେବା ସଙ୍ଗେ ସଙ୍ଗେ ସମ୍ବିଧାନ ପରିସର ବାହାରକୁ ଯାଇ କାର୍ଯ୍ୟ କରୁଛନ୍ତି । ଦେଶର ଆଇନ୍‌କୁ ନିଜ ହାତକୁ ନେଇ ମଧ୍ୟ ଦିନ ଦ୍ୱିପ୍ରହରେ ସ୍ୱଚ୍ଛନ୍ଦରେ ଯାତାୟାତ କରୁଛନ୍ତି । ତେଣୁ ଅନୁଭୂତ ହେଉଛି ଭାରତୀୟ ରାଜନୀତିରେ ବ୍ୟକ୍ତିଗତ ସ୍ୱଚ୍ଛ ଚରିତ୍ର ଅପେକ୍ଷା ଅର୍ଥ, କ୍ଷମତା, ଅହଙ୍କାର, ପାପ ତଥା ଅତ୍ୟାଚାର ମୁଖ୍ୟ ଭୂମିକା ଲାଭ କରିଛି । ରାଜନୀତିର ସ୍ୱଚ୍ଛ ଆବରଣ ତଳେ ଭଣ୍ଡାମି ଓ ଠକାମି ଆତ୍ମଗୋପନ କରି ରହିଛି ।

ଅପରାଧୀକରଣର କାରଣ: ରାଜନୈତିକ ଅପରାଧୀକରଣର ବହୁ କାରଣ ବିଦ୍ୟମାନ । ରାଜନୈତିକ ବ୍ୟକ୍ତିମାନଙ୍କର ଅସାଧୁତା ଏହାର ସର୍ବଶ୍ରେଷ୍ଠ କାରଣ ରୂପେ ଗୃହୀତ ହୋଇପାରେ । ଅନେକ ରାଜନୈତିକ ବ୍ୟକ୍ତି ନିର୍ବାଚନ ବୈତରଣୀକୁ ପାର ହେବା ନିମିତ୍ତ ଅପରାଧୀମାନଙ୍କୁ ଡଙ୍ଗାରୂପେ ବ୍ୟବହାର କରିଥାନ୍ତି । ଭୋଟ ର‍ୟାଗିଂ, ବାହୁବଳ ଦ୍ୱାରା ଭୋଟରମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ଭୋଟଦାନ ଦେବାକୁ ବାଧ କରିବା, ଅନୁପସ୍ଥିତ ଭୋଟରମାନଙ୍କ ଭୋଟକୁ କଳାବଜାରୀ କରିବା ଆଦି କାର୍ଯ୍ୟ କରି ଏହି ଅପରାଧୀଗଣ ରାଜନୈତିକ ବ୍ୟକ୍ତଗଣଙ୍କର ଅଶେଷ ଉପକାର ସାଧନ କରିଥାନ୍ତି । କୃତାର୍ଥ ହୋଇଥିବା ଏହି ନେତାଗଣ ପ୍ରତିବଦଳରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେମାନଙ୍କର ପ୍ରତ୍ୟୁପକାର କରିବାକୁ ଭୁଲନ୍ତି ନାହିଁ, ଯେଉଁଥିପାଇଁ ସମସ୍ତ ଅପରାଧ ସତ୍ତ୍ୱେ ଏମାନଙ୍କୁ ଅପରାଧୀ କୁହାଯାଇ ପାରେନାହିଁ । ସେମାନଙ୍କ ବିରୋଧରେ ପୋଲିସଙ୍କ ନିକଟରେ ଏତଲା କିମ୍ବା ଏଫ୍.ଆଇ.ଆର୍. ଦେଲେ ତାହା ଗୃହୀତ ହୁଏନାହିଁ । ଯଦିବା ବାଧବାଧକତାରେ ଏତଲା ଗୃହୀତ ହୁଏ, ତା'ର ସ୍ୱରୂପରେ ପରିବର୍ତ୍ତନ ହୋଇଯାଇଥାଏ । ବିଚାରାଳୟରେ ମଧ୍ୟ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ତଥା କାଗଜପତ୍ରର ବିକୃତ ଉପସ୍ଥାପନ ଯୋଗୁଁ ଏମାନେ ଅକ୍ଲେଶରେ ଖସିଯାଇ ପାରନ୍ତି । ଜାତୀୟ ପୁଲିସ କମିଶନରଙ୍କ ଏକ ବିଶ୍ୱସ୍ତ ରିପୋର୍ଟରୁ ଜଣାଯାଏ, ଦେଶର ବିଭିନ୍ନ ସମୟରେ ସଂଘଟିତ ହେଉଥିବା ଅପରାଧର ମାତ୍ର ୨୫ ଭାଗ ପଞ୍ଜୀକରଣ କରାଯାଇଥାଏ । ଅନେକ ସମୟରେ ଭୟଭ୍ରାନ୍ତି ଦ୍ୱାରା କ୍ଷମତା ହାସଲ କରିବା ପାଇଁ ଅପରାଧକୁ ପ୍ରୋତ୍ସାହନ ଦିଆଯାଇଥାଏ । ସାଧାରଣତଃ ବିଭିନ୍ନ ସମୟରେ ଅପରାଧ ଆଚରଣ କରୁଥିବା ବ୍ୟକ୍ତିଙ୍କ ପ୍ରତି ସମାଜର ସାଧାରଣ ବ୍ୟକ୍ତିଙ୍କ ମନରେ ଭୟ ରହିଥାଏ । ସେମାନଙ୍କୁ ଭୋଟ ନ ଦେଲେ ହୁଏତ ସେମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି- ଏହି ଭୟରେ ଭୟାତୁର ବ୍ୟକ୍ତିଙ୍କ ମତଦାନ ସେମାନଙ୍କ ସପକ୍ଷରେ ଯାଇଥାଏ । ଜନସଚେତନତାର ଅଭାବ ରାଜନୀତିରେ ଅପରାଧୀକରଣ ଅନ୍ୟତମ କାରଣ । ସଚେତନ ଜନସାଧାରଣ ଯଦି ନିର୍ଭୟରେ ନିଜର ମତାଧିକାର ସାବ୍ୟସ୍ତ କରିପାରନ୍ତେ, ଅପରାଧିକରଣକୁ ବହୁପରିମାଣରେ ରୋକାଯାଇ ପାରନ୍ତା । ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଥିବାରୁ ଅପରାଧୀ ସ୍ୱଚ୍ଛନ୍ଦରେ ନିଜ କାର୍ଯ୍ୟ କରିଯାଉଛନ୍ତି । ନୈତିକ ମୂଲ୍ୟବୋଧରେ ସଙ୍କଟ ରାଜନୈତିକ ଅପରାଧୀକରଣର ଅନ୍ୟ ଏକ ବିଶେଷ କାରଣ । ଅତୀତରେ ସଚ୍ଚୋଟ ଓ ନୈତିକସମ୍ପନ୍ନ ବ୍ୟକ୍ତିଗଣ ରାଜନୀତିରେ ପ୍ରବେଶ କରୁଥିଲେ । ମାତ୍ର ବର୍ତ୍ତମାନର କଳୁଷିତ ରାଜନୀତିରେ ସମ୍ମାନବୋଧ ଥିବା

କୌଣସି ବ୍ୟକ୍ତି ପ୍ରବେଶ କରିବାକୁ ଭୟ କରୁଛନ୍ତି । ବହୁ କ୍ଷେତ୍ରରେ ପରିଲକ୍ଷିତ ହେଉଛି ଯେ ସମାଜର ଗୁଣୀ ଓ ନ୍ୟାୟପରାୟଣ ବ୍ୟକ୍ତି ଶୋଚନୀୟ ଭାବରେ ରାଜନୀତିରେ ପରାଜୟ ବରଣ କରୁଛନ୍ତି । କାରଣ ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବାର କଳା ସେମାନଙ୍କୁ ଜଣା ନଥିବାରୁ ଲୋକମାନଙ୍କ ଭାବପ୍ରବଣ ମନ ମଧ୍ୟକୁ ପ୍ରବେଶ କରିବାରୁ ବଞ୍ଚିତ ହେଉଛନ୍ତି । ସେଥିପାଇଁ ରାଜନୀତି ଆଜି ଦେଶସେବା ନ ହୋଇ ଏକ ବ୍ୟବସାୟରେ ପରିଣତ ହୋଇଯାଇଛି ।ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟର ରାଜନୀତି ହଟଚମଟରୁ ଏହାର ବହୁ ଉଦାହରଣ ସଂଗ୍ରହ କରାଯାଇପାରିବ । ନୈତିକତାର ଅଭାବ ଓ ଅନ୍ୟାୟକୁ ସମ୍ମୁଖୀନ ହେବାରେ ସାହାସର ଅଭାବ ରାଜନୀତିରେ ଅପରାଧୀକରଣକୁ ସହାୟତା କରୁଛି । ଯେନତେନପ୍ରକାରେଣ କ୍ଷମତା ଦଖଲ ଆଜି ରାଜନୀତିର ଆଦର୍ଶ ହୋଇଛି । ବାସ୍ତବରେ ଭାରତୀୟ ରାଜନୀତିରେ ୧୯୬୭ ମସିହା ସାଧାରଣ ନିର୍ବାଚନଠାରୁ ଅପରାଧୀମାନଙ୍କ ପ୍ରବେଶ ହୋଇଛି । ଉତ୍ତରଭାରତରୁ ପ୍ରଭାବ ହରାଇଥିବା ଏକ ପ୍ରତିଷ୍ଠିତ ରାଜନୈତିକ ଦଳ କ୍ଷମତାସୀନ ହେବାପାଇଁ ଅର୍ଥବଳ ଓ ବାହୁବଳର ଆଶ୍ରୟ ନେଇ ଅପରାଧୀମାନଙ୍କ ସହିତ ଅସାଧୁ ମେଣ୍ଟ କଲେ । ୧୯୭୦ ବେଳକୁ ଅସାଧୁ ବ୍ୟକ୍ତିମାନେ ଭୋଟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରି ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଦଳକୁ ଗାଦିସୀନ କରାଇଲେ । ଗୋଟିଏ ନିର୍ଦ୍ଦିଷ୍ଟ ଦଳର ସଫଳତା ଅନ୍ୟ ଦଳମାନଙ୍କୁ ମଧ୍ୟ ତାହା କରିବାକୁ ପ୍ରେରଣା ଯୋଗାଇଲା ଓ ରାଜନୀତିରେ ଅପରାଧୀମାନେ ମୁଖ୍ୟ ଭୂମିକା ଗ୍ରହଣ କରି ଏହାକୁ ଏକ ନୀତିରେ ପରିଣତ କଲା ।

ରାଷ୍ଟ୍ରୀୟ ଜୀବନରେ ପ୍ରତିବନ୍ଧକ: ସମ୍ପ୍ରତି ରାଜନୀତିରେ ଅପରାଧୀକରଣ ଯୋଗୁଁ ରାଷ୍ଟ୍ରୀୟ ପ୍ରଗତି ରୁଦ୍ଧ ହୋଇଯାଇଛି । ମାଫିଆ ଗୁଣ୍ଡାମାନେ ରାଜନୀତି ଓ ଶାସନକୁ ପରିଚାଳନା କରୁଥିବାରୁ ସାଧାରଣ ବ୍ୟକ୍ତିଙ୍କ ସ୍ୱାର୍ଥ ପରାହତ ହୋଇଛି । ସମସ୍ତ ଯୋଜନାର ସୁଫଳ ମାତ୍ର ଅଳ୍ପ କେତେକ ବ୍ୟକ୍ତିଙ୍କ ହାତକୁ ଚାଲିଯାଇଛି । ପୁଲିସମାନଙ୍କର ନୈତିକ ମୂଲ୍ୟବୋଧ ଦୁର୍ବଳ ହେବାରୁ ସମାଜରେ ଶୋଷଣ ଓ ପୀଡ଼ନ ବୃଦ୍ଧି ପାଇଛି ।ରାଜନୀତିକ ନେତାମାନେ ଅପରାଧୀମାନଙ୍କୁ ପ୍ରତିପକ୍ଷଙ୍କ ବିରୋଧରେ ପ୍ରୟୋଗ କରିବା ଦ୍ୱାରା ସମାଜରେ ଗୁଣ୍ଡାମି, ଅପହରଣ, ଧର୍ଷଣ ଓ ଅମାନବିକତା ବଢ଼ିବାକୁ ଲାଗିଛି । ଆଇନ୍ ଆଖିରେ ଏହି ଅପରାଧୀ ନିର୍ଦ୍ଦୋଷ ହୋଇଥିବାରୁ ସମାଜର ପ୍ରଗତି ସ୍ଥାଣୁ ହୋଇଯାଇଛି । ପ୍ରଗତି ନାମରେ ଗୁଣ୍ଡାପୋଷଣ ଆଜି ରାଜନୀତିର ଆଦର୍ଶରେ ପରିଣତ ହୋଇଛି । ଏହି କାରଣରୁ ପ୍ରତିଯୋଗିତା କ୍ଷେତ୍ରରେ ଭାରତ ପଛରେ ପଡ଼ିଯାଇଛି । ଜନସାଧାରଣ ପ୍ରକୃତ ନ୍ୟାୟ ପାଇବାକୁ ବଞ୍ଚିତ ହୋଇଛନ୍ତି । ରାଷ୍ଟ୍ରର ସାମୂହିକ ସ୍ୱାର୍ଥ ବ୍ୟାହତ ହେବାରୁ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇପାରୁ ନାହିଁ । ଯେକୌଣସି ଜନମଙ୍ଗଳ ରାଷ୍ଟ୍ର ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ଏଥିପାଇଁ ବର୍ତ୍ତମାନ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ ।

ସମସ୍ୟା ଓ ସମାଧାନର ସୂତ୍ର: ରାଜନୀତିରେ ଅପରାଧୀକରଣ ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା । ପ୍ରତ୍ୟେକ ରାଜନୈତିକ ଦଳ ଏଥିପ୍ରତି ଉଦ୍‌ବେଗ ପ୍ରକାଶ କରୁଥିଲେହେଁ, ତାହା ସମ୍ପୂର୍ଣ୍ଣ ଭାବରେ ଲୋକଦେଖାଣିଆ । ଦେଶର ପ୍ରଗତି ଓ କଲ୍ୟାଣର ଏହା ପରିପନ୍ଥୀ ବୋଲି ସମସ୍ତେ ଅନୁଭବ କରୁଛନ୍ତି । ସୁଖର ବିଷୟ ନିର୍ବାଚନ କମିଶନର କେ.ପି.ଏସ୍.ଗିଲ ଅପରାଧ ପାଇଁ ଶାସ୍ତି ପାଇଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଛଅ ବର୍ଷ ପାଇଁ ପ୍ରତିଦ୍ୱନ୍ଦିତା କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଉଚ୍ଚ ଅଦାଲତ ଦ୍ୱାରା ଜାମିନ୍ ପାଇନଥିବା ବ୍ୟକ୍ତି ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ମାତ୍ର ଏ ସମ୍ପର୍କରେ ଏପର୍ଯ୍ୟନ୍ତ ଆଇନ୍ ପ୍ରଣୟନ ହୋଇପାରି ନାହିଁ । ଏ ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ବିବୃତି ଦେଇ କହିଛନ୍ତି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି କେଉଁ ଧରଣର ଅପରାଧରେ ଜଡ଼ିତ ପ୍ରଥମେ ତାହା ଜାଣିବାକୁ ପଡ଼ିବ । ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଆନ୍ଦୋଳନ କରି ଅପରାଧୀ ରୂପେ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଅପରାଧୀ ପଦବାଚ୍ୟ ହୋଇ ନ ପାରନ୍ତି । ସି.ପି.ଆଇ.ର ଶ୍ରୀ.ଡି. ରାଜାଙ୍କର ଦୁର୍ବୃତ୍ତ ସମ୍ପର୍କୀୟ ବ୍ୟାଖ୍ୟା ଏବେ ମଧ୍ୟ ଏକ ପ୍ରଶ୍ନବାଚୀ ହୋଇ ଦେଖାଦେଇଛି । ପୁନରାୟ ଅତୀତରେ ଯେଉଁମାନେ ଅପରାଧ କରି ନିର୍ବାଚିତ ସଦସ୍ୟ ରୂପେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ । ଏକଥା ସତ୍ୟ ଯେ ପ୍ରତ୍ୟେକ ରାଜନୀତିକ ଦଳ ଏହି ଅପରାଧୀକରଣକୁ ମୁହଁରେ ବିରୋଧ କରୁଥିଲେ ହେଁ, ସେଥି ପ୍ରତି ଆନ୍ତରିକ ସମ୍ମତି ନାହିଁ । ଅନେକ ଅପରାଧପ୍ରବଣ ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ଦେଶର ସ୍ୱାର୍ଥକୁ ବହିଃଶତ୍ରୁଙ୍କ ନିକଟରେ ବିକ୍ରୟ ନିମିତ୍ତ ଆଦୌ କୁଣ୍ଠା ପ୍ରକାଶ କରୁନାହାନ୍ତି । ଏ ସମ୍ପର୍କରେ କେତେକ ସମ୍ବାଦ ମଧ୍ୟ ହସ୍ତଗତ ହେଉଛି । ଅଥଚ ସେ କ୍ଷେତ୍ରରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ । ଯେପର୍ଯ୍ୟନ୍ତ ସମୂହ ଜନସଚେତନତା ସୃଷ୍ଟି ନ ହୋଇପାରିଛି, ସେପର୍ଯ୍ୟନ୍ତ ରାଜନୀତିରୁ ଅପରାଧର ମୂଲୋତ୍ପାଟନ ହୋଇପାରିବ ନାହିଁ । ନିରପେକ୍ଷ ତଦନ୍ତ ହେଲେ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୫୦ ଭାଗରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ମାମଲା ବିଚାରାଳୟ, ପୁଲିସ ଷ୍ଟେସନରେ ରୁଜୁ ହୋଇଥିବାର ଦେଖିବାକୁ ମିଳିବ । ଶାସନକଳ ଏ କ୍ଷେତ୍ରରେ କୌଣସି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିପାରିବ ନାହିଁ । ଶିକ୍ଷାନୀତିରେ ପରିବର୍ତ୍ତନ, ନୈତିକ ସାହସର ଜାଗରଣ ଏବଂ ସମ୍ମଳିତ ଜନ ଆନ୍ଦୋଳନ ଦ୍ୱାରା ଏହି ଅପରାଧୀକରଣକୁ ରୋକାଯାଇପାରିବ । ଏଥିପାଇଁ ବର୍ତ୍ତମାନଠାରୁ ସବୁ ସ୍ତରରେ ଉଦ୍ୟମ ହେବା ସଙ୍ଗେ ସଙ୍ଗେ ସି.ବି.ଆଇ.କୁ ନିରପେକ୍ଷ ଭାବରେ ତଦନ୍ତ କରିବାର ସୁଯୋଗ ପ୍ରଦାନ କରାଯିବା ଉଚିତ । ବ୍ୟକ୍ତିସ୍ୱାର୍ଥଠାରୁ ରାଷ୍ଟ୍ରସ୍ୱାର୍ଥ ଊର୍ଦ୍ଧ୍ୱରେ ଏହା ସମସ୍ତେ ଅନୁଭବ କରିବା ଉଚିତ ।

ଉପସଂହାର: ରାଜନୀତିରେ ଅପରାଧୀକରଣ ସମାଜ ପାଇଁ ଏକ ଅଭିଶାପ । ଭାରତ ପରି ଏକ ଐତିହ୍ୟ ଓ ଧାର୍ମିକ ଦେଶରେ ଏପରି କାର୍ଯ୍ୟ ଘୋର ନିନ୍ଦାର ବିଷୟ । ଅତୀତରେ ପ୍ରଜାସୁଖ ପାଇଁ ଏହି ଦେଶର ରାଜା ପତ୍ନୀଙ୍କୁ ତ୍ୟାଗ କରିବାର ଉଦାହରଣ ବିରଳ ନୁହେଁ । କାଳର ଅବାରିତ ସ୍ରୋତରେ ଅପରାଧୀମାନଙ୍କର ଛଦ୍ମମୁଖା ଖୋଲିଯିବାକୁ ଲାଗିଛି । ଧୀରେ ଧୀରେ ଜନସଚେତନତା ବୃଦ୍ଧି ପାଉଥିବା ବିଷୟ ସମ୍ପ୍ରତି ଘଟି ଯାଇଥିବା ନିର୍ବାଚନରୁ ଜଣାଯାଏ । ଆଶା କରାଯାଏ ଭାରତର ଅତୀତ ଗୌରବ ପୁଣି ଫେରିଆସିବ । ଜନସାଧାରଣ ପ୍ରକୃତ ବିଚାରକ । ଯଥାସମୟରେ ସେମାନେ ସେମାନଙ୍କର ରାୟ ଶୁଣାଇ ଏହି ଅପରାଧୀମାନଙ୍କ ମୂଲୋତ୍ପାଟନ କରିବେ । ସମୟକୁ ତଥାପି ଅପେକ୍ଷା କରିବାକୁ ପଡ଼ିବ । କାରଣ ସମୟ ସବୁଠାରୁ ବଳବାନ୍ ।

●●●

ସାହିତ୍ୟ ଓ ଜୀବନୀ ଭିତ୍ତିକ ପ୍ରବନ୍ଧ

ମଣିଷ ଏକ ବୌଦ୍ଧିକ ପ୍ରାଣୀ । ସାହିତ୍ୟ ହେଉଛି ତା'ର ବୌଦ୍ଧିକତାର ଏକ କଳାତ୍ମକ ପରିପ୍ରକାଶ । ସାହିତ୍ୟ ମଣିଷର କଳ୍ପନା ଶକ୍ତିର ବିକାଶ କରାଇବା ସହିତ ତା'ର କଳାତ୍ମକ ଦିଗକୁ ଉଜ୍ଜୀବିତ କରେ । ସାହିତ୍ୟ ସୃଷ୍ଟି ଦ୍ୱାରା ଲେଖକଟିଏ ସମାଜର ହିତ ସାଧନ କରିଥାଏ । ସାହିତ୍ୟ ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ସାହିତ୍ୟର ବିକାଶରେ ସମାଜର ବିକାଶ ଏବଂ ସମାଜର ବିକାଶରେ ସାହିତ୍ୟର ବିକାଶ । ସେଥିପାଇଁ ଛାତ୍ରଛାତ୍ରୀମାନଙ୍କ ଭିତରେ ସାହିତ୍ୟ ପଠନର ଯଥେଷ୍ଟ ଉପାଦେୟତା ରହିଛି । ସାହିତ୍ୟ ପଠନର ଏକ ବିଶିଷ୍ଟ ଦିଗ ହେଉଛି ଭାଷା । ଏହି ଭାଷା ଭିତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ନିଜର ମାତୃଭାଷା । ମାତୃଭାଷା ମାଧ୍ୟମରେ ପ୍ରବନ୍ଧ ପାଠ କରିଲେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ, ଭାଷା ଜ୍ଞାନ ବୃଦ୍ଧି ତଥା ମୌଳିକ ସାହିତ୍ୟ ରଚନାର ଶୈଳୀଗତ ପ୍ରତିଭା ଜାଗ୍ରତ ହେବ ।

ଅନ୍ୟ ପକ୍ଷରେ ଜୀବନୀ ସାହିତ୍ୟ ପଠନ ଦ୍ୱାରା ବହୁ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜାଣିବାର ସୁଯୋଗ ଲାଭ କରିବେ ଏବଂ ସେମାନଙ୍କର ଜୀବନ ପଥକୁ ଅନୁସରଣ କରି ନିଜକୁ ଅନୁପ୍ରାଣିତ କରିବେ । ଏଥିପାଇଁ ଜୀବନୀ ପ୍ରବନ୍ଧଗୁଡ଼ିକୁ ଏଥିରେ ସ୍ଥାନିତ କରାଯାଇଛି ।

୮.୧ ସାହିତ୍ୟ ପାଠର ଉପାଦେୟତା

ଉପକ୍ରମ: ଯାହା ସମାଜ ଓ ବ୍ୟକ୍ତିର ହିତସାଧନ କରେ ତାହା ସାହିତ୍ୟ । ନିରସ ମନରେ ସରସତା ଭରିଦେବା ଏହାର ଲକ୍ଷ୍ୟ । ଅନ୍ୟ ଭାବରେ କହିଲେ କେବଳ ଆନନ୍ଦଦାନ ସାହିତ୍ୟର ସର୍ବଶେଷ ଲକ୍ଷ୍ୟ ନୁହେଁ । ସୁସ୍ଥ ସାମାଜିକ ପରମ୍ପରା ଗଠନରେ ଏହାର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଭାବ ପ୍ରକାଶର ମାଧ୍ୟମ ହେଉଛି ଭାଷା । ଏହି ଭାଷା ହିଁ ବଣଜଙ୍ଗଲରେ ବସବାସ କରୁଥିବା ମଣିଷକୁ ସଙ୍ଗଠିତ କରିଥିଲା । ତା'ର ବୌଦ୍ଧିକ ଚିନ୍ତାର ଉନ୍ମେଷ କରାଇଥିଲା । ଭାବଜଗତ ସହିତ ବସ୍ତୁଜଗତର ସଂଯୋଗ କରାଇ ସାହିତ୍ୟ ମଣିଷକୁ କରିପାରିଛି ସଭ୍ୟ ଶିକ୍ଷିତ । ସାମାଜିକ ସମ୍ପର୍କ ଗଠନର ଏକ ମାଧ୍ୟମ ରୂପେ ସାହିତ୍ୟର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ସୌନ୍ଦର୍ଯ୍ୟର ଉପାସନା ନିମିତ୍ତ ସର୍ବପ୍ରଥମେ ଏହା ମଣିଷକୁ ପ୍ରେରିତ କରିଥିଲା । ଭାବର ଆଦାନପ୍ରଦାନ ମାଧ୍ୟମରେ ମଣିଷ ଏହାଦ୍ୱାରା ବଞ୍ଚିବାର ଖୋରାକ ପାଇଥିଲା । ମର୍ତ୍ତ୍ୟରେ ସ୍ୱର୍ଗର ନନ୍ଦନକାନନ ସୃଷ୍ଟି କରିପାରେ ସାହିତ୍ୟ । ଏହା ହୁଏତ ମଣିଷର ଶାରୀରିକ ବୃଦ୍ଧିରେ ସହାୟତା କରି ନପାରେ, ମାତ୍ର ମାନସିକ ଅଭିବୃଦ୍ଧି ନିମିତ୍ତ ସାହିତ୍ୟର ଉପଯୋଗିତା ଅତୁଳନୀୟ ।

ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ: ମାନବିକତାର ବିକାଶ ନିମିତ୍ତ ସାହିତ୍ୟରେ ପ୍ରଚୁର ସୁଯୋଗ ରହିଛି । ଦେହର ଆବଶ୍ୟକତା ପୂରଣ ହୋଇଗଲେ ମଣିଷ ସମ୍ପୂର୍ଣ୍ଣ ଆନନ୍ଦ ଲାଭ କରିପାରେ ନାହିଁ । ମାନବର ପ୍ରକୃତ ପରିଚୟ ତା'ର ବୌଦ୍ଧିକ ବିକାଶରେ । ସାହିତ୍ୟ ହିଁ ମଣିଷର ଚିନ୍ତାରାଜ୍ୟକୁ ବିସ୍ତୃତ କରିଥାଏ । ତାକୁ ପ୍ରଦାନ କରେ ବିମଳ ଆନନ୍ଦ । ଲୌକିକ ଆନନ୍ଦ ଅପେକ୍ଷା ସାହିତ୍ୟ ଅନ୍ୟ ଏକ ଅଲୌକିକ ଆନନ୍ଦ ପ୍ରଦାନ କରିଥାଏ । ଭୂମିରୁ ଭୂମା ଆଡ଼କୁ ଗତି କରାଇବାର କ୍ଷମତା କେବଳ ସାହିତ୍ୟର ହିଁ ରହିଛି । ହୋରାସ୍‌ଙ୍କ ପରି

ଆଲୋଚକ ସାହିତ୍ୟର ଦୁଇଟି ଆବଶ୍ୟକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି । ପ୍ରଥମତଃ ମଣିଷର ଦୈନନ୍ଦିନ ବ୍ୟବହାରରେ ଏହା ଆସିଥାଏ ଏବଂ ଦ୍ୱିତୀୟରେ ଏହା ଆନନ୍ଦ ପ୍ରଦାନ କରିଥାଏ । ପ୍ରାଚ୍ୟ ଆଳଙ୍କାରିକ ମମ୍ମଟ କାବ୍ୟ ବା ସାହିତ୍ୟର ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି-

କାବ୍ୟଂ ଯଶସେଽର୍ଥ କୃତେ ବ୍ୟବହାର ବିଦେ ଶିବେତ୍ରୁ କ୍ଷତୟେ
ସଦ୍ୟ ପରି ନିର୍ବୃତ୍ତୟେ କାନ୍ତାସମ୍ମତି ୟୋପଦେଶଯୁଜେ ।

ଅର୍ଥାତ୍ ଏହା ଯଶ, ଅର୍ଥ, ବ୍ୟବହାର ଜ୍ଞାନ, ଅମଙ୍ଗଳର ବିନାଶ, ପରମାନନ୍ଦ ଲାଭ ତଥା କାନ୍ତାସମ୍ମତି ଉପଦେଶ ପ୍ରଦାନ କରିଥାଏ । ମଣିଷ ମନରେ ସାହିତ୍ୟ ସୌନ୍ଦର୍ଯ୍ୟବୋଧର ଜାଗ୍ରତ କରିଥାଏ । ଦୁଃଖରେ ମଧ୍ୟ ଆନନ୍ଦ ପ୍ରଦାନ କରିବାର କ୍ଷମତା ସାହିତ୍ୟର ରହିଛି । ତେଣୁ ଲାବର୍ଣ୍ଣ କହନ୍ତି - The greatest mystery of poetry is its power to invest the saddest things with beauty.ବ୍ୟକ୍ତି ଓ ଜଗତ ସମ୍ବନ୍ଧରେ ଏହା ମାନବର ଜ୍ଞାନ ପରିସରକୁ ବୃଦ୍ଧି କରିଥାଏ । ବିଶ୍ୱର ବିଭିନ୍ନ ଜାତି, ସଭ୍ୟତା, ସଂସ୍କୃତି ଆଦି ସମ୍ପର୍କରେ ସାହିତ୍ୟ ମାଧ୍ୟମରେ ହିଁ ଜ୍ଞାନ ଲାଭ ହୋଇଥାଏ । ବିକୃତ ଏବଂ କୁତ୍ସିତକୁ ସୁନ୍ଦର ଓ ଅନୁପମ କରିବାର ଶକ୍ତି ସାହିତ୍ୟର ରହିଛି । ସମାଜ ଓ ସମୟକୁ ପ୍ରଭାବିତ କରି ସାହିତ୍ୟ ଏକ ନୂତନ ଜଗତ ସୃଷ୍ଟି କରିପାରେ । ଚିତ୍ତବିନୋଦନ ସହିତ ଚତୁର୍ବର୍ଗ ଫଳ ପ୍ରଦାନ କେବଳ ସାହିତ୍ୟ କ୍ଷେତ୍ରରେ ହିଁ ସମ୍ଭବ । ନୈତିକ ମୂଲ୍ୟବୋଧର ଜାଗ୍ରତ କରି ଏହା ସମାଜକୁ କରେ ସୁସ୍ଥ ଓ ସୁନ୍ଦର । ଭ୍ରାତୃତ୍ୱ ଏବଂ ପ୍ରେମର ବାଣୀ ପ୍ରଚାର କରି ସମାଜସୃଷ୍ଟ ମଣିଷଙ୍କ ମଧ୍ୟରେ ସଂଯୋଗର ସେତୁ ସ୍ଥାପନ କରେ ।

ସମାଜ ଜୀବନ ସହିତ ସମ୍ପର୍କ: ସମାଜ ସହିତ ସାହିତ୍ୟର ରହିଛି ନିଗୂଢ଼ ସମ୍ପର୍କ । କାରଣ ସାହିତ୍ୟ ହେଉଛି ସମାଜର ମୁକୁର । ଧର୍ମ ପ୍ରଚାରକ ଓ ସଂସ୍କାରକ ସାହିତ୍ୟ ମାଧ୍ୟମରେ ସମାଜକୁ ସଙ୍ଗଠିତ କରିବାର ଉଦ୍ୟମ କରିଛନ୍ତି । ସାହିତ୍ୟ ଠିକ୍ ଅର୍ଥରେ ଇତିହାସ ନ ହେଲେହେଁ ଏହାଦ୍ୱାରା ସାମାଜିକ ଉତ୍‌ଥାନ ପତନର ଧାରାଟି ସ୍ପଷ୍ଟ ହୋଇଥାଏ । ପ୍ରାଚୀନ ସାହିତ୍ୟରୁ ମଣିଷ ତତ୍କାଳୀନ ମାନବସମାଜର ଜୀବନଧାରା ସମ୍ପର୍କରେ ଅବଗତ ହୋଇଥାଏ । ଅତୀତ ଜୀବନଚିତ୍ର ସାହିତ୍ୟ ଦ୍ୱାରା ଉପଲବ୍ଧ ହେଉଥିବାରୁ ସାମାଜିକ ପରିବର୍ତ୍ତନଧାରା ଏଥିରୁ ସ୍ପଷ୍ଟ ହୋଇପଡ଼େ । ସମାଜରେ ଚଳପ୍ରଚଳ କରିବାକୁ ହେଲେ ଯେଉଁ ପ୍ରକାର ନୀତି-ନିୟମର ବଶବର୍ତ୍ତୀ ହେବାକୁ ହୋଇଥାଏ, ସେ ସମ୍ପର୍କରେ ସାହିତ୍ୟ ଶିକ୍ଷାଦାନ କରିଥାଏ । ସାମାଜିକ ଆଚାର ବିଚାର, ଚାଲିଚଳଣି ଆମେ ସାହିତ୍ୟରୁ ଲାଭ କରିଥାଉ । ରାମାୟଣ, ମହାଭାରତ, ପୁରାଣ ଆଦି ଭାରତୀୟ ସାମାଜିକ ବ୍ୟବସ୍ଥାକୁ ବହୁକାଳ ଧରି ନିୟନ୍ତ୍ରଣ କରିଆସିଛି ।ସମାଜର ପରିବର୍ତ୍ତନ ଧାରାଟି ମଧ୍ୟ ସାହିତ୍ୟର କଳେବର ମଣ୍ଡନ କରୁଥିବାରୁ ସାମାଜିକ ଇତିହାସର ଚଳନ୍ତି ଧାରା ଯେ ସାହିତ୍ୟ, ଅସ୍ୱୀକାର କରାଯାଇ ନପାରେ । ସାମାଜିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କ୍ଷେତ୍ରରେ ଏହାର ଅବଦାନର ତୁଳନା ନାହିଁ । ଦୂର ଅତୀତ ସାହିତ୍ୟ ଦ୍ୱାରା ନିକଟତର ହୋଇଥାଏ । ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ସାହିତ୍ୟ ଯଥାର୍ଥ ଦିଗ୍‌ଦର୍ଶନ ଦେଇଥାଏ । ଏହି ଦୃଷ୍ଟିରୁ ସାହିତ୍ୟର ଉପାଦେୟତା ଅତୁଳନୀୟ ।

ବ୍ୟକ୍ତି ଜୀବନ ଉପରେ ଏହାର ପ୍ରଭାବ: ବହୁ କ୍ଷେତ୍ରରେ ବ୍ୟକ୍ତି ଜୀବନକୁ ନିୟନ୍ତ୍ରିତ କରିବା କ୍ଷେତ୍ରରେ ସାହିତ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ । ନୈତିକ ଜୀବନଯାପନ ପାଇଁ ଏହା ପ୍ରେରଣା

ଦିଏ । ବ୍ୟକ୍ତି ଚରିତ୍ରକୁ ଶୃଙ୍ଖଳିତ ଏବଂ ଗଠନ କରିବା କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ସୁ'ଏବଂ 'କୁ' ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଦିଷ୍ଟ କରି 'ସୁ' କୁ ଗ୍ରହଣ କରିବା ପାଇଁ ଏହା ମଣିଷକୁ ଉପଦେଶ ପ୍ରଦାନ କରିଥାଏ । କାନ୍ତାପରି ଉପଦେଶ ଦେଇ ଚିତ୍ତକୁ ଉଲ୍ଲସିତ କରେ । ରାମ ଏବଂ ରାବଣ ଚରିତ୍ର ମଧ୍ୟରେ ରହିଥିବା ଅସଙ୍ଗତିକୁ ଆମ ଆଗରେ ତୋଳି ଧରେ । ଆଦର୍ଶ ଚରିତ୍ରମାନଙ୍କର ଜୀବନ ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରି ସେହିପରି ଜୀବନ ଗ୍ରହଣ କରିବାକୁ ଉପଦେଶ ଦିଏ । ପରସ୍ପରକୁ ସ୍ନେହ, ଶ୍ରଦ୍ଧା କରିବାକୁ ଶିକ୍ଷା ଦିଏ । ଅବସର ସମୟରେ ଚିତ୍ତବିନୋଦନର ଏକ ଶ୍ରେଷ୍ଠ ସାମଗ୍ରୀ ରୂପେ ପରିଣତ ହୋଇଥାଏ । ମଣିଷର ଜ୍ଞାନର ଦିଗନ୍ତକୁ ବିସ୍ତୃତ କରେ । ଏହା ଜ୍ଞାନର ଅନନ୍ତ ଭଣ୍ଡାର ହୋଇଥିବାରୁ ମଣିଷର ଚିତ୍ତ ବିସ୍ତୃତି ଘଟାଇଥାଏ । ବିଶ୍ୱରେ ଘଟିଯାଉଥିବା ବିଭିନ୍ନ ଘଟଣାବଳୀ ସମ୍ପର୍କରେ ସାହିତ୍ୟ ମାଧ୍ୟମରେ ଜ୍ଞାନଲାଭ ହୋଇଥାଏ । ମଣିଷ ପାଇଁ ସାହିତ୍ୟ ବନ୍ଧୁ, ଉପଦେଶକ ଓ ଦିଗ୍‌ଦର୍ଶକ ଭାବେ କାର୍ଯ୍ୟ କରିଥାଏ । ନିରୋଳା ମୁହୂର୍ତ୍ତରେ ସାହଚର୍ଯ୍ୟ ଯୋଗାଇ ଦେଇ ମଣିଷକୁ ବିରକ୍ତି ଭାବରୁ ରକ୍ଷା କରେ । ପୁରାଣ ଓ ଆଧ୍ୟାତ୍ମିକ ଶିକ୍ଷା ମାନବକୁ ସତ୍‌ଶିକ୍ଷା ପ୍ରଦାନ କରିଥାଏ । ମଣିଷ ଚରିତ୍ରକୁ ଶୃଙ୍ଖଳିତ ଓ ମାର୍ଜିତ କରେ । ତେଣୁ ବ୍ୟକ୍ତି ଚରିତ୍ର ଗଠନ କ୍ଷେତ୍ରରେ ସାହିତ୍ୟର ଭୂମିକା ଏହି ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ।

ସାହିତ୍ୟ ପାଠର ଉପଯୋଗିତା : ସାହିତ୍ୟ ପାଠର ଉପଯୋଗିତା ବହୁବିଧ । ଏହା କେବଳ ସାମାଜିକ ଜ୍ଞାନ ପ୍ରଦାନ କିମ୍ବା ଆନନ୍ଦ ବିତରଣ କରେ ନାହିଁ; ପରନ୍ତୁ ଜୀବନଯନ୍ତ୍ରଣାରେ ସତତ ସନ୍ତୁଳିତ ମଣିଷ ପ୍ରାଣରେ ବଞ୍ଚିବାର ପ୍ରଲୋଭନ ସୃଷ୍ଟି କରିଥାଏ । ଉନ୍ନତ ଜୀବନଯାପନ ପାଇଁ ସାହିତ୍ୟ ମଣିଷ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ । ବିଭିନ୍ନ ଦେଶ, ଜାତି, ସଭ୍ୟତା ଓ ସଂସ୍କୃତି ସମ୍ବନ୍ଧରେ ସାହିତ୍ୟ ଦ୍ୱାରା ଜ୍ଞାନଲାଭ ହୋଇଥାଏ । ଅତୀତର ଘଟଣାବଳୀ ଓ ଚରିତ୍ରମାନଙ୍କର କାର୍ଯ୍ୟକଳାପକୁ ବିଶ୍ଳେଷଣ କରି ବର୍ତ୍ତମାନ ସମୟକୁ କିପରି ଶୁଭ୍ର ସୁନ୍ଦର କରାଯାଇପାରିବ, ସେ ସମ୍ପର୍କରେ ସାହିତ୍ୟ ଦିଗ୍‌ଦର୍ଶନ ଦେଇଥାଏ । ସାରଳାଦାସଙ୍କ ସୃଷ୍ଟିରୁ ଆମେ ଯେପରି ତତ୍କାଳୀନ ସମାଜର ଜୀବନଧାରଣ ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷାଲାଭ କରିଥାଉ, ଅନୁରୂପ ଭାବେ ପଞ୍ଚସଖାଙ୍କ ସାହିତ୍ୟରୁ ଷୋଡ଼ଶ ଶତାବ୍ଦୀ ଓଡ଼ିଶାର ଆଧ୍ୟାତ୍ମିକ ଭାବନା ସମ୍ବନ୍ଧରେ ଜ୍ଞାନଲାଭ କରିଥାଉ । ତେଣୁ ଆମର ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ ସାମାଜିକ ଜୀବନ ସମ୍ପର୍କରେ ସାହିତ୍ୟ ହିଁ ସୂଚନା ପ୍ରଦାନ କରିଥାଏ । ସେହିପରି ଆଦିବାସୀଙ୍କ ଜୀବନଧାରଣ ପଦ୍ଧତି ସମ୍ପର୍କରେ ଆମର କୌଣସି ଧାରଣା ନ ଥିଲେହେଁ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ଆମକୁ ସେମାନଙ୍କର ନିକଟତର କରାଇବାରେ ସାହାଯ୍ୟ କରିଥାଏ । ତେଣୁ ସମାଜର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟର ରେଖାକୁ ସାହିତ୍ୟ ସଙ୍କୁଚିତ କରିଥାଏ । ମଣିଷ ଅନ୍ଧାରୀ ମନର ବହୁ କଥା ଆଜି ସାହିତ୍ୟରେ ଉଦ୍‌ଘାଟିତ ହୋଇପାରିଛି । ମଣିଷର ଚରିତ୍ର ସମ୍ପର୍କରେ ସାହିତ୍ୟ ସମ୍ପ୍ରତି ଏକ ସ୍ପଷ୍ଟ ଜ୍ଞାନ ପ୍ରଦାନ କରିବାକୁ ସମର୍ଥ ହୋଇପାରିଛି । ଏହାଦ୍ୱାରା ମାନବ ଚରିତ୍ର ମଧ୍ୟରେ ରହିଥିବା ଅସଙ୍ଗତିର ସୂତ୍ରଟି ଧରା ପଡ଼ିଯାଇଛି । ଅନୁଭୂତିକୁ ପ୍ରାଞ୍ଜଳ ଏବଂ ଭାବକୁ ଶୃଙ୍ଖଳିତ ରୂପେ ପ୍ରକାଶ କରିବା କ୍ଷେତ୍ରରେ ସାହିତ୍ୟ ହେଉଛି ଉପଯୁକ୍ତ ମାଧ୍ୟମ । ସମାଜର ଦୋଷଦୁର୍ବଳତାକୁ ଦୂର କରିବାକୁ ସାହିତ୍ୟ ବୈପ୍ଳବିକର ଭୂମିକା ଗ୍ରହଣ କରିପାରେ । ରୁଷର ଅକ୍ଟୋବର ବିପ୍ଳବ, ଫରାସୀରାଷ୍ଟ୍ର ବିପ୍ଳବ କ୍ଷେତ୍ରରେ ସାହିତ୍ୟର ସେହି ବୈପ୍ଳବିକ ଭୂମିକାର ତୁଳନା ନାହିଁ । ପୁଣି ସମାଜର କୁସଂସ୍କାର ଏବଂ ଅନ୍ଧବିଶ୍ୱାସକୁ ଏହା ଅକ୍ଲେଶରେ ପଦାରେ ପକାଇ ତା'ର ନିରାକରଣ ନିମିତ୍ତ ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ । ସଂସାରର ରୂଢ଼

ଟିପ୍ପଣୀ

ବାସ୍ତବତାଠାରୁ ମଣିଷକୁ ଦୂରେଇ ନେଇ ତା'ପ୍ରାଣରେ ବଞ୍ଚିବାର ଉନ୍ମାଦନା ସୃଷ୍ଟି କରିପାରେ ସାହିତ୍ୟ । ଜୀବନଯନ୍ତ୍ରଣାରୁ ସାମୟିକ ମୁକ୍ତି ଦେବା କ୍ଷେତ୍ରରେ ସାହିତ୍ୟ ବିଶ୍ୱସ୍ତ ବନ୍ଧୁଟିଏର ଭୂମିକା ମଧ୍ୟ ଗ୍ରହଣ କରିପାରେ ।

ଜାତି ଗଠନରେ ସାହିତ୍ୟର ଭୂମିକା: ଜାତିକୁ ସଙ୍ଗଠିତ କରିବା କ୍ଷେତ୍ରରେ ସାହିତ୍ୟର ଅପୂର୍ବ ଭୂମିକା ରହିଛି । ଆମେରିକାର ସ୍ୱାଧୀନତା ଆନ୍ଦୋଳନ ସମୟରେ, ରୁଷର କଠୋର ଶାସନ ବିରୋଧରେ, ଫରାସୀର ଷୋଡ଼ଶ ଲୁଇଙ୍କ ଅତ୍ୟାଚାର ବିରୋଧରେ ସାହିତ୍ୟ ଜାତିକୁ ସଙ୍ଗଠିତ କରି ଯେଉଁ ଅତୁଳନୀୟ ସାହସିକ ପଦକ୍ଷେପ ଗ୍ରହଣ କରିଛି, ଇତିହାସରେ ତା'ର ତୁଳନା ନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସାହିତ୍ୟ ଦେଶପ୍ରୀତି ମନ୍ତ୍ରରେ ଜାତିକୁ ସଙ୍ଗଠିତ କରି ଇଂରେଜ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେଇଥିଲା । ନିର୍ବୀର୍ଯ୍ୟ ଜାତି ପ୍ରାଣରେ କେବଳ ସାହିତ୍ୟର ଅଗ୍ନିବର୍ଷୀ ବାଣୀ ମୃତ୍ୟୁସଞ୍ଜୀବନୀ ପରି କାର୍ଯ୍ୟ କରିପାରେ । ଦେଶର ଶାସକମାନଙ୍କର ଅପାରଗତା ବିରୋଧରେ ସାହିତ୍ୟ ଦେଶବାସୀଙ୍କୁ ଜାଗ୍ରତ କରିଥାଏ । ଭୀରୁ ଓ ଦୁର୍ବଳ ପ୍ରାଣରେ କରିଦିଏ ଶତସିଂହର ବଳ । ଯାହା ଅସୀ ଦ୍ୱାରା ସମ୍ଭବ ନୁହେଁ, ତାହା ସାହିତ୍ୟର ମସି ଦ୍ୱାରା ସମ୍ଭବ ହୋଇଥାଏ ।

ଉପସଂହାର: ମଣିଷ ଜୀବନର ବିଭିନ୍ନ କ୍ଷେତ୍ରରେ ସାହିତ୍ୟ ପାଠର ବିଭିନ୍ନ ଉପାଦେୟତା ସ୍ୱୀକାର୍ଯ୍ୟ । ଏହା ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ମଣିଷକୁ ମଣିଷ ପରି ଦେଖିବାକୁ ପ୍ରେରଣା ଯୋଗାଇଥାଏ । ଜୀବନକୁ କରେ ଶୁଭ୍ର, ସୁନ୍ଦର । ସତ୍ୟ, ଶିବ ଏବଂ ସୁନ୍ଦରର ଜୟଗାନ କରି ବିପଥଗାମୀ ମଣିଷକୁ ସତ୍ ପଥରେ ପରିଚାଳିତ କରେ । ନିଷ୍ଠୁର ବାସ୍ତବତାରେ ମ୍ରିୟମାଣ ମଣିଷ ପ୍ରାଣରେ ସୃଷ୍ଟି କରେ ବଞ୍ଚିବାର ଉନ୍ମାଦନା । ହୃଦୟରେ ପ୍ରଶାନ୍ତିର ପ୍ରଲେପ ବୋଳିଥାଏ ସାହିତ୍ୟ । ଚିନ୍ତାକୁ ମହନୀୟ କରେ; ଭାବକୁ ଦିଏ ପ୍ରକାଶର ପୋଷାକ । କଳ୍ପନାର ରଙ୍ଗରେ ରଙ୍ଗାୟିତ କରେ ମଣିଷର ହୃଦୟ ଓ ପ୍ରାଣକୁ । ଉନ୍ନତ ଚିନ୍ତାଧାରାର ପ୍ରକାଶ ମାଧ୍ୟମ ହେଉଛି ସାହିତ୍ୟ । ସାହିତ୍ୟ ପାଠର ବହୁବିଧ ଉପଯୋଗିତା ଯୋଗୁଁ ତାହା ଆଜି ମଣିଷର ଏତେ ପ୍ରିୟ ହୋଇପାରିଛି ।

●●●

୮.୭ ମାତୃଭାଷାରେ ଶିକ୍ଷାଦାନ

ଉପକ୍ରମ:

ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ପଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

(ଗଙ୍ଗାଧର ମେହେର)

ଶିଶୁଟିର ବଞ୍ଚିରହିବା ପାଇଁ ମାତା କ୍ଷୀରର ଯେପରି ଆବଶ୍ୟକତା ରହିଛି, ଭାବପ୍ରକାଶ ପାଇଁ ମାତୃଭାଷାର ମଧ୍ୟ ଅନୁରୂପ ଆବଶ୍ୟକତା ରହିଛି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାତୃଭାଷା ମାନବର ସହଚର । ସଭ୍ୟତାର ପ୍ରାକ୍ କାଳରେ ମଣିଷର ଭାଷା କ'ଣ ଥିଲା, ତାହା ଏବେବି ଏକ ବିବଦମାନ ବିଷୟ । ସଭ୍ୟତାର ଆଲୋକ ଦେଖିବା ପରେ ସେ ଚତୁର୍ଦ୍ଦିଗରେ ଯାହା ଶୁଣିବାକୁ ପାଇଲା, ତାହାହିଁ ତା'ର ହେଲା ନିଜର ଭାଷା ।ଶିଶୁ ପ୍ରଥମ ଆଖି ମେଲାଇ ଦେଖିଲା ତା'ର ଜନ୍ମଦାତ୍ରୀ ମା'କୁ । ପ୍ରଥମ କଥା କହିବାକୁ ଶିଖିବା ସମୟରେ ପ୍ରଥମ ପରିଚୟ ପାଇଲା ମାତୃଭାଷାର । ତା'ର ଶରୀରର ପୁଷ୍ଟି ପାଇଁ ମାତାକ୍ଷୀରର ଅତ୍ୟାବଶ୍ୟକ ଉପାଦାନ ପରି ଭାବର ପରିପୁଷ୍ଟ ପାଇଁ ମାତୃଭାଷାର ଆବଶ୍ୟକ ଅନୁଭୂତ ହେଲା । ଭାବପ୍ରକାଶର ମାଧ୍ୟମ ଭାଷା ଓ ସେହି ଭାଷା ହିଁ ତା'ର ମାତୃଭାଷା । ମାଟି, ପାଣି, ପବନ ପରି ମାତୃଭାଷା ମଧ୍ୟ ଅତି ନିବିଡ଼ । ମଣିଷ ମାତୃଭାଷା ମାଧ୍ୟମରେ ନିଜକୁ ଯେପରି ପ୍ରକାଶ କରିପାରେ, ଅନ୍ୟ ଭାଷା ମାଧ୍ୟମରେ ସେହିପରି ପ୍ରକାଶ କରିବା ଦୁଃସାଧ୍ୟବ୍ୟାପାର । ଜୀବନର ଉଷାକାଳରୁ ମଣିଷର ନିବିଡ଼ ପରିଚୟ ଏଥିସହିତ । ସେଥିପାଇଁ ମାତୃଭାଷା ମାଧ୍ୟମରେ ଶିକ୍ଷାପ୍ରଦାନ ପାଇଁ ଗୁରୁତ୍ୱ ଆରୋପ କରାଯାଉଛି । ଭାବକୁ ସରଳ ଏବଂ ଭାଷାକୁ ସହଜ ଭାବରେ ପ୍ରକାଶ କରିବା କ୍ଷେତ୍ରରେ ମାତୃଭାଷା ସହିତ ଅନ୍ୟ କୌଣସି ଭାଷାକୁ ତୁଳନା କରାଯାଇ ନପାରେ ।

ଶିକ୍ଷାକ୍ଷେତ୍ରରେ ମାତୃଭାଷାର ଗୁରୁତ୍ୱ: ଶିଶୁଟିର ଜ୍ଞାନ ଉଦୟ ହେବା ପରଠାରୁ ମାତୃଭାଷା ସହିତ ପରିଚୟ ଲାଭ କରିଥାଏ । ମଣିଷର ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ଏହାର ଥାଏ ଅନ୍ତରଙ୍ଗ ପରିଚୟ । ପ୍ରତ୍ୟେକ ଭାବର ଅନ୍ତରଙ୍ଗ ପରିପ୍ରକାଶ ମାତୃଭାଷା ମାଧ୍ୟମରେ ହିଁ ସାଧିତ ହୋଇଥାଏ । ପ୍ରଥମେ ମଣିଷ ଯାହା ଚିନ୍ତାକରେ ତା'ର ମାଧ୍ୟମ ମାତୃଭାଷା । ମାନସିକ ବିକାଶ କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ । ଶିକ୍ଷାର ଉଦ୍ଦେଶ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କରେ ପରିପୂର୍ଣ୍ଣ ଧାରଣା । ଏହି ଧାରଣା ସୃଷ୍ଟି ହୋଇଥାଏ ମାନସିକ ସ୍ତରରେ ଓ ଅବରୋଧ କଥା ପ୍ରକାଶ ଲାଭ କରେମାତୃଭାଷାରେ । ଅନ୍ତର୍ନିହିତ ଭାବର ସ୍ୱଚ୍ଛନ୍ଦ ପରିପ୍ରକାଶ କେବଳ ମାତୃଭାଷା ଦ୍ୱାରା ସମ୍ଭବ । ପ୍ରଥମେ ଏହି ଭାଷା ମାଧ୍ୟମରେ ଭାବ ସ୍ଥୁଳରୂପ ଗ୍ରହଣ କରିବା ପରେ କୃତ୍ରିମ ଢଙ୍ଗରେ ଅନ୍ୟ ଭାଷାରେ ପ୍ରକାଶ କରାଯାଇଥାଏ । ଶିଶୁ ଜନ୍ମଠାରୁ ଯେଉଁ ଭାଷା ପରିବାର ଏବଂ ପରିବେଶରୁ ଲାଭ କରିଥାଏ, ତାହାରି ମାଧ୍ୟମରେ ଶିକ୍ଷା ଲାଭ କଲେ ସହଜରେ ତା'ର ବୋଧଗମ୍ୟ ହୋଇଥାଏ । ଏହା ପ୍ରାକୃତିକ ଓ ଆବରଣହୀନ । ଭାବ ସମ୍ପ୍ରସାରଣ ଓ ଅବବୋଧ ଉଭୟ କ୍ଷେତ୍ରରେ ଏହାର ଉପାଦେୟତା ସ୍ୱୀକାର୍ଯ୍ୟ । ଅନ୍ୟ ଭାଷା ଶିକ୍ଷା କରି ତା'ମାଧ୍ୟମରେ ଭାବପ୍ରକାଶ କଲେ ଭାବର ସ୍ୱଚ୍ଛନ୍ଦ ବିଚରଣ ସାଧିତ

ଟିପ୍ପଣୀ

ହୋଇପାରେ ନାହିଁ । ଶିକ୍ଷାର ମୌଳିକ ଉଦ୍ଦେଶ୍ୟ କେବଳ ମାତୃଭାଷା ଦ୍ୱାରା ହିଁ ସଫଳତା ଲାଭ କରେ । ଏହି କାରଣରୁ ମାତୃଭାଷା ଦ୍ୱାରା ଶିକ୍ଷାଦାନର ଉପାଦେୟତା ବହୁକାଳରୁ ସ୍ୱୀକୃତ ।

ପ୍ରାଚୀନ ଭାରତରେ ଶିକ୍ଷାଦାନର ମାଧ୍ୟମ: ଭାରତ ଏପରି ଏକ ଦେଶ, ଯେଉଁଠାରେ ବହୁ ଧର୍ମ, ସମ୍ପ୍ରଦାୟ, ବର୍ଣ୍ଣ ଏବଂ ଭାଷାର ଲୋକ ବସବାସ କରନ୍ତି । ଭୌଗୋଳିକ ପରିବେଶ ଏବଂ ଆଚାରପଦ୍ଧତି ମଧ୍ୟ ଭିନ୍ନ ଭିନ୍ନ ।ସେଥିପାଇଁ ସମଗ୍ର ଭାରତବର୍ଷରେ ଗୋଟିଏ ଭାଷାରେ ବାକ୍ୟାଳାପ କରିବା ସମ୍ଭବପର ନୁହେଁ । ଭାରତରେ ପ୍ରାୟ ୧୮ଟି ଭାଷା ମୁଖ୍ୟ ଭାଷା ରୂପେ ବ୍ୟବହୃତ ହେଉଥିବା ସମୟରେ ୧୬୫୬ଟି କଥିତ ଭାଷା ରହିଛି । ଏହି କାରଣରୁ କୌଣସି ଗୋଟିଏ ଭାଷାକୁ ସମଗ୍ର ଭାରତର ଭାଷା ବୋଲି ଦାବି କରିବା କଷ୍ଟକର ବ୍ୟାପାର । ଭାରତ ସରକାର ସମ୍ବିଧାନରେ ହିନ୍ଦୀଭାଷାକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ କରିଥିଲେହେଁ, ଏହା ସର୍ବସମ୍ମତ ଭାଷା ରୂପେ ସ୍ୱୀକୃତି ଲାଭ କରିପାରି ନାହିଁ । ହିନ୍ଦୀ ଭାଷାକୁ ନେଇ ଉତ୍ତରଭାରତ ଓ ଦକ୍ଷିଣଭାରତରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଅତୀତ ଭାରତରେ ଭାଷାକୁ ନେଇ କେବେ କଳହ ସୃଷ୍ଟି ହୋଇନଥିଲା । ଦେବଭାଷା ସଂସ୍କୃତ ଥିଲା ରାଷ୍ଟ୍ରଭାଷା । ସେହି ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଉଥିଲା । ଆଞ୍ଚଳିକ ଭାଷାର ଗୁରୁତ୍ୱ ଆଦୌ ନଥିଲା । ଦରବାର ତଥା ସାହିତ୍ୟାନୁଷ୍ଠାନମାନଙ୍କରେ ସଂସ୍କୃତରେ ଶାସ୍ତ୍ର ଚର୍ଚ୍ଚା ଚାଲିଥିଲା ।ଭାରତରେ ହିନ୍ଦୁ ରାଜତ୍ୱ ଥିବା ପର୍ଯ୍ୟନ୍ତ ସଂସ୍କୃତ ହିଁ ଥିଲା ରାଷ୍ଟ୍ରଭାଷା, ସାହିତ୍ୟିକ ଭାଷାର ମାଧ୍ୟମ । ଦ୍ୱିତୀୟ ତିରୋରୀ ଯୁଦ୍ଧରେ ପୃଥ୍ୱୀରାଜ ଚୌହାନଙ୍କର ନିଧନ ପରେ ହିନ୍ଦୁ ରାଜତ୍ୱର ଅବସାନ ଘଟିଲା । ଭାଷାକୁ ନେଇ ସୃଷ୍ଟି ହେଲା ସଙ୍କଟ । ମୋଗଲ ଏବଂ ମୁସଲମାନମାନଙ୍କ ରାଜତ୍ୱରେ ପାର୍ଶୀ ବା ଉର୍ଦ୍ଦୁ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇଲା । ସରକାରୀ ତଥା ଶିକ୍ଷାକ୍ଷେତ୍ରରେ ଏହାକୁ ରାଜଭାଷା ତଥା ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରାଗଲା । ମୁସଲମାନ ଶାସନର ଅବସାନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଭାରତରେ ଚାଲୁ ରହିଥିଲା । ମୁସଲମାନ ଶାସକମାନଙ୍କ ହାତରୁ ଭାରତର ଶାସନ କ୍ଷମତା ଇଂରେଜମାନେ ଗ୍ରହଣ କରିବା ପରେ ନିଜ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଗୁରୁତ୍ୱ ପ୍ରଦାନ କଲେ । ରକ୍ଷଣଶୀଳ ଭାରତୀୟ ପ୍ରଥମେ ଇଂରାଜୀ ଭାଷାକୁ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେହେଁ, ପଦମର୍ଯ୍ୟାଦା, ସାମାଜିକ ସମ୍ମାନ ତଥା ଚାକିରିର ଲୋଭନୀୟ ଆକର୍ଷଣ ଯୋଗୁଁ ଭାରତରେ ଇଂରାଜୀ ଭାଷାର ଚେର ଗଭୀରତର ହେବାକୁ ଲାଗିଲା ।ଇଂରାଜୀ ସରକାରୀ ଭାଷା ରୂପେ ସ୍ୱୀକୃତି ଲାଭ କଲା । ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଇଂରାଜୀ ହେଲା ଶିକ୍ଷାର ମାଧ୍ୟମ । ଇଂରାଜୀ ଭାଷାର ପ୍ରସାର ଓ ପ୍ରାଧାନ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଆଞ୍ଚଳିକ ଭାଷା ଗୌଣ ହୋଇଗଲା । ମୁଷ୍ଟିମେୟ ବ୍ୟକ୍ତି ଏହି ଭାଷାର ଅଧିକାରୀ ହୋଇଥିଲେହେଁ ରାଜଭାଷା ଯୋଗୁଁ ଏହାର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ପୁନରାୟ ଇଂରାଜୀ ଏକ ଆନ୍ତର୍ଜାତୀୟ ଭାଷାର ମର୍ଯ୍ୟାଦା ଲାଭ କରିଥିବାରୁ ଏହି ଭାଷାରେ ଶିକ୍ଷିତ ଯୁବକ ବିଭିନ୍ନ ଲୋଭନୀୟ ପଦ ପଦବୀରେ ଅଧିଷ୍ଠିତ ହୋଇପାରୁଥିଲେ । ଇଂରାଜୀ ଭାଷା ଶିକ୍ଷିତ ବ୍ୟକ୍ତିମାନଙ୍କର ସମାଜରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିଲା । ଭାରତୀୟମାନେ ଏହି ଭାଷା ମୋହରେ ନିଜର ଭାଷା, ସଂସ୍କୃତି ତଥା ଐତିହ୍ୟକୁ ବିସ୍ମୃତ ହେଲେ । ଇଂରାଜୀ ଭାଷା ଦ୍ୱାରା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ବୌଦ୍ଧିକ ବିକାଶ ହୋଇପାରି ନାହିଁ । ଏହା କେବଳ ପରମୁଖାପେକ୍ଷୀ ହେବାକୁ ଆମକୁ ବାଧ୍ୟ କରିଛି । ଭାରତ ସ୍ୱାଧୀନତା ଲାଭ କରିବା ପରେ ସମ୍ବିଧାନରେ ପନ୍ଦରଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ହିନ୍ଦୀକୁ ଜାତୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଛି । ତଥାପି ଇଂରାଜୀ ଏକ ସହଯୋଗକାରୀ

ଭାଷାରୂପେ ବ୍ୟବହୃତ ହେବାର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ପ୍ରତ୍ୟେକ ରାଜ୍ୟ ନିଜର ଆଞ୍ଚଳିକ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରିବାର ବ୍ୟବସ୍ଥା ରହିଛି ।

ଇଂରାଜୀ ଶିକ୍ଷାର ପ୍ରାଧାନ୍ୟ ଓ ଶିକ୍ଷାଦାନ ମାଧ୍ୟମ: ଇଂରେଜମାନଙ୍କର ଭାରତ ଅଧିକାର, ଭାରତର ଇତିହାସକୁ ଏକ ନୂତନ ମୋଡ଼ ପ୍ରଦାନ କରିଥିଲା । ଶାସିତ ଉପରେ ପ୍ରାଧାନ୍ୟ ବିସ୍ତାର ପ୍ରତ୍ୟେକ ଶାସକର ଲକ୍ଷ୍ୟ । ଏହି ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ସେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଥାଏ । ଭାରତରେ ଇଂରାଜୀ ଭାଷାର ପ୍ରସାର ମାଧ୍ୟମରେ ଇଂରେଜ ଜାତି ନିଜ ଶାସନର ମୂଳଦୁଆକୁ ମଜଭୁତ କରିବାକୁ ଚାହିଁଥିଲେ । ଏ କ୍ଷେତ୍ରରେ କେତେଜଣ ଦେଶୀୟ ବ୍ୟକ୍ତିଙ୍କ ସହଯୋଗ ସେମାନଙ୍କୁ ଅଧିକ ଉତ୍ସାହିତ କରିଥିଲା । ଇଂରାଜୀ ଶିକ୍ଷାର ଯଥାର୍ଥ ବିକାଶ ହୋଇପାରୁନଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ରାଜା ରାମମୋହନ ରାୟ ବଡ଼ଲାଟ ଲର୍ଡ଼ ଆମହଷ୍ଟଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ରାମମୋହନଙ୍କ ପତ୍ର ମାଇକେଲ୍‌ଙ୍କ ଶିକ୍ଷା ପ୍ରସ୍ତାବର ମୂଳସୂତ୍ର । ଲର୍ଡ଼ ମାକଲେଙ୍କ ଶିକ୍ଷା ସମ୍ପର୍କୀୟ ପ୍ରସ୍ତାବ ୨.୨.୧୮୩୫ରେ ପ୍ରକାଶିତ ହେଲା । ସେହି ପ୍ରସ୍ତାବରେ ଉଲ୍ଲେଖ ଥିଲା, ଦେଶର ଇଂରେଜ ଶାସକ ଏବଂ ଶାସିତଙ୍କ ମଧ୍ୟରେ ଏପରି ଏକ ଶ୍ରେଣୀ ସୃଷ୍ଟି ହେବ, ଯେଉଁମାନେ ରକ୍ତ ଏବଂ ବର୍ଣ୍ଣରେ ଭାରତୀୟ ହେଲେହେଁ, ରୁଚି, ନୀତି, ମତ ଏବଂ ବୁଦ୍ଧିରେ ହେବେ ଇଂରେଜ । ୧୮୪୨ ମସିହାରେ Council of Education ଗଠିତ ହେଲା । ୧୮୪୪ ମସିହାରେ ଲର୍ଡ଼ ହାର୍ଡ଼ିଞ୍ଜ ଇଂରାଜୀ ଭାଷାରେ ଶିକ୍ଷିତ ଯୁବକମାନଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବାକୁ ଘୋଷଣା କରିବାରୁ ଏହି ଶିକ୍ଷା ପ୍ରତି ଭାରତୀୟମାନଙ୍କର ବିଶେଷ ଆଗ୍ରହ ସୃଷ୍ଟି ହେଲା । ୧୮୫୪ରେ ଚାର୍ଲସ୍ ଉଡ୍‌ଙ୍କ ଦ୍ୱାରା 'ଉଡ଼ସ ଡେସପାଚ' ପ୍ରସ୍ତୁତ ହୋଇଥିଲା । ଶିକ୍ଷା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏଥିରେ ରହିଥିବାରୁ ଏହାକୁ ଭାରତବର୍ଷୀୟ ଶିକ୍ଷା ସାନନ୍ଦ କୁହାଯାଇଥାଏ । ୧୮୫୭ ମସିହାରେ ମାନ୍ଦ୍ରାଜ, କଲିକତା ଓ ବମ୍ବେରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାରୁ ଇଂରାଜୀ ଉଚ୍ଚଶିକ୍ଷା ନିମିତ୍ତ ପଥ ପରିଷ୍କାର ହୋଇଯାଇଥିଲା । ଫଳରେ ବହୁସଂଖ୍ୟକ ଭାରତୀୟ ଇଂରାଜୀ ଶିକ୍ଷାପ୍ରତି ଆଗ୍ରହ ପ୍ରକାଶ କଲେ ଓ ଦେଶୀୟ ଭାଷାର ପ୍ରସାର ବାଧାପ୍ରାପ୍ତ ହୋଇଥିଲା । ଇଂରାଜୀ ଶିକ୍ଷାର ବିସ୍ତାର ଦ୍ୱାରା ଭାରତରେ ଏକ ମଧ୍ୟବିତ୍ତ ଇଂରାଜୀ ଗୋଷ୍ଠୀ ଆବିର୍ଭାବ ଲାଭ କଲେ । ଏହି ଶିକ୍ଷା ଦ୍ୱାରା ଦଳେ ବେତନଭୋଗୀ କର୍ମଚାରୀ ସୃଷ୍ଟି ହେଲେ, ଯେଉଁମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ପ୍ରତି ଏକ ନେତିବାଚକ ଦୃଷ୍ଟିଭଙ୍ଗୀ ପ୍ରକାଶ କଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ୍ୟ ଏପରି ମୋହରେ କୌଣସି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଇଂରାଜୀ ଶିକ୍ଷା ପ୍ରତି ଏକ ମୋହାସକ୍ତ ଆକର୍ଷଣ ଏହାର ମୂଳ କାରଣ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାର ଗୁରୁତ୍ୱ: ସ୍ୱାଧୀନତା ଲାଭ କରିବା ପରେ ଭାରତୀୟ ଶିକ୍ଷାନୀତି ସମ୍ବନ୍ଧରେ ବହୁ ଆଲୋଚନା ହୋଇଛି । ସ୍ୱାଧୀନ ଭାରତର ସମ୍ବିଧାନ ୧୫ ବର୍ଷ ମଧ୍ୟରେ ଇଂରାଜୀ ପରିବର୍ତ୍ତେ ହିନ୍ଦୀକୁ ମୁଖ୍ୟ ଭାଷା ରୂପେ ଗ୍ରହଣ କରିବାକୁ ମତ ଦେଇଥିଲା । ରାଧାକ୍ରିଷ୍ଣନ କମିଶନ (୧୯୪୮-୪୯) ମାଧ୍ୟମିକ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ତିନୋଟି ଭାଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିରେ ମାତୃଭାଷା ପ୍ରତି ବିଶେଷ ମହତ୍ତ୍ୱ ପ୍ରଦାନ କରାଯାଇଥିଲା । ମୁଦାଲିୟର କମିଶନ (୧୯୫୩) ହିନ୍ଦୀକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦିଆଯିବା ବିଷୟ କହିବା ସଙ ସଙ୍ଗେ ଇଂରାଜୀ ଭାଷାର ଗୁରୁତ୍ୱକୁ ଅସ୍ୱୀକାର କରିଥିଲେ । କୋଠାରୀ କମିଶନ(୧୯୬୪-୬୬) ତିନୋଟି ଭାଷାର ଗୁରୁତ୍ୱ

ଟିପ୍ପଣୀ

ସମ୍ପର୍କରେ ସୁପାରିସ କରିଥିଲେ । ପ୍ରଥମତଃ ମାତୃଭାଷା ଦ୍ୱିତୀୟରେ ରାଷ୍ଟ୍ରଭାଷା ବା ହିନ୍ଦୀ ଏବଂ ଯେକୌଣସି ଗୋଟିଏ ଭାରତୀୟ ବା ପାଶ୍ଚାତ୍ୟ ଭାଷା । କମିଶନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କୀୟ ପୁସ୍ତକ ଆଞ୍ଚଳିକ ଭାଷାରେ ରଚିତ ହେବା ଆବଶ୍ୟକ ବୋଲି ସୁପାରିସ କରିଥିଲେ । ସର୍ବଭାରତୀୟ ସ୍ତରରେ ଇଂରାଜୀ ଭାଷା ଶିକ୍ଷାର ମାଧ୍ୟମ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ହିନ୍ଦୀ ଭାଷାକୁ ସବୁ ସ୍ତରରେ ପଠନ କରାଯିବା ଆବଶ୍ୟକ ବୋଲି କୁହାଯାଇଥିଲେ ହେଁ କାହା ଉପରେ ଏହି ଭାଷାକୁ ଜବରଦସ୍ତ ଲଦି ଦିଆଯାଇ ପାରିବ ନାହିଁ ବୋଲି ସୁପାରିସରେ କୁହାଯାଇଥିଲା । ଇଂରାଜୀ ଭାଷା ପ୍ରତି ଅକାରଣ ମୋହଯୋଗୁ ମାତୃଭାଷା ତା'ର ଗୁରୁତ୍ୱ ହରାଉଥିବାରୁ ମହାତ୍ମାଗାନ୍ଧି ଉଦ୍‌ବେଗ ପ୍ରକାଶ କରିଥିଲେ । ଯେକୌଣସି କଠିନ ବିଷୟକୁ ମାତୃଭାଷା ଦ୍ୱାରା ଯେପରି ଅବବୋଧ କରାଯାଇପାରେ, ଅନ୍ୟ କୌଣସି ଭାଷା ଦ୍ୱାରା ତାହା ସମ୍ଭବ ନୁହେଁ । ସେଥିପାଇଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରାଯିବା ପାଇଁ ବିଭିନ୍ନ ସ୍ତରରେ ମତପ୍ରକାଶ ପାଇଥିଲା । ଜୀବରାମ ମେହେଟ୍ଟା ଏବଂ ଡଃ ସତ୍ୟେନ୍ ବୋଷ ଡାକ୍ତରବିଦ୍ୟା ଏବଂ ବିଜ୍ଞାନ ସମ୍ବନ୍ଧୀୟ ପାଠକୁ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯାଇ ପାରିବ ବୋଲି ମତ ପ୍ରଦାନ କରିଥିଲେ । ଅବଶ୍ୟ ମାତୃଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥାକୁ ବହୁକ୍ଷେତ୍ରରେ ବାଧା ଦେଇଛି । ମାତ୍ର ମାତୃଭାଷା ଦ୍ୱାରା ଯେକୌଣସି ବିଷୟ ଯେତେ ଶୀଘ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ, ବିଦେଶୀ ଇଂରାଜୀ ଭାଷାଦ୍ୱାରା ତାହା ସେପରି ଗ୍ରହଣୀୟ ହୋଇପାରି ନଥାଏ । ଭାରତୀୟଙ୍କ ଦ୍ୱାରା ଇଂରାଜୀ ଭାଷାକୁ ଶୀଘ୍ର ଆୟତ୍ତ କରିବା କଷ୍ଟକର ବ୍ୟାପାର । ଏବେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଧୀରେ ଧୀରେ ଲୋକପ୍ରିୟ ହେଉଛି । ବିଜ୍ଞାନ, ବାଣିଜ୍ୟ, କଳା ଆଦିର ବହୁ ପାଠ୍ୟପୁସ୍ତକ ମାତୃଭାଷାରେ ପ୍ରକାଶ ଲାଭ କରିସାରିଲାଣି । ଭାବ ଆହରଣ କ୍ଷେତ୍ରରେ ମାତୃଭାଷା ଉପଯୁକ୍ତ ମାଧ୍ୟମ । ଇଂରାଜୀ ଭାଷା ଶିକ୍ଷାଦାନ ଭାରତ ମାଟିରେ ଭାରତୀୟଙ୍କୁ ବିଦେଶୀ କରିଦେଇଛି । ସେମାନଙ୍କର ବୌଦ୍ଧିକ ବିକାଶ ସାଧିତ ହୋଇପାରୁ ନାହିଁ କିମ୍ବା ସେମାନଙ୍କ ମଧ୍ୟରେ ମୌଳିକ ଚିନ୍ତାଧାରା ସୃଷ୍ଟିଲାଭ କରିପାରୁ ନାହିଁ । ତେଣୁ ୧୯୬୮ ମସିହାରେ ପାର୍ଲାମେଣ୍ଟରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରସ୍ତାବଟି ଗୃହୀତ ହେବାପରେ ମାତୃଭାଷା ପ୍ରତି ଧୀରେ ଧୀରେ ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି ।

ଆଞ୍ଚଳିକ ଭାଷା ସମ୍ବନ୍ଧରେ ଅନୁକୂଳ ଓ ପ୍ରତିକୂଳ ମତ: ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ଯେଉଁମାନେ ବିରୋଧ କରନ୍ତି, ସେମାନଙ୍କର ମତ ହେଉଛି, ଏହାଦ୍ୱାରା ଆଞ୍ଚଳିକ ଗୁରୁତ୍ୱ ବୃଦ୍ଧିପାଇବ । ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ଦେଖାଦେବ । ଭାରତର ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଭାଷା ଭିନ୍ନ ହୋଇଥିବାରୁ ଜାତୀୟ ସଂହତି ସୁରକ୍ଷିତ ହୋଇପାରିବ ନାହିଁ । ଇଂରାଜୀ ଭାଷା ଶିକ୍ଷାର ମାଧ୍ୟମ ହେଲେ ସର୍ବଭାରତୀୟ ସ୍ତରରେ ଏକ ପ୍ରକାର ଶିକ୍ଷାନୀତି ପ୍ରଚଳିତ ହୋଇପାରିବ ଏବଂ ଶିକ୍ଷାଗତ ସଂହତି ସ୍ଥାପିତ ହୋଇପାରିବ । ଆଞ୍ଚଳିକ ଭାଷା ଅଞ୍ଚଳ ଅଞ୍ଚଳ ମଧ୍ୟରେ ସଂହତି ସୃଷ୍ଟି କରିପାରିବ ନାହିଁ । ଗୋଟିଏ ଅଞ୍ଚଳର ବ୍ୟକ୍ତିବିଶେଷ ଅନ୍ୟ ଅଞ୍ଚଳରେ ବିଦେଶୀ ହୋଇ ରହିଯିବେ ଏବଂ ଗୋଟିଏ ଦେଶର ଅଧିବାସୀ ହୋଇ ମଧ୍ୟ ଭାଷାକୁ ନେଇ ମତାନ୍ତର ଏବଂ ମନାନ୍ତର ସୃଷ୍ଟି ହେବାର ଅବକାଶ ରହିଛି । ଇଂରାଜୀ ଏକ ଆନ୍ତର୍ଜାତୀୟ ଭାଷା ହୋଇଥିବାରୁ ଏହାର ପରିସର ବ୍ୟାପକ । ଏହି ଭାଷାରେ ବିଶ୍ୱର ସମସ୍ତ ଉତ୍କୃଷ୍ଟ ପାଠ୍ୟପୁସ୍ତକ ରଚିତ । ଆଞ୍ଚଳିକ ଭାଷା ଦ୍ୱାରା ଶିକ୍ଷାଲାଭ କଲେ ଜଣେ ଭାରତୀୟ ଜ୍ଞାନବିଜ୍ଞାନ ଅଧ୍ୟୟନ ନିମିତ୍ତ ବିଦେଶକୁ ଯାଇପାରିବ

ନାହିଁ । ପୁଣି କେତେକ ଶବ୍ଦ ରହିଛି ଯାହାକୁ ଆଞ୍ଚଳିକ ଭାଷାରେ ପ୍ରକାଶ କରାଯାଇ ନପାରେ । ଏ କ୍ଷେତ୍ରରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ । ଗୋଟିଏ ପ୍ରଦେଶରେ ଅନ୍ୟ ଭାଷାଭାଷୀ ବ୍ୟକ୍ତି ବାସ କରୁଥିଲେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ସେମାନଙ୍କୁ ଅସୁବିଧାରେ ପକାଇବ । ସେଥିପାଇଁ ସର୍ବଭାରତୀୟ ସ୍ତରରେ ଗୋଟିଏ ଭାଷା ବା ଇଂରାଜୀ ଶିକ୍ଷାଦାନର ମାଧ୍ୟମ ହେବା ଉଚିତ ବୋଲି ଇଂରାଜୀ ସପକ୍ଷବାଦୀଙ୍କ ମତ । ଜାତୀୟବାଦୀଙ୍କ ମତରେ ଗୋଟିଏ ସ୍ୱାଧୀନ ଦେଶରେ ସ୍ୱାଧୀନ ଭାଷା ରହିବା ଆବଶ୍ୟକ । ଏହା ମଣିଷ ମନରେ ଜାତୀୟ ଉଦ୍ରେକ କରେ ଓ ପାଠ୍ୟଦାନ ପଦ୍ଧତିକୁ ସରଳ କରାଏ । ଗୋଟିଏ ବିଦେଶୀ ଭାଷା ଯୋଗୁଁ ମାତୃଭାଷା ଅବହେଳିତ ହେବା ଘୋର ଲଜ୍ଜାକର ବିଷୟ । ଦୁର୍ବୋଧତା ଦୂର ହୋଇ ଲୋକମାନଙ୍କୁ ଗୋଟିଏ ଭାଷାର ବନ୍ଧନ ମଧ୍ୟରେ କେବଳ ମାତୃଭାଷା ଆବଦ୍ଧ କରିପାରେ । ପ୍ରତିଭାର ବିକାଶରେ ଏହା ସହାୟକ ହୋଇଥାଏ । ତେଣୁ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ ପଦ୍ଧତି ସମ୍ପର୍କରେ ଏହିପରି ଅନୁଭୂତ ଓ ପ୍ରତିକୂଳ ମନ୍ତବ୍ୟ ପ୍ରକାଶ ପାଇଥାଏ ।

ଉପସଂହାର: ସେ ଯାହାହେଉନା କାହିଁକି ଆଞ୍ଚଳିକ ଭାଷାର ଗୁରୁତ୍ୱ ପ୍ରତି କ୍ଷେତ୍ରରେ ସ୍ୱୀକାର୍ଯ୍ୟ । ମାଧ୍ୟମିକ ସ୍ତରଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଆଜି ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରଚଳିତ ହୋଇଛି । ଏହା ପ୍ରତି ଆଗ୍ରହ ମଧ୍ୟ ବୃଦ୍ଧି ପାଉଛି । ସ୍ୱାଧୀନ ଦେଶର ସ୍ୱାଧୀନ ଭାଷା ସ୍ୱାଭିମାନର ବିଷୟ । ଇଂରେଜ ଜାତି ଚାଲିଯିବା ପରେ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର କୌଣସି ନାହିଁ । ଅବଶ୍ୟ ଭାରତରେ ଗୋଟିଏ ନିର୍ଦ୍ଦିଷ୍ଟ ଜାତୀୟ ଭାଷା ରହିବା ଉଚିତ । ଏହି ଭାଷା ମାଧ୍ୟମରେ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂହତି ସ୍ଥାପିତ ହୋଇପାରିବ, ଏହା ସତ୍ତ୍ୱେ କୌଣସି କ୍ଷେତ୍ରରେ ଆଞ୍ଚଳିକ ଭାଷାର ଗୁରୁତ୍ୱକୁ ଅବହେଳା କରାଯିବା ଅନୁଚିତ । ଗୋଟିଏ ସ୍ୱାଧୀନ ଦେଶର ନାଗରିକ ଭାବେ ନିଜର ଆଞ୍ଚଳିକ ଭାଷାର ମହତ୍ତ୍ୱ ବୃଦ୍ଧି କରିବା ଆମ୍ଭମାନଙ୍କର ଏକ ନୈତିକ କର୍ତ୍ତବ୍ୟ ।

●●●

ଟିପ୍ପଣୀ

୮.୩ ଭାରତୀୟ ପରୀକ୍ଷା ପଦ୍ଧତି

ଉପକ୍ରମ: ଜୀବନରେ ପରୀକ୍ଷା ଏକ ସ୍ୱାଭାବିକ ଧର୍ମ । ଜୀବନ ସଂଗ୍ରାମରେ ଜୟଲାଭ କରିବା ପାଇଁ ମଣିଷକୁ ବିଭିନ୍ନ କ୍ଷେତ୍ରରେ ବାରମ୍ବାର ପରୀକ୍ଷା ଦେବାକୁ ହୋଇଥାଏ । ମଣିଷର ଜନ୍ମ ରହସ୍ୟ ଉନ୍ମୋଚନ ସମୟରେ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ଠିକ୍ ଏହି କଥା ହିଁ କହିଥିଲା । ମଣିଷର ବଞ୍ଚିରହିବା ପାଇଁ ଆବଶ୍ୟକ ଜୀବନ ସଂଗ୍ରାମ । ଯିଏ ସଂଗ୍ରାମରେ ଜୟଲାଭ କରିପାରେ, ତା'ର କେବଳ ଏହି ପୃଥିବୀରେ ବଞ୍ଚି ରହିବାର ଅଧିକାର ଅଛି । ସେଥିପାଇଁ ଜୀବନ ଏକ ପରୀକ୍ଷା ସ୍ଥାନ । ପରୀକ୍ଷାରୁ ହିଁ ମଣିଷ ଜୀବନର ସଫଳତା ଓ ବିଫଳତା ଜଣାପଡ଼େ । ଛାତ୍ର ଜୀବନରେ ମଣିଷ ଜୀବନ ପରି ମଧ୍ୟ ପରୀକ୍ଷାର ଉପାଦେୟତା ରହିଛି । ଅଧ୍ୟୟନଠାରୁ ଚାକିରିରେ ନିଯୁକ୍ତି ପର୍ଯ୍ୟନ୍ତ ତାକୁ ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ମାତ୍ର ଏଠାରେ ଆମେ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରୀକ୍ଷା ପଦ୍ଧତି ସମ୍ପର୍କରେ ଆଲୋଚନା କରୁଛୁ । ଭାରତର ସାଂପ୍ରତିକ ଶିକ୍ଷା ପଦ୍ଧତି ଇଂରେଜ ଶାସନର ଔପନିବେଶିକ ଦାନ । ସେହି ଦୃଷ୍ଟିରୁ ପ୍ରଚଳିତ ପରୀକ୍ଷା ପଦ୍ଧତି ମଧ୍ୟ ଇଂରେଜ ଶାସନକାଳୀନ ପରୀକ୍ଷାର ବିଶ୍ୱସ୍ତ ଅନୁକରଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଇତିମଧ୍ୟରେ ବହୁ ସମୟ ଅତିକ୍ରମ କରିଯାଇଛି, ଅଥଚ ଆମ ପରୀକ୍ଷା ପଦ୍ଧତିରେ କୌଣସି ସଂଶୋଧନ ହୋଇପାରି ନାହିଁ । ଏବେ ବି ଛାତ୍ର ସମାଜରେ ଏହା ଏକ ମୁଣ୍ଡବ୍ୟଥାର କାରଣ ହୋଇଛି । ସମୟ ସହିତ ପାଦ ମିଳାଇ ଆମ ପରୀକ୍ଷା ଗତି କରିପାରୁ ନଥିବାରୁ ସମାଲୋଚନାର ଶରବ୍ୟ ହୋଇଛି ।

ପରୀକ୍ଷାର ଉଦ୍ଦେଶ୍ୟ: ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କର ଧୀଶକ୍ତି ପରୀକ୍ଷା । ଗୋଟିଏ ଶିକ୍ଷା ବର୍ଷରେ ସେମାନଙ୍କୁ ପ୍ରଦାନ କରାଯାଇଥିବା ଶିକ୍ଷାକୁ ସେମାନେ କେତେ ପରିମାଣରେ ଗ୍ରହଣ କରି ପାରିଛନ୍ତି, ତାହା କଳନା କରିବା ଏହି ପରୀକ୍ଷାର ଲକ୍ଷ୍ୟ । ପରୀକ୍ଷାଦ୍ୱାରା ଛାତ୍ରସମାଜ ନିଜକୁ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ଯୋଗ୍ୟ କରିଥାନ୍ତି । ଶିକ୍ଷକମାନେ ମଧ୍ୟ ଏହି ପରୀକ୍ଷାରୁ ନିଜ ବିଦ୍ୟାଦାନ ସମ୍ବନ୍ଧରେ କଳନା କରିବାର ସୁଯୋଗ ଲାଭ କରିଥାନ୍ତି । ଛାତ୍ରମାନଙ୍କର ପରିଶ୍ରମ ଓ ଅଧ୍ୟୟନ ପ୍ରବୃତ୍ତିକୁ ଏହା ବୃଦ୍ଧି କରିଥାଏ । ପରୀକ୍ଷା ପରେ ତା'ର ମୂଲ୍ୟାୟନ କରାଯାଇ ପରବର୍ତ୍ତୀ ଶ୍ରେଣୀରେ ଅଧ୍ୟୟନ ପାଇଁ ସେ କେତେ ପରିମାଣରେ ଯୋଗ୍ୟ ତାହା ଏଥିରୁ ଜଣାଯାଇଥାଏ । ସାଧାରଣ ନିଯୁକ୍ତି ପାଇଁ ଏହା ଏକ ପୂର୍ବ ପ୍ରସ୍ତୁତି କହିଲେ ଭୁଲ ହେବ ନାହିଁ । ଜୀବନରେ ବାସ୍ତବ ପରୀକ୍ଷାକୁ ସମ୍ମୁଖୀନ ହେବା ଲାଗି ଛାତ୍ରସମାଜକୁ ଏହି ପରୀକ୍ଷା ମାଧ୍ୟମରେ ପ୍ରସ୍ତୁତ ରହିବାର ନିର୍ଦ୍ଦେଶ ଦିଆଯାଇଥାଏ । ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ସ୍ତରରେ କେବଳ ପରୀକ୍ଷା ମାଧ୍ୟମରେ ଜଣଙ୍କର ଜ୍ଞାନ ସମ୍ପର୍କରେ ଜାଣି ହୋଇଥାଏ । ତେଣୁ Sir Nicheel sadleru ମତରେ 'To close down examinations would be to give the signal for educational saturation. 'ପରୀକ୍ଷା ଦ୍ୱାରା ଛାତ୍ର ନିଜର ତ୍ରୁଟି ସମ୍ବନ୍ଧରେ ଅବଗତ ହୋଇଥାଏ । ଜ୍ଞାନର ଗଭୀରତା ଏହାଦ୍ୱାରା ପ୍ରମାଣିତ ହୋଇଥାଏ । ବହୁ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କିଏ ବାସ୍ତବରେ ପ୍ରତିଭାବାନ୍ ତାହା ପରୀକ୍ଷାରୁ ହିଁ ଜଣାଯାଇଥାଏ । ଏହାଦ୍ୱାରା ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ମାନଦଣ୍ଡ ପରୀକ୍ଷିତ ହୋଇଥାଏ । ଜୀବନ ପରୀକ୍ଷାର ପୂର୍ବ ପ୍ରସ୍ତୁତି ପାଇଁ ଏହା ମଧ୍ୟ ଏକ ମାଧ୍ୟମ ହୋଇଥିବାରୁ ଏହାର ଉଦ୍ଦେଶ୍ୟ ଅତୀବ ମହତ୍ ।

ଭାରତୀୟ ପରୀକ୍ଷାର ଅତୀତ: ଅତୀତରେ ଗୁରୁକୁଳ ଆଶ୍ରମରେ ଶିକ୍ଷାଦାନ ସମୟରେ ଆଚାର୍ଯ୍ୟଗଣ ସେମାନଙ୍କର ଛାତ୍ରଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପରୀକ୍ଷା କରାଉଥିଲେ । ସାଂପ୍ରତିକ ପରୀକ୍ଷା ପଦ୍ଧତି ଠାରୁ ତାହା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଗୁରୁକୁଳ ଶିକ୍ଷା ସମାଜ-ଜୀବନର ଆବଶ୍ୟକତା ପୂରଣ ଉଦ୍ଦେଶ୍ୟରେ ପ୍ରଦତ୍ତ ହେଉଥିବାରୁ, ଜଣେ ସାମାଜିକ ମଣିଷ ରୂପେ ଛାତ୍ରଟିଏ କେତେ ପରିମାଣରେ ଯୋଗ୍ୟ, ତାହା ଜାଣିବା ଥିଲା ସେହି ପରୀକ୍ଷାର ଉଦ୍ଦେଶ୍ୟ । ତେଣୁ ତାହା ଥିଲା ଅତ୍ୟନ୍ତ କଠୋର । କେବଳ ଶାସ୍ତ୍ର ବିଦ୍ୟା ନୁହେଁ, ଆଚରଣ, ଚରିତ୍ର, ସାମାଜିକ ବିଦ୍ୟା-ପ୍ରତ୍ୟେକ କ୍ଷେତ୍ରରେ ଛାତ୍ର ବା ଶିକ୍ଷା ଉତ୍ତୀର୍ଣ୍ଣ ହେଲେ ତା'ର ସାଧନା ସିଦ୍ଧି ହୋଇଛି ବୋଲି ପ୍ରମାଣିତ ହେଉଥିଲା । ଗୁରୁକୁଳ ଆଶ୍ରମ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ପରେ, ଜୀବନଧାରଣ ନିମିତ୍ତ ତାକୁ ଅନ୍ୟ କୌଣସି କ୍ଷେତ୍ରରେ ପରୀକ୍ଷା ଦେବାକୁ ପଡୁ ନଥିଲା । କଠୋର ସାଧନା ଓ ଏହି ସାଧନାରୁ ସିଦ୍ଧିଲାଭ ପରେ ସାମାଜିକ ଜୀବନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ-ଏହାହିଁ ଥିଲା ଗୁରୁକୁଳ ଆଶ୍ରମର ଶିକ୍ଷା ଓ ପରୀକ୍ଷା ଦାନ ପଦ୍ଧତି ।

ସାଂପ୍ରତିକ ପରୀକ୍ଷା ପଦ୍ଧତିର ପୃଷ୍ଠଭୂମି: ଭାରତର ସାଂପ୍ରତିକ ପରୀକ୍ଷା ପଦ୍ଧତି ଇଂରେଜ ଶାସନ କାଳୀନ ପରୀକ୍ଷା ପଦ୍ଧତିର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଇଂରେଜ ଶାସନ କାଳରେ ଏହି ପରୀକ୍ଷା ପଦ୍ଧତିର ପ୍ରଚଳନ କରାଯାଇଥିଲା, ବହୁ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେତେକ ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟପ୍ରାର୍ଥୀଙ୍କୁ ବାଛିବା ନିମିତ୍ତ । ଏହି ପରୀକ୍ଷା ପଦ୍ଧତିରେ ଜଣେ ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନ, ପାଣ୍ଡିତ୍ୟ, ବିଷୟବସ୍ତୁ ସମ୍ପର୍କରେ ମୌଳିକ ଧାରଣା ବା ପ୍ରତିଭା ଅନୁମାନ କରିବା କଷ୍ଟସାଧ୍ୟ ।ଏହି ପରୀକ୍ଷାପଦ୍ଧତି ବାସ୍ତବରେ ପରୀକ୍ଷାର୍ଥୀଙ୍କର ମୌଳିକ ଜ୍ଞାନ, ଧାରଣା, ବୋଧଶକ୍ତି, ବିଶ୍ଳେଷଣ ଶକ୍ତିର ଯଥାର୍ଥ ପରିଚୟ ଦେବା ଅପେକ୍ଷା ତା'ର ସ୍ମରଣଶକ୍ତି ବା ମନେରଖିବାର ଶକ୍ତି ସମ୍ବନ୍ଧରେ ଧାରଣା ଦେଇଥାଏ । ପାଶ୍ଚାତ୍ୟ ଶିକ୍ଷାପଦ୍ଧତିର ଅନୁସରଣରେ ଏହି ପରୀକ୍ଷାପଦ୍ଧତି ପରିକଳ୍ପନା କରାଯାଇଥିବାରୁ ଭାରତୀୟ ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା ଅନୁଭୂତ ହୋଇନଥାଏ । ତେଣୁ ଏହା ବର୍ତ୍ତମାନ ଜୀବନ ଗଠନରେ ସହାୟତା ନକରି କେବଳ ପ୍ରମାଣପତ୍ର ବା ସାର୍ଟିଫିକେଟ ହାସଲ କ୍ଷେତ୍ରରେ ସହାୟତା କରୁଛି । ଏହି ସାର୍ଟିଫିକେଟ ବାସ୍ତବ ଜୀବନରେ ତା'ର ବିଶେଷ କିଛି ଉପକାର ସାଧନ କରିପାରୁ ନାହିଁ । ବରଂ ବହୁପରିମାଣରେ ତା'ର କୌଳିକ ବୃତ୍ତିଠାରୁ ଦୂରେଇ ନେଇ ବେକାର ଜୀବନଯାପନ କରିବାକୁ ବାଧ କରୁଛି । ଏହି ପରିପ୍ରେକ୍ଷୀରେ ଭାରତର ଶିକ୍ଷା ଓ ପରୀକ୍ଷା ପଦ୍ଧତିରେ ସମ୍ପୂର୍ଣ୍ଣ ସଂଶୋଧନ ଆଣି ବାସ୍ତବତାକୁ ଆଖିରେ ରଖି ନୂତନ ପରୀକ୍ଷା ପଦ୍ଧତି ପ୍ରଚଳନ କରିବା ଆବଶ୍ୟକ ।

ପରୀକ୍ଷାର କେତେକ ଦିଗ: ବର୍ତ୍ତମାନ ଭାରତରେ ଯେଉଁ ପରୀକ୍ଷା ପଦ୍ଧତି ପ୍ରଚଳିତ, ତା'ର ଦୁଇଟି ଦିଗ ରହିଛି । ଗୋଟିଏ ସଂକ୍ଷିପ୍ତ ଉତ୍ତର ଏବଂ ଅନ୍ୟଟି ବିଶ୍ଳେଷଣାତ୍ମକ ଉତ୍ତର । ସଂକ୍ଷିପ୍ତ ପ୍ରଶ୍ନାବଳୀର ଉତ୍ତର ନିର୍ଦ୍ଦିଷ୍ଟ ଏବଂ ପରୀକ୍ଷାର୍ଥୀଙ୍କ ଏହାର ଉତ୍ତର ପ୍ରଦାନ କ୍ଷେତ୍ରରେ କୌଣସି ନିଜସ୍ୱ ସ୍ୱାଧୀନତା ନାହିଁ । ଏକ ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ ସେ ବାଧ ହୋଇଥାଏ । ପୁଣି ଏ କ୍ଷେତ୍ରରେ ପରୀକ୍ଷାର୍ଥୀର ପସନ୍ଦ ଉପରେ ଆଦୌ ଗୁରୁତ୍ୱ ଦିଆଯାଇନଥାଏ । ଯେତିକି ପ୍ରଶ୍ନ ପଚରାଯାଇଥାଏ, ସେତିକିର ଉତ୍ତର ଦେବାକୁ ସେ ବାଧ । ମାତ୍ର ବିଶ୍ଳେଷଣାତ୍ମକ ପ୍ରଶ୍ନରେ ପରୀକ୍ଷାର୍ଥୀ ସ୍ୱାଧୀନ ଭାବରେ ନିଜ ପସନ୍ଦ ଅନୁଯାୟୀ ଉତ୍ତର ଦେବାର ଅଧିକାର ରହିଛି । ଏହି ଉତ୍ତରରୁ ଛାତ୍ରର ପ୍ରକାଶଭଙ୍ଗୀ, ବିଶେଷଣାତ୍ମକ ଜ୍ଞାନ, ବିଷୟବସ୍ତୁର ସଜ୍ଜୀକରଣ ଆଦି ସମ୍ପର୍କରେ

ଟିପ୍ପଣୀ

ଧାରଣା ମିଳିଥାଏ । ମାତ୍ର ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସମ୍ପୂର୍ଣ୍ଣ ପାଠ୍ୟକ୍ରମର ବିଷୟବସ୍ତୁକୁ ଭିତ୍ତି କରି ପଚରା ଯାଉଥିବାରୁ, ଏଥିରୁ ଛାତ୍ରର ବିଷୟବସ୍ତୁ ସମ୍ପର୍କୀୟ ସାମଗ୍ରିକ ଜ୍ଞାନର ପରିଚୟ ମିଳେ । ଏତଦ୍‌ବ୍ୟତୀତ କେତେକ କ୍ଷେତ୍ରରେ ବାଚନିକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏଥିରୁ ଛାତ୍ରର ପରିସ୍ଥିତି, ପରିବେଶ ତଥା ବାସ୍ତବ ଜ୍ଞାନ ସମ୍ବନ୍ଧରେ ଧାରଣା ଆସିଥାଏ । ବିଜ୍ଞାନ ତଥା ଅନ୍ୟ କେତେକ ଔଦ୍ୟୋଗିକ ପରୀକ୍ଷାରେ ବିଜ୍ଞାନାଗାର ବା ଯନ୍ତ୍ରପାତିର ସାହାଯ୍ୟ ନେଇ ପରୀକ୍ଷାର୍ଥୀଙ୍କ ସେହି ସମ୍ପର୍କୀୟ ବାସ୍ତବ ଜ୍ଞାନର ପରୀକ୍ଷା କରାଯାଇଥାଏ । ସାଂପ୍ରତିକ ପରିସ୍ଥିତିରେ ଏହି ପରୀକ୍ଷା ପଦ୍ଧତି ବହୁ ପଣ୍ଡିତମାନଙ୍କ ଦ୍ୱାରା ସମାଲୋଚିତ ହୋଇଛି । ସେମାନଙ୍କ ମତରେ ଏହି ପଦ୍ଧତି ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନ ବିଚାର କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ।

ସାଂପ୍ରତିକ ପରୀକ୍ଷା ପଦ୍ଧତିର କେତେକ ତ୍ରୁଟି: ଭାରତର ପରୀକ୍ଷା ପଦ୍ଧତି ତ୍ରୁଟିପୂର୍ଣ୍ଣ ବୋଲି ନିଯୁକ୍ତ ବହୁ କମିଶନ ଓ କମିଟି ସେମାନଙ୍କର ରିପୋର୍ଟରେ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଏହି ପଦ୍ଧତି ସମ୍ପୂର୍ଣ୍ଣ ଅବାସ୍ତବ, ଦୁର୍ବଳ, ଖାମଖିଆଲ ଓ ଆବଶ୍ୟକହୀନ । ୱାର୍ଦ୍ଧା କମିଟି ତାଙ୍କର ସୁପାରିସରେ ଲେଖିଥିଲେ 'As a measure of the work of individual pupils or the schools by a consensus of expert opinion, examinations are neither valid nor complete. They are inadequate and unreliable, capricious and arbitrary.' ରାଧାକ୍ରିଷ୍ଣନ୍ କମିଶନ, କୋଠାରୀ କମିଶନ ଆଦି ଭାରତୀୟ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବା ନିମିତ୍ତ ସୁପାରିସ କରିଥିଲେ । ବିଶ୍ଳେଷଣାତ୍ମକ କେତୋଟି ପ୍ରଶ୍ନ ପଚରା ଯାଇଥିଲେ ହେଁ ତନ୍ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ପ୍ରଶ୍ନର ଉତ୍ତର କରିବାକୁ କୁହାଯାଇଥାଏ । ସମସ୍ତ ପ୍ରଶ୍ନର ମୂଲ୍ୟ ସମାନ ହେଲେ ହେଁ ସମସ୍ତ ପ୍ରଶ୍ନ ଏକ ପ୍ରକାର ନୁହେଁ । ତନ୍ମଧ୍ୟରୁ ଅନେକ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ଆସି ନଥାଏ । ଅଥଚ ଯେକୌଣସି ଜାଣିଥିବା ଉତ୍ତର ଲେଖିପାରିଲେ ପରୀକ୍ଷାର୍ଥୀ ଭଲ ନମ୍ବର ପାଇଥାଏ । ଏଥିରୁ ପରୀକ୍ଷାର୍ଥୀର ଯଥାର୍ଥ ଜ୍ଞାନର ପ୍ରମାଣ ମିଳିନଥାଏ । ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଏକପ୍ରକାର ହୋଇଥିବାରୁ ଏଥିରୁ ପରୀକ୍ଷାର୍ଥୀର ପ୍ରକୃତ ବୋଧଜ୍ଞାନର ପରିଚୟ ମିଳିନଥାଏ । ଅନେକ ବିଶେଷଜ୍ଞଙ୍କ ମତ ସାଂପ୍ରତିକ ପରୀକ୍ଷା ପଦ୍ଧତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୁଖସ୍ଥ କରି ଲେଖିବାର ମନୋବୃତ୍ତି ବୃଦ୍ଧି କରିଥାଏ । ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଆୟତ୍ତ ନ କରି ମଧ୍ୟ ନିର୍ବାଚିତ କେତୋଟି ପ୍ରଶ୍ନର ଉତ୍ତର ଜାଣି ପରୀକ୍ଷାର୍ଥୀ ପରୀକ୍ଷାରେ ପୁସ୍ତକ ମାଧ୍ୟମରେ ପରୀକ୍ଷା ବୈତରଣୀ ଅକ୍ଲେଶରେ ପାରି ହୋଇପାରୁଛନ୍ତି । ଏହି ପରୀକ୍ଷା ପଦ୍ଧତି ଦ୍ୱାରା ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନର ପରୀକ୍ଷା ହୋଇପାରୁ ନାହିଁ । ମୌଳିକ ଶିକ୍ଷା (୧୯୩୮) ସମ୍ପର୍କରେ ରିପୋର୍ଟ ଦେବା ସମୟରେ ଜାକିର୍ ହୁସେନ୍ ଲେଖିଥିଲେ 'The system of examinations prevailing in our country has proved a curse to education; A bad system of eduction has, if anything, been made worse by according to examinations a place out of all proportions to their utility. As a measure of the work of the individual pupils of the schools by consensus of expert opinion, examinations are neither valid nor complete. They are inadequate and unreliable and arbitrary. We should take care to guard against their painful influence'.ଏହି ପରୀକ୍ଷା ପଦ୍ଧତି ଜ୍ଞାନର ପରିଧିକୁ ସୀମିତ କରିଦେଉଛି । ଶିକ୍ଷାର ମାନ ହ୍ରାସ କରୁଛି । ସ୍ମରଣ ଶକ୍ତିର ପ୍ରଖରତା ପ୍ରତିପାଦନ କରାଉଛି; ମାତ୍ର ସୃଜନଶୀଳତା ଓ ଚିନ୍ତାଶକ୍ତିର ପରିଚୟ ମିଳୁ ନାହିଁ । ଏହାଦ୍ୱାରା ଛାତ୍ରସମାଜ ବହୁପରିମାଣରେ ଭାଗ୍ୟବାଦୀ ହୋଇପଡୁଛନ୍ତି ।

କମ୍ ପରିଶ୍ରମରେ ସଫଳତା ଲାଭ ନିମିତ୍ତ ଚେଷ୍ଟା କରି ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି । ଏହି ପରୀକ୍ଷା ପଦ୍ଧତିରେ ପରୀକ୍ଷାର୍ଥୀଙ୍କର କୌଣସି ବିଷୟରେ ସ୍ପଷ୍ଟ ଧାରଣା ଅଛି କି ନାହିଁ ଜାଣି ହେଉ ନାହିଁ । ବସ୍ତୁନାତ୍ମକ ଉତ୍ତରରେ ଛାତ୍ରର ଯୁକ୍ତିସଙ୍ଗତ ବିଚାରଶକ୍ତି ଏବଂ ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଥିବାର ଜଣାଯାଏ ନାହିଁ । ଏହି ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀର ମୌଳିକତା, ବିଚାରଶକ୍ତି, ସାଧୁତା, ସୁଶୀଳତା ଓ ବିଶ୍ୱାସନୀୟତା ସମ୍ବନ୍ଧରେ ଜାଣିହୁଏ ନାହିଁ । ପରୀକ୍ଷାରେ ଯେ କୌଣସି ପ୍ରକାର କୃତକାର୍ଯ୍ୟ ହେବା ଏବଂ ମୁଖସ୍ଥ କରିବାର ପ୍ରବୃତ୍ତିକୁ ବୃଦ୍ଧି କରିବା ଏହାର ଅନ୍ତିମ ଲକ୍ଷ୍ୟ ବୋଲି ଜଣାଯାଏ । ପୁନରାୟ ଏହି ପରୀକ୍ଷା ଶ୍ରେଣୀର ବିଭାଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ଓ ହୀନତ୍ୱ ମନୋଭାବ ସୃଷ୍ଟିକରେ । ପରୀକ୍ଷା ପାଇଁ ଛାତ୍ର ନିଜକୁ ପ୍ରସ୍ତୁତ କରୁଥିବାରୁ ପରୀକ୍ଷା ପରେ ଏହି ଶିକ୍ଷାର କୌଣସି ମୂଲ୍ୟ ସେମାନେ ଅନୁଭବ କରିପାରନ୍ତି ନାହିଁ । କେତେକ କ୍ଷେତ୍ରରେ ପ୍ରଶ୍ନପତ୍ର ପ୍ରସ୍ତୁତ ସମୟରେ ପ୍ରଶ୍ନପତ୍ର କର୍ତ୍ତାଙ୍କ ଏକଦେଶଦର୍ଶିତାର ପ୍ରମାଣ ଦେଖିବାକୁ ମିଳେ । ପରୀକ୍ଷା ଖାତା ମୂଲ୍ୟାୟନ ସମୟରେ କେତେକ ଶିକ୍ଷକଙ୍କ ଅସାଧୁତା, ସ୍ୱାର୍ଥପର ମନୋବୃତ୍ତି ମୂଲ୍ୟାୟନର ସାଧୁତା ନଷ୍ଟ କରିଥାଏ । ଏହିପରି ବହୁକାରଣରୁ ସାଂପ୍ରତିକ ପରୀକ୍ଷା ପଦ୍ଧତି ତ୍ରୁଟିଯୁକ୍ତ ବୋଲି ମନେ ହୋଇଥାଏ ।

ତ୍ରୁଟି ନିରାକରଣ ନିମିତ୍ତ ଭାରତୀୟ ଶିକ୍ଷା କମିଶନଙ୍କ ସଂଶୋଧିତ ପ୍ରସ୍ତାବ:

ଭାରତୀୟ ଶିକ୍ଷା କମିଶନ (Indian Education Commission) ପରୀକ୍ଷା ପଦ୍ଧତିର ସଂସ୍କାର ନିମିତ୍ତ କେତେକ ପରାମର୍ଶ ଦେଇଛନ୍ତି । କମିଶନ ମୁଖ୍ୟତଃ ଲିଖିତ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରାଥମିକ ସ୍ତରରେ ଲିଖିତ ପରୀକ୍ଷା ସହିତ କେତେକ ମୌଖିକ ପରୀକ୍ଷା କରିବାର ଆବଶ୍ୟକତା ରହିଛି । ଏହି ମୌଖିକ ପରୀକ୍ଷା ମୁଖ୍ୟତଃ ଛାତ୍ରଛାତ୍ରୀଙ୍କର ପରିବେଶ ତଥା ଅଞ୍ଚଳର ଗୁରୁତ୍ୱକୁ ଆଖି ଆଗରେ ରଖି ଶିକ୍ଷକ ପ୍ରସ୍ତୁତ କରିବେ । କ୍ରମବର୍ଦ୍ଧିଷ୍ଣୁ ନଥି (Cumulative record) ଦ୍ୱାରା ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି କମିଶନ ମତ ଦେଇଛନ୍ତି । ପ୍ରାଥମିକ ସ୍ତରରେ ବର୍ଷ ଶେଷରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସାମୂହିକ ପରୀକ୍ଷା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ଦାୟିତ୍ୱରେ ହେବା ଉଚିତ ।ଏହା ଦ୍ୱାରା ଆନ୍ତଃବିଦ୍ୟାଳୟ ମଧ୍ୟରେ ତୁଳନାତ୍ମକ ବିଚାର କରାଯାଇ କେଉଁ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କେତେ ଉନ୍ନତି କରିଛି, ଜଣାଯିବା ସଙ୍ଗେ ସଙ୍ଗେ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଇପାରିବ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ବିଦ୍ୟାଳୟର ଭଲ ଭଲ ଛାତ୍ରଛାତ୍ରୀଙ୍କୁ ନେଇ ପରୀକ୍ଷା କରାଯାଇ ଉତ୍ତମ ପିଲାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିବା ଉପରେ ଏହି କମିଶନ ଗୁରୁତ୍ୱ ଦେଇଛନ୍ତି । ବିଂଶ ଶତାବ୍ଦୀରେ ଶିକ୍ଷାର ମାନ ନିର୍ଦ୍ଧାରଣ କରିବା ନିମିତ୍ତ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଉପରେ କମିଶନମାନେ ଗୁରୁତ୍ୱ ଦେଇଛନ୍ତି । ଏହି ପରୀକ୍ଷାକୁ ନୂତନ ପରୀକ୍ଷା ପଦ୍ଧତି ବୋଲି କୁହାଯାଇଛି । ଏଥିରୁ ଛାତ୍ରଛାତ୍ରୀମାନଙ୍କର ଜ୍ଞାନ, ସ୍ମରଣ ଶକ୍ତି, ବିଚାର ପଦ୍ଧତି, ପରିସ୍ଥିତିର ବିଚାରଶକ୍ତି ଆଦି ସମ୍ବନ୍ଧରେ ଜାଣି ହୋଇଥାଏ । ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ଆଖି ଆଗରେ ରଖି ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥାଏ । ଏହାଦ୍ୱାରା ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ପୁସ୍ତକର ସାହାଯ୍ୟ ନ ନେଇ ପ୍ରକୃତ ପାଠ୍ୟପୁସ୍ତକର ସାହାଯ୍ୟ ନେଇଥାଏ । ସେଥିପାଇଁ ସେ ନିର୍ଦ୍ଦିଷ୍ଟ କେତୋଟି ପ୍ରଶ୍ନ ପ୍ରସ୍ତୁତ ନକରି ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ଆୟତ୍ତ କରିବାକୁ ଚେଷ୍ଟା କରିଥାଏ । ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସହିତ ଗୋଟିଏ ଦୁଇଟି ବିଶ୍ଳେଷଣାତ୍ମକ ପ୍ରଶ୍ନର ଉତ୍ତର ଦେବାକୁ ମଧ୍ୟ ପଚାରାଯାଇଥାଏ । ବିଶ୍ଳେଷଣାତ୍ମକ ପ୍ରଶ୍ନରୁ ଛାତ୍ରର ଯୁକ୍ତିବତ୍ତା, ପ୍ରକାଶଭଙ୍ଗୀର ସ୍ୱଚ୍ଛତା ଏବଂ ଭାଷାର ଜ୍ଞାନର ପରିଚୟ ମିଳିଥାଏ । ପରୀକ୍ଷା ପରେ ଶିକ୍ଷା ବୋର୍ଡ ବା ବିଶ୍ୱବିଦ୍ୟାଳୟ ସମସ୍ତ ବିଷୟର ନମ୍ବର ମିଶାଇ ଗ୍ରେଡ୍ ବା ଶ୍ରେଣୀ ଦେବା ଅପେକ୍ଷା ପ୍ରତ୍ୟେକ ବିଷୟ ପାଇଁ

ଟିପ୍ପଣୀ

ଗ୍ରେଡ୍ ଦେବା ଆବଶ୍ୟକ । ଏହାଦ୍ୱାରା ନିଯୁକ୍ତି ଅଧିକାରୀ ତା'ର ମନୋନୀତ ବିଷୟକୁ ଆଖି ଆଗରେ ରଖି ନିଯୁକ୍ତି ଦେବା ଦ୍ୱାରା ଉଭୟ ନିଯୁକ୍ତିଦାତା ଏବଂ ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତି ।

ସମାଧାନ ଉପାୟ: ପରୀକ୍ଷା ପଦ୍ଧତିର ସଂସ୍କାର ନିମିତ୍ତ ବହୁକ୍ଷେତ୍ରରେ ଆପତ୍ତି ଅଭିଯୋଗମାନ ଆସୁଛି । ଯେପର୍ଯ୍ୟନ୍ତ ଆମର ବ୍ୟକ୍ତିଗତ ଚରିତ୍ର ସଂଶୋଧିତ ହୋଇପାରି ନାହିଁ, ସେ ପର୍ଯ୍ୟନ୍ତ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବା ସମ୍ଭବ ନୁହେଁ । ପରୀକ୍ଷା ସମୟରେ କେତେକ ଛାତ୍ର, ଶିକ୍ଷକ ବା ଅଭିଭାବକ କେଉଁ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ତାହା ସମ୍ପୂର୍ଣ୍ଣ ପରୀକ୍ଷା ପଦ୍ଧତିକୁ କଳୁଷିତ କରିଦେଉଛି । ଅସତ ଉପାୟ ଅବଲମ୍ବନରେ ଛାତ୍ରସମାଜ ଭଲ ଶ୍ରେଣୀ ବା ନମ୍ବର ରଖିବାକୁ ଚେଷ୍ଟା କରୁଛନ୍ତି । ଏଥିରେ ସେମାନଙ୍କୁ ସହାୟତା କରୁଛନ୍ତି କେତେକ ଶିକ୍ଷକ ଓ ଅଭିଭାବକ । ପରୀକ୍ଷା ପରିଚାଳନାର ଦାୟିତ୍ୱ ଠିକ୍ ଭାବେ ସମ୍ପନ୍ନ କରୁନାହାନ୍ତି । ମନୋବୃତ୍ତିରେ ପରିବର୍ତ୍ତନ ନ ଘଟିଲେ, ପରୀକ୍ଷା ସଂଶୋଧନ ନିମିତ୍ତ ଯେତେ ପ୍ରକାର ଉପାୟ ଅବଲମ୍ବନ କଲେ ମଧ୍ୟ ତାହା ସଫଳ ହୋଇପାରିବ ନାହିଁ । ପୁନରାୟ ପରୀକ୍ଷା ପରେ ନିଯୁକ୍ତିର ସମ୍ଭାବନା କ୍ଷୀଣ ଥିବାରୁ, ସାର୍ଟିଫିକେଟ ଉପରେ ବିଶେଷ କେହି ଗୁରୁତ୍ୱ ଦେଉନାହାନ୍ତି । ଯେକୌଣସି ଉପାୟରେ ଉତ୍ତୀର୍ଣ୍ଣ ହୋଇଯିବା ଆଜି ହୋଇଛି ପରୀକ୍ଷାର ଆଦର୍ଶ । ଶିକ୍ଷକ, ସରକାର, ଅଭିଭାବକ ଓ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ମିଳିତ ଭାବରେ କାର୍ଯ୍ୟ ନ କଲେ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବା ଆଦୌ ସମ୍ଭବପର ନୁହେଁ ।

ଉପସଂହାର: ଶିକ୍ଷାବର୍ଷ ଶେଷରେ ପରୀକ୍ଷାର ଆବଶ୍ୟକତା ରହିଛି । ଏହାଦ୍ୱାରା ଛାତ୍ରସମାଜ ନିଜର ପ୍ରକୃତ ଜ୍ଞାନର ପରୀକ୍ଷା ଦେବାକୁ ସମର୍ଥ ହୋଇଥାନ୍ତି । ବାସ୍ତବ ଜୀବନର ସମ୍ମୁଖୀନ ହେବା ପାଇଁ ଉପାଦାନ ଲାଭ କରିଥାନ୍ତି । ମାତ୍ର ଆଜି ଯେପରି ପରୀକ୍ଷା ଚାଲିଛି, ସେଥିରୁ ପିଲାଟିର ପ୍ରକୃତ ଜ୍ଞାନ କଳ୍ପନା କରିବା କଷ୍ଟକର ହୋଇପଡୁଛି । ଅନେକ ସମୟରେ ପରୀକ୍ଷା ରାଜନୈତିକ ବ୍ୟକ୍ତିବିଶେଷଙ୍କ ଇଚ୍ଛାନୁଯାୟୀ ପରିଚାଳିତ ହେଉଛି । ଏହାଦ୍ୱାରା ପରୀକ୍ଷାର ମାନରେ ହ୍ରାସ ଘଟୁଛି । ବର୍ତ୍ତମାନ ଏହି ପଦ୍ଧତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାର ସମୟ ଆସିଛି । ସମସ୍ତେ ସହଯୋଗପୂର୍ବକ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିଲେ, ଛାତ୍ରସମାଜଙ୍କୁ ସେମାନଙ୍କର ଯଥାର୍ଥ ନ୍ୟାୟ ପ୍ରଦାନ କରିପାରିବ । ପରୀକ୍ଷାକୁ କେନ୍ଦ୍ର କରି ଯେଉଁ ଗଣ୍ଡଗୋଳ ସୃଷ୍ଟି ହେଉଛି, ତାକୁ ମଧ୍ୟ ଦୂରୀକରଣ କରିପାରିବା । ବର୍ତ୍ତମାନ ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ ହୋଇପଡ଼ିଛି ।

●●●

୮.୫ ସମ୍ବାଦପତ୍ର

ଉପକ୍ରମ: ମଣିଷ ଗୋଟିଏ ପରିବାରରେ ଜନ୍ମଗ୍ରହଣ କରିଥିଲେହେଁ, ବିଶ୍ୱର ବିରାଟ ପରିସର ମଧ୍ୟରେ ସେ ନିଜକୁ ଅଙ୍ଗୀଭୂତ କରିପାରିଛି । ତେଣୁ ବ୍ୟକ୍ତି ଆଜି ପରିବାରର ନ ହୋଇ ସମଗ୍ର ବିଶ୍ୱର ଏକ ଅଂଶବିଶେଷରେ ପରିଣତ ହୋଇଛି । ବିଶ୍ୱର ବିଭିନ୍ନ ଘଟଣା, ନିଜର ପରିଚିତ ପୃଥିବୀ, ସାମାଜିକ ପରିବେଷ୍ଟନୀ ତଥା ବିଭିନ୍ନ ଘଟଣାବଳୀ ସହିତ ସେ ସର୍ବଦା ପରିଚିତ ହେବା ଆବଶ୍ୟକ । ଏହାଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହେବା ସଙ୍ଗେ ସଙ୍ଗେ ନିଜର ତଥା ବିଶ୍ୱ ସମ୍ପର୍କରେ ସଚେତନତା ଆସିଥାଏ । ଏ କ୍ଷେତ୍ରରେ ମଣିଷକୁ ସମ୍ବାଦପତ୍ର ହିଁ ବିଭିନ୍ନ ଭାବରେ ସହାୟତା କରିଥାଏ । ଆଧୁନିକ ଯୁଗରେ ଟେଲିଭିଜନ, ରେଡ଼ିଓ ଆଦି ଗଣମାଧ୍ୟମଗୁଡ଼ିକ ସାହାଯ୍ୟ କଲେହେଁ, ତା'ର ସମ୍ବାଦ ସୂଚନାଧର୍ମୀ ଓ ମାତ୍ର କେତୋଟି ମୁଖ୍ୟ ଘଟଣାଧର୍ମୀ । ମାତ୍ର ସମ୍ବାଦପତ୍ର ଦ୍ୱାରା ସମସ୍ତ ଘଟଣା ସ୍ପଷ୍ଟ ଓ ବିଶଦ ଭାବରେ ଜଣା ପଡ଼ିଥାଏ । ଗଣମାଧ୍ୟମଗୁଡ଼ିକରେ ଆଞ୍ଚଳିକ ସମ୍ବାଦର ଗୁରୁତ୍ୱ ଆଦୌ ନଥାଏ । କିନ୍ତୁ ସମ୍ବାଦପତ୍ରଗୁଡ଼ିକ ଆଞ୍ଚଳିକ ଘଟଣାଗୁଡ଼ିକୁ ମଧ୍ୟ ତନ୍ନ ତନ୍ନ କରି ବର୍ଣ୍ଣନା କରିଥାଏ । ମଣିଷର ସୀମାବଦ୍ଧତାରୁ ତାକୁ ମୁକ୍ତ କରି ବିଶ୍ୱଅଙ୍ଗନରେ ପରିଭ୍ରମଣ କରାଇଦେବାର ଏକମାତ୍ର ଯୋଗ୍ୟତା ସମ୍ବାଦପତ୍ରରେ ହିଁ ରହିଛି । ଏହି ଦୃଷ୍ଟିରୁ ସମ୍ବାଦପତ୍ରଗୁଡ଼ିକର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ସମ୍ବାଦପତ୍ରର ଇତିବୃତ୍ତ: ସମ୍ବାଦପତ୍ର ଆଧୁନିକ ଚିନ୍ତାଚେତନାର ଅପୂର୍ବ ଫଳଶ୍ରୁତି । ମଣିଷର ସଚେତନ ଚିନ୍ତାଧାରାରୁ ହିଁ ଏହାର ସୃଷ୍ଟି । ସମଗ୍ର ବିଶ୍ୱରେ ପ୍ରଥମେ ଚୀନ ଦେଶରେ ହିଁ ସମ୍ବାଦପତ୍ର ଜନ୍ମ ଗ୍ରହଣ କରିଥିଲା । ତା'ର ପ୍ରାୟ ଚାରିଶହ ବର୍ଷ ପରେ ଇଉରୋପରେ ଇଟାଲୀର ଭେନିସ୍ ସହରରେ ଏହା ଆତ୍ମପ୍ରକାଶ କରିଥିଲା । ଭାରତରେ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ପୂର୍ବରୁ କେତୋଟି ହାତଲେଖା ସମ୍ବାଦପତ୍ର ପ୍ରକାଶ ପାଇଥିଲେହେଁ ଯଥାର୍ଥରେ ଇଂରେଜମାନଙ୍କ ଆଗମନ ପରେ ଓ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ପରେ ହିଁ ଏହା ପ୍ରସାରଲାଭ କରିଥିଲା । ୧୭୮୯ ମସିହାରେ ବମ୍ବେରୁ ପ୍ରଥମେ ଇଂରାଜୀ ସମ୍ବାଦପତ୍ର 'ବମ୍ବେ ହେରାଲଡ୍' ଓ ୧୭୯୦ରେ 'ବମ୍ବେ କ୍ୟୁରିଅର' ପ୍ରକାଶିତ ହୋଇଥିଲା । ୧୭୯୩ ମସିହାରୁ ଗୁଜୁରାଟୀ ଭାଷାରେ ବିଜ୍ଞାପନମାନ ପ୍ରକାଶ ପାଇଥିଲା । ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ବଙ୍ଗଳାଭାଷାରେ ଫେବୃଆରୀ ୧୮୧୮ରେ 'ଦିଗଦର୍ଶନ', ମେ ମାସ ୧୮୧୮ରେ 'ସମାଚାର ଦର୍ପଣ' ପ୍ରକାଶଲାଭ କରିଥିଲା । ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଦ୍ୱାରା ଉପରୋକ୍ତ ପତ୍ରିକା ଦୁଇଟି ପ୍ରକାଶିତ ହୋଇଥିଲା । କିନ୍ତୁ ଦେଶୀୟ ଭାଷାରେ ପ୍ରଥମ ପତ୍ରିକା 'ସମ୍ବାଦ କୌମୁଦୀ' ୧୮୨୧ ମସିହାରେ କଲିକତାରୁ ରାଜା ରାମମୋହନ ରାୟଙ୍କ ପ୍ରଯୋଜନାରେ ପ୍ରକାଶ ଲାଭ କରିଥିଲା । ଓଡ଼ିଶାରେ ପ୍ରଥମେ ୧୮୪୯ ମସିହାରେ ରେଭେରେଣ୍ଡମି.ଲେସିଙ୍କ ସମ୍ପାଦନାରେ 'ଜ୍ଞାନରୁଣ' ପତ୍ରିକା ପ୍ରକାଶ ହୋଇଥିଲା । ଅବଶ୍ୟ ଏହା ପୂର୍ବରୁ ୧୮୪୦ ମସିହାରେ 'କୁଜିବର' ହାତଲେଖା ସମ୍ବାଦପତ୍ର ବାବାଜି ସାଧୁସୁନ୍ଦର ଦାସ ପ୍ରକାଶ କରିଥିଲେ । ଓଡ଼ିଆ ଭାଷାର ପ୍ରଥମ ସମ୍ବାଦପତ୍ର ରୂପେ 'ଉତ୍କଳ ଦୀପିକା' ୪ ।୮ ।୧୮୬୬ରେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ର ରୂପେ ଦୀର୍ଘ ୬୬ ବର୍ଷକାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାକୁ ପ୍ରଭାବିତ କରିଥିଲା । ଏହାପରେ ଓଡ଼ିଶାରେ ବହୁ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ସମ୍ପ୍ରତି ଓଡ଼ିଶାରେ ଯେଉଁ କେତୋଟି ସମ୍ବାଦପତ୍ର ଜନପ୍ରିୟତା ଲାଭ କରିଛନ୍ତି ତନ୍ମଧ୍ୟରୁ ଦୈନିକ ସମାଜ, ପ୍ରଜାତନ୍ତ୍ର, ଧରିତ୍ରୀ, ମାତୃଭାଷା, ସମ୍ବାଦ, ସମୟ, ଅନୁପମ ଭାରତ, ମାତୃଭାଷା ଆଦି ପ୍ରଧାନ ।

ସମ୍ବାଦପତ୍ର ପାଠର ଉପଯୋଗିତା: ଜନଜୀବନର ମୁଖପତ୍ର ସମ୍ବାଦପତ୍ର । ଜାତିର ନିଜସ୍ୱ ଅହମିକା, ସ୍ୱାଭିମାନ ଓ ସୁଖଦୁଃଖ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶଲାଭ କରିଥାଏ । ଆନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଘଟଣାବଳୀ ସମ୍ପର୍କରେ ସମ୍ବାଦପତ୍ରଗୁଡ଼ିକ ବିସ୍ତୃତ ବିବରଣୀ ପ୍ରଦାନ କରିଥାନ୍ତି । ସମ୍ବାଦପତ୍ର ପାଠଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ବିଭିନ୍ନ ଘଟଣାବଳୀ ସମ୍ପର୍କରେ ଜାଗ୍ରତ କରିଥାଏ । ରାଜନୈତିକ ଚିନ୍ତାଧାରାକୁ ଜାଗ୍ରତ କରେ । ଏଥିରେ ଶାସନ କଳର ତ୍ରୁଟିପୂର୍ଣ୍ଣ ନୀତିକୁ ସମାଲୋଚନା କରାଯାଉଥିବାରୁ ଶାସନ ଦାୟିତ୍ୱରେ ରହୁଥିବା ବ୍ୟକ୍ତିବିଶେଷ ସତର୍କତାର ସହିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିଜର ତ୍ରୁଟିପୂର୍ଣ୍ଣ ନୀତିକୁ ସଂଶୋଧନ କରିବାର ସୁଯୋଗ ଲାଭ କରିଥାନ୍ତି । ବ୍ୟବସାୟୀଗୋଷ୍ଠୀ ମଧ୍ୟ ବ୍ୟବସାୟ ବାଣିଜ୍ୟ ସମ୍ପର୍କରେ ଏଥିରୁ ବହୁ ଘଟଣା ଅବଗତ ହୋଇଥାନ୍ତି । ପଣ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ହ୍ରାସ ଆଦି ବିଷୟରେ ଅବଗତ ହୋଇ ନିଜର ବ୍ୟବସାୟ ପରିଚାଳନା କରିଥାନ୍ତି । କୃଷକମାନେ ଏଥିରୁ ବଜାରଦର, କୃଷି ଉତ୍ପାଦନ ପଦାର୍ଥ ତଥା ପାଣିପାଗ ସମ୍ପର୍କୀୟ ସମ୍ବାଦ ଲାଭ କରିବାକୁସମର୍ଥ ହୋଇଥାନ୍ତି । ପୁଣି କୃଷି ସମ୍ବନ୍ଧୀୟ ବହୁ ସୂଚନା ଏଥିରେ ପ୍ରଦତ୍ତ ହେଉଥିବାରୁ ନୂତନ କୃଷି ପ୍ରଣାଳୀ ତଥା ସାର, ଔଷଧ ଏବଂ ନୂତନ ବହୁ ଅମଳକ୍ଷମ ବିହନ ଆଦି ବିଷୟରେ ସୂଚନା ରହୁଥିବାରୁ କୃଷକମାନେ ଏଥିରୁ ବିଭିନ୍ନ ଭାବରେ ଉପକୃତ ହୋଇଥାନ୍ତି । ବେକାର ଯୁବକଯୁବତୀଗଣ କେଉଁଠାରେ ଚାକିରି ଖାଲି ରହିଛି, ସେ ସମ୍ପର୍କରେ ସମ୍ବାଦପତ୍ରରୁ ବିବରଣୀ ଲାଭ କରିଥାନ୍ତି । ସାହିତ୍ୟିକ ବାତାବରଣ ସୃଷ୍ଟି କରିବାରେ ସମ୍ବାଦପତ୍ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏଥିରେ ସାହିତ୍ୟ ସମ୍ବନ୍ଧରେ ବହୁ ଆଲୋଚନା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସର୍ଜନଶୀଳ ସାହିତ୍ୟ ଯଥା- ଗଳ୍ପ, କବିତା, ପ୍ରବନ୍ଧ ଆଦି ମଧ୍ୟ ଏହାର କଳେବର ମଣ୍ଡନ କରିଥାଏ । ବିଶ୍ୱସାହିତ୍ୟର ଧାରାରେ ଯେଉଁ ପରିବର୍ତ୍ତନ ଆସେ ତାହା ମଧ୍ୟ ସମୟେ ସମୟେ ଏଥିରେ ପ୍ରକାଶ ଲାଭ କରିଥାଏ । ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମ ଦିବସରେ ତାଙ୍କ ସମ୍ପର୍କରେ ଲେଖାମାନ ପ୍ରକାଶ ହୋଇଥାଏ । ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା ଆଦି ସମ୍ବନ୍ଧରେ ଲେଖାମାନ ପ୍ରକାଶିତ ହୋଇ ଏକ ସାଂସ୍କୃତିକ ବାତାବରଣ ସୃଷ୍ଟିରେ ଏହା ସହାୟକ ହୋଇଥାଏ । ଜାତୀୟ ପର୍ବପର୍ବାଣି, ସ୍ୱାଧୀନତା ଦିବସ, ପରିବାର କଲ୍ୟାଣ ସପ୍ତାହ, ବିଭିନ୍ନ ଯୋଜନା ସମ୍ବନ୍ଧରେ ଏଥିରେ ଲେଖାମାନ ପ୍ରକାଶ ହେଉଥିବାରୁ ମଣିଷର ସ୍ୱାଧୀନ ଚିନ୍ତାଧାରା ଓ ଜାତୀୟଭାବକୁ ଜାଗ୍ରତ କରିଥାଏ । ବିଭିନ୍ନ ସମୟରେ ବିଶିଷ୍ଟ ବ୍ୟକ୍ତି, ଉତ୍ସବ ଆଦି ସମ୍ପର୍କରେ ବିଶେଷାଙ୍କମାନ ପ୍ରକାଶିତ ହେଉଥିବାରୁ ଏହା ସାଂସ୍କୃତିକ ସଚେତନତା ବୃଦ୍ଧି କରିଥାଏ । ବିଭିନ୍ନ ବିଜ୍ଞାପନ ପ୍ରକାଶ ମାଧ୍ୟମରେ ଜନସାଧାରଣ ବହୁ ନୂତନ ଆବିଷ୍କୃତ ପଦାର୍ଥ ଓ ତା'ର ବଜାରଦର ସମ୍ବନ୍ଧରେ ଜ୍ଞାନଲାଭ କରିଥାନ୍ତି । ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ସମ୍ବାଦପତ୍ର ଦ୍ୱାରା ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ଦଳୀୟ ଆଦର୍ଶ ସମ୍ବନ୍ଧରେ ସୂଚନା ଦେଉଥିବାରୁ ଜନସାଧାରଣଙ୍କ ରାଜନୈତିକ ସଚେତନତା ବୃଦ୍ଧି ପାଇଥାଏ । ସମ୍ବାଦପତ୍ରର ସମ୍ପାଦକୀୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏଥିରୁ ସମ୍ପାଦକଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ । ସମ୍ପାଦକ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ଘଟଣାବଳୀ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରୁଥିବାରୁ ଏହା ପାଠକର ବୌଦ୍ଧିକ ଚିନ୍ତାକୁ ପ୍ରଭାବିତ କରିଥାଏ । ଏତଦ୍‌ବ୍ୟତୀତ କ୍ରୀଡା, ଚଳଚ୍ଚିତ୍ର, ଦେଶର ଅର୍ଥନୀତି, ପ୍ରାକୃତିକ ବିପର୍ଯ୍ୟୟ, ପାଣିପାଗ, ଜାତୀୟ ତଥ୍ୟ, ଆନ୍ତର୍ଜାତୀୟ ଘଟଣାବଳୀ, ବୈଜ୍ଞାନିକ ତଥ୍ୟ, ନୂତନ ଉଦ୍ଭାବନ ଓ ଆବିଷ୍କାର, ସ୍ୱାସ୍ଥ୍ୟ, ରୂପଚର୍ଚ୍ଚା, ବଜାରଦର, ବ୍ୟବସାୟ ବାଣିଜ୍ୟ, ବିଜ୍ଞାପନ ଆଦି ବହୁ ବିଷୟରେ ସମ୍ବାଦ ପରିବେଷଣ କରୁଥିବାରୁ ଏହାର ଉପଯୋଗିତାର ତୁଳନା ନାହିଁ ।

ବିଭିନ୍ନ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା: ବିଭିନ୍ନ କ୍ଷେତ୍ରରେ ସମ୍ବାଦପତ୍ର ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିପାଦନ କରିଥାଏ । କୌଣସି ରାଜନୀତିକ ନେତା ବା ସରକାର ଜନସ୍ୱାର୍ଥ ପ୍ରତି ଉଦାସୀନ ଭାବ

ପ୍ରକାଶ କଲେ ସମ୍ବାଦପତ୍ରରେ ତା'ର ତୀବ୍ର ସମାଲୋଚନା ପ୍ରକାଶ ପାଇଥାଏ । ଦୁର୍ନୀତି, କଳାବଜାରୀ, ପ୍ରିୟାପ୍ରୀତି ତୋଷଣ ସମ୍ବନ୍ଧରେ କଟୁ ସମାଲୋଚନା ପ୍ରକାଶ କରି ଜନସ୍ୱାର୍ଥର ସୁରକ୍ଷା ଦିଗରେ ଏହା କାର୍ଯ୍ୟପନ୍ଥା ଗ୍ରହଣ କରିଥାଏ । ଜନସାଧାରଣଙ୍କୁ ବିଭିନ୍ନ କ୍ଷେତ୍ରରେ ସଚେତନ କରାଇ ଦେବାର ଦାୟିତ୍ୱ ସମ୍ବାଦପତ୍ରର । ସରକାରଙ୍କ ବିଭିନ୍ନ ନୀତିକୁ ପ୍ରକାଶ କରି ଏଥିରେ ଜନସ୍ୱାର୍ଥ ବିରୋଧୀ ନୀତିକୁ ସମୋଲୋଚନା କରାଯାଇଥାଏ ।ତେଣୁ ଜନସଚେତନତା ଓ ରାଜନୀତିକ ଚେତନା ଜାଗରଣ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଜାଗରଣ ନିମିତ୍ତ ଏହା ଭିତ୍ତିଭୂମି ପ୍ରସ୍ତୁତ କରିଥାଏ । ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । କୌଣସି କ୍ଷେତ୍ରରେ ଗଣତନ୍ତ୍ର ପ୍ରତି ବିପଦ ଆସିବାର ଅନୁଭବ କଲେ ଏହା ତା'ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥାଏ । ତେଣୁ ଶାସନକଳ ସ୍ୱେଚ୍ଛାଚାରୀ ହେବାକୁ ଭୟ କରିଥାଏ । ଜନସାଧାରଣଙ୍କ ଚିନ୍ତାଧାରାକୁ ମାର୍ଜିତ ଓ ରୁଚିପୂର୍ଣ୍ଣ କରିବା କ୍ଷେତ୍ରରେ ସମ୍ବାଦପତ୍ରର ଗୁରୁଦାୟିତ୍ୱ ରହିଛି । ଗଣସ୍ୱାର୍ଥ ପ୍ରତି ବିପଦ ଦେଖାଦେଲେ, ସମ୍ବାଦପତ୍ରରେ ତା'ର ବିରୋଧ କରାଯାଇଥାଏ । ଏହିସବୁ ଦୃଷ୍ଟିକୋଣରୁ ସମ୍ବାଦପତ୍ରର ଭୂମିକା ଗୋଟିଏ ଗଣତାନ୍ତ୍ରିକ ଦେଶରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମନେ ହୋଇଥାଏ ।

ସମ୍ବାଦପତ୍ରର ଧର୍ମ: ସତ୍ୟପ୍ରକାଶ ଓ ଜନସଚେତନତାର ଜାଗରଣ ସମ୍ବାଦପତ୍ରର ମୁଖ୍ୟଧର୍ମ । କାମଳ ସାମ୍ବାଦିକତା ଉଭୟ ଦେଶ ଏବଂ ବ୍ୟକ୍ତିର କ୍ଷତି ସାଧନ କରିଥାଏ । କୌଣସି ସମ୍ବାଦପତ୍ର ଯେକୌଣସି ରାଜନୀତିକ ଦଳର ମୁଖପତ୍ର ରୂପେ କାର୍ଯ୍ୟ କରିବା ଅନୁଚିତ । ନିରପେକ୍ଷ ଓ ବିଚାରବନ୍ତ ଭାବରେ ସମ୍ବାଦପତ୍ରରେ ସମ୍ବାଦ ପ୍ରକାଶ ଲାଭ କଲେ ତାହା ତା'ର ସମ୍ମାନ ବୃଦ୍ଧି କରିଥାଏ । କୌଣସି ଦଳ ବା ବ୍ୟକ୍ତି ପ୍ରତି ଅସୂୟା ପ୍ରକାଶ କରି ସମ୍ବାଦ ପ୍ରକାଶିତ ହେଲେ ସମ୍ବାଦପତ୍ରର ମହତ୍ତ୍ୱ ହାନି ଘଟିଥାଏ । ସମସ୍ତ ପ୍ରକାର ପ୍ରଲୋଭନ ତଥା ଦଳର ଉର୍ଦ୍ଧ୍ୱରେ ରହି ସମ୍ବାଦ ପରିବେଷଣ କରିବା ଏହାର ମୁଖ୍ୟଧର୍ମ । ଠିକ ସମ୍ବାଦର ବିକୃତ ପରିବେଷଣ ଦ୍ୱାରା ଜନମତ ବିଭ୍ରାନ୍ତ ହୋଇଥାଏ । ସ୍ୱାଧୀନ ତଥା ବିଚାରବନ୍ତ ଭାବରେ ସମ୍ବାଦ ପରିବେଷଣ କଲେ ସମ୍ବାଦପତ୍ରର ଗୌରବ ବୃଦ୍ଧି ପାଇଥାଏ । ୧୯୬୬ ମସିହାରେ ଗଠିତ ହୋଇଥିବା ପ୍ରେସ୍ କାଉନ୍‌ସିଲ ସମ୍ବାଦପତ୍ରର ଦୋଷ ତ୍ରୁଟି, ସ୍ୱାଧୀନତା ତଥା ଦିଗ୍‌ଦର୍ଶନ ଦେବାପାଇଁ ସୃଷ୍ଟି ହୋଇଛି । ମିଥ୍ୟା ସମ୍ବାଦ, ଉଦ୍ଦେଶ୍ୟମୂଳକ ଚରିତ୍ର ସଂହାର ବିରୋଧରେ ଏହି ପ୍ରେସ୍ କାଉନ୍‌ସିଲରେ ଅଭିଯୋଗ କରାଗଲେ, ସେ ତା'ର ଉପଯୁକ୍ତ ବିଚାର କରି ସମ୍ବାଦପତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ନିରପେକ୍ଷତା, ସ୍ୱଚ୍ଛତା ଓ ସତ୍ୟ ସମ୍ବାଦ ପରିବେଷଣ ସମ୍ବାଦପତ୍ରର ପ୍ରଥମ ଧର୍ମ ହେବା ଉଚିତ ।

ଉପସଂହାର: ସମ୍ପ୍ରତି ସମ୍ବାଦପତ୍ରର ଲୋକପ୍ରିୟତା ବହୁପରିମାଣରେ ବୃଦ୍ଧି ପାଉଛି । ଇଂଲଣ୍ଡ ଓ ଆମେରିକାରେ ଏହି କାରଣରୁ ଗୋଟିଏ ଗୋଟିଏ ସମ୍ବାଦପତ୍ର ଦିନକୁ ଦୁଇଥର ପ୍ରକାଶ ପାଇ ଜନସାଧାରଣଙ୍କୁ ତାଜା ସମ୍ବାଦ ପରିବେଷଣ କରିପାରୁଛି । ଆଜି ଭାରତରେ ପ୍ରାୟ ୧୨, ୨୧୨ଟି ସମ୍ବାଦପତ୍ର ପ୍ରକାଶିତ ହେଉଛି । ଏଥିରୁ ସମ୍ବାଦପତ୍ର ପ୍ରତି ଜନମାନସର ଉଦ୍ଦେଶ୍ୟ ବେଶ୍ ସ୍ପଷ୍ଟ । ଏହି କାରଣରୁ ସମ୍ବାଦପତ୍ରଗୁଡ଼ିକ ଦାୟିତ୍ୱପୂର୍ଣ୍ଣ ଓ ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରି ଜନସାଧାରଣଙ୍କୁ ସଙ୍ଗଠିତ କରିବା ଆବଶ୍ୟକ । ଗୋଟିଏ ସ୍ୱାଧୀନ ଦେଶ ପାଇଁ ସମ୍ବାଦପତ୍ରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଜାତିର ସେବା ମନୋବୃତ୍ତି ନେଇ ସ୍ୱାଧୀନ ଚିନ୍ତାଧାରା ଏଥିରେ ପ୍ରକାଶ ପାଇପାରିଲେ ଏହା ଜନସାଧାରଣଙ୍କ ଅଶେଷ ମଙ୍ଗଳ ସାଧନ କରିପାରିବ । ତେଣୁ ଗୋଟିଏ ନିରପେକ୍ଷ ସମ୍ବାଦପତ୍ର ଦେଶର ପ୍ରକୃତ ଗୌରବ ।

●●●

ଟିପ୍ପଣୀ

୮.୫ ଜୀବନୀ ପାଠର ଆବଶ୍ୟକତା

ଉପକ୍ରମ: ବିଶ୍ୱ ଗୋଟିଏ ବିରାଟ ଶିକ୍ଷାୟତନ । ପ୍ରତି ମୁହୂର୍ତ୍ତରେ କେତେ ଘଟଣା ପୃଥିବୀରେ ଘଟିଯାଉଛି, ତା'ର ଇୟତ୍ତା ନାହିଁ । ଅନୁରୂପ ଭାବେ ପୃଥିବୀରେ ବହୁପ୍ରକାର ମଣିଷ ବାସ କରନ୍ତି । ଏହା ମଧ୍ୟରେ ଚୋର, ଡକାୟତଙ୍କଠାରୁ ଆରମ୍ଭ କରି ମହାପୁରୁଷ ପର୍ଯ୍ୟନ୍ତ ଅଛନ୍ତି । ଅନେକ ବ୍ୟକ୍ତିଙ୍କ କାର୍ଯ୍ୟାବଳୀ ପୃଥିବୀରେ କିଛି ନା କିଛି ପରିବର୍ତ୍ତନ ସଙ୍ଘଟିତ କରିଛି । ତେଣୁ ପ୍ରତ୍ୟେକ ମଣିଷଠାରୁ ଅନ୍ୟ ମଣିଷର କିଛି ନା କିଛି ଶିକ୍ଷା କରିବାର ଅଛି । ଭାଗବତର 'ଯଦୁ ଅବଧୂତ ସମ୍ବାଦ'ରୁ ଜଣାଯାଏ, ଅବଧୂତ ତାଙ୍କ ଜୀବନରେ ଚବିଶ ଜଣ ଗୁରୁ କରିଥିଲେ । ଏହି ଗୁରୁମାନଙ୍କ ମଧ୍ୟରେ କୀଟପତଙ୍ଗଠାରୁ ଆରମ୍ଭ କରି ବେଶ୍ୟା ପର୍ଯ୍ୟନ୍ତ ରହିଛନ୍ତି । ଅବଶ୍ୟ ସମସ୍ତଙ୍କ ଜୀବନରୁ ସବୁ କଥା ଶିକ୍ଷା କରିବା ଅନୁଚିତ । ଜୀବନ ଓ ସମାଜ ଗଠନରେ ବ୍ୟକ୍ତିର ଯେଉଁ ମହତ୍ତର ଗୁଣ ମଣିଷକୁ ସାହାଯ୍ୟ କରିପାରିବ, କେବଳ ତାହାହିଁ ଶିକ୍ଷା କରିବା ଆବଶ୍ୟକ । ଏହି ଦୃଷ୍ଟିରୁ ଜୀବନୀପାଠର ଉପଯୋଗିତା ଅତୀବ ମୂଲ୍ୟବାନ୍ । ଅନେକ ମହାପୁରୁଷ ଅଛନ୍ତି, ଯେଉଁମାନଙ୍କର ଜୀବନ ସମାଜର ଏକ ଆଦର୍ଶ ସ୍ତମ୍ଭ ସଦୃଶ । ସେମାନଙ୍କ ଜୀବନର ପ୍ରଭାବ ଦୁଷ୍ଟ ମଣିଷଙ୍କ ପ୍ରକୃତିକୁ ମଧ୍ୟ ପରିବର୍ତ୍ତନ କରାଇ ଦେଇଥାଏ । ରତ୍ନାକର ଦସ୍ୟୁ ସେହିପରି ଜଣେ ମହାପୁରୁଷଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ମହର୍ଷି ବାଲ୍ମୀକିରେ ପରିଣତ ହୋଇଥିଲେ । ଚଣ୍ଡାଶୋକ ରୂପାନ୍ତରିତ ହୋଇଥିଲେ ଧର୍ମାଶୋକରେ । ଟଲଷ୍ଟୟଙ୍କ ଜୀବନର ପ୍ରଭାବ ମହାତ୍ମାଗାନ୍ଧିଙ୍କୁ ଜଣେ ମହାନ୍ ପୁରୁଷରେ ପରିଣତ କରିପାରିଥିଲା । ଆତ୍ମତ୍ୟାଗର ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ମହାପୁରୁଷଗଣ ସମାଜରେ ସ୍ଥାପନ କରିଯାଇଛନ୍ତି, ତା'ର ତୁଳନା ନାହିଁ । ସେହିମାନଙ୍କର ଆଦର୍ଶ ଜୀବନକୁ ଅନୁସରଣ କରିବା ପ୍ରତ୍ୟେକ ମଣିଷର ମହାନ୍ କର୍ତ୍ତବ୍ୟ । ସେହିମାନଙ୍କର ଜୀବନାଦର୍ଶକୁ ଅନୁସରଣ କଲେ ସମାଜରୁ ହିଂସା, ଦ୍ୱେଷ, ପରଶ୍ରୀକାତରତାର ବିଲୋପ ଘଟିବ । ସ୍ନେହ, ପ୍ରେମ, ଶ୍ରଦ୍ଧା, ଦୟା ଓ ଭ୍ରାତୃତ୍ୱ ପରି ମହାନ୍ ଗୁଣଗୁଡ଼ିକର ବିକାଶ ହେବ । ଏହି ଦୃଷ୍ଟିରୁ ଜୀବନୀପାଠର ଆବଶ୍ୟକତା ଏକାନ୍ତ ଜରୁରୀ ମନେ ହୋଇଥାଏ ।

ଜୀବନୀ ପାଠର ସାମାଜିକ ଦିଗ: ବ୍ୟକ୍ତିକୁ ନେଇ ସମାଜ ଗଠିତ । ବ୍ୟକ୍ତିର କ୍ରିୟାକଳାପ ସମାଜ ଜୀବନକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ନେତୃତ୍ୱ ଆଦର୍ଶସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତରେ ନ୍ୟସ୍ତ ହୋଇଛି, ସେତେବେଳେ ସମାଜ ସୁନାରେ ପରିଣତ ହୋଇଛି । ସେହି ଦୃଷ୍ଟିରୁ ଆମେ ରାମଙ୍କ ରାଜତ୍ୱକୁ ରାମରାଜ୍ୟ ବୋଲି କହିଛୁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ତା'ର ଆଦର୍ଶମୟ ଜୀବନଯାପନ ପ୍ରଣାଳୀ 'ଜୀବନୀ ପୁସ୍ତକ'ରେ ପ୍ରକାଶ ଲାଭ କରିଥାଏ ।ତା'ର ପଠନ ଦ୍ୱାରା ସମାଜ ଉପରେ ତା'ର ଏକ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ । ମହାତ୍ମା ଗାନ୍ଧିଙ୍କ ଜୀବନୀ ପାଠ କଲେ ମଣିଷ ମନରେ ସ୍ନେହ, ପ୍ରେମ ତଥା ଅହିଂସା ଭାବର ଉଦ୍ରେକ ଘଟିଥାଏ । କର୍ମକୁଣ୍ଠତା ପ୍ରତି ଆସିଥାଏ ଘୃଣା । ମହାତ୍ମା ଗାନ୍ଧି କେବଳ ଜଣେ ଆଦର୍ଶ ବ୍ୟକ୍ତି ନଥିଲେ, ଥିଲେ ମଧ୍ୟ ଜଣେ କର୍ମବୀର । ତାଙ୍କର ଉଚ୍ଚାରଣ ଓ ଆଚରଣ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା । ସେହିପରି ମହାମୁନି ଦଧୀଚିଙ୍କର ଆତ୍ମତ୍ୟାଗର କାହାଣୀ ମଣିଷକୁ ତ୍ୟାଗମୟ ଜୀବନ ଅତିବାହିତ କରିବାକୁ ପ୍ରେରଣା ଦେଇଥାଏ । ସୁଭାଷ ବୋଷଙ୍କ ପରି ମହାପୁରୁଷଙ୍କ ଜୀବନୀ ମନରେ ଜାତୀୟ ଭାବରେ ଉଦ୍ରେକ

କରେ, ଅନ୍ୟାୟ ଓ ଅନୀତି ନିକଟରେ ମଥାନତ ନକରିବାକୁ ପ୍ରେରିତ କରେ । ସୁଭାଷ ବୋଷ ଥିଲେ ଏକ ସାଲିସବିହୀନ ବ୍ୟକ୍ତିତ୍ୱ । ବୁଦ୍ଧ, ଯୀଶୁ, ମହମ୍ମଦ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଆଦିଙ୍କ ଜୀବନୀ ପାଠରୁ ମଣିଷ ମନରେ ଥିବା ଧର୍ମାନ୍ଧତା ଦୂର ହୋଇଥାଏ । ମଣିଷକୁ ଭଲ ପାଇବା ନିମିତ୍ତ ଏମାନଙ୍କର ଜୀବନୀ ପ୍ରେରଣା ଦେଇଥାଏ । ସମାଜ ଗଠନରେ ମହାପୁରୁଷମାନଙ୍କ ଜୀବନୀ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଦେଶ ପାଇଁ, ଜାତି ପାଇଁ ଆତ୍ମତ୍ୟାଗ କରିବାକୁ ଏମାନଙ୍କର ଜୀବନୀ ଶିଖାଇଥାଏ । ସମାଜର ସମସ୍ତ ମଣିଷଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ମହାପୁରୁଷଙ୍କ ଜୀବନୀ ପ୍ରେରଣା ଦିଏ । ବଡ଼ ବଡ଼ କୂଟନୀତିଜ୍ଞଙ୍କ ଜୀବନୀ ମଧ୍ୟ ପାଠ କରିବା ଉଚିତ । ରାଷ୍ଟ୍ର ଗଠନରେ ଓ ରାଷ୍ଟ୍ରକୁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରିବାରେ ଏମାନଙ୍କର ଜୀବନୀର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେଉଁମାନେ ପ୍ରକୃତ କୂଟନୀତିଜ୍ଞ, ସେମାନେ କଦାପି କୌଣସି ରାଷ୍ଟ୍ରର ଅମଙ୍ଗଳ ଚିନ୍ତା କରିପାରନ୍ତି ନାହିଁ । ସେମାନଙ୍କ ଦୃଷ୍ଟିରେ ସମଗ୍ର ବିଶ୍ୱ ଏକ । ବିଶ୍ୱର ମାତ୍ର ଗୋଟିଏ ସଭ୍ୟତା, ତାହା ହେଉଛି ମାନବ ସଭ୍ୟତା । ତେଣୁ ମାନବ ସମାଜର ବିକାଶ ପାଇଁ ଏମାନେ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି । ଏହି ଦୃଷ୍ଟିରୁ ଆବ୍ରାହମ ଲିଙ୍କନ, ମହାତ୍ମାଗାନ୍ଧି, ପଣ୍ଡିତ ଜବାହରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ ଆଦିଙ୍କ ଜୀବନୀ ପାଠ କରିବାର ଆବଶ୍ୟକତା ରହିଛି । ଆଉ କେତେକ ଜୀବନୀ ସମାଜର ସେବା କରିବା ପାଇଁ ମଣିଷଙ୍କୁ ଉଦ୍‌ବୁଦ୍ଧ କରିଥାଏ । ସତେଯେପରି ସେମାନଙ୍କର ଜନ୍ମ ଦଳିତ, ନିପୀଡ଼ିତ ଓ ଅସହାୟ ବ୍ୟକ୍ତିଙ୍କର ସେବା ପାଇଁ ଉଦ୍ଦିଷ୍ଟ । ମଦର ଟେରେସା, ଭଗ୍ନୀ ନିବେଦିତା, ଉତ୍କଳମଣି ଗୋପବନ୍ଧୁ ଆଦିଙ୍କ ଜୀବନୀ ଏହି ଦୃଷ୍ଟିରୁ ଅତୀବ ମହତ୍ତ୍ୱପୂର୍ଣ୍ଣ । ଅନେକ ବ୍ୟକ୍ତିଙ୍କ ଜୀବନୀ ଆମକୁ ଦେଶର ସେବା କରିବାକୁ ଆହ୍ୱାନ କରିଥାଏ । ଆମ ମନରେ ଭରିଦେଇଥାଏ ଦେଶପ୍ରୀତି । ଜାତୀୟ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଭୁଲିଯାଇଥାଉ ବ୍ୟକ୍ତିଗତ ସ୍ୱାର୍ଥ । ଶହୀଦ ଭଗତ୍ ସିଂ, ଶହୀଦ ଲକ୍ଷ୍ମଣ, ସୁରେନ୍ଦ୍ର ସାଏ, ସୁଭାଷ ବୋଷ, ରାଣୀ ଲକ୍ଷ୍ମୀବାଈ, ମରହଟ୍ଟା ସର୍ଦ୍ଦାର ଶିବାଜୀ ଆଦିଙ୍କ ଜୀବନୀ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ବ୍ୟତୀତ ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀଚୈତନ୍ୟ, ଯୀଶୁଖ୍ରୀଷ୍ଟ ତୁକାରାମ, ରାମଦାସ, ତୁଳସୀଦାସ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ନିମ୍ବାର୍କ, ମହମ୍ମଦ, ମହାବୀର ଆଦିଙ୍କ ଜୀବନୀ ସମାଜକୁ ଏକ ଧର୍ମ ଭାବରେ ଦୀକ୍ଷିତ କରିଥାଏ, ସମାଜରେ ପରିପୂରିତ ଅନ୍ଧବିଶ୍ୱାସ ଦୂର କରି ଧର୍ମର ଉଦ୍ଦେଶ୍ୟ ସମ୍ପର୍କରେ ଜ୍ଞାତ କରାଇଥାଏ, ସଂକୀର୍ଣ୍ଣ ଭାବ ଦୂର କରାଇ ସମାଜକୁ ଉଚିତ ମାର୍ଗରେ ଗତି କରାଇବାକୁ ପ୍ରେରଣା ଦେଇଥାଏ । ତେଣୁ ସମାଜକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବାକୁ ହେଲେ ମହାପୁରୁଷମାନଙ୍କ ଜୀବନୀ ପାଠର ଆବଶ୍ୟକତା ରହିଛି ।

ଜୀବନୀ ପାଠର ନୈତିକ ଦିଗ: ବ୍ୟକ୍ତି ବ୍ୟକ୍ତିତ୍ୱ ଗଠନ ଦିଗରେ ମଧ୍ୟ ମହାପୁରୁଷଙ୍କ ଜୀବନୀ ପାଠର ଉପଯୋଗିତା ଉପଲବ୍ଧି ହୋଇଥାଏ । ନୈତିକ ଆଦର୍ଶ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କର ଜୀବନୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନୀତିହୀନ ମଣିଷର ସମାଜରେ ବଞ୍ଚିବା ପାଇଁ କୌଣସି ଅଧିକାର ନାହିଁ । ଗୋଟିଏ ଗୋଟିଏ ମୁହୂର୍ତ୍ତ ମଣିଷ ଜୀବନରେ ତୁମୂଳ ପରିବର୍ତ୍ତନ ଆନୟନ କରିଥାଏ । ସ୍ଖଳିତ ମଣିଷ ମହାପୁରୁଷଙ୍କ ଜୀବନୀ ପାଠ କଲେ ସେମାନେ ନିଜର ଚରିତ୍ରକୁ ସଂଶୋଧନ କରିପାରିବେ । ଚରିତ୍ର ଗଠନରେ ଏହାର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶିବାଜୀ ତାଙ୍କ ମାତାଙ୍କଠାରୁ ରାମାୟଣ ଓ ମହାଭାରତର ବୀରମାନଙ୍କ କାହାଣୀ ଶ୍ରବଣ କରି ନିଜ ଜାତିକୁ ସଙ୍ଗଠିତ କରିବା ସ୍ୱପ୍ନ ଦେଖିଥିଲେ । ପରବର୍ତ୍ତୀ ସମୟରେ ତାଙ୍କରି

ଟିପ୍ପଣୀ

ଉଦ୍ୟମରେ ମରହଟ୍ଟା ସମଗ୍ର ଭାରତରେ ଏକ ବିରାଟ ଶକ୍ତି ରୂପେ ଠିଆ ହୋଇପାରିଥିଲା । ସମାଜରେ ନୈତିକ ଆଦର୍ଶ ସ୍ଥାପନ କ୍ଷେତ୍ରରେ ମହାପୁରୁଷଙ୍କ ଜୀବନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନଙ୍କ ଜୀବନର ପ୍ରଭାବ କମ୍ ମୂଲ୍ୟବାନ ନୁହେଁ । ସେମାନଙ୍କର ଜୀବନୀ ମଣିଷମନରୁ ସଂକୀର୍ଣ୍ଣତା ଓ ସ୍ୱାର୍ଥାନ୍ଧତା ଦୂର କରିଥାଏ । ନୀଚତା ଓ କ୍ଷୁଦ୍ରତା ଦୂର କରି ମହାମାନବର ସାଗର ତୀରେ ଅବଗାହନ କରିବାକୁ ଆହ୍ୱାନ ଦେଇଥାଏ । ଚରିତ୍ର ମଧ୍ୟରେ ରହିଥିବା କଳାଦାଗ ପୋଛିଦେଇ ତାକୁ ଶୁଦ୍ଧ ସୁବର୍ଣ୍ଣରେ ପରିଣତ କରାଇଥାଏ ।

ଉପସଂହାର: ଆଧୁନିକ ମଣିଷ ଆଜି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିକୈନ୍ଦିକ ହୋଇପଡ଼ିଛି । ତା' ନିକଟରେ ଆଜି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହିଁ ସବୁଠାରୁ ବଡ଼ ହୋଇ ଦେଖାଦେଇଛି । ସମାଜ ପ୍ରତି ରହିଥିବା ତା'ର କର୍ତ୍ତବ୍ୟବୋଧକୁ ସେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଛି । ଏହି ପରିପ୍ରେକ୍ଷୀରେ ଜୀବନୀ ପାଠ ତା ଜୀବନ ପାଇଁ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ମହତ୍ ବ୍ୟକ୍ତିଙ୍କର ଜୀବନୀ ପାଠ ଦ୍ୱାରା ସେ ତା'ର ଚରିତ୍ରକୁ ହୁଏତ କିଛି ପରିମାଣରେ ସଂଶୋଧନ କରିପାରିବ ।ସମାଜ ପାଇଁ ତା'ର ଯେ କିଛି କର୍ତ୍ତବ୍ୟ ରହିଛି, ସେ ସମ୍ପର୍କରେ ସଚେତନ ହୋଇପାରିବ । ଜୀବନର ପ୍ରକୃତ ମୂଲ୍ୟ ସମ୍ପର୍କରେ ଅବଗତ ହୋଇପାରିବ । ଏହି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି (ବିଶେଷକରି ମହତ୍ ବ୍ୟକ୍ତି)ଙ୍କର ଜୀବନୀ ପାଠକୁ ଗୁରୁତ୍ୱ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଏଥିପାଇଁ ଏକ ବାତାବରଣ ସୃଷ୍ଟିର ଆବଶ୍ୟକତା ରହିଛି ।

●●●

୮.୬ ମହାତ୍ମା ଗାନ୍ଧି

ଉପକ୍ରମ: ପୃଥିବୀରେ ପ୍ରତି ମୁହୂର୍ତ୍ତରେ ଶହ ଶହ ମଣିଷ ଜନ୍ମଲାଭ କରୁଛନ୍ତି; ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ମାତ୍ର ଜଣଜଣଙ୍କ ଜୀବନୀ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଉଛି । ପୃଥିବୀରେ ଜନ୍ମଲାଭ କରି ମୃତ୍ୟୁବରଣ କରିବା ସତ୍ତ୍ୱେ ଯେଉଁ ଅଳ୍ପ କେତେଜଣ ଏଯାବତ୍ ଅମର ହୋଇ ରହିପାରିଛନ୍ତି ତନ୍ମଧ୍ୟରେ ଭାରତର ମହାତ୍ମାଗାନ୍ଧି ଅନ୍ୟତମ । ତାଙ୍କର ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା, ସାଧୁତା ଓ ନୈତିକତା ଏବେ ମଧ୍ୟ ପୃଥିବୀରେ ବିରଳ । ଜଣେ ଭାରତୀୟ ଭାବେ ସମାୟାନୁବର୍ତ୍ତୀ ଇଂରେଜମାନଙ୍କୁ ମଧ୍ୟ ସମୟାନୁବର୍ତ୍ତିତା ସମ୍ପର୍କରେ ଶିକ୍ଷା ଦେଇ ପାରିଥିଲେ । ସେହି କାରଣରୁ ହୋମସ୍ ତାଙ୍କୁ ପୃଥିବୀର ଗୌତମବୃଦ୍ଧ ଏବଂ ଯୀଶୁଖ୍ରୀଷ୍ଟଙ୍କ ପରେ ମାନବ ଜାତିର ଶ୍ରେଷ୍ଠ ବ୍ୟକ୍ତିତ୍ୱ ବୋଲି କହିଥିଲେ । ତାଙ୍କର ନିଷ୍ଠା ଓ ଆଦର୍ଶ ଇଂରେଜ ଜାତିକୁ ମଧ୍ୟ ବିସ୍ମୟାଭିଭୂତ କରିଥିଲା । ଶୋଷିତ, ପୀଡ଼ିତ ଓ ଅବହେଳିତମାନଙ୍କର ସେ ଥିଲେ ଦରଦୀ ବନ୍ଧୁ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଥିଲା ଅତୀବ ମହତ୍ତ୍ୱପୂର୍ଣ୍ଣ । ଶାନ୍ତି ଓ ଅହିଂସା ଆନ୍ଦୋଳନରେ ଭାରତକୁ ସ୍ୱାଧୀନ କରି ବିଶ୍ୱ ଇତିହାସରେ ସେ ଏକ ନୂତନ ମାର୍ଗ ଉନ୍ମୋଚନ କଲେ । ତାଙ୍କ ଜୀବନ ଭାରତ ଇତିହାସର ସବୁଠାରୁ ମୂଲ୍ୟବାନ ଘଟଣା ।

ଜନ୍ମ ଓ ଜୀବନୀ: ମହାତ୍ମାଗାନ୍ଧି ଗୁଜୁରାଟର ପୋରବନ୍ଦରଠାରେ କାବାଗାନ୍ଧି ଓ ପୁତ୍ତଲି ବାଇଙ୍କ ଔରସରୁ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଜନ୍ମ ସମୟରେ ତାଙ୍କର ନାମ ଥିଲା ମୋହନଦାସ କରମଚାନ୍ଦ ଗାନ୍ଧି । ତାଙ୍କର ପିତା ଥିଲେ ରାଜକୋଟ ରାଜ୍ୟର ଦେୱାନ । ସେ ଥିଲେ ଅତ୍ୟନ୍ତ ସଚ୍ଚୋଟ ଓ ନିଷ୍ଠାବାନ । ମାତ୍ର ତେର ବର୍ଷ ବୟସରେ ସ୍କୁଲର ଛାତ୍ର ଥିବା ସମୟରେ କସ୍ତୁରବାଙ୍କ ସହିତ ତାଙ୍କର ବିବାହ କାର୍ଯ୍ୟ ସମାପନ ହୋଇଥିଲା । ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ ବାରିଷ୍ଟରୀ ପାଠ ପଢ଼ିବା ନିମିତ୍ତ ସେ ବିଲାତ ଯାତ୍ରା କରିଥିଲେ ଏବଂ ଆଇନ ଶିକ୍ଷା ସମାପ୍ତି ପରେ ଜଣେ ବାରିଷ୍ଟର ଭାବରେ ୧୮୯୧ ମସିହାରେ ସେ ଭାରତକୁ ଫେରିଆସିଲେ ।ବମ୍ବେଠାରେ ସେ ତାଙ୍କର ଓକିଲାତି ଜୀବନ ଆରମ୍ଭ କରିଥିବା ସମୟରେ ଦାଦା ଅବଦୁଲ୍ଲା ନାମକ ଜଣେ ଭାରତୀୟଙ୍କ ମକଦ୍ଦମା ପାଇଁ ୧୮୯୩ ମସିହା ଅପ୍ରେଲ ମାସରେ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ । ସେହିଠାରେ ହିଁ ଗାନ୍ଧିଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା । ଜଣେ ସାଧାରଣ ବାରିଷ୍ଟରରୁ ସେ ପରିଣତ ହୋଇଥିଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରାଜନୀତିକ ବ୍ୟକ୍ତିତ୍ୱରେ । ସୁପ୍ତ ଭାବରେ ରହିଥିବା ମହାନ୍ ସତ୍ତାଟି ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଉପରେ ଗୋରାଲୋକଙ୍କ ଅତ୍ୟାଚାର ଦେଖି ଚେଇଁଉଠିଥିଲା ।

ଦକ୍ଷିଣ ଆଫ୍ରିକାରେ ନେତୃତ୍ୱ: ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ଅନୁଭବ କରିଥିଲେ କଳାଲୋକମାନଙ୍କ ପ୍ରତି ଗୋରା ଲୋକମାନଙ୍କ ଅତ୍ୟାଚାର । ଅପମାନିତ ଓ ଅତ୍ୟାଚାରିତ ଭାରତବାସୀଙ୍କ ଜୀବନ ଗାନ୍ଧିଜୀଙ୍କୁ ଗଭୀର ମର୍ମାହତ କରିଥିଲା । ଏହିଠାରୁ ସେ ଆରମ୍ଭ କଲେ ତାଙ୍କର ରାଜନୀତିକ ଜୀବନ । ଦକ୍ଷିଣ ଆଫ୍ରିକାର ଗୋରା ଲୋକଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ସେ ଶପଥ ଗ୍ରହଣ କଲେ । ସେ ଜାଣିଥିଲେ ଶକ୍ତି କିମ୍ବା ହିଂସାତ୍ମକ ଉପାୟରେ କଦାପି ସେ ତାଙ୍କର ଲକ୍ଷ୍ୟ ହାସଲ

କରିପାରିବେ ନାହିଁ । ତେଣୁ ସତ୍ୟ, ନ୍ୟାୟ ପାଇଁ ସେ ଯେଉଁ ନୂତନ ଧରଣର ସଂଗ୍ରାମ ଆରମ୍ଭ କଲେ ତାହା 'ସତ୍ୟାଗ୍ରହ ବା 'ଅହିଂସା ଆନ୍ଦୋଳନ' ନାମରେ ପରିଚିତ ଲାଭ କଲା । ଏହି ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ତାଙ୍କୁ ଅନେକ ଥର ଅପମାନିତ ହେବାକୁ ହୋଇଛି, ଲାଠିମାଡ଼ ଖାଇବାକୁ ପଡ଼ିଛି ଏବଂ ଜେଲଦଣ୍ଡ ସହିବାକୁ ହୋଇଛି । ଏହା ସତ୍ତ୍ୱେ ସେ କଦାପି ପଛଘୁଞ୍ଚା ଦେଇ ନାହାନ୍ତି । ଅବଶେଷରେ ସେ ଜୟଯୁକ୍ତ ହେଲେ ଏବଂ ଦକ୍ଷିଣଆଫ୍ରିକାରେ ଭାରତୀୟଙ୍କର ସ୍ୱାର୍ଥ ସୁରକ୍ଷିତ ରହିପାରିଲା ।

ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ଗାନ୍ଧିଜୀ: ୧୯୧୫ ମସିହାରେ ଗାନ୍ଧିଜୀ ଭାରତକୁ ଫେରିଲେ । ଭାରତୀୟ ଜାତୀୟ କଂଗ୍ରେସରେ ଜଣେ ସଦସ୍ୟ ଭାବରେ ସେ କାର୍ଯ୍ୟ ଆରମ୍ଭ କଲେ । ଲୋକମାନ୍ୟ ତିଳକଙ୍କ ତିରୋଧାନ ପରେ ୧୯୨୦ ମସିହାଠାରୁ ଜାତୀୟ କଂଗ୍ରେସର ସେ ହେଲେ ସର୍ବେସର୍ବା । ତାଙ୍କରି ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଉତ୍ସାହର ସହିତ ଆଗେଇ ଚାଲିଲା । ସତ୍ୟାଗ୍ରହର ସୁଫଳ ଦକ୍ଷିଣ ଆଫ୍ରିକାରୁ ମିଳିଥିବାରୁ ଗାନ୍ଧିଜୀ ସେହି ଆନ୍ଦୋଳନ ମାଧ୍ୟମରେ ସ୍ୱାଧୀନତା ଲାଭ କରିବାକୁ ଚାହିଁଲେ । ଆରମ୍ଭ ହେଲା ଅସହଯୋଗ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ । ଭାରତର ବହୁ ସ୍ଥାନରୁ ଏହି ଆନ୍ଦୋଳନ ପ୍ରତି ସମର୍ଥନ ମିଳିଲା । ଅନେକ ଲୋକ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଲେ । ଗାନ୍ଧିଜୀଙ୍କ ସମେତ ବହୁ ଲୋକ ବନ୍ଦୀ ହେଲେ, ଅତ୍ୟାଚାର ସହିଲେ ଇଂରେଜ ସରକାରଙ୍କଠାରୁ । ୧୯୪୨ ମସିହାରେ ଆରମ୍ଭ ହେଲା 'ଭାରତ ଛାଡ଼ ଆନ୍ଦୋଳନ' । ଗାନ୍ଧିଜୀ ପ୍ରଥମ ଥର ପାଇଁ ଡାକରା ଦେଲେ, 'କର ବା ମର' । ତାଙ୍କୁ କାରାଗାରକୁ ନିଆଗଲା, ଅତ୍ୟାଚାର ମଧ୍ୟ କରାଗଲା । ସେଥିରେ ସେ ଆଦୌ ଦବି ଯାଇନଥିଲେ । ସର୍ବଶେଷରେ ତାଙ୍କରି ନେତୃତ୍ୱରେ ହିଁ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ କଲା । ଗାନ୍ଧିଜୀ ଥିଲେ ଜଣେ ବିରାଟ ନେତା, ଋଷିପ୍ରତିମ ବ୍ୟକ୍ତି ଏବଂ ସମାଜ ସଙ୍ଗଠକ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ ତାଙ୍କର ଉଦ୍ୟମ ବଳବତ୍ତର ରହିଥିଲା । ୧୯୪୭ ମସିହାରେ ଭାରତ ଭାଗ ଭାଗ ହୋଇଯିବା ଦ୍ୱାରା ଯେଉଁ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହେଲା, ତାହା ତାଙ୍କୁ ଭୀଷଣ ବ୍ୟଥିତ କରିଥିଲା । ଉତ୍ତେଜନା ସ୍ଥାନକୁ ଯାଇ ସେ ଶାନ୍ତିର ବାର୍ତ୍ତା ପ୍ରଚାର କରୁଥିଲେ । ସେତେବେଳେ ନୂଆଖାଲି, କଲିକତା, ବମ୍ବେ, ବିହାର ଏବଂ ଦିଲ୍ଲୀରେ ଯେଉଁ ଦଙ୍ଗା ସୃଷ୍ଟି ହେଲା, ମହାତ୍ମାଗାନ୍ଧିଙ୍କ ଯୋଗୁଁ ସେଠାରେ ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି ହୋଇପାରିଥିଲା । ୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ନାଥୁରାମ ଗଡ଼୍‌ସେଙ୍କ ଗୁଳିରେ ସେ ପ୍ରାଣ ହରାଇଲେ । ତା'ପର ଦିନ ରାଜଘାଟଠାରେ ତାଙ୍କ ଶବ ସଂସ୍କାର କରାଯାଇଥିଲା । ସେହିଦିନଠାରୁ ରାଜଘାଟର ତାଙ୍କର ସମାଧିରେ ବହୁ ଦେଶୀବିଦେଶୀ ନିଜର ମଥାନତ କରି ସେହି ମହାନ୍ ଆତ୍ମାପ୍ରତି ଶ୍ରଦ୍ଧା ନିବେଦନ କରିଆସୁଛନ୍ତି ।

ଗାନ୍ଧି ଦର୍ଶନ: ରାଜନୀତି କ୍ଷେତ୍ରରେ ମଧ୍ୟ ମହାତ୍ମାଗାନ୍ଧି ଥିଲେ ଜଣେ ଋଷି ସଦୃଶ । ତାଙ୍କର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ହେଉଛି ଅହିଂସା । ହରିଜନମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସେ ସମସ୍ତ ପ୍ରକାର ଚେଷ୍ଟା କରି ସଫଳ ହୋଇଛନ୍ତି । ଛୁଆଁ ଅଛୁଆଁ ଭେଦଭାବକୁ ସେ ତୀବ୍ର ଘୃଣା କରିଥିଲେ ଏବଂ ହରିଜନମାନଙ୍କର ମନ୍ଦିର ପ୍ରବେଶ ନିମିତ୍ତ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ।ସେ ସ୍ୱପ୍ନ ଦେଖୁଥିଲେ ଗୋଟିଏ ରାମରାଜ୍ୟର, ଯେଉଁଠାରେ ଶାନ୍ତି; ସୁଖ ଓ ନ୍ୟାୟ ପରିପୂର୍ଣ୍ଣ ହୋଇ ରହିଥିବ । ସ୍ୱେଚ୍ଛାଚାର ଶାସନ ପଦ୍ଧତିକୁ ସେ ତୀବ୍ର ବିରୋଧ କରୁଥିଲେ । ପ୍ରକୃତ ଗଣତନ୍ତ୍ର ପ୍ରତି ତାଙ୍କ ହୃଦୟରେ ପ୍ରଗାଢ଼ ମମତା ରହିଥିଲା ।

ଅହିଂସା ଓ ସତ୍ୟ ଉଭୟଙ୍କୁ ସେ ଈଶ୍ୱରଙ୍କ ପରି ସମ୍ମାନ ପ୍ରଦର୍ଶନ କରୁଥିଲେ । ଗାନ୍ଧିଜୀ ପଲ୍ଲୀ ଅଞ୍ଚଳର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦେଉଥିଲେ । କାରଣ ସେ ଜାଣିଥିଲେ ପ୍ରକୃତ ଭାରତର ଆତ୍ମା ଏହି ପଲ୍ଲୀ ମଧ୍ୟରେ ହିଁ ବଞ୍ଚିରହିଛି । ସେ ଥିଲେ ସ୍ୱଦେଶୀ ଆନ୍ଦୋଳନର ପ୍ରବକ୍ତା । ଖଦଡ଼ ପିନ୍ଧିବା ନିମିତ୍ତ ତଥା କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବା ନିମିତ୍ତ ସେ ଜନସାଧାରଣଙ୍କୁ କହୁଥିଲେ । ଆଧୁନିକ ଭାରତର ଯଥାର୍ଥ ନିର୍ମାତା ସେ । ଉଚ୍ଚ ଚିନ୍ତାଧାରା ଓ ସରଳ ଜୀବନଯାପନ ପ୍ରଣାଳୀ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ । ମାନବ ସେବାକୁ ସେ ଈଶ୍ୱରଙ୍କ ସେବା ବୋଲି ମନେ କରୁଥିଲେ ଏବଂ ପ୍ରତ୍ୟେକ ଧର୍ମକୁ ସମଦୃଷ୍ଟିରେ ଦେଖୁଥିଲେ । ତାଙ୍କ ମତରେ ବିଭିନ୍ନ ଧର୍ମର ମାର୍ଗ ଭିନ୍ନ ଭିନ୍ନ ହୋଇଥିଲେହେଁ ଲକ୍ଷ୍ୟସ୍ଥଳ ଏକ । ଧର୍ମ ଏବଂ ଈଶ୍ୱରଙ୍କ ମଧ୍ୟରେ ସେ କୌଣସି ପାର୍ଥକ୍ୟ ଦେଖି ପାରିନଥିଲେ । ଧର୍ମ ଏବଂ ରାଜନୀତି ପରସ୍ପରଠାରୁ ଅଲଗା ନୁହନ୍ତି ବୋଲି ସେ କହୁଥିଲେ । ତାଙ୍କ ମତରେ ଶରୀର ଏବଂ ଆତ୍ମା ମଧ୍ୟରେ ସମ୍ପର୍କ ଯେପରି, ରାଜନୀତି ଓ ଧର୍ମ ମଧ୍ୟରେ ସମ୍ପର୍କ ଅନୁରୂପ । ତେଣୁ ସେ କହୁଥିଲେ 'Politics bereft of religion is a death trap, because it kills the soul. 'ହିଂସା ମଣିଷର ସର୍ବନାଶ କରିଥାଏ, ଏହା ଶରୀର ଓ ଆତ୍ମା ଉଭୟକୁ କଳୁଷିତ କରେ । ସେଥିପାଇଁ ସେ ହିଂସା ବା ସଂଘର୍ଷ ଅଥବା ରକ୍ତପାତ ଦ୍ୱାରା ସ୍ୱାଧୀନତା ଆଣିବାର ପକ୍ଷପାତୀ ନଥିଲେ । ତେଣୁ ସେ କହୁଥିଲେ 'Freedom won by violent means was of no use to me'. ଶିକ୍ଷା ସମ୍ବନ୍ଧରେ ତାଙ୍କର ଦୃଷ୍ଟିଭଙ୍ଗୀ ଥିଲା ବିସ୍ତୃତ । କେବଳ ଦସ୍ତଖତଶିକ୍ଷା ବା ଅକ୍ଷରଶିକ୍ଷାକୁ ସେ ଶିକ୍ଷା ଭାବରେ ଗ୍ରହଣ କରିପାରି ନଥିଲେ । ଯାହାଦ୍ୱାରା ମଣିଷ ଜୀବନର ସାମଗ୍ରିକ ବିକାଶ ହୋଇପାରେ, ଗାନ୍ଧିଜୀଙ୍କ ମତରେ ତାହାହିଁ ପ୍ରକୃତ ଶିକ୍ଷା । ତାଙ୍କ ମତରେ ମଣିଷର ଶରୀର, ମନ ଓ ଆତ୍ମା ମଧ୍ୟରେ ଏକ ସୁସମନ୍ୱୟ ସ୍ଥାପନ କରିବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଯେଉଁ ଶିକ୍ଷା ଶରୀର, ମନ ଏବଂ ଆତ୍ମାର ପ୍ରକୃତ ଯତ୍ନ ନେଇପାରିବ, ସେହି ପ୍ରକାର ଶିକ୍ଷାର ସେ ଥିଲେ ପକ୍ଷପାତୀ । ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହେବା ଉଚିତ ବୋଲି ସେ ମତ ଦେଉଥିଲେ । ଗୀତାର ତତ୍ତ୍ୱ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଥିଲା । ପ୍ରତ୍ୟେକ ମଣିଷ ସେହି ଏକ ବିରାଟ ଆତ୍ମାର ଅଂଶବିଶେଷ ବୋଲି ସେ ମନେ କରୁଥିଲେ । ପ୍ରତ୍ୟେକ ମଣିଷ ଈଶ୍ୱର ସୃଷ୍ଟି ହୋଇଥିବାରୁ ମଣିଷ ମଧ୍ୟରେ ରହିଥିବା ଛୁଆଁ ଅଛୁଆଁ ଭେଦଭାବକୁ ସେ ତୀବ୍ର ଘୃଣା କରୁଥିଲେ । ଭାରତରେ ପରିଲକ୍ଷିତ ହେଉଥିବା ଅର୍ଥନୈତିକ ବୈଷମ୍ୟକୁ ଦୂର କରିବା ପାଇଁ ସେ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ । ତାଙ୍କର ଧାରଣା ଥିଲା, ସମାଜର ସାମଗ୍ରିକ ବିକାଶ ସେତିକିବେଳେ ସମ୍ଭବ ହୋଇଥାଏ, ଯେତେବେଳେ ସମସ୍ତ ଅଧିକାରୀ ନିଜକୁ ଜାତୀୟ ସ୍ରୋତ ସହିତ ସାମିଲ କରିଦିଅନ୍ତି । ପୁନରାୟ ସମାଜରେ ପରିପୂରିତ ବିଭିନ୍ନ କୁସଂସ୍କାର ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଯୌତୁକ, ପର୍ଦ୍ଦା ଓ ଜାତିପ୍ରଥାକୁ ସେ ଘୃଣା କରୁଥିଲେ । ଏହା ଦ୍ୱାରା ସାମାଜିକ ବିଭେଦ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ତାଙ୍କର ବିଶ୍ୱାସ ଥିଲା । ପଲ୍ଲୀର ବିକାଶ ନିମିତ୍ତ ସେ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲେ । ଭାରତ ଗୋଟିଏ ଗ୍ରାମବହୁଳ ଦେଶ ହୋଇଥିବାରୁ ପ୍ରଥମେ ଗ୍ରାମର ବିକାଶ ନିମିତ୍ତ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତ ଦେଉଥିଲେ । ହସ୍ତଶିଳ୍ପ, କୁଟୀରଶିଳ୍ପକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ସେ ଯୁକ୍ତି କରୁଥିଲେ । ସ୍ୱାଧୀନତାର ଅର୍ଥ ସ୍ୱାବଲମ୍ବନଶୀଳତା ବୋଲି ସେ ଭାବୁ ନଥିଲେ । ତେଣୁ ସେ କହୁଥିଲେ, ମଣିଷ ଯେତେବେଳେ ଅନୁଭବ କରିବ, ସେ ଆର୍ଥିକ, ସାମାଜିକ, ରାଜନୀତିକ ସବୁ ସ୍ତରରେ

ଟିପ୍ପଣୀ

ସ୍ୱାବଲମ୍ବନଶୀଳ ହୋଇପାରିବ, ସେତେବେଳେ ହିଁ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ସମ୍ପର୍କରେ ସେ ଅବଗତ ହେବ ଏବଂ ଭାରତର ସାମଗ୍ରିକ ବିକାଶ ସାଧିତ ହୋଇପାରିବ । ତେଣୁ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଥିଲା ଏକ ପରିପୂର୍ଣ୍ଣ ଭାରତ । ପରିପୂର୍ଣ୍ଣ ଭାରତ କହିଲେ ସେ ବୁଝିଥିଲେ, ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ।

ଉପସଂହାର: ଗାନ୍ଧିଜୀ କେବଳ ଭାରତର ଜଣେ ବରପୁତ୍ର ନୁହନ୍ତି; ସେ ମଧ୍ୟ ଜଣେ ମହାତ୍ମା । ତାଙ୍କର ଆଦର୍ଶର ତୁଳନା ନାହିଁ । କାୟ, ମନ ଓ ବାକ୍ୟରେ ସେ ଯେପରି ଭାରତ ଏବଂ ଭାରତୀୟଙ୍କୁ ଭଲ ପାଉଥିଲେ, ସେପରି ଅନ୍ୟ କେହି ଜଣେ ଭାରତୀୟଙ୍କୁ ଏଯାବତ୍ ଦେଖିବାକୁ ମିଳିଲା ନାହିଁ । ସ୍ୱାଧୀନତା ସଂଗ୍ରାମର ଅଗ୍ରଗାମୀ ସେନାପତି ଅଥଚ ବିନା ଅସ୍ତ୍ରରେ ଦୁର୍ଦ୍ଧର୍ଷ, କୂଟନୀତିଜ୍ଞ, ଚତୁର ଇଂରେଜମାନଙ୍କୁ ଏ ଦେଶରୁ ସେ ହଟାଇ ଦେଇପାରିଲେ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମର ପଟାନ୍ତର ନାହିଁ । ଏହା କେବଳ ସମ୍ଭବ ହୋଇପାରିଥିଲା ମହାତ୍ମାଗାନ୍ଧିଙ୍କ ପାଇଁ । ତେଣୁ ସେ ଏ ଜାତିର ପଥ ପ୍ରଦର୍ଶକ, ଗୁରୁ, ବନ୍ଧୁ, ଦାର୍ଶନିକ-ସବୁ କିଛି । ମାତ୍ର ଦୁଃଖର ବିଷୟ ସ୍ୱାଧୀନତା ପରେ ଏ ଦେଶର ରାଜନୀତିଜ୍ଞ ଓ ଜନସାଧାରଣ ତାଙ୍କ ସ୍ୱପ୍ନର ସାକାର ପାଇଁ ସାମାନ୍ୟ ମାତ୍ର ଧ୍ୟାନ ଦେଉ ନାହାନ୍ତି । ତାଙ୍କର ରାମରାଜ୍ୟ ପରିକଳ୍ପନା ଆଜି ରାବଣ ରାଜ୍ୟରେ ପରିଣତ ହୋଇଯାଇଥିଲେ ମଧ୍ୟ ଆମେ ସେଥିପ୍ରତି ସାମାନ୍ୟ ମାତ୍ର ସଚେତନ ନୋହୁଁ । ତେଣୁ ଭାରତରେ ପୂଜ୍ୟପୂଜା ପରମ୍ପରା କିପରି ମହତ୍ତ୍ୱପୂର୍ଣ୍ଣ, ତାହା ଏଥିରୁ ପ୍ରମାଣିତ ।

●●●

୮.୭ ନେତାଜୀ ସୁଭାଷ ଚନ୍ଦ୍ର ବୋଷ

ଉପକ୍ରମ: ଭାରତରେ ଅନେକ ନେତା ଅଛନ୍ତି; ମାତ୍ର ନେତାଜୀ କହିଲେ କେବଳ ସୁଭାଷ ଚନ୍ଦ୍ର ବୋଷଙ୍କୁ ହିଁ ବୁଝାଇଥାଏ । ତାଙ୍କର ବ୍ୟକ୍ତିତ୍ୱ, ନିଷ୍ଠା, ଦୃଢ଼ ସଂକଳ୍ପ ଓ ସାହାସ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ନେତାଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ତାଙ୍କର ଜୀବନ ବହୁ ରୋମାଞ୍ଚକର ଅନୁଭୂତିରେ ପରିପୂର୍ଣ୍ଣ । ଭାରତରୁ ବର୍ମା, ପୁଣି ଜର୍ମାନରୁ ଜାପାନ, ଜାପାନରୁ ଦିଲ୍ଲୀ-ସୁଦୀର୍ଘ ପଥ ଅତିକ୍ରମରେ ସାମାନ୍ୟ ବି କ୍ଲାନ୍ତି ନଥିଲା ମନରେ । ତାଙ୍କ ଜୀବନର ରୋମାଞ୍ଚକର ଅନୁଭୂତି ସତେଯେପରି ଏକ ରହସ୍ୟ ଉପନ୍ୟାସ । ରହସ୍ୟ ଉପନ୍ୟାସର ନାୟକ ପରି କାହିଁ ଗୋଟିଏ ଦିନରେ ଶହ ଶହ ମାଇଲ ଅତିକ୍ରମ । ଏଭଳି ଏକ ବିରଳ ବ୍ୟକ୍ତିତ୍ୱ ଭାରତରେ ଆଉ କେବେ ଦେଖାଯିବ ନାହିଁ । ଭାରତୀୟଙ୍କୁ ଭଲପାଇବାକୁ ଯାଇ ସେ ହୋଇଥିଲେ ସ୍କୁଲରୁ ବିତାଡ଼ିତ, ଦେଶକୁ ଭଲପାଇବାକୁ ଯାଇ ସେ ହେଲେ ଭାରତରୁ ବିତାଡ଼ିତ ଓ ସ୍ୱାଧୀନତାକୁ ଭଲପାଇବାକୁ ଯାଇ ସେ ହେଲେ ତଥାକଥିତ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ବିଦ୍ରୋହୀ । ବ୍ୟକ୍ତିଗତ ସ୍ୱାର୍ଥ ନ ଥାଇବି ସେ ସମୟର ସବୁଠାରୁ ଲୋଭନୀୟ ପଦବୀ ଆଇ.ସି.ଏସ. ତ୍ୟାଗ କରିଥିଲେ । ତାଙ୍କ ଜୀବନ ଏକ ଖୋଲା ବହି, ରହସ୍ୟ ଓ ରୋମାଞ୍ଚକର ଭରା । ବୋଧହୁଏ ସେ ସମୟର ପ୍ରକୃତ ଭାରତମାତାର ସେ ହେଉଛନ୍ତି ଯୋଗ୍ୟତମ ସନ୍ତାନ ।

ଜନ୍ମ ଓ ଜୀବନୀ: ଏହିପରି ଏକ ବୀର ସନ୍ତାନଙ୍କର ଜନ୍ମ ହୋଇଥିଲା ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ କଟକର ଓଡ଼ିଆବଜାରରେ, ପିତା ଜାନକୀନାଥ ବୋଷ ଏବଂ ମାତା ପ୍ରଭାବତୀଙ୍କ ଔରସରୁ । ତାଙ୍କ ପିତାଙ୍କର ସର୍ବମୋଟ ୧୪ଟି ସନ୍ତାନ ମଧ୍ୟରୁ ସେ ଥିଲେ ନବମ ସନ୍ତାନ । ତାଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ମିଶନାରୀମାନଙ୍କ ଦ୍ୱାରା ପରିଚାଳିତ ଏକ ଇଂରାଜୀ ସ୍କୁଲରେ । ୧୯୦୯ ମସିହାରେ ସେ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ପିତାମାତାଙ୍କ ପ୍ରତି ତାଙ୍କ ହୃଦୟରେ ଭରି ରହିଥିଲା ଅଗାଧ ଭକ୍ତି । ତାଙ୍କ ଦୃଷ୍ଟିରେ ପିତାଙ୍କର ସ୍ଥାନ ଦେବତାଙ୍କଠାରୁ ଉର୍ଦ୍ଧ୍ୱରେ । ପାଠ ସହିତ ବ୍ରହ୍ମଚର୍ଯ୍ୟ ଓ ଧ୍ୟାନଯୋଗ ସାଧନାରେ ସେ ବହୁସମୟ ବ୍ୟୟ କରୁଥିଲେ । ୧୯୧୩ ମସିହା ମାର୍ଚ୍ଚ ମାସରେ ଅନୁଷ୍ଠିତ ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ସମଗ୍ର ବଙ୍ଗ, ବିହାର, ଓ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ପିଲାଟି ଦିନରୁ ସେ ଥିଲେ ସ୍ୱାଧୀନଚେତା । ଜନ୍ମମାଟିକୁ ସେ ଗଭୀର ଭାବରେ ଭଲ ପାଉଥିଲେ । ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ତାଙ୍କ ହୃଦୟରେ ଭରି ରହିଥିଲା ସମ୍ମାନବୋଧ । ତେଣୁ ଇଂରେଜ ଶାସନରେ କୌଣସି ଭାରତୀୟଙ୍କୁ ଅପମାନ କରାଗଲେ ସେ ତୀବ୍ର ପ୍ରତିକ୍ରିୟାଶୀଳ ହୋଇ ଉଠୁଥିଲେ । ପ୍ରେସିଡେନ୍‌ସୀ କଲେଜରେ ଅଧ୍ୟୟନ ସମୟରେ ଅଧ୍ୟାପକ ଓଟେନ୍‌ଙ୍କର ଭାରତୀୟଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟରେ ପ୍ରତିକ୍ରିୟାଶୀଳ ହୋଇ ସେ ତାଙ୍କୁ ଶ୍ରେଣୀ ଗୃହରେ ଅପମାନିତ କରିଥିଲେ । ଫଳରେ ତାଙ୍କୁ କଲେଜ୍‌ରୁ ବିତାଡ଼ିତ ହେବାକୁ ପଡ଼ିଲା । ତା'ପରେ ସେ ସ୍କଟିସ୍ ଚର୍ଚ୍ଚ କଲେଜରେ ଦର୍ଶନ ଶାସ୍ତ୍ରରେ ଅନର୍ସ ସହିତ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ପିତାଙ୍କ ନିର୍ଦ୍ଦେଶରେ ଆଇସିଏସ୍ ପରୀକ୍ଷା ପାଇଁ ସେ ବିଲାତ ଯାତ୍ରା କରିଥିଲେ । କୃତିତ୍ୱର ସହିତ ଚତୁର୍ଥ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଚାହିଁଥିଲେ ଏକ ଲୋଭନୀୟ ସରକାରୀ ଚାକିରି ପାଇ ବିଳାସ ଓ ପ୍ରାଚୁର୍ଯ୍ୟରେ ଜୀବନ ଅତିବାହିତ କରିପାରିଥାନ୍ତେ । ମାତ୍ର ତାଙ୍କର ଜୀବନ ଗଢ଼ାଥିଲା ଅନ୍ୟ

ଟିପ୍ପଣୀ

ଉପାଦାନରେ । ଦେଶର ସେବା ପାଇଁ ସେ ପ୍ରଥମରୁ ହିଁ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଗୋଟିଏ ସରକାରୀ କ୍ଷୁଦ୍ର ଚାକିରି ମଧ୍ୟରେ ସେ ତାଙ୍କର ମୂଲ୍ୟବାନ ଜୀବନଟିକୁ ନଷ୍ଟ କରିବାକୁ ଚାହୁଁନଥିଲେ । ପରାଧୀନ ଭାରତବର୍ଷର ଦୁଃଖ ତାଙ୍କୁ ପ୍ରତି ମୁହୂର୍ତ୍ତରେ ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ଦେଉଥିଲା । ତେଣୁ ଅଧ୍ୟୟନ ପରେ ପରେ ଦେଶ ସେବା ପାଇଁ ସେ ରାଜନୀତିକ ଜୀବନକୁ ବରଣ କରିନେଲେ ।

ଶିକ୍ଷା ଓ ରାଜନୀତିକ ଜୀବନ: ୧୯୨୦ ମସିହାରେ ସେ ସମୟର ସବୁଠାରୁ ଉଚ୍ଚତର ପରୀକ୍ଷା ଆଇସିଏସ୍‌ରେ ଚତୁର୍ଥ ସ୍ଥାନ ଲାଭ କରିବା ପରେ ସମସ୍ତେ ଅନୁମାନ କରିନେଇଥିଲେ, ବ୍ରିଟିଶ୍ ରାଜତ୍ୱରେ ଏକ ବଡ଼ ଚାକିରି କରି ଦିନ ଅତିବାହିତ କରିବେ । ବିଲାତରେ ଥିବା ସମୟରେ ସେ ବିଶ୍ୱର ରାଜନୀତିକ ପରିବର୍ତ୍ତନକୁ ଲକ୍ଷ୍ୟ କରୁଥିଲେ । ସେତେବେଳେ ବିଶ୍ୱଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ବିଶ୍ୱର ରାଜନୀତିକ ଆକାଶକୁ ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନ କରି ଦେଉଥିଲା । ସେହିଠାରେ ଥାଇ ସୁବାଷଚନ୍ଦ୍ର ତାଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିନେଇଥିଲେ । ଏହି ସମୟରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ତୀବ୍ରତର ହୋଇ ଉଠୁଥିଲା । ସୁବାଷ ବିଲାତରୁ ଭାରତ ଅଭିମୁଖେ ଯାତ୍ରା କରି ୧୯୨୧ ଏପ୍ରିଲ୍ ୧୬ ତାରିଖରେ ବମ୍ବେରେ ପହଁଚି ସ୍ୱାଧୀନତା ଆନ୍ଦୋଳନର ଶ୍ରେଷ୍ଠ ସାରଥୀ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କଲେ । ଏହି ଯୁବକଟିର ବ୍ୟକ୍ତିତ୍ୱ, ଜ୍ଞାନ ଓ ଦେଶସେବା ପାଇଁ ଉତ୍ସର୍ଗୀକୃତ ମନୋଭାବର ଯଥାର୍ଥ ପରିଚୟ ପାଇପାରିଥିଲେ ଗାନ୍ଧିଜୀ ସେହି ପ୍ରଥମ ସାକ୍ଷାତରୁ । ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ସେ କଲିକତାରେ ଦେଶବନ୍ଧୁ ଚିତ୍ତରଂଜନଙ୍କ ସହିତ ସାକ୍ଷାତ କରି ତାଙ୍କ ନେତୃତ୍ୱରେ ଦେଶସେବା କାର୍ଯ୍ୟରେ ଲାଗି ପଡ଼ିଥିଲେ । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ । କଲିକତା କର୍ପୋରେସନ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ମଧ୍ୟ ହୋଇଥିଲେ । ସୁଭାଷ ଥିଲେ ସାଲିସ୍‌ହୀନ ବ୍ୟକ୍ତିତ୍ୱ । ସ୍ୱାଧୀନତାକୁ ଏକ ଅଧିକାର ବୋଲି ସେ ଗ୍ରହଣ କରିନେଇଥିଲେ । ଏହା ସତ୍ତ୍ୱେ ପ୍ରାଥମିକ ପର୍ଯ୍ୟାୟରେ ସେ ଗାନ୍ଧିଜୀଙ୍କର ବିରୋଧ କରିନଥିଲେ । ବ୍ରିଟିଶ୍ ବିରୋଧୀଙ୍କ ସହିତ ସଂପର୍କ ରହିଥିବାର ସନ୍ଦେହ କରାଯାଇ ତାଙ୍କୁ ବର୍ମାର ମାଣ୍ଡାଲେ ଜେଲ୍‌ରେ ରଖାଯାଇଥିଲା । ପରେ ତାଙ୍କୁ ଖଲାସ କରିଦିଆଗଲା । ୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଜଣେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଲାଠିମାଡ଼ରେ ଆହତ ହୋଇଥିଲେ । ୧୯୩୮ ମସିହାରେ ହରିପୁରଠାରେ ସେ ଜାତୀୟ କଂଗ୍ରେସରେ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ଗାନ୍ଧିଜୀଙ୍କ ନରମପନ୍ଥୀ ମନୋଭାବକୁ ସେ ଅନ୍ତରରେ ଗ୍ରହଣ କରିପାରୁନଥିଲେ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଜାତୀୟ କଂଗ୍ରେସରେ ତାଙ୍କୁ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଥିଲା । ସେ ଇଂରେଜମାନଙ୍କ ସହିତ କୌଣସି କ୍ଷେତ୍ରରେ ସାଲିସ୍ କରିବାକୁ ଚାହୁଁନଥିଲେ । ସେ ଥିଲେ ଚରମପନ୍ଥୀ ଆଦର୍ଶରେ ଦୀକ୍ଷିତ । ତାଙ୍କର ଏହି ମନୋବୃତ୍ତି ଗାନ୍ଧିଜୀ ତଥା ତାଙ୍କ ଅନୁସରଣକାରୀମାନଙ୍କ ପ୍ରତି ଅସହ୍ୟ ଥିଲା । ସେମାନଙ୍କ ମନୋବୃତ୍ତି ଓ କାର୍ଯ୍ୟପଦ୍ଧତି ସହିତ ସାଲିସ୍ କରିନପାରି ସୁଭାଷ ୧୯୩୯ ମସିହାରେ ସଭାପତି ପଦରୁ ଇସ୍ତଫା ଦେଲେ । ମାତ୍ର ଦେଶ ସେବାରେ ସେହି ପରମ କର୍ତ୍ତବ୍ୟବୋଧରୁ ସେ ନିଜକୁ ନିବୃତ୍ତ ରଖିପାରିଲେ ନାହିଁ । ୧୯୩୯ ମସିହାରେ ଫରୱାଡ ବ୍ଲକ ନାମରେ ଏକ ନୂତନ ଦଳ ଗଠନ କରି ତାହାର ସେ ନେତୃତ୍ୱ ନେଲେ ।

ଆଜାଦହିନ୍ଦ୍ ଫୌଜ: ଭାରତରେ ସୁଭାଷ ବୋଷଙ୍କୁ ଇଂରେଜମାନେ ତାଙ୍କର ଏକ ବଡ଼ ଶତ୍ରୁଭାବରେ ପରିଗଣିତ କରୁଥିଲେ । ତେଣୁ ତାଙ୍କୁ ଶକ୍ତିକୁ ଅଧିକ ଦୃଢ଼ୀଭୂତ ନ କରାଇ ଦେବାକୁ ସେମାନେ

ବିଭିନ୍ନ ଉଦ୍ୟମ ଜାରି ରଖିଥିଲେ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଇଂଲଣ୍ଡ ଏଥିରେ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହୋଇପଡ଼ିବାରୁ ସୁଭାଷ ଏହାର ସୁଯୋଗ ଲାଭ କରିବାକୁ ତତ୍ପର ହୋଇ ଉଠିଲେ । ତାଙ୍କର ମନୋବୃତ୍ତି ଇଂରେଜମାନଙ୍କୁ ଅଜଣା ନଥିଲା । ତେଣୁ ସେମାନେ ତାଙ୍କୁ ୧୯୪୦ ମସିହାରେ କାରାରୁଦ୍ଧ କଲେ । ସେ ଏହାର ପ୍ରତିବାଦ ସ୍ୱରୂପ ଅନଶନ କରିବାରୁ ତାଙ୍କୁ କାରାଗାରରୁ ମୁକ୍ତ କରାଗଲା । ମାତ୍ର ସଦାବେଳେ ନଜରବନ୍ଦୀ ଅବସ୍ଥାରେ ସମୟ ଅତିବାହିତ କରିବାକୁ ପଡ଼ିଲା । ଏହା ସତ୍ତ୍ୱେ ସୁଭାଷ ନିଜର କାର୍ଯ୍ୟକଳାପରୁ ଆଦୌ ଓହରି ଯାଇନଥିଲେ । ୧୯୪୧ ମସିହା ଜାନୁଆରୀ ମାସ ୧୬ ତାରିଖରେ ଜିଆଉଦ୍ଦିନଙ୍କ ଛଦ୍ମବେଶରେ ସେ ଭାରତ ତ୍ୟାଗ କଲେ । ଆଫଗାନ୍‌ସ୍ଥାନ, କାବୁଲ ଆଦି ଦେଇ ସେ ପହଞ୍ଚିଲେ ଜର୍ମାନରେ । ଜର୍ମାନୀରେ ଏକଚ୍ଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ସହିତ ଯୋଗାଯୋଗ ରକ୍ଷାକରି ସେଠାରେ ବନ୍ଦୀ ରହିଥିବା ଭାରତୀୟ ସୈନ୍ୟଙ୍କୁ ମୁକ୍ତ କରି ଆଜାଦ୍ ହିନ୍ଦ୍ ଫୌଜ ଗଠନ କଲେ । ସିଙ୍ଗାପୁରରେ ଭାଷଣ ଦେବା ଅବସରରେ ସେଠାକାର ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ – 'ତୁମେ ମୋତେ ରକ୍ତ ଦିଅ– ମୁଁ ତୁମକୁ ସ୍ୱାଧୀନତା ଦେବି ।' ବିପ୍ଳବୀ ରାସବିହାରୀ ବସୁଙ୍କ ସହିତ ସାକ୍ଷାତ୍ ଦ୍ୱାରା ସୁଭାଷଙ୍କର ମନୋବଳ ବୃଦ୍ଧି ପାଇଥିଲା । ଜର୍ମାନୀରୁ ଜାପାନ ଆସିବା ପରେ ଜାପାନରୁ ସେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଲାଭ କଲେ । 'ଆଜାଦ୍ ହିନ୍ଦ୍ ଫୌଜ୍' ମାଧ୍ୟମରେ ସେ ସ୍ୱପ୍ନ ଦେଖିଲେ ସ୍ୱାଧୀନ ଭାରତର । ସିଙ୍ଗାପୁରଠାରେ ସେ ସ୍ୱାଧୀନ ଭାରତୀୟ ସରକାର ଗଠନ କଲେ । ଭାରତୀୟ ନାଗରିକମାନଙ୍କୁ ସାମ୍ରାଜ୍ୟବାଦୀ ଇଂରେଜ ଶାସକଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ସେ ଆହ୍ୱାନ କଲେ । 'ଆଜାଦ୍ ହିନ୍ଦ୍ ଫୌଜ୍'କୁ ସଙ୍ଗଠିତ କରି ସେ ଇଂରେଜ ଶାସକ ବିରୋଧରେ ପ୍ରତ୍ୟକ୍ଷ ସଂଗ୍ରାମ କରିବାକୁ ସ୍ଥିର କଲେ । ତାପରେ ସେ ଡାକ ଦେଲେ– 'ଦିଲ୍ଲୀ ଚଲୋ' । ସାହସ ଏବଂ ଧୈର୍ଯ୍ୟର ସହିତ ବର୍ମା ସୀମା ଅତିକ୍ରମ କରି ସୁଭାଷ ତାଙ୍କର 'ଆଜାଦ୍ ହିନ୍ଦ୍ ଫୌଜ୍'ଙ୍କୁ ନେଇ ଭାରତ ମାଟିରେ ପଦାର୍ପଣ କଲେ । କୋହିମା ଦଖଲ କରି ମଣିପୁରର ଇମ୍ଫାଇଠାରେ ଭାରତର ସ୍ୱାଧିନତା ପତାକା ଉଡ଼ାଇଲେ । ମାତ୍ର ହଠାତ୍ ଦୁର୍ଭାଗ୍ୟର ରାତ୍ରି ମାଡ଼ିଆସିଲା । ଜର୍ମାନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜିତ ହେଲା । ଜାପାନ 'ଆଜାଦ୍ ହିନ୍ଦ୍ ଫୌଜ୍'କୁ ଦେଉଥିବା ସାହାଯ୍ୟ ବନ୍ଦ କରିଦେଲା । ଇଂରେଜମାନେ ସୁଭାଷଙ୍କ ଦ୍ୱାରା ଅଧିକୃତ ହୋଇଥିବା ସ୍ଥାନଗୁଡ଼ିକୁ ପୁଣି କବଳିତ କରିନେଲେ । ବାଧ୍ୟ ହୋଇ ସେମାନେ ଫେରିଆସିଲେ । ସ୍ୱପ୍ନ ଅଧା ରହିଗଲା । ମାନସିକ ଯନ୍ତ୍ରଣାରେ ଛଟପଟ ହେଲେ ସୁଭାଷ । ସେ ତାଙ୍କର ବାମପନ୍ଥୀ ଚିନ୍ତାଧାରା ଯୋଗୁଁ ରୁଷ ଯାଇ ପୁଣି ସେଠାରେ ସୈନ୍ୟ ସଂଗ୍ରହ କରି ଇଂରେଜମାନଙ୍କ ସହିତ ଯୁଦ୍ଧ କରିବାକୁ ଯୋଜନା ପ୍ରସ୍ତୁତ କଲେ । ୧୯୪୫ ମସିହାରେ ରୁଷ ଯିବା ପାଇଁ ସୁଭାଷ ସାଇଗନ୍‌ଠାରେ ଉଡ଼ାଜାହାଜରେ ବସିଥିଲେ । ତାପର ଘଟଣା ଏବେ ବି ସଂଶୟାଚ୍ଛନ୍ନ ।

ମୃତ୍ୟୁ ସମ୍ପର୍କରେ ଧାରଣା: କେତେକ କୁହନ୍ତି ଉଡ଼ାଜାହାଜରେ ଯାତ୍ରା କରିବା ସମୟରେ ବାଟରେ ଦୁର୍ଘଟଣା ଘଟି ସୁଭାଷ ବୋଷ ମୃତ୍ୟୁବରଣ କରିଛନ୍ତି । ଅନ୍ୟ କେତେକ ତାଙ୍କର ମୃତ୍ୟୁ ଘଟଣାକୁ ଏପର୍ଯ୍ୟନ୍ତ ବିଶ୍ୱାସ କରିବାକୁ ରାଜି ନୁହନ୍ତି । ପ୍ରକୃତରେ ସୁଭାଷ ବୋଷ ମୃତ କି ଜୀବିତ ସେ ସମ୍ପର୍କୀୟ କୌଣସି ସତ୍ୟପୂର୍ଣ୍ଣ ତଥ୍ୟ ଏଯାବତ୍ ଉଦ୍ଧାର କରାଯାଇପାରି ନାହିଁ । ସେଥିପାଇଁ ଭାରତରେ ତାଙ୍କର ଜନ୍ମଜୟନ୍ତୀଟିକୁ ହିଁ ପାଳନ କରାଯାଉଛି । ତେବେ ସେ ମୃତ ହୁଅନ୍ତୁ କିମ୍ବା ଜୀବିତ ଥାଆନ୍ତୁ,ଭାରତ ମାଟିର ସେ ଏକ ଯୋଗ୍ୟ ଓ ବୀର ସନ୍ତାନ, ଏହା କଦାପି ଅସ୍ୱୀକାର କରାଯାଇ ନପାରେ । ଅନେକ ଚିନ୍ତାଶୀଳ ବ୍ୟକ୍ତି

ଟିପ୍ପଣୀ

ମତପ୍ରଦାନ କରି କହିଥାନ୍ତି, ଯଦି ଆଜାଦ୍ ହିନ୍ଦ୍ ଫୌଜର ସଂଗ୍ରାମ ଦ୍ୱାରା ଭାରତ ସ୍ୱାଧୀନତା ଲାଭ କରିଥାନ୍ତା, ତେବେ ହୁଏତ ଭାରତର ରୂପ ଅନ୍ୟପ୍ରକାର ହୋଇଥାଆନ୍ତା । ଦୁର୍ନୀତି, ଅତ୍ୟାଚାର ଓ କଳାବଜାରୀ ଯେପରି ଭାରତର ରାଜନୀତିକୁ କଳୁଷିତ କରୁଛି, ତାହା ହୁଏତ କରିପାରିନଥାନ୍ତା । ରାଜନୀତିକ ଭ୍ରଷ୍ଟାଚାର ଏବଂ ରାଜନୀତିକ ନେତାମାନଙ୍କର ଚରିତ୍ର ଏତେ ନିମ୍ନଗାମୀ ହୋଇପାରିନଥାନ୍ତା । ବର୍ତ୍ତମାନର ଭାରତ ସୁଭାଷବୋଷଙ୍କ ପରିକଳ୍ପିତ ଭାରତ ନୁହେଁ । ସୁବୁଠାରୁ ଦୁଃଖର ବିଷୟ ବର୍ତ୍ତମାନର ଭାରତକୁ ପ୍ରକୃତରେ କେହି ଚାହୁଁନଥିଲେ । ସ୍ୱପ୍ନ ଥିଲା ଅନ୍ୟ କିଛି, ମାତ୍ର ବାସ୍ତବତା ତାକୁ ପରିଣତ କଲା ଅନ୍ୟ କିଛିରେ ।

ଉପସଂହାର: ସୁଭାଷ ବୋଷ ବୋଧହୁଏ ଭାରତମାତାର ପ୍ରକୃତ ସୁଯୋଗ୍ୟ ସନ୍ତାନ । ମା'ର ସମ୍ମାନ ରକ୍ଷା କରିବାକୁ ଯାଇ ସେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିଥିଲେ । ସ୍ୱାଧୀନତାକୁ ଏକ ଦାନ ଭାବରେ ଗ୍ରହଣ କରିବାର ଆଦୌ ପକ୍ଷପାତୀ ନଥିଲେ । ତେଣୁ ସେ ଚାହୁଁଥିଲେ ସଂଗ୍ରାମ । ନିଜ ଅଧିକାରକୁ କେବଳ ସଂଗ୍ରାମ ଦ୍ୱାରା ହିଁ ହାସଲ କରାଯାଇପାରେ । ଦୁଃଖର ବିଷୟ, ସୁଭାଷ ବୋଷଙ୍କ ସ୍ୱପ୍ନ ଶେଷ ପର୍ଯ୍ୟନ୍ତ ସ୍ୱପ୍ନରେ ହିଁ ରହିଗଲା । ତାଙ୍କର ପ୍ରଦର୍ଶିତ ମାର୍ଗ ଅଧାରୁ ହିଁ ବନ୍ଦ ହୋଇଗଲା । ତାଙ୍କର ଆଦର୍ଶ, ବଳିଷ୍ଠ ବ୍ୟକ୍ତିତ୍ୱ, ଯାହା ଦିନେ ସମଗ୍ର ଇଂରେଜ ଜାତିଙ୍କ ମଧ୍ୟରେ ହୃତ୍‌କମ୍ପ ସୃଷ୍ଟି କରିପାରିଥିଲା, ବର୍ତ୍ତମାନର ଭାରତୀୟମାନେ ତାହାକୁ ଅନୁସରଣ ନ କରିବା ପରିତାପର ବିଷୟ । ଜନ୍ମ ଜୟନ୍ତୀର ଭାଷଣ କେବଳ ଲୋକ ଦେଖାଣିଆ । ଆମେ ତାଙ୍କୁ ପ୍ରକୃତରେ କେତେ ପରିମାଣରେ ଭଲପାଉ, ତାହା ଯଦି ଆମ କାର୍ଯ୍ୟରେ ପ୍ରତିଫଳିତ ହୋଇପାରନ୍ତା, ତେବେ ସୁଭାଷଙ୍କ ଉତ୍ତରଦାୟାଦ ଭାବରେ ଆମେ ନିଜକୁ ଗର୍ବ କରିପାରନ୍ତେ । ଦୁର୍ନୀତି, କଳାବଜାର, ଅତ୍ୟାଚାର, ପ୍ରିୟାପ୍ରୀତି ତୋଷଣ ଆଜି ଯେଉଁ ଭାରତର ଗତିକୁ ଅବରୋଧ କରିଛି ଏବଂ ଆମେ ଯେଉଁମାନେ ନିର୍ବିକାରରେ ତାହାକୁ ସହ୍ୟ କରିଯାଉଛୁ, ସେହି ଦୃଷ୍ଟିରୁ ସୁଭାଷଙ୍କ ପ୍ରକୃତ ଉତ୍ତରଦାୟାଦ ରୂପେ ନିଜକୁ ଦାବି କରିବାର କୌଣସି ନୈତିକ ଅଧିକାର ଆମର ନାହିଁ ।

●●●

୯

ଜାତୀୟ ସମସ୍ୟା ଭିତ୍ତିକ ପ୍ରବନ୍ଧ

ଭାରତ ହେଉଛି ଆମର ଜନ୍ମଭୂମି । ଏହାର ସମସ୍ୟା ସମଗ୍ର ଭାରତବାସୀଙ୍କୁ ପ୍ରଭାବିତ କରିଥାଏ । ସମସ୍ୟା ସୃଷ୍ଟି ହେଲେ ଭାରତର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ । ତେଣୁ ସେଥିପ୍ରତି ଛାତ୍ରଛାତ୍ରୀମାନେ ସଚେତନ ରହିଲେ ଭବିଷ୍ୟତରେ ଏପରି ସମସ୍ୟାର ସମାଧାନ କରିବାରେ ସେମାନେ ଅଂଶଗ୍ରହଣ କରିପାରିବେ । ଭାରତର ଯେକୌଣସି ସମସ୍ୟା ଏକ ଜାତୀୟ ସମସ୍ୟା । ଅନେକ ଜାତୀୟ ସମସ୍ୟାଭିତ୍ତିକ ପ୍ରବନ୍ଧ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି, ଯାହାକୁ ପାଠ କଲେ ଛାତ୍ରଛାତ୍ରୀମାନେ ଆମର ଜାତୀୟ ସମସ୍ୟା ସମ୍ପର୍କରେ ଅବଗତ ହେବେ ଏବଂ ଆଗାମୀ ଦିନରେ ଏହାର ପ୍ରତିକାର ପାଇଁ ଉଦ୍ୟମ କରିବେ ।

୯.୧ ଭାରତରେ ଶିଶୁ ଶ୍ରମିକ ସମସ୍ୟା

ଉପକ୍ରମ: ସମ୍ପ୍ରତି ବିଶ୍ୱରେ ଶିଶୁଶ୍ରମିକ ସମସ୍ୟା ଏକ ବିରାଟ ସମସ୍ୟା ହୋଇ ଦେଖା ଦେଇଛି । ଆଜିର ଶିଶୁ ଆସନ୍ତା କାଲିର ନାଗରିକ- ଏ ବିଷୟରେ ଆମେ ପ୍ରାୟ କେହି ସଚେତନ ନୋହୁଁ । ଆଜି ବିଶ୍ୱରେ କୋଟି କୋଟି ଶିଶୁ ଜୀବିକା ଓ ଜୀବନ ରକ୍ଷା ପାଇଁ ଅତୀବ କଠିନ କାର୍ଯ୍ୟରେ ନିୟୋଜିତ । ଶିଶୁ ଶ୍ରମିକଙ୍କର ଉଚ୍ଛେଦ ପାଇଁ ବହୁ ସଙ୍ଗଠନ ଗଠନ କରାଯାଇଛି, ସଭାସମିତିରେ ବିଭିନ୍ନ ଜ୍ଞାନୀ ଗୁଣୀ ବ୍ୟକ୍ତି ଉତ୍ତେଜନାପୂର୍ଣ୍ଣ ଓ ଅଶ୍ରୁଳ ଅଭିଭାଷଣମାନ ପ୍ରଦାନ କରୁଛନ୍ତି । ମାତ୍ର ଏପରି ଉତ୍କଟ ସମସ୍ୟାର ନିରାକରଣ ନିମିତ୍ତ କେହି ଆନ୍ତରିକତାର ସହ ପ୍ରଯତ୍ନ କରୁ ନାହାନ୍ତି । ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହା ଏକ ଚାଲେଞ୍ଜ ହୋଇ ଦେଖା ଦେଇଛି । ଯେଉଁ ସମୟରେ ଶିଶୁଟି ହାତରେ ବହି ବ୍ୟାଗ୍ ଧରି ସ୍କୁଲକୁ ଯିବା କଥା, ପିତାମାତାଙ୍କ ଆଦରଯତ୍ନରେ ସମୟ ଅତିବାହିତ କରିବା କଥା; ଅଥଚ ସେହି ବୟସରେ ବହୁ ଶିଶୁ ବିଭିନ୍ନ କଠିନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି; ସେମାନଙ୍କ ସ୍ୱଳ୍ପ ଆୟ ପିତାମାତାଙ୍କ ହାତରେ ଧରାଇ ଦେଉଛନ୍ତି । ଭାରତରେ ଏହି ଶିଶୁଶ୍ରମିକ ସମସ୍ୟା ଅତ୍ୟନ୍ତ ଉତ୍କଟ । ଏହାର ନିରାକରଣ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଥିଲେ ହେଁ, ତାହା ଯଥାଯଥ ରୂପେ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ପ୍ରତିବର୍ଷ ଭାରତରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଦୁଃଖର ବିଷୟ ଏକ ଗଣତନ୍ତ୍ର ରାଷ୍ଟ୍ରରେ ଶିଶୁ ତା'ର ଯଥାର୍ଥ ଅଧିକାର ଲାଭ କରିବାକୁ ଅସମର୍ଥ । ସମଗ୍ର ମାନବସମାଜ ପାଇଁ ଏହା ଯେ ଏକ ଘୋର ଲଜ୍ଜାକର ଓ ସମ୍ମାନହାନିକର ବିଷୟ, ଏଥିରେ ଦ୍ୱିରୁକ୍ତି ନାହିଁ ।

ଶିଶୁ ଶ୍ରମିକର କାରଣ: ଭାରତର ବହୁ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବାରୁ ଶିଶୁଟିଏ ଜନ୍ମ ହେବା ପରେ ସେମାନଙ୍କର ଉପଯୁକ୍ତ ତତ୍ତ୍ୱ ନେବାପାଇଁ ସେମାନଙ୍କ ନିକଟରେ ଆବଶ୍ୟକୀୟ ସମ୍ବଳର ଅଭାବ ଦେଖାଯାଇଥାଏ ।ଏପରିକି ସାମାନ୍ୟ ପୁଷ୍ଟିକର ଖାଦ୍ୟ ଦେବାକୁ ସେମାନେ ଅସମର୍ଥ ହୋଇଥାନ୍ତି । ଏହି ଶିଶୁ ବାଲ୍ୟକାଳ କ'ଣ ଜାଣନ୍ତି ନାହିଁ । ପିଲାଟି ଦିନରୁ ବିଭିନ୍ନ କଳକାରଖାନା, ଦୋକାନ, ହୋଟେଲ, ବିଭିନ୍ନ ବ୍ୟକ୍ତିଙ୍କ ଗୃହରେ, ଚା'ବଗିଚା ତଥା ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି

ନିଜର ପରିବାରକୁ ଆର୍ଥିକ ସାହାଯ୍ୟ କରିଥାନ୍ତି । ପୁଣି କେତେକ ନିର୍ମମ ପିତା ଛୋଟ ଛୋଟ ଶିଶୁମାନଙ୍କ ଶ୍ରମିକ ଭାବରେ ଅର୍ଥ ଲାଭ ଆଶାରେ ବିକ୍ରି କରି ଦେଉଛନ୍ତି । ସାମାନ୍ୟ ଖାଦ୍ୟାଭାବରୁ ଭାରତରେ ପୃଷ୍ଟିହୀନ ଶିଶୁମାନଙ୍କର ସଂଖ୍ୟା ବଢ଼ିଚାଲିଛି । ବର୍ତ୍ତମାନ ଆମ ଦେଶରେ ଏହି ପୃଷ୍ଟିହୀନ ଶିଶୁଙ୍କ ସଂଖ୍ୟା ସାତକୋଟିରୁ ଅଧିକ ବୋଲି ଗଣନା କରାଯାଇଛି । ଶିଳ୍ପପତି ଏବଂ ଶିଶୁର ପିତାମାତା କେହି ଶିଶୁର ପ୍ରକୃତ ଯତ୍ନ ନେଇ ନଥାନ୍ତି । ପିତାମାତା କିଛି ଅର୍ଥ ଆଶାରେ ଶିଶୁମାନଙ୍କୁ ବିପଜ୍ଜନକ କଳକାରଖାନାରେ କାମ କରିବାକୁ ଛାଡ଼ି ଦିଅନ୍ତି । ଶିଶୁଙ୍କର ମଜୁରି କମ୍ ହୋଇଥିବାରୁ ଏବଂ ଅଳ୍ପ ଖର୍ଚ୍ଚରେ ଜିନିଷପତ୍ର ତିଆରି ହୋଇ ପାରୁଥିବାରୁ ଶିଳ୍ପପତିମାନେ ଆଗ୍ରହରେ ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ତୃତୀୟ ବିଶ୍ୱରେ ଶିଶୁ ଶ୍ରମିକଙ୍କର ନିର୍ଯାତନାର କାହାଣୀ ଯେ କୌଣସି ସମାଜ ସଚେତନ ବ୍ୟକ୍ତିଙ୍କୁ ବ୍ୟଥିତ କରିବ ନିଶ୍ଚୟ । ମେଦିନୀପୁର ଜିଲ୍ଲାର ଚା'ବଗିଚାରେ କାର୍ଯ୍ୟ କରୁଥିବା ଶିଶୁଶ୍ରମିକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ବିଷୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଚା'ବଗିଚାର ଛୋଟ ଛୋଟ ଚା'ଗଛରୁ ପୋକ ବାଛିବାକୁ ଶିଶୁମାନଙ୍କୁ ନିଯୁକ୍ତି କରାଯାଇଥାଏ । ସେହି ପୋକମାନଙ୍କ ଶରୀରରୁ ନିର୍ଗତ ବିଷାକ୍ତ ରସ ଶିଶୁମାନଙ୍କ ଦେହରେ ଲାଗିବାଦ୍ୱାରା ଘା'ହୋଇ ସେମାନେ ଅକଥନୀୟ କଷ୍ଟ ପାଇଥାନ୍ତି । ଦିଆସିଲି, ବାଣ ଆଦି କାରଖାନାରେ କର୍ତ୍ତବ୍ୟରତ ବହୁ ଶିଶୁ ଅକାଳରେ ପ୍ରାଣ ବିସର୍ଜନ କରିଥାନ୍ତି; ଅଥଚ ସେମାନଙ୍କ ସୁରକ୍ଷା ନିମିତ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଏ ନାହିଁ । ତୃତୀୟ ବିଶ୍ୱରେ ଭାରତରେ ଶିଶୁଶ୍ରମିକଙ୍କର ସଂଖ୍ୟା ସର୍ବାଧିକ । ଅଥଚ ଏଥିପାଇଁ ଭାରତରେ କେହି ମୁଣ୍ଡ ଖେଳାନ୍ତି ନାହିଁ କିମ୍ବା ସେମାନଙ୍କ ସମସ୍ୟାର ସମାଧାନ ନିମିତ୍ତ କୌଣସି କ୍ଷେତ୍ରରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ ।

ସମସ୍ୟା : ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪କୁ ଭାରତରେ ଶିଶୁଦିବସ ରୂପେ ପାଳନ କରାଯାଇଥାଏ । ଶିଶୁମାନଙ୍କୁ ସେ ଜୀବନଠାରୁ ଅଧିକ ଭଲ ପାଉଥିଲେ । ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମିତ୍ତ ସେ ଯଥେଷ୍ଟ ଧ୍ୟାନ ଦେଇଥିଲେ । ଭାରତୀୟ ସମ୍ବିଧାନର ପ୍ରଣୟନ ସମୟରେ ଶିଶୁମାନଙ୍କର ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । ସମ୍ବିଧାନ ୧୫(୩) ଧାରାରେ ଶିଶୁ ଏବଂ ମହିଳାମାନଙ୍କ ପାଇଁ ଉପଯୁକ୍ତ ଧ୍ୟାନ ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ସମ୍ବିଧାନର ୨୪ ଧାରାରେ ୧୪ ବର୍ଷରୁ କମ୍ କୌଣସି ଶିଶୁଙ୍କୁ କାରଖାନା, ଖଣିଖାଦାନ କିମ୍ବା ବିପଦସଙ୍କୁଳ ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି । ସମ୍ବିଧାନର ୩୯ (ଙ) ଧାରାରେ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ସଂସ୍ଥାରେ କାର୍ଯ୍ୟ କରିବାକୁ ନ ଦେବା ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ବିଧାନର ୪୫ ଧାରାରେ ପ୍ରତ୍ୟେକ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହାର ବହୁ ବ୍ୟତିକ୍ରମ ଘଟୁଛି । ନିକଟ ଅତୀତର International Labour Organisation (ଆନ୍ତର୍ଜାତିକ ଶ୍ରମସଂସ୍ଥା)ର ଏକ ସମୀକ୍ଷା ବିବରଣୀରୁ ପୃଥିବୀର ସର୍ବାଧିକ ଶିଶୁଶ୍ରମିକ ଭାରତର ବୋଲି ଜଣାଯାଇଛି । ସରକାରୀ ହିସାବ ୧୬.୫% ମିଲିୟନ ବୋଲି କୁହାଯାଇଥିଲେ ହେଁ ବେସରକାରୀ ହିସାବ ଅନୁଯାୟୀ ଏହା ସଂଖ୍ୟା ଆହୁରି ଅଧିକ । ୧୯୮୫ ମସିହାରେ ବରୋଦାର ଏକ ଗବେଷଣା ସଂସ୍ଥା ଭାରତର ୮୪ ମିଲିୟନ ଶିଶୁଶ୍ରମିକ ଅଛନ୍ତି ବୋଲି ମତପ୍ରଦାନ କରିଥିଲେ । ୧୯୫୧ ଜନଗଣନା ଅନୁଯାୟୀ ଭାରତରେ ସର୍ବମୋଟ ଶିଶୁ ସଂଖ୍ୟାର ୫.୫% ଭାଗ ଶ୍ରମିକ ବୋଲି କୁହାଯାଇଥିଲା ।

ଭାରତର ପ୍ରାୟ ୬୦ ନିୟୁତ ଶିଶୁ ଶ୍ରମିକ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ବୋଲି ଆନ୍ତର୍ଜାତିକ ଶ୍ରମିକ ସଙ୍ଗଠନର ବିବରଣୀରୁ ପ୍ରକାଶ । ଶିଶୁ ଶ୍ରମିକମାନଙ୍କର ଉଚ୍ଛେଦ ନିମିତ୍ତ ବିଭିନ୍ନ ସଙ୍ଗଠନ ଗଠନ କରାଯାଇଛି, ଭିନ୍ନ ଭିନ୍ନ କର୍ମଶାଳାରେ ଏ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରାଯାଉଛି, ଆଇନ ପ୍ରଣୟନ କରାଯାଇଛି, ଶ୍ରମବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି; ମାତ୍ର ଭାରତବର୍ଷରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛନ୍ତି । ୧୯୯୬ ମସିହାରେ ୟୁନିସେଫ ଦ୍ୱାରା ଶିଶୁଶ୍ରମିକଙ୍କ ଉପରେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରୁ ଜଣାଯାଏ, ସମଗ୍ର ବିଶ୍ୱରେ ପ୍ରାୟ ୨୫ କୋଟି ଶିଶୁଶ୍ରମିକ କାର୍ଯ୍ୟରତ । ତନ୍ମଧ୍ୟରୁ ଏକ ତୃତୀୟାଂଶ ଶିଶୁଶ୍ରମିକ ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ । ଭାରତବର୍ଷରେ ଶିଶୁଶ୍ରମିକ ରୂପେ କାର୍ଯ୍ୟ କରୁଥିବା ଶିଶୁଙ୍କ ମଧ୍ୟରୁ ଶତକଡ଼ା ୯୦ ଭାଗ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ବିହାର, ଗୁଜୁରାଟ, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ କାର୍ଯ୍ୟରତ । ଭାରତରେ ଶତକଡ଼ା ୮୫ ଭାଗ ଶିଶୁ ଶ୍ରମିକ ଗ୍ରାମାଞ୍ଚଳରେ ବିଭିନ୍ନ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ଅବଶିଷ୍ଟ ଶିଶୁଶ୍ରମିକ ସହରର ବିଭିନ୍ନ ଶିଳ୍ପସଂସ୍ଥା, ଗୋତିଶ୍ରମିକ ବା ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି । ଭାରତର ଶିଶୁଶ୍ରମିକ ବିଭିନ୍ନ ପ୍ରତିକୂଳ ଅବସ୍ଥା ଦେଇ ଗତି କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥାଏ । ନିମ୍ନମାନର ପରିବେଶ, କଠିନ ପରିଶ୍ରମ, ଛୁଟିହୀନ କାର୍ଯ୍ୟ, ସୁଷମ ଖାଦ୍ୟର ଅଭାବ, ଅଶାନ୍ତିମୟ ଜୀବନଯାପନ ଯୋଗୁଁ ଭାରତରେ ଶିଶୁଶ୍ରମିକ ଅକାଳରେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ନିକଟରେ ଆମେରିକାର ପ୍ରତିନିଧିସଭା ଘୋଷଣା କରିଛି, ଭାରତର ଶିଶୁଶ୍ରମିକମାନଙ୍କଦ୍ୱାରା ନିର୍ମିତ ସାମଗ୍ରୀ ସେମାନେ ଆମଦାନୀ କରିବେ ନାହିଁ । ଭାରତରୁ ପ୍ରାୟ ପ୍ରତିବର୍ଷ ୧୦କୋଟି ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ଶିଶୁମାନଙ୍କଦ୍ୱାରା ନିର୍ମିତ ହୋଇ ଆମେରିକାକୁ ପଠାଯାଇଥାଏ । ଆମେରିକାର ସତର୍କବାଣୀ ସତ୍ତ୍ୱେ ଭାରତରେ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହୋଇ ନାହିଁ । ସମଗ୍ର ମାନବଜାତି ନିମିତ୍ତ ଏହା ନିଶ୍ଚିତ ରୂପେ ପରିତାପର ବିଷୟ ।

ବିଶ୍ୱରେ ଶିଶୁଶ୍ରମିକ: କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଜି ଶିଶୁଶ୍ରମିକ ଏକ ବିରାଟ ସମସ୍ୟା ହୋଇ ଦେଖାଦେଇଛି । ୧୯୯୩ ମସିହା ଫେବୃୟାରୀ ମାସରେ ରାଷ୍ଟ୍ର ସଂଘର ମାନବାଧିକାର କମିଶନ ଓ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମିଳିତ ଉଦ୍ୟମରେ ପୃଥିବୀରେ ଶିଶୁଶ୍ରମିକଙ୍କ ଉପରେ ଗବେଷଣା କରାଯାଇ ତଥ୍ୟପ୍ରକାଶ କରାଯାଇଥିଲା ଯେ, ବିଶ୍ୱରେ ପ୍ରାୟ ୨୦ କୋଟି ଶିଶୁ ଶୋଷଣର ଶିକାର ହୋଇଥାନ୍ତି । ଏହି ଶିକାରର ରୂପ ପୁଣି ଅତୀବ ବେଦନାଦାୟକ । ଏମାନଙ୍କ ମଧ୍ୟରୁ କେତେକ ଶ୍ରମିକ ସମ୍ପୂର୍ଣ୍ଣ ବିକ୍ରି ହୋଇଯାଇଥାନ୍ତି ତ ଅନ୍ୟ କେତେକ ବିଭିନ୍ନ ନିର୍ଯ୍ୟାତନା ମଧ୍ୟରେ ଜୀବନ ଅତିବାହିତ କରିଥାନ୍ତି । ଏହି ୨୦କୋଟି ଶିଶୁଙ୍କ ମଧ୍ୟରୁ ଅଧାରୁ ଅଧିକ ସ୍କୁଲ ଦ୍ୱର ପର୍ଯ୍ୟନ୍ତ ଦେଖିନଥାନ୍ତି । ଶିଶୁଶ୍ରମିକ ପ୍ରଥାର ଉଚ୍ଛେଦ ନିମିତ୍ତ ଭାରତ ଏବଂ ଅନ୍ୟ ୪୦ଟି ରାଷ୍ଟ୍ର ନରୱେର ଓସ୍ତଲୋଠାରେ ଆନ୍ତର୍ଜାତିକ ଶିଶୁ ସମ୍ମିଳନୀରେ ଯୋଗ ଦେଇ ବିଭିନ୍ନ ଆଲୋଚନା କରିଥିଲେ । ସେଠାରେ ଶିଶୁଶ୍ରମିକ ପ୍ରଥା ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଘୋଷିତ ହୋଇଥିଲେହେଁ, ଏହାର ବିଶେଷ କିଛି ପ୍ରଭାବ ବିଶ୍ୱ ଉପରେ ପଡ଼ିଛି ବୋଲି ମନେ ହୁଏନା । ୧୯୪୨ରେ ମଧ୍ୟ ରାଷ୍ଟ୍ରସଂଘର ଜେନିଭା ସନନ୍ଦ ଶିଶୁମାନଙ୍କର ବିଶେଷ ଯତ୍ନବାନ ବୋଲି ଘୋଷଣା କରିଥିଲା । ଏଥିରେ ଯେଉଁ ବିଶିଷ୍ଟ ୧୦ଟି ନୀତି ରହିଥିଲା, ତାକୁ କାର୍ଯ୍ୟ କରିବା ନିମିତ୍ତ ସଦସ୍ୟ ରାଷ୍ଟ୍ରମାନଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଶିଶୁମାନେ ଯେପରି ଅବହେଳିତ ନ ହୁଅନ୍ତି, ବିପଥଗାମୀ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଏଥିରେ ପ୍ରସ୍ତାବ

ରହିଥିଲା । ମାତ୍ର କାର୍ଯ୍ୟକ୍ଷେତ୍ରରେ ତାହା ଦେଖା ନଯିବାରୁ ୧୯୯୦ ମସିହା ସେପ୍ଟେମ୍ବର ମାସରେ ପୃଥିବୀରେ ୭୧ଟି ରାଷ୍ଟ୍ରମୁଖ୍ୟ ମିଳିତ ହୋଇ ଏକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ ଆଉ କୌଣସି ଶିଶୁଙ୍କୁ ଅବହେଳା କରାଯିବ ନାହିଁ । ୨୦୦୦ ମସିହା ମଧ୍ୟରେ ପୃଥିବୀରୁ ସମ୍ପୂର୍ଣ୍ଣରୂପେ ଶିଶୁ ମୃତ୍ୟୁକୁ ବିଲୋପ କରାଯିବା ପାଇଁ ଚେଷ୍ଟା କରାଯିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କୁ ଆଦୌ ଅପୁଷ୍ଟିକର ଖାଦ୍ୟ ନ ଦିଆଯିବାର ପ୍ରସ୍ତାବ ଗୃହୀତ ହେଲା । ମାତ୍ର ୧୯୯୭ ମସିହା ଜୁନ୍ ମାସର ରିପୋର୍ଟରୁ ଯାହା ଜଣାଯାଏ, ଏହି ଲକ୍ଷ୍ୟ ସମ୍ପୂର୍ଣ୍ଣ ସୁଦୂରପରାହତ ।ବିଶ୍ୱସ୍ତରରେ ଶିଶୁମାନଙ୍କର ଅଧିକାର ସୁରକ୍ଷା ନିମିତ୍ତ ବହୁ ଆଲୋଚନାଚକ୍ର ଅନୁଷ୍ଠିତ ହେଲେହେଁ ଉପଯୁକ୍ତ ସଦିଚ୍ଛା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ ।

ମାନବବାଦୀ ଚିନ୍ତାଧାରାର ଅବକ୍ଷୟ: ବାସ୍ତବରେ ଦେଖିବାକୁ ଗଲେ ମାନବବାଦୀ ଚିନ୍ତାଧାରାର ଅବକ୍ଷୟ ଯୋଗୁଁ ହିଁ ଆଜି ଶିଶୁମାନେ ଏପରି ଅସହାୟ ଓ ଅବହେଳିତ । ଛୋଟ ଛୋଟ ଝିଅପିଲାମାନଙ୍କୁ ନିଜ ଘରେ କାମ କରାଇବାକୁ ଯେଉଁ ବିଶିଷ୍ଟ ବ୍ୟକ୍ତିଗଣ ଆଗ୍ରହ ପ୍ରକାଶ କରିଥାନ୍ତି, ସେମାନେ କେବେ ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି କି ? ହିସାବରୁ ଜଣାଯାଏ ପ୍ରାୟ ୪୦% ଶିଶୁ ବାଳିକା ଦାରିଦ୍ର୍ୟର ଶିକାର ହୋଇ ଏହି ପେଷାକୁ ଆଦରି ନେଇଥାନ୍ତି । ଅନେକ ସମୟରେ କାର୍ଯ୍ୟରତ ଏହି ଶିଶୁ ବାଳିକା ଯୌନ ନିର୍ଯ୍ୟାତନାର ଶିକାର ହେଉଥିବାର ଖବର ମଧ୍ୟ ମିଳିଥାଏ ।ଅନ୍ୟ ଏକ ଦୁଃଖଦ ଘଟଣା ହେଉଛି ପ୍ରାୟ ପ୍ରତିବର୍ଷ ୧୦ଲକ୍ଷ ବାଳିକାଙ୍କୁ ପ୍ରଲୁବ୍ଧ କରି ବେଶ୍ୟାବୃତ୍ତି ବ୍ୟବସାୟରେ ଲଗାଯାଇଥାଏ । ଅନ୍ୟ କେତେକ ବିପଜ୍ଜନକ କାର୍ଯ୍ୟରେ ଶିଶୁ ବାଳିକାମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଥାଏ । ତାମିଲନାଡୁର ଶିବକାଶୀଠାରେ ବାଣ ତିଆରି କାର୍ଯ୍ୟରେ ମଧ୍ୟ ହଜାର ହଜାର କନ୍ୟାଶିଶୁ କର୍ତ୍ତବ୍ୟରତ । ବାଳକ ଶିଶୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ନିଜର ଏବଂ ପରିବାରର ଭରଣପୋଷଣ କରିଥାନ୍ତି । ଓଡ଼ିଶାରେ ପ୍ରାୟ ୬୫ ହଜାର ଶିଶୁ ଶ୍ରମିକ କେନ୍ଦୁପତ୍ରତୋଳିବା କାର୍ଯ୍ୟରେ ଓ ୬୦ହଜାର ଶିଶୁ ଶ୍ରମିକ ବିଡ଼ି ତିଆରି କାର୍ଯ୍ୟରେ ନିୟୋଜିତ । ବ୍ୟବସାୟୀ ଶିଳ୍ପପତି ଅଧିକ ଲାଭ ଆଶାରେ କମ୍ ମଜୁରିରେ ଶିଶୁମାନଙ୍କୁ ନିଜ ବ୍ୟବସାୟ ବା ଶିଳ୍ପରେ କାର୍ଯ୍ୟ ଯୋଗାଇ ଦେଇଥାନ୍ତି । କେତେକ ଗରିବ ପିତାମାତା ନିଜର ଋଣ ପରିଶୋଧ କରି ନପାରି ପିଲାମାନଙ୍କୁ ଗୋତି ଶ୍ରମିକ ରୂପେ ମାଲିକମାନଙ୍କ ନିକଟରେ ସମର୍ପି ଦେଇଥାନ୍ତି ।ଭାରତରେ ପ୍ରାୟ ୧୪ନିୟୁତ ଏହି ପ୍ରକାର ଗୋତି ଶ୍ରମିକ ରହିଛନ୍ତି । କୃଷି କ୍ଷେତ୍ରରେ କାର୍ଯ୍ୟରତ ୬୪% ଭାଗ ହେଉଛନ୍ତି ଏହିପ୍ରକାର ଗୋତି ଶ୍ରମିକ । ଅନ୍ୟ ଏକ ଚାଞ୍ଚଲ୍ୟକର ଘଟଣା ହେଉଛି ଏବେ ମଧ୍ୟ ଭାରତର ବହୁ ଶିଶୁଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଆରବ ରାଷ୍ଟ୍ରରେ ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ ବିକ୍ରୟ କରାଯାଉଛି । ଶିଶୁଶ୍ରମିକ ନିୟନ୍ତ୍ରଣ କେତେକ ଅମାନବିକ ବ୍ୟକ୍ତିଙ୍କର ଏହି କାର୍ଯ୍ୟକଳାପ ରୋକିବାକୁ ସମର୍ଥ ହୋଇପାରି ନାହିଁ । ମାନବବାଦୀ ଚିନ୍ତାଧାରାର ଅବକ୍ଷୟ ଓ ମୂଲ୍ୟବୋଧରେ ସଙ୍କଟ ଯୋଗୁଁ ଆଜି ଭାରତରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବ୍ୟବସାୟୀ, ଶିଳ୍ପପତି, ମାଲିକ ଆଦି ନିଜର ବ୍ୟକ୍ତିଗତ ସ୍ୱାର୍ଥର ଚରିତାର୍ଥ ନିମିତ୍ତ ଶିଶୁଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶୋଷଣ କରୁଛନ୍ତି । ଭାରତରେ ମାନବବାଦର ଅଭିବୃଦ୍ଧି ଓ ଶିଶୁମାନଙ୍କ ନିମିତ୍ତ ଆନ୍ତରିକତା ବୃଦ୍ଧି ନ ପାଇଲେ ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ ବୋଲି ବିଶ୍ୱାସ ।

ଶିଶୁଶ୍ରମିକ ନିରାକରଣ ଉପାୟ: ଶିଶୁଶ୍ରମିକଙ୍କର ନିରାକରଣ ପାଇଁ ସରକାରୀ ସ୍ତରରେ ପ୍ରଯତ୍ନ ହେବା ବାଞ୍ଛନୀୟ । ମୁଖ୍ୟତଃ ଦିନମଜୁରିଆ ପରିବାରର ଶିଶୁମାନେ ଶ୍ରମିକ ରୂପେ କାର୍ଯ୍ୟ କରିଥାନ୍ତି ।

ଯଦି ରାଷ୍ଟ୍ର ସେହି ପରିବାରର ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରନ୍ତା, ହୁଏତ ଏପରି ଏକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କ୍ଷୀଣ ହୋଇପାରନ୍ତା । ଭୂମିହୀନ ଲୋକଙ୍କୁ ଭୂମି ଯୋଗାଇଦେଲେ ଏବଂ ଦୈନିକ ମଜୁରିଆଙ୍କୁ ପ୍ରତ୍ୟହ କାର୍ଯ୍ୟ ଯୋଗାଇଦେଇପାରିଲେ ବହୁପ୍ରତିଭାବାନ୍ ଶିଶୁ ଅକାଳରେ ସେମାନଙ୍କ ପ୍ରତିଭାକୁ ନଷ୍ଟ କରନ୍ତେ ନାହିଁ । ତେଣୁ ସରକାର ପ୍ରଥମେ ସେହି ଶିଶୁ ଶ୍ରମିକ ପରିବାରର ଆର୍ଥିକ ଦିଗକୁ ସମୃଦ୍ଧି କରିବା ଦିଗରେ ଯତ୍ନବାନ୍ ହେବା ଉଚିତ । ଶିଶୁଶ୍ରମିକଙ୍କ ନିମିତ୍ତ ପ୍ରଣୟନ କରାଯାଉଥିବା ଆଇନ୍‌କୁ ମଧ୍ୟ କଡ଼ାକଡ଼ି ପାଳନ କରାଯିବା ଉଚିତ । ଏହାଦ୍ୱାରା ଶିଶୁଶ୍ରମିକମାନଙ୍କ ମଧ୍ୟରେ ଲୁକ୍‌କାୟିତ ଥିବା ଅର୍ନ୍ତନିହିତ ପ୍ରତିଭାକୁ ସୁରକ୍ଷା କରାଯାଇପାରିବ । କିଏ କହିପାରିବ ଏହି ଶିଶୁଶ୍ରମିକମାନଙ୍କ ମଧ୍ୟରେ ନଥିବେ ଶିଶୁ ଅଭିନେତ୍ରୀ ଶ୍ୟାମଲି, ଶିଶୁ ବଂଶୀବାଦକ ଏସ୍.ଶଶାଙ୍କ, ଶିଶୁ ସଙ୍ଗୀତ ନିର୍ଦ୍ଦେଶକ ଏମ୍.ଶ୍ରୀ ଓଲିଆ, ଶିଶୁ ଆର୍କିଟେକ୍ଟ ରୂପା ବସୁ, ଶିଶୁ କରାଟେ ମାଷ୍ଟର ମିହିର ପାଣ୍ଡେ, ଶିଶୁ ଫଟୋଗ୍ରାଫର ଶ୍ରୀବସ୍ତୀ ଜୈନ ଇତ୍ୟାଦି । ସେମାନଙ୍କ ପ୍ରତିଭାର ବିକାଶ ନିମିତ୍ତ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇପାରିଲେ ଅକାଳରେ ଝଡ଼ି ପଡୁଥିବା ବହୁ ପ୍ରତିଭାଧର ଶିଶୁ ଶ୍ରମିକଙ୍କ ପ୍ରତିଭା ବିଶ୍ୱସ୍ତରରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିପାରନ୍ତା ।

ଉପସଂହାର: ଶିଶୁ ସୁବର୍ଣ୍ଣଯୁଗର ନିର୍ମାତା । ସେମାନେ ଆସନ୍ତାକାଲିର ମନୋରମ ସକାଳ । ସମାଜ, ରାଷ୍ଟ୍ର ଓ ଏମାନଙ୍କ ମିଳିତ ଉଦ୍ୟମରେ ଆଜିର ଶିଶୁ ଆସନ୍ତାକାଲିର ସୁନାର ଭାରତ ଗଠନ କରିବାକୁ ସମର୍ଥ ହୋଇପାରିବ । ଏଥି ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । କାରଣ ଇଂରାଜୀରେ କୁହାଯାଇଛି Where children are there is the golden age, ମହାତ୍ମା ଗାନ୍ଧି ସେଥିପାଇଁ କହିଥିଲେ– ଶିଶୁ ହସିଲେ ଦୁନିଆ ହସେ । ତା'ର ହସରେ ଉଙ୍କିମାରେ ଦେଶର ଆଗାମୀ ଭବିଷ୍ୟତ । ଏହି ଭବିଷ୍ୟତ ଭାରତର ରକ୍ଷା ପାଇଁ ଆଜି ସମସ୍ତ ଭାରତୀୟ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ସେମାନଙ୍କ ପ୍ରତିଭାକୁ ଅକାଳରେ ନଷ୍ଟ ହେବାକୁ ନଦେଇ, ତା'ର ଉପଯୁକ୍ତ ସୁରକ୍ଷା ପାଇଁ ଆଜିଠାରୁ ଆସନ୍ତୁ ଆମେ ସଚେତନ ହେବା ।

●●●

୯.୭ ଭାରତରେ ଦରଦାମ ବୃଦ୍ଧି ଓ ଜାତୀୟ ସମସ୍ୟା

ଉପକ୍ରମ: ସଂପ୍ରତି ଭାରତର ଦରଦାମ ବୃଦ୍ଧି ଆକଶଛୁଆଁ ହୋଇଯାଇଛି । ପ୍ରତି ବର୍ଷ ଏହା କଳ୍ପନାତୀତ ଭାବରେ ବୃଦ୍ଧି ପାଇବାକୁ ଲାଗିଛି । ଖଟିଖିଆ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପାଇଁ ଆଜି ଏହା ଏକ ମୁଣ୍ଡବ୍ୟଥାରେ ପରିଣତ ହୋଇଛି । ଖାଦ୍ୟ, ବାସଗୃହ, ବସ୍ତ୍ର ଏହି ତିନୋଟି ଅପରିହାର୍ଯ୍ୟ ପଦାର୍ଥ ମଣିଷର ବଞ୍ଚିବା ପାଇଁ ନିତାନ୍ତ ଆବଶ୍ୟକ । ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକ ଯେପରି ଭାବରେ ବୃଦ୍ଧି ପାଇବାରେ ଲାଗିଛି, ସମାଜର ସାଧାରଣ ବ୍ୟକ୍ତିବିଶେଷ ବିଭିନ୍ନ ସଙ୍କଟର ସମ୍ମୁଖୀନ ହେବା ସ୍ୱାଭାବିକ । ଏକ ଗଣତନ୍ତ୍ର ଦେଶରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଖାଦ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବା ଉଚିତ । ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ବିଚାରାଲୋଚନା କଲେ, ନିକଟ ଭବିଷ୍ୟତରେ ଏହାର ଯେକୌଣସି ସନ୍ତୋଷଜନକ ସମାଧାନ ହୋଇପାରିବ, ତା'ର ଆଶା ନାହିଁ । ଖଟିଖିଆ ଶ୍ରେଣୀରେ ବ୍ୟକ୍ତି, କୃଷକ ଓ ନିର୍ଦ୍ଦିଷ୍ଟ ଦରମା ଉପରେ ନିର୍ଭର କରୁଥିବା ଚାକିରିଜୀବୀ ଦରଦାମ୍ ବୃଦ୍ଧି ଫଳରେ ବିଭିନ୍ନ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆବଶ୍ୟକୀୟ ଔଷଧପତ୍ରର ଦାମ୍ ମଧ୍ୟ ହୁ ହୁ ବୃଦ୍ଧି ପାଉଛି । ସାଧାରଣ ଜନଜୀବନ ଉପରେ ଏହି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକର ଦରବୃଦ୍ଧି ପ୍ରଭାବ ପକାଉଛି । ସମାଜରେ ବଞ୍ଚିବାର ଅଧିକାର ସେମାନଙ୍କର ଅଛି କି ନାହିଁ, ସେ ସମ୍ପର୍କରେ ସେମାନେ ଆଜି ସନ୍ଦିହାନ । ଦରଦାମ ବୃଦ୍ଧିକୁ ରୋକିବା ନିମିତ୍ତ ଗ୍ରହଣ କରାଯାଉଥିବା ପଦକ୍ଷେପ ଆଦୌ ଆଶଜନକ ନୁହେଁ । ଏପରି ପରିସ୍ଥିତିରେ ଭାରତର ଚିନ୍ତାଶୀଳ ବ୍ୟକ୍ତି ଗଭୀର ଚିନ୍ତା ପ୍ରକଟ କରିସାରିଲେଣି । ଏହି କାରଣରୁ ଆଜି ଆମର ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ଜୀବନ ପଙ୍ଗୁ ହେବାକୁ ବସିଲାଣି । ଆଜିଠାରୁ ସବୁସ୍ତରରେ ଉଦ୍ୟମ ଜାରି ନ ରହିଲେ ଓ ସମୟୋଚିତ ପଦକ୍ଷେପ ଗ୍ରହଣ କରାଯାଇ ନ ପାରିଲେ, ଭାରତର ଭବିଷ୍ୟତ ଯେ ଅନ୍ଧକାର ହୋଇଉଠିବ; ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଦରଦାମ ବୃଦ୍ଧି ଓ ଆର୍ଥିକ ସମସ୍ୟା: ଦରଦାମ୍ ବୃଦ୍ଧି ଫଳରେ ଭାରତ ଯେଉଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି, ତାକୁ ନିକଟ ଭବିଷ୍ୟତରେ ଭରଣା କରିବା ଅସମ୍ଭବ ହୋଇପଡ଼ିବ । ମୁଦ୍ରାସ୍ଫୀତି ଯୋଗୁଁ ଆର୍ଥିକ ସଙ୍କଟ ଦେଖାଦେବା ସଙ୍ଗେ ସଙ୍ଗେ ଦରବୃଦ୍ଧି ଘଟିଥାଏ । ଭାରତରେ ୧୯୬୭ ମସିହାରୁ ଏହି ପ୍ରକାର ଅବସ୍ଥା ସୃଷ୍ଟି ହୋଇଛି । ସମସ୍ତ ସତର୍କତା ସତ୍ତ୍ୱେ ମଧ୍ୟ ଏହାର କୌଣସି ପ୍ରଭାବ ଅନୁଭୂତ ହୋଇପାରି ନାହିଁ । ଅଧିକ ଟଙ୍କା ଛାପିଦେଲେ ଏହି ସମସ୍ୟା ସମାଧାନ ହୋଇଯାଇ ନଥାଏ । ଅଧିକ ଅର୍ଥ ହେଲେ ଲୋକମାନଙ୍କର କ୍ରୟ କରିବାର ଶକ୍ତି ବୃଦ୍ଧି ହୋଇଥାଏ; ମାତ୍ର ସେହି ପରିମାଣରେ ଦ୍ରବ୍ୟ ଉତ୍ପାଦନ ନ ଘଟିଲେ, ପଦାର୍ଥର ମୂଲ୍ୟ ବୃଦ୍ଧି ଘଟେ ଓ ଅର୍ଥର ମୂଲ୍ୟ ହ୍ରାସ ଘଟେ । ୧୯୭୩-୭୪ ମସିହାରେ ଏହି ମୁଦ୍ରାସ୍ଫୀତି ଅସମ୍ଭବ ଭାବେ ଆତଙ୍କଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ରିଜର୍ଭବ୍ୟାଙ୍କ୍ ମତାନୁଯାୟୀ ଏହି ବର୍ଷ ଶତକଡ଼ା ୧୮ ଭାଗ ଅଧିକ ଟଙ୍କା ବୃଦ୍ଧି ପାଇଥିଲା । ୧୯୭୯ ମସିହାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ସମୟସୀମା ମଧ୍ୟରେ ଅନ୍ୟ କୌଣସି ବର୍ଷ ଏପରି ଅବସ୍ଥା ସୃଷ୍ଟି ହୋଇ ନଥିଲା । ଶିଳ୍ପଜାତ ପଦାର୍ଥର ଉତ୍ପାଦନ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଅତ୍ୟାବଶ୍ୟକ ଜିନିଷର

ଦରଦାମ୍ ଦ୍ରୁତ ଗତିରେ ବୃଦ୍ଧି ପାଇଲା ।ଲୋକମାନଙ୍କ ନିକଟରେ ଅର୍ଥ ଗଚ୍ଛିତ ଥିଲେହେଁ, ପଦାର୍ଥ ସୁଲଭ ହେଲା ନାହିଁ । ମୁଦ୍ରାସ୍ଫୀତି ଚରମସୀମାରେ ଉପନୀତ ହେଲା । ୧୯୯୭ ମସିହା ଅଗଷ୍ଟ ୧୬ରେ ବାର୍ଷିକ ମୁଦ୍ରାସ୍ଫୀତି ହାର ୩.୭୫ ହେବା ଖୁସିର ବିଷୟ ନିଶ୍ଚୟ । ମାତ୍ର ଏହାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରି ନାହିଁ । ଜନସାଧାରଣଙ୍କ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ କ୍ରୟରେ ଏହି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଆଦୌ ଜଣାପଡ଼େ ନାହିଁ । ଭାରତର ଋଣ ଭାର ଯେଉଁ ପରିମାଣରେ ବୃଦ୍ଧି ପାଉଛି, କେତେବେଳେ କି ପ୍ରକାର ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବ, କଳ୍ପନା କରିବା କଷ୍ଟସାଧ୍ୟ । ବିଶ୍ୱବ୍ୟାଙ୍କ ମଧ୍ୟ ସତର୍କବାଣୀ ଶୁଣାଇ କହିଛି, ଭାରତ ଆନ୍ତର୍ଜାତିକ ଋଣ ଜାଲରେ ପଡ଼ିବାକୁ ଯାଉଛି । ଆଗାମୀ ୩ବର୍ଷ ମଧ୍ୟରେ ଭାରତରେ ଯଦି ୧୦ହଜାର କୋଟି ଆମେରିକାନ୍ ଡଲାର ଗଚ୍ଛିତ ନ ରହେ, ତେବେ ଭାରତର ବୈଦେଶିକ ଋଣ ପରିଶୋଧ କରିବା କାଠିକର ପାଠ ହୋଇପଡ଼ିବ । ବିଶ୍ୱବ୍ୟାଙ୍କର ପ୍ରସ୍ତାବ ଅନୁଯାୟୀ ଭାରତର ଆମଦାନୀ ନୀତି ସଙ୍କୁଚିତ ହେବା ଉଚିତ । ଭାରତ ଯେଉଁ ପରିମାଣରେ ବାହାରୁ ଜିନିଷପତ୍ର ଆମଦାନୀ କରୁଛି, ସେହି ପରିମାଣରେ ରପ୍ତାନୀ କରିପାରୁ ନାହିଁ । ଏ କ୍ଷେତ୍ରରେ ଆମର ଉପଭୋଗ୍ୟଦ୍ରବ୍ୟ ଆମଦାନୀକୁ ସଙ୍କୁଚିତ କରିବା ପ୍ରଥମ କର୍ତ୍ତବ୍ୟ । ନଚେତ୍ ଗଚ୍ଛିତ ଥିବା ବୈଦେଶିକ ମୁଦ୍ରା ହ୍ରାସ ପାଇବ ଓ ଆମେ ସଙ୍କଟର ସମ୍ମୁଖୀନ ହେବା । ବର୍ତ୍ତମାନ ଭାରତର ଜାତୀୟ ଆୟର ମାତ୍ର ଶତକଡ଼ା ୯ହେଉଛି ରପ୍ତାନୀ ଜନିତ ମୂଲ୍ୟ । ଭାରତୀୟ ଅର୍ଥନୀତି ବର୍ତ୍ତମାନ ରୋଗଗ୍ରସ୍ତ । ଶିଳ୍ପ ଉତ୍ପାଦନ ଯେଉଁ ପରିମାଣରେ ବୃଦ୍ଧି ଲାଭ କରିବାର କଥା ତାହା ହୋଇପାରୁ ନାହିଁ । ବିଶିଷ୍ଟ ଆର୍ଥନୀତିଜ୍ଞ ଡଃ ମେଘନାଦ ଦେଶାଇ ସତର୍କବାଣୀ ଶୁଣାଇ କହିଛନ୍ତି 'ଭାରତ ତା'ର ଅର୍ଥନୀତିକୁ ଜୋରଦାର ନ କଲେ ସାମଗ୍ରିକ ଉନ୍ନତି ବ୍ୟାହତ ହେବ । ସେଥିପାଇଁ ଶ୍ରମ ଓ ପୁଞ୍ଜିର ସଫଳ ବିନିଯୋଗ, କାର୍ଯ୍ୟଦକ୍ଷତା ଓ ସଞ୍ଚୟ ବୃଦ୍ଧି ଉପରେ ସେ ଗୁରୁତ୍ୱ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରୁଗ୍ଣ ସରକାରୀ ସଂସ୍ଥାଗୁଡ଼ିକୁ ବନ୍ଦ କରିଦେବା ପାଇଁ ପରାମର୍ଶ ଦେଇଛନ୍ତି । ଟଙ୍କାର ଦର ଯେପରି ଆନ୍ତର୍ଜାତିକ ବଜାରରେ କମିଯାଉଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ । ଉଦାରୀକରଣ ଅର୍ଥନୀତି ପରେ ଟଙ୍କାର ମୂଲ୍ୟ ଊଣାହେବାକୁ ଲାଗିଲା । ୧୯୯୭ ମସିହା ଡିସେମ୍ବର ୨ ତାରିଖରେ ମୁଦ୍ରାମୂଲ୍ୟ ହ୍ରାସ ପାଇ ୧ଡଲାରର ମୂଲ୍ୟ ୪୦ ଟଙ୍କାରେ ପହଞ୍ଚିଥିଲା । ଭାରତର ମୁଦ୍ରାମୂଲ୍ୟ ହ୍ରାସ ଘଟିବା ଦ୍ୱାରା ଦରଦାମ ଅସମ୍ଭବ ଭାବରେ ବୃଦ୍ଧି ପାଉଛି ଓ ସାଧାରଣ ଲୋକଙ୍କ ଦ୍ୱାରା ନିତ୍ୟବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିବା ଅସମ୍ଭବ ହୋଇପଡୁଛି । ମୁଦ୍ରାସ୍ଫୀତିକୁ ରୋକାଯାଇ ନ ପାରିଲେ, ଦରଦାମ୍ ବୃଦ୍ଧିକୁ କଦାପି ନିୟନ୍ତ୍ରଣ କରାଯାଇପାରିବ ନାହିଁ ।

ଦର ବୃଦ୍ଧିର ବିଭିନ୍ନ କାରଣ: ମୁଦ୍ରାସ୍ଫୀତି ଦରଦାମ୍ ବୃଦ୍ଧିର ଏକମାତ୍ର କାରଣ ନୁହେଁ । ଏହା ବ୍ୟତୀତ ଅନ୍ୟାନ୍ୟ ବହୁ ଆନୁଷଙ୍ଗିକ କାରଣ ମଧ୍ୟ ବିଦ୍ୟମାନ । ସମାଜରେ କଳାଟଙ୍କାର ବୃଦ୍ଧି ଘଟିଲେ ଦରଦାମର ବୃଦ୍ଧି ଘଟିଥାଏ । ବଡ଼ ବଡ଼ ବ୍ୟବସାୟୀ ଓ ଶିଳ୍ପପତି ଯୋଗାଣ କ୍ଷେତ୍ରରେ ଅନିୟମିତତା ସୃଷ୍ଟି କରି ବହୁପରିମାଣରେ ଲାଭବାନ ହୋଇଥାନ୍ତି । ସମୟକ୍ରମେ ଏହି ଟଙ୍କାରେ ସେମାନେ ଜିନିଷ କ୍ରୟ କରି କୃତ୍ରିମ ଅଭାବ ସୃଷ୍ଟି କରି ଦରଦାମ୍ ବୃଦ୍ଧି କରିଥାନ୍ତି ଓ ତହିଁରୁ ପ୍ରଚୁର ପରିମାଣର କଳା ଟଙ୍କା ଲାଭ କରିଥାନ୍ତି । କଳାଟଙ୍କା ଯୋଗୁଁ ଦରଦାମ୍‌ରେ ସ୍ଥିରତା ରକ୍ଷା କରିବା ସମ୍ଭବ ହୋଇ ନଥାଏ । ମୁଦ୍ରାସ୍ଫୀତ ନିମିତ୍ତ ଏହି କଳାଟଙ୍କା ମଧ୍ୟ ବହୁପରିମାଣରେ ଦାୟୀ । ଆଜି କଳାଟଙ୍କା ସମାଜର ସବୁ ସ୍ତରକୁ ପରିବ୍ୟାପ୍ତ ହୋଇଯାଇଛି । ରାଜନୀତିକ ବ୍ୟକ୍ତିବିଶେଷ, ଶିଳ୍ପପତି, ବ୍ୟବସାୟୀ, ଅଫିସର-ସମସ୍ତେ ଏହାର ଶିକାର । ପ୍ରଶାସନ ସ୍ଥାଣୁତା

ଓ ଶାସନ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ଏହି କଳାଟଙ୍କା ସମାଜରେ ତା'ର ପ୍ରାଧାନ୍ୟ ବିସ୍ତାର କରିଥାଏ । ଫଳରେ ଦରଦାମ୍ ବୃଦ୍ଧି ଘଟିଥାଏ । ସରକାରଙ୍କର ବ୍ୟବସାୟୀ ଗୋଷ୍ଠୀଙ୍କ ଉପର ନିୟନ୍ତ୍ରଣ ରହୁନଥିବାରୁ ଦରବୃଦ୍ଧି ଘଟିଥାଏ । ନିର୍ବାଚନ ପୂର୍ବରୁ ଏହି ରାଜନୀତିଜ୍ଞଗଣ ସେମାନଙ୍କଠାରୁ ଚାନ୍ଦା ଆକାରରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଆଦାୟ କରିଥାନ୍ତି । ନିର୍ବାଚନ ପରେ ସେହି ଦଳ ସରକାର ଗଠନ କରିବା ପରେ ତାଙ୍କୁ ଚାନ୍ଦା ଦାନ କରିଥିବା ବ୍ୟବସାୟୀଙ୍କ ପ୍ରତି କେବଳ ମନୋଭାବ ପୋଷଣ କରିଥାନ୍ତି । ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଗୋଷ୍ଠୀ ମନଇଚ୍ଛା ଦରବୃଦ୍ଧି କରିଥାନ୍ତି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଦରଦାମ୍ ବୃଦ୍ଧିର ଅନ୍ୟତମ କାରଣ । ବର୍ତ୍ତମାନ ଭାରତର ଲୋକସଂକ୍ୟା ୧୦୮ କୋଟିରେ ପହଞ୍ଚିଲାଣି । ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ଭାରତରେ ଖାଦ୍ୟଶସ୍ୟର ପରିମାଣ ସେହି ଅନୁସାରେ ବୃଦ୍ଧି ପାଉ ନାହିଁ । ଚାଷପଯୋଗୀ ଜମିର ପରିମାଣ ମଧ୍ୟ ବଢୁ ନାହିଁ । ଜମିର ଉତ୍ପାଦିକା ଶକ୍ତି ଧୀରେ ଧୀରେ ହ୍ରାସ ପାଉଛି । ଅଧିକ ପରିମାଣର ଜନସଂଖ୍ୟାର ଅଭାବ ପୂରଣ ଉଦ୍ଦେଶ୍ୟରେ ଜଙ୍ଗଲ କ୍ଷୟ ହେଉଛି, ଶିଳ୍ପ ବୃଦ୍ଧି ଘଟୁଛି । ଫଳରେ ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ଅନିୟମିତ ଜଳବାୟୁ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଉଛି । କୃଷିଜାତ ପଦାର୍ଥର ଉତ୍ପାଦନରେ ହ୍ରାସ ଘଟିଲେ, ଦରଦାମ୍ ବୃଦ୍ଧି ଘଟିବା ସ୍ୱାଭାବିକ । ଶିଳ୍ପ ଜାତ ପଦାର୍ଥର ମୂଲ୍ୟବୃଦ୍ଧି ଓ କୃଷିଜାତ ପଦାର୍ଥର ମୂଲ୍ୟବୃଦ୍ଧି ଯୋଗୁଁ ଦରଦାମ୍‌ରେ ବୃଦ୍ଧି ଘଟିଥାଏ । କୃଷି କ୍ଷେତ୍ରରେ ବିପ୍ଳବ ନ ଘଟିଲେ, ଦରଦାମ୍‌କୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ । ବୈଜ୍ଞାନିକ ପଦ୍ଧତିରେ କୃଷିର ଉନ୍ନତି ହେବା ଆବଶ୍ୟକ । ମାତ୍ର ରାସାୟନିକ ସାର, ଔଷଧ ଆଦିର ଦାମ୍ ଯେଉଁ ପରିମାଣରେ ବୃଦ୍ଧି ହେଉଛି, କୃଷିଜାତ ପଦାର୍ଥର ମୂଲ୍ୟ ସେହି ଦୃଷ୍ଟିରୁ ବୃଦ୍ଧି ହେବା ଆବଶ୍ୟକ । ସରକାରୀ ସ୍ତରରେ ସାର, କୀଟନାଶକ ଔଷଧମାନଙ୍କର ଦାମ୍‌କୁ ନିୟନ୍ତ୍ରଣ କରାଯାଇପାରିଲେ, କେତେକ କ୍ଷେତ୍ରରେ ଦରଦାମ୍ ବୃଦ୍ଧିକୁ ରୋକାଯାଇପାରନ୍ତା । ଖାଦ୍ୟର ସୁଷମ ବଣ୍ଟନର ଅଭାବରୁ ମଧ୍ୟ ଦରବୃଦ୍ଧି ଘଟିଥାଏ । କେତେକ କଳାବଜାରୀ ପଦାର୍ଥର ଉତ୍ପାଦନ ସମୟରେ ପ୍ରଚୁର ପରିମାଣରେ ଖାଦ୍ୟ କ୍ରୟ କରି ଲୁକ୍‌କାୟିତ ଅବସ୍ଥାରେ ରଖିଥାନ୍ତି । ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ସେହି ଖାଦ୍ୟପଦାର୍ଥକୁ ବହୁ ଅଧିକ ଦରରେ ବିକ୍ରୟ କରିଥାନ୍ତି ଓ ମନଇଚ୍ଛା ଲାଭ କରିଥାନ୍ତି । ସରକାରୀ କଳର ଅପାରଗତା ଏହି ଦୁର୍ନୀତିକୁ ରୋକିବାରେ ଅସଫଳ ହୋଇଥାଏ ଓ ସେହି କାରଣରୁ ଦରବୃଦ୍ଧି ଘଟିଥାଏ । ରେଳ ମାହାସୁଲ ବୃଦ୍ଧି ବା ପରିବହନ ପାଇଁ ଆବଶ୍ୟକ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଯୋଗୁଁ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥମାନଙ୍କର ଦରବୃଦ୍ଧି ଘଟିଥାଏ । ବିଭିନ୍ନ ଯୋଜନା ପ୍ରଣୟନ ନିମିତ୍ତ ସରକାରଙ୍କର ଅର୍ଥର ଆବଶ୍ୟକତା ହୋଇଥାଏ । ବିଭିନ୍ନ କର ବା ଟିକସ୍ ଦ୍ୱାରା ସରକାର ଏହାର ଭରଣା କରିବାକୁ ଉଦ୍ୟମ କରିଥାନ୍ତି । ଫଳରେ ଦରଦାମ ବୃଦ୍ଧି ହୋଇଥାଏ । ଅନେକ ସମୟରେ ଚତୁର ଓ କଳାବଜାରୀ ବ୍ୟବସାୟୀଗଣ ଟିକସ ଫାଙ୍କି ସରକାରଙ୍କ ଯୋଜନାକୁ ପଣ୍ଡ କରିଥାନ୍ତି । ସେମାନଙ୍କ ପ୍ରକୃତ ଆୟର ଯେତିକି ପରିମାଣ ଟିକସ ସରକାରଙ୍କୁ ଦେବା କଥା, ତାହା ଦେଇନଥାନ୍ତି । ସେଥିପାଇଁ ଟିକସରୁ ସରକାର ଯେତିକି ପରିମାଣର ଆୟ ପାଇବା କଥା ପାଇ ପାରିନଥାନ୍ତି । ଏହି ଟିକସ ଫାଙ୍କି ଅର୍ଥଦ୍ୱାରା କଳାବଜାରୀ ବ୍ୟବସାୟୀ ବଜାରରୁ ପ୍ରଚୁର ଅର୍ଥ ଲାଭ କରିଥାନ୍ତି ଓ ସେଥିପାଇଁ ମଧ୍ୟ ଦରବୃଦ୍ଧି ଘଟିଥାଏ । ସାମାଜିକ ଜୀବନରେ ନୈତିକ ସ୍ଖଳନ ମଧ୍ୟ ଦରଦାମ୍ ବୃଦ୍ଧି ପାଇଁ କେତେକାଂଶରେ ଦାୟୀ । ଅଳ୍ପ କେତେକ ବ୍ୟକ୍ତି ଏହି ମୁନାଫାଖୋର ବ୍ୟକ୍ତିବିଶେଷଙ୍କଠାରୁ କିଛିପରିମାଣରେ ଉପକୃତ ହେଉଥିବାରୁ ସେମାନେ ନିଜର ସାମାଜିକ ଓ ନୈତିକ ଦାୟିତ୍ୱ ଭୁଲି ଯାଇଥାନ୍ତି । ସେମାନେ ଯେଉଁ ପଦକ୍ଷେପ ଗ୍ରହଣ

କରିବା ଉଚିତ, ତାହା ନକରି ଏହି ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କୁ ସୁହାଇବା ପରି କାର୍ଯ୍ୟପନ୍ଥା ଗ୍ରହଣ କରିଥାନ୍ତି । ଏହିମାନଙ୍କର ସହାୟତା ଲାଭ କରି ବ୍ୟବସାୟୀ ଗୋଷ୍ଠୀ ନିର୍ଦ୍ୱନ୍ଦରେ ଦରବୃଦ୍ଧି କରିଥାନ୍ତି ଓ ସାମାଜିକ ଜୀବନକୁ ସ୍ଥାଣୁ କରି ଦେଇଥାନ୍ତି ।

ଜାତୀୟ ସମସ୍ୟା: ରବୃଦ୍ଧି ନିଶ୍ଚିତ ଭାବରେ ଏକ ଜାତୀୟ ସମସ୍ୟା । ଏହି ସମସ୍ୟାର ଆଶାନୁରୂପ ସମାଧାନ ହୋଇ ନପାରିଲେ, ଜାତି ଓ ଦେଶର ପ୍ରଗତି ବାଧାପ୍ରାପ୍ତି ହେବ । ଏହି ସମସ୍ୟା ଦିନେ ରକ୍ତାକ୍ତ ବିପ୍ଳବର ରୂପରେଖ ଗ୍ରହଣ କରିପାରେ । ସମାଜର ମୁଷ୍ଟିମେୟ ବ୍ୟକ୍ତି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମଧ୍ୟରେ କାଳାତିପାତ କରୁଥିବା ସମୟରେ, ସଂଖ୍ୟାଗରିଷ୍ଠ ଲୋକେ ଖାଦ୍ୟବିନା ଆର୍ତ୍ତଚିତ୍କାର କରିବା ଗଣତନ୍ତ୍ର ନିମିତ୍ତ ନିଶ୍ଚିତ ଭାବରେ ବିପଦର ସତର୍କ ଘଣ୍ଟି । ଦରଦାମ୍ ବୃଦ୍ଧି ସମ୍ପର୍କରେ ଗଣମାଧ୍ୟମ ଓ ଚିନ୍ତାଶୀଳ ବ୍ୟକ୍ତି ପ୍ରତିକ୍ରିୟା ପ୍ରକାଶ କରୁଥିଲେ ହେଁ, ଏହାର ସମାଧାନ ପାଇଁ ସବୁଆଡ଼େ ଆନ୍ତରିକ ଉଦ୍ୟମ ଅଭାବ ପରିଲକ୍ଷିତ ହେଉଛି । ସମାଜର ଧନୀକ ସଂପ୍ରଦାୟ ଏଥିରୁ ବେଶ୍ ଫାଇଦା ଉଠାଇବାରେ ବ୍ୟସ୍ତ । ଶାସନକାଳର ଆନ୍ତରିକହୀନତା ପରିସ୍ଥିତିକୁ ଅଧିକ ଉଦ୍‌ବେଗଜନକ କରିଦେଉଛି । ରାଜନୀତିକ ବ୍ୟକ୍ତି କେବଳ ଭାଷଣରେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ କରୁଚନ୍ତି । କ୍ଷୁଧାତୁର ବ୍ୟକ୍ତି ଯେକୌଣସି ପାପକାର୍ଯ୍ୟ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ । ଖାଦ୍ୟକୁ ଭିତ୍ତିକରି ବିପ୍ଳବର ସୂତ୍ରପାତ ହେଲେ ସାମାଜିକ ଜୀବନ ପଙ୍ଗୁ ହୋଇପଡ଼ିବ । ଏଥିରୁ କେହି ମୁକ୍ତି ପାଇପାରିବେ ନାହିଁ । ରକ୍ତାକ୍ତ ସଂଘର୍ଷ ରାଷ୍ଟ୍ରର ସାର୍ବଭୌମତ୍ୱକୁ ବିପନ୍ନ କରିଦେବ । ଅରାଜକତା ବ୍ୟାପିଯିବା ଦ୍ୱାରା ଲୁଣ୍ଠନ, ହତ୍ୟା, ରକ୍ତପାତ, ସଂଘର୍ଷ, ଚୋରି, ଡକାୟତି, ସୀମା ଲଙ୍ଘନ କରିବ । ପଡ଼ୋଶୀ ରାଷ୍ଟ୍ର ଏଥିରୁ ଫାଇଦା ଉଠାଇବେ । ବର୍ତ୍ତମାନଠାରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ନେଡ଼ିଗୁଡ଼ କହୁଣୀକୁ ବହିଯିବ । ଦରଦାମ୍ ବୃଦ୍ଧି ରାଜନୀତିକ ଜୀବନକୁ ମଧ୍ୟ କଳୁଷିତ କରିଦେଇଥାଏ । ଦେଶସେବା ନାମରେ ଜନଶୋଷଣ ରାଜନୀତିକ ଅସ୍ଥିରତା ସୃଷ୍ଟି କରେ । ଜାତୀୟ ଜୀବନକୁ ସୁସ୍ଥ, ନିରାମୟ ରଖିବାକୁ ହେଲେ ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ ସର୍ବାଦୌ ଆବଶ୍ୟକ ।

ଦରବୃଦ୍ଧି ନିରାକରଣ ଉପାୟ: ଦରଦାମ୍ ନିୟନ୍ତ୍ରଣ ନିମିତ୍ତ ସବୁ ସ୍ତରରେ ଉଦ୍ୟମ ହେବା ବାଞ୍ଛନୀୟ । କେବଳ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଚୁପ୍‌ଚାପ୍ ବସିରହିଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏ କ୍ଷେତ୍ରରେ ଜନସାଧାରଣଙ୍କର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି । ଜାତୀୟ ଚରିତ୍ର ସଙ୍ଗଠନ ହୋଇପାରିଲେ ଏବଂ ଏହା ଏକ ଜାତୀୟ ସମସ୍ୟା ବୋଲି ସମସ୍ତେ ଅନୁଭବ କରିପାରିଲେ, ଦରଦାମ ବୃଦ୍ଧିର ନିରାକରଣ ହୋଇପାରିବ । ଦୃଢ଼ ଶାସନ ବ୍ୟବସ୍ଥା ଓ ଜନସମୁଦାୟର ଆନ୍ତରିକ ସହଯୋଗ ଏହାକୁ ବହୁପରିମାଣରେ ନିୟନ୍ତ୍ରଣ କରିପାରିବ । ସ୍ୱାଧୀନ ନାଗରିକ ଭାବରେ ପ୍ରତ୍ୟେକ ବ୍ୟକ୍ତି ଏହାର ଦୃଢ଼ ବିରୋଧ କରିବା ଉଚିତ । ଯେଉଁ କେତେକ ସ୍ୱାର୍ଥପର ବ୍ୟବସାୟୀ, କଳାବଜାରୀ ଅସାଧୁ ଉପାୟରେ ନିଜର ବ୍ୟକ୍ତିଗତ ଫାଇଦା ଉଠାଉଛନ୍ତି ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ସରକାରୀ ସ୍ତରରେ ଖାଦ୍ୟପଦାର୍ଥର ସୁଷମ ବଣ୍ଟନ ନିମିତ୍ତ ପଦକ୍ଷେପ ଗ୍ରହଣ କରାଗଲେ, କଳାବଜାରୀ ଫାଇଦା ଉଠାଇପାରନ୍ତେ ନାହିଁ । ଘରୋଇ ଶିଳ୍ପ ଉପରେ ନିୟନ୍ତ୍ରଣ ଜାରି କରାଗଲେ, କିମ୍ବା ସେଗୁଡ଼ିକୁ ଜାତୀୟକରଣ କରାଯାଇପାରିଲେ, ସେମାନେ ମନଇଚ୍ଛା ଦରବୃଦ୍ଧି କରିପାରନ୍ତେ ନାହିଁ । ଖୁଚୁରା ବ୍ୟବସାୟ କେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ପଦାର୍ଥମାନ ଯୋଗାଇ ଦେବା ଆବଶ୍ୟକ । ରାଜନୈତିକ

ଅସ୍ଥିରତା ଦରବୃଦ୍ଧି ପାଇଁ ବହୁପରିମାଣରେ ଦାୟୀ । ଏହି ଅସ୍ଥିରତାର ସୁଯୋଗ ନେଇ କଳାବଜାରୀ ଓ ବ୍ୟବସାୟୀ ଗୋଷ୍ଠୀ ନିଜର ଫାଇଦା ହାସଲ କରିଥାନ୍ତି । ରାଜନୀତିରେ ଦଳୀୟ ସ୍ୱାର୍ଥ ସାମାଜିକ ସ୍ୱାର୍ଥ ଠାରୁ ଅଧିକ ଗୁରୁତ୍ୱ ହୋଇଥିବାରୁ ସାମାଜିକ ବିକାଶ ନିମିତ୍ତ କୌଣସି ଦଳ ଆନ୍ତରିକତା ପ୍ରକାଶ କରିନଥାନ୍ତି । ବର୍ତ୍ତମାନ ରାଜନୀତିକ ଦଳମାନଙ୍କ ମଧ୍ୟରେ ସୁସମ୍ପର୍କ ନଥିବାରୁ ଓ କୌଣସି ଦଳ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ଅସମର୍ଥ ହେଉଥିବାରୁ, ବ୍ୟବସାୟୀ ତଥା କଳାବଜାରୀ ଏବଂ ଟିକସ ଫାଙ୍କୁଥିବା ଲୋକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି । ପୁନରାୟ ନିର୍ବାଚନ ସମୟରେ ଏହି ଦଳ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କଠାରୁ ବିପୁଳ ପରିମାଣରେ ଚାନ୍ଦା ଆଦାୟ କରୁଥିବାରୁ ସେମାନଙ୍କର ଅସାଧୁ କାର୍ଯ୍ୟକଳାପକୁ ସମର୍ଥନ କରିଥାନ୍ତି । ରାଜନୈତିକ ବ୍ୟକ୍ତିବିଶେଷ ସଚ୍ଚୋଟ ଏବଂ ସାଧୁ ହୋଇ ନପାରିଲେ ଦରଦାମ୍ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସମର୍ଥ ହୋଇପାରନ୍ତି ନାହିଁ । ସାମ୍ପ୍ରତିକ ପରିପ୍ରେକ୍ଷୀରେ ରାଜନୀତି କ୍ଷେତ୍ରରେ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ରାଜନୀତିରୁ ଅପରାଧୀକରଣକୁ ଦୂରୀଭୂତ କରାଯାଇ ପାରିଲେ ଦରଦାମ୍ ବୃଦ୍ଧିକୁ ଅକ୍ଲେଶରେ ନିୟନ୍ତ୍ରଣ କରାଯାଇପାରିବ । ଜନସଂଖ୍ୟା ବୃଦ୍ଧି ଦରଦାମ୍ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ହୋଇଥିବାରୁ, ଜନସଂଖ୍ୟାର ନିୟନ୍ତ୍ରଣ ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ସବୁଜ ବିପ୍ଳବ ସାକାର କରିବା ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ଉଚିତ । କୃଷିର ଉନ୍ନତି ଓ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନ ଦ୍ୱାରା ଦରବୃଦ୍ଧି ନିୟନ୍ତ୍ରିତ ହୋଇପାରିବ । ବହୁ ଅମଳକ୍ଷମ ବିହନ, ସାର ଏବଂ କୀଟନାଶକ ଔଷଧ କୃଷକମାନଙ୍କୁ ଶସ୍ତାରେ ଯୋଗାଇ ଦେଇପାରିଲେ କୃଷି ଉତ୍ପାଦନ ବୃଦ୍ଧି ପାଇବ ଏବଂ ଦରଦାମ ନିୟନ୍ତ୍ରଣ ହୋଇପାରିବ । ଶିଳ୍ପ କ୍ଷେତ୍ରରେ ଘନଘନ ହରତାଳ ଯୋଗୁଁ ଉତ୍ପାଦନ ହ୍ରାସ ହୋଇଥାଏ । ଏ କ୍ଷେତ୍ରରେ ମଧ୍ୟ ବିଶେଷ ଦୃଷ୍ଟି ପ୍ରଦାନ କରାଯିବା ଉଚିତ । କଳାଟଙ୍କା ରୋକିବା ଓ ଯଥାଯଥ ଟିକସ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଚିତ । ମୁଦ୍ରାସ୍ଫୀତିକୁ ରୋକିବା ନିମିତ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଗଲେ, ଦରଦାମ୍ ମଧ୍ୟ ନିୟନ୍ତ୍ରିତ ହୋଇପାରିବ । ଉପରୋକ୍ତ ପଦକ୍ଷେପଗୁଡ଼ିକ ଦରଦାମ୍ ବୃଦ୍ଧିକୁ ନିଶ୍ଚିତ ନିୟନ୍ତ୍ରଣ କରିପାରିବ ।

ଉପସଂହାର: ଆଜି ଦରବୃଦ୍ଧି ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଜାତୀୟ ସମସ୍ୟା । ଏହା ଲାଗି ରହିଲେ ଦେଶର ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ସୃଷ୍ଟି ହେବ । ରାଜନୀତିକ ଏବଂ ସାମାଜିକ ସ୍ତରରେ ଉଦ୍ୟମ ଜାରି ରହିଲେ ଏହାକୁ କେତକାଂଶରେ ଦୂରୀଭୂତ କରାଯାଇପାରିବ । ଜନଅସନ୍ତୋଷ ଏବଂ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ ଦରବୃଦ୍ଧି ନିୟନ୍ତ୍ରଣ ଏକାନ୍ତ ଜରୁରୀ । ବର୍ତ୍ତମାନ ସବୁ କ୍ଷେତ୍ରରେ ଏହାର ପ୍ରଭାବ ଅନୁଭୂତ ହେଲାଣି । ଜନଅସନ୍ତୋଷକୁ ଆଉ ଅଧିକ ଦିନ ଚାପି ରଖି ହେବ ନାହିଁ । ସମାଜର ଚିନ୍ତାଶୀଳ ବ୍ୟକ୍ତି, ବ୍ୟବସାୟୀ ପ୍ରଶାସନ, ରାଜନୈତିକ ବ୍ୟକ୍ତିବିଶେଷ ଓ ଜନସାଧାରଣ ଏବେଠାରୁ ସତର୍କ ରହି ଦରବୃଦ୍ଧି ଦାମ୍ ନିୟନ୍ତ୍ରଣ କରିବାକୁ ସମୟୋଚିତ ପଦକ୍ଷେପ ଗ୍ରହଣ କରିପାରିଲେ, ଏହା ଏକ ସମସ୍ୟା ହୋଇ ରହିବ ନାହିଁ ।

●●●

୯.୩ ଭାରତରେ ନାରୀ ସମସ୍ୟା

ଉପକ୍ରମ: ସମୟର ପରିବର୍ତ୍ତନ ଇତିହାସରେ ନାରୀର ସଂଜ୍ଞାରେ ମଧ୍ୟ ପରିବର୍ତ୍ତନ ଆସିଛି । ବୈଦିକ ଯୁଗରେ ତଥା ପୁରାଣଯୁଗରେ ନାରୀ ଥିଲା ଐଶ୍ୱର୍ଯ୍ୟ, ଶକ୍ତି ଓ ସମ୍ମାନର ପ୍ରତୀକ । ନାରୀମାନଙ୍କର ଉପଯୁକ୍ତ ସମ୍ମାନରେ ଦେବତା ଶାନ୍ତିଲାଭ କରିଥାନ୍ତି ବୋଲି ଏକ ଧାରଣା ଆମ ସମାଜରେ ସୃଷ୍ଟି ହୋଇଥିଲା ।ବିଜ୍ଞାନର ବିକାଶ ପରେ ପରେ ବସ୍ତୁବାଦୀ ସଭ୍ୟତାରେ ନାରୀର ରୂପରେଖ ଧୀରେ ଧୀରେ ପରିବର୍ତ୍ତିତ ହେବାକୁ ଲାଗିଲା । ସମାଜ ତଥା ପରିବାରର ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ନିମିତ୍ତ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ ପୁରୁଷପ୍ରଧାନ ସମାଜରେ ନାରୀର ଉପଯୁକ୍ତ ମୂଲ୍ୟ ଓ ସମ୍ମାନ ପ୍ରଦର୍ଶନ କରାଯାଇପାରି ନାହିଁ । ନାରୀ କେବଳ ଏକ ଭୋଗ ଓ ବିଳାସର ସାମଗ୍ରୀ ରୂପେ ପରିଗଣିତ ହେଉଛି । ତା'ର ଅନ୍ତର୍ନିହିତ ପ୍ରତିଭାର ଯଥାର୍ଥ ଉପଯୋଗ କରାଯାଇପାରୁ ନାହିଁ । କିମ୍ବା ତା'ର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମିତ୍ତ ଉପଯୁକ୍ତ ପଦକ୍ଷେପ ମଧ୍ୟ ନିଆଯାଉ ନାହିଁ । ଆନ୍ତର୍ଜାତିକ ସ୍ତରରେ ନାରୀଜାଗରଣ ଓ ନାରୀ-ପ୍ରଗତି ତଥା ମୁକ୍ତି ପାଇଁ ସ୍ୱର ଉତ୍ତୋଳିତ ହେଉଥିଲେହେଁ ତା'ର ସାକାର ରୂପ ଏଯାବତ୍ ପରିଲକ୍ଷିତ ହୋଇନାହିଁ ।

ଆନ୍ତର୍ଜାତିକ ସ୍ତରରେ ନାରୀ ସମସ୍ୟା: ବିଶ୍ୱର ବିଭିନ୍ନ ସ୍ତରରେ ନାରୀ ତା'ର ପ୍ରତିଭାର ଯଥେଷ୍ଟ ପ୍ରମାଣ ଦେଇସାରିଥିଲେହେଁ, ଏଯାବତ୍ ଆମେ ସମାଜରେ ନାରୀକୁ ଉପଯୁକ୍ତ ସମ୍ମାନ ନଦେବା ପରିତାପର ବିଷୟ ନିଶ୍ଚୟ । ଏବେ ମଧ୍ୟ ଆମ ସମାଜରେ ନାରୀ ଏକ ବୋଝ ରୂପେ ପରିଗଣିତା । ସମଗ୍ର ବିଶ୍ୱରେ ସମୁଦାୟ ଜନସଂଖ୍ୟାର ଅର୍ଦ୍ଧାଧିକ ନାରୀ ହୋଇଥିଲେହେଁ ବିଭିନ୍ନ କ୍ଷେତ୍ରରେ ସେମାନେ ଅବହେଳିତା ଓ ଲାଞ୍ଛିତା ଜୀବନଯାପନ କରୁଛନ୍ତି । ନିକଟରେ ଜନ୍ ହପ୍‌କିନ୍ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମାନବିକ ଅଧିକାରକୁ ଅଗ୍ରାଧିକାର ଦେଉଥିବା ୟୁନିସେଫର ମିଳିତ ରିପୋର୍ଟରୁ ଆମ ସମାଜରେ ନାରୀର ସ୍ଥିତି ଏବଂ ଦୟନୀୟ ଅବସ୍ଥିତି ସମ୍ପର୍କରେ ଜାଣି ହୋଇଥାଏ । ସେହି ରିପୋର୍ଟରୁ ଜଣାଯାଏ, ବହୁ ଶିଶୁକନ୍ୟା ପୃଥିବୀର ଆଲୋକ ଦେଖିବା ପୂର୍ବରୁ ସେମାନଙ୍କୁ ମାତୃଗର୍ଭରେ ହିଁ ନଷ୍ଟ କରିଦିଆଯାଇଥାଏ । ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱରେ ଯେତିକି ଶିଶୁକନ୍ୟା ଅଛନ୍ତି, ବିଜ୍ଞାନ ଦ୍ୱାରା ଯଦି ଶିଶୁକନ୍ୟାମାନଙ୍କୁ ନଷ୍ଟ କରିଦିଆଯାଉନଥାନ୍ତା, ତେବେ ଏହାର ସଂଖ୍ୟା ଆହୁରି ୬କୋଟି ଅଧିକ ହୋଇଥାନ୍ତା । ମାତୃଗର୍ଭରେ ଲିଙ୍ଗ ନିର୍ଦ୍ଧାରଣ ଯୋଗୁଁ ମାତୃଗର୍ଭରେ ବହୁ ଶିଶୁକନ୍ୟା ଅକାଳ ମୃତ୍ୟୁବରଣ କରୁଛନ୍ତି । ଜନ୍ମ ପରେ ମଧ୍ୟ ବହୁ ଶିଶୁକନ୍ୟାଙ୍କର ଉପଯୁକ୍ତ ରକ୍ଷାଣବେକ୍ଷଣ କରାଯାଉନଥିବାରୁ ସେମାନେ ଅକାଳରେ ମୃତ୍ୟୁବରଣ କରିଥାନ୍ତି । ଏହାଦ୍ୱାରା ଯେ ଅନେକ ମାନବସମ୍ବଳ ଅକାଳରେ ବିନିଷ୍ଟ ହୋଇଯାଉଛି, ଅସ୍ୱୀକାର କରାଯାଇନପାରେ । ଏସିଆ ମହାଦେଶରେ ଏହାର ଅବସ୍ଥା ଅତୀବ ଶୋଚନୀୟ । ରିପୋର୍ଟରୁ ଜଣାଯାଏ ଚିକିତ୍ସା ଅଭାବରୁ ଏହି ମହାଦେଶରେ ପ୍ରତିବର୍ଷ ୩ଲକ୍ଷ ମହିଳା ଶିଶୁ ଜନ୍ମ ସମୟରେ ହିଁ ପ୍ରାଣତ୍ୟାଗ କରିଥାନ୍ତି । ପୃଥିବୀରେ ନାରୀ ନିର୍ଯ୍ୟାତନାର ଅନ୍ୟ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟରୁ ଜଣାଯାଇଥାଏ । ଏହି ରିପୋର୍ଟ ଅନୁଯାୟୀ ଶିଶୁ ଗର୍ଭାବସ୍ଥାରେ ଥିବା ସମୟରେ ଏବଂ ପ୍ରସବ ସମୟରେ ପ୍ରତିବର୍ଷ ପୃଥିବୀରେ ୫ଲକ୍ଷ ୮୫ହଜାର ମହିଳା ଅତି ଦୟନୀୟ ଭାବେ ମୃତ୍ୟୁବରଣ କରିଥାନ୍ତି । ୟୁନିସେଫ ରିପୋର୍ଟରେ ଉଲ୍ଲେଖ ରହିଛି

ପୃଥିବୀରେ ମୃତ୍ୟୁବରଣ କରୁଥିବା ଏହି ମହିଳାମାନଙ୍କ ମଧ୍ୟରେ ଭାରତରେ ପ୍ରତି ଏକଲକ୍ଷ ମହିଳାଙ୍କ ମଧ୍ୟରୁ ଶିଶୁଜନ୍ମ ସମୟରେ ପ୍ରାୟ ୫୭୦ ଜଣ ପ୍ରାଣ ହରାଇଥାନ୍ତି । ବିଶ୍ୱବ୍ୟାଙ୍କ ରିପୋର୍ଟରେ ମଧ୍ୟ ଭାରତର ବହୁ ମହିଳା ପ୍ରସବ ସମୟରେ ପ୍ରାଣ ହରାଇଥାନ୍ତି ବୋଲି କୁହାଯାଇଛି । ପୃଥିବୀରେ ଶିଶୁ ଜନ୍ମ ସମୟରେ ପ୍ରାଣ ହରାଉଥିବା ମହିଳାଙ୍କ ମଧ୍ୟରୁ ଶତକଡ଼ା ୨୫ଭାଗ କେବଳ ଭାରତରେ ଦେଖାଯାଇଥାଏ । ଭାରତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଦ୍ୱାରା କରାଯାଇଥିବା ରିପୋର୍ଟ ଅନୁଯାୟୀ ଶିଶୁ ପ୍ରସବ ଓ ଗର୍ଭାବସ୍ଥାରେ ପ୍ରାୟ ଏକଲକ୍ଷ ଦଶହଜାର ମହିଳା ପ୍ରାଣ ହରାଇଥାନ୍ତି ବୋଲି କୁହାଯାଇଛି । ବିଶ୍ୱର ପ୍ରାୟ ଅଧିକାଂଶ ରାଷ୍ଟ୍ର ତୁଳନାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତରେ ବହୁ କମ୍ ଅର୍ଥ ବ୍ୟୟ କରାଯାଇଥାଏ । ଏହାର ଆନୁମାନିକ ହିସାବ ଶତକଡ଼ା ୬ଭାଗ ମାତ୍ର । ବିଶ୍ୱବ୍ୟାଙ୍କ୍ ରିପୋର୍ଟରେ ଏବେ ଉଲ୍ଲେଖ କରାଯାଇ କୁହାଯାଇଛି, ଭାରତରେ ଶିଶୁ ମୃତ୍ୟୁହାର ହ୍ରାସ ପାଇଥିଲେ ମଧ୍ୟ କନ୍ୟାଶିଶୁମାନଙ୍କର ମୃତ୍ୟୁହାର ବୃଦ୍ଧି ପାଇଛି । କାରଣ ଜନ୍ମପରେ ଏମାନଙ୍କର ଉପଯୁକ୍ତ ତତ୍ତ୍ୱ ନିଆଯାଏ ନାହିଁ କିମ୍ବା ଏମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କୌଣସି ଦୃଷ୍ଟି ଦିଆଯାଏ ନାହିଁ । ଶିକ୍ଷାକ୍ଷେତ୍ରରେ ମଧ୍ୟ ଏମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବାକୁ ଭାରତୀୟମାନେ ପରାଙ୍ମୁଖ । ସ୍ୱାସ୍ଥ୍ୟର ଉପଯୁକ୍ତ ତତ୍ତ୍ୱ ନିଆଯାଉ ନଥିବାରୁ ପ୍ରସବ ସମୟରେ ଓ ପରେ ମା' ଏବଂ ଶିଶୁମାନେ ରକ୍ତହୀନତା ରୋଗର ଶିକାର ହୋଇଥାନ୍ତି । ୧୯୯୨-୯୩ ମସିହାରେ ଭାରତରେ ସି.ଏସ.ଏମ. ବା ଶିଶୁସୁରକ୍ଷା ଏବଂ ନିରାପଦ ମାତୃତ୍ୱ ପ୍ରକଳ୍ପ ଆରମ୍ଭ ହୋଇଥିଲେହେଁ, ଏହାର ବିଶେଷ ପ୍ରଭାବ ଏଯାବତ୍ ଗାଁ ଗହଳିମାନଙ୍କରେ ଦେଖା ଯାଇ ନାହିଁ । ୟୁନିସେଫ ରିପୋର୍ଟରେ କୁହାଯାଇଛି ଭାରତରେ ପ୍ରତିବର୍ଷ ହାରାହାରି ୨କୋଟି ୫୦ଲକ୍ଷ ଜନ୍ମ ହେଉଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୨୦ଲକ୍ଷ ୬୦ହଜାର ଶିଶୁ ପାଞ୍ଚବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ପ୍ରାଣ ହରାଇଥାନ୍ତି । ପୃଷ୍ଟିହୀନତା ଯୋଗୁଁ ଭାରତୀୟ ଶିଶୁମାନଙ୍କର ଓଜନ ମଧ୍ୟ କମ୍ ହୋଇଥାଏ ।

ଭାରତରେ ନାରୀ ସମସ୍ୟା: ଭାରତରେ ନାରୀମାନଙ୍କ ପ୍ରତି କିପରି ଅବହେଳା ପ୍ରଦର୍ଶନ କରାଯାଇଥାଏ, ତା'ର ଅନ୍ୟ ଏକ ପ୍ରମାଣ ଜନଗଣନା ରିପୋର୍ଟରୁ ଜଣାଯାଇଥାଏ । ୧୯୮୧ ଓ ୧୯୯୧ ଜନଗଣନା ଅନୁଯାୟୀ ୨୦ ବର୍ଷ ମଧ୍ୟରେ ଭାରତରେ ୪୦ଲକ୍ଷ ନାରୀଙ୍କର ପତ୍ତା ମିଳି ନାହିଁ ଏବଂ ୧୨ ଲକ୍ଷ କନ୍ୟାଶିଶୁ ମାତୃଗର୍ଭରେ ମୃତ୍ୟୁବରଣ କରିଛନ୍ତି । ବିଂଶ ଶତକର ଆରମ୍ଭରେ ଭାରତରେ ୧ହଜାର ପୁରୁଷଙ୍କ ତୁଳନାରେ ୯୭୦ଜଣ ମହିଳା ଥିବା ସମୟରେ ଏବେ ଏହାର ସଂଖ୍ୟା ହ୍ରାସ ପାଇ ୯୨୭ରେ ପହଞ୍ଚିଛି । ଅତ୍ୟନ୍ତ ଲଜ୍ଜାକର ବିଷୟ ହେଲେହେଁ ୟୁନିସେଫ୍ ରିପୋର୍ଟ ଅନୁଯାୟୀ ଏସିଆରେ ପ୍ରତିବର୍ଷ ହାରାହାରି ୧୦ଲକ୍ଷ କିଶୋରୀ ବଞ୍ଚିବା ପାଇଁ ଦେହ ବ୍ୟବସାୟକୁ ଜୀବିକା ଭାବରେ ଗ୍ରହଣ କରିଥାନ୍ତି । ଦକ୍ଷିଣ ଏସିଆରେ ପ୍ରତିବର୍ଷ ସ୍ୱାସ୍ଥ୍ୟଗତ କାରଣ ଓ ଅବହେଳାରୁ ଦୁଇକୋଟିରୁ ଉର୍ଦ୍ଧ୍ୱ ବାଳିକା ପ୍ରାଣ ହରାଇଥାନ୍ତି ।

ଆନ୍ତର୍ଜାତିକ ସ୍ତରରେ ନାରୀ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ: ପୁରୁଷପ୍ରଧାନ ସମାଜରେ ନାରୀମାନଙ୍କୁ ଯଥାର୍ଥ ସମ୍ମାନର ସହିତ ବଞ୍ଚିବାକୁ ହେଲେ ସେମାନଙ୍କୁ ସଂଗ୍ରାମ କରିବାକୁ ପଡ଼ିବ । ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ହେବ । ସୁଖର କଥା ଆନ୍ତର୍ଜାତିକ ସ୍ତରରେ ଆଜି ନାରୀଜାଗରଣ ନାରୀ ମୁକ୍ତି ପାଇଁ ସ୍ୱରଉତ୍ତୋଳିତ ହୋଇଛି । ଏ କ୍ଷେତ୍ରରେ କେତେକ ନାରୀ ବେଶ୍ ଅଗ୍ରଗାମୀ ଭୂମିକା ଗ୍ରହଣ କରିପାରିଛନ୍ତି । ପ୍ରତିବର୍ଷ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ **ମହିଳା ଦିବସ** ରୂପେ ପାଳନ କରାଯାଉଛି । ବିଶ୍ୱ ଇତିହାସରେ ୧୮୫୭ ମସିହା ମାର୍ଚ୍ଚ ୮ତାରିଖ ନାରୀ ଅଧିକାର ଓ ନାରୀ ମୁକ୍ତି ନିମିତ୍ତ ଏକ ସ୍ମରଣୀୟ ଦିବସ ।

ଏହି ଦିନରେ ଆମେରିକାର ବିଭିନ୍ନ ବସ୍ତ୍ରଶିଳ୍ପରେ କାର୍ଯ୍ୟରତ ମହିଳାଗଣ ଧର୍ମଘଟର ଡାକରା ଦେଇ ସେମାନଙ୍କର କାର୍ଯ୍ୟର ସମୟ ଓ ମଜୁରି ସମ୍ପର୍କରେ ବିଚାର ନିମିତ୍ତ ଆହ୍ୱାନ ଦେଇଥିଲେ । ୧୯୦୮ ମାର୍ଚ୍ଚ ୮ତାରିଖ ଦିନ ନ୍ୟୁୟର୍କଠାରେ ପରିବେଶ ଓ ଭୋଟ ଅଧିକାରର ଦାବୀ ନେଇ ଶ୍ରମଜୀବୀ ମହିଳାମାନେ ଆନ୍ଦୋଳନ କରିଥିଲେ । ୧୯୧୦ ମସିହାରେ ମହିଳାମାନଙ୍କର ବିଭିନ୍ନ ଆନ୍ଦୋଳନ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ହୋଇ ବିଶ୍ୱସ୍ତରରେ ନାରୀ ଆନ୍ଦୋଳନ ଏକ ନୂତନ ରୂପରେଖ ଗ୍ରହଣ କଲା । ଏହି ମସିହାରେ ଜର୍ମାନୀ ଡେମୋକ୍ରାଟିକ ଦଳର ଅଧ୍ୟକ୍ଷା କ୍ଲାରା ଜେଟ୍‌କିନ୍ ଆନ୍ତର୍ଜାତିକ ନାରୀ ସମ୍ମିଳନୀରେ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ନାରୀ ଦିବସ ରୂପେ ପାଳନ ନିମିତ୍ତ ପ୍ରସ୍ତାବ ଦେଇଥିଲେ । ଏହାପରେ ବିଶ୍ୱର ବହୁ ମହିଳା ନିଜର ଦାବି ସାବ୍ୟସ୍ତ ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୧୪ ମସିହା ପର୍ଯ୍ୟନ୍ତ ସାମ୍ୟ ଏବଂ ଐକ୍ୟର ଦିନରୂପେ ମାର୍ଚ୍ଚ ୮ତାରିଖ ପାଳିତ ହେଉଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏହି ତାରିଖକୁ ଯୁଦ୍ଧବିରୋଧୀ ଦିବସ ରୂପେ ପାଳନ କରାଗଲା । ମହାତ୍ମା ଗାନ୍ଧି 'Young India' (ୟଙ୍ଗ ଇଣ୍ଡିଆ) ପତ୍ରିକାର ୧୯୨୯ ମସିହା ଅକ୍ଟୋବର ୧୭ତାରିଖ ସଂଖ୍ୟାରେ ମହିଳାଙ୍କ ଅଧିକାର ସାବ୍ୟସ୍ତ ନେଇ ସମଗ୍ର ମାନବ ସମାଜକୁ ଆହ୍ୱାନ ଜଣାଇଥିଲେ । ଏହାପରେ ପୃଥିବୀର ବିଭିନ୍ନ ସ୍ତରରେ ଏହାର ଆଲୋଚନା ହୋଇଥିଲା ଏବଂ ବିଶ୍ୱରେ ନାରୀ ଜାଗରଣର ଏକ ନୂତନ ଅଧ୍ୟାୟର ସୂତ୍ରପାତ ହେଲା । ଭାରତରେ ୧୯୬୦ ମସିହାରେ ମାର୍ଚ୍ଚ ୮ତାରିଖକୁ ଏକ ବିଶେଷ ଦିବସ ରୂପେ ଗ୍ରହଣ କଲେ । କାରଣ ଏହି ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ୫୦ ବର୍ଷ ସମ୍ପୂର୍ଣ୍ଣ ହୋଇଥିଲା । ସମଗ୍ର ଭାରତୀୟ ମହିଳାମାନଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ଐତିହାସିକ ଦିବସ ରୂପେ ପରିଗଣିତ । ମୁସଲିମ୍ ମହିଳା ଅଧିକାର ବିଲ ବିରୋଧରେ ଭାରତରେ ୧୯୮୬ ମସିହା ମାର୍ଚ୍ଚ ୮ତାରିଖରେ ଯେପରି ମହିଳାମାନଙ୍କଦ୍ୱାରା ଏକ ଆନ୍ଦୋଳନ ସଂଘଟିତ ହେଲା ତଦ୍ଦ୍ୱାରା ଭାରତରେ ନାରୀଜାଗରଣ କିଛିପରିମାଣରେ ଆରମ୍ଭ ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଆଜି ଭାରତବର୍ଷର ଏକ ତୃତୀୟାଂଶ ଶ୍ରମଶକ୍ତି ହେଉଛି ମହିଳାଙ୍କର । ସେମାନଙ୍କର ସାମାଜିକ ଓ ଆର୍ଥନୀତିକ ବିକାଶ ନହେଲେ ଦେଶର ପ୍ରଗତି ଅସମ୍ଭବ । ଅଥଚ ଏହି ନାରୀଜାତି ବହୁ ସମୟରେ ପୁରୁଷର ଯୌନକାମନାର ଶିକାର ହୋଇ ଆତ୍ମହତ୍ୟା କରନ୍ତି କିମ୍ବା ମାନସିକ ପୀଡ଼ନ ମଧ୍ୟରେ ନିଜର ସ୍ୱାତନ୍ତ୍ର୍ୟ ହରାଇ କେବଳ ଭୋଗ୍ୟସାମଗ୍ରୀ ରୂପେ ପରିଗଣିତ ହୋଇଥାନ୍ତି ।

ଭାରତରେ କେତେକ ପଦକ୍ଷେପ: ଆନ୍ତର୍ଜାତିକ ମହିଳା ସଙ୍ଗଠନ ମାଧ୍ୟମରେ ଆଜି ନାରୀ ଜାତିର ଶାରୀରିକ, ବୌଦ୍ଧିକ ବିକାଶ ନିମିତ୍ତ ଦୃଷ୍ଟି ଦିଆଯାଉଛି । ୟୁନିସେଫ ବିଭିନ୍ନ କ୍ଷେତ୍ରରେ ନାରୀ ଜାତିର ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି । ଗତବର୍ଷ (୧୯୯୭) ମହିଳାଙ୍କ ଅବସ୍ଥା ସମ୍ପର୍କରେ ଆଲୋଚନା ନିମିତ୍ତ ଏକ ବିଶେଷ ବୈଠକ ଆହୁତ ହୋଇଥିଲା । ୧୯୯୪ ମସିହାରେ କାଇରୋଠାରେ ରାଷ୍ଟ୍ରସଂଘ ଉଦ୍ୟମରେ ହୋଇଥିବା ଜନସଂଖ୍ୟା ସମ୍ମିଳନୀରେ ମହିଳାଙ୍କ ପ୍ରତି ପୁରୁଷସମାଜର ଯେଉଁ ଦୃଷ୍ଟିଭଙ୍ଗୀ ରହିଛି, ତା'ର ପରିବର୍ତ୍ତନ ପାଇଁ ବିଶେଷ ଭାବରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସେମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ନିମିତ୍ତ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋକପାତ କରାଯାଇଥିଲା । ୧୯୭୮ ମସିହାରେ ଅଶୋକ ମେହେଟ୍ଟା କମିଟି ବିଭିନ୍ନ ନୀତି ନିର୍ଦ୍ଧାରଣ ଓ ସିଦ୍ଧାନ୍ତ ଗ୍ରହଣ କ୍ଷେତ୍ରରେ ମହିଳାମାନଙ୍କୁ ଜଡ଼ିତ କରିବା ନିମିତ୍ତ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ନିଶ୍ଚିତ ଭାବରେ ନାରୀ ସ୍ୱାଭିମାନର ଏକ ପ୍ରଶ୍ନ । ଏହା ଦ୍ୱାରା କେତେକ ପରିମାଣରେ ନାରୀ ଜାତିର ସମ୍ମାନ ବୃଦ୍ଧି ଲାଭ କରିବ । ଭାରତର ୧୯୯୨ ମସିହାରେ ସମ୍ବିଧାନର ୭୩ ଏବଂ ୭୪ ତମ

ଟିପ୍ପଣୀ

ସଂଶୋଧନରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ବିଭିନ୍ନ ପରିଷଦମାନଙ୍କରେ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ଶତକଡ଼ା ୩୦ଭାଗ ସ୍ଥାନ ମହିଳାମାନଙ୍କ ନିମିତ୍ତ ସଂରକ୍ଷିତ ରହିବାର ଯେଉଁ ବ୍ୟବସ୍ଥା ହେଲା ତଦ୍ଦ୍ୱାରା ଭାରତୀୟ ନାରୀ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାର ଅଧିକାର ପ୍ରାପ୍ତି ହେଲେ ।

ଉପସଂହାର: ଆନ୍ତର୍ଜାତିକ ସ୍ତରରେ ୧୯୭୫ ମସିହାରେ ମେକ୍‌ସିକୋ ସହରରେ ବିଶ୍ୱର ମହିଳା ସମ୍ମିଳନୀ ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ନାରୀର ମୁକ୍ତି ଓ ପ୍ରଗତି ସମ୍ବନ୍ଧରେ ଆଲୋଚନା ହୋଇଥିଲା । ୧୯୯୫ ମସିହା ସେପ୍ଟେମ୍ବର ମାସରେ ବେଜିଂଠାରେ ରାଷ୍ଟ୍ରସଂଘ ଉଦ୍ୟମରେ ଚତୁର୍ଥ ବିଶ୍ୱ ମହିଳା ସମ୍ମିଳନୀ ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ନାରୀମାନଙ୍କର ବହୁ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇ ସକରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ନାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଜଡ଼ିତ କରି ସେମାନଙ୍କର ମନୋବଳ ବୃଦ୍ଧି ତଥା ସମ୍ମାନ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଯୋଜନା ହେଲା । ମାତ୍ର ବାସ୍ତବ କ୍ଷେତ୍ରରେ ତାହା କେତେଦୂର କାର୍ଯ୍ୟକାରୀ ହେଲା, ଅନୁଶୀଳନର ବିଷୟ । ଏ କଥା ସତ୍ୟ, ପୁରୁଷସମାଜର ମନୋବୃତ୍ତିରେ ପରିବର୍ତ୍ତନ ନ ଘଟିଲେ ନାରୀଜାତିର ମୁକ୍ତି ଓ ପ୍ରଗତି କେବଳ ଧୂଆଁବାଣ ହୋଇ ରହିଯିବ । ସମାଜ ଗଠନରେ ପୁରୁଷ ସହିତ ନାରୀର ଯେ ସମାନ ଭୂମିକା ରହିଛି, ଏହା ପୁରୁଷସମାଜକୁ ଅନୁଭବ କରିବାକୁ ହେବ । ନାରୀ କେବଳ ଭୋଗ ବା ତ୍ୟାଗର ସାମଗ୍ରୀ ନୁହନ୍ତି, ସମାଜର ସୁସ୍ଥ ବିକାଶ ଓ ଗଠନରେ ତା'ର ଏକ ବିଶେଷ ଭୂମିକା ରହିଛି । ଏହି ସାର୍ବଜନୀନ ସତ୍ୟ ଯେତେବେଳେ ସମାଜର ଏକ ବିଶେଷ ସତ୍ୟ ରୂପେ ଗୃହୀତ ହେବ, ସେତେବେଳେ କେବଳ ଯାଇ ନାରୀଜାତିର ମୁକ୍ତି ଏବଂ ପ୍ରଗତି ସମ୍ଭବ ହୋଇପାରିବ । ନଚେତ୍ ଏହା କେବଳ କର୍ଣ୍ଣରୋଚକ ଶବ୍ଦମାଳୀ ହୋଇ ସମାଜରେ ବହୁ ସନ୍ଦେହର କୁହେଳିକା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସମାଜକୁ ଅଧୋପତନ ଦିଗକୁ ଅଗ୍ରସର କରାଇନେବ ।

●●●

୯.୦ ଉଦାରୀକରଣ ଅର୍ଥନୀତି

ଉପକ୍ରମ: ଯେକୌଣସି ଦେଶର ଉନ୍ନତି ମୁଖ୍ୟତଃ ସେ ଦେଶର ଅର୍ଥନୀତି ଉପରେ ନିର୍ଭରଶୀଳ ।ଦେଶର ପ୍ରଗତି ଏହା ଉପରେ ନିର୍ଭର କରୁଥିବାରୁ ଏକ ସୁଦୃଢ଼ ଅର୍ଥନୀତିର ଆବଶ୍ୟକତା ସର୍ବଦା ଅନୁଭୂତ ହୋଇଥାଏ । ଦେଶର ପରିବର୍ତ୍ତନକୁ ଆଖିରେ ରଖି ଅର୍ଥନୀତିରେ ମଧ୍ୟ ପରିବର୍ତ୍ତନ ସାଧିତ ହେବା ଆବଶ୍ୟକ । ଉଦାରୀକରଣ ଅର୍ଥନୀତିର ଅନ୍ୟ ନାମ ନୂତନ ଅର୍ଥନୀତି । ସ୍ୱାଧୀନତା ପୂର୍ବରୁ ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ଇଂରେଜମାନଙ୍କର ଇଚ୍ଛାନୁଯାୟୀ ପରିଚାଳିତ ହେଉଥିଲା । ସ୍ୱାଧୀନତାପ୍ରାପ୍ତିର ବହୁଦିନ ପର୍ଯ୍ୟନ୍ତ ପୂର୍ବ ଅନୁସୃତ ଆର୍ଥିକ ନୀତିକୁ ଭାରତ ଗ୍ରହଣ କରିଆସୁଥିଲା । ମାତ୍ର ସେହି ଅର୍ଥନୀତି ଭାରତୀୟ ସମାଜର ଉନ୍ନତିର ପରିପନ୍ଥୀ ବୋଲି ଅନୁମତି ହେବାରୁ, ପ୍ରଚଳିତ ଅର୍ଥନୀତିରେ ପରିବର୍ତ୍ତନ ପାଇଁ ଆମେ ନୂତନ ଅର୍ଥନୀତିକୁ ଗ୍ରହଣ କଲୁ । ଏହାଦ୍ୱାରା ଭାରତୀୟ ଅର୍ଥନୀତି ପ୍ରଗତି କ୍ଷେତ୍ରରେ ଅଗ୍ରସର ହୋଇପାରିବ ବୋଲି ଆମର ହୃଦ୍‌ବୋଧ ହେଲା ।

ଉଦାରୀକରଣର ଅର୍ଥ: ଉଦାରୀକରଣ ଅର୍ଥ ବିଭିନ୍ନ ଅର୍ଥନୀତିଜ୍ଞ ଭିନ୍ନ ଭିନ୍ନ ରୂପେ ପ୍ରକାଶ କରିଛନ୍ତି । କେହି କେହି ଏହାକୁ ନୂତନ ଅର୍ଥନୀତି ଓ ମୁକ୍ତ ଅର୍ଥନୀତି ବୋଲି କହିଥାନ୍ତି । ଖୋଲାଖୋଲି ଭାବରେ ପୁଞ୍ଜି ସଂଗ୍ରହ କରି, ତାହାକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରି ଆର୍ଥିକ ପ୍ରଗତି କରିବା ଏହାର ଉଦ୍ଦେଶ୍ୟ । ଅର୍ଥନୀତିକ ସଂସ୍କାର ନିମିତ୍ତ ବିଶ୍ୱ ବଜାରରୁ ଭାରତ ଏହି ନୂତନ ଅର୍ଥନୀତିକୁ ଗ୍ରହଣ କରିଛି ଏବଂ ଏହା ମାଧ୍ୟମରେ ଦେଶର ପ୍ରଗତି କରି ବୈଦେଶିକ ଋଣଭାରକୁ କେତେକାଂଶରେ ମୁକ୍ତିଲାଭ କରିବାର ସ୍ୱପ୍ନ ଦେଖିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସମାଜବାଦୀ ଅର୍ଥନୀତି ଆମର ଆର୍ଥିକ ପ୍ରଗତି ପାଇଁ ବିଶେଷ ଭାବରେ ସହାୟକ ହେବ ବୋଲି ଭାରତୀୟ ଅର୍ଥନୀତିଜ୍ଞଗଣ ମନେ କରୁଥିଲେ । ମାତ୍ର ସେ ସ୍ୱପ୍ନ ଧୂଳିସାତ୍ ହେବାରୁ ବିଶ୍ୱରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ପ୍ରତିଯୋଗିତା କ୍ଷେତ୍ରରେ ଉତ୍ତୀର୍ଣ୍ଣ ହେବାପାଇଁ ଆମେ ସର୍ବଶେଷରେ ଏହି ଅର୍ଥନୀତିର ଆଶ୍ରୟ ନେଇଛୁ ।

ଅତୀତ ଭାରତରେ ଏହାର ପରମ୍ପରା: ଭାରତରେ ସମ୍ପ୍ରତି ଅନୁସୃତ ନୂତନ ଅର୍ଥନୀତି ଭାରତୀୟ ସମାଜ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ନୂତନ ନୁହେଁ । ବହୁ ପ୍ରାଚୀନ କାଳରେ ଏପରି ଅର୍ଥନୀତି ଭାରତରେ ପ୍ରଚଳିତ ଥିଲା ବୋଲି ମତାମତ ପ୍ରକାଶ ପାଇଥାଏ । ବିଂଶ ଶତାବ୍ଦୀରେ ଏହା ଏକ ନୂତନ ଅର୍ଥନୀତି ରୂପେ ସ୍ୱୀକୃତି ଲାଭ କରିଛି । ଭାସ୍କୋଡ଼ାଗାମା ୧୪୮୭ ମସିହା ମେ ମାସରେ ଭାରତର ପଶ୍ଚିମ ଉପକୂଳ କାଲିକଟରେ ପହଞ୍ଚିବା ସମୟରେ ଭାରତର ଅର୍ଥନୀତି ସାମ୍ପ୍ରତିକ ଅର୍ଥନୀତିର ଅନୁରୂପ ଥିଲା । ସେତେବେଳେ ମଧ୍ୟ ଅର୍ଥନୀତି ଉପରେ ବିଶେଷ କିଛି କଟକଣା ଜାରି ହେଉନଥିଲା । ମୁକ୍ତବଜାର ଓ ମୁକ୍ତ ଅର୍ଥନୀତି ଥିଲା ତତ୍କାଳୀନ ସମାଜର ଆଦର୍ଶ । ଏପରିକି ଖ୍ରୀଷ୍ଟୀୟ ୧୧୦୦ ଶତକ ବେଳକୁ ଭାରତରେ ଚୋଳ ରାଜତ୍ୱ ସମୟରେ ବାଣିଜ୍ୟ ପଥ ଓ ଧାରା ମୁକ୍ତ ଥିବାରୁ ମୁକ୍ତ ଅର୍ଥନୀତିର ପ୍ରଚଳନ ଥିଲା । ବାଣିଜ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥିଲା । ସପ୍ତଦଶ ଶତକରେ ପର୍ତ୍ତୁଗୀଜ, ଡଚ୍ ଆଦି ବାଣିଜ୍ୟ କ୍ଷେତ୍ରରେ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ ହେଁ ବ୍ୟବସାୟ ଉପରେ କୌଣସି କଟକଣା ଜାରି ହୋଇ ନଥିଲା । ମୁକ୍ତ ଭାବରେ

ବ୍ୟବସାୟ କରି ସେମାନେ ପ୍ରଚୁର ଅର୍ଥଲାଭ କରୁଥିଲେ । ଭାରତୀୟ ପଣ୍ୟସାମଗ୍ରୀ ସେତେବେଳେ ଆମଷ୍ଟରଡ଼ାମଠାରେ ମୁକ୍ତଭାବରେ ନିଲାମ ହେଉଥିଲା । ଏହିପ୍ରକାର ଅର୍ଥନୀତିକୁ ମୁକ୍ତ ଅର୍ଥନୀତି ଏବଂ ସାମ୍ପ୍ରତିକ ଅର୍ଥନୀତି ଶାସ୍ତ୍ରରେ ଅର୍ଥନୀତିର ଉଦାରୀକରଣ ବୋଲି କୁହାଯାଇପାରେ । ପରବର୍ତ୍ତୀ ସମୟରେ ଇଂରେଜମାନେ ନିଜ ବାଣିଜ୍ୟର ଏକଚାଟିଆ ଅଧିକାର ନିମିତ୍ତ ବିଭିନ୍ନ କଟକଣା ଜାରି କଲେ ଓ ମୁକ୍ତ ଅର୍ଥନୀତିରେ ବାଧା ସୃଷ୍ଟି ହେଲା । ସ୍ୱାଧୀନତା ପରେ ବିଶେଷରୂପେ ୧୯୯୧ ମସିହାରେ ପୁନଃ ଏ ପ୍ରକାର ଅର୍ଥନୀତିର ଘୋଷଣା କରାଗଲା ।

ଉଦାରୀକରଣ ଅର୍ଥନୀତିର ସାମ୍ପ୍ରତିକ ଅର୍ଥ: ଭାରତରେ ନିୟନ୍ତ୍ରିତ ଅର୍ଥନୀତି ଆର୍ଥନୀତିକ ପ୍ରଗତି କ୍ଷେତ୍ରରେ ସହାୟକ ନହେବାରୁ ନୂତନ ଅର୍ଥନୀତିକୁ ଆମେ ଗ୍ରହଣ କରିନେଲୁ । ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଦେଶର ଅର୍ଥନୀତିକୁ ଯେତିକି ପରିମାଣରେ ସୁଦୃଢ଼ କରିବ ବୋଲି ଆଶା କରାଯାଇଥିଲା, ବାସ୍ତବ କ୍ଷେତ୍ରରେ ତାହା ହେଲା ନାହିଁ । ତୈଳକ୍ଷେତ୍ରରେ ଭାରତ ବହୁପରିମାଣରେ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତିକରିବାକୁ ଲାଗିଲା । ଭାରତରେ ଗଚ୍ଛିତ ଥିବା ବୈଦେଶିକ ମୁଦ୍ରାର ପରିମାଣ ସଙ୍କୁଚିତ ହୋଇପଡ଼ିଲା । ମୁଦ୍ରାସ୍ଫୀତି ବୃଦ୍ଧିଲାଭ କଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପରେ ଯେଉଁ ଶିଳ୍ପନୀତି ନିର୍ଦ୍ଧାରଣ କରାଯାଇଥିଲା, ତାହା ଯଥାର୍ଥ ଭାବରେ ପରିପୂରଣ ହୋଇପାରିଲା ନାହିଁ । ଗଚ୍ଛିତ ଥିବା ବୈଦେଶିକ ମୁଦ୍ରା ବହୁପରିମାଣରେ ବୈଦେଶିକ ଯନ୍ତ୍ରପାତି କ୍ରୟରେ ବିନିଯୋଗ ହୋଇଯିବାରୁ ଅର୍ଥନୀତି ଉପରେ ନିୟନ୍ତ୍ରଣ ଜାରି କରିବା ସମ୍ଭବ ହୋଇପାରିଲା ନାହିଁ । ସେଥିପାଇଁ ସରକାର ମୁକ୍ତବଜାର ଅର୍ଥନୀତିର ଆବଶ୍ୟକ କଲେ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ଉପଯୋଗିତା ଅନୁଭବ କଲେ । ସାମ୍ପ୍ରତିକ ଅର୍ଥରେ ପ୍ରତିଯୋଗିତାପୂର୍ଣ୍ଣ କଟକଣା ମୁକ୍ତବଜାର ଅର୍ଥନୀତି ହିଁ ଉଦାରୀକରଣ ଅର୍ଥନୀତି । ଏହି ଅର୍ଥନୀତିର ପ୍ରଚଳନ ଦ୍ୱାରା ଭାରତ ବହୁପରିମାଣରେ ବୈଦେଶିକ ମୁଦ୍ରାଲାଭ କରିଛି ବୋଲି ଦାବି କରିଛି ।

ଉଦାରୀକରଣ ଅର୍ଥନୀତିର କାରଣ: ପ୍ରତିଷେଧମୂଳକ ଅର୍ଥନୀତି ବା ନିୟନ୍ତ୍ରିତ ଅର୍ଥନୀତିର ଅସଫଳତା ଉଦାରୀକରଣ ଅର୍ଥନୀତି ସୃଷ୍ଟିର ମୂଳକାରଣ । ଭାରତର ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଶିଳ୍ପର ଉନ୍ନତି, ମାନବସମ୍ବଳର ସଫଳ ଉପଯୋଗ, ପ୍ରାକୃତିକ ସମ୍ପଦର ଯଥାର୍ଥ ବିନିଯୋଗ, ବିଦେଶୀ କାରିଗରୀ ବିଦ୍ୟାର କ୍ଷିପ୍ର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିରେ ମଧ୍ୟ ଉପଭୋଗର ମାତ୍ରା ହ୍ରାସ କରିବା ନିମିତ୍ତ ପରାମର୍ଶ ଦିଆଯାଇଥିଲା । କୃଷିର ଉନ୍ନତି ଦ୍ୱାରା ଖାଦ୍ୟଶସ୍ୟ କ୍ଷେତ୍ରରେ ଭାରତ ସ୍ୱାବଲମ୍ବନଶୀଳ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଥିଲା । ମୁଣ୍ଡପିଛା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ରପ୍ତାନୀର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଦେଶିକ ପୁଞ୍ଜିର ବୃଦ୍ଧି ନିମିତ୍ତ ରପ୍ତାନୀ ବୃଦ୍ଧି ଓ ଆମଦାନୀ ଉଣା ପ୍ରତି ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭାରତ ଯେଉଁ ଲକ୍ଷ୍ୟରେ ଉପନୀତ ହେବା କଥା, ସେଠାରେ ଉପନୀତ ହୋଇପାରିଲା ନାହିଁ । ଗାନ୍ଧିଜୀ ସ୍ୱଦେଶୀଶିଳ୍ପ ଓ କୁଟୀରଶିଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତ ଗାନ୍ଧିଜୀଙ୍କ ଅର୍ଥନୀତି ଉପରେ ଗୁରୁତ୍ୱ ଦେଇଥିଲେହେଁ, ପରବର୍ତ୍ତୀ ସମୟରେ ତାହାକୁ ଉପେକ୍ଷା କରାଗଲା । ପ୍ରଚୁର ବୈଦେଶିକ ପୁଞ୍ଜି ବିନିଯୋଗ କରାଯାଇ ବିଦେଶରୁ ପ୍ରଯୁକ୍ତବିଦ୍ୟା, ଯନ୍ତ୍ରପାତି, କଞ୍ଚାମାଲ ଆଦି ଆମଦାନୀ କରାଗଲା । ଯେଉଁ ପରିମାଣରେ ବୈଦେଶିକ ମୁଦ୍ରାର ବିନିଯୋଗ କରାଗଲା, ସେହି ପରିମାଣରେ ଭାରତୀୟ ବସ୍ତୁର ରପ୍ତାନୀ କରାଯାଇପାରିଲା ନାହିଁ କିମ୍ବା

ଆନ୍ତର୍ଜାତିକ ପ୍ରତିଯୋଗିତା ବଜାରରେ ଆମେ ନିଜକୁ ସଫଳ ପ୍ରତିଯୋଗୀ ରୂପେ ପ୍ରତିପାଦିତ କରିପାରିଲୁ ନାହିଁ । ଭାରତରେ ବୈଦେଶିକ ମୁଦ୍ରାର ନିଅଣ୍ଟ ହେବାରୁ ବିଶ୍ୱବ୍ୟାଙ୍କ ତଥା ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଦ୍ୱାରସ୍ଥ ଆମକୁ ହେବାକୁ ପଡ଼ିଲା । ଋଣ ଗ୍ରହଣ ସମୟରେ ୧୯୫୫ ମସିହାରେ ଆମେ ଯେଉଁ ସ୍ୱାବଲମ୍ବନଶୀଳ ଅର୍ଥନୀତି ଉପରେ ଗୁରୁତ୍ୱ ଦେଇଥିଲୁ, ତାହା ଭୁଲିଯିବାକୁ ବାଧ ହେଲୁ । ବିଶ୍ୱବ୍ୟାଙ୍କରୁ ଋଣ ଆଣିବା ଦ୍ୱାରା ଆମକୁ ତା'ର କେତେଗୁଡ଼ିଏ ସର୍ତ୍ତ ମାନିନେବାକୁ ପଡ଼ିଲା । ଏହି କାରଣରୁ ଭାରତ ମୁକ୍ତବଜାର ଅର୍ଥନୀତିକୁ ଗ୍ରହଣ କରିଛି । ବିଦେଶୀ ପଣ୍ୟଦ୍ରବ୍ୟର ଅବାଧ ପ୍ରବେଶ ଘଟିଛି । ବାଣିଜ୍ୟ କ୍ଷେତ୍ରରେ କଟକଣା କୋହଳ କରାଯାଇଥିବାରୁ ଭାରତରେ ବିଦେଶୀ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି । ମାତ୍ର ଆମର ଆର୍ଥିକ ସ୍ଥିତିରେ ବିଶେଷ କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଥିବାର ଦେଖିବାକୁ ମିଳେ ନାହିଁ ।

ଭାରତରେ ଏହାର ବିଶେଷତ୍ୱ: ଉଦାରୀକରଣ ଅର୍ଥନୀତି ଦ୍ୱାରା ଭାରତ କେତେକ କ୍ଷେତ୍ରରେ ଯେ ଲାଭବାନ୍ ହୋଇଛି, ଅସ୍ୱୀକାର କରାଯାଇ ନପାରେ । ୧୯୯୧ ମସିହାରେ ଭାରତର ମୁଦ୍ରାସ୍ଫୀତି ୧୬.୭ ଶତାଂଶରେ ପହଞ୍ଚିଥିଲା । ତେଣୁ ଏକ ଦେବାଳିଆ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିବା ସମୟରେ ଏକ ନୂତନ ଆର୍ଥିକ ସଂସ୍କାରର ଆବଶ୍ୟକତା ଅନୁଭୂତ ହେଲା । ତତ୍କାଳୀନ ଅର୍ଥମନ୍ତ୍ରୀ ଡ଼ଃ ମନମୋହନ ସିଂ ଏହି ଉଦାରୀକରଣ ଅର୍ଥନୀତି ଯୋଗୁଁ ଭାରତ ଦେବାଳିଆ ଅବସ୍ଥାରୁ ରକ୍ଷା ପାଇଗଲା ବୋଲି ଯୁକ୍ତି କରିଛନ୍ତି । ଏହାଦ୍ୱାରା ବିଦେଶରେ ରହୁଥିବା ଭାରତୀୟମାନେ ଆଗ୍ରହର ସହିତ ଏଠାରେ ପୁଞ୍ଜି ବିନିଯୋଗ କରିବାରୁ ବୈଦେଶିକ ମୁଦ୍ରା ବହୁପରିମାଣରେ ବୃଦ୍ଧି ଲାଭ କରିଛି । ଦେଶରେ ମୁଦ୍ରାସ୍ଫୀତିର ହାର କେତେକ ପରିମାଣରେ ହ୍ରାସ ପାଇଛି । ମୁକ୍ତ ଅର୍ଥନୀତି ଯୋଗୁଁ କଟକଣା ହ୍ରାସ ପାଇଥିବାରୁ ବିଦେଶର ଶିଳ୍ପପତି ଓ ପୁଞ୍ଜିପତି ଭାରତରେ ସେମାନଙ୍କର ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି । ଉଦାରୀକରଣ ଅର୍ଥନୀତିର ମଧ୍ୟ ଅନ୍ୟ କେତେକ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ଉଦାରନୀତି ଦ୍ୱାରା ସରକାରୀ ନିୟନ୍ତ୍ରଣ ହ୍ରାସ ପାଇଥିବାରୁ ଲାଞ୍ଚ ଓ ସରକାରୀ ନାଲିଫିତାର ବିଳମ୍ବଜନିତ କାର୍ଯ୍ୟ ଦୂରୀଭୂତ ହୋଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ଆର୍ଥିକ ପ୍ରଗତିରେ ବାଧା ସୃଷ୍ଟି କରିଥାଏ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ସମୁଦାୟ ଅର୍ଥନୀତି ସରକାରୀ ଉଦ୍ୟୋଗରୁ ମୁକ୍ତିଲାଭ କରିଥାଏ । ଏହାଦ୍ୱାରା ପୁଞ୍ଜିପତି ବିଭିନ୍ନ କ୍ଷେତ୍ରରେ ଅଧିକ ପରିମାଣରେ ପୁଞ୍ଜି ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଯେଉଁ କ୍ଷେତ୍ରରେ ସମାଜର ପ୍ରଗତି ସମ୍ଭବ, ସେ କ୍ଷେତ୍ରରେ ସରକାରୀ ଉଦ୍ୟୋଗଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ବିଶେଷକରି ଶିକ୍ଷା, ଯୋଗାଯୋଗ, ସ୍ୱାସ୍ଥ୍ୟ, ଜଳସେଚନ, ବିଦ୍ୟୁତ ପ୍ରକଳ୍ପ ଆଦି କ୍ଷେତ୍ରରେ ସରକାରୀ ଉଦ୍ୟୋଗଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଖାଉଟି ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ବେସରକାରୀ ଉଦ୍ୟୋଗଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଉଦାରୀକରଣ ନୀତିଯୋଗୁଁ ବେସରକାରୀ ଉଦ୍ୟୋଗ ବହୁପରିମାଣରେ ଅର୍ଥ ବିନିଯୋଗ କରି ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିଥାନ୍ତି ଓ ଆର୍ଥିକ ପ୍ରଗତିରେ ସହାୟତା ଦେଇଥାନ୍ତି । ଉପନିବେଶବାଦର ପ୍ରଚଳନ ସମୟରେ ବିଦେଶୀ ଶାସନ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରି ଭାରତର ଅର୍ଥନୀତିକୁ ଶୋଷଣ କରିଥିଲେ । ମାତ୍ର ସ୍ୱାଧୀନତା ପରେ ଉଦାରୀକରଣ ଅର୍ଥନୀତି ସତ୍ତ୍ୱେ ତା'ଉପରେ ଅଙ୍କୁଶ ଲଗାଯାଇପାରୁଥିବାରୁ ବିଦେଶୀ ପୁଞ୍ଜି ବିନିଯୋଗକାରୀ ଅବାଧରେ ଅର୍ଥନୀତିକୁ ଶୋଷଣ କରିବାର ଅବକାଶ ନାହିଁ । ପରନ୍ତୁ ବିଦେଶୀ କାରିଗରୀ କୌଶଳ, ବୈଷୟିକ ଜ୍ଞାନ ତଥା ଆଧୁନିକ ଯନ୍ତ୍ରପାତିର ଆଗମନ ଫଳରେ ଭାରତର ଅର୍ଥନୀତିରେ ଉନ୍ନତି

ଟିପ୍ପଣୀ

ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇନପାରେ ।

ଏହି ଅର୍ଥନୀତିର ତ୍ରୁଟି: ଏହା ସତ୍ତ୍ୱେ ଉଦାରୀକରଣ ଅର୍ଥନୀତିରେ ବହୁ ତ୍ରୁଟି ରହିଛି । ଭାରତର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଆମେ ଏହି ନୂତନ ଅର୍ଥନୀତିକୁ ଗ୍ରହଣ କରିଥିଲେ ହେଁ, ଏହାଦ୍ୱାରା ଆମେ କେତେକ କ୍ଷତିର ସମ୍ମୁଖୀନ ହୋଇଛୁ । ଭାରତୀୟ ଅର୍ଥନୀତି ବିଦେଶୀ ବଜାରକୁ କରାୟତ୍ତ କରିବା ନିମିତ୍ତ ନୂତନ ଆମଦାନୀ ନୀତିର ପ୍ରଚଳନ, ରପ୍ତାନୀବଜାର ଆଦିର ପ୍ରଚଳନ କରିଥିଲେ ହେଁ ଏ କ୍ଷେତ୍ରରେ ସଫଳ ହୋଇପାରିନଥିବା ଅନୁମେୟ । ବିଦେଶରୁ ପ୍ରଯୁକ୍ତବିଦ୍ୟା, ଶିଳ୍ପପଣ୍ୟ ଉତ୍ପାଦନର କଞ୍ଚାମାଲ, ଆଧୁନିକ ଯନ୍ତ୍ରପାତିର ଅଧିକ ଆମଦାନୀ କରି ସେଥିରୁ ଉତ୍ପାଦିତ ପଦାର୍ଥକୁ ବିଶ୍ୱବଜାରକୁ ପଠାଇ ଆମେ ଯେତିକି ଲାଭବାନ୍ ହେବାକୁ ଯୋଜନା ପ୍ରସ୍ତୁତ କରିଥିଲୁ, ବାସ୍ତବ କ୍ଷେତ୍ରରେ ତାହା ହୋଇପାରି ନାହିଁ । ଏସବୁ ପଦାର୍ଥର ଆମଦାନୀ ଉଦ୍ଦେଶ୍ୟରେ ବହୁପରିମାଣର ବୈଦେଶିକ ମୁଦ୍ରା ବ୍ୟୟ କରାଯିବାରୁ ଗଚ୍ଛିତ ବୈଦେଶିକ ମୁଦ୍ରାର ଅଭାବ ଘଟିଲା । ବାଧ୍ୟହୋଇ ଭାରତ ସରକାର ନିଅଣ୍ଟିଆ ପରିସ୍ଥିତିରୁ ମୁକ୍ତ ହେବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସହାୟତା ଗ୍ରହଣ କରିବାରୁ ସେମାନଙ୍କର କେତେଗୁଡ଼ିଏ ସର୍ତ୍ତ ମାନିନେବାକୁ ହେଲା । ବିଦେଶୀ ପଣ୍ୟଦ୍ରବ୍ୟର ଅବାଧ ପ୍ରବେଶ ଦ୍ୱାରା ଭାରତୀୟ ଅର୍ଥନୀତିରେ ମଧ୍ୟ ସଙ୍କଟ ଦେଖାଗଲା । ୧୯୯୭ ମସିହା ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ଭାରତର ବୈଦେଶିକ ବାଣିଜ୍ୟର ନିଅଣ୍ଟ ପରିମାଣ ୧୫୦କୋଟି ଡ଼ଲାରରେ ପହଞ୍ଚିବଲା । ଗୋଟିଏ ବର୍ଷ ମଧ୍ୟରେ ଆମର ନିଅଣ୍ଟ ପରିମାଣ ଶତକଡ଼ା ୬୮ ଭାଗ ବଢ଼ିଛି । ଆମେ ଯେଉଁ ପରିମାଣରେ ବିଦେଶରୁ ଆମଦାନୀ କରିଛୁ, ସେହି ପରିମାଣର ରପ୍ତାନୀର ବୃଦ୍ଧି କରିପାରି ନଥିବାରୁ ଏ ପ୍ରକାର ପରିସ୍ଥିତି ସୃଷ୍ଟି ଲାଭ କରିଛି । ବିଦେଶୀ ଭୋଗ୍ୟବସ୍ତୁର ଚାହିଦା ଆମ ଦେଶରେ ଯେଉଁ ପରିମାଣରେ ବୃଦ୍ଧି ପାଇଛି, ବିଦେଶରେ ଆମ ଭୋଗ୍ୟବସ୍ତୁର ଚାହିଦା ସେହି ପରିମାଣରେ ବୃଦ୍ଧି ପାଇପାରି ନାହିଁ । ଅପରପକ୍ଷରେ ବିଦେଶୀ ପୁଞ୍ଜି ବିନିଯୋଗକାରୀଙ୍କ ସହିତ ଆମେ ସମାନ୍ତରାଳ ଭାବରେ ମଧ୍ୟ ପ୍ରତିଯୋଗିତା କରିପାରୁ ନାହୁଁ । ଉଦାରୀକରଣ ଅର୍ଥନୀତି ଯୋଗୁଁ ଭାରତ ପରି ବିକାଶଶୀଳ ରାଷ୍ଟ୍ରରେ ଯେଉଁ ବିଷୟ ପ୍ରତି ଅଧିକ ଧ୍ୟାନ ଦେବାକଥା, ତାହା ଦିଆଯାଇ ପାରି ନାହିଁ । ବିଶେଷ ଭାବରେ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଆଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପମାନ ଗ୍ରହଣ କରାଯାଇ ପାରି ନାହିଁ । ଜାତୀୟ ଉତ୍ପାଦନ ବୃଦ୍ଧିର ହାର ବଢ଼ି ନାହିଁ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିବିଶେଷଙ୍କର କୌଣସି ଆର୍ଥିକ ଉନ୍ନତି ଦେଖାଯାଇ ନାହିଁ । ଦରିଦ୍ର ବ୍ୟକ୍ତି କ୍ରମଶଃ ଦରିଦ୍ରରୁ ଦରିଦ୍ରତର ଅବସ୍ଥାକୁ ଗତି କରିଛନ୍ତି । ଏହି ଉଦାରୀକରଣ ଅର୍ଥନୀତି ଯୋଗୁଁ ବିଦେଶର ପୁଞ୍ଜିପତିଗଣ ଭାରତରେ କେବଳ ଖାଉଟି ସାମଗ୍ରୀମାନ ଉତ୍ପାଦନ କରି ଏକ ଉପଭୋକ୍ତା ଶ୍ରେଣୀ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି । ବୈଦେଶିକ ଜିନିଷର ବିକ୍ରି ଓ ଉପଭୋଗ ନିମିତ୍ତ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ଲାଭ କଲେ ଭାରତୀୟ ଅର୍ଥନୀତି ବହୁପରିମାଣରେ ବ୍ୟାହତ ହେବ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କର କୌଣସି ଆର୍ଥିକ ଉନ୍ନତି ହେବା ଅସମ୍ଭବ ମଧ୍ୟ ।ବେସରକାରୀ ଉଦ୍ୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରିବା ଦ୍ୱାରା ଖଟିଖିଆ ଗୋଷ୍ଠୀ ବହୁପରିମାଣରେ କ୍ଷତିର ସମ୍ମୁଖୀନ ହେବେ । ଭାରତର ଉଦାରୀକରଣ ଅର୍ଥନୀତିକୁ ବିଶ୍ୱର ପ୍ରସିଦ୍ଧ ମାର୍କିନ୍ ବୁଦ୍ଧିଜୀବୀ ନୋମ ଚମସ୍କି ତୀବ୍ର ସମାଲୋଚନ କରିଛନ୍ତି । ଭାରତର ସାମ୍ପ୍ରତିକ ଆର୍ଥିକ ସ୍ଥିତି ପାଇଁ ଉଦାରୀକରଣ ଅର୍ଥନୀତିର ଆଦୌ ଆବଶ୍ୟକତା ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି । ତାଙ୍କ ମତରେ ସେହିଠାରେ

ଅର୍ଥନୀତିର ଉଦାରୀକରଣ ସମ୍ଭବ, ଯେଉଁଠାରେ ଧନୀ ଓ ବିତ୍ତଶାଳୀ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ବିଦ୍ୟମାନ ନଥାଏ । ଯେଉଁମାନେ ଦୈନନ୍ଦିନ ଖାଦ୍ୟ ଯୋଗାଡ଼ କରିବାରେ ଅସମର୍ଥ, ସେମାନଙ୍କ ନିକଟରେ ମୁକ୍ତ ଅର୍ଥନୀତିର ମୂଲ୍ୟ କିଛି ନାହିଁ । ବିକାଶଶୀଳ ରାଷ୍ଟ୍ରର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ସାଧାରଣ ମଣିଷଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମିତ୍ତ ଆର୍ଥିକ ବ୍ୟବସ୍ଥା କରିବା । ଭୋଗ୍ୟବସ୍ତୁ ଉତ୍ପାଦନ ବଢ଼ିଲେ ସାଧାରଣ ବ୍ୟକ୍ତିଙ୍କର କୌଣସି ଲାଭ ହେବ ନାହିଁ । କାରଣ କ୍ରୟଯୋଗ୍ୟ କ୍ଷମତାର ଅଭାବ ଯୋଗୁଁ ସମାଜରେ ଏହା ଶ୍ରେଣୀ ବୈଷମ୍ୟ ସୃଷ୍ଟି କରିବ ଓ ଆର୍ଥିକ ପ୍ରଗତିରେ ବାଧା ଉପୁଜିବ । ସେମାନଙ୍କ ନିକଟରେ ମୁକ୍ତ ବଜାରର ମୂଲ୍ୟ କିଛି ନାହିଁ । ସାଧାରଣ ଜନତାର ଜୀବନଧାରଣର ମାନର ବୃଦ୍ଧି ନ ଘଟିଲେ, ଦେଶର ଆର୍ଥିକ ପ୍ରଗତି ହେବା ସମ୍ଭବ ନୁହେଁ । ଏହି ଦୃଷ୍ଟିରୁ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେଉଦାରୀକରଣ ଅର୍ଥନୀତିର ଆବଶ୍ୟକତା ନାହିଁ ବୋଲି ଅନେକ ଅର୍ଥନୀତିଜ୍ଞ ମତ ପ୍ରକାଶ କରିଥାନ୍ତି ।

ଉପସଂହାର: ଉଦାରୀକରଣ ଅର୍ଥନୀତିର ଉଭୟ ଦିଗ ରହିଥିଲେହେଁ, ଯେଉଁ ସମୟରେ ଭାରତରେ ଏହି ଅର୍ଥନୀତି ନିମିତ୍ତ ପଦକ୍ଷେପ ଗ୍ରହଣ କରାଗଲା, ବହୁ ଦୃଷ୍ଟିରୁ ତାହା ଏକ ବାଞ୍ଛିତ ପଦକ୍ଷେପ ବୋଲି ମନେ ହୋଇଥାଏ । ବିଶ୍ୱବଜାରରେ ତୈଳଦର ବୃଦ୍ଧି, ଭାରତରେ ବୈଦେଶିକ ମୁଦ୍ରାର ସଙ୍କଟ ଏବଂ ବୈଦେଶିକ ଜ୍ଞାନକୌଶଳ ତଥା ଯନ୍ତ୍ରପାତିର ଆମଦାନୀ ନିମିତ୍ତ ନୂତନ ଅର୍ଥନୀତିର ଜରୁରୀ ଆବଶ୍ୟକତା ଅନୁଭୂତ ହୋଇଥିଲା । ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଭାରତର ଅର୍ଥମନ୍ତ୍ରୀ ସ୍ପଷ୍ଟଭାବେ ଉଲ୍ଲେଖ କରି କହିଛନ୍ତି- ଏହି ମୁକ୍ତ ଅର୍ଥନୀତିର ପ୍ରଚଳନ ହୋଇନଥିଲେ, ଭାରତ ଦେବାଳିଆ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତା । ସୌଭାଗ୍ୟର ବିଷୟ ଭାରତ ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରୁ ମୁକ୍ତିଲାଭ କରିଛି । ତେବେ ଭାରତୀୟ ଜନସାଧାରଣଙ୍କ ଆର୍ଥିକ ଦିଗକୁ ଆଖିଆଗରେ ରଖି ଦେଶରେ ବିଭିନ୍ନ ଅର୍ଥନୀତି ଗ୍ରହଣ କରିବା ଆବଶ୍ୟକ । ସମୟ ସହିତ ପାଦ ମିଳାଇ ଚାଲି ନ ପାରିଲେ ବିଶ୍ୱ ବଜାରରେ ଭାରତୀୟ ବାଣିଜ୍ୟିକ ଅର୍ଥନୀତି ଶୋଚନୀୟ ଦୁର୍ଗତି ଲାଭ କରିବ । ସେଥିପାଇଁ ସରକାର ଭାରତର ବିଶିଷ୍ଟ ଆର୍ଥନୀତିଜ୍ଞମାନଙ୍କ ପରାମର୍ଶ ଗ୍ରହଣପୂର୍ବକ ଏକ ସମତୁଲ ଆର୍ଥିକ ନୀତିର ପ୍ରଚଳନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିପାରିଲେ ଭାରତୀୟ ଅର୍ଥନୀତି ଯେ ବିକାଶ ପଥରେ ଅଗ୍ରଗତି କରିପାରିବ, ଏଥିରେ ସନ୍ଦେହ ନାହିଁ ।

●●●

ଟିପ୍ପଣୀ

୯.୫ ଏଡ୍‌ସ: ଏକ ବିଶ୍ୱ ସମସ୍ୟା

ଉପକ୍ରମ: ଆଜି ସମଗ୍ର ବିଶ୍ୱରେ ଏଡ୍‌ସ ଏକ ମାରାତ୍ମକ ବ୍ୟାଧି ରୂପେ ଆତଙ୍କ ସୃଷ୍ଟି କରିଛି । ଏଯାବତ୍ ଏହାର ସମ୍ପୂର୍ଣ୍ଣ ନିରାକରଣ ନିମିତ୍ତ ବିଶ୍ୱରେ କୌଣସି ନିର୍ଦ୍ଦିଷ୍ଟ ଔଷଧ ତିଆରି ହୋଇପାରି ନାହିଁ । ଏହା ଏକ ସଂକ୍ରାମକ ବ୍ୟାଧି ହୋଇଥିବାରୁ ବିଭିନ୍ନ କାରଣ ପାଇଁ ସହଜରେ ଏହା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟକୁ ବା ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସଂକ୍ରମିତ ହୋଇପାରେ । ସେଥିପାଇଁ ଏଡ୍‌ସ ରୋଗ ସମ୍ପର୍କରେ ଆଜି ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି ହୋଇଛି । ବିଭିନ୍ନ ଗଣମାଧ୍ୟମ ଦ୍ୱାରା ଏହି ରୋଗ ଏବଂ ରୋଗୀମାନଙ୍କ ସମ୍ପର୍କରେ ବହୁ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରାଯାଇଛି । ମଣିଷକୁ ପଙ୍ଗୁ, ଅଚଳ ଓ କୁତ୍ସିତ କରି ତା'ଜୀବନର ସମସ୍ତ ସୁଖକୁ ଅପହରଣ କରିନେଉଛି ଏଡ୍‌ସ । ମାନବସମାଜକୁ ସୁସ୍ଥ ଏବଂ ନିରାମୟ କରିବାକୁ ହେଲେ ଏହି ରୋଗର ସମ୍ପୂର୍ଣ୍ଣ ଦୂରୀକରଣ ହେବାର ଆବଶ୍ୟକତା ରହିଛି ।

ଜନ୍ମ ଇତିହାସ: ବିଂଶ ଶତକର ଶେଷ ତ୍ରିଦଶକରୁ ଏହି ରୋଗର ଭୟଙ୍କାରିତା ସମ୍ପର୍କରେ ଜଣାପଡ଼ିଲା । ମାତ୍ର ଏହାର ମୂଳଉତ୍ସ ହେଉଛି ଆଫ୍ରିକା ମହାଦେଶ ।ଏହି ମହାଦେଶର 'ନେରେ' ନାମକ ସ୍ଥାନର ଅଧିବାସୀଙ୍କଠାରୁ ଏହାର ଜନ୍ମ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଥାନ୍ତି । ଶିକ୍ଷା ଓ ଆଧୁନିକ ସଭ୍ୟତାର ବିଶେଷ ସମ୍ପର୍କରେ ଆସିନଥିବା ଏହି ସ୍ଥାନର ଅଧିବାସୀଗଣ ନିଜର ଶାରୀରିକ କ୍ଷମତା ତଥା ଯୌନଶକ୍ତିର ଅଭିବୃଦ୍ଧି ନିମିତ୍ତ ସବୁଜମାଙ୍କଡ଼ମାନଙ୍କର କଞ୍ଚା ମାଂସ ଭକ୍ଷଣ କରୁଥିଲେ । ମାଙ୍କଡ଼ମାଂସର ପ୍ରତିକ୍ରିୟା ଶରୀର ଉପରେ ପରିଲକ୍ଷିତ ହେଲା ଓ ଏହିଥିରୁ ଜନ୍ମଲାଭ କଲା ଏକ ମାରାତ୍ମକ ଭୂତାଣୁ ଯାହା ଏଡ୍‌ସ ରୋଗ ସୃଷ୍ଟିର ମୂଳ କାରଣ । ମଣିଷ ଶରୀରରୁ ପ୍ରତିରୋଧ ଶକ୍ତି ହ୍ରାସ ପାଇଲେ ଏହାର ବିଭିନ୍ନ ଲକ୍ଷଣ ପ୍ରକାଶିତ ହୋଇଥାଏ । ଇଂରାଜୀରେ ଏହାକୁ କୁହାଯାଇଥାଏ Acquired Immune Deficiency Syndrome, ଏହାକୁ ସଂକ୍ଷେପରେ କୁହାଯାଇଥଲାଏ ଏଡ୍‌ସ (AIDS) । ଏଚ.ଆଇ.ଭି.(HIV) ନାମକ ଏକ ପ୍ରକାର ଭୂତାଣୁ ମାଧ୍ୟମରେ ଏହା ମାନବ ଶରୀରରେ ସଂକ୍ରମିତ ହୋଇଥାଏ । ଏହି ଭୂତାଣୁ ମାନବ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ । ଆଫ୍ରିକୀୟମାନଙ୍କଠାରୁ ଏହି ରୋଗ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଛି । ୧୯୭୦ ମସିହା ପୂର୍ବରୁ ଏହି ରୋଗ ସମ୍ପର୍କରେ କେହି କିଛି ଜାଣି ନଥିଲେ । ଯୁକ୍ତରାଷ୍ଟ୍ର ଜର୍ଜିଆ ପ୍ରଦେଶର ଏକ ରୋଗ ନିୟନ୍ତ୍ରଣ କେନ୍ଦ୍ରରୁ ପ୍ରଥମେ ଏହାର ସନ୍ଧାନ ମିଳିଥିଲା । ୧୯୮୧ ମସିହା ଜୁନ୍ ମାସ ପହିଲାରେ କାଲିଫର୍ଣ୍ଣିଆର ଏକ ଡାକ୍ତରଖାନାରେ ପାଞ୍ଚଜଣ ରୋଗୀଙ୍କୁ ନିମୁନିଆରେ ପୀଡ଼ିତ ହୋଇଥିବା ଅନୁମାନ କରାଯାଇ ଭର୍ତ୍ତି କରାଯାଇଥିଲା । ଗବେଷଣା ଦ୍ୱାରା ଜଣାପଡ଼ିଲା ଯେ, ଏମାନେ ନିମୁନିଆ ନୁହେଁ, ଏଡ୍‌ସ ଦ୍ୱାରା ଶିକାର । ୧୯୯୩ ମସିହାର ସର୍ବେକ୍ଷଣରୁ ଜଣାଯାଇଥିଲା ଯେ, ସମଗ୍ର ବିଶ୍ୱରେ ପ୍ରାୟ ୧୩୦ ନିୟୁତ ଲୋକ ଏଚ୍.ଆଇ.ଭି. ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଏହି ଶତାବ୍ଦୀର ଶେଷ ସୁଦ୍ଧା ଏଡ୍‌ସରୋଗୀଙ୍କ ସଂଖ୍ୟା ପ୍ରାୟ ଏହାର ଦୁଇଗୁଣ ହୋଇଯିବ ବୋଲି ଅନୁମାନ କରାଯାଉଛି । ଫ୍ରାନ୍ସ, ଆମେରିକା, ଦକ୍ଷିଣ ଜର୍ମାନ୍, ଇଂଲଣ୍ଡ ପ୍ରଭୃତି ଦେଶରେ ଏହି ରୋଗୀମାନଙ୍କର ସଂଖ୍ୟା ଅଧିକ । ଭାରତରେ ୧୯୯୪ ମସିହା ସବେକ୍ଷଣରୁ ଜଣାଯାଇଥିଲା ପ୍ରାୟ ୧୫୦୧୭ ଜଣ ବ୍ୟକ୍ତି ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଶତାବ୍ଦୀ ଶେଷ

ସୁଦ୍ଧା ଭାରତରେ ଏହା ଆହୁରି ବହୁ ଅଧିକ ହେବ ବୋଲି ଅନୁମାନ କରାଯାଏ । ଦିଲ୍ଲୀ, ମଣିପୁର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଆଦି ବିଭିନ୍ନ ରାଜ୍ୟରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ଦେଖିବାକୁ ମିଳେ ।

ଏଡ୍‌ସର କାରଣ: ଅସଂଯତ ଯୌନସମ୍ପର୍କ ଏହି ରୋଗର ପ୍ରଥମ କାରଣ ରୂପେ ନିର୍ଦ୍ଦେଶ କରାଯାଇଥାଏ । ବିଭିନ୍ନ କାରଣରୁ ଏଚ୍.ଆଇ.ଭି. ଭୂତାଣୁ ମଣିଷ ଶରୀରରେ ପ୍ରବେଶ ଲାଭ କରି ଏଡ୍‌ସ ରୋଗ ସୃଷ୍ଟି ପାଇଁ ପଥ ପରିଷ୍କାର କରିଥାଏ । ମଣିଷ ଶରୀର ମଧ୍ୟରେ ଥିବା ଶ୍ୱେତରକ୍ତ କଣିକା ଦୁର୍ବଳ ହୋଇପଡ଼ିବାଦ୍ୱାରା ଏହି ରୋଗ ବ୍ୟାପିଥାଏ । ପରିଲକ୍ଷିତ ହେଉଥିବା ଏଡ୍‌ସ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗରୁ ଅଧିକ ବ୍ୟକ୍ତି ଅସଂଯତ ଓ ଅସୁରକ୍ଷିତ ଯୌନସମ୍ପର୍କରୁ ଆକ୍ରାନ୍ତ ହୋଇଥାନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ଅସୁରକ୍ଷିତ ଯୌନସମ୍ପର୍କ ହିଁ ଏଡ୍‌ସ ରୋଗର ମୂଳ କାରଣ । ଏତଦ୍‌ବ୍ୟତୀତ ଏଚ୍.ଆଇ.ଭି. ଭୂତାଣୁଯୁକ୍ତ ରୋଗୀର ରକ୍ତ ଅନ୍ୟ ଲୋକ ଦେହରେ ମିଶିଲେ ଏହି ରୋଗ ହୋଇଥାଏ । ଅଶୋଧିତ ଛୁଞ୍ଚି, ରକ୍ତଗ୍ରହଣ, ଧୂମପାନ, ଅଶୋଧିତ ଅପରେସନ୍ ଯନ୍ତ୍ରପାତି, ମୁଖଚୁମ୍ବନ, ବିଶୃଙ୍ଖଳା ଆଲିଙ୍ଗନ, ସେଲୁନ୍‌ଗୁଡ଼ିକର ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ବ୍ଲେଡ୍, ରୋଗିଣୀ ମା'ର କ୍ଷୀର ଗ୍ରହଣ ଆଦି ବହୁକାରଣରୁ ଏଡ୍‌ସ ବ୍ୟାପିପାରେ । ଏହାଦ୍ୱାରା ଭବିଷ୍ୟତ ବଂଶଧରମାନେ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି । ମଣିଷ ଜୀବନର ସମସ୍ତ ସୁଖ ଅଚିରେ ଧୂଳିସାତ୍ ହୋଇଯାଇଥାଏ ।

ବିଭିନ୍ନ ଲକ୍ଷଣ: ଏଡ୍‌ସରୋଗକୁ ପ୍ରାଥମିକ ଅବସ୍ଥାରେ ନିରୂପଣ କରିବା କଷ୍ଟସାଧ୍ୟ । ତଥାପି ଏହାର କେତେକ ଲକ୍ଷଣରୁ ଏହି ରୋଗ ସମ୍ପର୍କରେ ଅନୁମାନ କରାଯାଇପାରେ । ଦେହ ଅତିମାତ୍ରାରେ ଦୁର୍ବଳ ଲାଗିବା, ବାରମ୍ବାର ଝାଡ଼ା ଏବଂ ଜ୍ୱର ଲାଗି ରହିବା, ଶରୀରର ଓଜନ ହ୍ରାସ ହେବା, ଗୁପ୍ତାଙ୍ଗ ଓ ମୁଖମଣ୍ଡଳରେ ଧଳାଦାଗ ଦେଖାଦେବା, କାଖ ଏବଂ ବେକ ଗ୍ରନ୍ଥି ଫୁଲିବା, ପାଟି ଭିତରେ ଛତୁ ଫୁଟିବା ପରି ଧଳା ଧଳା ଦାଗ ସୃଷ୍ଟି ହେବା, ଶୁଖିଲା କାଶ ବହୁଦିନ ଧରି ଲାଗିରହିବା, ଶରୀରରୁ ରକ୍ତ ହ୍ରାସ ପାଇବା, ଶ୍ୱାସକ୍ରିୟା ଲଘୁହେବା, ନିଦ୍ରାବସ୍ଥାରେ ସ୍ୱପ୍ନ ଓ ପ୍ରଳାପ, ନିମୁନିଆ ଓ ଯକ୍ଷ୍ମା ଆଦି ଏହାର ବିଭିନ୍ନ ଉପସର୍ଗ । ମାନସିକ ଚିନ୍ତା, ଚାପ ବା ଅଧିକ ପରିଶ୍ରମ ମଧ୍ୟ ଏହି ରୋଗକୁ ଅଧିକ ମାରାତ୍ମକ କରିଥାଏ । ଅବଶ୍ୟ ଉପରୋକ୍ତ ସମସ୍ତ ଉପସର୍ଗଗୁଡ଼ିକ ଯେ ଏଡ୍‌ସର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଲକ୍ଷଣ, ତାହା କୁହାଯାଇ ନପାରେ । ମାତ୍ର ଏହି ଲକ୍ଷଣଗୁଡ଼ିକ ଏଡ୍‌ସରୋଗୀଙ୍କୁ ଚିହ୍ନଟ କରିବା ପାଇଁ କେତେକ କ୍ଷେତ୍ରରେ ସହାୟତା କରିଥାଏ ।

ଚିକିତ୍ସା ଓ ନିରାକରଣ ଉପାୟ: ସାଧାରଣତଃ ଏଡ୍‌ସ ରୋଗୀଙ୍କ ସଂସ୍ପର୍ଶରେ ଆସିବାଦ୍ୱାରା କିମ୍ବା ତା'ଦେହର ରକ୍ତ ଅଥବା ଅନ୍ୟ କୌଣସି କାରଣରୁ ଏଚ୍.ଆଇ.ଭି. ଭୂତାଣୁ ସୁସ୍ଥ ଶରୀରରେ ପ୍ରବେଶ କଲେ, ଏହି ରୋଗ ସଂକ୍ରମିତ ହୋଇଥାଏ । ତେଣୁ ସାଧାରଣତଃ ଏହିପରି ରୋଗୀମାନଙ୍କ ନିକଟରୁ ନିରାପଦ ଦୂରତାରେ ରହିବା ସର୍ବାଦୌ ଆବଶ୍ୟକ । ଏଚ୍.ଆଇ.ଭି. ଭୂତାଣୁ ଆକ୍ରମଣରୁ ରକ୍ଷା ପାଇଁ ଏ.ଜେଡ୍.ଟି (AZT) ଔଷଧ ଆବିଷ୍କାର ହୋଇଥିଲେହେଁ, ଏହା ଏପରି ବ୍ୟୟବହୁଳ ଯେ, ସାଧାରଣ ବ୍ୟକ୍ତିଙ୍କ ଦ୍ୱାରା ଏହି ଔଷଧ ବ୍ୟବହାର କରିବା ସମ୍ଭବ ନୁହେଁ । ପୁନରାୟ ଏହି ରୋଗରୁ ସମ୍ପୂର୍ଣ୍ଣ ନିରାକରଣ ନିମିତ୍ତ ଏଯାବତ୍ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ । ନିଶାସେବନ, ଉତ୍ତେଜନା ଓ ଉଦ୍‌ବେଗପୂର୍ଣ୍ଣ କାର୍ଯ୍ୟକଳାପରୁ ସର୍ବଦା ନିଜକୁ ଦୂରେଇ ରଖିବା ଆବଶ୍ୟକ । କୌଣସି ଜ୍ୱର ବା ଝାଡ଼ା ଲାଗି ରହିଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କର ପରାମର୍ଶ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ବାଞ୍ଛନୀୟ । ରୁଚିପୂର୍ଣ୍ଣ ନୈତିକ ଜୀବନଯାପନ, ଆଧ୍ୟାତ୍ମିକ

ଚିନ୍ତା, ସାତ୍ତ୍ୱିକ ଆହାର, ସୁଷମ ଖାଦ୍ୟ, ଅଧିକ ବିଶ୍ରାମ ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ । ଶୃଙ୍ଖଳିତ ଜୀବନଯାପନ ଓ ନିରାପଦ ଯୌନସମ୍ପର୍କ ପ୍ରତି ସଚେତନ ରହିବା ସଙ୍ଗେ ସଙ୍ଗେ ଅବସର ସମୟରେ ଚିତ୍ତ ବିନୋଦନ କରିବା ଆବଶ୍ୟକ । ସ୍ୱାସ୍ଥ୍ୟରକ୍ଷା ପାଇଁ ଆବଶ୍ୟକୀୟ ନିୟମ ପାଳନ କରିବା ସହିତ ଆଧ୍ୟାତ୍ମିକ ଜୀବନଯାପନ ପ୍ରତି ଗୁରୁତ୍ୱ ପ୍ରଦାନ କଲେ ଏହି ରୋଗଠାରୁ ରକ୍ଷା ମିଳିପାରିବ । ପାଟିରେ ଘା' ହେଲେ କିମ୍ବା ସାମାନ୍ୟ ଛଉଛଉକା ଦାଗ ଦେଖାଦେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କର ପରାମର୍ଶ କରି ବିହିତ ପ୍ରତିକାର ଗ୍ରହଣ କରିବା ବିଧେୟ । ସାମାନ୍ୟ ପରିଶ୍ରମରେ କ୍ଲାନ୍ତ ଅନୁଭବ କଲେ ସଙ୍ଗେ ସଙ୍ଗେ ପରାମର୍ଶ ଗ୍ରହଣ କରିବା ଉଚିତ । ଶରୀରକୁ ଯେତିକି ପରିମାଣରେ ବିଶ୍ରାମ ଦେବା ଆବଶ୍ୟକ, ସେଥିରୁ ତିଳେ ଊଣା ହେବା ଅନୁଚିତ । ଦୁଶ୍ଚିନ୍ତା ଓ ମାନସିକ ଉତ୍ତେଜନା ଠାରୁ ଦୂରରେ ରହି ଯଥାସମ୍ଭବ ଆନନ୍ଦମୟ ଜୀବନଯାପନ କଲେ ଏଥିରୁ କେତେକାଂଶରେ ରକ୍ଷା ମିଳିପାରିବ । ଏତଦ୍‌ବ୍ୟତୀତ ରକ୍ତ ଗ୍ରହଣ ସମୟରେ ଏହାର ଉପଯୁକ୍ତ ପରୀକ୍ଷା କରିନେବା ଆବଶ୍ୟକ । ସେଲୁନ୍‌ରେ କ୍ଷୌର କାର୍ଯ୍ୟ କିମ୍ବା ଇଞ୍ଜେକ୍‌ସନ ନେବା ସମୟରେ ନୂଆ ପାତ ତଥା ଛୁଞ୍ଚିର ବିଶୋଧନ କରିବା ଆବଶ୍ୟକ । ଏହାଛଡ଼ା ଏଡ୍‌ସ ରୋଗୀଙ୍କ ପ୍ରତି ଘୃଣା ବା ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ ନକରି, ସେମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କଲେ, ସେମାନେ ମାନସିକ ସ୍ତରରେ ଶାନ୍ତି ଲାଭ କରିପାରିବେ ।

ଉପସଂହାର: ଆଜି ସମଗ୍ର ବିଶ୍ୱରେ ଏଡ୍‌ସ ଏକ ଆତଙ୍କ ରୂପେ ଦେଖାଦେଇଛି । ଏହାର ଉପଯୁକ୍ତ ଔଷଧ ଆବିଷ୍କାର ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି । ତଥାପି ବୈଜ୍ଞାନିକମାନେ ଏଯାବତ୍ ସମ୍ପୂର୍ଣ୍ଣ ସଫଳ ହୋଇପାରି ନାହାନ୍ତି । ବର୍ତ୍ତମାନ ଯେଉଁ କାରଣରୁ ଏହି ରୋଗ ବିଶେଷ ପରିମାଣରେ ସଂକ୍ରମିତ ହେଉଛି ସେଥିପ୍ରତି ସମଗ୍ର ଜନସାଧାରଣ ସଚେତନ ରହିବା ଆବଶ୍ୟକ । ବିଶେଷକରି ଅବାଧ ଯୌନ ସଙ୍ଗମ ଓ ଚୁମ୍ବନଠାରୁ ଯଥାସମ୍ଭବ ଦୂରତ୍ୱ ରକ୍ଷା କରିବା ଆବଶ୍ୟକ । ଭାରତରେ ଏହି ରୋଗ ପାଇଁ ବିଶେଷ ତତ୍ପରତା ପ୍ରକାଶ ପାଇଛି । ଭାରତୀୟ ଭେଷଜ ଗବେଷଣା ପରିଷଦ ୧୯୮୬ ମସିହାରେ ଏଡ୍‌ସ ବିରୋଧରେ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରିଛି । ୮ମ ଏବଂ ୯ମ ପଞ୍ଚବାର୍ଷିକ ଯୋଜନାରେ ଏଥିପାଇଁ କେତେକ ପଦକ୍ଷେପ ଗୃହୀତ ହୋଇଛି । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଶିବିରମାନ ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଏହା ସତ୍ତ୍ୱେ ଯେପର୍ଯ୍ୟନ୍ତ ଜନସାଧାରଣ ଏହି ରୋଗର ମାରାତ୍ମକତା ସମ୍ପର୍କରେ ଅବଗତ ନହୋଇ ଆପେ ଆପେ ସଚେତନ ନ ହୋଇଛନ୍ତି ଓ ଏହି ରୋଗର କାରଣ ସମ୍ବନ୍ଧରେ ଅବଗତ ହୋଇ ନିଜକୁ ସଚେତନ ନ କରାଇଛନ୍ତି, ସେ ପର୍ଯ୍ୟନ୍ତ ଏହା ସମଗ୍ର ବିଶ୍ୱ ପାଇଁ ଏକ ଆତଙ୍କ ହୋଇ ରହିଥିବ ।

●●●

୯.୬ ଜାତୀୟ ସଂହତି

ଉପକ୍ରମ: ଭାରତ ଏପରି ଏକ ଦେଶ, ଯେଉଁଠାରେ ବିଭିନ୍ନ ଜାତି, ଧର୍ମ, ଭାଷା ସ ସଂସ୍କୃତିର ବ୍ୟକ୍ତି ବସବାସ କରିଥାନ୍ତି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବିଷମତା ପରିଲକ୍ଷିତ ହେବା ସ୍ୱାଭାବିକ । ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଯୋଗୁଁ ଏହାର ସମସ୍ୟା ମଧ୍ୟ ବହୁବିଧ । ଭାରତର ସମସ୍ତ ଜନସାଧାରଣଙ୍କୁ ଗୋଟିଏ ଜାତୀୟ ସ୍ରୋତରେ ସାମିଲ କରିବା ଏହି ଦୃଷ୍ଟିରୁ କଠିନ ବ୍ୟାପାର । ମାତ୍ର ଦେଶର ଜନସାଧାରଣଙ୍କ ମଧ୍ୟରେ ସଂହତି ସ୍ଥାପିତ ହୋଇ ନପାରିଲେ, ଏହାର ଅଖଣ୍ଡତା ଓ ସାର୍ବଭୌମତ୍ୱ ସୁରକ୍ଷିତ ରହିପାରିବ ନାହିଁ । ଏହି ଦୃଷ୍ଟିରୁ ଭାରତରେ ଜାତୀୟ ସଂହତିର ଆବଶ୍ୟକତା ରହିଛି । ଗୋଟିଏ ଦେଶର ସମସ୍ତ ଜନସାଧାରଣଙ୍କୁ ଏକ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ରଖିବା ହେଉଛି ଜାତୀୟ ସଂହତି । ଏଥିପାଇଁ ଭାବଗତ ସଂହତି ପ୍ରଥମେ ସ୍ଥାପିତ ହେବାର ପ୍ରୟୋଜନ ରହିଛି । ସମଗ୍ର ଭାରତୀୟ ପ୍ରଥମେ ନିଜକୁ ଭାରତର ସନ୍ତାନ ବୋଲି ଗର୍ବ କରିପାରିଲେ ଜାତୀୟ ସଂହତି ପ୍ରତିଷ୍ଠା ହୋଇପାରିବ ।ସଂକୀର୍ଣ୍ଣ ଚିନ୍ତାଧାରା ସଂହତିର ପରିପନ୍ଥୀ । ଜାତୀୟ ସଂହତି ଏକ ମନସ୍ତାତ୍ତ୍ୱିକ ଧାରା, ଯାହା ସମଗ୍ର ମଣିଷ ମନରେ ଏକତାବଦ୍ଧ ହେବାପାଇଁ ପ୍ରେରଣା ଦେଇଥାଏ । ଜାତି ପ୍ରତି ସମ୍ମାନବୋଧ ଓ ବ୍ୟକ୍ତି ପ୍ରତି ଭ୍ରାତୃତ୍ୱବୋଧ ଜାଗ୍ରତ ହେଲେ ଦେଶରେ ଐକ୍ୟ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଗୋଟିଏ ଦେଶ ମଧ୍ୟରେ ବସବାସ କରୁଥିବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରଗାଢ଼ ମିଳନକୁ ଜାତୀୟ ସଂହତି କୁହାଯାଇଥାଏ । ସଂହତି ଦେଶକୁ ସମୃଦ୍ଧ କରେ ମାତ୍ର ବିଭେଦ କରେ ଦେଶକୁ ଖଣ୍ଡବିଖଣ୍ଡିତ । ଭାରତର ସାଂସ୍କୃତିକ ପରମ୍ପରା ଜାତୀୟ ଐକ୍ୟକୁ ନେଇ ପ୍ରତିଷ୍ଠିତ । ଦେଶ ଏବଂ ଜାତିର ମଙ୍ଗଳ ନିମିତ୍ତ ଭାରତୀୟ ଭାବରେ ଜାତୀୟ ସଂହତି ପ୍ରତିଷ୍ଠା କରିବା ଆମର ପ୍ରଥମ କର୍ତ୍ତବ୍ୟ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ଜାତୀୟ ସଂହତି: ଯେଉଁ ପାଶ୍ଚାତ୍ୟ ଚିନ୍ତାଶୀଳ ବ୍ୟକ୍ତି ଭାରତର ପ୍ରକୃତ ମୂଲ୍ୟ ଉପଲବ୍ଧି କରିପାରି ନାହାନ୍ତି, ସେମାନେ ଅତୀତରେ କେବେ ଭାରତରେ ଜାତୀୟ ସଂହତି ଥିଲା ବୋଲି ବିଶ୍ୱାସ କରନ୍ତି ନାହିଁ । ଏହା ସେମାନଙ୍କ ସଂକୀର୍ଣ୍ଣ ଚିନ୍ତାଧାରାର ପରିଚାୟକ । ସେଥିପାଇଁ ବୋଧହୁଏ Sir John Strachey କହିଛନ୍ତି- This is the first and the most essential thing to learn about India that there is not and never was an India or even any country of India possessing according to European ideas, any sort of unity physical, political, social or religious. No Indian nation, no people of India of which we hear so much. ମାତ୍ର ଯଦି ଭାରତର ଧର୍ମ, ପୁରାଣ, ଦର୍ଶନ, ଇତିହାସ, କିମ୍ବଦନ୍ତୀ, କଳା ସ୍ଥପତ୍ୟ, ଭାସ୍କର୍ଯ୍ୟ ଓ ସାହିତ୍ୟକୁ ଯଥାର୍ଥ ଅନୁଶୀଳନ କରାଯାଏ, ଅତୀତରେ ବିଭିନ୍ନ ବୈଷମ୍ୟ ସତ୍ତ୍ୱେ ଭାରତରେ ଯେ ଜାତୀୟ ସଂହତି ପ୍ରତିଷ୍ଠା ହୋଇପାରିଥିଲା, ତା'ର ଭୂରି ଭୂରି ନିଦର୍ଶନ ମିଳିବ । ଆର୍ଯ୍ୟଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ - 'ସର୍ବେ ଭବନ୍ତୁ ସୁଖୀନଃ,ସର୍ବେ ସନ୍ତୁ ନିରାମୟାଃ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍ ।' ଏକ ବିଶ୍ୱତାରକ ଦୃଷ୍ଟି ତୋଳି ଆର୍ଯ୍ୟଋଷି ସମଗ୍ର ମାନବସମାଜର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ରାମାୟଣ, ମହାଭାରତ, ଭାଗବତ ପରି ପୁରାଣ ଗ୍ରନ୍ଥଗୁଡ଼ିକରେ ଜାତି

ନୁହେଁ ମଣିଷ ହିଁ ହୋଇଛନ୍ତି ଅତୀବ ପ୍ରିୟ । ସଂକୀର୍ଣ୍ଣତାର ସ୍ଥାନ ଆଦୌ ସେଠାରେ ନାହିଁ । ହିନ୍ଦୁ ରାଜତ୍ୱ ସମୟରେ ଧର୍ମ ଏବଂ ଭାଷା ଜାତୀୟ ଓ ଭାଗବତ ସଂହତି ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।ଧର୍ମ ହିଁ ଥିଲା ଏକତାର ସମୃଦ୍ଧିଶାଳୀ ମାଧ୍ୟମ । ଧର୍ମ ଶିଖାଇଥିଲା ମଣିଷକୁ ମଣିଷ ପରି ଭଲ ପାଇବାକୁ । ଗଙ୍ଗା, ଯମୁନା, ସରସ୍ୱତୀ, କୃଷ୍ଣା, କାବେରୀ ଆଦି ନଦୀ ସମଗ୍ର ଭାରତୀୟଙ୍କ ଦୃଷ୍ଟିରେ ପରମ ପବିତ୍ରା ଓ ଶୁଦ୍ଧପୂତା । ପ୍ରାଚୀନ ଭାରତରେ ସଂସ୍କୃତ ଏବଂ ପାଲି ଭାଷା ଜାତୀୟ ସଂହତି ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।ବୈଦିକ ଋଷି ବଶିଷ୍ଠ ଜଣେ ବାରାଙ୍ଗନାର ପୁତ୍ର । ବାଲ୍ମୀକି ଥିଲେ ଏକ ଅଚ୍ଛବ ଜାତିର ସନ୍ତାନ।ବୀର ଜଣେ ମୁସଲମାନ ତନ୍ତୀ ଘରର ପିଲା । ତଥାପି ଭାରତୀୟଙ୍କ ଦୃଷ୍ଟିରେ ସେମାନେ ଅତୀବ ମହାନ ଓ ପବିତ୍ର ।ଶଙ୍କରାଚାର୍ଯ୍ୟ ଶୃଙ୍ଗେରୀ, ପୁରୀ, ଦ୍ୱାରିକା ଓ ବଦ୍ରିନାଥ-ଭାରତର ଚାରିଦିଗରେ ମଠ ସ୍ଥାପନ କରି ଗୋଟିଏ ବନ୍ଧନରେ ସମଗ୍ର ଭାରତୀୟଙ୍କୁ ବାନ୍ଧିବାର ପ୍ରୟାସ କରିଥିଲେ । ତେଣୁ ପ୍ରାଚୀନ ଭାରତରେ ଜାତିଗତ ସମସ୍ୟା କଦାପି ମୁଖ୍ୟ ନଥିଲା । ମଧ୍ୟଯୁଗୀୟ ଭାରତରେ ଅନ୍ୟ ଏକ ନୂତନ ଧର୍ମ, ବିଶ୍ୱାସ ପରମ୍ପରା ସୃଷ୍ଟି ହୋଇଥିଲା ମୁସଲମାନମାନଙ୍କ ଆବିର୍ଭାବ ଦ୍ୱାରା । ଏହି ଆବିର୍ଭାବ ଦ୍ୱାରା କିଛି ସମୟ ପାଇଁ ହିନ୍ଦୁ ଓ ମୁସଲମାମାନଙ୍କ ମଧ୍ୟରେ ପ୍ରଥାଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ମାତ୍ର ଉଦାର ହୃଦୟ ସମ୍ପନ୍ନ ସମ୍ରାଟ ଆକବର ଦିନ୍-ଇ-ଇଲାହୀ ଧର୍ମ ପ୍ରତିଷ୍ଠା କରି ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନର ଉଦ୍ୟମ କରିଥିଲେ । ଏହି ସମୟରେ ଭାରତରେ ଯେଉଁ ଭକ୍ତି ଆନ୍ଦୋଳନ ସଙ୍ଗଠିତ ହୋଇଥିଲା, ତଦ୍ଦ୍ୱାରା ଅନ୍ୟ ଏକ ସମନ୍ୱୟର ଧାରା ସୃଷ୍ଟି ହେଲା । ସେଥିପାଇଁ ନାନକ, କବିର, ଶ୍ରୀଚୈତନ୍ୟ, ତୁକାରାମ ଆଦି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୋଲି ବିବେଚିତ ନହୋଇ ସମସ୍ତ ଭାରତୀୟଙ୍କର ପୂଜ୍ୟ ଭାବରେ ଗୃହୀତ ହେଲେ । ତେଣୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ଜାତୀୟ ସଂହତିର ଅଭାବ ଥିଲା ବୋଲି ଯେଉଁମାନେ ଯୁକ୍ତି କରନ୍ତି, ପ୍ରକୃତରେ ସେମାନେ ଭୁଲ ହିଁ କହିଥାନ୍ତି ।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଜାତୀୟ ସଂହତିର ଆବଶ୍ୟକତା: ଭାରତରେ ଯଥାର୍ଥରେ ଜାତୀୟ ସଂହତି କିଛି ପରିମାଣରେ ବିପନ୍ନ ହୋଇଛି ଇଂରେଜମାନଙ୍କ ରାଜତ୍ୱ ସମୟରେ । ସେମାନଙ୍କର ବିଭେଦ ନୀତି ଯୋଗୁଁ ମୁସଲମାନ ଓ ହିନ୍ଦୁ ଦୁଇଟି ଦଳଭୁକ୍ତ ହୋଇଛନ୍ତି ଏବଂ ସ୍ୱାଧୀନତା ପୂର୍ବରୁ ଭାରତ ଦୁଇ ଭାଗରେ ବିଭକ୍ତ ହୋଇ ପାକିସ୍ଥାନ ଓ ହିନ୍ଦୁସ୍ଥାନରେ ପରିଣତ ହୋଇଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଭିନ୍ନ କାରଣ ପାଇଁ ଜାତୀୟ ସଂହତି ପ୍ରତିଷ୍ଠା ନିମିତ୍ତ ଜନସାଧାରଣଙ୍କ ମଧ୍ୟରେ ଆନ୍ତରିକ ଭାବ ସୃଷ୍ଟି ହୋଇ ପାରି ନାହିଁ । ଆଜି ଭାରତ ବିଭିନ୍ନ କ୍ଷେତ୍ରରେ ପ୍ରତିକୂଳ ଅବସ୍ଥା ମଧ୍ୟଦେଇ ଗତି କରୁଥିବା ସମୟରେ ଜାତୀୟ ସଂହତିର ଜରୁରୀ ଆବଶ୍ୟକତା ରହିଛି ।ଅନେକ ବିଚ୍ଛିନ୍ନବାଦୀ ଶକ୍ତି ଭାରତକୁ ଖଣ୍ଡବିଖଣ୍ଡିତ କରିବାକୁ ଚାହୁଁଛନ୍ତି । କେତେକ ବ୍ୟକ୍ତି ନିଜର ହୀନ ସ୍ୱାର୍ଥ ସାଧନ ପାଇଁ ଦେଶର ଅଖଣ୍ଡତାକୁ ଖଣ୍ଡ ଖଣ୍ଡ କରିବାକୁ ଚେଷ୍ଟା କରୁଛନ୍ତି । ଭାରତର ବନ୍ଧୁତା ବିଶ୍ୱାସଘାତକତା କରି ୧୯୬୨ ମସିହାରେ ଚୀନ ଭାରତ ଉପରେ ଆକ୍ରମଣ କରିଥିଲା । ୧୯୬୫ ଓ ୧୯୭୧ରେ ପାକିସ୍ଥାନର ଦୁଇ ଦୁଇଥର ଆକ୍ରମଣ ଆମର ଜାତୀୟ ସଂହତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ମଧ୍ୟ ଭାରତର ଦୁଇ ସୀମାନ୍ତ ଦେଶ ଚୀନ ଏବଂ ପାକିସ୍ଥାନ ଭାରତ ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରୁଛନ୍ତି । ତେଣୁ ଯେ କୌଣସି ମୁହୂର୍ତ୍ତରେ ଏହି ଦୁଇ ଦେଶଠାରୁ ଭାରତ ପ୍ରତି ବିପଦ ଦେଖାଦେଇ ପାରେ । ପାକିସ୍ଥାନ ଭାରତର ସଂହତିକୁ ନଷ୍ଟ କରିବା ପାଇଁ ସନ୍ତ୍ରାସବାଦୀ କାର୍ଯ୍ୟ କଳାପ ଜାରି ରଖିଛି ।

କାଶ୍ମୀର, ପଞ୍ଜାବ ଓ ଅନ୍ୟାନ୍ୟ ସ୍ଥାନରେ ଯେଉଁ ଆତଙ୍କବାଦର ସ୍ୱର ଉତ୍ତୋଳିତ ହେଉଛି, ସେଥିରେ ପାକିସ୍ଥାନର ପ୍ରଚ୍ଛନ୍ନ ହାତ ରହିଛି । ଏତଦ୍‌ବ୍ୟତୀତ ଅନ୍ୟ କେତେକ ଦେଶ ମଧ୍ୟ ଭାରତର ପାରମାଣବିକ ପରୀକ୍ଷା ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତରେ ଜାତୀୟ ସଂହତି ପ୍ରତିଷ୍ଠିତ ହୋଇ ନପାରିଲେ ଆମର ଆର୍ଥନୀତିକ ଓ ସାମାଜିକ ପ୍ରଗତି ବାଧାପ୍ରାପ୍ତ ହେବ । ଏହାର ଫାଇଦା ଉଠାଇବା ନିମିତ୍ତ ପଡ଼ୋଶୀ ଦେଶଗୁଡ଼ିକ ବ୍ୟଗ୍ର ହୋଇପଡ଼ିବେ ।

ଜାତୀୟ ସଂହତି ବାଧାପ୍ରାପ୍ତ ହେବାର କାରଣ: ଜାତୀୟ ସଂହତି ବାଧାପ୍ରାପ୍ତ ହେବାର ବିଭିନ୍ନ କାରଣ ରହିଛି । ତନ୍ମଧ୍ୟରୁ ଅଳ୍ପ କେତୋଟି ମୁଖ୍ୟ କାରଣ ଏଠାରେ ଆଲୋଚନା କରାଯାଇପାରେ । ଭାରତରେ ରାଜନୀତିକ ସ୍ଥାଣୁତା ଜାତୀୟ ସଂହତି ବାଧାପ୍ରାପ୍ତ ହେବାର ପ୍ରଥମ କାରଣ । ବିଗତ ତିନୋଟି ନିର୍ବାଚନରେ ଏହା ପ୍ରମାଣିତ ହୋଇଯାଇଛି । ଏକାଦଶ, ଦ୍ୱାଦଶ ଏବଂ ତ୍ରୟୋଦଶ ଲୋକସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ଲାଭ କରି ନପାରିବାରୁ ପ୍ରଥମେ ଭାରତୀୟ ଜନତା ଦଳ ଓ ପରେ ୧୩ ଟି ଦଳ ମିଳିତ ଭାବେ ସରକାର ଗଠନ କରିଥିଲେ ହେଁ, ତାହା ସ୍ଥାୟୀ ହୋଇ ପାରି ନଥିଲା । ଦ୍ୱାଦଶ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ଦଳ ସଂଖ୍ୟାଗରିଷ୍ଠତା ଦଳ ନ ହୋଇଥିଲେ ହେଁ, ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସହଯୋଗୀ ଦଳଙ୍କ ସହିତ ସମ୍ମିଳିତ ହୋଇ ସରକାର ଗଠନ କଲା । ମାତ୍ର ଦଳକନ୍ଦଳ, ରାଜନୀତିକ ବ୍ୟକ୍ତିବିଶେଷଙ୍କର ସ୍ୱାର୍ଥପର ମନୋଭାବ ଏବଂ ପରସ୍ପର ପ୍ରତି କାଦୁଅ ଫୋପଡ଼ା ନୀତି ଯୋଗୁଁ ଭାରତର ରାଜନୀତିକ ବାତାବରଣ ପ୍ରତିମୁହୂର୍ତ୍ତରେ ସରଗରମ ହୋଇଉଠୁଥିଲା । ବର୍ତ୍ତମାନର ସରକାର ମଧ୍ୟ ସଂଖ୍ୟା ଗରିଷ୍ଠ ନୁହେଁ । ବିଭିନ୍ନ ଦଳକୁ ନେଇ ସରକାର ଗଠିତ । ସ୍ଥିର ସରକାର ନଥିବାରୁ ବ୍ୟବସାୟୀଗୋଷ୍ଠୀ, ସନ୍ତ୍ରାସବାଦୀ ଓ ବହିଃଶତ୍ରୁ ବହୁପରିମାଣରେ ନିଜର ଫାଇଦା ଉଠାଇବାକୁ ବ୍ୟଗ୍ର ହୋଇପଡୁଛନ୍ତି । ଏହାଦ୍ୱାରା ସାଧାରଣ ଖଟିଖିଆ ଓ ଶ୍ରମଜୀବୀ ବ୍ୟକ୍ତି ନିଜକୁ ଅବହେଳିତ ମନେକରି ଜାତୀୟ ସ୍ରୋତରେ ସାମିଲ ହୋଇ ପାରୁନାହାନ୍ତି । ତେଣୁ ଜାତୀୟ ସଂହତି ବାଧାପ୍ରାପ୍ତ ହେଉଛି । ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବ ଜାତୀୟ ସଂହତିର ପରିପନ୍ଥୀ । ରାଜନୀତିକ ନେତାଗଣ ଅଞ୍ଚଳକୁ ଭିତ୍ତି କରି ଦଳ ଗଠନ କରିଥିବାରୁ ସମଗ୍ର ଦେଶର ସ୍ୱାର୍ଥ ଅପେକ୍ଷା ନିଜ ଅଞ୍ଚଳର ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ, ଆସାମ, ମହାରାଷ୍ଟ୍ର, ହରିଆନା, ତ୍ରିପୁରା, ଓଡ଼ିଶା ଆଦିରେ ଆଞ୍ଚଳିକ ଦଳମାନ ମୁଣ୍ଡଟେକି ଉଠିଛି । ଆଞ୍ଚଳିକ ମୋହଯୋଗୁଁ ଦଳ ଦଳ ମଧ୍ୟରେ କନ୍ଦଳ ସୃଷ୍ଟି ହେଉଛି । ଆଞ୍ଚଳିକତାର ପ୍ରଚାର ଯୋଗୁଁ ଦେଶର ଐକ୍ୟ ବାଧାପ୍ରାପ୍ତ ହେଉଛି । ଭାଷା ଓ ଧର୍ମକୁ କେନ୍ଦ୍ରକରି ଭାରତରେ ଯେଉଁ ଦଙ୍ଗା ସୃଷ୍ଟି ହେଉଛି, ତଦ୍ଦ୍ୱାରା ଜାତୀୟ ସଂହତି ନଷ୍ଟ ହେଉଛି । ଏହି ଭାଷାକୁ କେନ୍ଦ୍ର କରି ପଞ୍ଜାବ ଓ ହରିଆନା ଦୁଇଟି ପ୍ରଦେଶ ଭାବେ ଗଠିତ ହେଲା । ହିନ୍ଦୀ ଏବଂ ଇଂରାଜୀକୁ କେନ୍ଦ୍ରକରି ଉତ୍ତରଭାରତ ଓ ଦକ୍ଷିଣଭାରତ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଉଛି । ହିନ୍ଦୀ ଭାଷାକୁ ତାଙ୍କ ଉପରେ ଲଦିଦେଲେ ସେମାନେ ଭାରତର ଜାତୀୟ ସ୍ରୋତରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବେ ବୋଲି ଦକ୍ଷିଣଭାରତର ଲୋକ ଧମକ ଦେଲେ । ଭାଷାକୁ କେନ୍ଦ୍ରକରି ସଂଘର୍ଷ ଆରମ୍ଭ ହେଲେ ଜାତୀୟ ସଂହତି ବିପନ୍ନ ହୋଇପଡ଼ିବ । ଧର୍ମକୁ ମଧ୍ୟ କେନ୍ଦ୍ରକରି ବହୁ ସମୟରେ ଧର୍ମଯୁଦ୍ଧ ଆରମ୍ଭ ହୋଇଯାଉଛି । ପଞ୍ଜାବର ଅକାଳୀଦଳ ପଞ୍ଜାବୀଙ୍କ ନିମିତ୍ତ ସ୍ୱତନ୍ତ୍ର ଧର୍ମ ତଥା ସମ୍ବିଧାନ ଦାବି କରୁଛନ୍ତି । ଅନେକ ସମୟରେ ହିନ୍ଦୁ, ଶିଖ୍, ମୁସଲମାନ ଓ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏହି ଧର୍ମକୁ କେନ୍ଦ୍ର କରି ସଂଘର୍ଷ ଦେଖାଦେଉଛି ।

ପ୍ରକୃତରେ ଧର୍ମର ପ୍ରକୃତ ଅର୍ଥ ସଂପର୍କରେ ଅଜ୍ଞ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ମାତ୍ର ଏହାଦ୍ୱାରା ଦେଶ ଯେ କିପରି ବିପଦର ସମ୍ମୁଖୀନ ହେଉଛି, ତାହା ସେମାନେ ଅନୁଭବ କରିପାରୁନାହାନ୍ତି । ଏହି କାରଣରୁ ସାଂପ୍ରଦାୟିକ ଗଣ୍ଡଗୋଳ ଘଟୁଛି । ସାଂପ୍ରଦାୟିକ ମନୋଭାବ ଜାତୀୟ ପ୍ରଗତି ଓ ଐକ୍ୟର ପରିପନ୍ଥୀ ବୋଲି ଏମାନେ ଆଦୌ ଚିନ୍ତା କରିପାରୁ ନାହାନ୍ତି । ବିଭିନ୍ନ କ୍ଷେତ୍ରରେ ଜାତିଗତ ସଂରକ୍ଷଣ ସଂହତିକୁ ବିପନ୍ନ କରୁଛି । ଚାକିରି ଠାରୁ ଆରମ୍ଭ କରି ପାଠପଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏହି ଜାତିଆଣ ମନୋଭାବ ଗୋଟିଏ ଗୋଷ୍ଠୀକୁ ଅନ୍ୟ ଗୋଷ୍ଠୀ ଠାରୁ ପୃଥକ କରିଦେଉଛି । ଏହାଦ୍ୱାରା ଜାତୀୟ ସଂହତି ଓ ଭାରତର ମୌଳିକ ନୀତି ବାଧାପ୍ରାପ୍ତ ହେଉଛି । ସର୍ବୋପରି ଜନସାଧାରଣଙ୍କ ମନରେ ଜାତୀୟତାର ଅଭାବ ଭାରତକୁ ଏକତାବଦ୍ଧ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । 'ଆମେ ଭାରତୀୟ' – ଏପରି ଚିନ୍ତାଧାରା କାହା ମନରେ ନାହିଁ । ଆମେ ନିଜକୁ ଯେଉଁ ପରିମାଣରେ ଓଡ଼ିଆ, ବଙ୍ଗାଳୀ, ପଞ୍ଜାବୀ, ଗୁଜୁରାଟୀ, ମରାଠି ବା ଆସାମୀ ବୋଲି ଦାବିକରି ପାରୁଛୁ, ସେହି ପରିମାଣରେ ନିଜକୁ ଭାରତୀୟ ବୋଲି ଦାବି କରିପାରୁନାହୁଁ । ଏହି କାରଣରୁ ଆମର ଜାତୀୟ ସଂହତି ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ।

ଜାତୀୟ ସଂହତି ବୃଦ୍ଧି ନିମିତ୍ତ କେତେକ ଉପାୟ: ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଆମର ଜାତୀୟ ସଂହତି ବିପନ୍ନ ହୋଇପଡୁଥିବାର ଲକ୍ଷ୍ୟ କରି ୧୯୬୧ ମସିହାରେ ଜାତୀୟ ସଂହତି ଆଲୋଚନା ସଭା ଡକାଇଥିଲେ । ଏ ସଭାରେ ଏକ ଜାତୀୟ ସଂହତି ପରିଷଦ ଗଠନ କରାଯାଇଥିଲା । ଉକ୍ତ ପରିଷଦ ବିଭିନ୍ନ ବିଷୟ ଅନୁସନ୍ଧାନ କରି ତାଙ୍କ ବିବରଣୀରେ ଲେଖିଲେ – "India's unity in the midst of diversity was stressed. In the course of a long history, people of different races, religions and languages made their own contribution to the building up of India. But inspite of this diversity, identity. Even though the achievement of political unity and freedom tendencies, such as communalism, casteism, regionalism, and linguism trend to disrupt the solidarity of the people. These disruptive tendencies have to be controlled and countered while certain group loyalties on a religion, linguistic basis may continue, there should be subordinated to the national interest". ୧୯୬୮ ମସିହାରେ ଜାତୀୟ ସଂହତି ପରିଷଦ ଗଠନ କରାଯାଇଥିବା ସାଂପ୍ରଦାୟିକ ଦଙ୍ଗା ଓ ଆଞ୍ଚଳିକ ସଂଘର୍ଷକୁ କେନ୍ଦ୍ର କରି । ୧୯୬୮ ମସିହା ଜୁନ୍ ମାସରେ ଶ୍ରୀନଗରରେ ଏକ ସଭା ବସି କେତେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ମାତ୍ର ତା'ର ସଫଳ ରୂପାୟନ ଘଟିନଥିଲା । ତେବେ ଜାତୀୟ ସଂହତିର ବୃଦ୍ଧି ନିମିତ୍ତ ପ୍ରଥମେ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ୍ । ଶିକ୍ଷାର ବିକାଶ ହେଲେ ମଣିଷ ମନରୁ ସଂକୀର୍ଣ୍ଣ ଚିନ୍ତାଧାରା ବିଲୁପ୍ତ ହୋଇଥାଏ ଓ ଏକ ବିସ୍ତୃତ ଦୃଷ୍ଟିଭଙ୍ଗୀ ନେଇ ସେ ଜୀବନ ଏବଂ ଜଗତକୁ ଦେଖେ । ଦେଶର ସମସ୍ତ ଜନସାଧାରଣ ମଧ୍ୟରେ ସଂହତି ଏବଂ ଐକ୍ୟ ପ୍ରତିଷ୍ଠା କରାଯାଇପାରିଲେ ଜାତୀୟ ସଂହତି ବିପନ୍ନ ହେବ ନାହିଁ । ଶିକ୍ଷାନୁଷ୍ଠାନମାନଙ୍କରେ ଏଥିପ୍ରତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାପ୍ରଦାନ କରାଯିବା ଉଚିତ୍ । ଜାତିଗତ ଭେଦଭାବର ବିଲୋପ କରାଯାଇ ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରାଯାଇପାରିଲେ ଜାତିଗତ ଦଙ୍ଗାକୁ ଏଡ଼ାଇ ଦିଆଯାଇପାରନ୍ତା ।

ଜାତି ବା ସଂପ୍ରଦାୟକୁ ନେଇ ରାଜନୀତି କରିବା ନିତାନ୍ତ ଦୁଃଖର ବିଷୟ । ତେଣୁ ଏଥିପ୍ରତି ସବୁ ସ୍ତରରେ ତୀକ୍ଷଣ ଦୃଷ୍ଟି ପ୍ରଦାନ କରାଯିବା ଆବଶ୍ୟକ । ପ୍ରଶାସନିକ ଅସ୍ଥିରତା ଜାତୀୟ ସଂହତିକୁ ବିପନ୍ନ କରିଥାଏ । ଏଣୁ ଦଳଗତ ରାଜନୀତି ନକରି ଦେଶର ସ୍ୱାର୍ଥ ସାଧନ ପାଇଁ ପ୍ରତ୍ୟେକ ପ୍ରତ୍ୟେକ ରାଜନୀତିକ ନେତା ନିଜକୁ ଉତ୍ସର୍ଗ କରିବା ଉଚିତ୍ । ସ୍ଥିରତା ନରହିଲେ ଅସାମାଜିକ ମଣିଷ, ବ୍ୟବସାୟୀ ଦେଶରେ ବିଘଟଣମାନ ଘଟାଇଥାନ୍ତି । ତେଣୁ ଦଳଗତ ନିର୍ବିଶେଷରେ ଦେଶର ସ୍ୱାର୍ଥକୁ ଊର୍ଦ୍ଧ୍ୱରେ ରଖି ରାଜନୀତିକ ନେତାଗଣ କାର୍ଯ୍ୟ କଲେ ଜାତୀୟ ସଂହତି ସ୍ଥାପିତ ହୋଇପାରିବ । ଆର୍ଥିକ ବୈଷମ୍ୟ ଜାତୀୟ ସଂହତି ବିପନ୍ନ ହେବାର ଅନ୍ୟତମ ମୁଖ୍ୟ କାରଣ । ଦଳେ ପ୍ରାଚୁର୍ଯ୍ୟମୟ ଜୀବନଯାପନ କରୁଥିବା ସମୟରେ ଅନ୍ୟଦଳ ଖାଇବାକୁ ପାଉନଥିଲେ ସଂହତି କିପରି ସ୍ଥାପିତ ହୋଇପାରିବ ? ବୁଭୁକ୍ଷିତ ବ୍ୟକ୍ତି ବିପ୍ଳବ କରିବା ସ୍ୱାଭାବିକ । ତେଣୁ ଆମ ସମାଜରେ ଯେଉଁ ଆର୍ଥିକ ବୈଷମ୍ୟ ରହିଛି, ତା'ର ଦୂରୀକରଣ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିଲେ ଜାତୀୟ ସଂହତି ସ୍ଥାପନ ହୋଇପାରିବ ।

ଉପସଂହାର: ଭାରତରେ ବିଭିନ୍ନ ବୈଷମ୍ୟ ରହିଛି । ଏହା ସତ୍ତ୍ୱେ ସମସ୍ତ ଜନସାଧାରଣ ସାମୂହିକ ଭାବେ କାର୍ଯ୍ୟ ନକଲେ ଦେଶର ସ୍ଥିତି ବିପନ୍ନ ହୋଇପଡ଼ିବ । ଯେଉଁ ସ୍ୱାଧୀନତା ଲାଭ କରିବାକୁ ଆମକୁ ଅନେକ କୁଚ୍ଛ ସାଧଡ଼ କରିବାକୁ ପଡ଼ିଛି ତାହାକୁ ଏପରି ବିଡ଼ମ୍ବିତ ହେବାକୁ ଦିଆଯିବା ଅତ୍ୟନ୍ତ କ୍ଷୋଭର ବିଷୟ । ଦେଶକୁ ରକ୍ଷା କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଂହତି ସ୍ଥାପନ କରିବା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ । ଏହା ମଧ୍ୟ ଏକ ମହତ୍ କର୍ମ । ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ପୂର୍ବକ ଏକ ମନ ହୋଇ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ଭାରତର ଗୌରବ ବୃଦ୍ଧି ନିମିତ୍ତ କାର୍ଯ୍ୟକଲେ କେବଳ ଜାତୀୟ ସଂହତି ପ୍ରତିଷ୍ଠା ହେବ ନାହିଁ । ପରନ୍ତୁ ଦେଶର ପ୍ରଗତି ଓ ବିକାଶ ସାଧିତ ହେବ ।

●●●

ଟିପ୍ପଣୀ

୧୦

ଓଡ଼ିଶା ସମ୍ପର୍କିତ ପ୍ରବନ୍ଧ

ଓଡ଼ିଶା ଆମର ପ୍ରଦେଶ । ଏହା ଭାରତର ପୂର୍ବ ଭାଗରେ ଅବସ୍ଥିତ । ଏହାର ସଂସ୍କୃତି ଅତି ପ୍ରାଚୀନ ଓ ସମୃଦ୍ଧ । ଏହାର ଭୌଗୋଳିକ ସ୍ଥିତି ସ୍ୱତନ୍ତ୍ର । କଳା, ସାହିତ୍ୟ, ଭାସ୍କର୍ଯ୍ୟ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶା ସମ୍ପର୍କିତ କେତେଗୁଡ଼ିଏ ପ୍ରବନ୍ଧ ଏଥିରେ ସ୍ଥାନିତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର କଳା, ସଂସ୍କୃତି, ଭାଷା, ସାହିତ୍ୟ, ଜୀବନଚର୍ଯ୍ୟା ଓ ପରମ୍ପରା ସମ୍ପର୍କରେ ଅବଗତ କରାଇ ପାରିବ ।

୧୦.୧ ଓଡ଼ିଶାର ପର୍ବପର୍ବାଣି

ଉପକ୍ରମ: କଥାରେ କୁହାଯାଏ, ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ବହୁ ପ୍ରାଚୀନ କାଳରୁ ଗୋଟିଏ ଧାର୍ମିକ ଦେଶ ରୂପେ ଓଡ଼ିଶା ପରିଚିତ । ପୁଣି ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ପ୍ରତିମାସରେ କିଛି ନା କିଛି ପର୍ବ ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ପାଳନ ଅବକାଶରେ ମଣିଷ ଭୁଲିଯାଏ ତା'ଜୀବନର ତିକ୍ତତା । ଜୀବନକୁ ସୁନ୍ଦର ମଧୁର କରିବା ପାଇଁ ସେ ଏହି ପର୍ବଗୁଡ଼ିକୁ ପାଳନ କରିଥାଏ । ଅଧିକାଂଶ ପର୍ବ ଧର୍ମକୁ ଭିତ୍ତିକରି ସୃଷ୍ଟି ହୋଇଥିଲେ ହେଁ ଏହାର ସାମାଜିକ ଓ ସାଂସ୍କୃତିକ ଆବେଦନକୁ ଅସ୍ୱୀକାର କରାଯାଇ ନପାରେ । ଏହା ମଣିଷ ପ୍ରାଣରେ ସୃଷ୍ଟି କରେ ସ୍ନେହ, ପ୍ରେମ ଓ ଶ୍ରଦ୍ଧାର ଭାବ । ଗୋଟିଏ ଭ୍ରାତୃତ୍ୱର ବନ୍ଧନରେ ବନ୍ଦୀ କରି ରଖେ ସମଗ୍ର ମାନବସମାଜକୁ । କିଛି ସମୟ ପାଇଁ ଉତ୍ସବ ଆନନ୍ଦ ମଧ୍ୟରେ ଭୁଲାଇଦିଏ ମଣିଷ ଜୀବନର କଠୋର ବାସ୍ତବତାକୁ । ସମୟ ବହୁଭାବରେ ପରିବର୍ତ୍ତନ ହୋଇଯାଇଛି । ବିଜ୍ଞାନ ଯୁଗରେ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହାଯାଉଛି । ଏହା ସତ୍ତ୍ୱେ ଉତ୍କଳୀୟମାନେ ତା'ର ପର୍ବପର୍ବାଣି ପାଳନରୁ କୌଣସି ସମୟରେ ବିଚ୍ୟୁତ ହୋଇନାହିଁ । ସାମାଜିକ ଓ ଧାର୍ମିକ ବିଶ୍ୱାସବୋଧରୁ ଏହା ସୃଷ୍ଟି ହୋଇଥିବାରୁ କୌଣସିକାଳେ ଏହି ପର୍ବପର୍ବାଣିଗୁଡ଼ିକର ବିଲୟ ହେବାର ସମ୍ଭାବନା ମଧ୍ୟ ନାହିଁ ।

ବିଭିନ୍ନ ଋତୁର ପର୍ବପର୍ବାଣି: ବର୍ଷରେ ଧରାପୃଷ୍ଠକୁ ଆଗମନ କରିଥାଏ ଛଅଟି ଋତୁ । ପ୍ରତ୍ୟେକ ଋତୁର କିଛି ନା କିଛି ସ୍ୱାତନ୍ତ୍ର୍ୟ ରହିଛି । ଓଡ଼ିଶାରେ ଋତୁ ଅନୁଯାୟୀ ଅଧିକାଂଶ ପର୍ବପର୍ବାଣି ପାଳିତ ହୋଇଥାଏ । ପ୍ରଥମ ଋତୁ ଭାବେ ପଦାର୍ପଣ କରେ ଗ୍ରୀଷ୍ମ । ପ୍ରଖର ରୌଦ୍ରତାପ ସହିତ ପଣାସଂକ୍ରାନ୍ତି ଦିନ ଏହାର ଆଗମନ ଘଟୁଥିବାରୁ ନିଜ ଦେବଦେବୀଙ୍କୁ ଥଣ୍ଡା ପଣା ମାଧ୍ୟମରେ ସନ୍ତୋଷ ପ୍ରଦାନ କରିବାକୁ ଚେଷ୍ଟା କରନ୍ତି ଧର୍ମପ୍ରାଣ ଉତ୍କଳୀୟ । ଏହିଦିନ କେତେକ ସ୍ଥାନରେ ଝାମୁଯାତ୍ରା ପାଳିତ ହୋଇଥାଏ । ଗ୍ରୀଷ୍ମ ଋତୁରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ମଧ୍ୟରେ ଚନ୍ଦନଯାତ୍ରା, ସାବିତ୍ରୀବ୍ରତ, ଶୀତଳଷଷ୍ଠୀ ଆଦି ପ୍ରଧାନ । ଉତ୍କଳୀୟ ନାରୀ ସାବିତ୍ରୀଙ୍କ ଆଦର୍ଶକୁ ମନେରଖିବା ପାଇଁ ନିଜ ନିଜ ସ୍ୱାମୀଦେବତାଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ପାଳନ କରିଥାଏ ସାବିତ୍ରୀବ୍ରତ । ଚନ୍ଦନଯାତ୍ରା ଦିନ ଧର୍ମପ୍ରାଣ ଉତ୍କଳୀୟ ମହାପ୍ରଭୁଙ୍କୁ ଚନ୍ଦନ ଜଳରେ ସ୍ନାନ କରାଇ ନୌକା ବିହାର କରିଥାଏ ।ବର୍ଷାଋତୁର ଆଗମନ ସଙ୍ଗେ ସଙ୍ଗେ ଆଉ କେତେକ ନୂତନ ପର୍ବ ଓଡ଼ିଶାରେ ପାଳିତ ହୋଇଥାଏ । ଏହାର ପ୍ରଥମ ପର୍ବ ରଜପର୍ବ । ଏହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି ଲୋକବିଶ୍ୱାସ ରହିଛି । କୃଷକମାନଙ୍କ

ମନରେ ଆନନ୍ଦ ଭରିଦେବା ପାଇଁ ବର୍ଷାର ଆଗମନ ହୁଏ ଓ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନକ୍ଷମ ହୋଇଥାଏ । ଦୋଳିଖେଳ, କବାଡ଼ିଖେଳ ଏବଂ ବିଭିନ୍ନ ସୁସ୍ୱାଦ ଖାଦ୍ୟରେ ରଜପର୍ବଟି ବେଶ୍ ଆନନ୍ଦରେ କଟିଯାଇଥାଏ । ଏହାପରେ ପାଳିତ ହୁଏ ରଥଯାତ୍ରା । ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ତିନି ରଥରେ ବିଜେ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବା ଉଦ୍ଦେଶ୍ୟରେ ରତ୍ନସିଂହାସନ ତ୍ୟାଗ କରି ରାସ୍ତା ଉପରକୁ ବାହାରି ଆସିଥାନ୍ତି । ପୁରୀର ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ପୃଥିବୀର ବିଭିନ୍ନ ସ୍ଥାନରୁ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ଉଦ୍ଦେଶ୍ୟରେ ପୁରୀକୁ ଆଗମନ କରିଥାନ୍ତି ଭକ୍ତମାନେ । ପୁରୀ ବ୍ୟତୀତ ବାରିପଦା, କେନ୍ଦ୍ରପଡ଼ା, ଢେଙ୍କାନାଳ, କେନ୍ଦୁଝର ଆଦି ସ୍ଥାନରେ ରଥଯାତ୍ରା ଖୁବ୍ ଜାକଜକମରେ ପାଳିତ ହୋଇଥାଏ । ନଅଦିନ ପରେ ପୁଣି ଆରମ୍ଭ ହୁଏ ବାହୁଡ଼ା ଯାତ୍ରା । ଜଗନ୍ନାଥ ଫେରିଯାଆନ୍ତି ବଡ଼ଦେଉଳକୁ । ଏହାପରେ ପରେ ଆରମ୍ଭ ହୋଇଯାଏ ଚିତାଲାଗି ଅମାବାସ୍ୟା । ଚିତୋଉପିଠା ତିଆରି କରାଯାଇ ପୋଖରୀରେ ଗେଣ୍ଡମାନଙ୍କ ଉଦ୍ଦେଶ୍ୟରେ ଫୋପଡ଼ା ଯାଇଥାଏ । ଚାଷକାର୍ଯ୍ୟ ସମୟରେ ବାପଭାଇଙ୍କ ଗୋଡ଼ ନ କାଟିବାକୁ ପିଠା ଲାଞ୍ଚ ଦିଆଯାଇଥାଏ ଜଳଚର ପ୍ରାଣୀମାନଙ୍କୁ । ଏହାପରେ ଆସେ ଝୁଲଣଯାତ୍ରା, ଗହ୍ମାପୂର୍ଣ୍ଣିମା ଓ ରାକ୍ଷୀବନ୍ଧନ । ଏହି ତିନୋଟି ପର୍ବ ଗୋଟିଏ ଦିନରେ ପାଳନ କରାଯାଇଥାଏ । ଝୁଲଣଯାତ୍ରାରେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ନାଚଗୀତ ଗାନ କରାଯାଇଥାଏ । ଗହ୍ମାପୂର୍ଣ୍ଣିମାରେ ବଳଦେବଙ୍କର ପୂଜା ହୋଇଥାଏ । ଗୋରୁମାନଙ୍କ ବେକରେ ଫୁଲମାଳ ପକାଇ ପିଠାଖାଇବାକୁ ଦିଆଯାଇଥାଏ । କୃଷିର ସହାୟକ ଯୋଗୁଁ ଗୋରୁପୂଜା ହୋଇଥାଏ । ରାକ୍ଷୀପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ । ଭବିଷ୍ୟତ ବିପଦ ପାଇଁ ଏହା ଏକ ଅମୋଘ ଅସ୍ତ୍ର ବୋଲି ଲୋକବିଶ୍ୱାସ ରହିଛି । ଶାନ୍ତି, ପ୍ରୀତି, ସ୍ନେହ ବନ୍ଧନର ପ୍ରତୀକ ରାକ୍ଷୀପୂର୍ଣ୍ଣିମା । ଶରତଋତୁରେ ଓଡ଼ିଶାରେ ବହୁପର୍ବ ପାଳିତ ହୋଇଥାଏ । ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ପାଳିତ ହୋଇଥାଏ । ଗଣେଶପୂଜା ମୁଖ୍ୟତଃ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ପାଳନ କରିଥାନ୍ତି । 'ସୁନିଆଁ'କୁ ଓଡ଼ିଆ ବର୍ଷର ପ୍ରଥମ ଦିନ ରୂପେ ଗଣନା କରାଯାଇଥାଏ । ଏହି ଦିନଠାରୁ ଉତ୍କଳର ଗଜପତି ବା ପୁରୀରାଜାଙ୍କର ଅଙ୍କ ଗଣନା କରାଯାଇଥାଏ । ଖୁଦୁରୁକୁଣୀ ଓଷା ଓଡ଼ିଶାର ଝିଅମାନଙ୍କର ଏକ ପର୍ବ । ଦୀର୍ଘ ୫ ସପ୍ତାହର ପ୍ରତି ରବିବାର ଦିନ ଏହା ପାଳିତ ହୋଇଥାଏ । ଏହି ଓଷାରୁ ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଓ ଦେବୀ ମଙ୍ଗଳାଙ୍କ ମାହାତ୍ମ୍ୟ ବିଷୟରେ ଜଣାଯାଇଥାଏ । ଏହି ଋତୁରେ ଦୁର୍ଗତିନାଶିନୀ ଦୁର୍ଗାଙ୍କର ଧରାକୁ ଆଗମନ ଘଟେ । ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରାଯାଇଥାଏ ଓଡ଼ିଶାରେ । ମହିଷାସୁର ପରି ଅସୁରମାନଙ୍କୁ ବଧ କରିବା ପାଇଁ ଦେବୀଙ୍କର ଆବିର୍ଭାବ । ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା ଏହାର ଲକ୍ଷ୍ୟ । ଦଶହରାଦିନ ଦେବୀଙ୍କୁ ପାଣିରେ ବିସର୍ଜନ କରାଯାଇଥାଏ । ଶରତଋତୁର କୁମାରପୂର୍ଣ୍ଣିମା ଅନ୍ୟତମ ଶ୍ରେଷ୍ଠପର୍ବ । କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ପରି ସୁନ୍ଦର ଓ ଗୁଣବାନ୍ ପତି ଲାଭ କରିବାକୁ କାର୍ତ୍ତିକେୟଙ୍କୁ ପୂଜା କରିଥାନ୍ତି । ଶରତଋତୁ ପରେ ଧରାପୃଷ୍ଠକୁ ଆଗମନ କରେ ହିମଜର୍ଜର ହେମନ୍ତ ଋତୁ । ଏହି ଋତୁରେ ଓଡ଼ିଶାରେ ଯେଉଁ ପର୍ବ ସବୁ ପାଳିତ ହୁଏ, ତନ୍ମଧ୍ୟରୁ ମୁଖ୍ୟ ହେଉଛି କାର୍ତ୍ତିକପୂର୍ଣ୍ଣିମା, ବାଲିଯାତ୍ରା, ବଡ଼ଓଷା, ଦୀପାବଳୀ ଅମାବାସ୍ୟା, ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀ ଇତ୍ୟାଦି । ହିନ୍ଦୁମାନଙ୍କ ନିକଟରେ କାର୍ତ୍ତିକମାସ ଏକ ଧର୍ମ ମାସ ଭାବରେ ପରିଚିତ । ମାସର ଶେଷ ପାଞ୍ଚଦିନ 'ପଞ୍ଚକ' ଭାବେ ପରିଚିତ । ଅନେକ ଓଡ଼ିଆ ଏହି ମାସଟିଯାକ ନିରାମିଷ ଖାଦ୍ୟ ଗ୍ରହଣ କରିଥାନ୍ତି । ବିଧବା ସ୍ତ୍ରୀ ହବିଷ୍ୟ ପାଳନ କରିଥାନ୍ତି । କାର୍ତ୍ତିକପୂର୍ଣ୍ଣିମା ଦିନ ସୋଲ କିମ୍ବା କଦଳୀ ଖୋଳପାରେ ଡଙ୍ଗା କରି ନଦୀ ଓ

ପୋଖରୀରେ ଭସାଇଥାନ୍ତି । କାର୍ତ୍ତିକେୟଙ୍କର ପୂଜାଉପାସନା କରାଯାଇଥାଏ । ଏହି ପର୍ବରୁ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସମ୍ପର୍କରେ ସୂଚନା ମିଳିଥାଏ । କଟକର ପ୍ରସିଦ୍ଧ ବାଲିଯାତ୍ରା ଏହିଦିନ ଆରମ୍ଭ ହୋଇଥାଏ । ଆଦ୍ୟ ମାର୍ଗଶିର ମାସରେ ଲକ୍ଷ୍ମୀଙ୍କର ମାଣବସା ହୋଇଥାଏ । ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ପିଠାପଣା କରାଯିବା ସଙ୍ଗେ ସଙ୍ଗେ ଭକ୍ତି ଅର୍ଘ୍ୟ ପ୍ରଦାନ କରାଯାଇଥାଏ ।ପ୍ରଥମାଷ୍ଟମୀ ଦିନ ଘରର ବଡ଼ପୁଅ ଓ ଝିଅମାନଙ୍କ ପାଇଁ ନୂଆ ପୋଷାକ କରାଯାଇଥାଏ । ଏଣ୍ଡୁରିପିଣା, ଖିରୀ ତରକାରିରେ ଘରେ ଘରେ ଆନନ୍ଦର ଫଲଗୁ ଖେଳିଯାଏ । ଏହାପରେ ଆସେ ଶୀତଋତୁ ।ଦେହଥରା ଶୀତ ମଧ୍ୟରେ ଓଡ଼ିଆମାନେ କେତେକ ପର୍ବ ପାଳନ କରିଥାନ୍ତି । ଏହି ଋତୁରେ ନୂଆଖାଇ, ଶାମ୍ବଦଶମୀ, ମକରସଂକ୍ରାନ୍ତି, ଅଗ୍ନ୍ୟୋତ୍ସବ ଆଦି ପାଳିତ ହୋଇଥାଏ । ନୂଆଖାଇ ପଶ୍ଚିମ ଓଡ଼ିଶାର ଏକ ମୁଖ୍ୟପର୍ବ । ନୂଆଧାନର ଭାତ ଏହିଦିନ ଖିଆଯାଇଥାଏ । ଶାମ୍ବଦଶମୀରେ ଘରର ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ପିଠାପଣା ବଢ଼ାଯାଇଥାଏ । ଧନୁସଂକ୍ରାନ୍ତିରେ ଧନୁମୁଆଁ ପ୍ରଧାନ ଖାଦ୍ୟ ରୂପେ ଗୃହୀତ ହୋଇଥାଏ । ଅଗ୍ନିଦେବତାଙ୍କ କୋପରୁ ରକ୍ଷା ପାଇବା ପାଇଁ ଅଗ୍ନ୍ୟୋତ୍ସବ ପାଳିତ ହୋଇଥାଏ । ଅଗ୍ନିଜାଳି ଗାଁର ଲୋକମାନେ ବାଇଗଣ, ଆଳୁ, ନଡିଆ ଆଦି ପକାଇଥାନ୍ତି ଓ ତାକୁ ଭୋଗରୂପେ ସମସ୍ତେ ଖାଇଥାନ୍ତି । ଋତୁରାଜ ବସନ୍ତର ଆଗମନରେ ଧରଣୀରାଣୀ ନୂଆ ବସ୍ତ୍ର ପରିଧାନ କରେ । ଚାରିଆଡ଼େ ଖେଳିଯାଏ ଆନନ୍ଦର ପ୍ଲାବନ । ଏହି ଋତୁର ମୁଖ୍ୟ ପର୍ବ ରୂପେ ଶିବ ଚତୁର୍ଦ୍ଦଶୀ ଓ ଦୋଳଯାତ୍ରା ପାଳିତ ହୋଇଥାଏ । ଶିବ ଚତୁର୍ଦ୍ଦଶୀରେ ଶିବମନ୍ଦିରମାନଙ୍କରେ ମହାଦୀପ ଉଠିଥାଏ । ନିଷ୍ଠାର ସହିତ ଉଭୟ ପୁରୁଷ ଓ ସ୍ତ୍ରୀ ଏହାକୁ ପାଳନ କରିଥାନ୍ତି । ତା'ପରେ ଗଜମଣ୍ଡା ଖାଇ ଉପବାସ ଭାଙ୍ଗିଥାନ୍ତି । ଦୋଳପୂର୍ଣ୍ଣିମା ମୁଖ୍ୟତଃ ଗୋପାଳମାନଙ୍କର ପର୍ବ ହେଲେହେଁ, ସମସ୍ତ ଓଡ଼ିଆ ଏହାକୁ ପାଳନ କରିଥାନ୍ତି । ରାଧାକୃଷ୍ଣ ପ୍ରତିମାକୁ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥାଏ । ବିଭିନ୍ନ ରଙ୍ଗରେ ହୋଲି ଖେଳ ହୁଏ । ଆନନ୍ଦଉତ୍ସବ ମଧ୍ୟରେ ଦିନଟି ବିତିଯାଏ । ଏତଦ୍‌ବ୍ୟତୀତ ସରସ୍ୱତୀପୂଜା, ଅକ୍ଷୟତୃତୀୟା, ବିଶ୍ୱକର୍ମାପୂଜା ଆଦି ମଧ୍ୟ ପାଳିତ ହୋଇଥାଏ । ଓଡ଼ିଶାରେ ବସବାସ କରୁଥିବା ମୁସଲମାନ ଓ ଖ୍ରୀଷ୍ଟିଆନ ଭାଇମାନେ 'ଇଦ' ଏବଂ ଖ୍ରୀଷ୍ଟପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଜଗନ୍ନାଥ ଦେଶ ଓଡ଼ିଶାରେ କୌଣସି ପର୍ବ ପାଇଁ କାହା ମନରେ ଅସୂୟା ନାହିଁ । ସବୁ ସଂପ୍ରଦାୟର ବ୍ୟକ୍ତି ନିଜ ରୁଚି ଅନୁଯାୟୀ ସ୍ୱାଧୀନ ଭାବରେ ବିଭିନ୍ନ ପର୍ବ ପାଳନ କରିଥାନ୍ତି ।

ସାମାଜିକ ଜୀବନରେ ପର୍ବପର୍ବାଣିର ଆବଶ୍ୟକତା: ସାମାଜିକ ଜୀବନରେ କର୍ମକ୍ଲାନ୍ତି ମଣିଷ ମନରେ କିଛି ସରସତା ଭରିଦେବା କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହି ପର୍ବପର୍ବାଣିରେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ପିଠାପଣା ଖାଇବାକୁ ଦେବା ମଧ୍ୟରେ ପରସ୍ପର ପ୍ରତି ଭ୍ରାତୃଭାବ ଓ ସ୍ନେହ, ପ୍ରୀତି ସୃଷ୍ଟି ହୋଇଥାଏ । ଦେବଆରଧନା ମଧ୍ୟରେ ମଣିଷ ମନରୁ ଦୂର ହୋଇଥାଏ ହିଂସାଭାବ । ଅନ୍ୟାୟ ଓ ଅନୀତି ପ୍ରତି ମଣିଷ ହୃଦୟରେ ସୃଷ୍ଟି ହୁଏ ଘୃଣାଭାବ । ମଣିଷ ପ୍ରତି ଭଲପାଇବା ସୃଷ୍ଟି କରେ ପର୍ବପର୍ବାଣି । ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସୃଷ୍ଟି କରେ ସଦ୍‌ଭାବ । ସମାଜକୁ ସୁସ୍ଥ କରି ଗଢ଼ି ତୋଳିବାକୁ ଏହା ମଣିଷ ମନରେ ଭରିଦିଏ ପ୍ରେରଣା । ନୀତିନିଷ୍ଠଭାବେ ଜୀବନଯାପନ କରିବାକୁ ଏହା ଉତ୍ସାହିତ କରେ । ବସୁଧୈବ କୁଟୁମ୍ବକମ୍ ନୀତି ପ୍ରତି ପ୍ରେରିତ କରେ ମାନବ ସମାଜକୁ ।

ପର୍ବପର୍ବାଣିଗୁଡ଼ିକର ମୂଳଭିତ୍ତି: ଓଡ଼ିଶାରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡ଼ିକର ମୂଳଭିତ୍ତ

ମୁଖ୍ୟତଃ ତିନୋଟି । ପ୍ରଥମଟିର ଭିତ୍ତି ହେଉଛି କୃଷି, ଦ୍ୱିତୀୟଟି ଆଧ୍ୟାତ୍ମିକ ଓ ତୃତୀୟଟି ଶିକ୍ଷା । ଓଡ଼ିଶା ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏହାକୁ ଭିତ୍ତି କରି ମୁଖ୍ୟତଃ ରଜପର୍ବ, ଅକ୍ଷୟତୃତୀୟା, ନୂଆଖାଇ, ମାଣବସା, ଗହ୍ମାପୂର୍ଣ୍ଣିମା, ମକରସଂକ୍ରାନ୍ତି ଆଦି ପାଳନ କରାଯାଇଥାଏ । ଆଧ୍ୟାତ୍ମିକ ଭାବନାକୁ କେନ୍ଦ୍ର କରି ଦଶହରା, ଦୀପାବଳୀ, ରାମନବମୀ, ଶିବଚତୁର୍ଦ୍ଦଶୀ, ଶାମ୍ବଦଶମୀ, ଦୋଳପୂର୍ଣ୍ଣିମା, ବଡ଼ଓଷା ଆଦି ପାଳିତ ହୋଇଥାଏ । ଗଣେଷପୂଜା, ସରସ୍ୱତୀ ପୂଜା, ଆଦି ମୁଖ୍ୟତଃ ଶିକ୍ଷାଲାଭ କରୁଥିବା ପିଲାମାନେ ପାଳନ କରିଥାନ୍ତି । ଏତଦ୍‌ବ୍ୟତୀତ କାର୍ତ୍ତିକପୂର୍ଣ୍ଣିମା, ବାଲିଯାତ୍ରା, ଖୁଦୁରୁକୁଣୀ ଓଷା ମାଧ୍ୟମରେ ଓଡ଼ିଶାର ଅତୀତ ନୌବାଣିଜ୍ୟ ଚିତ୍ର ସୂଚିତ ହୋଇଥାଏ । ଜଗନ୍ନାଥଙ୍କୁ କେନ୍ଦ୍ରକରି ମଧ୍ୟ ବହୁ ପର୍ବପର୍ବାଣି ପାଳିତ ହୋଇଥାଏ । ତେଣୁ ପ୍ରତ୍ୟେକ ପର୍ବପର୍ବାଣିର ଯେ ସାମାଜିକ ଉପଯୋଗିତା ରହିଛି ଅସ୍ୱୀକାର କରାଯାଇନପାରେ ।

ଉପସଂହାର: ପର୍ବପର୍ବାଣି ମଧ୍ୟରେ ଗୋଟିଏ ଦେଶର ସାଂସ୍କୃତିକ, ସମାଜିକ ଓ ଆଧ୍ୟାତ୍ମିକ ଚେତନା ଜଡ଼ିତ । ବିଜ୍ଞାନ ଯୁଗରେ ଏହାକୁ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି କୁହାଯାଇ ପାରିବନାହିଁ । ଗୋଟିଏ ଜାତିର ଭାବାତ୍ମକ ସମ୍ପର୍କ ଏଥି ସହିତ ଏପରି ନିବିଡ଼ ଭାବରେ ଜଡ଼ିତ ଯେ, ଏହାକୁ ଜନଜୀବନରୁ ଦୂରେଇ ଦେଲେ ହଠାତ୍ ଏକ ସାମାଜିକ ଫାଙ୍କ ସୃଷ୍ଟି ହୋଇ ଜାତିର ପ୍ରାଣସ୍ପନ୍ଦନଟିକୁ ବନ୍ଦ କରିଦେବ । ତେଣୁ ପ୍ରତ୍ୟେକ ପର୍ବପର୍ବାଣି ଅନ୍ତରାଳରେ ଏକ ତାତ୍ତ୍ୱିକ ଉଦ୍ଦେଶ୍ୟ ରହିଛି । ଏହା ସହିତ ମଣିଷର ଆଧ୍ୟାତ୍ମିକ ସମ୍ପର୍କ ଯେପରି ଜଡ଼ିତ, ସେହିପରି ଜଡ଼ିତ ମଧ୍ୟ ସାମାଜିକ ଚେତନା । ଏହି ଦୃଷ୍ଟିରୁ ଏହାର ସାର୍ବକାଳିକ ମୂଲ୍ୟବୋଧକୁ କଦାପି ଅସ୍ୱୀକାର କରାଯାଇନପାରେ ।

●●●

୧୦.୨ ଓଡ଼ିଶାର ଅରଣ୍ୟସମ୍ପଦ

ଉପକ୍ରମ: ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ଅରଣ୍ୟ ପ୍ରକୃତିର ଏକ ବିଶେଷ ଅବଦାନ । ଅତୀତରେ ଓଡ଼ିଶାର ସମୁଦାୟ ୪୫ଭାଗ ଅରଣ୍ୟ ଆଚ୍ଛାଦିତ ରହିଥିଲା । ଜଙ୍ଗଲ ଧ୍ୱଂସ ଯୋଗୁଁ ଆଜି ଏହା ମାତ୍ର ୨୨ ଭାଗରେ ପହଞ୍ଚିଛି । ଦେଶର ପ୍ରଗତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାଦ୍ୱାରା ବହୁପରିମାଣରେ ବାଧାପ୍ରାପ୍ତ ହେଉଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏହା ମଧ୍ୟ ଅନ୍ୟତମ କାରଣ ରୂପେ ପରିଗଣିତ । ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଅରଣ୍ୟର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ବିଷାକ୍ତ ଅଙ୍ଗାରକାମ୍ଳ ଗ୍ରହଣ କରି ଲୋକମାନଙ୍କ ପାଇଁ ଅମ୍ଳଜାନ ଛାଡ଼ିଥାଏ । ମୃତ୍ତିକାକ୍ଷୟ ରୋକିବାରେ ଏବଂ ଯଥାସମୟରେ ବର୍ଷା କରାଇବାରେ ଅରଣ୍ୟର ପ୍ରାକୃତିକ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ପରିବେଶବିତ୍‌ଗଣ ଜଙ୍ଗଲର ଏହି ଅବକ୍ଷୟ ଯୋଗୁଁ ଉଦ୍‌ବେଗ ପ୍ରକାଶ କଲେଣି । ଅରଣ୍ୟ ମଣିଷ ସମାଜକୁ ବହୁ ଅତ୍ୟାବଶ୍ୟକ ପଦାର୍ଥ ଯୋଗାଇ ଦେଇଥାଏ । ତା'ର ବିଭିନ୍ନ ଅଭାବ ପରିପୂରଣରେ ସହାୟତା କରିଥାଏ । ଓଡ଼ିଶାରେ ଅର୍ଥନୀତି କ୍ଷେତ୍ରରେ ଏହାର ଅରଣ୍ୟ ସମ୍ପଦ ଏକ ଆଶୀର୍ବାଦ ସ୍ୱରୂପ । ଏହାର ଉଚିତ ରକ୍ଷାଣବେକ୍ଷଣ କରାଯାଇପାରିଲେ, ଆମର ଆର୍ଥିକ ପ୍ରଗତିକୁ ଯେ ଏହା ତ୍ୱରାନ୍ୱିତ କରିପାରିବ, ଏଥିରେ ସନ୍ଦେହ ନାହିଁ ।

ବିଭିନ୍ନ ଅରଣ୍ୟ ସମ୍ପଦର ପରିଚୟ: ଓଡ଼ିଶାର ମୁଖ୍ୟ ପ୍ରାକୃତିକ ସମ୍ପଦ ହେଉଛି ଅରଣ୍ୟ । ଏହି ଅରଣ୍ୟ ମଧ୍ୟରେ ପରିପୂର୍ଣ୍ଣ ବହୁ ଅରଣ୍ୟ ସମ୍ପଦ । ମଣିଷର ଦୈନନ୍ଦିନ ଜୀବନରେ ଏହାର ଉପଯୋଗିତାର ତୁଳନା ନାହିଁ । ଓଡ଼ିଶାର ପ୍ରାୟ ୪୬ ହଜାର ବର୍ଗ କିଲୋମିଟର ବ୍ୟାପୀ ଅରଣ୍ୟ ପରିପୂର୍ଣ୍ଣ । ଏହା ମୁଖ୍ୟତଃ ତନିଭାଗରେ ବିଭକ୍ତ । ଯଥା- ସଂରକ୍ଷିତ, ସୁରକ୍ଷିତ ଓ ଶ୍ରେଣୀବିଭାଗ ବହିର୍ଭୂତ । ସଂରକ୍ଷିତ ଅରଣ୍ୟ ସରକାରୀ କର୍ତ୍ତୃତ୍ୱାଧୀନ ଥିବା ସମୟରେ ସୁରକ୍ଷିତ ଅରଣ୍ୟ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପଟ୍ଟାଧାରୀ ବ୍ୟକ୍ତି ଏହାକୁ ବ୍ୟବହାର କରିପାରନ୍ତି । ମଫସଲ ଅଞ୍ଚଳରେ ପରିଦୃଷ୍ଟ ଛୋଟଛୋଟ ବଣ ଓ ତୋଟାମାନ ଶ୍ରେଣୀ ବିଭାଗ ବହିର୍ଭୂତ ଅରଣ୍ୟ । ଏହି ଅରଣ୍ୟରୁ ବହୁପ୍ରକାର ମୂଲ୍ୟବାନ ଅରଣ୍ୟ ସମ୍ପଦ ମିଳିଥାଏ । ଶାଳ, ପିଆଶାଳ, କୁରୁମ, କଷି, ଅଶନ, ଶିଶୁ, ସୁନ୍ଦରୀ, ଗମ୍ଭାରୀ ପ୍ରଭୃତି ବହୁପ୍ରକାର ମୂଲ୍ୟବାନ କାଠ ଦ୍ୱାରା ଗୃହନିର୍ମାଣ, ଆସବାବପତ୍ର ଆଦି ତିଆରି ହୋଇଥାଏ । ଜଙ୍ଗଲରୁ ମିଳୁଥିବା କାଠ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ । ରେଳଧାରଣା ପଡ଼ିବା ପାଇଁ ମଧ୍ୟ ବହୁପରିମାଣ କାଠର ଆବଶ୍ୟକତା ପଡ଼ିଥାଏ । ଏହା ଜଙ୍ଗଲରୁ ଆସିଥାଏ । ଜଙ୍ଗଲରୁ ବେତ ଓ ବାଉଁଶ ପ୍ରଚୁର ପରିମାଣରେ ମିଳିଥାଏ । ଏହାଛଡ଼ା ବିଭିନ୍ନ ଫଳମୂଳ, ଅଁଳା, ଲାଖ, ଶିଙ୍ଗ, ଚମଡ଼ା, ଝୁଣା, ମହୁଲ, ସବାଇଘାସ, ଔଷଧ ନିମିତ୍ତ ବିବଧ ଚେର, ହାଡ, କେତେକ ଖଣିଜ ପଦାର୍ଥ ମିଳିଥାଏ ।ବହୁ ପଶୁପକ୍ଷୀ ଅରଣ୍ୟ ମଧ୍ୟରେ ବସବାସ କରିଥାନ୍ତି । ସେମାନେ ମଧ୍ୟ ମଣିଷ ସମାଜର ବହୁ ଉପକାରରେ ଆସିଥାନ୍ତି । ତେନ୍ତୁଳି, କରଞ୍ଜ, ଅଁଳା, କେନ୍ଦୁ, କେନ୍ଦୁପତ୍ର ଆଦି ଏହି ଅରଣ୍ୟ ସମ୍ପଦର ଅନ୍ତର୍ଭୁକ୍ତ ।

ଅରଣ୍ୟ ସମ୍ପଦର ଆବଶ୍ୟକତା: ଓଡ଼ିଶାର ଅରଣ୍ୟ ସମ୍ପଦ କେବଳ ଆମର ଆବଶ୍ୟକ କାର୍ଯ୍ୟରେ ବିନିଯୋଗ ହୋଇନଥାଏ, ପରନ୍ତୁ ଏହାଦ୍ୱାରା ସରକାର ବହୁପରିମାଣରେ ପୁଞ୍ଜି ଯୋଗାଡ଼

କରିପାରିଥାନ୍ତି । ଅଟକଳରୁ ଜଣାଯାଏ, ପ୍ରାୟ ପ୍ରତିବର୍ଷ ୧୦୮କୋଟି ଟଙ୍କାର ବିଭିନ୍ନ ଦ୍ରବ୍ୟ ଅରଣ୍ୟରୁ ସଂଗୃହୀତ ହୋଇଥାଏ । ଅରଣ୍ୟରୁ ମିଳୁଥିବା କାଠ ଗୃହ ଉପକରଣ ନିର୍ମାଣରେ ବ୍ୟବହୃତ ହେଉଥିବାବେଳେ ବାଉଁଶ ମଧ୍ୟ ଗୃହ ନିର୍ମାଣ ଓ କାଗଜାଦି ପଦାର୍ଥ ପ୍ରସ୍ତୁତିରେ ଆବଶ୍ୟକ ହୋଇଥାଏ । ଅରଣ୍ୟରୁ ମିଳୁଥିବା ବେତରେ ବର୍ତ୍ତମାନ ସୁନ୍ଦର ସୁନ୍ଦର ଚେୟାର, ସୋଫା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣମାନ ପ୍ରସ୍ତୁତ ହେଉଛି । ଅଁଳା, ବାହାଡ଼ା, ହରିଡ଼ା ଓ ଅନ୍ୟାନ୍ୟ କେତେକ ଅରଣ୍ୟରେ ମିଳୁଥିବା ଦୁର୍ମୂଲ୍ୟ ପତ୍ରଦ୍ୱାରା ବିଭିନ୍ନ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ହୋଇଥାଏ । ଶାଳପତ୍ର ବର୍ତ୍ତମାନ ଭୋଜିଭାତରେ ପ୍ରଚୁର ପରିମାଣରେ ଆବଶ୍ୟକ ହେଉଥିବା ସମୟରେ, ତା'ର ମଞ୍ଜିରୁ ତେଲ ଉତ୍ପାଦନ କରାଯାଇ ବିକ୍ରି ହେଉଛି । ଓଡ଼ିଶାରେ ପ୍ରଚୁର ପରିମାଣରେ କେନ୍ଦୁଗଛ ରହିଥିବାରୁ ଏହାର ପତ୍ର ବିଡ଼ି ତିଆରି ପାଇଁ ବିକ୍ରି କରାଯାଇ ବହୁ ଅର୍ଥ ମିଳୁଛି । ଅରଣ୍ୟରୁ ଉପଲବ୍ଧ ବିଭିନ୍ନ ପଶୁପକ୍ଷୀଙ୍କର ଚମଡ଼ା ଆମର ଯାବତୀୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଚମଡ଼ା କଷିବା ନିମିତ୍ତ ସୁନାରୀ ଛେଲିର ଆବଶ୍ୟକ ହୋଇଥାଏ । ଏହା ମଧ୍ୟ ଅରଣ୍ୟରୁ ମିଳିଥାଏ । ଶାଳ ଫଳରୁ ଚକୋଲେଟ୍ ତିଆରି ତେଲ ଏବଂ ଶାଗୁଆନ କାଠରୁ ପ୍ରସ୍ତୁତ ତେଲ ଔଷଧ ତିଆରିରେ ସାହାଯ୍ୟ କରିଥାଏ । ଟସର ପୋକମାନଙ୍କର ଶାଗୁଆନ ପତ୍ର ଏକ ପ୍ରିୟ ଖାଦ୍ୟ । ଜଙ୍ଗଲରୁ ମିଳୁଥିବା ବିଭିନ୍ନ ହାଡ଼ରୁ ସାର ତିଆରି ହୋଇଥାଏ । ଏହାକୁ ବ୍ୟବହାର କରି କୃଷକ ଭଲ ଫସଲ ଅମଳ କରିପାରିଥାନ୍ତି । ବିଭିନ୍ନ ପଶୁଙ୍କ ଶିଙ୍ଗରୁ ସୁନ୍ଦର ସୁନ୍ଦର ପାନିଆ ତିଆରି ହୋଇଥାଏ । ଏତଦ୍‌ବ୍ୟତୀତ ହାତୀଦାନ୍ତ ଓ ଶିଙ୍ଗରୁ ମଧ୍ୟ ଫରୁଆ, ଖେଳଣା, ବିଭିନ୍ନ ବେଣ୍ଟ ଆଦି ତିଆରି କରାଯାଇ ପ୍ରଚୁର ଅର୍ଥ ଆମଦାନୀ କରାଯାଇଥାଏ । ଅରଣ୍ୟରୁ ମିଳୁଥିବା କୋଚିଲାଖାଇ ଚଢ଼େଇ ବହୁ ମୂଲ୍ୟବାନ ଔଷଧ ତିଆରିରେ ବ୍ୟବହୃତ ହୋଇଥାଏ । ତା'ର ତେଲ ମଧ୍ୟ ଶରୀର ପାଇଁ ବିଶେଷ ଉପକାରୀ । ଓଡ଼ିଶାର ଜଙ୍ଗଲରୁ ମଧ୍ୟ କିଛି ପରିମାଣରେ ଚନ୍ଦନ କାଠ ମିଳିଥାଏ । ଏହାର ଦାମ୍ ବହୁ ଅଧିକ । ଜଙ୍ଗଲରୁ ଶୁଆ ଶାରୀ, ନେଉଳ, ମାଙ୍କଡ଼ଛୁଆ ଆଦି ଧରାଯାଇ ବିଦେଶକୁ ପଠାଯାଉଛି ଓ ଏଥିପାଇଁ ଆମେ ଅନେକ ବୈଦେଶିକ ମୁଦ୍ରା ପାଇବାକୁ ସମର୍ଥ ହେଉଛୁ । ହରିଣମାଂସ ଏବଂ ମୟୂରଚନ୍ଦ୍ରିକା ବିକ୍ରୟ କରାଯାଇ ଆର୍ଥିକ ଲାଭ ହୋଇଥାଏ । ଏତଦ୍‌ବ୍ୟତୀତ ଜଙ୍ଗଲ ନିକଟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଏହି ଅରଣ୍ୟ ଉପରେ ନିର୍ଭର କରି ଜୀବନ ଅତିବାହିତ କରିଥାନ୍ତି । ତେଣୁ ମାନବ ଜୀବନର ବହୁକ୍ଷେତ୍ରରେ ଅରଣ୍ୟର ଆବଶ୍ୟକତା ରହିଛି । ଏହାଦ୍ୱାରା କେବଳ ଆର୍ଥିକ ପ୍ରଗତି ହୋଇନଥାଏ, ପାରିବେଶିକ ଉନ୍ନତି ମଧ୍ୟ ହୋଇଥାଏ ।

ଅରଣ୍ୟ ସମ୍ପଦ ରକ୍ଷା ଦିଗରେ ଉଦ୍ୟମ: ଅରଣ୍ୟ ଧ୍ୱଂସ ପାଇଯାଉଥିବାରୁ ଆଜି ସମଗ୍ର ବିଶ୍ୱବାସୀ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ।ଓଡ଼ିଶାର ଅର୍ଦ୍ଧାଧିକ ଅରଣ୍ୟ ଇତିମଧ୍ୟରେ ଧ୍ୱଂସ ପାଇଯାଇଛି । ଏହାର ସୁରକ୍ଷା ନିମିତ୍ତ ବର୍ତ୍ତମାନ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ୧୯୫୦ ମସିହାଠାରୁ ପ୍ରତ୍ୟେକ ବର୍ଷ ବନମହୋତ୍ସବ ପାଳନ କରାଯାଇ ବୃକ୍ଷରୋପଣ କରାଯାଉଛି । ୧୯୫୨ ମସିହାଠାରୁ ଭାରତର ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ପ୍ରଣୟନ କରାଯାଇ ପଶୁପକ୍ଷୀ ହତ୍ୟା ନିଷେଧ କରାଯାଇଛି । ସେଥିପାଇଁ କେତେକ ସ୍ଥାନରେ ମଧ୍ୟ ଅଭୟାରଣ୍ୟ ସୃଷ୍ଟି ହୋଇଛି । ୧୯୮୩/୮୪ ମସିହାଠାରୁ ସାମାଜିକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ହୋଇଛି ।୧୯୮୮ ମସିହାଠାରୁ ଜଙ୍ଗଲ ସୁରକ୍ଷା ନୀତି କଡ଼ାକଡ଼ି ପାଳନ କରାଯାଉଥିବାରୁ ଅନେକ ଅଂଶରେ ଅରଣ୍ୟ ଓ ତା'ର ସମ୍ପଦ ପ୍ରତି ସୁରକ୍ଷା ପ୍ରଦାନ

କରାଯାଇପାରିଛି । ଚୋରାକାଠ ବେପାରୀମାନେ ବହୁପରିମାଣରେ କାଠ କାଟିନେଇ ଜଙ୍ଗଲ ସମ୍ପଦକୁ କ୍ଷୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ବିଭିନ୍ନ କର୍ମଚାରୀଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେମାନେ ନିର୍ବିଚାରରେ ଏହାକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଏବେଠାରୁ ସତର୍କ ନହେଲେ, ଏହାର ଭବିଷ୍ୟତ ପରିମାଣ ଯେ ସମ୍ପୂର୍ଣ୍ଣ ଭୟାବହ ହୋଇପଡ଼ିବ ଏଥିରେ ସନ୍ଦେହ ନାହିଁ ।

ଆର୍ଥିକ ସମୃଦ୍ଧି ବିକାଶରେ ଏହାର ଭୂମିକା: ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଅରଣ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ସରକାରଙ୍କ ଏକ ବଡ଼ ପରିମାଣ ଅର୍ଥ ଅରଣ୍ୟ ସମ୍ପଦରୁ ଲାଭ ହୋଇଥାଏ । ବହୁ ଔଷଧଜାତ ଦ୍ରବ୍ୟ, ତେଲ, କେନ୍ଦୁପତ୍ର, ପଶୁପକ୍ଷୀ, କାଠ, ବେତ, ବାଉଁଶ, ସବାଇଘାସ, ଶିଙ୍ଗ, ହାତୀଦାନ୍ତ, ଝୁଣା, ଅଁଳା, ହରିଡ଼ା, ବାହାଡ଼ା ଆଦିର ବିକ୍ରୟ କରାଯାଇ ପ୍ରଚୁର ପରିମାଣର ଅର୍ଥ ଲାଭ ହେଉଛି ଏବଂ ତାହା ଆମ ସରକାରଙ୍କ ଆର୍ଥିକ ସ୍ଥିତିକୁ ସମୃଦ୍ଧ କରୁଛି । ତେଣୁ ଏହି ଅରଣ୍ୟ ସମ୍ପଦର ସୁରକ୍ଷା ଓ ସୁବିନିଯୋଗ କରାଯାଇ ନ ପାରିଲେ ଆମର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବାର ବହୁ ସମ୍ଭାବନା ରହିଛି । ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ଅରଣ୍ୟ ମାନବ ସମାଜକୁ ରକ୍ଷା କରୁଥିବାରୁ ଏହାର ସୁରକ୍ଷା ସମ୍ପୂର୍ଣ୍ଣ ଭାବରେ ଏକ ଜାତୀୟ କର୍ତ୍ତବ୍ୟ କହିବା ଅନାବଶ୍ୟକ ମାତ୍ର ।

ଉପସଂହାର: ଅରଣ୍ୟର ସୁରକ୍ଷା ବର୍ତ୍ତମାନ ସମସ୍ତଙ୍କ ନିକଟରେ ଗୋଟିଏ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି । ଏହା କେବଳ ଦେଶର ଆର୍ଥିକ ସ୍ଥିତି ପାଇଁ ନୁହେଁ, ମଣିଷର ବଞ୍ଚିବା ପାଇଁ ହିଁ ଏକ ପ୍ରଶ୍ନ । ଶିଳ୍ପ ପ୍ରତିଷ୍ଠା ଏବଂ ରେଳଲାଇନ ପ୍ରସ୍ତୁତି ପାଇଁ ଆମର ବହୁ ଅରଣ୍ୟ ନଷ୍ଟ ହୋଇଛି । ଚୋରାକାଠ ବେପାରୀଙ୍କ ସହିତ କେତେକ ଜଙ୍ଗଲ କର୍ମଚାରୀଙ୍କ ଅସାଧୁ ସମ୍ପର୍କ ସ୍ଥାପନ ଯୋଗୁଁ ଆଜି ଓଡ଼ିଶାର ଅରଣ୍ୟ ସମ୍ପଦ ଅର୍ଦ୍ଧାଧିକ କମିଯାଉଛି । ବର୍ତ୍ତମାନ ଯେତିକି ଅରଣ୍ୟ ସମ୍ପଦ ଅବଶିଷ୍ଟ ରହିଛି, ତାହାର ସୁରକ୍ଷା ଏବଂ ନୂତନ ଜଙ୍ଗଲର ସୃଷ୍ଟି ଆମର ମୁଖ୍ୟ କର୍ତ୍ତବ୍ୟ ହେବା ଉଚିତ । ଏ କ୍ଷେତ୍ରରେ ସରକାର ଓ ଜନସାଧାରଣ ପରସ୍ପରକୁ ସାହାଯ୍ୟ କରିପାରିଲେ ଜଙ୍ଗଲକ୍ଷୟ ଜନିତ ବିପଦରୁ ଆମେ ନିଜକୁ ଯେ ରକ୍ଷା କରିପାରିବା ଏଥିରେ ସଂଶୟ ନାହିଁ ।

●●●

୧୦.୩ ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଅବଦାନ

ଉପକ୍ରମ: ୧୯୯୨ ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ତିରୋରୀ ଯୁଦ୍ଧରେ ଭାରତର ଶେଷ ହିନ୍ଦୁ ସ୍ୱାଧୀନ ନରପତି ପୃଥ୍ୱୀରାଜ ଚୌହାନ ନିଧନ ହେବା ପରେ ଭାରତ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହେଲା ।ଏହାପରେ ଏ ମାଟିରେ ପାଦ ଦେଇଛନ୍ତି ଶକ, ହୂଣ, କୁଶାଣ, ମୁସଲମାନ, ମୋଗଲ, ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସୀ ଓ ଇଂରେଜ ଆଦି କେତେ ଜାତି । ଯୁଗେ ଯୁଗେ ଭାରତର ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଓ ସହନଶୀଳତା ବହୁ ବିଦେଶୀଙ୍କୁ ଏହି ମାଟିକୁ ଆକର୍ଷିତ କରିଛି । କେତେ ଜାତି ଭାରତରେ ଭାରତୀୟ ହୋଇ ଜୀବନଯାପନ କରିଛନ୍ତି ତ ଆଉ କେତେ ନିଜର ସ୍ୱାର୍ଥ ପରିପୂରଣ ପରେ ଛାଡ଼ି ଚାଲିଯାଇଛନ୍ତି ନିଜ ଦେଶକୁ । ମାତ୍ର ଇଂରେଜମାନେ ଭାରତ ଅଧିକାର କରିବା ପରେ ସେମାନଙ୍କର ସାମ୍ରାଜ୍ୟବାଦୀ ନୀତି ଭାରତୀୟମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ଗୋଟିଏ ବ୍ୟବସାୟୀ ଜାତି ଭାବରେ, ସେମାନେ ଭାରତକୁ ଆସିଥିଲେ । ଉଦ୍ଦେଶ୍ୟ ଥିଲା ଭାରତର ଧନରତ୍ନ ଇଂଲଣ୍ଡକୁ ବୋହିନେବା । ଏହି ଉଦ୍ଦେଶ୍ୟ ସାଧନ ଉଦ୍ଦେଶ୍ୟରେ ସେମାନେ ତାଙ୍କର ସାମ୍ରାଜ୍ୟବାଦୀ ନୀତି ଭାରତୀୟଙ୍କ ଉପରେ ଲଦି ଦେବାକୁ ଚାହୁଁଥିଲେ । ସେମାନଙ୍କର ଏହି ନୀତି ଭାରତୀୟମାନଙ୍କୁ ଏକତ୍ରିତ କରି ଇଂରେଜ ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଦେଇଥିଲା । ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ଓଡ଼ିଶା ମଧ୍ୟ ମୁକ୍ତି ସଂଗ୍ରାମରେ ଯୋଗଦାନ କରି ଭାରତର ଜାତୀୟ ସ୍ରୋତରେ ନିଜକୁ ମିଶାଇଦେଲା । ଏକ ଭାରତୀୟ ପରିଚୟ ନେଇ ଇଂରେଜ ଶାସନ ବିରୋଧରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ ।

ଉନବିଂଶ ଶତକରେ ଓଡ଼ିଶାର ଭୂମିକା: ଭାରତରେ ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶା: ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାରେ ଆରମ୍ଭ ହୋଇଥିଲା । ଖୋର୍ଦ୍ଧାର ବକ୍‌ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କୁ ତାଙ୍କ ପ୍ରକୃତ ପ୍ରାପ୍ୟରୁ ବଞ୍ଚିତ କରିବାରୁ ଖୋର୍ଦ୍ଧା ପାଇକଙ୍କ ଭାବପ୍ରବଣ ମନକୁ ଏହା ବିଶେଷ ବ୍ୟଥିତ କରିଥିଲା । ତେଣୁ ପାଇକମାନେ ସମବେତ ହୋଇ ଇଂରେଜ ଶାସନର ତୀବ୍ର ବିରୋଧ କଲେ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ । ମାତ୍ର ଇଂରେଜମାନଙ୍କ କୂଟ ଚକ୍ରାନ୍ତର ଶିକାର ହୋଇ ପାଇକମାନେ ପରାଜିତ ହେଲେ ଏବଂ ବକ୍‌ସି ଏଥିପାଇଁ ଦଣ୍ଡିତ ମଧ୍ୟ ହେଲେ । ମୁକୁନ୍ଦଦେବ ଦ୍ୱିତୀୟ ମୁକ୍ତି ନିମିତ୍ତ ସ୍ୱପ୍ନ ଦେଖିବାରୁ ତାଙ୍କୁ କାରାଗାରରେ ନିକ୍ଷେପ କରାଗଲା ଓ କ୍ଷୁଧା ଏବଂ ପୀଡ଼ନରେ ସେ ସେଠାରେ ମୃତ୍ୟୁବରଣ କଲେ । ଇଂରେଜମାନଙ୍କ ଏହି କଠୋର ଶାସନରେ ସମସ୍ତେ ମ୍ରିୟମାଣ ହୋଇପଡ଼ିଥିବା ସମୟରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ଏହାର ପ୍ରତିଷ୍ଠାତା ଥିଲେ ଜଣେ ଉଦାର ହୃଦୟସମ୍ପନ୍ନ ଇଂରେଜ । ତାଙ୍କର ନାମ ଥିଲା ଏ.ଓ.ହ୍ୟୁମ୍ । ଏହାପରେ ଏହି ଜାତୀୟ କଂଗ୍ରେସରେ ଯେଉଁ ଭାରତୀୟମାନେ ଯୋଗ ଦେଇଥିଲେ ଏହାରି ମଧ୍ୟରେ ସେମାନେ ଭାରତ ସ୍ୱାଧୀନତାର ସ୍ୱପ୍ନ ଦେଖିଲେ । ଜାତୀୟ କଂଗ୍ରେସର ଆହ୍ୱାନରେ ଓଡ଼ିଶା ମଧ୍ୟ ଏହି ସଂଗ୍ରାମରେ ଯୋଗଦାନ କରି ଇଂରେଜ ଶାସନ ବିରୋଧରେ ଲଢ଼ିବାକୁ ବଦ୍ଧପରିକର ହୋଇଥିଲା । ଗାନ୍ଧିଜୀଙ୍କ ଆଗମନ ସ୍ୱାଧୀନତା ସଂଗ୍ରାମକୁ ତୀବ୍ରତର କଲା ଏବଂ ଶେଷରେ ଇଂରେଜମାନେ ଏ ଦେଶରୁ ବିତାଡ଼ିତ ହୋଇଥିଲେ ।

ଭାରତଛାଡ଼ ଆନ୍ଦୋଳନ ଓ ଓଡ଼ିଶା: ୧୮୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହୋଇଥିଲା । ୧୮୧୭ ମସିହାରେ ବିପ୍ଳବ ପରେ ଇଂରେଜମାନେ ଓଡ଼ିଶା ଅଧିବାସୀଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ଲାଗିଲେ । ସାମାନ୍ୟମାତ୍ର ବିଶୃଙ୍ଖଳାର ସୂଚନା ପାଇବା ମାତ୍ରେ ଇଂରେଜମାନେ ଅତି ନିଷ୍ଠୁର ଭାବରେ ବିଦ୍ରୋହ ଦମନ କରୁଥିଲେ । ଦ୍ୱିତୀୟ ମୁକୁନ୍ଦଦେବଙ୍କ ଶୋଚନୀୟ ମୃତ୍ୟୁ ଇଂରେଜମାନଙ୍କ ଅମାନବିକତାର ପ୍ରକୃଷ୍ଟ ଉଦାହରଣ । ଜାତୀୟ କଂଗ୍ରେସ ଗଠିତ ହେବା ପରେ ଓଡ଼ିଶାରୁ କୁଳବୃଦ୍ଧ ମଧୁସୂଦନ ଦାସ ପ୍ରଥମେ ଏହାର ସଦସ୍ୟ ହୋଇଥିଲେ ୧୮୮୬ ମସିହାରେ । ଏକ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଲାଗିଲେ । କୁଳବୃଦ୍ଧ ମଧୁସୂଦନଙ୍କ ପ୍ରେରଣାରେ ବହୁ ଓଡ଼ିଆ ଏହି ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ । ମଧୁସୂଦନ ଦାସଙ୍କ ବ୍ୟତୀତ ଏହି ସମୟରେ ବିଚିତ୍ରାନନ୍ଦ ଦାସ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ ଆଦି କେତେକ କ୍ଷେତ୍ରରେ ନେତୃତ୍ୱ ନେଇ ଓଡ଼ିଶାବାସୀଙ୍କ ହୃଦୟରେ ଜାତୀୟବାଦୀ ଚିନ୍ତାଧାରାର ଉଦ୍ରେକ କରିଥିଲେ । ବିଂଶ ଶତାବ୍ଦୀରେ ଏହି ଚେତନା ଅଧିକ ପ୍ରଭାବଶାଳୀ ହେବାକୁ ଲାଗିଲା ଓ ସମଗ୍ର ଭାରତରେ ଏହା କ୍ରାନ୍ତିକାରୀ ପରିବର୍ତ୍ତନ ଆନୟନ ଦିଗରେ ସମର୍ଥ ହେଲା ।

ମୁକ୍ତି ସଂଗ୍ରାମରେ ଓଡ଼ିଶାର ନାରୀ: ୧୯୧୫ ମସିହାରେ ମହାତ୍ମାଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଭାରତର ରାଜନୈତିକ ଆକାଶରେ ବହୁ ପରିବର୍ତ୍ତନ ସାଧିତ ହେବାକୁ ଲାଗିଲା । ଚରମପନ୍ଥୀମାନେ ରକ୍ତାକ୍ତ ସଂଗ୍ରାମ ମାଧ୍ୟମରେ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ । ମାତ୍ର ମହାତ୍ମାଗାନ୍ଧି ଯେଉଁ ଉପାୟରେ ଦକ୍ଷିଣ ଆଫ୍ରିକାରେ କଳାଲୋକମାନଙ୍କୁ ସେମାନଙ୍କର ଅଧିକାର ଫେରାଇ ଦେବାକୁ ସମର୍ଥ ହୋଇଥିଲେ, ସେହି ଅହିଂସା ଓ ଅସହଯୋଗ ମାଧ୍ୟମରେ ସେ ଦେଖୁଥିଲେ ଭାରତ ସ୍ୱାଧୀନତାର ସ୍ୱପ୍ନ । ଚରମପନ୍ଥୀଗଣ ନେତୃତ୍ୱରୁ ଓହରିଯିବା ପରେ ଗାନ୍ଧିଜୀ ୧୯୨୦ ମସିହାଠାରୁ ଏ ଜାତିକୁ ନେତୃତ୍ୱ ଦେବାକୁ ଆରମ୍ଭ କଲେ । ତାଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ନୂତନ ଆଲୋଡ଼ନ ଦେଖାଦେଲା । ଓଡ଼ିଶା ମଧ୍ୟ ଏଥିରୁ ନିଜକୁ ଦୂରେଇ ରଖିପାରି ନଥିଲା । ଗୋପବନ୍ଧୁ ଦାସ ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଶାରେ ସ୍ୱାଧୀନତାର ମନ୍ତ୍ର ଜନସାଧାରଣଙ୍କ କାନରେ ଫୁଙ୍କିବାକୁ ଲାଗିଲେ । ପଣ୍ଡିତ ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଆଦି ଏହି ସଂଗ୍ରାମରେ ଗୋପବନ୍ଧୁଙ୍କୁ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରୁଥିଲେ । ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଆଗମନ ପରେ ଏହି ଆନ୍ଦୋଳନ ଓଡ଼ିଶାରେ ତୀବ୍ର ରୂପ ଧାରଣ କଲା । ସ୍କୁଲ କଲେଜର ଛାତ୍ରମାନେ ମଧ୍ୟ ପାଠପଢ଼ା ଛାଡ଼ି ଏଥିରେ ଯୋଗଦେଲେ । ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ବୀରକିଶୋର ଦାସ, ରାଜକୃଷ୍ଣ ବୋଷ, ବାଞ୍ଛାନିଧି ମହାନ୍ତି, ସୁରେନ୍ଦ୍ରନାଥ ଦ୍ୱିବେଦୀ, କୃଷ୍ଣପ୍ରସାଦ ମହାନ୍ତି, କୁନ୍ତଳାକୁମାରୀ ସାବତ, ରେବାରାୟ, ଅପର୍ଣ୍ଣା ଦେବୀ, ସରଳାଦେବୀ ଆଦି ମହାନ୍ ନେତା ଓ ନେତ୍ରୀ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଭାରତକୁ ସ୍ୱାଧୀନତା ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସେହିମାନଙ୍କ ପ୍ରତ୍ୟକ୍ଷ ସହଯୋଗ ତଥା ଉଦ୍ୟମ ଯୋଗୁଁ ସଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଅଧିକ ସକ୍ରିୟ ହୋଇପଡ଼ିଥିଲା । ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଓଡ଼ିଶାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବାଲେଶ୍ୱରର ଇଞ୍ଚୁଡ଼ିରେ ଯେଉଁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା, ତା'ର ସୁଦୂରପ୍ରସାରୀ ଫଳ ପରିଲକ୍ଷିତ ହୋଇଥିଲା ସ୍ୱାଧୀନତା ସଂଗ୍ରାମରେ । ୧୯୩୦ ମସିହା

ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡ଼ି ନିକଟରେ ସତ୍ୟାଗ୍ରହୀ ଓ ଗୋରା ପୁଲିସ ଫୌଜଙ୍କ ମଧ୍ୟରେ ଯେଉଁ ସଂଘର୍ଷ ହୋଇଥିଲା, ସେଥିରେ ଅନେକ ସତ୍ୟାଗ୍ରହୀ ଆହତ ଓ ନିହତ ହୋଇଥିଲେ । ଏହି ସତ୍ୟାଗ୍ରହ ପରେ ଇଞ୍ଚୁଡ଼ି ହୋଇଥିଲା ଦ୍ୱିତୀୟ ଦାଣ୍ଡି । ଏଥିରେ ନେତୃତ୍ୱ ନେଉଥିବା ସୁରେନ୍ଦ୍ର ଦାସଙ୍କୁ ମହାତ୍ମାଗାନ୍ଧି ଦ୍ୱିତୀୟ ସର୍ଦ୍ଦାର ଉପାଧି ଦେଇଥିଲେ । ଦୀର୍ଘ ଦୁଇବର୍ଷ ଧରି ଏହି ସତ୍ୟାଗ୍ରହ ଚାଲିଥିଲା । ଏଥିରେ ପ୍ରାୟ ୬୦ ହଜାର ସତ୍ୟାଗ୍ରହୀ ଯୋଗଦେଇଥିଲେ । ବାସ୍ତବରେ ଲବଣ ସତ୍ୟାଗ୍ରହ ଓଡ଼ିଶାରେ ସବୁଠାରୁ ଅଧିକ ଜନଜାଗରଣ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲା । ଓଡ଼ିଶାବାସୀଙ୍କ ଏହି ଅଭୂତପୂର୍ବ ଆନ୍ଦୋଳନ ଲକ୍ଷ୍ୟକରି ମହାତ୍ମାଗାନ୍ଧି ମଧ୍ୟ ଅଭିଭୂତ ହୋଇପଡ଼ିଥିଲେ ।

୧୯୪୨ ମସିହାରେ ଇଂରେଜମାନଙ୍କୁ ଭାରତ ଛାଡ଼ିବା ନିମିତ୍ତ ଆହ୍ୱାନ ଦିଆଯାଇଥିଲା । ଭାରତ ଇତିହାସରେ ଏହା 'ଭାରତଛାଡ଼ ଆନ୍ଦୋଳନ' ବା 'ଅଗଷ୍ଟ ବିପ୍ଳବ' ଭାବରେ ଖ୍ୟାତ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା । ସେହି ଯୁଦ୍ଧରେ ଇଂରେଜମାନେ କେନ୍ଦ୍ରୀୟ ସଂସଦ ବା କଂଗ୍ରେସର ପରାମର୍ଶ ନକରି ଭାରତ ଏହି ଯୁଦ୍ଧରେ ସାମିଲ ହେଲା ବୋଲି ଘୋଷଣା କରିଥିଲେ । ଏପରିକି ୧୯୩୫ ମସିହାର ଭାରତ ଶାସନ ଆଇନ୍‌କୁ ମଧ୍ୟ ସଂଶୋଧନ କରିଦେଇଥିଲେ । ଏହି ଆଇନ୍ ଦ୍ୱାରା ଭାରତୀୟଙ୍କ ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ କରିଦିଆଗଲା । ଇଂରେଜମାନଙ୍କ ଏହି ନୀତିକୁ କଂଗ୍ରେସ ତୀବ୍ର ବିରୋଧ କଲା । ୱାର୍ଦ୍ଧାଠାରେ ବସିଥିବା କଂଗ୍ରେସ କମିଟି (ସେପ୍ଟେମ୍ବର ୧୦-୧୪) ଇଂରେଜ ସରକାରଙ୍କୁ ଜଣାଇଥିଲା ଯେ କେବଳ ଏକ ସ୍ୱାଧୀନ ଭାରତ ଫାଶିବାଦ ବିରୋଧରେ ଯୁଦ୍ଧ କରିପାରିବ, ତେଣୁ ପ୍ରଥମେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଉ । ମାତ୍ର ଇଂରେଜ ସରକାର ସେଥିରେ ରାଜି ନହେବାରୁ କଂଗ୍ରେସ ସାତଟି ରାଜ୍ୟରେ ଥିବା କଂଗ୍ରେସ ମନ୍ତ୍ରିମଣ୍ଡଳକୁ ଇସ୍ତଫା ଦେବାକୁ କହିଥିଲେ । ୧୯୪୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ନିଆଯାଇଥିଲା । କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକ ୱାର୍ଦ୍ଧାଠାରେ ୧୯୪୨ ମସିହା ଜୁଲାଇ ୧୪ ତାରିଖରେ ବସିଥିଲା ଏବଂ ଏଥିରେ ଭାରତଛାଡ଼ ଆଗତ ପ୍ରସ୍ତାବ ହୋଇଥିଲା । ଅଖିଳ ଭାରତ କଂଗ୍ରେସ କମିଟିର ଅନ୍ୟ ଏକ ଅଧିବେଶନ ବମ୍ବେ (ମୁମ୍ବାଇ)ରେ ଅଗଷ୍ଟ ୮ ତାରିଖରେ ବସି ଏହି ଭାରତଛାଡ଼ ପ୍ରସ୍ତାବ ଅନୁମୋଦିତ ହୋଇଥିଲା ।ଏହାର ପରଦିନ ଅଗଷ୍ଟ ୯ ତାରିଖରେ ଇଂରେଜ ସରକାର ମହାତ୍ମାଗାନ୍ଧି, ପଣ୍ଡିତ ନେହେରୁ, ଆଚାର୍ଯ୍ୟ କୃପାଳିନୀ, ମୌଲାନୀ ଆଦିଙ୍କୁ ବନ୍ଦୀକଲେ । ନେତାମାନଙ୍କ ଗିରଫଦାରୀ ଖବର ପ୍ରଚାର ହେବାମାତ୍ରେ ଭାରତରେ ଗଣଆନ୍ଦୋଳନ ଆରମ୍ଭ ହୋଇଗଲା । ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ବିଶେଷଭାବରେ ଅନୁଭୂତ ହେଲା । ୧୯୩୯ ମସିହା କଂଗ୍ରେସର ନିଷ୍ପତ୍ତି ଅନୁଯାୟୀ ତତ୍କାଳୀନ ଓଡ଼ିଶାର ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲେ । ସତ୍ୟାଗ୍ରହ ସମ୍ପର୍କରେ ଶିକ୍ଷାଦେବାକୁ କଟକର ବରୀଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଥିଲା । ଏହି ସମୟରେ ପ୍ରଚାରିତ ହେଲା ଯେ ଜାପାନୀ ସୈନ୍ୟ ଓଡ଼ିଶା ଉପକୂଳରେ ଅବତରଣ କରି କଲିକତା ମାନ୍ଦ୍ରାଜ ଆଡ଼କୁ ଅଗ୍ରସର ହେବେ । ତେଣୁ ଉତ୍କଳ ପ୍ରଦେଶ କମିଟି ୧୯୪୨ ଜାନୁଆରୀ ୧୦ ଓ ୧୧ ତାରିଖରେ ଆଲୋଚନା କରି ଆଭ୍ୟନ୍ତରୀଣ ଶାନ୍ତିରକ୍ଷା ନିମିତ୍ତ କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ । ମୀରାବେନ୍ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ଆଦି କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଜନସଚେତନତା ସୃଷ୍ଟି କରିଥିଲେ । ୱାର୍ଦ୍ଧା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଉତ୍କଳ କଂଗ୍ରେସ କମିଟି ନିଷ୍ପତ୍ତି ନେଇଥିଲା । ସେହି ସମୟରେ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ରାମନନ୍ଦନ

ମିଶ୍ର କଟକ ଆସି କଂଗ୍ରେସ କର୍ମୀମାନଙ୍କୁ ସଙ୍ଗଠିତ କରିଥିଲେ । ଅଗଷ୍ଟ ୯ ଆନ୍ଦୋଳନ ଓଡ଼ିଶାରେ ତୀବ୍ର ହେବାରୁ ସୁରେନ୍ଦ୍ର ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କୁ ଛାଡ଼ି ୨୪ଜଣ ନେତାଙ୍କୁ ଗିରଫ କରାଯାଇଥିଲା । ଏହାଦ୍ୱାରା ଛାତ୍ରମାନେ ସ୍କୁଲ, କଲେଜ ଛାଡ଼ି ଏହି ଆନ୍ଦୋଳନରେ ଭାଗନେଇଥିଲେ । ସାଧାରଣ ଲୋକେ ମଧ୍ୟ ଏହି ଆନ୍ଦୋଳନରେ ସ୍ୱତଃପ୍ରବୃତ୍ତ ଭାବରେ ସାମିଲ ହୋଇ ଏହାକୁ ଅଧିକ ତୀବ୍ର କରିଥିଲେ । ଏପରିକି ଓଡ଼ିଶାର ଗଡ଼ଜାତମାନଙ୍କରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା । ତେଣୁ ଭାରତଛାଡ଼ ଆନ୍ଦୋଳନରେ ଯେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲା ଅସ୍ୱୀକାର କରାଯାଇ ନପାରେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ କେବଳ ଓଡ଼ିଶାର ପୁରୁଷମାନେ ନୁହନ୍ତି, ନାରୀମାନେମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।ଗଞ୍ଜାମ ଉପରେ ଇଷ୍ଟଇଣ୍ଡିଆ କମ୍ପାନୀର ଅଯଥା ହସ୍ତକ୍ଷେପକୁ ତତ୍କାଳୀନ ପାରଳାର ରାଜା ନାରାୟଣ ଗଜପତି ଦେବ ସ୍ୱୀକାର ନକରି ତତ୍କାଳୀନ ପ୍ରଶାସକ କୀଟସ୍‌ଫୋର୍ଡ଼ସଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ପାରଳାରାଜାଙ୍କ ମୃତ୍ୟୁ ପରେ ରାଣୀ ହାରାମଣୀଦେବୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ । ସେତେବେଳେ ଅନେକ ଆଦିବାସୀ ରମଣୀ ଏଥିରେ ରାଣୀଙ୍କୁ ସହାୟତା କରିଥିଲେ । କୋୟାରାଣୀ ବାଙ୍ଗରାଦେବୀ ଓ ହରପାର୍ବତୀ ଆଦି ରମଣୀଙ୍କ ନାମ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ଗାନ୍ଧିଜୀଙ୍କ ଆହ୍ୱାନରେ ବହୁ ରମଣୀ ପ୍ରତ୍ୟକ୍ଷ ଭାବେ ସଂଗ୍ରାମରେ ଝାସ ଦେଇଥିଲେ । କେତେକ ନାରୀ ସେମାନଙ୍କ ଅଗ୍ନିବର୍ଷୀ କବିତା ମାଧ୍ୟମରେ ଲୋକମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି କରିଥିଲେ ।ଏହି ରମଣୀମାନଙ୍କ ମଧ୍ୟରେ କୁନ୍ତଳାକୁମାରୀ ସାବତ, ରେବାରାୟ, ସୁଲକ୍ଷଣା ଦେବୀ, ସରଳାଦେବୀ, ସୀତାଦେବୀ ଖାଡ଼ଙ୍ଗା, ସୁଚିତ୍ରା ଦେବୀ, କୋକିଳାଦେବୀ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଅସହଯୋଗ ଆନ୍ଦୋଳନ ପରେ ଶ୍ରୀମତୀ ଲାବଣ୍ୟ ଦେବୀ, ଚଞ୍ଚଳା ଦେବୀ, ଯମୁନା ଦେବୀ ଆଦି ନାରୀମାନଙ୍କୁ ନେଇ ମହିଳା ବନ୍ଧୁ ସମିତି ଗଠନ କରାଯାଇ ନାରୀଚେତନା ଜାଗରଣ କରାଯାଇଥିଲା । ୧୯୪୨ ମସିହା ପ୍ରାଦେଶିକ କଂଗ୍ରେସ କମିଟି ଅଧିବେଶନରେ ସରୋଜିନୀ ଚୌଧୁରୀ, ରମାଦେବୀ ପ୍ରଭୃତି ଉପସ୍ଥିତ ରହି ମହିଳାମାନଙ୍କ ଉପରେ ନୈତିକ ପ୍ରଭାବ ପକାଇବାକୁ ଚେଷ୍ଟା କରିଥିଲେ ।ରାସମଣୀ ଓ ସ୍ୱର୍ଣ୍ଣଲତା ଦେଈ ବ୍ରହ୍ମପୁର ସ୍ୱରାଜ ଆଶ୍ରମରେ ଉତ୍କଳ ନାରୀ ସମ୍ମିଳନୀର ଅଧିବେଶନ ଆହ୍ୱାନ କରିଥିଲେ । ୧୯୩୦ ମସିହା ଜାନୁଆରୀ ୨୬ତାରିଖରେ ପୂର୍ଣ୍ଣ ସ୍ୱରାଜ ଦିବସ ପାଳନ ନିମିତ୍ତ ଇଂରେଜ ସରକାର ଅନୁମତି ନ ଦେବାରୁ ରମାଦେବୀ ନିଜ ବାସଭବନରେ ଏକ ସଭାର ଆୟୋଜନ କରିଥିଲେ । ଗ୍ରାମ ଗ୍ରାମ ବୁଲି ନାରୀମାନଙ୍କ ମନରେ ଜାଗରଣ ସୃଷ୍ଟି କରିଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହରେ ରମାଦେବୀ, ମାଳତୀ ଚୌଧୁରୀ ଆଦିଙ୍କ ନେତୃତ୍ୱରେ ବହୁ ନାରୀ ଏଥିରେ ଯୋଗ ଦେଇଥିଲେ । ଅନେକ ମହିଳା ସତ୍ୟାଗ୍ରହୀ ମଦ ଦୋକାନ ଆଗରେ ନିଶା ନିବାରଣ ପାଇଁ ଧ୍ୱନି ଦେଇ ଗିରଫ ହୋଇଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ବେଳେ ରମାଦେବୀଙ୍କ ନେତୃତ୍ୱରେ ବହୁ ରମଣୀ ସହଯୋଗ କରିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ବେଳେ ମାଳତୀ ଚୌଧୁରୀଙ୍କୁ ଗିରଫ କରାଯିବା ଦ୍ୱାରା ଶ୍ରୀମତୀ ମଙ୍ଗଳାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଆଦିଙ୍କ ନେତୃତ୍ୱରେ ଶହ ଶହ ରମଣୀ ଇଂରେଜ ଶାସକ ବିରୋଧରେ ଧ୍ୱନି ଦେଇ ଗିରଫ ହୋଇଥିଲେ । ତେଣୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ରମଣୀଙ୍କ ଏହି ତ୍ୟାଗପୁତ କାହାଣୀ ଚିର ଅମର ହୋଇ ରହିବ ।

ଉପସଂହାର: ଅତୀତରେ ଓଡ଼ିଆ ପାଇକମାନଙ୍କର ବୀରତ୍ୱ କାହାଣୀ ସମଗ୍ର ଭାରତବର୍ଷରେ ଥିଲା ଅଦ୍ୱିତୀୟ । ଏହି ବୀର ଜାତି ଦେଶର ସ୍ୱାଧୀନତା ଓ ସମ୍ମାନ ରକ୍ଷା ପାଇଁ ସର୍ବଦା ବହିଃଶତ୍ରୁ ଉପରେ ଆକ୍ରମଣ କରି ସେମାନଙ୍କୁ ଛିନ୍ନ ବିଚ୍ଛିନ୍ନ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରଥମ ମୂଳଭିତ୍ତି ଓଡ଼ିଶାର ପାଇକ ବିଦ୍ରୋହରୁ ସୂତ୍ରପାତ ହୋଇଥିଲା । ପରବର୍ତ୍ତୀ ସମୟରେ ସର୍ବଭାରତୀୟ ସ୍ତରରେ ଯେଉଁ ମୁକ୍ତି ସଂଗ୍ରାମର ଡାକରା ଦିଆଯାଇଥିଲା, ସେଥିରେ ଓଡ଼ିଶାର ବହୁ ତରୁଣ, ତରୁଣୀ ଯୋଗଦାନ କରି ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଅନେକ ମଧ୍ୟ ଶହୀଦ ହୋଇଥିଲେ । ତଥାପି ଇଂରେଜ ଶାସନର ବିଲୋପ ନିମିତ୍ତ ସେମାନେ ନେଇଥିଲେ ଅଗ୍ନି ଶପଥ । ତେଣୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଏହି ସ୍ୱାଧୀନଚେତା ଓଡ଼ିଶାର ନରନାରୀଗଣଙ୍କ ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ ।

●●●

ଭାଗ-ଗ

ପଦ୍ୟ

ଟିପ୍ପଣୀ

୧୧

ଭୀଷ୍ମଙ୍କ ଉପଦେଶ

ସାରଳା ଦାସ

୧୧.୧ କବିତାର ପୃଷ୍ଠଭୂମି

ଓଡ଼ିଆ ସାହିତ୍ୟର ଆଦି କବି ସାରଳା ଦାସଙ୍କ ମହାଭାରତର ୧୮ ଖଣ୍ଡ ପର୍ବ ମଧ୍ୟରେ ଥିବା ଶାନ୍ତି ପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ଯେଉଁ ଉପଦେଶ ଦେଇଛନ୍ତି ତାହାକୁ ଏହି କବିତାରେ ଉଲ୍ଲେଖ କରାଯାଇଛି । ମହାଭାରତ ଯୁଦ୍ଧରେ କୌରବମାନେ ପରାସ୍ତ ହୋଇ ମୃତ୍ୟୁବରଣ କରିବାପରେ ପାଣ୍ଡବମାନଙ୍କ ପକ୍ଷରୁ ଯୁଧିଷ୍ଠିର ହସ୍ତିନାର ସିଂହାସନରେ ରାଜା ହେବା ପୂର୍ବରୁ ଅଭିଷେକ ପର୍ବର ଆୟୋଜନ ଚାଲିଥାଏ । ଯୁଧିଷ୍ଠିର କୃଷ୍ଣଙ୍କୁ କହିଲେ ରାଜା ହେବା ପୂର୍ବରୁ ପିତାମହ ଭୀଷ୍ମଙ୍କୁ ସାକ୍ଷାତ କରି ତାଙ୍କଠାରୁ ଉପଦେଶ ପ୍ରାପ୍ତ ହେବା ଆବଶ୍ୟକ । ତେଣୁ ଯୁଧିଷ୍ଠିର କୃଷ୍ଣଙ୍କ ସହିତ ଶରଶଯ୍ୟାରେ ଥିବା ଭୀଷ୍ମଙ୍କ ପାଖରେ ପହଞ୍ଚି ରାଜ୍ୟାଭିଷେକ ପ୍ରସଙ୍ଗ କହିଛନ୍ତି । ରାଜା ହେବାକୁ ହେଲେ ପ୍ରଜା ଓ ରାଜ୍ୟବାସୀଙ୍କ ପାଇଁ କ'ଣ କ'ଣ କରିବାକୁ ପଡ଼ିବ, କି ପ୍ରକାର ବିଚାର ବୁଦ୍ଧି ଅବଲମ୍ବନ କରିବାକୁ ପଡ଼ିବ ତାହାକୁ ଭୀଷ୍ମ ଯୁଧିଷ୍ଠିରଙ୍କୁ ପ୍ରାଞ୍ଜଳ ଭାବରେ ବୁଝେଇ ଦେଇଛନ୍ତି । ତତ୍‌କାଳୀନ ସାମାଜିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ସାରଳା ଦାସ ଏଭଳି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ।

୧୧.୨ କବିତାର ଆଭିମୁଖ୍ୟ

କବିତାର ଭାଷା ଅତି ସରଳ । ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ଛଳରେ ଭୀଷ୍ମଙ୍କ ମୁଖରେ ସାରଳା ଦାସ ଯେଉଁ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି, ତାହା ଥିଲା ସେ ସମୟପାଇଁ ଓଡ଼ିଆ ସମାଜ ପାଇଁ ଆବଶ୍ୟକତା । ସାମାଜିକ ଶୃଙ୍ଖଳା, ଦେଶର ବିକାଶ ଓ ଲୋକମାନଙ୍କ ମନରେ ରାଜାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରି ଏକତା ଆଣିବା ଥିଲା ସାରଳା ଦାସଙ୍କ ମୂଳ ଓ ମୁଖ୍ୟ ଆଭିମୁଖ୍ୟ । ଏଥିରେ ପ୍ରଶାସକମାନଙ୍କୁ ଲେଖକ ସଚେତନ କରାଇ ଦେବା ସହିତ ପ୍ରଜା ସୁଖ ପାଇଁ ରାଜାଙ୍କ କର୍ତ୍ତବ୍ୟ ସଂପର୍କରେ ଅବହିତ କରାଇ ସମାଜ ବା ଦେଶର ମଙ୍ଗଳ ଇଚ୍ଛାକୁ ପ୍ରକାଶ କରିଛନ୍ତି । ଏ କବିତା ପାଠ କରିବା ଦ୍ୱାରା ସାରଳା ଦାସ କିପରି ସମାଜ ସଂସ୍କାରକ ଓ ଦେଶପ୍ରେମୀ ଥିଲେ ତାହା ଅନୁଭୂତ ହୁଏ । ଏହା ସହିତ ସାମାଜିକ ନୈତିକତା ଓ ରାଜଧର୍ମର ମୂଲ୍ୟବୋଧ ସଂପର୍କରେ ଓଡ଼ିଆମାନଙ୍କୁ ଅବଗତ କରାଇଛନ୍ତି ।

୧୧.୩ ମୂଳ ପାଠ

ବୈବସ୍ୱତ ମନୁ ଆଗେ ବଦନ୍ତି ଅଗସ୍ତି
କୃଷ୍ଣ ସଙ୍ଗେ ଗଲେ ପାଣ୍ଡବ ପାଞ୍ଚମୂର୍ତ୍ତି ॥
ଏଥୁ ଅନନ୍ତରେ ଯେ ବୋଇଲେ ଜନାର୍ଦ୍ଦନ
ଅଭିଷେକ ବିଧିମାନ କର ଆୟୋଜନ ॥
ଶୁଣି ଯୁଧିଷ୍ଠିର ବୋଇଲେ ହେ ଦେବ ହରି
ଭୀଷ୍ମକ କହିଲେ ସିନା ରାଜା ହୋଇପାରି ॥

ତହୁଁ ଭୀଷ୍ମଙ୍କ ପାଖକୁ କଲେ ଯେ ଗମନ
ସୈନ୍ୟ ସଖା ନାହିଁ କେହି ସେହି ଷଡ଼ଜଣ ॥
ଯହିଁ ଭୀଷ୍ମଦେବ କରିଥିଲେ ଶରଶଯ୍ୟା
ସେଠାରେ ପ୍ରବେଶ ଯାଇଁ ହେଲେ ଧର୍ମରାଜା ॥
ଭୀଷ୍ମ ଆଗରୁ ଆଚରିଥିଲେ ମୌନବ୍ରତ
ଯୁଧିଷ୍ଠିଙ୍କି ଦେଖି ପୁଣି ଫିଟାଇଲେ ନେତ୍ର ॥
ଭୀଷ୍ମଦେବ କହିଲେ ଯେ ଯୁଧିଷ୍ଠିକି ଚାହିଁ
ସୁଖେ ନିଷ୍କଣ୍ଟକ ରାଜ୍ୟ କର ବାବୁ ଯାଇଁ ॥
କିପାଇଁ ହୋ ଧର୍ମରାଜା ଅଇଲୁ ମୋ ପାଶ
ବଦନ୍ତି ଯୁଧିଷ୍ଠି ଶୁଣ କୁରୁକୁଳ ଈଶ ॥
ଆମ୍ଭ ହିତେ ଦେବ ତୁମ୍ଭେ ତେଜିଲ ଜୀବନ
ତ୍ରିଭୁବନେ କିଏ ଅଛି ତୁମ୍ଭଙ୍କୁ ସମାନ ॥
ଯୁଝିଥିଲେ ତୁମ୍ଭଙ୍କୁ ଜିଣନ୍ତା ଅବା କିଏ
ଆମ୍ଭଙ୍କୁ ତୁମ୍ଭର ସଦା ଚିତ୍ତେ ଦୟା ଥାଏ ॥
ପ୍ରଥମ ଯୁଦ୍ଧ ଯେ ଆଜ୍ଞା ଦେଇଥିଲ ଦେବ
ଶତ୍ରୁ ମାରି ପଞ୍ଚକଟକରେ ରାଜା ହେବ ॥
ମହତ ବଚନ କେଭେଁ ନୁହଇ ଅନ୍ୟଥା
ହସିଲେ ଯେ ଭୀଷ୍ମ ଶୁଣି ଯୁଧିଷ୍ଠିର କଥା ॥
ଦ୍ରହସିତ ହୋଇ ଭୀଷ୍ମ ଦିଅନ୍ତି ଉତ୍ତର
ଏବେ ନିଷ୍କଣ୍ଟକ ହେଲା ସୁଖେ ରାଜ୍ୟ କର ॥
ନାନା ଉପଭୋଗ କର ସୁଖେ ରାଜା ହୋଇ
ଶ୍ରୀକୃଷ୍ଣ ପ୍ରସନ୍ନେ ତୋତେ କିଛି ଭୟ ନାହିଁ ॥
ନିପାତ ହୋଇଲେ ଏବେ ଧୃତରାଷ୍ଟ୍ର ପୁତ୍ରେ
ଏହା ହେବ ବୋଲି ସନ୍ଦେହ ନ ଥିଲା ମୋ ଚିତ୍ତେ ॥
ଧର୍ମ ପ୍ରତିପାଳି ସୁଖେ ରାଜ୍ୟ କର ଯାଇଁ
ଅଧର୍ମ କଲେଟି ସହି ନ ପାରଇ ମହୀ ॥
ଏପରି ପ୍ରଜା ପାଳିବୁ ନୋହିବ କେ ଦୁଃଖୀ
ପ୍ରଜା ରକ୍ଷାକଲେ ସେ ରାଜା ଅଟେ ସୁଖୀ ॥
ରାଜ୍ୟ ପ୍ରତିପାଳନେ ସିନା ଇନ୍ଦ୍ର କରେ ବୃଷ୍ଟି
ରାଜାର ପାଳନେ ସିନା ରକ୍ଷାହୁଏ ସୃଷ୍ଟି ॥
ପ୍ରଜାଙ୍କୁ ପାଳିବା ଅଟେ ରାଜାର ଯେ ବିଧି
ପ୍ରଜା ସୁଖେ ଥିଲେ ସେ ରାଜାର ସର୍ବସିଦ୍ଧି ॥

ଦୋଷାଦୋଷ ବିଚାର କରିଣ ଦଣ୍ଡ ଦେବୁ
ଦେଖି ତାହା ସୁଖୀ ହେବେ ପ୍ରଜାମାନେ ସବୁ ॥
ଝର ବରଗି ଦେଖିବୁ ବିଧି କି ଅବିଧି
ଯେ କରେ ସଦା ଅବିଧି ପକାଇବୁ ଛେଦି ॥
ଦୋଷୀକି ଦଣ୍ଡିଲେ ତୋତେ ନ ଲାଗିବ ଦୋଷ
ତେବେ ଲକ୍ଷ୍ମୀ ନିଶ୍ଚଳେ ରହିବେ ତୋର ଦେଶ ॥
କୋଡ଼ିଏ ହାତରେ ଯେ କରିବୁ ନଳକାଠି
ପଚିଶ ଗୁଣ୍ଡରେ ମାଣେ ବିଂଶ ମାଣେ ବାଟି ॥
ବାଟିକର ଚିନାଏ ଯେ ଘେନିଥିଲେ ସଞ୍ଜା
ଆମ୍ଭ ଆୟୁ ଘେନି ବଞ୍ଚ ବୋଲିବେ ଯେ ପ୍ରଜା ॥
ପ୍ରଜା ସୁଖେ ଶୁଭେ ଯାର ଜୟ ଜୟଧ୍ୱନି
ଯମ ତାକୁ ଦଣ୍ଡି ନ ପାରଇ ପ୍ରାଣ ଘେନି ॥
ରାଜ୍ୟ କଳି ନିବାରଣେ ଭାଇଙ୍କି ପେଷିବୁ
ରାଜ୍ୟର ଖବର ତିନିବାର ବୁଝୁଥିବୁ ॥
ଉତ୍ତମ ଲୋକ ଦେଖିଣ ମନ୍ତ୍ରୀ ଯେ କରିବୁ
କିନ୍ତୁ ତାର ହାତେ ଦଣ୍ଡବିଧି ଯେ ନ ଦେବୁ ॥
କୃଷିକାରୀକି ଯେ ଧନଦ୍ୱାରା ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ॥
ଛୋଟ ଘୋଡ଼ା ଦେବୁ ବୃଦ୍ଧ ରାଉତର ହାତେ
ପଚାଶ ବର୍ଷ ପଦାତି କରିଥିବୁ ନିତ୍ୟେ ॥
ସତର ବରଷର ହୋଇଥିବ ସେ ଗଜ
ବଳିଷ୍ଠ ମାହୁନ୍ତ ତାକୁ କରୁଥିବ ସଜ ॥
ଅଶ୍ୱ ଗଜ ପଦାତି ନିରତେ ସାଜିଥିବୁ
ବେଳା ଅନୁସାରେ ଅବକାଶ ଯେ କରିବୁ ॥
ବ୍ରାହ୍ମଣ ମୁଖରୁ ଯେ ପୁରାଣ ଶୁଣୁଥିବୁ
ନାରୀମାନଙ୍କୁ କଦାଚ ବିଶ୍ୱାସ ନ ଯିବୁ ॥
ଅସୁର ଭୋଗ-ତୀର୍ଥରେ ସ୍ନାନ ନ କରିବୁ
ଧନ ସଞ୍ଚିବାକୁ ସଦା ଲୋଭି ଯେ ନୋହିବୁ ॥
ବେଳ କାଳ ଜାଣି ଧନ ପ୍ରଜାଙ୍କୁ ଯେ ଦେବୁ
ଅନ୍ଧାରି ବିଜେ ନ କରି ବିଶ୍ୱାସ ନ ଯିବୁ ।।
ପାରିଧିକି ବରାବର ନ ତେଜିବୁ ରାଜା
ବେଦ ବ୍ରାହ୍ମଣଙ୍କୁ ନିତି କରୁଥିବୁ ପୂଜା ॥

ଧାର୍ମିକଙ୍କୁ କରାଇବୁ ବ୍ରତ ଏକାଦଶୀ
ବିଦେଶୀ ଦୂତଙ୍କୁ ନଗ୍ରେ ନ ଦେବୁ ଯେ ପଶି ॥
ପର ଦାରା ପର ଧନେ ଲୋଭୀ ଯେ ନୋହିବୁ
ବିବାହିତ ନାରୀ ସଙ୍ଗ କେବଳ କରିବୁ ॥
ଯଥା ଯଜ୍ଞ କରି ଦେଉଥିବୁ ଯେ ଆହୁତି
ଦଣ୍ଡ ବିହିବୁ ଯେ ଉପଗତ ଶତ୍ରୁ ପ୍ରତି ॥
ଦୁଷ୍ଟ ଦାନବ ଦେଖିଲେ କରିବୁ ବିନାଶ
ତହିଁରେ ରାଜାକୁ ଲେଶ ମାତ୍ର ନାହିଁ ଦୋଷ ॥
ପର ଦାରା ଧନ ନ କରିବୁଟି ହରଣ
ରଖିବୁ ଯେ ବିକଳରେ ପଶିବ ଶରଣ ॥
ବିଶ୍ୱାସୀ ମନ୍ତ୍ରୀକି ରାଜ୍ୟଭାର ସମର୍ପିବୁ
ସମୁଦାୟ ଅଧିକାର କେବେହେଁ ନ ଦେବୁ ॥
କଷ୍ଟ ଯେପରି ନ ପାନ୍ତି ଗୋରୁ ଯେ ବ୍ରାହ୍ମଣେ
ଏ କଥାକୁ ସଦା ରଖିଥିବୁ ସାବଧାନେ ॥
ତୀର୍ଥ ଅନ୍ନଛତ୍ର ଦେଉଥିବୁ ହୋ ନୃପତି
ସ୍ଥାନ ଅନୁରୂପେ ରଖିଥିବୁ ସେନାପତି ॥
ଗଜ ଅଶ୍ୱ ନିମନ୍ତେ ଯେ ଦେଇଥିବୁ ଧନ
ଗୋଚର କରି ବହୁତ ଛାଡ଼ିଦେବୁ ସ୍ଥାନ ॥
ଗୁଣ ଜାଣି ଲୋକଙ୍କୁ ଯେ କରୁଥିବୁ ପୂଜା
କବିଙ୍କଠାରେ କୃପଣ ନୋହିବୁ ହେ ରାଜା ॥
ଏ ବିଧିରେ କହି ଭୀଷ୍ମ ରାଜବିଧିମାନ
ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁଲେ ବହନ ॥

୧୧.୪ କବିତାର ସାରାଂଶ

କୃଷ୍ଣଙ୍କ ସହିତ ଯୁଧିଷ୍ଠିର ରାଜ୍ୟାଭିଷେକ ପୂର୍ବରୁ ପିତାମହ ଭୀଷ୍ମଙ୍କ ପାଖରେ ପହଞ୍ଚିଛନ୍ତି । ଯୁଧିଷ୍ଠିରଙ୍କୁ ଦେଖି ଭୀଷ୍ମ କହିଛନ୍ତି ଏବେ ସେ ନିଷ୍କଣ୍ଟକ ରାଜ୍ୟ ଶାସନ କରି ପାରିବେ । କାରଣ ଅଧର୍ମୀ କୌରବମାନେ ଯୁଦ୍ଧରେ ନିହତ ହେବା ପରେ ଆଉ ବିରୋଧ କରିବାକୁ କେହି ନାହାନ୍ତି । ମାତ୍ର ରାଜ୍ୟ ଶାସନ କଲାବେଳେ କେତେକ କଥାକୁ ଗୁରୁତର ସହିତ ବିଚାର କରି ରାଜ୍ୟ ଶାସନ କରିବାକୁ ହେବ । କାରଣ ପ୍ରଜା ସୁଖରେ ରହିଲେ ରାଜାଙ୍କର ସର୍ବସିଦ୍ଧି ହୁଏ ଏବଂ ରାଜାଙ୍କ ଯଶ ଗୌରବ ବୃଦ୍ଧି ହୁଏ । ତେଣୁ ଭୀଷ୍ମ ଦେଇଥିବା ଉପଦେଶ ଗୁଡ଼ିକ ମଧ୍ୟରେ ରହିଛି ଯେ ଏପରିଭାବେ ପ୍ରଜାଙ୍କୁ ପାଳନ କରାଯିବ ଯେପରି କୌଣସି ପ୍ରଜା ଦୁଃଖରେ କାଳ କାଟିବେ ନାହିଁ । ପ୍ରଜାମାନଙ୍କୁ ଠିକ୍ ଭାବରେ ପ୍ରତିପାଳନ କରିପାରିଲେ ଇନ୍ଦ୍ର ବୃଷ୍ଟି କରିବ ଏବଂ ସୃଷ୍ଟି ରକ୍ଷା ହୋଇପାରିବ । ଦୋଷାଦୋଷ ବିଚାର କରିବା ପରେ ଦଣ୍ଡ ବ୍ୟବସ୍ଥା କରିବାକୁ ପଡ଼ିବ, ତା

ପୂର୍ବରୁ ନୁହେଁ । ଯେଉଁମାନେ ରାଜାଙ୍କ ପ୍ରଣୀତ ନିୟମକାନୁନ ନମାନିବେ ସେମାନଙ୍କୁ ଦଣ୍ଡବିଧାନ କରିବାକୁ ପଶ୍ଚାତପଦ ହେବା ଉଚିତ ନୁହେଁ । ଦୋଷୀକୁ ଦଣ୍ଡ ବିଧାନ କରିବା ପାପ ନୁହେଁ ।

କୃଷକ ବା ଚାଷୀମାନଙ୍କ ସୁବିଧା ପାଇଁ ଜମି ମାପର ବ୍ୟବସ୍ଥା କରାଯିବ । ତାଙ୍କ ପାଇଁ ସ୍ୱଳ୍ପ କର ବା ଖଜଣା ବ୍ୟବସ୍ଥା କରାଯିବ ଯେପରି ଏହା ତାଙ୍କୁ ବାଧିବ ନାହିଁ ।

ରାଜ୍ୟର ଖବର ଦିନରେ ତିନି ଥର ବୁଝିବାକୁ ପଡ଼ିବ । ଉତ୍ତମ ଲୋକ ଦେଖି ମନ୍ତ୍ରୀ ପଦ ଦିଆଯିବ । ମାତ୍ର ମନ୍ତ୍ରୀ ଦ୍ୱାରା କାହାକୁ ଦଣ୍ଡ ବିଧାନର ବ୍ୟବସ୍ଥା ନରହିବା ଉଚିତ । କୃଷକକୁ ଧନ ଦ୍ୱାରା କେବେ ଦଣ୍ଡ ଦିଆଯିବ ନାହିଁ । ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କ୍ଷମା ଦିଆଯିବା ଉଚିତ । ବୃଦ୍ଧ ରାଉତକୁ ଛୋଟ ଘୋଡ଼ା ଦିଆଯିବ । ପଚାଶ ବର୍ଷ ପର୍ଯ୍ୟନ୍ତ ପଦାତିକ ସୈନ୍ୟଙ୍କୁ ରଖାଯିବ । ଯେଉଁ ଗଜ ବା ହସ୍ତୀ ରହିବେ ସେମାନଙ୍କ ବୟସ ୧୭ ବର୍ଷରୁ ଅଧିକ ହୋଇ ନଥିବ । ତାହାକୁ ବଳିଷ୍ଠ ମାହୁନ୍ତ ହାତରେ ଦେବାକୁ ପଡ଼ିବ । ବ୍ରାହ୍ମଣମାନଙ୍କ ମୁଖରୁ ପୁରାଣ ଶୁଣିବା ସହିତ ନାରୀମାନଙ୍କୁ କୌଣସି କ୍ଷେତ୍ରରେ ବିଶ୍ୱାସ କରିବା ଉଚିତ ହେବ ନାହିଁ । ଧନ ସଂଚୟ କରିବା କ୍ଷେତ୍ରରେ ଲୋଭ କରିବା ଉଚିତ ନୁହେଁ । ଅନ୍ଧାରୀ ବିଜେ କରି ପ୍ରଜାଙ୍କ ସୁଖ ଦୁଃଖ ବୁଝିବାକୁ ପଡ଼ିବ । ଦେବତା ବ୍ରାହ୍ମଣଙ୍କୁ ନିତି ପୂଜା କରିବାକୁ ହେବ । ବିଦେଶୀ ଦୂତକୁ ନଗ୍ରରେ ପୂରେଇ ନଦେବାର ବ୍ୟବସ୍ଥା ରଖିବ । ପରଧନ ଓ ପରସ୍ତ୍ରୀ ପ୍ରତି ଲୋଭ କରିବ ନାହିଁ । ଯଜ୍ଞ କରି ଆହୂତି ପ୍ରଦାନ କରିବ । ଶତ୍ରୁ ପ୍ରତି କେବେ କୋହଳ ମନୋଭାବ ପୋଷଣ କରିବ ନାହିଁ । ବିଶ୍ୱାସୀ ମନ୍ତ୍ରୀକୁ ରାଜ୍ୟଭାର ଦିଆଯାଇ ପାରେ ମାତ୍ର ସମୁଦାୟ ଅଧିକାର ଦେବା ଉଚିତ ନୁହେଁ । ଗୋରୁ, ବ୍ରାହ୍ମଣ ଯେପରି କଷ୍ଟ ନ ପାଆନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ତୀର୍ଥ କ୍ଷେତ୍ରରେ ଅନ୍ନଛତ୍ରର ବ୍ୟବସ୍ଥା ଓ ଗୋରୁମାନଙ୍କ ପାଇଁ ଗୋଚର ବ୍ୟବସ୍ଥା ରଖିବା ନିହାତି ଆବଶ୍ୟକ । ଗୁଣୀଜନଙ୍କୁ ପୂଜା କରିବା ସହିତ କବିମାନଙ୍କ ପ୍ରତି କେବେ କୃପଣ ଭାବ ପୋଷଣ ନ କରିବାକୁ ଭୀଷ୍ମ ଉପଦେଶ ଦେଇଛନ୍ତି । ସାମାଜିକ ଶୃଙ୍ଖଳା, ସମୃଦ୍ଧି ଓ ସୁଖଶାନ୍ତି ପାଇଁ ଭୀଷ୍ମଙ୍କ ଉପଦେଶଗୁଡ଼ିକ ଖୁବ୍ ଉପାଦେୟ ।

୧୧.୫ କବି ପରିଚୟ

କବି ସାରଳା ଦାସ ୧୫ଶ ଶତାବ୍ଦୀର କବି । ସେ ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବଙ୍କ ସମସାମୟିକ । ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ ହେଉଛି ତାଙ୍କ ଜନ୍ମସ୍ଥାନ । ସେ ଦେବୀ ସାରଳାଙ୍କ ଭକ୍ତ ଥିଲେ । ତାଙ୍କର ପ୍ରକୃତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ପରେ ମା' ସାରଳାଙ୍କ ଭକ୍ତ ହେବାପରେ ନିଜର ନାମ ସାରଳା ଦାସ ରଖିଥିଲେ । ସାରଳା ଦାସଙ୍କୁ ଆଦିକବି ସାରଳା ଦାସ କୁହାଯାଏ । ଶୂଦ୍ର ମୁନି ସାରଳା ଦାସ ନାମରେ ମଧ୍ୟ ସେ ଓଡ଼ିଆ ସାହିତ୍ୟରେ ପରିଚିତ । ତାଙ୍କର ସୃଷ୍ଟି ମଧ୍ୟରେ ଅଛି - ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଓ ମହାଭାରତ । ସେ ସଂସ୍କୃତ ମହାଭାରତକୁ ଅନୁବାଦ ନ କରି ସେହି ଶୈଳୀରେ ଓଡ଼ିଆ ଭାଷାରେ ମହାଭାରତ ରଚନା କରିଛନ୍ତି ଯାହା ସାରଳା ମହାଭାରତ ନାମରେ ଖ୍ୟାତ ।

୧୧.୬ କଠିନ ଶବ୍ଦାର୍ଥ

ବୈବସ୍ୱତ-ସପ୍ତମ ମନୁ ।
ମନୁ-ଧର୍ମ ଶାସ୍ତ୍ର ସଂହିତାକାର ମୁନିବିଶେଷ ।
ବଦନ୍ତି-କୁହନ୍ତି ।
ବିଧି-ନିୟମ ।

ଭୀଷ୍ମକ-ଭୀଷ୍ମ ।
ଧର୍ମରାଜା-ଯୁଧିଷ୍ଠିର ।
ମୌନ-ନୀରବତା ।
ନିଷ୍କଣ୍ଟକ-ନିର୍ବିଘ୍ନ, ଶତ୍ରୁଶୂନ୍ୟ, ବାଧାଶୂନ୍ୟ ।
କୁରୁକୁଳ-ଈଶ-କୌରବ ବଂଶର ଶ୍ରେଷ୍ଠ (ଭୀଷ୍ମ) ।
ଯୁଝିଥିଲେ-ଯୁଦ୍ଧ କରିଥିଲେ ।
ପଞ୍ଚ କଟକ-ପାଞ୍ଚୋଟି ନଗର
(ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ, ବାରୁଣାବନ୍ତ, ହସ୍ତିନା, ଜୟନ୍ତୀ)
ପ୍ରସନ୍ନ-ସନ୍ତୁଷ୍ଟ ।
ମହୀ-ପୃଥିବୀ ।
ଦୋଷାଦୋଷ-ଦୋଷଗୁଣ ।
ବରଗି - ପଠାଇ ।
ନଳକାଠି- ୨୦ ହାତ ପରିମାପକ ଦଣ୍ଡ ।
(୧ ବାଟି=୨୦ ମାଣ, ୧ ମାଣ=୨୫ ଗୁଣ୍ଠ ନଳକାଠି) ।
ବିଂଶ-କୋଡ଼ିଏ ।
ଘେନିଥିଲେ-ନେଇଥିଲେ ।
ପାଶ-ଫାଶ, ଦଉଡ଼ି ।
ପେଷିବୁ-ପଠାଇବୁ ।
ରାଉତ-ଅଶ୍ୱାରୋହୀ ।
ନିତ୍ୟେ-ସବୁବେଳେ ।
ଅଶ୍ୱ-ଘୋଡ଼ା ।
ଅବକାଶ-ଅବସର ।
ଅସୁର-ଭୋଗ-ତୀର୍ଥରେ-ଅସୁରଙ୍କ ପ୍ରାଧାନ୍ୟ ଥିବା ତୀର୍ଥ ।
ସଞ୍ଚିବାକୁ-ରଖିବାକୁ, ଜମା କରିବାକୁ ।
ପାରିଧି-ଶିକାର ।
ଦାରା-ସ୍ତ୍ରୀ ।
ଉପଗତ-ଉପସ୍ଥିତ ।
ବିନାଶ-ମୃତ୍ୟୁ ।
ହରଣ-ଚୋରି ।
ସମର୍ପିବୁ-ଦେବୁ ।
ନୃପତି-ରାଜା ।
ଗୋଚର-ଗୋରୁ ଚରିବା ନିମିତ୍ତ ଜମି ।
ଷଡ଼ଜଣ-ଛ'ଜଣ ।
ଆଚରି ଥିଲେ-ଆଚରଣ କରିଥିଲେ ।
ନେତ୍ର-ଆଖି ।
ପାଶ-ପାଖକୁ ।
ତେଜିଲ-ଛାଡ଼ିଲ ।
ସଦା-ସବୁବେଳେ ।

ଦ୍ରୁହସିତ-ଅଳ୍ପ ହସି ।
ନିପାତ - ନିଧନ, ମୃତ୍ୟୁ ।
ସିଦ୍ଧି-ସଫଳତା ।
ଚାର-ଗୁପ୍ତଦୂତ, ସମ୍ବାଦବାହକ ।
ଛେଦିବା-କାଟିବା ।

ଚିନାଏ-ଆଂଶିକା ।
ସଞ୍ଜା-ରାଜସ୍ୱ ।
ନିବାରଣେ-ଶେଷ କରିବାପାଇଁ ।
କୃଷିକାରୀ-କୃଷକ, ଚାଷୀ ।
ପଦାତି-ପଦାତିକ ।
ଗଜ-ହାତୀ ।
ନିରତେ-ସଦାବେଳେ ।
କଦାଚ-କେବେହେଲେ ।
ସ୍ନାନ-ଗାଧୋଇବା ।
ଅନ୍ଧାର ବିଜେ-ରାଜାଙ୍କ ରାତ୍ରି ଭ୍ରମଣ ।
ତେଜିବୁ-ଛାଡ଼ିବୁ ।
ଆହୂତି-ହୋମ ନିଆଁରେ ଘିଅ ଢାଳିବା ।
ଦାନବ-ରାକ୍ଷସ ।
ଲେଶ-ଅଳ୍ପ ।
ଶରଣ-ଆଶ୍ରୟ ।
ଅନ୍ନଛତ୍ର-ମାଗଣାରେ ଖାଦ୍ୟଦାନ ।
ଅନୁରୂପେ-ଅନୁସାରେ ।
ବହନ - ଶୀଘ୍ର ।

୧୧.୭ ଭାବ ଅବବୋଧ

କ) ରାଜ୍ୟ ପ୍ରତିପାଳନେ ସିନା ଇନ୍ଦ୍ର କରେ ବୃଷ୍ଟି
ରାଜାର ପାଳନେ ସିନା ରକ୍ଷାହୁଏ ସୃଷ୍ଟି ।

ରାଜା ଯଦି ସ୍ୱରାଜ୍ୟର ପ୍ରଜାମାନଙ୍କୁ ସୁଖରେ ପାଳନ କରେ, ତାହେଲେ ପ୍ରଜାମାନଙ୍କ ସୁଖରେ ଖୁସି ହୋଇ ଇନ୍ଦ୍ର ରାଜ୍ୟରେ ବୃଷ୍ଟି କରିଥାଏ । ଯାହା ଫଳରେ ଶସ୍ୟ ଭାରରେ ରାଜ୍ୟ ପୂର୍ଣ୍ଣ ହୁଏ । କାହାର ଅଭାବ ପଡ଼େ ନାହିଁ ବୋଲି ଧର୍ମୀୟ ବିଶ୍ୱାସ ରହିଛି । ପ୍ରଜା ପାଳନକୁ ଗୁରୁତ୍ୱ ଦିଆଯାଇଛି ।

ଖ) ଦୋଷୀକୁ ଦଣ୍ଡିଲେ ନ ଲାଗିବ ଦୋଷ
ତେବେ ଲକ୍ଷ୍ମୀ ନିଶ୍ଚଳେ ରହିବେ ତୋର ଦେଶ ।

ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଦେଲାବେଳେ କହିଛନ୍ତି ଯେ ରାଜା ଦୋଷୀଙ୍କୁ ଦଣ୍ଡ ପ୍ରଦାନ କଲେ ତାଙ୍କୁ କୌଣସି ଦୋଷ ଲାଗିବ ନାହିଁ । କାରଣ ଅପରାଧୀମାନଙ୍କ ଯୋଗୁ ରାଜ୍ୟର ଓ ରାଜ୍ୟବାସୀଙ୍କର ବହୁତ କ୍ଷତି ହୋଇଥାଏ । ତେଣୁ ରାଜ୍ୟର ମଙ୍ଗଳ ପାଇଁ ଏହା କଲେ ଦୋଷ ଅପେକ୍ଷା ପୁଣ୍ୟ ପ୍ରାପ୍ତ ହେବ ଏବଂ ଲକ୍ଷ୍ମୀ ରାଜ୍ୟରେ ରହିବା ଯୋଗୁ ଧନଧାନ୍ୟରେ ରାଜ୍ୟ ପୂରି ଉଠିବ । କାହାର ଅଭାବ ରହିବ ନାହିଁ ।

ଗ) ପ୍ରଜା ସୁଖେ ଶୁଭେ ଯା'ର ଜୟ ଜୟ ଧ୍ୱନି
ଯମ ତାକୁ ଦଣ୍ଡି ନ ପାରଇ ପ୍ରାଣ ଘେନି ।

ପ୍ରଜାଙ୍କୁ ସୁଖରେ ରଖିବା ହେଉଛି ରାଜାର ପ୍ରଧାନ କର୍ତ୍ତବ୍ୟ । ନିଜ ସୁଖ ଅପେକ୍ଷା ପ୍ରଜାଙ୍କ ସୁଖ ଆଗ । ଯେଉଁ ରାଜ୍ୟରେ ପ୍ରଜାମାନେ ସୁଖରେ ଅଛନ୍ତି ବୋଲି ଚାରିଆଡ଼େ ଜୟ ଜୟକାର ଧ୍ୱନି ଶୁଭେ, ସେ ରାଜ୍ୟକୁ ଯମ ଆସିପାରେ ନାହିଁ କି ମୃତ୍ୟୁ ଦଣ୍ଡ ଦେଇ ପାରେ ନାହିଁ । ତେଣୁ ଶାସ୍ତ୍ରରେ ଅଛି ପ୍ରଜାସୁଖ ଘେନି ରାଜ୍ୟରେ ସୁଖ ଶାନ୍ତି ଓ ଆନନ୍ଦ ବିରାଜମାନ କରେ ।

ଘ) କୃଷିକାରୀକି ଯେ ଧନଦ୍ୱାରା ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ।

କୃଷି ଓ କୃଷକର ଉନ୍ନତି ନହେଲେ ଦେଶର ସମୃଦ୍ଧି ହୋଇ ପାରିବ ନାହିଁ । ଭାରତ ଏକ କୃଷିପ୍ରଧାନ ଦେଶ । ଭୀଷ୍ମଙ୍କ ମୁଖରେ ସାରଳା ଦାସ କୃଷକମାନଙ୍କୁ ଧନ ବା ଅର୍ଥ ଦଣ୍ଡ ନ ଦେବାକୁ ଉପଦେଶ ଦେଇଛନ୍ତି । କୃଷକଙ୍କ ପାଖରୁ ସ୍ୱଳ୍ପ କର ଆଣିଲେ ତାଙ୍କ କୃଷିକାର୍ଯ୍ୟରେ ଏହାର କୁପ୍ରଭାବ ପଡ଼ିବ ନାହିଁ ।

ଅନ୍ୟ ପକ୍ଷରେ କୌଣସି ବ୍ୟକ୍ତି କୌଣସି ଘଟଣାରେ ଦୋଷମୁକ୍ତ ବା ନିର୍ଦ୍ଦୋଷ ହେଲେ ତା'ପ୍ରତି କେବଳ କୋହଳ ମନୋଭାବ ନୁହେଁ, ତାକୁ କ୍ଷମା ପ୍ରଦାନ କରିବା ଉଚିତ ।

୧୧.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

୧) ଜଣେ ଆଦର୍ଶ ରାଜା ହେବା ପାଇଁ ଭୀଷ୍ମ ଯୁଧିଷ୍ଠିରଙ୍କୁ କି କି ଉପଦେଶମାନ ପ୍ରଦାନ କରିଥିଲେ ?

୨) ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜ୍ୟପାଳନ ପାଇଁ କାହିଁକି ଉପଦେଶ ଦେଇଥିଲେ ?

୩) ଭୀଷ୍ମଙ୍କ ଉପଦେଶ ଗୁଡ଼ିକର କି ମହତ୍ତ୍ୱ ରହିଛି ବିଚାର କର ।

୪) ସାମାଜିକ ପରିପ୍ରେକ୍ଷୀରେ ଭୀଷ୍ମଙ୍କ ଉପଦେଶର ଉପାଦେୟତା ବିଚାର କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) ଯୁଧିଷ୍ଠିର କାହିଁକି ଭୀଷ୍ମଙ୍କ ପାଖକୁ ଯିବାକୁ ମନସ୍ଥ କଲେ ?

ଖ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ?

ଗ) ଯୁଧିଷ୍ଠିରଙ୍କ କେଉଁ କଥା ଶୁଣି ଭୀଷ୍ମ ହସିଲେ ?

ଘ) ଇନ୍ଦ୍ର କାହିଁକି ବୃଷ୍ଟି କରେ ଏବଂ ସୃଷ୍ଟି ରକ୍ଷା ହୁଏ ?

ଙ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜମାନ କରିବେ ?

୧୧.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -

କ) ଅଭିଷେକ ଆୟୋଜନ କରିବାକୁ କୃଷ୍ଣ .....ଙ୍କୁ କହିଥିଲେ ।

(ଭୀମ, ନକୁଳ, ଅର୍ଜୁନ, ଯୁଧିଷ୍ଠିର)

ଖ) ଅଭିଷେକ ପୂର୍ବରୁ ଯୁଧିଷ୍ଠିର .....ଙ୍କ ପାଖକୁ କୃଷ୍ଣଙ୍କ ସହିତ ଯାଇଥିଲେ ।

(ଦ୍ରୋଣ, କୁନ୍ତୀ, ଧୃତରାଷ୍ଟ୍ର, ଭୀଷ୍ମ)

ଗ) ଭୀଷ୍ମ .....ଙ୍କ କଥା ଶୁଣି ହସିଲେ ।

(ଭୀମ, ଅର୍ଜୁନ, କୃଷ୍ଣ, ଯୁଧିଷ୍ଠିର)

ଘ) ..... ବିଚାର କରି ଦଣ୍ଡ ଦେବୁ ବୋଲି ଭୀଷ୍ମ କହିଥିଲେ ।

(ସୁଖ ଦୁଃଖ, ପାପ ପୁଣ୍ୟ, ଦୋଷାଦୋଷ)

ଙ) ..... ସୁଖରେ ଥିଲେ ଯମ ରାଜାଙ୍କ ପ୍ରାଣ ନେଇ ପାରେନା ।

(ପ୍ରଜା, ପଶୁ, ଗଜ, ଯୋଗ)

ଚ) ..... ଙ୍କୁ କେବେ ହେଲେ ଧନଦ୍ୱାରା ଦଣ୍ଡିତ କରାଯିବା ଉଚିତ ନୁହେଁ ।

(ଶ୍ରମିକ, ମାହୁନ୍ତ, ସେନାବାହିନୀ, କୃଷକ)

ଛ) ଉତ୍ତମ ଲୋକ ଦେଖି ..... କରିବୁ ।

(ମନ୍ତ୍ରୀ, ସେନାପତି, ରାଜା)

ଜ) .....କୁ ବୃଦ୍ଧ ରାଉତର ହାତେ ଦେବୁ ।

(ଛୋଟ ଘୋଡ଼ା, ହାତୀ, ରଥ)

୧୧.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ସିଂହାସନ ଆରୋହଣ କରିବା ପାଇଁ ଅଭିଷେକର ଆୟୋଜନ କରିବାକୁ ଯେତେବେଳେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଆଦେଶ ଦେଲେ ସେତେବେଳେ ଯୁଧିଷ୍ଠିର କୃଷ୍ଣଙ୍କୁ କହିଲେ ଭୀଷ୍ମଙ୍କୁ ନ କହି ସେ କିପରି ଅଭିଷେକ ହେବେ । ତେଣୁ ସେ ଭୀଷ୍ମଙ୍କ ପାଖକୁ ଯିବାକୁ ମନସ୍ଥ କଲେ ଏବଂ ଗଲେ ।

ଖ) ଭୀଷ୍ମ ଯୁଧିଷ୍ଠିରଙ୍କୁ ଦେଖି ନିଷ୍କଣ୍ଟକ ରାଜ୍ୟ ଶାସନ କରିବାକୁ କହିଲେ । କାରଣ କୌରବମାନେ ଯୁଦ୍ଧରେ ନିହତ ହୋଇ ସାରିଥିଲେ ।

ଗ) ପାଣ୍ଡବମାନଙ୍କ ହିତ ପାଇଁ ଭୀଷ୍ମ ଏପରି ଦୁରବସ୍ଥା ଭୋଗ କରିଛନ୍ତି ବୋଲି ଯୁଧିଷ୍ଠିର ମତ ଦେଇଥିଲେ ଏବଂ ସେମାନଙ୍କ ପ୍ରତି ଭୀଷ୍ମଙ୍କର ସର୍ବଦା ଦୟା ରହିଛି ବୋଲି କହିଥିଲେ । ଏହା ଶୁଣି ଭୀଷ୍ମ ହସି ଥିଲେ ।

ଘ) ପ୍ରଜାମାନଙ୍କୁ ରାଜା ଯେତେ ସୁଖ, ଶାନ୍ତି ଓ ଆନନ୍ଦ ପ୍ରଦାନ କରି ପାରିବେ, ଇନ୍ଦ୍ର ଦେବତା ସ୍ୱର୍ଗରେ ଥାଇ ସେତିକି ଖୁସି ହେବେ । ସେ ଖୁସି ହେବାରୁ ବର୍ଷା ହେବ ଏବଂ ପ୍ରଜାମାନେ ଆନନ୍ଦରେ ରହିବେ, ବର୍ଷା ଯୋଗୁ ସୃଷ୍ଟି ରକ୍ଷା ହେବ ଓ କେହି ଅଭାବ ଅନଟନରେ ରହିବେ ନାହିଁ ।

ଙ) କୌଣସି ବ୍ୟକ୍ତି ଦୋଷ କଲେ ତାକୁ ରାଜା ଦଣ୍ଡ ଦେଲେ ରାଜାକୁ ଏଥିପାଇଁ କୌଣସି ପାପ ବା ଦୋଷ ଲାଗିବ ନାହିଁ ବରଂ ମଙ୍ଗଳ ହେବ ଏବଂ ରାଜ୍ୟରେ ସର୍ବଦା ଲକ୍ଷ୍ମୀ ବା ଧନ ରହିବ ।

୧୧.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

କ) ଯୁଧିଷ୍ଠିର ଖ) ଭୀଷ୍ମ ଗ) ଯୁଧିଷ୍ଠିର

ଘ) ଦୋଷାଦୋଷ ଙ) ପ୍ରଜା ଚ) କୃଷକ

ଛ) ମନ୍ତ୍ରୀ ଜ) ଛୋଟ ଘୋଡ଼ା

●●●

ଟିପ୍ପଣୀ

୧୨
ଉତ୍କଳ ସନ୍ତାନ

କୁଳବୃଦ୍ଧ ମଧୁସୂଦନ ଦାସ

୧୨.୧ କବିତାର ପୃଷ୍ଠଭୂମି

୧୮୦୩ ମସିହାରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେଲାପରେ ଇଂରେଜ ଶାସନ କାଳରେ ଓଡ଼ିଶା ବିଖଣ୍ଡିତ ହୋଇ ପଡ଼ିଲା । ଶାସନର ସୁବିଧାର ଆଳ ଦେଖେଇ ଇଂରେଜମାନେ ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାଦ୍ରାସ ପ୍ରେସିଡେନ୍‌ସି ସହିତ, ସିଂଇଭୂମି, ଚାଇଁବସା, ଚକ୍ରଧରପୁର ଇତ୍ୟାଦିକୁ ବିହାର ସହିତ ମିଶାଇ ଦେଇଥିଲେ । ଓଡ଼ିଶା କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ବୁଝାଉଥିଲା । ଗଜପତିଙ୍କ ରାଜତ୍ୱ କାଳରେ ଯେଉଁ ଓଡ଼ିଶା ଭୂଖଣ୍ଡ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ତାହାର ସୀମାରେଖା ସଂକୁଚିତ ହୋଇପଡ଼ିଲା ।

୧୮୭୦ ମସିହା ପରେ କିଛି ଓଡ଼ିଆ ମାଟିର ପୁଅମାନେ ଅଖଣ୍ଡ ଓଡ଼ିଶାର ସ୍ୱପ୍ନ ଦେଖିଲେ । ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକତ୍ରୀତ କରି ଓଡ଼ିଶା ରାଜ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ କଲେ । ଏହି ଉଦ୍ୟମରେ ପାରଳାଖେମୁଣ୍ଡିର ଗଜପତି କୃଷ୍ଣଚନ୍ଦ୍ର ଦେବ, ବ୍ରଜସୁନ୍ଦର ଦାସ, ମଧୁସୂଦନ ଦାସ, ଉତ୍କଳମଣି ଗୋପବଂଧୁ ଦାଶ ପ୍ରମୁଖ ନେତୃତ୍ୱ ନେଲେ । ତେଣୁ ୧୯୦୩ ମସିହାରେ ପ୍ରଥମେ 'ଉତ୍କଳ ସମ୍ମିଳନୀ' ଆହୂତ କରାଗଲା । ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଆମାନଙ୍କୁ ଏକଜୁଟ କରାଇବାର ଉଦ୍ୟମ ଆରମ୍ଭ ହେଲା । ବିଭିନ୍ନ ସମ୍ମିଳନୀରେ ଓଡ଼ିଆ ଆହ୍ୱାନ ଦିଆଗଲା । ଏହି ଅବକାଶରେ ମଧୁସୂଦନ ଦାସ ଯିଏ ମଧୁ ବାରିଷ୍ଟର ନାମରେ ପରିଚିତ ସେ ଓଡ଼ିଆମାନଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ସନ୍ତାନ' ନାମରେ ଏକ କବିତା ରଚନା କରିଥିଲେ । ଓଡ଼ିଆଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରାଇବା ଥିଲା ମଧୁସୂଦନଙ୍କ ମୂଳ ଲକ୍ଷ୍ୟ ।

୧୨.୨ କବିତାର ଆଭିମୁଖ୍ୟ

ଓଡ଼ିଶା ବା ଉତ୍କଳର ଐତିହ୍ୟ ଅତି ପ୍ରାଚୀନ । ଉତ୍କୃଷ୍ଟ କଳାର ଦେଶ ଥିଲା ଏ ଉତ୍କଳ । ଶିଳ୍ପ, ବାଣିଜ୍ୟ ଓ ସଂସ୍କୃତି ପ୍ରତ୍ୟେକ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଓଡ଼ିଶା ବା ଉତ୍କଳର ସୁନାମ ଥିଲା । ମାତ୍ର ଇଂରେଜ ଶାସନ ବେଳକୁ ଓଡ଼ିଶା ବା ଉତ୍କଳବାସୀଙ୍କର ବୀରତ୍ୱ ନଥିଲା କି ଗୌରବମୟ ବାଣିଜ୍ୟ ନଥିଲା । ପରାଧୀନତାର ଶୃଙ୍ଖଳ ଭିତରେ ଓଡ଼ିଶାବାସୀ ସୁପ୍ତ ହୋଇ ଯାଇଥିଲେ । ପୂର୍ବର ଐତିହ୍ୟ, ପୂର୍ବର ଗାରିମା ଯେପରି କୁଆଡ଼େ ହଜି ଗଲା । ଧନ ଦୌଲତରେ ଯେଉଁ ଉତ୍କଳ ପରିପୂର୍ଣ୍ଣ ଥିଲା, ତା'ର ଅବସ୍ଥା ଶୋଚନୀୟ ହୋଇପଡ଼ିଲା ଏବଂ ଦରିଦ୍ର ପ୍ରଦେଶ ଭାବରେ ପରିଚିତ ହେଲା ।

ଓଡ଼ିଆମାନଙ୍କ ମନରେ ଓଡ଼ିଆ ଜାତୀୟବୋଧ ସୃଷ୍ଟି କରାଇ ପୁନର୍ବାର ସେହି ଅତୀତ ଗୌରବକୁ ଫେରାଇ ଆଣିବା ପାଇଁ ଯେଉଁମାନେ ଆତ୍ମୋତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ କୁଳବୃଦ୍ଧ ମଧୁସୂଦନ ଥିଲେ ଅନ୍ୟତମ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଜାଗ୍ରତ ହୁଅନ୍ତୁ, ନିଜର ନ୍ୟାର୍ଯ୍ୟ ଦାବୀ ହାସଲ କରନ୍ତୁ । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ତା'ର ସମୃଦ୍ଧି ହେଲା ଜାଗ୍ରତ ନ ହେଲେ ଓଡ଼ିଶାର ସମୃଦ୍ଧି ଅସମ୍ଭବ । ତେଣୁ ସୁପ୍ତ ଓଡ଼ିଆମାନଙ୍କୁ ଜାଗ୍ରତ କରାଇ ଓଡ଼ିଶାକୁ ଏକ ପ୍ରଦେଶରେ ପରିଣତ କରିବା ପାଇଁ ମଧୁସୂଦନ ଦାସ ଏହି କବିତା ମାଧ୍ୟମରେ ଏକ ମାର୍ମିକ ଆହ୍ୱାନ ଦେଇଛନ୍ତି । ଏହା ହିଁ ଏହି 'ଉତ୍କଳ ସନ୍ତାନ' କବିତାର ମୂଳ ଲକ୍ଷ୍ୟ ।

୧୨.୩ ମୂଳ ପାଠ

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ ?
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା-ଡରୁ ।୧ ।

ତୋ ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ? ।୨ ।

ତୁ ମନେ ଭାବୁଚୁ ତୋଷାମଦ କରି
ବଢ଼ାଇବୁ ଜାତି ମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।୩ ।

ତୋଷାମଦକାରୀ କ୍ଷିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟ ଭାବଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।୪ ।

ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ
ଅଜ୍ଞାତରେ ତାକୁ ନାଶେ ।୫ ।

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି,
ଗୋଦର ଗୋଡ଼ରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ? ।୬ ।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ? ।୭ ।

ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ? ।୮ ।

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।୯ ।
ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ ? ।୧୦ ।

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? ।୧୧ ।

ତୋ ପୂର୍ବପୁରୁଷ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କରି ଜୀବନ କରି ବିସ୍ମରଣ
କରୁଛୁ ତୁ ମହାପାପ ।୧୨ ।

୧୨.୪ କବିତାର ସାରାଂଶ

କବି ଉତ୍କଳର ସନ୍ତାନମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଆମେ ଉତ୍କଳ ସନ୍ତାନ ବୋଲି ନିଜକୁ ପରିଚୟ ଦେଉଛନ୍ତି ମାତ୍ର ଭୀରୁ ପରି କାହିଁକି ହେଉଛନ୍ତି । କାରଣ ଉତ୍କଳୀୟମାନେ ଯୋଦ୍ଧା, ବୀର ଥିବାର ଇତିହାସ କହେ । ଆମେ ବୀରଜାତିର ସନ୍ତାନ । କିଂତୁ ଆଜି ଆମ ମାତୃଭୂମିର ଅବସ୍ଥା ଶୋଚନୀୟ ହେଉଥିଲାବେଳେ ଏବଂ ଅନ୍ୟମାନଙ୍କ ଦ୍ୱାରା ଅତ୍ୟାଚାରିତା ହେଉଥିଲାବେଳେ ଆମେ ତାହାର ସନ୍ତାନ ହୋଇ କିପରି ନୀରବରେ ବସି ରହିଛନ୍ତି ? ଆମର ପୂର୍ବ ପୁରୁଷର ବୀରତ୍ୱ ହେଲା ବହୁ ଉଚ୍ଚରେ । ସେମାନଙ୍କ ଯୋଗୁଁ ଆମ ରାଜ୍ୟ ଉତ୍କଳ ବା ଓଡ଼ିଶା ଗଙ୍ଗାନଦୀ ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମାତ୍ର କବି ଦୁଃଖ ପ୍ରକାଶ କରି କହୁଛନ୍ତି ଯେ ସେହି ବୀରମାନଙ୍କର ଔରସରୁ ଜନ୍ମ ହୋଇ ଆମେ ତାଙ୍କର କେଉଁ ଗୁଣକୁ ସମାନ ? ?

ଯେଉଁ ଉତ୍କଳୀୟ ବୀର ଜାତି ଭାବରେ ସୁଖ୍ୟାତି ଲାଭ କରିଥିଲା, ତାଙ୍କର ସନ୍ତାନ ହୋଇ ଆମେ ଆଜି ତୋଷାମଦିଆ ହୋଇ ଯାଇଛନ୍ତି । ଏଭଳି ତୋଷାମଦ ପ୍ରକୃତିକୁ କବି ଘୃଣାଚକ୍ଷୁରେ ଦେଖିଛନ୍ତି । କାରଣ ତୋଷାମଦ ଦ୍ୱାରା କୌଣସି ଜାତିର ମାନ ସମ୍ମାନ କେବେ ବୃଦ୍ଧିପାଏ ନାହିଁ । ବରଂ ଏପରି ଏ ତୋଷାମଦିଆ

ଟିପ୍ପଣୀ

ହେଉଛି କୁକୁର ପ୍ରକୃତି ପରି । କୁକୁରର ସର୍ବଦା ଅଇଁଠା ପତ୍ର ପ୍ରତି ଧ୍ୟାନ ରହିଥାଏ । ଏହି କୁକୁର ପ୍ରକୃତି ସହଜରେ ଚିହ୍ନା ନ ପଡ଼ିଲେ ବି ଚାକର ପରି ମାଲିକର ଗୋଡ଼ ଚାଟୁ ଚାଟୁ ବିଷ ଲେପିଦେଇଯାଏ ।

ପୁନର୍ବାର ତୋଷାମଦ ଭାବ ହେଉଛି ଅନ୍ଧାର ବାଟ ପରି, ଯେଉଁଥିରେ ନିଜର ସ୍ୱାର୍ଥ ହାସଲ ପାଇଁ ସେ ସରଳ ପଥିକଟିଏ ବାଟରେ ଗଲେ ମଧ୍ୟ ଅଜାଣତରେ ତାକୁ ଦଂଶନ କରି ମୃତ୍ୟୁ ମୁଖକୁ ଠେଲିପକାଏ । କୁକୁର ଯେପରି ପରମ ସ୍ୱାର୍ଥପର ଜୀବ ସେହିପରି ତୋଷାମଦକାରୀ ବ୍ୟକ୍ତି । ନିଜ ସ୍ୱାର୍ଥ ପାଇଁ ସେ ଯେକୌଣସି କୁତ୍ସିତ କାର୍ଯ୍ୟ କରିପାରେ ।

ଯେକୌଣସି ବ୍ୟକ୍ତି ଏପରି ସ୍ୱାର୍ଥପର ହେଲେ ସେ ଜନ୍ମିତ ଜାତିର କେବେ ଉନ୍ନତି ହୋଇପାରିବ ନାହିଁ । ସ୍ୱାର୍ଥପରତା ହିଁ ଜାତି ବିକାଶର ପ୍ରତିବନ୍ଧକ । ଯାହାର ମନ ସର୍ବଦା ନିଜ ସ୍ୱାର୍ଥ ହାସଲ କରିବାରେ ଥାଏ ସେ ଜାତିର ଉନ୍ନତି କିପରି ଚିନ୍ତା କରିପାରିବ ? ? ଯେପରିକି ଶାଗୁଣା ବିଲୁଆଙ୍କୁ ଯଦି ଚିକିତ୍ସକ କରାଯାଏ ତାହେଲେ ଶବ ଜୀବନ ଲାଭ କରିପାରେ ନାହିଁ । ବରଂ ମୃତ୍ୟୁ ତା'ପାଇଁ ଶ୍ରେୟସ୍କର । ପୁଣି କବି କହୁଛନ୍ତି ନିଜ ସ୍ୱାର୍ଥକୁ ଯଦି ସର୍ବଦା ପ୍ରାଧାନ୍ୟ ଦେବା ତାହେଲେ ଜାତିର ବିକାଶମୂଳକ ନନ୍ଦିଘୋଷ ରଥ ଚାଲିବ କିପରି ? ଯେପରି ଘୋଡ଼ାର ମୁହଁରେ ଦାନା ବନ୍ଧାଥିଲେ ସେ ଗାଡ଼ି ଟାଣିପାରେ ନାହିଁ, ସେହିପରି ବ୍ୟକ୍ତିଗତ ସ୍ୱାର୍ଥରେ ଜଡ଼ିତ ରହିଲେ ଜାତୀୟ ଉନ୍ନତି କେବେ ହୋଇ ପାରିବ ନାହିଁ । ସ୍ୱାର୍ଥରେ ଯାହାର ମନ ସର୍ବଦା ଜଡ଼ିତ, ସେ ନିଜର ସ୍ୱାର୍ଥ ହାସଲ ପାଇଁ ତୋଷାମଦ କରିବ ହିଁ କରିବ । ଏଥି ସହିତ ସେ ଭୟ କରିବ ଓ ମିଥ୍ୟା କହିବ । ଏସବୁ ସମ୍ମିଳିତ ହେଲେ କୌଣସି ରାଜ୍ୟ ବା ଜାତିର ନିଶ୍ଚୟ ବିପର୍ଯ୍ୟୟ ଘଟିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏଭଳି ପରିସ୍ଥିତିରେ କବି ଉତ୍କଳ ସନ୍ତାନମାନଙ୍କୁ ଜାଗ୍ରତ ହେବା ପାଇଁ ଆହ୍ୱାନ ଦେଇଛନ୍ତି ଯେ ତୁ ଉଠ, ନିଜ ସ୍ୱାର୍ଥରେ ଆଉ ଶାସକ ପାଖରେ ତୋଷାମଦ କରନା । ତୋଷାମଦ ଉତ୍କଳ ସନ୍ତାନ ପାଇଁ କୌଣସି ପ୍ରକାରେ ଶୋଭା ଦାୟକ ହେବ ନାହିଁ । କାରଣ ଆମ ପୂର୍ବପୁରୁଷ ଥିଲେ ମହାନ ବୀର । ଏ ମାଟି ବୀର ସନ୍ତାନମାନଙ୍କୁ ଜନ୍ମ ଦେଇଛି ।

ଆଜି ଜନ୍ମମାଟିର ଦୁର୍ଦ୍ଦିନରେ ସେହି ପୂର୍ବପୁରୁଷମାନଙ୍କ କୀର୍ତ୍ତିକୁ ସ୍ମରଣ କର । ତାଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୁଅ । ଉତ୍କଳର ବା ଓଡ଼ିଶାର ଏପରି ଦୁରବସ୍ଥା ଦେଖି ସ୍ୱର୍ଗଧାମରେ ଥାଇ ପୂର୍ବପୁରୁଷମାନେ ମନସ୍ତାପ କରୁଛନ୍ତି । ସେମାନଙ୍କୁ ସୁଖ ଦେବା ପାଇଁ ଆମକୁ ପଣ କରିବାକୁ ପଡ଼ିବ, ଉତ୍କଳର ମାନସମ୍ମାନ ଓ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ପଡ଼ିବ ।

୧୨.୫ କବି ପରିଚୟ

କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହାରେ କୁଳବୃଦ୍ଧ ମଧୁସୂଦନ ଦାସ ଜନ୍ମଗ୍ରହଣ କରିଥିଲେ । ସେ ମୁଖ୍ୟତଃ ଜଣେ ଓକିଲ ଓ ଦେଶ ସେବକ ଭାବେ ପରିଚିତ । ଓଡ଼ିଆ ସ୍ୱାଭିମାନ ରକ୍ଷା କରିବା ତାଙ୍କ ଜୀବନର ବ୍ରତ ଥିଲା । ଉତ୍କଳ ସମ୍ମିଳନୀକୁ ଉଦ୍‌ବୋଧିତ କରିବା ପାଇଁ ସେ ମାତ୍ର ଛଅ ଗୋଟି କବିତା ଲେଖିଥିଲେ । ଯାହା ତାଙ୍କୁ ସୁସାହିତ୍ୟିକର ଆସନ ଦେଇଛି । ତାଙ୍କ ରଚନା ମଧ୍ୟରେ ରହିଛି ଜୀବନର ଉକ୍ତି, ସନ୍ତାନର ଉକ୍ତି, ଉତ୍କଳ ସନ୍ତାନ ଇତ୍ୟାଦି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକା ଯଥେଷ୍ଟ ରହିଛି । ମଧୁବାରିଷ୍ଟର ଭାବରେ ସୁପରିଚିତ ଏହି ମହାନ ବ୍ୟକ୍ତି ଓଡ଼ିଆ ଜାତିର ଅଭ୍ୟୁତ୍‌ଥାନ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଯାଇଛନ୍ତି । ସେ ୧୯୩୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

୧୨.୬ କଠିନ ଶବ୍ଦାର୍ଥ

ଭୀରୁ - ଭୟାଳୁ, ଡରୁଆ
ରୋଦନ - କାନ୍ଦିବା,
ଜନନୀ - ମାଆ
ଔରସେ - ବୀର୍ଯ୍ୟରୁ
ସରି - ସମାନ
ଶ୍ୱାନ - କୁକୁର
ଭୃତ୍ୟ - ଚାକର
ଗୋହିରି - ବାଟ
ନାଶେ - ନଷ୍ଟକରେ
ଅଜ୍ଞାତରେ - ଅଜଣାରେ
ବନିତା - କନ୍ୟା, ଝିଅ
ପ୍ରସବିନୀ - ଜନ୍ମଦାତ୍ରୀ
ତୋଷାମଦ- ଖୋସାମୋଦ କରିବା, ଅଯଥା ପ୍ରଶଂସା କରି ସ୍ୱାର୍ଥ ହାସଲ କରିବା
ନନ୍ଦିଘୋଷ- ଜଗନ୍ନାଥଙ୍କ ରଥର ନାମ
(ଏଠାରେ ଜାତିକୁ ନନ୍ଦିଘୋଷ ରଥ ସହିତ ତୁଳନା କରାଯାଇଛି)

୧୨.୭ ଭାବ ଅବବୋଧ

i) ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।

ଭାବାର୍ଥ

କୁକୁରମାନଙ୍କର ପ୍ରକୃତି ହେଲା ମୁଠାଏ ଖାଇବା ପାଇଁ ସେମାନେ ଅଇଁଠା ପତ୍ରକୁ ମଧ୍ୟ ଛାଡ଼ନ୍ତି ନାହିଁ । ଯାହା ହେଉ ଯେ କୌଣସି ପ୍ରକାରେ ସେମାନଙ୍କୁ ଖାଇ ପେଟ ପୂରାଇବାକୁ ପଡ଼ିବ । ସ୍ୱାଭିମାନ କ'ଣ ତାକୁ ଜଣା ନଥାଏ । କବିଙ୍କ ଦୃଷ୍ଟିରେ ଯେଉଁମାନେ ଅନ୍ୟପାଖରେ ତୋଷାମଦଗିରି କରନ୍ତି, ସେମାନେ କୁକୁର ପରି ଯେକୌଣସି ମତେ ନିଜ ସ୍ୱାର୍ଥଟିକୁ ହାସଲ କରିବେ । ସେଥିପାଇଁ ତୋଷାମଦିଆଙ୍କୁ କବି କୁକୁର ପ୍ରକୃତି ସହିତ ତୁଳନା କରିଛନ୍ତି, ଯାହା ଯଥାର୍ଥ ଅଟେ ।

ii) ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ ।

ଭାବାର୍ଥ

ନିଜ ସ୍ୱାର୍ଥରେ ସର୍ବଦା ଲିପ୍ତ ରହିଲେ କୌଣସି ଜାତିର ଉନ୍ନତି ହୋଇ ପାରିବ ନାହିଁ । ବ୍ୟକ୍ତି ନିଜର ସ୍ୱାର୍ଥ ତ୍ୟାଗ କରି ଜାତୀୟ ସ୍ୱାର୍ଥରେ ନିଜକୁ ନିୟୋଜିତ କରିପାରିଲେ ଜାତିର ଉନ୍ନତି ସମ୍ଭବ ହୋଇପାରିବ ।

ଟିପ୍ପଣୀ

iii) ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ !

ଭାବାର୍ଥ

ଗାଡ଼ି ଟାଣୁଥିବା ଘୋଡ଼ାର ମୁହଁରେ ଯଦି ଦାନା ବନ୍ଧା ହୋଇଥିବ ତେବେ ଯେପରି ସେ ଗାଡ଼ି ଟାଣିବାକୁ ଅସମର୍ଥ ହୁଏ ସେହିପରି ସ୍ୱାର୍ଥ ରଖି ଜାତି ରୂପକ ନନ୍ଦିଘୋଷ ରଥକୁ ଟଣାଯାଇ ପାରିବ ନାହିଁ, ଅର୍ଥାତ ଜାତିର ଉନ୍ନତି ସମ୍ଭବ ହୋଇ ପାରିବ ନାହିଁ । ରଥର ଚାଳକ ହେଉଛି ସାରଥି । ସ୍ୱାର୍ଥ ଯଦି ସାରଥି ହେବ ତାହେଲେ ଜାତିର ଉନ୍ନତି-ରଥ ଚାଲିବା ଅସମ୍ଭବ । ତେଣୁ ଜାତିର ଉନ୍ନତି ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରିବା ଉଚିତ ।

୧୨.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

i) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

ii) ଏହି 'ଉତ୍କଳ ସନ୍ତାନ' କବିତା ଲେଖିବାର କବିଙ୍କର କି ଅଭିପ୍ରାୟ ଥିଲା ?

iii) ଉତ୍କଳର ଅତୀତ ଗୌରବକୁ କବି କାହିଁକି ସ୍ମରଣ କରିବାକୁ କହିଛନ୍ତି ?

iv) ଉତ୍କଳ ସନ୍ତାନ କବିତାରୁ କବିଙ୍କର ଉତ୍କଳୀୟ ପ୍ରୀତିର ପରିଚୟ ଦିଅ ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ?

ଖ) ତୋଷାମଦିଆଙ୍କୁ କାହିଁକି କୁକୁର ପ୍ରକୃତି ସହିତ ତୁଳନା କରାଯାଇଛି ?

ଗ) ତୋଷାମଦକାରୀଙ୍କ ପ୍ରକୃତି କ'ଣ ? ସେମାନଙ୍କ କାର୍ଯ୍ୟ କ'ଣ ?

ଘ) ଜାତିକୁ କାହିଁକି ନନ୍ଦିଘୋଷ ସହିତ ତୁଳନା କରାଯାଇଛି ?

ଙ) ଉତ୍କଳ ସନ୍ତାନ କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

୧୨.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -

i) ଗଙ୍ଗା ଗୋଦାବରୀ ..... ଅଟନ୍ତି ।

(ନଦୀ, ପାହାଡ଼, ରାସ୍ତା)

ii) କୁକୁର ଅଇଁଠା ପତରକୁ ଧ୍ୟାନ ଦିଏ । କାରଣ ପତରରେ ..... ଥାଏ ।

(ମାଂସ, ବାଲି, କାଠ)

iii) ଶାଗୁଣା..... ଚିକିତ୍ସକ ହେଲେ ଶବ ପ୍ରାଣ ପାଏ ନାହିଁ ।

(ବିଲୁଆ, କାଉ, ମାଙ୍କଡ଼)

iv) ଘୋଡ଼ା ..... ଟାଣେ ।

(ଗାଡ଼ି, ସାଇକେଲ, ମଟର)

v) .....ରେ ମାଉଁସ ଲାଗିଲେ ଶୁଭ ନୁହେଁ ।

(ଗୋଦରଗୋଡ଼, ହାତ, ମୁଣ୍ଡ)

୧୨.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ଉତ୍କଳୀୟମାନଙ୍କର ପୂର୍ବପୁରୁଷମାନେ ଗଙ୍ଗାଠାରୁ ଗୋଦାବରୀ ନଦୀପର୍ଯ୍ୟନ୍ତ ଜୟ କରି ଉତ୍କଳର ସାମାଜ୍ୟ ବୃଦ୍ଧି କରିଥିଲେ ।

ଖ) ତୋଷାମଦ ଅର୍ଥାତ ପରଖି ମିଛ ପ୍ରଶଂସା କରି ନିଜର କାର୍ଯ୍ୟ ହାସଲ କରିବା । କୁକୁରମାନଙ୍କ ପ୍ରକୃତି ହେଲା ଅଇଁଠାପତର ଚାଟିବା । ସେମାନଙ୍କୁ ଯେତେ ମାରିଲେ ମଧ୍ୟ ସେମାନେ ପୁଣି ଯାଇ ଅଇଁଠା ପତର ଚାଟିବେ । ସେମାନଙ୍କର ସ୍ୱାଭିମାନ ନାହିଁ । ତେଣୁ ତୋଷାମଦ ପରି କୁକୁର ପ୍ରକୃତି ଧରି କେବେ ଜାତିର ଉନ୍ନତି କରାଯାଇପାରିବ ନାହିଁ ।

ଗ) ତୋଷାମଦକାରୀ ବ୍ୟକ୍ତିଙ୍କର ପ୍ରକୃତି ହେଲା ସେମାନେ ନିଜର ସ୍ୱାର୍ଥପାଇଁ ଅନ୍ୟର ଗୋଡ଼ ଚାଟିବାକୁ ମଧ୍ୟ କୁଣ୍ଠା ବୋଧ କରନ୍ତି ନାହିଁ । ମିଥ୍ୟା ପ୍ରଶଂସା କରି କାର୍ଯ୍ୟହାସଲ କରିବାରେ ସେମାନେ ଧୂରନ୍ଦର । ଚାକର ବା ଭୃତ୍ୟ ପରି ଅତି ନରମଭାବ ଦେଖାଇଲେ ମଧ୍ୟ ସମୟ ସୁଯୋଗ ଦେଖି ଅନ୍ୟକୁ ବିଷ ପ୍ରୟୋଗ କରିବାକୁ କୁଣ୍ଠାବୋଧ କରେ ନାହିଁ । ଏପ୍ରକାର ବ୍ୟକ୍ତିମାନଙ୍କୁ ସହଜରେ ଚିହ୍ନ ହୁଏ ନାହିଁ ।

ଘ) ଜଗନ୍ନାଥଙ୍କ ରଥର ନାମ ହେଉଛି ନନ୍ଦିଘୋଷ । ବଡ଼ଦାଣ୍ଡରେ ଏହି ରଥ ଚାଲେ । ତେଣୁ ସମୟରୂପକ ବଡ଼ଦାଣ୍ଡରେ ଜାତିରୂପକ ରଥ ଆଗକୁ ଯିବାକୁ ହୁଏ ବା ଉନ୍ନତି ପଥରେ ଯିବାକୁ ପଡ଼େ । ସେଥିପାଇଁ ଜାତିକୁ ନନ୍ଦିଘୋଷ ସହିତ ତୁଳନା କରାଯାଇଛି ।

ଙ) ଉତ୍କଳର ସାମାଜିକ, ଅର୍ଥନୀତିର ଖରାପ ପରିସ୍ଥିତି ଦେଖି କବି ମଧୁସୂଦନଙ୍କ ଅନ୍ତରାତ୍ମା କାନ୍ଦି ଉଠିଛି । ତେଣୁ ସେ ଉତ୍କଳ ସନ୍ତାନ କବିତା ମାଧ୍ୟମରେ ସୁପ୍ତ ଓଡ଼ିଆମାନଙ୍କୁ ଜାଗ୍ରତ ତଥା ଅଳସୁଆମି ଛାଡ଼ି ଉନ୍ନତି ପଥରେ ଅଗ୍ରସର ହେବାକୁ ଉଦ୍‌ବୋଧନ ଦେଇଛନ୍ତି ।

ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i) ନଦୀ ii) ମାଂସ iii)ବିଲୁଆ,

iv)ଗାଡ଼ି, v) ଗୋଦରଗୋଡ

●●●

ଟିପ୍ପଣୀ

୧୩
ଡାଆଣିଆ ଖରା

ପଲ୍ଲୀକବି ନନ୍ଦ କିଶୋର ବଳ

୧୩.୧ କବିତାର ପୃଷ୍ଠଭୂମି

କବି ନନ୍ଦ କିଶୋରବଳ ମୁଖ୍ୟତଃ ଜଣେ ପଲ୍ଲୀ କବି । ପଲ୍ଲୀ ବା ଗ୍ରାମ୍ୟ ପ୍ରକୃତିର ବାସ୍ତବଚିତ୍ର ଆଙ୍କିବାକୁ ଯାଇ ସେ ଏହି 'ଡାଆଣିଆ ଖରା' କବିତାଟି ରଚନା କରିଛନ୍ତି । ଗାଁରେ କିପରି ଖରା ପଡ଼ିଛି, ଗୋଟିଏ ଦିନର ଦୃଶ୍ୟକୁ କବି ଅତି ଜୀବନ୍ତ କରି ବର୍ଣ୍ଣନା କରିଛନ୍ତି । ପକ୍ଷୀମାନେ ସଂଧ୍ୟା ଆଗମନରେ କିପରି ବସାକୁ ଫେରନ୍ତି । ଆକାଶରେ ସ୍ୱର୍ଣ୍ଣର ଛବି ଦେଖା ଯାଉଛି । ଦୁଇଟି ପାରାଙ୍କୁ ସମ୍ବୋଧନ କରିବା ଛଳରେ କବି ନିଜର ସାଂସାରିକ ଦୁଃଖ କଥା କହୁଛନ୍ତି । ଗାଈଆଳ ଗାଈଧରି ଘରକୁ ଫେରୁଛି, ଇତ୍ୟାଦିର ବର୍ଣ୍ଣନା ଦେଇଛନ୍ତି । ବିଶେଷ କରି ଆମର ଗାଁର ବାସ୍ତବଦୃଶ୍ୟ କବି ବର୍ଣ୍ଣନା କରିଛନ୍ତି ।

୧୩.୨ କବିତାର ଆଭିମୁଖ୍ୟ

ପୂର୍ବରୁ ଆମ ସାହିତ୍ୟରେ ଓଡ଼ିଶାର ଗ୍ରାମ୍ୟ ପ୍ରକୃତିର ବାସ୍ତବଚିତ୍ର ଅଙ୍କିତ ହୋଇ ନଥିଲାବେଳେ ପଲ୍ଲୀକବି ନନ୍ଦ କିଶୋର ଗୋଟିଏ ଦିନର ଗ୍ରାମ୍ୟ ପ୍ରକୃତିର ଚିତ୍ର ପ୍ରଦାନ କରିଛନ୍ତି । ପାଠକ /ପାଠିକ ମନରେ ପଲ୍ଲୀ ଜୀବନବୋଧ ଆଙ୍କିବା ହେଉଛି ଏ କବିତାର ଆଭିମୁଖ୍ୟ ।

୧୩.୩ ମୂଳ ପାଠ

॥ ୧ ॥

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି ।

ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ-ରସ ।

ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ-ପାଣି,
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି ।

ମାଳୀଘର ଖଟୁଲିରେ ଯେ ବାଉଁଶର ପାତିଆ,
ମାଆ ଝୁଅଙ୍କର ଗୋଡ଼ରେ ରତନର ଝୁଣ୍ଟିଆ ।

ଶାରୀ ପଚାରିଲା ଶୁଆରେ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଲେ ଶାରୀ ଚାଲଗୋ ବଡ଼ଦାଣ୍ଡରେ ଯିବା ।

ବଡ଼ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବରଲଣ୍ଡି,
ଲିପି ପୋଛି ଦେଇ ଯାଅ ମା' ପୂଜି ମଙ୍ଗଳଚଣ୍ଡୀ ।

ଟିପ୍ପଣୀ

।। ୨ ।।

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
ଅସ୍ତାଚଳ-ଶିଖେ ତପନ ଯାଉଛନ୍ତି ବାହୁଡ଼ି ।

ବିଚିତ୍ର ବର୍ଣ୍ଣର ବୋଇତ ପ୍ରାୟେ ଶୋଭା ପ୍ରକାଶି,
ବାରୁଣୀ-ଗଗନେ ବଉଦ କେତେ ଯାଉଛି ଭାସି ।

ଧଳା କଳା ନୀଳ ଲୋହିତ ବର୍ଣ୍ଣେ ସ୍ତରକୁ ସ୍ତର,
ପନ୍ତି ପନ୍ତି ସାଜି ବଉଦ ଆହା କି ମନୋହର !

ପଶୁ, ପକ୍ଷୀ, ନର, ପର୍ବତ, ଲତା, ପାଦପ, ସାଜି,
ବିବିଧ ବର୍ଣ୍ଣରେ ରାଜନ୍ତି ନଭେ ବାରିଦ-ରାଜି ।

ପ୍ରତୀଚୀ ଗଗନେ କି ଶୋଭା ଢାଳେ ଲୋହିତ ରବି
ନିକଟେ ଧବଳ ବାରିଦ କିବା ବିଚିତ୍ର ଛବି !

କନକ ତୋରଣ ଫେଡ଼ି କି ସ୍ୱର୍ଗୁ ସୁରତନୁଜା
ଷ୍ଟଟିକ ପାବଚ୍ଛେ ଅର୍ପନ୍ତି ସୂର୍ଯ୍ୟେ ନୈବେଦ୍ୟ ପୂଜା ?

।। ୩ ।।

ତାରା-ମଥାମଣି ପିନ୍ଧିଣ ସ୍ୱର୍ଗୁ ସନ୍ଧ୍ୟା-ସୁନ୍ଦରୀ,
ନିଦ୍ରା-ସ୍ୱପ୍ନ-ସହ ଓହ୍ଲାନ୍ତି ଦିଗ ଅନ୍ଧାର କରି ।

ସୁରଦେଶୁଁ ସୁରତନୟା କୃଷ୍ଣବର୍ଣ୍ଣ ରଥରେ,
ଅବତରି କିବା ମୋହନ୍ତି ବିଶ୍ୱ ମାୟାମନ୍ତରେ ?

ବିସର୍ଜ୍ଜଣ ଦେବ ତପନ ଗଲେ ଧରଣୀମାୟା,
ବିସର୍ଜ୍ଜଇ ଯଥା ଜୀବାତ୍ମା ମୃତମାନବ-କାୟା ।

କି ଅବା ଯେମନ୍ତ ଯୌବନ ଜରାଗ୍ରସ୍ତ ତନୁକୁ,
ଅଥବା ଯେସନ ବିବେକ ପାପଗ୍ରସ୍ତ ମନକୁ ।
ପ୍ରଦୋଷର ମୂର୍ତ୍ତି ଦିଶଇ ଶାନ୍ତି-ବିଷାଦମୟ
ଗତ ସୁଖସ୍ମୃତି କରୁଛି ଆନ୍ଦୋଳିତ ହୃଦୟ ।

ନିୟତ ମେଲାଣି ଲାଗିଛି ଆହା ଏ ବିଶ୍ୱଦେଶେ,
ଫାଟିଯିବୁ କି ରେ ହୃଦୟ ଦୁଃଖଭାର-ଆବେଶେ ?

।। ୪ ।।

ଡାଆଣିଆ ଖରା ଗଲାଣି ବେଳ ଗଲାଣି ବୁଡ଼ି,
ବସାଗଛ ଅଭିମୁଖରେ ପକ୍ଷୀ ଯାଉଛି ଉଡ଼ି ।

କିସ ତୋର ହୃଦଭାବନା ଆରେ ବିହଙ୍ଗବର,

ଦୁଃଖଭାରେ ନତ ହୁଏ କି ତୋର କ୍ଷୁଦ୍ର ଅନ୍ତର ?

ନିତି ନିତି ଉଡ଼ି ଆସିଣ କେଉଁ ସଙ୍ଗୀତ ଗାଉ,
କି ଉଦ୍ଦେଶ୍ୟ ସାଧି ପକ୍ଷିରେ ପୁଣି ଫେରି ତୁ ଯାଉ ?

ତୋ ମନୋଭାବନା ନ ଜାଣି ହୃଦ ହେଉଛି ହାଣି,
ଆସି ମୋ ପାଶରେ ବସିଣ କହନ୍ତୁ ତୋ କାହାଣୀ ।

ମୋ ଦୁଃଖ ଫେଡ଼ି ମୁଁ କହନ୍ତି ଶୁଣି ଯାଆନ୍ତୁ ବାରେ,
କିନ୍ତୁ ନାହିଁ ନାହିଁ ଉଡ଼ିଯା କାର୍ଯ୍ୟ ନାହିଁ ତୋଠାରେ ।

ନିଜ ଦୁଃଖଭାରେ ଆନତ ଭବେ ସକଳ ପ୍ରାଣୀ
କି କାର୍ଯ୍ୟ ସେ ଭାରେ ମିଶାଇ ଆନ ବିଷାଦ ଆଣି ?

।। ୫ ।।

ଗୋଧନ ଘେନିଣ ଗୋପାଳ ଫେରିଗଲାଣି ଘରେ,
ବିଲକାମ ସାରି କୃଷକ ଫେରି ଯାଉଛି ଖରେ ।

ଗ୍ରାମେ ଶିଶୁଗଣ ଗାଆନ୍ତି ଗୀତ ଗ୍ରାମୀୟ ତାଳେ,
ଲୁଚି ପ୍ରତିଧ୍ୱନି ଗାଏ ତା ପଲ୍ଲୀ-ବନାନ୍ତଃରାଳେ ।

ଉଠିଲା କୁଟୀର-ମଥାନ ଭେଦି ଧୂମ ସଘନେ,
ପରାମ୍ବାରେ ଆମ୍ବା ପ୍ରାୟେକ ମିଶିଗଲା ଗଗନେ ।

ଶତ ସନ୍ଧ୍ୟାଦୀପ ଜାଳିଲେ ଜନପଦ-ଗୃହିଣୀ,
ଶୁଭିଲା ପ୍ରଦୋଷ-ଜଣାଣ ସ୍ୱର୍ଗ ସଙ୍ଗୀତ ଜିଣି ।

ଶଙ୍ଖ ଘଣ୍ଟା ବାଜି ଉଠିଲା ପ୍ରତି ଦେବମନ୍ଦିରେ,
ଭକ୍ତି ମନ୍ଦାକିନୀ ବହିଲା ଭକ୍ତ ହୃଦ-କନ୍ଦରେ ।

ଅବିଶ୍ୱାସୀ ମନ ! ପ୍ରଣମ ବିଶ୍ୱସ୍ରଷ୍ଟାଚରଣେ,
ଦିଅ ପଦାଶ୍ରୟ ଭୋ ! ପ୍ରଭୋ ପାପୀ ଅଧମ ଜନେ ।

୧୩.୪ କବିତାର ସାରାଂଶ

ବର୍ଷା ଋତୁ । ବର୍ଷା ଅସରାଏ ହେଲାପରେ ପରିବେଶ ଖୁବ୍ ସୁନ୍ଦର ଦେଖାଯାଏ । ଅପରାହ୍ନରେ ଖରା ଆସିଲେ ଏହାକୁ ଆମ ଗାଁମାନଙ୍କରେ ଡାଆଣିଆ ଖରା ବୋଲି କୁହାଯାଏ । ଏହି ଖରା ବା ସୂର୍ଯ୍ୟକିରଣ ଖୁବ୍ ମନମୁଗ୍ଧକର । ବାଲ୍ୟକାଳରେ ଗ୍ରାମ୍ୟ ପରିବେଶରେ ଏହି ଖରା ଯେଉଁ ଶୋଭା ବା ଭାବାନ୍ତର ସୃଷ୍ଟି କରିଛି ତାହାକୁ କବି ବର୍ଣ୍ଣନା କରିଛନ୍ତି ।

କବି ଗ୍ରାମ୍ୟ ଜୀବନରେ ଥିବା ଲୋକବାଣୀକୁ ଆଧାର କରି ପାରାକୁ ସମ୍ବୋଧନ କରି କବିତାଟି ବର୍ଣ୍ଣନା କରିଛନ୍ତି । ହେ ପାରା ଦୁଇଟି, ଆସ ମୋ ପିଣ୍ଡାରେ ବସ । ମୁଁ ତୁମକୁ ଖାଇବାକୁ ନଡ଼ିଆ ରସ ଓ ପିଇବାକୁ ପଦ୍ମପୋଖରୀ ପାଣି ଦେବି । ଶୋଇବାକୁ ମାଳିଘର ଖଟୁଲି ଆଣିଦେବି ।

ଏହି ସମ୍ବୋଧନ ଛଳରେ କବି ଅସ୍ତଗାମୀ ସୂର୍ଯ୍ୟ କିପରି ଆକାଶରେ ପଶ୍ଚିମକୁ ଗତି କରି ବୁଡ଼ି ଯିବାକୁ ବସିଛନ୍ତି, ତାହା ଉଲ୍ଲେଖ କରିଛନ୍ତି । ଏହି ସମୟରେ ଆକାଶରେ ଧଳାଧଳା ବାଦଲ ବୋଇତ (ଜାହାଜ) ପରି ଭାସିଯାଉଛନ୍ତି । ସୂର୍ଯ୍ୟଙ୍କ ଲୋହିତ କିରଣ ପଡ଼ି ଧାଡ଼ି ଧାଡ଼ି ହୋଇ ରହିଥିବା ବାଦଲଗୁଡ଼ିକ ଆହୁରି ସୁନ୍ଦର ଦେଖା ଯାଉଛନ୍ତି । ପଶ୍ଚିମ ଆକାଶରେ ଏହା ଏକ ସ୍ୱର୍ଣ୍ଣାଭ ଛବି ଆଙ୍କି ଦେଉଛି । ଏହି ବିଚିତ୍ର ଦୃଶ୍ୟକୁ ଦେଖି କବି ଭାବୁଛନ୍ତି ସତେ ଯେପରି ସୂନାର ତୋରଣ ତିଆଣି କରି ଦେବକନ୍ୟାମାନେ ସ୍ଫଟିକ ପାହାଚରେ ସୂର୍ଯ୍ୟ ଦେବଙ୍କୁ ନୈବେଦ୍ୟ ଦେଇ ପୂଜା କରୁଛନ୍ତି ।

ପୁଣି ସଂଧ୍ୟା ଆଗମନରେ ଆକାଶରେ ଛୋଟ ଛୋଟ ତାରା ମାନେ ଦେଖା ଦେଲେଣି । ଏହା ସବୁ କବି ମନେ କରୁଛନ୍ତି ସତେ ଯେପରି ସଂଧ୍ୟା ସୁନ୍ଦରୀ ତାରା ରୂପକ ମଥାମଣି ମଥାରେ ପିନ୍ଧିଛନ୍ତି ଏବଂ ନିଦ୍ରିତ ଅବସ୍ଥାରେ ଏ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସୂର୍ଯ୍ୟଦେବ ମଧ୍ୟ ଏ ପୃଥିବୀର ମାୟା ଛାଡ଼ି ଚାଲିଯାଉଛନ୍ତି । ସଂଧ୍ୟା ସମୟର ଦୃଶ୍ୟ କବି ମନରେ ଦୁଃଖର ଭାବ ସୃଷ୍ଟି କରିଛି ।

ସଂଧ୍ୟା ଆଗମନରେ ପକ୍ଷୀମାନେ ବସାକୁ ଫେରିବାକୁ ଆରମ୍ଭ କରୁଛନ୍ତି । ପକ୍ଷୀମାନଙ୍କ ବସା ଫେରିବା କାଳରେ କବି ତାଙ୍କ ମନରେ ଆସିଥିବା ଦୁଃଖଭାବନା ସେ ଉଲ୍ଲେଖ କରିଛନ୍ତି । ଗାଈ ପଲକୁଧରି ଗଉଡ଼ ଏବଂ ଚଷା କୃଷିକାମ ସାରି ଘରକୁ ବାହୁଡ଼ି ଆସେ । ଝଲଛପରଘର ମଥାଣରେ ସଂଧ୍ୟା ସମୟରେ ଧୂଆଁ ଉଠିବାର ଦୃଶ୍ୟ ଦେଖାଯାଏ । ସଂଧ୍ୟାକାଳରେ ଗୃହିଣୀମାନେ ସଂଧ୍ୟା ଦୀପ ଜାଳନ୍ତି, ଶଙ୍ଖ, ଘଣ୍ଟବାଦ୍ୟ ଦେବ ମନ୍ଦିର ମାନଙ୍କରେ ଶୁଭେ । ଏପ୍ରକାର ପରିବେଶ ଗ୍ରାମ୍ୟ ବା ପଲ୍ଲୀଜୀବନକୁ କିପରି ସରସ ଓ ମଧୁମୟ କରିଛି ତାହା ବର୍ଣ୍ଣନା କରାଯାଇଛି ।

୧୩.୫ କବି ପରିଚୟ

ପଲ୍ଲୀକବି ନନ୍ଦକିଶୋର ବଳ କଟକ ଜିଲ୍ଲାର ମାହାଙ୍ଗା ଅନ୍ତର୍ଗତ ବିରୂପା ନଦୀକୂଳରେ ଅବସ୍ଥିତ କୁସୁପୁର ଗ୍ରାମରେ ୧୮୭୫ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଯୁଗର ଶେଷ ପର୍ଯ୍ୟାୟର କବି । ସେ ଚାକିରୀ କରୁଥିବା ହେତୁ ନିଜଗ୍ରାମ ଠାରୁ ଦୂରରେ ରହି ଗ୍ରାମର ଶାନ୍ତି ସୁନ୍ଦର ଦୃଶ୍ୟକୁ ମନେ ପକାଇ କବିତାମାନ ରଚନା କରୁଥିଲେ । ଗାଁର କ୍ଷେତ, ବଣ, ବିଲ, ତୋଟା , ପାହାଡ ଆଉ ବିଭିନ୍ନ ଋତୁର ପ୍ରଭାବ କବିଙ୍କ ମନକୁ ଆଲୋଡିତ କରିବା ସହିତ ତାଙ୍କ କବିତାରେ ସେସବୁର ଦୃଶ୍ୟପଟ ରହିଛି । ସେ ଲୋକମନର ବିଶ୍ୱାସ, ସେମାନଙ୍କର ନିତିଦିନିଆ ଜୀବନଯାତ୍ରା ଓ ଚଳଣି ସବୁକଥା କବିତା ଗୁଡ଼ିକରେ ପ୍ରକାଶ କରିଛନ୍ତି । ତାଙ୍କ କବିତାର ଭାବ ସରଳ, ଭାଷା ସାଧାରଣ ଏବଂ ପ୍ରକାଶଭଙ୍ଗୀ ବେଶ୍ ମନଛୁଆଁ । କବି ୧୯୨୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ । ସୃଷ୍ଟି ମଧ୍ୟରେ ରହିଛି 'ନାନା ବାୟାଗୀତ', 'ତରପିଣି', 'ଜନ୍ମଭୂମି', 'ନିର୍ଝରିଣି', ସନ୍ଧ୍ୟାସଂଗୀତ ପ୍ରଭୃତି । କବି କେତୋଟି କାବ୍ୟ ମଧ୍ୟ ରଚନା କରିଛନ୍ତି । ସେଗୁଡିକ ହେଲା

ଟିପ୍ପଣୀ

ସୀତା ବନବାସ, ଶର୍ମିଷ୍ଠା, କୃଷ୍ଣକୁମାରୀ । ତାଙ୍କ ଦ୍ୱାରା ରଚିତ ଏକମାତ୍ର ଉପନ୍ୟାସ 'କନକଲତା' ଅତି ଉଚ୍ଚକୋଟୀର ଅଟେ ।

୧୩.୬ କଠିନ ଶବ୍ଦ

ଅସ୍ତାଚଳ - ପଶ୍ଚିମ ଆକାଶ
ବାରୁଣୀ - ପଶ୍ଚିମ
ଲୋହିତ ବର୍ଣ୍ଣ - ଲାଲ ବର୍ଣ୍ଣ
ନଭେ - ଆକାଶରେ
ପ୍ରତୀଚୀ - ପଶ୍ଚିମ
ପାବଚ୍ଛ - ପାହାଚ
ବିସର୍ଜ୍ଜଇ - ତ୍ୟାଗ କରି
ଗୋଧନ - ଗୋରୁ ରୂପକ ଧନ
ତପନ - ସୂର୍ଯ୍ୟ
ଗଗନ - ଆକାଶ
ପନ୍ତି ପନ୍ତି - ଧାଡ଼ି ଧାଡ଼ି
ବାରିଦ - ବାଦଲ
କନକ - ସ୍ୱର୍ଣ୍ଣ /ସୁନା
ସୁର ତନୁଜା - ଦେବକନ୍ୟା
ପ୍ରଦୋଷ - ସଂଧ୍ୟା

୧୩.୭ ଭାବବୋଧ

i) କନକ ତୋରଣ ଫେଡି କି ସ୍ୱର୍ଗୁଁ ସୁରତନୁଜା
ସ୍ଫଟିକ ପାବଚ୍ଛେ ଅର୍ପନ୍ତି ସୂର୍ଯ୍ୟେ ନୈବେଦ୍ୟ ପୂଜା

ଭାବାର୍ଥ

ସଂଧ୍ୟା ଆଗମନ କାଳରେ ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହେବାକୁ ଗଲାବେଳେ ସ୍ୱର୍ଣ୍ଣ କିରଣରେ ପଶ୍ଚିମ ଆକାଶ ଆଚ୍ଛାଦିତ ହୋଇଯାଇ ଏକ ମନୋରମ ଦୃଶ୍ୟ ସୃଷ୍ଟି କରେ । ଏପ୍ରକାର ଦୃଶ୍ୟକୁ ଦେଖି କବିଙ୍କ ମନରେ ଆସୁଛି ସତେ ଯେପରି ସ୍ୱର୍ଣ୍ଣ ତୋରଣରୁ ଓହ୍ଲାଇ ଆସି ସ୍ୱର୍ଗର ଦେବକନ୍ୟା ସ୍ଫଟିକ ପାହାଚରେ ସୂଯ୍ୟଦେବଙ୍କୁ ପୂଜା ନୈବେଦ୍ୟ ଅର୍ପଣ କରୁଛନ୍ତି କି ?

ii) ବିସର୍ଜ୍ଜିଣ ଦେବ ତପନ ଗଲେ ଧରଣୀମାୟା
ବିସର୍ଜ୍ଜଇ ଯଥା ଜୀବାତ୍ମା ମୃତ ମାନବକାୟା ।

ଭାବାର୍ଥ

ସଂଧ୍ୟା ଆଗମନର ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହେବାକୁ ଗଲାବେଳେ ଆସ୍ତେ ଆସ୍ତେ ଓ ପୃଥିବୀରୁ ଆଲୋକ ଲିଭି ଲିଭି ଆସେ ଓ ଶେଷରେ ସୂର୍ଯ୍ୟାଲୋକ ସଂପୂର୍ଣ୍ଣ ଲିଭିଯାଏ ଏବଂ ଅନ୍ଧାର ଆସେ । ଏପ୍ରକାର ନୀତିକୁ କବି ଏଠାରେ ମରଣବେଳେ ଆତ୍ମା ଯେପରି ମର ଶରୀର ଛାଡ଼ି ଯାଏ ସେହିପରି ସୂର୍ଯ୍ୟ ଏହି ଧରିତ୍ରୀର ମାୟା ଛାଡ଼ି ଚାଲି ଯାଉଛି ବୋଲି ଏକ ଉପମା ଦେଉଛନ୍ତି ।

iii) ପ୍ରଦୋଷର ମୂର୍ତ୍ତି ଦିଶଇ ଶାନ୍ତ - ବିଷାଦମୟ
ଶତ ସୁଖ-ସ୍ମୃତି କରୁଛି ଆନ୍ଦୋଳିତ ହୃଦୟ ।

ଭାବାର୍ଥ

ସଂଧ୍ୟା କାଳରେ ପୃଥିବୀର ମୂର୍ତ୍ତି ଖୁବ୍ ଶାନ୍ତ ଦେଖା ଯାଏ । ମାତ୍ର ଏ ପ୍ରକାର ଦୃଶ୍ୟ ଦୁଃଖ ପୂର୍ଣ୍ଣ ହୁଏ । କାରଣ ଦିନର କର୍ମ ଚଞ୍ଚଳ ଆଉ ନଥାଏ । ମନର ସରସତା ନଥାଏ । ମଣିଷ ଅତୀତ ଦିନର ସୁଖର ଘଟଣାକୁ ମନେ ପକାଏ । ଏହା ତା ମନରାଜ୍ୟକୁ ଆନ୍ଦୋଳିତ କରେ ।

iv) ନିୟତ ମେଲାଣି ଲାଗିଛି ଆହା ଏ ବିଶ୍ୱ ଦେଶେ
ଫାଟି ଯିବୁ କିରେ ହୃଦୟ ଦୁଃଖଭାର - ଆବେଶେ ?

ଭାବାର୍ଥ

ଯିବା ଆସିବା ଅର୍ଥାତ ଜନ୍ମ ହେବା ଏବଂ ମୃତ୍ୟୁପରେ ଏ ସଂସାରରୁ ବିଦାୟ ନେଇ ଚାଲିଯିବା ସଂସାରର ନିୟମ । ମାତ୍ର ମଣିଷ ଏକଥା ନ ଭାବି ମୃତ୍ୟୁକାଳୀନ ବିଦାୟରେ ଅଧିକ ଦୁଃଖରେ ଭାଙ୍ଗି ପଡ଼େ । ଅନ୍ୟର ମୃତ୍ୟୁରେ ମଣିଷ ଏତେ ବ୍ୟତିବ୍ୟସ୍ତ ହୋଇ ପଡ଼େ ଯେ ସତେ ଯେପରି ତାହାର ହୃଦୟ ଫାଟି ପଡ଼ିବ କି ? ମୃତ୍ୟୁର ବିଷାଦଭାବ କବିଙ୍କୁ ବେଶି ଆନ୍ଦୋଳିତ କରିଛି ।

୧୩.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

୧) 'ଡାଆଣିଆ ଖରା' କବିତାରେ ଗ୍ରାମ୍ୟ ଜୀବନର ଏକ ପ୍ରାକୃତିକ ଦୃଶ୍ୟ କିପରି ବର୍ଣ୍ଣନା କରାଯାଇଛି ?

୨) 'ଡାଆଣିଆ ଖରା' କବିତାରୁ କବିଙ୍କର ପଲ୍ଲୀପ୍ରାଣତାର ପରିଚୟ ଦିଅ ।

୩) 'ଡାଆଣିଆ ଖରା' କବିତାରୁ କବିଙ୍କର କବିତ୍ୱ ସମ୍ପର୍କରେ ଆଲୋକପାତ କର ।

୪) 'ଡାଆଣିଆ ଖରା' କବିଙ୍କ ମନରେ କିପରି ରେଖାପାତ କରିଛି, ଆଲୋଚନା କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କାହାକୁ ଡାଆଣିଆ ଖରା କୁହାଯାଏ ?

ଖ) କବି କାହାକୁ ପିଣ୍ଡାରେ ବସିବାକୁ କହିଛନ୍ତି ଓ କାହିଁକି ?

ଗ) ସୂର୍ଯ୍ୟ ଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

ଘ) ସଂଧ୍ୟା କାଳରେ କିଏ କ'ଣ କରନ୍ତି ?

ଙ) କବିଙ୍କ ହୃଦୟ କାହିଁକି ଆନ୍ଦୋଳିତ ହୋଇଛି ?

୧୩.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -

i) .....କୁ ଡାଆଣିଆ ଖରା କୁହାଯାଏ ।

(ସକାଳର ଖରା, ଶୀତଦିନର ଖରା, ବର୍ଷାଋତୁର ଖରା)

ii) ..... ନଡ଼ିଆର ରସ ଦେବାକୁ କୁହାଯାଇଛି ।

(ପାରା ଦୁଇଟିକୁ, କୁକୁରକୁ, ମଣିଷଙ୍କୁ ଓ ବିଲୁଆକୁ)

iii) କୃଷ୍ଣ ରଥରେ ..... ମାନେ ବସି ପୃଥିବୀକୁ ଅବତରଣ କରନ୍ତି ।

(ଦେବକନ୍ୟା, ବାଳିକା, ଦେବତା)

iv) ସଂଧ୍ୟାରେ ଗୃହିଣୀମାନେ ..... ଜାଳନ୍ତି ।

(ଦୀପ, ମହମବତୀ, ନିଆଁ)

v) ..... ଗାଈ ଧରି ଘରକୁ ସଂଧ୍ୟାବେଳେ ଫେରେ ।

(ଗାଈଆଳ, କୃଷକ, ଶ୍ରମିକ)

୧୩.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ସାଧାରଣତଃ ବର୍ଷାଋତୁରେ ବର୍ଷା ହେବାପରେ ଖରା ହୁଏ । ଏହି ଖରା ଖୁବ୍ ଟାଣ ହେଲେ ମଧ୍ୟ ବାଧେ ନାହିଁ । ଗାଁରେ ଲୋକମାନେ ଏହାକୁ ଡାଆଣିଆ ଖରା ବୋଲି କହିଥାନ୍ତି ।

ଖ) କବି ପାରା ଦୁଇଟିକୁ ତାଙ୍କ ପିଣ୍ଡାରେ ବସିବାକୁ କହିଛନ୍ତି । ତାଙ୍କୁ ସେ ନଡ଼ିଆର ରସ ଓ ପଦ୍ମ ପୋଖରୀ ପାଣି ପିଇବାକୁ ଓ ମାଳିଘର ଖଟଆଣି ଶୋଇବାକୁ ଦେବେ ବୋଲି କହିଛନ୍ତି । ଏହା ଲୋକକଥା । ଯାହା ଆମ ଗାଁ'ମାନଙ୍କରେ ପ୍ରଚଳିତ ।

ଗ) ସ୍ୱର୍ଗରୁ ଦେବକନ୍ୟାମାନେ ସ୍ୱର୍ଣ୍ଣ ମେଘମାଳା ରୂପକ ତୋରଣରୁ ଓହ୍ଲାଇ ସ୍ଫଟିକ ପାହାଚରେ ନୈବେଦ୍ୟ ଦେଉଛନ୍ତି ବୋଲି କବି ବର୍ଣ୍ଣନା କରିଛନ୍ତି ।

ଘ) ସଂଧ୍ୟାର ଆଗମନରେ ଗୃହିଣୀମାନେ ସଂଧ୍ୟା ଦୀପ ଜାଳି ପରିବାରର ମଙ୍ଗଳ ମନାସନ୍ତି । ଗାଈଆଳ ଗାଈଧରି ଘରକୁ ଫେରେ । କୃଷକ ବିଲରୁ ଫେରେ । ଶିଶୁମାନେ ଗୀତ ଗାଆନ୍ତି ।

ଙ) ସଂଧ୍ୟା ଆଗମନରେ ପୃଥିବୀର ମୂର୍ତ୍ତି ଖୁବ୍ ଶାନ୍ତ ଓ ଗଭୀର ଦେଖାଯାଏ । ଏହି ଅବକାଶରେ କବି ତାଙ୍କ ଅତୀତ ଦିନର ସୁଖ ଘଟଣାଗୁଡ଼ିକୁ ମନେ ପକାଉଥିବାରୁ ଏହା ତାଙ୍କ ହୃଦୟକୁ ଆନ୍ଦୋଳିତ କରିଛି ।

୧୩.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i) ବର୍ଷାଋତୁର ଖରା ii)ପାରା ଦୁଇଟିକୁ iii) ଦେବକନ୍ୟା

iv)ଦୀପ v) ଗାଈଆଳ

●●●

୧୪
ଶେଫାଳି ପ୍ରତି

କୁନ୍ତଳା କୁମାରୀ ସାବତ

୧୪.୧ କବିତାର ପୃଷ୍ଠଭୂମି

ନାରୀକବି କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳି ପ୍ରତି' ଏକ ସମ୍ବୋଧନ ଗୀତି କବିତା । ଶେଫାଳି ଫୁଲକୁ ସମ୍ବୋଧନ କରି କୁନ୍ତଳା କୁମାରୀ ତାଙ୍କ ମନର ଗୋପନଭାବକୁ ପ୍ରକାଶ କରିଛନ୍ତି । କୌଣସି ଏକ ଦିନ ସଂଧ୍ୟା ସମୟରେ କବି ସ୍ୱ ବାସଗୃହର ଝରକା ପାଖରେ ବସିଛନ୍ତି । ଆକାଶରେ ଚନ୍ଦ୍ର ଉଦୟ ହେଉଥିବା ସମୟ । ଏହି ସଂଧ୍ୟାରେ ସ୍ୱଳ୍ପ ଦୂରରେ ଫୁଟିଥିବା ଶେଫାଳି ଫୁଲର ବାସ୍ନା କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି ।

ପ୍ରକୃତରେ ଶେଫାଳି ଫୁଲ ଲତାମାଳରେ ସଂଧ୍ୟାରେ ଫୁଟି ଥାଏ ଏବଂ ସକାଳକୁ ଝରି ମାଟିରେ ପଡ଼ିଥାଏ । ଏହି ଗୋଟିଏ ରାତ୍ରିର ଜୀବନକାଳ ମଧ୍ୟରେ ଶେଫାଳି ଫୁଲ ତା'ର ସୁଗନ୍ଧଭରା ବାସ୍ନା ଦ୍ୱାରା ଜଗତବାସୀଙ୍କ ମନକୁ ମୋହିବାରେ ସକ୍ଷମ ହୋଇଥାଏ ।

ଶେଫାଳି ଫୁଲର ବାସ୍ନା । ଏଣେ ସଂଧ୍ୟା ସମୟ । ପୁଣି ଆକାଶରେ ଜହ୍ନ ଉଇଁ ଆସୁଛି । ଏ ପ୍ରକାର ମନମତାଣିଆ ପରିବେଶ କବି କୁନ୍ତଳା କୁମାରୀ ସାବତଙ୍କ ଭାବନା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଦୁଇଟି କଥା ତାଙ୍କ ମନରେ ଆସିଛି । ଗୋଟିଏ ହେଲା ଶେଫାଳି ଫୁଲକୁ ଏବଂ ତା'ର ମହତ୍ୱକୁ ଅନୁଶୀଳନ କରି ଦାର୍ଶନିକ ଭାବନାରେ ମଜ୍ଜିଯାଇଛନ୍ତି । ଅନ୍ୟ ପକ୍ଷରେ ତାଙ୍କ ମଧ୍ୟରେ ଈଶ୍ୱର / ସୃଷ୍ଟିକର୍ତ୍ତା ଭଗବାନଙ୍କୁ ଭକ୍ତିଭାବ ସୃଷ୍ଟି ହୋଇଛି ।

୧୪.୨ କବିତାର ଆଭିମୁଖ୍ୟ

କବି ଶେଫାଳି ଫୁଲକୁ ସମ୍ବୋଧନ କଲାବେଳେ ମଣିଷ ଜୀବନର ମହତ୍ୱ କଥା ଭାବିଛନ୍ତି । ଶେଫାଳିଫୁଲ କ୍ଷଣିକକୁ ଆମୋଦିତ କରିବାରେ ସକ୍ଷମ ହୋଇପାରେ । ମଣିଷ ତାହେଲେ ଏତେବର୍ଷ ଜୀବିତ ରହିବା ମଧ୍ୟରେ ତା'ର ଉତ୍ତମ ଗୁଣକୁ ସେ କାହିଁକି ପ୍ରକାଶ କରିପାରିବନି ? ମାତ୍ର ପାରିବ ବୋଲି କବିଙ୍କ ମନରେ ଦୃଢ଼ ଆଶା ଓ ବିଶ୍ୱାସ ଜନ୍ମିଛି । ଶେଫାଳିଫୁଲ ସହିତ ମଣିଷ ଜୀବନକୁ ତୁଳନା କରି କବି ଜଗତବାସୀଙ୍କୁ ଏକ ମୂଲ୍ୟବାନ ବାର୍ତ୍ତା ଦେଇଛନ୍ତି ଯେ ମଣିଷ ନିଜକୁ ନିରାଶ, ହତାଶ ମଧ୍ୟକୁ ନିଜକୁ ଠେଲି ଦେଇ କଷ୍ଟ ଯନ୍ତ୍ରଣା ପାଇବା ଉଚିତ ନୁହେଁ । ଶେଫାଳି ଫୁଲର ଆଦର୍ଶ ଆମକୁ ନିରୀକ୍ଷଣ କରିବାକୁ ସେ ଏହି କବିତା ମାଧ୍ୟମରେ ପରାମର୍ଶ ଦେଇଛନ୍ତି ।

ଈଶ୍ୱର ବା ସୃଷ୍ଟିକର୍ତ୍ତା ଭଗବାନଙ୍କ ପ୍ରତି ଆମେ ଭକ୍ତି ଓ ବିଶ୍ୱାସ ରଖିବା ଉଚିତ । କାରଣ ସେ ଏ ଜଗତର ସ୍ରଷ୍ଟା ।

୧୪.୩ ମୂଳ ପାଠ

ଶେଫାଳି !

କେଉଁ ଦୂର ତରୁବରେ ଫୁଟିଅଛୁ ଗୋପନେ,
ଭୁରୁ ଭୁରୁ ଗନ୍ଧ ତୋର ଭାସି ଆସେ ପବନେ
ବାତାୟନ ପାଶେ ବସି ଚାହେଁ ନବୋଦିତ ଶଶୀ
ହସି ହସି ସତେ ଉଇଁ ଆସେ ଦୂର ଗଗନେ
ଭାବାବେଶେ ମୁଗ୍ଧ ମୁଁ କି ମଜ୍ଜି ଅଛି ସ୍ୱପନେ ! ।୧ ।
ଭାବରାଜ୍ୟେ ବୁଲେ ସତ ହଜିଅଛି ଚେତନା
ଅନ୍ତର ଅନନ୍ତ ରାଜ୍ୟେ ପୂରିଅଛି କଳ୍ପନା
ବିଶାଳ ଏ ବିଶ୍ୱକ୍ଷେତ୍ରେ ଅର୍ଦ୍ଧନିମୀଳିତ ନେତ୍ରେ
ଦେଖେଁ ସତେ ଶୋଭାରାଶି ପଡୁଅଛି ଉଛୁଳି
ତହିଁ ସୁଧା ଢ଼ାଳୁ କିରେ ଗନ୍ଧେ ଗଙ୍ଗଶିଉଳି ।୨ ।
ଶାରଦ ବିନାନ୍ତେ ବସି ବାତାୟନ ପାଶରେ
ବୁଡ଼ିଅଛି ମନ ମୋର କିବା ପ୍ରେମ ରସରେ;
ଆବେଗେ ପୁଲକ ମୋର ନୟନରୁ ବହେ ଧାର
ହୃଦ ତନ୍ତ୍ରୀ ବାଜିଉଠେ କି ଅମୃତ ସୁସ୍ୱରେ,
ନିମିଷେ ଭାବଇଁ ମୁଁ ତ ଅଛି ଅବା ସ୍ୱର୍ଗରେ ।୩ ।
ସାରାଦିନ ପରିଶ୍ରମ କ୍ଳେଶ କ୍ଳାନ୍ତି ଅଶେଷ,
ନାନା ଚିନ୍ତା ରୋଗ ଶୋକ କଷ୍ଟ ଦେଲା ବିଶେଷ,
ତହୁଁ ରବି ଅସ୍ତାଚଳେ ଧୀରେ ଧୀରେ ଢ଼ଳିଗଲେ,
ସାନ୍ଧ୍ୟଗାଥା ଗାଇ ପକ୍ଷୀ ଫେରିଲେ ସ୍ୱ ସଦନେ
ତମୋରାଶି ବୋଳି ଦେଲା ନିଶା ଧରା ଆନନେ ।୪ ।
ନୀଳ ନଭ ମଣ୍ଡି ଧୀରେ ହସି ଦୀପ୍ତ ଲୋଚନେ,
ଦେଖାଦେଲେ ଶତ ଶତ ତାରା ଜ୍ୟୋତି ବସନେ,
ଅଙ୍ଗେ ବୋଳି ସୁଧାରାଶି ଶଶାଙ୍କ ଉଇଁଲା ଆସି
ଝରି ଝରି ପଡ଼ିଲା କି ଭୁବନରେ ଅମୃତ,
ସତେ କି ଧରଣୀରାଣୀ ଦୁଃଖ ହେଲା ବିସ୍ମୃତ ।୫ ।
ରବି ବିରହରେ ଧନୀ କାନ୍ଦିଥିଲା ମଉନେ,
ଅନ୍ଧକାରେ ନତନେତ୍ର ବିଷାଦିତ ବଦନେ,
ଚାନ୍ଦ କି ଆସିଲା ଉଇଁ ଚାନ୍ଦିନୀ ଚୁମ୍ବିଲା ଭୂଇଁ
ହସିଲା କି ବସୁମତୀ ଚାରୁ ଶୁଭ୍ର ଦୁକୂଳେ,
ଫୁଟିଲୁ ଶେଫାଳୀ ରହି ତୁ କି ପ୍ରେମ ଆକୁଳେ ।୬ ।

ଶେଫାଳି !
କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ,
ବିହି ଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ,
ଗୋପନେ ଫୁଟିଛୁ ଦୂରେ ତରୁପତ୍ର ଗହଳରେ
ତଥାପି ତୋ ବାସେ ମୋର ପ୍ରାଣ ହୁଏ ଆକୁଳ
କହ କେଉଁ ଶିଳ୍ପୀ ତୋତେ ଗଢ଼ିଅଛି, ରେ ଫୁଲ ।୭ ।
କି କୋମଳ କି ଲଳିତ କି ମଧୁର ସୁରଭି,
କର୍କଶ କୁତ୍ସିତ ପଣେ ଶୋଭେ କିନ୍ତୁ ଅଟବୀ,
ରୁକ୍ଷ ପତ୍ରରାଶି କୋଣେ ଫୁଲ ଫୁଟୁ ଏତେ ଗୁଣେ
ଲୁଚି ଲୁଚି ବାସେ ତୋର ମୁଗ୍ଧ କରୁ ସଂସାର,
ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର ।୮ ।
ପଙ୍କେ ପଦ୍ମଗଢ଼ିଅଛି ବିଧାତା କି ଯତନେ,
ଶାମୁକା ଗରଭେ ନିହିଅଛି ମୁକ୍ତା ରତନେ,
କଳାମେଘ କଳେବରେ ସୌଦାମିନୀ ଶୋଭା ଧରେ
କଳ କୋକିଳ କଣ୍ଠରେ ପୁରିଅଛି ପୀୟୁଷ,
ତୁଚ୍ଛ ଭବେ ନୋହେ କିଛି କ୍ଷୁଦ୍ର ତୋର ସଦୃଶ ।୯ ।
ଶେଫାଳି !
ମନେ ମନେ ରୂପ ତୋର କଳ୍ପନାରେ ଆସେ କି,
ଭାବି ଭାବି କଥା ତୋର ଉଲ୍ଲାସରେ ଭାସେ କି,
ଏକ ରାତ୍ରି, ପାଇଁ ଫୁଟି ସୁବାସେ ଯାଉଛୁ ଲୋଟି,
କ୍ଷୁଦ୍ର ତୋର ଜୀବନରେ ସୁମହତ ବିକାଶ,
କ୍ଷୁଦ୍ର ବୋଲି ମୁହିଁ କିମ୍ପା ହୋଇବି ରେ ନିରାଶ ।୧୦ ।
ଶେଫାଳି !
କ୍ଷୁଦ୍ର ମୁହିଁ ଦୀନ ମୁହିଁ ରେଣୁକଣା ଜଗତେ,
ଚାହିଁଲେ ବିଶାଳ ବିଶ୍ୱ ଆସୁଛି କି ପରତେ,
କ୍ଷୁଦ୍ର ହେଲେ ସୁଦ୍ଧା ମୁହିଁ ଅକାରଣେ ଜନ୍ମି ନାହିଁ
ଅନନ୍ତ ବିନାଶ ମୋର ଲେଖା ନାହିଁ କପାଳେ,
ଏକ ରାତି ପାଇଁ ଫୁଟି ଝଡ଼ି ଯିବି ସକାଳେ ।୧୧ ।
ଶେଫାଳି !
ନିତି ପ୍ରାତେ ଦେଖେ ପଡ଼ିଅଛୁ ତରୁମୂଳରେ,
ଢଳ ଢଳ ହିମ ବିନ୍ଦୁ ଶୋଭେ ଶୁଭ୍ର ଦଳରେ,
ସ୍ଫଟିକେ ପ୍ରବାଳ ପରା ଗଠିତେ ତୋ ତନୁ ତୋରା,
ମନୋନ୍ମାଦକର ତହିଁ ପୂରିଅଛି ସୁବାସ,
କି କୋମଳ କି ମୋହନ କି ଲଳିତ ବିକାଶ ।୧୨ ।

ଟିପ୍ପଣୀ

ଶେଫାଳି ପ୍ରତି

ଶେଫାଳି !
କି ଯତନେ ଆହରି ମୁଁ ଗୁନ୍ଥେ ମାଳା ଆଦରେ,
ପୁଲକିତ ପ୍ରେମ ସ୍ପର୍ଶେ ଦୋଳାଏ ମୋ କଣ୍ଠରେ,
ଧୀରେ ପରଶି ଅଧରେ କେତେ ମୁଁ ତୋତେ ଆଦରେ
କି ବୁଝିବୁ ପ୍ରାଣହୀନ ଆକୁଳତା ମୋହର,
କେତେ ପ୍ରେମ କରେ ତୋତେ ଗୋପନେ ମୋ ଅନ୍ତର ।୧୩।

ଶେଫାଳି !
କହେ ତୋ ଆଗରେ ସବୁ, ତୁ କି ବନ୍ଧୁ ଜୀବିତ,
ହେଲେ ମୋ ହୃଦୟ ଶତ ବେଦନାରେ ବ୍ୟଥିତ,
ଆପଣା ମନେ ମୁଁ ଭାଷେ ତୋତେ ଶୁଣାଇବା ଆଶେ
ଶୁଣୁ କି ନ ଶୁଣୁ ଏକା ଜାଣୁ ତୁହି ସୁମନ,
ବୁଝୁ କି ନ ବୁଝୁ ମୋର ଶତ ପ୍ରୀତି ବଚନ ।୧୪।

ଶେଫାଳି !
କହି କହି କିନ୍ତୁ ମୁହିଁ ଲଭେ ପ୍ରାଣେ ଆରାମ,
ତୋ ବୁଝିବା ନ ବୁଝିବା ମୋର ପକ୍ଷେ ସମାନ ।
କହୁଥିବି ଦିବା ରାତି ପ୍ରାଣେ ତ ଲିଭିବି ଶାନ୍ତି
ତୋ ଉଦ୍ଦେଶେ ଆରେ ଫୁଲ ମୋ ପ୍ରାଣର ଏ ବ୍ୟଥା,
ତୁ ନ ଶୁଣୁ, ଆଉ ଜଣେ ଶୁଣିବ ତ ମୋ କଥା ।୧୫।

ଶେଫାଳି !
ମୋ ଜୀବନ ଶେଷକାଳେ ପଡ଼ିବି ତ ମୁଁ ଝରି,
ତୋଳିନେବ ନାହିଁ କି ସେ ମୋତେ ଯତ୍ନେ ଆହରି,
ମୋର ଆତ୍ମାଫୁଲ ଚାରୁ ଚରଣେ ଦଳିବା ଠାରୁ
ତାର ପ୍ରିୟ ନିକେତନ ସଜାଇବ ନେଇ ସେ,
ତୋଷିବ ପ୍ରାଣଟି ମୋର ଯେତେ ପ୍ରେମ ଦେଇ ସେ ।୧୬।

ଶେଫାଳି !
ତୋହ ପରି କ୍ଷୁଦ୍ର ମୁହିଁ, ତୋହ ପରି କ୍ଷଣିକ,
ହସେ ବାସେ ରସେ ମାତ୍ର ଫୁଟି ଅଛି ଘଡ଼ିକ,
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ,
ତଥାପି ମୋ ଆତ୍ମା ଫୁଲ ନ ଯିବ ରେ ମଉଳି,
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।୧୭।

ଶେଫାଳି !
ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ,
ମରିବାକୁ ଫୁଟି ନାହିଁ ଭବ-ତରୁ ଡାଳରେ,
ଅଛି ରମ୍ୟ ଉପବନ ଯହିଁ ଫୁଟି ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ
ମୋହିତ ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ ।୧୮ ।
ଶେଫାଳି !
ମୃଣ୍ମୟ ଶରୀର ତୋର ଏଡ଼େ ଚାରୁଶୋଭିତ,
ନ ଜାଣି ମୋ ଆତ୍ମା ଫୁଲି କି ସୌନ୍ଦର୍ଯ୍ୟେ ଚିତ୍ରିତ,
ତୁ ଯଦି ମୋ ନେତ୍ର ପ୍ରିୟ ତାଙ୍କ ନେତ୍ରେ ହେବି ହେୟ
ମୁଁ କି, କେଉଁକାଳେ ମୋର ନ ହୁଏ ତ ବିଶ୍ୱାସ ?
ଫୁଟିବି ମୁଁ ଚିରଦିନ ନ ହେବ ମୋ ବିନାଶ ।୧୯ ।

୧୪.୪ କବିତାର ସାରାଂଶ

ଶାରଦୀୟ ସଂଧ୍ୟା ସମୟରେ ସ୍ୱବାସ ଗୃହର ଝରକା ପାଖରେ ବସିଥିଲା ବେଳେ ସ୍ୱଳ୍ପ ଦୂରରୁ ଶେଫାଳିଫୁଲର ବାସ୍ନାରେ କୁନ୍ତଳାକୁମାରୀ ବିମୋହିତ ହୋଇ ପଡ଼ିଛନ୍ତି । ତାଙ୍କ ମନରେ ଅନେକ ଭାବନା ସୃଷ୍ଟି ହୋଇଛି । ତେଣୁ ସେ ଶେଫାଳି ଫୁଲକୁ ସମ୍ବୋଧନ କରିବା ଛଳରେ ସ୍ୱମନୋଭାବକୁ ବ୍ୟକ୍ତ କରିଛନ୍ତି ଆବେଗଭରା କଣ୍ଠରେ । ଶେଫାଳି ଫୁଲର ବାସ୍ନା ତାଙ୍କୁ ଏଭଳି ଭାବରେ ଆମୋଦିତ କରିଛି ଯେ ସେ ସାଧାରଣ ଭାବରାଜ୍ୟରୁ ଅନ୍ୟ ଏକ ଭାବରାଜ୍ୟକୁ ଚାଲିଯାଇଛନ୍ତି । ଶେଫାଳି ଫୁଲର ବାସ୍ନା କବିଙ୍କ ମନରେ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଉଦ୍ରେକ କରିବାରେ ମଧ୍ୟ ସହାୟକ ହୋଇଛି । ସେ ଭାବନା ମଧ୍ୟରେ ସେ ସ୍ୱର୍ଗୀୟ ଅନୁଭବ ପାଇଛନ୍ତି ।

ସଂଧ୍ୟା ଆଗମନରେ ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହୋଇଯାଉଛନ୍ତି । ପକ୍ଷୀମାନେ ଗୀତ ଗାଇଗାଇ ବସାକୁ ଫେରୁଛନ୍ତି । ଆକାଶରେ ଗୋଟିଏ ପରେ ଗୋଟିଏ ତାରା ଦେଖା ଦେଉଛନ୍ତି । ଚନ୍ଦ୍ର ଉଇଁ ଆସିଲା ପରେ ପୃଥିବୀ ସାରା ଚନ୍ଦ୍ରକିରଣ ବିଚ୍ଛୁରିତ ହୋଇଯାଉଛି । ଏହି ସମୟରେ ଶେଫାଳି ଫୁଲ ଫୁଟି ପ୍ରକୃତିକୁ ଆହୁରି ଶୋଭାମୟୀ କରୁଛନ୍ତି ବୋଲି କବି ଭାବିଛନ୍ତି । କବି ଶେଫାଳିଫୁଲ ମହତ୍ତ୍ୱକୁ ଉଲ୍ଲେଖ କରି କହୁଛନ୍ତି ଯେ ପତ୍ର ମହକରେ ଫୁଟି ଥିଲେ ମଧ୍ୟ ସୁବାସରେ ଜଗତବାସୀ ମୁଗ୍ଧ ହୋଇଯାଆନ୍ତି । ପଙ୍କରେ ପଦ୍ମ ଏବଂ ଶାମୁକା ଗର୍ଭରେ ମୁକ୍ତା ଯେପରି ଥାଏ, ସେହିପରି ଜଗତବାସୀଙ୍କ ଅଲକ୍ଷ୍ୟରେ ଶେଫାଳି ଫୁଟିଲେ ମଧ୍ୟ ତାର ମହକ ଫୁଟି ଉଠେ ।

କ୍ଷଣିକ ସମୟ ମଧ୍ୟର ଶେଫାଳିଫୁଲ ତାର ଏତେ ଗୁଡ଼ିଏ ମହନୀୟତା ପ୍ରକାଶ କରିବାକୁ ସକ୍ଷମ ହେଉଥିବା ଅନୁଭବ କରି କୁନ୍ତଳା କୁମାରୀ ଅନୁପ୍ରାଣିତ ହୋଇ ଭାବୁଛନ୍ତି ଜଗତକର୍ତ୍ତାଙ୍କ ସୃଷ୍ଟିରେ ଶେଫାଳି ଫୁଲ ପରି ସେ କ୍ଷୁଦ୍ର ହେଲେ ମଧ୍ୟ ଭଗବାନଙ୍କ ସୃଷ୍ଟିର ସଫଳତା ଆଣିବାରେ ସହାୟକ ହେବେ ଏବଂ ଈଶ୍ୱରଙ୍କ ଇଚ୍ଛା ପୂରଣ କରିବେ ।

ଟିପ୍ପଣୀ

ଶେଫାଳି ପ୍ରତି

ଶେଫାଳି ଫୁଲକୁ ସମ୍ବୋଧନ କରି କବି ନିଜର ଈଶ୍ୱରଙ୍କ ପ୍ରତି ଭକ୍ତି ଅନୁରାଗକୁ ଆବେଗଭରା କଣ୍ଠରେ ପ୍ରକାଶ କରିଛନ୍ତି । ତାଙ୍କ ମନରେ ଗଭୀର ଆଶା ବିଶ୍ୱାସ ଜନ୍ମିଛି । ତାଙ୍କ ଦୃଷ୍ଟିରେ ସେ କେବଳ ଏ ସଂସାରକୁ ମରିବାକୁ ଆସି ନାହାନ୍ତି ବରଂ ଭଗବାନଙ୍କ ପଦାରବିନ୍ଦରେ ଭକ୍ତିର ନୈବେଦ୍ୟ ଅର୍ପଣ କରି ପରମ ଆନନ୍ଦ ଲାଭ କରିବେ । କବି ଶେଫାଳି ଫୁଲର ମହନୀୟତାରୁ ଅନେକ କିଛି ଶିକ୍ଷା କରିଛନ୍ତି ।

୧୪.୫ କବି ପରିଚୟ

କୁନ୍ତଳା କୁମାରୀ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଦାନିଏଲ୍ ସାବତ ଜଣେ ଡାକ୍ତର ଥିଲେ । ବର୍ମାକୁ ବାପାଙ୍କ ବଦଳି ହେବା ପରେ କୁନ୍ତଳାଙ୍କ ବାଲ୍ୟ ଜୀବନ ବର୍ମାରେ କଟିଥିଲା । କଟକରେ ଡାକ୍ତରୀ ପଢ଼ି ଡାକ୍ତର ହେଲେ । ବାଲ୍ୟକାଳରୁ ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ଥିଲା । ସେ ଏକାଧାରରେ ଜଣେ କବି ଓ ଔପନ୍ୟାସିକା ଥିଲେ । ତାଙ୍କର କବିତା ସଂକଳନ ମଧ୍ୟରେ ଅଞ୍ଜଳି, ଅର୍ଚ୍ଚନା, ଉଚ୍ଛ୍ୱାସ ଏବଂ ଭ୍ରାନ୍ତି, କାଳିବୋହୂ, ପରଶମଣି, ନଅତୁଣ୍ଡୀ ତାଙ୍କର ୪ଟି ଉପନ୍ୟାସ । ୧୯୩୭ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା ।

୧୪.୬ କଠିନ ଶବ୍ଦାର୍ଥ

ତରୁବର – ବୃକ୍ଷ
ଗୋପନେ – ଅଲକ୍ଷ୍ୟରେ
ବାତାୟନ – ଝରକା
ନବୋଦିତ ଶଶୀ – ନୂତନ ଭାବେ ଉଦୟମାନ ଚନ୍ଦ୍ର
ଗଗନ – ଆକାଶ
ସୁଧା – ଅମୃତ
ଦିନାନ୍ତେ – ଦିନ ଶେଷରେ
ଅସ୍ତାଚଳେ – ପଶ୍ଚିମ ଆକାଶରେ
ସ୍ୱସଦନ – ନିଜ ବସା ବା ଘର
ତମୋରାଶି – ଅନ୍ଧାର
ଆନନ – ମୁଖ
ନଭ – ଆକାଶ
ଶଶାଙ୍କ – ଚନ୍ଦ୍ର, ଜହ୍ନ
ଚାନ୍ଦ – ଚନ୍ଦ୍ର
ଅଟବୀ – ବୃକ୍ଷ
ନିହିଅଛି – ସାଇତା ହୋଇ ରହିଛି

ସୁରଭି – ସୁଗନ୍ଧ, ବାସ୍ନା

ସୌଦାମିନୀ – ବିଜୁଳି

ପୀୟୂଷ – ଅମୃତ

ସ୍ଫଟିକ ପ୍ରବାଳ – ଧଳା ପ୍ରବାଳ ମଣି

ସୁମନ – ଫୁଲ

ମୃଣ୍ମୟ ଶରୀର – ମାଟିର ଦେହ

୧୪.୭ ଭାବ ଅବବୋଧ

କ) 'କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ
ବିହିଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ ।'

ଶେଫାଳି ଫୁଲ ଅତି କ୍ଷୁଦ୍ର ହେଲେ ମଧ୍ୟ ତା' ଗୁଣରେ ରହିଛି ଅନେକ ମହତ୍ୱ, ଅନେକ ଗୁଣର ଅଧିକାରୀ ହୋଇଛି ଶେଫାଳି ଫୁଲ । ଭଗବାନ ସୃଷ୍ଟିରେ ଏପ୍ରକାର ବୈଚିତ୍ର୍ୟ ସାଧାରଣ ମଣିଷ ବୁଝି ପାରିବ ନାହିଁ । ବଡ଼ ଅଦ୍ଭୁତ ଭଗବାନଙ୍କ ଲୀଳା । ଏହି ପଦ୍ୟରେ ଭଗବାନଙ୍କ ସୃଷ୍ଟିର ବୈଚିତ୍ର୍ୟ କଥା କୁହାଯାଇଛି ।

ଖ) ଲୁଚି ଲୁଚି ବାସେ ତୋର ମୁଗ୍ଧ କରୁ ସଂସାର
ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର ।

ଶେଫାଳି ଫୁଲ ଲୋକ ସମାଜର ଅଲକ୍ଷ୍ୟରେ ରହି ମଧ୍ୟ ନିଜର ସୁବାସ ଦ୍ୱାରା ଜଗତ ଲୋକଙ୍କର ମନକୁ ମୁଗ୍ଧ କରିବାରେ ସମର୍ଥ ହୋଇପାରେ । ଛୋଟ ମଧ୍ୟରେ ବଡ଼ ଭାବ ସୃଷ୍ଟି କରିବା ହେଉଛି ଭଗବାନଙ୍କ ବିଚାର । ତେଣୁ ଏଥିରୁ ବୁଝା ପଡ଼େ ଛୋଟ ଭିତରେ କେବଳ କ୍ଷୁଦ୍ର ଭାବନା ବା ଗୁଣ ଥାଏ, ତା ମଧ୍ୟରେ ମହତ୍ୱପୂର୍ଣ୍ଣ ଗୁଣ ବା ଉଚ୍ଚଭାବ ମଧ୍ୟ ଭଗବାନ ସୃଷ୍ଟି କରିଥାନ୍ତି ।

ଗ) ପଙ୍କେ ପଦ୍ମ ଗଢ଼ିଅଛି ବିଧାତା କି ଯତନେ
ଶାମୁକା ଗରଭେ ନିହିଅଛି ମୁକ୍ତା ରତନେ ।

ଏ ସୃଷ୍ଟିରେ ଭଗବାନଙ୍କ ବୈଚିତ୍ର୍ୟ ମଧ୍ୟରେ ଅନେକ ପଦାର୍ଥ ଅଛି । ଯେପରି ପଙ୍କରୁ ପଦ୍ମ ଫୁଲର ଜାତ, ଶାମୁକା ଭିତରେ ମୁକ୍ତାର ସୃଷ୍ଟି । ଏ ସବୁ ସୃଷ୍ଟିରେ ବିରୋଧାଭାସ ରହିଥିଲେ ମଧ୍ୟ ଭଗବାନ ତାହାକୁ ସମ୍ଭବ କରିଛନ୍ତି ।

ଘ) କଳ କୋକିଳ କଣ୍ଠେ ପୂରି ଅଛି ପୀୟୁଷ
ତୁଚ୍ଛ ବନେ ନୋହେ କିଛି କ୍ଷୁଦ୍ର ତୋର ସଦୃଶ ।

ଭଗବାନଙ୍କ ସୃଷ୍ଟିର ବୈଚିତ୍ର୍ୟ ମଧ୍ୟରେ ପୁଣି ରହିଛି କୋଇଲି କଳା ହେଲେ ମଧ୍ୟ ତାର କଣ୍ଠସ୍ୱର ଅତି ମଧୁର । ଅର୍ଥାତ୍ ଅମୃତ ସଦୃଶ । ତେଣୁ ଏ ସଂସାରରେ ତୋର ଶରୀର ଅତି ଛୋଟ ହେଲେ ମଧ୍ୟ ତୁଚ୍ଛ ବା ଅବାଞ୍ଛିତ ନୁହେଁ । ତେଣୁ ଭଗବାନ ସୃଷ୍ଟିରେ କାହାକୁ ହୀନ ବା ତୁଚ୍ଛ ବୋଲି ବିଚାର କରିବା ଉଚିତ ନୁହେଁ ।

ଙ) ଶେଷଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟି ନାହିଁ ଭବ-ତରୁ ଡାଳରେ ।

କବିଙ୍କ ମନରେ ଦୃଢ଼ ବିଶ୍ୱାସ ଆସିଛି ଯେ ମଣିଷ ଏ ସଂସାରକୁ କେବଳ ମରିବାକୁ ଆସିନାହିଁ ବା ମୃତ୍ୟୁ ଜୀବନର ଶେଷ ଗତି ନୁହେଁ । ଏ ସଂସାରରେ ବଂଚି ରହିଲା ବେଳେ କିଛି କାମ କରିବାକୁ ପଡ଼ିବ ଯାହା ସଂସାରର ମଙ୍ଗଳ ହେବ ଏବଂ ଜୀବନର ସାର୍ଥକତା ଆସିବ । ତେଣୁ କୌଣସି ପ୍ରକାରେ ଏ ସଂସାରରେ ନିରାଶ ହେବା ଉଚିତ ନୁହେଁ ।

୧୪.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

କ) 'ଶେଫାଳି ପ୍ରତି' କବିତାରେ ଶେଫାଳି ଫୁଲକୁ ସମ୍ବୋଧନ କରି କବି କ'ଣ କହିଛନ୍ତି ?

ଖ) 'ଶେଫାଳି ପ୍ରତି' କବିତାରେ କବିଙ୍କ ମନରେ କି ଭାବାଦର୍ଶ ସୃଷ୍ଟି ହୋଇଛି ?

ଗ) 'ଶେଫାଳି ପ୍ରତି' କବିତାରୁ କବିଙ୍କ ପ୍ରେମାବେଗର ସ୍ୱରୂପ ନିର୍ଣ୍ଣୟ କର ।

ଘ) 'ଶେଫାଳି ପ୍ରତି' କବିତାରୁ କବିଙ୍କର ବିଭୁଭକ୍ତିର ପରିଚୟ ଦିଅ ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କିଏ, କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

ଖ) କିଏ କେତେବେଳେ ସ୍ୱପ୍ନରେ ମଜ୍ଜି ଯାଇଥିଲେ ?

ଗ) ସଂଧ୍ୟା ସମୟରେ କି ପରିବେଶ ସୃଷ୍ଟି ହୋଇଥିଲା ବୋଲି କବି କହିଛନ୍ତି ?

ଘ) ପଦ୍ମ ଓ ମୁକ୍ତା କେଉଁଠାରେ ସୃଷ୍ଟି ହୁଅନ୍ତି ?

ଙ) କବି କାହିଁକି ନିରାଶ ହେବେ ନାହିଁ ବୋଲି କହିଛନ୍ତି ?

୧୪.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର-

କ) ଶେଫାଳି ଫୁଲ ..... ଫୁଟିଥାଏ । (ଗଛରେ, ନଈକୂଳରେ, ଲତାରେ)

ଖ) ବାତାୟନ ପାଖରେ ..... ବସିଥିଲେ ।

(କୁନ୍ତଳା କୁମାରୀ, ଶେଫାଳି ଫୁଲ, ମୀରା କୁମାରୀ)

ଗ) ସଂଧ୍ୟା ଗାଥା ଗାଇ ..... ସ୍ୱସଦନକୁ ଫେରି ଆସନ୍ତି ।

(ପକ୍ଷୀମାନେ, ମାଙ୍କଡ଼, ବାଘ)

ଘ) .....ର ମଧୁର ଓ ଲଳିତ ସ୍ୱର । (କୋଇଲି, କୁଆ, ଶୁଆ)

ଙ) ..... ପଦ୍ମର ସୃଷ୍ଟି । (ପଙ୍କରୁ, ବିଲରୁ, ଗଛରୁ)

ଚ) କଳାମେଘ କୋଳରେ ..... ଶୋଭାଧାରଣ କରେ । (ବିଜୁଳି, ବଗ, ପାରା)

୧୪.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ଶେଫାଳି ଫୁଲ ସୁଦୂର ଲତାରେ ସମସ୍ତଙ୍କ ଅଲକ୍ଷ୍ୟରେ ଫୁଟିଛି ଏବଂ ତାର ବାସ୍ନା ବା ସୁଗନ୍ଧ ପବନରେ ଭାସି ଆସୁଛି ।

ଖ) କବି କୁନ୍ତଳା କୁମାରୀ ଶରତ ଋତୁର ସଂଧ୍ୟା କାଳରେ ସ୍ୱଗୃହର ଝରକା ପାଖରେ ବସି ଆକାଶରେ ଉଇଁ ଆସିଥିବା ଚିହ୍ନକୁ ଦେଖି ଭାବାବେଶରେ ନିମଜ୍ଜିତ ହୋଇ ଯାଇଥିଲେ ।

ଗ) ସୂର୍ଯ୍ୟ ପଶ୍ଚିମ ଆକାଶରେ ଆସ୍ତେ ଆସ୍ତେ ଲୁଚିଗଲା ବେଳେ ପକ୍ଷୀମାନେ ସଂଧ୍ୟା ଆଗମନରେ ଗୀତ ଗାଇଗାଇ ସ୍ୱବସାକୁ ଫେରନ୍ତି । ପୃଥିବୀରେ ଅନ୍ଧାର ଚତୁର୍ଦ୍ଦିଗରୁ ମାଡ଼ି ଆସେ ।

ଘ) କର୍ଦ୍ଦମାକ୍ତ ପଙ୍କ ମଧ୍ୟରେ ସୁନ୍ଦର ପଦ୍ମ ଫୁଲଟିର ସୃଷ୍ଟି । ସେହିପରି ସମୁଦ୍ରରେ ଥିବା ଶାମୁକା ମଧ୍ୟରେ ମୂଲ୍ୟବାନ ମୁକ୍ତାର ସୃଷ୍ଟି ହୋଇଥାଏ ।

ଙ) ଶେଫାଳି ଫୁଲ ଏତେ କ୍ଷୁଦ୍ର ଶରୀର ଧରି ଯଦି ତାର ସୁନ୍ଦର ଓ ସୁମହତ ପ୍ରକାଶ ହୋଇପାରିଲା ଏବଂ ଭଗବାନଙ୍କ ସୃଷ୍ଟିର ସଫଳତା ଆଣିପାରିଲା, ତେବେ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ହୋଇ କାହିଁକି ନିରାଶ ହେବେ ।

୧୪.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

କ) ଗଛରେ ଖ) କୁନ୍ତଳା କୁମାରୀ ଗ) ପକ୍ଷୀମାନେ

ଘ) କୋଇଲି ଙ) ପଙ୍କରୁ ଚ) ବିଜୁଳି

●●●

ଟିପ୍ପଣୀ

୧୫
ଗ୍ରାମପଥ

ବିନୋଦଚନ୍ଦ୍ର ନାୟକ

୧୫.୧ କବିତାର ପୃଷ୍ଠଭୂମି

ଗାଁରୁ ଯିବା ଆସିବା ପାଇଁ ପ୍ରତ୍ୟେକ ଗାଁରେ ପଥ ବା ସଡ଼କ ଥାଏ । ଏହି ପଥ ଦେଇ ଗ୍ରାମବାସୀମାନେ ଯିବା ଆସିବା କରନ୍ତି । ଏହି ମାଟି ରାସ୍ତା ବା ପଥ ଗାଁ ପାଇଁ ଅଧିକ ମହତ୍ୱପୂର୍ଣ୍ଣ । ଏହି ଗ୍ରାମପଥ ଦେଇ ନବବଧୂ ଗାଁକୁ ଆସେ । ପୁଣି ମୃତ୍ୟୁବେଳକୁ ଶବହୋଇ ଏହି ପଥରେ ଗ୍ରାମ ଶ୍ମଶାନକୁ ଯାଏ । ଏହା ଏକ ସାଧାରଣ କଥା । ମାତ୍ର କବିଙ୍କ ମାନସ ପଟରେ ଏହି ଗ୍ରାମପଥ ଅପୂର୍ବ ସମ୍ମୋହନ ସୃଷ୍ଟି କରିଛି । ଗ୍ରାମପଥ କବିତାରେ କବି ବାଲ୍ୟକାଳର ସେହି ଜନ୍ମମାଟି ଗାଁର କଥା ସ୍ମରଣ କଲାବେଳେ ଗ୍ରାମପଥର ମାର୍ମିକ କଥା ଉଲ୍ଲେଖ କରିଛନ୍ତି ।

୧୫.୨ କବିତାର ଆଭିମୁଖ୍ୟ

‘ଗ୍ରାମପଥ’ କବିତାରେ କବି ଗ୍ରାମ୍ୟ ଜୀବନଚିତ୍ର ମଧ୍ୟରେ ଗ୍ରାମପଥର ଦୃଶ୍ୟ ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ପାଠକ/ପାଠିକାଙ୍କ ମନରେ ନିଜର ଗ୍ରାମ୍ୟଜୀବନ ଗଭୀର ହେବ । ବାଲ୍ୟଜୀବନର ସ୍ମୃତି ମନେ ପଡ଼ିବ । ଦୈନନ୍ଦିନ ଗ୍ରାମ ଜୀବନର ଚିତ୍ର ଏହି କବିତାରେ ଅତି ବାସ୍ତବ ଭାବରେ ଅଙ୍କିତ ହୋଇଛି, ଯାହାକୁ ସହଜରେ ଅନୁଭବ କରିହେବ । ଛାତ୍ରଛାତ୍ରୀମାନେ ଗ୍ରାମ୍ୟଦୃଶ୍ୟ ସଂପର୍କରେ ଏକ ମୂଳ ଧାରଣା ଆଣିବାକୁ ମଧ୍ୟ ସକ୍ଷମ ହେବେ ।

୧୫.୩ ମୂଳ ପାଠ

॥ ୧ ॥

ଦୂରେ ତାଳବଣ ଆକାଶେ ଶୁଣାଏ
ମାଟିର କବିତା କି ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ ।
କ୍ଷେତ ପରେ କ୍ଷେତ
କାଶଫୁଲ ଆଉ
ବେଣାରେ ଜଟିଳା ପାଟ,
ପାଟ ପରେ ବଣ ବଣ ପାରି ହେଲେ
ମାମୁଘର ଗାଆଁ ଦିଶେ ।

॥ ୨ ॥

ପଥର ସେ ପାଖେ ବୁଣା ହରଡ଼ ଓ ବୁଟ
ଆଗରେ ଚାରଣପଡ଼ିଆ ଗୋରୁର ଗୋଠ
ଶିମୁଳି ଶାଖାରେ
ବାହୁନେ କପୋତୀ
‘ଉଠ୍ ପୁତ ଉଠ୍ -
ଉଠ୍ ପୂରିଲାଣି ମାଣ’
ଏ ପାଖେ କଇଁର ପୋଖରୀ ଗାଧୁଆ ତୁଠ ।

॥ ୩ ॥

ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି,
ନଣନ୍ଦ ତାହାର
ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛାଇକି ଦେଖି ।

॥ ୪ ॥

ପୋଇଶାଗ ଆଉ ପାଣିକଖାରୁର ଲତା
ମାଡ଼ି ମାଡ଼ି ଆସି ଟପିଲାଣି ଘର ମଥା
ସଜନାର ଶାଖୁଁ
ଝରିପଡ଼େ କେତେ ଫୁଲ
ବାଡ଼ ଦେହେ ପୁଣି ଅପରାଜିତାର ଛଟା ।

॥ ୫ ॥

ସେଇ ପଥେ ଫେରେ ଗ୍ରାମବଧୂ ସାରି
ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ
ଡାକିବାକୁ ପ୍ରାଣ ଲୋଡ଼େ,
ପୃଥିବୀର ସମ ସହନଶୀଳା ସେ
ଅସୀମ କରୁଣାବତୀ
ନୟନ ଶତେକ ଯୁଗର ବେଦନା ଲେଖା ।

॥ ୬ ॥

ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ
ଲେଉଟ ପଥକୁ ନୂତନା ଘରଣୀ
ଆକୁଳେ ଅନାଇ ଥାଏ ।
କି ବାରତା ତାରେ ଆଣେ
କିଏ ଜାଣେ
ଅଧାର ଲୋଭୀ ଏ କାକ !
ଏ ଗ୍ରାମଦେବତୀ
ସେ ବ୍ୟଥା ବୁଝେ କି ହାୟ !

॥ ୭ ॥

ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି କୁକୁର ମମତା ମୁଖର ମଧୁ
ପୁଅ ଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

॥ ୮ ॥

ଜହ୍ନ ଏ ପଥେ ଢାଳଇ ରଜତ ମାୟା
କୁମାରୀ ଦଳର ମିଳିତ କଣ୍ଠୁ
ସଙ୍ଗୀତ ଉଠେ ଆହା,
ଧାନକ୍ଷେତେ ତଳେ
କୃଷକ ତରୁଣ
ରାତ୍ରି ଶୟନ ପାଇଁ
ପ୍ରାନ୍ତର ଡେଇଁ ଧାଏଁ ଦେଖ ଦେଖ
ଭସାଣି ମେଘର ଛାୟା ।

॥ ୯ ॥

ଧୂଳିଘର ଛାଡ଼ି ଏ ପଥେ ଚଳଇ
ଶାଶୁଘର ଗାଆଁ ଝୁଅ
ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖିଲୁହ
ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କିପାଇଁ ଏ ବିଧାନ କଲା କୁହ ।

॥ ୧୦ ॥

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ
ଏ ପଥା ଘୁମାଏ
ନୀଳନରେ ଯଥା
ଛାୟାପଥ ମନୋରମ ।
ଗ୍ରାମ ଝରଣାରେ
ଲଙ୍ଘି ଏ ପଥ
ସରଗ ସୀମାକୁ ଧାଏଁ,
ସନ୍ନ୍ୟାସୀ ସେ କି ବିତରି କରୁଣା ଧନ ।

॥ ୧୧ ॥

ବନ୍ଦନା ତତେ କରଇଁରେ ଗ୍ରାମପଥ !
ବାଳକ ବେଳର ହେ ମୋ ପ୍ରିୟ ସାଥି
ଅୟୁତ ଦଣ୍ଡବତ,
ତରୁଣ ଦିନର
କେଳିକୁଞ୍ଜ, ତୋ -
ତନୁ କର୍ପୂର ରେଣୁ,
ତୋର ବେଣୁବନ ବିତାନେ ମୁଁ ଆଜି
କ୍ଲାନ୍ତ ଦିବସ ଯାପନରେ ଉପଗତ ।

॥ ୧୨ ॥

ଭିକ୍ଷାଶୀ ପ୍ରାଣ ପୀଡ଼େ ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
ଯାତ୍ରା ଏ ଦୁରୁବହ,
ଖଇ ଓ ତୂଳାରେ ଶୁଭ୍ର କରି ତୋ ତନୁ
ରାମ ନାମ ସତ ମନ୍ତ୍ରେ ଚଳିବି
ତୋ ତୀର ଶ୍ମଶାନେ
କେବେ କହ କେବେ କହ ।

୧୫.୪ କବିତାର ସାରାଂଶ

ଗାଁକୁ ସଂଯୋଗ କରୁଥିବା ବାଟ ବା ପଥକୁ ଗ୍ରାମପଥ କୁହାଯାଏ । ଏହି ଗ୍ରାମପଥର ପାର୍ଶ୍ୱରେ ଗ୍ରାମ୍ୟର ବାସ୍ତବ ଦୃଶ୍ୟ ଦେଖାଯାଏ । ଗ୍ରାମପଥକୁ ଲାଗି ଦୁଇ ପଟରେ କ୍ଷେତ ଥାଏ । ଏହି ଗ୍ରାମପଥ କଡ଼େ କଡ଼େ କାଶତଣ୍ଡୀ ଫୁଲ ଫୁଟିଥାଏ । ପୁଣି ସେହି ଦିଗନ୍ତ ବିସ୍ତାରୀ ଧାନ କ୍ଷେତ ପରେ ମାମୁଘର ଗାଁ ଦେଖାଯାଏ । ଗ୍ରାମପଥର ଗୋଟାଏ ପଟରେ ଗୋରୁ ଗୋଠ, ଏପଟେ ପୋଖରୀ ତୁଠ ଅନ୍ୟପଟରେ କ୍ଷେତରେ ଚଣା ହରଡ ବୁଟ ବୁଣା ଯାଇଥାଏ ।

ଗାଁ ପାଖ ପୋଖରୀକୁ ଗାଧୋଇବାକୁ ନିତି ଗାଁ ଭୁଆସୁଣୀମାନେ ଆସନ୍ତି । ନଣନ୍ଦ ପୋଖରୀ ତୁଠ ପଥରରେ ବସି ଦେହରେ ହଳଦି ଲଗାଏ । ଗାଁ ଭିତରେ ଚାଳଘର ମଥାଣରେ ପାଣି କଖାରୁ, ପୋଇ ଶାଗ ଲତା ମାଡ଼ିଥାଏ । ଘର ବାଡ଼ରେ ଅପରାଜିତ ଛଟା ମାଡ଼ିଥାଏ । ଏହି ଗ୍ରାମପଥ ଦେଇ ଗ୍ରାମବଧୂ ସକାଳର ଗାଧୁଆ ସାରି ଘରକୁ ଫେରେ । ପୁଣି ଗାଁ ପୁଅ ବିଦେଶକୁ ଯାଏ ଏବଂ ତା'ର ଫେରିବା ବାଟକୁ ତା'ର ନବବଧୂ ଆକୁଳରେ ଅନାଇ ରହିଥାଏ । ସେହି ନବବଧୂ କାଉ କି ବାରତା ଆଣିବ ଅପେକ୍ଷା କରିଥାଏ । ଶାଶୁଘରକୁ ନବବଧୂଟି ଆସି ଏଇ ଗାଁରେ ତା'ର ସାରା ଜୀବନ ବିତାଇଥାଏ । ପୁଅ ଝିଅ, ନାତି ନାତୁଣୀଙ୍କ ମେଳରେ ତା'ର ଜୀବନ ସରିଯାଏ ଏବଂ ମୃତ୍ୟୁ ପରେ ଶଶ୍ମାନକୁ ଏହି ଗାଁ ପଥ ଦେଇଯାଏ । କବିଙ୍କ ଦୃଷ୍ଟିରେ ଏସବୁର ସାକ୍ଷୀ ହେଉଛି ଗ୍ରାମପଥ ।

ଟିପ୍ପଣୀ

ଗ୍ରାମପଥ

ଜହ୍ନରାତିରେ କୁମାରୀମାନଙ୍କ ମିଳିତ କଂଠରେ ଗ୍ରାମପଥ ପୂରି ଉଠେ । ଧାନ କ୍ଷେତରେ ତରୁଣ କୃଷକ ରାତିରେ ଶୋଇବା ପାଇଁ ଯାଏ । ଗାଁରେ ବଢ଼ିଥିବା ଝିଅ ତା'ର ପ୍ରିୟ ଧୂଳିଘର ମାୟା ଛାଡ଼ି ବିବାହ କରି ଶାଶୁଘରକୁ ଏଇ ଗ୍ରାମପଥ ଦେଇ ଯାଏ । ଶାଶୁଘରକୁ ଗଲାବେଳେ ମାଆର ଅମାନିଆ ଲୁହ ଝରି ପଣତକାନିରେ ଶୁଖିଯାଏ । ଝିଅ ନିଜଘର ଛାଡ଼ି ଶାଶୁଘରକୁ ଗଲାବେଳେ ଗାଁ କଥା ମନେ ପଡ଼ି ତା' ଆଖିରେ ଲୁହ ଆସେ । ପ୍ରତ୍ୟେକ ଝିଅ ପାଇଁ ଏହା ବିଧିର ବିଧାନ । ଗାଁ ଝରଣା ଆହୁରି ମନୋରମ ଦୃଶ୍ୟ ସୃଷ୍ଟି କରେ ।

ଶେଷରେ କବି ନିଜ ଗ୍ରାମର ସେହି ଗ୍ରାମପଥ ଏବଂ ଗ୍ରାମ୍ୟଜୀବନ କଥା ମନେ ପକାଇ ବିଷାଦିତ ହେଉଛନ୍ତି । ଗ୍ରାମ୍ୟଜୀବନ ପ୍ରତି କବିଙ୍କ ଅହେତୁକ ମୋହ ରହିଥିବାର ଦେଖାଯାଏ ।

୧୫.୫ କବିପରିଚୟ

ପ୍ରାକ୍ ସ୍ୱାଧୀନତା କାଳର କବି ବିନୋଦ ଚନ୍ଦ୍ର ନାୟକ ସୁନ୍ଦରଗଡ଼ ଜିଲ୍ଲାର ବାମଡ଼ା ନିକଟବର୍ତ୍ତୀ ତେଲିପାଳ ଗ୍ରାମରେ ୧୯୧୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜଣେ ବାସ୍ତବବାଦୀ ରୋମାଣ୍ଟିକ୍ କବି ଭାବରେ ଏହି କବିଙ୍କ କାବ୍ୟ ଚେତନାର ଉନ୍ମେଷ ବିକଶିତ ହୋଇଥିଲା ସ୍ୱାଧୀନତା ପରବର୍ତ୍ତୀ ସମୟରେ । ଗ୍ରାମ୍ୟ ଜୀବନ ପ୍ରତି ଗଭୀର ଆସକ୍ତି ତାଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ । ତାଙ୍କ କବିତାର ଆଙ୍ଗିକ ଯେମିତି ଗୀତିମୟ, ସେମିତି ଗଦ୍ୟାତ୍ମକ । 'ସରୀସୃପ' କବିତା ପୁସ୍ତକ ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଏହି କବିଙ୍କ ରହିଛି ଅନେକ କବିତା ଗ୍ରନ୍ଥ । ଚନ୍ଦ୍ର ଓ ତାରା, ଇଳାବୃତ୍ତ, ସାତତାରାର ଦ୍ୱୀପ, ନୀଳଚନ୍ଦ୍ରର ଉପତ୍ୟକା ଇତ୍ୟାଦି ତାଙ୍କର ବହୁଚର୍ଚ୍ଚିତ କାବ୍ୟ ପୁସ୍ତକ । ତାଙ୍କ କବିତାରେ ଜୀବନର ଶାନ୍ତ, ସରଳ, ନିଷ୍କପଟ, ହସ କାନ୍ଦଭରା ଜୀବନ ଚିତ୍ର ଦେଖିବାକୁ ମିଳେ । ପଲ୍ଲୀ ଦୃଶ୍ୟର ବର୍ଣ୍ଣନା ସହିତ ସଂସ୍କୃତିର ଜୟଗାନ ମଧ୍ୟ ତାଙ୍କ କବିତାରେ ଦେଖାଯାଏ । ସେ ୨୦୦୩ ମସିହାରେ ମୃତ୍ୟୁବରଣ କରିଥିଲେ ।

୧୫.୬ କଠିନ ଶବ୍ଦାର୍ଥ

ଗୋରୁ ଗୋଠ - ଗୋରୁମାନଙ୍କୁ ଯେଉଁଠି ଗାଈଆଳ ପିଲା ଏକାଠି କରି ରଖେ ।

ଚାରଣ ପଡ଼ିଆ - ଚରା ପଡ଼ିଆ	ବାହୁନିବା- କାନ୍ଦିବା
ଭୁଆସୁଣୀ - ବିବାହିତା ସ୍ତ୍ରୀଲୋକ	ମାଖେ - ଲଗାଇ ହେବା
ଗ୍ରାମବଧୂ - ଗାଁର ବୋହୂ	ସ୍ନାହାନ - ଗାଧୁଆ
ନୟନ - ଆଖି	ଶ୍ୟାମ - ଶ୍ୟାମଳ
ନୀଳ ନଭେ - ନୀଳ ଆକାଶେ	ମନୋରମ - ସୁନ୍ଦର
ଲଙ୍ଘି - ପାର ହୋଇ	ପୀଡ଼େ - କଷ୍ଟ ଦିଏ

୧୫.୭ ଭାବ ଅବବୋଧ

i) ପୃଥିବୀ ସମ ସହନଶୀଳା ସେ
ଅସୀମ କରୁଣାବତୀ
ନୟନ ଶତେକଯୁଗର ବେଦନା ଲେଖା ।

ଭାବାର୍ଥ

ଗ୍ରାମବଧୂ ଯିଏ ଏଇ ଗ୍ରାମପଥ ଦେଇ ସକାଳୁ ସ୍ନାନସାରି ଘରକୁ ଫେରେ ତାରି ଗୁଣ ସଂପର୍କରେ କବି କହିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ ସେ ପୃଥିବୀ ପରି ସହନଶୀଳା । ପୃଥିବୀ ଉପରେ ଆମେ ଯେତେ ଅତ୍ୟାଚାର କଲେ ମଧ୍ୟ ସେ ଯେପରି କୌଣସି ପ୍ରତିବାଦାନ କରି ସବୁ ସହିଯାଏ, ସେହିପରି ଗୁଣର ଅଧିକାରିଣୀ ଏ ଗାଁର କୁଳବଧୂ । ସେ ମଧ୍ୟ ଅସୀମ ଭାବରେ କରୁଣାବତୀ । ସମସ୍ତଙ୍କ ପ୍ରତି ତାର ଦୟା, କରୁଣା ରହିଥାଏ ।

ii) ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ ।

ଭାବାର୍ଥ

ନବବଧୂଟି ଯେତେବେଳେ ଗାଁକୁ ବୋହୂ ବେଶରେ ଆସେ, ସେତେବେଳେ ସେ ଜାଣେ ତା' ଶାଶୁଘର ସ୍ୱର୍ଗ । ସାରାଜୀବନ ତାକୁ ଏଠାରେ ବିତାଇବାକୁ ପଡ଼ିବ । ସେ ଶାଶୁଘରେ ସମସ୍ତଙ୍କୁ ନିଜର ମମତାର ବନ୍ଧନରେ ଏପରି ବାନ୍ଧି ଦିଏ ଯେ ସମସ୍ତେ ତାକୁ କେବେ ଭୁଲ ବୁଝନ୍ତି ନାହିଁ । ମନରେ ଦୁଃଖ ଥିଲେ ମଧ୍ୟ ମୁହଁରେ ହସ ରଖି ଅନ୍ୟମାନଙ୍କ ସହିତ କଥା ହୁଏ । ନବବଧୂଟିର ମହନୀୟତାକୁ ଏଠାରେ ଉଲ୍ଲେଖ କରାଯାଇଛି ।

iii) ଆସିବା ଜନର ସାକ୍ଷୀ ଏପଥ
ଫେରିବା ଜନର ବଂଧୁ ।

ଭାବାର୍ଥ

ମଣିଷ ଜନ୍ମ ହୁଅନ୍ତି ମରନ୍ତି । ଗାଁକୁ ଆସନ୍ତି ପୁଣି ଯାଆନ୍ତି । ମାତ୍ର ଗାଁର ସେହି ଗ୍ରାମପଥ ସେମିତି ରହିଥାଏ । କେତେ ଲୋକ ଗଲେଣି, କେତେ ଲୋକ ଆସିଲେଣି, ମାତ୍ର ଗ୍ରାମପଥ ସମସ୍ତଙ୍କର ଯିବା ଆସିବାର ମୂଳ ସାକ୍ଷୀହୋଇ ରହି ସବୁ ଦେଖୁଥାଏ । ଯେଉଁମାନେ ଏ ଗ୍ରାମପଥ ଦେଇ ବିଦେଶକୁ ଆସନ୍ତି ସେମାନଙ୍କ ସ୍ମୃତିରେ ଗ୍ରାମପଥ ସାଥିପରି ଅଭୁଲା ହୋଇ ରହିଯାଏ । ଏହି ଅର୍ଥରେ କବି ଗ୍ରାମପଥକୁ ଗ୍ରହଣ କରିଛନ୍ତି ।

iv) ବନ୍ଦନା ତୋତେ କରଇରେ ଗ୍ରାମପଥ
ବାଳକ ବେଳର ହେ ମୋର ପ୍ରିୟ ସାଥି
ଅୟୁତ ଦଣ୍ଡବତ ।

ଭାବାର୍ଥ

କବି ବିନୋଦ ନାୟକଙ୍କ ପିଲାବେଳ ଗାଁରେ କଟିଥିଲା । ଯେଉଁ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ । ପରେ ସେ ପାଠ ପଢ଼ି ଗାଁ ଛାଡ଼ି ସହରକୁ ଚାଲି ଆସିଛନ୍ତି । ମାତ୍ର ଗାଁର ସ୍ମୃତି ଗାଁର ଦୃଶ୍ୟକୁ ସେ ଭୁଲି ପାରି ନାହାନ୍ତି । ସହରରେ ରହି ପିଲାଦିନର ସେହି ପ୍ରିୟ ଗ୍ରାମପଥକୁ ମନେ ପକାଇ ଅତୀତକୁ ଦୃଷ୍ଟି ଫେରେଇଛନ୍ତି । ଏଇ ଗ୍ରାମପଥରେ କବିଙ୍କ ବାଲ୍ୟକାଳ ଅତି ମଧୁମୟ ହୋଇ କଟିଥିଲା । ତେଣୁ ସେହି ଗ୍ରାମପଥ କବି ଦୃଷ୍ଟିରେ ହୋଇଛନ୍ତି ବନ୍ଦନୀୟ । ସେହି ବନ୍ଦନୀୟ ଗ୍ରାମପଥକୁ ସେ ଶତ ଶତ ପ୍ରଣାମ ବା ଦଣ୍ଡବତ କରିଛନ୍ତି ।

୧୫.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

କ) 'ଗ୍ରାମପଥ' କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି ?

ଖ) 'ଗ୍ରାମପଥ' କବିତାରୁ ଗ୍ରାମ୍ୟଚିତ୍ର ବର୍ଣ୍ଣନା କର ।

ଗ) 'ଗ୍ରାମପଥ' କବିତାରୁ କବିଙ୍କର ଗ୍ରାମ୍ୟ ଜୀବନରେ ଥିବା ଅନୁଭବ ବର୍ଣ୍ଣନା କର ।

ଘ) 'ଗ୍ରାମପଥ' କବିତାରେ କବିଙ୍କର କବିପ୍ରାଣର ପରିଚୟ ଦିଅ ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) ମାମୁଘର କିପରି କେଉଁଠାରୁ ଦେଖାଯାଏ ?

ଖ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

ଗ) ଗ୍ରାମବଧୂ କିପରି ସ୍ନାନକରି ଫେରେ ?

ଘ) କିଏ ଏହି ଗ୍ରାମପଥ ଦେଇ ବିଦେଶ ଯାଏ ଏବଂ କିଏ ତା'ର ଫେରିବା ବାଟକୁ ଚାହିଁ ରହେ ?

ଙ) କବି କାହାକୁ ବନ୍ଦନା କରିଛନ୍ତି ଓ ଦଣ୍ଡବତ କରିଛନ୍ତି, କାହିଁକି ?

୧୫.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର-

i) ଗ୍ରାମଘର କଡ଼େ କଡ଼େ କ'ଣ ଥାଏ ? (କ୍ଷେତ, ନଈ, ପର୍ବତ)

ii) ଭୁଆସୁଣୀ କେଉଁଠାରେ ସ୍ନାନ କରେ ? (ଗାଁ ପୋଖରୀ, ନଦୀ, ନାଳ)

iii) ପୃଥିବୀ ପରି କିଏ ସହନଶୀଳ ? (ଗ୍ରାମବଧୂ, ସହରିଆ ବଧୂ, ବାଳିକା)

iv) ଧୂଳିଘର ଛାଡ଼ି ଶାଶୁଘରକୁ କିଏ ଯାଏ ? (ଗାଁ ଝିଅ, ଗାଁ ପୁଅ, ଗାଁ ମଣିଷ)

v) କିଏ ଗଲାବେଳେ ମା' ଛାତି ଫଟାଇ କାନ୍ଦେ ? (ଝିଅ, ବାପା, ଭାଇ, ଭଉଣୀ)

୧୫.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ଗ୍ରାମପଥର ଦୁଇ ପାଖରେ ବିସ୍ତୃତ କ୍ଷେତ ଥାଏ । ଏହି କ୍ଷେତ ଲମ୍ବିଥାଏ ବହୁଦୂରକୁ । ତା'ପରେ ମାମୁଘର ଗାଁ ଦୂରରୁ ଦେଖାଯାଏ ।

ଖ) ଗାଁ ଭୁଆସୁଣୀମାନେ ଗ୍ରାମପଥ ଦେଇ ପୋଖରୀକୁ ଆସନ୍ତି । ପୋଖରୀ କୂଳରେ ପଡ଼ିଥିବା ଘଷା ପଥରରେ ପାହୁଡ଼ ମାଜନ୍ତି । ମେଥିଦେଇ ମୁକୁଳା ବେଣୀକୁ ଧୂଅନ୍ତି ।

ଗ) ସକାଳୁ ସକାଳୁ ଗ୍ରାମବଧୂ ଗାଁ ପୋଖରୀକୁ ସ୍ନାନ କରିବାକୁ ଯାଏ ଏବଂ ସେଇ ଗ୍ରାମପଥ ଦେଇ ଏକାଏକା ଘରକୁ ଫେରେ । ଫେରିଲାବେଳେ ଗାଁ ଦାଣ୍ଡ ଧୂଳିରେ ନବବଧୂଟିର ଓଦା ପାଦ ପଡ଼ି ପଦଚିହ୍ନ ଆଙ୍କି ହୋଇ ଯାଏ ।

ଘ) ବିଦେଶରେ ଚାକିରୀ କରିବାପାଇଁ ଗାଁ ପୁଅ ଏହି ଗ୍ରାମପଥରେ ବିଦେଶ ଯାଏ । ବିଚାରୀ ତା'ର ନବବିବାହିତା ସ୍ତ୍ରୀଟି ସ୍ୱାମୀ କେବେ ଘରକୁ ଫେରିବ ସେଥିପାଇଁ ଆକୁଳ ମନରେ ଅପେକ୍ଷା କରିଥାଏ ।

ଙ) କବି ଗାଁରେ ଜନ୍ମ ହୋଇ ସେଠାରେ ତାଙ୍କର ବାଲ୍ୟଲୀଳା କାଟିଥିଲେ । ପରେ ସହରକୁ ଆସିବା ପରେ ଗାଁ କଥା ମନେ ପକାଇଲାବେଳେ ସେହି ଅଭୁଲା ଗ୍ରାମପଥ କଥାକୁ ସ୍ମରଣ କରିଛନ୍ତି । ଯେଉଁ ଗ୍ରାମପଥ ଅନେକ ଲୋକଙ୍କ ଜନ୍ମ ମୃତ୍ୟୁର, ଯିବା ଆସିବାର ମୂକସାକ୍ଷୀ । ତାକୁ ଆଦରରେ କବି ବନ୍ଦନା କରିବା ସହିତ ଦଣ୍ଡବତ ଜଣାଇଛନ୍ତି ।

୧୫.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i)କ୍ଷେତ ii)ଗାଁ ପୋଖରୀ iii)ଗ୍ରାମବଧୂ,
iv)ଗାଁ ଝିଅ v)ଝିଅ

●●●

ଟିପ୍ପଣୀ

୧୬

ସକାଳର ମେଘ

ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ

୧୬.୧ ଉପକ୍ରମକ

ଭାରତୀୟ ସମାଜର ମୂଳଦୁଆ ହେଉଛି ପରିବାର । ପରିବାରର ପ୍ରତିଟି ସଦସ୍ୟ ପରସ୍ପର ସହ ସ୍ନେହର ସୂତ୍ରରେ ବନ୍ଧା । ବାପା-ମାଆ, ସ୍ୱାମୀ-ସ୍ତ୍ରୀ, ବାପ-ପୁଅ, ଭାଇ-ଭଉଣୀ ପରି ସମ୍ପର୍କ ଏହି ବନ୍ଧନକୁ କରିଥାଏ ସୁଦୃଢ଼ । ମଝିରେ ମଝିରେ ଏହି ସ୍ନେହ ସମ୍ପର୍କ, ଭାବନା ଓ ବିଚାରଧାରାରେ ଅମେଳ ଯୋଗୁଁ ତିକ୍ତ ହୋଇଉଠେ । ପରିବାରଟି ଭିତରେ ଅଶାନ୍ତି ଭରିଯାଏ । ଲାଗେ, ଯେମିତି ଏ ସମ୍ପର୍କ ଆଉ କେବେ ସୁଧୁରିବନି । କିନ୍ତୁ ସକାଳର ମେଘ ପରି, ଅଶାନ୍ତିର କଳା ହାଣ୍ଡିଆ ମେଘ ହଠାତ୍ କୁଆଡ଼େ ଉଭେଇଯାଏ ଓ ପୂର୍ବର ସେହି ସ୍ନେହ-ଶ୍ରଦ୍ଧା ଭରା ପାରିବାରିକ ବାତାବରଣ ଲେଉଟି ଆସେ । ପାଠ୍ୟ ଉଦ୍ଦିଷ୍ଟ "ସକାଳର ମେଘ" ଏକାଙ୍କିକାଟିରେ ଏମିତି ଏକ ପରିବାରିକ କାହାଣୀ ଆମେ ପଢ଼ିବା ।

୧୬.୨ ଏକାଙ୍କିକା ପଠନର ଆଭିମୁଖ୍ୟ

"ସକାଳର ମେଘ" ଏକାଙ୍କିକାଟି ପଢ଼ି ସାରିବା ପରେ ତୁମମାନଙ୍କର ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ବିଷୟରେ ସ୍ଥୂଳ ଧାରଣା ହୋଇ ସାରିଥିବ ନିଶ୍ଚୟ -

- ❖ ପାରିବାରିକ କନ୍ଦଳର ପ୍ରାରମ୍ଭିକ ତିକ୍ତତା ଓ ଅମୃତୋପମ ପରିସମାପ୍ତିର ରୂପରେଖ ।
- ❖ ଦୁଇ ପ୍ରମୁଖ ଚରିତ୍ରର (ନବଘନ ଓ ହେମାଙ୍ଗିନୀ) ଚାରିତ୍ରିକ ବୈଶିଷ୍ଟ୍ୟ ।
- ❖ ଏକାଙ୍କିକାଟିର ଘଟଣାକ୍ରମିକ ଧାରା ପ୍ରବାହ ।
- ❖ ଏକାଙ୍କିକାର ଲକ୍ଷଣ ଅନୁସାରେ ଏହାର ସଫଳତା ।
- ❖ ଏହାର ଭାଷା ଶୈଳୀ ।
- ❖ ସଂଳାପ ରଚନାଗତ ବୈଶିଷ୍ଟ୍ୟ ।
- ❖ ନାମକରଣର ସାର୍ଥକତା ।
- ❖ ସଂଳାପଗୁଡ଼ିକରେ ବ୍ୟବହୃତ ବାକ୍ୟଗୁଡ଼ିକର କାର୍ଯ୍ୟ ଭିତ୍ତିକ ଭିନ୍ନତାର ଧାରଣା ।
- ❖ ଏକାଙ୍କିକାର ରଚନାତ୍ମକ ସ୍ୱରୂପ କିପରି ।

୧୬.୩ ମୂଳପାଠ

ନବଘନ ବାବୁଙ୍କ ଡ୍ରଇଂ ରୁମ୍ । ନବଘନ ବାବୁ ଜଣେ ପଦସ୍ଥ ବିକ୍ରୀକର ବିଭାଗର ଅଫିସର ହେଲେ ବି ଟିକିଏ ସାଧା ସିଧା ଲୋକ । Sophistication ପାଇଁ ବିଶେଷ ଆଗ୍ରହ ନାହିଁ - ଯେତେଟା ତାଙ୍କର ସ୍ତ୍ରୀ ହେମାଙ୍ଗିନୀର ଅଛି । ହେମାଙ୍ଗିନୀ ବଡ଼ ଘରର ଝିଅ ଏବଂ ନବଘନ ବାବୁଙ୍କୁ ଛୋଟ ଛୋଟ କଥାରେ ଅପମାନିତ କରନ୍ତି ।

ଆଜି ତାଙ୍କର କଲେଜ ପଢୁଆ ଝିଅ ବେବୀର ଜନ୍ମଦିନ । ସେଥିପାଇଁ ସେ ଏକ ବ୍ୟୟସାପେକ୍ଷ Partyର ଆୟୋଜନ କରିଛନ୍ତି । ନବଘନ ବାବୁ ଏ ସମ୍ପର୍କରେ ଅବହିତ ନୁହଁନ୍ତି । ଲୋକେ ଆସିବେ - ଏଣୁ

ଟିପ୍ପଣୀ

ସକାଳର ମେଘ

ସକାଳୁ ତାଙ୍କର ଡ୍ରଇଂ ରୁମ୍ ସଜେଇବା କାମ ଚାଲିଛି । ଚାକରାଣୀ ଜେମାକୁ ପ୍ରତି ଦୁଇମିନିଟ୍‌ରେ ଥରେ ଲେଖା ଡକରା ପଡୁଛି ।

ହେମାଙ୍ଗିନୀ : ଜେମା ... (ଆସ୍ତେ ଆସ୍ତେ ଡାକୁଛନ୍ତି, କାରଣ ଖୁବ୍ ବଡ଼ ପାଟି କରିବା ଅଭଦ୍ରତା) ଜେମା ..... !! (ଅଗତ୍ୟା ବଡ଼ ପାଟିରେ) ଏ. ୟୁ ହେଲ୍ !!

ଜେମା : (ଚା' କପ୍ ଓ ପ୍ଲେଟ୍ ନେଇ ଆସିଛି)

ହେମ : ଅଭଦ୍ର ! Hopeless !

ଜେମା : ମା' ? ମତେ ଡାକୁଥିଲେ ?

ହେମ : କେତେ ବର୍ଷ ଏ ଘରେ ରହିଲେ etiquette ଶିଖିବୁ ?

ଜେମା : କ'ଣ ହେଲାକି ମା' ?

ହେମ : (କପ୍ ପ୍ଲେଟ୍ ନେଇ) ଏଗୁଡ଼ା କ'ଣ ?

(ବିରକ୍ତ, ହୋଇ) ନାଃ ... ଏଗୁଡ଼ା ଆଉ ମଣିଷ ହେବେନି ... ।

ଜେମା : ବାବୁଙ୍କୁ ତ ଏଇଥିରେ ଦେଲି ।

ହେମ : ବାବୁ ? ବାବୁ ତମର ଏକ ନମ୍ବର ଚୁଡ଼ା !

ଜେମା : ହେଲା ଏବେ ବାବୁ ଅଣ୍ଡା ବିସ୍କୁଟ୍ ଭଲ ପାଆନ୍ତିନି । ତାଙ୍କର ସେଗୁଡ଼ା ଖାଇଲେ ପେଟ ଖରାପ ହୁଏ । ସେଇଥିପାଇଁ ଚୁଡ଼ା ଖାଆନ୍ତି । ତା' ବୋଲି ସବୁବେଳେ ତାଙ୍କୁ ଏମିତି 'ଚୁଡ଼ା' ବୋଲି କ'ଣ ଡାକୁଚ ଯେ ?

ହେମ : ଓଃ ! ମତେ advice ଦେବାକୁ ଆସିଗଲେ ଶାଶୁ ଠାକୁରାଣୀ । ଭାଗ୍ ଏଇଠୁ । ଯା – Tea-setରେ ଅଲଗା ଅଲଗା ଦୁଧ, ଚିନି, ଚା' ଆଣି ଡାଇନିଂ ଟେବୁଲ୍ ଉପରେ ରଖିବୁ । ଏଇଠି ଡ୍ରଇଂ ରୁମରେ ତ କପ୍ ପ୍ଲେଟ୍ ନେଇ ଚା' ପିଆହବ ଯେ Tea-setଟା ଆସିଛି କାହିଁକି ? ଛ'ଶହ ଟଙ୍କାର ସେ ଡାଇନିଂ ଟେବୁଲ୍‌ଟା କିଣା ହେଲା କ'ଣ ପୂଜା ହବା ପାଇଁ ?

ଜେମା : ଭୁଲ୍ ହେଇଗଲା ମା' !

ହେମ : ଏ ଭୁଲ ଯେମିତି ଆଉ ଥରେ ନ ହୁଏ ।

ଜେମା : ହଉ ମା' । ସେମିତି କରିବି । ବାବୁଙ୍କୁ ଖାଇବା ଟେବୁଲ୍ ଉପରକୁ ଡାକିଦେବି ?

ହେମ : ବାବୁ କ'ଣ କରୁଛନ୍ତି ?

ଜେମା : ବାବୁ ଏଇକ୍ଷଣି ଉଠିଲେ । (ଯାଉଥିଲା)

ହେମ : ଶୁଣ । ଗାଲିଚାଟା ଆଣି ଏଇଠି ପକାଇବୁ । ସୋଫାଗୁଡ଼ାକ ପୋଛିବୁ । ଫୁଲଦାନୀରେ ଫୁଲ... ଆଉ ଡାଇନିଂ ରୁମ ଫ୍ଲୋରଟାକୁ ଓଦା କନାରେ ପୋଛି ସଫା କରିବାକୁ ହବ । ଆଜି ବେବୀର ଜନ୍ମଦିନ । ବହୁତ ଲୋକ ଆସିବେ ।

ଜେମା : ସମସ୍ତେ ଏଇଠି ଖିଆ ପିଆ କରିବେ ?

ହେମ : ନାଇଁ, ଏଇଠି କାହିଁକି ଖିଆପିଆ କରିବେ ? ତମ ମୁଖଚନ୍ଦ୍ରମା ଦେଖି ବାହାରୁ ବାହାରୁ ଚାଲିଯିବେ ! ହୁଃ ! ! ବେବି ଉଠିଲାଣି ?

ଜେମା : ଦେଈ କ'ଣ ଏତିକି ବେଳୁ କେବେ ଉଠନ୍ତି ? ସାଢ଼େ ଆଠଟା ନ ବାଜିଲେ ...

ହେମ : ହଉ ଯା' । ସବୁ ବାସନ, କପ୍ ପ୍ଲେଟ୍ ଆସବାବପତ୍ର ଯେମିତି ଚକ୍ ଚକ୍ କରୁଥିବ । ସେଗୁଡ଼ାକୁ Sterilse କରିବାକୁ ପଡ଼ିବ ।

ଜେମା : ହଉ ମା' ।

ହେମ : ମା'ନୁହେ, ମାଡ଼ାମ୍ । ଆଜି ଦିନଟା ପାଇଁ ଅନ୍ତତଃ ମୁଁ ଡାକିଲେ, ତତେ ମାଡ଼ାମ୍ ବୋଲି କହିବାକୁ ପଡ଼ିବ ।

ଜେମା : କ'ଣ କହିଲ ମା...ମାଡ଼ମ୍' ? (ହସି ହସି) ମା'ଙ୍କର ଯେଉଁ କଥା ।

ହେମା : Shut up, ବେହିଆଙ୍କ ପରି ହସୁଚି ।

ଜେମା : (ଚୁପ୍ ହେଇଗଲା) ଭୁଲ୍ ହେଇଗଲା ମା' ।

ହେମ : ପୁଣି ମା' କହିଲୁ ? ଘୋଷ୍ : ମା - ଡ଼ା - ମ ମନେ ରହିଲା ?
ମା-ଡ଼ା -ମ୍ ...

ଜେମା : ମା - ଡ଼ା - ମ୍ ! ! (ଘୋଷି ଘୋଷି ପୁଣି ହସି ପକେଇଲା ଓ ଚାଲିଗଲା)

ହେମ : (ନିଜେ ଡ୍ରଇଂ ରୁମ୍ ସଜାଉ ସଜାଉ) ଏମିତି ଗୁଡ଼ାଏ ଗାଉଁଲି ଲୋକଙ୍କୁ ନେଇ ଗୋଟାଏ ପାଟି ଡାକିବା ଯେ କି ମୁସ୍କିଲ୍ ! ! ଇସ୍, ଏ ରେଡ଼ିଓଟା ଉପରେ କେତେ ଧୂଳି ଛି । ବାନ୍ତି ମଡ଼େଇଲାଣି ମତେ (ଡାକିଲେ) ଜେମା... ଜେମା ! !

ଜେମା : (ପ୍ରବେଶ କରି) ମା' ... ! ! (ହସିଦେଇ) ଭୁଲ୍ ହେଇଗଲା ମା' ... ମାଡ଼ାମ୍ ...

ହେମ : ଦେଖିଲୁ, ଏ ରେଡ଼ିଓ ଉପରେ କେତେ ଧୂଳି ଲାଗିଛି । ଓଜନ କଲେ ଅଢ଼େଇ କିଲୋ ହେବ ।

ଜେମା : ଝାଡ଼ି ଦେବି ତ ?

ହେମ : ଆଉ କେତେବେଳେ ? ଏଇକ୍ଷଣି ତ ସମସ୍ତେ ଆସି ପହଞ୍ଚିଯିବେ ।

ଜେମା : କ'ଣ ଏଇ ସକାଳୁ ସକାଳୁ ? ସନ୍ଧ୍ୟାରେ ପରା ଜନ୍ମଦିନ ହବ ।

ହେମ : କିଏ ନ ଆସିଲେ ତ ନେଲି ଆସି ପହଞ୍ଚିବ ... ନେଲି ଅପା ...
(ଗାଡ଼ି ହର୍ଣ୍ଣ ଶୁଭିଲା ବାହାରେ)
ଦେଖିଲୁ ନେଲିର ଗାଡ଼ି ?

ଜେମା : (ଦେଖି) ନାଇଁ ! ! ଆଉ ଗୋଟାଏ କିଏ (ପୁଣି ଚାହିଁ) ନାଇଁ ଲୋ ମା', ଆମ ଘରକୁ ନୁହେଁ ... ପଡ଼ିଶା ଘରକୁ କିଏ ଆସିଚି ...

ଟିପ୍ପଣୀ

ସକାଳର ମେଘ

ହେମ : ଦାସ ବାବୁଙ୍କ ଘରକୁ ? ଆଚ୍ଛା, ଆଜିକାଲି ଦାସ ବାବୁଙ୍କ ଦାଣ୍ଡରେ କାର ଲାଗିଲାଣି ଯା' ହଉ ... (ବ୍ୟଙ୍ଗ କରି) ଡ୍ରାଇଭର ଆସିଲାଣି ?

ଜେମା : ନାଇଁ ମା' ! (ହସିଦେଇ) ଭୁଲ୍ ହୋଇଗଲା ମାଡ଼ାମ୍ ...

ହେମ : ଡ୍ରାଇଭର ଆସିଲେ କହିବୁ ତା'ର ପ୍ରଥମ କାମ ହେଲା ଗାଡ଼ିଟାକୁ ଚକ୍ ଚକ୍ କରି ପାଣିରେ ଧୋଇବା ମନେ...ରହିଲା ? ହଁ ଶୁଣ୍ ଡ୍ରାଇଭର୍ ଆସିଲେ କହିବୁ ଗାଡ଼ିନେଇ ବ୍ୟାକେରୀରୁ କେକ୍‌ଟା ନେଇ ଆସିବ । ଦିନ ଦଶଟା ସୁଦ୍ଧା ଡେଲିଭରି ଦେବା କଥା । ମନେ ରହିବ ତ ?

ଜେମା : ଡ୍ରାଇଭର ଆସିଲେ ମୁଁ ତାକୁ ତମ ପାଖକୁ ପଠେଇ ଦେବିନି ।

ହେମ : ମୋ' ପାଖକୁ ପଠେଇ ଦେଲେ କ'ଣ ହବ ? ମୋର କ'ଣ ମନେ ରହିବ ? ଭୀଷଣ engagement ମୁଣ୍ଡ ଖରାପ ହେଇ ଗଲାଣି ... ପ୍ରଥମେ ଏ ରେଡ଼ିଓ ଉପରୁ ଧୂଳିଗୁଡ଼ାକ ସଫା କଲୁ ।

ଜେମା : ଝାଡୁଟା ନେଇ ଆସୁଚି ।

ହେମା : ଏଁ ! ଝାଡୁଟା ନେଇ ଆସିବୁ ? କ'ଣ ଏ ରେଡ଼ିଓଫୁଲଦାନୀ ଉପରେ ଝାଡୁ ମାରିବୁ ? ସେଇ ବଗ ପକ୍ଷୀ ପରରେ ତିଆରି ନୂଆ ଝାଡୁଟା ଆସିଥିଲା, ସେଇଟା ନେଇ ଆଣ । କିଏ ଦେଖିଲେ କ'ଣ କହିବ ? Hopeless ! ! (ଜେମା ଯାଉଥିଲା, ପଛରୁ ଡାକି)

ଶୁଣ ଡ୍ରାଇଭର ଆସିଲେ କହିବୁ ଶହେ ବୋତଲ କୋକାକୋଲା ଆଉ ଦଶଟା ବିଅର ନେଇ ଆସିବ ଗାଡ଼ି ନେଇ ।

ଜେମା : ମୋ' ପାଟିରେ ସେଗୁଡ଼ାକ କ'ଣ ପଶିବ ମା' ? ଏଃ ପୁଣି ଭୁଲ୍ ହେଇଗଲା... 'ମାଡ଼ାମ' ଡ୍ରାଇଭର ଆସିଲେ ତମେ କହିବ ! ! (ଚାଲିଗଲା)

ହେମ : ସବୁ ତ ମୁଁ କରିବି । କିନ୍ତୁ ଏତେ କଥା ଜଣେ ଲୋକ କରିବା ଯେ କି ମୁସ୍କିଲ୍ ବ୍ୟାପାର ... ଯାହା ଜଣାଗଲାଣି, ମତେ କାମଗୁଡ଼ାକର ତାଲିକା କରିବାକୁ ପଡ଼ିବ । (ଡାଏରୀ ଓ Ball pen ଆଣି ଲେଖିବା ଆରମ୍ଭ କଲେ । ଯା' ଭିତରେ ନବଘନ ବାବୁ ପଶି ଆସିଲେ । ପରିଧେୟ ଖଣ୍ଡେ ଲୁଙ୍ଗି ଆଉ ତା' ଉପରେ ଖଣ୍ଡେ ପଞ୍ଜାବୀ । ଗୋଟାଏ ହାତରେ ଖବର କାଗଜ ଓ ଆର ହାତରେ ନାଲିଆ ଗାମୁଛା ଖଣ୍ଡେ ।)

ନବଘନ : ସକାଳୁ ସକାଳୁ କ'ଣ ଭାରି ତାଲିକା ଚାଲିଛି !

ହେମ : (ଚଷମା ଟେକି ମିନିଟିଏ ଖଣ୍ଡେ ପ୍ରଥମେ ଚାହିଁଲେ ଓ ରାଗିଲେ) ଇଏ କ'ଣ ?

ନବଘନ : କ'ଣ ?

ହେମ : ଇଏ କି ବେଶ ? ଧୋତି ଖଣ୍ଡେ ଲୁଙ୍ଗି କରି ପିନ୍ଧା ହୋଇଚି... ହାତରେ ଖଣ୍ଡେ ନାଲି ଗାମୁଛା ! ! ଛି-ଛି-ଛି... ଯେତେ ସବୁ ନାଷ୍ଟି habits ...

ନବଘନ : କ'ଣ ହେଲା ଯେ ?

ହେମ : Wardrobeରେ ନୂଆ night dressଟା ମୁଁ ଆଉ କାହା ପାଇଁ ରଖିଥିଲି ? ପୂଜାହବ ବୋଲି ?

ନବଘନ : ଓ ! Wardrobeରେ ଥିଲା ମୁଁ ବୋଧହୁଏ ଦେଖିପାରି ନଥିବି ।

ହେମ : କାଇଁକି ଦେଖିବ ? ଏମିତି ଗୁଡ଼ାଏ ମଫସଲି ଡ୍ରେସ୍ ପିନ୍ଧି ମୋର ଇଜ୍ଜତ ସାରିବ ... ତୁମକୁ ଅନେକ ଥର କହିଲିଣି Finance depttର ତମେ ଜଣେ senior officer... ତମର ଗୋଟାଏ status maintain କରିବା ଉଚିତ ।

ନବଘନ : ତମେ ତ ଜାଣ, ଚଷମାଟା ନ ପିନ୍ଧିଲେ ମୋର ଦେଖିବା ଟିକିଏ – ମାନେ ବଦଳିଯାଏ –

ହେମ : କୋଉ ଦୁନିଆରେ ତମେ ରହୁଚ, ତମେ ନିଜେ ଜାଣି ପାରୁନା – ହୁଁ ସକାଳୁ ସକାଳୁ ବାବୁ ଖଣ୍ଡେ ନାଲିଆ ଗାମୁଛା ଧରି ବାହାରି ପଡ଼ିଲେ । ଡ୍ରଇଂ ରୁମ୍‌ଟାକୁ କ'ଣ ଗାଁ ପୋଖରୀ ତୁଠ କରି ପାଇଲ ?

ନବଘନ : ଓଃ ! ସକାଳୁ ସକାଳୁ ଏମିତି ପାଟିତୁଣ୍ଡ କରନି କହୁଚି ।

ହେମ : ଆଜି ବେବୀର ଜନ୍ମଦିନ । ସହରର ସବୁ Officerଙ୍କୁ ନିମନ୍ତ୍ରଣ ପଠେଇ ଦେଇଚି । ସେମାନେ ଆସି ପହଞ୍ଚିଲା ବେଳକୁ ଆମ ବାବୁ କ'ଣ ନା...ଖଣ୍ଡେ ନାଲି ଗାମୁଛା ଧରି ଗୁଡ଼ାଖୁ ଘଷୁଥିବେ । Good habits! ମୋର ଆଉ Prestige ରହିବଟି ?

ନବଘନ : ଓଃ ! ତମ Prestige ପାଇଁ ମୁଁ କ'ଣ କମ୍ ଦୁଃଖିତ ହେମାଙ୍ଗିନୀ ? କିନ୍ତୁ କ'ଣ କରିବି କହିଲ ? ମୋର ଦୋଷ କିଛି ନାହିଁ । ଏ ଧୋତିଟା ଭାରି ବଦମାସ ! ମତେ ସକାଳୁ ଦେଖିଲା ମାତ୍ରେ ଅଣ୍ଟାରେ ଗୁଡ଼େଇ ହେଇଯିବ କହୁଚି ।

ହେମ : ଛେନାଟା କହୁଚି ।

ନବଘନ : କ'ଣ ଆଉ କହୁଚ ଯେ ? ଯାଇ ପୁଣି ସେଇ night dressରୁ ଗୋଟାଏ ମଡ଼େଲ ହେଇ ଆସିବି ତ ? ହେଲା ।

ହେମ : ଭାରି କଷ୍ଟ ନୁହେଁ ?

ନବଘନ : କଷ୍ଟ ନୁହେଁ ଆଉ କ'ଣ ? ସକାଳୁ ତମ ଘରକୁ କିଏ ଏମିତି ଚାଲି ଆସୁଚି ଯେ ଡ୍ରେସିଂ – ପେଣ୍ଟିଂ ହେଇ ବସିବି ? ଅଣ୍ଟାରେ ଲୁଙ୍ଗି ଖଣ୍ଡେ ଗୁଡ଼େଇ ଦେଲେ କାମ ଶେଷ, Comfortable । ଆଉ ଏଇଥିରୁ ଗୁଡ଼ାଏ ଗଳେଇ ହୁଅ ... (ମୁଣ୍ଡଟା କୁଣ୍ଡାଇ) କମ୍ ବାଳ ଥିଲା ଭଲ ଥିଲା – ଏଇଥିରୁ ଗୁଡ଼ାଏ ଲମ୍ବା ବାଳ ରଖିବାକୁ ବାଧକରି (ମୁଣ୍ଡ କୁଣ୍ଡେଇଲେ) ଉକୁଣି ହେଇଗଲେଣି –

ହେମ : Lice-soap !! use lice soap ! daily shampoo କଲେ ଏଇ ଛୋଟ trouble ଆଉ ଆସିବନି । ହଜାର ଥର କହିଲିଣି ଟିକିଏ sophisticated ହୁଅ – societyରେ ଆମର ଗୋଟାଏ status ଅଛି !!

ନବଘନ : ଏଇକ୍ଷଣି ଆଉ ଏ ବୁଢ଼ା ବୟସରେ style କଲେ ହଉଚି ଆଉ ହେମାଙ୍ଗିନୀ ? ତମ ଭଳିଆ ପିଲାଦିନରୁ ସେ ସବୁ ଶିଖିଥିଲେ କେଜାଣି କ'ଣ ଟିକିଏ ହୁଅନ୍ତା ହେଲେ –

ହେମ : ସଫା Turkish ତଉଳିଆ ଥାଉ ଥାଉ ଏଇଥିରୁ ଗୋଟେ ନାଲି ଗାମୁଛାରେ ମୁହଁ ପୋଛିବା କ'ଣ ଦରକାର ଯେ ? - ଇସ୍ - ସେଇଟା ପୁଣି କି nasty... କାହାର ସେଇଟା ... (ପ୍ରାୟ ଉଠିବା ଜାଗାରୁ ଡେଇଁ ପଡ଼ିଲା ଭଳି) Good Heavens! ସେଇଟା ପରା ଜେମାର ! ସେଥିରେ ସେ ବାସନ ପୋଛେ !

ନବଘନ : ହଉ, କ'ଣ ହେଇଗଲା ? ଜେମା କ'ଣ ମଣିଷ ନୁହେଁ ?

ହେମ : ନାଃ ! ତମେ ଆଉ ମଣିଷ ହବନି । ସରକାର କେମିତି ଯେ ତମକୁ Class One Officer କଲା - !! Strange !!

ନବଘନ : କ'ଣ ଆଉ କରିବା କହିଲ - ସରକାରଙ୍କର ଭୁଲ ହେଇଯାଇଚି ।

ହେମ : (ହଠାତ୍ ଆବିଷ୍କାର କଲେ) shave ହେଲଣି ?

ନବଘନ : କାଲି ପରା ଦାଢ଼ି କାଟିଥିଲି ...

ହେମ : କାଲି ଖାଇଥିଲ ବୋଲି ଆଜି ଖାଇବନି !

ନବଘନ : ଦେଖ ହେମାଙ୍ଗିନୀ, ଏଇ ଯେଉଁ ଟାଣୁଆ ଶୀତଟା ହଠାତ୍ ପଡ଼ିଯାଇଛି ସେଥିରେ daily ମୁହଁ ଉପରେ razor ଚଳେଇବାଟା ଗୋଟାଏ ଶାସ୍ତି ।

ହେମ : ଅଦ୍ଭୁତ ଲୋକ !

ନବଘନ : ଗାଲଗୁଡ଼ାକ ଫାଟି ରକ୍ତ ବାହାରିବ ।

ହେମ : ତମେ ଗୋଟାଏ 1944- model ford ଗାଡ଼ି; ବୁଝିଲ ? ତମ ଲାଗି ମୋର Prestige ଚାଲିଯିବ ।

(ଜେମା ପ୍ରବେଶ କରିଛି)

ହେମା : ବାବୁ ! ଚାଲନ୍ତୁ ଖାଇବା ଟେବୁଲ୍ ଉପରକୁ । ଚା' ରଖିଦେଲିଣି ।

ନବଘନ : କାଇଁକି ? ଚା ଟିକିଏ ପିଇବା ପାଇଁ dining table ପର୍ଯ୍ୟନ୍ତ ନ'ଗଲେ କ'ଣ ଚଳନ୍ତା ନାଇଁ ?

ଜେମା : ମା' ପରା କହିଛନ୍ତି ସେଇଠି ବସି ଆଜି ଚା' ପିଆ ହବ । ଆଜି ଅନେକ ଲୋକ ଏଇଠିକି ଆସିବେ ନୁହେଁ ମା' ? (ଜିଭ କାମୁଡ଼ି) ଭୁଲ ହେଇଗଲା ମାଡ଼ାମ୍ ।

ନବଘନ : 'ମାଡ଼ାମ୍' ? ବାଃ ! ଆଜି ମତେ ଲାଗୁଚି ମୁଁ ରାତି ପାହିଲା ବେଳକୁ ଯେମିତି ହଠାତ୍ ମାନେ ହଠାତ୍ ମୋର ଗୋଟାଏ ରୂପାନ୍ତର ହେଇଯାଇଛି । ଏ କଳା ଚମଡ଼ାଟା ଶେତା ପଡ଼ିଯାଇଛି, ବାଳଗୁଡ଼ାକ ହଳଦିଆ-ଆଉ ମୁଁ ? ଗୋଟାଏ ଆମେରିକାନ୍ !! (ହସିଲେ) ବୁଝିଲୁ ଜେମା ...

ହେମ : ଜେମା, ତୁ ଯା'- (ଚାଲିଗଲା ପରେ) ଚାକର ଚାକରାଣୀଙ୍କ ଆଗରେ ଏମିତି ସୁଆଙ୍ଗ ନ କଲେ ଚଳନ୍ତାନି !

ନବଘନ : ଆହା, ସେମାନେ ତ ପୁଣି ମଣିଷ –

ହେମ : ତମେ କିନ୍ତୁ ଗୋଟାଏ ford ଗାଡ଼ି – ତା' ପୁଣି 1944 - model !!

ନବଘନ : ଆହା; ତମେ ଏଇନା ଇଚ୍ଛା କଲେ ନିଜେ ଗୋଟାଏ Leyland truck ହେଇଯାଅ; ମୋର କିଛି ଆପତ୍ତି ନାଇଁ!

ହେମ : ଅଭଦ୍ର ! Rusticଙ୍କ ଭଳି କଥାବାର୍ତ୍ତା କରନି । ସିଧା Dress ବଦଳେଇ Dining table ପାଖକୁ ଆସ ।

ନବଘନ : ଦେଖ ହେମାଙ୍ଗିନୀ ! ତମର ରୂପ, ଗୁଣ, ନାକ, ଆଖି, ଓଠ ସବୁ ମୋର ପସନ୍ଦ ହଉଚି... କିନ୍ତୁ ଏଇ ଯୋଉ ଛୋଟ ଛୋଟ କଥାରେ ତମତମ ହେଇ ରାଗୁଚ ... ସେଇଟା ଖରାପ ଲାଗୁଚି ।

ହେମ : ମୁଁ ବୋଲି ରାଗୁଚି । ମିସେସ୍ ମହାନ୍ତି କିମ୍ବା ମିସେସ୍ ପରିଜା ହେଇଥିଲେ ଏମିତି ପୋଷାକ ପିନ୍ଧିଥିବା husband ମାନଙ୍କୁ ୨୦ ଥର ବସ୍‌ଉଠ୍ କରେଇ ଦିଅନ୍ତେ !!

ନବଘନ : ତମର ବାଳିକା ଉନ୍ନୟନ କେନ୍ଦ୍ରରେ ଏଇ ଡେସିସନ୍ ସବୁ ନିଆ ହେଇଚି ତା' ହେଲେ ?

ହେମ : ହଁ, ନ ହେଲେ ତମଭଳିଆ ମଫସଲି ସବୁ ମଣିଷ ହେବେ କିମିତି ?

ନବଘନ : ଆଚ୍ଛା, ଆଚ୍ଛା, ଏମିତି କଥା । Babyର Birthday ପାଇଁ କ'ଣ କ'ଣ ସବୁ ଆୟୋଜନ କରିଚ ?

ହେମ : ତମ ମୁଣ୍ଡରେ ସେସବୁ ପଶିବନି ।

ନବଘନ : ତଥାପି... ?

ହେମା : ଡ୍ରାଇଭର ଆସିଲେ କହିବ Pravat Bakeryରୁ କେକ୍‌ଟା ନେଇ ଆସିବ । ମିସେସ୍ ସିହ୍ନା ତାଙ୍କ ପୁଅର Birthdayରେ ଗୋଟାଏ କେକ୍ ତିଆରି କରିଥିଲେ ଠିକ୍ Lingaraj Temple ମଡ଼େଲରେ ।

ନବଘନ : ତମେ କୋଣାର୍କ temple ମଡ଼େଲ୍ ପାଇଁ order କରିଚ ?

ହେମ : ନା, ଗୋଟାଏ ବଡ଼ ସାଇଜି ସୂର୍ଯ୍ୟମୁଖୀ ଫୁଲ ଭଳି ।

ନବଘନ : ଖୁବ୍ ଭଲ କଥା କହିଲ । କେତେ ପଇସା ଖର୍ଚ୍ଚ ହେଲା ?

ହେମ : ମୋଟେ ଅଢ଼େଇ ଶହ...Pravat Bakery Brilliant କାମ କରେ ।

ନବଘନ : ଅଢ଼େଇ ଶହ ? What do you mean ହେମାଙ୍ଗିନୀ ! ତମେ ମତେ ଦେବାଳିଆ କରି ଛାଡ଼ିବ ନା କ'ଣ ?

ହେମା : ତିନି ଫୁଟ ଉଚ୍ଚା ସୂର୍ଯ୍ୟମୁଖୀ ଫୁଲ designର cake ପାଇଁ ଅଢ଼େଇ ଶହ ଟଙ୍କା କ'ଣ ବେଶି ହୋଇଗଲା ।

ନବଘନ : ସୂର୍ଯ୍ୟମୁଖୀ ଫୁଲର ଦାମ ଅଢ଼େଇ ଶହ ହଉ କି କୋଣାର୍କ ଦେଉଳର ଦାମ ପାଞ୍ଚ ହଜାର ହଉ, ମୋର ସେଥିରେ କିଛି କହିବାର ନାହିଁ । ତେବେ ଏ ଯୋଉ ଅଢ଼େଇ ଶହ ଟଙ୍କାଟା...

ହେମ : ପାଟି କରନି, ଲୋକେ ହସିବେ । Baby ମୋର Senior Commercial Tax Officerଙ୍କ ଝିଅ... କିରାଣୀର କି ଲେକ୍‌ଚର୍‌ର ନୁହେଁ ।

ନବଘନ : ମୋ' ପାଖରେ ପଇସା ନାହିଁ ।

ହେମ : Pravat Bakery ମୋ'ଠୁ ପଇସା ନବ ନାହିଁ ।

ନବଘନ : ହେମ ! ଦିନକୁ ଦିନ ମୁଁ ଭୟଙ୍କର corruption ଭିତରେ ଲିପ୍ତ ହେଇ ପଡୁଚି ।

ହେମ : ମୋଟେ ନୁହଁ, ସେମାନେ ହଜାର ହଜାର ଟଙ୍କାର ବିକ୍ରୀକର ଠକୁଛନ୍ତି । C.T.O.ଙ୍କ ପାଇଁ ଗୋଟାଏ ମାଗଣା ଦେଇପାରିବେ ନାହିଁ ।

ନବଘନ : ହଉ, ଆଉ କ'ଣ କ'ଣ ଦରକାର ?

ହେମ : ତମର ସେଥିରେ ମୁଣ୍ଡ ଖଟେଇବା ଦରକାର ନାହିଁ, ମିସେସ୍ ମେହେତା ଓ ମିସେସ୍ ଶର୍ମା ଆସୁଛନ୍ତି । କାଳେ ଦରକାର ହେବ ବୋଲି ମୁଁ ଦଶଟା ବିଅର୍ ମଗେଇ ଦେଇଛି ।

ନବଘନ : ଇସ୍, ମୋ' ଘରଟାକୁ ତମେ ଗୋଟାଏ Clubରେ ପରିଣତି କରି ଦେବନା କ'ଣ ? ବଡ଼ ଭାଇ ଗାଁରୁ ଆସିବେ..... ଏଗୁଡ଼ାକ ଦେଖି କ'ଣ କହିବେ କହିଲ ?

ହେମ : ବଡ଼ଭାଇଙ୍କୁ କହିବ ଆସିଲେ ସିଏ ଧୋତି ପିନ୍ଧି ବେଶୀ ଯିବା ଆସିବା କରିବେନି । ତାଙ୍କୁ ବରଂ ରୋଷେଇ ଘରେ Supervise କରିବା ପାଇଁ କହିଦେବ ।

ନବଘନ : ହେମ, ସତ କହିବାକୁ ଗଲେ ମୁଁ ତମର ଏଇ aristocracyକୁ ଘୃଣା କରେ । ଆମ ଘରେ ଆମେ ଗୋଟିଏ ଦୁଇଟା ଗାମୁଛାରେ ଛ'ଛ ଭାଇ ଚଳିଯାଉ । ହାତ ପୋଛିବା ପାଇଁ, ଗାଧୋଇବା ପାଇଁ, ନାକ ପୋଛିବା ପାଇଁ ଆଉ ମୁହଁ ପୋଛିବା ପାଇଁ ଦଶଟା ତଉଲିଆ ତମ ଘରେ ଥିବ । ଆମର ଜନ୍ମ ଦିନରେ ଖିରି, ଚକୁଳି ତିଆରି ହୋଇ କାମ ଚଳୁଥିଲା । ଏମିତି ମହମବତୀ ଆଉ କେକ୍‌ର ଦରକାର ପଡୁନଥିଲା । ତମର ମନେ ରଖିବା ଉଚିତ୍ ତମେ ଏ ଘରର ବୋହୂ ... କେକ୍ ଆଉ ତଉଲିଆ ଘରର ଝିଅ ନୁହଁ ।

ହେମ : ମୁଁ କ'ଣ ସେଇ କଥା କହିଲି ? ଆମ ଘରେ କ'ଣ ଦଶ ଦଶଟା ତଉଲିଆ ଅଛି ବୋଲି ମୁଁ କହିଲି ? ଆଚ୍ଛା, ମୁଁ ପଚାରୁଚି ଏଥିରେ ଭୁଲ୍ କ'ଣ ରହିଲା ? ଆମେ ଯଦି କରିବା ପାଇଁ ସକ୍ଷମ ତା'ହେଲେ ବ୍ୟବହାର କଲେ କ୍ଷତି କ'ଣ ?

ନବଘନ : କାଲି ଯଦି ମୋ ଚାକିରିଟା ଚାଲିଯାଏ ? କାଲି ଯଦି ଆମେ ହଠାତ୍ ଗରିବ ହୋଇଯିବା ?

ହେମ : ଦେଖିବ ଗାମୁଛାରେ ମୁଁ ବି କାମ ଚଳେଇ ନେଇପାରିବି । ଗାମୁଛା କ'ଣ-ଚିରାଶାଢ଼ୀ ନହେଲେ ଧୋତି ଖଣ୍ଡେ ବି ହେଲେ ଚଳିବ ।

ନବଘନ : ଛାଡ଼ ! ସେଇଥିରୁ କ'ଣ ମିଳିବ ? କାହାକୁ କାହାକୁ ଡାକୁଛ ଆଜି ?

ଟିପ୍ପଣୀ

ହେମ : (ଡାଏରୀ ଦେଖି) ବେବୀର ପରିଚୟ ଲୋକ ଭିତରୁ ଆକାଶବାଣୀ staff ଆଉ ତା'ର English honours ପିଲାଏ ଆସିବେ । Boy friends ଭିତରୁ ସୁରଜିତ୍, ଅମର, ବିଜୟାନନ୍ଦ ଏବଂ ଅମିତ୍ ... ତା'ଛଡ଼ା ତମ ଅଫିସ staff, Finance Secretary, Deputy Secretary Supplyର under secretary ତାଙ୍କ family, O.M.P. 2nd battalion Commander ମି. ସାହୁ, sub treasury officer family ଏବଂ ମୋର ସାଙ୍ଗମାନଙ୍କ ଭିତରୁ...

ନବଘନ : ଥାଉ, ମୁଁ ବୁଝିପାରୁଚି । ତମ ତାଲିକାର ଦୈର୍ଘ୍ୟରୁ ଜଣାପଡୁଚି ଅନ୍ୟୂନ ତିନିଶହରୁ କମ୍ ହେବେନି । ତା'ମାନେ ସମୁଦାୟ ହଜାର ଟଙ୍କାର ବନ୍ଦୋବସ୍ତ ।

ହେମ : ତମର ଏଇ ଯେଉଁ ହିସାବୀ ବୁଦ୍ଧି ନା ମତେ ଚିଡ଼ି ମାଡ଼େ ... ମୁଁ ଯାହା କରୁଛି ତମ status ପାଇଁ ତ ! ମିସେସ୍ ସିହ୍ନା ତାଙ୍କ ପୁଅର Birthdayରେ ଅଢ଼େଇ ହଜାର ଖର୍ଚ୍ଚ କରିଥିଲେ ।

ନବଘନ : କ'ଣ ଲାଭ ?

ହେମ : ଲାଭ ? ଆକାଶବାଣୀ ବାଲା ଆସୁଛନ୍ତି ବୋଲି ଆଜି ସଂଧ୍ୟାରେ ଆଞ୍ଚଳିକ ସମ୍ବାଦରେ ବେବୀର Birthday ସମ୍ପର୍କରେ ଦୁଇ ଲାଇନ୍ କୁହାହବ । (ଖୁବ୍ ଖୁସି ହୋଇ) ଆଉ ଗୋଟିଏ ବି ପ୍ଲାନ୍ ଅଛି । ସଂଧ୍ୟାର ଭୋଜି ଆସର ପୂର୍ବରୁ ଗୋଟାଏ କବିତା ପାଠୋତ୍ସବର ଆୟୋଜନ କରାଯାଇଛି । ଅଧ୍ୟାପକ ମନ୍ଦରଧର ମହାପାତ୍ର ସମୀକ୍ଷା କରିବେ ଓ ପୋଲିସ ଡ଼ି.ଏସ୍.ପି. ଗୋବିନ୍ଦ ମହାସୁଆର ଜନ୍ମଦିନ ପାଳନ ଉତ୍ସବର ଉପକାରିତା ସମ୍ପର୍କରେ ଏକ ସନ୍ଦର୍ଭ ପାଠ କରିବେ । ତମେ ଯଦି ଅନୁରୋଧ କରିବ ଛାୟା ଅପା ଏଇ ସମ୍ପର୍କରେ ଏକ Radio news reel ପ୍ରସ୍ତୁତ କରିପାରନ୍ତି ।

ନବଘନ: ତମ ଛାୟା ଅପା କିଏ ମୁଁ ଜାଣେନି । ଜାଣିଥିଲେ ବି ଏତେ ସବୁ ଅନୁରୋଧ କରି ନଥା'ନ୍ତି । ଏ ସବୁ ଫମ୍ପା ଫୁଟାଣିରେ ମୋର ଘୃଣା ।

ହେମ : ସେଇଥିପାଇଁ ତ କୁହାଗଲା ତମେ 1944-Modelର ଏକ ପୁରୁଣା ଫୋର୍ଡ଼ ଗାଡ଼ି । ଆଜିକାଲିର ବଜାରରେ ସଂପୂର୍ଣ୍ଣ ଅଚଳ ।

ନବଘନ : ତମ ଘରୁ କିଏ କିଏ ଆସିବେ ? Daddyତ ନିଶ୍ଚୟ ।

ହେମ : ମାମୀ ଯଦି ଭାଇଙ୍କ ପାଖକୁ ବାଙ୍ଗାଲୋର୍ ଯାଇ ନଥାନ୍ତେ ସିଏ ବି ଆସିଥାନ୍ତେ । ତେବେ ଅଙ୍କଲ୍ ନିଶ୍ଚୟ ଆସିବେ ।

ନବଘନ : ବିପଦର ଆଶଙ୍କା ବେଶୀ ।

ହେମ : ତମେ ଯୋଉ ନୂଆ ସୁଟ୍‌ଟା ତିଆରି କରିଚ ସେଇଟାକୁ ପିନ୍ଧିବ । ଚୁରଟ୍ ଟାଣିବ । ଟିକିଏ ସ୍ମାର୍ଟ ହବ, ଏୟା ତ ।

ନବଘନ : ତୁମ ଅଙ୍କଲ୍ ଆମେରିକାରୁ ଫେରିଛନ୍ତି ବୋଲି ସିଏ ଯାହା କହିବେ କ'ଣ ବେଦବାକ୍ୟ ବୋଲି ଆମେ ଧରିନେବାକୁ ବାଧ ?

ହେମ : ତମେ ଅଙ୍କଲଙ୍କ ଉପରେ କାହିଁକି ରାଗୁଚ ଯେ ? ସେଦିନ ତମେ ତିନି ଦିନର ମଇଳା ଗଞ୍ଜିଟାଏ ପିନ୍ଧିଥିଲ । ବଦଳାଇବାକୁ କହିଲେ ...

ନବଘନ : ତିନିଦିନ କ'ଣ... ଜୀବନରେ ଏମିତି ସମୟ ଆସିବ ଯେତେବେଳେ ଗୋଟାଏ ଗଞ୍ଜିରେ ଦଶ ବାର ଦିନ କଟାଇବାକୁ ପଡ଼ିବ । ତମେ କହିବା ଦିନଠୁ ଦିନରେ ଦି' ଥର ବଦଳେଇ ଦଉଚି ।

(ଜେମା ପୁଣି ଆସି କହିଚି)

ଜେମା : ମା' ... (ଜିଭ କାମୁଡ଼ି) ମ୍ୟାଡ଼ମ୍ -ଚା' ଥଣ୍ଡା ହେଇଗଲା ।

ନବଘନ : ଏଇଠିକି ନେଇ ଆ'

ହେମ : Hopeless ! ! ତମେ ଶୀଘ୍ର ଗଲ ଦାଢ଼ିଟା କାଟି ପକେଇଲ ପ୍ରଥମେ ।

ନବଘନ : Babyର Birthday ହେଲେ ମୋର ଏଇ punishment ଟା ଖୁବ୍ ବେଶି ବାଧ୍ୟଯାଉଚି ।

ହେମ : ଡ୍ରାଇଭର ଆସିଲାଣି ?

ଜେମା : ଦାଣ୍ଡରେ ବସିଚି । ଡାକିଦେବି ?

ହେମ : ନା, କହିଦେ' କାର୍ ନେଇ କି ଯିବି ।

(ଜେମା ଯାଇଚି)

ତମେ ଯାଅ shave ହେଇ ସୁଟ୍‌ଟା ପିନ୍ଧି ପକେଇବ ।

ସେ night gown ପିନ୍ଧା ନହେଲେ ନାଇଁ । ଏଇ କ୍ଷଣିକା ଯଦି ନେଲି ଅପା ପହଞ୍ଚି ଯିବ ନା...

ନବଘନ : ଯାଉଛି ବାବା... ତମନେଲି ଅପାକୁ ଦେଖିଲେ ମୋର heart fail କରିଯିବ ।

(ନବଘନ ଗଲାପରେ ବେବୀ ଆସିଛି । ପରିଧେୟ ବେଲ୍ ଇତ୍ୟାଦି । ଦେଖିବାକୁ ଭାରି ଉଦଣ୍ଡୀ)

ବେବୀ : ମାମୀ ! ଘରେ କ'ଣ ଆଉ କିଛି ଜଳଖିଆ ନାଇଁ ।

ହେମ : ଅଣ୍ଡା ଥିଲା, ଫଳ ଥିଲା - ଆଉ ବିସ୍କୁଟ !

ବେବୀ : ମୁଁ ସେ ଅଣ୍ଡା ଫଳ ଖାଇ ପାରିବିନି ।

ହେମ : ପୂଜାରୀ କଟ୍‌ଲେଟ୍ କରିଥିଲା ।

ବେବୀ : ଓଃ Bore ! ରୋଜ୍ ସେ ମାଛ କଟ୍‌ଲେଟ୍ କିଏ ଖାଇବ ଯେ ? ସେଗୁଡ଼ା କ'ଣ ଖାଦ୍ୟ ?

ହେମ : ଆଉ ମୁଁ କ'ଣ କରିବି ଯେ ?

ବେବୀ : (କାନ୍ଦିଲା ଭଳି) ନାଇଁ ଯା... ମାଡ୍ରାସୀ ହୋଟେଲ୍‌ରୁ ମୋ' ପାଇଁ ଦୋସା ମଗେଇ ଦେ' ।

ହେମ : ଡ୍ରାଇଭର୍‌କୁ କହ । (ପାଟିକରି) ଜେମା... ଜେମା...

ଜେମା : (ପ୍ରବେଶ କରି) ତମେ ଦେଇଙ୍କି ବୁଝେଇଲ । ଜଳଖିଆ ଯେମିତି ସେମିତି ଟେବୁଲ୍ ଉପରେ ରଖା ହେଇଚି ।

ବେବୀ : ମୁଁ ସେଗୁଡ଼ା ଖାଇ ପାରିବିନି ।

ଜେମା : ମୁଁ ମରି ଯାଉଥାଏ ଲୋ' ମା' –ଡିମ୍ବ ଭଜା ପାଟିକୁ ରୁଚୁନି...

ଆ...ହା...ହା...ଚୁଃ...ଚୁଃ...ଚୁଃ... ! !

ହେମ : ତା' ପାଇଁ ଡ୍ରାଇଭରକୁ – କହ ମାଡ୍ରାସୀ ହୋଟେଲରୁ ଦୋସା ନେଇ ଆସିବ ।

ଜେମା : କ'ଣ କହିଲ ମା' ! ଏଇନା ପୁଣି ଗାଡ଼ିରେ ଗୋଟାଏ ଲୋକ ମାଡ୍ରାସୀ ହୋଟେଲ ଯିବ ? ତେଲ ଖର୍ଚ୍ଚ ହବନି ?

ହେମ : ହଉ, ତୋର କ'ଣ ଗଲା ?

ଜେମା : ସତେ ମା' .., ଭୁଲ ହେଇଗଲା ... ମାଡାମ୍ ଗାଡ଼ିରେ କେତେ ବୋତଲ କିରାସିନୀ ଖର୍ଚ୍ଚ ହୁଏ ?

ବେବୀ : କିରାସିନୀ ? ଏଇଠୁ ମାଡ୍ରାସୀ ହୋଟେଲ ଯିବା ପାଇଁ ଦୁଇ ବାଲ୍‌ଟି !

ଜେମା : ହେ ପ୍ରଭୁ, ସର୍ବମଙ୍ଗଳା – ଜଗନ୍ନାଥେ ! ଦି ବାଲ୍‌ଟି ତେଲ ପୋଡ଼ିବ ଏଇନା ?

ହେମ : ପୋଡୁ ।

ବେବୀ : ୟାକୁ ଭାରି ଚିନ୍ତା ଲାଗିଲା ।

ଜେମା : ହଁଅ...ମୋର କ'ଣ ଗଲା ? ଯେମିତି ପଇସା ସେମିତି ଖର୍ଚ୍ଚ...ଯେତେ ଗଛକୁ ତେଡ଼େ ପବନ...

ହେମ : ତୋର ସାଙ୍ଗମାନେ ସବୁ ଆସିବେଟି ?

ବେବୀ : ବୁଝିଲୁ ମାମା ! ସଞ୍ଜୟ ସାର୍‌ଟା ଭାରି ଅଭଦ୍ର । ସାଇକୋଲଜି ପ୍ରାକ୍‌ଟିକାଲ୍ ଖାତା ଦସ୍ତଖତ କରିବା ପାଇଁ ଘରକୁ ଡାକୁଛନ୍ତି ।

ହେମ : ଗଲୁନି ।

ବେବୀ : ମତେ ତାଙ୍କ ଘରକୁ ଯିବାପାଇଁ ଭଲ ଲାଗେନି ।

ହେମ : ଆଉ ପ୍ରବୀର ଘରକୁ କେମିତି ଚାଲିଯାଉ ।

ବେବୀ : ପ୍ରବୀର ଭାଇ କି ସୁନ୍ଦର ଗାଆନ୍ତି । ଆଜିକାଲି ଯେବେ ସିନେମା ହଉଚି ମାମା ପ୍ରବୀର ଭାଇଙ୍କୁ ସେମାନେ ସମସ୍ତେ book କରୁଛନ୍ତି । ପ୍ରବୀର ଭାଇ କହୁଥିଲେ ଏଣିକି ସିଏ ଗୋଟାଏ ଗୀତକୁ ହଜାରେ ଟଙ୍କା demand କରିବେ ।

ହେମ : ପ୍ରବୀରକୁ କହିଲୁନି, ତୋର next programme କେବେ ମିଳୁଚି Radio Stationରେ ବୁଝିଥାନ୍ତା ।

ବେବୀ : ତୁ ଆଜି ସୁବାସ ବାବୁଙ୍କୁ ଡାକିଛୁଟି ? ସେ ବିଅର୍ ପିଇବାକୁ ଭାରି ଭଲ ପାଆନ୍ତି । ଆମେ ଯୋଉ ସେଥର ରାଉରକେଲା ଯାଇଥିଲେ... ମନେ ପଡୁନି ମାମା ? H.S.L.ର Winter Festival- ମୁଁ ଓଡ଼ିଶୀ ନାଚୁଥାଏ । ଏ ମା' - ସେ ଯାହା ଅଭଦ୍ରଙ୍କ ଭଳି ହେଲା ନା - ଅନ୍ଧାରଟା ଭିତରେ ମତେ ଡର ମାଡ଼ିଲା, ପଚାରିବାରୁ ସମସ୍ତେ କହିଲେ ସେ ବିଅର୍ ପିଇବାକୁ ଭଲ ପାଆନ୍ତି ...

ହେମ : ଆଚ୍ଛା, ଆଚ୍ଛା । ତା' କଥା ବୁଝିବା; ସେ ଆଜି ଆସିବଟି ?

ବେବୀ : କେଜାଣି ?

ହେମ : କାଇଁକି ? ତୁ ନିମନ୍ତ୍ରଣ କରିନୁ କି ?

ବେବୀ : ସେ ମୋ ଉପରେ ରାଗି ଯାଇଛନ୍ତି ।

ହେମ : ତୁ' ଯେମିତି କଳିହୁଡ଼ି କାହା ସାଙ୍ଗରେ ତୋର ଭଲ ପଡ଼ିବ କି ?

ବେବୀ : ମୁଁ କିନ୍ତୁ ହାତ ଧରି ଡାକି ଦେଇଚି ।

ହେମ : କେଜାଣି, ଆସିବ କି ନାଇଁ ! ସୁରଜିତ୍, ସଞ୍ଜୟ ଆଉ ଦେବାଶିଷ ?

ବେବୀ : ସେମାନେ ଆସିବେ ।

ହେମ : ଦରକାର ହେଲେ ତୁ ଗାଡ଼ି ନେଇ ଯିବୁ ଆଉ ପ୍ରବୀରକୁ ଡାକି ଆଣିବୁ ।

ବେବୀ : ଡାଡି ଗାଳି ଦେବେ ।

ହେମ : କ'ଣ ହେଲା ? ଡାଡି ଗାଳି ଦେବେ ତୋ Boy friendମାନଙ୍କୁ ଦେଖିଲେ ? ହେଇପାରିବନି ।

ବେବୀ : ତା'ହେଲେ ପ୍ରବୀର କଥା କ'ଣ କରିବା ମାମା ?

ହେମ : ତୁ ବରଂ ଗାଡ଼ିନେଇ ପ୍ରବୀର ଘରକୁ ଚାଲିଯା -

ବେବୀ : ଗାଡ଼ିନେଇ କାହିଁକି ଯିବି ଯେ ? ରିକ୍‌ସାରେ ଚାଲିଯାଉଛି । ଗାଡ଼ିଟା ପୁଣି ତୋର ତ' ଦରକାର ହେବ ।

ହେମ : ହଉ, ସେୟା କର । ଶୀଘ୍ର ଚାଲିଆସିବୁ କିନ୍ତୁ, ନେଲି ଆଣ୍ଟି ଆସିବେ ।

(ହଠାତ୍ ବାହାରେ car ଶବ୍ଦ ଶୁଭିଲା)

ବେବୀ : ହେଇ, ଆଣ୍ଟି ଆସିଗଲେ ବୋଧହୁଏ !

ନେଲିଆଣ୍ଟି : ହେମ... ! ! (ପ୍ରବେଶ କଲେ । ମୁହଁରେ ଚଷମା ଓ ଶର୍ବ ପିନ୍ଧିଛନ୍ତି)

ବେବୀ : Good Morning ଆଣ୍ଟି !

ନେଲି : Good Morning!

ହେମ : ଏ Shawlଟା କେବେ କିଣିଥିଲୁ ନେଲି ଅପା ?

ନେଲି : (ମୁହଁମୋଡ଼ି) ସିଏ କ'ଣ ଗୋଟାଏ conference attend କରିବା ପାଇଁ Amritsar ଯାଇଥିଲେ । ସେଇଠୁ ଆଣିଛନ୍ତି ।

ବେବୀ : Wonderful ! ବାଃ ଭାରି costly ଜଣାପଡୁଚି ।

ହେମ : କେତେ ହେଇଥିଲା କି'ଲୋ ?

ନେଲି : (ମୁହଁମୋଡ଼ି) କେଜାଣି ! କିଏ ପଚାରେ ଏଇ ଶାଲ୍‌କୁ । ଅଙ୍କଲ ଯୋଉ ଆମେରିକାରୁ କୋଟ୍‌ଟା ଆଣିଥିଲେ ମୁଁ ସେଇଟାକୁ ପସନ୍ଦ କରେ । (ବେବୀକୁ) କିଲୋ ବେବୀ ତୋର next radio programme କେବେ ହଉଚି ? ତୁ ଗୋଟାଏ Television interview ଦଉନୁ ?

ବେବୀ : ଆମର କ'ଣ ସେଥିରେ ହବ ଆଣ୍ଟି ? No influence.

ନେଲି : କ'ଣ କହିଲୁ ? ତୋର ହବନି ? ମୋ ମତରେ ତୁ ଫିଲ୍‌ମରେ ପାର୍ଟ କରିବା କଥା । ତୋର ଯାହା ଚେହେରା ଆଉ ...

ବେବୀ : କୁନ୍‌ମୁନ୍ ପରା 'ସପ୍ତଶଯ୍ୟା' ଛବିରେ ନାଚି ପକେଇଚି ।

ନେଲି : ହଁରେ ବେବୀ ସେ ଟୋକୀ ଏଡ଼ିକି ଫାଜିଲ୍ ଦେଖିଲୁ ! Collegeରେ sports ହଉଚି ବୋଲି ଗଲା । ମତେ କି ତା ଡାଡ଼ିକୁ ନ କହି ମନକୁ ମନ ଫିଲ୍‌ମରେ ମିଶିଯାଇଚି । (ମୁହଁମୋଡ଼ିଲେ)

ହେମ : ସେଇ ଯୋଉ କବାଲି ସିନ୍‌ଟାରେ ନାଚିଛି ତ !

ନେଲି : ହଁ ମ' । ଘରେ ଆସି ମୋତେ କହୁଚି 'ମାମୀ ଲୋ' ମୁଁ ସିନେମାରେ ମିଶିଗଲି । ମୁଁ ପଚାରିଲି "ତୁ ଆଉ କିଛି କରିଦେଇ ଆସି ଘରେ କହିବୁ' ମାମୀ ଲୋ ମୁଁ ଆଜି ଏୟା କରିଦେଲି !!"

ବେବୀ : (ହସି ହସି) ସେଇଠୁ କୁନ୍‌ମୁନ୍ ଅପା କ'ଣ କହିଲା !

ନେଲି : କହିଲା 'ହଁ' !

(ସମସ୍ତେ ହସିଲେ ଓ ନେଲି ଅପା ମୁହଁ ମୋଡ଼ିଲେ)

ହେମ : ଆଜିକାଲି ପରା ସମୟ ବଦଳୁଚି ନେଲି ଅପା ! ଟିକିଏ Liberty ନ ଦେଲେ ଝିଅଗୁଡ଼ା ପୁଅଙ୍କ ସାଙ୍ଗରେ ତାଳ ଦେବେ କେମିତି ?

ନେଲି : (ମୁହଁ ମୋଡ଼ି) ହଁ । ବାଳିକା ଉନ୍ନୟନ କରିବା ତ ତମର କାମ !!

ହେମ : ତୁ' ଏକା ଏକା ଆସିଲୁ କି ଅପା ? ଭାଇ, କୁନ୍‌ମୁନି - ??

ନେଲି : କୁନ୍‌ମୁନିର ଏକ୍‌ଷ୍ଟ୍ରା କ୍ଲାସ ଅଛି । ସିଏ ସେଇଠୁ ସିଧା ଆସିବ । ଆଉ ଭାଇ ଅଫିସ ଯାଇଛନ୍ତି । ଆଉ - ତମର ଏଇଠି ଏପର୍ଯ୍ୟନ୍ତ କିଛି ଆୟୋଜନ କରିନା ଯେ ?

ହେମ : ତୁ ଟିକିଏ ଅପା ପାଖରେ ବସ ବେବୀ । ମୁଁ ଶାଢ଼ିଟା ବଦଳେଇ ଆସୁଚି ।

(ଚାଲିଗଲେ)

ବେବୀ : କୁନ୍‌ମୁନିର Extra class ଅଛି ? କୋଉ ସାର୍‌ଙ୍କର ?

ନେଲି : କେଜାଣି ।

ବେବୀ : କାଇଁ, ଆମର ତ ନାଇଁ ।

ନେଲି : ଗୀତ ସାର୍‌ଙ୍କର ଏକ୍‌ଷ୍ଟ୍ରା କ୍ଲାସ ହେଇଥିବ ।

ବେବୀ : ହେଇଥିବ !

ନେଲି : ପିଲାମାନେ ଗୋଟାଏ କିଛି କରିବା ଉଚିତ ।

ବେବୀ : ବୁଝିଲ ଆଣ୍ଟି । କୁନ୍‌ମୁନିର extra curricular activity ଭଲ ।

ନେଲି : ଆହୁରି କରନ୍ତା । ମୁଁ ଯଦି ଟିକିଏ ନଜର ଦେଇପାରନ୍ତି !! ମୋର ତ ଏଇ ମାଗାଜିନ୍ କାମ ମତେ ଖାଇଲା । ମୋଟରୁ ସମୟ ମିଳୁନି । ବେଳେବେଳେ ଯୁବ ଲେଖକମାନଙ୍କୁ ଡାକି ଡ୍ରଇଂ ରୁମ୍‌ରେ କବିତା ପାଠୋତ୍ସବ କରାଉଚି । ଅଙ୍କଲ୍ ତ ଅଫିସ୍ ଯିବେ । ମୋର କାମ ହେଲା ଏୟା ।

ବେବୀ : ସେଥିପାଇଁ କୁନ୍‌ମୁନି ଆଜିକାଲି କବିତା ଲେଖୁଚି ।

ନେଲି : ଏ New years dayରେ ଘରୋଇ ସାହିତ୍ୟ ସଭାଟେ କରୁଥିଲୁ । କୁନ୍‌ମୁନି ଗୋଟାଏ କବିତା ପଢ଼ିଥିଲା ।

ବେବୀ : ମୋତେ ତୁମ ସାହିତ୍ୟ ଆସରକୁ ଡାକୁନା ଆଣ୍ଟି ?

ନେଲି : (ମୁହଁ ମୋଡ଼ି) ତୋର ତ Other engagements ବହୁତ...

ବେବୀ : କଣ ଅଛି ଆଣ୍ଟି, ତମେ ଖବର ଦେଲେ ମୁଁ ନିଶ୍ଚୟ ଯାଆନ୍ତି ।

ନେଲି : ତା' ହେଲେ ମୁଁ ଆରଥର ସାହିତ୍ୟ ସଭା ପାଇଁ ନିଶ୍ଚୟ ଖବର ଦେବି । ତୁ' ଖାଲି ସେଇ ରେଡ଼ିଓ ଷ୍ଟେସନ ବାଲାଙ୍କ ସହିତ ମିଶି ଯଥେଷ୍ଟ ହେଇଗଲା ଭାବିବା ଉଚିତ ନୁହେଁ । କିଛି କବି ଓ ଗାଳ୍ପିକଙ୍କ ସହିତ ମଧ୍ୟ ପରିଚିତ ହେବା ଉଚିତ । They are interesting boys...

ବେବୀ : ସୁଜିତ୍ ଭାଇ ସେଇଠିକି ଆସୁଛନ୍ତି ?

ନେଲି : ସୁଜିତ୍ ? ଓ ସୁଜିତ୍ ଦାସ ! ହୁଁ, ତୁ' କେମିତି ତାକୁ ଚିହ୍ନିଲୁ ?

ବେବୀ : ମୋରି ଜଣେ ସାଙ୍ଗର ଭାଇ ।

ନେଲି : ଆମେ ଶୁଣିଲୁ ତୁ କୁଆଡ଼େ ପ୍ରବୀରକୁ ବାହା ହଉଚୁ !

ବେବୀ : (ଇଙ୍ଗିତ କରି) ଆସ୍ତେ, ଆସ୍ତେ ଆଣ୍ଟି । ବାପା ଶୁଣିଲେ -

ନେଲି : ବାପା କାହାନ୍ତି ? ବାବୁଙ୍କର କ'ଣ ଏ ପର୍ଯ୍ୟନ୍ତ ଦେଖାନାଇଁ - !

ନବଘନ : (ପ୍ରବେଶ କରୁ କରୁ) ପାଟି ଶୁଣି ମୁଁ ଭାବୁଥିଲି ତମେ ନିଶ୍ଚେ ଆସିଚ । ନ ହେଲେ ଏଇ ସକାଳୁ ସକାଳୁ ଦାଣ୍ଡ ଘରେ କଳରବ ସୃଷ୍ଟି କରିବ ଆଉ କିଏ ?

ନେଲି : ବାଃ ! ଆଜି କ'ଣ ପୂରା ସାହେବ ହେଇ ଯାଇଚ !

ନବଘନ : ସାହେବାଣୀମାନଙ୍କ ଗହଣରେ ରହିଲେ ସାହେବ ନ ହୋଇ ଆଉ ଉପାୟ ଅଛି ? ଅଗତ୍ୟା ।

ବେବୀ : ଡାଡ଼ି ! ଟାଇଟା Double knot କଲନି ?

ନବଘନ : ଏଇଥିରେ ଚଳିବ ।

ନେଲି : (ହସି ହସି) ଇସ୍ ! ଇଏ କ'ଣ ? ବଳଦ ବେକରେ ଦଉଡ଼ି ବାନ୍ଧିଲା ଭଳି (ପୁଣି ହସିଲେ)

ନବଘନ : ହଁ ଭାଇ, ବୁଢ଼ାଲୋକ ଆମର କ'ଣ ଅଛି । ପୁଣି ଥରେ ତ ଆଉ କିଏ ବାହାହେବା ପାଇଁ ଆସିବ ନାଇଁ !

ନେଲି : ଯାହା କୁହ, ତମେ ଟିକିଏ ଚୁଡ଼ା ଅଛ ।

ନବଘନ : କ'ଣ ଆଉ କରିବା ? ଆମେ ତ ଗ୍ରାମବାସୀ । ତମ ହେମାଙ୍ଗିନୀଙ୍କ ଭଳି ଫରେନ୍ ଫେରନ୍ତା ଘରର ଲୋକ ନୋହୁ ।

ବେବୀ : ଯାହା କୁହ ଡାଡ଼ି ଡବଲ୍ ନଟ୍ ନ କଲେ ସମସ୍ତେ ଚିଡ଼େଇବେ ।

ନବଘନ : (ବିରକ୍ତ ହୋଇ) ଚିଡ଼େଇଲେ ତୋର କ'ଣ ଗଲା ? ମୁଁ ଏସବୁ ଫମ୍ପା aristocracy ପସନ୍ଦ କରେନି ।

ହେମ : (ପ୍ରବେଶ କରି) କ'ଣ ହେଲା ? ଏମିତି ପାଟି କରୁଚ କାହିଁକି ?

ବେବୀ : (କାନ୍ଦ କାନ୍ଦ ହୋଇ) ଦେଖିଲ ମାମୀ, ଡାଡ଼ି Tie-knot ଟାକୁ ବଳଦଙ୍କ ଭଳି ଭିଡ଼ିଛନ୍ତି, କହିଲା ବେଳକୁ ମୋ ଉପରେ ଚିଡୁଛନ୍ତି ।

ହେମ : (ପରୀକ୍ଷା କରି) ହଁ ତ ! ଇଏ କି knot ! ଏମିତି ଗୁଡ଼େ ଦେଖିଲେ ଅଙ୍କଲ୍ କ'ଣ କହିବେ ଯେ ?

ନବଘନ : ତମ ଅଙ୍କଲ କ'ଣ କହିବେ ନ କହିବେ, ତାଙ୍କ ମର୍ଜି ଜଗି ମୁଁ ବେଶ ହେଇ ପାରିବିନି ।

ହେମ : କ'ଣ କହିଲ ?

ନବଘନ : ସମସ୍ତେ ହିପୋକ୍ରାଟ । ଭିତରେ ଯାହା ଥାଉ ନ ଥାଉ ବାହାରଟାକୁ ଚହଟ ଚିକ୍କଣ କରି ଦେଖେଇବା ତମର ଧନ୍ଦା ...

ହେମ : କ'ଣ କହିଲ ? ଆମେ ଦେଖେଇ ହଉଚୁ ?

ନେଲି : ଆପଣଙ୍କର ଅଙ୍କଲକୁ ଏମିତି ଆକ୍ଷେପ କରି କହିବା ଠିକ୍ ହେଉନି ନବଘନବାବୁ ।

ବେବୀ : Dady behaves like a rustic !

ନବଘନ : You shut up !

ହେମ : ତମେ ମୋ ଝିଅକୁ ଏମିତି ଗାଳି ଦେଇ ପାରିବନି ।

ନବଘନ : ଅଲବତ୍ ଦେବି ।

ହେମ : ତୁ' ଗାଡ଼ି ନେଇ ଯା' ବେବୀ । ପ୍ରବୀର ଘରକୁ ବରଂ ଚାଲି ଯା –

ନବଘନ : ଚାଲିଯାଉ । ମୁଁ ଏ Birthday party ପସନ୍ଦ କରେନା ।

ହେମ : ଜାଣିଥିଲେ ସିନା ପସନ୍ଦ କରନ୍ତ ? ତମ ଖାନ୍‌ଦାନୀରେ ତ କିଏ Birthdayକରି ନଥିବେ ।

ନେଲି : ମୁଁ ଯାଉଛି ହେମ । ବରଂ ସନ୍ଧ୍ୟାବେଳେ ଆସିବି ।

ହେମ : ତମେ ବସ ଅପା ।

ବେବୀ : Aunty, please don't mind !

ନେଲି : ନା, ମୁଁ ଯାଉଚି । (ଚାଲିଗଲେ)

ବେବୀ : (ପଛେ ପଛେ) ଆଣ୍ଟି ! ରୁହ Please !!

ହେମ : ତୁ' ବି ଚାଲି ଯା' ବେବୀ । ଏ ଘରେ ଏମାନେ ଆମକୁ ରଖେଇ ଦେବେନି ।

ନବଘନ : ଯାଉ, ସମସ୍ତେ ଯାଆନ୍ତୁ । ଏଠି ଗୋଟେ ସକାଳୁ ସକାଳୁ ଜନ୍ମଦିନ ପାଲା ଚାଲିଚି । ପ୍ରବୀର କିଏ ? ତା' ଘରକୁ ବେବୀ ଯିବ କାହିଁକି ?

ହେମ : ବେବୀ ପ୍ରବୀରକୁ ଭଲ ପାଏ ।

ନବଘନ : ଏଇଟା ଗୋଟିଏ ଘର ନା ଘଟସ୍ପୁତ୍ର ଅଫିସ୍ ? ଯେତେ ସବୁ ବାଲୁଙ୍ଗା ଲୋଫର୍ ଟୋକାଙ୍କୁ ଡାକି, ମଦ ପିଇ ଏଇଠି ହଜାର ହଜାର ଟଙ୍କା ଖର୍ଚ୍ଚ କରାହୋଇ party ହଉଚି । ଅଥଚ ବଡ଼ ଭାଇ ଆସି ଗାଁରୁ ପହଞ୍ଚିଛନ୍ତି, ତାଙ୍କର ସୁବିଧା ଅସୁବିଧା କିଏ ବୁଝୁଚି ?

ହେମ : ବଡ଼ଭାଇ ଆସିଛନ୍ତି ? କେତେବେଳେ ଆସିଲେ ?

ନବଘନ : ନା, ତମେ କାହିଁକି ଜାଣିବ ? ତମକୁ ଡରି ସେ ଆଜିକାଲି ବାଡ଼ିପଟେ ଘରକୁ ଆସୁଛନ୍ତି ।

ହେମ : ଦାଣ୍ଡପଟେ ଆସିବା ପାଇଁ ତାଙ୍କର ସାହସ ନାଇଁ ।

ନବଘନ : କାରଣ ତମେ ସେମାନଙ୍କୁ ଘୃଣା କରୁଚ । ତମେ ମତେ ବି ଘୃଣା କରୁଚ । ଘୃଣାର ପ୍ରତିଦାନ ଘୃଣା ଛଡ଼ା ଆଉ କ'ଣ ହୋଇପାରେ ?

ହେମ : ମୁଁ ତୁମକୁ ଘୃଣା କରୁଚି ? ତମର ଅପରିଷ୍କାର ଅପରିଚ୍ଛନ୍ନତାକୁ ମୋର ଘୃଣା ।

ନବଘନ : ଦେହରେ ସାବୁନ୍ ଆଉ Cosmetics ଲଗେଇ ପକେଇଲେ ପରିଚ୍ଛନ୍ନତା ଆସିଯାଏ ନାହିଁ । ମନଟା ପରିଷ୍କାର ରହିବା ଉଚିତ୍ ।

ହେମ : ତମେ କହୁଚ ତମ ମନଟା ହିଁ ପରିଷ୍କାର ? ଆମେ ସମସ୍ତେ ଅପରିଷ୍କାର ଅପରିଚ୍ଛନ୍ନ ?

ନବଘନ : ହଁ । ତମଲାଗି ଏ ଘରର ପବିତ୍ରତା ନଷ୍ଟ ହଉଚି । ତମ ଲାଗି ଦିନକ ପାଇଁ ଏ ଘରେ ଶାନ୍ତି ନାହିଁ । ବାହା ହେଲା ଦିନଠୁ ତମେ ଆମ ଘରର ସମସ୍ତଙ୍କୁ ଘୃଣା ଚକ୍ଷୁରେ ଦେଖୁଚ । କାହାର ପ୍ରତି ସମ୍ମାନ ନାହିଁ ... ଅମଣିଷ ସବୁ !

ହେମ : କ'ଣ କହିଲ ? (ପ୍ରାୟ କାନ୍ଦିଲା ଭଳି) ଆମେ ସବୁ ପଶୁ ? ତମେ ଏକା ମଣିଷ ? ମୋର ଏ ଘରେ ରହିବା ଦରକାର ନାହିଁ । ଆଜି ମୁଁ ଅଙ୍କଲ୍‌ଙ୍କୁ ଫୋନ କରି ଜଣେଇ ଦଉଚି । ସିଏ ଆସି ମୋତେ ନେଇଯାଆନ୍ତୁ ।

ଟିପ୍ପଣୀ

ନବଘନ : ତମେ କାହିଁକି ଯିବ ? Party କରି ତମେ ଅଙ୍କଲ୍, ଝିଅ, ଆଉ ତମ ପରିବାରକୁ ନେଇ ଆରାମରେ ରୁହ । ମୁଁ ବରଂ ଚାଲି ଯାଉଚି । ଏଇଠି ଘୃଣାର ପଙ୍କ ବୋଳି ହେଇ କୀଟ ଭଳି ଅପଦସ୍ତ ହେବା ଅପେକ୍ଷା ବାହାରେ ରହିବା ଶହେ ଗୁଣ ଭଲ । (ବଡ଼ ପାଟିରେ ଡାକିଲେ) ଡ୍ରାଇଭର ! ଡ୍ରାଇଭର ! ଗାଡ଼ି ବାହାର କର । (ଚାଲିଗଲେ...)

ହେମ : ଠିକ୍ ଅଛି ! ଆଜି ଅଙ୍କଲ ଆସନ୍ତୁ । ମୁଁ କହୁଚି ।

(ଭିତରକୁ ଗଲେ । ମଞ୍ଚ ଅନ୍ଧକାର ହେଲା । ପୁଣି ମଞ୍ଚ ଆଲୋକିତ ହେଲା ବେଳକୁ ସନ୍ଧ୍ୟା ହେଇ ଆସିଲାଣି । ଭିତରୁ Stereoରେ ଗୋଟାଏ ବିଦେଶୀ ସ୍ୱର ବାଜିଛି । ଭିତରୁ ଗୁଡ଼ାଏ ହସ, 'ହାଏ' 'ହାଲୋ', ହାଉ ଡୁ ୟୁ ଡୁ, 'ଥ୍ୟାଙ୍କ୍ୟୁ ଡ଼ାର୍ଲିଂ' ଇତ୍ୟାଦି ଶୁଭୁଚି । ହେମ ଉଦାସ ଭାବେ ବସିଛନ୍ତି । ହଠାତ୍ ଫୋନ୍ ଆସିଲା । ସେ ଫୋନ୍ ଉଠାଇଛନ୍ତି । ଫୋନ୍‌ଟି ଅନ୍ୟଘରେ ଥିଲା, ଏଇଠିକି ଆସି ଯାଉଛି)

ହାଲୋ କିଏ ? ଓ...ସେ ଏପର୍ଯ୍ୟନ୍ତ ଫେରି ନାହାନ୍ତି । କ'ଣ କହିଲ ? ହଁ tourରେ ଯାଇଛନ୍ତି...ହଁ, ମାନେ ଏଇ ସନ୍ଧ୍ୟାରେ ଫେରିବା କଥା ତ Okay...(ଫୋନ୍ ରଖିଲେ)

ଜେମା : (ପ୍ରବେଶ କରି) ମାଡ଼ାମ୍ ... !!

ହେମ : ସମସ୍ତେ ଆସିଗଲେଣି ?

ଜେମା : ଛାତ ଉପରେ ପରା ହୁଲ୍‌ସ୍ଥୁଲ୍ ହେଇଗଲାଣି । ବାଜା ବାଜୁଚି ବେଲୁନ୍ ଫୋଟକା ନାଲି ନେଳି ଚାନ୍ଦୁଆ, କ'ଣ ନ ହେଇଚି – କିଏ ଦେଖିଲେ କହିବ ବେବୀ ଦେଈର ଆଜି ବାହାଘର । ତମକୁ ପରା ସମସ୍ତେ ଖୋଜୁଛନ୍ତି ମା' ।

ହେମ : ମୋ ମୁଣ୍ଡଟା ବିନ୍ଧୁଛି ।

ଜେମା : ମିଛ କଥା । ତମେ ଏ ଯାଏଁ ଶାଢ଼ୀ ବଦଳେଇନ, ପାଉଡ଼ର ଲଗେଇନ, ଓଠରେ ଅଳତା ପିନ୍ଧିନା...ବାବୁ ରୁଷିଛନ୍ତି ବୋଲି ତମେ ବି ରୁଷିଚ କି ?

ହେମ : ନା, ମୋ ମନ ଭଲ ନାଇଁ ।

ଜେମା : ବର୍ତ୍ତମାନ ଆଉ ମନ ଖରାପ କଲେ ଚଳିବ ମା' ? ସବୁ ବନ୍ଧୁବାନ୍ଧବ ପରା ଆସିଗଲେଣି । ବାବୁ ତାଙ୍କର ମନକୁ ଆସିବେନି ?

ହେମ : ବାବୁ ଆସିବେ ? ସତରେ ଆସିବେ ?

ଜେମା : ହଁ, ଆସିବେନି କାହିଁକି ଯେ ?

ହେମ : ତୋର ବିଶ୍ୱାସ ହେଉଚି ଜେମା ? ...ଆଚ୍ଛା କହିଲୁ... ମତେ ଦେଖିଲେ କ'ଣ ଘୃଣା ଭାବ ମନରେ ଆସୁଛି ?

ଜେମା : କ'ଣ ଯେ ତମେ କୁହ ମା' ...ତମ ମୁଣ୍ଡ ଖରାପ ହେଇଗଲାଣି ।

ହେମ : କିନ୍ତୁ ସେ ରାଗି ଯେମିତି ଝଡ଼ ଭଳି ଘରୁ ଚାଲିଗଲେ ...

ଜେମା : ସମସ୍ତେ ମିଶି ବାବୁଙ୍କ ଉପରେ ଯେମିତି...ହଉ ମ' ମା, ତମେ ମନ ଦୁଃଖ କରନି। ସେଫେରିଆସିବେନି ?

ହେମ : ମତେ ନିଜକୁ ବଦଳାଇବାକୁ ପଡ଼ିବ।

(ବାହାରୁ ଆସିଲେ ପ୍ରୀତିଧାରା। ହେମାଙ୍ଗିନୀଙ୍କ କଲେଜ ସାଙ୍ଗ, ହାତରେ କିଛି Presentation)

ହେମ : କିଲୋ ପ୍ରୀତି ! ତୁ ଏତେ ଡେରି କଲୁ ଯେ... ?

ପ୍ରୀତି : କଲିକତା ଚାଲିଯାଇଥିଲି। ଆଜି ସକାଳେ ପହଞ୍ଚିଲି। ଦେଖିଲି ତୁ ନିମନ୍ତ୍ରଣ ପଠେଇଚୁ।

ହେମ : ଶୁଣୁଥିଲି ତମର transfer ହେଇଗଲା।

ପ୍ରୀତି : ହଁ ଆମେ ୟାରି ଭିତରେ ଚାଲିଯିବୁ। କ'ଣ ହେଲା ଜାଣିଚୁ ? ସନ୍ଧ୍ୟାରେ ଅନ୍ଧାର ହେଇଗଲା ପରେ ତମ କ୍ୱାର୍ଟରସ୍ ମୁଁ ଭୁଲିଗଲି।

ହେମ : (ହସି ହସି) ବୋକୀ। ଭୁବନେଶ୍ୱରରେ ଘର ଭୁଲି ଯାଉଛୁ ?

ପ୍ରୀତି : ତମ ଶହୀଦ ନଗର ଘର ଯେମିତି ଅଖାଡୁଆ... ୧୫୦ ପରେ ୩୭୫...୭୨୦ ପରେ ୨୭୨... ଏଥିରେ କେମିତି ଜାଣିବି ଯେ ?

ହେମ : (ହସି ହସି ଗଡ଼ିଗଲେ) ଗାଉଁଲୀ।

ପ୍ରୀତି : ଆଲୋ କେତେ ହସୁଚୁମ ? ଆଗରୁ ତ ଭାରି sophisticated ଥିଲୁ। ହସ ସବୁ ତୋର ମାପିଚୁପି ବାହାରୁଥିଲା। ଠିକ୍ ବିଦେଶୀ କାଇଦା। ନବ ଭାଇ ଏମିତି ହସିବା ଶିଖେଇଦେଲେ ବୋଧହୁଏ। କୁଆଡ଼େ ଗଲେ ?

ହେମ : Tourରେ ଯାଇଛନ୍ତି।

ପ୍ରୀତି : ଆଜିଭଳି ଦିନରେ ? ତୁ ଏମିତି ବସିଚୁ କାହିଁକି ? ଭଲ ଶାଢ଼ୀ ଖଣ୍ଡେ କ'ଣ C.T.O.ଙ୍କ ସ୍ତ୍ରୀଙ୍କୁ ମିଳୁନି ?

ହେମ : ଏଇଥିରେ କ'ଣ ଚଳିଯିବନି ?

ପ୍ରୀତି : ଆଶ୍ଚର୍ଯ୍ୟ ! କଲେଜରେ ଗୋଟାଏ ପିରିଅଡ଼ ଲିଜର ମିଳିଲେ ଯିଏ ଶାଢ଼ୀ ବଦଳେଇ ଆସୁଥିଲା ତା'ର ପୁଣି ପରିବର୍ତ୍ତନ ?

ହେମ : ସମୟ ସବୁ ବଦଳେଇ ଦିଏ !

ପ୍ରୀତି : ନବ ଭାଇଙ୍କୁ ଆସିଲେ ପଚାରିବି। ସେ ତତେ ମ୍ୟାଜିକ୍ କରିଦେଇଛନ୍ତି।

ହେମ : ଆରେ ଏମିତି ଠିଆ ହେଲୁ କାହିଁକି ? ଜେମା...ଚା' ନେଇ ଆ...ତୁ ବସ ପ୍ରୀତି।

ପ୍ରୀତି : ବେବୀ ଗଲା ଗୁଆଡ଼େ ?

ହେମ : ଏ ପର୍ଯ୍ୟନ୍ତ ଫେରିନି।

ପ୍ରୀତି : ଫେରିନି କ'ଣ ମ ? ଆଜି ପରା ତାର ଜନ୍ମ ଦିନ। କୋଉଠି ଯାଇ ବୁଲୁଚି ?

ହେମ : ସକାଳେ ପ୍ରବୀର ଘରକୁ ଯାଇଥିଲା । ଏ ପର୍ଯ୍ୟନ୍ତ ଫେରିନି ।

ପ୍ରୀତି : ନା, ଏଇଟା ଆଦୌ ଭଲ କଥା ନୁହେଁ ।

ହେମ : କ'ଣ ଆଉ କରିପାରିବି କହ, ପିଲାଙ୍କୁ ଟିକିଏ ଜଗିବା ଉଚିତ ।

(ଜେମା ଚା' ନେଇ ଆସିଚି)

ଜେମା : ଚା' କେଉଁଠି ରଖିବି ମ୍ୟାଡ଼ମ୍ ? ଏଇଠି ପିଇବେ ନା ଟେବୁଲ୍ ଉପରେ ?

ହେମ : ଏଇଠି ଦେଇ ଯା' ।

ପ୍ରୀତି : ହେମ, ତୁ' ସତରେ ବଦଳି ଯାଇଚୁ । ଆଗରୁ ପାଣି ଗିଲାସେ ପିଇବା ପାଇଁ ଡାଇନିଂ ଟେବୁଲ୍ ଉପରକୁ ଯିବା ଦରକାର ପଡୁଥିଲା ।

ହେମ : କ'ଣ ମିଳିବ - ସେହି ମିଛ ଫେସନରୁ କହୁନୁ ପ୍ରୀତି । ପାଣି ଗିଲାସେ, ଚା' ଟିକିଏ ପିଇବା ପାଇଁ ଏତେ ବାଟ ଯିବା କ'ଣ ଦରକାର ?

ପ୍ରୀତି : ଟି-ପୟଟା ନଷ୍ଟ ହେଇଯିବନି ? ଯଦି ଚା' ଢ଼ଳିଯାଏ ?

ହେମ : ଭବିଷ୍ୟତରେ କେବେ ବିପଦ ଆସିବ ବୋଲି ଭାବି ବର୍ତ୍ତମାନଟାକୁ ନଷ୍ଟ କରିଦେବା କ'ଣ ଦରକାର ?

ପ୍ରୀତି : ଆଉ ତୋର Sophistication... Aristocracy- ?

ହେମ : ଦୁନିଆରେ ଦଳେ ଲୋକ ଆଉ ଦଳଙ୍କ ପାଇଁ ନିଶ୍ଚୟ ଅଭଦ୍ର ଅସଭ୍ୟ ହେଇ ରହିଯିବେ ।

ପ୍ରୀତି : ତା' ବୋଲି ଆମେ ପୁଣି ଅସଭ୍ୟତା ଭିତରକୁ ଫେରିଯିବା ? ହେମ ! ଟିକିଏ ପାଣି ଦରକାର । ମୁଁ କୁଳି କରିବି ।

ହେମ : କାଇଁକି ?

ପ୍ରୀତି : ଚା' ପିଇ ସାରିଲା ପରେ ଟିକିଏ ଡେଟୋଲୀନ୍ ଦେଇ କୁଳି ନ କଲେ କ୍ୟାରୀଜ୍ ହେବାର ସମ୍ଭାବନା ।

ହେମ : ଜେମା, ଗିଲାସରେ ପାଣି ନେଇ ଆ...

ପ୍ରୀତି : ବାଥ୍‌ରୁମ୍ ?

ହେମ : ଏଇ ବାରଣ୍ଡା ସେପଟକୁ ଯାଇ କୁଳି କରୁନୁ ?

(ପ୍ରୀତି ଯାଇ ଫେରି ଆସିଚି)

ପ୍ରୀତି : ତଉଲିଆ ?

ହେମ : ଜେମା, ସଫା ତଉଲିଆଟା ଆଣି ଦେଲୁ ।

(ପ୍ରୀତି ସେଥିରେ ମୁହଁ ପୋଛିଚି)

ପ୍ରୀତି : ଜେମା, ଏଇ ପ୍ୟାକେଟ୍‌ଟା ନେଇ ଯା - ଆଉ କିଏ କିଏ ଆସିଛନ୍ତି ! ମିସେସ୍ ସିହ୍ନା, ମମତା, ନେଲି ଅପା ?

ହେମ : ସମସ୍ତେ ଉପରେ ଅଛନ୍ତି । ତୁ' ଉପରକୁ ଯା -

ପ୍ରୀତି : ତୁ' ଆସିବୁନି ?

ହେମ : ଟିକିଏ ପରେ ।

ପ୍ରୀତି : ଶୀଘ୍ର ଆସିବୁ କିନ୍ତୁ । ଶାଢ଼ୀଟା ବଦଳେଇ ଦେ' । ପ୍ଲିଜ୍ (ଚାଲିଗଲେ)

ହେମ : ଜେମା ?

ଜେମା : ମତେ କହୁଚ ମା' ...ଭୁଲ ହେଇଗଲା...ମାଡ଼ାମ୍ ?

ହେମ : ମାଡ଼ାମ୍ ଡାକିବା ଦରକାର ନାଇଁ । ତୁ ବରଂ ମା' ଡାକ୍ ।

ଜେମା : ମା'... ! !

ହେମ : ଜେମା ! ବାବୁ କ'ଣ ସତରେ ଫେରିବେନି ?

ଜେମା : ନିଶ୍ଚୟ ଫେରିବେ ।

(ହଠାତ୍ ବାହାରେ କାର୍ ହର୍ଣ୍ଣ ଶୁଭିଲା)

ହେଇ ବାବୁ ଆସିଲେଣି ।

(ନବଘନ ବାବୁ ଫେରିଲେ । ସାଙ୍ଗରେ କ୍ଲାନ୍ତ ଅବସ୍ଥାରେ ବେବୀ)

ନବଘନ : ନିଅ, ତମ darling ଝିଅଙ୍କ କଥା ବୁଝ ପ୍ରଥମେ ।

ହେମ : କ'ଣ ହେଇଚି ମୋ' ଝିଅର ?

ନବଘନ : ସେଇ ପ୍ରବୀର ଟୋକା ସାଙ୍ଗରେ outing କରିବା ପାଇଁ ଚାଲିଯାଇଥିଲା ପୁରୀ । ମୁଁ ଆଉ tourରେ ଯିବି କ'ଣ ? ତମ ଝିଅକୁ ଫଲୋ କରୁଥିଲି । ପୁରୀରୁ ଫେରି ରାଜମହଲରେ ଦେଖିଲି ମାତାଲ ହେଇ ଗଡୁଛନ୍ତି ।

ହେମ : ପୁଣି କ'ଣ ହେଲା ? (ବ୍ୟସ୍ତ ହେଇ ପଡ଼ିଲେ)

ନବଘନ : ଆହା ବ୍ୟସ୍ତ ହେବାର କିଛି ନାଇଁ, ବାନ୍ତି ହେଇ ସାରିଚି । ବର୍ତ୍ତମାନ raw ଚା'ଟିକେ ପିଆଇ birthday party ପାଇଁ ଝିଅ ସାହେବାଣୀଙ୍କୁ ପ୍ରସ୍ତୁତ କରାଅ । ... ଜେମା ! ଦେଈଙ୍କୁ ଭିତରକୁ ନେଇ ଯାଅ ।

(ଜେମା ବେବୀକୁ ନେଇ ଭିତରକୁ ଗଲା)

ହେମ : ସତ କୁହ, ମୋ' ଉପରେ ରାଗିନ ତ ?

ନବଘନ : ଅନେକ ଚିନ୍ତା ପରେ ମୁଁ ଠିକ୍ କରିଚି ଏଣିକି sophisticated ହେବି ।

ହେମ : ଅନେକ ଚିନ୍ତାପରେ ମୁଁ ଠିକ୍ କଲି ସାଧାସିଧା ଜୀବନ ଭଲ । ଏତେ ଫେସନ ଆଉ ଫୁଟାଣିରୁ କ'ଣ ମିଳିବ ? ଚା ପିଇବ ?

ନବଘନ : ମୁଁ Bath roomରୁ ମୁହଁ ଧୋଇଆସେ ।

ହେମ : ଏଇଠି ବାରଣ୍ଡାପାଖରେ ମୁହଁ ଧୋଉନା ? Bath room ପର୍ଯ୍ୟନ୍ତ କାହିଁକି ଯିବ ଯେ ?

ନବଘନ : ଆଚ୍ଛା । (ଭିତରକୁ ଯାଇ ମୁହଁ ଧୋଇ ଆସି ଡ୍ରଇଂ ରୁମ୍‌ରେ ଥିବା ତଉଲିଆରେ ମୁହଁ ପୋଛିଲେ)

ହେମ : ଆହାହା...ସେଇଟା ପରା ଅପରିଷ୍କାର ତଉଲିଆଟେ ।

ନବଘନ : ଏଇଟା ଅପରିଷ୍କାର ?

ହେମ : ହଁ, ପ୍ରୀତି ଏଥିରେ ହାତ ପୋଛିଥିଲା । ସଫା ତଉଲିଆ ସେପଟେ ଆଲଣା ଉପରେ ଅଛି ।

ନବଘନ : ଓଃ ଚଷମାଟା ନ ପିନ୍ଧିଲେ ସବୁ ଗୋଳମାଳ ହେଇଯାଉଚି ।

ହେମ : ଚଷମା ପିନ୍ଧିଲେ ଆଉ ଅଧିକା କ'ଣ ହବ ? ଜାଣିପାରୁନ ତଉଲିଆଟା ଓଦା ତା'ମାନେ ଆଗରୁ ସେଇଟା ବ୍ୟବହାର କରାଯାଇଚି !!

ନବଘନ : କ'ଣ ହେଇଗଲା ସେଇଥୁ ?

ହେମ : ଯାଅ । Guest ମାନେ ଆସିଗଲେଣି ।

ନବଘନ : Sure ! ମୁଁ suit ଟା ବଦଳେଇ ଦିଏ । ମୁହଁରେ ଟିକିଏ old spice cologn...

ହେମ : ବାଃ ବୁଢ଼ାବୟସରେ ସେ ଗୁଡ଼ା କ'ଣ ଦରକାର ଯେ ?

ନବଘନ : ଏଣିକି ମୁଁ ମଧ୍ୟ ଫେସନ୍ କରିବି । Uncle ଆସିଛନ୍ତି ?

ହେମ : ଉପରେ ତମ ପାଇଁ ଅପେକ୍ଷା କରିଛନ୍ତି ।

ନବଘନ : ଯାଅ, ତମେ ଭଲ ଶାଢ଼ୀ ଖଣ୍ଡେ change କରିଦିଅ ।

ହେମ : କ'ଣ ଦରକାର ? ଏଥିରେ ଚଳିବ ।

ନବଘନ : ମୋ' ଉପରେ ଆଉ ରାଗିନା ତ ?

ହେମ : ପ୍ରଥମେ ତମେ କୁହ ମୋ' ଉପରେ ରାଗିନା ତ ?

ନବଘନ : (ସମସ୍ତଙ୍କ ଆଡୁଆଳରେ ଟିକିଏ ଛାତିରେ ଜାକିଦେଇ) ହେମାଙ୍ଗିନୀ ଉପରେ ମୁଁ ପୁଣି ରାଗିବି ?

ହେମ : ସକାଳେ ଯେମିତି ରାଗିଗଲ...

ନବଘନ : ସକାଳର ମେଘ କ'ଣ ସନ୍ଧ୍ୟାରେ ଥାଏ ?

ହେମ : ଆକାଶ ତା' ହେଲେ ସଫା ?

ନବଘନ : ତମ ମୁହଁ ଠାରୁ ଆହୁରି ଅଧିକ ।

ହେମ : ଦୁଷ୍ଟ !

ନବଘନ : କାଇଁ ତମ ମୁହଁଟା ଦେଖା... ଆରେ ମୋ' ଚଷମାଟା ଗଲା କୁଆଡ଼େ ! ଚଷମାଟା ନ ପିନ୍ଧିଲେ ସକାଳର ମୁହଁଟା ସନ୍ଧ୍ୟାରେ କେମିତି ବଦଳିଛି ଜାଣି ହବନି ଯେ- !!

ହେମ : ଓଃ ! ବୁଢ଼ାଙ୍କର ସଉକି ଦେଖ... (ଚାଲିଗଲେ । ନବଘନ ତାଙ୍କୁ ଧରିବାକୁ ଚେଷ୍ଟା କରୁ କରୁ ପରଦା ନଇଁ ଆସିଲା)

୧୬.୪ ନାଟ୍ୟକାରଙ୍କ ପରିଚୟ

ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ ଓଡ଼ିଆ ନାଟ୍ୟ ଜଗତରେ ଜଣେ ଦକ୍ଷ ଓ ସଫଳ ନାଟ୍ୟକାର । ସ୍ୱାଧୀନତା ପରବର୍ତ୍ତୀ କାଳରେ ନାଟକର ବିଷୟବସ୍ତୁ ଓ ପରିବେଷଣ ଶୈଳୀକୁ ନେଇ ସେ ନିଜକୁ ଜଣେ ସ୍ୱତନ୍ତ୍ର ଶ୍ରେଣୀର ନାଟ୍ୟକାର ଭାବେ ପ୍ରତିଷ୍ଠିତ କରିଛନ୍ତି । ଜଗତ ଓ ଜୀବନକୁ ନେଇ ସେ ଯେଉଁ ସବୁ କାହାଣୀ ଓ ଚରିତ୍ର ସୃଷ୍ଟି କରିଛନ୍ତି ସେ ସମସ୍ତ ଆମ ସମାଜ ଓ ସମୟର କଥା କହେ । ବିଷୟ ଉପଯୋଗୀ ମଞ୍ଚ ପରିକଳ୍ପନା ଓ ଚରିତ୍ର ଅନୁକୂଳ ସଂଳାପ ସଂଯୋଜନାରେ ସେ ବେଶ୍ ଧୁରନ୍ଧର । ତାଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ "ମୁକ୍ତି ମଣ୍ଡପ", "ବିନ୍ଦୁ ବଳୟ", "ମୁଁ ଆମ୍ଭେ ଆମ୍ଭେମାନେ", "ଜଣେ ମହାପୁରୁଷଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ", "ମହାନାଟକ", "ଧୃତରାଷ୍ଟ୍ରର ଆଖି", "ହାତୀକୁ ହୋମିଓ ପାଥି", "ପକା କମ୍ବଳ ପୋତ ଛଟା", "ଜାତୀୟ ସଙ୍କଟ" ଇତ୍ୟାଦି ଅନ୍ୟତମ ।

କେବଳ ନାଟକ ନୁହେଁ ଏକାଙ୍କିକା ରଚନାରେ ମଧ୍ୟ ଡକ୍ଟର ପାଣିଗ୍ରାହୀ ବେଶ୍ ସିଦ୍ଧହସ୍ତ । ତାଙ୍କ ରଚିତ "ଉଡ଼ନ୍ତା ପାହାଡ଼ର ଦର୍ଜା" ଓ "ଅପ୍ରୀତିକର ନାଟକ" ଦୁଇଟି ବିଶିଷ୍ଟ ଏକାଙ୍କିକା ସଂକଳନ । ଦୁଇଟି ଯାକ ସଙ୍କଳନରେ ସ୍ଥାନପାଇଛି ବହୁ ବିଶିଷ୍ଟ ଏକାଙ୍କିକା । ସେଗୁଡ଼ିକ ମଧ୍ୟରେ "ଉଡ଼ନ୍ତା ପାହାଡ଼ର ଦର୍ଜା", ଲକ୍ଷ୍ମୀପୂଜା ପ୍ରସଙ୍ଗ", "ବିଶ୍ୱମ୍ଭର ସେନାପତି ଓ ଦର୍ପଣ ଉପାଖ୍ୟାନ", "ସେ ମରିଗଲେ", "ଗେଣ୍ଡା" ଇତ୍ୟାଦି ପ୍ରତିନିଧି ସ୍ଥାନୀୟ । ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ଏକାଙ୍କିକା ସବୁ ମଣିଷ ଜୀବନର ବୈଚିତ୍ର୍ୟ ଭରା ଦିଗ ସବୁକୁ ଉନ୍ମୋଚିତ କରିବା ସଙ୍ଗେ ସଙ୍ଗେ ପ୍ରତିଟି ଚରିତ୍ରର ଗଭୀର ମନୋଭୂମିକୁ ଅତି ସୁନ୍ଦର ଭାବେ ଉନ୍ମୋଚିତ କରିପାରିଛି । ନବୀନ ଚିନ୍ତା ଓ ଚେତନାରେ ଭରା ତାଙ୍କର ନାଟକ ଓ ଏକାଙ୍କିକା ସକଳ ପରମ୍ପରାଠାରୁ ସ୍ୱତନ୍ତ୍ର ଓ ଅନନ୍ୟ ।

୧୬.୫ ନାଟକ ଓ ଏକାଙ୍କିକା :

ମୋଟାମୋଟି ଭାବେ ନାଟକ ଓ ଏକାଙ୍କିକାର ସ୍ୱର ଓ ସ୍ୱରୂପ ପ୍ରାୟ ସମାନ । କାହାଣୀ, ଚରିତ୍ର, ସଂଳାପ, ମଞ୍ଚ ପରିକଳ୍ପନା, ନାଟକୀୟ ଉତ୍କଣ୍ଠା ସୃଷ୍ଟି ଇତ୍ୟାଦି ଦୃଷ୍ଟିରୁ ଉଭୟର ବାହାର ରୂପ ରଚନା ଓ ବକ୍ତବ୍ୟ ପ୍ରାୟ ଏକାପରି । କିନ୍ତୁ କାହାଣୀର ଦୀର୍ଘତା, ଘଟଣାର ପରିମାଣାତ୍ମକ ସମାବେଶ, ଚରିତ୍ରର ସଂଖ୍ୟା, ନାଟକୀୟ ଦ୍ୱନ୍ଦ୍ୱ ଓ ସଙ୍ଘର୍ଷର ଅବତାରଣା ଆଦି ଦୃଷ୍ଟିରୁ ନାଟକ ଓ ଏକାଙ୍କିକା ପରସ୍ପରଠୁ ଭିନ୍ନ । ନାଟକ ଜୀବନର ବୃହତ୍ତର ଅଂଶକୁ ନେଇ ରଚିତ ହେବାବେଳେ ଏକାଙ୍କିକା ଜୀବନର ଏକ ଖଣ୍ଡିତାଂଶକୁ ନେଇ ରଚିତ । ନାଟକରେ ବହୁ ଘଟଣା ଓ ଚରିତ୍ରର ସମାବେଶ ଦେଖିବାକୁ ମିଳୁଥିବା ବେଳେ ଏକାଙ୍କିକାରେ ଏକକ ଘଟଣା ଓ ସ୍ୱଳ୍ପ ସଂଖ୍ୟକ ଘଟଣା ଓ ଚରିତ୍ରର ସମାବେଶ ଦେଖିବାକୁ ମିଳେ । ନାଟକର ପରିବେଷଣ ସମୟ ଦୀର୍ଘ ହୋଇଥିବାବେଳେ ଏକାଙ୍କିକା ସ୍ୱଳ୍ପ କାଳ ମଧ୍ୟରେ ପରିବେଷିତ ହୋଇଥାଏ ।

୧୬.୬ ଏକାଙ୍କିକାର କଥାବସ୍ତୁ :

ନାଟ୍ୟକାରଙ୍କ ଦ୍ୱାରା ରଚିତ "ଅପ୍ରୀତିକର ନାଟକ" ସଙ୍କଳନରୁ "ସକାଳର ମେଘ" ଏକାଙ୍କିକା ଆନୀତ । ସମଗ୍ର ଏକାଙ୍କିକାଟି ଏକ ପାରିବାରିକ ଚିତ୍ରର ଅବତାରଣା କରେ । ମୁଖ୍ୟ ତିନିଗୋଟି ଚରିତ୍ରକୁ ନେଇ ଏହାର କଥାଭାଗ ଗଢ଼ି ଉଠିଛି । ସେମାନେ ହେଲେ ବିମଳ ବାବୁ, ପତ୍ନୀ ହେମାଙ୍ଗିନୀ ଓ ତାଙ୍କର

ଏକମାତ୍ର କଲେଜ ପଢୁଆ ଝିଅ ବେବୀ । ବିମଳ ବାବୁ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ (କମର୍ସିଆଲ ଟେକ୍ସ ଅଫିସର) । ଉଚ୍ଚ ପଦବୀରେ ଥାଇବି ଆଧୁନିକ ଜୀବନ ଶୈଳୀ ତାଙ୍କୁ ଛୁଇଁ ପାରିନି । ଗାଉଁଲି ପରିବେଶରେ ଓ ଯୌଥ ପରିବାରରେ ବଢ଼ି ଥିବା ଯୋଗୁଁ ସେ ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀକୁ ଅଧିକ ପସନ୍ଦ କରନ୍ତି । ଅନ୍ୟ ଦିଗରେ ପତ୍ନୀ ହେମାଙ୍ଗିନୀ ବଡ଼ଘରର ଝିଅ ହୋଇଥିବାରୁ ବିଳାସବ୍ୟସନ ପ୍ରିୟ ଓ ଆଧୁନିକ ସହରୀ ସଭ୍ୟତାର ଚାକଚକ୍ୟରେ ବିଶ୍ୱାସୀ । ନିଜର ଏକମାତ୍ର ଝିଅ ବେବୀକୁ ସେ ନିଜ ଆଦର୍ଶରେ ଗଢ଼ିବାକୁ ଚାହାନ୍ତି । କିନ୍ତୁ ବିମଳ ବାବୁ ଫମ୍ପା ଅଭିଜାତ୍ୟ ଓ ଅନ୍ୟକୁ ଦେଖାଇହେବା ଗୁଣକୁ ଆଦୌ ପସନ୍ଦ କରନ୍ତି ନାହିଁ । ସ୍ୱାମୀ-ସ୍ତ୍ରୀ ଦୁହେଁ ଉଭୟ ବିଚାରଧାରା ଓ ଚଳଣୀଗତ ଆଦର୍ଶ ଦୃଷ୍ଟିରୁ ପରସ୍ପର ପରସ୍ପରର ବିପରୀତ । ଏକାଙ୍କିକାର ଆରମ୍ଭ ହୁଏ ବେବୀର ବାର୍ଥଡେ ପାଳନ ଉପଲକ୍ଷ୍ୟେ ହେଉଥିବା ଆୟୋଜନରୁ । ହେମାଙ୍ଗିନୀ, ବଡ଼ ଆଡ଼ମ୍ବର ପୂର୍ଣ୍ଣ ଶୈଳୀରେ ଘରକୁ ସଜାଇବା ସହ, ସହରର ଉଚ୍ଚ ଓ ଅଭିଜାତ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିବା ଓ ସେମାନଙ୍କ ଉପଯୁକ୍ତ ଚର୍ଚ୍ଚାର ବ୍ୟବସ୍ଥାରେ ଲାଗିପଡ଼ିଥାଆନ୍ତି । ନବଘନ ବାବୁଙ୍କୁ ଏସବୁ ନାପସନ୍ଦ ହେଉଥିବାରୁ ସେ ନିଜକୁ ଏଥିରୁ ସଂପୂର୍ଣ୍ଣ ଅଲଗା ରଖନ୍ତି । ଜନ୍ମ ଦିନ ପାଳନ ଉପଲକ୍ଷ୍ୟେ ହେମାଙ୍ଗିନୀ, ନବଘନଙ୍କୁ ସବୁଦିନିଆ ପୋଷାକ ନପିନ୍ଧି ବିଶେଷ ପୋଷାକ ପରିଧାନ କରିବାକୁ ପରାମର୍ଶ ଦିଅନ୍ତି । ଲୁଙ୍ଗି ଓ ଗାମୁଛାରେ ପିଲାଟିଦିନରୁ ବଢ଼ିଆସିଥିବା ନବଘନ ଏ ପ୍ରକାରର କୃତ୍ରିମ ଓ ଲୋକଦେଖାଣିଆ ପୋଷାକ ପିନ୍ଧିବାକୁ ରାଜି ହୁଅନ୍ତିନାହିଁ । ହେମାଙ୍ଗିନୀ, ନବଘନଙ୍କର ଏପରି ରୁଚିବୋଧକୁ ଘୃଣାକରି ତାଙ୍କୁ ବୁଡ଼ା ବୋଲି କହନ୍ତି । ଉଭୟଙ୍କ ଭିତରେ ନିଜ ନିଜର ରୁଚି ଓ ଆଦର୍ଶକୁ ନେଇ ଯୁକ୍ତିତର୍କ ଚାଲେ । ପରସ୍ପର ନିଜ ନିଜ ଯୁକ୍ତିରେ ଅଟଳ ରୁହନ୍ତି । ପରିସ୍ଥିତି ତିକ୍ତ ଓ ଅଶାନ୍ତ ହୋଇଉଠେ । ହଠାତ୍ ଝିଅ ବେବୀର ଅନୁପସ୍ଥିତି ବିଷୟରେ ପଚାରିବାକୁ ଯାଇ ନବଘନ ପତ୍ନୀ ହେମାଙ୍ଗିନୀଙ୍କଠୁ ଜାଣିବାକୁ ପାଆନ୍ତି ଯେ, ବେବୀ ତା'ର ବୟ ଫ୍ରେଣ୍ଡ ପ୍ରବୀରକୁ ଜନ୍ମଦିନର ନିମନ୍ତ୍ରଣ କରିବାକୁ ଯାଇଛି । ଏକଥା ଶୁଣି ଉତକ୍ଷିପ୍ତ ହୋଇ ଉଠନ୍ତି ନବଘନ ଓ ଘର ଛାଡ଼ି ଅନିର୍ଦ୍ଦିଷ୍ଟ ଭାବେ କେଉଁଆଡ଼େ ଚାଲିଯାଆନ୍ତି । ହେମାଙ୍ଗିନୀ, ନବଘନଙ୍କ ଅନୁପସ୍ଥିତିରେ ଦୁଃଖରେ ଭାଙ୍ଗି ପଡ଼ନ୍ତି । ଅନ୍ୟ ଦିଗରେ ପ୍ରବୀରକୁ ନିମନ୍ତ୍ରଣ କରିବାକୁ ଯାଇଥିବା ବେବୀ, ଘରକୁ ନଫେରି ପ୍ରବୀର ସହ ପୁରୀ ସମୁଦ୍ର କୂଳକୁ ବୁଲି ପଳାଏ ଓ ସେଠାରେ ଉଭୟେ ମଦ୍ୟପାନ କରନ୍ତି । ମାତାଲ ଅବସ୍ଥାରେ ପ୍ରବୀର ଓ ବେବୀ ଭୁବନେଶ୍ୱରର ରାଜମହଲ ଛକରେ ଗଡୁଥିବାବେଳେ ନବଘନ, ବେବୀକୁ ଉଦ୍ଧାର କରି ଘରକୁ ଫେରନ୍ତି । ଝିଅକୁ ମାତାଲ ଅବସ୍ଥାରେ ଦେଖି ହେମାଙ୍ଗିନୀ ନିଜର ଭୁଲ ବୁଝିପାରନ୍ତି । ବଦଳି ଯାଆନ୍ତି ସେ ଓ ବଦଳାଇ ଦିଅନ୍ତି ନିଜର ମିଛ ଅହମିକାରେ ଭରା ବିଚାର ଧାରାକୁ । ପତି-ପତ୍ନୀଙ୍କ ମଧ୍ୟରେ ହୋଇଥିବା ଭୁଲ ବୁଝାମଣାର ଅବସାନ ଘଟେ । ସକାଳୁ ସକାଳୁ ହଠାତ୍ ଘୋଟି ଆସିଥିବା କଳାହାଣ୍ଡିଆ ମେଘ ସନ୍ଧ୍ୟା ବେଳକୁ ଅପସରିଯାଏ । ଠିକ୍ ସେହିପରି ପରିବାରଟିର ନିତ୍ୟ-ନୈମିତ୍ତିକ ଜୀବନ ଧାରାରେ ସ୍ନେହ ଓ ପ୍ରେମର ସୁଅ ପୁଣିଥରେ ପ୍ରବାହିତ ହୁଏ । ଏହିପରି ଭାବେ ଚଳନ୍ତି ସମୟର ବାସ୍ତବ ଓ ଜୀବନ୍ତ ଚିତ୍ର ଫୁଟି ଉଠିଛି ସମଗ୍ର ଏକାଙ୍କିକାଟିର କଥାବସ୍ତୁ ମଧ୍ୟରେ ।

୧୬.୭ ଏକାଙ୍କିକାଟିର ଚରିତ୍ରଗଣ :

ଚରିତ୍ର ନାଟ୍ୟ ସୃଷ୍ଟିର ନାଭିକେନ୍ଦ୍ର ସଦୃଶ । ନାଟ୍ୟକାର ପରିକଳ୍ପିତ ବକ୍ତବ୍ୟ ଓ ଚିନ୍ତନର ପ୍ରତିବେଦକ । କଥାବସ୍ତୁ ଓ ଘଟଣାର ଅଗ୍ରଗତିର ଚିରନ୍ତ୍ର ହେଉଛି କର୍ତ୍ତା ଓ କାରଣ । ନାଟ୍ୟ ଚରିତ୍ରଗଣ ପାରସ୍ପରିକ ସଂଳାପ

ବିନିମୟ ଓ ବାହ୍ୟ କ୍ରିୟା-କଳାପ ଭିତର ଦେଇ କଥାବସ୍ତୁକୁ ଆଗେଇ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ମୋଟ ଉପରେ ଦୁଇ ପ୍ରକାରର ଚରିତ୍ର ନାଟ୍ୟ କାହାଣୀରେ ପରିଲକ୍ଷିତ ହୁଅନ୍ତି । ଗୋଟିଏ ପ୍ରକାରର ଚରିତ୍ର ପରିବର୍ତ୍ତନଶୀଳ ଓ ଅନ୍ୟ ପ୍ରକାର ଚରିତ୍ର ଅପରିବର୍ତ୍ତନୀୟ । ଯେପରି ଆଲୋଚ୍ୟ ଏକାଙ୍କିକାଟିରେ ହେମାଙ୍ଗିନୀ ପରିବର୍ତ୍ତନଶୀଳ ଚରିତ୍ର ଓ ନବଘନ ଅପରିବର୍ତ୍ତନୀୟ ଚରିତ୍ର । ସେହିପରି ପ୍ରତିଟି ନାଟ୍ୟ ସୃଷ୍ଟିରେ ମୁଖ୍ୟ ଓ ଗୌଣ ଭେଦରେ ଦୁଇ ପ୍ରକାର ଚରିତ୍ର ମଧ୍ୟ ଦେଖିବାକୁ ମିଳନ୍ତି । ଯେପରି ନବଘନ, ହେମାଙ୍ଗିନୀ ଓ ବେବୀ ଏକାଙ୍କିକାଟିର ମୁଖ୍ୟ ଚରିତ୍ର ହୋଇଥିବାବେଳେ ଜେମା, ନେଲିଅପା, ପ୍ରୀତି ଆଦି ଚରିତ୍ର ଗୌଣ ଚରିତ୍ର ଅଟନ୍ତି । ଆଲୋଚ୍ୟ ଏକାଙ୍କିକାଟି ତିନିଗୋଟି ମୁଖ୍ୟ ଓ ତିନିଗୋଟି ଗୌଣ ଚରିତ୍ରଙ୍କୁ ନେଇ ଗଢ଼ି ଉଠିଛି । ଆସ ସେମାନଙ୍କ ସମ୍ପର୍କରେ ଆଲୋଚନା କରିବା ।

ନବଘନ : ନବଘନ, ଏକାଙ୍କିକାଟିର ପ୍ରଧାନ ଓ ପ୍ରତିନିଧି ସ୍ଥାନୀୟ ଚରିତ୍ର । ପେଷାରେ ସେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ (କମର୍ସିଆଲ ଟେକ୍ସ ଅଫିସର) । ଏତେବଡ଼ ଉଚ୍ଚ ପଦବୀରେ ଥାଇ ମଧ୍ୟ ପଦବୀ ଓ କ୍ଷମତାର ସେ କେବେବି ବଶବର୍ତ୍ତୀ ହୋଇନାହାନ୍ତି । ସେ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ସଚ୍ଚୋଟ ସରକାରୀ କର୍ମଚାରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀକୁ ସେ ଆପଣେଇ ନେଇଛନ୍ତି । ଆଧୁନିକତା ତାଙ୍କୁ ସ୍ପର୍ଶ କରିପାରିନି । ସେ ସବୁବେଳେ ଫମ୍ପା ଓ ଲୋକ ଦେଖାଣିଆ କୃତ୍ରିମ ଜୀବନ ଶୈଳୀକୁ ଘୃଣା କରନ୍ତି । ପିଲା ଦିନ ଗାଁରେ କଟିଥିବାରୁ, ଗାଉଁଲି ଜୀବନ ଶୈଳୀକୁ ସେ ଆଜୀବନ ଛାଡ଼ି ପାରିନାହାନ୍ତି । ଯୌଥ ପରିବାରର ଅକୃତ୍ରିମ ଜୀବନଧାରା ଏବେବି ତାଙ୍କ ମନରେ ସଜୀବ ହୋଇ ଅଛି । ଅଯଥା ଖର୍ଚ୍ଚ ଓ ଆଧୁନିକ ଖାଦ୍ୟ ଓ ପୋଷାକ ପରିଚ୍ଛଦ ସେ ଆଦୌ ପସନ୍ଦ କରନ୍ତି ନାହିଁ । କମର୍ସିଆଲ ଟେକ୍ସ ଅଫିସର ହୋଇଥିବା ଯୋଗୁଁ ସେ କାହାଠୁ କେବେ ଲାଞ୍ଚ ନେବା ଓ ନିଜ କ୍ଷମତାର ଅପବ୍ୟବହାର କରିବାର ପ୍ରୟାସ କରିନାହାନ୍ତି । ହେମାଙ୍ଗିନୀ, ବଡ଼ଘରର ଝିଅ ହୋଇଥିବାରୁ ଆଧୁନିକ ଚଳଣିରେ ଅଭ୍ୟସ୍ତ । ତାଙ୍କର ବେଶ-ପୋଷାକ, ଖାଦ୍ୟ-ପେୟ, କଥା-ବାର୍ତ୍ତା, ବିଚାରଧାରା ଆଦି ସବୁଥିରେ ଆଧୁନିକତାର ଛାପ ସ୍ପଷ୍ଟରୂପେ ବାରିହୋଇ ପଡ଼େ । ନବଘନଙ୍କ ଝିଅ ବେବୀ ମାଆ ହେମାଙ୍ଗିନୀଙ୍କ ଆଦର୍ଶରେ ଗଢ଼ି ଉଠିଛି । ନବଘନ, ଉଭୟ ପତ୍ନୀ ଓ କନ୍ୟାଙ୍କ ନୀତିବୋଧ ଓ ଆଦର୍ଶକୁ ପସନ୍ଦ କରନ୍ତି ନାହିଁ । ତାଙ୍କ ବିଚାରରେ ଜୀବନର ଗତିରେଖା ସଳଖ ନୁହେଁ । ଆଜି ଧନ ଅଛି ବୋଲି ତାର ଅପବ୍ୟବହାର ହେବା ଅନୁଚିତ । ଜୀବନରେ ଏମିତିବି ସମୟ ଆସିବ, ଯେତେବେଳେ ଖଣ୍ଡେ ଗାମୁଛା ଓ ଲୁଙ୍ଗୀରେ ଦିନ କାଟିବାକୁ ପଡ଼ିବ । ସେଇଥିପାଇଁ ସେ ହେମାଙ୍ଗିନୀ ଓ ବେବୀକୁ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରିବା ପାଇଁ ପରାମର୍ଶ ଦିଅନ୍ତି । ନବଘନ, ଚରିତ୍ରହୀନତାକୁ ଆଦୌ ପସନ୍ଦ କରନ୍ତି ନାହିଁ । ନିଜ ଝିଅ ବେବୀର ବୟଫ୍ରେଣ୍ଡ ପ୍ରବୀର ସହ ଅବାଧ ମିଳାମିଶାକୁ ସେ ବରଦାସ୍ତ କରିପାରି ନାହାନ୍ତି । ସେଇଥିପାଇଁ ସମସ୍ତଙ୍କ ଅଗୋଚରେ ସେ ପ୍ରବୀରକୁ ଡାକି ଗଲାବେଳେ ଗୋପନରେ ବେବୀକୁ ଅନୁସରଣ କରିଛନ୍ତି । ରାଜମହଲ ଛକରେ ନିଶାସକ୍ତ ଅବସ୍ଥାରେ ଗଡୁଥିବାବେଳେ ସେ ବେବୀକୁ ଉଦ୍ଧାର କରିଛନ୍ତି । ଗୋଟିଏ ଦିଗରେ ସେ ନିଜର ଝିଅ ବେବୀର ନୀତି ଓ ବିଚାରଧାରାକୁ ଘୃଣା କରୁଥିବାବେଳେ, ଅନ୍ୟଦିଗରେ ତାକୁ ମନଭରି ଭଲପାଆନ୍ତି ଓ ତା'ର ମାନସିକତାରେ ପରିବର୍ତ୍ତନ ଆଣିବାକୁ ବାରମ୍ବାର ଚେଷ୍ଟା କରିଛନ୍ତି । ବେବୀର ଜନ୍ମଦିନ ପାଳନ ଅବସରରେ ହେମାଙ୍ଗିନୀଙ୍କ ଦ୍ୱାରା ପ୍ରଭାତ ବ୍ୟାକେରୀରୁ ମାଗଣାରେ କେକ୍ ଆଣିବା, ଘରେ ଅତିଥିମାନଙ୍କ ପାଇଁ ବିଅରର

ଟିପ୍ପଣୀ

ବ୍ୟବସ୍ଥା କରିବା ଓ ବେବୀର ପ୍ରବୀରକୁ ଡାକି ଯିବା କଥା ଓ ଅଯଥା ଅର୍ଥ ଅପଚୟକୁ ସେ ସ୍ପଷ୍ଟ ଭାବେ ବିରୋଧ କରିଛନ୍ତି । ଛଳନା ଓ କୃତ୍ରିମତାକୁ ସେ କେଉଁଠି ହେଲେ ବି ବରଦାସ୍ତ କରିପାରନ୍ତି ନାହିଁ । ଏକାଙ୍କିକାଟିର ପ୍ରାରମ୍ଭରୁ ସମାପ୍ତି ପର୍ଯ୍ୟନ୍ତ ନବଘନ ନିଜର ଆଦର୍ଶ ଓ ବିଚାରଧାରାରେ ଅଟଳ-ଅଚଳ ରହି ପ୍ରତ୍ୟେକଟି ଚରିତ୍ରକୁ ପ୍ରଭାବିତ ଓ ପରିବର୍ତ୍ତିତ କରିପାରିଛନ୍ତି । ନାଟ୍ୟକାର ପାଣିଗ୍ରାହୀ ନବଘନ ଚରିତ୍ର ଭିତର ଦେଇ ଆଧୁନିକ ଶିକ୍ଷା-ସଭ୍ୟତାରେ ମଜଗୁଲ ଆଜିର ସମାଜ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଛନ୍ତି । ଆମ ପରମ୍ପରାର ସହଜ-ସରଳ ନୀତି ଓ ଆଦର୍ଶ, ଖାଦ୍ୟ-ପେୟ, ବେଶ-ପୋଷାକ, ରୀତି-ରିବାଜ, ସାମାଜିକ ବିଧି-ନିଷେଧ ଇତ୍ୟାଦି ଆମର ପାରିବାରିକ ଓ ସାମାଜିକ ବନ୍ଧନକୁ ଶୁଦ୍ଧ ଓ ଦୃଢ଼ କରିବାରେ ସାହାଯ୍ୟ କରିଥାଏ । ନାଟ୍ୟକାର ନବଘନ ଚରିତ୍ର ମାଧ୍ୟମରେ ଏବଂ ବିଧ ଚେତନାକୁ ପ୍ରସ୍ଫୁଟିତ କରିବାରେ ବେଶ୍ ସଫଳ ହୋଇପାରିଛନ୍ତି ।

ହେମାଙ୍ଗିନୀ: ହେମାଙ୍ଗିନୀ, ଏକାଙ୍କିକାଟିର ଅନ୍ୟ ଏକ ମୁଖ୍ୟ ଚରିତ୍ର । ବଡ଼ ଘରର ଝିଅ ସେ । ଅଙ୍କଲ ତାଙ୍କର ଆମେରିକା ଫେରନ୍ତା । ହେମାଙ୍ଗିନୀଙ୍କ ବାପଘରେ ସମସ୍ତେ ଆଧୁନିକ ସଭ୍ୟତାର ପୂଜାରୀ । ଖାଦ୍ୟ-ପେୟ, ବେଶ-ପୋଷାକ, ବିଚାର-ବିବେଚନା, କଥା-ଭାଷା ସବୁଥିରେ ତାଙ୍କର ଆଧୁନିକତାର ଛାପ ସ୍ପଷ୍ଟ ରୂପେ ବାରି ହୋଇପଡ଼େ । ନବଘନ, ଗାଉଁଲିଆ ବିଚାରର ବୋଲି ସେ ତାଙ୍କୁ ପସନ୍ଦ କରନ୍ତି ନାହିଁ । ସେ ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ରୁଚିବୋଧ ଓ ଆଦର୍ଶକୁ ନେଇ ସବୁବେଳେ ଯୁକ୍ତିତର୍କ ଲାଗି ରହିଥାଏ । ନିଜ ଝିଅ ବେବୀକୁ ସେ ନିଜ ଆଦର୍ଶରେ ବଢ଼ାଇବାକୁ ଚାହାନ୍ତି । ବେବୀକୁ ନିଜ ପ୍ରତିଭାର ପୂର୍ଣ୍ଣ ବିକାଶ ପାଇଁ ସେ ଅଖଣ୍ଡ ସ୍ୱାଧୀନତା ପ୍ରଦାନ କରିଛନ୍ତି । ନିଜେ "ବାଳିକା ଉନ୍ନୟନ ସଂସ୍ଥା"ର ଜଣେ ସ୍ୱେଚ୍ଛାସେବୀ କର୍ମୀ ହୋଇଥିବାରୁ ସଂସ୍ଥାର ଆଦର୍ଶ ଅନୁସାରେ ବେବୀକୁ ସର୍ବବିଦ୍ୟା ସମ୍ପନ୍ନା କରିବା ତାଙ୍କର ମୁଖ୍ୟ ଧେୟ । ଏଇଥିପାଇଁ ନିଜ ସ୍ୱାମୀଙ୍କ ସହ ତାଙ୍କର ମତ ଭିନ୍ନତା ଦେଖିବାକୁ ମିଳେ । ବେବୀର ବୟଫ୍ରେଣ୍ଡ ପ୍ରବୀର ସହ ଅବାଧ ମିଳାମିଶା, ସୁବାସ ବାବୁଙ୍କ ଭଳି ଅତିଥିଙ୍କ ପାଇଁ ବିଅରର ବ୍ୟବସ୍ଥା କରିବା ଭଳି କାର୍ଯ୍ୟ ତାଙ୍କ ମତରେ ଆଧୁନିକ ରୁଚିର ନମୁନା । ଅଣ୍ଡା ଓ କଟଲେଟ ନବଘନ ବାବୁ ହଜମ କରିପାରୁନଥିବାରୁ ଚୂଡ଼ା ଖାଆନ୍ତି ବୋଲି ହେମାଙ୍ଗିନୀ ତାଙ୍କୁ ବ୍ୟଙ୍ଗରେ ଚୂଡ଼ା ବୋଲି ଡାକନ୍ତି । ଲୁଙ୍ଗୀ ଓ ଗାମୁଛାରେ ସାରା ଜୀବନ ଚଳି ଆସିଥିବା ନବଘନ ଆଧୁନିକ ରୁଚି ସମ୍ମତ ପୋଷାକ ପିନ୍ଧି ଭଲ ଭାବରେ ଟାଇ ଭିଡ଼ି ପାରନ୍ତିନି ବୋଲି ହେମାଙ୍ଗିନୀ ତାଙ୍କୁ ୧୯୪୨ ମଡ଼େଲ ଫୋର୍ଡ଼ ଗାଡ଼ି ବୋଲି କହନ୍ତି । ନବଘନଙ୍କ ପରିବାର ଗାଉଁଲି ଆଦର୍ଶର ହୋଇଥିବାରୁ ପରିବାରଟିର ସମସ୍ତଙ୍କୁ ସେ ଘୃଣା କରନ୍ତି । ଏପରିକି ନବଘନଙ୍କ ବଡ଼ ଭାଇ କେବେ ଆସିଲେ ହେମାଙ୍ଗିନୀଙ୍କ ଡରରେ ବାରି ପଟେ ଘର ଭିତରକୁ ଯାଆନ୍ତି । ନବଘନଙ୍କ ପରି ହେମାଙ୍ଗିନୀ ଦୂରଦୃଷ୍ଟି ସମ୍ପନ୍ନ ନୁହନ୍ତି । ନିଜ ବିଚାର ଧାରାରେ ଅଟଳ ହେମାଙ୍ଗିନୀ ନବଘନଙ୍କ ପରାମର୍ଶ ଓ ବିଚାର ଧାରାକୁ ଗ୍ରହଣ କରିପାରନ୍ତି ନାହିଁ । ଘଟଣା ଚକ୍ରରେ ବିମଳବାବୁଙ୍କର ନିରୁଦ୍ଧିଷ୍ଟ ହେବା ଘଟଣା ଓ ପରେ ପରେ ପ୍ରବୀରକୁ ଡାକିବାକୁ ଯାଇଥିବା ବେବୀର ଫେରିବାରେ ବିଳମ୍ବ ହେବା ଘଟଣା, ହେମାଙ୍ଗିନୀଙ୍କ ଗର୍ବ, ଅହଂକାର ଓ ଅଯଥା ଜିଦ୍‌ଖୋର ପଣିଆକୁ ଭାଙ୍ଗି ରୁଜି ଚୁର୍‌ମାର କରିଦେଇଛି । ନିଶାସକ୍ତ ଅବସ୍ଥାରେ ବେବୀକୁ ଉଦ୍ଧାର କରି ଫେରୁଥିବା ନବଘନଙ୍କୁ ଦେଖି ହେମାଙ୍ଗିନୀ ବାଧ୍ୟ ହୋଇଛନ୍ତି ନିଜକୁ ବଦଳେଇବାକୁ ।

ନବଘନଙ୍କ ବିଚାର ଧାରାର ଆବଶ୍ୟକତା ଓ ଗୁରୁତ୍ୱକୁ ହେମାଙ୍ଗିନୀ ବିଳମ୍ବରେ ହେଲେ ବି ବୁଝିବାରେ ସକ୍ଷମ ହୋଇଛନ୍ତି । ପରବର୍ତ୍ତିତ ହୋଇଛନ୍ତି ସିଏ ଓ ଚିରକାଳ ପାଇଁ ବଦଳେଇ ଦେଇଛନ୍ତି ନଜର ବିଚାରଧାରା ଓ ଆଦର୍ଶକୁ । ଘଟଣା ଚକ୍ରରେ ପରିବେଶ ଓ ପରିସ୍ଥିତି ମଣିଷକୁ ବାଧ କରେ ବଦଳିବା ପାଇଁ । ଯାହା ଘଟିଛି ହେମାଙ୍ଗିନୀଙ୍କ କ୍ଷେତ୍ରରେ । ପରିବର୍ତ୍ତନଶୀଳ ନାଟ୍ୟ ଚରିତ୍ର ଭାବେ ହେମାଙ୍ଗିନୀ ଚରିତ୍ରର ସଫଳ ରୂପାୟନ ଏକାଙ୍କିକାଟିରେ ଯଥାଯଥ ଭାବେ ହୋଇପାରିଛି ଏଥିରେ ସନ୍ଦେହନାହିଁ ।

ବେବୀ : ବେବୀ, ଆଧୁନିକ ରୁଚି ସମ୍ପନ୍ନା କଲେଜ ପଢୁଆ ଝିଅ । ପିତାମାତାଙ୍କର ଏକମାତ୍ର କନ୍ୟା ହୋଇଥିବାରୁ ସେ ବଡ଼ ସ୍ନେହ ଓ ଶ୍ରଦ୍ଧାରେ ବଢ଼ି ଆସିଛି । ଯୁବ ସୁଲଭ ଚପଳତା ଯୋଗୁଁ ତା'ର ବ୍ୟବହାର ଓ କାର୍ଯ୍ୟରେ ଅପରିପକ୍ୱତାର ଲକ୍ଷଣ ବେଶ୍ ସ୍ପଷ୍ଟ ରୂପେ ଫୁଟି ଉଠେ । ହେମାଙ୍ଗିନୀ, ନିଜର ଭାବନା ଓ ବିଚାରଧାରା ଅନୁରୂପ ବେବୀକୁ ବଢ଼ାଇବାକୁ ଚାହାନ୍ତି । ତେଣୁ ବେବୀ, ଅଖଣ୍ଡ ସ୍ୱାଧୀନତାର ଅଧିକାରିଣୀ । ଆଧୁନିକ ବେଶ-ପୋଷାକ, ଖାଦ୍ୟ-ପେୟ ଆଦିରେ ସେ ଅଭ୍ୟସ୍ତ । ମାଆ ହେମାଙ୍ଗିନୀଙ୍କ ପ୍ରେରଣା ଓ ପରାମର୍ଶରେ ଗୀତ, ନାଚ ଓ କବିତା ଲେଖାରେ ସେ ବେଶ୍ ପାରଙ୍ଗମ । ମାଆଙ୍କର ଆଦର୍ଶରେ ବଢ଼ିଥିବା ଯୋଗୁଁ ବେବୀ, ନବଘନଙ୍କ ବିଚାର ଓ ଚଳଣୀକୁ ଘୃଣା କରେ । ବୟଫ୍ରେଣ୍ଡ ପ୍ରବୀର ସହ ପ୍ରେମ ସମ୍ପର୍କ ସ୍ଥାପନ କରିବାକୁ ଓ ତା' ସହ ମଦ୍ୟପାନ କରି ବୁଲିବାକୁ ସେ ଆଧୁନିକତା ବୋଲି ଭାବେ । ସମଗ୍ର ଏକାଙ୍କିକାଟିରେ ବେବୀ ଚରିତ୍ର ହେଉଛି କେନ୍ଦ୍ରବିନ୍ଦୁ । କାରଣ ବେବୀର ଜନ୍ମଦିନ ପାଳନ ଘଟଣାରୁ ଆରମ୍ଭ ହୋଇଛି ଏକାଙ୍କିକାଟି ଏବଂ ବେବୀର ପ୍ରତ୍ୟାବର୍ତ୍ତନରେ ଏକାଙ୍କିକାଟିର ସମାପ୍ତି ଘଟିଛି । ବେବୀକୁ ନେଇ ହିଁ ଏକାଙ୍କିକାଟିର ସମସ୍ତ ଚରିତ୍ର ଓ ଘଟଣା ବିକଶିତ ଓ ଗତିଶୀଳ । ବେବୀର ବିଶୃଙ୍ଖଳିତ ଓ ଜିଦଖୋର ହେବା ପଛରେ କାରଣ ହେଉଛି ହେମାଙ୍ଗିନୀଙ୍କ ଆଦର୍ଶ ଓ ବିଚାରଧାରା । ମାଆଙ୍କର ପ୍ରଶ୍ରୟ ପାଇ ବିପଥଗାମିନୀ ହୋଇଛି । ଯାହା ସମଗ୍ର ପରିବାରଟିକୁ କଳଙ୍କର କାଳିମାରେ ବୁଡ଼ାଇ ଦେଇଛି । ବାସ୍ତବରେ ଦେଖିବାକୁ ଗଲେ ପିଲାମାନେ ଅପରିଣାମଦର୍ଶୀ ଓ ଚପଳମତି ହୋଇଥିବାରୁ ସେମାନେ ପ୍ରତିଟି ସିଦ୍ଧାନ୍ତରେ ପିତାମାତାଙ୍କ ପରାମର୍ଶ ଲୋଡ଼ିଥାଆନ୍ତି । କିନ୍ତୁ ପରିବାରଟିରେ ପିତା-ମାତାଙ୍କ ଭିତରେ ଯଦି ବିଚାରଧାରା ଓ ଆଦର୍ଶଗତ ବିରୋଧତା ଦେଖାଦିଏ ତେବେ ପିଲା ବିଶୃଙ୍ଖଳିତ ହେବା ସ୍ୱାଭାବିକ । ଯେପରି ନବଘନଙ୍କ ପରିବାରରେ ବେବୀର ଚାରିତ୍ରିକ ସ୍ଖଳନ ହୋଇଛି । ବେବୀର ପତନ ପାଇଁ ସେ ଯେତେ ପରିମାଣରେ ଦାୟୀ ନୁହେଁ ତା'ଠୁ ଅଧିକ ମାତ୍ରାରେ ଦାୟୀ ହେମାଙ୍ଗିନୀ ।

୧୬.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ):

(କ) "ସକାଳର ମେଘ" ଏକାଙ୍କିକାରୁ ହେମାଙ୍ଗିନୀଙ୍କ ଚରିତ୍ର ଚିତ୍ରଣ କର ।

(ଖ) ହେମାଙ୍ଗିନୀ ଓ ନବଘନ ଚରିତ୍ର ମଧ୍ୟରେ ଥିବା ବିଚାରଧାରାଗତ ପାର୍ଥକ୍ୟ ଦର୍ଶାଇ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ କିପରି ଅବସାନ ହେଲା ଆଲୋଚନା କର ।

(ଗ) ଏକ ସାର୍ଥକ ଏକାଙ୍କିକା ଭାବେ "ସକାଳର ମେଘ" ଏକାଙ୍କିକାଟିର ମୂଲ୍ୟାୟନ କର ।

(ଘ) ସକାଳର ମେଘ ଏକାଙ୍କିକାରୁ ଏହାର ନାମକରଣର ସାର୍ଥକତା ବିଚାର କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ):

୧. ଏଗୁଡ଼ାକ ଆଉ ମଣିଷ ହେବେନି । କିଏ, କାହାକୁ କେଉଁ ପ୍ରସଙ୍ଗରେ କହିଛି ?

୨. ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

୩. ଡ୍ରାଇଭର ଆସିଲେ ପ୍ରଥମେ କ'ଣ କରିବାକୁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଲେ ?

୪. ସକାଳୁ ସକାଳୁ ନବଘନ କ'ଣ ପିନ୍ଧି ହେମାଙ୍ଗିନୀଙ୍କ ଆଗକୁ ଆସିଥିଲେ ?

୫. ନବଘନଙ୍କୁ, ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

୬. ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମ ଦିନରେ କ'ଣ କରିଥିଲେ ?

୭. କେଉଁଥିପାଇଁ ଆଡ଼ମ୍ବର ପୂର୍ଣ୍ଣ ଜନ୍ମଦିନ ପାଳନକୁ ନବଘନ ବିରୋଧ କରୁଥିଲେ ?

୮. ବେବୀର ସକାଳ ଜଳଖିଆର ବ୍ୟବସ୍ଥା କିପରି ହେଲା ?

୯. ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?

୧୦. ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥି ପାଇଁ ଦିଆଯିବା ଉଚିତ ?

୧୬.୯ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

i. ନବଘନବାବୁ ..... ବିଭାଗର ଜଣେ ପଦସ୍ଥ ଅଫିସର ।

(ବିକ୍ରି କର, ବାଣିଜ୍ୟ କର, ଟିକସ ବିଭାଗ, ଡାକ୍ତରୀ ବିଭାଗ)

ii. ନବଘନବାବୁଙ୍କୁ ଛୋଟ ଛୋଟ କଥାରେ ..... ଅପମାନିତ କରନ୍ତି ।

(ଜେମା, ହେମ, ବେବୀ, ନେଲି ଅପା)

iii. ତୁମେ ଆଉ ମଣିଷ ହେବନି ବୋଲି ନବଘନକୁ..... କହିଛି ।

(ବେବୀ, ନେଲି, ହେମ, ପ୍ରବୀର)

iv. ଅଭଦ୍ର, ରଷ୍ଟିକ ଭଳି କଥାବାର୍ତ୍ତା କରନି । ସିଧା ଡ୍ରେସ ବଦଳାଇ ଡାଇନିଙ୍ଗ୍ ଟେବୁଲ ପାଖକୁ ଆସ ବୋଲି ନବଘନଙ୍କୁ ..... କହିଛି ।

(ନେଲି, ଜେମା, ହେମ, ବେବୀ)

v. ମୁଁ ଫମ୍ପା ଆରିଷ୍ଟୋକ୍ରାସିକୁ ପସନ୍ଦ କରେନି ବୋଲି ବେବୀକୁ ..... କହିଛି ।

(ନେଲି ଅପା, ଜେମା, ଅଙ୍କଲ୍, ନବଘନ)

୧୬.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର:

୧. ଏଗୁଡ଼ାକ ମଣିଷ ହେବେନି ବୋଲି ହେମାଙ୍ଗିନୀ ଜେମାକୁ ଘର ସଫେଇ ବିଷୟରେ କହିଛି ।

୨. ନବଘନ ଅଣ୍ଡା, ବିସ୍କୁଟ ଖାଇବାକୁ ଭଲପାଆନ୍ତି ନାହିଁ କିନ୍ତୁ ଚୁଡ଼ା ଖାଇବାକୁ ଭଲପାଆନ୍ତି ।

୩. ଡ୍ରାଇଭର ଆସିଲେ ପ୍ରଥମେ ଗାଡ଼ିକୁ ଚକ୍ ଚକ୍ କରି ଧୋଇ ବ୍ୟାକେରୀରୁ କେକ୍ ଆଣିବାପାଇଁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଇଛନ୍ତି ।

୪. ସକାଳୁ ସକାଳୁ ନବଘନ ଧୋତିକୁ ଲୁଙ୍ଗି କରି ପିନ୍ଧି ଓ କାନ୍ଧରେ ନାଲି ଗାମୁଛା ପକାଇ ହେମାଙ୍ଗିନୀ ଆଗକୁ ଆସିଥିଲେ ।

୫. ହେମାଙ୍ଗିନୀର ଛୋଟ ଛୋଟ କଥାରେ ତମ୍ ତମ୍ ହୋଇ ରାଗିବା ଯୋଗୁ ନବଘନକୁ ଭଲ ଲାଗେନାହିଁ ।

୬. ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମଦିନରେ ଲିଙ୍ଗରାଜ ମନ୍ଦିର ମଡ଼େଲର କେକ୍ ପ୍ରସ୍ତୁତ କରିଥିଲେ ।

୭. ନବଘନ ଆଡମ୍ବର ପୂର୍ଣ୍ଣ ଜନ୍ମଦିନ ପାଳନ କରିବାକୁ ବିରୋଧ କରୁଥିଲେ । କାରଣ ଆଡ଼ମ୍ବର ତାଙ୍କର ପସନ୍ଦ ନଥିଲା ଓ ଭବିଷ୍ୟତର ଅନିଶ୍ଚିତତା ବିଷୟରେ ସେ ଆଶଙ୍କା ପୋଷଣ କରୁଥିଲେ ।

୮. ବେବୀ ମାଡ୍ରାସୀ ହୋଟେଲରୁ ଡ୍ରାଇଭର ହାତରେ ଦୋସା ମଗାଇ ଜଳଖିଆର ବ୍ୟବସ୍ଥା କରିଥିଲା ।

୯. ପ୍ରବୀର ସିନେମା ପାଇଁ ଗୀତ ଗାଏ ଓ ପ୍ରତି ଗୀତକୁ ହଜାରେ ଟଙ୍କା ନିଏ ବୋଲି ବେବୀର ମନ୍ତବ୍ୟ ଥିଲା ।

୧୦. ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ । କାରଣ ଝିଅମାନେ ପୁଅମାନଙ୍କ ସହ ତାଳ ଦେଇ ଚାଲି ପାରିବେ ।

୧୬.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର:

i) ବିକ୍ରି କର ii) ହେମ iii) ହେମ

iv) ହେମ v) ନବଘନ

●●●

ଟିପ୍ପଣୀ

୧୭
ରାଜପଥ ଗ୍ରାମପଥ

ପ୍ରଫେସର ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ

୧୭.୧ ଉପକ୍ରମ:

ସେ ସହର ହେଉ ବା ଗାଁଆ ହେଉ, ପ୍ରତିଟି ମଣିଷ ତା' ଜୀବନରେ ସବୁଠି ଶାନ୍ତି ଖୋଜେ । ନିଜର ଆଦର୍ଶ ଓ ନୀତିବୋଧ ସହ ସାଲିସ୍ ନକରି ଏକ ସୁସ୍ଥ ଓ ସରଳ ଜୀବନ ଯାପନର ସ୍ୱପ୍ନ ସେ ଚିରକାଳ ଦେଖି ଆସିଥାଏ । ତା'ର ଏହି ସ୍ୱପ୍ନ କେତେବେଳେ ବି ବାସ୍ତବତାରେ ପରିଣତ ହୁଏନା । ନୈରାଶ୍ୟ ଓ ହତାଶାରେ ଭରିଯାଏ ତା'ର ପ୍ରାଣ । ଛଳନା, ପ୍ରତାରଣା ଓ ଶୋଷଣ-ପେଷାଣର ପଙ୍କରେ ଜୁଡୁ ବୁଡୁ ଏହି ଦୁନିଆ ତାକୁ ଶାନ୍ତିରେ ବଞ୍ଚିବାକୁ ଦିଏନା । ବଦଳି ଯାଉଥିବା ସମୟ ଓ ସମସ୍ୟା ସହ ସେ ନିଜକୁ ଖାପ ଖୁଆଇ ପାରେନା । ସବୁ ଆଶା ଓ ସ୍ୱପ୍ନ ତା'ର ଭାଙ୍ଗି ରୁଜି ଚୁରମାର ହୋଇଯାଏ । ଅବସର ପ୍ରାପ୍ତ ଆଦର୍ଶବାନ କିରାଣୀ, ପ୍ରଭାକରଙ୍କ ସ୍ୱପ୍ନ କିପରି ନୈରାଶ୍ୟ ଓ ହତାଶାର ଧୂଳି ଝଡ଼ରେ ନିଶ୍ଚିନ୍ନ ହୋଇ ଯାଇଛି ତାହାର ଏକ ଜୀବନ୍ତ ଅଲେଖ୍ୟ ହେଉଛି ଏକାଙ୍କିକା "ରାଜପଥ ଗ୍ରାମପଥ" । ଆସ, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଏକାଙ୍କିକା "ରାଜପଥ ଗ୍ରାମପଥ" ପଢ଼ିବା ଓ ଏହାର ବାର୍ତ୍ତା ଓ ବକ୍ତବ୍ୟ ବିଷୟରେ ପଙ୍ଖାନୁପୁଙ୍ଖ ଅବହିତ ହେବା ।

୧୭.୨ ଏକାଙ୍କିକା ପଠନର ଆଭିମୁଖ୍ୟ:

- ଆଜି କାଲିର ମଣିଷ ଭିତରେ ଆସିଥିବା ନୀତିବୋଧ ଓ ବିଚାରଧାରାଗତ ପରିବର୍ତ୍ତନର ସ୍ୱରୂପର ସୂଚନା ।
- ସହରୀ ଜୀବନରେ ଆସିଥିବା ଲୋକ ଦେଖାଣିଆ ମାନସିକତା ।
- ଗ୍ରାମୀଣ ଜୀବନରେ ବିଚାରଧାରା ଓ ମାନବୀୟ ସଂପର୍କକୁ ନେଇ ଦେଖାଦେଇଥିବା ସଂକଟର ଚିତ୍ର ।
- ନବଘନ ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ।
- ଏକାଙ୍କିକାଟିର ଘଟଣା କ୍ରମିକ ଧାରା ପ୍ରବାହ ।
- ଏହାର ଭାଷା ଶୈଳୀ ।
- ପାତ୍ରୋପଯୋଗୀ ସଂଳାପ ସଂଯୋଜନା ।
- ନାମକରଣର ସାର୍ଥକତା ।
- ଏକାଙ୍କିକାର ଲକ୍ଷଣାନୁସାରେ କଥାବସ୍ତୁର ଯଥାର୍ଥ ରୂପାୟନ ।

୧୭.୩ ମୂଳ ବିଷୟ :

(ଚଉକିରେ ଆଉଜି ବସି ପ୍ରଭାକର ବହିଟିଏ ପଢୁଛନ୍ତି ।)

ପ୍ରଭାକର : ଜୀବନର ପ୍ରତିଟି ମୁହୂର୍ତ୍ତ ବଡ଼ ରୋମାଞ୍ଚକର । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଏଇ ରୋମାଞ୍ଚ ଭରି ରହିଛି । କିନ୍ତୁ ସମସ୍ତେ ଜୀବନର ଏଇ ରୋମାଞ୍ଚକୁ ଦେଖି ପାରନ୍ତିନି । ଯେଉଁମାନେ ଦେଖିପାରନ୍ତି, ପ୍ରାଣଭରି ଅନୁଭବ କରିପାରନ୍ତି, ସେମାନେ ହିଁ ବୁଝନ୍ତି ଜୀବନର ସ୍ୱାର୍ଥକତା କେଉଁଠି ?

ଶକୁନ୍ତଳା : (ପ୍ରବେଶି) ସେମିତି ବସି ଚଟି ବହିଟା ମୁହଁରେ ଗୁଞ୍ଜି ! ନରହରିବାବୁ ବଜାର ଯିବାକୁ ଡାକୁଥିଲେ, ଗଲନି ତାଙ୍କୁ ଏମିତି ଫେରେଇ ଦେଲ ଠିଆରେ ଠିଆରେ । କ'ଣ ଭାବିଥିବେ ମନରେ ।

ପ୍ରଭାକର : ଯାହା ଭାବନ୍ତୁ । କ'ଣ ଆଉ କରିଥାନ୍ତି । ରିଟାୟାର କଲି । ଟିକିଏ ଶାନ୍ତିରେ ବସିବି ନା ପୁଣି ମୁଣି ଧରି ଦୌଡ଼ିବି ବଜାରକୁ ? ଏତେ ଦିନକେ ମୁକ୍ତି ମିଳିଛି ବ୍ୟାସ ସରୋବରରୁ । ପୁଣି ଅଫିସ୍‌ର ସେଇ ଭୀରୁ ପଳାତକମାନଙ୍କ ସାଙ୍ଗରେ ମିଶିବି ?

ଶକୁନ୍ତଳା : ଭୀରୁ, ପଳାତକ ?

ପ୍ରଭାକର : ଭୀରୁ, ପଳାତକ ନୁହନ୍ତି ଆଉ କଣ ? ଜୀବନ ଭୟରେ ଲୁଚିବା କଥା; ବୁଝିଲ ଶକୁନ୍ତଳା ! ଠିକ୍ ଗାତ ଭିତରେ ମୂଷା ଭଳି । ବାହାରର କୌଣସି ଉତ୍ତେଜନା ନ ଥିବ । ଜୟ ପରାଜୟ କିମ୍ବା ଲାଭ କ୍ଷତି ଆଶଙ୍କା ନ ଥିବ ! ଦଶଟାବେଳେ ଅଫିସ୍‌କୁ ଯାଅ । କେତେଘଣ୍ଟା ପଙ୍ଖାତଳେ ବସି ପୁଣି ଚାରିଟାବେଳେ ଫେର । ମାସ ଶେଷକୁ ଦରମା ଥୁଆ ! ଟିକିଏ ବି ଧୂଳିମଳି ନାଇଁ । କି ଜୀବନ ଇଏ ?

ଶକୁନ୍ତଳା : ତମର ତେବେ କ'ଣ ଜୀବନରେ ଧୂଳିମଳି ଦରକାର ?

ପ୍ରଭାକର : ଇଏ କ'ଣ ଜୀବନ ? ଯାହାକୁ କବିଙ୍କ ଭାଷାରେ କହନ୍ତି - ବୀରେନ୍ଦ୍ର ବାଞ୍ଛିତ ।

ଶକୁନ୍ତଳା : ୟାଠୁ ବଳି ଆଉ ଆରାମ କାହିଁ ? ବସି ବସି ରୋଜଗାର -

ପ୍ରଭାକର : କମ୍ ଆରାମ ? ଦେଖୁନ କି ମୋ ଆରାମକୁ । ହଜାରେ ମାନ ଅପମାନ ସହି ସାରା ଜୀବନ ଖଟିଲି । ସୂର୍ଯ୍ୟ କେତେବେଳେ ଉଦୟ ହୁଏ, ଅସ୍ତ ହୁଏ ଜାଣିଲିନି । ଏବେ ଦେଖ ଚୁଲି ନାଇଁ କି ଚାଳ ନାଇଁ ।

ଶକୁନ୍ତଳା : କିଏ ତମକୁ ମନାକଲା ଚୁଲି ଚାଳ କରିବାକୁ । ମୁଁ ତ ଦଶ ବର୍ଷ ହେଲା ଲଗେଇଚି । ସହରରେ ସମସ୍ତେ ଘର କରୁଛନ୍ତି । ତମେ ଖଣ୍ଡେ କରି ପକାଅ । ତମେ କ'ଣ ଶୁଣିଲ ?

ପ୍ରଭାକର : ଶୁଣିବାକୁ ବଳଥିଲେ ତ ଶୁଣିବି ?

ଶକୁନ୍ତଳା : କ'ଣ କହିଲ ? ତମର ବଳ ନଥିଲା ? ଆଉ ତମ ଅଫିସର ସାତ ସାନ ଚାକିରିଆମାନେ ଘରଦ୍ୱାର କରିଗଲେ -

ପ୍ରଭାକର :- କେମିତି ଘର କଲେ ଜାଣିଚ, ନା ଖାଲି କାହାର ଘରଟିଏ ଦେଖି ଆଖି ଝଲସି ଯାଉଚି ।

ଶକୁନ୍ତଳା : କେମିତି କଲେ ?

ପ୍ରଭାକର : ଋଣଂ କୃତ୍ୱା ଘୃତଂ ପିବେତ୍ -

ଶକୁନ୍ତଳା : ସେ ଯାହାହେଉ । କିଛି ଗୋଟାଏ କରିବାକୁ ହେଲେ ଧନ ଅପେକ୍ଷା ମନଟା ବେଶି ଦରକାର । ତମର ତ ସବୁବେଳେ ମନର ଅଭାବ ।

ପ୍ରଭାକର : ଠିକ୍ କହିଚ ଶକୁନ୍ତଳା ଠିକ୍ କହିଚ । ସେଇ ତ ହଉଚି ମୋର ଦୁଃଖ, ତମ ମନ ସାଙ୍ଗରେ

ମୋ ମନଟାକୁ କେତେବେଳେ ହେଲେ ଯୋଡ଼ି ପାରିଲିନି । ତମ ମନଟା ତଟୁଘୋଡ଼ା ତ ମୋ ମନଟା ହଡ଼ା ବଳଦ ।

ଶକୁନ୍ତଳା : ସବୁବେଳେ ତ ତମର ଖାଲି ଥଟ୍ଟା ପରିହାସ । ଆଉ କ'ଣ ଜାଣିଚ କି ?

ପ୍ରଭାକର : ଆରେ ଥଟ୍ଟା ପରିହାସ ତମ ସାଙ୍ଗରେ କରିବିନି ତ ଆଉ କରିବି କାହା ସାଙ୍ଗରେ ?

ଶକୁନ୍ତଳା : ହଉ ହେଲା, ମୁଁ ଆଉ କିଛି କହିବିନି । ତମର ଯାହା ଇଚ୍ଛା ତା କର । ମୋତେ କୋଉ କଥାରେ କିଛି ପଚାରିବା ଦରକାର ନାଇଁ ।

ପ୍ରଭାକର : ଆରେ ହଠାତ୍ ଧର୍ମଘଟର ଡାକରା ! ଏହି କି ତୁମର ପ୍ରେମ ଶକୁନ୍ତଳେ ! ଅଗ୍ନାଗ୍ନି ଅରଣ୍ୟେ ମଧ୍ୟେ ଅସହାୟ କରି ତୁମେ ଛାଡ଼ିଯିବ ଏ ଦୀନ ବୃଦ୍ଧରେ ?

ଶକୁନ୍ତଳା : ତମ ନାଟକ ଦେଖିବାର ସମୟ ନାଇଁ । ମୁଁ ଚାଲିଲି । ତେଣେ ଘରଟାଯାକର କାମ ପଡ଼ିଚି । (ଚାଲି ଯାଉଥିଲେ)

ପ୍ରଭାକର : ଆରେ ଶୁଣ ଶୁଣ । ସତରେ ରାଗି ଗଲକି ? ମୁଁ କ'ଣ କହୁଚି ସବୁକାମ ଛାଡ଼ି କେବଳ ମୋରି କଥା ବସି ଶୁଣୁଥାଅ ।

ଶକୁନ୍ତଳା : ତେବେ କ'ଣ କହିବ, କହୁନ ।

ପ୍ରଭାକର : ମୋର କହିବାର କଥା ହେଲା, ମୁଁ କାହିଁକି ସହରରେ ଘର କଲିନି -

ଶକୁନ୍ତଳା : କାହିଁକି ?

ପ୍ରଭାକର : ତା'ର ତ ପୁଣି ଗୋଟାଏ କାରଣ ଥିବ । ତୁମେ କିନ୍ତୁ କିଛି କାରଣ ଅନୁସଂଧାନ ନ କରି ଏକାବେଳକେ ଧରି ନେଲ ଯେ ତୁମର ପତିଦେବତା ଅଯୋଗ୍ୟ ଅପଦାର୍ଥ ।

ଶକୁନ୍ତଳା : ମୋତେ ଆଉ କିଛି ଭଲ ଲାଗୁନି । ଏଠି କ'ଣ ସାରାଜୀବନ ଏମିତି ଭଡ଼ାଘରେ ପଡ଼ିଥିବା-

ପ୍ରଭାକର : ସେ କଥା ତ ମୁଁ କହୁନି ।

ଶକୁନ୍ତଳା : ତେବେ ?

ପ୍ରଭାକର : ମୁଁ ଏଇ ଦିନେ ଦି'ଦିନ ଭିତରେ ଗାଁକୁ ଯିବି । ସେଠି କେମିତି ଭଲ ଘରଟିଏ ତିଆରି ହୋଇପାରିବ, ତାର ବ୍ୟବସ୍ଥା କରିବି ।

ଶକୁନ୍ତଳା : ଓଃ କଥାଟା ଯାଇ ଏତେ ଭିତରେ । ସେ କଥା କହୁନ -

ପ୍ରଭାକର : କ'ଣ ମନକୁ ପାଉନି -

ଶକୁନ୍ତଳା : ବେଶ୍ ପାଉଚି, ଖୁବ୍ ପାଉଚି । ଆହାରେ ମୋ ପସନ୍ଦିଆ ମଣିଷ ! ସାରା ଜୀବନ ସହରରେ ରହି ବୁଢ଼ା ବୟସରେ ଦଉଡୁଛନ୍ତି କୁଆଡ଼େ, ନା ଗାଁର ମାଟି କାଦୁଅକୁ ।

ପ୍ରଭାକର : ଗାଁର ମାଟି କାଦୁଅ କାହାକୁ କହୁଚ ? ସେ ତ ପବିତ୍ର ଜନ୍ମମାଟି । ଗାଁର ଗଛଲଟା, ପାଣିପବନଠୁ ବଳି ଆଉ ସୁନ୍ଦର କ'ଣ ଅଛି । ଖୋଲା ଆକାଶ ତଳେ ଶିରି ଶିରି ପବନରେ ଦୋହଲୁଥିବା ସବୁଜ ଧାନକ୍ଷେତ -

ଶକୁନ୍ତଳା : ବାରଣ୍ଡାରୁ ତଳକୁ ଓହ୍ଲେଇଲେ ଆଣ୍ଠୁଏ କାଦୁଅ ପଚାଗନ୍ଧ ।

ପ୍ରଭାକର : କିନ୍ତୁ ସେଇ ପାଣି କାଦୁଅରେ ଘାଣ୍ଟି ହେବାରେ ଯେ କି ଆନନ୍ଦ, କେମିତି ତମକୁ ବୁଝେଇବି ? ପିଲାଦିନର କଥା ମନେ ପଡ଼ିଗଲେ ଏବେ ବି ଛାତିଟା ମୋର କଣ ହୋଇଯାଏ । ନଈରେ ପହଁରିବା, ପୋଖରୀରେ ବୁଡ଼ିବା, ଆମ୍ବତୋଟାରେ ବୁଲି ପବନ ଖାଇବା, ଆମ୍ବ ଝଡ଼େଇବା, ମାଛଧରା, ଫୁଲତୋଳା, ଗୋରୁଗୋଠ, ଡୁଡୁ, ବୋହୂଚୋରୀ, ଯାନିଯାତ, ମେଲଣ -

ଶକୁନ୍ତଳା : ମୁଁ ତ ଦେଖୁଚି ତମେ ଜଣେ ନିର୍ଘାତ କବି ହୋଇପାରିବ । ପଲ୍ଲୀକବି -

ପ୍ରଭାକର : ସତରେ, ସେ ପରିବେଶରେ ରହିଲେ କିଏ ବା କବି ନ ହେବ ? ତୁମେ ଚାଲ ମୋ ସାଙ୍ଗରେ । ଗାଁର ପ୍ରକୃତିକୁ ପ୍ରାଣଭରି ଉପଭୋଗ କରିବ ।

ଶକୁନ୍ତଳା : ତା ମାନେ ତମ ସାଙ୍ଗରେ ପିଲାହୋଇ ମାଛ ଧରିବି, ବାଗୁଡ଼ି ଖେଳିବି -

ପ୍ରଭାକର : ମୁଁ କ'ଣ ସେଇକଥା କହୁଚି ? ପୁରୁଣା ଖଞ୍ଜାକୁ ଭାଙ୍ଗି ସୁନ୍ଦର ଛୋଟ କୋଠାଘରଟିଏ କରିଦେବା । ବଗିଚାଟେ ରହିବ, ପୋଖରୀଟେ ରହିବ, ଗୁହାଳ ରହିବ । ଇଚ୍ଛା କଲା ମାତ୍ରେ ତଟକା ପନିପରିବା, ଫଳମୂଳ, ମାଛ, ଦୁଧ -

ଶକୁନ୍ତଳା :- ଧୂଳି ଧୂସର ହୋଇ ଲାଗିଯିବା କାମରେ । ଶଗଡ଼ ବୋହିବା, ବେଙ୍ଗଳା ପକେଇବା, ଧାନ ଉଡ଼େଇବା -

ପ୍ରଭାକର : ଆଃ କି ରୋମାଞ୍ଚକର - କ୍ଷେତରୁ ବୁହାହୋଇ ଆସୁଥିବ ଧାନ ବିଡ଼ାମାନ, କେଁ କେଁ ହୋଇ ଚାଲିଥିବ ଶଗଡ଼ ଧୂଳି ଉଡ଼େଇ - ତା ପଛେ ପଛେ -

ଶକୁନ୍ତଳା : ସତରେ ? କ'ଣ ଯେ କହିବି ତମ ବୁଦ୍ଧି କି -

ପ୍ରଭାକର : ସତ କହୁଚି, ସହରରେ ଏ ଧୂଳିଧୂଆଁ ମୋତେ ଆଉ ଭଲ ଲାଗୁନି । ସାରା ଜୀବନ ତ ଏଠି ପେଷି ହୋଇଗଲି । ନର୍ଦ୍ଦମା ଗନ୍ଧ ପଶି ପଶି ନାକ ଭିତରେ ଜମାଟ ବାନ୍ଧିଗଲାଣି । ଗାଡ଼ିର ପେଁ ପାଁ ଶୁଣି ଶୁଣି କାନ ଦି'ଟା ବଧିରା ହୋଇଗଲାଣି । ଆଉ କାହିଁକି ?

ଶକୁନ୍ତଳା : ମୁଁ ଯାହା ଦେଖୁଚି, ରିଟାୟାର କରିବା ପରଠୁ ମୁଣ୍ଡଟା ତମର ଆଉ ଠିକ୍‌ଭାବେ କାମ କରୁନି । ଯେତେସବୁ ପାଗଳାମି -

ପ୍ରଭାକର : ନାଁ ନାଁ ରିଟାୟାର କରିବା ପରଠୁ କାହିଁକି ହେବ ? ଏ ତ ମୋର ବହୁଦିନର ସ୍ୱପ୍ନ । ଜୀବନ ଦୁର୍ବିସହ ହୋଇ ପଡ଼ିଲାବେଳେ ଆଖିରେ ମୋର ନାଚିଯାଏ ସେ ଦିନର ଆବେଗ, ଉଚ୍ଛାସ -

ନଟବର : (ଡାକି ଡାକି ପଶି ଆସିଲେ) ପ୍ରଭାକର ଭାଇ, ଘରେ ଅଛ ?

ପ୍ରଭାକର : ଆରେ, ନଟ ଯେ -

ନଟବର : ଘର ଭିତରେ ତ ସବୁବେଳେ ପଶିଚ । ବାହାରକୁ ଟିକିଏ ବି ବାହାରୁନ -

ପ୍ରଭାକର : ଆଉ ବାହାରିବା କି ଦର୍କାର । ଘୋଡ଼ାଦୌଡ଼ ସରିଗଲା । ଏଥର ଶାନ୍ତିରେ ବସି ନିଃଶ୍ୱାସ ମାରିବା କଥା ।

ଶକୁନ୍ତଳା : ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି ନା ନଈରେ ପହଁରୁଛନ୍ତି ତାଙ୍କୁ ପଚାରିଲୁ ନଟ ।

ନଟବର : ନଈରେ ପହଁରୁଛନ୍ତି ?

ଶକୁନ୍ତଳା : ନଈରେ ନୁହଁମ କୁହୁଡ଼ିରେ । ସକାଳୁ ଯୋଜନା ତିଆରି ଚାଲିଚି ଯେ ଆଉ ଶେଷ ନାଇଁ -

ପଭାକର : କିନ୍ତୁ ଗଭୀର ଦୁଃଖ ଓ ପରିତାପର ବିଷୟ ଯେ ଗୃହକର୍ତ୍ତୀ । ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ନଟବର : ତାହାହେଲେ ଏଇଥିରୁ ଜଣାପଡୁଚି ଯେ ଯୋଜନାଟା କେତେ ଗୁରୁତ୍ୱପୂର୍ଣ୍ଣ ।

ପ୍ରଭାକର : ହଇରେ ନଟ, ତୁ ମୋ ଆଗରେ ମେଞ୍ଚଡ଼ ଟୋକାଖଣ୍ଡେ । ମୋ ଯୋଜନାର ଗୁରୁତ୍ୱ ବିଚାର କରିବାକୁ ତୋର ମୁଣ୍ଡ ହେଲାଣି ।

ଶକୁନ୍ତଳା : ଆହା ହା- ଯୋଉ ଯୋଜନା ! ତା'ର ପୁଣି ଗୁରୁତ୍ୱ ?

ପ୍ରଭାକର : ହଉ, ତା ହେଲେ ଠିକ୍ ଅଛି । ମୁଁ ଚୁପ୍‌ଚାପ୍ ବସିଲି । ମୋର କୋଉ ବିଷୟରେ କିଛି କହିବା ଦରକାର ନାଇଁ । ମିଳିଗଲେ ଏବେ ଛେନାକୁ ଗୁଡ଼ ସାକ୍ଷୀ । ଶାସ୍ତ୍ରକାର କହିଛନ୍ତି ପରା - ଦର୍ଦ୍ଦୁର ଯତ୍ର ବକ୍ତାର ତତ୍ର ମୌନହି ଶୋଭନଂ ।

ଶକୁନ୍ତଳା : ତମେ ଏବେ ମୌନ ରହିବା ହିଁ ଭଲ । ଯେମିତି ମଣିଷ ନା -

ପ୍ରଭାକର : ହଇରେ ନଟ ମୁଁ ତେବେ ତମ ଭଉଣୀଙ୍କ ବିଚାରରେ ମଣିଷ ନୁହେଁ । ମାନେ ଅମଣିଷ । ଏଇୟା ବିଚାର କରି ମୋ ହାତରେ ତମ ଭଉଣୀକି ସମର୍ପି ଦେଇଥିଲ ତ ? କହ ଚୁପ୍ ହୋଇଗଲୁ କାହିଁକି ?

ଶକୁନ୍ତଳା : କିଏ ତମକୁ ପାରିବ ? ମୁଁ ଯାଏ - ନଟ ପାଇଁ କପେ ଚା କରି ନେଇ ଆସେ - (ଚାଲିଗଲେ)

ପ୍ରଭାକର : ବୁଝିଲୁ ନଟ ସହରରେ ରହି ଏଇ ଚା ପିଇପିଇ ଆମର ବୁଦ୍ଧି-ବୃତ୍ତି, ବଳବୟସ ସବୁ ଶେଷ ହୋଇଯାଉଛି । ଏଇ ଗରମ ପାଣିଗୁଡ଼ାକ ପିଇଲେ ଦେହ ତାଜା ହବ କେବେ ?

ନଟବର : ସେ କଥା ଛାଡ଼ । ଆଚ୍ଛା ପ୍ରଭାକର ଭାଇ, କ'ଣ ହେଇଚି ଆଗ କହିଲ ? ଅପା କାହିଁକି ତମ ଉପରେ ଇମିତି ଗରଗର ହଉଚି ?

ପ୍ରଭାକର : ଗର ଗର ହବାର କାରଣ ହଉଚି, ସେ ଚାହାନ୍ତି ଚିରଦିନ ଏଇଠି ସହରବାସିନୀ ହୋଇ ରହିବେ ।

ନଟବର : ଏଥିରେ ଆଉ କ୍ଷତି କ'ଣ ହେଲା ?

ପ୍ରଭାକର : କିନ୍ତୁ ତାଙ୍କର ସ୍ୱାମୀ ଚାହାନ୍ତି, ପଲ୍ଲୀର ଶାନ୍ତ ପରିବେଶ ଭିତରେ ଶେଷ ଜୀବନ କଟାଇବାକୁ-

ନଟବର : ସତରେ ପ୍ରଭାକର ଭାଇ, ତମେ ଆଉ ମଣିଷ ହେଲନି - ଅପା ତା'ହେଲେ -

ପ୍ରଭାକର : କ'ଣ ମୋ ବିଚାରଟା ଭୁଲ୍ ?

ନଟବର : ଆଉ କ'ଣ ଠିକ୍ ?

ପ୍ରଭାକର : ଆରେ ତୁ କ'ଣଟା ବୁଝିବୁ ? ତୁ ହେଲୁ ପେଟା ମାଙ୍କଡ଼ ତଟୁଘୋଡ଼ା -

ନଟବର : ଆଉ ତମେ ସବୁ ବୁଝି ପକଉଚ ?

ପ୍ରଭାକର : ମୋ କଥା ଆଗ ଶୁଣ୍ । ସାରା ଜୀବନ ତ ଦୌଡ଼ିଦୌଡ଼ି ଗଧ ପାଲଟି ଯାଇଥିଲି । ଅଫିସ୍ ଭିତରେ ଯିଏ ଯେତେ ଲଦିବ ଲଦ । ଯାହାର ମନ ହଉଚି କାରଣେ ଅକାରଣେ ଦି ପାହାର ଦିଅ, ସବୁ ସହୁଥିଲି । ଏବେ ଯଦି ସେଥିରୁ ମୁକ୍ତି ମିଳିଲା; ଆଉ ପୁଣି କାହିଁକି ଏ ସହର ଜଂଜାଳ ଭିତରେ ପଶିବି ?

ନଟବର : ଅଫିସ୍ ସିନା ତମର ଦୋଷ କଲା, ଆଉ ସହରଟା ତ ଦୋଷ କରିନି ।

ପ୍ରଭାକର : ଏଇ ଯାନ୍ତ୍ରିକ ପରିବେଶ ଭିତରେ ରହିଲେ ସେ ପୁରୁଣା କଥାଗୁଡ଼ାକ କଣ କେବେ ପାଶୋରି ହୋଇଯିବ ଭାବୁଚୁ ? ତୁ ତ ନୂଆ ନୂଆ ସେ ଭିତରେ ଢୁକିଚୁ । ଏଇକ୍ଷଣି ତୋର ଅଭିଜ୍ଞତା କମ୍ । ପଇଁତିରିଶି ଛତିଶ ବର୍ଷର ଅଭିଜ୍ଞତା ମୋର । ହଜାରେ ମର୍ଜି ଜଗି ଚଳିଲେ ବି ଉପରିକମାନେ ଅସନ୍ତୁଷ୍ଟ । ସେମାନେ ବୋଧହୁଏ ଭାବନ୍ତି, କିରାଣୀମାନଙ୍କର ଜନ୍ମ ମୁହଁ ବୁଜି ମେସିନ୍ ଭଳି କାମ କରିଯିବାକୁ, ଆଉ ସେମାନଙ୍କର ଜନ୍ମ ବସିବସି ଆଡ଼୍ଡା ଦେବାକୁ ।

ନଟବର : ଠିକ୍ କହିଚ ପ୍ରଭାକର ଭାଇ ! ମୋର ବି କେତେ ଅନୁଭବ ହୋଇଗଲାଣି ଏ ଭିତରେ -

ପ୍ରଭାକର : ଉପରିକମାନଙ୍କର ଘନଘନ ତଲବ କଥା କଥାକେ ଫାଇଲ ଫୋପଡ଼ା । ମୁହଁକୁ ଗମ୍ଭୀର କରି ଇମିତି ଭଦ୍ର ଭାଷାରେ ଦି'ପଦ ଚଢ଼େଇ ଦେବେ ଯେ ମର୍ମମୂଳକୁ ଭେଦି ଯାଉଥିବ । ପୁଣି ଘଣ୍ଟା ଘଣ୍ଟା ଧରି ପାଖରେ ଠିଆ କରେଇ ରଖିବେ; ଭୁଲରେ ସୁଦ୍ଧା ଟିକିଏ ବସି ଯିବାକୁ ବି କହିବେନି । କାଳେ ସାହେବଙ୍କର ସମ୍ମାନ ହାନି ହେବ ।

ନଟବର : ଅଫିସ ଭିତରେ ଏତେ ୟୁନିୟନ୍, ସଭା ସମିତି ତମ୍ବି ତୋଫାନ ହେଲେ ସେ ପୁରୁଣା ଢାଞ୍ଚାଟା କୋଉଠି ବଦଳୁଚି କହିଲ ? ବାହାରେ ଯେତେ ପାଇକପଣ । ଅଫିସରମାନଙ୍କ ଆଗରେ କିନ୍ତୁ ସମସ୍ତେ ଚୁପ୍ । ଯେମିତି ନିରୀହ ମେଷ ଶାବକ ।

ପ୍ରଭାକର : କିଏ ବଦଳେଇବ ? ସମସ୍ତେ ତ ସେଇ ଏକା ଲାଉର ମଂଜି । ଯୋଉ କିରାଣୀମାନେ ପ୍ରମୋସନ ପାଇ ଶେଷରେ ଅଫିସର ହେଉଛନ୍ତି, ସେମାନଙ୍କର ବ୍ୟବହାର ତ ଆହୁରି ଉତ୍କଟ । ଧରାକୁ ସରା ମନେ କରୁଥାନ୍ତି ସେମାନେ । ପଛ କଥା ଆଉ ମନେ ପଡୁଛି କି ?

ନଟବର : ଏଥିପାଇଁ ରୀତିମତ ଗୋଟାଏ ଆନ୍ଦୋଳନ ହେବା ଦରକାର ।

ପ୍ରଭାକର : ସେଇ ଆନ୍ଦୋଳନ ତ ସବୁ ବିଭ୍ରାଟର ମୂଳ । ସତ କହିଲୁ, ଅଫିସରେ କାହା ସାଙ୍ଗରେ କାହାର ମନ ମେଳ ଅଛି ? ହଜାରେ ବାଦ ଛେଦ ଈର୍ଷା ଅହଙ୍କାର । ଆଉ ଖଚ କୁହା, ଚୁ ଗୁଲିଆ ମାନଙ୍କର ତ ସବୁବେଳେ ପୁଅବାର । ଏସବୁ କାଇଁକି ହଉଚି କହୁନୁ ?

ନଟବର : କାଇଁକି ?

ପ୍ରଭାକର : ଏଇ ତମ ୟୁନିୟନ, ଆନ୍ଦୋଳନ, ନେତୃତ୍ୱ - ଏଇଥିପାଇଁ । ଏଣେ ଗରମାଗରମ ବକ୍ତୃତା ଝାଡ଼ିଦେଇ, ତେଣେ ଅଫିସର ଆଗରେ ଅନ୍ୟମାନଙ୍କ ନାଁରେ ଖଚମିଚ କହି ତେଲ ମାଲିସ୍ କରିବା ପେଶା ହୋଇଚି । ଫାଇଲ୍‌ରେ ଗୋଟାଏ ଗାର ନ ପକେଇଲେ ସେମାନଙ୍କୁ କେହି କହିବାକୁ ନାହିଁ ।

ନଟବର – ଠିକ୍ କଥା କହିଚ ପ୍ରଭାକର ଭାଇ । ହେଲେ ସେଇ ଅଭିମାନରେ ତମେ –

ପ୍ରଭାକର : ମୋତେ ଆଉ କିଛି କହନା । ବହୁତ ଭୋଗିଚିରେ ନଟ । ଦୁଃଖ ଆତ୍ମଗ୍ଲାନିରେ ରାତି ରାତି ଶୋଇପାରିନି । ସଚ୍ଚୋଟ ଆଉ କର୍ତ୍ତବ୍ୟ ପରାୟଣ ହେବାର ବହୁତ ପୁରସ୍କାର ପାଇଗଲି ।

ନଟବର : କାଇଁକି ତମେ ସାଧୁବାବା ହୋଇ ବସିଥିଲ କି ? ଏ ଯୁଗ ତ ହେଉଛି ଲାଞ୍ଚ ମିଛ, ଖୋସାମତି, ମରାମତିର ଯୁଗ । ଏଇ ଦେଖୁନ, କେତେ କିଏ କିଛି ଯୋଗ୍ୟତା ନ ଥାଇ ବି ତମକୁ ଟପି ଖପାଖପ୍ ଉପରକୁ ଉଠିଗଲେ । ତମେ ଅଟକେଇ ପାରିଲ ନା ନିଜ ପାଇଁ କିଛି କରିପାରିଲ ? ତମ କଥା କିଏ ଶୁଣିଲା କି ?

ପ୍ରଭାକର : ଖୋସାମତି କରିବାକୁ ଯାଇ କେତେ ହୀନସ୍ତରକୁ ସେମାନେ ଖସି ପାରନ୍ତି, ତୁ ଭାବି ପାରିବୁନି । ଛାଡ଼, ଏ ସବୁକୁ ରୋକିବ କିଏ ସମସ୍ତେ ତ ଏଇଟାକୁ ଏକମାତ୍ର କର୍ତ୍ତବ୍ୟ ବୋଲି ମନେ କରୁଛନ୍ତି ।

ନଟବର : ଅଫିସ୍ କାମଟା ହେଲା ଗୌଣ । ଖୋସାମତି କରି ଅଫିସରକୁ ମନେଇ ରଖି ପାରିଲେ ଏଣେ ତମେ କିଳାପୋତେଇ କର, ଅଫିସକୁ ନ ଆସ, ଯାହା ଇଚ୍ଛା ତା କର, କେହି କିଛି କହିବେନି । ଖାଲି ସେମାନଙ୍କୁ ଭାଗ ଦେଲେ ହେଲା । ତମ ପାଇଁ ସାମାନ୍ୟ ଭୟ ନାଇଁ କି ବିପଦ ନାଇଁ । ଦେଖୁନ, ଭୀମବାବୁଙ୍କର କେତେ ବଡ଼ କୋଠା । ତମଠୁ ଜୁନିୟର ପରା ସିଏ । ଆଉ ତମେ ଏବେ ଚାଲିଛ ବାନପ୍ରସ୍ଥ ଆଶ୍ରମକୁ ।

ପ୍ରଭାକର : ସେମାନଙ୍କ ପ୍ରତି ମୋର ଦୟା ହୁଏ । ମୁଁ ଯଦି ସେଇ ପାଞ୍ଚଜଣକ ସାଙ୍ଗରେ ଜଣେ ହୋଇଥାନ୍ତି, ତୁ ହୁଏତ ଆସି ନ ଥା'ନ୍ତୁ ମୋତେ ସହାନୁଭୂତି ଜଣାଇବାକୁ । ନଈର ଗୋଟିଏ ସୁଅରେ ଭାସି ଯିବାକୁ କ'ଣ ସମସ୍ତଙ୍କର ଜନ୍ମ ? ସୁଅ ମୁହଁରୁ ନିବର୍ତ୍ତି ଯିଏ ବାଟରେ ଠିଆ ହୋଇଗଲା, ତା ଜୀବନଟା ବିଫଳ ହୋଇଗଲା ବୋଲି ହୁଏତ ଅନେକ କହିପାରନ୍ତି । କିନ୍ତୁ କେତେଜଣ ସାର୍ଥକ ବୋଲି କହିବେ ତ ! ମୁଁ ନିଜେ ଅନ୍ତତଃ ଆତ୍ମପ୍ରସାଦ ଲାଭ କରି ପାରିବି ତ !

ନଟବର : ଏ କେବଳ ତମ ନିଜର ବା ତମଭଳି କେତେଜଣଙ୍କ ଦୃଷ୍ଟିକୋଣ ହୋଇପାରେ । କିନ୍ତୁ ବର୍ତ୍ତମାନର ସାମାଜିକ ଦୃଷ୍ଟିକୋଣ ୟାଠାରୁ ବହୁତ ଦୂରରେ । ଆଜିକାଲି ଭଲ ମଣିଷଙ୍କୁ ସମ୍ମାନ ଦଉଚି କିଏ ? ଯିଏ କୋଠାବାଡ଼ି କରିପାରିଲା, ଗାଡ଼ି ଚଢ଼ି ପାରିଲା, ତାକୁ ହିଁ ଲୋକେ ଧନ୍ୟ ଧନ୍ୟ କହୁଛନ୍ତି । କିଏ କୋଉ ବାଟରେ ଟଙ୍କା ଆଣୁଚି, ସେ କଥା ତ କେହି ପଚାରୁ ନାହାନ୍ତି ।

ପ୍ରଭାକର : ତା ହେଲେ ନଟ ! ତୁ କହିବାକୁ ଚାହୁଁଚୁ ସମାଜରେ କଳାବଜାରୀ ମୁନାଫାଖୋର, ଶୋଷକ ଶ୍ରେଣୀର ଯିଏ ଯେତେ ଅଛନ୍ତି, ସମସ୍ତେ ସମ୍ମାନିତ । ଆଉ ଅନ୍ୟମାନେ ଘୃଣା ଓ ଅବଜ୍ଞାର ପାତ୍ର ।

ନଟବର : ସେ କଥା ମୁଁ ଆଉ କଣ କହିବି ? ତମେ ନିଜେ ଅନୁଭବ କରୁ ନଥିବ । ଯେ-

ପ୍ରଭାକର : ସାମାଜିକ ମୂଲ୍ୟବୋଧ କ'ଣ ଏତେ ତଳକୁ ଖସି ଆସିଚି । ନୀତିବାନ୍ ଲୋକଙ୍କୁ କେହି ଭଲ ବୋଲି କହୁନାହାନ୍ତି । ସେମାନଙ୍କ ପ୍ରତି କାହାର ସହାନୁଭୂତି ନାଇଁ ।

ନଟବର : ହଁ ଅଛି । ସହାନୁଭୂତି ନାଇଁ କାଇଁକି ? ଯେମିତି ଅନ୍ଧ ଭିକାରୀଟିଏ ରାସ୍ତାରେ ଝୁଣ୍ଟିପଡ଼ି ଲହୁ ଲୁହାଣ ହୋଇଗଲେ ଆମେ ସହାନୁଭୂତି ଦେଖେଇ ଥାଉ ।

ପ୍ରଭାକର : ତୋ ଯୁକ୍ତି ସବୁକୁ ମୁଁ ବୁଝିବି ବୁଝି ପାରୁନିରେ । ତୁ ହେଲୁ ଆଜିକ ପିଲା । ଉପର ବରଡ଼ା । ତମେମାନେ ଦେଖୁଛ ସମାଜର ବାହାର ରୂପଟା ସୂକ୍ଷ୍ମଭାବରେ ନିରେଖି ଦେଖିବାର ଶକ୍ତି ତମମାନଙ୍କର ନାଇଁ ।

ନଟବର : କିନ୍ତୁ ଯାହା କହ ପ୍ରଭାକର ଭାଇ ! ତମେ ଯୋଉ ଜିନିଷଟାକୁ ସ୍ୱପ୍ନର ଅଞ୍ଜନମଖା ଆଖିରେ ଦେଖୁଚ ଆମେ ଦେଖୁଚୁ - ତାକୁ ସାଦା ଚମ ଆଖିରେ ଆମରି ଆଖିରେ ଦେଖିଲେ ସିନା ।

ପ୍ରଭାକର : ତା ହେଲେ ତୁ କ'ଣ କହୁଚୁ ।

ନଟବର : କହୁଚି ତୁମେ ସନ୍ନ୍ୟାସବ୍ରତ ଗ୍ରହଣ ନ କରି ଏଇ ସହରରେ ଘରଦ୍ୱାର କରି ରହ । ଛୋଟ ଘରଟିଏ ହେଉ ପଛେ । ଏଠି ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ । ଆନନ୍ଦରେ ଦିନଗୁଡ଼ାକ କଟିଯିବ ।

ପ୍ରଭାକର : ମୋ ମନକୁ ତ ମୁଁ ବୁଝେଇ ପାରୁନି । ସହରର ଏ ବିଷାକ୍ତ ପରିବେଶରେ କଣ ମଣିଷ ବଞ୍ଚିପାରେ ? ସହରର ବାୟୁମଣ୍ଡଳ ତ ଖାଲି ବିଷାକ୍ତ ନୁହେଁ ବେଶି ବିଷାକ୍ତ ହେଉଛି ଏଠାକାର ମଣିଷର ମନ । ଯେତେ କୂଟ, କପଟତା, ଅନ୍ୟାୟ, ଅବିଚାର ସବୁ ଏଇ ସହରରେ । ମୋର ଶ୍ୱାସରୁଦ୍ଧ ହୋଇଯାଏ ପ୍ରତି ମୁହୂର୍ତ୍ତରେ । ସେତେବେଳେ ସିନା ଉପାୟ ନଥିଲା ବୋଲି-

ନଟବର : ଆଉ ତମେ ଭାବୁଚ ମଫସଲଟା ଭାରୀ ଶାନ୍ତ, ସୁନ୍ଦର, ଲୋକଗୁଡ଼ାକ ବଡ଼ ସରଳ, ମାଛିକୁ ମ ବୋଲି କହିବା ଜାଣନ୍ତିନି ।

ପ୍ରଭାକର : ଆରେ ଜଣେ ଅଧେ ଖରାପ ଲୋକ ଥାଇ ପାରନ୍ତି । କିନ୍ତୁ ସାଧାରଣ ଭାବରେ ଦେଖିଲେ ଲୋକଗୁଡ଼ାକ ବଡ଼ ନିରୀହ, ସରଳ । ଏତେ ଛନ୍ଦ କପଟ ଭିତରେ ନ ଥାନ୍ତି । ଭଲକୁ ଭଲ ବୋଲି ସ୍ୱୀକାର କରିବା ଗୁଣଟି ଅନ୍ତତଃ ସେମାନଙ୍କ ପାଖରେ ଅଛି ।

ନଟବର : ପୁଣି କୁହୁଡ଼ିରେ ପହଁରିଲ ପ୍ରଭାକର ଭାଇ । ତମଠୁ ବୟସରେ ବହୁତ ସାନ ହେଲେ ବି ମୁଁ ଯେମିତି ସଂସାରକୁ ଦେଖିପାରିଚି, ତମେ ଦେଖିନା । ମୋ କଥା ମାନି ଏଇଠି ରହିଯାଅ । ଅଯଥା ମୁଣ୍ଡ ଖରାପ କରନି ।

ପ୍ରଭାକର : ମୋ ମୁଣ୍ଡଟା କଣ କେରାଣ୍ଡି ମାଛର ମୁଣ୍ଡ ବୋଲି ଭାବିଲୁ କି ? ଅପେକ୍ଷା କର ଦେଖିବୁ, ମୋ ସ୍ୱପ୍ନଟା ସଫଳ ହେଉଛି କି ନାଇଁ ।

ନଟବର : ଠିକ୍ ଅଛି । ଆଚ୍ଛା ମୁଁ ଯାଏ ତେବେ । (ପ୍ରସ୍ଥାନ)

ପ୍ରଭାକର : ଆହେ, ବଜାରକୁ ଯିବାକୁ କହୁଥିଲ ପରା । ପୁଣି ଗଲ କୁଆଡ଼େ ? ଏଠି ଥିଲାଯାଏଁ ତ ଏ ଦଶାରୁ ମୁକ୍ତି ନାଇଁ । ଦିଅ, ଦିଅ ବ୍ୟାଗ୍ ଖଣ୍ଡକ । (ଦୁଇଜଣ ଯୁବକ ଆସି ପହଞ୍ଚିଲେ)

ମହେନ୍ଦ୍ର : ଆଜ୍ଞା, ଆମେ ଆସିଥିଲୁ ।

ପ୍ରଭାକର : ଆରେ, ମହେନ୍ଦ୍ର, ସୁଧୀର । ତମେମାନେ ! ବସ ବସ । ବଡ଼ ଆନନ୍ଦର କଥା । ମୁଁ ତ ଆଶା କରି ନ ଥିଲି ରିଟାୟାର କରିବା ପରେ ଆଉ ତମମାନଙ୍କ ସାଙ୍ଗରେ କେବେ ଦେଖାହେବ ବୋଲି ।

ମହେନ୍ଦ୍ର : ଯେତେ ଯାହାହେଲେ ଆମେ କଣ ଆପଣଙ୍କୁ ଭୁଲି ପାରିବୁ ? ଆଉ ଆପଣ କେମିତି ଅଛନ୍ତି ?

ପ୍ରଭାକର : ମୋ କଥା କଣ ପଚାରୁଚ ? ଏଇତ ଦେଖୁଚ । ସକାଳୁ ସନ୍ଧ୍ୟାଯାଏ ଘରେ ବସିଚି; କଣ ଆଉ କରିବି ?

ମହେନ୍ଦ୍ର : ବସି ବସି ତ ବଡ଼ ବିରକ୍ତ ଲାଗୁଥିବ; ସାରାଦିନ ନିଜକୁ କାମ ଭିତରେ ଡୁବେଇ ରଖୁଥିବା ଲୋକ ପାଇଁ ତ ଏ ଗୋଟାଏ ଦଣ୍ଡ ।

ପ୍ରଭାକର : ନାଇଁ ମୁଁ ସେମିତି ଭାବୁନି ଯେ - ଏମିତି ଅଫିସ୍ ସମୟ ହେଲେ ଅଫିସ କଥା ମନେ ପଡ଼େ । ସମସ୍ତଙ୍କ ମୁହଁ ଦେଖାଯାଏ ।

ସୁଧୀର : ବଡ଼ କଷ୍ଟ ଲାଗୁଥିବ ଆଜ୍ଞା । ଏତେ ଦିନର ସମ୍ପର୍କ । ସହଜରେ ମାୟା ଛାଡ଼ିବ ?

ପ୍ରଭାକର : ମାୟା ତ ଛାଡ଼ିବାକୁ ପଡ଼ିବ । ଆଉ ଉପାୟ କଣ ? ତେବେ ସେ ଗୋଟାଏ ଜୀବନ, ଇଏ ଗୋଟାଏ ଜୀବନ । ଗୋଟିଏ ଜୀବନରେ ଘୋର କାର୍ଯ୍ୟବ୍ୟସ୍ତତା, ଆଉ ଗୋଟିଏ ଜୀବନରେ ଅଖଣ୍ଡ ଶାନ୍ତି ।

ସୁଧୀର : ହଁ ତା ନୁହେଁ ଆଉ କଣ ? ତୁମେମାନେ ଭାବୁଥିବ, ବର୍ତ୍ତମାନର ଏ ଜୀବନ ମୋ ପାଇଁ ଏକ ନିର୍ବାସନ । ମୋତେ ଯେମିତି ମୋର ଗୋଷ୍ଠୀ, ପରିସର ଭିତରୁ ଜୋର୍ କରି ବାହାର କରି ଦିଆଯାଇଚି । କିନ୍ତୁ ତା ନୁହେଁ । ମୁଁ ବରଂ ଭାବୁଚି ଗୋଟାଏ ବନ୍ଦୀଶାଳାରୁ ମୋତେ ମୁକ୍ତି ମିଳିଚି ।

ମହେନ୍ଦ୍ର : ହଁ ବନ୍ଦୀଶାଳା । ବନ୍ଦୀଶାଳା ଛଡ଼ା ଆଉ କଣ ? ଅନ୍ନ ଚିନ୍ତା ନଥିଲେ କିଏ ନିଜକୁ ସେ ଭିତରେ ଭର୍ତ୍ତି କରିଥାନ୍ତା ?

ପ୍ରଭାକର : ଠିକ୍ କହିଚ ମହେନ୍ଦ୍ର, ଠିକ୍ କହିଚ ।

ମହେନ୍ଦ୍ର : ଯାହା କହନ୍ତୁ, ଜୀବନ ନାହିଁ ସେଠି ।

ପ୍ରଭାକର : ଜୀବନ ବା ରହିବ କେମିତି ? ଅଫିସ୍ ଭିତରେ କିଏ କାହାର ? ସମସ୍ତେ ଯେମିତି ଜଣେ ଜଣେ ଅପରିଚିତ ଲୋକ ।

ସୁଧୀର : କାହାପ୍ରତି ତ କାହାରି ଆନ୍ତରିକତା ନାଇଁ । ସମସ୍ତେ ନିଜ ନିଜର ସ୍ୱାର୍ଥ ନେଇ ବ୍ୟସ୍ତ । ଆତ୍ମଚିନ୍ତା ଛଡ଼ା ଅନ୍ୟ ଚିନ୍ତା ନାହିଁ । ଆଉ ସ୍ୱାର୍ଥରେ ବାଧାପଡ଼ିଲେ -

ପ୍ରଭାକର : ନିଜର ପରମ ବନ୍ଧୁର ଗଳାରେ ଛୁରୀ ଦେଇଦେବାକୁ ବି କେହି ପଛେଇ ଯିବେନି ।

ମହେନ୍ଦ୍ର : ସେ ତ ଆପଣ ଅଙ୍ଗେ ନିଭେଇଛନ୍ତି । ଆଉ ଆମେ କହିବୁ କଣ ? ଏଇ ଆପଣଙ୍କ କଥା ଦେଖୁ ନାହାନ୍ତି । ଆପଣ ଦି ଦିନ ହେଲା ରିଟାୟାର କଲେ । କାଇଁ ଏ ପର୍ଯ୍ୟନ୍ତ ବଡ଼ବାବୁମାନଙ୍କର ନିଦ ଭାଙ୍ଗିଲାନି । ଆପଣଙ୍କର ଯେ ନିତାନ୍ତ ଗୋଟାଏ ବିଦାୟ ସମ୍ବର୍ଦ୍ଧନା ହେବା ଉଚିତ୍ । ସେ କଥା କିଏ ଭାବୁଚି ?

ପ୍ରଭାକର : ନାଇଁ ନାଇଁ ମୋର କିଛି ସମ୍ବର୍ଦ୍ଧନା ଦରକାର ନାଇଁ । ମୋର ଚାକିରୀ ସରିଲା, ମୁଁ ଅଫିସ୍ ଯିବା ବନ୍ଦ କଲି । ଏଥିରେ ଆଉ ବିଦାୟ କଣ ?

ସୁଧୀର : ସେ କଥା କହିଲେ ହବ ଆଜ୍ଞା । ଆପଣଙ୍କ ଭଳି କେତେ ଜଣ ଅଛନ୍ତି ଅଫିସରେ ? ଆପଣଙ୍କଠୁ ଯୋଉ ସ୍ନେହ ସହାନୁଭୂତି ପାଇଛୁ, ତା କ'ଣ ଜୀବନରେ ଭୁଲି ହବ ?

ମହେନ୍ଦ୍ର : ଆପଣଙ୍କ ପରି ସଚ୍ଚୋଟ କର୍ମଚାରୀ ଆଜିକାଲି ଯୁଗରେ କାହାନ୍ତି ? ଆପଣଙ୍କ ସମାନ ପଦରେ ଆମେ ଅନେକ ଲୋକଙ୍କୁ ଦେଖୁନୁ, କଣ କରୁଛନ୍ତି ସେମାନେ ?

ପ୍ରଭାକର : କାଇଁକି ଅଯଥା ପ୍ରଶଂସା କରୁଚ ମହେନ୍ଦ୍ର । ମୋର ଯାହା କର୍ତ୍ତବ୍ୟ ତା ମୁଁ କରିଚି । ଯାହା ଅକର୍ତ୍ତବ୍ୟ ବୋଲି ଭାବିଚି କରିନି ।

ସୁଧୀର : ଆଜିକାଲି ଆଜ୍ଞା ଭଲ ଲୋକଙ୍କର ସ୍ଥାନ ନାହିଁ ।

ପ୍ରଭାକର : କେବେ ଆଉ ଥିଲା ? ଆମ ସମୟରେ ତ ଆମେ ଠିକ୍ ଏଇ କଥା କହୁଥିଲୁ ।

ମହେନ୍ଦ୍ର : ହେଲେ ଭଲ ଲୋକଙ୍କ ପ୍ରତି ଶ୍ରଦ୍ଧା ତ ସମସ୍ତଙ୍କର ଅଛି । ହୁଏତ ଚାକିରୀ କ୍ଷେତ୍ରରେ ସେମାନେ ଉପରକୁ ଉଠି ପାରନ୍ତିନି ।

ସୁଧୀର : ଆପଣଙ୍କ ପ୍ରତି କାହାର ସାମାନ୍ୟ ଅଶ୍ରଦ୍ଧା ଅଛି ? ଆପଣ ଚାଲି ଆସିଲେ, କିନ୍ତୁ ଆମେ ଆପଣଙ୍କୁ ଝୁରୁଛୁ ନା ! ଏମିତି ସାରା ଜୀବନ ଝୁରୁଥିବୁ ।

ମହେନ୍ଦ୍ର : ସେଇଥିପାଇଁ ତ ଆମେ ଆପଣଙ୍କର ସମ୍ବର୍ଦ୍ଧନାର ଆୟୋଜନରେ ଲାଗିପଡ଼ିଛୁ ।

ପ୍ରଭାକର : ସମ୍ବର୍ଦ୍ଧନା ?

ମହେନ୍ଦ୍ର : ହଁ ଆଜ୍ଞା, ସମ୍ବର୍ଦ୍ଧନା । ବିଦାୟ ସମ୍ବର୍ଦ୍ଧନା ।

ସୁଧୀର : ଯେଉଁମାନେ ଆପଣଙ୍କର ପ୍ରତି ଈର୍ଷାନ୍ୱିତ ଥିଲେ ସେମାନେ ହୁଏତ ସହଯୋଗ କରୁନାହାନ୍ତି । ତା ବୋଲି ଆମେ ତ ଆଉ ଚୁପ୍‌ଚାପ ବସି ପାରିବୁ ନାହିଁ ।

ପ୍ରଭାକର : ନାଁ, ନାଁ, ତୁମେମାନେ ଏ ସବୁ ଆୟୋଜନ କରନି । ମୋତେ ପୁଣି ଅଫିସ୍‌କୁ ଯାଇ ବିଦାୟ ସମ୍ବର୍ଦ୍ଧନା ନେବାକୁ ଖରାପ ଲାଗିବ । ମୋର ଆଉ ବିଦାୟ କ'ଣ ହେଲା ? ହେଇ ତ ତୁମେମାନେ ଆସୁଛ, ଯାଉଛ । ସେଇ ସଂପର୍କ ତ ସେମିତି ଅଛି । ମୋ ସହିତ ସଂପର୍କ ତୁଟେଇ ଦେବାକୁ ଚାହୁଁଛ କାହିଁକି ?

ମହେନ୍ଦ୍ର : ଆମେ ଅନୁରୋଧ କରୁଛୁ, ଆପଣ ମନା କରନ୍ତୁ ନାହିଁ । କିଛି ଗୋଟାଏ କରି ନପାରିଲେ ଆମ ମନରେ ଆଘାତ ଲାଗିବ । ଆମ ପ୍ରତି ଆପଣଙ୍କର ଯଦି ସାମାନ୍ୟ ସ୍ନେହ ଥାଏ -

ପ୍ରଭାକର : ଆରେ ଏମିତି କାଇଁକି ଭାବୁଚ ? ତୁମେମାନେ ମୋର ସାନଭାଇ ଭଳି, ପୁଅ ଭଳି । ତୁମମାନଙ୍କ ପ୍ରତି ତ ସବୁଦିନ ସ୍ନେହଶ୍ରଦ୍ଧା ରହିବ ।

ସୁଧୀର : ତେବେ ଆପଣ ଜବାବ ଦିଅନ୍ତୁ, ଆମର ସମ୍ବର୍ଦ୍ଧନା ଗ୍ରହଣ କରିବେ ।

ପ୍ରଭାକର : ହଉ, ହେଲା । ଗ୍ରହଣ କରିବି । ଆଉ କଣ ? ନକରି ଉପାୟ କାହିଁ ?

ମହେନ୍ଦ୍ର : ଏତିକି ତ ଆମେ ଚାହିଁଥିଲୁ । ଏତିକିରେ ଆମର ଆନନ୍ଦ । ଦିନଟିଏ ଅନ୍ତତଃ ଆପଣଙ୍କର ଗୁଣଗାନ କରି ପାରିଲେ ପ୍ରାଣରେ ବଡ଼ ସନ୍ତୋଷ ଆସିବ ।

ସୁଧୀର : ଦେଖିବନି ଆଜ୍ଞା, ଆପଣଙ୍କ ପାଇଁ ଏମିତି ଗୋଟାଏ ମାନପତ୍ର ଲେଖା ହେବ ଯେ ସେମିତି ମାନପତ୍ର ଆଉ କାହାପାଇଁ କେବେ ଲେଖା ହୋଇ ନଥିବ ।

ମହେନ୍ଦ୍ର : ଆଚ୍ଛା ସୁଧୀର, ସେସବୁ କଥା ଛାଡ଼ । ସାରେ ତ ରାଜି ହୋଇଛନ୍ତି ଆଉ ଚିନ୍ତା କଣ ? ଏଥର ଜୋରଦାର ଆମ କାମରେ ଲାଗିଯିବା ।

ପ୍ରଭାକର : କିନ୍ତୁ ମହେନ୍ଦ୍ର ତୁମେମାନେ ବାଧ କରୁଛ ବୋଲି ମୁଁ ନାଁ କହିପାରୁନି । କିନ୍ତୁ ଏଥିରେ ମୋର ଆତ୍ମା ନାହିଁ । ଅଫିସରେ କେତେ ଜଣ ଯଦି ଏଥିରେ ଆଗ୍ରହୀ ନୁହନ୍ତି, ତାହେଲେ ତୁମେ ମାନେ ଅଯଥା -

ମହେନ୍ଦ୍ର : କିଏ ପଚାରୁଚି ସେମାନଙ୍କୁ ? ସେମାନେ ନିଜ କଥା ଛଡ଼ା ତ ଆଉ କିଛି ଭାବିପାରନ୍ତିନି । ନିଜେ ଭଲ ତ ଦୁନିଆଁ ଭଲ । ସ୍ୱାର୍ଥ ପାଇଁ ମଣିଷତ୍ୱକୁ ବିସର୍ଜନ ଦେଇଛନ୍ତି ସେମାନେ । ସେଥିପାଇଁ ଆମେ କୌଣସି କାମରେ ସେମାନଙ୍କ ସାହାଯ୍ୟ ଚାହିଁନୁ । ଅଯଥା କାହିଁକି ମୁହଁ ସାରିବାକୁ ଯିବୁ ?

ସୁଧୀର : ଉତ୍ସବଟା ଟିକିଏ ଜାକଜମକରେ ହୋଇଗଲେ ସେମାନେ ବଳେ ବଳେ ଥଣ୍ଡା ପଡ଼ିଯିବେ ଯେ । ସେମାନେ ଭାବୁଛନ୍ତି, ଯେମିତି ସେମାନଙ୍କୁ ଛାଡ଼ି କିଛି କାମ ହୋଇ ପାରିବନି । ଦେଖିବା ଆମର ଯାହା ଗୋଟିଏ ମାତ୍ର ଅସୁବିଧା ଅଛି । ନ ହେଲେ -

ପ୍ରଭାକର : କି ଅସୁବିଧା ?

ସୁଧୀର : ଅସୁବିଧା କ'ଣ କି ଆଜ୍ଞା, ଏଇ ଟିକିଏ ପଇସା ପତ୍ର ଅସୁବିଧା । ଅଫିସରୁ ଚାନ୍ଦା ତ ବେଶୀ ଆଦାୟ ହୋଇପାରୁନି । ଆମେ ତେବେ ପ୍ରାଣପଣେ ଲାଗିବୁ ଚାନ୍ଦା ଆଦାୟରେ -

ମହେନ୍ଦ୍ର : ଆଜିକାଲି ଲୋକଙ୍କ କଥା ତ ଜାଣନ୍ତି । ହାତରୁ ଗୋଟେ ପଇସା ଛାଡ଼ିବାକୁ ବି ନାରାଜ । ଚାନ୍ଦା ମାଗିବାକୁ ଗଲେ ନାନା କଥା ବତାଉଛନ୍ତି । କାଲି ଦେବି, ପରଦିନ ଦେବି କହୁଛନ୍ତି ।

ପ୍ରଭାକର : କାହିଁକି ତୁମେମାନେ ଏ ଅଡୁଆରେ ପଶୁଚ ?

ସୁଧୀର : ଆପଣ ବ୍ୟସ୍ତ ହେବେନି ଆଜ୍ଞା । ଆମେ ଯୋଉ କାମରେ ହାତ ଦେଇବୁ, ସେ କାମ ଯେ କୌଣସି ପ୍ରକାରେ କରିବୁ ହିଁ କରିବୁ । ହଜାରେ କଷ୍ଟ ପଡ଼ିଲେ ବି ଛାଡ଼ି ଦେବାର ପ୍ରଶ୍ନ ନାହିଁ । ତେବେ ମୁଁ କ'ଣ କହୁଥିଲି କି -

ପ୍ରଭାକର : କଣ ?

ମହେନ୍ଦ୍ର : (ସୁଧୀର ଟିକିଏ ନୀରବ ହେବା ଦେଖି) କହୁନୁ । ଚୁପ୍‌ଚାପ ଠିଆ ହେଲୁ କାହିଁକି ?

ସୁଧୀର : ଆଜ୍ଞା, ଆପଣ ଟଙ୍କା ପାଁଶଟା ଦେଇଥା'ନ୍ତୁ । ଆମେ ଯେମିତି ହେଲେ ସବୁ ଯୋଗାଡ଼ଯନ୍ତ୍ର କରି ଚଳାଇନବୁ ।

ପ୍ରଭାକର : ଟଙ୍କା ? ମୋରି ସମ୍ବର୍ଦ୍ଧନା ପାଇଁ ମୋତେ ହିଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ -

ସୁଧୀର : ଅସୁବିଧା ଅଛି ବୋଲି -

ପ୍ରଭାକର : ଏଭଳି ସମ୍ବର୍ଦ୍ଧନାର ମୂଲ୍ୟ କଣ ?

ମହେନ୍ଦ୍ର : ମୂଲ୍ୟ ନାହିଁ କେମିତି କହୁଛନ୍ତି ? ଆପଣ କ'ଣ ଭାବୁଛନ୍ତି, ଯୋଉମାନେ ପଇସା ଦେଉନାହାନ୍ତି, ସେମାନେ ସହଯୋଗ କରିବେ ନାହିଁ ? ନିଶ୍ଚୟ କରିବେ ।

ସୁଧୀର : ସାରା ଅଫିସ୍ ଚମତ୍କୃତ ହୋଇଯିବ । ଯେତେବେଳେ ଖବର କାଗଜରେ ଏ ସମ୍ବାଦଟା ବାହାରିଯିବ, ଆପଣଙ୍କ ଇମେଜ୍‌ଟା କେମିତି ବଢ଼ିଯିବ ଦେଖିବେ । ବିରୋଧୀମାନେ ଶେଷରେ ଅନୁତାପ କରିବେ ।

ପ୍ରଭାକର : ତା'ହେଲେ ତୁମେମାନେ କହୁଛ, ମୁଁ ସମ୍ବର୍ଦ୍ଧନା କିରିବି ?

ସୁଧୀର : ନା ନା, ଏ କି କଥା କହୁଛନ୍ତି ଆପଣ ? ଯୋଉ ଲୋକ ପଛରେ ସମ୍ବର୍ଦ୍ଧନା ଗୋଡ଼େଇ ଯିବା କଥା, ସେ ଲୋକ ସମ୍ବର୍ଦ୍ଧନା କିଣିବ ? ତେବେ ଆଜିକାଲି ଏ ଆପଣାସୁଖୀ ଲୋକଙ୍କ ଯୋଗୁଁ କିଛି ହୋଇପାରୁନି । ତେଣୁ ବାଧ ହୋଇ ସମସ୍ତେ ନିଜ ନିଜର ସମ୍ବର୍ଦ୍ଧନା ଯୋଗାଡ଼ କରୁଛନ୍ତି । କ'ଣ ଆଉ କରାଯିବ ?

ମହେନ୍ଦ୍ର : ଏଇ ତ ଛ ମାସ ତଳେ ଜୀବନବାବୁ ରିଟାୟାର୍ କଲେ । ଆପଣ ହୁଏତ ଜାଣି ନଥିବେ ତାଙ୍କ ସମ୍ବର୍ଦ୍ଧନା ପାଇଁ ସେ ହଜାରେ ଟଙ୍କା ଦେଇଥିଲେ । ଏଇଟାରେ କିଛି ଭାବିବାର ନାହିଁ । ଆଜିକାଲି ତ ଏମିତି ପ୍ରାୟ ସବୁଠି ହେଉଚି ।

ପ୍ରଭାକର : ତୁମେମାନେ ମୋତେ କ୍ଷମା କର । ମୋର ସମ୍ବର୍ଦ୍ଧନା ଆୟୋଜନ ଏତିକିରେ ବନ୍ଦ ଥାଉ । ସତରେ ମୁଁ ଆନ୍ତରିକ ଭାବେ ସମ୍ବର୍ଦ୍ଧନା ଚାହେଁନି ।

ମହେନ୍ଦ୍ର : ନାଁ, ନାଁ, ଆପଣ ଏପରି କହନ୍ତୁନି । ଯଦି ଟଙ୍କା ନାହିଁ, ତେବେ ଆମେ କୌଣସି ପ୍ରକାରେ ଚଳେଇ ନେବୁ । କିନ୍ତୁ -

ପ୍ରଭାକର : ଆଉ ମୋତେ ସେ ଆଡ଼କୁ ଟାଣନି ମହେନ୍ଦ୍ର । ଅଫିସରେ ମୋର ଯାହା କର୍ତ୍ତବ୍ୟ ମୁଁ କରିଛି । ଏବେ ବୟସ ହୋଇଗଲା, ରିଟାୟାର କଲି । ଏଥିପାଇଁ ସମ୍ବର୍ଦ୍ଧନା କି ଦରକାର ? ଗୁଡ଼ାଏ ପ୍ରାଣହୀନ ମିଥ୍ୟା ପ୍ରଶଂସାରେ ଆତ୍ମପ୍ରସାଦ ଲାଭ କରିବାକୁ ମୁଁ ଚାହୁଁନି ।

ମହେନ୍ଦ୍ର : ଟିକିଏ ଶୁଣନ୍ତୁ -

ପ୍ରଭାକର : ନା, ନା, ମୋର ଆଉ କିଛି ଶୁଣିବାର ନାହିଁ । ସହରର ଏ କୃତ୍ରିମ ଜୀବନରେ ମୁଁ ଅତିଷ୍ଟ ହୋଇ ପଡ଼ିଲିଣି । ବଡ଼ କ୍ଲାନ୍ତ ମୁଁ -

ସୁଧୀର : ଆପଣ ଶେଷରେ ଏମିତି କହିବେ ବୋଲି -

ପ୍ରଭାକର : ନାଁ,ମୁଁ ମୋର ଶେଷ କଥା କହିସାରିଛି । ତୁମେମାନେ ଯାଅ । ମୁଁ ହାତ ଯୋଡୁଚି । ତୁମେମାନେ ଯାଅ । ଏ ବିଷୟରେ ଆଉ ଗୋଟିଏ ମୁହୂର୍ତ୍ତ ବି ଆଲୋଚନା କରିବାକୁ ମୁଁ ପ୍ରସ୍ତୁତ ନୁହେଁ ।

ସୁଧୀର : ଠିକ୍ ଅଛି । ଆମେ ଆସୁଚୁ ତେବେ । (ଦୁହିଁଙ୍କର ପ୍ରସ୍ଥାନ)

ପ୍ରଭାକର : ଏଇ ହେଉଚି ସହରୀ ଜୀବନ ! ନିଜେ ଯୋଗାଡ଼ କରି ନିଜର ସମ୍ବର୍ଦ୍ଧନା କର, ପଇସା ଖର୍ଚ୍ଚ କରି ବାହାରେ ଆଡ଼ମ୍ବର ଦେଖାଅ । ହାୟରେ ହତଭାଗା ସଭ୍ୟତା !

(ଶକୁନ୍ତଳା ଦୌଡ଼ି ଆସିଲେ ।)

ଶକୁନ୍ତଳା : କ'ଣ ହେଲା କି ? ସେମାନଙ୍କୁ କଣ ପାଟିତୁଣ୍ଡ କରି ବିଦା କରିଦେଲ । ଆଉ ତୁମେ ଶୂନ୍ୟକୁ ଚାହିଁ ପାଗଳ ଭଳି ପ୍ରଳାପ କରୁଛ ?

ପ୍ରଭାକର : କ'ଣ ଆଉ ହେବ ? ପ୍ରଳାପ କରିବା ଛଡ଼ା ଯେ ମୋର ଅନ୍ୟ ଉପାୟ ନାହିଁ । ଏ ସହରରେ ଯେ ରହିବ ସେ ହଠାତ୍ ପାଗଳ ହୋଇଯିବ । ପୂରାପୂରି ପାଗଳ ହୋଇଯିବ ।

ଶକୁନ୍ତଳା : ଓଃ ତୁନି ହେଲ ।

ପ୍ରଭାକର : ସତରେ ଶକୁନ୍ତଳା, ମୁଁ ଯଦି ପାଗଳ ହୋଇ ପାରନ୍ତି, ଖୁବ ଭଲ ହୁଅନ୍ତା । ଏ ସମାଜ ମୋ ପାଇଁ ନୁହେଁ । ଏ ସମାଜ ମୋତେ ବା କାହିଁକି ମୂଲ୍ୟ ଦେବ ? ଅଫିସରେ ସହକର୍ମୀମାନଙ୍କୁ ଏତେ ସ୍ନେହ ଶ୍ରଦ୍ଧା କରିଥିଲି, ପ୍ରତ୍ୟେକ ଲୋକର କିଛି ନା କିଛି ଉପକାର କରିଥିଲି, କିନ୍ତୁ କ'ଣ ଲାଭ ହେଲା ? ଏମାନେ ଆଜି ଆସିଛନ୍ତି ମୋରିଠୁ ପଇସା ନେଇ ମୋର ସମ୍ବର୍ଦ୍ଧନା କରିବାକୁ । ଯୋଉଠି ଆନ୍ତରିକତା ବୋଲି କିଛି ନାହିଁ, ସେଠି ଏ ତୁଚ୍ଛ ଲୋକ ଦେଖାଣିଆ ସମ୍ବର୍ଦ୍ଧନାର ଅର୍ଥ କ'ଣ ?

ଶକୁନ୍ତଳା : ଦରକାର ନାଇଁ ଆମର ଏ ସମ୍ବର୍ଦ୍ଧନା । ତମେ ଠିକ୍ କରିଚ ।

ପ୍ରଭାକର : ସହରରୁ ସିନା ସମ୍ବର୍ଦ୍ଧନା ପାଇଲିନି, କିନ୍ତୁ ଦେଖିବ, ଗାଁକୁ ଯେତେବେଳେ ଫେରିଯିବି ଲୋକେ ମୋତେ କେମିତି ସମ୍ବର୍ଦ୍ଧନା କରିବେ । ମୋତେ ଦେଖି କୃତ୍ୟ କୃତ୍ୟ ହୋଇଯିବେ । ମୁଣ୍ଡରେ ବସାଇବେ । ସମସ୍ତେ ଚାହିଁ ରହିବେ ମୋରି ମୁହଁକୁ । ସବୁ କଥାରେ ଦୌଡ଼ି ଆସିବେ ମୋରି ପାଖକୁ ।

(ଦୃଶ୍ୟାନ୍ତର)

(ଗାଁରେ ସପ୍ତୀକ ଆସି ପହଞ୍ଚନ୍ତି ପ୍ରଭାକର ।)

ପ୍ରଭାକର : ଏଇ ମୋର ଗାଁ । ଯାହାକୁ ମୁଁ ସାରା ଜୀବନ ଧରି ଝୁରୁଥିଲି । ମନରେ କେତେ ଆଶଙ୍କା ଥିଲା ସତେ ଆଉ ଗାଁକୁ ଫେରିପାରିବି ? ମୁଁ କିନ୍ତୁ ସତରେ ଫେରି ଆସିଲି । ଏଇ ଗାଁ, ମୋର ସ୍ୱପ୍ନ । ଏଇଠି ପୁଣି ମୋ ପିଲାଦିନକୁ ଖୋଜିବାକୁ ଚେଷ୍ଟା କରିବି ।

ଶକୁନ୍ତଳା : ଏଇ ନିଅ, କ'ଣ ବସି ବସି ଭାବୁଚ ?

ପ୍ରଭାକର : ନାଁ ଭାବିବି ଆଉ କଣ ? ଆଚ୍ଛା ଶକୁନ୍ତଳା, ଏତେଦିନ ପରେ ଗାଁକୁ ଫେରି ଆସିଲେ, କେମିତି ଲାଗୁଚି କୁହ ତ ?

ଶକୁନ୍ତଳା : ମୋତେ କାଇଁକି ପଚାରୁଚ ? ମୋର ଭଲ ଲାଗିବା ମନ୍ଦ ଲାଗିବାରେ ଯାଏ ଆସେ କେତେ ? ତମକୁ ଭଲ ଲାଗିଲେ ହିଁ ହେଲା । ତମକୁ ଯାହା ଭଲ ଲାଗିବ, ମତେ ତ ନିଶ୍ଚୟ ତା ଭଲ ଲାଗିବ ।

ପ୍ରଭାକର : ଅଯଥା ଅଭିମାନ କରୁଚ । ଏପୁଣି କି କଥା ?

ଶକୁନ୍ତଳା : କ'ଣ ମିଳିବ ସେଥିରୁ କହିଲ ? ତୁମେ ଆଗ ଖାଇଦିଅ ତ ମୁଁ ପ୍ଲେଟ୍‌ଟା ଉଠାଇ ନିଏ ।

ପ୍ରଭାକର : ଇଏ କ'ଣ ? ପୁରୀ ତରକାରୀ ! ସତରେ ଶକୁନ୍ତଳା, ତମର ସେଇ ସହରୀ ଢଙ୍ଗ ଆଉ ଗଲାନି । ଗାଁକୁ ଆସିଚେ, ଗାଉଁଲି ହେବାକୁ । ଗାଁ ଜିନିଷ ଖାଇବା କଣ, ତୁମେ ଆଣି ସେଇ ସହରୀ ଜିନିଷ ଆଗରେ ଥୋଉଚ ।

ଶକୁନ୍ତଳା : କ'ଣ ଆଉ ଖାଇବ ?

ପ୍ରଭାକର : କାଇଁ ? ପଖାଳ ଭାତ କଲନି । ତାଠୁ ଭଲ ଆଉ କ'ଣ ଅଛି ?

ଶକୁନ୍ତଳା : ଏ ବୟସରେ ସେଗୁଡ଼ାକ ତମ ଦିହରେ ଯିବ ତ ?

ପ୍ରଭାକର : ପିଲାଦିନେ ତ ପୁଣି ଦେହରେ ଯାଉଥିଲା ?

ଶକୁନ୍ତଳା : ସେଦିନ ଆଉ କ'ଣ ଅଛି ? ସତ କହିଲ ତମର ସେଇ ପିଲାଦିନର ଗାଁ ଆଉ ଅଛି ନା ବଦଳି ଗଲାଣି ?

ପ୍ରଭାକର : କିଛିଟା ବଦଳିଲା ପରି ଜଣାପଡୁଚି । ସେଦିନ ପରି ତ ଆଉ ଲୋକ ମେଳା ମେଳା ହେବାର ଦେଖୁନି ।

ଶକୁନ୍ତଳା : କିଏ କେତେବେଳେ ନିଜ ନିଜ ଧନ୍ଦାରେ ଚାଲି ଯାଉଛନ୍ତି । ଏକାଠି ହେବାକୁ ହସ ଖୁସି କରିବାକୁ ସମୟ କାହିଁ କା'ର ? ସମସ୍ତେ ତ ଆଉ ତମ ଭଳି ରିଟାୟାର୍ଡ ଲୋକ ହୋଇନାହାନ୍ତି ।

ପ୍ରଭାକର : ତମେ କ'ଣ ଭାବୁଚ ଖାଲି ରିଟାୟାର୍ଡ଼ ଲୋକଙ୍କର ଏକାଠି ହେବା ଆଉ ହସ ଖୁସି କରିବା ଦରକାର, ଆଉ କାହାର ନାଇଁ ? ତମେ ତ ସେଦିନର ଗାଁକୁ ଦେଖିନ । ସଂଧ୍ୟା ହୋଇଗଲେ ସବୁ ଲୋକ ଜମିଯିବେ ଭାଗବତ ଘରେ । ଭାଗବତ ପାଠ ସରିଲେ ଶାସ୍ତ୍ର ପୁରାଣ ଚର୍ଚ୍ଚାଠୁ ଆରମ୍ଭ କରି ବାଘ ଭାଲୁ ହାବୁଡ଼ରେ ପଡ଼ିବା, ଭୂତ ଦେଖିବା, ଜୀବଜନ୍ତୁ ଶିକାର କରିବା ଏମିତି କେତେ ଯେ ରୋମାଞ୍ଚକର କାହାଣୀ - କେତେ ଥଟ୍ଟା ତାମସା - କେତେ ନବରଙ୍ଗ -

ଶକୁନ୍ତଳା : ସେ ସବୁକୁ ଆଉ ଖୋଜୁଚ କାଇଁକି ?

ପ୍ରଭାକର : ତାହେଲେ ମୁଁ ଆସିଥିଲି କାହିଁକି ? ଗାଁ ଯଦି ସହର ଭଳି ଏକା ଏକା ପ୍ରାଣହୀନ ଲାଗେ, ତେବେ ଏଠି ରହିବା କି ଦର୍କାର ?

ଶକୁନ୍ତଳା : କିଏ ତମକୁ ରହିବାକୁ କହୁଚି କି ?

ପ୍ରଭାକର : ନାଁ ନାଁ ଶକୁନ୍ତଳା ସେମିତି କହନି । ବୋଧହୁଏ କିଛି ଗୋଟାଏ ଅସୁବିଧା ହୋଇଯାଇଛି । ସେଥିପାଇଁ ଲୋକେ ଏମିତି ଚୁପ୍‌ଚାପ । ଗାଁରେ କୃତ୍ରିମତା ବୋଲି କିଛି ନାଇଁ । ଗାଁର ଶ୍ୟାମଳ ଉଜ୍ଜ୍ୱଳ ପ୍ରକୃତି ପରି ଜୀବନଟା ମଧ୍ୟ ଏଇଠି ଛଳ ଛଳ ଉଚ୍ଛଳ ।

(ବାହାରୁ ଡାକ ଶୁଭିଲା)

ଗଦାଧର : ବାବୁ । ବାବୁ ।

ଶକୁନ୍ତଳା : କିଏ ଆସିଲେଣି । ମୁଁ ଯାଏଁ । (ପ୍ରସ୍ଥାନ)

ପ୍ରଭାକର : କିଏ ? ଭିତରକୁ ଆସ ।

ଗଦାଧର : ମୁଁ ଗଦା ଆଜ୍ଞା ! ମୋତେ ଚିହ୍ନି ପାରୁଛନ୍ତି ?

ପ୍ରଭାକର : ଆରେ ହଁ ତମକୁ ଚିହ୍ନି ପାରିବିନି । ତମେ ତ ଗାଁ ସ୍କୁଲରେ ମୋର ଦି କ୍ଲାସ ତଳେ ପଢୁଥିଲ ।

ଗଦାଧର : ହଁ ବାବୁ, ହେଲେ ପାଠ କିଏ, ଆମେ କିଏ ଗରିବ ଲୋକ କୁଳ ବେଉସା ଆମକୁ ବଡ଼ । ବାପା କେତେ ଆଶା କରି ସ୍କୁଲରେ ନା ଲେଖେଇ ଦେଇଥିଲେ କଣ ନା ପୁଅ ପାଠ ପଢ଼ିବ । ଦଶ ଜଣରେ ଗଣା ହେବ ।

ପ୍ରଭାକର : କଣ କରୁଚ ଏବେ ?

ଗଦାଧର : କଣ ଆଉ କରିବି ? ଏମିତି ଦୁଖେ କଷ୍ଟେ ଅଛି । ଆପଣ ଆସିଛନ୍ତି ଶୁଣି ଦୌଡ଼ି ଆସିଲି ।

ପ୍ରଭାକର : ତମକୁ ଦେଖି ବଡ଼ ଖୁସି ଲାଗୁଚି । ଅନେକ ଦିନ ପରେ ଦେଖା ତ -

ଗଦାଧର : ସେ ମୋର ଭାଗ୍ୟ ଆଜ୍ଞା । ଆପଣଙ୍କର ଦର୍ଶନ ମିଳିବ ଭାବି ନଥିଲି ।

ପ୍ରଭାକର : ଆରେ ଏମିତି କଣ କହୁଚ ମୁଁ ଏମିତି କଣ ହୋଇଗଲି କି ? ମୁଁ ତ ତମରି ସାଙ୍କର ମଣିଷ ତମରି ଭାଇ । ମୋତେ ଏତେ ଆଜ୍ଞା ଆପଣ ନ କହି ଭାଇ ବୋଲି ଡାକୁନ ।

ଗଦାଧର : ଇଏ କଣ କହୁଛନ୍ତି ? ଏତେ ବଡ଼ କଥା ଆମେ ମୁହଁରେ ଧରି ପାରିବୁ । ଆପଣ ହେଲେ ବାବୁଲୋକ । ଯେତେହେଲେ ଆମେ ଆପଣଙ୍କ ପାଦତଳର ଲୋକ । ଆପଣଙ୍କ ସାଙ୍ଗରେ ବସିପାରିବୁ ।

ପ୍ରଭାକର : ଅସୁବିଧା କଣ ଅଛି ! ଏଇ ଦେଖ ତମକୁ ଜୋର୍ କରି ବସେଇ ଦେଉଚି । କ'ଣ ଅସୁବିଧା ହେଉଚି କୁହ । (ଜୋର କରି ହାତଧରି ବସାଇ ଦେଲେ ।) ଏବେ ବସିଲ ତ । ଆମେ ଗାଁରେ ଯଦି ଭାଇ ଭାଇ ଚଳି ପାରିବାନି ଆଉ ଚଳିବା କୋଉଠି ।

ଗଦାଧର : ହେଲେ ଆପଣଙ୍କର ଏ କଥାକୁ ଏ ମୂର୍ଖ ଗାଁରେ ବୁଝିବ କିଏ ।

ପ୍ରଭାକର : କାହିଁକି । ମୂର୍ଖର କଥା ମୂର୍ଖମାନେ ବୁଝି ପାରିବେନି । ମୁଁ ତ ଏଇ ମୂର୍ଖ ଗାଁରେ ଜନ୍ମ ହୋଇଚି । ମୁଁ ମୂର୍ଖ ଛଡ଼ା ଆଉ କଣ ହୋଇପାରେ ।

ଗଦାଧର : ବାବୁ ଆପଣ ଏ ଗାଁ କଥା ଜାଣି ନାହାନ୍ତି ବୋଲି ଏମିତି କହୁଛନ୍ତି । ଏଠି କୌଣସି ଲୋକ ନିଜକୁ ଭଲ କରି ରଖିବାକୁ ଚାହିଁଲେ କେହି ରଖେଇ ଦେବେନି । ତାକୁ ଲାଗିପଡ଼ି ଖରାପ କରେଇ ଦେବେ । ଏମାନଙ୍କ ସାଙ୍ଗରେ ଚଳିବା ବଡ଼ କଷ୍ଟ ।

ପ୍ରଭାକର : ମୁଁ କିଛି ବୁଝିପାରୁନି ଗଦା, କଣ ହୋଇଛି ? ଗାଁର କଣ କିଛି ଅସୁବିଧା ହୋଇଛି ?

ଗଦାଧର :- ଗାଁ ଆଉ କଣ ସେଦିନର ଗାଁ ହୋଇ ଅଛି ? ଦେଖୁନାହାନ୍ତି ଗାଁଟା ସାରା ଚୁପ୍‌ଚାପ୍ । ଜଣାପଡୁଚି ଭିତରେ ଭିତରେ କଣ ସବୁ ଘଟିଯାଉଚି କିଛି ଗୋଟାଏ ବଡ଼ ଧରଣର ଅଘଟଣ ଘଟି ଯାଇପାରେ ।

ଟିପ୍ପଣୀ

ରାଜପଥ ଗ୍ରାମପଥ

ପ୍ରଭାକର : ମାନେ ? ଗାଁ କଣ ଦି ଭାଗ ହୋଇଯାଇଚି ?

ଗଦାଧର : ହଁ ବାବୁ, ଲୋକେ ମୁହାଁମୁହିଁ ହେବା ଉପରେ । କୋଉଦିନ ବାଡ଼ିଆପିଟା ହୋଇ ମରିବେ । ମାଲିମକଦ୍ଦମାରେ ସର୍ବସ୍ୱ ଉଡ଼େଇବେ ।

ପ୍ରଭାକର : ବର୍ତ୍ତମାନ ଉପାୟ ।

ଗଦାଧର : ଉପାୟ କଣ ! କେହି କାହାର ଜିଦ୍ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ସାମାନ୍ୟ କଥାରୁ ପରସ୍ପର ପ୍ରତି ଭୁଲ ବୁଝାମଣା, ଅବିଶ୍ୱାସ । ଏଇ ଗାଁ ପୋଖରୀର ମାଛଧରାରୁ ଏ କାଣ୍ଡ ଉପୁଜିଚି । ଦିଜଣ ଲୋକ ମରାମରି ହୋଇ ଲହୁ ଲୁହାଣ ହୋଇ ଯାଇଚନ୍ତି ।

ପ୍ରଭାକର : କେହି ସମାଧାନ ପାଇଁ ଆଗେଇ ଆସୁନାହାନ୍ତି -

ଗଦାଧର : ସମାଧାନ । ଏଇ ଦୁଇଜଣକୁ ନେଇ ଦିଦଳ । ଭିତରେ ଭିତରେ କେତେ ମସୁଧା ଚାଲିଚି । ହକ୍ ନ୍ୟାୟ କଥା କହିଲେ ଆଜିକାଲି ବିପଦ । ମୁଁ ପଦେ କହିଦେଲି ବୋଲି ତ ମୋର ଆଜି ଏ ଦଶା ।

ପ୍ରଭାକର : ତମର, କଣ ହୋଇଚି ତମର ।

ଗଦାଧର : ମୁଁ ତ ଏଇନେ ଦି ଦଳଙ୍କ ଦ୍ୱାରା ଏକ ପ୍ରକାର ବାସନ୍ଦ । କେହି ମୋତେ କଥା କହୁନାହାନ୍ତି କି କୌଣସି କାମରେ ସାହାଯ୍ୟ କରୁନାହାନ୍ତି ।

ପ୍ରଭାକର : ବଡ଼ ଦୁଃଖର କଥା ଗଦାଧର । ତୁମେ ଏମିତି ଅବସ୍ଥାରେ ଅଛ କାହିଁକି ? କଣ ତମର ଦୋଷ ?

ଗଦାଧର : ସତ କହିଲେ ବାବୁ, ମଳିମଣ୍ଡିଆ ହେଲି ବୋଲି କଣ ନ୍ୟାୟ କଥା କହିବାର ଅଧିକାର ନାଇଁ ଆମର । ଯାହାର ଦୋଷ ହୋଇଚି ତାକୁ ଦୋଷୀ କହିବା ଅପରାଧ ।

ପ୍ରଭାକର :- ନାଇଁ ତ -

ଗଦାଧର : ଯାହାର ପ୍ରକୃତ ଦୋଷ, ତାକୁ ଦୋଷୀ କହିବାରୁ ତ ମୁଁ ସହଜରେ ଦଳେ ଲୋକଙ୍କର ଶତ୍ରୁ ହୋଇଗଲି । ଏଇ ସୁଯୋଗରେ ଅନ୍ୟ ଦଳକ ମୋତେ ଡାକିଲେ ସେମାନଙ୍କ ଦଳରେ ମିଶିବାକୁ, ମୁଁ କିନ୍ତୁ ମନା କରିଦେଲି ।

ପ୍ରଭାକର : ଭଲ କରିଚ ତେବେ -

ଗଦାଧର : ଭଲ କରି ତ ଏବେ ଦି ଦଳର ଶତ୍ରୁ ହେଲି । କହିଲେ ଆଜ୍ଞା ଦଳ କରିବା କଣ ଗୋଟିଏ ଭଲ କଥା । ଗାଁଟା ଏକମନ ହୋଇ ଚାଲିଥିଲେ କେତେ ଆନନ୍ଦ ଉତ୍ସବରେ ଭରି ଯାଉଥାନ୍ତା । ଗାଁ ଏକାଠି ଥିଲାବେଳେ ଯେମିତି ହସର ଜୁଆର ଛୁଟୁଥାଏ । ଆଉ ଦିଦଳ ହୋଇଗଲେ ଖାଁ ଖାଁ ମଶାଣି ପଦା ।

ପ୍ରଭାକର : ତା'ହେଲେ ଶୀଘ୍ର ୟାର ଗୋଟାଏ କିଛି ସମାଧାନ ହେବା ଦରକାର । ମୁଁ ଦେଖୁଚି, ମୋତେ ହିଁ ଏ ସବୁ କରିବାକୁ ପଡ଼ିବ ।

ଗଦାଧର : ସେଇ ଆଶାରେ ତ ଆଜ୍ଞ ଆପଣଙ୍କ ପାଖକୁ ଆସିଥିଲି । ଭାବିଥିଲି ସହରୀ ଲୋକ, ଆମ ଗାଁଉଲୀ ଲୋକଙ୍କ ଦୁଃଖସୁଖରେ ମୁଣ୍ଡ ପୂରେଇବେ କି ନାଇଁ ।

ପ୍ରଭାକର : ନା, ନା । ମୁଁ ଯେତେବେଳେ ଏ ଗାଁର ବାସିନ୍ଦା ହେବାକୁ ଆସିଚି, ଗାଁର ଦୁଃଖସୁଖ ହାନିଲାଭରୁ ମୁଁ ନିଜକୁ ଅଲଗା ରଖିବି କେମିତି ?

ଗଦାଧର : ସେ ତ ଆମର ବଡ଼ ଭାଗ୍ୟର କଥା । ଯୋଉମାନେ ଏ ଗାଁରୁ ପାଠଶାଠ ପଢ଼ି ସହରକୁ ଚାଲି ଯାଉଛନ୍ତି, ସେମାନେ ଆଉ କେବେ ଫେରୁନାହାଁନ୍ତି । ଅଥଚ ଆପଣ ଆସିଛନ୍ତି -

ପ୍ରଭାକର : ଆସିଛି, ତମମାନଙ୍କ ଦୁଃଖସୁଖରେ ନିଜକୁ ଜଡ଼ିତ କରିବାକୁ । ମୁଁ ଯୋଉ ଗାଁ ଭୂଇଁରେ ଜନ୍ମ ହୋଇଛି, ତା ପ୍ରତି କଣ ଏଇଟା ମୋର କର୍ତ୍ତବ୍ୟ ନୁହେଁ ।

(ଏଇ ସମୟରେ ଦଳେ ଯୁବକ ଆସି ପହଞ୍ଚିଲେ)

ବାହାରୁ : ଆଜ୍ଞା ଆମେ ଆସିଚୁ ।

ପ୍ରଭାକର : ଗଦାଧର, ଦେଖିଲ କିଏ ।

ଯୁବକମାନେ: (ପ୍ରବେଶି) ଆଜ୍ଞା ଆମେ ଏଇ ଗାଁର ପ୍ରଗତି ଯୁବସଂଘର ସଭ୍ୟ ।

ପ୍ରଭାକର : ହଉ, ବସ ବସ । ତମମାନଙ୍କ ପାଖରେ ତ ମୋର ଦରକାର ଥିଲା । ଆସିଲ ଭଲ କଲ ।

୧ମ ଯୁବକ: ଆମ ପାଖରେ ? ତାହେଲେ ତ ଭଲ ହେଲା । ଆମର ଦରକାରରେ ତ ଆମେ ଆପଣଙ୍କ ପାଖକୁ ଆସିଛୁ ।

ପ୍ରଭାକର : ମୁଁ ତ ଏଇ ଆସିଲି, ତୁମମାନଙ୍କ ପାଖରେ ରହିବାକୁ । ବର୍ତ୍ତମାନଠୁ ତୁମ ଭଲମନ୍ଦ ସହିତ ମୋ ଭଲ ମନ୍ଦ ଜଡ଼ିତ ।

୧ମ ଯୁବକ: ଠିକ୍ କଥା କହିଛନ୍ତି ଆଜ୍ଞା ।

ପ୍ରଭାକର : ଗାଁ କିଭଳି ଭଲରେ ଚଳିବ, ସେ କଥା ବର୍ତ୍ତମାନଠୁ ଆମକୁ ଦେଖିବାକୁ ପଡ଼ିବ ।

୧ମ ଯୁବକ: ମାନେ ? ଗାଁ ଯେମିତି ଚଳୁଚି ସେମିତି ଚଳିବ । ସେଥିରୁ ଆମକୁ କଣ ମିଳିବ ? ଆପଣ ଅଯଥା ସେଥିରେ ମୁଣ୍ଡ ଖେଳାନ୍ତୁନି ଆଜ୍ଞା । ତେବେ ଗାଁର ଚଳିବା ପକ୍ଷରେ ତ କିଛି ଅସୁବିଧା ହୋଇନି ।

ପ୍ରଭାକର : ନାଇଁ ମୁଁ ଅସୁବିଧା କଥା କହୁନି । ଗାଁକୁ ଆଉ ଟିକିଏ କେମିତି ଭଲ କରି ସଜାଡ଼ି ପାରିବା, ସେଇ କଥା ଭାବୁଚି ।

୨ୟ ଯୁବକ: ଆଜ୍ଞା, ଏ ହେଲା ପୁରାପୁରି ରାଜନୀତି କଥା । ଆମେ ତ ପତର ଗୋଟେଇବା ଲୋକ । ଆମର ଜାହାଜ ମୂଲ କରିବା କି ଦରକାର ?

୧ମ ଯୁବକ: ହେ, ଏମିତି କଣ କଥାବାର୍ତ୍ତା କରୁଚୁ ?

ପ୍ରଭାକର : ହଉ ହେଲା । ତୁମେ ଯୁବକମାନେ ଏମିତି କଥାବାର୍ତ୍ତା କରିବନି ତ ଆଉ କଣ ବୁଢ଼ାମାନେ କରିବେ ?

୨ୟ ଯୁବକ: ଠିକ୍ କଥା । ଠିକ୍ ବୁଝିଛନ୍ତି ଆପଣ ।

ପ୍ରଭାକର : ମୁଁ ଯାହା କହୁଚି, ତମେମାନେ ଠିକ୍ ବୁଝିପାରୁନ । ତୁମେମାନେ ଯୁବକ, ପୁଣି ଶିକ୍ଷିତ । ତୁମର ଶକ୍ତି ଅଛି ନୂଆ କିଛି କରିବାକୁ । ଗାଁକୁ ନୂଆବାଟ ଦେଖାଇବାକୁ ।

୨ୟ ଯୁବକ: ଇଏ ତ ଆମ ମନ୍ତ୍ରୀଙ୍କ ଭାଷଣ ଭଳି ଶୁଭୁଚି । ଆପଣ ତା' ହେଲେ ସହଜରେ ନେତା ହୋଇ ପାରିବେ ।

ପ୍ରଭାକର : ତୁମେମାନେ ମୋତେ ହଠାତ୍ ଭୁଲ ବୁଝୁଚ କାହିଁକି ? ମୋର ସେମିତି କିଛି ଆଶା ଆକାଂକ୍ଷା ନାହିଁ । ମୁଁ ତ ବୁଢ଼ା ହେଲି, ଚାକିରୀରୁ ରିଟାୟାର କଲି ।

୨ୟ ଯୁବକ: ଆଉ ତେବେ ?

ପ୍ରଭାକର : ସାରା ଜୀବନ ତ ବାହାରେ କଟିଗଲା । ଗାଁ ପାଇଁ କିଛି କରି ପାରିନି । ଭାବିଚି ଶେଷ ଜୀବନରେ ତୁମମାନଙ୍କ ସାଙ୍ଗରେ ମିଶି କିଛି ଗୋଟାଏ କରିବି । ତେଣୁ ମୁଁ ଚାହେଁ ତୁମମାନଙ୍କ ସାହାଯ୍ୟ ପରାମର୍ଶ -

୧ମ ଯୁବକ: ଅବଶ୍ୟ ଆମେ ସାହାଯ୍ୟ ଦେଇ ପାରିବୁ । ଆପଣଙ୍କ ସାହାଯ୍ୟ ପାଇଲେ ଆମର ସାହାଯ୍ୟ ନ ଦେବାରେ କଣ ଅଛି ? ଆମେ ତ ସେଥିପାଇଁ ଅଛୁ । ଯିଏ ଆମକୁ ସାହାଯ୍ୟ କରିବ, ଆମେ ତାକୁ ନିଶ୍ଚୟ ସାହାଯ୍ୟ କରିବୁ ।

୨ୟ ଯୁବକ: ଏଇ ଦେଖନ୍ତୁ, ଜଗତବାବୁ ଆଜି ରାଷ୍ଟ୍ରମନ୍ତ୍ରୀ ହୋଇଛନ୍ତି କାହା ସାହାଯ୍ୟରେ ? ଏଇ ଆମମାନଙ୍କ ସାହାଯ୍ୟରେ ତ । ତାଙ୍କର ଭୋଟ୍‌ବେଳେ କେମିତି କାମ କରିଥିଲୁ, ତାଙ୍କୁ ପଚାରିବେ । ମଧୁପୁରିଆ ଲୋକଙ୍କୁ ଘରୁ ବାହାର କରେଇ ଦେଇନୁ । ସେ ଗାଁର ପରା ସମସ୍ତେ ତାଙ୍କ ବିରୋଧୀ । ଛୁରୀ, ଲାଠି ଧରି ଜଗିଦେଲୁ ଯେ - ସମସ୍ତେ ଏକାବେଳକେ ଥଣ୍ଡା । ମନକୁ ବୁଝି ଯାଉଥିବ ଯେ-

୧ମ ଯୁବକ: ଆଜିକାଲି ଆଜ୍ଞା କଅଁଳ କଥା କହି କିଛି କାମ ହାସଲ କରି ହେବନି । ଯେତିକି ଭୟ ଦେଖାଇ, ଧମକ ଚମକ ଦେଖାଇ କାମ ଆଦାୟ କରିବ, ସେତିକି ହେବ ।

୨ୟ ଯୁବକ: ଜଗତବାବୁ ଆମ କ୍ଲବକୁ ଦଶହଜାର ଟଙ୍କା ଦେଇଥିଲେଟି ? ଯାହା ମଉଜ ମଜଲିସ ହୋଇଚି, ଆପଣ କଳ୍ପନା କରି ପାରିବେନି । ଗୋଟେ ସପ୍ତାହ ତ ଆମର ନିଧୁମ ଭୋଜିଭାତ ଲାଗିଲା । ଲୋକଟାର ମନ ଯେମିତି, ତା ପାଇଁ କାମ ହେଲା ସେମିତି । ଦିନରାତି ଲାଗିଗଲୁ ନା !

୧ମ ଯୁବକ: ସେ କେତେଦିନ ତ ଆମେ ଘରଦ୍ୱାର, ବାପା, ମାଆ, ସମସ୍ତଙ୍କୁ ଭୁଲି ଯାଇଥିଲୁ । କାହା ସାଙ୍ଗରେ ଦିନକପାଇଁ ଦେଖାହେଇଚି ?

ପ୍ରଭାକର : ସେମାନେ କିଛି କହିଲେନି ?

୨ୟ ଯୁବକ: କହିବେ କଣ ଆଜ୍ଞା । କଣ ମାଡ଼ ଉଠିଗଲା କି ?

ପ୍ରଭାକର : ଯାହାହେଉ ତୁମମାନଙ୍କର କୃତିତ୍ୱରେ ପ୍ରାଣ ମୋର ପୂରିଯାଉଚି ।

୧ମ ଯୁବକ: ଇଏ ତ ଗୋଟେ ମଉକା ଗଲା । ପୁଣି ଆସନ୍ତା ଥରକୁ ଆହୁରି ମଉଜ ହେବ । ଆମର କୃତିତ୍ୱ ଦେଖି ହେମନ୍ତବାବୁ ଆଜିଠୁ ଆମକୁ ଧରାଧରି କଲାଣି । ଯେତେବେଳେ ଯାହା ମାଗିଲେ ଦଉଚି । ତେଣେ ଜଗତବାବୁ ମଧ୍ୟ ଆମକୁ ସନ୍ତୁଷ୍ଟ କରି ରଖିଚି । କାଳେ ଆମେ ହାତଛଡ଼ା

ହୋଇଯିବୁ, ସେଇ ଭୟରେ । ଯେତେବେଳେ ଏଠିକି ଆସିବ, ଆମକୁ ଭୋଜିଟାଏ ଦବ । ଏମିତି ଦିଜଣଯାକ ଆମକୁ ଧରିଛନ୍ତି, କିନ୍ତୁ ଶେଷବେଳକୁ ଦେଖିବେ, ଟଙ୍କାର ପ୍ରତିଯୋଗିତାରେ ଯିଏ ଜିଣିବ, ଆମେ ହେବୁ ତାର ।

ପ୍ରଭାକର : ଇଏ ତ ତାହାହେଲେ ବଡ଼ ଲାଭଜନକ ବ୍ୟବସାୟ ।

୧ମ ଯୁବକ: ଆଜ୍ଞା । ଆଜିକାଲି ଯୁଗରେ ଏମିତି ବେଉସା ନ କଲେ ଚଳିହେବ ? ଯେଉଁମାନେ ଲୁଟିପୁଟି ଖାଉଛନ୍ତି, ସେମାନଙ୍କ ଧନ ଆମ ପିଛା ଖର୍ଚ୍ଚ ହେବନି ତ, ଆଉ ଖର୍ଚ୍ଚ ହେବ କେମିତି ?

ପ୍ରଭାକର : ଯାହାହେଉ ଭଲ କାମଟାଏ ଧରିଚ । ତେବେ ଗାଁର ଭଲମନ୍ଦ ହାନିଲାଭ କଥା ତ ଦେଖିବା ତୁମର କର୍ତ୍ତବ୍ୟ ।

୨ୟ ଯୁବକ: ଆଜ୍ଞା ନିଜେ ଭଲ ଥିଲେ ଦୁନିଆଁ ଭଲ । ଗାଁରେ ସବୁବେଳେ ଚାଲିଚି ମାଡ଼ ପିଟାପିଟି ମାଲି ମକଦ୍ଦମା । ଆମେ ଏବେ କରିବୁ କଣ ଯେତେବେଳେ ଯାହା ପାଇଁ ସୁବିଧା ହେଉଚି, ଯିଏ ଆମକୁ ହାତକରୁଚି ତା ପାଇଁ ଆମେ କରୁବୁ ।

ପ୍ରଭାକର : ଆସିଲା ଦିନଠୁ ଗାଁଟା ମୋତେ କେମିତି କେମିତି ଲାଗୁଚି । ସମସ୍ତେ କେମିତି ମନମରା ହୋଇଯାଇଛନ୍ତି । କାହାର କାହାସହିତ ସମ୍ପର୍କ ନଥିଲା ଭଳି ଜଣାପଡୁଛି । ଗାଁଟା ଯଦି ଏମିତି ଦିନକୁ ଦିନ ପ୍ରାଣହିନ ହୋଇଯାଏ -

୧ମ ଯୁବକ: ଠିକ୍ ଆଜ୍ଞା ଅନୁମାନ କରିଛନ୍ତି । ଯିଏ ମରିବାକୁ ଯାଉଛି, ତାଙ୍କୁ ମରିବାକୁ ଦିଅନ୍ତୁ । କଣ ଯାଏ ଆସେ ଆମର ସେଥିରୁ । ନିଜେ ବଞ୍ଚିଲେ ବାପର ନାଁ -

୨ୟ ଯୁବକ: ଏଇ କଥା ତ କହିବାକୁ ଆମେ ଆସିବୁ । ଆପଣ ନୂଆକରି ଆସିଛନ୍ତି । ଗାଁର ରୀତି ନିତିକଥା କିଛି ଜାଣି ନାହାନ୍ତି । ଏଠି ଚଳିବାକୁ ହେଲେ ସବୁ ଦେଖୁଥିବେ ଶୁଣୁଥିବେ କାହାକୁ କିଛି କହୁ ନଥିବେ ।

୧ମ ଯୁବକ: ଆଉ ଆପଣଙ୍କର ସୁବିଧା ଅସୁବିଧା ପଡ଼ିଲେ ଆମେ ଅଛୁ । ଯେତେବେଳେ ଆମକୁ ଖୋଜିବେ, ସେତେବେଳେ ଆସି ପହଞ୍ଚିବୁ ।

୨ୟ ଯୁବକ: ଧର ବୋଲିବେ ଧରିବୁ, ମାର ବୋଇଲେ ମାରିବୁ ।

ପ୍ରଭାକର : ନାଇଁ ନାଇଁ ମୋର ଏସବୁ ଲୋଡ଼ା ନାଇଁ । ତମେ କଣ ଭାବିଚ ମୁଁ ଏଠିକି ଆସିଚି ଗାଁ ଲୋକଙ୍କ ସହିତ କଳି ଦ୍ୱନ୍ଦ ଲଗାଇବାକୁ ।

୧ମ ଯୁବକ: ତାଛଡ଼ା ଆପଣଙ୍କର ଉପାୟ ନାହିଁ ହେ -

ପ୍ରଭାକର : ମାନେ ?

୧ମ ଯୁବକ: ଆପଣ ନିଜେ କଳି ନ ଲଗାଇଲେ ବି କେତେକ ଲୋକ ଅଛନ୍ତି, ଉପରେ ପଡ଼ି ଆପଣଙ୍କ ସହିତ କଳିଦ୍ୱନ୍ଦ୍ୱ ଲଗାଇବେ ।

୨ୟ ଯୁବକ: ଆପଣ ଜଣେ ରିଟାୟାର୍ଡ଼ ଅଫିସର୍ । ବହୁତ ଟଙ୍କା ରୋଜଗାର କରିଛନ୍ତି । ଏଠି ଆସି ଆଡ଼ୁଡା ଜମେଇ ରହିବେ । ଏଇଟା ଲୋକଙ୍କର ଚକ୍ଷୁଶୂଳ ହେବନି ?

ପ୍ରଭାକର : ମୁଁ କେମିତି ରହିବି, କଣ ଖାଇବି, ସେଥିରେ ଲୋକଙ୍କର ଯାଏ ଆସେ କେତେ ? ସେମାନେ କାହିଁକି ଏ ସବୁ ଭାବିବାକୁ ଯିବେ ।

୧ମ ଯୁବକ: ଦେଖନ୍ତୁ, ଭାବୁଛନ୍ତି କି ନାହିଁ -

ପ୍ରଭାକର :- ମୁଁ ତ ସମସ୍ତଙ୍କର ଉପକାର କରିବା କଥା ଭାବିଚି । ମୁଁ କାହାର କ୍ଷତି କଲେ ସିନା କିଏ ଆମର କ୍ଷତି କରିବ ।

୨ୟ ଯୁବକ:- ରହନ୍ତୁ, ଅଳ୍ପଦିନ ଭିତରେ ଦେଖିବାକୁ ପାଇବେ । ଲୋକମାନେ ଆପଣଙ୍କର କ୍ଷତି କରିବାକୁ ଆଗେଇ ଆସୁଛନ୍ତି କି ନାଇଁ । ଗାଁରେ ତିଷ୍ଠି ରହିବାକୁ ହେଲେ ଆମ ସାଙ୍ଗରେ ହାତ ମିଳାଇବାକୁ ପଡ଼ିବ ।

ପ୍ରଭାକର : ମୁଁ ଏ କଥାରେ ଅରାଜି ହେଲି କେତେବେଳେ ? ମୁଁ ତ ମୂଳରୁ କହିଛି ତୁମମାନଙ୍କ ସହିତ ମିଶି ଗାଁର ଉନ୍ନତି ବିଷୟ ଚିନ୍ତା କରିବି । ଗାଁର ଉନ୍ନତି ପାଇଁ ମୋର ସମସ୍ତ ଶକ୍ତି, ସାମର୍ଥ୍ୟ ଖଟାଇବି ।

୧ମ ଯୁବକ: ସେସବୁ କଥା ଛାଡ଼ନ୍ତୁ । ଆମ ସହିତ କେବଳ ସହଯୋଗ କରନ୍ତୁ । ଆପଣ ବିଶ୍ୱାସ ରଖନ୍ତୁ । ଆମେ ଥିବାପର୍ଯ୍ୟନ୍ତ ଆପଣଙ୍କର କେହି ସାମାନ୍ୟ କ୍ଷତି କରି ପାରିବେ ନାହିଁ ।

୨ୟ ଯୁବକ: ସେଥିପାଇଁ ତ ଆମେ କଷ୍ଟ କରି ଆସିଲୁ ।

୧ମ ଯୁବକ: ହଉ, ସମୟ ନଷ୍ଟ କରିବା କାହିଁକି ? ଏଥର କାମର କଥା ପଡୁ ।

ପ୍ରଭାକର : କଣ କହୁନ ?

୧ମ ଯୁବକ: ଏଇ ଆପଣ ନୂଆ କରି ଆସିଲେ ତ । ଆମ କ୍ଲବ୍‌କୁ କିଛି ଚାନ୍ଦା ଦେବାକୁ ପଡ଼ିବ । ବେଶି କିଛି ନୁହେଁ । ମାତ୍ର ପାଁଶ ଟଙ୍କା ।

ପ୍ରଭାକର : ମାନେ ? ମୁଁ ବୁଝିପାରୁନି ।

୨ୟ ଯୁବକ: ବୁଝିବେ ପରେ । ଟଙ୍କାଟା ଆଗେ ବାହାର କରନ୍ତୁ ।

ପ୍ରଭାକର : ଆଶ୍ଚର୍ଯ୍ୟ -

୧ମ ଯୁବକ- ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? କ୍ଲବ୍‌କୁ ଚାନ୍ଦା ଦେବେନି ? ଆପଣ ଏଠାରେ ସ୍ଥାୟୀ ଭାବରେ ରହିବେ । ଆପଣଙ୍କର ସୁରକ୍ଷାର ଭାର ଏଣିକି କ୍ଲବ ନେବ । ଏ ପ୍ରତିଶ୍ରୁତି ତ ଆମେ ଦେଇସାରିଚୁ । ଆଉ କୁଣ୍ଠିତ ହେଉଛନ୍ତି କାହିଁକି ?

୨ୟ ଯୁବକ: ଦେଇ ଦିଅନ୍ତୁ । ଦେଇ ଦିଅନ୍ତୁ । ଏସବୁ କାମରେ କୌଣସି ପ୍ରଶ୍ନ ଉଠାଇବା କଥା ନୁହେଁ । ସବୁ ବିପଦ ଆପଦକୁ ଆମେ ଅଛୁ । ଆଜି ଆପଣ ପାଁଶ ଟଙ୍କା ଦେଇଦେବାମାନେ ବର୍ଷେ ପର୍ଯ୍ୟନ୍ତ ଆପଣ ନିଶ୍ଚିନ୍ତ ।

୧ମ ଯୁବକ: ଏଇ କେବଳ ପୂଜାପାର୍ବଣ ମାନଙ୍କର ଯାହା କିଛି ଚାନ୍ଦା ଦେବାକୁ ପଡ଼ିବ । ତାଛଡ଼ା ଆମେ ଆଉ କେବେ ମାଗିବାକୁ ଆସିବୁନି ।

ଟିପ୍ପଣୀ

ପ୍ରଭାକର : ଗାଁରେ ପୂଜା ଉତ୍ସବ ପାଇଁ ତ ସବୁବେଳେ ଚାନ୍ଦା ଦେବାକୁ ପଡ଼େ । ସେଥିରେ କଣ ଅଛି ?

୨ୟ ଯୁବକ: ନାଇଁ ନାଇଁ । ଗାଁ ଚାନ୍ଦା ସାଂଗରେ ୟାର କିଛି ସଂପର୍କ ନାଇଁ । ଏ ହେଉଚି ଆମ କ୍ଲବ ମାନେ ଯୁବକ ସଂଘର ଚାନ୍ଦା । ଆପଣଙ୍କ ସୁରକ୍ଷା ବାବତ ଚାନ୍ଦା ।

୧ମ ଯୁବକ: ଦେଇଦିଅନ୍ତୁ ଆଜ୍ଞା । ଆଜିର ଚାନ୍ଦାଟା ପ୍ରାଥମିକ ସଭ୍ୟ ଚାନ୍ଦା ତ । ତେଣୁ ଟିକିଏ ବେଶି । ଆଉ ଅନ୍ୟ ଚାନ୍ଦାଗୁଡ଼ିକ ସାମାନ୍ୟ; ପଚିଶି ତିରିଶି ଟଙ୍କା ଭିତରେ ।

ପ୍ରଭାକର : ଏତେ ଟଙ୍କା ମୁଁ କୁଆଡୁ ଆଣିବି ? ମୁଁ ତ ରିଟାୟାର୍ଡ଼ ଲୋକ ।

୧ମ ଯୁବକ: ସେଇଥିପାଇଁ ତ ଆମେ ଆପଣଙ୍କୁ ବହୁତ କମ୍ କରି ମାଗିଲୁ ରିଟାୟାର୍ଡ଼ ଲୋକ । ବେଶି ମାଗିବା ଠିକ୍ ନୁହେଁ ।

ପ୍ରଭାକର : ମୋ ପାଖରେ ଏତେ ଟଙ୍କା କୁଆଡୁ ଆସିବ ।

୨ୟ ଯୁବକ: ଏଇ ତ ଆପଣ ମିଛ କହିଲେ ବୃଦ୍ଧ ଲୋକ ହୋଇ ।

୧ମ ଯୁବକ: ଚୁପ୍ । କଣ ଏମିତି କହିଯାଉଛୁ ?

୨ୟ ଯୁବକ: ଟଙ୍କା ତ ନାଇଁ, ନୂଆ ଘର ତିଆରି କରିବେ କେମିତି ? ଏଇ ତ ସହରରୁ ଫେରିଛନ୍ତି । କଣ ଶୂନ୍ୟ ହାତରେ ଆସିଛନ୍ତି ?

ପ୍ରଭାକର : ବଡ଼ ଆଶ୍ଚର୍ଯ୍ୟ କଥା । ଇମିତି ଜୁଲୁମ ତ ସହରରେ ନଥିଲା ?

୨ୟ ଯୁବକ: ସହରରେ ନଥିଲା ତ ମଫସଲକୁ ଆସିଲା କୁଆଡୁ ? ସେଇ ସହରରୁ ତ ଆମେ ଶିଖିବା କଥା ।

୧ମ ଯୁବକ: ସେଥିରୁ କଣ ମିଳିବ ? ଆମେ ତ ଭଦ୍ର ଭାବରେ ଆପଣଙ୍କୁ ଅନୁରୋଧ କରୁଛୁ, ପାଁଶଟା ଟଙ୍କା ଚାନ୍ଦା ଦେବାକୁ । ଆମ କ୍ଲବ ଚଳିବ କେମିତି ?

ପ୍ରଭାକର : ମୁଁ ଯଦି ନଦିଏ ?

୧ମ ଯୁବକ: ନ ଦେଲେ କିନ୍ତୁ ବଡ଼ ଅସୁବିଧା ହେବ ।

ପ୍ରଭାକର : ଅସୁବିଧା ?

୨ୟ ଯୁବକ: ଅସୁବିଧା ଆଉ କ'ଣ ? ଯୋଇ ବାଟେ ବାଟେ ଆସିଛ ବଂଧୁ, ସେଇ ବାଟେ ବାଟେ ଯାଅ ?

ପ୍ରଭାକର : ମୁଁ ପରିଷ୍କାର କହିଦେଉଛି, ଏମିତି ଅନ୍ୟାୟ ଭାବରେ କୌଣସି ଚାନ୍ଦା ଦେଇ ପାରିବି ନାହିଁ ।

୧ମ ଯୁବକ: ଏଇ ଆପଣଙ୍କର ଶେଷ କଥା ତ ? ନା ପୁଣି ଥରେ ବିଚାର କରିବେ ?

ପ୍ରଭାକର : ନାଁ ଏଇ ମୋର ଶେଷ କଥା ।

୧ମ ଯୁବକ:- ତା ହେଲେ ଆମେ ଚାଲିଲୁ । ଆପଣଙ୍କର କିଛି ସୁବିଧା ଅସୁବିଧା ହେଲେ ଆମକୁ ଆଉ ଖୋଜିବେନି ।

୨ୟ ଯୁବକ: ଚାନ୍ଦାଟା କିନ୍ତୁ ଆମର ପ୍ରାପ୍ୟ । ସେଇଟା କୌଣସି ପ୍ରକାରେ ଆଦାୟ କରିବାର ବ୍ୟବସ୍ଥା କରାଯିବ । (ଯୁବକମାନେ ଚାଲିଗଲେ । ପ୍ରଭାକର କିଛି ସମୟ ଥକ୍‌କା ହୋଇ ବସି ରହିଲେ ।)

ଗଦାଧର : ନିଜ ଆଖିରେ ତ ଦେଖିଲେ ବାବୁ । ଗାଁର ଅବସ୍ଥା ଏଇଥିରୁ ଜାଣିପାରୁଥିବେ ।

ପ୍ରଭାକର : ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଚି ଗଦା । ଗାଁଟା ପୁଣି ଏମିତି ବଦଳି ଯାଇଛି ?

ଗଦାଧର : କୁହନ୍ତୁନି ଆଜ୍ଞା ସେମାନଙ୍କ କଥା । ଆପଣ ତ ସାହସ କରି ଏତେ କଥା କହିପାରିଲେ ଆମମାନଙ୍କର କିନ୍ତୁ ସେମାନଙ୍କୁ ପ୍ରାଣର ଭୟ । ମୁଁ ଯଦି ପଦେ ପାଟି ଫିଟେଇଥାନ୍ତି, ମୋର ଦଫାରଫା କରିଦେଇଥାନ୍ତେ । ହଠାତ୍ କାଳେ କଣ କରି ବସିବେ, ସେଥିପାଇଁ ତ ମୁଁ ଭୟରେ ଥରୁଚି ।

ପ୍ରଭାକର : କଣ କରି ପକେଇବେ ? ସବୁ କଥା ଏଡ଼େ ସହଜ ବୋଲି କାଇଁକି ଭାବୁଚ ।

ଗଦାଧର : ନାଇଁ ଆଜ୍ଞା, ସେମାନଙ୍କୁ ବିଶ୍ୱାସ ନାଇଁ । ମଦୁଆଗୁଡ଼ାକ ଆପଣଙ୍କୁ ବୋଲି ଟିକିଏ ସମ୍ମାନ ଦେଇ କଥାବାର୍ତ୍ତା କଲେ । କିଛି ନ କହି ଚୁପ୍ ଚାପ୍ ଚାଲିଗଲେ ।

ପ୍ରଭାକର : ଏଭଳି ଅବସ୍ଥାରେ କଣ କରାଯିବ ତ ମୁଁ ଭାବି ପାରୁନାହିଁ । ଏମାନଙ୍କୁ ପ୍ରଥମେ ଶାସନ କରିବା ଦରକାର ।

ଗଦାଧର : କିଏ ଶାସନ କରିବ ଆଜ୍ଞା । ସମସ୍ତେ ତ ଭୟରେ ଥରହର କେତେବେଳେ କୋଉ କାଣ୍ଡ କରି ବସୁଛନ୍ତି । ମାରିବା ଧରିବା, ଧମକ ଚମକ ଦେବା, ଝିଅ ବୋହୂଙ୍କ ଇଜ୍ଜତ୍ ନେବା । କୋଉ କାମଟା ଆଉ ବାକି ରଖିଛନ୍ତି ? ଦିନକୁ ଦିନ ତ ସେମାନଙ୍କ ଉତ୍ପାତ ବଢ଼ି ଚାଲିଚି ।

ପ୍ରଭାକର : ଏତେ ଦୂର ?

ଗଦାଧର : ଏଇତ ପନ୍ଦର ଦିନ ତଳେ ଜୋର ଜବରଦସ୍ତି ଗୋଟିଏ ଝିଅର ଇଜ୍ଜତ ଲୁଟି ନେଲେ । ଭାବିଲାବେଳକୁ ଛାତିରେ ନିଆଁ ଜଳି ଯାଉଚି । ଉପାୟ କଣ ?

ପ୍ରଭାକର : ଉପାୟ କଣ ? ଏ କଣ ତମେ କହୁଚ ଗଦାଧର ? ଏ ଗାଁରେ କଣ କେହି ନାହାନ୍ତି ? ଏତେ ବଡ଼ ଅନ୍ୟାୟ ସମସ୍ତେ ଆଖି ବୁଜି ସହିଗଲେ ।

ଗଦାଧର : ନସହି ଉପାୟ ନାହିଁ । ଭିତରେ ଭିତରେ ସମସ୍ତ ତୁମ୍ଭ ତୋଫାନ କଲେ ସିନା, ସାମନାକୁ କେହି ବାହାରିଲେନି । ଯିଏ ବାହାରିବ ତା ଜୀବନ ଯିବ ଯେ । ସେ କ୍ଲବ୍ ଘରେ ଛୁରା, ଚେନ୍ ଲାଠି ସବୁ ପ୍ରକାର ଅସ୍ତ୍ରଶସ୍ତ୍ର ଭର୍ତ୍ତି । ଦିନ ଦି ପହରେ ମଦ ପିଆ ଚାଲିଚି ।

ପ୍ରଭାକର : ଗାଁ ମାଟି ଶେଷରେ ଏମିତି କଳୁଷିତ ହୋଇଗଲା । ସାରା ଜୀବନ ଧରି ଯୋଉ ଗାଁର ଶାନ୍ତ ସରଳ ରୂପଟି ମୋ ଆଖି ଆଗରେ ଭାସି ଉଠୁଥିଲା । ସେଇ ରୂପଟି ଆଜି ଏମିତି କ୍ଷତ ବିକ୍ଷତ ହୋଇଯାଇଚି । ମୋ ସ୍ୱପ୍ନର ଗାଁଟିକୁ କଣ ଆଉ ଖୋଜି ପାଇବିନି ? ଯାହାପାଇଁ ମୁଁ ପାଗଳ ହୋଇ ଦୌଡ଼ି ଆସିଚି । ଏଇ କଣ କବିଙ୍କର ସେଇ କି ସୁନ୍ଦର ଆରେ ପଲ୍ଲୀ ଗ୍ରାମ ?

ଗଦାଧର : ଆପଣଙ୍କର ହୁଏତ ସେଇ ପିଲାଦିନର କଥା ମନେ ପଡୁଥିବ । ସେ ଗାଁ ଆଉ ଆଜି କାହିଁ ? ଆଜି ତ ଏ ଗାଁ ସହରଠୁ ବଳି ଭୟଙ୍କର ହୋଇଯାଇଚି । ସହରରେ ବରଂ ଶାନ୍ତି ଅଛି, ଏଠି ନାଇଁ । ରାତି ହେଲେ ତ ମଦୁଆ ବଦ୍‌ମତଲବ ଲୋକଙ୍କ ଆଡ୍ଡା । ଏଠି ଆଉ କଣ କରିହେବ ବୋଲି ଭାବୁଚନ୍ତି ?

ପ୍ରଭାକର : ଆଚ୍ଛା ଗଦା, ମୁଁ ଏତେଟା ନିରାଶାବାଦୀ ନୁହେଁ । ଶେଷପର୍ଯ୍ୟନ୍ତ ମୋତେ ଅପେକ୍ଷା ରଖିବାକୁ ପଡ଼ିବ । ମୁଁ ଭାବୁଚି ଗାଁର ସବୁ ଲୋକଙ୍କୁ ଡାକି ଗୋଟାଏ ସଭା କରିବି । ଗାଁକୁ ଗାଁ ଭଳି ଗଢ଼ିବାକୁ ସମସ୍ତଙ୍କୁ ପ୍ରାଣପାତ ଉଦ୍ୟମ କରିବାକୁ କହିବି ।

ଗଦାଧର : କେହି ଶୁଣିବେନି ଆଜ୍ଞା । ମୁଁ ମୂର୍ଖ ମଳିମୁଣ୍ଡିଆ ହେଲେ ବି ଏଇ ଚେଷ୍ଟା ଅନେକ ଦିନ ଧରି କରି ଆସିଚି । ଗାଁ ତ ଗାଁ ଭଳି ଜଣାପଡୁନି ।

ପ୍ରଭାକର : ଗାଁ ଯଦି ତାର ନିଜସ୍ୱ ବୈଶିଷ୍ଟ୍ୟ ରକ୍ଷାକରି ନ ପାରିବ, ସହରର କୃତ୍ରିମତାକୁ ଅନୁସରଣ କରିବ, ତେବେ ତାର ବଞ୍ଚିବାର ସାର୍ଥକତା କେଉଁଠି ? ନାଇଁ ଗଦାଧର ଆମକୁ ସେଇପୁରୁଣା ଗାଁକୁ ଫେରେଇ ଆଣିବାକୁ ପଡ଼ିବ । ଆମେ ଦୁଇଜଣ ହିଁ ପ୍ରଥମେ ଏ ଉଦ୍ୟମ ଆରମ୍ଭ କରିବା ।

ଗଦାଧର : ଆପଣ ଅନେକ ଦିନ ଧରି ଏ ଗାଁରେ ରହିନାହାନ୍ତି ଆପଣଙ୍କର ସେଦିନ ସେଇ ସ୍ୱପ୍ନର ନିଶା କଟିନି । ଆପଣ ଆଜିସଭା ଡାକିଲେ, ଦେଖିବେ କେହି ଜଣେ ବି ଆସିବେନି । ଆଚ୍ଛା କହନ୍ତୁ ତ' ଆପଣ ତ ଚାରି ପାଞ୍ଚଦିନ ହେଲା ଆସିଲେଣ. କେହି ଜଣେ ଏପର୍ଯ୍ୟନ୍ତ ଆପଣଙ୍କୁ ଦେଖା କରିବାକୁ ଆସିଛି ?

ଯୁବକମାନଙ୍କ କଥା ଛାଡ଼ି ଦିଅନ୍ତୁ । ଆମ ସମୟର ସାଙ୍ଗସାଥୀ କିଏ ଜଣେ ସଂଖୋଳିବାକୁ ଆସିଲା କି ?

ପ୍ରଭାକର : ନାଁ ତ ମୁଁ ଆଶ୍ଚର୍ଯ୍ୟ ହେଉଛି । ମୁଁ ତ ବାରଣ୍ଡାରେ ବସି ଦେଖୁଚି, କେତେ ଜଣ ପରିଚିତ ଲୋକ ସେଇବାଟ ଦେଇ ଚାଲି ଯାଉଛନ୍ତି । ଅଥଚ ମୋତେ ଦେଖି ନଦେଖିଲା ଭଳି ମୁହଁ ପୋତି ଦେଉଛନ୍ତି । ଯେଉଁମାନେ ବା ଚାହୁଁଛନ୍ତି ସେମାନେ ପଦଟିଏ ପଚାରି ଦେଉଛନ୍ତି - କଣ ବାବୁ, ଗାଁକୁ ଆସିଲ ! ସେତିକି । ଆଉ ତ ଅଧିକା ପଦେ କଥା ନାଇଁ ।

ଗଦାଧର : ଆପଣ ଏତେ ଦିନକେ ଆସିଛନ୍ତି । ଆପଣଙ୍କର ଭଲ ମନ୍ଦ ବୁଝିବା, କୋଉ କାମରେ ଟିକିଏ ସାହାଯ୍ୟ କରିବା କି ପରାମର୍ଶ ମାଗିବା ଏଥିପାଇଁ କିଏ ଆସିଚି କି ? ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ । ଜଣଙ୍କର ଛାଇ ପଡ଼ିଲେ ତ ଆଉ ଜଣଙ୍କର ନାହି ଡେଉଁଚି ।

ପ୍ରଭାକର : ମୁଁ ତମ କଥାର ସତ୍ୟତା ଅନୁଭବ କରୁଚି ଗଦାଧର । ତେବେ ଉପାୟ କଣ ?

ଗଦାଧର : ଉପାୟ କିଛି ନାଇଁ । ଆପଣ ଯଦି ଗାଁ ଲୋକଙ୍କୁ ଏକାଠି କରି କିଛି କହିବାକୁ ଯିବେ, ସେମାନେ ହଠାତ୍ ପ୍ରଶ୍ନ କରିବେ- ଆପଣ କିଏ ? ଉଡ଼ି ଆସବା ଚଢ଼େଇ, ଆମ ଗାଁର ଭଲ ମନ୍ଦରେ ଆପଣଙ୍କ ମୁଣ୍ଡ କାଇଁ ବଥଉଚି ?

ପ୍ରଭାକର : ଏ କଣ ମୋ ଗାଁ ନୁହଁ ? ମୁଁ ଗାଁର ଭଲ ମନ୍ଦ କଥା କହିଲେ ସେମାନେ -

ଗଦାଧର : ସେମାନେ ଶୁଣିବେନି । ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ଛୋଟ ଦଳର ନେତା । ଆପଣ ଆଗକୁ ଆସିଲେ, ସେମାନଙ୍କ ନେତାପଣିଆ ଚାଲିଯିବ ଯେ । ଏ କଥା ସେମାନେ ସହି ପାରିବେ ? କୌଶଳ କରି କେତେବେଳେ କୋଉ ଗଣ୍ଡଗୋଳ, ମାଲି ମକଦ୍ଦମାରେ ଭର୍ତ୍ତି କରେଇଦେବେ ।

ଟିପ୍ପଣୀ

ରାଜପଥ ଗ୍ରାମପଥ

ପ୍ରଭାକର : ଏମିତି ବିଷାକ୍ତ ହୋଇଗଲାଣି ଏ ବାୟୁମଣ୍ଡଳ । ଏଠି ତ ମୁଁ ଶ୍ୱାସରୁଦ୍ଧ ହୋଇଯିବି ।

ଗଦାଧର : ଆପଣଙ୍କ ସହର ଏ ଗାଁଠୁ ଶତଗୁଣେ ଭଲ । ଆପଣ ସେଠି ଶାନ୍ତିରେ ଅଛନ୍ତି । ଆରାମରେ ଅଛନ୍ତି । କାହା ସାଙ୍ଗରେ ସମ୍ପର୍କ ନାଇଁ, ଭଲ ହୋଇଚି । ଏଠି ଗାଁକୁ ଭଲପାଇ ବସିଲେ ନିଜେ ଠକିଯିବେ । ଯେଉଁମାନେ ଆପଣଙ୍କ ନିକଟକୁ ଆସିବେ, ସେମାନେ ଖାଲି ଆସିବେ ସ୍ୱାର୍ଥ ହାସଲ ପାଇଁ । ସ୍ୱାର୍ଥ ସରିଗଲେ ଆପଣଙ୍କର ସର୍ବନାଶ କରିବାକୁ ଟିକିଏ ବି କୁଣ୍ଠିତ ହେବେନି ।

ପ୍ରଭାକର : ସେ କଥା ତ ପ୍ରତ୍ୟକ୍ଷରେ ଦେଖୁଚି । ଏଇତ ଯୁବକମାନେ କହିଗଲେ, ମୁଁ ଟଙ୍କା ଦେଲେ ମୋ ସହିତ ସହଯୋଗ କରିବେ । ନଚେତ୍ ମୋତେ ସହର ବାଟ ଦେଖାଇଦେବେ ।

ଶକୁନ୍ତଳା : (ପ୍ରବେଶି) ସହର ବାଟ ସେମାନେ ଆମକୁ ଦେଖେଇଦେବା ପୂର୍ବରୁ ଆମେ ନିଜେ ନିଜେ ସହର ବାଟ ଦେଖିବା ଭଲ । ମୁଁ ମନା କରୁଚି ଗାଁକୁ ଯିବାନି । ତମେ କଣ ଶୁଣିଲ ? ଗାଁକୁ ଭଜି ହେବାର ଫଳ ଏବେ ପାଅ । ମୁଁ କହୁଚି କୌଣସି ଗଣ୍ଡଗୋଳ ଭିତରେ ପଶିବାନି ।

ପ୍ରଭାକର : ଗଣ୍ଡଗୋଳ ଭିତରେ ଆଉ ପଶିଲେ କଣ ?

ଶକୁନ୍ତଳା : ଗଣ୍ଡଗୋଳ ଭିତରେ ପଶିନ ତ ଆଉ କରିଚ କଣ ? ମୋତେ ପୁଣି ଏ ବୟସରେ ଏ କଥା ଶୁଣିବାକୁ ଥିଲା । ହଉ ଛାଡ଼, ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି । ଏଥର ଗଣ୍ଡୁଲି ପତ୍ର ବାନ୍ଧିବା ।

ଗଦାଧର : ମୁଁ ଯାଉଛି ବାବୁ । ପରେ ଆସିବି । (ପ୍ରସ୍ଥାନ)

ପ୍ରଭାକର : କଣ ହୋଇଛି କହୁନ, କିଏ ତମକୁ କଣ କହିଲା ?

ଶକୁନ୍ତଳା : କହିବ ଆଉ କିଏ ? ଏଇ ଆମର ପୁତୁରା । ଯାହାକୁ ପିଲାଦିନେ କାଖେଇ କୋଳେଇ ମଣିଷ କରିଥିଲି ।

ପ୍ରଭାକର : ବନୁ ? କଣ କହିଲା ? ତମେ ଯାଇଥିଲ କି ତାଙ୍କ ଘରଆଡ଼େ ?

ଶକୁନ୍ତଳା : ଏଇତ ଫେରିଲି । ବନୁ ପଚାରିଲା - ଖୁଡ଼ୀ, ତମେ କଣ ସତକୁ ସତ ଏଠି ରହିବାକୁ ସ୍ଥିର କରିଚ ? ମୁଁ କହିଲି - ସହରରେ ତ ଘରଦ୍ୱାର ନାଇଁ, ଆଉ କ'ଣ କରିବୁ ? ସାଙ୍ଗେ ସାଙ୍ଗେ କହିଲା - କାହିଁକି ଏ ଦୁର୍ବୁଦ୍ଧି ଜୁଟିଲା ? ଏଠି ରହିଲେ ଖାଇବା କଣ ?

ପ୍ରଭାକର : କାହିଁକି ?

ଶକୁନ୍ତଳା : ସେ କହୁଚି ତମର ତ ଆଉ ଜମିବୋଲି କିଛି ନାଇଁ । ଏଠି କଣ ଚାଉଳ କିଣି ଖାଇବ ?

ପ୍ରଭାକର : କାହିଁକି ? ଆମ ଜମି ସବୁ କୁଆଡ଼େ ଗଲା କି ?

ଶକୁନ୍ତଳା : ଆମର କିଛି ଜମି ରୟତମାନେ ମାଡ଼ି ବସିଛନ୍ତି । ସେମାନେ ତ ଛାଡ଼ିବାର ପ୍ରଶ୍ନ ନାଇଁ । ଆଉ ବାକି ଯୋଉ ଜମି ହାତ ଚାଷରେ, ବନୁ ଚାଷ କରୁଥିଲା, ସେ ଜମି ତାର ହୋଇଯାଇଚି । ସେ ଜମିରେ ଆମର କିଛି ଅଧିକାର ନାଇଁ ।

ପ୍ରଭାକର : କି ଆଶ୍ଚର୍ଯ୍ୟ କଥା । ଚାଷ କରୁଥିଲା ବୋଲି ଜମି ତାର ହୋଇଗଲା ? ଏତେ ବର୍ଷ ଧରି ଆମେ ପୁତୁରା ବୋଲି ଜମିଟାକୁ ଛାଡ଼ି ଦେଇଚୁ । ମୁଠାଏ ଚାଉଳ ବି ନେଇନୁ ।

ଶକୁନ୍ତଳା : ସେଇ ପୁତୁରାତ ଆଜି ଜବାବ ଦଉଚି - କକାଙ୍କୁ କହିଦବ, ଭୁଲ୍‌ରେ ସୁଦ୍ଧା ସେ ଜମି ଉପରକୁ ଯିବେନି । ଗଲେ ଅବସ୍ଥା ଆଜି ଖରାପ ହେବ ।

ପ୍ରଭାକର : ଏ କଥା ବନୁ କହିପାରିଲା ? ଏଇ ହାତରେ ତାକୁ ମଣିଷ କରିଚି ପାଠ ପଢ଼େଇଚି ।

ଶକୁନ୍ତଳା : କାଇଁକି ଆଉ ସେ ପୁରୁଣା କଥାଗୁଡ଼ାକ ମନେ ପକାଉଚ ? ପୁଣି କହିଲା କଣ ଜାଣ ? କକା ତ ଭଲ ଚାକିରୀ କରିଥିଲେ । ତାଙ୍କ ସାଙ୍ଗର ଲୋକେ ସହରରେ କୋଠାବାଡ଼ି କରିଛନ୍ତି, ଗାଡ଼ି ଚଢୁଛନ୍ତି ଆଉ ଇଏ ନିଜ ଅଯୋଗ୍ୟତାରୁ କିଛି ରୋଜଗାର କରି ପାରିଲେନି ବୋଲି ଆଜି ଗାଁକୁ ଦୌଡ଼ି ଆସିଛନ୍ତି ଶେଷବେଳକୁ । ଗାଁରେ କଣ ଅଛି ?

ପ୍ରଭାକର : ହଁ, ସତରେ ଗାଁରେ ମୋର ଆଉ କଣ ଅଛି ଝିଅ ଦି'ଟା ତ ବିଦା ହୋଇଗଲେଣି । ଯୋଉ ସ୍ନେହ ଶ୍ରଦ୍ଧା ଟିକକ ପାଇବି ବୋଲି ମୋର ପ୍ରିୟ ଜନ୍ମଭୂମିକୁ ଏ ବୟସରେ ଧାଇଁ ଆସିଥିଲି ଯୋଉ ସମ୍ମାନ ଏଠୁ ପାଇବି ବୋଲି ଭାବିଥିଲି, ତାର ସବୁ ପାଇଗଲି । ଆଉ କିଛି ମୋର ଲୋଡ଼ା ନାହିଁ । ଗୋଟାଏ ଅଯୋଗ୍ୟ ଲୋକ ପାଇଁ ସତରେ ଏଠି ସ୍ଥାନ ନାଇଁ । ଅନ୍ୟମାନଙ୍କ ଉପହାସ ସହିବା ଅପେକ୍ଷା -

(ଦୃଶ୍ୟାନ୍ତର)

(ପ୍ରଭାକର ଓ ଶକୁନ୍ତଳା ଗାଁ ଛାଡ଼ ଚାଲି ଯାଉଛନ୍ତି ।)

ପ୍ରଭାକର : ଶକୁନ୍ତଳା । ଏଇଠି ଟିକିଏ ଠିଆ ହୋଇଯାଅ । ଏଇ ଆମ ଗାଁର ଠାକୁର ମନ୍ଦିର । ଶେଷଥର ପାଇଁ ଠାକୁରଙ୍କୁ ପ୍ରଣାମ କରିଯିବା । ପିଲାଦିନେ କେତେ ମୁଣ୍ଡିଆ ମାରିଚି ଠାକୁରଙ୍କୁ । ମୋତେ ପାଠ ଦିଅ । ବଡ଼ ମଣିଷ କର । (ଟିକିଏ ରହି) ମୁଁ ସତରେ କିଛି ହୋଇ ପାରିଲିନି । ଗାଁର ଋଣ ଅଶୁଝା ରହିଗଲା ମୋର ।

ଶକୁନ୍ତଳା : କାଇଁକି ଆଉ ସେକଥା ମନେ ପକଉଚ । ଛାତି କଣ ହୋଇ ଯାଉଚି ।

ପ୍ରଭାକର : ଯୋଉ ଗାଁକୁ ପ୍ରାଣ ଭରି ଭଲ ପାଇଥିଲି, ଯାହା କୋଳରେ ନାଚିକୁଦି ମଣିଷ ହୋଇଥିଲି ସେଇ ଗାଁର ମଧୁର ସ୍ମୃତି ଟିକକ ଧରି ଏବେବି ମନ୍ଦିର ଆଗରେ ଏକ ରଙ୍ଗ କନିଅର ଗଛଟି ଠିଆ ହୋଇଚି । ଯାହା ଉପରେ ପିଲାଦିନେ କେତେ ଡାଳମାଙ୍କୁଡ଼ି ଖେଳୁଥିଲି - ଡାଳ ଭାଙ୍ଗି ଫୁଲ ତୋଳୁଥିଲି - (ହଠାତ୍ କଣ୍ଠ ବାଷ୍ପାକୁଳ ହୋଇଗଲା । ଏତିକିବେଳେ ଗୋଟିଏ ଛୋଟପିଲା ପଢୁଥିବାର ଶୁଣାଗଲା ।)

"ଛାଡ଼ି ବଂଧୁ ନଗର ଗହଳ
ଚାଲିଯିବା ସେହି ସ୍ଥାନେ ଗୋପାଳ କୃଷକମାନେ
ଆନନ୍ଦେ କାଟନ୍ତି ଦିନ ସୁଖେନ୍ଦୁ ବିମଳ
ଯାହାଙ୍କର ଚିତ୍ତାକାଶ ସର୍ବଦା ଉଜ୍ଜ୍ୱଳ ।"

୧୭.୪ ନାଟ୍ୟକାରଙ୍କ ପରିଚୟ :

ଓଡ଼ିଆ ନାଟ୍ୟଜଗତରେ ୧୯୮୦ ଦଶକ ପରବର୍ତ୍ତୀ କାଳର, ଜଣେ ସଫଳ ନାଟ୍ୟକାର ହେଉଛନ୍ତି ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ । ସ୍ୱକୀୟ ମୌଳିକ ଦୃଷ୍ଟିଭଙ୍ଗୀ ଓ ନିଆର ବିଚାର ଧାରାର ଏହି ନାଟ୍ୟକାର ଇତିହାସ, କିମ୍ବଦନ୍ତୀ ଓ ପୁରାଣର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇ ସୃଷ୍ଟି କରିଛନ୍ତି ଅଜସ୍ର ନାଟକ ଓ ଏକାଙ୍କିକା । ଇତିହାସ ଓ ପୁରାଣର ମୂଳଦୁଆ ଉପରେ ନାଟ୍ୟକାର, ଚଳନ୍ତି ସମୟର ଚିତ୍ର ଓ ଚରିତ୍ରମାନଙ୍କୁ ଅତି ଜୀବନ୍ତ ଓ ବାସ୍ତବ କରି ଗଢ଼ି ତୋଳିବାରେ ସମର୍ଥ ଓ ସଫଳ ହୋଇଛନ୍ତି । ନାଟ୍ୟକାରଙ୍କ ଦ୍ୱାରା ରଚିତ ନାଟକ ଗୁଡ଼ିକ ମଧ୍ୟରେ ସତ୍ୟସଂଶୟ ସାଲବେଗ, ମଧ୍ୟପାତ୍ର, ଭୀମଭୋଇଙ୍କ ସନ୍ଧାନରେ, ସ୍ୱର୍ଗାରୋହଣ, ନିରାପଦ ଭବିଷ୍ୟତ, କଲୁରୀବେଣ୍ଟ, କଲମ୍ବସ୍, ମୁଣ୍ଡ ଉପରେ ଛାତ, ପ୍ରଭୃତି ତାଙ୍କ ନାଟ୍ୟପ୍ରତିଭାର ସ୍ୱାକ୍ଷର ବହନ କରେ ।

ନାଟ୍ୟକାର ଡକ୍ଟର ହରିଚନ୍ଦନ, କେବଳ ଯେ ନାଟ୍ୟ ରଚନା କ୍ଷେତ୍ରରେ ସଫଳତା ଅର୍ଜ୍ଜନ କରିଛନ୍ତି ତା' ନୁହେଁ ବରଂ ଉଚ୍ଚକୋଟୀର ଏକାଙ୍କିକା ରଚନା କରି ଓଡ଼ିଆ ଏକାଙ୍କିକା ସାହିତ୍ୟକୁ ଏକ ସମ୍ମାନ ଜନକ ସ୍ଥିତିରେ ପହଞ୍ଚାଇବାରେ ସହାୟ ହୋଇଛନ୍ତି । ତାଙ୍କ ରଚିତ ଏକାଙ୍କିକା ଗୁଡ଼ିକ ମଧ୍ୟରେ, ପୁଣ୍ୟଭୂମି ଭାରତ, ବତାସ ନିସ୍ତବ୍ଧ ଆଜି, ଆଶ୍ଚର୍ଯ୍ୟ ମଣିଷ, ବରଗଛ, ରାସ୍ତା ନାହିଁ, ଦିନ ଦିନ ଶେଷଦିନ, ନିରୁତାପ ବିଷ୍ଣୁକଳା, ଶୂନ୍ୟଘର, ମୂକମୈନାକ, ଅରଣ୍ୟର ଅଶ୍ରୁ ପ୍ରଭୃତି ବେଶ୍ ଉଲ୍ଲେଖ ଯୋଗ୍ୟ ।

୧୭.୫ କଥାବସ୍ତୁ :

ଏକାଙ୍କିକା "ରାଜପଥ ଗ୍ରାମପଥ" ବଦଳି ଯାଉଥିବା ବିଚାର ଧାରା ଓ ମୂଲ୍ୟବୋଧର ବାସ୍ତବ ଚିତ୍ର ବହନ କରେ । ଜନୈକ ସଦ୍ୟ ଅବସର ପ୍ରାପ୍ତ ସରକାରୀ କିରାଣୀ ପ୍ରଭାକର ବାବୁଙ୍କ ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଚିତ୍ର ଏକାଙ୍କିକାଟିକୁ ଜୀବନ୍ତ ଓ ପ୍ରାଣସ୍ପର୍ଶୀ କରି ଗଢ଼ି ତୋଳିଛି । ଅବସର ପରେ କେଉଁଠି ରହିବେ ସେ ନେଇ ସେ ଦ୍ୱିଧାଗ୍ରସ୍ତ । ସହରର କୃତ୍ରିମ ଓ ପ୍ରତାରଣା ପୂର୍ଣ୍ଣ ବାତାବରଣରେ ସେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଚାକରୀ କାଳ ମଧ୍ୟରେ ଅସାଧୁ ଉପାୟରେ ପଇସା ରୋଜଗାରର ବହୁ ସୁଯୋଗ ଥିଲେ ମଧ୍ୟ ସେ ତା'ର ଫାଇଦା ଉଠାଇବାର ଚେଷ୍ଟା କରିନାହାନ୍ତି କି ଅସତ ଅର୍ଜ୍ଜିତ ଅର୍ଥରେ ସହରରେ ଘର ଖଣ୍ଡିଏ ସେ କରିପାରିନାହାନ୍ତି । ଜଣେ ସାଧୁ, ସଚ୍ଚୋଟ, ନିର୍ଭୀକ ଓ ନୀତିବାନ ସରକାରୀ କର୍ମଚାରୀ ଭାବେ ନିଜର ଚରିତ୍ର ଓ ସ୍ୱଭାବକୁ ଶେଷ ପର୍ଯ୍ୟନ୍ତ ସେ ସ୍ୱଚ୍ଛ ଓ ନିଷ୍କଳଙ୍କ କରି ରଖିପାରିଛନ୍ତି । ପିଲାଦିନ ତାଙ୍କର ଗାଁରେ କଟିଥିବାରୁ ପଲ୍ଲୀ ଜୀବନର ଶାନ୍ତ, ସରଳ ଜୀବନର ଚିତ୍ର ଏବେବି ତାଙ୍କୁ ମୁଗ୍ଧ ବିଭୋର କରିଥାଏ । ଅବସର ପରେ ଗାଁ'ର ସେହି ଶାନ୍ତ ସମାହିତ ବାତାବରଣରେ ଘରଟିଏ କରି ସହରର ଦୂଷିତ ଓ କଳୁଷିତ ବାତାବରଣରୁ ନିଜକୁ ଦୂରେଇ ରଖିବାକୁ ସେ ଅନେକ ଦିନରୁ ସ୍ୱପ୍ନ ଦେଖି ଆସିଛନ୍ତି । ପତ୍ନୀ ଶକୁନ୍ତଳା ଓ ଶାଳକ ନଟବରଙ୍କର ପରାମର୍ଶକୁ ସେ ବାରଂବାର ଅଗ୍ରାହ୍ୟ କରିଛନ୍ତି । ହଠାତ୍ ଦିନେ ପ୍ରଭାକରଙ୍କ ଅଫିସରୁ ଦୁଇ ଯୁବ କିରାଣି ଆସି ତାଙ୍କ ଉଦ୍ଦେଶ୍ୟରେ ଅୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭା ପାଇଁ ପାଞ୍ଚ ଶହ ଟଙ୍କା ଚାନ୍ଦା ମାଗନ୍ତି । ଏହି କଥାରେ କ୍ଷୁବ୍ଧ ହୋଇ ଉଠନ୍ତି ପ୍ରଭାକର ଓ ନିଜର ବିଦାୟ ସଭା ନିଜେ ଆୟୋଜନ କରିବାର ଧାରାକୁ ଘୋର ବିରୋଧ କରି ସେମାନଙ୍କୁ ଫେରିଯିବାକୁ କହନ୍ତି । ଘଟଣାଟି ଘଟିବାର ପର ମୂହୁର୍ତ୍ତରେ ପ୍ରଭାକର ଗାଁରେ ଘର କରି ରହିବାର ଦୃଢ଼ ସଂକଳ୍ପ ନିଅନ୍ତି । ଅନେକ ଆଶା ଓ ସ୍ୱପ୍ନ ନେଇ ପତି-ପତ୍ନୀ ଦୁହେଁ ଗାଁରେ ପହଞ୍ଚନ୍ତି । ଗାଁରେ

ପହଞ୍ଚି ପିଲାଦିନର ସାଙ୍ଗ ଗଦାଧରଠାରୁ ସେଠାକାର ଜଟିଳ ଓ ବିଶୃଙ୍ଖଳିତ ପରିସ୍ଥିତି ସମ୍ପର୍କରେ ଅବହିତ ହୁଅନ୍ତି । ରାଜନୀତି କିପରି ଆଜିର ଗ୍ରାମୀଣ ପରିବେଶକୁ ତିକ୍ତ ଓ ଅଶାନ୍ତ କରି ଗଢ଼ିତୋଳିଛି ତା'ର ସ୍ପଷ୍ଟ ଚିତ୍ର ଗଦାଧରଠୁ ପାଇ ପ୍ରଭାକର ଭାଙ୍ଗି ପଡ଼ନ୍ତି ଓ ଦୁଇ ଦଳରେ ବିଭକ୍ତ ହୋଇଥିବା ଗ୍ରାମ୍ୟ ଜନତାଙ୍କୁ ପୁଣିଥରେ ଏକ୍‌ଜୁଟ କରିବାର ପ୍ରୟାସ କରନ୍ତି । ଗାଁ ଯୁବକ ସଂଘର ଯୁବକମାନଙ୍କ ଦ୍ୱାରା ସଭ୍ୟ ଚାନ୍ଦା ଆଦାୟ ପାଇଁ ଧମକପୂର୍ଣ୍ଣ ଓ ଅଶାଳୀନ ବ୍ୟବହାର ତାଙ୍କର ସମସ୍ତ ଆସ୍ଥା ଓ ବିଶ୍ୱାସକୁ ଭାଙ୍ଗିରୁଜି ଚୁରମାର କରିଦିଏ । ଶେଷରେ ପ୍ରଭାକର ଭଗ୍ନ ମନୋରଥ ହୋଇ ନିରାଶା ଓ ହତାଶାରେ ଭରା ମନକୁ ନେଇ ସହରକୁ ଫେରିଆସନ୍ତି । ପ୍ରଭାକର, ଗାଁ ଅପେକ୍ଷା ସହରକୁ ଅଧିକ ନିରାପଦ ମଣନ୍ତି । ସମଗ୍ର ଏକାଙ୍କିକାଟିରେ ପ୍ରଦର୍ଶିତ ଚଳନ୍ତି ସମୟର ବାସ୍ତବ ଚିତ୍ର ଅତି ନିଖୁଣ ଭାବେ ପରିକଳ୍ପିତ ଓ ଉପସ୍ଥାପିତ । ରାଜପଥ ହେଉ କି ଗ୍ରାମପଥ ହେଉ କେଉଁଠି ବି ଆଜିର ସମୟରେ ଶାନ୍ତି ନାହିଁ । ସବୁଠି ଅବିଶ୍ୱାସ ଓ ଆତ୍ମକୈନ୍ଦ୍ରିକତାର ରାଜୁତି । ପ୍ରଭାକରଙ୍କ ଭଳି ଶାନ୍ତି ଓ ମୈତ୍ରୀ ସଂଧାନୀ ମଣିଷମାନେ ଆଜିର ସମୟରେ ସବୁଠି ଉପହସିତ ଓ ଉପେକ୍ଷିତ ।

୧୭.୬ ଏକାଙ୍କିକାଟିର ଚରିତ୍ରଗଣ :

ସମଗ୍ର ଏକାଙ୍କିକାଟିରେ ଯେଉଁ ତିନୋଟି କେନ୍ଦ୍ରୀୟ ଚରିତ୍ର ଦେଖିବାକୁ ମିଳନ୍ତି (ପ୍ରଭାକର, ଶକୁନ୍ତଳା, ନଟବର) ସେମାନଙ୍କ ମଧ୍ୟରେ ଏକମାତ୍ର ପ୍ରଭାକରହିଁ ପ୍ରଧାନ ଓ ପ୍ରତିନିଧି ସ୍ଥାନୀୟ । ମହେନ୍ଦ୍ର, ସୁଧୀର, ପ୍ରଥମ ଯୁବକ ଓ ଦ୍ୱିତୀୟ ଯୁବକ ଏହି ଚାରିଜଣ ଏକାଙ୍କିକାଟିର ଗୌଣ ଚରିତ୍ର । କଥାବସ୍ତୁର ଗତି, ପ୍ରଗତି ଓ ପରିଣତିର କାରଣ ପ୍ରଭାକର ହୋଇଥିବାରୁ ଏଠାରେ ସେହି ଏକମାତ୍ର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟର ବିଶ୍ଳେଷଣ କରାଗଲା ।

ପ୍ରଭାକର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ସାଧୁ, ସଚ୍ଚୋଟ, ନିର୍ଭୀକ, କର୍ତ୍ତବ୍ୟନିଷ୍ଠ ଓ ସ୍ୱାଭିମାନୀ ବ୍ୟକ୍ତିତ୍ୱର ଅଧିକାରୀ ସେ । ଚାକରୀ କାଳ ମଧ୍ୟରେ ସେ ଦୁଇଟି କଥାରେ ଅସନ୍ତୁଷ୍ଟ, ଗୋଟିଏ ନିଜେ କାମକରୁଥିବା କାର୍ଯ୍ୟାଳୟର କାର୍ଯ୍ୟଧାରା ଓ ପରିବେଶ, ଅନ୍ୟଟି ସହରୀ ଜୀବନର କୃତ୍ରିମତା ଓ ଲୋକଦେଖାଣିଆ ଫମ୍ପା ଆଦର୍ଶବୋଧ । ଏସବୁରୁ ମୁକ୍ତି ପାଇବାପାଇଁ ସେ ଗାଉଁଲୀ ଜୀବନର ସରଳ ଓ ନିଷ୍କପଟ ଦୁନିଆକୁ ଫେରିଯିବାକୁ ଚାହାନ୍ତି । ପତ୍ନୀ ଶକୁନ୍ତଳା ଓ ଶାଳକ ନଟବରର ପରାମର୍ଶକୁ ସେ ସବୁବେଳେ ଅଗ୍ରାହ୍ୟ କରିଆସିଛନ୍ତି । ସେଇ ଗୋଟିଏ ଜିଦ୍ ଗାଁ ମାଟିର ଶାନ୍ତ-ସମାହିତ ପରିବେଶରେ ଜୀବନର ଶେଷ ସମୟତକ ଶାନ୍ତିରେ ନିଃଶ୍ୱାସ ମାରିବେ । ପିଲାଦିନେ ଗାଁରେ କାଟିଥିବାରୁ ସେଠାର ପରିବେଶ ଓ ପରିବେଷ୍ଟନୀର ଆନନ୍ଦ ବିଭୋର ଚିତ୍ର ତାଙ୍କ ମାନସ ପଟରେ ସବୁବେଳେ ଉଙ୍କି ମାରୁଥାଏ । ନିଜ ଅଫିସର ଦୁଇଜଣ କର୍ମଚାରୀ ଯେତେବେଳେ ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଦାୟ ସଭାପାଇଁ ତାଙ୍କଠୁ ଚାନ୍ଦା ମାଗନ୍ତି ପ୍ରଭାକରଙ୍କର ସହର ବିରୋଧୀ ଭାବନା ଚରମ ଅବସ୍ଥାରେ ପହଞ୍ଚେ । ଅଯଥା ପ୍ରସଂଶା ଓ ଖୋସାମତିକୁ ଯେ ସାରା ଜୀବନ ଘୃଣା କରି ଆସିଛି, ସେ ପୁଣି ନିଜ ବିଦାୟ ସଭାର ଆୟୋଜନ ନିଜ ତରଫରୁ କରିବେ ? ଏକଥା ପ୍ରଭାକର ଆଦୌ ଗ୍ରହଣ କରିପାରନ୍ତି ନାହିଁ । ନିଜ ପୈତୃକ ଗାଁ ମାଟିର ସ୍ମୃତି ତାଙ୍କୁ ପୁଣି ଥରେ ଉଦ୍‌ବେଳିତ କରେ । ଅନେକ ଆଶା ଆଉ ସ୍ୱପ୍ନରେ ମତୁଆଲା ହୋ ସେ ପତ୍ନୀ ଶକୁନ୍ତଳାଙ୍କ ସହ ଫେରିଆସନ୍ତି ଗାଁ ମାଟିକୁ । କିନ୍ତୁ ଗାଁରେ ପହଞ୍ଚି ସେ, ସହରଠାରୁ ଆହୁରି ଭୟଙ୍କର ସ୍ଥିତିର ସଂବଧଠୁ ଦୂରେଇ ଯାଇ ପରସ୍ପରର ଶତ୍ରୁ ପାଲଟି ଯାଇଛନ୍ତି । ଗାଁର ଏକତା ଓ ପୂର୍ବର ଭାତୃତ୍ୱର ବନ୍ଧନ

ଛିନ୍ନ ବିଚ୍ଛିନ୍ନ ହୋଇଯାଇଛି । ଗାଁର ଯୁବ ପିଢ଼ି, ଯୁବକ ସଂଘ ଗଢ଼ି ଗାଁର ଉନ୍ନତି କରିବେ କଣ ନା ଗ୍ରାମୀଣ ଶାନ୍ତି ଓ ପ୍ରଗତିର ବାଧକ ହୋଇ ଠିଆ ହୋଇଛନ୍ତି । ଗୁରୁ ଗୁରୁଜନର ପୂର୍ବର ମାନ୍ୟତା ତାର ଗୌରବ ହରାଇଛି । ଯୁବପିଢ଼ି ଅଶାଳୀନତା ଓ ଅପସଂସ୍କୃତିକୁ ଆପଣେଇ ନେଇଛନ୍ତି । ମଦ୍ୟପାନ ଓ ନାରୀମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ସହ ଭୟ ଓ ଆତଙ୍କ ସୃଷ୍ଟିର କାରଣ ସାଜିଛନ୍ତି ଏମାନେ । ପ୍ରଭାକର ଗାଁ ମାଟିର ଏପରି ଅବସ୍ଥା ଦେଖି ବୀତସ୍ପୃହ ହୋଇ ପଡ଼ିଛନ୍ତି ଓ ପରସ୍ଥିତିର ମୁକାବିଲା କରି ଗ୍ରାମ୍ୟ ଜୀବନରେ ପୁଣିଥରେ ଶାନ୍ତି ଓ ସହାବସ୍ଥାନର ପରିମଣ୍ଡଳ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଛନ୍ତି । କିନ୍ତୁ ସବୁ ଚେଷ୍ଟା ତାଙ୍କର ବିଫଳ ହୋଇଛି । ପରିଶେଷରେ ପ୍ରଭାକର, ଆଜିର ସମୟରେ ନିଜର ଅତୀତର ପ୍ରିୟ ଗାଁ ମାଟି ଅପେକ୍ଷା ସହର ବରଂ ଅଧିକ ନିରାପଦ ବୋଲି ବୁଝି ପାରିଛନ୍ତି । ଜୀବନ ତମାମ ଅନ୍ୟାୟ-ଅନୀତି, ଶୋଷଣ-ଫେଷଣ, ଭ୍ରଷ୍ଟାଚାର ଓ ଖୋସାମତିକୁ ଘୃଣା କରିଆସିଥିବା ପ୍ରଭାକର ଜୀବନର ଅନ୍ତିମ ପର୍ବରେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ନୈରାଶ୍ୟ ଓ ହତାଶାର ବିଷବାଷ୍ପରେ ଜଳି ପୋଡ଼ି ଛାରଖାର ହୋଇଯାଇଛି । ଜଣେ ପରାଜିତ ସୈନିକ ପରି ଶେଷକୁ ସେ ହାର ମାନିଯାଇଛନ୍ତି । ଏହା ଛଡ଼ା ତାଙ୍କ ନିକଟରେ ଆଉ କିଛି ଉପାୟ ନଥିଲା । ଚଳନ୍ତି ସମୟରେ ବିଚାରଧାରା ଓ ଆଦର୍ଶ ବୋଧ ଅତୀତର ଉଚ୍ଚ ଓ ଉଦାର ମାନସିକତାର ସ୍ଥାନ ନେଇସାରିଛି, ପ୍ରଭାକରଙ୍କୁ ଏକ କଥା ବୁଝିବାକୁ ଆଉ ବେଶୀ ସମୟ ଲାଗିନାହିଁ । ସେଇଥିପାଇଁ ଗାଁ ମାଟିର ବିକୃତ-ବିକଳାଙ୍ଗ ଓ ନଷ୍ଟପ୍ରାୟ ବିକ୍ଷିପ୍ତ ଜୀବନ ଧାରାକୁ ଚିରକାଳ ତ୍ୟାଗ କରି, ସହରର କୃତ୍ରିମ ଓ ନିସଂଗ ଜୀବନକୁ ସେ ଶ୍ରେଷ୍ଠତର ବୋଲି ବିଚାରିଛନ୍ତି । ପରିବେଶ ଓ ପରିସ୍ଥିତିର ଚାପରେ ପ୍ରଭାକର ଚରିତ୍ରର ମାନସିକ ସ୍ତରରେ ଯେଉଁ ପରିବର୍ତ୍ତନ ଆସିଛି ତାହା ଅତ୍ୟନ୍ତ ସ୍ୱାଭାବିକ ଓ ବାସ୍ତବ ।

୧୭.୭ ପାଠାନ୍ତ ପ୍ରଶ୍ନ (ଦୀର୍ଘ):

୧. ଆଜିର ସମୟରେ ଉଭୟ ଗାଁ ଓ ସହରୀ ଜୀବନଧାରାରେ ଆସିଥିବା ପରିବର୍ତ୍ତନ ସଂପର୍କରେ ଆଲୋଚନା କର ।

୨. ଗାଁ ଅପେକ୍ଷା ସହର ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

୩. ପ୍ରଭାକର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ।

୪. ଜଣେ ଅବସର ପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ ଏକାଙ୍କିକାଟିରେ ପ୍ରତିଫଳିତ ଆଲୋଚନା କର ।

ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ):

୧. ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

୨. ସମସ୍ତେ ତ ସେଇ ଏକା ଲାଉର ମଞ୍ଜି । କେଉଁମାନେ ?

୩. ଆଜିକାଲି କେଉଁମାନଙ୍କ ଯୋଗୁଁ ସମସ୍ତେ ବାଧ୍ୟ ହୋଇ ନିଜ ନିଜର ସଂବର୍ଦ୍ଧନା ଯୋଗାଡ଼ କରୁଛନ୍ତି ?

୪. ହାୟରେ ହତଭାଗା ସଭ୍ୟତା - ଏହା କିଏ କାହାକୁ କହିଛି ?

୫. ପ୍ରଭାକର ଗାଁରେ କଣ ଖୋଜିବେ ବୋଲି କହିଛନ୍ତି ?

୬. ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?

୭. ଯୁବକମାନଙ୍କ ନିକଟରେ ଶକ୍ତି ଅଛି କ'ଣ କରିବାପାଇଁ ?

୮. କେଉଁମାନଙ୍କ ପଇସା ଯୁବଗୋଷ୍ଠୀ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ?

୯. ଗାଁରେ ତିଷ୍ଠି ରହିବାକୁ ହେଲେ କଣ କରିବାକୁ ପଡ଼ିବ ?

୧୦. ଆଜିର ସମୟରେ ଗାଁର ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

୧୭.୮ ବିଷୟ ବୋଧଗତ ପ୍ରଶ୍ନ

ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

୧. ଜୀବନର ପ୍ରତିଟି ମୁହୂର୍ତ୍ତ .....ରେ ଭରା ?

(ଦୁଃଖ, ସୁଖ, ରୋମାଞ୍ଚ, ବିଷାଦ)

୫. .....ର ମନଟା ତଟୁ ଘୋଡ଼ା ?

(ପ୍ରଭାକର, ନଟବର, ଶକୁନ୍ତଳା, ନରହରି)

୬. ବୁଢ଼ାବୟସରେ ପ୍ରଭାକର .....କୁ ଦଉଡୁଛନ୍ତି ?

(ଘରକୁ, ହାଟକୁ, ଚାଷଜମିକୁ, ଗାଁର ପାଣିକାଦୁଅକୁ)

୧୦. .....କୁ ଆଜିର କାଲିର କର୍ମଚାରୀମାନେ ଏକମାତ୍ର କର୍ତ୍ତବ୍ୟ ରୂପେ ଧରିନେଇଛନ୍ତି ?

(ଲାଞ୍ଚ, ମିଛ, ଖୋସାମତି, ହୀନ ରାଜନୀତି)

୧୩. ପ୍ରଭାକରଙ୍କୁ ଯୁବକମାନେ ..... ମାଗୁଥିଲେ ।

(ପୂଜା ଚାନ୍ଦା, ବାର୍ଷିକ ଚାନ୍ଦା, କ୍ଲବ୍ ଚାନ୍ଦା, ପ୍ରାଥମିକ ସଭ୍ୟ ଚାନ୍ଦା)

୧୭.୯ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର:

୧. ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର ଗଧ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ।

୨. ପ୍ରମୋସନ ପାଇ କିରାଣୀ ହୋଇଥିବା କିରାଣୀମାନେ ସମସ୍ତେ ଏକା ଲାଉର ମଞ୍ଜି ବୋଲି କୁହାଯାଇଛି ।

୩. ଆପଣା ସୁଖୀ ଲୋକମାନଙ୍କୁ ଆଜିକାଲି ସମସ୍ତେ ବାଧ ହୋଇ ନିଜ ନିଜର ସମ୍ବର୍ଦ୍ଧନା ଯୋଗାଡ଼ କରୁଛନ୍ତି ।

୪. ହାୟରେ ହତଭାଗା ସଭ୍ୟତା ବୋଲି ପ୍ରଭାକର ସୁଧୀର ଓ ମହେନ୍ଦ୍ରକୁ କହିଛି ।

୫. ପ୍ରଭାକର ତାଙ୍କର ପିଲାଦିନକୁ ଗାଁରେ ଖୋଜିବେ ବୋଲି କହିଛନ୍ତି । କାରଣ ଗାଁ ପ୍ରତି ତାଙ୍କର ବିଶେଷ ମୋହ ରହିଛି ।

୬. ଆଜିକାଲି ଗାଁରେ ଏକାଠି ହେବାକୁ ଏବଂ ଏକାଠି ହୋଇ ଖୁସି ହେବାକୁ କାହା ପାଖରେ ସମୟ ନାହିଁ । କାରଣ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ।

୭. ଆଜିର ଯୁବକମାନଙ୍କ ନିକଟରେ ବହୁତ ଶକ୍ତି ଅଛି ନୂଆ କିଛି କରିବାକୁ । ଗାଁକୁ ନୂଆ ବାଟ ଦେଖାଇବାକୁ ଏବଂ ଗାଁର ରୂପ ବଦଳାଇବାକୁ ।

୮. ଯେଉଁମାନେ ଲୁଟିପୁଟି ଖାଉଛନ୍ତି ସେମାନଙ୍କ ପଇସା ଯୁବଗୋଷ୍ଠୀ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ।

୯. ଗାଁରେ ତିଷ୍ଠିବାକୁ ହେଲେ ଯୁବଗୋଷ୍ଠୀଙ୍କ ସହିତ ହାତ ମିଳାଇବାକୁ ହେବ ବୋଲି ମତ ଦିଆଯାଇଛି ।

୧୦. ଆଜିକାଲି ଗାଁକୁ ଯାଇ ନିଜର ବୈଶିଷ୍ଟ୍ୟ ରକ୍ଷା କରିପାରୁ ନଥିବାରୁ ସେମାନେ ସହରରେ ରହି କୃତ୍ରିମତାକୁ ଅନୁସରଣ କରୁଛନ୍ତି ।

୧୭.୧୦ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର:

୧. ପ୍ରଭାକର

୨. ଗଧ

୩. ଗାଁର ପାଣିକାଦୁଅ

୪. ଖୋସାମତି

୫. ପ୍ରାଥମିକ ସଭ୍ୟ ଚାନ୍ଦା

●●●

ଟିପ୍ପଣୀ

୧୮

ଶୁଦ୍ଧ ଶବ୍ଦ ଲିଖନ

୧୮.୧ ଉପକ୍ରମ:

ଓଡ଼ିଆ ଭାଷାର ଏକ ନିଜସ୍ୱଧର୍ମ ରହିଛି । କେତେକ ନିୟମ ଓ କେତେକ ବ୍ୟତିକ୍ରମ ସବୁ ଭାଷାରେ ଦେଖିବାକୁ ମିଳୁଥିଲେ ମଧ୍ୟ ଓଡ଼ିଆ ଭାଷାର ହ୍ରସ୍ୱ 'ଇ', 'ଉ' ଦୀର୍ଘ 'ଈ', 'ଊ', ଜ, ଯ, ଶ, ଷ, ସ ଇତ୍ୟାଦିର ଗୁରୁତ୍ୱ ରହିଛି ।

ଭାଷାକୁ ଶୁଦ୍ଧଭାବରେ ବ୍ୟବହାର କରିବାକୁ ହେଲେ ଏହାର ପ୍ରଚଳିତ ରୂପରେ ଥିବା ନିୟମ ଓ ବ୍ୟତିକ୍ରମ ପ୍ରତି ସତର୍କ ରହିଲେ ଭୁଲ୍ ହେବନାହିଁ ବା ଖୁବ୍ କମ ଭୁଲ ହେବ । ବିଶେଷତଃ ଲିଖନ ପଦ୍ଧତିରେ ଏଥିପ୍ରତି ସତର୍କ ରହିବା ଏକାନ୍ତ ଜରୁରୀ ।

ଶବ୍ଦର ନିର୍ଭୁଲ ରୂପପାଇଁ କେତେକ ନିୟମ ଥିଲେ ମଧ୍ୟ ଅନେକ ବ୍ୟତିକ୍ରମ ମଧ୍ୟ ରହିଛି । ଯଥା; ଶବ୍ଦରେ 'ୟ' 'ର୍' (ରେଫ୍) ଥିଲେ ତା ପୂର୍ବରୁ ଦୀର୍ଘ 'ଈ'ବା 'ଊ' କାର ହେବ- ପାନୀୟ, ଜାତୀୟ, କୀର୍ତ୍ତି, ମୂହୂର୍ତ୍ତ ଇତ୍ୟାଦି । କେତେକ ସାଧାରଣ ତ୍ରୁଟି ପ୍ରତି ଦୃଷ୍ଟି ଦେଲେ, ଭାଷାକୁ ଶୁଦ୍ଧ ଭାବେ ବ୍ୟବହାର କରିବାର ଦକ୍ଷତା ଆସିଯିବ ।

୧୮.୨ ବର୍ଣ୍ଣଗତ ଅଶୁଦ୍ଧି:

ଅଶୁଦ୍ଧ	ଶୁଦ୍ଧ
ଅମୀୟ	ଅମିୟ
ଉର୍ଣ୍ଣତି	ଉନ୍ନତି
ତୃଟି	ତ୍ରୁଟି
ପୁନ୍ୟ	ପୁଣ୍ୟ
ମୂର୍ତ୍ତୀ	ମୂର୍ତ୍ତି
ସାହାର୍ଯ୍ୟ	ସାହାଯ୍ୟ
ମାମୁଁ	ମାମୁ
ଅକ୍ଷୁର୍ଣ୍ଣ	ଅକ୍ଷୁଣ୍ଣ
ରୁଣଗ୍ରସ୍ଥ	ଋଣଗ୍ରସ୍ତ
ଧୂମ୍ର	ଧୂମ
ଭୌଗଳିକ	ଭୌଗୋଳିକ
ସଂଜମ	ସଂଯମ
କୃର୍ଷ୍ଣ	କୃଷ୍ଣ
ବିଷର୍ଣ୍ଣ	ବିଷଣ୍ଣ

୧୮.୩ ଷତ୍ୱବିଧିଗତ:

ଅଶୁଦ୍ଧ	ଶୁଦ୍ଧ
ପରିସ୍କାର	ପରିଷ୍କାର
ପରଷ୍ପର	ପରସ୍ପର
ବିଷର୍ଜନ	ବିସର୍ଜନ
ସୁସମା	ସୁଷମା
ପୁରଷ୍କାର	ପୁରସ୍କାର
ଗଣେଷ	ଗଣେଶ

୧୮.୪ କୃଦନ୍ତ ପ୍ରତ୍ୟୟଗତ:

ଅଶୁଦ୍ଧ	ଶୁଦ୍ଧ
ଉତ୍କର୍ଷତା	ଉତ୍କର୍ଷ
ଉତ୍ୟକ୍ତ	ଉତ୍ସୃକ୍ତ
ଅନୁଗ୍ରହ	ଅନୁଗ୍ରହ
ସୃଜନ	ସର୍ଜନ

୧୮.୫ ତଦ୍ଧିତ ପ୍ରତ୍ୟୟଗତ:

ଅଶୁଦ୍ଧ	ଶୁଦ୍ଧ
ଏକତ୍ରିତ	ଏକତ୍ର
ଜେଷ୍ଠ	ଜ୍ୟେଷ୍ଠ
ବ୍ୟବହାରିକ	ବ୍ୟାବହାରିକ
ଆବଶ୍ୟକୀୟ	ଆବଶ୍ୟକ
ଦାରିଦ୍ର୍ୟତା	ଦାରିଦ୍ର୍ୟ/ଦରିଦ୍ରତା
ମୌନତା	ମୌନ

୧୮.୬ ସନ୍ଧିଗତ ଅଶୁଦ୍ଧି:

ଅଶୁଦ୍ଧ	ଶୁଦ୍ଧ
ଦିଗାମ୍ବର	ଦିଗମ୍ବର
ବାକ୍‌ଦେବୀ	ବାଗ୍‌ଦେବୀ
ସନ୍ୟାସୀ	ସନ୍ନ୍ୟାସୀ

ଦୂରାବସ୍ଥା	ଦୁରବସ୍ଥା
ରଜଗୁଣ	ରଜୋଗୁଣ
ସୂର୍ଯ୍ୟପରାଗ	ସୂର୍ଯ୍ୟୋପରାଗ

୧୮.୬ ସ୍ତ୍ରୀ ପ୍ରତ୍ୟୟଗତ:

ଅଶୁଦ୍ଧ	ଶୁଦ୍ଧ
ଅନ୍ୟାଧିନୀ	ଅନାଥା
ସୁକେଶିନୀ	ସୁକେଶା
ନିରପରାଧିନୀ	ନିରପରାଧା
ନିର୍ଦ୍ଦୋଷୀ	ନିର୍ଦ୍ଦୋଷ
ଦିବାରାତ୍ରି	ଦିବାରାତ୍ର
ନିରୋଗୀ	ନିରୋଗ

୧୮.୮ ଅନ୍ୟାନ୍ୟ:

ଅଶୁଦ୍ଧ	ଶୁଦ୍ଧ
ଅଧୀନସ୍ଥ	ଅଧୀନ
ଧୂମ୍ରପାନ	ଧୂମପାନ
ବୃଥାରେ	ବୃଥା
ସାହାର୍ଯ୍ୟ	ସାହାଯ୍ୟ
ଅନାଟନ	ଅନଟନ
ଆୟତ୍ତାଧୀନ	ଆୟତ୍ତ
ନିରୁତ୍ସାହିତ	ନିରୁତ୍ସାହ
ସକ୍ଷମ	କ୍ଷମ
ସୁନାଶିର	ସୁନାସୀର
ସମାସ୍ୟା	ସମସ୍ୟା

●●●

ଟିପ୍ପଣୀ

୧୯
ବିପରୀତ ଅର୍ଥବୋଧକ ଶବ୍ଦ

୧୯.୧ ଉପକ୍ରମ:

କେତେକ ଶବ୍ଦରେ ଥିବା ବିପରୀତ ଭାବକୁ ପ୍ରକାଶ କରିବା ପାଇଁ ଆଉ ଏକ ଶବ୍ଦ ପ୍ରୟୋଗ ହୁଏ । ଏଗୁଡ଼ିକୁ ପରସ୍ପରର ବିପରୀତ ଅର୍ଥବୋଧକ ଶବ୍ଦ କୁହାଯାଏ ।

ଯଥା:- ସୁଖ-ଦୁଃଖ, ଧନୀ-ଦରିଦ୍ର ।

ମନେ ରଖିବାକୁ ହେବ ବିପରୀତ ଅର୍ଥବୋଧକ ଓ ନାସ୍ତିବୋଧକ ଶବ୍ଦ ସମାନ ନୁହେଁ । ଭାଷା ପ୍ରୟୋଗର କ୍ଷମତା ବୃଦ୍ଧି ଏବଂ ଉନ୍ନତ ଶୈଳୀରେ ନିଜକୁ ବ୍ୟକ୍ତ କରିବା ପାଇଁ ଏପରି ଶବ୍ଦ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଗଲା ।

୧୯.୨ ବିପରୀତ ଅର୍ଥବୋଧକ ଶବ୍ଦ:

ଆରମ୍ଭ- ଶେଷ	ଦରିଦ୍ର- ଧନୀ	ଅଗ-ମୂଳ
ଆକାଶ-ପାତାଳ	ବିନାଶ- ସୃଷ୍ଟି	ଅଧିକ- ସ୍ୱଳ୍ପ
ଏକମତ- ବହୁମତ	ଓଦା- ଶୁଖିଲା	କଞ୍ଚା-ପାଚିଲା
ଓହ୍ଲାଇବା- ଚଢ଼ିବା	ବୁଦ୍ଧିଆ- ନିର୍ବୁଦ୍ଧିଆ	ନୂଆ- ପୁରୁଣା
ସଂଲଗ୍ନ- ଅସଂଲଗ୍ନ	ମିଠା- ଖଟା	ବୁଡ଼ିବା-ଉଠିବା
ମୋଟା- ପତଳା	ଅସଲ- ନକଲ	ଉଠିବା- ପଡ଼ିବା
ଭିତର- ବାହାର	ଅନ୍ଧାର- ଆଲୁଅ	ଭଲ- ମନ୍ଦ

୧୯.୩ ନାସ୍ତିବାଚକ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

ବୁଦ୍ଧିଆ-ନିର୍ବୁଦ୍ଧିଆ, ଅଣବୁଦ୍ଧିଆ	ଆବିଳ- ଅନାବିଳ
ଆସ୍ଥା- ଅନାସ୍ଥା	ଅହଙ୍କାରୀ- ନିରହଙ୍କାରୀ
ଅର୍ଥ- ଅନର୍ଥ	ଅକଲ- ବେଅକଲ
ସତ୍- ଅସତ୍	ଜ୍ଞାନୀ- ଅଜ୍ଞାନ
ଓସାରିଆ- ଅଣ ଓସାରିଆ	କର୍ମୀ-ଅକର୍ମା
ଅପରାଧୀ-ନିରପରାଧ	ଅଳ୍ପ- ବହୁତ

ଅଭ୍ୟାସ- ଅନଭ୍ୟାସ
ମିଶ୍ର- ଅମିଶ୍ର
କପଟ-ଅକପଟ
ଦୋଷୀ- ନିର୍ଦ୍ଦୋଷ

୧୯.୪ ଅନ୍ୟାନ୍ୟ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

ସୁନାମ-ଦୁର୍ନାମ, ବଦନାମ
ପୁରସ୍କାର-ତିରସ୍କାର
ଅନୁଲୋମ- ବିଲୋମ, ପ୍ରତିଲୋମ
ଅନୁରକ୍ତି- ବିରକ୍ତି
ଆବାହନ- ବିସର୍ଜ୍ଜନ
ଆବିର୍ଭାବ- ତିରୋଭାବ, ତିରୋଧାନ
ସବଳ-ଦୁର୍ବଳ
ଅସୀମ- ସସୀମ
ଅପଚୟ- ଉପଚୟ
ପ୍ରଶଂସା- ନିନ୍ଦା
ଅମୃତ- ବିଷ
ସଦାଚାର- ବ୍ୟଭିଚାର
ଆଗମନ- ପ୍ରତ୍ୟାଗମନ
ଯଶ- ଅପଯଶ
ଅନୁକୂଳ- ପ୍ରତିକୂଳ
ଆସକ୍ତି- ନିରାସକ୍ତ
ପାପ- ପୁଣ୍ୟ
ଗାଢ଼- ପତଳା
ପ୍ରଦୋଷ- ପ୍ରତ୍ୟୁଷ
ସୁଲଭ- ଦୁର୍ଲଭ
ଦୂର- ନିକଟ, ଅଦୂର
ଅନୁରାଗ- ବିରାଗ
ପ୍ରଖର-ମନ୍ଥର

●●●

ଟିପ୍ପଣୀ

୨୦
ପଦ ନିର୍ଣ୍ଣୟ
(ବିଶେଷ୍ୟ/ବିଶେଷଣ)

୨୦.୧ ଉପକ୍ରମ:

ଶବ୍ଦ ପରସ୍ପର ସହିତ ସମ୍ବନ୍ଧ ସ୍ଥାପନ କରି ଏକ ପୂର୍ଣ୍ଣ ଭାବ ପ୍ରକାଶ କରେ । ଏହି ଶବ୍ଦଗୁଡ଼ିକୁ 'ପଦ' କୁହାଯାଏ । ଚୀନ୍ ଭାରତ ପରସ୍ପରର ପଡ଼ୋଶୀ ରାଷ୍ଟ୍ର । ଏହି ବାକ୍ୟଟିରେ ଚୀନ, ଭାରତ, ପରସ୍ପର, ପଡ଼ୋଶୀ, ରାଷ୍ଟ୍ର-ଗୋଟିଏ ଗୋଟିଏ ଶବ୍ଦ, ଯାହା ପଦରୂପରେ ବାକ୍ୟରେ ପ୍ରୟୋଗ ହୋଇଛି । ଅର୍ଥାତ୍ ଶବ୍ଦ ଉପଯୁକ୍ତ ବିଭକ୍ତି ଯୋଗ ହୋଇ ବାକ୍ୟରେ ବ୍ୟବହୃତ ହେଲେ ତାହାକୁ 'ପଦ' କୁହାଯାଏ ।

୨୦.୨ ବିଶେଷ୍ୟ ପଦ:

ବାକ୍ୟ ମଧ୍ୟରେ ବ୍ୟବହୃତ ପଦ କୌଣସି ନାମ, ବସ୍ତୁ, ଜାତି, ଗୁଣ ଇତ୍ୟାଦିକୁ ବୁଝାଉଥିଲେ ତାହାକୁ ବିଶେଷ୍ୟ ପଦ କୁହାଯାଏ । ଏହି ପଦଗୁଡ଼ିକ ପ୍ରଥମା ବିଭକ୍ତିରୁ ସପ୍ତମୀ ବିଭକ୍ତି ଯାଏ ଥିବା ପ୍ରତ୍ୟୟ ବା ଚିହ୍ନକୁ ଗ୍ରହଣ କରିବାର କ୍ଷମତା ରଖନ୍ତି ।

ଯଥା: ପିଲାଟି, ଘରକୁ, ଛୁରୀଦ୍ୱାରା, ଭିକାରୀକୁ, ପର୍ବତରୁ, ଦେଶର, ଗ୍ରାମରେ ଇତ୍ୟାଦି । କେତେକ ସ୍ଥଳରେ ବିଭକ୍ତି ପ୍ରତ୍ୟୟ ଉହ୍ୟଥାଇ ମଧ୍ୟ ବିଶେଷ୍ୟ ପଦରେ ପରିଣତ ହୋଇପାରେ । ଯଥା:- ମୁଁ ବଜାର(କୁ) ଯାଉଛି ।

ପୁରୀ ଜଗନ୍ନାଥ (ଙ୍କ) ମନ୍ଦିର ପାଇଁ ପ୍ରସିଦ୍ଧ ।

ବିଶେଷ୍ୟ ପଦଗୁଡ଼ିକୁ ଭାବ ଦୃଷ୍ଟିରୁ ୫(ପାଞ୍ଚ) ଭାଗରେ ବିଭକ୍ତ କରାଯାଇଛି ।

ଯଥା:- ନାମବାଚକ, ଜାତିବାଚକ, ବସ୍ତୁବାଚକ, ଗୁଣବାଚକ, କ୍ରିୟା ବାଚକ ।

ନାମବାଚକ ବିଶେଷ୍ୟ:

ସମସ୍ତ ବିଶେଷ୍ୟ ପଦ ନାମକୁ ବୁଝାଏ । ବ୍ୟକ୍ତିର ନାମକୁ ବ୍ୟକ୍ତିବାଚକ ବିଶେଷ୍ୟ ମଧ୍ୟ କୁହାଯାଏ । ଯଥା:- ହରି ଭଲ ପିଲା । ରାମ ତା'ର ସାଙ୍ଗ ।

ସେହିପରି ସ୍ଥାନ, ନଦୀ, ପର୍ବତ ଇତ୍ୟାଦିର ନାମକୁ ନାମବାଚକ ବିଶେଷ୍ୟ ପଦ ଭାବେ ଗ୍ରହଣ କରାଯାଏ । ଯଥା:- ହିମାଳୟର ମାନସରୋବରରୁ ବାହାରି ବାରାଣସୀ ମଧ୍ୟଦେଇ କଲିକତା ନିକଟରେ ଗଙ୍ଗା ସମୁଦ୍ରରେ ମିଶିଛି ।

ଜାତିବାଚକ ବିଶେଷ୍ୟ:

କୌଣସି ନାମକୁ ନ ବୁଝାଇ ସାଧାରଣ ଜାତିକୁ ବୁଝାଉଥିବା ପଦକୁ ଜାତିବାଚକ ବିଶେଷ୍ୟ କହନ୍ତି । ଯଥା:- ମଣିଷ, ପଶୁ, ପକ୍ଷୀ, ନଦୀ, ପର୍ବତ, ବୃକ୍ଷ ।

ବସ୍ତୁବାଚକ ବିଶେଷ୍ୟ:

କୌଣସି ପଦ ବସ୍ତୁ ବା ପଦାର୍ଥର ନାମକୁ ବୁଝାଇଲେ ତାହାକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଏ । ଏହି ବସ୍ତୁକୁ ଭାଗ ଭାଗ କଲେ ମଧ୍ୟ ତାହା ଅପରିବର୍ତ୍ତିତ ରହେ ।

ଯଥା:- ସୁନାଦର ବଢ଼ି ବଢ଼ି ଚାଲିଛି ।

କାଠ, ପଥରରେ ଗଢ଼ା ଦିଅଁ ମଣିଷର ଭାଗ୍ୟନିୟନ୍ତା ।

ଖରାଦିନେ ଆମ୍ବ ପଣସ ପାଚନ୍ତି ।

ଗୁଣବାଚକ ବିଶେଷ୍ୟ:

ଯେଉଁ ପଦ ଅନ୍ୟ କାହାରି ଗୁଣ ବା ଅବସ୍ଥାକୁ ନ ବୁଝାଇ କେବଳ ଗୁଣ ବା ଅବସ୍ଥାର ନାମକୁ ବୁଝାଏ, ତାହାକୁ ଗୁଣବାଚକ ବିଶେଷ୍ୟ କୁହାଯାଏ ।

ଯଥା: ସେ ଖୁବ୍ ଟାଣରେ କଥା କହୁଛି । (ଏଠାରେ ଟାଣ ଏକ ଗୁଣର ନାମ)

ଗରମରେ ଦେହ ଜଳିଯାଉଛି ।

କ୍ରିୟାବାଚକ ବିଶେଷ୍ୟ:

ଯେଉଁ ପଦ କୌଣସି କ୍ରିୟା ବା କାମର ନାମକୁ ବୁଝାଏ, ତାକୁ କ୍ରିୟାବାଚକ ବିଶେଷ୍ୟ କୁହାଯାଏ । ମନେ ରଖିବାକୁ ହେବ କ୍ରିୟା ସମ୍ପାଦନକୁ କ୍ରିୟାପଦ କୁହାଯାଏ; ତାହା ବିଶେଷ୍ୟ ନୁହେଁ ।

ଯଥା:- ପହଁରିବା ଏକ ଉତ୍ତମ ବ୍ୟାୟାମ । (ବିଶେଷ୍ୟ ପଦ)

ଚାଲ ଆମେ ନଈ ପହଁରିବା । (କ୍ରିୟାପଦ)

ବାକ୍ୟ ମଧ୍ୟରେ ଶବ୍ଦର ସ୍ଥାନ ଓ ଉଦ୍ଦେଶ୍ୟକୁ ଆଧାର କରି ପଦ ନିର୍ଣ୍ଣିତ ହୋଇଯାଏ ।

୨୦.୩ ବିଶେଷଣ:

ବାକ୍ୟ ମଧ୍ୟରେ ଯେଉଁ ପଦ ବିଶେଷ୍ୟ ପଦର କିମ୍ବା ବାକ୍ୟାଂଶର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦିକୁ ପ୍ରକାଶ କରେ ସେହି ପଦଗୁଡ଼ିକୁ ବିଶେଷଣ ପଦ କୁହାଯାଏ ।

ଯଥା:- ବୁଦ୍ଧିଆ ପିଲା, ସୁନ୍ଦର ଫୁଲ, ସଜମାଛ, ପାଞ୍ଚମନ, ଲିଟରେ ତେଲ ।

ଗୁଣବାଚକ ବିଶେଷଣ:

ସେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ।

ଜ୍ଞାନୀ ବ୍ୟକ୍ତିମାନେ ନମ୍ରତା ପ୍ରଦର୍ଶନ କରନ୍ତି ।

ଟିପ୍ପଣୀ

ଅବସ୍ଥା ବାଚକ ବିଶେଷଣ:

ବୃଦ୍ଧ ବ୍ୟକ୍ତିଙ୍କର ଅଭିଜ୍ଞତା ଅଧିକ ।

ଜର୍ଜରା ନାବରେ ସମୁଦ୍ର ପାରିହେବା କଠିନ ।

ସଂଖ୍ୟାବାଚକ ବିଶେଷଣ:

ପାଞ୍ଚ ଲୋକଙ୍କ କଥା ଶୁଣିବା ଉଚିତ୍ ।

ଗୋଟିଏ ଲକ୍ଷ୍ୟରେ ସାଧନ କଲେ ସଫଳତା ନିଶ୍ଚିତ ।

ସଂଖ୍ୟାବାଚକ ବିଶେଷଣର ପୂରଣବାଚକ ରୂପ ମଧ୍ୟ ଉପଲବ୍ଧ ହୁଏ ।

ମୁଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ।

ଆଜି ମୋ ପାଠପଢ଼ାର ଦ୍ୱାଦଶ ବର୍ଷ ପୂର୍ଣ୍ଣ ହେଲା ।

ପରିମାଣବାଚକ ବିଶେଷଣ:

ଲିଟରେ କ୍ଷୀରର ଦାମ ବାଇଶି ଟଙ୍କା ।

କୋଡ଼ିଏ ଟଙ୍କାରେ ଏକ କିଲୋ ଚାଉଳ ମିଳୁଛି ।

କେତେକ ସ୍ଥଳରେ ବିଶେଷ୍ୟ ପଦରୂପ ବିଶେଷଣ ପଦ ଭାବେ ବ୍ୟବହୃତ ହୋଇଥାଏ ।

ଯଥା:- କାଠ ଚଉକିରେ ଠାକୁର ବସିଛନ୍ତି ।

ସେ ସୁନା ହାର ପିନ୍ଧି ସୁନ୍ଦର ଦିଶୁଛି ।

କେତେକ ସ୍ଥଳରେ କ୍ରିୟାରୂପ ମଧ୍ୟ ବିଶେଷଣ ପଦରୂପେ ବ୍ୟବହୃତ ହୁଏ । ଯଥା:-

ଶୋଇଲା ପୁଅର ଭାଗନାହିଁ ।

ସେ ଚାଲିଲା ଶଗଡ଼ରେ ହାତଦେବା ପିଲା ।

୨୦.୪ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନଟ:

ବିଶେଷ୍ୟ	ବିଶେଷଣ
ଓଜନ	ଓଜନିଆ
ଗନ୍ଧ	ଗନ୍ଧିଆ
ଦୁଧ	ଦୁଧିଆ
ମଲ୍ଲୀଫୁଲ	ମଲ୍ଲୀଫୁଲିଆ
ତେଲ	ତେଲିଆ

ପାଉଁଶ	ପାଉଁଶିଆ
ସରାଗ	ସରାଗିଆ
ଅଙ୍ଗ	ଆଙ୍ଗିକ
ଅକ୍ଷର	ଆକ୍ଷରିକ
କାୟା	କାୟିକ
ଜଗତ	ଜାଗତିକ
ଦେହ	ଦୈହିକ
ପରସ୍ପର	ପାରସ୍ପରିକ
ପ୍ରକୃତି	ପ୍ରାକୃତିକ
ପୁରାଣ	ପୌରାଣିକ
ବାଣିଜ୍ୟ	ବାଣିଜ୍ୟିକ
ବିବାହ	ବୈବାହିକ
ବିଷୟ	ବୈଷୟିକ
ଅଂଶ	ଆଂଶିକ
ଅଞ୍ଚଳ	ଆଞ୍ଚଳିକ
ଅକ୍ଷର	ଆକ୍ଷରିକ
ଈଶ୍ୱର	ଐଶ୍ୱରିକ
ଉପନିବେଶ	ଔପନିବେଶିକ
କୁଳ	କୌଳିକ
ଚରିତ୍ର	ଚାରିତ୍ରିକ
ଦେବ	ଦୈବିକ
ଧର୍ମ	ଧାର୍ମିକ
ନିଷ୍ଠା	ନୈଷ୍ଠିକ
ପରମ୍ପରା	ପାରମ୍ପରିକ
ପ୍ରବନ୍ଧ	ପ୍ରାବନ୍ଧିକ
ପ୍ରସଙ୍ଗ	ପ୍ରାସଙ୍ଗିକ

ଟିପ୍ପଣୀ

ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

ବଚନ	ବାଚନିକ
ବିପ୍ଳବ	ବୈପ୍ଳବିକ
ବେଦ	ବୈଦିକ
ବିଦେଶ	ବୈଦେଶିକ
ସମାଜ	ସାମାଜିକ
ମାନବ	ମାନବିକ
ସମୁଦ୍ର	ସାମୁଦ୍ରିକ
ସମୟ	ସାମୟିକ
ସଙ୍କେତ	ସାଙ୍କେତିକ
ଅନୁପ୍ରାଣନ	ଅନୁପ୍ରାଣିତ
ଉଦ୍ଭବ	ଉଦ୍ଭାବିତ
କଳଙ୍କ	କଳଙ୍କିତ
ପ୍ରଚଳନ	ପ୍ରଚଳିତ
ଜନ୍ମ	ଜନ୍ମିତ
ବାଞ୍ଛା	ବାଞ୍ଛିତ
ବିସ୍ତାର	ବିସ୍ତାରିତ
ଉତ୍ସାହ	ଉତ୍ସାହିତ
ନିୟମ	ନିୟମିତ
ପ୍ରଚାର	ପ୍ରଚାରିତ
ବିବାହ	ବିବାହିତ
ସମ୍ମାନ	ସମ୍ମାନିତ
ଶିକ୍ଷା	ଶିକ୍ଷିତ
ସୁରଭି	ସୁରଭିତ
ଋଣ	ଋଣୀ
ନିୟୋଗ	ନିୟୋଗୀ
ପାପ	ପାପୀ

ଟିପ୍ପଣୀ

ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

ବିଦାୟ	ବିଦାୟୀ
ସନ୍ଧାନ	ସନ୍ଧାନୀ
ସୁଖ	ସୁଖୀ
ଅନୁରାଗ	ଅନୁରାଗୀ
ଅନୁଭବ	ଅନୁଭବୀ
ଦୋଷ	ଦୋଷୀ
ପ୍ରୟାସୀ	ପ୍ରୟାସୀ
ଏକ	ଐକ୍ୟ
କୃତି	କୃତ୍ୟ
ମୁଖ	ମୁଖ୍ୟ
ଶ୍ରବଣ	ଶ୍ରାବ୍ୟ
ଆକର୍ଷଣ	ଆକର୍ଷଣୀୟ
ଈଶ୍ୱର	ଈଶ୍ୱରୀୟ
ଗ୍ରହଣ	ଗ୍ରହଣୀୟ
ଉତ୍କଳ	ଉତ୍କଳୀୟ
ଦର୍ଶନ	ଦର୍ଶନୀୟ
ବିଦେଶ	ବିଦେଶୀୟ
ମାନବ	ମାନବୀୟ
ସମ୍ବନ୍ଧ	ସମ୍ବନ୍ଧୀୟ
ନାଟକ	ନାଟକୀୟ
ଜାତି	ଜାତୀୟ
ଆଣ୍ଠୁ	ଆଣ୍ଠୁଆ
ଗାତ	ଗାତୁଆ
ଚେର	ଚେରୁଆ
ମଦ	ମଦୁଆ
ବାଘ	ବାଘୁଆ

ଟିପ୍ପଣୀ

ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

ଅଧିକାର	ଅଧିକୃତ
ଅନୁରାଗ	ଅନୁରକ୍ତ
ଅଧିଷ୍ଠାନ	ଅଧିଷ୍ଠିତ
ଅନୁସାର	ଅନୁସୃତ
ତୃପ୍ତି	ତୃପ୍ତ
ନିମନ୍ତ୍ରଣ	ନିମନ୍ତ୍ରିତ
ଦମ୍ଭତି	ଦାମ୍ଭତ୍ୟ
ନ୍ୟାୟ	ନ୍ୟାଯ୍ୟ
ଲେପନ	ଲେପ୍ୟ

●●●

ଟିପ୍ପଣୀ

୨୧
ରୂଢ଼ି ଓ ଏହାର ପ୍ରୟୋଗ

୨୧.୧ ଉପକ୍ରମ:

'ରୂଢ଼ି' ଏକ 'ଖଣ୍ଡବାକ୍ୟ' ଯାହାକି କର୍ତ୍ତା, କର୍ମ ଓ କ୍ରିୟାର ନିର୍ଦ୍ଦିଷ୍ଟ ପଦ ସଂହତିକୁ ଅପେକ୍ଷା କରେନାହିଁ । ଅଥଚ ଠିକ୍ ମନୋଭାବ ପ୍ରକାଶ କରେ । ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟଗତ ଅର୍ଥ ପ୍ରକାଶ ନକରି ଭିନ୍ନ ଅର୍ଥ ପ୍ରକାଶ କରେ, ତାହା 'ରୂଢ଼ି ଶବ୍ଦ' । ଓଡ଼ିଆ ଭାଷାରେ ପ୍ରାଚୀନ କାଳରୁ ଲୋକମୁଖରେ ଅନେକ ପଦସଂହତି 'ରୂଢ଼ି' ନାମରେ ବ୍ୟବହୃତ ହୋଇ ଆସୁଛି । ଏହା ପ୍ରାୟତଃ ପ୍ରତି ଭାଷାରେ ଆଞ୍ଚଳିକ ସଂସ୍କୃତି ଓ ସାମାଜିକ ଭାବଧାରାକୁ ନେଇ ଗଠିତ ହୋଇଥାଏ । ତେଣୁ ଗୋଟିଏ ଭାଷାରେ ବ୍ୟବହୃତ ରୂଢ଼ିର ସର୍ବମାନ୍ୟତା ବେଳେବେଳେ ଖୋଜିଲେ ମିଳେନାହିଁ । ଏହା ଏକ 'ଲୋକ ପ୍ରୟୋଗ'ବା ଲୋକ ଭାଷା ଯାହାକି ସାମଗ୍ରିକ ଭାବେ ଗୋଟିଏ ଭାଷାକୁ ସମୃଦ୍ଧ କରେ । 'ରୂଢ଼ି' ପ୍ରୟୋଗ ଦ୍ୱାରା ଆପଣାର କଥାକୁ କଳାତ୍ମକ ଭାବରେ ପ୍ରକାଶ କରିବା ସହ ବ୍ୟକ୍ତିତ୍ୱର ବିକାଶରେ ଏହା ଅଶେଷ ସହାୟକ ହୋଇଥାଏ ।

ଆରମ୍ଭରୁ କୁହାଯାଇଛି 'ରୂଢ଼ି' ଗୁଡ଼ିକ ଅଭିଧାନରେ ଥିବା ଅର୍ଥକୁ ପରିତ୍ୟାଗ କରି ଏକ ବିଶେଷ ଧରଣର ଅର୍ଥକୁ ପ୍ରକାଶ କରନ୍ତି । ଉଦାହରଣ ସ୍ୱରୂପ'ଅକାଳ କୁଷ୍ମାଣ୍ଡ'- ଯାହାର ଅଭିଧାନିକ ଅର୍ଥ ଅସମୟରେ ଫଳିଥିବା ପାଣି କଖାରୁ' । କିନ୍ତୁ ଏହା ଚରିତ୍ରହୀନ ଗୁଣହୀନ ଅଯୋଗ୍ୟପୁତ୍ର ପାଇଁ କୁହାଯାଇଥିବା ମନେହୁଏ । ଅର୍ଥାତ୍ ପିତା-ମାତା ଓ ବଂଶପାଇଁ ଅଯୋଗ୍ୟ ପୁତ୍ର ଉଦ୍ଦେଶ୍ୟରେ ଏହି ରୂଢ଼ିଟି ପ୍ରୟୋଗ ହୋଇଥାଏ । ଏଥିରୁ ଆମେ ସହଜରେ ରୂଢ଼ିଟିର କଳାତ୍ମକ ଦିଗଟିକୁ ବୁଝିପାରିଲୁ ।

ଗଠନ ଗତ ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ରୂଢ଼ିଗୁଡ଼ିକୁ ମୁଖ୍ୟତଃ ତିନିଗୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା-

(କ) କ୍ରିୟା ଯୁକ୍ତ ରୂଢ଼ି(Semi verbal Idioms)

(ଖ) କ୍ରିୟାହୀନ ରୂଢ଼ି (Verbless Idioms)

(ଗ) ଉପମାମୂଳକ ବା ତୁଳନାତ୍ମକ ରୂଢ଼ି (Metaphorical Idioms)

୨୧.୨ କ୍ରିୟାଯୁକ୍ତ ରୂଢ଼ି:

କୌଣସି ରୂଢ଼ିରେ କ୍ରିୟାପଦ ସଂଯୁକ୍ତ ଥାଇ ତାହା ମୁଖ୍ୟାର୍ଥ ଭିନ୍ନ ଏକ ନୂତନ ଅର୍ଥକୁ ପ୍ରକାଶ କରୁଥିଲେ, ତାହାକୁ 'କ୍ରିୟାଯୁକ୍ତ ରୂଢ଼ି' କୁହାଯାଏ ।

ରୂଢ଼ିଶବ୍ଦ ଓ ଅର୍ଥ	ବାକ୍ୟଗଠନ ବା ପ୍ରୟୋଗବିଧି
ଅଗ୍ନିଶର୍ମା ହେବା (ଖୁବ୍ ରାଗିବା)	ପୁତ୍ରର କୁକର୍ମ ଦେଖି ପିତା ଅଗ୍ନିଶର୍ମା ହୋଇଗଲେ ।

ରଢ଼ି ଓ ଏହାର ପ୍ରୟୋଗ

ଅଠା ବୋଳିଦେବା
(ଅନ୍ୟ ମୁଣ୍ଡରେ ଦୋଷ ଲଦିଦେବା) :
ଆଜିକାଲି ଲୋକମାନେ ନିଜେ ଦୋଷକରି ଅନ୍ୟ ମୁଣ୍ଡରେ ଅଠା ବୋଳିଦେଇଛନ୍ତି ।

ଅଠାକାଠିରେ ପଡ଼ିବା
(ଅସୁବିଧାରେ ପଡ଼ିବା):
ଗୋବିନ୍ଦ ବାବୁ ସରକାରୀ ଟଙ୍କା ଚୋରିକରି ଭିଜିଲାନ୍‌ସର ଅଠାକାଠିରେ ପଡ଼ିଛନ୍ତି ।

ଅନ୍ଧଦେଶରେ ଦର୍ପଣ ବିକିବା
(ମୁର୍ଖ ଆଗରେ ପାଣ୍ଡିତ୍ୟ ଦେଖାଇବା):
ନିଶାସକ୍ତ ଲୋକକୁ ନିଶାର ଅପକାରିତା ବୁଝାଇବା ଅନ୍ଧଦେଶରେ ଦର୍ପଣ ବିକାବା ଭଳି କାର୍ଯ୍ୟ ହେବ ।

ଅନ୍ଧାରକୁ ଟେକା ପକାଇବା
(ଅନୁମାନ କରି କାର୍ଯ୍ୟ କରିବା):
ପୋଲିସ୍‌ଟି ଅଭିଯୋଗର ପ୍ରକୃତ ଅନୁସନ୍ଧାନ ନକରି ଅନ୍ଧାରକୁ ଟେକା ପକାଇବା ପରି ଦୋଷ ଲଦୁଛି ।

ଅନ୍ଧାରରେ ବାଡ଼ି ବୁଲାଇବା
(ଅନିଶ୍ଚିତ ଭାବରେ କାର୍ଯ୍ୟ କରିବା):
ଛାତ୍ରଟି ଉପଯୁକ୍ତ ଭାବେ ପ୍ରଶ୍ନର ଉତ୍ତର ନଜାଣି ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ଉତ୍ତର ଦେଉଛି ।

ଆଖିରେ ଧୂଳିଦେବା
(ଠକିଦେଇ ଚାଲିଯିବା):
ଚୋରଟି ସମସ୍ତଙ୍କ ଆଖିରେ ଧୂଳିଦେଇ ବସ୍ ଭିତରୁ ଆଟାଚିଟିକୁ ନେଇ ଚାଲିଗଲା ।

ଆଖି ଦେଖେଇବା
(ଡରାଇବା):
ପିଲାଟି ଦୁଷ୍ଟ ହେଉଥିବା ଦେଖି ଶିକ୍ଷକ ତାକୁ ଆଖି ଦେଖାଇଲେ ।

ଆଖି ବୁଜିବା
(ମୃତ୍ୟୁ ଲାଭ କରିବା):
ଗୋବିନ୍ଦର ବାପା ଗତକାଲି ସବୁଦିନ ପାଇଁ ଆଖି ବୁଜିଲେ ।

ଆଖି ବୁଜି ଦୁଧ ପିଇବା
(ନିଜ କାମ କେହି ଜାଣୁନାହାନ୍ତି : ଭାବି ଠକି ଚାଲିବା)
ବିରାଡ଼ି ଆଖିବୁଜି ଦୁଧ ପିଇଲା ଭଳି ଲୋକଟି ଚୋରି କରୁଛି, କିନ୍ତୁ ସେ ଦିନେନା ଦିନେ ଧରା ପଡ଼ିବ ।

ଆଖି ଖୋସି ହୋଇଯିବା
(ଆଶ୍ଚର୍ଯ୍ୟ ହେବା):
କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖି ଦର୍ଶକର ଆଖି ଖୋସି ହୋଇଯାଏ ।

ଆଣ୍ଠ ବାନ୍ଧିବା
(ମନକୁ ଦୃଢ଼ କରିବା):
ଗୋପାଳ ଏବର୍ଷ ଘରଟିଏ କରିବାକୁ ମନରେ ଆଣ୍ଠ ବାନ୍ଧିଛି ।

ଆପଣା ଶିଙ୍ଗରେ ମାଟି ତାଡ଼ିବା
(ନିଜଚେଷ୍ଟାରେ ଉପରକୁ ଉଠିବା):
ରାମ ପିଲାଦିନୁ ଛେଉଣ୍ଡ, ହେଲେ ସେ ଆପଣା ଶିଙ୍ଗରେ ମାଟିତାଡ଼ି ପ୍ରତିଷ୍ଠିତ ହୋଇଛି ।

ଇନ୍ଦ୍ର ଚନ୍ଦ୍ର ନମାନିବା
(ଗର୍ବରେ ସମସ୍ତଙ୍କୁ ଅବଜ୍ଞା କରିବା):
ରମେଶ ବାବୁ ସରକାରୀ ଚାକିରୀ ପାଇବାଠାରୁ ଇନ୍ଦ୍ର ଚନ୍ଦ୍ର ମାନୁ ନାହାଁନ୍ତି ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ଉଡ଼ନ୍ତା ଚଢେଇର ପର ଗଣିବା
(ଅତିଚତୁର):
ରାଜନୈତିକ ଲୋକମାନେ ଉଡ଼ନ୍ତା ଚଢ଼େଇର ପର ଗଣିବା ଲୋକ ।

ଉଷୁନା ଧାନ ଗଜା ହେବା
(ଅସମ୍ଭବ ସମ୍ଭବ ହେବା):
ଗୋପାଳ ଏଡ଼େ ମୂର୍ଖଟିଏ ଯେ ସେ ପରୀକ୍ଷାରେ ପାସ୍ ହେବା ଉଷୁନା ଧାନ ଗଜା ହେବା ସଙ୍ଗେ ସମାନ ।

ଋଣକରି ଘିଅ ଖାଇବା
(ଧାରକରି ମଉଜ କରିବା):
ଅନେକ ଲୋକ ଅଛନ୍ତି ନିଜର ସାମାନ୍ୟ ଆନନ୍ଦ ପାଇଁ ଋଣକରି ଘିଅ ଖାଆନ୍ତି ।

ଏ କାନରେ ପୂରେଇ ସେକାନରେ ବାହାର କରିବା
(କାହା କଥା ନ ଶୁଣିବା):
ପିଲାଟି ଶିକ୍ଷକଙ୍କ କଥାକୁ ଏକାନରେ ପୂରେଇ ସେ କାନରେ ବାହାର କରିଦେଉଛି । ଭଲମଣିଷ ହେବ କେମିତି ?

ଓର ଉଣ୍ଡିବା
(ସୁଯୋଗ ଖୋଜିବା):
ଚୋରଟି ଦାମବାବୁଙ୍କ ଘରୁ ଚୋରିକରିବାକୁ ଓର ଉଣ୍ଡି ବସିଛି ।

କଙ୍କଡ଼ାକୁ ଗୋଳିପାଣି ସୁହାଇବା
(ମନ୍ଦ ଲୋକ ଖରାପପରିସ୍ଥିତିରୁ ଫାଇଦା ଉଠାଇବା):
ଟାଉଟର ଶ୍ରେଣୀର ଲୋକମାନେ କଙ୍କଡ଼ାକୁ ଗୋଳିପାଣି ସୁହାଇବା ପରି ଗଣ୍ଡଗୋଳରୁ ଫାଇଦା ଉଠାନ୍ତି ।

କଥାତଳେ ନ ପକାଇବା
(ଆଦେଶ ଅମାନ୍ୟ ନକରିବା):
ରାମଚନ୍ଦ୍ରଙ୍କ କଥାକୁ ଲକ୍ଷ୍ମଣ କେବେବି ତଳେ ପକାଉ ନଥିଲେ ।

କପାଳ ଫାଟିବା
(ସର୍ବନାଶ ହେବା):
ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ଶ୍ରୀମତୀ ମିଶ୍ର ମୋ କପାଳ ଫାଟିଗଲା କହି କାନ୍ଦିଥିଲେ ।

କଣ୍ଟାହେବା
(ବାଧାଦେବା):
ମୁଁ ଯାହା କଲେବି ଶ୍ୟାମ ମୋ ବାଟରେ କଣ୍ଟା ହୋଇ ଛିଡ଼ା ହେଉଛି ।

କଟାଘା'ରେ ଚୂନ ଦେବା
(କଷ୍ଟ ଉପରେ କଷ୍ଟ):
ମେଳଣ ପଡ଼ିଆରେ ସୁନା ଚେନ୍‌ଟି କିଏ ଛିଣ୍ଡେଇ ନେଲା ପରେ ପାଖରେ ଥିବା ଲୋକମାନେ ସାନ୍ତ୍ୱନା ଦେବା ପରିବର୍ତ୍ତେ କଟାଘା'ରେ ଚୂନ ଦେଲାପରି କଥାମାନ କହିଗଲେ ।

କପାଳ ଫିଟିବା
(ସୋଭାଗ୍ୟୋଦୟ ହେବା):
ଦାମ ବାବୁଙ୍କର ବାଣିଜ୍ୟରେ ରାତାରାତି କପାଳ ଫିଟିଲା ପରି ଲାଭ ହୋଇଛି ।

କଳାକାଠ ପଡ଼ିଯିବା
(ମଳିନ ଦିଶିବା):
ରୋଜଗାର ପଛରେ ଧାଇଁ ଧାଇଁ ବିଚରା ସୁଦର୍ଶନ କଳାକାଠ ପଡ଼ିଗଲା ।

ରଢ଼ି ଓ ଏହାର ପ୍ରୟୋଗ

କାନ ଡ଼େରିବା (ପରଛିଦ୍ରକୁ ଲୁଚିକି ଶୁଣିବା): ପରକଥାକୁ କାନଡ଼େରି ଶୁଣିବା ଉତ୍ତମଲୋକର କାମ ନୁହେଁ ।

କାନରେ ହାତଦେବା (ବିସ୍ମୟ ପ୍ରକାଶ କରିବା): ଦୁଇ ଭାଇଙ୍କ କଳି ଶୁଣିଲେ ଯେ କେହି କାନରେ ହାତ ଦେବ ।

କାମରେ ହାତ ଦେବା (କାର୍ଯ୍ୟ ଆରମ୍ଭ କରିବା): ସୁଦାମ ଯେଉଁ କାମରେ ହାତ ଦିଏ, ଶେଷ ନହେବା ଯାଏ ଛାଡ଼େ ନାହିଁ ।

କୁଟା ଖଣ୍ଡକ ଦି'ଖଣ୍ଡ ନକରିବା (ପରିଶ୍ରମ କାତର/ ଅଳସୁଆ ବ୍ୟକ୍ତି): ସରସ୍ୱତୀ ଦେବୀ ନିଜେ କୁଟା ଖଣ୍ଡକ ଦି'ଖଣ୍ଡ ନକରି ଅନ୍ୟକୁ ଉପଦେଶମାନ ଦେଇଥାନ୍ତି ।

କୁହୁଡ଼ି ପହଁରିବା (ବୃଥା ପରିଶ୍ରମ କରିବା): ସୀତାକାନ୍ତ ବାବୁ କିଛି ପାଇବା ଆଶାରେ କୁହୁଡ଼ି ପହଁରିବା ଭଳି କାର୍ଯ୍ୟ କରୁଛନ୍ତି ।

କେରାଣ୍ଡି ଗୁନ୍ଥି ବାଳିଆ ଧରିବା (ସାମାନ୍ୟ ଖର୍ଚ୍ଚରେ ପ୍ରଚୁର ଲାଭକରିବା): ଆଜିକାଲି ଜମିବିକ୍ରି ପାଇଁ ଦଲାଲ୍‌ମାନେ ଯାହା କରୁଛନ୍ତି ତାହା କେରାଣ୍ଡି ଗୁନ୍ଥି ବାଳିଆ ଧରିବା ପରି ।

ଖଣ୍ଡା ଧାରରେ ବାଟଚାଲିବା (ନ୍ୟାୟବାଟରେ ଚାଲିବା): ମୋ ବାପା ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ଖଣ୍ଡା ଧାରରେ ବାଟ ଚାଲିବା ପରି କରିଥାନ୍ତି ।

ଖଡ଼ି ଛୁଆଁ (ବିଦ୍ୟାରମ୍ଭ): ମୋତେ ୪ବର୍ଷ ହେଲା ବେଳକୁ ମୋର ଖଡ଼ିଛୁଆଁ ହୋଇଥିଲା ।

ଖାଇବା ପତରରେ ଧୂଳିଦେବା (ଜୀବିକାରେ ବାଧାଦେବା): ଅନେକ ଲୋକ ଅଛନ୍ତି, ଅନ୍ୟର ଖାଇବା ପତରରେ ଧୂଳିଦେଇ ଖୁସି ହୋଇଥାନ୍ତି ।

ଖାଲରେ ପକାଇବା (ବିପଦରେ ପକାଇବା): ଲକ୍ଷ୍ମୀଧର ବାବୁ ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟମାନଙ୍କୁ ଖାଲରେ ପକାଉଛନ୍ତି ।

ଖିଅ କାଢ଼ିବା (ଦୋଷ ବାହାର କରିବା): ବିଷ୍ଣୁ ବାବୁ ପ୍ରତି କଥାରୁ ଖିଅ କାଢ଼ିଥାନ୍ତି ।

ଗାଲରେ ହାତଦେବା (ଚିନ୍ତିତ ହୋଇ ବସିବା): ଫସଲରେ ପୋକ ଲାଗି ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ଗାଲରେ ହାତ ଦେଇ ବସିଛନ୍ତି ।

ଗୁଜୁରାଣ ମେଣ୍ଟାଇବା (କଷ୍ଟେ ମଷ୍ଟେ ଚଳିଯିବା): ରାମବାବୁ ଯେତିକି ଆୟକରୁଛନ୍ତି ତାଙ୍କ ପରିବାର ସେଥିରୁ ଗୁଜୁରାଣ ମେଣ୍ଟାଉଛନ୍ତି ।

ଗୁମର ଫିଟିବା (ରହସ୍ୟ ପ୍ରଘଟ ହୋଇଯିବା): ସାହୁବାବୁ ଓ ମିଶ୍ରବାବୁ ନିଜନିଜ ଭିତରେ ପାଟିତୁଣ୍ଡ କରି ଜଣେ ଅନ୍ୟର ଗୁମର ଫିଟାଇବାକୁ ପଛେଇଲେ ନାହିଁ ।

ଗୋଡ଼ ଟେକି ବସିବା
(ପ୍ରସ୍ତୁତ ହୋଇ ରହିବା): ଭାଇ ବାହାଘରକୁ ଯିବବୋଲି ସୁମାନୀ ଗୋଡ଼ ଟେକି ବସିଛି ।

ଗୋଡ଼ହାତ ଧରିବା
(ନେହୁରା ହେବା): ଚାକିରୀ ଖଣ୍ଡିଏ ପାଇଁ ହରିସାହୁ କେତେ ହାକିମଙ୍କର ଗୋଡ଼ ହାତ ଧରିଲେ, ହେଲେ କିଛି ଫଳ ପାଇଲେ ନାହିଁ ।

ଘଣ୍ଟ ଘୋଡ଼ାଇବା
(ଦୋଷ ଲୁଚାଇବା): ନିଜ ପୁଅ ହେଲେବି ତା'ର ଖରାପ କାମକୁ ଘଣ୍ଟ ଘୋଡ଼ାଇବା ଉଚିତ୍ ନୁହେଁ ।

ଘରେ ନ ପଶୁଣୁ ଚାଳ ବାଜିବା
(କାର୍ଯ୍ୟ ଆରମ୍ଭ ନହେବା ପୂର୍ବରୁ ଅମଙ୍ଗଳ ସୂଚନା): ବୋହୂଟି ଶାଶୁଘରେ ପାଦ ରଖୁ ରଖୁ ସମସ୍ତେ କଟୁକଥା କହି ବସିଲେଣି । ଘରେ ନ ପଶୁଣୁ ଚାଳ ବାଜିଲାଣି, ଆଗକୁ ଦିନ ପଡ଼ିଛି ।

ଚଳୁ କରିଦେବା
(ସବୁଶେଷ କରିଦେବା): ବନ୍ୟାଞ୍ଚଳ ସହାୟତା ପାଇଁ ଯାହା ଆସିଥିଲା, ବନ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ଆଗରୁ ଦୁର୍ନୀତିଗ୍ରସ୍ତ ସରକାରୀ ଚାକିରିଆମାନେ ଚଳୁ କରିଦେଇଥିଲେ ।

ଚାଲିଲା ଶଗଡ଼ରେ ହାତଦେବା
(ଅତିଦୁଷ୍ଟ): ଆଦିତ୍ୟ ଏତେ ଦୁଷ୍ଟ ଯେ ଚାଲିଲା ଶଗଡ଼ରେ ହାତ ଦେବା ପିଲା ।

ଚିତା କାଟିବା
(ଠକିବା): ଭକ୍ତି ନାଁରେ ଠକ ସନ୍ନ୍ୟାସୀମାନେ ଘରେ ଘରେ ପଶି ଲୋକଙ୍କୁ ଚିତାକାଟି ପଳାଉଛନ୍ତି ।

ଚୋରକୁ ମାନ କରି ଖପରାରେ ଖାଇବା
(ଅନ୍ୟ ଉପର ଅଭିମାନ ନିଜ ଉପରେ ଲଦିବା): ଚୋରକୁ ମାନ କରି ଖପରାରେ ଖାଇବା ବ୍ୟକ୍ତି ଜୀବନରେ ସଫଳ ହୁଅନ୍ତି ନାହିଁ ।

ଛେଳି ଗୋଡ଼ରେ ଧାନମକଚିବା
(ଅଯୋଗ୍ୟ ବ୍ୟକ୍ତିକୁ ଦାୟିତ୍ୱ ଦେବା): ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିଜେ ନକରି ଅନ୍ୟକୁ ଦେଲେ ଛେଳି ଗୋଡ଼ରେ ଧାନ ମକଚିବା ପରି ହେବ ।

ଛେନାରୁ ଚୋପା ଛଡ଼ାଇବା
(ବୃଥା ଦୋଷ ଦେଖାଇବା): ବୋହୂଟି ଯେତେକାମ କଲେ ବି ଶାଶୁ ସନ୍ତୁଷ୍ଟ ନହୋଇ ସବୁକାମରେ ଛେନାରୁ ଚୋପା ଛଡ଼ାନ୍ତି ।

ଛାତି ପଥର କରିବା
(ଦମ୍ଭ ଧରିବା): ସ୍ୱାମୀ ମରିଗଲା ପରେ ଅମ୍ବିକା ଦେବୀ ଛାତିକୁ ପଥର କରି ପାଞ୍ଚଟି ଯାକ ଛୁଆଙ୍କୁ ମଣିଷ କରିଛନ୍ତି ।

ଜୀବନ ମୂର୍ଚ୍ଛିବା
(ପ୍ରାଣବଳି ଦେବା): ସ୍ୱାଧୀନତା ସଂଗ୍ରାମୀମାନେ ଦେଶର ସ୍ୱାଧୀନତା ପାଇଁ ଜୀବନ ମୂର୍ଚ୍ଛି ଲଢ଼ିଥିଲେ ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ଜିରାରୁ ଶିରା ବାହାର କରିବା
(ବୃଥା ଦୋଷ ଦେଖିବା):
ଶାଶୁଟି ବୋହୂଟିର ସବୁ କଥାରେ ଜିରାରୁ ଶିରା ବାହାର କରି କି ଲାଭ ପାଉଛି କେଜାଣି ?

ଝାଙ୍କ ଛଡ଼ାଇ ଦେବା
(କାହା କଥା ନଶୁଣି ଜିଦ୍ ଧରି ଅଥୟ କରିବା):
ସ୍କୁଲକୁ ଯିବନି କହି ଜିଦ୍ ଧରି ପିଲାଟି ଆମ ସମସ୍ତଙ୍କର ଝାଙ୍କ ଛଡ଼ାଇ ଦେଲାଣି ।

ଝିଣ୍ଟିକା ମାରି ବଣି ପୋଷିବା
(ଦୁର୍ବଳକୁ ମାରି ସବଳକୁ ପୋଷିବା):
ସରକାରଙ୍କର ନୂତନ ଶିଳ୍ପନୀତି କେବଳ ଝିଣ୍ଟିକା ମାରି ବଣି ପୋଷିବା ପାଇଁ ଉଦ୍ଦିଷ୍ଟ ।

ଟେକ ରଖିବା
(ସମ୍ମାନ ରକ୍ଷା କରିବା/ନାଁ ରଖିବା):
ମାତୃଭୂମିର ଟେକ ରଖିବାପାଇଁ ଯୁବସମାଜ ସଂକଳ୍ପବଦ୍ଧ ହେବା ଆବଶ୍ୟକ ।

ଠାସକୁ ମାରିବା
(ଅନୁମାନ କରିକହିବା):
ପିଲାଟିର ଜ୍ଞାନ ବୋଲି କିଛି ନାହିଁ, ଶିକ୍ଷକ ଯାହା ପଚାରୁଛନ୍ତି ଖାଲି ଠାସକୁ ମାରୁଛି ।

ଡିହରେ ବିଲୁଆ ଡ଼େଇଁବା
(ବଂଶ ବୁଡ଼ିଯିବା):
ମାନବିକତା ହରେଇ କେହି ଯଦି ଅନ୍ୟର କ୍ଷତି କରେ ତେବେ ତା'ଡ଼ିହରେ ବିଲୁଆ ଡ଼େଇଁବା ସୁନିଶ୍ଚିତ ।

ଡ଼େଙ୍ଗୁରା ଦେବା
(ପ୍ରଚାର କରିବା):
ବିଦ୍ୟୁତ୍ କାଟ ପାଇଁ ସରକାରଙ୍କ ତରଫରୁ ଡ଼େଙ୍ଗୁରା ଦିଆଗଲାଣି ।

ତିନି ପାଞ୍ଜିରୁ ଯିବା
(ଯଶ ହରାଇବା):
ଶିଶିର ବାବୁଙ୍କ ପୁଅ ନିଶା ପଶାରେ ମାତି ତିନି ପାଞ୍ଜିରୁ ଗଲାଣି ।

ଦାନାରେ ଧୂଳି ଦେବା
(ବୃତ୍ତି ଉଚ୍ଛେଦ କରିବା):
କାହାର ଦାନାରେ ଧୂଳି ଦେଲେ ଠାକୁର କେବେ ସହିବେ ନାହିଁ ।

ଦୁଇ ନାଆରେ ଗୋଡ଼ ଦେବା
(ଏକ ସଙ୍ଗରେ ଦୁଇଟି କାର୍ଯ୍ୟ କରିବା):
ଦୁଇ ନାଆରେ ଗୋଡ଼ ଦେବା ଲୋକ କୌଣସି କାର୍ଯ୍ୟରେ ସଫଳ ହୁଏ ନାହିଁ ।

ଧରାକୁ ସରା ମଣିବା
(କାହାରିକୁ ଖାତିର ନ କରିବା):
ବ୍ରହ୍ମାଙ୍କ ବରରେ ବଳୀୟାନ୍ ହୋଇ ରାବଣ ଧରାକୁ ସରା ମଣିଥିଲା ।

ଧୂଆଁବାଣ ମାରିବା
(ବଢ଼େଇକି କଥା କହିବା):
ସନାତନ ବାବୁ କଥାକଥାକେ ଧୂଆଁବାଣ ମାରିବାରେ ନିପୁଣ ।

ନାଁ କରିବା
(ଖ୍ୟାତି ଅର୍ଜନ କରିବା):
ପଦ୍ମିନୀ ଭଲ ଚେସ୍ ଖେଳି ଓଡ଼ିଶାର ନାଁ କଲାଣି ।

ନାଁ ପକାଇବା
(ଅଖ୍ୟାତି ଅର୍ଜନ କରିବା):
ମଧୁବାବୁଙ୍କ ପୁଅ କୁକର୍ମ କରି ବାପାଙ୍କ ନାଁ ପକାଇଲା ।

ନାହିରେ ତେଲ ପକାଇ ଶୋଇବା
(ଚିନ୍ତାଶୂନ୍ୟ ହେବା):
କାଳିବାବୁ ଏ ପର୍ଯ୍ୟନ୍ତ ପୁଅର ବାହାଘର ନକରି ନାହିରେ ତେଲ ପକାଇ ଶୋଇଛନ୍ତି ।

ପଛରୁ ଛୁରୀ ମାରିବା
(ବିଶ୍ୱାସ ଘାତକତା କରିବା):
ଆଜିକାଲି ଦୁନିଆରେ ପଛରୁ ଛୁରୀମାରିବା ଲୋକ ବହୁତ ଅଛନ୍ତି ।

ପର ମୁଣ୍ଡରେ ନଡ଼ିଆ ବାଡ଼େଇବା
(ଅନ୍ୟ ଉପରେ ଦାୟିତ୍ୱ ଲଦି ଦେଇ ନିଜେ ଖସିଯିବା):
ସଦାନନ୍ଦବାବୁ ଚାଲାକ ଲୋକ ହୋଇଥିବାରୁ ପରମୁଣ୍ଡରେ ନଡ଼ିଆ ବାଡ଼େଇ ନିଜେ ଖସିଯାନ୍ତି ।

ପରଲାଗି ପୁଅମୁଣ୍ଡ ଛୁଇଁବା
(ଅନ୍ୟଲାଗି ଜୀବନ ମୂର୍ଚ୍ଛିବା):
ସେମାନେ ନିଜ ନିଜ ଭିତରେ ଯାହା ହେବେ ହଉଥାନ୍ତୁ, ଆମେ ପରଲାଗି ପୁଅମୁଣ୍ଡ ଛୁଇଁବା ଦରକାର ନାହିଁ ।

ପାଣିରେ ସର ପକାଇବା
(କୌଶଳରେ ମନ ଭୁଲାଇବା):
ଶରତବାବୁ ପାଣିରେ ସର ପକାଇଲା ଭଳି କଥାମାନ କହନ୍ତି, ଯାହା ଲୋକମାନେ ସହଜରେ ବିଶ୍ୱାସ କରନ୍ତି ।

ପୋଥିରେ ଢ଼ୋର ବାନ୍ଧିବା
(ପଢା ବନ୍ଦ କରିବା):
ସରିତା ମେଟ୍ରିକ୍ ପରୀକ୍ଷାରେ ବାରମ୍ବାର ଫେଲ୍ ହେବା ପରେ ତା'ବାପା ପୋଥିରେ ଢ଼ୋରି ବାନ୍ଧିଦେଲେ ।

ପିଠିରେ ପଡ଼ିବା
(ସାହା ହେବା):
କେହି ଅସୁବିଧାରେ ପଡ଼ିଥିଲେ ପିଠିରେ ପଡ଼ିବା ମାନବିକତାର ପରିଚୟ ଦିଏ ।

ଫସର ଫାଟିବା
(ବ୍ୟର୍ଥ ହେବା):
ଝିଅ ବାହାଘର ପାଇଁ ଶ୍ୟାମ ବାବୁ ଯାହା ଆୟୋଜନ କରିଥିଲେ କୁଆପଥର ବର୍ଷା ହେବାରୁ ସବୁ ଫସର ଫାଟିଗଲା ।

ବାମନ ହୋଇ ଚନ୍ଦ୍ରକୁ ହାତ ବଢେଇବା
(ଅସମ୍ଭବ ପ୍ରଚେଷ୍ଟା):
ଏଡ଼େ ବଡ଼ ଘରେ ବନ୍ଧୁ ବାନ୍ଧିବା ମୋ ପାଇଁ ଅସମ୍ଭବ । ବାମନ ହୋଇ ଚନ୍ଦ୍ରକୁ କିପରି ହାତ ବଢ଼େଇବି ?

ବିରାଡ଼ି ଛିଙ୍କିବା
(ଅନୁକୂଳରେ ବିଘ୍ନ ଘଟିବା):
ଶୁଭ କାମରେ ଘରୁ ବାହାରିଲା ବେଳେ ପଛରୁ କିଏ ଡାକିଲେ ବିରାଡ଼ି ଛିଙ୍କିବା ବୋଲି କୁହାଯାଏ ।

ବିରାଡ଼ି କପାଳକୁ ଶିକା ଛିଣ୍ଡିବା
(ଇଚ୍ଛାମତେ ସୁବିଧା ମିଳିବା):
ବିରାଡ଼ି କପାଳକୁ ଶିକା ଛିଣ୍ଡିବା ଭଳି ଆମେ ଘରେ ନଥିବାରୁ ପଡ଼ିଶାଘର ପିଲାମାନେ ଆମ ବଗିଚାରୁ ସବୁ ପିଜୁଳି ଛିଣ୍ଡାଇ ନେଇଗଲେ ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ବିରାଡ଼ି ବେକରେ ଘଣ୍ଟିବାନ୍ଧିବା
(ପ୍ରତିପତ୍ତିଶାଳୀ ଲୋକ ବିରୁଦ୍ଧରେ ପ୍ରଥମେ ବାହାରିବା):
ବଡ଼ବଡ଼ିଆଙ୍କ ଦ୍ୱାରା ଦୁର୍ନୀତି ହେଉଥିବାର ଜାଣି ମଧ୍ୟ କିଛି କହି ହେଉନାହିଁ । ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ ?

ବିଶ୍ୱାସରେ ବିଷଦେବା
(ବିଶ୍ୱାସ ଘାତକତା କରିବା):
ପ୍ରତ୍ୟେକ ପରିବାରରେ ଭାଇ ଭାଇକୁ ବିଶ୍ୱାସରେ ବିଷଦେବାର ଉଦାହରଣ ରହିଛି ।

ଭାଲୁ ଧରାଇବା
(କୌଶଳରେ ଜଞ୍ଜାଳରେ ପକାଇବା):
ସାନଭଉଣୀ ବାହାଘର ପାଇଁ ଭାଉଜ ମୋତେ ଭାଲୁ ଧରାଇ ଦେଇ କେଉଁଆଡ଼େ ଖସିଗଲେ ।

ମନ ଘର ଧରିବା
(ଅସୁବିଧାରେ ପଡ଼ି ସର୍ତକହେବା):
ବାପାଙ୍କ ମୃତ୍ୟୁପରେ ପରିବାରର ଦୁଃଖଦ ପରିସ୍ଥିତିକୁ ଦେଖି ପୁଅର ମନ ଘର ଧରିଲାଣି ।

ମାଛ ତେଲରେ ମାଛ ଭାଜିବା
(ବିନା ଖର୍ଚ୍ଚରେ ଲାଭ ଉଠାଇବା):
ରଘୁବାବୁ ଝିଅ ବାହାଘର ବେଳେ ପାଇଥିବା ମୁଦିକୁ ନୂଆ ବୋହୂକୁ ଦେଇ ମାଛତେଲରେ ମାଛ ଭାଜିବା ଭଳି କରିଦେଲେ ।

ମାଛିକୁ ମ'ବୋଲି ନ କହିବା
(ଖୁବ ଶାନ୍ତଶିଷ୍ଟ):
ନଖିଆ ବାରିକର ଝିଅ ଏତେ ଭଲ ଯେ ମାଛିକୁ ମ'ବୋଲି କହେନାହିଁ ।

ମୁଣ୍ଡ ଝାଳ ତୁଣ୍ଡରେ ମାରିବା
(କଠିନ ପରିଶ୍ରମ କରିବା):
ଏ ଦେଶରେ କୃଷକମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ସୁନାର ଫସଲ ଫଳାଇଥାନ୍ତି ।

ରକ୍ତ ଚାଉଳ ଚୋବାଇବା
(ରାଗରେ ଜଳିଯିବା):
ଝିଅ ଅଧ ରାତିରେ ଘରୁ ବାହାରି ପଳାଇବା କଥାଶୁଣି ବାପା ରକ୍ତ ଚାଉଳ ଚୋବାଉଛନ୍ତି ।

ରବେଇ ଖବେଇ ହେବା
(ଈର୍ଷା କରିବା):
ସୀତାକାନ୍ତ ବାବୁଙ୍କ ସ୍ତ୍ରୀ ଅନ୍ୟର ଖୁସି ଦେଖି ରବେଇ ଖବେଇ ହୁଅନ୍ତି ।

ଷଣ୍ଢକୁ ଭାଗବତ ପଢାଇବା
(ଅଯୋଗ୍ୟକୁ ଉପଦେଶ ଦେବା):
ବିଧର୍ମୀ ଲୋକକୁ ଧର୍ମବାଣୀ ଶୁଣାଇବା ଅର୍ଥ ଷଣ୍ଢକୁ ଭାଗବତ ଶୁଣାଇବା ସଙ୍ଗେ ସମାନ ।

ହରଡ଼ ଘଣାରେ ପଡ଼ିବା
(ବିପଦରେ ପଡ଼ିବା):
ଜମିବାଡ଼ି ବାବଦରେ କଚେରୀ ଧାଇଁ ଧାଇଁ ରଘୁସ୍ୱାଇଁ କିଛି ଦିନ ହେବ ହରଡ଼ ଘଣାରେ ପଡ଼ିଛନ୍ତି ।

ହାତକୁ ଦି ହାତ କରିବା
(ବିବାହ କରିବା):
ଯେମିତି ହେଲେ ଏ ବର୍ଷ ମୋ ପୁଅର ହାତକୁ ଦି ହାତ କରାଇ ଦେବି ।

ହାତେ ମାପି ଚାଖଣ୍ଡେ ଚାଲିବା
(ସତର୍କରେ କାମ କରିବା):
ଆଜିକାଲି ପରିସ୍ଥିତିକୁ ଦେଖି ହାତେ ମାପି ଚାଖଣ୍ଡେ ଚାଲିବା ଲୋକ ହିଁ ସମାଜରେ ଟିଷ୍ଟି ରହିପାରିବ ।

ହାତରେ ନମାରି ଭାତରେ ମାରିବା (କୌଶଳକରି ଜୀବିକା ଉଚ୍ଛେଦ କରିବା): ସନାତନକୁ ଏମିତି କାମକରି ଚାକିରୀରୁ ବାହାର କରାଗଲା କେହି ଜାଣିପାରିଲେନି; ହାତରେ ନମାରି ଭାତରେ ମାରିବାଟା ଠିକ୍ ହେଲାନାହିଁ ।

୨୧.୩। କ୍ରିୟାହୀନ ରୂଢ଼ି:

ଯେଉଁ ବାକ୍ୟାଂଶ ବା ପଦ ବା ରୂଢ଼ି ଗୁଡ଼ିକରେ କ୍ରିୟାପଦ ନଥାଏ ତାହାକୁ କ୍ରିୟାହୀନ ରୂଢ଼ି କୁହାଯାଏ ।

ରୂଢ଼ି ଶବ୍ଦ ଓ ଅର୍ଥ	ବାକ୍ୟଗଠନ ବା ପ୍ରୟୋଗ ବିଧି
ଅକାଳ କୁଷ୍ମାଣ୍ଡ (ଅଯୋଗ୍ୟ) :	ପୁଅ ଯଦି ଅକାଳ କୁଷ୍ମାଣ୍ଡ ହୁଏ ତେବେ କାହାକୁ କହିବ ?
ଅତିଭକ୍ତି ଚୋରର ଲକ୍ଷଣ (ଅତି ସଚ୍ଚୋଟ ଦେଖାଇହେଉଥିବା ବ୍ୟକ୍ତି ସ୍ୱାର୍ଥରଖି କାମ କରିବା):	ଅତି ଭକ୍ତି ଚୋରର ଲକ୍ଷଣ ପରି ନିଶାଗ୍ରସ୍ତ ରାଜନେତାମାନେ ନିଶାନିବାରଣ ପାଇଁ ଭାଷଣ ଦେଉଛନ୍ତି ।
ଅନ୍ଧ ବୁଝାମଣା (ଅନ୍ୟାୟ ବିଚାର):	ଅନ୍ଧ ବୁଝାମଣା ହେତୁ ଭଲ ସମ୍ପର୍କ ଖରାପ ହୋଇଯାଏ ।
ଅନ୍ଧର ଲଉଡ଼ି (ଅସହାୟର ସହାୟ):	ଶ୍ରୀକୃଷ୍ଣ ଯଶୋଦାଙ୍କର ଅନ୍ଧର ଲଉଡ଼ି ଥିଲେ ।
ଅଳ୍ପବିଦ୍ୟା ଭୟଙ୍କରୀ (ଅଳ୍ପଜ୍ଞାନରେ ଚତୁରତା ଦେଖାଇ ବିପଦରେ ପଡ଼ିବା):	ମାଧୁରୀ ଦେବୀ ସବୁଠି ଆତ୍ମବଡ଼ିମା ଦେଖାଇ ଅପଦସ୍ଥ ହୋଇଥାନ୍ତି । କଥାରେ ଅଛି ଅଳ୍ପ ବିଦ୍ୟା ଭୟଙ୍କରୀ ।
ଅଲଣା କଥା (ମୂଲ୍ୟହୀନ କଥା):	ସୁମାନୀ ସବୁବେଳେ ଅଲଣା କଥା କହେ ବୋଲି ତା'କଥା ଶୁଣିବାକୁ ଧୈର୍ଯ୍ୟ ରହେ ନାହିଁ ।
ଅହିନକୁଳ ସମ୍ପର୍କ (ଘୋର ଶତ୍ରୁତା) :	ମୋ ଦି'ଭାଇଙ୍କ ମଧ୍ୟରେ ଯେଉଁ ଅହି ନକୁଳ ସମ୍ପର୍କ ରହିଛି, ତାକୁ ସୁଧାରିବା ସହଜ କଥା ନୁହେଁ ।
ଆପଣା ସୁନା ଭେଣ୍ଡି (ନିଜଲୋକ ଅଯୋଗ୍ୟ):	ଆମେ ଯେତେ ବୁଝାଇଲେ ବି ମୋ ଭାଇ କାହା କଥା ନଶୁଣି ଅସାମାଜିକ ପିଲାଙ୍କ ସହିତ ମିଶୁଛି । ଆପଣା ସୁନା ତ ଭେଣ୍ଡି, ପରକୁ କାହିଁକି ଦୋଷ ଦେବୁ ?
ଆକାଶ ପାତାଳ ପ୍ରଭେଦ (ବହୁତ ତଫାତ୍):	ସନାତନ ଓ ସଦାନନ୍ଦ ଦୁଇ ଭାଇ ହେଲେ ବି ଦୁହିଁଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ରହିଛି ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ଆପେ ବଞ୍ଚିଲେ ବାପର ନାଁ
(ନିଜକୁ ସୁରକ୍ଷିତ କରିବା):
ବର୍ତ୍ତମାନ ଦୁନିଆର ପରିସ୍ଥିତି ଯାହା ହେଲାଣି କୌଣସି କଥାରେ ମୁଣ୍ଡ ନ ପୁରାଇବା ଭଲ, କଥାରେ ଅଛି ଆପେ ବଞ୍ଚିଲେ ବାପର ନାଁ ।

ଉତ୍ତମ ମଧ୍ୟମ
(ନିସ୍ତୁକ ମାଡ଼):
ସେ ମୋ ସହିତ ଯେଉଁ ବେଇମାନୀ କରିଛି ତା'ଉପରେ ଉତ୍ତମ ମଧ୍ୟମର ଦରକାର ଥିଲା ।

ଉଆଁସୀ କନ୍ୟାକୁ ସାହାଡ଼ା ବର
(ଭାଗ୍ୟନୁସାରେ ଦାମ୍ପତ୍ୟ ମିଳନ):
ଧୃତରାଷ୍ଟ୍ରକୁ ଗାନ୍ଧାରୀ ଉଆଁସୀ କନ୍ୟାକୁ ସାହାଡ଼ ବର ପରି ସଂଯୋଗ ଘଟିଛି ।

ଏ ଘର ମାଉସୀ ସେ ଘର ପିଉସୀ
(ଯେଛିଦ୍ର କହି ପରଘରେ କଳି ଲଗାଏ):
ଆମ କୁନି ଅପାକୁ କେହି ବିଶ୍ୱାସ କରି କିଛି କହିବ ନାହିଁ, ସେ ପରା ଏଘର ମାଉସୀ ସେ ଘର ପିଉସୀ ହେଉଛି ।

ଏକ ଘରକିଆ
(ସମାଜରୁ ବାସନ୍ଦ):
ଶ୍ୟାମ ବାବୁ ତାଙ୍କ ଝିଅକୁ ଛୋଟ ଜାତିରେ ବାହା କରିଥିବାରୁ ତାଙ୍କୁ ଗାଁଲୋକ ଏକ ଘରକିଆ କରି ଦେଇଛନ୍ତି ।

ଓଳିଆରୁ ଗଜା
(ଜନ୍ମରୁ ଚତୁର):
ଆଜିକାଲି ପିଲାମାନେ ଓଳିଆରୁ ଗଜା ଅଟନ୍ତି ।

କାଠିକର ପାଠ
(କଷ୍ଟ ସାଧ୍ୟ):
ଆଜିକାଲି ପ୍ରତ୍ୟେକ ଜିନିଷର ଦରଦାମ୍ ଯେଉଁ ଭଳି ବଢ଼ି ଚାଲିଛି ଚଳିବା ପାଇଁ କାଠିକର ପାଠ ହୋଇଗଲାଣି ।

କଂସାରି ଘରର ପାରା
(ଅଭିଜ୍ଞକୁ ସାଧାରଣ କଥାରେ ଡରାଇବା):
ଦାସମାଷ୍ଟ୍ରେ ଯିଏ ଯାହା କହିଲେ ବି ନଡରି କୁହନ୍ତି ମୁଁ ପରା କଂସାରି ଘରର ପାରା, ଡରିବି କାହାକୁ ?

କୁମ୍ଭୀର କାନ୍ଦଣା
(ଉପରଦେଖା ସହାନୁଭୂତି) :
କାଳିବାବୁ ସବୁବେଳେ ଘରପାଇଁ ଦରଦ ଦେଖାଇ କୁମ୍ଭୀର କାନ୍ଦଣା କାନ୍ଦନ୍ତି ।

ଗୋଟିଏ ଚାଉଳରେ ଗଢା
(ଅତି ସୁନ୍ଦର) :
ମହାପାତ୍ର ବାବୁଙ୍କ ବୋହୂଟି ଗୋଟିଏ ଚାଉଳରେ ଗଢ଼ା ।

ଗୋଠ ଖଣ୍ଡିଆ
(ଦଳରୁ ଅଲଗା) :
ଗୋଠ ଖଣ୍ଡିଆମାନଙ୍କୁ କେବେହେଲେ ଭରସା କରିବ ନାହିଁ ।

ଗୋବର ଗଣେଶ
(ବୁଦ୍ଧିହୀନ) :
ମନୁଆ ପୁରା ଗୋବର ଗଣେଶ, ତା'ଦ୍ୱାରା କିଛି ହେବ ନାହିଁ ।

ଘର ଢିଙ୍କି କୁମ୍ଭୀର
(ଆତ୍ମୀୟ ଲୋକ ଶତ୍ରୁ ହେବା):
ମୋର ନିଜଭାଇତ ଘର ଢ଼ିଙ୍କି କୁମ୍ଭୀର ଭଳି କାମ କରୁଛି, ଅନ୍ୟକୁ କାହିଁକି ଦୋଷ ଦେବି ।

ଚାରି ଦଉଡ଼ି କଟା
(ଶାସନର ବହିର୍ଭୂତ):
ମୀନାକ୍ଷୀର ନିଜ ସଂସାର ପ୍ରତି ଟିକିଏ ବି ଚିନ୍ତାନାହିଁ । ତା ନହେଲେ ସେ ଏମିତି ଚାରି ଦଉଡ଼ି କଟା ହୋଇ ବୁଲୁଥାନ୍ତ ?

ଚିହ୍ନା ବ୍ରାହ୍ମଣ
(ପରିଚିତ ବ୍ୟକ୍ତି) :
ଯେ କୌଣସି ସ୍ଥାନରେ ଚିହ୍ନା ବ୍ରାହ୍ମଣର ଠିକଣା ଖୋଜିବା ସହଜ ହୋଇଥାଏ ।

ଛୋଟ ମୁହଁରେ ବଡ଼ କଥା
(ଅଯୋଗ୍ୟ ମୁହଁରେ ଟାଣକଥା):
ଜ୍ଞାନୀ ଓ ଗୁରୁଜନଙ୍କ ଆଗରେ ବଡ଼ ବଡ଼ କଥା କହିବା ଛୋଟ ମୁହଁରେ ବଡ଼ କଥା ପରି ହୁଏ ।

ଜପାମାଳି
(ଅତିପ୍ରିୟ):
ପ୍ରତ୍ୟେକ ସନ୍ତାନ ନିଜ ପିତା-ମାତାଙ୍କର ଜପାମାଳି ଅଟନ୍ତି ।

ଝାଳବୁହା ଧନ
(ପରିଶ୍ରମର ଧନ) :
ବେହେରା ବାବୁ ଝାଳବୁହା ଧନରେ ଘର ଖଣ୍ଡିଏ ତିଆରି କରିଛନ୍ତି ।

ଝିମିଟି ଖେଳରୁ ମହାଭାରତ
(ସାମାନ୍ୟ କଥାରୁ ଅନର୍ଥ ସୃଷ୍ଟି):
କିଛି କାରଣ ନଥାଇ ବେଳେବେଳେ ଭାଇ ଭାଇ ଭିତରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହୁଏ ।

ଡେଙ୍ଗା ମୁଣ୍ଡରେ ଠେଙ୍ଗା
(ଦାୟିତ୍ୱ ମୁଣ୍ଡାଉଥିବା ବ୍ୟକ୍ତି ନିନ୍ଦା ଅପମାନ ସହିବା):
ପରିବାରର ମଙ୍ଗଳ ପାଇଁ ଯିଏ କାମକରେ ଡ଼େଙ୍ଗା ମୁଣ୍ଡରେ ଠେଙ୍ଗା ପରି ତାକୁ ବେଳେବେଳେ ଅପମାନ ସହିବାକୁ ପଡ଼େ ।

ତୁଣ୍ଡ ବାଇଦ
(ଲୋକ ମୁଖରେ ଘଟଣା ପ୍ରଚାର):
ଆମ ଘରର ସାଧାରଣ ଘଟଣା ବି ତୁଣ୍ଡ ବାଇଦ ପରି ପ୍ରସାରିତ ହୋଇଥାଏ ।

ତେଲିଆ ମୁଣ୍ଡରେ ତେଲ
(ଥିଲା ବାଲାକୁ ସାହାଯ୍ୟ କରିବା) :
ବର୍ତ୍ତମାନର ଶାସନ ତେଲିଆ ମୁଣ୍ଡରେ ତେଲ ଢାଳିଲା ପରି ଧନୀ ଅଧିକ ଧନୀ ହେବାରେ ସାହାଯ୍ୟ କରୁଛି ।

ଦୀପ ତଳ ଅନ୍ଧାର
(ନିଜ ଜିନିଷ ବା ବ୍ୟକ୍ତି ପ୍ରତି ଦୃଷ୍ଟି ନଦେବା):
ଆଦିତ୍ୟ ବାବୁ ପ୍ରଫେସର ହୋଇ ମଧ୍ୟ ତାଙ୍କ ପୁଅ ମ୍ୟାଟ୍ରିକ୍ ପରୀକ୍ଷାରେ ପାସ୍ କରିପାରିଲା ନାହିଁ । କଥାରେ ଅଛି ଦୀପତଳ ଅନ୍ଧାର ।

ନଈ ନ ଦେଖୁଣୁ ଲଙ୍ଗଳା
(ବିପଦ ନ ଆସୁଣୁ ଛାନିଆଁ):
ଗାଁରେ ବଢ଼ିପାଣି ନାହିଁ, କେତେକ ପରିବାର ଖାଇବା ପିଇବା ଧରି ଛାତ ଉପରକୁ ଗଲେଣି । ନଈ ନଦେଖୁଣୁ ଲଙ୍ଗଳା ହେଲେଣି ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ନ ଦେଖିଲା ଓଉ ଛ' ଫଡ଼ା
(କିଛି ନଜାଣି ବଡ଼ ବଡ଼ କଥା କହିବା): ସେ ତ ଆମ ଗାଁରୁ ଆରଗାଁ ଯାଇନି । ସହର ବିଷୟରେ ବଡ଼ ବଡ଼ କଥା କହୁଛି ନ ଦେଖିଲା ଓଉ ଛ'ଫଡ଼ା ପରି ।

ନାଟର ଗୋବର୍ଦ୍ଧନ
(ଅନର୍ଥର ମୂଳ) : ଘର ଭିତରେ ଗଣ୍ଡଗୋଳ ପାଇଁ ଦାୟୀ ଆମ ବଡ଼ ଭାଇ । ସେ ନାଟର ଗୋବର୍ଦ୍ଧନ ।

ପାଗ ବାନ୍ଧୁ ବାନ୍ଧୁ କଚେରୀ ଦରଖାସ୍ତ
(ବହୁ ବିଳମ୍ବ କରିବା) : ତା'ଉପରେ ମୋର ବିଶ୍ୱାସ ନାହିଁ । ମୁଁ ଦେଇଥିବା କାମ କରିପାରିବ ନାହିଁ । ତା'ର ସବୁବେଳେ ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ ।

ପୋଥି ବାଇଗଣ
(ଅବାସ୍ତବ ଶିକ୍ଷା) : ଆଜିର ନାରୀ ପୋଥି ବାଇଗଣରେ ଅଭ୍ୟସ୍ତ ।

ବଣ ବିଚ୍ଛୁଆତି
(ଅତି ଦୁଷ୍ଟ) : ଆମ ପଡ଼ିଶା ଘର ମାଉସୀଙ୍କ ନାତି ବଣ ବିଚ୍ଛୁଆତିଟିଏ ।

ବାଘ ଘରେ ମିରିଗ ନାଟ
(ମୁରବୀଶୂନ୍ୟ ନିର୍ଭୀକତା): ବାପା ମରିଯିବା ପରେ ପୁଅମାନଙ୍କର ବାଘ ଘରେ ମିରିଗ ନାଟ ଚାଲିଛି ।

ବାପରାଣ ଢିଙ୍କି ଗିଳି
(ବାଧକରି କୌଣସି କାମ କରିବା): ତାର ତ'କାମ କରିବାରେ ଇଚ୍ଛା ନାହିଁ, ବାପରାଣ ଢିଙ୍କି ଗିଳି କଲେ ଲାଭ କ'ଣ ?

ବାରଦ୍ୱାର ଶୁଣ୍ଠି ପିଣ୍ଡା
(ଅସହାୟ ହୋଇ ଏଣେତେଣେ ବୁଲିବା): ଠିକ୍ ସମୟରେ ଠିକ୍ କାମ କରି ରୋଜଗାର ଶେଷ ହେଲେ ବାରଦ୍ୱାର ଶୁଣ୍ଠିପିଣ୍ଡା ହେବାକୁ ପଡ଼ିବ ନାହିଁ ।

ବାହାଘର ବେଳେ ବାଇଗଣ ରୁଆ
(ଶେଷ ମୁହୂର୍ତ୍ତରେ ତତ୍ପର ହେବା): ଶଙ୍କର ବାବୁଙ୍କ ପ୍ରତ୍ୟେକଟି କାମ ବାହାଘର ବେଳେ ବାଇଗଣ ରୁଆ ପରି ।

ବୋଝ ଉପରେ ନଳିତା ବିଡ଼ା
(କଷ୍ଟ ଉପରେ କଷ୍ଟ) : ଶରତ ବାବୁଙ୍କ ବାପା ମରିଥିଲେ, ପୁଣି ମାଆ ମଲେ । ଏବେ ସ୍ତ୍ରୀର ଦେହ ଖରାପ । ବୋଝ ଉପରେ ନଳିତା ବିଡ଼ା ପରି ଗୋଟେ ପରେ ଗୋଟେ ଦୁଃଖ ପହଞ୍ଚୁଛି ।

ମାଙ୍କଡ଼ ହାତରେ ଶାଳଗ୍ରାମ
(ଅଯୋଗ୍ୟ ବ୍ୟକ୍ତିକୁ ଦାୟିତ୍ୱ ଦେବା) : ବାହାଘର ଦାୟିତ୍ୱ ଶ୍ରୀଧର ହାତରେ ଦେଲେ ମାଙ୍କଡ଼ ହାତରେ ଶାଳଗ୍ରାମ ପରି ହେବ ।

ରାଣ୍ଡୀପୁଅ ଅନନ୍ତା
(ଦାୟିତ୍ୱ ହୀନ) : ବାପା ମରିଯିବା ପରେ ପୁଅ ସବୁ ଜମିବାଡ଼ି ବିକ୍ରିକରି ରାଣ୍ଡୀପୁଅ ଅନନ୍ତା ହୋଇ ବୁଲୁଛି ।

ଲଙ୍କାରେ ହରି ଶବ୍ଦ
(ଅସମ୍ଭବ କଥା) :
ସନାତନ ଭଳି କୃପଣ ଲୋକ ଅନାଥ ପିଲାଙ୍କୁ ସାହାଯ୍ୟ କରିବା ଲଙ୍କାରେ ହରି ଶବ୍ଦ ଭଳି କଥା ।

ଶୁଣ୍ଡୀ ସାକ୍ଷୀ ମାତାଲ
(ମିଛର ମିଛ ସାକ୍ଷୀ):
ଯେତେ ଖାଇବା ପିଇବାର ଲୋଭ ଦେଖାଇଲେ ବି ସେ କ'ଣ ସତ କହିବ ? ସେ ପରାଶୁଣ୍ଡୀ ସାକ୍ଷୀ ମାତାଲ ।

ହାଟ ମଧ୍ୟେ ବ୍ରହ୍ମଜ୍ଞାନ
(ପ୍ରକାଶ୍ୟରେ ଗୋପନ କଥା ପ୍ରକାଶ କରିବା):
ଦାସ ବାବୁଙ୍କ ସହିତ କେହି ସମ୍ପର୍କ ରଖୁନାହାଁନ୍ତି । କାରଣ ସେ ହାଟ ମଧ୍ୟେ ବ୍ରହ୍ମଜ୍ଞାନ କରିବସନ୍ତି ।

କ୍ଷୀର ନୀର ସମ୍ପର୍କ
(ନିବିଡ଼ ସମ୍ପର୍କ):
କୁନା ଓ ମୁନା ମଧ୍ୟରେ ପିଲାଦିନରୁ କ୍ଷୀର ନୀର ସମ୍ପର୍କ ରହିଛି ।

୨୧.୪ ତୁଳନାତ୍ମକ ବା ଉପମାଯୁକ୍ତ ରୂଢ଼ି:

ଯେଉଁ ରୂଢ଼ି ଗୁଡ଼ିକ ବା ପଦ ସଂହତିରେ ଦୁଇଟି ଜିନିଷ ମଧ୍ୟରେ ତୁଳନା କରାଯାଇଥାଏ ଏବଂ ସମଗ୍ର ପଦ ସଂହତିଟି ମୁଖ୍ୟ ଅର୍ଥକୁ ତ୍ୟାଗ କରି ଏକ ବିଶେଷ ଅଭିପ୍ରେତ ଅର୍ଥକୁ ପ୍ରକାଶ କରେ, ତାହାକୁ ତୁଳନାତ୍ମକ ବା ଉପମାଯୁକ୍ତ ରୂଢ଼ି କୁହାଯାଏ । ଏପରି ରୂଢ଼ିରେ ଅର୍ଥଗତ ବୈଶିଷ୍ଟ୍ୟ ସହ ଚିତ୍ରଧର୍ମୀ ଆବେଦନ ମଧ୍ୟ ପରିଲକ୍ଷିତ ହୋଇଥାଏ ।

ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା
(କିଛି ନ ବୁଝି ସମ୍ମତି ଜଣାଇବା):
ଶ୍ରେଣୀଗୃହରେ ଶିକ୍ଷକ ଯାହା ପଢ଼ାନ୍ତି ସୀମା ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରେ । ପଚାରିଲେ କହିପାରେନାହିଁ ।

କାଠ ଗଡ଼ି ପରି ପଡ଼ି ରହିବା
(ନିଶ୍ଚଳ ହୋଇ ଶୋଇରହିବା):
ଗୁଣନିଧି ବାବୁଙ୍କ ବଡ଼ବୋହୂ ଭାରି ଅଳସୁଆ, ଯେତେବେଳେ ଦେଖ କାଠଗଡ଼ି ପରି ପଡ଼ି ରହିଥାଏ ।

କୁକୁର ପରି ଧାଇଁବା
(କିଛି ପାଇବା ଆଶାରେ ପଛେ ପଛେ ଯିବା):
ଆଜିକାଲି ଦଲାଲ୍‌ମାନେ ଗ୍ରାହକଙ୍କ ପଛରେ କୁକୁର ପରି ଧାଉଁଛନ୍ତି ।

କୁଆ ପରି ରାଉ ରାଉ ହେବା
(ସବୁବେଳେ ଗପିବା) :
ଅନେକଙ୍କ ସ୍ୱଭାବ କୁଆପରି ରାଉରାଉ ହେବା ।

ଖୁଣ୍ଟପରି ଠିଆ ହେବା
(କିଛିକାମ ନକରି ଖାଲି ଠିଆହୋଇ ରହିବା):
ବୋହୂଟି ଘରର କିଛି ପାଇଟି ନକରି ଖାଲି ଖୁଣ୍ଟଟା ପରି ଛିଡ଼ା ହୋଇଛି ।

ଛୁଞ୍ଚି ପରି ମୁହଁ କରିବା
(ରାଗରେ ମୁହଁ ଶୁଖାଇ ବସିବା):
ଝିଅର କ'ଣ ହୋଇଛି କି ? ଛୁଞ୍ଚି ପରି ମୁହଁ କରିଛି ।

ଟିପ୍ପଣୀ

ରଢ଼ି ଓ ଏହାର ପ୍ରୟୋଗ

ଜୋକ ପରି ଲାଗିବା (ପିଛା ନଛାଡ଼ିବା) : ତା'ର ସ୍ୱାର୍ଥ ଅଛି ବୋଲି ସେ ମୋ ପଛରେ ଜୋକ ପରି ଲାଗିଛି ।

ଢ଼ିଙ୍କି ପରି ପଡ଼ିରହିବା (କୁଆଡ଼େ ନଯାଇ ବସିରହିବା): ଗୋବିନ୍ଦ ଅଳସୁଆ ହୋଇଥିବାରୁ ଘରେ ଢ଼ିଙ୍କି ପରି ପଡ଼ି ରହିଥାଏ ।

ପବନ ଧରି ଧାଇଁବା (ଦ୍ରୁତ ଗତିରେ କାମରେ ଲାଗିବା): ମଦନ ପୁଅ ପାଇଁ ବୋହୂଟିଏ କରିବ ବୋଲି ଯୋଉଠୁ ଖବର ମିଳିଲେ ପବନ ପରି ଧାଉଁଛନ୍ତି ।

ବରଡ଼ା ପତ୍ର ପରି ଥରିବା (ଭୟରେ କମ୍ପିବା): ଗୁରୁଜୀଙ୍କୁ ମିଛ କହିଥିବାରୁ ସନିଆ ବରଡ଼ା ପତ୍ର ପରି ଥରୁଛି ।

ଶୁଆ ପରି ଘୋଷିବା (ମନେ ରଖିବା) : ପାଠକୁ ନିଜେ ବୁଝିଲେ ସିନା ହେବ, ଖାଲି ଶୁଆ ପରି ଘୋଷିଲେ ଲାଭ କ'ଣ ?

ସାପ ପରି ଫଁ ଫଁ ହେବା (ରାଗରେ ଗରଗର ହେବା) : କେହି କିଛି ନ କହିଲେ ମଧ୍ୟ ମୋ ବାପା ଘରେ ପଶୁ ପଶୁ ସାପ ପରି ଫଁ ଫଁ ହୁଅନ୍ତି ।

ସିଂହ ପରି ଯୁଝିବା (ସାହାସର ସହିତ ଲଢ଼ିବା) : ନ୍ୟାୟରେ ଥିଲେ ସିଂହ ପରି ଯୁଝିବା ଉଚିତ୍ ।

ହାଣ୍ଡି ପରି ମୁହଁ କରିବା (ଅଭିମାନ କରିବା) : ଧଉଳି ବୁଲି ନ ଯିବାରୁ ଝିଅ ହାଣ୍ଡି ପରି ମୁହଁ କରିଛି ।

●●●

ଟିପ୍ପଣୀ

୨୨
ପତ୍ରଲିଖନ

୨୨. ୧ ବ୍ୟକ୍ତିଗତ ପତ୍ର ବା ପାରିବାରିକ ପତ୍ର

ପତ୍ରକୁ ଚିଠି କୁହାଯାଏ । ଆମେ ସାଧାରଣତଃ ଚିଠି ଶବ୍ଦଟି ବହୁଳ ଭାବରେ ବ୍ୟବହାର କରିଥାଉ । ଏହାକୁ 'ବାର୍ତ୍ତା' ବା 'ସନ୍ଦେଶ' ମଧ୍ୟ କୁହାଯାଇଥାଏ । ଆଜିକାଲି ଟେଲିଫୋନ୍, ମୋବାଇଲ୍, ଇଣ୍ଟରନେଟ୍‌ର ବ୍ୟବହାର ବଢ଼ିଯିବା ପରେ ସ୍ୱଭାବିକ ଭାବେ ଚିଠି ଲେଖା କମିଯାଇଛି । କିନ୍ତୁ ଏହି ଚିଠି ଲେଖା ଏବେ ମଧ୍ୟ ହେଉଛି । ଆମେ ଲେଖୁଥିବା ସମସ୍ତ ଚିଠିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଥାଏ ।

ସେଗୁଡ଼ିକ ହେଲା : (କ) ବ୍ୟକ୍ତିଗତ ପତ୍ର ବା ପାରିବାରିକ ପତ୍ର
(ଖ) ବାଣିଜ୍ୟିକ ପତ୍ର ବା ଦପ୍ତର ପତ୍ର
(ଗ) ସମ୍ପାଦକଙ୍କୁ ପତ୍ର ।

ଚିଠି ଲେଖିବା ଏକ କଳା । ଆଲୋଚକମାନଙ୍କ ମତରେ ଚିଠି ଲେଖାର ନିର୍ଦ୍ଦିଷ୍ଟ ପଦ୍ଧତି ରହିଥିବାରୁ ଏହା ବିଜ୍ଞାନର ଅନ୍ତର୍ଭୁକ୍ତ ମଧ୍ୟ । ଆଧୁନିକ ପ୍ରଣାଳୀର ଯଥେଷ୍ଟ ବ୍ୟବହାର ଓ ସୁବିଧା ସତ୍ତ୍ୱେ କୌଣସି ଅଫିସ୍‌କୁ ଅନ୍ୟକୌଣସି ବ୍ୟକ୍ତି ବା ଅଫିସ ଦ୍ୱାରା ଚିଠି ବା ଦରଖାସ୍ତ ଲେଖିବାର ଆବଶ୍ୟକତା ଯଥେଷ୍ଟ ରହିଛି ।

ଶିକ୍ଷକମାନଙ୍କ ବିଚାରରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷା କାଳରେ ଉପଯୁକ୍ତ ଭାବେ ଚିଠି, ଦରଖାସ୍ତ ଆଦି ଲେଖିବା କଳାକୁ ଅକ୍ତିଆର କରିବା ସହ ଯଥେଷ୍ଟ ପରିମାଣରେ ଏହା ଲେଖୁ ନଥିବା ହେତୁ ପରବର୍ତ୍ତୀ ସମୟରେ ସାମାଜିକ ଜୀବନରେ ସେମାନେ ଯାହା ଲେଖୁଛନ୍ତି ସେଥିରୁ ଭୁଲ ବାହାରୁଛି ଓ ସ୍ଥଳ ବିଶେଷରେ ଲେଖାର ପ୍ରକୃତ ଅର୍ଥ ପ୍ରକାଶ ପାଇପାରୁନାହିଁ । ଏଣୁ ଛାତ୍ର-ଛାତ୍ରୀମାନଙ୍କୁ ପତ୍ରଲିଖନ ତଥା ଦରଖାସ୍ତ ଲିଖନ ସମ୍ପର୍କରେ ସଠିକ ମାର୍ଗ ଦର୍ଶାଇବା ଏ ବିଭାଗର ମୂଳ ଲକ୍ଷ୍ୟ ।

୨୨. ୨ ଚିଠି ଲେଖିବା ବେଳେ କେଉଁ କେଉଁ କଥା ପ୍ରତି ଦୃଷ୍ଟି ଦେବା -

୧. ଚିଠିର ଡାହାଣ ପାର୍ଶ୍ୱରେ ସ୍ଥାନ ଓ ସମୟ (ତାରିଖ) ପ୍ରଥମେ ପ୍ରଦାନ କରାଯିବ । ଏହାର ବାମ ପାର୍ଶ୍ୱରେ ଯାହା ପାଖକୁ ଲେଖାଯାଉଛି ତାଙ୍କୁ ଉପଯୁକ୍ତ ସମ୍ମାନ ସୂଚକ ସମ୍ବୋଧନ ରହିବ । ନିମ୍ନରେ ଏକ ନମୁନା ଦିଆଗଲା ।

ସ୍ଥାନ : ରାଉରକେଲା
ପୂଜନୀୟା ବୋଉ, ତାରିଖ : ୨୫/୪/୨୦୧୩

୨. ଚିଠିଟିକୁ ବିଷୟ ଭିତ୍ତିରେ ଛୋଟ କେତୋଟି ଭାଗରେ ବିଭକ୍ତ କର । ଶେଷ ଅଂଶରେ ସମାପ୍ତି ସୂଚକ ସୂଚନା ରଖ, ଯାହା ପରେ 'ଇତି' ଲେଖାଯିବ ।

୩. 'ଇତି'ର ଠିକ୍ ତଳକୁ ନିଜର ସମ୍ବନ୍ଧ ସମ୍ପର୍କିତ ସୂଚନା ଦିଅ । ଯଥା :- 'ସ୍ନେହର ପୁଅ', 'ପ୍ରିୟ ବନ୍ଧୁ' ଇତ୍ୟାଦି ।

୪. ଏହା ତଳକୁ ଦୁଇଭାଗ କରି ଡାହାଣ ପାଖରେ ପଠାଯାଉଥିବା ବ୍ୟକ୍ତିର ସଂପୂର୍ଣ୍ଣ ଠିକଣା ଏବଂ ବାମ ପାଖରେ ପଠଉଥିବା ବ୍ୟକ୍ତିର ପୂର୍ଣ୍ଣ ଠିକଣା ଲେଖାଯିବ ।

ଟିପ୍ପଣୀ

- ମନେ ରଖିବାକୁ ହେବ ଯଦି ଆମେ ପରୀକ୍ଷା ଖାତାରେ ଚିଠି ଲେଖୁଛନ୍ତି ତେବେ ନିଜ ସ୍କୁଲ, କଲେଜ ଓ ନାମକୁ ଗୋପନ ରଖିବାକୁ ହେବ । ନଚେତ ଏହାଦ୍ୱାରା ଛାତ୍ରର ପରିଚୟ ଜଣାପଡ଼ିବାର ସମ୍ଭାବନା ଅଛି ।
- ଠିକଣାଟିରେ ନାମ, ଗ୍ରାମର ନାମ, ପୋଷ୍ଟ ଅଫିସ, ପିନ୍‌କୋଡ୍ ଓ ଜିଲ୍ଲାର ନାମ ତଥା ପ୍ରଦେଶର ନାମ ତଳକୁ ତଳ ନିର୍ଭୁଲ ଓ ପରିଷ୍କାର ରହିବା ଉଚିତ । ଯେଉଁମାନେ ସହରାଞ୍ଚଳରେ ରହୁଥିବେ ସେମାନେ ଗ୍ରାମ ଯାଗାରେ ଘର ନଂ. ଗଳି ନଂ. ବା ନାମ ଓ ସହରର ନାମ ଲେଖିବା ଦରକାର । ଛାତ୍ର-ଛାତ୍ରୀମାନେ ପରୀକ୍ଷା ଖାତାରେ ନିଜର ଓ ପରିବାର ବ୍ୟକ୍ତିଙ୍କ ନାମ ସଂକ୍ଷିପ୍ତ ଅବା ଛଦ୍ମନାମରେ ଲେଖିଲେ ଭଲ ।

୨୨. ୩ ବିଭିନ୍ନ ଚିଠିର ନମୁନା :

୧. ତୁମ ମହାବିଦ୍ୟାଳୟର ପୁରସ୍କାର ବିତରଣୋତ୍ସବ ବିଷୟ ବର୍ଣ୍ଣନା କରି ଦୂରରେ ଥିବା ସାଙ୍ଗ ନିକଟକୁ ଚିଠି ଲେଖ ।

ରାମଚନ୍ଦ୍ର ମହାବିଦ୍ୟାଳୟ
୮, ଅକ୍ଟୋବର ୨୦୧୨

ପ୍ରିୟ ଶ୍ରୀବତ୍ସ,

ଆନ୍ତରିକ ଶୁଭେଚ୍ଛା ଗ୍ରହଣ କରିବ । ଗତକାଲି ଅପରାହ୍ନରେ ତୁମ ପ୍ରେରିତ ଚିଠିଟି ମୋର ହସ୍ତଗତ ହେଲା । ଏଥିରେ ତୁମର ଜନ୍ମଦିବସ କଥା ସବିଶେଷ ଲେଖିଥିବାରୁ ତାହା ପଢି ମୁଁ ବିଶେଷ ଆନନ୍ଦିତ ହେଲି । ଲେଖା ପ୍ରସଙ୍ଗରେ ତୁମେ ଆମ ମହାବିଦ୍ୟାଳୟର ପୁରସ୍କାର ବିତରଣୋତ୍ସବ କଥା ଜାଣିବାକୁ ଚାହିଁ ଥିବାରୁ ଏହି ଚିଠିରେ ତାହା ଉଲ୍ଲେଖ କରୁଛି ।

ଗତ ଏପ୍ରିଲ୍ ୨୭ ତାରିଖ ଦିନଟି ମୋ ପାଇଁ ସ୍ମରଣୀୟ ଦିବସ ରୂପେ ସବୁଦିନ ପାଇଁ ମନେ ରହିବ । ଏହି ଦିନ ଆମ ମହାବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମହାବିଦ୍ୟାଳୟର ପରିସର ସତେ ଯେମିତି ଏକ ସ୍ୱର୍ଗପୁରୀ ଭଳି ଜଣାପଡୁଥିଲା । ସଞ୍ଜ ନଇଁ ଆସିଲା ବେଳକୁ ଆମ ମହାବିଦ୍ୟାଳୟର ପ୍ରବେଶ ପଥ ଠାରୁ ଆରମ୍ଭ କରି ସମଗ୍ର ହତା ଓ ଗୃହମାନ ଉଜ୍ଜ୍ୱଳ ଆଲୋକରେ ବେଶ୍ ମନୋରମ ଦିଶୁଥିଲା । ମହାବିଦ୍ୟାଳୟ ସମ୍ମୁଖରେ ଏକ ସୁଦୃଶ୍ୟ ମଞ୍ଚ ଶୋଭା ପାଉଥିଲା । ଡାକବାଜି ଯନ୍ତ୍ରରେ ବିଭିନ୍ନ ସଙ୍ଗୀତର ଲହରି ଛୁଟି ଚାଲିଥିଲା ।

ଅପରାହ୍ନ ଛଅଟା ବେଳକୁ ନିମନ୍ତ୍ରିତ ଅତିଥିଗଣ ଆସି ପହଞ୍ଚିଥିଲେ । ସାଢ଼େ ଚାରିଟା ବେଳକୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମଞ୍ଚ ଉପରେ ଅତିଥିଗଣ ମଞ୍ଚାସୀନ ଥିବା ବେଳେ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟଗଣ, ସ୍ଥାନୀୟ ଭଦ୍ରବ୍ୟକ୍ତିଗଣ ବସିଥିଲେ । ପ୍ରଥମେ ଉଦ୍‌ଘାଟକ ରୂପେ ଯୋଗ ଦେଇଥିବା

ଜିଲ୍ଲାପାଳ ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ଆମ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଣେ ବିଦ୍ୱାନ ଓ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ । ସେ ତାଙ୍କ ଭାଷଣରେ ସମବେତ ଜନତାଙ୍କୁ ମୁଗ୍ଧ କରି ଦେଇଥିଲେ । ତତ୍ପରେ ମୁଖ୍ୟ ଅତିଥି ତାଙ୍କର ବହୁମୂଲ୍ୟ ଭାଷଣ ପ୍ରଦାନ କରି, ଛାତ୍ରଛାତ୍ରୀମାନେ ମହାପୁରୁଷମାନଙ୍କ କୃତିତ୍ୱ ପ୍ରତି ଧ୍ୟାନ ରଖି ଆଦର୍ଶ ନାଗରିକ ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ଉଦ୍‌ବୋଧନ ଦେଇଥିଲେ । ପରେ ସଭାପତି ତାଙ୍କର ସମସ୍ତ ଭାଷଣରେ ଆଜିର ଉତ୍ସବ ବିଷୟରେ ଆଲୋକପାତ କରିଥିଲେ । ଏହା ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ । ତତ୍ ପରେ ଭୁରି ଭୋଜନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ଉତ୍ସବ ଶେଷରେ ସମସ୍ତେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ବାସ୍ତବିକ ଆମ କଲେଜର ପୁରସ୍କାର ବିତରଣୋତ୍ସବ ଅତୀବ ଆକର୍ଷଣୀୟ ଓ ସ୍ମରଣୀୟ ଥିଲା । ଏହା ବହୁଦିନ ଯାଏଁ ମୋ ମନକୁ ଆନ୍ଦୋଳିତ କରୁଥିବ । ତୁମ ମହାବିଦ୍ୟାଳୟରେ ଏହିଭଳି ଉତ୍ସବ କିପରି ପାଳନ କରାଯାଏ, ପରବର୍ତ୍ତୀ ଚିଠିରେ ଲେଖିବ । ଶେଷରେ ତୁମ ନିକଟରେ ଥିବା ସାଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇଦେବ । ଆଶା କୁଶଳରେ ଥିବ ।

॥ ଇତି ॥

ତୁମର ସାଙ୍ଗ

ଅଜିତ୍

ଠିକଣା

ପ୍ରେରକ

ଅଜିତ୍ କୁମାର କର
ରାମଚନ୍ଦ୍ର ମହାବିଦ୍ୟାଳୟ
ସା/ପୋ- ଯୋବ୍ରା
ଜି- କଟକ

ଟିକେଟ

ଗ୍ରାହକ

ଶ୍ରୀବତ୍ସ କୁମାର ମିଶ୍ର
ଗୋବିନ୍ଦ ମହାବିଦ୍ୟାଳୟ
ସା/ପୋ- ସମ୍ବଲପୁର
ଜି- ସମ୍ବଲପୁର

୨. ପରୀକ୍ଷା ନିମନ୍ତେ ତୁମେ କିପରି ନିଜକୁ ପ୍ରସ୍ତୁତ କରିଛ, ତାହା ଉଲ୍ଲେଖ କରି ସାଙ୍ଗ ନିକଟକୁ ପତ୍ର ଲେଖ ।

ଗଙ୍ଗାନଗର
୧୨, ଅକ୍ଟୋବର ୨୦୧୨

ପ୍ରିୟ ସୁଶାନ୍ତ,

ମୋର ହାର୍ଦ୍ଦିକ ଶୁଭେଚ୍ଛା ଗ୍ରହଣ କରିବ । ଗତ ଆଠ ଦିନ ତଳେ ତୁମ ପତ୍ର ପାଇଥିଲି । ପଢ଼ାପଢ଼ିରେ ବ୍ୟସ୍ତ ରହିଥିବା ଯୋଗୁଁ ତୁମ ପ୍ରଶ୍ନର ଉତ୍ତର ଏ ଯାଏଁ ଦେଇ ପାରିନଥିଲି । ସେଥିପାଇଁ ଦୁଃଖିତ । ସେହି ଚିଠିରେ ତୁମେ ମୋ' ପଢ଼ାପଢ଼ି କଥା ଓ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ହେବା କଥା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲ । ସେଇ କଥା ଏଠାରେ ଲେଖୁଛି ।

ଟିପ୍ପଣୀ

ପତ୍ର ଲିଖନ

ତୁମେ ତ ଜାଣିଛ, ଆମ ପରୀକ୍ଷା ଆଉ ମାତ୍ର ଚାରି ପାଞ୍ଚ ମାସ ରହିଲା । ଏହି ସୀମିତ ସମୟ ମଧ୍ୟରେ ମୋତେ ଦ୍ୱାଦଶ ଶ୍ରେଣୀର ସମସ୍ତ ବିଷୟ ଓ ସେଥିରେ ଥିବା ସମସ୍ତ ପାଠକୁ ଆୟତ୍ତ କରିବାକୁ ହେବ । ପୂର୍ବରୁ ଦୁଇବର୍ଷର ପାଠ ଓ ସେ ସମସ୍ତ ବିଷୟ ଖୁବ୍ କମ୍ ଦିନରେ ହାସଲ କରିବାକୁ ପଡୁଥିଲା । ଅବଶ୍ୟ ସେହି ସବୁ ବିଷୟ ଗୁଡ଼ିକର ପ୍ରଶ୍ନ ପ୍ରସ୍ତୁତି ଢାଞ୍ଚା ବଦଳି ଯାଇଥିବାରୁ ସମଗ୍ର ବିଷୟରୁ କ୍ଷୁଦ୍ର ଓ ଅତି କ୍ଷୁଦ୍ର ପ୍ରଶ୍ନମାନ ପରୀକ୍ଷାରେ ପଡୁଥିବାରୁ ପୁଙ୍ଖାନୁପୁଙ୍ଖ ଭାବରେ ସେ ସମସ୍ତ ପଢ଼ି ହାସଲ କରିବାକୁ ହେଉଛି । ତେଣୁ ଆଗଠାରୁ ଏବେ ଅଧିକ ପରିଶ୍ରମ କରିବାକୁ ପଡୁଛି । ଏଥିପାଇଁ ମୁଁ ବେଶି ସଚେତନ ।

ଆଗକୁ ପରୀକ୍ଷା ପାଇଁ ମୁଁ ଏବେ ପ୍ରତ୍ୟହ ଆଠରୁ ଦଶ ଘଣ୍ଟା ଯାଏଁ ପରିଶ୍ରମ କରୁଅଛି । ରାତିରୁ ଉଠି ପାହାନ୍ତା ପ୍ରହର ଯାଏଁ ଇଂରାଜୀ ମୁଖସ୍ଥ କରୁଅଛି । ବଡ଼ି ଭୋରରୁ ଉଠି ମୋର ନିତ୍ୟକର୍ମମାନ ସମ୍ପାଦନ କରି ସକାଳ ଛ'ଟାରୁ ପୁନଶ୍ଚ ପଢ଼ାପଢ଼ିରେ ବ୍ୟସ୍ତ ରହୁଛି । ସକାଳ ଦଶଟାରୁ ଅପରାହ୍ନ ଚାରିଟା ଯାଏଁ କଲେଜ ଯିବାକୁ ପଡୁଛି । କଲେଜରୁ ଫେରି କିଛି ସମୟ ବୁଲା ବୁଲି କରି ସଂଧ୍ୟା ବେଳକୁ ପୁନଶ୍ଚ ପଢ଼ାପଢ଼ି ଆରମ୍ଭ କରୁଛି । ପ୍ରାୟ ସମସ୍ତ ବିଷୟକୁ ଥରେ ଥରେ ପଢ଼ି ସାରିଲିଣି । ଏଣିକି ସେସବୁ ରିଭିଜନ କରିବାକୁ ଆରମ୍ଭ କରୁଛି । ଅନ୍ୟ ବିଷୟ ତୁଳନାରେ ଇଂରାଜୀ ବିଷୟକୁ ଅଧିକ ଦୃଷ୍ଟି ଦେବାକୁ ପଡୁଛି । ଆଶା, ପରୀକ୍ଷା ବେଳକୁ ମୁଁ ସମସ୍ତ ବିଷୟକୁ ଅତି ସହଜ ଭାବେ ଆୟତ୍ତ କରି ସାରିଥିବି । ଏବେ କୌଣସି ସ୍ଥାନ ବୁଲିଯିବା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ପରୀକ୍ଷା ଶେଷ ହେଲେ ମୋର ପ୍ରିୟ ସ୍ଥାନମାନଙ୍କୁ ବୁଲିଯିବି ବୋଲି ମନସ୍ଥ କରିଛି ।

ଏହିଭଳି ଭାବରେ ମୋର ପାଠ ପଢ଼ାପଢ଼ ପ୍ରସ୍ତୁତି ଜାରି ରଖିଛି । ନିୟମିତ ଭାବେ ପାଠ ପ୍ରତି ସଜାଗ ରହିଛି । ତୁମେ ତୁମ ପରୀକ୍ଷା ପ୍ରସ୍ତୁତି ବିଷୟରେ କିପରି ପଦକ୍ଷେପ ନେଉଅଛ, ତାହା ଚିଠି ଦ୍ୱାରା ଜଣାଇବ । ଶେଷରେ ଆଶା କରୁଛି, ତୁମେ କୁଶଳରେ ଥିବ । ତୁମର ଫେରନ୍ତା ଚିଠିକୁ ଚାହିଁ ରହିଲି ।

॥ ଇତି ॥

ତୁମର ଅନ୍ତରଙ୍ଗ ସାଙ୍ଗ

ବିବେକ

ଠିକଣା

ପ୍ରେରକ

ବିବେକାନନ୍ଦ ଜେନା

ସା- ବାଲିଆପାଳ

ପୋ- ବାଲିଆପାଳ

ଜି- ଯାଜପୁର

ଗ୍ରାହକ

ସୁଶାନ୍ତ ମହାପାତ୍ର

ସା/ପୋ- ରଘୁପୁର

ଭାୟା – ସୁଜନପୁର

ଜି- ଯାଜପୁର

ଟିକେଟ

୩. ମହାବିଦ୍ୟାଳୟରେ ତୁମ ଛାତ୍ରାବାସ ପ୍ରାପ୍ୟ ପଇଠ କରିବା ନିମିତ୍ତ ଟଙ୍କା ପଠାଇବା ଲାଗି ବାପାଙ୍କ ନିକଟକୁ ପତ୍ର ଲେଖ ।

ବ୍ରହ୍ମପୁର ଟାଉନ୍

୫, ଅକ୍ଟୋବର ୨୦୧୨

ପୂଜାସ୍ପଦ ବାପା,

ମୋର ଭୂମିଷ୍ଠ ପ୍ରମାଣ ନେବେ । ଆଶାକରେ ଆପଣ ସେଠାରେ କୁଶଳରେ ଥିବେ । ଗତକାଲି ଆପଣଙ୍କ ଚିଠି ପାଇଲି । ଚିଠି ପାଇ ଅନନ୍ଦିତ ହେଲି । ଆପଣ ମୋ ବିଷୟରେ ଜାଣିବାକୁ ଚାହିଁଛନ୍ତି । ଏଠାରେ ମୁଁ ଭଲରେ ଅଛି । ନିୟମିତ ଭାବରେ ପାଠ ପଢୁଛି । କିନ୍ତୁ ମୋର ହଷ୍ଟେଲ୍ ପ୍ରାପ୍ୟ ପୈଠ କରି ନଥିବାରୁ ଚିନ୍ତିତ ଅଛି ।

ଦୁଇମାସ ତଳେ ଗାଁରୁ କଲେଜ ଆସିଲାବେଳେ ଆପଣ ଘରେ ନଥିଲେ । ମୁଁ ମା'ଙ୍କ ଠାରୁ କେବଳ ବାଟ ଖର୍ଚ୍ଚ ଓ ସାମାନ୍ୟ ହାତ ଖର୍ଚ୍ଚ ନେଇ ଏଠାକୁ ଆସିଥିଲି । ମା'ଙ୍କ ପାଖରେ ଅଧିକ ଟଙ୍କା ନ ଥିଲା । ସେ ଆପଣଙ୍କୁ ଚାହିଁ ରହିଥିଲେ । ପରେ ଅବଶ୍ୟ ମା' କିଛି ଟଙ୍କା ଯୋଗାଡ଼ କରି ମୋ ନିକଟକୁ ପଠାଇଥିଲେ । ମୁଁ ଏହି ଟଙ୍କାରୁ ଗୋଟିଏ ମାସର ହଷ୍ଟେଲ ଖର୍ଚ୍ଚ ପୈଠ କରିଥିଲି । ଅବଶିଷ୍ଟ ଟଙ୍କାରେ ମୋର ଆବଶ୍ୟକୀୟ ବହି, ଖାତା ଓ ଅନ୍ୟାନ୍ୟ ଉପକରଣ କ୍ରୟ କରିଥିଲି । ଏବେ ମୁଁ ଶୂନ୍ୟହସ୍ତ । ଗତ ମାସର ହଷ୍ଟେଲ୍ ଖର୍ଚ୍ଚ ପୈଠ କରିବା ନିମିତ୍ତ କଲେଜରୁ ମୋତେ ନିର୍ଦ୍ଦେଶ ଦିଆଯାଇଛି । ତୁରନ୍ତ ଏହା ପୈଠ କରିବାକୁ ହେବ । ଏହା ଛଡ଼ା ମୋର ଅନ୍ୟାନ୍ୟ ଖର୍ଚ୍ଚ ନିମିତ୍ତ କିଛି ଟଙ୍କା ଦରକାର ।

ଏ ସମସ୍ତ ବିଷୟ ପ୍ରତି ଆପଣ ଉପଯୁକ୍ତ ଧ୍ୟାନ ଦେବେ । ମୋର ହଷ୍ଟେଲ୍ ଖର୍ଚ୍ଚ ଗତ ମାସର ଆଠ ଶହ ଟଙ୍କା ସହିତ ଅନ୍ୟାନ୍ୟ ଖର୍ଚ୍ଚ ନିମିତ୍ତ ଦୁଇଶହ ଟଙ୍କା ମୋଟ ଏକ ହଜାର ଟଙ୍କା ପଠାଇବାର ବ୍ୟବସ୍ଥା କରିବେ । ଏଠାରେ ଅନ୍ୟ ସମସ୍ତ ଖବର ଭଲ । ଏ ମାସର ପ୍ରଥମ ସପ୍ତାହରେ ମା'ଙ୍କ ପାଖରୁ ଚିଠି ପାଇଥିଲି । ଆପଣ କେବେ ଘରକୁ ଯାଉଛନ୍ତି, ଜଣାଇବେ । ମୁଁ ଯାଇ ଆପଣଙ୍କୁ ସାକ୍ଷାତ କରିବି ।

ଆପଣଙ୍କ ଫେରନ୍ତା ଉତ୍ତରକୁ ଚାହିଁ ରହିଲି ।

॥ ଇତି ॥

ଆପଣଙ୍କର ସ୍ନେହର

ଅର୍ଜୁନ

ଠିକଣା

ପ୍ରେରକ

ଅର୍ଜୁନ ମଲ୍ଲିକ
ଚିନ୍ତାମଣି ମହାବିଦ୍ୟାଳୟ
ସା/ପୋ- ବ୍ରହ୍ମପୁର ଟାଉନ
ଜି- ଗଞ୍ଜାମ

ଗ୍ରାହକ

ରାଜକିଶୋର ମଲ୍ଲିକ
ଜଳ ସମ୍ପଦ ବିଭାଗ
ରାଜ୍ୟ ସଚିବାଳୟ
ଭୁବନେଶ୍ୱର

ଟିକେଟ

୪. ପାଠପଢ଼ା ପ୍ରତି ଅବହେଳା କରି ଟି.ଭି. ଦେଖିବାରେ ବ୍ୟସ୍ତ ରହୁଥିବା ତୁମ ସାନ ଭାଇକୁ ପାଠ ପଢ଼ା ପ୍ରତି ସଚେତନ ହେବାକୁ ପତ୍ର ଲେଖ ।

ଭୁବନେଶ୍ୱର
୨୦, ଅକ୍ଟୋବର ୨୦୧୨

ସ୍ନେହର ଜାନକୀ,

ମୋର ସ୍ନେହ ନେବୁ । ବାପା ଓ ମା'ଙ୍କୁ ମୋର ପ୍ରଣାମ ଜଣାଇ ଦେବୁ । ତନୁଜା ଓ ଦେବୁଙ୍କୁ ମୋର ସ୍ନେହାଶିଷ ଜଣାଇଦେବୁ । ଗତ ସପ୍ତାହରେ ମା'ଙ୍କ ଠାରୁ ଚିଠି ପାଇଥିଲି । ସେ ତୋ ବିଷୟରେ ବିରକ୍ତ ହୋଇ ଚିଠିଟି ଲେଖିଥିଲେ । ତୁ ପାଠ ପଢ଼ା ଛାଡ଼ି ଟି.ଭି. ଦେଖିବାରେ ସର୍ବଦା ବ୍ୟସ୍ତ ରହୁଥିବା କଥା ସେ ସେଥିରେ ଉଲ୍ଲେଖ କରିଥିଲେ । ସେଥିପାଇଁ ଏହି ଚିଠିଟି କେବଳ ତୋ ପାଇଁ ଲେଖୁଛି ।

ମନୁଷ୍ୟର ମନକୁ ଆନନ୍ଦ ଦେବାକୁ ଏବେ ପ୍ରତ୍ୟେକ ଗଣମାଧ୍ୟମ ନିଜକୁ ନିୟୋଜିତ କରିଅଛନ୍ତି । କେବଳ ଆନନ୍ଦ ଦେବାକୁ ନୁହେଁ ବରଂ ବହୁ ଖବର ଓ ତଥ୍ୟ ପ୍ରଦାନ କରି ମନୁଷ୍ୟକୁ ସଚେତନ ଓ କର୍ମ ମୁଖର କରାଇବା ଏ ଗୁଡ଼ିକର ଉଦ୍ଦେଶ୍ୟ । ଏଥିପାଇଁ ଦିବାରାତ୍ରର ଅଧିକାଂଶ ସମୟ ଏମାନେ ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରଚାର ଓ ପ୍ରସାର କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଓ ଉପଭୋଗ୍ୟ । ସମସ୍ତ କାର୍ଯ୍ୟକ୍ରମକୁ ଦେଖିବାକୁ ପ୍ରତ୍ୟେକଙ୍କର ପ୍ରବଳ ଇଚ୍ଛା ଜାଗେ । ମାତ୍ର ଏସବୁ ସମସ୍ତଙ୍କ ପାଇଁ ଶୁଭପ୍ରଦ ବା ଯୁକ୍ତିଯୁକ୍ତ ନୁହେଁ । ବିଶେଷକରି ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥଳବିଶେଷରେ ଅତ୍ୟନ୍ତ କ୍ଷତିକାରକ । ଅବଶ୍ୟ କେତେକ ଶିକ୍ଷାମୂଳକ କାର୍ଯ୍ୟକ୍ରମ ରହିଛି । ତାହା ହିଁ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ । ଏତଦ୍‌ଭିନ୍ନ ସର୍ବଦା ଟି.ଭି.ର କାର୍ଯ୍ୟକ୍ରମ ଦେଖିବା ଦ୍ୱାରା ଆଖି ଉପରେ ଏହାର କୁ-ପ୍ରଭାବ ପଡ଼େ । ଅତ୍ୟଧିକ ମନୋରଞ୍ଜନ କାର୍ଯ୍ୟକ୍ରମମାନ ସ୍ୱାଭାବିକ ମାନସିକତାର ଅବକ୍ଷୟ ଘଟାଇଥାଏ । ଏହିଭଳି ଟି.ଭି.ର କାର୍ଯ୍ୟକ୍ରମମାନ କୋମଳମତି ଛାତ୍ର ଛାତ୍ରୀମାନଙ୍କ ପାଇଁ କ୍ଷତିକାରକ ।

ଏବେ ତୁ ଦଶମ ଶ୍ରେଣୀରେ ପଢୁଛୁ । ଆଗକୁ ତୋ ବୋର୍ଡ଼ ପରୀକ୍ଷା ଆସୁଛି । ଏଥିପ୍ରତି ସଚେତନ ହେବା ତୋ ପକ୍ଷରେ ଜରୁରୀ ଅଟେ । ତେଣୁ ତୁ ଟିଭି ଦେଖାରେ ସମୟ ନଷ୍ଟ ନ କରି ତୋର ପାଠ ପଢ଼ା ପ୍ରତି ଅଧିକ ସଜାଗ ଓ ବ୍ୟସ୍ତ ରହିବାକୁ ମୁଁ ପରାମର୍ଶ ଦେଉଛି । ମୋ କଥାନୁଯାୟୀ ତୁ ପାଠପଢ଼ା ପ୍ରତି ଅଧିକ ଯତ୍ନଶୀଳ ହେଲେ ତୋର ଆଗାମୀ ପରୀକ୍ଷାଫଳ ନିଶ୍ଚିତ ଭାବରେ ଆଶାଜନକ ହେବ, ଏଥିରେ ସନ୍ଦେହ ନାହିଁ । ମୋର ଉପଦେଶ ପ୍ରତି ଦୃଷ୍ଟି ଦେବୁ ବୋଲି ଆଶା । ଈଶ୍ୱରଙ୍କ କୃପାରୁ ସେଠାରେ ଭଲରେ ଥିବୁ ।

॥ ଇତି ॥

ତୋ ଶୁଭାକାଂକ୍ଷୀ ଭାଇ
ଉପେନ୍ଦ୍ର

ଟିକେଟ

ଠିକଣା

ପ୍ରେରକ	ଗ୍ରାହକ
ଉପେନ୍ଦ୍ର କୁମାର ମହାନ୍ତି	ଜାନକୀ ବଲ୍ଲଭ ମହାନ୍ତି
ଶିକ୍ଷା ବିଭାଗ, ରାଜ୍ୟ ସଚିବାଳୟ	ସା/ପୋ- କୁମାରପୁର
ଭୁବନେଶ୍ୱର	ଜିଲ୍ଲା- ଭଦ୍ରକ

୫. ତୁମ ଜୀବନର ଲକ୍ଷ୍ୟ ବର୍ଣ୍ଣନା କରି ତୁମ ପିତାଙ୍କ ନିକଟକୁ ପତ୍ର ଲେଖ ।

ରେଭେନ୍ସା କଲେଜିଏଟ୍ ଛାତ୍ରାବାସ

୨୫, ଅକ୍ଟୋବର ୨୦୧୨

ପୂଜାସ୍ପଦ ବାପା,

ମୋର ଭୂମିଷ୍ଠ ପ୍ରମାଣ ନେବେ । ଆଶାକରେ ଆପଣ ସେଠାରେ କୁଶଳରେ ଥିବେ । ଆପଣଙ୍କ ଚିଠି ଗତ ସପ୍ତାହରେ ପାଇଥିଲି । ତାହା ମୋତେ ଅସୀମ ଆନନ୍ଦ ପ୍ରଦାନ କରିଥିଲା । ଆପଣଙ୍କ ଚିଠି ପଢ଼ିବା ସମୟରେ ମୁଁ ଯେମିତି ଅନୁଭବ କରୁଥିଲି, ଆପଣ ମୋ ନିକଟରେ ଉପସ୍ଥିତ ହୋଇ କଥା କହୁଛନ୍ତି । ଆପଣ ମୋ ଜୀବନର ଲକ୍ଷ୍ୟ ଜାଣିବାକୁ ଚାହିଁଛନ୍ତି । ସେହି ବିଷୟରେ ନିମ୍ନରେ ଲେଖୁଅଛି ।

ମୋ ମତରେ ଛାତ୍ରାବସ୍ଥାରୁ ନିଜ ଜୀବନର ଲକ୍ଷ୍ୟ ପ୍ରତି ସମସ୍ତେ ସଜାଗ ହେବା ଉଚିତ । କାରଣ ମୂଳଦୁଆ ଉପରେ ଗୃହର ଭାର ନିର୍ଭର କରେ । ପ୍ରତ୍ୟେକ ପିଲା ଏହି କାଳରୁ ନିଜ ଜୀବନର ଲକ୍ଷ୍ୟ ପ୍ରତି ନିଷ୍ପତ୍ତି ନେବା ଉଚିତ । ଏହି ପରିପ୍ରେକ୍ଷୀରେ ମୁଁ ମୋ ଜୀବନର ଲକ୍ଷ୍ୟ ସ୍ଥିର କରି ନେଇଅଛି । ଭବିଷ୍ୟତରେ ଜଣେ ଡାକ୍ତର ହେବା ପାଇଁ ମୁଁ ଆଜିଠାରୁ ସଙ୍କଳ୍ପବଦ୍ଧ । ବର୍ତ୍ତମାନ ସମୟରେ ଜଣେ ଡାକ୍ତର ହେବା ବହୁ କଷ୍ଟକର ବ୍ୟାପାର ହୋଇଥିଲେ ମଧ୍ୟ ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସ ବଳରେ ଏହି ଲକ୍ଷ୍ୟ ସ୍ଥଳରେ ମୁଁ ନିଶ୍ଚିତ ଭାବେ ପହଞ୍ଚି ପାରିବି ବୋଲି ମୋର ଆଶା ।

ଏବେ ଠାରୁ ମୁଁ ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି ମୋର ପଢ଼ାପଢ଼ିର କୌଶଳ ସ୍ଥିର କରି ନେଇଛି । କଠିନ ପରିଶ୍ରମ କରି ପୁସ୍ତକ ଅଧ୍ୟୟନ ସହିତ ସାଧାରଣ ଜ୍ଞାନ ଓ ବିଜ୍ଞାନ ପ୍ରତି ବେଶ ଦୃଷ୍ଟି ଦେଉଅଛି । ମାଟ୍ରିକ୍ ପାଶ୍ ପରେ ମୁଁ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇବା ସହିତ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଦେବାରେ ହେଳା କରିବି ନାହିଁ । ମୋର ଦୃଢ଼ ମନୋବଳ ଓ ଏକାଗ୍ରତା ଯୋଗୁଁ ନିଶ୍ଚୟ ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇବି । ଡାକ୍ତରୀ ପାଠ (ଏମ.ବି.ବି.ଏସ୍.) ସମାପ୍ତ କରି ମୁଁ ସରକାରଙ୍କ ନିଯୁକ୍ତି ଉପରେ ନିର୍ଭର କରିବାକୁ ଚାହେଁ ନାହିଁ । ବରଂ ବିଭିନ୍ନ ଋଣ ଲଗାଣ ସଂସ୍ଥା ଜରିଆରେ ଋଣ ନେଇ ଏକ କ୍ଲିନିକ୍ ଖୋଲିଲେ ଜନସାଧାରଣଙ୍କର ସେବା କରିବାର ସୁଯୋଗ ପାଇବି । ଏହା ଦ୍ୱାରା ସମାଜର ଦରିଦ୍ର, ଅବହେଳିତ ତଥା ପଛୁଆ ଲୋକମାନେ ଉପକୃତ ହେବେ ।

ଏହିଭଳି ଏକ ଉଚ୍ଚ ଆଶା ନେଇ ମୋ ଜୀବନର ଲକ୍ଷ୍ୟ ସ୍ଥିର କରିଅଛି । ଏଥିପାଇଁ ଆପଣଙ୍କର ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ । ଏଠାରେ ସମସ୍ତ ଖବର ଭଲ । ଏତିକିରେ ରହୁଛି ।

॥ ଇତି ॥

ଆପଣଙ୍କର ସ୍ନେହାଧୀନ ପୁତ୍ର

ଜିତେନ୍ଦ୍ର

ଠିକଣା

ପ୍ରେରକ

ଜିତେନ୍ଦ୍ର କୃଷ୍ଣ ପ୍ରଧାନ

ରୁମ୍ ନଂ –୮

ରେଭେନ୍ସା କଲେଜିଏଟ୍ ଛାତ୍ରାବାସ

ଜି- କଟକ

ଟିକେଟ

ଗ୍ରାହକ

କୃଷ୍ଣଚନ୍ଦ୍ର ପ୍ରଧାନ

ରାଜସ୍ୱ ବିଭାଗ

ରାଜ୍ୟ ସଚିବାଳୟ, ଭୁବନେଶ୍ୱର

ଜି-ଖୋର୍ଦ୍ଧା

୬. ତୁମେ ଦେଖିଥିବା ଏକ ଆଦିବାସୀ ମେଳା ବର୍ଣ୍ଣନା କରି ତୁମର ଜଣେ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

ରାମଚନ୍ଦ୍ରପୁର

୧୫, ନଭେମ୍ବର ୨୦୧୨

ପ୍ରିୟ କମଳ,

ମୋର ଶୁଭେଚ୍ଛା ନେବୁ । ମଉସା, ମାଉସୀଙ୍କୁ ପ୍ରଣାମ ଓ ପିଲାମାନଙ୍କୁ ସ୍ନେହାଶିଷ ଜଣାଇଦେବୁ । ମୁଁ ଏଠାରେ ଭଲରେ ଅଛି । ଆଶା କରେ ସପରିବାରେ ଭଲରେ ଥିବୁ ।

କମଳ, ଏବେ ଭୁବନେଶ୍ୱରେ ଯେଉଁ ଆଦିବାସୀ ମେଳା ହୋଇଥିଲା ତାହା ମୁଁ ଦେଖିବାକୁ ଯାଇଥିଲି । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ସରକାରୀ ବ୍ୟୟରେ ଏକ ବିରାଟ ଆଦିବାସୀ ମେଳା ଅୟୋଜିତ ହୋଇଥିଲା । ଗଞ୍ଜାମରୁ କନ୍ଧ, କୋରାପୁଟରୁ ସଉରା, ମୟୁରଭଞ୍ଜ ଓ କେନ୍ଦୁଝରରୁ କୋହ୍ଲମାନଙ୍କୁ ଏଠାକୁ ଅଣାଯାଇଥିଲା । ସେମାନଙ୍କ ଜୀବନଯାତ୍ରାର ଚିତ୍ର ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା । ଆଦିବାସୀଙ୍କ କୁକୁଡ଼ା ପାଳନ, ମହୁ ମାରିବାର ପ୍ରଣାଳୀ, ମହୁଲ ରଖିବାର କାଇଦା, ସେମାନଙ୍କ ବ୍ୟବହୃତ ଧନୁ-ଶର ଓ ବର୍ଚ୍ଛା ଆଦି ଅସ୍ତ୍ର ଶସ୍ତ୍ର ଠାଆକୁ ଠାଆ ଦର୍ଶା ଯାଇଥିଲା । ପୁନଶ୍ଚ ସେମାନଙ୍କ ଜୀବନଧାରା ସୂଚକ କେତେକ ମୃଣ୍ମୟ ଶିଳ୍ପ ଏବଂ ନୁଆଣିଆ ଘର ଓ ଅଗଣାଦି ଗୋଟିଏ ସ୍ଥାନରେ ନିର୍ମିତ ହୋଇଥିଲା । ଅନ୍ୟ ଏକ ସ୍ଥାନରେ ଆଦିବାସୀ ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ମିଶି ଚାଙ୍ଗୁନାଚ ଓ ଘୁମୁରାନାଚ ଦେଖାଉଥିଲେ । ଅନ୍ୟତ୍ର ଆଦିବାସୀଙ୍କ ଶିକାର ଅନୁକରଣରେ ନୃତ୍ୟାଭିନୟ ପ୍ରଦର୍ଶିତ ହେଉଥିଲା । ସରକାରୀ ଅଫିସରମାନେ ସରକାରଙ୍କ ଆଦିବାସୀ ଉନ୍ନୟନ ଯୋଜନା ସମ୍ପର୍କରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବୁଝାଉଥିଲେ । ଏହି ମେଳାରେ ପ୍ରବଳ ଜନସମାଗମ ହୋଇଥିଲା । ଶାନ୍ତି ରକ୍ଷା ନିମିତ୍ତ ପୋଲିସ ମୁତୟନ କରାଯାଇଥିଲା । ପ୍ରତ୍ୟେକ ଦର୍ଶକ ଏହି ମେଳାରେ ଆନନ୍ଦ ଲାଭ କରିଥିଲେ ।

ତୁମକୁ ଏହା କିପରି ଲାଗିଲା ଲେଖି ଜଣାଇବ ।

॥ ଇତି ॥

ତୁମର ବନ୍ଧୁ

ତପନ

ଠିକଣା

ପ୍ରେରକ	ଗ୍ରାହକ
ଶ୍ରୀ ତପନ କୁମାର ସାହୁ	ଶ୍ରୀ କମଳାକାନ୍ତ ଦାସ
ସା/ପୋ- ରାମଚନ୍ଦ୍ରପୁର	ସା/ପୋ- ଶିବରାମପୁର
ଜି- ଗଞ୍ଜାମ	ଜି- କେନ୍ଦ୍ରାପଡା

ଟିକେଟ

୨୨.୪ ବାଣିଜ୍ୟିକ ଓ ଦପ୍ତର ପତ୍ର :

ବାଣିଜ୍ୟିକ ଅର୍ଥାତ ବ୍ୟବସାୟ ସମ୍ପର୍କିତ ପତ୍ର । ଏହି ପ୍ରକାର ପତ୍ର ବ୍ୟବସାୟ ସମ୍ପର୍କରେ କେତେକ ବିଶେଷ କଥା ସହିତ ବ୍ୟକ୍ତି ବା ବ୍ୟବସାୟିକ ଅନୁଷ୍ଠାନ ଲେଖିଥାନ୍ତି । ଯଦିଓ ଏହା ବ୍ୟକ୍ତିଦ୍ୱାରା ଲେଖାଯାଇଥାଏ ତଥାପି ଏହା ବ୍ୟକ୍ତିଗତ ପତ୍ର ନୁହେଁ । କାରଣ ଏହା ବ୍ୟବସାୟ ପାଇଁ ଆବଶ୍ୟକ ତଥ୍ୟ ଭିତ୍ତିକ ପତ୍ରଟିଏ । ଏଣୁ ଏ ପ୍ରକାର ପତ୍ରର ଭାଷା ଓ ବିଷୟ ସ୍ୱତନ୍ତ୍ର । ଏଥିରେ ନିର୍ଦ୍ଦିଷ୍ଟ ତଥ୍ୟ ସଂକ୍ଷେପରେ ଲେଖାଯାଇଥାଏ । ଗୋଟିଏ ଅନୁଷ୍ଠାନ ଏପରି ଚିଠି ଏକାଧିକ ବ୍ୟବସାୟ କେନ୍ଦ୍ର, ସଂସ୍ଥା ବା ଅନୁଷ୍ଠାନକୁ ଲେଖିଥାନ୍ତି । ଅନେକ ସମୟରେ ବ୍ୟବସାୟୀ, ଟିକସ ସଂସ୍ଥା ବା ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରେ ଏହି ଚିଠି ଆଦାନ-ପ୍ରଦାନ ହୋଇଥାଏ । ଏପ୍ରକାର ପତ୍ରକୁ କେତେକ ବିଶେଷ ବିଭାଗରେ ବିଭକ୍ତ କରି ଲେଖାଯାଏ ।

୧. ଏଥିରେ ଅନୁଷ୍ଠାନର ନାମ, ପ୍ରେରକ ଓ ଠିକଣା ଥାଏ ବା ବ୍ୟବସାୟିକ ସଂସ୍ଥାର ନାମ ଥିବା କାଗଜ ମଧ୍ୟ ବ୍ୟବହାର କରାଯାଏ । ଯଥା: ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ମହାନଦୀ କୋଲ୍ ଫିଲଡ୍ ଇତ୍ୟାଦି । ଏପରି Letter headରେ ଅନୁଷ୍ଠାନର ସ୍ଥାନୀୟ ଠିକଣା ଓ ଫୋନ୍ ନମ୍ବର ମଧ୍ୟ ଥାଏ ।

୨. କେତେକ Letter head ବ୍ୟକ୍ତିର ବ୍ୟକ୍ତିଗତ ବ୍ୟବହାର ପାଇଁ ମଧ୍ୟ କରାଯାଇଥାଏ ।

୩. ଏପରି Letter headର ଉପର ଦୁଇପଟେ ଚିଠି ନମ୍ବର, ତାରିଖ ପାଇଁ ସ୍ଥାନ ରହିଥାଏ ।

୪. ବ୍ୟକ୍ତି, ଅନୁଷ୍ଠାନ ଇତ୍ୟାଦିକୁ ଆବଶ୍ୟକୀୟ ସମ୍ବୋଧନ ସହ ବ୍ୟକ୍ତିର (Position ବା Designation) ଉପାଧି ଇତ୍ୟାଦି ଲେଖାଯାଏ । ବିଷୟ ବା ପ୍ରସଙ୍ଗ ଏହା ତଳକୁ ସ୍ପଷ୍ଟ କରାଯାଇଥାଏ ।

ଯଥା : କ) ବିଷୟ : ଶହେ ବସ୍ତା ସିମେଣ୍ଟ ପଠାଇବା ସମ୍ବନ୍ଧରେ ।
ଖ) ବିଷୟ : ଆୟକର ପଇଠ ସମ୍ପର୍କରେ ।

୫. ଏଥିରେ ଛୋଟ ଛୋଟ ଅନୁଚ୍ଛେଦ ରହିବା ସହିତ ଆବଶ୍ୟକ ସ୍ଥଳେ ଅନୁଚ୍ଛେଦର କ୍ରମାଙ୍କ ମଧ୍ୟ ରହିବ ।

୬. ପରିଶେଷରେ ପ୍ରାପକ ଅନୁଷ୍ଠାନ ବା ବ୍ୟକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସମ୍ବୋଧନରେ ଚିଠି ଶେଷ କରାଯିବ । ତା' ତଳକୁ ବ୍ୟବସାୟ ସଂସ୍ଥାର ନାମ ପ୍ରଭୃତି ରହିବ ।

୭. କେତେକ ନିର୍ଦ୍ଦିଷ୍ଟ ଅଫିସ ଚିଠିର ଅନୁଲିପି (copy) ବିଭିନ୍ନ ସ୍ଥାନକୁ ପଠାଇବାକୁ ଥାଏ । ସେପରି ଚିଠିର ତଳେ ଲେଖିଦେବାକୁ ହୁଏ - ଏହାର ଏକକିତା ନକଲ (copy to) ଆବଶ୍ୟକୀୟ ସ୍ଥାନଙ୍କ ଅବଗତି ନିମନ୍ତେ ପଠାଗଲା ।

✡ ଉଭୟ ପତ୍ର ମଧ୍ୟରେ ଏକ ତୁଳନା ଯାହା ପ୍ରତି ଛାତ୍ର-ଛାତ୍ରୀମାନେ ଧ୍ୟାନ ଦେବା ଉଚିତ୍ ।

i) ବ୍ୟକ୍ତିଗତ ପତ୍ର ଆନ୍ତରିକତା ଶ୍ରଦ୍ଧା ଓ ସମ୍ମାନ ଆବଶ୍ୟକ କରୁଥିବାବେଳେ ବ୍ୟବସାୟିକ ପତ୍ରରେ ସମ୍ମାନ ପ୍ରଦର୍ଶନ ନିହାତି ଦରକାର ।

ii) ବ୍ୟକ୍ତିଗତ ପତ୍ରର ସୀମା ବ୍ୟାପକ ବେଳେ ବ୍ୟବସାୟିକ ପତ୍ରର ବିଷୟ ସୀମିତ ।

iii) ଇ-ମେଲ, ଫ୍ୟାକ୍ସ ବା ନେଟ୍‌କୁ ମାଧ୍ୟମ କଲାବେଳେ ସଂକ୍ଷିପ୍ତତା ପ୍ରତି ଦୃଷ୍ଟିଦେବା ନିହାତି ଜରୁରୀ । ଏହା ସହିତ ନିଜର ଓ ଅନ୍ୟର ଫାଇଲ୍, ଖାତା, ପାସ୍ ୱାର୍ଡ୍ ଓ କୋଡ୍‌ର ବ୍ୟବହାର ଆବଶ୍ୟକ ଅନୁସାରେ କରିବାକୁ ହେବ ।

୨୨.୫ ବିଭିନ୍ନ ଚିଠିର ନମୂନା :

୧. ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ପାଇଁ ଅନୁମତି ଓ ସହଯୋଗ ପ୍ରାର୍ଥନା କରି ଜିଲ୍ଲାପାଳଙ୍କୁ ଦରଖାସ୍ତ ।

ପ୍ରାପ୍ତେଷୁ : ମାନନୀୟ ଜିଲ୍ଲାପାଳ, ଯାଜପୁର ଜିଲ୍ଲା, ଯାଜପୁର
(ଅଧ୍ୟକ୍ଷ, ଗୋପବନ୍ଧୁ ଚୌଧୁରୀ କଲେଜ , ରାମଚନ୍ଦ୍ରପୁର, ବରୀଙ୍କ ଜରିଆରେ)

ବିଷୟ : ବନ୍ୟାଗ୍ରସ୍ତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବାଣ୍ଟିବା ପାଇଁ ଅନୁମତି ନିମନ୍ତେ ଆବେଦନ ।

ମହାଶୟ,

ଆମେମାନେ ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ, ରାମଚନ୍ଦ୍ରପୁର ଜାତୀୟ ସେବା ସଂସ୍ଥାର ଛାତ୍ରଛାତ୍ରୀ । ବରୀ, ବୋଦୁଅ, ଅରେଇ ଓ ବାଲିଆ ଅଞ୍ଚଳରେ ବନ୍ୟା ପ୍ରଭାବିତ ଲୋକମାନଙ୍କ ମଧ୍ୟରେ ଆମେ ରିଲିଫ୍ ସାମଗ୍ରୀ ବାଣ୍ଟିବା ପାଇଁ ଆପଣଙ୍କର ଅନୁମତି ପ୍ରାର୍ଥନା କରୁଅଛୁ ।

ଆମ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ୍ ଅଫିସର ତଥା ଇତିହାସ ଅଧ୍ୟାପକ ଡକ୍ଟର ହରିହର ଶତପଥୀ ଆମ ସହିତ ବନ୍ୟାଞ୍ଚଳରେ ରିଲିଫ୍ ବାଣ୍ଟିବା ପାଇଁ ଯାଉଛନ୍ତି । ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ୨୦ ଜଣ ଛାତ୍ର ଓ ୫ ଜଣ ଛାତ୍ରୀ ଅଛନ୍ତି ।

ସ୍ୱେଚ୍ଛାସେବୀ ଦଳ ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରୁ ତା ୧୮/୦୮/୨୦୧୨ ରିଖ ଶନିବାର ଦିନ ସକାଳ ୭ଟାରୁ ବାହାରି ଯଥାକ୍ରମେ ବରୀ, ବୋଦୁଅ, ଅରେଇ ଦେଇ ଶେଷରେ ସାମନ୍ତସିଂହାର ବାଲିଆରେ ପହଞ୍ଚିବେ । ଚୂଡ଼ା, ଗୁଡ଼, ଚାଉଳ, ସିଝା ଆଳୁ, ଲୁଗା ଓ ପଲିଥିନ୍ ନେଇ ଗୋଟିଏ ଟ୍ରକ୍ ନଂ- ଓଆର୍୦୪ ବି-୧୩୨୬ ଗନ୍ତବ୍ୟ ସ୍ଥଳରୁ ବାହାରି ଉଲ୍ଲିଖିତ ସ୍ଥାନ ଦେଇ ବାଲିଆରେ ପହଞ୍ଚିବ ।

ଟିପ୍ପଣୀ

ଆପଣଙ୍କୁ ବିଶେଷ ଅନୁରୋଧ, ଆପଣ ରିଲିଫ୍ କାର୍ଯ୍ୟରେ ସହାୟତା କରିବା ପାଇଁ ଦୁଇ ଜଣ କନେଷ୍ଟବଳ ଓ ଗୋଟିଏ ପାୱାର ଲଞ୍ଚ୍‌ର ବ୍ୟବସ୍ଥା କଲେ ଆମେ ଉପକୃତ ହେବୁ ।

ଆପଣଙ୍କର ସଦୟ ଆଶୁ ସହଯୋଗକୁ ଅପେକ୍ଷା କରୁଛୁ ।

ରାମଚନ୍ଦ୍ରପୁର, ବରୀ ॥ ଇତି ॥

ଆପଣଙ୍କର ସୌଜନ୍ୟମୁଗ୍ଧ
ରାମଚନ୍ଦ୍ର ସାହୁ
ଜାନକୀ ସାହୁ
ବିନୟ ପଣ୍ଡା ଆଦି ଛାତ୍ରଛାତ୍ରୀଗଣ

II. ବଧୂ ନିର୍ଯାତନା ସମ୍ପର୍କରେ ରାଜ୍ୟ ମହିଳା କମିଶନଙ୍କ ନିକଟରେ ଅଭିଯୋଗ

ପ୍ରାପ୍ତେଷୁ : ମାନନୀୟା ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନ, ଭୁବନେଶ୍ୱର

ବିଷୟ : ନବବଧୂ ପ୍ରତି ତାର ଶ୍ୱଶୁର ଘରର ଅତ୍ୟାଚାର ସମ୍ବନ୍ଧେ

ମହାଶୟା,

ନିବେଦନକାରୀ ମୁଁ ଶ୍ରୀମତୀ ମମତା ପଣ୍ଡା, ସ୍ୱାମୀ - ଅଜୟ ପଣ୍ଡା, ବୋଇରାଣି, ଗଞ୍ଜାମ ଆପଣଙ୍କ ନିକଟରେ ନିମ୍ନମତେ ଅଭିଯୋଗ ଦାଖଲ କରିବା ସଙ୍ଗେସଙ୍ଗେ ଏ ଅଭିଯୋଗର ସତ୍ୟାସତ୍ୟ ବିଚାର କରିବା ପାଇଁ ଅନୁରୋଧ କରୁଛି ।

ପ୍ରକାଶଥାଉକି ମୋର ବିବାହ ଶ୍ରୀ ଶଶୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଅଜୟ ସହିତ ୨୦୧୦ ମସିହା ଫେବୃଆରୀ ମାସ ୨୧ ତାରିଖ ଦିନ ସମ୍ପନ୍ନ ହୋଇଥିଲା । ଅଜୟ ଏମ.ଏଇ. ସ୍କୁଲରେ କିରାଣୀ ଭାବେ କାର୍ଯ୍ୟରତ ।

ବିବାହ ସମୟରେ ବର ପିତା (ମୋ ଶ୍ୱଶୁର) ଯୌତୁକ ବାବଦକୁ ଦୁଇ ଲକ୍ଷ ଟଙ୍କା, ଦଶ ଭରି ସୁନା, ହିରୋହୋଣ୍ଡା ବାଇକ୍ ଓ ଅନ୍ୟାନ୍ୟ ଆସବାବପତ୍ର ପାଇଁ ନଗଦ ପଚାଶ ହଜାର ଟଙ୍କା ନେଇଥିଲେ । କିଛି ଦିନ ପରେ ଗୋଟିଏ ଦୋକାନ ଖୋଲିବା ପାଇଁ ମୋ ବାପାଙ୍କ ଠାରୁ ପଚାଶ ହଜାର ଟଙ୍କା ଆଣିବାକୁ ମତେ ବାଧ କଲେ । କିନ୍ତୁ ମୋ ବାପାଙ୍କର ଆର୍ଥିକ ପରିସ୍ଥିତି ଜଣାଇ ତାଙ୍କ ଠାରୁ ଟଙ୍କା ଆଣିବା ପାଇଁ ମୁଁ ମନା କରିଦେଲି ।

ତେଣୁ ସେହିଦିନ ଠାରୁ ମୋ ଶାଶୁ ଘର ଲୋକେ ମୋ ଉପରେ ଯାବତୀୟ ଅତ୍ୟାଚାର (ଶାରୀରିକ ଓ ମାନସିକ) କରିଛନ୍ତି । ପ୍ରଥମେ କିଛି ନକହି ସହି ଯାଉଥିଲି । କିନ୍ତୁ ଏବେ ଯାବତୀୟ ମନସ୍ତାପରେ ଦିନ କାଟୁଛି । ସେମାନେ ମୋତେ ବହୁ ଖଟଣୀ ଖଟାଉଛନ୍ତି ଓ ଖରାପ ଭାଷାରେ ଗାଳି ଗୁଲଜ ମଧ୍ୟ କରୁଛନ୍ତି । ମୋ ସ୍ୱାମୀ ମଧ୍ୟ ସେଥିରୁ ବାଦ୍ ପଡ଼ି ନାହାନ୍ତି । ତାଙ୍କ ବ୍ୟବହାରରେ ମଧ୍ୟ ମୁଁ ଖୁସି ନୁହେଁ । ଗୋଟେ ସପ୍ତାହ ହେବ, ଶାଶୁ, ନଣନ୍ଦ ଓ ଶ୍ୱଶୁର ମିଶି ମୋତେ ମାଡ଼ପିଟ୍ କରିଛନ୍ତି । ପିନ୍ଧିଥିବା ଗହଣା ଓହ୍ଲାଇ ନେଇଛନ୍ତି । ମାଡ଼ମାରି ହାତର ଶଙ୍ଖା ମଧ୍ୟ ଭାଙ୍ଗି ଦେଇଛନ୍ତି । ଗତକାଲି ମୋତେ ନିଆଁରେ ପୋଡ଼ି ମାରିବାର ସବୁ ବ୍ୟବସ୍ଥା କରିଥିଲେ । ହେଲେ ମୋ ଚିତ୍କାର ଶୁଣି ପଡ଼ିଶା ଘରର ଲୋକେ କବାଟ ବାଡ଼େଇବାରୁ ମୁଁ ଅଳ୍ପକେ ରକ୍ଷା ପାଇଗଲି । ବାପା ଖବର ପାଇ ଆମ ଘରକୁ ମତେ ନେଇଆସିଛନ୍ତି । ମୁଁ ଏବେ ବାପଘରେ ରହୁଛି । ଏପରି ଅବସ୍ଥାରେ ଶାଶୁଘରକୁ ଯିବା ପାଇଁ ମୋ ସାହସ ପାଉନାହିଁ ।

ଆଗରୁ ବାପା ସ୍ଥାନୀୟ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗଟିଏ ଦେଇଥିଲେ । କିନ୍ତୁ ରାଜନୀତିକ ଚାପ ପକାଇ ସେମାନେ କାର୍ଯ୍ୟାନୁଷ୍ଠାନକୁ ଟାଳି ଦେଇଛନ୍ତି । ଏଣୁ ଏହାର ପ୍ରତିକାର କରିବା ପାଇଁ ମୁଁ ଆପଣଙ୍କ ଠାରେ ଅନୁରୋଧ କରୁଛି ।

ଆଶା, ଆପଣ ନିଜେ ଆସି ପରିସ୍ଥିତିର ସତ୍ୟତା ଅନୁସନ୍ଧାନ ପୂର୍ବକ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବେ । ଶ୍ୱଶୁର ଘର ଲୋକଙ୍କର ବ୍ୟବହାର ଦର୍ଶାଇ ମୁଁ ବାପାଙ୍କୁ ଲେଖିଥିବା ଚିଠି ଓ ଥାନାରେ ଦିଆଯାଇଥିବା ଏଫ୍.ଆଇ.ଆର୍. ର ଅବିକଳ ନକଲ ଆପଣଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏଥି ସହିତ ସଂଯୋଗ କରୁଅଛି ।

ସେରଗଡ଼
ତା. ୧୫/୦୭/୨୦୧୦ରିଖ

॥ ଇତି ॥
ଆପଣଙ୍କର ବିଶ୍ୱସ୍ତ

ମମତା ପଣ୍ଡା
ପିତା : ସରୋଜ ମିଶ୍ର
ଗ୍ରାମ – ଶେରଗଡ଼
ଜିଲ୍ଲା – ଗଞ୍ଜାମ

ଟିପ୍ପଣୀ

୩. ଏଲେକ୍ଟ୍ରୋନିକ୍ସ ମେଲ୍

ଏହାକୁ ସଂକ୍ଷେପରେ ଇ-ମେଲ୍ (E-mail) ବା କେବଳ ମେଲ୍ କୁହାଯାଉଛି । କମ୍ପ୍ୟୁଟର ଯୁଗରେ ଚିଠିପତ୍ରର ଆଦାନ ପ୍ରଦାନ ପାଇଁ ଏହା ହେଉଛି କ୍ଷିପ୍ରତମ ପଦକ୍ଷେପ । ଏହି ଚିଠି ପାଇବା ଓ ପଠାଇବା ଲୋକକୁ କମ୍ପ୍ୟୁଟରର ସହାୟତା ନେବାକୁ ପଡ଼େ । ଇମେଲ ପାଇଁ ଗ୍ରାହକ ଓ ପ୍ରାପକଙ୍କୁ ଗୋଟିଏ ଲେଖାଏଁ ଇମେଲ ଖାତା ଖୋଲିବାକୁ ପଡ଼େ । ଏଥିପାଇଁ ବିଭିନ୍ନ କମ୍ପାନୀ ଯଥା- SIFY, REDIFF ଏବଂ ଆହୁରି ଅନେକ ସଂସ୍ଥା ସେବା ଯୋଗାଇ ଦେଉଛନ୍ତି ।

ମାତ୍ର ଦୁଃଖର କଥା ଓଡ଼ିଆ ଭାଷାରେ ଇମେଲ ପଠାଇବା ସୁବିଧାଜନକ ହୋଇନାହିଁ । କାରଣ ଓଡ଼ିଆ ଚିଠି ପଠାଇବା ପାଇଁ ପ୍ରେରକ ଓ ପ୍ରାପକ ଉଭୟଙ୍କ କମ୍ପ୍ୟୁଟରରେ ଓଡ଼ିଆ ସଫ୍ଟୱେୟାର ଥିବା ଆବଶ୍ୟକ । ଅବଶ୍ୟ ବର୍ତ୍ତମାନ LEAP ଅଫିସ୍ ଭଳି କେତୋଟି ସଫ୍ଟୱେୟାରରେ ଚିଠି ସହ ଓଡ଼ିଆ ଅକ୍ଷର ବ୍ୟବହାର କରି E-MAIL ପଠାଇବାର ବ୍ୟବସ୍ଥା ଅଛି ।

ଏଥିରେ ଚିଠି ସହ ଚିତ୍ର ତଥା ଅନ୍ୟାନ୍ୟ ଦଲିଲ୍ ଦସ୍ତାବିଜ୍ ଆଦି ପଠାଇବାର ସୁବିଧା ଅଛି । ଇମେଲ ପଠାଇବା ପାଇଁ ନିମ୍ନ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ।

୧- ଏଥିପାଇଁ ଉଭୟ ପ୍ରେରକ ଓ ପ୍ରାପକର ମେଲ୍ ଖାତା ରହିବ ।
୨- ପ୍ରଥମେ ପ୍ରେରକ ନିଜ ଖାତା ଖୋଲିବେ ।
୩- ଏଥିରେ ଚିଠି ଲେଖିବା (କମ୍ପୋଜ୍) ଫାଇଲ୍ ଖୋଲିବେ ।
୪- ଉଦ୍ଦିଷ୍ଟ ସ୍ଥାନରେ ପ୍ରାପକର ଠିକଣା ଲେଖିବେ ।
୫- ନିର୍ଦ୍ଦିଷ୍ଟ ସ୍ତମ୍ଭରେ ଚିଠି ଲେଖିବେ ।
୬- ଚିଠି ସଂକ୍ଷିପ୍ତ ହେଲେ ଭଲ ଲାଗେ ।
୭- ଚିଠି ସହ ଚିତ୍ର ବା ଅନ୍ୟ କିଛି ଦଲିଲ୍ ପଠାଇବାକୁ ହେଲେ ତାହାକୁ ସଂଯୋଗ (Attach) କରିବାକୁ ହୁଏ ।

ତଳେ ଗୋଟିଏ ଚିଠିର ନମୂନା ଦିଆଗଲା ।

Yahoo Mail

Welcome Sanjay sanjaya@yahoo.co.in

To kishorekumar@yahoo.co.in

CC

Subject ବ୍ୟକ୍ତିଗତ

Content ପ୍ରିୟ କିଶୋର,

ଚିଠି ପାଇଲି । ଏବେ ମୁଁ ଏକ ଚାକିରି ସନ୍ଧାନରେ ଅଛି । ଏ ଚିଠି ସହ ମୋର ଏକ ବ୍ୟକ୍ତିଗତ ତଥ୍ୟ (Bio-data) ପଠାଉଛି । ଏହାକୁ ତୁମ ପରିଚିତ କୌଣସି କମ୍ପାନୀରେ ପହଞ୍ଚାଇବ ।

ଘରେ ସମସ୍ତେ ଭଲ ଅଛନ୍ତି ।

ଚିଠି ସହ ମୋ ପୁଅର ଜନ୍ମଦିନ ଫଟୋ ପଠାଉଛି ।

ସଞ୍ଜୟ

Attachment C :/Mydoc/myphoto/Sanjay

୪. ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପତ୍ର

ପ୍ରାପ୍ତେଷୁ : ବ୍ଲକ୍ ଉନ୍ନୟନ ଅଧିକାରୀ, ଆ-କଟାପାଲି, ସମ୍ବଲପୁର

ବିଷୟ : ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମ୍ବନ୍ଧରେ

ସ୍ମାରକ ପତ୍ର – ସଂଖ୍ୟା ୫/୧୩୭, ତା.୦୫/୦୫/୨୦୧୨ରିଖ

ମହାଶୟ,

ମୁଁ କଲ୍ୟାଣୀ ବଢ଼େଇ, ସ୍ୱା- ସ୍ୱର୍ଗୀୟ ମାଗୁଣି ବଢ଼େଇ, ସା/ପୋ- ଆ-କଟାପାଲି, ଜିଲ୍ଲା-ସମ୍ବଲପୁର, ଆପଣଙ୍କ ଠାରେ ବିନୀତ ପ୍ରାର୍ଥନା କରୁଛି ଯେ, ମୋତେ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉ ।

ମୋର ବୟସ ୬୬ ବର୍ଷ । ମୋର ସମ୍ପତ୍ତି ବୋଲି କିଛି ନାହିଁ । ମୁଁ ପର ଘରେ ବାସି ପାଇଟି କରି ଚଳେ । ଅତ୍ୟଧିକ ବୟସ ହେତୁ ମୁଁ କାମଧନ୍ଦା କରିପାରୁ ନାହିଁ । ଦିନରେ ପେଟଭରି ଖାଇବାକୁ ପାଉନାହିଁ । ମୋର ଭଲମନ୍ଦ ବୁଝିବାକୁ କେହି ନାହାନ୍ତି ।

ଏପରି ସ୍ଥଳେ ସରକାରଙ୍କ ନିକଟରେ ମୁଁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ନିବେଦନ କରିଥିଲି । କିନ୍ତୁ ତାହା ଏ ପର୍ଯ୍ୟନ୍ତ ବିଚାରକୁ ନିଆଯାଇନାହିଁ । ଆର୍ଥିକ ଅନଟନ ହେତୁ ମୋର ବଞ୍ଚି ରହିବା କଷ୍ଟକର ହୋଇପଡ଼ିଲାଣି । ଓଳିଏ ଖାଇ ଓଳିଏ ଉପାସରେ ଦିନ କାଟୁଛି ।

ତେଣୁ ଆପଣଙ୍କୁ ବିନୀତ ପ୍ରାର୍ଥନା, ମୋର ଅବସ୍ଥାକୁ ଦୃଷ୍ଟିରେ ରଖି ମୋ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଦେବାର ବ୍ୟବସ୍ଥା କଲେ ମୁଁ ଚିର ଉପକୃତ ହେବି ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ଆ-କଟାପାଲି
ତା- ..... ରିଖ

କଲ୍ୟାଣୀ ବଢେଇ
ଆ-କଟାପାଲି, ସମ୍ବଲପୁର

୫. ଗ୍ରାମରେ ନଳକୂପ ଖନନ ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ

ପ୍ରାପ୍ତେଷୁ : ମାନନୀୟ ଶ୍ରୀଯୁକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ

ପିପିଲି, ପୁରୀ

(ନହଳା ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଜରିଆରେ)

ମହାଶୟ,

ବିନୀତ ଅନୁରୋଧ ଏହି କି ଆମେ ନହଳା ଗ୍ରାମର ନିମ୍ନ ସ୍ୱାକ୍ଷରକାରୀ ଅଧିବାସୀ ଗଣ ପିଇବା ପାଣି ଜନିତ ଅସୁବିଧା ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମ ଗ୍ରାମଟି ପିପିଲି ବ୍ଲକ୍ ଅନ୍ତର୍ଗତ । ଏହି ଗ୍ରାମରେ ପ୍ରାୟ ୩୦୦୦ ଲୋକ ବାସ କରୁଛନ୍ତି । ଅଧିକାଂଶ ଲୋକ ଦାରିଦ୍ର୍ୟର ସୀମା ରେଖା ତଳେ ଓ ମୂଲପାତି ଲାଗି ଜୀବିକା ନିର୍ବାହ କରନ୍ତି । ଆମର ପାନୀୟ ଜଳ ପାଇଁ କିଛି ସ୍ଥାୟୀ ବ୍ୟବସ୍ଥା ନାହିଁ । ଖରାଦିନେ କୂଅଗୁଡ଼ିକ ପ୍ରାୟ ଶୁଖିଯାଏ । ପୋଖରୀରୁ ଜଳ ଆଣି ପିଇବା ଦ୍ୱାରା ପ୍ରତିବର୍ଷ ହଇଜା ଆଦି ଜଳବାହିତ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । କହିବା ବାହୁଲ୍ୟ ପାନୀୟ ଜଳ ସମସ୍ୟା ଏଠାରେ ପ୍ରଧାନ ସମସ୍ୟା ।

ଏଣୁ ବିନୀତ ଅନୁରୋଧ କରୁ କି ଆପଣ ସମସ୍ୟା ପ୍ରତି ସଦୟ ହୋଇ ଯଥା ସମ୍ଭବ ଶୀଘ୍ର ଜଳ କଷ୍ଟ ଦୂର ପାଇଁ ଖରା ଦିନ ପୂର୍ବରୁ ନଳକୂପ ଖୋଳିବାର ବ୍ୟବସ୍ଥା କରାଇଲେ ଆମ୍ଭେମାନେ ଚିର ଉପକୃତ ହେବୁ ।

ଆପଣଙ୍କର ବିଶ୍ୱସ୍ତ

ପିପିଲି ନହଳା ଗ୍ରାମବାସୀ ବୃନ୍ଦ

ତା- ୦୬/୦୪/୨୦୧୩ ରିଖ

୬. ବିବାହ ଉତ୍ସବରେ ଡାକବାଜି ଯନ୍ତ୍ର, ବାଣ ଓ ଶୋଭାଯାତ୍ରା ପାଇଁ ସ୍ଥାନୀୟ ଅଧିକାରୀଙ୍କ ଠାରୁ ଅନୁମତି ପତ୍ର

ପ୍ରେରକ: ମନୋଜ କୁମାର ପଣ୍ଡା

ନୂଆସାହି, ଖୋର୍ଦ୍ଧା

ପ୍ରାପ୍ତେଷୁ : ଉପଜିଲ୍ଲାପାଳ, ଖୋର୍ଦ୍ଧା

(ଖୋର୍ଦ୍ଧା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ)

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ ମୋର ଦ୍ୱିତୀୟା କନ୍ୟା ଲିନାର ବିବାହ ଖୋର୍ଦ୍ଧା ସହରସ୍ଥିତ ବ୍ରାହ୍ମଣସାହି ନିବାସୀ ଶ୍ରୀ ପ୍ରତାପ ମିଶ୍ରଙ୍କ ବଡ଼ପୁଅ ଶୁଭମ୍‌ଙ୍କ ସହିତ ତା ୦୬/୧୨/୨୦୧୨ ରିଖ ଗୁରୁବାର ଦିନ ଅନୁଷ୍ଠିତ ହେବ । ବର ଓ ବରଯାତ୍ରୀ ବ୍ରାହ୍ମଣ ସାହି ଠାରୁ ବାହାରି ଖୋର୍ଦ୍ଧା ଟାଉନ୍ ପି.ଡବ୍ଲ୍ୟୁ.ଡି. ଡାକବଙ୍ଗଳା ଛକ ଠାରେ ୬ ତାରିଖ ରାତି ୮ଟାରେ ପହଞ୍ଚିବେ । ସେଠାରୁ ବରଯାତ୍ରୀ, ଯାନବାହାନ, ବାଜା, ବାଣ, ରୋଷଣୀ ସହ ଶୋଭାଯାତ୍ରାରେ ରାତି ୯ଟାରେ ବାହାରି ମୋର ନୂଆସାହି ସ୍ଥିତ ବାସଭବନ ନିକଟରେ ଥିବା କଲ୍ୟାଣମଣ୍ଡପରେ ପ୍ରାୟ ରାତି ୧୧.୦୦ଟାରେ ପହଞ୍ଚିବେ ।

ବରଯାତ୍ରୀଙ୍କ ସଂଖ୍ୟା ଅନ୍ୟୂନ ୧୨୦ ହେବ । ବାଜାବାଲା ଓ ରୋଷଣିବାଲା ତଥା ଅନ୍ୟାନ୍ୟ ଲୋକ ମିଶି ପ୍ରାୟ ୧୫୦ ଜଣ ବର ସହିତ ଆସିବାର ସମ୍ଭାବନା ରହିଛି ।

ଏଣୁ ବିନୀତ ଅନୁରୋଧ ଆପଣ ଦୟାପୂର୍ବକ ଏହି ଶୋଭାଯାତ୍ରା ନିମନ୍ତେ ଅନୁମତି ଦେବା ସହିତ ଆନୁଷଙ୍ଗିକ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିହିତ ପଦକ୍ଷେପ ନେବେ ।

ଆପଣଙ୍କର ଅବଗତି ପାଇଁ ନିମନ୍ତ୍ରଣ ପତ୍ରରୁ ଖଣ୍ଡିଏ ଏହି ଦରଖାସ୍ତ ସହିତ ସଂଯୋଗ କରି ପଠାଉଛି ।

ନୂଆସାହି, ଖୋର୍ଦ୍ଧା
ତା- ୦୨/୧୨/୨୦୧୨ ରିଖ

ଆପଣଙ୍କର ବିଶ୍ୱସ୍ତ
ମନୋଜ କୁମାର ପଣ୍ଡା

୭. ଘର ଖାଲି କରିବା ପାଇଁ ଭଡ଼ାଟିଆକୁ ଘର ମାଲିକର ପତ୍ର

ଭୁବନେଶ୍ୱର
ତା ୧୮/୦୪/୨୦୧୩

ପ୍ରିୟ ସାହୁବାବୁ,

ମୁଁ ଆପଣଙ୍କୁ ମନେ ପକାଇ ଦେବାକୁ ଚାହେଁ ଯେ ଆପଣ ଜାନୁୟାରୀ ମାସ ଶେଷ ସୁଦ୍ଧା ମୋ ଘର ଖାଲି କରିଦେବାକୁ ଦିନ ଓ ସମୟ ଧାର୍ଯ୍ୟ କରି ମୋତେ ଚିଠିରେ ଜଣାଇଥିଲେ । ଆର୍ଥିକ ଅସୁବିଧା ଦର୍ଶାଇ ଆପଣ ଗତ ଛଅ ମାସର ଭଡ଼ା ବାକି ରଖିଛନ୍ତି । ବକେୟା ଦେୟ ଦେବା ପାଇଁ କହିଲେ ଆପଣ କୌଣସି ନା କୌଣସି ବାହାନା କରି ସେ କଥାକୁ ଟାଳି ଦେଉଛନ୍ତି । ଏହି କାରଣରୁ ମୁଁ ଆପଣଙ୍କୁ ମାର୍ଚ୍ଚ ମାସର ୩୧ ତାରିଖ ସୁଦ୍ଧା ଘର ଛାଡ଼ି ଦେବାକୁ କହିଥିଲି । ଆପଣ ମଧ୍ୟ ରାଜି ହୋଇଥିଲେ । ଏଥିପାଇଁ ମୋର ପ୍ରାପ୍ୟରୁ କୋଡ଼ିଏ ପ୍ରତିଶତ ରିହାତି ଦେବା ପାଇଁ ମଧ୍ୟ ପ୍ରତିଶୃତି ଦେଇଥିଲି ।

କିନ୍ତୁ ମତେ ଦୁଃଖର ସହିତ ଜଣାଇବାକୁ ପଡୁଅଛି ଯେ , ଆପଣ ନିଜର ପ୍ରତିଶୃତି ପାଳନ କରିନାହାନ୍ତି ଓ ମୋ ଘରେ ଜବରଦସ୍ତି ରହୁଛନ୍ତି । ଏହା ଆମ ଭିତରେ ହୋଇଥିବା ଚୁକ୍ତିନାମାର ବିରୁଦ୍ଧାଚରଣ କରୁଅଛି । ଏ ପରିସ୍ଥିତିରେ ମୁଁ ମୋର ପ୍ରାପ୍ୟରୁ ରିହାତି ଦେବା କଥା ପାଳନ କରିବା ସମ୍ଭବ ହେବ ନାହିଁ ।

ଯାହା ହେଉ, ଏହି ପତ୍ରକୁ ନୋଟିସ୍ ଭାବରେ ଗ୍ରହଣ କରି ଆପଣ ଏପ୍ରିଲ୍ ୩୦ ତାରିଖ ପୂର୍ବରୁ ମୋର ଘର ଖାଲି କରି ଅନ୍ୟତ୍ର ଯିବାର ବ୍ୟବସ୍ଥା କରିବାକୁ ଅନୁରୋଧ । ଏହାର ଖିଲାପ କଲେ ମୁଁ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବି । ପରବର୍ତ୍ତୀ ପରିସ୍ଥିତି ପାଇଁ ଆପଣ ଦାୟୀ ରହିବେ ।

ନମସ୍କାରନ୍ତେ

ଆପଣଙ୍କର ବିଶ୍ୱସ୍ତ
ବିଜନ ବିହାରୀ ରାୟ

ପ୍ରେରକ
ବିଜନ ବିହାରୀ ରାୟ
କନିଷ୍ଠ ଅଧିକାରୀ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ,
ଭୁବନେଶ୍ୱର

ଗ୍ରାହକ
ଶ୍ରୀ ପ୍ରଶାନ୍ତ ସାହୁ
ଘର ନଂ- ଜି/ ୨
କଣ୍ଟ୍ରାକ୍ଟର କଲୋନୀ,
ବୁର୍ଲା, ସମ୍ବଲପୁର

୮. ବ୍ୟବସାୟରେ ଅନ୍ୟ ଜଣକୁ ଅଂଶୀଦାର / ଭାଗିଦାର ଭାବରେ ଗ୍ରହଣ କରିବା ଜଣାଇ ବ୍ୟାଙ୍କକୁ ଚିଠି

ପ୍ରେରକ: ମେସର୍ସ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ ଏଣ୍ଡ କମ୍ପାନୀ
ଗେଟ୍ ବଜାର ଛକ, ବ୍ରହ୍ମପୁର, ଗଞ୍ଜାମ

ପ୍ରାପ୍ତେଷୁ : ବରିଷ୍ଠ ଶାଖା ପରିଚାଳକ
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଗେଟ୍ ବଜାର, ବ୍ରହ୍ମପୁର

ମହାଶୟ,

ମୁଁ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ, ସାଧାରଣ ପରିଚାଳକ, ଜଣାଉଛି କି ଆପଣଙ୍କ ବ୍ୟାଙ୍କରେ ମୋ ନାମରେ ଆକାଉଣ୍ଟ ନଂ ୩୦୩୯୫୫୨୬ର ଗୋଟିଏ ଚଳନ୍ତି ଜମା ଅଛି, ଯାହାକୁ ମୁଁ କେବଳ ସତ୍ତ୍ୱାଧିକାରୀ ଭାବରେ କାରବାର କରୁଅଛି ।

ମୋ ସହିତ ଅନ୍ୟ ଜଣକୁ ମୋର ବ୍ୟବସାୟରେ ଅଂଶୀଦାର ଭାବରେ ତା ୦୮/୦୬/୨୦୧୩ ରିଖ ଓ ତା ପରଠାରୁ ଗ୍ରହଣ କରିବାକୁ ମନସ୍ଥ କରିଛି । ତେଣୁ ଉପରସୂଚିତ ଚଳନ୍ତି ଖାତାଟିର କାରବାର ଆମ ଦୁଇଜଣଙ୍କ ମଧ୍ୟରୁ କେହି ହେଲେ ଚଳାଇ ପାରିବାର ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ ।

ଏହି ସମ୍ପର୍କରେ ମୋତେ କଣ କରିବାକୁ ପଡ଼ିବ, ଦୟା କରି ତାହା ଜଣାଇବାକୁ ଅନୁରୋଧ । ଆପଣଙ୍କ ଠାରୁ ସୂଚନା ପାଇଲା ପରେ ମୁଁ ଏ ବିଷୟରେ ପଦକ୍ଷେପ ନେଇପାରିବି ।

ଆଶା ଆପଣ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ।

ଧନ୍ୟବାଦ ସହ ।

ଆପଣଙ୍କର ବିଶ୍ୱସ୍ତ
ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ

୯. ବସ୍‌ରେ ହଜିଥିବା ଜିନିଷ ସମ୍ପର୍କରେ ରାଜ୍ୟ ପରିବହନ ଅଧିକାରୀଙ୍କୁ ପତ୍ର

ପ୍ରେରକ: ଗୋବିନ୍ଦ ଚନ୍ଦ୍ର ମହାପାତ୍ର
ପରିଚାଳନା ନିର୍ଦ୍ଦେଶକ
କଲ୍ୟାଣୀ କଲର୍ ଇଣ୍ଡଷ୍ଟ୍ରି
ମଞ୍ଚେଶ୍ୱର, ଭୁବନେଶ୍ୱର-୧୨

ପ୍ରାପ୍ତୃଷୁ : ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ,
ଭୁବନେଶ୍ୱର

ବିଷୟ : ଓ.ଆର୍. ୦୨-୨୦୦୫ ନମ୍ବର ବସ୍‌ରେ ହଜିଥିବା ପ୍ୟାକେଟ୍ ସମ୍ପର୍କରେ

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ଉପର ସୂଚିତ ବସ୍‌ରେ ଆମ କମ୍ପାନୀର କଞ୍ଚାମାଲ୍ କଲିକତାର 'ଏସିଆନ୍ ପେଣ୍ଟସ୍ ଏଣ୍ଡ କେମିକାଲ୍‌ସ'ରୁ ଭୁବନେଶ୍ୱର ଆସୁଥିଲା । ଛୋଟଛୋଟ ୧୨ଟି ପ୍ୟାକେଟ୍‌ରେ ଥିବା ଏହି ମାଲ୍‌ଟକ ବାବୁଘାଟରେ ଗାଡ଼ିକୁ ଚଢ଼ା ଯାଇଥିଲା ଓ ସେଗୁଡ଼ିକ ରସୁଲଗଡ଼ ଛକରେ ଓହ୍ଲାଇବାର ଥିଲା । କିନ୍ତୁ ଦୁଃଖର ବିଷୟ, ରସୁଲଗଡ଼ ଠାରେ ବସ୍ ପହଞ୍ଚିବା ପରେ ଆମ ମାଲ୍ ନ ଥିଲା । ଆମ ମାଲ ପରିବର୍ତ୍ତେ ଆମକୁ ୧୨ଟି ଇଲେକ୍ଟ୍ରିକ୍ ଜିନିଷ ଥିବା ପ୍ୟାକେଟ୍ ମିଳିଛି । ମୋର ମନେହୁଏ ଭୁଲ ବଶତଃ ପ୍ୟାକେଟ୍‌ଟି ଏପାଖ ସେପାଖ ହୋଇଯାଇଛି ।

ଆପଣଙ୍କ ଅବଗତି ନିମନ୍ତେ ଗାଡ଼ି ମାଲ୍ ଭଡ଼ା ରସିଦ୍ ଓ ଡିପୋରୁ ମିଳିଥିବା ଜିନିଷର ଚିଠା ରସିଦ୍‌ର ଜେରକ୍ସ କପି ଏଥି ସହିତ ପ୍ରଦାନ କରୁଛି । ଆମର ଜିନିଷ ଗୁଡ଼ିକର ଅନୁସନ୍ଧାନ କରି ଉପର ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ ।

ଆପଣଙ୍କର ବିଶ୍ୱସ୍ତ
ଗୋବିନ୍ଦ ଚନ୍ଦ୍ର ମହାପାତ୍ର

୯. ତୁମ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଅନୁରୋଧ କରି କର୍ତ୍ତୃପକ୍ଷଙ୍କୁ ପତ୍ର

ପ୍ରାପ୍ତେଷୁ : ମୁଖ୍ୟଯନ୍ତ୍ରୀ ଗ୍ରାମାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ, ଗଞ୍ଜାମ, ଓଡ଼ିଶା

ବିଷୟ : ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି ସମ୍ପର୍କରେ

ମହାଶୟ,

ନିବେଦନର କାରଣ ଏହି କି ଯେ ଆମ୍ଭେ କୃପାସିନ୍ଧୁପୁର ଓ ରାମକୃଷ୍ଣପୁର ଗ୍ରାମର ଅଧିବାସୀଗଣ ଆପଣଙ୍କ ଗୋଚରାର୍ଥେ ଜଣାଉଅଛୁ ଯେ ଆମର ଏହି ଗ୍ରାମ ଗୁଡ଼ିକରେ ପ୍ରାୟ ବାରଶହ ଲୋକ ବସବାସ କରନ୍ତି । ଏହି ଗ୍ରାମଗୁଡ଼ିକ ସେରଗଡ଼ ବ୍ଲକ୍ ଅଧିନସ୍ଥ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ରେଭିନ୍ୟୁ ଗ୍ରାମ ।

ଚଳିତ ବର୍ଷ ଫେବୃଆରୀ ମାସରୁ ପ୍ରଚଣ୍ଡ ଖରା ହେତୁ ଏଠାରେ ଥିବା କୂଅ, ପୋଖରୀ, ନାଳ ଆଦି ଶୁଖି ଯାଇଛି । ପାଖରେ ଥିବା ମୁଖ୍ୟ କେନାଲର ମରାମତି କାମ ଚାଲିଥିବାରୁ ସେଥିରେ ପାଣି ଛଡ଼ାଯାଇ ନାହିଁ । ତେଣୁ ଏ ବର୍ଷ ଆମ୍ଭେମାନେ ଘୋର ଜଳସଙ୍କଟ ଦେଇ ଗତି କରୁଛୁ ।

ବିଗତ ତିନି ବର୍ଷ ମଧ୍ୟରେ ଏହି ଗ୍ରାମ ଦୁଇଟିରେ ପାଞ୍ଚଟି ନଳକୂପ ବସାଯାଇଥିଲା । ଫଳରେ ଜଳ ସମସ୍ୟା କମିଯାଇଥିଲା । ବିଶେଷକରି ସ୍କୁଲ୍ ପରିସର ଭିତରେ ଥିବା ନଳକୂଅରୁ ପିଲାମାନେ ପାଣି ପିଉଥିଲେ । ସାମୟିକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏ ବର୍ଷ ପ୍ରାୟ ସବୁ ନଳକୂପ ଅଚଳ ହୋଇପଡ଼ିଛି । ଗୋଟିଏ ଦୁଇଟି ନଳକୂପରୁ କାଦୁଆ, କ୍ଷାରୀ ଓ ଲୁହା ଗନ୍ଧଯୁକ୍ତ ପାଣି ବାହାରୁଛି ।

ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଦୁଇଥର ଲିଖିତ ଓ ଅନେକ ଥର ମୌଖିକ ଅଭିଯୋଗ କରି ଆସିଛୁ । କିନ୍ତୁ କିଛି ଲାଭ ହୋଇନାହିଁ । ଯେଉଁ ଲୋକମାନେ ଆସି ସାମାନ୍ୟ ମରାମତି କରି ଯାଇଥିଲେ ତାହା ପୁଣି ନଷ୍ଟ ହୋଇଗଲା ।

ଏଣୁ ଆପଣଙ୍କୁ ବିନିତ ଅନୁରୋଧ କରୁ କି ଆପଣ ସ୍ୱତନ୍ତ୍ର ଅନୁସନ୍ଧାନ କରି ନଳକୂପ ଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନେଲେ ଆମେ ଚିରୋପକୃତ ହେବୁ । ଆପଣଙ୍କ ଅବଗତି ନିମନ୍ତେ ପୂର୍ବରୁ ଦିଆଯାଇଥିବା ଚିଠିଗୁଡ଼ିକର ନକଲ ଏଥିସହିତ ଦିଆଗଲା ।

ଆପଣଙ୍କର ବିଶ୍ୱସ୍ତ

ଗଞ୍ଜାମ
ତା ୧୫/୧୧/୨୦୧୧

କୃପାସିନ୍ଧୁପୁର ଓ ରାମକୃଷ୍ଣପୁର
ଗ୍ରାମବାସୀ

●●●

୨୨.୫ ସମ୍ପାଦକଙ୍କୁ ପତ୍ର :

ପତ୍ରମାନଙ୍କ ମଧ୍ୟରେ ବର୍ତ୍ତମାନ ସମୟରେ ସମ୍ପାଦକଙ୍କୁ ପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର । କାରଣ ବ୍ୟକ୍ତିଗତ ପତ୍ର ଦୁଇଜଣ ବ୍ୟକ୍ତି ବା ଗୋଟିଏ ପରିବାର ଭିତରେ ସୀମିତ ଥିଲାବେଳେ ବାଣିଜ୍ୟିକ ବା କାର୍ଯ୍ୟାଳୟ ପତ୍ର ବ୍ୟକ୍ତି ଲେଖିଲେ ମଧ୍ୟ ତାହା ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ସେହି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ଭିତରେ ସୀମିତ । କିନ୍ତୁ ସଂପାଦକଙ୍କୁ ପତ୍ର ଅଗଣିତ ପାଠକମାନଙ୍କ ପାଇଁ ଲେଖାଯାଇଥାଏ । ମନେ ରଖିବାକୁ ହେବ ମନର ଭାବନାକୁ ଇଚ୍ଛା ହିସାବରେ ଲେଖିଦେଲେ ତାହା ଗ୍ରହଣୀୟ ହେବ ନାହିଁ । ଯେକୌଣସି ବ୍ୟକ୍ତି ସମ୍ପାଦକଙ୍କୁ ଚିଠି ଲେଖିପାରନ୍ତି କିନ୍ତୁ ତାହା ଉପଯୁକ୍ତ ନହେଲେ ସଂପାଦକ ପ୍ରକାଶ କରିବେ ନାହିଁ । ତେଣୁ ପତ୍ର ବିଷୟ ତତ୍‌କାଳିକ, ବର୍ତ୍ତମାନ ପରିସ୍ଥିତି ସହ ସାମଞ୍ଜସ୍ୟ ରଖୁଥିବା ଓ ସରଳ ତଥା ସଠିକ୍ ବାର୍ତ୍ତା ବହନ କରୁଥିବା ନିତାନ୍ତ ଜରୁରୀ । ଅନ୍ୟ ଭାବରେ କହିଲେ ଏହାର ବିଷୟ ବ୍ୟକ୍ତିନିଷ୍ଠ, ସତ୍ୟାଶ୍ରୟୀ ଓ ବୌଦ୍ଧିକ ଚିନ୍ତା ପ୍ରସୂତ ହେବା ଆବଶ୍ୟକ, ଯେଉଁଥିରେ ବ୍ୟକ୍ତିଗତ କଥା ରହିବ ନାହିଁ । ଏପ୍ରକାର ପତ୍ର ଲେଖିଲାବେଳେ ବ୍ୟକ୍ତିଗତ ଆକ୍ରୋଶ, ନିର୍ଦ୍ଦିଷ୍ଟ ଅନୁଷ୍ଠାନ ପ୍ରତି ଉଦ୍ଦେଶ୍ୟମୂଳକ ଆକ୍ରମଣ ଓ ମିଛ କୁହାରଟନାଠାରୁ ଦୂରେଇ ରହିବାକୁ ହେବ ।

ବିଭିନ୍ନ ଖବରକାଗଜର ଏକ ନିର୍ଦ୍ଦିଷ୍ଟ ସ୍ତମ୍ଭରେ 'ସମ୍ପାଦକଙ୍କୁ ପତ୍ର' ପ୍ରକାଶ ପାଏ । ଏପ୍ରକାର ପତ୍ରର କ୍ରିୟା-ପ୍ରତିକ୍ରିୟା ପ୍ରତି ସଂପାଦକ ଦାୟୀ ରୁହନ୍ତି ନାହିଁ । କିନ୍ତୁ ସାଧାରଣ ଜନତାର ମତକୁ ସର୍ବସାଧାରଣଙ୍କ ପାଖରେ ପହଞ୍ଚାଉଥିବାରୁ ସଂପାଦକଙ୍କ ମହାନୁଭବତାର ପ୍ରମାଣ ମିଳେ । ଖବରକାଗଜର ସଂପାଦକ ଏ ପ୍ରକାର ପତ୍ରର ନିରପେକ୍ଷତା ପାଇଁ ଓ ନିଜର ବ୍ୟକ୍ତିଗତ ସଂପୃକ୍ତି ନ ଥିବାରୁ ପ୍ରକାଶ ପାଇଥିବା ମତାମତ ପାଇଁ ସଂପାଦକ ଦାୟୀ ନୁହଁନ୍ତି ବୋଲି ସ୍ପଷ୍ଟୀକରଣ ଦେଇଥାନ୍ତି ।

୨୨.୬ ବିଭିନ୍ନ ଚିଠିର ନମୁନା:

୧. ଓଡ଼ିଆ ଭାଷାର ସମ୍ମାନ ରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

ସଂପାଦକ, 'ସୂର୍ଯ୍ୟପ୍ରଭା' ତା ୦୨/୦୪/୨୦୧୩

୧ ଜନପଥ,

ଖାରବେଳ ନଗର

ଭୁବନେଶ୍ୱର

ମହାଶୟ,

ଓଡ଼ିଶାରେ ଓଡ଼ିଆ ଭାଷାର ସ୍ଥିତି ବା ଓଡ଼ିଆ ଭାଷା ଅପଦସ୍ଥ ହେଉଥିବାର ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏଥିରୁ ମନେହୁଏ ଓଡ଼ିଆମାନଙ୍କର ସ୍ୱାଭିମାନ ବୋଲି କିଛି ନାହିଁ । ଓଡ଼ିଶାରେ ଓଡ଼ିଆ ଭାଷାକୁ ହତାଦର କରାଯିବା ନିଶ୍ଚିତ ଭାବେ ପରିତାପର ବିଷୟ । ଓଡ଼ିଶାରେ ଛତୁ ଫୁଟିଲା ଭଳି ଇଂରାଜୀ ମିଡିୟମ୍ ସ୍କୁଲ୍ ଖୋଲାଯିବା, ବିଭିନ୍ନ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ବାସଗୃହାଦିରେ ନାମ ଫଳକ ଇଂରାଜୀ ଭାଷାରେ ଲେଖାଯିବା, ବିବାହ ବ୍ରତାଦି ମାଙ୍ଗଳିକ ଅନୁଷ୍ଠାନ ଉପଲକ୍ଷେ ପ୍ରସ୍ତୁତ ହେଉଥିବା ନିମନ୍ତ୍ରଣ ପତ୍ରଗୁଡ଼ିକ ଇଂରାଜୀ ଭାଷାରେ ଲେଖାଯିବା ପ୍ରଭୃତି ଘଟଣାମାନ ଓଡ଼ିଆ ଭାଷାକୁ ଅବହେଳା କରୁଥିବାର ଗୋଟିଏ ଗୋଟିଏ ଜ୍ୱଳନ୍ତ ପ୍ରମାଣ ।

ଯେଉଁଠି ବାଧ୍ୟବାଧକତାରେ ଓଡ଼ିଆ ଭାଷା ବ୍ୟବହାର କରାଯାଇଛି, ତାହା ବିକୃତ ରୂପ ଧାରଣ କରିଥିବା ଦେଖିବାକୁ ମିଳୁଛି । ଓଡ଼ିଆ ଭାଷାର ସେହି ବିକୃତ ରୂପ ଉପରେ ସମସ୍ତଙ୍କର ନଜର ପଡୁଛି । ମାତ୍ର ତାକୁ ସଜାଡ଼ିବା ପାଇଁ କାହାର ଉଦ୍ୟମ ନାହିଁ । କେଉଁଠି କାର୍ଯ୍ୟାଳୟର ନାମ ଫଳକରେ 'ଦୁର୍ନୀତି ନିରାବଣ କାର୍ଯ୍ୟାଳୟ' ଲେଖାଯାଇଥିବା ବେଳେ ଆଉ କେଉଁଠି ପାଣି ଟ୍ୟାଙ୍କରରେ 'ପାଣି ଢାଙ୍କି' ବୋଲି ଲେଖାଯାଇ ସାରା ସହର ଘୁରି ବୁଲୁଛି । କେଉଁଠି ନାମ ଫଳକରେ 'ଶିଳ୍ପୀ'କୁ 'ଶିପ୍ଲୀ' ବୋଲି ଲେଖାଯାଇଛି । ବିଭିନ୍ନ ବସ୍, ରେଳଡବା, ପ୍ଲାଟ୍‌ଫର୍ମ ଓ ପ୍ରେକ୍ଷାଳୟ ପ୍ରଭୃତିରେ 'ଧୂମପାନ ନିଷେଧ' ପରିବର୍ତ୍ତେ ସର୍ବତ୍ର 'ଧୂମ୍ରପାନ ନିଷେଧ' ବୋଲି ଲେଖାଯାଇଛି । 'ଭୁବନେଶ୍ୱର'କୁ 'ଭୂବନେଶ୍ୱର', 'ଅନୁଗୁଳ'କୁ 'ଅନୁଗୌଳ' ଲେଖିବା ଏକ ସାଧାରଣ ଅଭ୍ୟାସ ହେଲାଣି ।

ଏସବୁ ତ୍ରୁଟି ଉପରେ ପ୍ରତିଦିନ ବହୁ ବ୍ୟକ୍ତିଙ୍କର ଦୃଷ୍ଟି ଅବଶ୍ୟ ପଡୁଥିବ । କିନ୍ତୁ କେହି କେବେ ପ୍ରତିବାଦ କଲାଭଳି ମନେ ହୁଏ ନାହିଁ ବା ପ୍ରତିବାଦ କରି ଏହାର ସଂଶୋଧନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟରେ କେହି କେବେ ଅଭିଯୋଗ କରିନାହାନ୍ତି । ସବୁକଥା ସରକାରଙ୍କ ଉପରେ ଲଦିଦେଲେ ଚଳିବ ନାହିଁ । ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ସହ ତାର ସମୃଦ୍ଧି କାମନା ପ୍ରତ୍ୟେକ ଓଡ଼ିଆଙ୍କର ଲକ୍ଷ୍ୟ ହେବା ଉଚିତ । ଏଥିପ୍ରତି ଆମେ ସମସ୍ତେ ସଚେତନ ହେବା ଏକାନ୍ତ ଜରୁରୀ ।

ଆପଣଙ୍କର ବିଶ୍ୱସ୍ତ

କୁଳମଣି ଦାସ

ଟିପ୍ପଣୀ

୨. ଓଡ଼ିଶାରେ ନକ୍ସଲପନ୍ଥୀଙ୍କ କାର୍ଯ୍ୟକଳାପ ଓ ତା'ର ସମ୍ଭାବ୍ୟ ପ୍ରତିକାର ।

ସଂପାଦକ, ସମ୍ବାଦ ତା ୨୮/୦୫/୨୦୧୩

ରସୁଲଗଡ଼ ଶିକ୍ଷାଞ୍ଚଳ

ଭୁବନେଶ୍ୱର

ମହାଶୟ,

ସଂପ୍ରତି ନକ୍ସଲପନ୍ଥୀଙ୍କ କାର୍ଯ୍ୟକଳାପ କେବଳ ଓଡ଼ିଶା ସରକାରଙ୍କର ନୁହେଁ, ଅନ୍ୟ ପକ୍ଷରେ ଭାରତ ସରକାରଙ୍କର ମୁଣ୍ଡବ୍ୟଥାର କାରଣ ହୋଇଛି । ସରକାର ମୁକାବିଲା ମୂଳକ ମନୋଭାବ ନେଇ ଏମାନଙ୍କୁ କେବେ ବି ଦମନ କରିପାରିବେ ନାହିଁ । ସୁତରାଂ ଏ ଦିଗରେ ଅନ୍ୟ କେତେକ ବିକଳ୍ପ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯିବାର ଆବଶ୍ୟକତା ସମ୍ପର୍କରେ ଆମ୍ଭେ ଏ ପତ୍ର ମାଧ୍ୟମରେ ସରକାରଙ୍କୁ ପରାମର୍ଶ ଦେଉଛୁ ।

ଅନେକ ବର୍ଷ ଧରି ଅଗଣିତ ନିରୀହ ଆଦିବାସୀମାନଙ୍କୁ ବିଭିନ୍ନ ସାହୁକାର, ଠିକାଦାର ଏପରିକି ସରକାରଙ୍କ ଖୋଦ୍ ଅମଲାତନ୍ତ୍ର ଶୋଷଣ କରି ଆସିଛନ୍ତି । ଏମାନଙ୍କ ଅମାନବିକ କାର୍ଯ୍ୟକଳାପ ପ୍ରତି ସରକାର ମଧ୍ୟ ଉଦାସୀନ ରହି ଆସିଛନ୍ତି । ଆଦିବାସୀମାନଙ୍କୁ ଦୀର୍ଘଦିନ ଧରି ଶୋଷଣ କରି ଆସିଥିବା ଏହି ବଡ଼ବାବୁମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ କେବେ ବି ସାହସ କରିନାହାନ୍ତି । ଯଦି ବା କିଏ ପ୍ରତିବାଦ କରିଛି, ଆଇନର ଭୟ ଦେଖାଇ ତାକୁ ଦମନ କରାଯାଇଛି । ଏଭଳି ପରିସ୍ଥିତିରେ ଆଦିବାସୀମାନଙ୍କର ପ୍ରକୃତ ତ୍ରାଣକର୍ତ୍ତା ଭାବେ ନକ୍ସଲପନ୍ଥୀମାନେ ଆବିର୍ଭୂତ ହୋଇଛନ୍ତି । ଏମାନଙ୍କ ଆବିର୍ଭାବ ଫଳରେ ଆଦିବାସୀମାନେ ଯଥାର୍ଥଭାବେ ବଞ୍ଚିବାର ରାହା ପାଇଛନ୍ତି । ଆଦିବାସୀ ଅଞ୍ଚଳଗୁଡ଼ିକରେ ପୂର୍ବ ଅପେକ୍ଷା ଶୋଷଣ, ଅତ୍ୟାଚାରର ମାତ୍ରା ଯଥେଷ୍ଟ କମିଯାଇଛି । ଏଇଥି ପାଇଁ ଆଦିବାସୀମାନଙ୍କ ମନରେ ଏମାନଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହୋଇଛି । ଆଦିବାସୀମାନଙ୍କ ଠାରୁ ଦୃଢ଼ ସମର୍ଥନ ପାଇ ଏମାନେ ନିଜ ନିଜ ସଂଗଠନକୁ ସୁଦୃଢ଼ ତଥା ପ୍ରସାରିତ କରିବାରେ ଲାଗିଛନ୍ତି ।

ଏମାନଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବାକୁ ହେଲେ ସ୍ଥାନୀୟ ଆଦିବାସୀମାନଙ୍କର ସହାୟତା ନେବାକୁ ପଡ଼ିବ । ଆଦିବାସୀମାନଙ୍କ ମନରେ ସରକାର ତଥା ସରକାରୀ କଳ ପ୍ରତି ଦୃଢ଼ ଆସ୍ଥା ତଥା ବିଶ୍ୱାସ ସୃଷ୍ଟି ନ ହେଲେ ନକ୍ସଲମାନଙ୍କ ଅମାନବୀୟ କାର୍ଯ୍ୟକଳାପକୁ ପ୍ରତିହତ କରିବା ଦିଗରେ ସରକାରଙ୍କୁ ସହାୟତା କରିବା ପାଇଁ ଏମାନେ ଆଗଭର ହେବେ ନାହିଁ । ସୁତରାଂ ଏମାନଙ୍କ ମନରେ ସରକାର ତଥା ସରକାରୀ କଳ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ଜନ୍ମାଇବାକୁ ହେଲେ ସରକାରଙ୍କ ଦ୍ୱାରା କେତେକ ଆଖି ଦୃଶିଆ ପଦକ୍ଷେପ ନେବାକୁ ପଡ଼ିବ । ପ୍ରଥମେ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଚାଉଳ, କିରୋସିନି ପ୍ରଭୃତି ସୁଲଭ ତଥା ସୁଷମ ବଣ୍ଟନ ଦିଗରେ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରାଯିବା ଆବଶ୍ୟକ । ବର୍ଷ ସାରା ନିଶ୍ଚିତ କର୍ମଯୋଗାଣର ସୁବନ୍ଦୋବସ୍ତ

କରାଯିବା ଦରକାର । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ଆଦିବାସୀମାନଙ୍କୁ ସଚେତନ କରାଯାଇ ସେସବୁର ଫାଇଦା ନେବାକୁ ପରାମର୍ଶ ଦିଆଯିବା ସଙ୍ଗେସଙ୍ଗେ ଅନୁରୂପ ସୁବିଧା ଯୋଗାଇ ଦିଆଯିବା ଆବଶ୍ୟକ । ଏହା ସଙ୍ଗେ ସଙ୍ଗେ ସଚ୍ଚୋଟ, ଦକ୍ଷ, ନିଷ୍ଠାବାନ କର୍ମଚାରୀମାନଙ୍କୁ ବାଛି ଆଦିବାସୀମାନଙ୍କର ସାମାଜିକ ତଥା ଆର୍ଥିକ ଉନ୍ନତି ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ । ଜଙ୍ଗଲଜାତ ଦ୍ରବ୍ୟ ଉପରେ ସେମାନଙ୍କୁ ପୂର୍ଣ୍ଣ ଅଧିକାର ଦିଆଯାଉ ।

ଉପଯୁକ୍ତ ବ୍ୟବସ୍ଥାଗୁଡ଼ିକର ସଫଳ ରୂପାୟନ ଘଟିଲେ ସରକାରଙ୍କ ପ୍ରତି ଆଦିବାସୀମାନଙ୍କ ମନରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହେବ । ସନ୍ତ୍ରାସବାଦୀମାନଙ୍କ ଠାରୁ ମୁହଁ ଫେରାଇ ଆଣିବାକୁ ସେମାନେ ଯଥାର୍ଥ ମଣିବେ । ଏମାନଙ୍କ ଠାରୁ ସହାୟତା ନ ମିଳିଲେ ସନ୍ତ୍ରାସବାଦୀଙ୍କ କ୍ଷମତା ଓଡ଼ିଶାରେ ନିଶ୍ଚିତ ସଙ୍କୁଚିତ ହୋଇପଡ଼ିବ । ଏଥିରେ ସନ୍ଦେହ ନାହିଁ ।

ଆପଣଙ୍କର ବିଶ୍ୱସ୍ତ

ଶିବରାମ ପାତ୍ର
ପାଟପୁର, ଗଞ୍ଜାମ

୩. ବିଉଟି ପାର୍ଲରଗୁଡ଼ିକର ଅନୈତିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ପାଇଁ ଆଇନ ପ୍ରଣୟନ ହେଉ ।

ସଂପାଦକ, ପ୍ରଜାତନ୍ତ୍ର
ପ୍ରଜାତନ୍ତ୍ର କାର୍ଯ୍ୟାଳୟ
କଟକ-୨

ତା ୦୭/୦୩/୨୦୧୩

ମହାଶୟ,

ସଂପ୍ରତି ଖୋଦ୍ ରାଜଧାନୀରେ ବିଉଟି ପାର୍ଲରଗୁଡ଼ିକରେ ଚାଲିଥିବା କାର୍ଯ୍ୟକଳାପ ସମ୍ପର୍କୀୟ ଖବର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇ ଓଡ଼ିଶାର ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଉଛି । ଦୀର୍ଘଦିନ ଧରି ବିଉଟି ପାର୍ଲରର ମାଲିକମାନେ ରାଜ୍ୟ ତଥା ରାଜ୍ୟ ବାହାରର ଯୁବତୀମାନଙ୍କ ମାଧ୍ୟମରେ ଅନୈତିକ କାର୍ଯ୍ୟକଳାପ ଚାଲୁ ରଖି ବିପୁଳ ଅର୍ଥ ରୋଜଗାରରେ ଲାଗି ପଡ଼ିଥିଲେ । ଇ.ଟି.ଭି. ନ୍ୟୁଜ୍ ଟିମ୍ ସେହି ଗୋପନ ରହସ୍ୟ ପଦାକୁ ଆଣିବାରେ ସମର୍ଥ ହୋଇଛନ୍ତି । ଏଥିପାଇଁ ଇ.ଟି.ଭି. କର୍ତ୍ତୃପକ୍ଷଙ୍କୁ ଅଶେଷ ଧନ୍ୟବାଦ ।

କେବଳ ରାଜଧାନୀରେ ନୁହେଁ, ଓଡ଼ିଶାର ବଡ଼ବଡ଼ ସହରମାନଙ୍କରେ ଛତୁ ଫୁଟିଲା ପରି ବିଉଟିପାର୍ଲର ଗୁଡ଼ିକ ଗଢ଼ିଉଠିବା ମୂଳରେ ବୋଧ ହୁଏ ଏହି ମନ୍ଦ ଉଦ୍ଦେଶ୍ୟ ନିହିତ ଥିବା ମନେହେଉଛି । ଟି.ଭି., ସିନେମାର କୁପ୍ରଭାବରୁ ବହୁ ସଂଖ୍ୟକ ଯୁବକ ଯୁବତୀ ରୂପଚର୍ଯ୍ୟା ପ୍ରତି ଅଧିକ ଆକର୍ଷିତ ହୋଇ ବିଉଟି ପାର୍ଲର ଗୁଡ଼ିକରେ ଭିଡ଼ ଜମାଉଥିବା ଏ ପର୍ଯ୍ୟନ୍ତ ବିଶ୍ୱାସ କରାଯାଉଥିଲା । ମାତ୍ର ଏବେ ପୋଲିସ ଚଢ଼ଉ ଫଳରେ ଏହାର ରହସ୍ୟ ଜଣାପଡ଼ିଲା । ଖୋଦ୍ ରାଜଧାନୀରେ କେତେକ ବିଉଟିପାର୍ଲର ଉପରେ ପୋଲିସ ଚଢ଼ଉ କରି ଆପତ୍ତିଜନକ କାର୍ଯ୍ୟରେ ଲିପ୍ତ ଥିବା ଯୁବକ-ଯୁବତୀମାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏଠାରେ ପ୍ରଶ୍ନ ଉଠୁଛି, ଦୀର୍ଘଦିନ ଧରି ଏ ଗୁଡ଼ିକର ଆପତ୍ତିଜନକ କାର୍ଯ୍ୟକଳାପ ଜାରି ରହିଥିଲେ ମଧ୍ୟ ଏହା ପୋଲିସ ପ୍ରଶାସନର ନଜରକୁ ଆସି ନଥିଲା କିପରି ? ତେଣୁ ପୋଲିସବାଲାଙ୍କ କାର୍ଯ୍ୟକଳାପ ଜନସାଧାରଣଙ୍କ ସନ୍ଦେହ ଘେରକୁ ଆସିଛି । ପୋଲିସବାଲାଙ୍କ ପାଖରେ କୌଣସି ଖବର ନଥିଲା ବୋଲି କହି ସେମାନେ ନିଜ ମୁଣ୍ଡରୁ ଦୋଷ ଖସାଇଦେବାକୁ ବସିଥିଲେ ହେଁ ତାହା ଜନସାଧାରଣଙ୍କ ବିଶ୍ୱାସଯୋଗ୍ୟ ହୋଇପାରିନାହିଁ । ଆହୁରି ମଧ୍ୟ ଓଡ଼ିଶାରେ ବିଉଟିପାର୍ଲର ଖୋଲିବା ସମ୍ପର୍କରେ ସରକାର କୌଣସି ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରି ନଥିବାରୁ ଏଭଳି ବ୍ୟବସାୟରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ରୋକିବା ମଧ୍ୟ କଷ୍ଟକର ହେବ ବୋଲି ପୋଲିସ ପ୍ରଶାସନ ସଫେଇ ଦେଇଛି ।

ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ନିର୍ଦ୍ଦିଷ୍ଟ ଆଇନ୍ ପ୍ରଣୟନ ମାଧ୍ୟମରେ ବିଉଟି ପାର୍ଲର ମାଲିକମାନଙ୍କ ଉପରେ ଅଙ୍କୁଶ ଲଗାଯିବା ଆବଶ୍ୟକ । ଅନୈତିକ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଥିବା ମାଲିକମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନର ବ୍ୟବସ୍ଥା ହେବା ଉଚିତ । ତାହେଲେ ଯାଇ ଭବିଷ୍ୟତରେ ଏଭଳି କାର୍ଯ୍ୟକଳାପ ଚାଲୁ ରଖିବାକୁ କୌଣସି ପାର୍ଲର ମାଲିକ ସାହାସ କରିବେ ନାହିଁ ।

ଆପଣଙ୍କର ବିଶ୍ୱସ୍ତ
ପ୍ରଶାନ୍ତ ମହାପାତ୍ର
କଲେଜପଡ଼ା, ଅନୁଗୁଳ

୪. ଶିକ୍ଷା ଦଲାଲଙ୍କ କବଳରୁ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ମୁକ୍ତ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ ।

ସଂପାଦକ, ପ୍ରମେୟ ତା ୦୬/୦୪/୨୦୧୩
ଜାଗମାରା
ଭୁବନେଶ୍ୱର
ମହାଶୟ,

ଓଡ଼ିଶାରେ ବିଶେଷ କରି ଭୁବନେଶ୍ୱରରେ ଶିକ୍ଷା ଦଲାଲମାନଙ୍କ ପ୍ରାଧାନ୍ୟ ଦିନକୁ ଦିନ ଆଶାତୀତ ଭାବେ ବଢ଼ିବାରେ ଲାଗିଛି । ବହୁ ପ୍ରଭାବଶାଳୀ ବ୍ୟକ୍ତି ଏହି ବୃତ୍ତିକୁ ଆଧାର କରି ବିପୁଳ ଅର୍ଥ ରୋଜଗାରରେ

ଟିପ୍ପଣୀ

ଲାଗି ପଡ଼ିଛନ୍ତି । ଏମାନଙ୍କୁ ଠାବ କରିବା ପାଇଁ ବା ଏମାନଙ୍କ ଶୋଷଣରୁ ନିରୀହ ଛାତ୍ରଛାତ୍ରୀମାନଙ୍କୁ ରକ୍ଷା କରିବା ପାଇଁ ସରକାର କୌଣସି ଆଖିଦୃଶିଆ ବ୍ୟବସ୍ଥା ଏଯାବତ ଗ୍ରହଣ ନ କରିବା ନିହାତି ପରିତାପର ବିଷୟ ।

ବେସରକାରୀ ଉଦ୍ୟମ ଅର୍ଥାତ ଶିକ୍ଷା ଦଲାଲମାନଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିବା ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ଆକର୍ଷଣୀୟ ବିଜ୍ଞାପନ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେବାରେ ଲାଗିଛନ୍ତି । ଜାତୀୟ ତଥା ଆନ୍ତର୍ଜାତୀୟ ଖ୍ୟାତନାମା ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହିତ ସହବନ୍ଧିତ ବୋଲି ମିଥ୍ୟା ପ୍ରଚାର କରି ଛାତ୍ରଛାତ୍ରୀମାନଙ୍କୁ ଲୁଟିବା ପାଇଁ ଷଡ଼ଯନ୍ତ୍ର କରିଚାଲିଛନ୍ତି । ଅଧିକାଂଶ ବୈଷୟିକ ଶିକ୍ଷାନୁଷ୍ଠାନ ନିଜକୁ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସହବନ୍ଧିତ ବୋଲି ବିଜ୍ଞାପନ ମାଧ୍ୟମରେ ପ୍ରଚାର କରୁଥିବା ବେଳେ ପରୀକ୍ଷା କରିବାର କୌଣସି ବ୍ୟବସ୍ଥା ନାହିଁ । ଖୋଦ୍ ରାଜଧାନୀ ଦିଲ୍ଲୀ, ଇଂଲଣ୍ଡ, ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା ପ୍ରଭୃତି ଦେଶ ଗୁଡିକରେ ଥିବା ଖ୍ୟାତନାମା ବିଶ୍ୱବିଦ୍ୟାଳୟ ନାମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଦଲାଲମାନେ ମିଛ ପ୍ରଚାର ଚଳାଇ ବେପାର କରିବାରେ ଲାଗି ପଡ଼ିଛନ୍ତି । ଗତ କିଛି ବର୍ଷ ତଳେ ଶିକ୍ଷା ବର୍ଷରେ ଏଭଳି ଚକ୍ରାନ୍ତର ପର୍ଦ୍ଦା ଉନ୍ମୋଚିତ ହୋଇପାରିଥିଲା । ରାଜସ୍ଥାନର ଏକ ଡିମ୍ ବିଶ୍ୱବିଦ୍ୟାଳୟର ସ୍ୱୀକୃତି ଦାବି କରି କେତେକ ଅନୁଷ୍ଠାନ ବେପାର ଚଳାଇଥିବା ଜଣାପଡ଼ିଥିଲା । ପ୍ରତାରିତ ଛାତ୍ରଛାତ୍ରୀମାନେ ଏହି ଘଟଣା ଜାଣିବା ପରେ ବିଦ୍ରୋହ କରିଥିଲେ । ଏ ଦିଗରେ ସରକାରଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅନେକ ଠକ ଅନୁଷ୍ଠାନର ଦଲାଲ୍ (ମାଲିକ)ମାନଙ୍କୁ ଗିରଫ କରାଯାଇଥିଲା । କେତେକ ଦଲାଲ୍ ନିଜ ନିଜ ଅନୁଷ୍ଠାନରେ ତାଲା ପକାଇ ଆତ୍ମଗୋପନ କରିବାକୁ ବାଧ୍ୟ ହୋଇଥିଲେ ।

ବର୍ତ୍ତମାନ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ବସିଲାଣି । ଶିକ୍ଷା ଦଲାଲମାନେ ପୂର୍ବବର୍ଷ ଭଳି ନିଜ ଅନୁଷ୍ଠାନମାନଙ୍କରେ ନୂଆନୂଆ ବିଷୟ ଖୋଲି ସେସବୁ ପାଇଁ ବିଭିନ୍ନ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟମାନଙ୍କରୁ ଅନୁମୋଦନ ମିଳିସାରିଛି ବୋଲି ମିଥ୍ୟା ପ୍ରଚାର କରି ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପୁନର୍ବାର ଲୁଣ୍ଠନ କରିବା ନିମନ୍ତେ ସକ୍ରିୟ ହୋଇଉଠିଲେଣି । ସରକାର ଶିକ୍ଷା ଦଲାଲମାନଙ୍କ ଶୋଷଣରୁ ଛାତ୍ରଛାତ୍ରୀମାନଙ୍କୁ ରକ୍ଷା କରିବା ନିମନ୍ତେ ତୁରନ୍ତ କଠୋର ବ୍ୟବସ୍ଥା ଗ୍ରହଣ ନ କଲେ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ ।

ଆପଣଙ୍କର ବିଶ୍ୱସ୍ତ

ବଳଭଦ୍ର ସାହୁ
ଗୋସାଣି ନୂଆଗାଁ, ବ୍ରହ୍ମପୁର

ଟିପ୍ପଣୀ

୫. ସାଂସ୍କୃତିକ ପୀଠସ୍ଥଳୀ, ପୁରୀର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ ।

ସଂପାଦକ, 'ସମୟ'
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ
ଭୁବନେଶ୍ୱର–୧୦

ତା ୨୦/୦୩/୨୦୧୩

ମହାଶୟ,

ଶ୍ରୀଜଗନ୍ନାଥ ଧାମ ପୁରୀର ସ୍ଥାନ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର । ଏହି ପର୍ଯ୍ୟଟନ କ୍ଷେତ୍ରର ମୁଖ୍ୟ ଆକର୍ଷଣ ହେଉଛି ଶ୍ରୀମନ୍ଦିର ଓ ବିସ୍ତୃତ ବେଳାଭୂମି । ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ବିଭିନ୍ନ ସମୟରେ ଏଠାକୁ ଆସିଥାନ୍ତି । କିଛି ଦିନ ଖୁସିରେ କଟାଇ ପୁଣି ଫେରିଯାଇଥାନ୍ତି । ଏହି କ୍ଷେତ୍ରଟିର ସୁନାମ ଜଗତ ବିଖ୍ୟାତ ।

ମାତ୍ର ବର୍ତ୍ତମାନ ଦୁର୍ବଳ ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ପର୍ଯ୍ୟଟକମାନଙ୍କୁ ଦୁର୍ବ୍ୟବହାର କରୁଥିବା ଜଣାପଡ଼ିଛି, ଯାହା ଏହି କ୍ଷେତ୍ରର ସୁନାମରେ କଳଙ୍କ ବୋଳି ଦେଇଛି । ବିଦେଶରୁ ଆସିଥିବା ଜନୈକ ମହିଳାଙ୍କୁ ଦିନ ଦ୍ୱିପ୍ରହର ସମୟରେ ସମୁଦ୍ର ବେଳାଭୂମିରେ ଜନୈକ ଯୁବକ ବଳାତ୍କାରର ଉଦ୍ୟମ କରିବା ବେଶ୍ ଲଜ୍ଜାକର ଘଟଣା । ନିଜେ ଅଭିଯୋଗକାରିଣୀ ପୁରୀ ବେଳାଭୂମି ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଘଟଣାଟି ପୁରୀ ସହରର ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କେବଳ ଏହି ଗୋଟିଏ ମାତ୍ର ଘଟଣା ନୁହେଁ, ଶ୍ରୀମନ୍ଦିର ଭିତରେ ମଧ୍ୟ ବେଳେବେଳେ ଏପରି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଏହିସବୁ ସାମୟିକ ଅଘଟଣ ଯେ ବିଶ୍ୱ ଦରବାରରେ ଓଡ଼ିଆମାନଙ୍କୁ ନିନ୍ଦିତ କରିଛି; ଏହାକୁ ଦ୍ୱିଧାହୀନ ଭାବେ କୁହାଯାଇପାରେ । ପୁରୀ ସହର ଅନ୍ତର୍ଗତ ଶ୍ରୀମନ୍ଦିର ଓ ସମୁଦ୍ର ବେଳାଭୂମି ପର୍ଯ୍ୟଟକମାନଙ୍କର ମୁଖ୍ୟ ଭ୍ରମଣସ୍ଥଳୀ ହୋଇଥିବାରୁ ଏ ସବୁ ସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଆବଶ୍ୟକ ।

ପର୍ଯ୍ୟଟକମାନଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇବାରେ ପ୍ରଶାସନ ବିଫଳ ହେଲେ ଏ କ୍ଷେତ୍ର ପ୍ରତି ପର୍ଯ୍ୟଟକମାନଙ୍କର ଆସ୍ଥା ଓ ବିଶ୍ୱାସ ତୁଟିଯିବ । ଏଠାରେ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେକଲେ ସେମାନଙ୍କର ସଂଖ୍ୟା ଦିନକୁ ଦିନ କମିଯିବାରେ ଲାଗିବ । ଏଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

ଆପଣଙ୍କର ବିଶ୍ୱସ୍ତ
ରାମଚନ୍ଦ୍ର ବେହେରା
କାକଟପୁର, ପୁରୀ

ଟିପ୍ପଣୀ

୨୩

ଦରଖାସ୍ତ ବିଭାଗ

୧. ତୁମ ବଡ଼ ଭଉଣୀର ବିଭାଘର ନିମନ୍ତେ ଦୁଇଦିନ ଛୁଟି ନେବା ପାଇଁ ତୁମ ପ୍ରିନ୍‌ସିପାଲ୍‌ଙ୍କ ନିକଟକୁ ଦରଖାସ୍ତ ଲେଖ ।

ମାନନୀୟ,

ଗୋବିନ୍ଦ ବଲ୍ଲଭ ମହାବିଦ୍ୟାଳୟ, କଟକ

ମହୋଦୟ ———————————————— ସମୀପେଷୁ

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ମୁଁ ଆପଣଙ୍କ ମହାବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଅଟେ । ମୋର ବଡ଼ ଭଉଣୀର ବିବାହ ଉତ୍ସବ ଆସନ୍ତା ତା. ୨୭/୦୭/୨୦୧୨ରିଖ ସୋମବାର ଦିନ ଅନୁଷ୍ଠିତ ହେବ । ଏହି ଉତ୍ସବରେ ମୁଁ ବ୍ୟସ୍ତ ରହୁଥିବାରୁ ଆସନ୍ତା ତା ୨୬/୦୭/୨୦୧୨ ଓ ତା୨୭/୦୭/୨୦୧୨ ରିଖ ଦୁଇଦିନ ଧରି ଶ୍ରେଣୀରେ ଉପସ୍ଥିତ ରହି ପାରିବି ନାହିଁ । ଏହି ଦୁଇଦିନ ଛୁଟି ନେବା ନିମିତ୍ତ ଆପଣଙ୍କୁ ପ୍ରାର୍ଥନା କରୁଅଛି ।

ଏଣୁ ବିନୀତ ଅନୁରୋଧ କରେ କି, ଆପଣ ଦୟା ପରବଶ ହୋଇ ଉପରୋକ୍ତ ଦୁଇଦିନ ମୋତେ ଛୁଟି ମଞ୍ଜୁର କଲେ ବିଶେଷ ଉପକୃତ ହେବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ଗୋବିନ୍ଦ ବଲ୍ଲଭ ମହାବିଦ୍ୟାଳୟ
କଟକ
ତା- ୨୫/୦୭/୨୦୧୨

ସୁରେଶ ମହାପାତ୍ର
ରୋଲ୍ ନଂ -୧୦
ଏକାଦଶ ଶ୍ରେଣୀ

ଟିପ୍ପଣୀ

୨. କୌଣସି ଏକ ଦର୍ଶନୀୟ ସ୍ଥାନ ଭ୍ରମଣ ଉଦ୍ଦେଶ୍ୟରେ ଅନୁମତି ନିମନ୍ତେ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ଗୋପବନ୍ଧୁ ମହାବିଦ୍ୟାଳୟ, ପୁରୀ

ମହୋଦୟ ——————————————————— ସମୀପେଷୁ

ମହାଶୟ,

ବିନମ୍ର ନିବେଦନ ସହିତ ଜଣାଉଅଛୁ କି, ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଆପଣଙ୍କ ମହାବିଦ୍ୟାଳୟର +୨ ଶ୍ରେଣୀର ଛାତ୍ରଛାତ୍ରୀ ଅଟୁ । ଏ ବର୍ଷ ଆମ୍ଭେମାନେ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ବୌଦ୍ଧପୀଠ ରତ୍ନଗିରି ଭ୍ରମଣ ନିମିତ୍ତ ନିଷ୍ପତ୍ତି ନେଇଅଛୁ । ଏହି ଐତିହାସିକ ବୌଦ୍ଧପୀଠ ଭ୍ରମଣ ଦ୍ୱାରା ଆମ୍ଭମାନଙ୍କର ଓଡ଼ିଶାରେ ବୌଦ୍ଧ ଧର୍ମର ବିକାଶ ସମ୍ବନ୍ଧରେ ଜ୍ଞାନଲାଭ ହେବ ବୋଲି ଆଶା କରୁଅଛୁ । ଏହି ସ୍ଥାନକୁ ବସ୍ ଯୋଗେ ଯିବା ପାଇଁ ସ୍ଥିର କରିଅଛୁ । ଏଥିପାଇଁ ଆବଶ୍ୟକୀୟ ଅର୍ଥ ଆମ୍ଭେମାନେ ନିଜ ନିଜ ତରଫରୁ ଚାନ୍ଦା କରି ତୁଲାଇବାକୁ ପ୍ରସ୍ତୁତ ଅଛୁ । ଚଳିତ ଡିସେମ୍ବର ମାସ ଭ୍ରମଣ ପାଇଁ ଉପଯୁକ୍ତ ସମୟ । ଆସନ୍ତା ସପ୍ତାହରେ କୌଣସି ଏକ ଦିନରେ ଆମ୍ଭେମାନେ ଏହି ଭ୍ରମଣରେ ଯିବା ପାଇଁ ଆପଣଙ୍କୁ ପ୍ରାର୍ଥନା କରୁଅଛୁ । ଏଥିପାଇଁ ଆମ ଇଂରାଜୀ ଅଧ୍ୟାପକ ମହାଶୟଙ୍କୁ ଆମ୍ଭମାନଙ୍କର ଦାୟିତ୍ୱ ଦେଇ ପଠାଇବା ପାଇଁ ନିବେଦନ କରୁଅଛୁ ।

ଏଣୁ ବିନୀତ ଅନୁରୋଧ କରୁ କି, ଆପଣ ଦୟା ପରବଶ ହୋଇ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ପୂର୍ବକ ଆସନ୍ତା ସପ୍ତାହର କୌଣସି ଏକ ଦିନ ସ୍ଥିର କରିବା ସହିତ ଯାତ୍ରା ପାଇଁ ଅନୁମତି ପ୍ରଦାନ କଲେ ଆମ୍ଭେମାନେ ବିଶେଷ ଉପକୃତ ହେବୁ ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ

+୨ ଶ୍ରେଣୀର
ଛାତ୍ରଛାତ୍ରୀଗଣ

ଗୋପବନ୍ଧୁ ମହାବିଦ୍ୟାଳୟ
କଟକ
ତା- ୧୦/୧୨/୨୦୧୨ ରିଖ

୩. ତୁମ ଅଞ୍ଚଳରେ ଘନ ଘନ ବିଜୁଳି କାଟ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏହାର ପ୍ରତିକାର ଜଣାଇ ଏକ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ବିଜୁଳି ବିଭାଗ ଅଧିକାରୀ, ଉତ୍ତରା, ଭୁବନେଶ୍ୱର

ମହୋଦୟ ———————————————— ସମୀପେଷୁ

(ବିଷୟ- ଘନ ଘନ ବିଜୁଳି କାଟର ପ୍ରତିକାର)

ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀଗଣ ଉତ୍ତରା ଅଧିବାସୀ, ଏହି ଅଞ୍ଚଳର ବିଜୁଳି ବିଭ୍ରାଟ ଓ ତାହାର ବିହିତ ପ୍ରତିକାର ନିମନ୍ତେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମର ଏହି ଉତ୍ତରା ଅଞ୍ଚଳ ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ ରୂପେ ଖ୍ୟାତିଲାଭ କରିଅଛି । ଏ ଅଞ୍ଚଳକୁ ପ୍ରତ୍ୟହ ହଜାର ହଜାର ଲୋକ ଦୂର ଦୂରାନ୍ତରୁ ସେମାନଙ୍କର ବ୍ୟବସାୟ କାର୍ଯ୍ୟରେ ଆସିଥାନ୍ତି । ଏହା ଛଡ଼ା ଏହି ଅଞ୍ଚଳ ଦେଇ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଲୋକମାନେ ଯିବା ଆସିବା କରନ୍ତି । ନିକଟସ୍ଥ ଗ୍ରାମ ଓ ବସ୍ତିମାନଙ୍କରୁ ବହୁ ଲୋକ ଏହି ଅଞ୍ଚଳକୁ ଯାତାୟତ କରିଥାନ୍ତି । ସମଗ୍ର ଦିନ ଓ ରାତିର ବହୁ ସମୟ ପର୍ଯ୍ୟନ୍ତ ଲୋକମାନଙ୍କର ଗହଳି ଏଠାରେ ଲାଗିଥାଏ । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଆଜକୁ ମାସାଧିକ କାଳ ହେବ ବାରମ୍ବାର ବିଜୁଳି କାଟ ଲୋକମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ କରାଉଛି । ଏହି ସୁଯୋଗରେ ବହୁ ଅସାମାଜିକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟରେ ସକ୍ରିୟ ହୋଇ ଉଠୁଛନ୍ତି । ଏହି ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଏହି ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତିର ସୁଷମ ଯୋଗାଣ ନିମିତ୍ତ ଆମ୍ଭେମାନେ ନିବେଦନ କରୁଅଛୁ ।

ଏଣୁ ବିନୀତ ଅନୁରୋଧ କରୁକି ଆପଣ ପରିସ୍ଥିତିର ଗୁରୁତ୍ୱ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ଅସୁବିଧା ମୋଚନ କରିବାକୁ ଉଚିତ ପଦକ୍ଷେପ ନେଲେ ଆମ୍ଭେମାନଙ୍କର ତଥା ଏ ଅଞ୍ଚଳକୁ ଆସୁଥିବା ସମସ୍ତ ଲୋକମାନଙ୍କର ଏକ ମୁଖ୍ୟ ସମସ୍ୟା ସମାଧାନ ହୋଇ ପାରିବ ବୋଲି ଆଶା ଓ ବିଶ୍ୱାସ ।

॥ ଇତି ॥

ଉତ୍ତରା
ତା ୦୬/୧୦/୨୦୧୨

ଆପଣଙ୍କର ବିଶ୍ୱସ୍ତ,
ଉତ୍ତରା ଅଧିବାସୀ
ପ୍ରମୋଦ ସାହୁ
ଗଣେଶ ଦାସ

୪. ତୁମେ ଅସୁସ୍ଥ ହୋଇ ପଡ଼ିବାରୁ ଶ୍ରେଣୀରେ କେତୋଟି ପିରିୟଡ଼ ଛୁଟି ନେବା ନିମନ୍ତେ ଅଧ୍ୟକ୍ଷଙ୍କୁ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ଅଡ଼ଶପୁର ମହାବିଦ୍ୟାଳୟର ଅଧ୍ୟକ୍ଷ

ମହୋଦୟ ———————————————————— ସମୀପେଷୁ

ବିଷୟ – ଅସୁସ୍ଥତା କାରଣରୁ କେତୋଟି ପିରିୟଡ଼ ଛୁଟି ନେବା ନିମନ୍ତେ ।

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଯେ ମୋ ପେଟ ଯନ୍ତ୍ରଣା ହେଉଥିବାରୁ ମୁଁ ଶ୍ରେଣୀଗୃହରେ ବସିବାକୁ ଅକ୍ଷମ । ଗତକାଲି ଠାରୁ ମୋର ପେଟ ଯନ୍ତ୍ରଣା ହେଉଅଛି । ଆଜି ସକାଳୁ ଏହା କମି ଯାଉଥିବାରୁ ମୁଁ କଲେଜ ଆସିଥିଲି । ମାତ୍ର ଏବେ ଯନ୍ତ୍ରଣାର ମାତ୍ରା ଅଧିକ ହେଉଅଛି । ଫଳରେ ଶ୍ରେଣୀଗୃହରେ ବସିବାକୁ ମୁଁ ଅସମର୍ଥ ମନେ କରୁଅଛି ।

ଏଣୁ ବିନୀତ ଅନୁରୋଧ କରେ କି, ଆପଣ ଦୟା ପରବଶ ହୋଇ ମୋତେ ତୃତୀୟ ପିରିୟଡ଼ ଠାରୁ ଛୁଟି ପ୍ରଦାନ କଲେ ମୁଁ ବିଶେଷ ଉପକୃତ ହେବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ପ୍ରୀତମ ରାଉତ
ରୋଲ୍ ନଂ -୧୦
+୨ (୨ୟ ବର୍ଷ)

ଅଡ଼ଶପୁର ମହାବିଦ୍ୟାଳୟ
ଅଡ଼ଶପୁର
ତା- ୨୨/୧୦/୨୦୧୨ ରିଖ

୫. ପାନୀୟ ଜଳର ଅଭାବ ଦୂରୀକରଣ ନିମିତ୍ତ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ, ଅନୁଗୁଳ

ମହୋଦୟ ———————————————————— ସମୀପେଷୁ

(ସଂପୃକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଜରିଆରେ)

ବିଷୟ : ନଳକୂପ ପ୍ରତିଷ୍ଠା

ମହାଶୟ,

ନିବେଦନର କାରଣ ଏହିକି ଯେ, ଆମେ ଆପଣଙ୍କ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଗ୍ରାମ ଅଞ୍ଚଳସ୍ଥ ଦୁର୍ଗାବଜାରର ଅଧିବାସୀ ଅଟୁ । ଏହି ବଜାରରେ ପ୍ରତ୍ୟହ ଶହ ଶହ ଲୋକ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ, ବ୍ୟବସାୟ, ବାଣିଜ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟୋପଲକ୍ଷେ ଏକତ୍ର ହୋଇଥାନ୍ତି । ଏତଦ୍ ଭିନ୍ନ ଏହି ବଜାର ଅଞ୍ଚଳର ବହୁ ବ୍ୟବସାୟୀ, ଦୋକାନୀ ଓ କର୍ମଚାରୀ ଏଠାରେ ସ୍ଥାୟୀ ଭାବେ ରହୁଛନ୍ତି । କିନ୍ତୁ ଏଠାରେ ପାନୀୟ ଜଳର ସୁଲଭତା ନାହିଁ । ଲୋକମାନେ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଜାରର କେନ୍ଦ୍ର ସ୍ଥଳରେ ମାତ୍ର ଦୁଇଗୋଟି ନଳକୂପ ପ୍ରତିଷ୍ଠା କରାଯାଇଅଛି ଯାହା ଏତେ ଲୋକଙ୍କର ପାନୀୟ ଜଳର ଚାହିଦା ମେଣ୍ଟାଇବାକୁ ପର୍ଯ୍ୟାପ୍ତ ନୁହେଁ । ଏଠାରେ ଆହୁରି ଅଧିକ ନଳକୂପ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ।

ଏଣୁ ବିନୀତ ଅନୁରୋଧ କରୁ କି, ଆପଣ ଏହି ପରିସ୍ଥିତିକୁ ଗୁରୁତର ସହିତ ହୃଦୟଙ୍ଗମ କରି ଏହି ବଜାରରେ ଆଉ ତିନିଗୋଟି ନଳକୂପ ପ୍ରତିଷ୍ଠା କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କଲେ ଏଠାକାର ଅଧିବାସୀ ତଥା ବହିରାଗତ ଲୋକମାନେ ଆପଣଙ୍କ ଠାରେ ଚିରକୃତଜ୍ଞ ରହିବେ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ
ସନାତନ ମିଶ୍ର
୭ ନଂ ୱାର୍ଡ଼ର ୱାର୍ଡ଼ ମେମ୍ବର
ଚୈତନ୍ୟ ନାୟକ
୮ ନଂ ୱାର୍ଡ଼ର ୱାର୍ଡ଼ ମେମ୍ବର

ଦୁର୍ଗାବଜାର
ଆଠମଲ୍ଲିକ
ତା- ୧୮/୧୦/୨୦୧୨ ରିଖ

ଟିପ୍ପଣୀ

୬. ତୁମ ଘରୁ ଗତ ରାତିରେ ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ବରୀ ଥାନାର ଭାରପ୍ରାପ୍ତ ଅଧିକାରୀ, ବରୀ

ମହୋଦୟ ———————————————— ସମୀପେଷୁ

ବିଷୟ : ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ସମ୍ବନ୍ଧୀୟ

ମହାଶୟ,

ନିବେଦନର କାରଣ ଏହିକି ଯେ, ଦରଖାସ୍ତକାରୀ ମୁଁ ଶ୍ରୀ ସନାତନ ବେହେରା, ଗ୍ରାମ- ଭୁରୁଙ୍ଗା, ପୋ.ଅ.- ଭୁରୁଙ୍ଗା ଆପଣଙ୍କର ଥାନା ଅଧିନସ୍ଥ ଜଣେ ଅଧିବାସୀ ଅଟେ । ଗତ ରାତିରେ ଆମ ଗ୍ରାମର ଏକ ମେଳାରେ ଯୋଗ ଦେଇ ଫେରିଲା ବେଳକୁ ରାତ୍ରି ପ୍ରାୟ ଗୋଟାଏ ହୋଇଥିଲା । ମୁଁ ଘରକୁ ଫେରି ଦେଖେତ ମୋର ବାଡ଼ିପଟ ଦୁଆର ଖୋଲା ରହିଛି । ଜାଣିବାକୁ ପାଇଲି ଯେ ଏହି ଘରୁ କେତେକ ଜିନିଷ ଚୋରି ହୋଇଯାଇଛି । ମୋର ଅନୁପସ୍ଥିତିର ସୁଯୋଗ ନେଇ ଚୋରମାନେ ମୋ ଘରେ ପଶି ନିମ୍ନଲିଖିତ ଜିନିଷମାନ ଚୋରି କରି ନେଇ ଯାଇଛନ୍ତି । ଏଥିପାଇଁ ମୁଁ ଗ୍ରାମବାସୀଙ୍କୁ ଡାକି ଏ ବିଷୟରେ ପଚରାଉଚରା କରି ମଧ୍ୟ ଏହାର କୌଣସି ସନ୍ଧାନ ପାଇଲି ନାହିଁ । ତେଣୁ ଚୋରିଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛି ।

ଏଣୁ ବିନୀତ ପ୍ରାର୍ଥନା କରେ କି, ଆପଣ ଦୟାପରବଶ ହୋଇ ତୁରନ୍ତ ଏ ଦିଗରେ ତଦନ୍ତ ପୂର୍ବକ ଚୋରି ଯାଇଥିବା ଜିନିଷପତ୍ରର ଉଦ୍ଧାର ନିମିତ୍ତ ବିହିତ ପଦକ୍ଷେପ ନେଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

।। ଇତି ।।

ଆପଣଙ୍କର ବିଶ୍ୱସ୍ତ
ସନାତନ ବେହେରା
ଗ୍ରା/ପୋ- ଭୁରୁଙ୍ଗା
ଜିଲ୍ଲା - ଯାଜପୁର

ଭୁରୁଙ୍ଗା
ତା- ୦୫/୧୦/୨୦୧୨ ରିଖ

୭. ତୁମେ ଛାତ୍ରାବାସରେ ରହିବା ନିମିତ୍ତ ଅଧ୍ୟକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

ମାନନୀୟ,

ଅଧ୍ୟକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼

ମହୋଦୟ ———————————————— ସମୀପେଷୁ

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ମୁଁ ଆପଣଙ୍କ ମହାବିଦ୍ୟାଳୟରେ ଦ୍ୱାଦଶ (କଳା) ଶ୍ରେଣୀରେ ପଢୁଅଛି । ମୋ ଗ୍ରାମ ବରାଗୁଡ଼ା ଏଠାରୁ ପାଞ୍ଚ ମାଇଲ ଦୂର ହେବ । ଏତେ ବାଟରୁ ଆସି ପ୍ରତିଦିନ ଠିକ୍ ସମୟରେ ମହାବିଦ୍ୟାଳୟରେ ପହଞ୍ଚିବା ଓ ଏତେ ଦୂର ପଥଶ୍ରମ କରି ଚାଲି ଚାଲି ଆସି ଶ୍ରେଣୀରେ ଯୋଗ ଦେବା ମୋ ପକ୍ଷରେ ବହୁତ କଷ୍ଟକର ହୋଇ ପଡୁଛି । ଫଳରେ ମୋର ପାଠପଢ଼ାରେ ଗୁରୁତର ଅସୁବିଧା ହେଉଅଛି । ଏତଦ୍ ବ୍ୟତୀତ ଆମ ଗୃହ ପରିବେଶ ଭଲ ନ ଥିବାରୁ ମୁଁ ଘରେ ରହି ଉପଯୁକ୍ତ ଭାବରେ ପାଠପଢ଼ା ପ୍ରତି ଧ୍ୟାନ ଦେଇ ପାରୁ ନାହିଁ । ଏହିସବୁ କାରଣରୁ ମୁଁ କଲେଜ ଛାତ୍ରାବାସରେ ରହିବା ପାଇଁ ଇଚ୍ଛା ପ୍ରକାଶ କରୁଅଛି । ଏଥି ନିମିତ୍ତ ମୋର ଅଭିଭାବକଙ୍କର ଅନୁମତି ନେଇଅଛି । ତେଣୁ ମହାବିଦ୍ୟାଳୟର ଛାତ୍ରାବାସରେ ମୋର ରହିବା ନିମିତ୍ତ ସୁ ବନ୍ଦୋବସ୍ତ କରିବାକୁ ପ୍ରାର୍ଥନା କରୁଅଛି ।

ଏଣୁ ବିନୀତ ପ୍ରାର୍ଥନା କରୁଅଛି କି, ଆପଣ ଦୟା ପରବଶ ହୋଇ ମୋ ପାଇଁ କଲେଜ ଛାତ୍ରାବାସରେ ସ୍ଥାନ ମଞ୍ଜୁର କଲେ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି ।

॥ ଇତି ॥

ଆପଣଙ୍କର ଆଜ୍ଞାଧୀନ ଛାତ୍ର
ପ୍ରବୀର କୁମାର ଦଳାଇ
ରୋଲ୍ ନଂ -୩୨
+୨ (କଳା ଛାତ୍ର)

ପଞ୍ଚାୟତ କଲେଜ,ବରଗଡ଼
ତା- ୦୫/୧୦/୨୦୧୦ ରିଖ

୮. ସଂକ୍ରାମକ ରୋଗର ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

ମାନନୀୟ,

ଶ୍ରୀଯୁକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, କଟକ

ମହୋଦୟ ———————————————— ସମୀପେଷୁ

ବିଷୟ : ହଇଜା ରୋଗର ପ୍ରତିକାର ନିମନ୍ତେ

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନା ଅଧିନସ୍ଥ ଚାୟାଁପାଳ ଗ୍ରାମରେ ହଇଜା ରୋଗ ଦେଖା ଦେଇଛି । ଏହି ସଂକ୍ରାମକ ରୋଗରେ ଏହି ଗ୍ରାମରୁ ବାର ଜଣ ଲୋକ ମୃତ୍ୟୁବରଣ କଲେଣି । ବହୁ ଲୋକ ଏହି ରୋଗରେ ପୀଡ଼ିତ ହେଉଛନ୍ତି । ଏହି ରୋଗ ସମଗ୍ର ଚାୟାଁପାଳ ଗ୍ରାମ ଓ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପୀ ଯାଇଥିବାରୁ ଏହାର ପ୍ରତିକାର ଅପରିହାର୍ଯ୍ୟ ହୋଇ ପଡ଼ିଛି ।

ଏଣୁ ବିନୀତ ପ୍ରାର୍ଥନା କରୁଅଛି କି, ଆପଣ ସହୃଦୟତା ସହକାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏହି ସଂକ୍ରାମକ ରୋଗର ଆଶୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଏ ଅଞ୍ଚଳବାସୀ ବିଶେଷ ଉପକୃତ ହେବେ ।

।। ଇତି ।।

ଆପଣଙ୍କର ବିଶ୍ୱସ୍ତ
ଗୋବିନ୍ଦ ରାଉତ

ଚାୟାଁପାଳ
ତା– ୧୨/୧୨/୨୦୧୨ ରିଖ

୯. ତୁମ ଅଞ୍ଚଳର ଏକ ସମସ୍ୟା ବର୍ଣ୍ଣନା କରି ଖବରକାଗଜ ସମ୍ପାଦକଙ୍କୁ ପତ୍ର ଲେଖ ।

ମାନନୀୟ,

ସମ୍ପାଦକ, 'ସମାଜ'
ଗୋପବନ୍ଧୁ ଭବନ, କଟକ

ମହାଶୟ,

ସମ୍ମାନର ସହିତ ଜଣାଉଅଛି ଯେ, ଆମ ଅଞ୍ଚଳରେ ନଦୀବନ୍ଧ କ୍ଷୟ ଏକ ମୁଖ୍ୟ ସମସ୍ୟା । ଏ ବିଷୟରେ ଆପଣଙ୍କ ଖବରକାଗଜରେ ପ୍ରକାଶ କରିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରୁଅଛି ।

ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଥାନା ଅଧୀନସ୍ଥ ଆମର ଏହି ଅଞ୍ଚଳ ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ । ବ୍ରାହ୍ମଣୀ ନଦୀର ଉତ୍ତର ପଟରେ ଥିବା ଭୁରୁଙ୍ଗା, ବାଲିକୁଦା ଗ୍ରାମ ପ୍ରତି ବନ୍ୟା ଭୟ ଏକ ସାଧାରଣ କଥା । ଉପର ମୁଣ୍ଡରେ ଲଗାତାର ବର୍ଷା ହୋଇ ନଦୀରେ ବନ୍ୟା ଆସିଲେ ଏ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ନ୍ତି, କାରଣ ଆମ ଅଞ୍ଚଳର ଏହି ଗ୍ରାମମାନଙ୍କ ପାର୍ଶ୍ୱ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଉତ୍ତର ପାର୍ଶ୍ୱ ବନ୍ଧ ପ୍ରତିବର୍ଷ ବର୍ଷା ଋତୁରେ କ୍ଷୟ ପ୍ରାପ୍ତ ହୋଇଅଛି । ଦୀର୍ଘ ଦଶବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବନ୍ଧର ମରାମତି କାର୍ଯ୍ୟ ମୋଟେ ହେଉନାହିଁ । ସରକାରଙ୍କ ଜଳସେଚନ ଓ ପି.ଡବ୍ଲ୍ୟୁ.ଡି. ବିଭାଗ ଏଥିପ୍ରତି ଉଦାସୀନ ରହୁଥିବା ଫଳରେ ଏହି ନଦୀ ବନ୍ଧର ଅବସ୍ଥା ଶୋଚନୀୟ ହୋଇ ପଡ଼ିଅଛି । ତୁରନ୍ତ ଏହାର ମରାମତି ନ ହେଲେ ପ୍ରବଳ ବନ୍ୟା ଆସିଲେ ଏହା ଭାଙ୍ଗି ଯାଇ ଘାଇ ସୃଷ୍ଟି ହେବାର ସମ୍ଭାବନା ଅଧିକ । ତେଣୁ ଏଥିପ୍ରତି ସଂପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆଶୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଏ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଅଛି ।

ସରକାରଙ୍କ ତରଫରୁ ଏହାର ପ୍ରତିକାର ନିମିତ୍ତ ବିହିତ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ । ନଚେତ ଏହି ଅଞ୍ଚଳରେ ଜନଆନ୍ଦୋଳନ ଗଢ଼ି ଉଠିବାର ପରିସ୍ଥିତି ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଜନରବ ହେଉଅଛି ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ବରୀ
ତା- ୦୧/୧୦/୨୦୧୨ ରିଖ

ପ୍ରଫୁଲ୍ଲ ପଣ୍ଡା
ଗ୍ରା/ପୋ- ବରୀ
ଭାୟା-ଯାଜପୁର

●●●